'oaob.nitrkl.ac.in' images reprocessed

ଶ୍ରୀମା

ଜନ୍ମଗ୍ରହଣ

ଫେବୃଆରୀ ୨୧, ୧୮୭୮

ଭାରତବର୍ଷରେ ପଦାର୍ପଣ

ମାର୍ଚ୍ଚ ୨୯, ୧୯୧୪

ମହାପ୍ରୟାଣ

ନଭେମ୍ବର ୧୭, ୧୯୭୩

'oaob.nitrkl.ac.in' images reprocessed



ମାତୃରଚନାବଳୀ

୩ୟ ଖଣ୍ଡ

ପ୍ରଶ୍ନ ଓ ଉତ୍ତର

'oaob.nitrkl.ac.in' images reprocessed

ମାତୃରଚନାବଳୀ : ୩ୟ ଖଣ୍ଡ

'Questions and Answers-1929'' ଗ୍ରନ୍ଥର

ଓଡ଼ିଆ ଅନୁବାଦ

ଅନୁବାଦ :

ଶ୍ରୀ ଚିତ୍ତରଞ୍ଜନ ଦାସ

ପ୍ରଥମ ମୁଦ୍ରଣ : ନଭେମ୍ବର ୨୪, ୧୯୯୨

ସର୍ବସ୍ୱତ୍ୱ ସଂରକ୍ଷିତ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ-୬୦୫୦୦୨

ପ୍ରକାଶକ :

ନବଜ୍ୟୋତି କାର୍ଯ୍ୟାଳୟ, ପ୍ରକାଶନ ବିଭାଗ

ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

ମୂଲ୍ୟ : ୬୦ ଟଙ୍କା

ମୁଦ୍ରଣ :

ନବଜ୍ୟୋତି ପ୍ରେସ୍, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

'oaob.nitrkl.ac.in' images reprocessed

ପ୍ରକାଶକଙ୍କ ଟିପ୍‌ପଣୀ

ପ୍ରଶ୍ନ ଓ ଉତ୍ତର : ୧୯୨୯

୧୯୨୯ ମସିହାରେ ରବିବାରମାନଙ୍କରେ ମାଆ ଅଳ୍ପ କେତେଜଣ ଶିଷ୍ୟଙ୍କ ସହିତ ଏକତ୍ର ମିଳିତ ହେଉଥିଲେ । ଜଣେ ଶିଷ୍ୟଙ୍କ ଘରେ ଏହିସବୁ ବୈଠକ ବସୁଥିଲା । ପ୍ରଥମେ କିଛି ସମୟ ପାଇଁ ଧ୍ୟାନ ହେଉଥିଲା; ତା'ପରେ ମାଆ ଶିଷ୍ୟବର୍ଗ ପଚାରୁଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେଉଥିଲେ । ଏହି ସାପ୍ତାହିକ କଥୋପକଥନ-ଗୁଡ଼ିକର ପନ୍ଦରଟି ବୈଠକରେ ମାଆ ଇଂରାଜୀରେ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ ଏବଂ ଉପସ୍ଥିତ ଜନୈକ ବ୍ୟକ୍ତି ତାହାକୁ ଆଶୁଲିପିରେ ଟିପିନେଉଥିଲେ । ସେହି ଟିପାକୁ ସେଠାରେ ଉପସ୍ଥିତ ରହୁଥିବା ଆଉଜଣେ ପରେ ବିସ୍ତୃତ କରି ଲେଖି-ଦେଉଥିଲେ । ସବାଶେଷରେ ଶ୍ରୀଅରବିନ୍ଦଙ୍କର ସଂଶୋଧନ ପରେ ସେଗୁଡ଼ିକ ଛପା ହେବାକୁ ଯାଉଥିଲା ।

ସର୍ବୋଇ ଭାବରେ ଅଳ୍ପ କେତେଜଣଙ୍କ ମଧ୍ୟରେ ବିତରିତ ହେବା ଲାଗି ୧୯୩୧ ମସିହାର ଶେଷ ଆଡ଼କୁ ସେହି ପ୍ରବଚନଗୁଡ଼ିକ "ମାଆଙ୍କର କଥୋପକଥନ" ନାମରେ ସର୍ବପ୍ରଥମେ ପ୍ରକାଶିତ ହୋଇଥିଲା । ତା'ପରେ ୧୯୪୦ ମସିହାରେ "ମାତୃ-ବାଣୀ" ପୁସ୍ତକର ମୁଖ୍ୟ ଅଂଶରୂପେ ସେଗୁଡ଼ିକ ସର୍ବସାଧାରଣଙ୍କ ଲାଗି ଉପଲବ୍ଧ ହେଲା । ୧୯୪୩, ୧୯୪୭ ଏବଂ ୧୯୪୯ ମସିହାରେ ଏହାର ପୁନର୍ମୁଦ୍ରଣ ହୋଇଥିଲା । ୧୯୫୭ ମସିହାରେ ଏହି ପ୍ରବଚନଗୁଡ଼ିକ ଗୋଟିଏ ଅଲଗା ବହି ଆକାରରେ (ମାଆ ଏହି ବହି ଲାଗି ମୁଖବନ୍ଧଟିଏ ଲେଖିଦେଇଥିଲେ) "କଥୋପ-କଥନ" ନାମରେ ପ୍ରକାଶିତ ହେଲା । ୧୯୬୧ ଏବଂ ୧୯୬୬, ୧୯୭୧ ଏବଂ ୧୯୭୩ ମସିହାରେ ତାହାର ପରବର୍ତ୍ତୀ ସଂସ୍କରଣମାନ ବାହାରିଲା । ପ୍ରସ୍ତୁତ ପୁସ୍ତକରେ "ପ୍ରଶ୍ନ ଓ ଉତ୍ତର—୧୯୨୯" ନାମରେ ସେହି ପ୍ରବଚନଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି ।

ପ୍ରଶ୍ନ ଓ ଉତ୍ତର : ୧୯୩୦-୩୧

୧୯୩୦ ଓ ୧୯୩୧ ମସିହାରେ ମଧ୍ୟ ମାଆ ଏକ ଶିଷ୍ୟଗୋଷ୍ଠୀ ସହିତ ଆଶ୍ରମର "ପ୍ରସ୍ପେରିଟି" ନାମକ ଗୃହରେ ଏକତ୍ର ମିଳିତ ହେଉଥିଲେ । ସେ ଇଂରାଜୀରେ ଯେଉଁ କେତୋଟି ପ୍ରବଚନ ଦେଇଥିଲେ, ସେଗୁଡ଼ିକୁ ଉପସ୍ଥିତ ଜଣେ

'oaob.nitrkl.ac.in' images reprocessed

ବ୍ୟକ୍ତ ସଂକ୍ଷିପ୍ତ ଭାବରେ ଟିପି ରଖୁଥିଲେ ଏବଂ ପରେ ସେଗୁଡ଼ିକୁ ପୁନର୍ବାର ଭଲକରି ଲେଖୁଥିଲେ ।

ମାଆଙ୍କର ସ୍ୱୀକୃତ ସହିତ Mother Indiaରେ ବିଭିନ୍ନ ସଂଖ୍ୟା ଏବଂ ୧୯୪୧ ମସିହାରେ ପ୍ରକାଶିତ ବାର୍ଷିକ Sri Aurobindo Circleରେ ଏହି ପ୍ରବଚନଗୁଡ଼ିକ ମଧ୍ୟରୁ କେତୋଟି ପ୍ରଥମଥର ପାଇଁ ପ୍ରକାଶିତ ହୋଇଥିଲା । ଏହାର ଏକ ପରିବର୍ଦ୍ଧିତ ସଂଗ୍ରହ "ମାତୃ-ବାଣୀ, ତୃତୀୟ ପର୍ଯ୍ୟାୟ" ନାମରେ ୧୯୫୧ ଏବଂ ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହେଲା । ଏହା ବ୍ୟତୀତ ଆଉଗୋଟିଏ ଅଧିକା ପ୍ରବଚନ "ଯୋଗମାର୍ଗରେ ପ୍ରମାଦ"କୁ ପ୍ରସ୍ତୁତ ପୁସ୍ତକରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଏଥିରେ ଏଗୁଡ଼ିକୁ "ପ୍ରଶ୍ନ ଓ ଉତ୍ତର ୧୯୩୦-୩୧" ବୋଲି କୁହାଯାଇଛି ।

ଧମ୍ମପଦର ଟୀକା

୧୯୫୭ ଅଗଷ୍ଟରୁ ୧୯୫୮ ସେପ୍‌ଟେମ୍ବର ପର୍ଯ୍ୟନ୍ତ ଆଶ୍ରମ ବିଦ୍ୟାଳୟର ପିଲାମାନଙ୍କର ଗୋଟିଏ ସାପ୍ତାହିକ କ୍ଲାସ୍‌ରେ ମାଆ "ଧମ୍ମପଦ"ରେ ଥିବା ବୌଦ୍ଧ ଶିକ୍ଷାବାକ୍ୟଗୁଡ଼ିକୁ ପାଠ କରୁଥିଲେ ଏବଂ ସେଗୁଡ଼ିକ ଉପରେ ଆପଣାର ଟୀକା ବି ଦେଉଥିଲେ । ମୂଳ ପାଲି ଭାଷାର ଧମ୍ମପଦର ଏକ ଫରାସୀ ଅନୁବାଦକୁ ଭିତ୍ତି କରି ମାଆ ଏହି ଟୀକାଗୁଡ଼ିକୁ ଦେଉଥିଲେ । ମାଆ ଏଗୁଡ଼ିକୁ ଫରାସୀ ଭାଷାରେ ଦେଉଥିଲେ ଏବଂ ସେଗୁଡ଼ିକୁ ଟେପ୍‌ରେ ରେକର୍ଡ କରି ରଖା ଯାଉଥିଲା ।

ସେଗୁଡ଼ିକ, ଶ୍ରୀମତୀ ସୁଜାନ୍ କାର୍‌ପେଲେଙ୍କର ଏକ ସଂଶୋଧିତ ଅନୁବାଦ ରୂପରେ ଏବଂ ମାଆଙ୍କର ଟିପ୍ପଣୀ ସହିତ ପ୍ରଥମେ Commentaires sur le Dhammapada ନାମରେ ୧୯୬୦ ମସିହାରେ ପ୍ରକାଶିତ ହୋଇଥିଲା । ୧୯୭୪ରେ ତାହାର ଦ୍ୱିତୀୟ ସଂସ୍କରଣ ବାହାରିଲା । ତ୍ରୈମାସିକ Advent ପତ୍ରିକାରେ ୧୯୬୦ ନଭେମ୍ବରଠାରୁ ୧୯୬୫ ଫେବୃଆରୀ ପର୍ଯ୍ୟନ୍ତ ସେଗୁଡ଼ିକର ଏକ ଇଂରାଜୀ ଅନୁବାଦ ଧାରାବାହିକ ଭାବରେ ପ୍ରକାଶ ପାଇଥିଲା । ପ୍ରସ୍ତୁତ ପୁସ୍ତକରେ ସେହି ଟୀକାଗୁଡ଼ିକର ଯେଉଁ ଅନୁବାଦ ପ୍ରକାଶିତ ହେଉଛି, Adventରେ ବାହାରିଥିବା ସେହି କ୍ରମଲେଖାଗୁଡ଼ିକର ସଂଶୋଧନ କରି ସେଗୁଡ଼ିକୁ ପ୍ରସ୍ତୁତ କରାଯାଇଛି । ମୂଳ ପାଠଗୁଡ଼ିକ ଅନୁସାରେ ସେଥିରେ କେତୋଟି ସ୍ଥାନରେ ସଂଶୋଧନ କରି ଦିଆହୋଇଛି ।

'oaob.nitrkl.ac.in' images reprocessed

ପ୍ରଶ୍ନ ଓ ଉତ୍ତର : ୧୯୨୯ର ପରିଶିଷ୍ଟ

ପ୍ରଶ୍ନ ଓ ଉତ୍ତର ୧୯୨୯ର କେତେକ ବାକ୍ୟାଂଶ ଏବଂ ପରିଚ୍ଛେଦ ଉପରେ ଶ୍ରୀଅରବିନ୍ଦଙ୍କର ବ୍ୟାଖ୍ୟାଗୁଡ଼ିକୁ ଏକ ପରିଶିଷ୍ଟ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି । ୧୯୩୩ ଏବଂ ୧୯୩୭ ମସିହା ଭିତରେ ଏଗୁଡ଼ିକୁ ଶ୍ରୀଅରବିନ୍ଦ ବିଭିନ୍ନ ଶିଷ୍ୟଙ୍କ ପାଖକୁ ଲେଖିଥିଲେ; ମାତ୍ର ଏଗୁଡ଼ିକରୁ ଅଧିକାଂଶ ସେ ୧୯୩୭ ଜାନୁଆରୀ ମାସରେ ନିର୍ଦ୍ଦିଷ୍ଟ ଭାବରେ ଜଣେ ଶିଷ୍ୟଙ୍କ ପାଖକୁ ଲେଖିଥିଲେ । The Mother ର ୩୯୦ରୁ ୪୦୧ ପୃଷ୍ଠା ମଧ୍ୟରେ ୧୯୭୨ ମସିହାରେ ସେଗୁଡ଼ିକ ପ୍ରଥମଥର ପାଇଁ ପ୍ରକାଶିତ ହୋଇଥିଲା, ଶ୍ରୀଅରବିନ୍ଦ ଜନ୍ମ-ଶତବାର୍ଷିକୀ ରଚନାବଳୀର ୨୫ତମ ଖଣ୍ଡର ଏକ ଅଂଶରୂପେ ତାହାକୁ ପ୍ରକାଶ କରାଯାଇଥିଲା ।

'oaob.nitrkl.ac.in' images reprocessed

ବିଷୟସୂଚୀ

ପ୍ରଶ୍ନ ଓ ଉତ୍ତର : ୧୯୨୯

୭ ଏପ୍ରିଲ

ଯୋଗ : ଦିବ୍ୟ ପରମସତ୍ତାଙ୍କ ପାଇଁ ୧
ସ୍ୱକେନ୍ଦ୍ରଣ ୧
ଯୋଗ ଲାଗି ପ୍ରସ୍ତୁତି : ସଚେତନ ହେବା ୨
ଯୋଗ ଏବଂ ମାନବଜାତି ୩
"ଗତ ଜନ୍ମରେ ଆମେ ସମସ୍ତେ ପରସ୍ପରକୁ ଭେଟିଥିଲୁ" ୪

୧୪ ଏପ୍ରିଲ

ଯୋଗର ବିପଦ ୫
ଦୁଇଟି ବାଟ : ତପସ୍ୟା ଓ ସମର୍ପଣ ୭
ଆବେଗ, ବାସନା ଏବଂ ଯୋଗ ୮
ପ୍ରମାଦତତ୍ତ୍ୱ ୮
ଚୈତ୍ୟ-ସତ୍ତାକୁ କେନ୍ଦ୍ର କରି ଏକତ୍ୱସ୍ଥାପନ ୧୦
ଉଚ୍ଚ ଆକାଙ୍କ୍ଷା : ଅନେକ ଯୋଗୀଙ୍କର ଜାଲ ୧୧
ସାମର୍ଥ୍ୟଗୁଡ଼ିକର ବ୍ୟବହାର ଏବଂ ଅସଦ୍‌ବ୍ୟବହାର ୧୧
ଦିବ୍ୟ ପରମ ଇଚ୍ଛାକୁ ଚିହ୍ନିପାରିବା କିପରି ? ୧୩
ପ୍ରାଣିକ ଶ୍ରଦ୍ଧା ୧୭
ସବଳ ଶରୀର ଏବଂ ଶକ୍ତିଶାଳୀ ସ୍ନାୟୁତନ୍ତ୍ରର ଆବଶ୍ୟକତା ୧୭
ଅନ୍ତର୍ଗତ ସତ୍ତା : ଅପରିବର୍ତ୍ତିନୀୟ ୧୯

୨୧ ଏପ୍ରିଲ

ଦୃଷ୍ଟିଲାଭ : ଦେଖିବା ଓ ସେଗୁଡ଼ିକର ବ୍ୟାଖ୍ୟା କରିବା ୨୧
ସ୍ୱପ୍ନତତ୍ତ୍ୱ ଏବଂ ସ୍ୱପ୍ନର ରାଜ୍ୟ ୨୩
ସ୍ୱପ୍ନରହିତ ସୁପ୍ତି ୨୭
ଦୃଷ୍ଟିଗୁଡ଼ିକର ପ୍ରତ୍ୟକ୍ଷ ଓ ସେଗୁଡ଼ିକର ସଂରଚନ ୨୭
ସମର୍ପଣ : କର୍ମେନ୍ଦ୍ରିୟ ସମର୍ପଣ ଓ ଇଚ୍ଛାର ସମର୍ପଣ ୩୦

'oaob.nitrkl.ac.in' images reprocessed

ଧ୍ୟାନ ଓ ଅଗ୍ରଗତି ୩୩
ଆଧ୍ୟାତ୍ମିକ ଜୀବନରେ ପ୍ରବେଶ :
ଦିବ୍ୟ ପରମସତ୍ତ୍ୱଙ୍କ ମଧ୍ୟକୁ ଲମ୍ଫପ୍ରଦାନ ୩୫

୨୮ ଏପ୍ରିଲ

ଉତ୍ସର୍ଗ : ସାଧାରଣ ଉତ୍ସର୍ଗ ଓ ଟିକନିଖି ସବୁକିଛିର ୩୭
ପୂର୍ଣ୍ଣ ଯୋଗ ୩୯
ଦିବ୍ୟ ପରମସତ୍ତ୍ୱଙ୍କର ସ୍ମରଣ ୪୧
ଅଧ୍ୟୟନ ଓ ଯୋଗ ୪୪
ଅନିବାର୍ଯ୍ୟତା; ପୂର୍ବନିର୍ଦ୍ଧାରିତତା ୪୭
ମୁକ୍ତି ୪୮
ଅଲୌକିକ ଘଟନ ୫୦
ସୃଜନର ଉଦ୍ଦେଶ୍ୟ ୫୧

୫ ମଇ

ବୁଦ୍ଧି : ତାହାର ଯଥାର୍ଥ ଏବଂ ଅଯଥାର୍ଥ କ୍ରିୟାତ୍ମକତା ୫୩
ପ୍ରତିକୂଳ ଶକ୍ତିମାନଙ୍କର ଆକ୍ରମଣ ୫୪
ବିଶ୍ୱାସ : ପୂର୍ଣ୍ଣ ଓ ଏକାନ୍ତ ବିଶ୍ୱାସ ୫୮
ମୃତ୍ୟୁ : ଆଦୌ ଅନିବାର୍ଯ୍ୟ ନୁହେଁ ୫୯
ଦିବ୍ୟ ପରମଚେତନାର ଅବତରଣ ୬୧
ଅନ୍ତର୍ଗତ ଅଗ୍ରଗତି ୬୩
ପୂର୍ବଜନ୍ମଗୁଡ଼ିକର ସ୍ମୃତି ୬୫

୧୨ ମଇ

ପ୍ରାଣିକ ଜଗତର ସତ୍ତ୍ୱା (ପ୍ରେତାଦି) ୬୭
ଅର୍ଥଶକ୍ତି ଓ ପ୍ରାଣିକ ସତ୍ତ୍ୱା ୭୨
ଇଚ୍ଛାକୁ ଅଭିବ୍ୟକ୍ତ କରିବାର ସାମର୍ଥ୍ୟ ୭୪
ପ୍ରାଣିକ ଜଗତକୁ ପ୍ରବେଶ ୭୫
ଶରୀର : ଏକ ରକ୍ଷାପ୍ରାଚୀର ୭୫
ବ୍ୟକ୍ତିସତ୍ତ୍ୱା ଓ ପ୍ରାଣିକ ଜଗତ ୭୮

'oaob.nitrkl.ac.in' images reprocessed

୧୯ ମଇ

ମନ ଓ ମନର କ୍ରିୟା, ସ୍ୱଭାବର
ନାନା ଗଠଣ ଓ ଗ୍ରନ୍ଥି ୮୦
ପ୍ରତିକୂଳ ପରିସ୍ଥିତି ଓ ଯୋଗ ୮୪
ମାନସିକ ବିରଚନା ୮୫
ଅସୁସ୍ଥତା ଏବଂ ଯୋଗ ୮୯

୨୬ ମଇ

ବ୍ୟକ୍ତି : ନିଜକୁ ଅଲଗା ବୋଲି ଭାବିବାର ଭ୍ରମ ୯୩
ପ୍ରତିକୂଳ ଶକ୍ତି ଏବଂ ମାନସ ଭୂମି ୯୬
ଚୈତ୍ୟ ଜଗତ; ଚୈତ୍ୟ ସତ୍ତା ୯୯
"ଆଧ୍ୟାତ୍ମିକ" ଓ "ଚୈତ୍ୟ" ୧୦୧
ଶବ୍ଦତତ୍ତ୍ୱ; କଥା ଓ ପଢ଼ିବାକୁ ବୁଝିବା ୧୦୨
ପ୍ରତିକୂଳ ଶକ୍ତି, ସେମାନଙ୍କ ପ୍ରୟୋଜନ ୧୦୬
କର୍ମ ବିଷୟରେ ଭ୍ରମ; ପ୍ରକୃତ କର୍ମ ୧୦୬

୨ ଜୁନ୍

ଦିବ୍ୟ ପ୍ରେମ ଓ ତାହାର ଅଭିବ୍ୟକ୍ତି ୧୧୦
ଦିବ୍ୟ ପ୍ରେମ ମଧ୍ୟରେ ପ୍ରାଣିକ ସତ୍ତାର ଅଂଶ ୧୧୬

୯ ଜୁନ୍

ଧର୍ମର ସ୍ୱଭାବ ୧୨୨
ଧର୍ମ ଓ ଅଧ୍ୟାତ୍ମ ଜୀବନ ୧୨୩
ଦିବ୍ୟ ସତ୍ତା ଓ ଦିବ୍ୟଶକ୍ତିର ଅବତରଣ ୧୨୮
ନିଜର ଧର୍ମ, ଦେଶ ଓ ପରିବାର ବିଷୟରେ ନିଶ୍ଚିନ୍ତ
ହେବା,—ନିଜ ଲାଗି ସେଗୁଡ଼ିକୁ ନିଜେ ବାଛିନେବା ୧୩୧
ଧର୍ମ ଏବଂ ବିଭିନ୍ନ ସଂଖ୍ୟା ୧୩୪

ପ୍ରଶ୍ନ ଓ ଉତ୍ତର : ୧୯୩୦-୩୧

୧୬ ଜୁନ୍

ଅସୁସ୍ଥତା ଓ ଯୋଗ ୧୩୬

'oaob.nitrkl.ac.in' images reprocessed

সূক্ষ্ম শরীর (স্নায়ুতান্ত্রিক আবরণ) ১৪৩
ভয় এবং অস্পৃষ্টতা ১৪৬

২৩ জুন্

যোগীর জ্ঞান ১৫০
জ্ঞান ও অধিমানস ১৫৩
শারীরিক অবস্থারে পরিবর্ত্তন ঘটাইবার প্রণালী ১৫৬
ধ্যান; অভীপ্সা; আন্তরিকতা ১৫৯

৩০ জুন্

কেতেক ইতর প্রাণীঙ্ক লাগি অনুভূত
হেউথিবা অশ্রদ্ধা ১৬৩
মনর মূল; রচনাকারীমানে ১৬৬
জড় জগত ১৬৭

২৮ জুলাই

কলা এবং যোগ ১৬৯
কলা ও জীবন ১৭৪
সঙ্গীত; নৃত্য ১৮০
সমস্তরতার জগত ১৮৩

৪ অগষ্ট

সমর্পণ ও ত্যাগ ১৮৬
ব্যক্তিত্ব ও সমর্পণ ১৯০
বাসনা ও কামনা ১৯১
আধ্যাত্মিকতা ও নৈতিকতা ১৯২

প্রশ্ন ও উত্তর : ১৯৩০-৩১

সাধারণ জীবন ও প্রকৃত আত্মা ২০১
সমর্পণ, আত্মনিবেদন এবং উৎসর্গ ২০৬
বিপরীত্যাগ ২০৯

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତାଙ୍କ ପ୍ରେମ ଲାଗି ଶରୀରସ୍ଥ ଭୂମିରେ ଆକାଂକ୍ଷା	୨୧୧
ଉଦ୍ଭିଦ ଭିତରେ ରହିଥିବା ଅଭୀପ୍‌ସା	୨୧୪
ଦିବ୍ୟ-ଚେତନା ଓ ଦିବ୍ୟ-ଇଚ୍ଛା ସହିତ ମିଳିତ ହେବା	୨୧୬
ସହାନୁଭୂତି, ପ୍ରଶଂସା ପାଇବାକୁ ପ୍ରାଣିକର ଇଚ୍ଛା,—ଯଥାର୍ଥରେ ଦୀକ୍ଷିତ ପ୍ରାଣିକର ନାନା ଲକ୍ଷଣ	୨୨୧
ମିଥ୍ୟା ଉପରେ ବିଜୟ	୨୨୮
ଯୋଗମାର୍ଗରେ ଅସୁବିଧା	୨୩୦
ପ୍ରାଣିକରେ ପରିବର୍ତ୍ତନ ଘଟାଇବା, ପୁନର୍ଜନ୍ମ ଏବଂ ବ୍ୟକ୍ତିଗତ ଉତ୍ତରଜୀବନ	୨୩୨
ପୁନରୁଜ୍ଜୀବନ	୨୩୬
ପୁନର୍ବାର ଦେହଗ୍ରହଣ, ପୂର୍ବତନ ଜୀବନଗୁଡ଼ିକର ସ୍ମୃତି	୨୩୯
ଚୈତ୍ୟ ଉପସ୍ଥିତି ଏବଂ ଚୈତ୍ୟସତ୍ତା—ଜାତିଗତ ଶ୍ରେଷ୍ଠତରତାର ପ୍ରକୃତ ଉତ୍ସ	୨୪୨
ବିଶ୍ୱାସ	୨୪୫
ଯଥାର୍ଥ ଦୃଷ୍ଟିକୋଣର ଶକ୍ତି	୨୪୮
କଳ୍ପନା-ଶକ୍ତି	୨୫୧
ନିଃସ୍ୱାର୍ଥ ଶ୍ରଦ୍ଧା	୨୫୪
ପଶ୍ଚାତ୍-ପଦକ୍ଷେପ	୨୫୬
ଜ୍ଞାନ : ବୈଜ୍ଞାନିକର ଓ ଯୋଗୀର	୨୫୯
ଦୈବାତ୍ ଘଟୁଥିବା ଘଟଣା	୨୬୩
ଦେଶ ଓ କାଳର ବିଭିନ୍ନ ପ୍ରକାର—ପ୍ରାଣିକ ସ୍ତରରେ ନିର୍ଭରଯୋଗ୍ୟତା	୨୬୬
ଭଗବତ୍-ଏକତ୍ୱ ଦ୍ୱାରା ଉପଲବ୍ଧ ଜ୍ଞାନ—ପୃଥିବୀରେ ଭଗବତ୍-ଇଚ୍ଛାର କାର୍ଯ୍ୟ	୨୬୯
ଅତିମାନସ ଓ ଅଧିମାନସ	୨୭୮
ଯଥାର୍ଥ ବିଜୟ—ଅତିମାନସ ନମ୍ରତା—ଆଧ୍ୟାତ୍ମିକ ପୁନର୍ଜନ୍ମ	୨୮୦
ଅତିମାନସ ଉପଲବ୍ଧି	୨୮୪
ଅତିମାନସ ଅବତରଣ	୨୮୬

'oaob.nitrkl.ac.in' images reprocessed

ଧମ୍ମପଦର ଟୀକା

ଯମକ	୨୯୧
ଅପ୍ରମାଦ	୩୨୧
ଚିତ୍ତ	୩୩୫
ପୁଷ୍ପ	୩୩୯
ନବୋଧ ବ୍ୟକ୍ତି	୩୪୩
ପଣ୍ଡିତ	୩୪୮
ଅର୍ହନ୍ତ	୩୫୩
ସହସ୍ର	୩୫୭
ମନ୍ଦ	୩୬୨
ଦଣ୍ଡ	୩୬୭
ଜରା	୩୭୩
ଅହଂ	୩୭୭
ସଂସାର	୩୮୪
ବୁଦ୍ଧ	୩୮୮
ସୁଖ	୩୯୬
ପ୍ରିୟ-ଅପ୍ରିୟ	୪୦୦
କ୍ରୋଧ	୪୦୪
ଅଶୁଦ୍ଧତା	୪୦୭
ଧର୍ମିଷ୍ଠ	୪୧୩
ମାର୍ଗ	୪୧୮
ପ୍ରକୀର୍ଣ୍ଣକ	୪୨୪
ନରକ	୪୨୮
ହସ୍ତୀ	୪୩୩
ତୃଷ୍ଣା	୪୩୮
ଭିକ୍ଷୁ	୪୪୩
ବ୍ରାହ୍ମଣ	୪୪୮
'ପ୍ରଶ୍ନ ଓ ଉତ୍ତର ୧୯୨୯'ର ପରିଶିଷ୍ଟ	୪୫୭

'oaob.nitrkl.ac.in' images reprocessed

ପ୍ରଶ୍ନ ଓ ଉତ୍ତର

୧୯୬୯

'oaob.nitrkl.ac.in' images reprocessed

ଶ୍ରୀମା — ଟୋକିଓ ୧୯୧୭

'oaob.nitrkl.ac.in' images reprocessed

୭ ଏପ୍ରିଲ୍ ୧୯୬୯

ଆପଣ ଆମକୁ ଯୋଗ ବିଷୟରେ କିଛି କହିବେ କି ?

ତୁମେ କ'ଣ ପାଇଁ ଯୋଗର ସାଧନା କରିବାକୁ ଇଚ୍ଛା କରୁଛ ? ଅଧିକ କ୍ଷମତା ହାସଲ କରିବାକୁ ? ଶାନ୍ତି ବା ପ୍ରଶାନ୍ତି ଉପଲବ୍ଧି କରିବାକୁ ? ମନୁଷ୍ୟଜାତିର ସେବା କରିବାକୁ ?

ତୁମେ ଯେ ପ୍ରକୃତରେ ସେହି ମାର୍ଗଟି ଲାଗି ଅଭିପ୍ରେତ ହୋଇ ରହିଛ, ଏଥିରୁ କୌଣସିଟି ଉଦ୍ଦେଶ୍ୟ ତାହା ଦେଖାଇପାରିବା ଲାଗି ମୋଟେ ଯଥେଷ୍ଟ ନୁହେଁ ।

ତେଣୁ ତୁମକୁ ଏହି ପ୍ରଶ୍ନଟିର ଉତ୍ତର ଦେବାକୁ ପଡ଼ିବ : ତୁମେ ପରମେଶ୍ୱରଙ୍କ ସକାଶେହିଁ ଯୋଗର ସାଧନା କରିବାକୁ ଇଚ୍ଛା କରୁଛ କି ? ପରମେଶ୍ୱରହିଁ ତୁମ ଜୀବନରେ ସର୍ବୋଚ୍ଚ ବସ୍ତୁ ଓ ସର୍ବୋଚ୍ଚ ଘଟଣା ହୋଇ ରହିଲେଣି କି, ସିଏ ତୁମ ଜୀବନରେ ଏପରି ହୋଇ ରହିଲେଣି, ଯେପରିକି ତାଙ୍କୁ ବାଦ୍ ଦେବା ତୁମ ପକ୍ଷରେ ଆଦୌ ସମ୍ଭବ ହେବ ନାହିଁ ? ତୁମେ ତାଙ୍କୁ, ସେହି ପରମ ଦିବ୍ୟସତ୍ତାଙ୍କୁହିଁ ତୁମ ଜୀବନର ଉଦ୍ଦେଶ୍ୟ ବୋଲି ଅନୁଭବ କରୁଛ କି ଏବଂ ତାଙ୍କ ବ୍ୟତୀତ ତୁମ ଜୀବନର ପ୍ରକୃତରେ ଆଉ କୌଣସି ତାତ୍ପର୍ଯ୍ୟ ନାହିଁ ବୋଲି ମଧ୍ୟ ଅନୁଭବ କରୁଛ କି ? ଯଦି ପ୍ରକୃତରେ ସେହିପରି ହୋଇଥାଏ, ତେବେଯାଇ କହିପାରିବ ଯେ ସେହି ମାର୍ଗଟି ଲାଗି ତୁମ ପାଖରେ ନିଶ୍ଚୟ ଏକ ଡାକରା ଆସି ପହଞ୍ଚିଛି ।

ସେଥିଲାଗି ସର୍ବପ୍ରଥମେ ଏହି କଥାଟି ଆବଶ୍ୟକ—ସେହି ପରମ ଦିବ୍ୟସତ୍ତାଙ୍କ ଲାଗି ଅଭୀପ୍ସା ।

ପରବର୍ତ୍ତୀ କଥାଟି ହେଉଛି ଯେ ତୁମେ ସେହି ଅଭୀପ୍ସାଟିକୁ ନିଜ ଭିତରେ ପାଳନ କରିବ ଏବଂ ତାହାକୁ ସତତ ଜାଗ୍ରତ, ପ୍ରସ୍ତୁତ ଏବଂ ଜୀବନ୍ତ କରି ରଖିବ । ଏବଂ ସେଥିଲାଗି ଅଭିନିବେଶ ଆବଶ୍ୟକ, ସଂକେନ୍ଦ୍ରଣ ଆବଶ୍ୟକ,—ସେହି ପରମ ଦିବ୍ୟସତ୍ତାଙ୍କ ମଧ୍ୟରେହିଁ ଆପଣାକୁ ସଂକେନ୍ଦ୍ରିତ କରି ରଖିବା ଆବଶ୍ୟକ, ତାଙ୍କର ପରମ ଇଚ୍ଛା ଏବଂ ପରମ ଉଦ୍ଦେଶ୍ୟରେ ଆମେ ଯେପରି ଅବିଶେଷରେ ସମଗ୍ର ଏବଂ ଏକାନ୍ତ ଭାବରେ ଆପଣାକୁ ସଂକେନ୍ଦ୍ରିତ କରି ରଖିପାରିବା, ସେଇଥିଲାଗି ସେହି ପରମ ଦିବ୍ୟସତ୍ତାଙ୍କ ମଧ୍ୟରେହିଁ ଆପଣାକୁ ସଂକେନ୍ଦ୍ରିତ କରି ରଖିବା ଆବଶ୍ୟକ ।

'oaob.nitrkl.ac.in' images reprocessed

ଆପଣାକୁ ହୃଦୟରେହିଁ ସକେନ୍ଦ୍ରିତ କରି ରଖ । ସେହି ହୃଦୟ ଭିତରେ ପ୍ରବେଶ କର; ଭିତରକୁ ଯାଅ, ଗଭୀର ଓ ଅନେକ ଦୂରକୁ ଯାଅ, ଯେତେ ଦୂରକୁ ପାରୁଛ ସେତେ ଦୂରକୁ ପ୍ରବେଶ କର । ଚାରିଆଡ଼େ ବିସ୍ତାରିତ ହୋଇ ପଡ଼ିଥିବା ଆପଣା ଚେତନାର ସବୁଯାକ ସୂତାକୁ ଏକାଠି କରିଆଣ, ସେଗୁଡ଼ିକୁ ଏକାଠି କରି ଗୁଡ଼ାଇଆଣ,—ତାହାର ମଧ୍ୟକୁ ଲମ୍ଫପ୍ରଦାନ କର, ନିମଜ୍ଜିତ ହୋଇ ରହ ।

ସେଠାରେ, ହୃଦୟଗଭୀରର ସେହି ପ୍ରଶାନ୍ତ ମଧ୍ୟରେ ଏକ ଅଗ୍ନି ପ୍ରଜ୍ୱଳିତ ହୋଇ ରହିଛି । ତାହାହିଁ ହେଉଛି ତୁମ ଭିତରେ ରହିଥିବା ଦିବ୍ୟତା,—ତୁମର ପ୍ରକୃତ ସତ୍ତା । ତାହାର ବାଣୀକୁ ଶୁଣିବା ପାଇଁ ଚେଷ୍ଟା କର, ତାହାର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କର ।

ସକେନ୍ଦ୍ରୀକରଣ ବା ଅଭିନିବେଶର ଅନ୍ୟାନ୍ୟ କେନ୍ଦ୍ର ମଧ୍ୟ ରହିଛି । ଉଦାହରଣ ସ୍ୱରୂପ, ତାଳୁ ଉପରେ ଗୋଟିଏ କେନ୍ଦ୍ର ଅଛି ଏବଂ ଦୁଇ ଭ୍ରୂଲତା ମଝିରେ ଆଉ ଗୋଟିଏ କେନ୍ଦ୍ର ଅଛି । ପ୍ରତ୍ୟେକ କେନ୍ଦ୍ରର ନିଜସ୍ୱ ଉପାଦେୟମାନ ରହିଛି ଏବଂ ତୁମକୁ ତାହା ନିଶ୍ଚୟ ଏକ ନିର୍ଦ୍ଦିଷ୍ଟ ଫଳ ଆଣିଦେଇ ପାରିବ । ମାତ୍ର ଅସଲ କେନ୍ଦ୍ରସ୍ଥ ସତ୍ତାଟି ତୁମ ହୃଦୟ ଭିତରେ ରହିଛି ଏବଂ ସେହି ହୃଦୟସ୍ଥଳରୁହିଁ କେନ୍ଦ୍ରୀୟ ଯାବତୀୟ ଗତିସ୍ପନ୍ଦନର ଉଦ୍‌ଭବ ହେଉଛି । ଯାବତୀୟ ଗତିଶୀଳତା, ରୂପାନ୍ତରିତ ହେବାର ଯାବତୀୟ ଆକାଙ୍କ୍ଷା ଏବଂ ଉପଲବ୍ଧି କରିବାର ଯାବତୀୟ ସାମର୍ଥ୍ୟ, —ସବୁର ଉଦ୍‌ଗମ କେବଳ ସେହି ହୃଦୟରୁହିଁ ହେଉଛି ।

ଆପଣାକୁ ଯୋଗ ଲାଗି ପ୍ରସ୍ତୁତ କରିବାକୁ ହେଲେ ଜଣେ ବ୍ୟକ୍ତିକୁ କ'ଣସବୁ କରିବାକୁ ପଡ଼ିବ ?

ସର୍ବପ୍ରଥମେ ସଚେତନ ହେବାକୁ ପଡ଼ିବ । ଆମ ସତ୍ତାର କେବଳ ଏକଅତ୍ୟଳ୍ପ ଅଂଶ ବିଷୟରେହିଁ ଆମେ ସଚେତନ ହୋଇ ରହିପାରୁଛୁ, ତାହାର ଅଧିକାଂଶ କ୍ଷେତ୍ରରେ ଅଚେତନ ହୋଇ ରହିଛୁ । ଏହି ଅଚେତନତାହିଁ ଆମକୁ ପୁନରୁଜ୍ଜୀବନର ସାମର୍ଥ୍ୟଟିକୁ ହରାଇ ବସାଇଥିବା ଆମର ପ୍ରକୃତିଟା ସହିତ ବାନ୍ଧିରଖିଛି ଏବଂ ତାହାର କ୍ଷେତ୍ରରେ ଯାବତୀୟ ପରିବର୍ତ୍ତନ ଏବଂ ରୂପାନ୍ତରକୁ ବାରିତ କରି ରଖିଛି । ଏହି ଅଚେତନାର ମଧ୍ୟଦେଇହିଁ ଆମ ଭିତରେ ଅଦିବ୍ୟ ନାନା ଶକ୍ତି ପ୍ରବେଶ କରି ପାରୁଛନ୍ତି ଏବଂ ଆମକୁ ସେଗୁଡ଼ିକର ଦାସ କରି ରଖିଛନ୍ତି । ତୁମକୁ ନିଜ ବିଷୟରେ ସଚେତନ ହୋଇ ଉଠିବାକୁ ପଡ଼ିବ, ଆପଣାର ପ୍ରକୃତି ଏବଂ ଗତିସ୍ପନ୍ଦନଗୁଡ଼ିକର କ୍ଷେତ୍ରରେ ଜାଗ୍ରତ ହେବାକୁ ପଡ଼ିବ; ତୁମେ ଯେ କାହିଁକି ଓ କିପରି ଯାବତୀୟ କାର୍ଯ୍ୟ କରୁଛ, ସେଗୁଡ଼ିକୁ ଅନୁଭବ କରୁଛ ଏବଂ ଭାବୁଛ, ତୁମକୁ ସେହିକଥା

'oaob.nitrkl.ac.in' images reprocessed

ଜାଣିବାକୁ ପଡ଼ିବ । ତୁମକୁ ଆପଣାର ଅନୁପ୍ରାଣ୍ଣ ଏବଂ ଆବେଗଗୁଡ଼ିକୁ ଯଥାର୍ଥ ଭାବରେ ବୁଝିବାକୁ ପଡ଼ିବ; ତୁମ ଭିତରେ ଯାହାକିଛି ପ୍ରଚ୍ଛନ୍ନ ଅଥବା ପ୍ରତ୍ୟକ୍ଷ ଭାବରେ ରହି ତୁମକୁ ଗତିଶୀଳ କରି ରଖିଛନ୍ତି, ସେଗୁଡ଼ିକୁ ସବୁଗୁଡ଼ିକୁ ଜାଣିବାକୁ ଓ ବୁଝିବାକୁ ପଡ଼ିବ । ବସ୍ତୁତଃ, ସଂକ୍ଷେପରେ ଏପରି କୁହାଯାଇ ପାରିବ ଯେ, ତୁମକୁ ତୁମ ସତ୍ତାର ସମଗ୍ର ଗଠନକୁ ତନ୍ନତନ୍ନ କରି ଜାଣିବାକୁ ପଡ଼ିବ । ତୁମେ ଥରେ ସଚେତନ ହୋଇଯାଇ ପାରିଲେ, ସେତେବେଳେ ତାହାର ଏହି ଅର୍ଥ ହେବ ଯେ ତୁମେ ତା'ପରେ ବିଭିନ୍ନ ବସ୍ତୁର ଭେଦନିରୂପଣ କରିପାରିବ, ତୁମେ ସେଗୁଡ଼ିକୁ ପରସ୍ପରଠାରୁ ଅଲଗା କରି ବିଶ୍ଳେଷଣ କରିପାରିବ । କେଉଁସବୁ ଶକ୍ତି ତୁମକୁ ପ୍ରକୃତରେ ତଳଆଡ଼କୁ ଟାଣି ନେଉଛନ୍ତି ଓ ଆଉ କେଉଁଗୁଡ଼ିକ ତୁମକୁ ସହାୟକ ଭାବରେ ଆଗକୁ ନେଇ ଯାଉଛନ୍ତି, ତୁମେ ସେଗୁଡ଼ିକୁ ବଡ଼ ସ୍ପଷ୍ଟ ଭାବରେ ବି ଦେଖି-ପାରିବ । ଏବଂ, ତୁମେ ଯେତେବେଳେ ସତ୍ୟକୁ ମିଥ୍ୟାଠାରୁ, ଠିକ୍‌କୁ ଭୁଲ୍‌ଠାରୁ ତଥା ଦିବ୍ୟକୁ ଅଦିବ୍ୟଠାରୁ ଅଲଗା କରି ଜାଣିବା ଲାଗି ସମର୍ଥ ହେବ, ସେତେ-ବେଳେ ତୁମେ ଅମିଶ୍ରିତ ଭାବରେ ଆପଣାର ଜ୍ଞାନ ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରିପାରିବ, ଅର୍ଥାତ୍, ଗୋଟିକୁ ସମ୍ପୂର୍ଣ୍ଣ ଭାବରେ ବର୍ଜନ କରି ଆରଟିକୁ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ କରିପାରିବ । ସମ୍ପୃକ୍ତ ଦ୍ୱୈତତାଟି ପ୍ରତ୍ୟେକ ପଦକ୍ଷେପରେହିଁ ତୁମ ଆଗରେ ଅନୁଭୂତ ହୋଇ ପାରିବ ଏବଂ ପ୍ରତ୍ୟେକ ପଦକ୍ଷେପରେହିଁ ତୁମେ ଆପଣାର ନିର୍ବାଚନଟିକୁ କରି ପାରୁଥିବ । ମାତ୍ର ଏଥିଲାଗି ତୁମକୁ ଧୈର୍ଯ୍ୟ ଅବଲମ୍ବନ କରିବାକୁ ହେବ, ଅବିଚଳିତ ଭାବରେ ଉଦ୍ୟମ କରିଚାଲିବାକୁ ପଡ଼ିବ, ସର୍ବଦା ସତର୍କ ରହିବାକୁ ପଡ଼ିବ; ଏହି କ୍ଷେତ୍ରରେ ବୃଦ୍ଧଲୋମାନଙ୍କର ଭାଷାରେ ତୁମକୁ "ଅନିଦ୍ର" ହୋଇ ରହିବାକୁ ପଡ଼ିବ । ଦିବ୍ୟର ବିରୋଧୀ ଅଦିବ୍ୟକୁ କୌଣସି ପ୍ରକାର ସୁଯୋଗ ନଦେବା ଲାଗିହିଁ ତୁମେ ସର୍ବଦା ଆପଣାର ଅସମ୍ମତି ପ୍ରକାଶ କରିପାରୁଥିବ ।

ମନୁଷ୍ୟ ଜାତି ଲାଗି ଏହି ଯୋଗ ଉଦ୍ଦିଷ୍ଟ ବୋଲି କୁହାଯାଇ ପାରିବକି ?

ନା—ଏହା ପରମେଶ୍ୱରଙ୍କ ଲାଗି ଉଦ୍ଦିଷ୍ଟ । ଆମେ ଯେ ମାନବଜାତିର କଲ୍ୟାଣ ଲାଗି ଏହି ଯୋଗର ଅନୁଶୀଳନ କରୁଛୁ, ତା' ନୁହେଁ, ଆମେ ପରମେଶ୍ୱରଙ୍କୁ ପ୍ରକଟ କରି ଆଣିବାଲାଗି ତାହା କରୁଛୁ । ସେହି ପରମ ଦିବ୍ୟସତ୍ତାଙ୍କର ଇଚ୍ଛାଟିକୁ କାର୍ଯ୍ୟକାରୀ କରିବା ଲାଗି ଏଠାରେ ଆମେ କାର୍ଯ୍ୟ କରୁଛୁ; ଅଧିକ ଯଥାର୍ଥ ଭାବରେ କହିବାକୁ ଗଲେ, ସେହି ସର୍ବୋଚ୍ଚ ସତ୍ତାକୁ ଏଠାରେ ଉତ୍ତରୋତ୍ତର ଅଧିକ ଭାବରେ ଅବତୀର୍ଣ୍ଣ କରାଇଆଣିବା ଲାଗି ଏବଂ ତାଙ୍କର ରାଜ୍ୟଟିକୁ ଏହି ପୃଥିବୀପୃଷ୍ଠରେ ସ୍ଥାପନ

'oaob.nitrkl.ac.in' images reprocessed

କରାଇବା ଲାଗି ଆମେ ଯେପରି ତାଙ୍କର ଯନ୍ତ୍ରରୂପେ ବ୍ୟବହୃତ ହୋଇପାରିବା, ଭଗବତ୍ ପରମ ଇଚ୍ଛା ଆମକୁ ନେଇ ସେଥିଲାଗିହିଁ କାର୍ଯ୍ୟ କରିବାରେ ଲାଗିଛି । ମନୁଷ୍ୟଜାତିର ଯେଉଁ ଭାଗଟି ପରମ ଦିବ୍ୟସତ୍ତାଙ୍କର ସେହି ଆହ୍ୱାନଟି ଲାଗି ଆପଣାର ଅନୁସ୍ପନ୍ଦନ ଜଣାଇ ପାରିବ, କେବଳ ସେହି ଅଂଶଟିହିଁ ତାଙ୍କର ପରମ କରୁଣାକୁ ଲାଭ କରିପାରିବ ।

ପ୍ରତ୍ୟକ୍ଷ ଭାବରେ ନ ହେଲେ ମଧ୍ୟ ଅନ୍ତତଃ ପରୋକ୍ଷ ଭାବରେ ମନୁଷ୍ୟଜାତି ଏହାଦ୍ୱାରା ଉପକୃତ ହୋଇପାରିବ କି ନାହିଁ, ତାହା ସେହି ମନୁଷ୍ୟଜାତିର ଅବସ୍ଥା ଉପରେହିଁ ନିର୍ଭର କରିବ । ଯଦି ଆମେ ବର୍ତ୍ତମାନର ଅବସ୍ଥାଟିକୁ ଦୃଷ୍ଟି ଉପରେ ରଖି ସେହି କଥାଟିର ବିଚାର କରିବାକୁ ଯିବା, ତେବେ କହିବାକୁ ହେବ ଯେ ଏପରି ଉପକୃତ ହେବାଲାଗି ଆଦୌ ଖୁବ୍ ବେଶୀ ଆଶା ନାହିଁ । ବର୍ତ୍ତମାନ ମନୁଷ୍ୟ ଜାତିର ପ୍ରତିନିଧିତ୍ୱ କରି ପାରୁଥିବା ଜଣେ ସାଧାରଣ ମନୁଷ୍ୟ-ବ୍ୟକ୍ତିର ଦୃଷ୍ଟିକୋଣ କ'ଣ ହୋଇ ରହିଛି କହିଲ ? ଯଥାର୍ଥ ଭାବରେ ଦିବ୍ୟତାରେ ଅଂଶଗ୍ରହଣ କରୁଥିବା କୌଣସି କିଛିର ସମ୍ମୁଖୀନ ହେବା ମାତ୍ରକେ ସିଏ ପ୍ରକୃତରେ କ୍ରୋଧ ପ୍ରକାଶ କରୁ ନାହିଁ ଓ ବିଦ୍ରୋହ କରିଉଠୁ ନାହିଁ କି ? ପରମ ଦିବ୍ୟସତ୍ତା କହିଲେ ତା'ର ପ୍ରିୟ ସଂସ୍କୃ ଓ ସପଦଗୁଡ଼ିକର ଯେ ବିନାଶକୁ ବୁଝାଉଛି, ସେ ଏକଥା ଅନୁଭବ କରୁ ନାହିଁ କି ? ପରମ ଦିବ୍ୟସତ୍ତା ଯାହାକିଛିର ଅଭିପ୍ରାୟ ରଖିଛନ୍ତି ଓ ଯାହାକିଛି ଇଚ୍ଛା କରୁଛନ୍ତି, ସେହି ସାଧାରଣ ମନୁଷ୍ୟ ବର୍ତ୍ତମାନ ଅବିଶ୍ରାନ୍ତ ଭାବରେ ଏଡ଼େ ବଡ଼ ପାଟିକରି ତାହା ଲାଗି ସିଧା କେବଳ ଆପଣାର ନକାରାତ୍ମକ ମନୋଭାବଗୁଡ଼ାକୁ ଜାହିର କରିବାରେ ଲାଗି ନାହିଁ କି ? ପରମ ଦିବ୍ୟସତ୍ତାଙ୍କର ଆଗମନ ଦ୍ୱାରା କୌଣସି ପ୍ରକାରେ ଲାଭବାନ୍ ହେବା ଲାଗି ସମର୍ଥ ହେବାକୁ ହେଲେ ମନୁଷ୍ୟଜାତିକୁ ପ୍ରଥମେ ଅନେକ କିଛି ବଦଳିବାକୁ ପଡ଼ିବ ।

ଆମେ ଏଠାରେ ପରସ୍ପର ସହିତ କିପରି ଆସି ଏକଜୁଟ ହୋଇଛୁ କହିଲେ ?

ଆମେ ସମସ୍ତେ ପୂର୍ବତନ ଜନ୍ମଗୁଡ଼ିକରେ ପରସ୍ପରକୁ ଭେଟିଛୁ । ତା' ନ ହୋଇଥିଲେ ଆମର ଏଜନ୍ମରେ କଦାପି ଗୋଟିଏ ଜାଗାରେ ଭେଟ ହୋଇ ନ ଥାନ୍ତା । ଆମେ ସମସ୍ତେ ଗୋଟିଏ ପରିବାରର ଅନ୍ତର୍ଭୁକ୍ତ, ଏବଂ ପରମ ଦିବ୍ୟ-ସତ୍ତାଙ୍କର ବିଜୟ ଏବଂ ପୃଥିବୀପୃଷ୍ଠରେ ସେ ପ୍ରକାଶିତ ହେବା ଲାଗି ଆମେ ଯୁଗ ଯୁଗ ଧରି କାର୍ଯ୍ୟ କରି ଆସିଛୁ ।

'oaob.nitrkl.ac.in' images reprocessed

୨୪ ଏପ୍ରିଲ୍ ୧୯୨୯

ଯୋଗର ମାର୍ଗରେ କେଉଁ ପ୍ରମାଦମାନ ରହିଛି ? ପାଶ୍ଚାତ୍ୟ ଜଗତର ଅଧିବାସୀମାନଙ୍କ ପାଇଁ ଯୋଗକୁ ବିଶେଷ ଭାବରେ ବିପଜ୍ଜନକ ବୋଲି କୁହାଯିବ କି ? କେହିଜଣେ କହିଛନ୍ତି ଯେ ଯୋଗ ପ୍ରାଚ୍ୟଜଗତ୍ ସକାଶେ ହୁଏତ ଭାରି ଉପାଦେୟ ହୋଇପାରେ, ମାତ୍ର ପାଶ୍ଚାତ୍ୟ ମାନସ ଉପରେ ତାହାର ଯେଉଁ ପ୍ରଭାବ ... ଉ, ତଦ୍ଦ୍ୱାରା ତା'ର ଭାରସାମ୍ୟ ନଷ୍ଟ ହୋଇଯାଏ ।

ପ୍ରାଚ୍ୟଜଗତର ଲୋକମାନଙ୍କ ଲାଗି ଯୋଗପଥରେ ଯେତେ ବିପଦ ରହିଛି, ପାଶ୍ଚାତ୍ୟ ଜଗତର ଲୋକମାନଙ୍କ ଲାଗି ସେହି ପଥରେ ତାହା ଅପେକ୍ଷା ଆଦୌ ଅଧିକ ବିପଦ ରହି ନାହିଁ । ତୁମେ ପ୍ରକୃତରେ କେଉଁଭଳି ଭାବ ନେଇ ଯୋଗର ସାଧନା କରିବାକୁ ଯାଉଛ, ସବୁକିଛି ତାହାରି ଉପରେ ନିର୍ଭର କରିବ । ଯଦି ତୁମେ ନିଜ ପାଇଁ ଯୋଗସାଧନା କରିବାକୁ ଯାଅ, ଏକ ବ୍ୟକ୍ତିଗତ ଲକ୍ଷ୍ୟର ପୂରଣ ସକାଶେ ତାହା କର, ତେବେ ଯୋଗରୁ ତୁମ ଲାଗି ଅନେକ ବିପଦ ଉପୁଜିବ । ମାତ୍ର ଅନ୍ୟପକ୍ଷରେ, ଯଦି, ଯୋଗ ମଧ୍ୟରେ ଯେଉଁ ପବିତ୍ରତା ବୋଧ ରହିଛି, ସେହି ଭାବଟି ଦ୍ୱାରା ପ୍ରେରିତ ହୋଇ ଭଗବତ୍-ଉପଲବ୍ଧିହିଁ ଯୋଗର ଲକ୍ଷ୍ୟ ବୋଲି ସର୍ବଦା ସ୍ମରଣ ରଖି ଯଦି ତୁମେ ଯୋଗର ଅନୁଶୀଳନ କର, ତେବେ ସେଥିରେ ତୁମକୁ ଆଦୌ କୌଣସି ବିପଦର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ; ବରଂ ତାହା ତୁମ ଲାଗି ନିରାପଦ୍ଧ ଏବଂ ଭରସାରହିଁ ଏକ ସ୍ଥଳ ହୋଇ ରହିବ ।

ଯେତେବେଳେ ଭଗବତ୍-ଉପଲବ୍ଧି ନିମିତ୍ତ ନୁହେଁ, ମାତ୍ର ଯେତେବେଳେ ସେମାନେ କ୍ଷମତା ହାସଲ କରିବାକୁ ଇଚ୍ଛା କରୁଥାନ୍ତି ବୋଲି ଲୋକମାନେ ଯୋଗଗ୍ରହଣ କରିବାକୁ ଯାଆନ୍ତି, ସେହି କ୍ଷେତ୍ରରେ ସେତେବେଳେହିଁ ଯାବତୀୟ ବିପଦ ଏବଂ ଅସୁବିଧାର ଉଦ୍‌ଭବ ହୋଇଥାଏ । ଏବଂ ସେମାନେ ସେତେବେଳେ ଉପରକୁ ଯୋଗ ବୋଲି ଦେଖାଇ ଆପଣାର କୌଣସି ଏକ ମହତ୍ତ୍ୱ-ଆକାଙ୍କ୍ଷାର ପରିତର୍ପଣ କରିବା ସକାଶେହିଁ ଇଚ୍ଛା କରୁଥାନ୍ତି । ଯଦି ତୁମେ ଏହି ମହତ୍ତ୍ୱ-

'oaob.nitrkl.ac.in' images reprocessed

ଆକାଙ୍‌କ୍ଷାରୁ ନିଜକୁ ମୁକ୍ତ କରି ନ ପାରିବ ତେବେ ତୁମର ଯୋଗଠାରୁ ଦୂରରେ ରହିବାହିଁ ସବୁଠାରୁ ଅଧିକ ଭଲ ହେବ । ନିଆଁରେ ହାତ ଦେଲେ ହାତ ପୋଡ଼ିଯିବ ନାହିଁ ତ ଆଉ କ'ଣ ହେବ ?

ଯୋଗର ଦୁଇଟି ମାର୍ଗ ରହିଛି, ଗୋଟିଏ ତପସ୍ୟାର ମାର୍ଗ, ଆଉ ଗୋଟିଏ ସମର୍ପଣର ମାର୍ଗ । ତପସ୍ୟାର ମାର୍ଗ ଏକ କଠୋର ମାର୍ଗ । ଏହି କ୍ଷେତ୍ରରେ ତୁମକୁ ସମ୍ପୂର୍ଣ୍ଣ ରୂପେ ଆପଣା ଉପରେହିଁ ନିର୍ଭର କରିବାକୁ ପଡ଼େ । ଆପଣା ବଳ ଉପରେ-ନିର୍ଭର କରିହିଁ ଅଗ୍ରସର ହେବାକୁ ପଡ଼ିଥାଏ । ଏବଂ, ଆପଣାର ଶକ୍ତିର ପରିମାଣ ଅନୁସାରେହିଁ ଏଥିରେ ଆରୋହଣ ସମ୍ଭବ ହୁଏ, ଉପଲବ୍ଧି ମଧ୍ୟ ସମ୍ଭବ ହୋଇଥାଏ । ସବୁବେଳେ ପଡ଼ିଯିବାର ଭୟ ରହିଥାଏ । ଏବଂ, ଥରେ ତଳେ ପଡ଼ିଗଲେ, ତୁମକୁ ଭଗ୍ନ ଅବସ୍ଥାରେ ଏକ ଗଭୀରଗର୍ତ୍ତରେ ଯାଇ ପଡ଼ିବାକୁ ହୁଏ ଓ ତା'ପରେ ତା'ର କ୍ୱଚିତ୍ ହିଁ ଏକ ପ୍ରତିକାର ରହିଥାଏ । ଅନ୍ୟମାର୍ଗଟି, ସମର୍ପଣର ମାର୍ଗଟି ହେଉଛି ଏକ ନିରାପଦ ଏବଂ ନିଶ୍ଚିତ ମାର୍ଗ । ଅବଶ୍ୟ ଏହି କ୍ଷେତ୍ରରେ ପାଶ୍ଚାତ୍ୟ ଜଗତର ଅଧିବାସୀମାନେ ପ୍ରକୃତରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସେମାନଙ୍କର ବ୍ୟକ୍ତିଗତ ସ୍ୱାଧୀନତା ଲାଗି ଯାହାକିଛି ବାଧକରୂପେ ଅନୁଭୂତ ହୁଏ, ତାହାକୁ ଭୟ କରିବାକୁ ଏବଂ ଏଡ଼ିକରି ରହିବାକୁ ସେମାନଙ୍କୁ ଶିଖାଇଦିଆ-ହୋଇଛି । ସେମାନେ ସେତେଅବା ମାଆର କ୍ଷୀର ଖାଇଲା ବେଳୁହିଁ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱବୋଧକୁହିଁ ଉତ୍ତରାଧିକାର ସୂତ୍ରରେ ପାଇଛନ୍ତି । ଏବଂ ସମର୍ପଣ କହିଲେ ଏହି ସବୁଯାକର ବିସର୍ଜନ କରିବାକୁ ବୁଝାଇଥାଏ । ଅନ୍ୟଭାଷାରେ କହିଲେ, ରାମକୃଷ୍ଣଙ୍କ କହିବା ଅନୁସାରେ, ତୁମେ ମାଙ୍କଡ଼ଛୁଆର ବାଟଟିକୁ ଗ୍ରହଣ କରିପାରିବ କିଂବା ବିଲେଇଛୁଆର ବାଟଟିକୁ ମଧ୍ୟ ଗ୍ରହଣ କରିପାରିବ । ଏଠୁ ସେଠାକୁ ଯାଉଥିବା ବେଳେ ମାଙ୍କଡ଼ଛୁଆକୁ ତା'ର ମାଆର ଦେହକୁ ଜାବୁଡ଼ିକରି ଧରିବାକୁ ପଡ଼େ; ଖୁବ୍ ଜୋର୍‌କରି ଜାବୁଡ଼ି ଧରିବାକୁ ପଡ଼େ, କାରଣ ଯଦି ତା'ର ହାତ କେବେ ଛାଡ଼ିଯାଏ, ତେବେ ତଳେ ପଡ଼ିଯିବାର ଭୟ ରହିଥାଏ । ଅନ୍ୟପକ୍ଷରେ, ବିଲେଇ-ଛୁଆ କେବେ ତା' ମାଆର ଶରୀରକୁ ଜାବୁଡ଼ି ଧରେ ନାହିଁ; ମାତ୍ର ମାଆ ତା'ଛୁଆକୁ ଧରିକରି ନେଇଯାଏ ଏବଂ ତେଣୁ ତା'ର ଆଉ ଭୟ କିଛି ନ ଥାଏ ବା ଦାୟିତ୍ୱ ମଧ୍ୟ କିଛି ନ ଥାଏ । ନିଜକୁ ମାଆର ଧରିବା ଉପରେ ଛାଡ଼ିଦେଇ 'ମାଆ ମାଆ' ବୋଲି ପାଟିକରିବା ଛଡ଼ା ଆଉ କିଛିହେଲେ କରିବାର ନ ଥାଏ ।

ତୁମେ ଯଦି ସମ୍ପୂର୍ଣ୍ଣ ଭାବରେ ଓ ପୂର୍ଣ୍ଣ ନିଷ୍ଠାର ସହିତ ସମର୍ପଣର ଏହି ପଥଟିକୁ ଗ୍ରହଣ କରିପାରିବ, ତେବେ ତୁମ ଲାଗି ଆଉ କୌଣସି ବିପଦ ରହିବ ନାହିଁ, କୌଣସି ଅସୁବିଧା ବି ରହିବ ନାହିଁ । ଅସଲ କଥା ହେଉଛି ଯେ ତୁମେ ସମ୍ପୂର୍ଣ୍ଣ

'oaob.nitrkl.ac.in' images reprocessed

ନିଷ୍ଠାପର ରହିଥିବ । ଯଦି ନିଷ୍ଠାର ସହିତ ଯାଇ ନ ପାରିବ, ତେବେ କଦାପି ଯୋଗ ଆରମ୍ଭ କର ନାହିଁ । ହଁ, ମଣିଷ-ସଂସାରର କୌଣସି ଏକ ବ୍ୟାପାର ନେଇ କାରବାର କରୁଥିଲେ ସେଥିରେ ହୁଏତ ଫାଙ୍କିଦେବାର କୌଣସି ଅବକାଶ ରହି-ପାରିବ; ମାତ୍ର, ଭଗବାନଙ୍କୁ ନେଇ କାରବାର କରୁଥିବାର କ୍ଷେତ୍ରରେ ଆଦୌ କୌଣସିଠାରେ କୌଣସି ଠକାମି ରହିବ ନାହିଁ । ଯେତେବେଳେ ତୁମେ ଅନ୍ତର ଭିତରୁହିଁ ନିଷ୍କପଟ ଏବଂ ଉନ୍ମୁକ୍ତ ରହିପାରିବ ଏବଂ ଯେତେବେଳେ ଭଗବତ୍-ଉପଲବ୍ଧି ଏବଂ ଭଗବତ୍-ପ୍ରେରଣା ଦ୍ୱାରା ପରିଚାଳିତ ହେବାହିଁ ତୁମର ଏକମାତ୍ର ଉଦ୍ଦେଶ୍ୟ ହୋଇ ରହିବ, ସେତେବେଳେ ତୁମେ ବିପଦଶୂନ୍ୟ ହୋଇ ଅବଶ୍ୟ ଆପଣାର ମାର୍ଗରେ ଅଗ୍ରସର ହୋଇପାରିବ ।

ହଁ, ଏଠାରେ ଆଉ ଗୋଟିଏ ବିପଦ ବି ରହିଛି; ଏହି ବିପଦଟି ହେଉଛି ଯୌନ ସହିତ ସମ୍ପର୍କିତ କ୍ଷେତ୍ରର ଏକ ବିପଦ । ତୁମକୁ ପବିତ୍ର କରି ଆଣିବାର ପ୍ରକ୍ରିୟାଟି ମଧ୍ୟରେ ଯୋଗ ତୁମ ଭିତରେ ରହିଥିବା ପ୍ରଚ୍ଛନ୍ନ ସବୁକିଛି ଉତ୍ତେଜନା ଏବଂ ସବୁକିଛି ବାସନାକୁ ମେଲି କରି ଦେଖାଇଦେବ ଓ ପଦାରେ ଆଣି ପକାଇ ଦେବ । ଏବଂ, ତୁମେ ଯେପରି ଆଦୌ କୌଣସି କଥା ଲୁଚାଇବ ନାହିଁ, କୌଣସି କଥାକୁ କଡକୁ ଠେଲିଦେଇ ଚାଲି ଯିବ ନାହିଁ, ମାତ୍ର ସେଗୁଡିକର ସମ୍ମୁଖୀନ ହୋଇପାରିବ, ସେଗୁଡ଼ିକ ଉପରେ ଜୟଲାଭ କରିପାରିବ ଏବଂ ସେଗୁଡ଼ିକୁ ଅନ୍ୟ-ପ୍ରକାରେ ଗଢ଼ିଆଣି ପାରିବ, ସେହି କଥାଟିକୁ ତୁମକୁ ଅବଶ୍ୟ ଶିକ୍ଷା କରିବାକୁ ପଡିବ । ଯୋଗର ସର୍ବପ୍ରଥମ ପ୍ରଭାବ ରୂପେ ଏହାହିଁ ଘଟିବ ଯେ ତାହା ତୁମଠାରୁ ମନର ଯାବତୀୟ ନିୟନ୍ତ୍ରଣକୁ ଅପହରଣ କରିନେବ; ତୁମ ଭିତରେ ଯେତେଯାହା କ୍ଷୁଧା ସୁପ୍ତହୋଇ ରହି ଆସିଥିଲେ, ସେସବୁ ହଠାତ୍ ସଢେଅବା ବନ୍ଧନ ଛିନ୍ନକରି ବାହାରି ପଡିବେ, ସେମାନେ ଧାଇଁଯାଇ ସତ୍ତାକୁ ଆକ୍ରମଣ କରିବାକୁ ଆରମ୍ଭ କରିବେ । ଯେପର୍ଯ୍ୟନ୍ତ ମାନସିକ ନିୟନ୍ତ୍ରଣର ଏକ ସ୍ଥାନାପନ୍ନ ଭାବରେ ଭଗବତ୍ ନିୟନ୍ତ୍ରଣର ପ୍ରତିଷ୍ଠା ହୋଇ ନ ପାରିଛି, ସେପର୍ଯ୍ୟନ୍ତ ତୁମକୁ ଏକ ମଧ୍ୟବର୍ତ୍ତୀ ପର୍ଯ୍ୟାୟର ମଧ୍ୟଦେଇ ଯିବାକୁ ପଡ଼ିବ, ଯେତେବେଳେ କି ତୁମର ଆନ୍ତରିକତା ଓ ନିଷ୍ଠାର ଏକ ପରୀକ୍ଷା ନିଆଯିବାରେ ଲାଗିଥିବ । ଯୌନ-ଆବେଗ ପରି ଆବେଗଗୁଡ଼ିକ ଯେ ଏତେବେଶୀ ଶକ୍ତିଶାଳୀ ବୋଲି ଅନୁଭୂତ ହୋଇଥାଏ, ତା'ର କାରଣ ହେଉଛି ଯେ ଲୋକେ ସାଧାରଣତଃ ବଡ଼ ଅତିରଞ୍ଜିତ ଭାବରେ ତାହା ଉପରେ ଅବଲୋକନ କରିଥାନ୍ତି । ଏହିସବୁ କ୍ଷେତ୍ରରେ ସେମାନେ ଅତ୍ୟନ୍ତ ପ୍ରକୋପର ସହିତ ଆପଣାର ପ୍ରତିରୋଧ ବ୍ୟକ୍ତ କରିଥାଆନ୍ତି ଏବଂ ବଳପ୍ରୟୋଗ ଦ୍ୱାରା ସେଗୁଡ଼ିକୁ ନିୟନ୍ତ୍ରଣରେ ରଖିବା ଲାଗି ଚେଷ୍ଟା କରିଥାନ୍ତି, ସେମାନେ ସେଗୁଡ଼ିକ ଆପଣା

'oaob.nitrkl.ac.in' images reprocessed

ଭିତରେ ଲୁଚି ରହିଥାନ୍ତି, ସେଗୁଡ଼ିକୁ ମାଡ଼ିମକଡ଼ି ଧରି ତାହାର ଉପରେ ବସିଥାନ୍ତି । ମାତ୍ର, କୌଣସି ବିଷୟରେ ତୁମେ ଯେତିକି ଅଧିକ ପରିମାଣରେ ଭାବିବ ଏବଂ "ମୁଁ ଏଇଟାକୁ ମୋଟେ ଚାହେଁ ନାହିଁ, ମୋଟେ ଚାହେଁ ନାହିଁ" ବୋଲି କହିବାରେ ଲାଗିଥିବ, ତୁମେ ସେଇଟି ସହିତ ସେତିକି ଅଧିକ ପରିମାଣରେ ବାନ୍ଧି ହୋଇ ରହିଥିବ । ତେଣୁ ତୁମକୁ କେବଳ ଏହି କଥାଟି କରିବାକୁ ହେବ ଯେ ତୁମେ ତାହାକୁ ଆପଣାଠାରୁ ଦୂରରେ ରଖିବ, ସେଇଠାରୁ ନିଜର ସମ୍ପର୍କକୁ ଛିନ୍ନ କରିଦେବ, ସେଗୁଡ଼ିକ ଉପରେ ଯଥାସମ୍ଭବ କମ୍ ଧ୍ୟାନ ଦେବ ଏବଂ ସେହି ବିଷୟରେ କୌଣସି ଚିନ୍ତା କରୁଥିଲେ ମଧ୍ୟ ତାହା ବିଷୟରେ ଉଦାସ ଏବଂ ଅସଂପୃକ୍ତ ହୋଇ ରହିଥିବ ।

ଯୋଗର ଫଳ ହେତୁ ଯେଉଁସବୁ ଆବେଗ ଓ ବାସନା ଉପରକୁ ଆସି ଦେଖାଦେବେ, ନୀରପେକ୍ଷ ଓ ପ୍ରଶାନ୍ତିର ଏକ ଭାବ ଦ୍ୱାରା ସେଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ; ଯତେଯେପରି ସେଗୁଡ଼ିକ ତୁମ ବାହାରେ ଆଉ କେଉଁଠି ରହିଛି କିଂବା ବାହ୍ୟ ଜଗତର ଏକ ବସ୍ତୁ ହୋଇ ରହିଛି, ଠିକ୍ ସେହିପରି ଭାବରେ ସେଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ । ସେଗୁଡ଼ିକୁ ନେଇ ପରମେଶ୍ୱରଙ୍କ ପାଖରେ ସମର୍ପଣ କରିଦେବାକୁ ହେବ, ଯେପରିକି ପରମେଶ୍ୱର ସେଗୁଡ଼ିକୁ ଗ୍ରହଣ କରିନେବେ ଓ ସେଗୁଡ଼ିକୁ ବଦଳାଇ ଦେଇ ପାରିବେ ।

ଯଦି ତୁମେ ଥରେ ପରମେଶ୍ୱରଙ୍କ ପାଖରେ ଆପଣାକୁ ଉନ୍ମୋଚିତ କରିଦେଇ ପାରିବ, ପରମେଶ୍ୱରଙ୍କ ଶକ୍ତି ଯଦି ଥରେ ଆସି ତୁମ ଭିତରେ ପ୍ରବେଶ କରିପାରିବ, ଏବଂ ଯଦି ତୁମେ ତଥାପି ସେହି ପୁରୁଣା ଶକ୍ତିଗୁଡ଼ିକୁ ଆଶ୍ରା କରି ରହିବାକୁ ଚେଷ୍ଟା କରୁଥିବ, ତେବେ ତୁମେ ତଦ୍ୱାରା ନିଜ ଲାଗିହିଁ ନାନା ପ୍ରମାଦ, ଅସୁବିଧା ଏବଂ ବିପଦକୁହିଁ ପ୍ରସ୍ତୁତ କରିବାରେ ଲାଗିଥିବ । ତେଣୁ ତୁମକୁ ଅତ୍ୟନ୍ତ ସତର୍କ ଭାବରେ ଏକଥା ଦେଖିବାକୁ ପଡ଼ିବ ଯେ ତୁମ ବାସନାଗୁଡ଼ିକୁ ଚରିତାର୍ଥ କରିବା ସକାଶେ ତୁମେ ପରମେଶ୍ୱରଙ୍କୁ କେବେହେଲେ ବି ଗୋଟାଏ ଆବରଣ ରୂପେ ବ୍ୟବହାର କରୁ ନାହଁ । ଆପେ ଆପଣାର ଗୁରୁ ହୋଇ ବାହାରିଥିବା ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି କେବଳ ତାହାହିଁ କରିବାରେ ଲାଗିଥାନ୍ତି । ଏବଂ ତା'ପରେ, ଯେତେବେଳେ ତୁମେ ସିଧା ବାଟଟିରୁ ବିଚ୍ୟୁତ ହୋଇଯାଅ, ଯେତେବେଳେ ତୁମର କିଛିଟା ଜ୍ଞାନ ହାସଲ ହୋଇଥିଲେ ମଧ୍ୟ ଶକ୍ତି ବୋଲି ଆଦୌ ଖୁବ୍ ବେଶୀ କିଛି ନ ଥାଏ, ସେତେବେଳେ ଏହିପରି ହୁଏ ଯେ ତୁମକୁ ଏପରି ଏକ ବିଶେଷ ପ୍ରକାରର ସତ୍ତା ଅଥବା ତତ୍ତ୍ୱଗୁଡ଼ିକ ଆସି କବଳିତ କରି ନିଅନ୍ତି, ଯାହା ଦ୍ୱାରା କି ତୁମେ ସେମାନଙ୍କ ହାତରେ ଗୋଟିଏ ଗୋଟିଏ ଅନ୍ଧ

'oaob.nitrkl.ac.in' images reprocessed

ସନ୍ତପର ହୋଇ ରହିବାକୁ ଲାଗ ଏବଂ ଅବଶେଷରେ ସେହିମାନଙ୍କର ଗ୍ରାସରେହିଁ ଯାଇ ପଡ଼ିଯାଅ । ଯେଉଁଠାରେ କୌଣସି ନା କୌଣସି ଛଳନା ଥାଏ, ସେଠାରେ ବିପଦ ବି ରହିଥାଏ; କାରଣ ପରମେଶ୍ୱରଙ୍କ ପାଖରେ ଠକାମିର ଆଚରଣ କରିବା କଦାପି ସମ୍ଭବ ନୁହେଁ । "ମୁଁ ଆପଣଙ୍କ ସହିତ ସଂଯୁକ୍ତ ହୋଇ ରହିବାକୁ ଚାହୁଁଛି" ବୋଲି ବାହାରେ କହି "ମୋର ଏହିସବୁ କ୍ଷମତା ଦରକାର ଓ ଏହିସବୁ ଉପଭୋଗ ବି ଦରକାର" ବୋଲି ଅନ୍ତରରେ ମତଲବ ରଖି ତୁମେ କେବେ ପରମେଶ୍ୱରଙ୍କ ପାଖକୁ ଯାଉଛ କି ? ତେବେ ତୁମକୁ ସାବଧାନ ରହିବାକୁ ପଡ଼ିବ ଯେ ତୁମେ ଏହା ଦ୍ୱାରା ଖମାଚିର ଦାଢ଼ଟି ଆଡ଼କୁହିଁ ଅଗ୍ରସର ହେବାରେ ଲାଗିଛ । ମାତ୍ର ତଥାପି ଏହି ଯାବତୀୟ ବିପର୍ଯ୍ୟୟକୁ ଏଡ଼ାଇଦେଇ ପାରିବା ପ୍ରକୃତରେ କେଡ଼େ ସହଜ ନୁହେଁ ! ଆପଣାକୁ ଗୋଟିଏ ଚ୍ଲେଟପିଲାଟି ପରି କରିରଖ, ଆପଣାକୁ ପରମା ଜନନୀଙ୍କ ପାଖରେ ନେଇ ସମର୍ପିତ କରିଦିଅ, — ସେଇ ତୁମକୁ ବହନ କରି ନେଇଯାଆନ୍ତୁ, ଏବଂ ତା'ପରେ ଆଉ ତୁମ ଲାଗି ଆଦୌ କୌଣସି ବିପଦ ରହିବ ନାହିଁ ।

ଏହାର ଅର୍ଥ ନୁହେଁ ଯେ ତୁମକୁ ଆଉ କୌଣସି ପ୍ରକାର ଅସୁବିଧାର ଆଦୌ ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ଅଥବା ତୁମକୁ ଆଉ କୌଣସି ପ୍ରକାରର ବି ବାଧା ସହିତ ଲଢ଼ିବାକୁ ପଡ଼ିବ ନାହିଁ ବା ସେଗୁଡ଼ିକ ଉପରେ ଜୟଲାଭ କରିବାକୁ ପଡ଼ିବ ନାହିଁ । ସମର୍ପଣର ଅର୍ଥ ଏହା ନୁହେଁ ଯେ ଏହାପରେ ତୁମେ ସମ୍ପୂର୍ଣ୍ଣ ବାଧାହୀନ ସମତଳ ଭାବରେ କେବଳ ଅଗ୍ରଗତିହିଁ କରିବାରେ ଲାଗିଥିବ । ତାହା'ର କାରଣ ହେଉଛି ଯେ ତୁମର ସତ୍ତା ଏପର୍ଯ୍ୟନ୍ତ ମଧ୍ୟ ଗୋଟିଏ ହୋଇ ଗଢ଼ି ହୋଇ ନାହିଁ, ତୁମର ସମର୍ପଣ ବି ଏକାନ୍ତ ଏବଂ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ତୁମ ସତ୍ତାର କେବଳ ଗୋଟିଏ ଅଂଶହିଁ ଆପଣାକୁ ସମର୍ପିତ କରି ରଖିଛି, ଏବଂ, ଆଜି ଗୋଟିଏ ଅଂଶ ସମର୍ପଣ କରୁଛ ତ କାଲି ଆଉ ଗୋଟିଏ ଅଂଶ ସମର୍ପଣ କରୁଛ । ଯୋଗସାଧନାର ସମଗ୍ର ଉଦ୍ଦେଶ୍ୟ ହେଉଛି ଯେ ଆମେ ଆମ ସତ୍ତାର ବିଭିନ୍ନ ସକଳ ଅଂଶକୁ ଏକତ୍ର ଠୁଳ କରି ଆଣିବା ଏବଂ ସେଗୁଡ଼ିକୁ ଏକ ଅବିଚ୍ଛିନ୍ନ ଏକତ୍ୱରୂପେ ନୂତନ କରି ଗଢ଼ିବା । ସେପର୍ଯ୍ୟନ୍ତ ତୁମେ କଦାପି ଅସୁବିଧାଗୁଡ଼ିକରୁ ମୁକ୍ତ ହୋଇଯିବ ବୋଲି ଆଶା କରି ପାରିବ ନାହିଁ; — ଉଦାହରଣସ୍ୱରୂପ, ସଂଶୟ, ନିରାଶା ଓ କୁଣ୍ଠା ପ୍ରଭୃତି ଅସୁବିଧାରୁ କଦାପି ମୁକ୍ତ ହୋଇ ପାରିବ ନାହିଁ । ଏହି ସମଗ୍ର ଜଗତହିଁ ବିପତ୍ତି ଦ୍ୱାରା ପୂର୍ଣ୍ଣ ହୋଇ ରହିଛି । ତୁମେ ଆପଣାର ପ୍ରତ୍ୟେକ ନିଃଶ୍ୱାସରେ ତାହାକୁ ଗ୍ରହଣ କରିବାରେ ଲାଗିଛ । ଯଦି କୌଣସି ଜଣେ ଅକାମୀ ବ୍ୟକ୍ତି ସହିତ ତୁମର କେତେ ପଦ କଥାବାର୍ତ୍ତା ହୋଇ ଯାଉଛି କିଂବା ଯଦି ଏହିପରି

'oaob.nitrkl.ac.in' images reprocessed

ଜଣେ ମଣିଷ ତୁମ ବାଟଦେଇ ତୁମକୁ ଅତିକ୍ରମ କରି ଚାଲିଯାଉଛି, ତେବେ ତା'ଠାରୁ ସଂକ୍ରମଣଟି ଆସି ତୁମଠାରେ ଲାଗିବାର ସବୁପ୍ରକାର ଆଶଙ୍କା ରହିଛି । ଯେଉଁଠାରେ ମହାମାରୀ ରୋଗ ଲାଗିଛି, ମହାମାରୀର ବିସ୍ତୃତି ଦ୍ୱାରା ସଂକ୍ରମିତ ହୋଇ ପଡ଼ିବା ଲାଗି ସେହି ସ୍ଥାନର ନିକଟକୁ ଆସିବାହିଁ ଯଥେଷ୍ଟ ହୋଇଯାଉଛି । ସେହି ସ୍ଥାନରେ ମହାମାରୀ ଲାଗିଛି କି ନାହିଁ, ତୁମ ପକ୍ଷରେ ସେହି କଥା ଜାଣିବା ମଧ୍ୟ ଦରକାର ହେଉ ନାହିଁ । ଯାହାକୁ ହାସଲ କରିବାକୁ ତୁମର ହୁଏତ ମାସମାସ ସମୟ ଯାଇଛି ତାହାକୁ ମାତ୍ର କେତୋଟା ମିନିଟରେ ବି ହରାଇ ବସିବାର ସମ୍ପୂର୍ଣ୍ଣ ଆଶଙ୍କା ରହିଛି । ଯେପର୍ଯ୍ୟନ୍ତ ତୁମେ ତା'ର ବର୍ତ୍ତମାନ ଅବସ୍ଥାରେ ଏହି ମନୁଷ୍ୟଜାତିର ଅଂଶ ହୋଇ ରହିଛ, ଏବଂ ଯେପର୍ଯ୍ୟନ୍ତ ତୁମେ ଏହି ସାଧାରଣ ଜୀବନଟିକୁ ଯାପନ କରିବାରେ ଲାଗିଛ, ସେ ପର୍ଯ୍ୟନ୍ତ, ତୁମେ ଯେ ଏହି ଜଗତର ଲୋକମାନଙ୍କ ସହିତ ମିଶାମିଶି କରୁଛ, ସେଥିରେ ଆଦୌ କିଛି ଯାଏ ନାହିଁ ବା ଆସେ ନାହିଁ, ମାତ୍ର, ଯଦି ତୁମେ ଦିବ୍ୟ ଜୀବନର ଉପଲବ୍ଧି ଇଚ୍ଛା କରୁଥିବ, ତେବେ ଆପଣାର ସଂସର୍ଗ ଏବଂ ଆପଣାର ପରିବେଷ୍ଟନୀ ସମ୍ବନ୍ଧରେ ତୁମକୁ ଅତ୍ୟନ୍ତ ପରିମାଣରେ ସାବଧାନ ରହିବାକୁ ପଡ଼ିବ ।

ଆମ ସତ୍ତା ମଧ୍ୟରେ ଆମେ କିପରି ଭାବରେ ଏକତ୍ୱ ଏବଂ ସମାଙ୍ଗତାର ପ୍ରତିଷ୍ଠା କରିପାରିବା ?

ସେଥିଲାଗି ନିଜର ଇଚ୍ଛାଶକ୍ତିକୁ ଦୃଢ଼ ରଖିବାକୁ ପଡ଼ିବ । ତୁମ ଭିତରେ ଥିବା ଅନିଚ୍ଛୁକ ଏବଂ ବିରୋଧୀ ଅଂଶଗୁଡ଼ିକୁ ଅବାଧ୍ୟ ପିଲାଙ୍କ ପରି ବ୍ୟବହାର କରିବାକୁ ପଡ଼ିବ । ଅତ୍ୟନ୍ତ ଧୈର୍ଯ୍ୟ ସହକାରେ ସେମାନଙ୍କ ଉପରେ ସତତ କ୍ରିୟା କରିବାକୁ ହେବ । ସେମାନଙ୍କର ଭୁଲ୍‌ଟି ବିଷୟରେ ସେମାନଙ୍କର ହୃଦ୍‌ବୋଧ କରାଇବାକୁ ପଡ଼ିବ ।

ତୁମ ଚେତନାର ଗଭୀର ତଳରେ ତୁମର ଚୈତ୍ୟସତ୍ତା ଅବସ୍ଥିତ ରହିଛି । ଯଦି ତୁମେ ତାହାକୁହିଁ ଆପଣା ଭିତରେ ପରମ ଦିବ୍ୟସତ୍ତାଙ୍କର ଆସ୍ଥାନ ବୋଲି ଜାଣିବ । ଏହି କେନ୍ଦ୍ରଟିର ଚାରିପାଖରେହିଁ ବିଭିନ୍ନ ଅଂଶର ଏକତ୍ରୀକରଣ ସଙ୍ଘଟିତ ହେବ, ତୁମ ସତ୍ତାର ଏହିସବୁ ପରସ୍ପର-ବିରୋଧୀ ଗତିସ୍ପନ୍ଦନର ମଧ୍ୟ ଏକତ୍ରୀକରଣ ଘଟିବ । ଆପଣା ଚୈତ୍ୟସତ୍ତାର ଚେତନା ଏବଂ ତା'ର ଅଭୀପ୍ସାକୁ ତୁମେ ଥରେ ହାସଲ କରି ପାରିଲେ ଯାଇ ଏହିସବୁ ଯାବତୀୟ ସନ୍ଦେହ ତଥା ଅସୁବିଧାର ବିନାଶ ଘଟିବ । ଏଥିଲାଗି ଅଳ୍ପବହୁତ ସମୟ ଆବଶ୍ୟକ ହେବ, ମାତ୍ର ସର୍ବଶେଷରେ ତୁମେ ଅବଶ୍ୟ ସଫଳତା ହାସଲ କରିପାରିବ । "ମୁଁ ତୁମର ହୋଇ ରହିବାକୁ ଇଚ୍ଛା କରୁଛି" ବୋଲି କହି ଯଦି ତୁମେ ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ଥରେ ଆପଣାକୁ

'oaob.nitrkl.ac.in' images reprocessed

ଉଦ୍ଦିଷ୍ଟ କରି ରଖିଥିବ ଏବଂ ପରମ ଦିବ୍ୟସତ୍ତା ମଧ୍ୟ ଯଦି ତୁମକୁ "ହଁ" ବୋଲି ଉତ୍ତର ଦେଇଥିବେ, ତେବେ ସମସ୍ତ ଜଗତ୍ ସୁଦ୍ଧା ଇଚ୍ଛା କଲେ ତୁମକୁ ତାହାଠାରୁ ଅଲଗା କରି କଦାପି ରଖି ପାରିବ ନାହିଁ । କେନ୍ଦ୍ରସ୍ଥ ସତ୍ତାଟି ଯେତେବେଳେ ଆପଣାକୁ ସମର୍ପଣ କରିଦେଇ ପାରିବ, ସେତେବେଳେ ତାହାର ଦ୍ୱାରାହିଁ ଅସଲ ଅସୁବିଧାଟି ନିରାକୃତ ହୋଇଯିବ । ବାହ୍ୟ ସତ୍ତା ତ ବାହାରର ଗୋଟାଏ ଖୋଳ ବା ଆବରଣ ପରି ହୋଇ ରହିଥାଏ । ସାଧାରଣ ମନୁଷ୍ୟମାନଙ୍କ ଭିତରେ ଏହି ଖୋଳଟା ଏଡ଼େ କଠିନ ଓ ବହଳ ହୋଇ ରହିଥାଏ ଯେ ସେମାନେ ଆପଣା ମଧ୍ୟରେ ରହିଥିବା ଦିବ୍ୟସତ୍ତାଟି ବିଷୟରେ ଆଦୌ ସଚେତନ ହୋଇପାରନ୍ତି ନାହିଁ । ଯଦି କେବଳ ଥରେମାତ୍ର, ଏପରିକି ଗୋଟିଏ ମୁହୂର୍ତ୍ତ ପକାଶେ ମଧ୍ୟ ଅନ୍ତର୍ଗତ ସତ୍ତାଟି "ମୁଁ ଏହିଠାରେ ରହିଛି ଏବଂ ତୁମର ହୋଇ ରହିଛି" ବୋଲି କହିପାରିଲା, ତେବେ ସେହି କ୍ଷେତ୍ରରେ ଯତେଅବା ଗୋଟିଏ ସେତୁର ପ୍ରତିଷ୍ଠା ହୋଇଯାଇଛି ବୋଲି ମନେହେବ ଏବଂ ବାହାରର ଆବରଣଟା ତା'ପରେ କ୍ରମଶଃ ଅଧିକରୁ ଅଧିକ ପତଳା ହେବାକୁ ଆରମ୍ଭ କରିବ; ପରିଶେଷରେ ଦୁଇଟିଯାକ ଅଂଶ ପରସ୍ପର ସହିତ ଏକାଠିଯୋଡ଼ିହୋଇ ଆସିବେ ଏବଂ ଭିତର ଓ ବାହାର ପ୍ରକୃତରେ ଗୋଟିଏ ହୋଇଯିବେ ।

ମହତ୍ତ୍ୱର ଆକାଂକ୍ଷାର ଶିକାର ହୋଇଯିବାହିଁ କେତେକେତେ ଯୋଗୀଙ୍କର କାଳ ହୋଇଛି । ସେହି ବିନାଶକାରୀ ରୋଗଟି ବେଶ୍ ଅନେକ ଦିନ ପର୍ଯ୍ୟନ୍ତ ଆତ୍ମଗୋପନ କରି ରହିପାରିବ । ଯୋଗମାର୍ଗରେ ଅଗ୍ରସର ହେବାକୁ ଆରମ୍ଭ କଲାବେଳେ ଅନେକ ଲୋକଙ୍କର ଏହି ବିଷୟରେ ଆଦୌ କୌଣସି ଧାରଣା ନ ଥାଏ । ମାତ୍ର ଯେତେବେଳେ ସେମାନେ ବିଭିନ୍ନ କ୍ଷମତା ଓ ସାମର୍ଥ୍ୟର ଅଧିକାରୀ ହୁଅନ୍ତି, ସେତେବେଳେ ସେମାନଙ୍କର ମହତ୍ତ୍ୱ-ଆକାଂକ୍ଷା ବି ଜାଗ୍ରତ୍ ହୋଇ ଆସେ, ବଢ଼ିବାକୁ ଆରମ୍ଭ କରେ ଏବଂ ପ୍ରଥମ ଅବସ୍ଥାରେ ଏଇଟିକୁ ବାହାରକୁ ଫୋପାଡ଼ି ଦିଆଯାଇ ପାରି ନ ଥିବାରୁ ହିଁ ଅତ୍ୟଧିକ ତୀବ୍ର ଭାବରେ ତାହା ବଢ଼ିବାକୁ ଲାଗେ ।

ଜଣେ ଯୋଗୀଙ୍କ ବିଷୟରେ ଗୋଟିଏ କାହାଣୀ ରହିଛି, ସିଏ କି ଅଦ୍ଭୁତ ନାନା ସାମର୍ଥ୍ୟ ହାସଲ କରିପାରିଥିଲେ । ଥରେ ତାଙ୍କର ଶିଷ୍ୟମାନେ ତାଙ୍କୁ ଏକ ବଡ଼ ଭୋଜିରେ ଯୋଗଦେବା ଲାଗି ନିମନ୍ତ୍ରଣ କଲେ । ଗୋଟିଏ ବୃହତ୍ ଅଳ୍ପ ଉଚ୍ଚ ଟେବୁଲ୍ ଉପରେ ଭୋଜନ ପରଷାଗଲା । ଆପଣାର ଆପଣାର ଅଦ୍ଭୁତ ଶକ୍ତିର କୌଣସି ନା କୌଣସି ପ୍ରଦର୍ଶନ କରିବାକୁ ଶିଷ୍ୟମାନେ ଗୁରୁଙ୍କୁ ଅନୁରୋଧ କରି କହିଲେ । ସେଗୁଡ଼ାକ ମୋଟେ କରିବା ଉଚିତ ନୁହେଁ ବୋଲି ସେ ଭଲକରି ଜାଣିଥିଲେ ସତ, ମାତ୍ର ମହତ୍ତ୍ୱ-ଆକାଂକ୍ଷାର ବୀଜଟି ତାଙ୍କ ଭିତରେ ନିଃସନ୍ଦେହ

'oaob.nitrkl.ac.in' images reprocessed

ସ୍ୱବରେ ଲୁଚ ରହିଥିଲା ଏବଂ ସେ ଭାବିବାକୁ ଲାଗିଲେ, "ଏପରି କରିବାରେ ପ୍ରକୃତରେ ଆଦୌ କୌଣସି ଦୋଷ ନାହିଁ ଓ ମୁଁ ସେଥିରୁ କିଛି ପ୍ରଦର୍ଶନ କଲେ ଏସବୁ କଥା ସମ୍ଭବ ବୋଲି ଏମାନଙ୍କ ଆଗରେ ପ୍ରମାଣିତ ହୋଇଯିବ ଏବଂ ସେମାନଙ୍କୁ ଈଶ୍ୱରଙ୍କ ମହିମା ବିଷୟରେ ନିଶ୍ଚୟ କିଛି ନା କିଛି ଶିକ୍ଷା ଦେବ।" ତେଣୁ ସେ ଶିଷ୍ୟମାନଙ୍କୁ କହିଲେ, "ତୁମେସବୁ ଟେବୁଲ୍‌ଟିକୁ ଏଠାରୁ ଉଠାଇନିଅ; ମାତ୍ର ହଁ, କେବଳ ଟେବୁଲ୍‌ଟିକୁହିଁ ଉଠାଇନେବାକୁ ପଡ଼ିବ। ଟେବୁଲ୍ ଉପରେ ପଡ଼ିଥିବା ଚାଦରଟି ଯେଉଁଠାରେ ଅଛି ସେଇଠି ରହିଥାଉ ଏବଂ ଖାଇବାପାତ୍ରଗୁଡ଼ିକ ତାହା ଉପରେ ଠିକ୍ ସେହିପରି ଥୁଆ ହୋଇଥାଉ।" ଏକଥା ଶୁଣି ଶିଷ୍ୟମାନେ ପାଟି କରିଉଠିଲେ, "ଆଜ୍ଞା, ସେକଥା କିପରି ହୋଇପାରିବ ? ତା'ହେଲେ ଖାଇବା-ପାତ୍ରଗୁଡ଼ିକ ତ ତଳେ ପଡ଼ିଯିବ !" ମାତ୍ର ଗୁରୁ ତାହାହିଁ କରିବା ଲାଗି ପୁନର୍ବାର କହିଲେ ଏବଂ ଚାଦରତଳୁ ଟେବୁଲ୍‌ଟିକୁ କାଢ଼ି ନେଇଗଲେ। ଏବଂ, ତା'ପରେ ଯେଉଁ ଅଲୌକିକ ଘଟଣାଟି ଘଟିବାର ଥିଲା, ତାହା ବର୍ତ୍ତମାନ ଘଟିଲା। ଚାଦର ଉପରେ ଯାହାକିଛି ଥୁଆହୋଇଥିଲା, ଚାଦରଟି ସହିତ ସେସବୁ ତଳେ ନ ପଡ଼ି ସେହିପରି ରହିଲା; ଟେବୁଲ୍‌ଟି ରହିଥିବାବେଳେ ଯେପରି ଥିଲା, ସେହିପରି ରହିଲା। ଶିଷ୍ୟମାନେ ବିସ୍ମିତ ହେଲେ। ମାତ୍ର ତା'ପରେ ଗୁରୁ ହଠାତ୍ ଯେଉଁଠି ବସିଥିଲେ, ସେଠୁ ଡେଇଁପଡ଼ିଲେ ଏବଂ ବାହାରକୁ ଧାଇଁଯାଇ ଚିତ୍କାର କରି କହିଲେ, "ମୁଁ ଆଉ ଜୀବନରେ କେବେହେଲେ କୌଣସି ଶିଷ୍ୟ କରିବ ନାହିଁ, କେବେହେଲେ କରିବ ନାହିଁ। ମୋତେ ପ୍ରକୃତରେ ଧିକ୍! ମୁଁ ଶେଷକୁ ମୋ ଠାକୁରଙ୍କୁ ମଧ୍ୟ ଧୋକା ଦେଲି !" ତାଙ୍କର ହୃଦୟରେ ସତେଅବା ନିଆଁ ଜଳୁଥାଏ, ଆପଣାର ଉଦ୍ଦେଶ୍ୟ ସିଦ୍ଧି ସକାଶେ ସେ ଈଶ୍ୱରୀୟ ଶକ୍ତିଗୁଡ଼ିକୁ ବ୍ୟବହାର କରିଥିଲେ।

ଏହି ସାମର୍ଥ୍ୟଗୁଡ଼ିକର ପ୍ରଦର୍ଶନ କରିବା ସର୍ବଦାହିଁ ଏକ ଭୁଲ୍ କଥା। ଏହା ଦ୍ୱାରା ଏକଥା ଅବଶ୍ୟ ବୁଝାଯାଉ ନାହିଁ ଯେ ଏସବୁର ଆଦୌ କୌଣସି ଆବଶ୍ୟକତା ନାହିଁ। ମାତ୍ର, ସେଗୁଡ଼ିକ ଯେଉଁପରି ଆସିଥାନ୍ତି, ସେଗୁଡ଼ିକୁ ଠିକ୍ ସେହିପରି ବ୍ୟବହାର କରିବାକୁ ହେବ। ପରମ ଦିବ୍ୟସତ୍ତାଙ୍କ ସହିତ ଏକାତ୍ମତା ଘଟିଲେ ସେସବୁ ସମ୍ଭବ ହୁଅନ୍ତି। ତେଣୁ, ସେହି ଦିବ୍ୟସତ୍ତାଙ୍କର ଇଚ୍ଛାଟି ଅନୁସାରେହିଁ ସେଗୁଡ଼ିକର ବ୍ୟବହାର ହେବ, ଏବଂ ପ୍ରଦର୍ଶନର ଉଦ୍ଦେଶ୍ୟରେ ଆଦୌ ବ୍ୟବହାର ହେବ ନାହିଁ। ଯଦି ତୁମେ କେବେ ଗୋଟିଏ ଅନ୍ଧ ମନୁଷ୍ୟକୁ ଦେଖିବ ଏବଂ ତା'ର ଦୃଷ୍ଟିଶକ୍ତି ଫେରାଇ ଆଣିବାଲାଗି ତୁମର ଶକ୍ତି ରହିଥିବ,—ଲୋକଟି ଦୃଷ୍ଟିଶକ୍ତି ଫେରିପାଉ ବୋଲି ପରମେଶ୍ୱରଙ୍କର ଇଚ୍ଛାଥିବ, ତେବେ ତୁମକୁ କେବଳ "ତା'ର ଆଖି ଫିଟିଯାଉ" ବୋଲି କହିବାକୁ ପଡ଼ିବ ଏବଂ ତା'ପରେ ସେହି

'oaob.nitrkl.ac.in' images reprocessed

ଲୋକଟିର ଆଖି ପ୍ରକୃତରେ ଫିଟିଯିବ । ମାତ୍ର, ତୁମେ ତାକୁ ଆରୋଗ୍ୟ କରିବା ଲାଗି ଇଚ୍ଛା କରୁଛ, ଯଦି ଖାସ୍ ଏଇଥିପାଇଁ ତୁମେ ତା'ର ଦୃଷ୍ଟିଶକ୍ତି ଫେରାଇ ଆଣିବାକୁ ଇଚ୍ଛା କରିବ, ତେବେ ସେହି କ୍ଷେତ୍ରରେ କହିବାକୁ ହେବ ଯେ ଆପଣାର ବ୍ୟକ୍ତିଗତ ମହତ୍ତ୍ୱ-ଆକାଙ୍କ୍ଷାଟିକୁ ତୃପ୍ତ କରିବା ଲାଗିହିଁ ତୁମେ ଆପଣାର ଶକ୍ତିକୁ କାମରେ ଲଗାଉଛ । ଏହିସବୁ କ୍ଷେତ୍ରରେ, ତୁମେ ଅଧିକାଂଶ ସମୟରେ କେବଳ ନିଜର ସେହି ଶକ୍ତିଟିକୁ ଯେ ହରାଇ ବସ ତା'ନୁହେଁ, ସେହି ମନୁଷ୍ୟଟି ଭିତରେ ମଧ୍ୟ ତୁମେ ଘୋର ଗଣ୍ଡଗୋଳ ସୃଷ୍ଟି କରିଦିଅ । ମାତ୍ର, ବାହାରକୁ ଦେଖିବାକୁ ଦୁଇଟିଯାକ ମାର୍ଗ ଠିକ୍ ଏକାଭଳି ମନେ ହୁଏ; କିନ୍ତୁ, ଗୋଟିଏ କ୍ଷେତ୍ରରେ ତୁମେ ପରମ ଦିବ୍ୟ ଇଚ୍ଛାଟି ଦ୍ୱାରାହିଁ ଆଦିଷ୍ଟ ହୋଇ କାର୍ଯ୍ୟ କର ଏବଂ ଅନ୍ୟଟିରେ ବ୍ୟକ୍ତିଗତ କୌଣସି ଅଭିପ୍ରାୟକୁ ଚରିତାର୍ଥ କରିବା ପାଇଁ କାର୍ଯ୍ୟ କର ।

ତୁମେମାନେ ପଚାରିବ, ଭଗବତ୍ ପରମଇଚ୍ଛାହିଁ ଆମକୁ ଏହି କାର୍ଯ୍ୟରେ ପ୍ରେରିତ କରୁଛି ବୋଲି ଆମେ ପ୍ରକୃତରେ କିପରି ଜାଣିବା ? ଭଗବତ୍ ପରମ ଇଚ୍ଛାକୁ ଠାବରାଇ ପାରିବା ଆଦୌ କଷ୍ଟକର ହେବ ନାହିଁ । ତାହାକୁ ଚିହ୍ନିବାରେ ଆଦୌ କୌଣସି ଭୁଲ୍ ହେବ ନାହିଁ । ମାର୍ଗଟିରେ ଅନେକ ଆଗକୁ ଯାଇପାରିବା ପୂର୍ବରୁ ମଧ୍ୟ ତୁମେ ତାହାକୁ ଜାଣିପାରିବ । କେବଳ ଏତିକି ଆବଶ୍ୟକ ଯେ ତୁମେ ତାହାର କଥା ଶୁଣି ପାରୁଥିବ, ହୃଦୟ ଭିତରେ ରହିଥିବା ସେହି ସାନ କଥାଟିକୁ ଶୁଣିବାକୁ ସମର୍ଥ ହେଉଥିବ । ତାହାକୁ ଶୁଣିପାରିବା ଲାଗି ଅଭ୍ୟସ୍ତ ହୋଇଗଲେ ତା'ପରେ ଯଦି ତୁମେ ସେହି ଦିବ୍ୟ ପରମଇଚ୍ଛାର ବିରୋଧୀ କିଛିହେଲେ କରିବାକୁ ଯାଉଥିବ, ତେବେ ତୁମେ ଆପଣା ଭିତରେ ଏକ ଅସ୍ୱସ୍ତି ଅନୁଭବ କରିବ । ଅବଶ୍ୟ ଏକଥା ସତ ଯେ ଯଦି ତୁମର ଏହି ଅସ୍ୱସ୍ତତା ଲାଗି ତୁମେ ବାହ୍ୟ କୌଣସି କାରଣ ଦର୍ଶାଇ ତାହାର ବ୍ୟାଖ୍ୟା କରିଦେବ ଏବଂ ଆପଣାର ବାଟରେ ଆଗକୁ ବାହାରିଯିବ, ତେବେ ତୁମେ ଆପଣାର ବୋଧସାମର୍ଥ୍ୟଟିକୁ କ୍ରମଶଃ ହରାଇବାରେ ଲାଗିବ ଏବଂ ପରିଶେଷରେ ହୁଏତ ଯାବତୀୟ ପ୍ରକାରର ଭୁଲ କାର୍ଯ୍ୟ କରିବାକୁ ଲାଗିବ ଓ ତଥାପି ଆଦୌ କୌଣସି ଅସ୍ୱସ୍ତି ଅନୁଭବ କରିବ ନାହିଁ । ମାତ୍ର ଯଦି, ଭିତରେ କେବେ ଏତେଟିକିଏ ବିଶୃଙ୍ଖଳା ଅନୁଭବ କରିବା ମାତ୍ରକେ ତୁମେ ସେହିଠାରେହିଁ ଅଟକି ଯିବ ଏବଂ ନିଜକୁ "ଏହାର କାରଣ କ'ଣ ?" ବୋଲି ପଚାରିବ, ତେବେ ତୁମକୁ ଯଥାର୍ଥ ଉତ୍ତରଟି ଅବଶ୍ୟ ମିଳିଯିବ ଏବଂ ସମୁଦାୟ ବିଷୟଟି ଖୁବ ସ୍ପଷ୍ଟ ହୋଇଯିବ । ଭିତରେ କୌଣସି ପ୍ରକାର କ୍ଷୁଦ୍ର ନିରାଶାଟିଏ ଅଥବା କୌଣସି ଅସ୍ୱସ୍ତି ଅନୁଭବ କଲାବେଳେ ତୁମେ ତେଣୁ ସେଥିଲାଗି କୌଣସି ବାହ୍ୟ କାରଣ ବ୍ୟାଖ୍ୟା ଦେବାକୁ କୌଣସି ଚେଷ୍ଟା କରିବ ନାହିଁ । ସେହି କ୍ଷେତ୍ରରେ ଅଟକିଯାଇ

'oaob.nitrkl.ac.in' images reprocessed

ଅସଲ କାରଣଟିକୁ ଜାଣିବାକୁ ଚେଷ୍ଟା କରୁଥିବାବେଳେ ତୁମକୁ ଏକାନ୍ତ ଭାବରେ ସରଳ ଏବଂ ନିଷ୍କପଟ ହେବାକୁ ପଡ଼ିବ । ପ୍ରଥମେ ତୁମର ମନ ହୁଏତ ଅତ୍ୟନ୍ତ ସମ୍ଭାବ୍ୟ ଏବଂ ସୁନ୍ଦର ବ୍ୟାଖ୍ୟାଟିଏ ରଚନା କରି ଯୋଗାଇଦେବ । ତୁମେ ଏଇଟିକୁ ମୋଟେ ଗ୍ରହଣ କରିବ ନାହିଁ, ମାତ୍ର ଆହୁରି ଅଧିକ ଆଗକୁ ଦୃଷ୍ଟିପାତ କରିବାକୁ ଚେଷ୍ଟା କରିବ ଏବଂ "ଏହି ଗତିସ୍ପନ୍ଦନଟି ପଛରେ ପ୍ରକୃତରେ କ'ଣ ଅଛି ? ମୁଁ ଏହି କାର୍ଯ୍ୟଟିକୁ କାହିଁକି କରିବାକୁ ଯାଉଛି ?" ବୋଲି ଆପଣାକୁ ପଚାରିବ । ଏବଂ ତୁମେ ପରିଶେଷରେ ସେହି କ୍ଷୁଦ୍ର ତରଙ୍ଗଟିକୁ ଆବିଷ୍କାର କରିବ, ସେହି ତରଙ୍ଗଟି କୋଉଠି ଗୋଟାଏ କୋଣରେ ଯାଇ ଲୁଚି ରହିଥିବ,—ତୁମର ଦୃଷ୍ଟିକୋଣଟି ମଧ୍ୟରେ କେଉଁଠି କ'ଣ ଗୋଟିଏ ଭୁଲ୍ ମୋଡ଼ ବା ବକ୍ର ରହି ଯାଇଥିବ, ଯାହାକି ଏହି ଅସୁବିଧା ବା ବ୍ୟାଘାତଟିର କାରଣ ହୋଇ ରହିଥିବ ।

ଆମେ ମନୁଷ୍ୟଜାତିର ସେବା କରିବା,—ଏହିପରି ଏକ ଧାରଣା ଆମ ଭିତରେ ଅତ୍ୟନ୍ତ ସାଧାରଣ ଭାବରେ ଏକ ମହତ୍ତ୍ୱ-ଆକାଙ୍କ୍ଷା ହୋଇ ରହିଥାଏ । ଏହିଭଳି ସେବା ଅଥବା କାର୍ଯ୍ୟଗୁଡ଼ିକ ପ୍ରତି ଯାହାକିଛି ଆସକ୍ତି ରହିଥାଏ ତାହା ଏକ ବ୍ୟକ୍ତିଗତ ମହତ୍ତ୍ୱ-ଆକାଙ୍କ୍ଷାର ସଙ୍କେତ ହୋଇ ରହିଥାଏ । ଯେଉଁ ଗୁରୁ ବିଶ୍ୱାସ କରୁଥାଏ ଯେ ସମସ୍ତ ମନୁଷ୍ୟଜାତି ଲାଗି ତାହାର ଗୋଟିଏ ମହାନ୍ ସତ୍ୟର ଶିକ୍ଷା ଦେବାକୁ ରହିଛି, ଯିଏ ବହୁସଂଖ୍ୟକ ଶିଷ୍ୟ କରିବାର କାମନା ରଖିଥାଏ ଏବଂ ଶିଷ୍ୟମାନେ ତାକୁ ଛାଡ଼ି ଚାଲିଗଲେ ଯିଏ ସର୍ବଦା ଭାରି ଅସ୍ୱସ୍ତି ଅନୁଭବ କରୁଥାଏ, କିଂବା, ତା'ପାଖକୁ ଯିଏ ଆସିଲା, ଯେଉଁ ଗୁରୁ ତାହାର ସୁଯୋଗ ନେଇ ତାକୁ ଆପଣାର ଏକ ଶିଷ୍ୟ କରିନେବା ଲାଗି ଚେଷ୍ଟା କରୁଥାଏ, ସେହି ଗୁରୁ କଦାପି ଆଉ କାହାର ଅନ୍ୱେଷଣ କରୁ ନଥାଏ, ସିଏ କେବଳ ଆପଣାର ମହତ୍ତ୍ୱ-ଆକାଙ୍କ୍ଷାଟିରହିଁ ଅନ୍ୱେଷଣ କରୁଥାଏ । ଦିବ୍ୟ ଶୃଙ୍ଖଳାର ଅନୁଗାମୀ ହେବା ଲାଗି ଯଦି ତୁମେ ପ୍ରକୃତରେ ପ୍ରସ୍ତୁତ ହୋଇଥିବ; ତେବେ ତୁମକୁ ଯେକୌଣସି କାର୍ଯ୍ୟ ଦିଆଯିବ, ତୁମେ ସେହି କାର୍ଯ୍ୟଟିକୁ କରିବା ଲାଗି ନିଶ୍ଚୟ ସମର୍ଥ ହେବ, ଏପରିକି ଏକ ଅତିବିଶାଳ ଓ ଅତି କଠିନ କାର୍ଯ୍ୟକୁ କରିବା ଲାଗି ମଧ୍ୟ ତୁମେ ଅବଶ୍ୟ ପ୍ରସ୍ତୁତ ହେବ; ଏବଂ ଆବଶ୍ୟକ ପଡ଼ିଲେ ତା' ପରଦିନ ହୁଏତ ତୁମେ ଯେତିକି ଶାନ୍ତ ଭାବରେ କାର୍ଯ୍ୟଟିକୁ ହାତକୁ ନେଇଥିଲ, ଠିକ୍ ସେତିକି ଶାନ୍ତ ଭାବରେ ସେହି କାର୍ଯ୍ୟଟିକୁ ଛାଡ଼ିଦେଇ ବି ଆସି ପାରିବ ଏବଂ ସେଇଟାକୁ ସମ୍ପନ୍ନ କରିବାର ଦାୟିତ୍ୱ କେବଳ ତୁମର ବୋଲି ତୁମେ କଦାପି ଅନୁଭବ କରିବ ନାହିଁ । ତେଣୁ, ଏସବୁଥିରେ ଆଦୌ କୌଣସି ଆସକ୍ତି ରହିବା ଉଚିତ ନୁହେଁ—କୌଣସି ବିଷୟ ଅଥବା ଜୀବନର କୌଣସି ନିର୍ଦ୍ଦିଷ୍ଟ ଉପସ୍ଥିତ ଧାରା ପ୍ରତି କୌଣସି ଆସକ୍ତି

'oaob.nitrkl.ac.in' images reprocessed

ରହିବା ଆଦୌ ଉଚିତ ନୁହେଁ । ତୁମେ ସମ୍ପୂର୍ଣ୍ଣ ଭାବରେ ବନ୍ଧନହୀନ ହୋଇ ପାରିବା ଉଚିତ । ଯଥାର୍ଥ ଯୋଗୋଚିତ ଦୃଷ୍ଟିକୋଣଟି ତୁମର ରହୁ ବୋଲି ଯଦି ତୁମେ ଇଚ୍ଛା କରୁଥାଅ, ତେବେ, ପରମ ଦିବ୍ୟସତ୍ତ୍ୱଙ୍କଠାରୁ ଯାହାକିଛି ଆଦିଷ୍ଟ ହୋଇ ଆସୁଥିବ, ତାହାକୁ ଗ୍ରହଣ ଓ ସ୍ୱୀକାର କରିନେବା ଲାଗି ତୁମର ସମର୍ଥତା ରହିଥିବା ଉଚିତ, ସେହି କଥାଟି ତୁମଠାରୁ ଚାଲିଗଲାବେଳେ ମଧ୍ୟ ତୁମେ ଆଦୌ କୌଣସି ଶୋଚନା ନ କରି ସେଇଟିକୁ ଛାଡ଼ିଦେଇ ପାରୁଥିବା ଉଚିତ । ଯେଉଁ ବୈରାଗୀ "ମୋ'ର କିଛି ଦରକାର ନାହିଁ" ବୋଲି କହେ ଏବଂ ଯେଉଁ ସଂସାରୀ "ମୋର ଖାସ୍ ଏହି ଜିନିଷଟି ଦରକାର" ବୋଲି କହୁଥାଏ, ସେହି ଦୁଇଜଣଙ୍କର ମନୋଦୃଷ୍ଟିକୁ ଆମେ ପ୍ରକୃତରେ ଏକାଭଳି ବୋଲି କହିବା । ଜଣେ ତା'ର ଲାଭ କରିବାର ଆକାଙ୍‌କ୍ଷାଟିକୁ ନେଇ ଯେତିକି ଆସକ୍ତ ହୋଇ ରହିଛି, ଆଉଜଣେ ହୁଏତ ତାକୁ ବର୍ଜନ କରିବାର ଆକାଙ୍‌କ୍ଷାଟିକୁ ନେଇ ମଧ୍ୟ ଠିକ୍ ସେତିକି ଆସକ୍ତ ହୋଇ ରହିଛି ।

ତୁମକୁ ସବୁକିଛି ସ୍ୱୀକାର କରିବାକୁ ପଡ଼ିବ; ଏବଂ, ଯାହାକିଛି ସେହି ପରମ ଦିବ୍ୟସତ୍ତ୍ୱଙ୍କ ପାଖରୁ ଆସୁଛି, ତୁମକୁ କେବଳ ସେହିଗୁଡ଼ିକୁହିଁ ସ୍ୱୀକାର କରିନେବାକୁ ପଡ଼ିବ । କାରଣ ନାନା ପ୍ରଚ୍ଛନ୍ନ ବାସନାରୁ ଯେ ବସ୍ତୁଗୁଡ଼ିକ ବି ଆସୁଥିବ, ତାହାର ସମ୍ଭାବନା ନିଶ୍ଚୟ ସବୁବେଳେ ରହିଛି । ସେହି ବାସନାମାନ ଅବଚେତନ ମଧ୍ୟରେ ରହି କାର୍ଯ୍ୟ କରୁଥାନ୍ତି ଏବଂ ତୁମ ପାଖରେ ଏପରି ନାନା ବସ୍ତୁକୁ ଆଣି ହାଜର କରାଇ ଦିଅନ୍ତି, ଯେଉଁଗୁଡ଼ିକୁ କି ତୁମେ ହୁଏତ ସେଗୁଡ଼ିକର ଯଥାର୍ଥ ସ୍ୱରୂପରେ ଚିହ୍ନିବା ଲାଗି ଆଦୌ ସମର୍ଥ ହୁଅ ନାହିଁ, ମାତ୍ର ଯେଉଁଗୁଡ଼ିକ କେବଳ ଅନ୍ୟ ନାନା ବେଶ ଧାରଣ କରିଥିବା ବାସନାଗୁଡ଼ିକରୁହିଁ ଉଦ୍‌ଭୂତ ହୋଇ ଆସିଥାନ୍ତି, ପରମ ଦିବ୍ୟସତ୍ତ୍ୱଙ୍କଠାରୁ କଦାପି ଆସି ନ ଥାନ୍ତି ।

କୌଣସି ବସ୍ତୁ ପରମଦିବ୍ୟସତ୍ତ୍ୱରୁହିଁ ଆସୁଛି କି ନାହିଁ, ସେକଥା ତୁମେ ପ୍ରକୃତରେ ଖୁବ୍ ସହଜରେ ଜାଣିପାରିବ । ଯେତେବେଳେ ତୁମେ ଖୁବ୍ ମୁକ୍ତ ଅନୁଭବ କରୁଥିବ, ଖୁବ୍ ସହଜ ଅନୁଭବ କରୁଥିବ, ଭିତରେ ଏକ ପ୍ରଶାନ୍ତ ବିରାଜମାନ ରହିଥିବ । ମାତ୍ର, ଯେତେବେଳେ କୌଣସି ବସ୍ତୁ ତୁମ ପାଖରେ ଆସି ପହଞ୍ଚିବା ମାତ୍ରକେ ତୁମେ ଝପ୍ କରି ଝାମ୍ପିପଡ଼ିବ ଏବଂ, "ଓହୋ, ମୋତେ ଏତେଦିନକେ ଯାଇଁ ଏହି ବସ୍ତୁଟି ମିଳିଲା" ବୋଲି ଏହିଭଳି ଭାଷାରେ ଚିତ୍କାର କରିବାକୁ ଆରମ୍ଭ କରିବ, ସେତେବେଳେ ତୁମର ସୁନିଶ୍ଚିତ ଭାବରେ ଜାଣିରଖିବା ଉଚିତ ଯେ ତାହା କଦାପି ପରମ ଦିବ୍ୟସତ୍ତ୍ୱଙ୍କ ପାଖରୁ ଆସି ନାହିଁ । ପରମ

'oaob.nitrkl.ac.in' images reprocessed

ଦିବ୍ୟସତ୍ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେଲେ ଓ ତାଙ୍କ ସହିତ ଯୁକ୍ତ ହେବାକୁ ହେଲେ ସମତା ହେଉଛି ଅତ୍ୟାବଶ୍ୟକ ସର୍ତ୍ତ ।

ତୁମେ ଯେଉଁ ବସ୍ତୁଟି ଲାଗି ବାସନା ରଖିଛ, ପରମ ଦିବ୍ୟସତ୍ତା କେବେକେବେ ତୁମକୁ ସେହି ବସ୍ତୁଟିକୁ ଦେଇ ଯାଆନ୍ତି ନାହିଁ କି ?

ହଁ, ଅବଶ୍ୟ ଦେଇଯାଆନ୍ତି । ଜଣେ ଯୁବକ ଥରେ ଯୋଗସାଧନା କରିବା ପାଇଁ ଇଚ୍ଛା କଲେ । ମାତ୍ର ତାଙ୍କର ବାପା ଏପରି ଜଣେ ଅତ୍ୟନ୍ତ ନୀଚ ଏବଂ ନିଷ୍ଠୁର ପ୍ରକୃତିର ଲୋକଥିଲେ ଯେ ସିଏ ତାଙ୍କୁ ଖୁବ୍ ହଇରାଣ କରିବାକୁ ଲାଗିଲେ ଏବଂ ତାକୁ ଯୋଗମାର୍ଗରୁ ନିବୃତ୍ତ କରି ରଖିବା ଲାଗି ଖୁବ୍ ଚେଷ୍ଟା କଲେ । ଯୁବକଜଣକ ବାପାଙ୍କର ଏହି ହସ୍ତକ୍ଷେପରୁ ମୁକ୍ତ ହେବା ଲାଗି ଅତ୍ୟନ୍ତ ବ୍ୟାକୁଳ ଭାବରେ ଇଚ୍ଛା କରୁଥିଲେ । ତା'ର ଅଳ୍ପଦିନ ପରେ ବାପା ବେମାର ପଡ଼ିଲେ, ଅତି ସାଂଘାତିକ ଭାବରେ ଅସୁସ୍ଥ ହୋଇପଡ଼ିଲେ, ପ୍ରାୟ ମର ମର ଅବସ୍ଥାରେ ଆସି ପହଞ୍ଚିଲେ । ଏସବୁ ଘଟନା ଦେଖି ଯୁବକଟିର ପ୍ରକୃତି ମଧ୍ୟରେ ରହିଥିବା ଅନ୍ୟ ପାଖଟି ହଠାତ୍ ଜାଗ୍ରତ ହୋଇଉଠିଲା ଏବଂ ଏହି ଦୁର୍ଭାଗ୍ୟଟିର ସମ୍ମୁଖୀନ ହୋଇ ସେ "ବାପା ଶେଷକୁ ଆସି ଏପରି ଅବସ୍ଥାରେ ପଡ଼ିଲେ । ଏହା ପ୍ରକୃତରେ କେଡ଼େ ମନ୍ଦ ଭାଗ୍ୟର କଥା । ବର୍ତ୍ତମାନ ମୁଁ ପୁଣି କ'ଣ କରିବି" ବୋଲି ରୋଦନ କରିବାକୁ ଆରମ୍ଭ କଲା । ବାପା କ୍ରମେ ସୁସ୍ଥ ହୋଇ ଆସିଲେ । ଯୁବକର ମନ ଏଥିରେ ହୃଷ୍ଟ ହୋଇ ଉଠିଲା ଏବଂ ସେ ପୁନର୍ବାର ତା'ର ଯୋଗାଭ୍ୟାସ ଆରମ୍ଭ କରିଦେଲା । ବାପା ମଧ୍ୟ ତା'ର ସେହି କାର୍ଯ୍ୟଟିର ପୁଣି ବିରୋଧ କରିବାକୁ ଲାଗିଲେ ଏବଂ ପୂର୍ବାପେକ୍ଷା ଚାରିଗୁଣ ପ୍ରଚଣ୍ଡତା ସହିତ ତାକୁ ହରକତ କରିବାକୁ ଆରମ୍ଭ କଲେ । ଅତ୍ୟନ୍ତ ନିରାଶ ଏବଂ କ୍ରୁଦ୍ଧ ହୋଇ ପୁଅ ଖୁବ୍ ଆକୁଳ ହୋଇ "ବାପା ବର୍ତ୍ତମାନ ଆହୁରି ଅଧିକ ପ୍ରଚଣ୍ଡ ହୋଇ ମୋ' ପଥରେ ବାଧା ସୃଷ୍ଟି କରୁଛନ୍ତି" ବୋଲି କାନ୍ଦିବାକୁ ଲାଗିଲା । ତେଣୁ, ଅସଲ ଓ ସମୁଦାୟ କଥାଟି ହେଉଛି ଯେ ଆମର ପ୍ରକୃତରେ କ'ଣ ଦରକାର, ସେହି କଥାଟିକୁ ଆମର ସ୍ପଷ୍ଟ ଭାବରେ ଜାଣିଥିବା ଦରକାର ।

ପରମ ଦିବ୍ୟସତ୍ତା ଆପଣା ସହିତ ସର୍ବଦା ପରିପୂର୍ଣ୍ଣ ଶାନ୍ତିକୁ ନେଇ ଆସନ୍ତି, ପରିପୂର୍ଣ୍ଣ ନିଶ୍ଚଳତା ନେଇ ଆସନ୍ତି । ଅବଶ୍ୟ ଏପରି ଗୋଟିଏ ଶ୍ରେଣୀର ଭକ୍ତମାନେ ଅଛନ୍ତି, ଯେଉଁମାନେ କି ଏହି କ୍ଷେତ୍ରରେ ସାଧାରଣତଃ ଏକାବେଳେକେ ଅନ୍ୟଭଳି ଆଚରଣ କରିଥାନ୍ତି । ଭକ୍ତିର ଉନ୍ମାଦନାରେ ଉନ୍ମତ୍ତ ଓ ଉଲ୍ଲସିତ ହୋଇ ସେମାନେ

'oaob.nitrkl.ac.in' images reprocessed

ଡେଇଁବାକୁ ଆରମ୍ଭ କରନ୍ତି, କେତେ ବଡ଼ ପାଟିରେ ଚିତ୍କାର କରୁଥାନ୍ତି, କେତେ ହସନ୍ତି ଓ ଏତେ ବଡ଼ ପାଟି କରି ଗୀତ ଗାଆନ୍ତି । ଭକ୍ତିରେ ବିହ୍ୱଳ ହୋଇ ସେମାନେ ଏସବୁ କରନ୍ତି ବୋଲି କହିଥାନ୍ତି । ମାତ୍ର ପ୍ରକୃତ କଥା ହେଉଛି ଯେ ଏଭଳି ବ୍ୟକ୍ତିମାନେ ପରମ ଦିବ୍ୟସତ୍ତାଙ୍କ ମଧ୍ୟରେ ମୋଟେ ବାସ କରୁ ନ ଥାନ୍ତି । ସେମାନେ ମୁଖ୍ୟତଃ ଏକ ପ୍ରାଣିକତା ଦ୍ୱାରା ପ୍ରେରିତ ପୃଥିବୀରେ ବାସ କରୁଥାନ୍ତି ।

ତୁମେ କହୁଛ ଯେ ଏପରିକି ରାମକୃଷ୍ଣ ମଧ୍ୟ ବେଳେବେଳେ ଭାବମସ୍ତ ବିହ୍ୱଳତାର ଏହିଭଳି ପର୍ଯ୍ୟାୟଗୁଡ଼ିକ ପ୍ରଦର୍ଶନ କରୁଥିଲେ । ସେତେବେଳେ ସେ ଦୁଇ ବାହୁକୁ ଉପରକୁ ଟେକି ଗୀତଗାଇ ନାଚି ଏଣେତେଣେ କୁଆଡ଼େ ଧାବମାନ ହେଉଥିଲେ । ପ୍ରକୃତ ସତ୍ୟକଥାଟିକୁ ଆମେ ଏହିପରି ଭାବରେ ବୁଝିବାକୁ ଚେଷ୍ଟା କରିବା ; ଅନ୍ତର୍ଗତ ସତ୍ତାକ୍ଷେତ୍ରରେ ଯାବତୀୟ ଗତିସ୍ପନ୍ଦନ ହୁଏତ ପରିପୂର୍ଣ୍ଣ ହୋଇ ରହିଥିବ, ମାତ୍ର ସେତେବେଳେ ତୁମେ କେତେକ ଶକ୍ତି ଉଦ୍ଦେଶ୍ୟରେ ଗ୍ରହଣଶୀଳ ହୋଇ ରହିବାର ଏକ ବିଶେଷ ଅବସ୍ଥା ମଧ୍ୟରେ ରହିଥିବ । ତୁମର ବାହ୍ୟସତ୍ତା ଯଦି ଦୁର୍ବଳ ହୋଇଥିବ ଓ ସେଥିରେ ଯଦି କୌଣସି ରୂପାନ୍ତର ଘଟି ନ ଥିବ, ତେବେ ହୁଏତ ଏପରି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିବ । ଯେଉଁଠାରେ ତୁମର ବାହ୍ୟ-ସତ୍ତା ଅନ୍ତଃସତ୍ତା ଉଦ୍ଦେଶ୍ୟରେ ଏକ ପ୍ରତିରୋଧ ପ୍ରକଟ କରୁଥିବ ଅଥବା ଆନନ୍ଦର ସମ୍ପୂର୍ଣ୍ଣ ସମ୍ପଦଟିକୁ ଧାରଣ କରି ରଖିବାକୁ ଅସମର୍ଥ ହେଉଥିବ, ସେହିଠାରେହିଁ ଏହିସବୁ ବିଭ୍ରାନ୍ତି ଘଟିବ, ଅଭିବ୍ୟକ୍ତିର କ୍ଷେତ୍ରରେ ଏହି ଅରାଜକତା ଆସି ଦେଖାଦେବ ।

ତେଣୁ ତୁମର ଶରୀର ଅତ୍ୟନ୍ତ ଶକ୍ତିଶାଳୀ ହୋଇଥିବା ଦରକାର, ତୁମର ସ୍ନାୟୁଗୁଡ଼ିକ ମଧ୍ୟ ଭାରି ଟାଣ ହୋଇଥିବା ଦରକାର । ତୁମର ବାହ୍ୟସତ୍ତାରେ ସମତାର ଏକ ଶକ୍ତିଶାଳୀ ଭିତ୍ତି ସ୍ଥାପିତ ହୋଇ ରହିଥିବା ଦରକାର । ଯଦି ତୁମଭିତରେ ଏହି ଭିତ୍ତିଟି ସ୍ଥାପିତ ହୋଇ ପାରିବ, ତେବେ ତୁମଭିତରେ ହୁଏତ ସଂସାରଯାକର ସବୁ ସଂବେଗ ସଞ୍ଚିତ ହୋଇ ରହିଥିବ ଏବଂ ତଥାପି ସେଗୁଡ଼ାକୁ ଏତେ ବଡ଼ ଚିତ୍କାର କରି ପ୍ରକାଶ କରିବା ପାଇଁ ତୁମଲାଗି ଆଦୌ କୌଣସି ଆବଶ୍ୟକତା ନ ଥିବ । ଏହାର ମୋଟେ ଏପରି ଅର୍ଥ ନୁହେଁ ଯେ, ତୁମେ ଆପଣାର ସଂବେଗଗୁଡ଼ିକୁ ଅଭିବ୍ୟକ୍ତ କରିପାରିବ ନାହିଁ; ସେଗୁଡ଼ିକୁ ତୁମେ ଏକ ସୁନ୍ଦର ଓ ସୌଷମ୍ୟଯୁକ୍ତ ରୀତିରେ ପ୍ରକାଶ କରିବାକୁ ସମର୍ଥ ହେବ । ଆକୁଳ ହୋଇ ରୋଦନ କରିବା, ଚିତ୍କାର କରିବା ଅଥବା ଡେଇଁ ଡେଇଁ ନାଚି ବୁଲିବା,—ଏସବୁ ସର୍ବଦା ଦୁର୍ବଳତାରହିଁ ପ୍ରମାଣ ଦେଇଥାନ୍ତି; ହୁଏତ ଏହାପଛରେ ପ୍ରାଣମୟ, ମାନସିକ କିଂବା ଜଡ଼ସ୍ଥ ପ୍ରକୃତିର ଏକ ଦୁର୍ବଳତା କାରଣ ହୋଇ ରହିଥାଏ । କାରଣ, ଏହିସବୁ ଯାବତୀୟ କ୍ଷେତ୍ରରେ

'oaob.nitrkl.ac.in' images reprocessed

ଆମର ଯାହାକିଛୁ କ୍ରିୟାଶୀଳତା ପ୍ରକାଶ ପାଏ, ତାହା କେବଳ ଆତ୍ମ ପରିତର୍ପଣ ପାଇଁହିଁ ଘଟେ । ଯେଉଁ ବ୍ୟକ୍ତି ନାଚିବାରେ ଲାଗେ, ଡେଇଁବାରେ ଲାଗେ ଏବଂ ଏତେବଡ଼ ପାଟିରେ ଚିତ୍କାର କରୁଥାଏ, ସିଏ ଅନୁଭବ କରୁଥାଏ ଯେ ସେ ଆପଣାର ଉତ୍ତେଜନା ଏବଂ ବହୁଳତାରେ ଏହାଦ୍ୱାରା ପ୍ରକୃତରେ ଏକ ଅସାଧାରଣତାକୁହିଁ ପ୍ରକାଶ କରିପାରୁଛି । ଏବଂ, ତା'ର ପ୍ରାଣିକ ସତ୍ତାବଟି ଏଥିରେ ଭାରି ଉଲ୍ଲସିତ ଅନୁଭବ କରୁଥାଏ ।

ଭଗବତ୍‌-ଅବତରଣର ଚାପଟିକୁ ସହ୍ୟ କରି ପାରିବାକୁ ହେଲେ ତୁମକୁ ଅତ୍ୟନ୍ତ ମଜଭୁତ ଏବଂ ଶକ୍ତିମାନ୍ ହେବାକୁ ପଡ଼ିବ, ତା' ନ ହେଲେ ତୁମେ ଭିତ୍ତରେ ଥରି ପ୍ରକୃତରେ ଖଣ୍ଡ ଖଣ୍ଡ ହୋଇଯିବ । ଅନେକ ଲୋକ ପଚାରିଥାନ୍ତି, ପରମ ଭଗବନ୍ତସତ୍ତା ଏପର୍ଯ୍ୟନ୍ତ ଆସିଲେ ନାହିଁ କାହିଁକି ? ସିଏ ଆସିଲେ ନାହିଁ, କାରଣ ତୁମେ ସେଥିଲାଗି ପ୍ରସ୍ତୁତ ନ ଥିଲ । ଯଦି ଗୋଟାଏ ବନ୍ଦ୍ରୁର ସ୍ପର୍ଶ ବାଜିବାକୁ ତୁମେ ଏପରି ଗାଇବାକୁ, ନାଚିବାକୁ ଏବଂ ଚିତ୍କାର କରିବାକୁ ଆରମ୍ଭ କରିଦେଉଛ, ତେବେ ସେହି ସମଗ୍ର ପରମବସ୍ତୁଟି ଆସି ପହଞ୍ଚିଗଲେ ପ୍ରକୃତରେ ଆଉ କ'ଣସବୁ ନ ଘଟିବ ?

ତେଣୁ, ଯେଉଁମାନଙ୍କ ଶରୀର, ପ୍ରାଣିକ ଏବଂ ମାନସ ସତ୍ତାରେ ଏପର୍ଯ୍ୟନ୍ତ ଏକ ସୁଦୃଢ଼ ଶକ୍ତିଯୁକ୍ତ ସମର୍ଥ ଭିତ୍ତି ପ୍ରତିଷ୍ଠିତ ହୋଇପାରି ନାହିଁ, ଆମେ ସେମାନଙ୍କୁ "ତୁମେ ମୋଟେ ଟାଣ ନାହିଁ" ବୋଲି କହୁ; ଅର୍ଥାତ୍, "ପରମ ଦିବ୍ୟସତ୍ତାଙ୍କର ଶକ୍ତିଗୁଡ଼ିକୁ ତୁମେ ମୋଟେ ନିଜ ଆଡ଼କୁ ଟାଣିନେଇ ଆସିବାକୁ ଚେଷ୍ଟା କର ନାହିଁ, ମାତ୍ର ଶାନ୍ତ ଓ ସ୍ଥିର ହୋଇ ଅପେକ୍ଷା କରିରହ" ବୋଲି ଆମେ ସେମାନଙ୍କୁ କହୁ । କାରଣ ପ୍ରକୃତ ଅବତରଣଟିକୁ ସହ୍ୟ କରିବା ଲାଗି ସେମାନେ ଆଦୌ ସମର୍ଥ ହେବେ ନାହିଁ । ମାତ୍ର, ଯେଉଁମାନଙ୍କ ଭିତରେ ସେହି ଆବଶ୍ୟକଭୂମି ଓ ମୂଳଦୁଆଟି ରହିଛି, ଆମେ ଅନ୍ୟ ପକ୍ଷରେ ସେମାନଙ୍କୁ କହିଥାଉ "ଅଭୀପ୍ସା ଏବଂ ଟାଣିବାକୁ ଆରମ୍ଭ କର !" କାରଣ, ସେହିମାନେହିଁ ଗ୍ରହଣ କରି ପାରିବେ ଏବଂ ତଥାପି ପରମ ଦିବ୍ୟସତ୍ତାଙ୍କ ପାଖରୁ ଅବତରଣ କରି ଆସୁଥିବା ଶକ୍ତିଗୁଡ଼ିକ ଦ୍ୱାରା କୌଣସି ପ୍ରକାରେ ବିପର୍ଯ୍ୟସ୍ତ ହେବେ ନାହିଁ ।

> ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ନିଜକୁ ଅନୁପ୍ରେରିତ କରିଥିବା ଅନେକ ବ୍ୟକ୍ତିଙ୍କ କ୍ଷେତ୍ରରେ ଏପରି ଦେଖାଯାଏ ଯେ, ସେମାନଙ୍କର ଜୀବନରେ ଯେଉଁସବୁ ଜଡ଼ପ୍ରତୀକୁ ଅବଲମ୍ବନ କରିଥାଏ, ବା ଯେଉଁସବୁ ବସ୍ତୁକୁ ସେମାନେ

'oaob.nitrkl.ac.in' images reprocessed

ଆକର୍ଷଣୀୟ ମନେ କରୁଥାନ୍ତି, ସେମାନଙ୍କ ଜୀବନରୁ ସେଗୁଡ଼ିକୁ କାଢ଼ି ନିଆଯାଏ । ଏବଂ, ଯଦି ସେମାନେ କୌଣସି କାହାକୁ ଭଲ ପାଉଥାନ୍ତି, ତାହାକୁ ମଧ୍ୟ ଅପସାରିତ କରିଦିଆଯାଏ ।

ଏହି ଘଟନାଟି ଆଦୌ ସମସ୍ତଙ୍କ ଜୀବନରେ ଘଟେ ନାହିଁ । ଯେଉଁମାନଙ୍କ ଲାଗି ଡାକରା ଆସିଥାଏ, ସେହିମାନଙ୍କ ଜୀବନରେହିଁ ଏସବୁ ଘଟେ ।

ଆଧ୍ୟାତ୍ମିକ ଜୀବନର କ୍ଷେତ୍ରଟି ଦୃଷ୍ଟିରୁ ବିଚାର କଲେ, ପାଶ୍ଚାତ୍ୟ ଏବଂ ପ୍ରାଚ୍ୟ ମଧ୍ୟରେ ଯାହାକିଛି ପାର୍ଥକ୍ୟ ରହିଛି, ସେହି ପାର୍ଥକ୍ୟକୁ ଆମେ କଦାପି ଅନ୍ତର୍ଗତ ସତ୍ତା ବା ଅନ୍ତର୍ଗତ ସ୍ୱଭାବଟି ମଧ୍ୟରେ ଅନ୍ୱେଷଣ କରିବାକୁ ଯିବା ନାହିଁ; ସେଗୁଡ଼ିକୁ ଆମେ ମନୋଗତ ସ୍ୱଭାବ ଗୁଡ଼ିକର ସ୍ତରରେହିଁ ଅନ୍ୱେଷଣ କରିବା, ବାହ୍ୟ ଅଭିବ୍ୟକ୍ତି ଏବଂ ବାହ୍ୟ ଉପସ୍ଥାପନାର ସ୍ୱତନ୍ତ୍ର ରୀତିଗୁଡ଼ିକ ମଧ୍ୟରେ ଅନ୍ୱେଷଣ କରିବା । ଅନ୍ତର୍ଗତ ସତ୍ତାରେ କ୍ଷେତ୍ରବିଶେଷରେ ଆଦୌ କୌଣସି ପାର୍ଥକ୍ୟ ନାହିଁ, ତାହା ଏକ ଶାଶ୍ୱତ ଓ ସତତ ବସ୍ତୁ; ମାତ୍ର ବାହ୍ୟ ଅଭିବ୍ୟକ୍ତି ଏବଂ ଉପସ୍ଥାପନା-ଗୁଡ଼ିକ ହେଉଛି ଶିକ୍ଷାର ପରିଣାମ, ପରିବେଷ୍ଟନୀର ପରିଣାମ ଏବଂ ଅନ୍ୟାନ୍ୟ ନାନା ବାହ୍ୟ ପରିବେଶରହିଁ ପରିଣାମ । ଏକୁମନୀଷ, ସେମାନେ ପାଶ୍ଚାତ୍ୟର ହୋଇଥାନ୍ତୁ ଅଥବା ପ୍ରାଚ୍ୟର ହୋଇଥାନ୍ତୁ, ଆପଣାର ଗଭୀରତମ ଅନୁଭୂତିର କ୍ଷେତ୍ରରେ ସେମାନେ ପରସ୍ପରଠାରୁ ଆଦୌ ଭିନ୍ନ ନୁହନ୍ତି । ସେମାନେ ଯେଉଁସବୁ ବିଭିନ୍ନ ରୀତିରେ ଭାବନ୍ତି, ସେହି ରୀତିଗୁଡ଼ିକର କ୍ଷେତ୍ରରେହିଁ ସେମାନେ ପରସ୍ପରଠାରୁ ଭିନ୍ନ । ଉଦାହରଣସ୍ୱରୂପ, ନିଷ୍ଠା ବା ଆନ୍ତରିକତା ହେଉଛି ଗୋଟିଏ ଗୁଣ, ଯାହାକି ସର୍ବତ୍ର ସେହି ଗୋଟିଏ ପ୍ରକାରର । ଯେଉଁମାନଙ୍କର ସେହି ଗୁଣଟି ରହିଛି, ସେମାନେ ଯେଉଁ ଜାତିର ଅନ୍ତର୍ଗତ ହୋଇ ରହିଥାନ୍ତୁ ପଛକେ, ସେମାନେ ସମସ୍ତେ ଏକା ପ୍ରକାରେ ନିଷ୍ଠାଯୁକ୍ତ ହୋଇ ରହିଛନ୍ତି । କେବଳ ଏତିକି କଥା ଯେ, ସେହି ନିଷ୍ଠାକୁ ଯେଉଁସବୁ ବାହ୍ୟ ରୂପ ଦେଇ ପ୍ରକାଶ କରାଯାଏ, ସେହିଗୁଡ଼ିକରହିଁ ସ୍ଥାନଗତ ଭିନ୍ନତା ଦେଖିବାକୁ ମିଳେ । ବିଭିନ୍ନ ଜନସମୂହ ମଧ୍ୟରେ ମନ ଭିନ୍ନଭିନ୍ନ ରୀତିରେ କାର୍ଯ୍ୟକରୁଥାଏ, ମାତ୍ର ହୃଦୟ ସର୍ବତ୍ର ସେହି ଗୋଟିଏ ପ୍ରକାରର ହୋଇ ରହିଥାଏ । ହୃଦୟକୁ ଆମେ ଅପେକ୍ଷାକୃତ ଅଧିକ ଯଥାର୍ଥ ଏକ ସତ୍ୟ ବୋଲି କହିବା, ଏବଂ ସ୍ଥାନବିଶେଷରେ ଯେଉଁସବୁ ପାର୍ଥକ୍ୟ ରହିଥାଏ, ସେସବୁ ହେଉଛି କେବଳ ଉପର ସ୍ତରର ପାର୍ଥକ୍ୟ । ଯେତେବେଳେ ତୁମେ ସେହି ଉପର ସ୍ତରଟାକୁ ଭେଦ ଯଥେଷ୍ଟ ପରିମାଣରେ ଗଭୀରକୁ ଚାଲିଯାଇ ପାରିବ, ସେତେବେଳେ ତୁମେ ଏପରି ଏକ ସର୍ବଦର ସାକ୍ଷାତ୍କାର କରିବ, ଯାହାକି ସବୁରି ଭିତରେ ସେହି ଗୋଟିଏ ହୋଇ

'oaob.nitrkl.ac.in' images reprocessed

ରହିଛି । ସବୁକିଛି ଯାଇ ସେହି ଗୋଟିଏ ପରମ ଦ୍ରବ୍ୟସତ୍ତ୍ୱଙ୍କ ମଧ୍ୟରେ ପରସ୍ପରକୁ ଭେଟିଛନ୍ତି । ଭୌତିକ ପ୍ରକୃତିରେ ଆମେ ସୂର୍ଯ୍ୟଙ୍କୁହିଁ ସେହି ପରମ ଦ୍ରବ୍ୟ ସତ୍ତ୍ୱଙ୍କର ପ୍ରତୀକ ବୋଲି ଜାଣିବା । ମେଘଗୁଡ଼ାକ ବାହ୍ୟପ୍ରତୀତିର କ୍ଷେତ୍ରରେ କେତେ ନା କେତେ ଆକାର ପରିବର୍ତ୍ତନ କରିବାରେ ଲାଗିଥାନ୍ତି । ମାତ୍ର ଯେତେବେଳେ ସେଗୁଡ଼ାକ ଅନ୍ତର୍ହିତ ହୋଇ ଚାଲିଯାନ୍ତି, ସେତେବେଳେ ତୁମେ ସର୍ବଦା ଏବଂ ସର୍ବତ୍ର କେବଳ ସେହି ଗୋଟିଏ ସୂର୍ଯ୍ୟହିଁ ପ୍ରତ୍ୟକ୍ଷ କରିଥାଅ ।

ଯଦି ତୁମେ କାହାରି ସହିତ ଆପଣାର ଏକାତ୍ମକତାକୁ ଅନୁଭବ କରିପାରୁ ନାହିଁ, ତେବେ ତାହାର ଅର୍ଥ ହେଉଛି ଯେ ନିଜ ଅନୁଭବଗୁଡ଼ିକର କ୍ଷେତ୍ରରେ ତୁମେ ଏପର୍ଯ୍ୟନ୍ତ ବି ଯଥେଷ୍ଟ ଗଭୀରକୁ ପ୍ରବେଶ କରିପାରି ନାହଁ ।

'oaob.nitrkl.ac.in' images reprocessed

୨୨ ଏପ୍ରିଲ୍ ୧୯୨୯

ସାଧାରଣତଃ ଅନେକଙ୍କର ଏକ ଧାରଣା ରହିଛି ଯେ ଯେତେବେଳେ ଆମକୁ କେତେକେତେ କଥା ଦୃଶ୍ୟ ହେବାକୁ ଲାଗେ, ସେତେବେଳେ ତାହାକୁ ଏକ ଉଚ୍ଚ ସ୍ତରର ଆଧ୍ୟାତ୍ମିକ ଉପଲବ୍ଧିର ସୂଚନା ବୋଲି ଜାଣିବାକୁ ହେବ । ଏକଥା ସତ କି ?

ତାହା ଯେ ସବୁବେଳେ ସତ ହେବ, ସେକଥା ଆଦୌ ନୁହେଁ । ପୁନଶ୍ଚ, ଗୋଟାଏ କିଛୁ ଦେଖିବା ଏବଂ ଯାହା ଦୃଶ୍ୟ ହେଲା, ତାହାର ତାତ୍ପର୍ଯ୍ୟଟିକୁ ବୁଝିବା ଏବଂ ଯଥାର୍ଥ ବ୍ୟାଖ୍ୟା କରିବା,—ଏହି ଦୁଇଟି କଥା ଆଦୌ ଗୋଟିଏ କଥା ନୁହଁନ୍ତି । ବୁଝିବା ଏବଂ ବ୍ୟାଖ୍ୟା କରିବା ହେଉଛି ପ୍ରଥମଟିଠାରୁ ଅନେକ ଅଧିକ କଷ୍ଟକର । ସାଧାରଣତଃ ଏପରି ହୋଇଥାଏ ଯେ ଯେଉଁମାନଙ୍କୁ କିଛି ଦର୍ଶନ ମିଳିଥାଏ, ସେମାନେ ପ୍ରକୃତରେ ଆଉକୁଆଡ଼େ ଭଟକି ଯାଆନ୍ତି, କାରଣ ସେମାନଙ୍କର ନିଜ ବାସନା, ଆଶା ଏବଂ ପୂର୍ବାଗ୍ରହଗୁଡ଼ିକ ଅନୁସାରେହିଁ ସେମାନେ ସେହି ଦୃଶ୍ୟ ବସ୍ତୁଗୁଡ଼ିକର ଅର୍ଥ ବା ବ୍ୟାଖ୍ୟା କରିବା ଲାଗି ଆଗଭର ହୋଇଯାନ୍ତି । ଏବଂ, ତା'ପରେ ମଧ୍ୟ, ତୁମେ ଯେଉଁ ସୋପାନରୁ ଏହିସବୁ ଦୃଶ୍ୟର ଅନୁଭୂତି ଲାଭ କରିପାରିବ, ସେହି ସୋପାନଗୁଡ଼ିକ ବି ଏକାଧିକ ସଂଖ୍ୟାରେ ଭିନ୍ନ ଭିନ୍ନ ହୋଇ ରହିଛନ୍ତି । ଏହି କ୍ଷେତ୍ରରେ ଏକ ମନୋଗତ ଦେଖିବା ରହିଛି, ଏକ ପ୍ରାଣିକ ଦେଖିବା ରହିଛି; ଏବଂ, ଏପରି ଆଉ କେତେକ ଦୃଶ୍ୟବସ୍ତୁ ରହିଛି, ଯେଉଁଗୁଡ଼ିକ କି ଅତ୍ୟନ୍ତ ଭୌତିକ ସୋପାନର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହି ମଧ୍ୟ ବେଶ୍ ଦୃଶ୍ୟ ହୋଇପାରିବେ । ଏହି ଶେଷ ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇପାରୁଥିବା ଦୃଶ୍ୟବସ୍ତୁମାନ ଏପରି ନାନା ଆକାର ଏବଂ ପ୍ରତୀକ ମାଧ୍ୟମରେ ଦୃଶ୍ୟମାନ ହୋଇଥାନ୍ତି ଯେଉଁଗୁଡ଼ିକ କି ପ୍ରକୃତରେ ଏକାନ୍ତ ଭୌତିକ ସ୍ତରର ବୋଲି ପ୍ରତୀୟମାନ ହୁଅନ୍ତି; ଠିକ୍ ଅତୀବ ଭୌତିକ ସ୍ତରର ଯେକୌଣସି ବସ୍ତୁ ପରି ସେଗୁଡ଼ିକ ଅତ୍ୟନ୍ତ ସ୍ପଷ୍ଟ, ବାସ୍ତବ ଏବଂ ମୂର୍ତ୍ତ ହୋଇ ରହିଥାନ୍ତି । ଏବଂ ଯଦି ତୁମକୁ ସେଗୁଡ଼ିକର ବ୍ୟାଖ୍ୟା କରିବାର ପ୍ରଣାଳୀଟି ଜଣାଥାଏ, ତେବେ ସେଥିରୁ ପରିସ୍ଥିତି-

'oaob.nitrkl.ac.in' images reprocessed

ଗୁଡ଼ିକ ବିଷୟରେ ତୁମକୁ ଅତିସ୍ପଷ୍ଟ ଇଙ୍ଗିତମାନ ମିଳିଯାଇ ପାରିବ ଏବଂ ବ୍ୟକ୍ତିମାନଙ୍କର ଅନ୍ତର୍ଗତ ଅବସ୍ଥାଟି ବିଷୟରେ ମଧ୍ୟ ସ୍ପଷ୍ଟ ଇଙ୍ଗିତମାନ ମିଳିପାରିବ ।

ବର୍ତ୍ତମାନ ଆମେ ଏହି କଥାଟିକୁ ଉଦାହରଣ ଦେଇ ଦେଖିବା । ବର୍ତ୍ତମାନ ମୁଁ ଏପରି ଗୋଟିଏ ଦୃଶ୍ୟବସ୍ତୁର ଉଦାହରଣ ଦେବି, ଯାହାକି ଜଣେ ବ୍ୟକ୍ତିଙ୍କୁ ପ୍ରକୃତରେ ଦୃଶ୍ୟ ହୋଇଥିଲା । ପର୍ବତର କଡ଼େ କଡ଼େ ଗୋଟିଏ ରାସ୍ତା ଢଖ ହୋଇ ପର୍ବତ ଉପରକୁ ଉଠିଯାଇଛି, ସେଠି ଅଗ୍ରକଯାକ ନିର୍ମଳ ସୂର୍ଯ୍ୟକିରଣରେ ଧୌତ ହୋଇ ରହିଛି । ସେହି ରାସ୍ତା ଉପରେ ଗୋଟିଏ ବିରାଟକାୟ ଗାଡ଼ି କଷ୍ଟେ-ମଷ୍ଟେ ଉପରକୁ ଉଠି ଉଠି ଯାଉଛି, ଗାଡ଼ିଟିକୁ ଛଅଟା ମଜଭୁତ ଘୋଡ଼ା ଟାଣିଟାଣି ନେଉଛନ୍ତି । ଗାଡ଼ି ଖୁବ୍ ମନ୍ଥର ଗତିରେ ଆଗକୁ ଯାଉଛି, ତଥାପି ଯାଉଛି । ହଠାତ୍ ସେଠି ଜଣେ ବ୍ୟକ୍ତିର ଆବିର୍ଭାବ ହେଉଛି, ସିଏକି ସମସ୍ତ ପରିସ୍ଥିତିଟିକୁ ଅବଲୋକନ କରି ଦେଖୁଛି; ସିଏ ଗାଡ଼ିପଛରେ ଯାଇ ପହଞ୍ଚି ଯାଉଛି ଏବଂ ଗାଡ଼ିଟିକୁ ଠେଲିବାରେ ଲାଗୁଛି, ଅର୍ଥାତ୍ ଗାଡ଼ିଟିକୁ ଉଠାଣି ଆଡ଼କୁ ଠେଲି ନେଇଯିବାରେ ସାହାଯ୍ୟ କରୁଛି । ଏବଂ, ତା'ପରେ ଆଉ ଜଣେ ବ୍ୟକ୍ତି ଆସି ପହଞ୍ଚୁଛି ଓ ତା'ର ଏସବୁ ବିଷୟରେ ପ୍ରକୃତ ଜ୍ଞାନ ରହିଛି । ସିଏ ପ୍ରଥମ ବ୍ୟକ୍ତିଟିକୁ କହୁଛି, "ତୁମେ କାହିଁକି ବୃଥା ଏତେ ଚେଷ୍ଟା କରୁଛ ? ତୁମର ଚେଷ୍ଟାର ଆଦୌ କୌଣସି ଫଳ ଫଳିବ ବୋଲି ତୁମେ କ'ଣ ପ୍ରକୃତରେ ଭାବୁଛ ? ତୁମଲାଗି ଏହି କାର୍ଯ୍ୟଟିକୁ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଘୋଡ଼ାଗୁଡ଼ାଙ୍କ ଲାଗି ମଧ୍ୟ ତାହା ଏତେବେଶୀ କଷ୍ଟକର ହେଉଛି, ଆଉ ତୁମ କଥା କ'ଣ କହିବା !"

ଏହି ଦୃଶ୍ୟବସ୍ତୁଟିର ଅର୍ଥ ଖୋଜିବାକୁ ଯାଇ ଆମେ ସେହି ଛଅଟି ଘୋଡ଼ାଙ୍କ ମଧ୍ୟରେହିଁ ଅସଲ ଚାବିକାଠିଟିକୁ ପାଇବା । ଘୋଡ଼ାଗୁଡ଼ିକ ହେଉଛନ୍ତି ଶକ୍ତିର ପ୍ରତୀକ, ଏବଂ ସଂଖ୍ୟା ଛଅ ଭଗବତ୍ ସୃଷ୍ଟିର ପ୍ରତିନିଧିତ୍ୱ କରୁଛି । ତେଣୁ ଛଅଟି ଘୋଡ଼ାର ତାତ୍ପର୍ଯ୍ୟ ହେଉଛି ଭଗବତ୍-ସୃଷ୍ଟିର ଶକ୍ତି । ଗାଡ଼ି ଅର୍ଥାତ୍ ଉପଲବ୍ଧି; ଯେଉଁ ଲକ୍ଷ୍ୟଟିକୁ ଉପଲବ୍ଧି କରିବାକୁ, ହାସଲ କରିବାକୁ ରହିଛି, ଗାଡ଼ି ତାହାରି ପ୍ରତୀକ । ତାହାକୁହିଁ ଅଗ୍ରସର କରାଇ ଶିଖରଦେଶକୁ ଆଣିବାକୁ ପଡ଼ିବ; ଯେଉଁଠି ପରମ ଆଲୋକର ନିବାସ, ସେହି ସର୍ବୋଚ୍ଚ ସ୍ଥାନକୁ ଆଣିବାକୁ ପଡ଼ିବ । ସୃଷ୍ଟିର ଏହି ଶକ୍ତିଗୁଡ଼ିକ ଭଗବତ୍‌ଶକ୍ତି ହୋଇଥିଲେହେଁ, ଲକ୍ଷ୍ୟଟିକୁ ପରିପୂର୍ଣ୍ଣ ଭାବରେ ଉପଲବ୍ଧି କରିବା ସେମାନଙ୍କ ପାଇଁ ମଧ୍ୟ ଏକ କଷ୍ଟକର କାର୍ଯ୍ୟ । କାରଣ, ସେମାନଙ୍କୁ ନାନା ପ୍ରଚଣ୍ଡ ବାଧା ଓ ପ୍ରତିକୂଳତା ମଧ୍ୟଦେଇ ଯିବାକୁ ପଡ଼ୁଛି, ପ୍ରକୃତିର ନିମ୍ନାଭିମୁଖୀ ଯାବତୀୟ ଆକର୍ଷଣର ବିରୁଦ୍ଧରେହିଁ ଯିବାକୁ ପଡ଼ୁଛି । ଏହିପରି ଏକ ପରିପ୍ରେକ୍ଷୀରେ ମନୁଷ୍ୟବ୍ୟକ୍ତିର ଆବିର୍ଭାବ ହେଉଛି, ମନୁଷ୍ୟସୁଲଭ

'oaob.nitrkl.ac.in' images reprocessed

ଯାବତୀୟ ଦମ୍ଭ ଓ ଅଜ୍ଞାନ ତା'ଭିତରେ ରହିଛି, ଆପଣା ମାନସ ଶକ୍ତିଗୁଡ଼ିକର ସାନ ଭଣ୍ଡାରଟି ଉପରେ ସିଏ କେଡ଼େ ଭରସା କରି ରହିଛି । ସିଏ ଆପଣାକୁ ପ୍ରକୃତରେ ଜଣେ ବୋଲି ଭାବୁଛି ଏବଂ ପ୍ରକୃତରେ କିଛି କରିପାରିବ ବୋଲି ବି ଭାବୁଛି । ସେହି ଗାଡ଼ିଟି ଭିତରେ ସ୍ୱୟଂ ପ୍ରବେଶ କରିବାହିଁ ତା'ପକ୍ଷରେ ସର୍ବୋତ୍କୃଷ୍ଟ କରଣୀୟ ହୋଇପାରନ୍ତା, ତାହାର ଭିତରେ ନିଃଶଙ୍କିତ ହୋଇ ବସି ତାକୁ ଉପରକୁ ବହନ କରିନେବାର କାର୍ଯ୍ୟଟିକୁ ଘୋଡ଼ାମାନଙ୍କ ହାତରେ ଛାଡ଼ିଦେବାହିଁ ସର୍ବୋତ୍କୃଷ୍ଟ କାର୍ଯ୍ୟ ହୁଅନ୍ତା ।

ସ୍ୱପ୍ନ ହେଉଛି ଏସବୁଠାରୁ ଏକ ଭିନ୍ନ ବସ୍ତୁ । ସେଗୁଡ଼ିକର ବ୍ୟାଖ୍ୟା କରିବା ଅପେକ୍ଷାକୃତ ଅଧିକ କଷ୍ଟକର; କାରଣ, ପ୍ରତ୍ୟେକ ବ୍ୟକ୍ତିର ସଂପୂର୍ଣ୍ଣ ନିଜସ୍ୱ ଓ ସ୍ୱପ୍ନର ସ୍ୱତନ୍ତ୍ର ଏକ ସ୍ୱପ୍ନସ୍ଥିତ ଜଗତ୍‌କଳ୍ପନା ରହିଛି । ଅବଶ୍ୟ ଏକଥା ସତ ଯେ କେତେକ ପ୍ରକୃତରେ ଆଦୌ ଖୁବ୍ ବେଶୀ ତାତ୍ପର୍ଯ୍ୟ ନ ଥାଏ; ସେଗୁଡ଼ିକ ଆମ ଜୀବନା-ସ୍ପନ୍ଦନର ଏକାନ୍ତ ଉପରିଭାଗ ଓ ଚେତନାଜଟିତର ସବୁଠାରୁ ଅଧିକ ଜଡ଼ସ୍ଥ ସ୍ତରଟି ସହିତ ସମ୍ବନ୍ଧିତ ହୋଇ ରହିଥାନ୍ତି । ଆମର ନାନା ବିକ୍ଷିପ୍ତ ଭାବନା, ମନ ଉପରେ ଆସି ଉକୁଟିଯାଉଥିବା ଏଣ୍ଡେତେଣ୍ଡେ ନାନା ଆବେଗ, ଯନ୍ତ୍ରବତ୍ ପ୍ରତିକ୍ରିୟା ଏବଂ ପ୍ରତିବର୍ତ୍ତୀ ନାନା ସହଜକ୍ରିୟାର ଫଳସ୍ୱରୂପ ସେହି ସ୍ୱପ୍ନଗୁଡ଼ିକ ଦୃଷ୍ଟ ହୋଇଥାନ୍ତି । ସେଗୁଡ଼ିକର ଆଦୌ କୌଣସି ନିୟମିତ ବା ସୁସଂଗଠିତ ଆକାର, ଆସୂତ୍ରନ ବା ଅର୍ଥ ବି ନ ଥାଏ ; ସେଗୁଡ଼ିକୁ ଆମେ ଅତି କ୍ୱଚିତ୍ ମନେ ରଖିଥାଉ ଏବଂ ଆମର ଚେତନା-କ୍ଷେତ୍ରରେ ସେଗୁଡ଼ିକ ଆଦୌ କୌଣସି ଛାପ ପକାଇପାରନ୍ତି ନାହିଁ । ମାତ୍ର, ଯେଉଁସବୁ ସ୍ୱପ୍ନ ଅପେକ୍ଷାକୃତ ଏକ ଅଧିକ ଗଭୀର ସ୍ତରରୁ ନିଷ୍ପନ୍ନ ହୋଇ ଆସିଥାନ୍ତି, ସେଗୁଡ଼ିକ ମଧ୍ୟ ତଥାପି ଭାରି ଅସ୍ପଷ୍ଟ ହୋଇ ରହିଥାନ୍ତି ; କାରଣ ସେଗୁଡ଼ାକ ବଡ଼ ବିଚିତ୍ର ଭାବରେ ବ୍ୟକ୍ତିଗତ ହୋଇ ରହିଥାନ୍ତି, ଏହି ଅର୍ଥରେ ବିଚିତ୍ର ଭାବରେ ବ୍ୟକ୍ତିଗତ ହୋଇ ରହିଥାନ୍ତି ଯେ ସେଗୁଡ଼ିକ ଆପଣାର ଗଠନଟିକୁ ଲାଭ କରିବା ଲାଗି ପ୍ରାୟ ସଂପୂର୍ଣ୍ଣ ଭାବରେ ସେହି ବ୍ୟକ୍ତିଟିରହିଁ ଅନୁଭବ ଓ ଧାରଣା ଉପରେ ନିର୍ଭରଶୀଳ ହୋଇ ରହିଥାନ୍ତି । ଆମକୁ ଦୃଶ୍ୟ ହେଉଥିବା ବସ୍ତୁଗୁଡ଼ିକ ମଧ୍ୟ ଏପରି ନାନା ପ୍ରତୀକ ଦେଇ ଗଢ଼ାହୋଇଥାନ୍ତି, ଯେଉଁଗୁଡ଼ିକର ଯେ ଅବଶ୍ୟ ଏକ ବିଶ୍ୱମୟ ପ୍ରସାର ଓ ପରିଚିତି ରହିଥାଏ, ସେକଥା ଆଦୌ ନୁହେଁ । ସେହି ପ୍ରତୀକଗୁଡ଼ିକ ପ୍ରଜାତି, ପରମ୍ପରା ଏବଂ ଧର୍ମର ବିଭିନ୍ନତା ଅନୁସାରେ ସବୁବେଳେ ଭିନ୍ନ ଭିନ୍ନ ହୋଇଥାନ୍ତି । ଗୋଟିଏ ପ୍ରତୀକ ଅତ୍ୟନ୍ତ ଏକାନ୍ତ ଓ ବିଚିତ୍ର ଭାବରେ ଖ୍ରୀଷ୍ଟିଆନ୍ ହୋଇପାରେ, ଆଉଗୋଟିଏ ଏକାନ୍ତ ଭାବରେ ହିନ୍ଦୁ ହୋଇପାରେ ; ଆଉଗୋଟିଏ ତୃତୀୟ ପ୍ରତୀକ ସମସ୍ତ ପ୍ରାଚ୍ୟର ଏକ ସାଧାରଣ ...ଣରୂପେ

'oaob.nitrkl.ac.in' images reprocessed

ଅଭିବ୍ୟକ୍ତ ହୋଇପାରେ ; ଏବଂ ଚତୁର୍ଥ ଆଉଗୋଟିଏ କେବଳ ପାଶ୍ଚାତ୍ୟକୁହିଁ ନିର୍ଦ୍ଦେଶିତ କରିପାରେ । ମାତ୍ର, ଅନ୍ୟପକ୍ଷରେ, ସ୍ୱପ୍ନଗୁଡ଼ିକୁ ଆମେ ଏକାନ୍ତ ବ୍ୟକ୍ତିଗତ ବୋଲି କହିବା । ସେଗୁଡ଼ିକ ଆମର ଦୈନନ୍ଦିନ ଘଟଣା ଏବଂ ମନ ଉପରେ ପଡ଼ୁଥିବା ସେଗୁଡ଼ିକର ଆବେଶ ଉପରେ ନିର୍ଭରଶୀଳ ହୋଇ ରହିଥାନ୍ତି । ତେଣୁ ଜଣେ ବ୍ୟକ୍ତି ପକ୍ଷରେ ଆଉଜଣେ ବ୍ୟକ୍ତିର ସ୍ୱପ୍ନର ବ୍ୟାଖ୍ୟା କରିବା ଓ ତାହାର ଅର୍ଥ ବାହାର କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇ ରହିଥାଏ । ଜଣେ ବ୍ୟକ୍ତି ଆଉଜଣେ ବ୍ୟକ୍ତି ପାଖରେ ସତେଅବା ଗୋଟିଏ କାନ୍ଥଦିଆ ବୃତ୍ତି ପରି ହୋଇ ରହିଛି । ମାତ୍ର ଜଣେ ବ୍ୟକ୍ତି ଇଚ୍ଛା କଲେ ତା'ର ନିଜର ସ୍ୱପ୍ନଗୁଡ଼ିକୁ ଅଧ୍ୟୟନ କରିପାରିବ, ସେଗୁଡ଼ିକର ଅନାବରଣ କରିପାରିବ, ସେଗୁଡ଼ିକର ଅର୍ଥଟିକୁ ଆବିଷ୍କାର କରିପାରିବ ।

ଏହି ସ୍ୱପ୍ନ ଏବଂ ସ୍ୱପ୍ନରାଜ୍ୟର ଆମକୁ କିପରି ଖାତିରେ ସମ୍ମୁଖୀନ ହେବାକୁ ପଡ଼ିବ, ବର୍ତ୍ତମାନ ସେହି ବିଷୟରେ ଆମେ ଆଲୋଚନା କରିବା । ପ୍ରଥମେ ସଚେତନ ହେବାକୁ ପଡ଼ିବ, ତୁମର ସ୍ୱପ୍ନଗୁଡ଼ିକ ବିଷୟରେ ସଚେତନ ହେବାକୁ ପଡ଼ିବ । ସେହି ସ୍ୱପ୍ନଗୁଡ଼ିକ ସହିତ ତୁମ ଜାଗ୍ରତ ଜୀବନର ଘଟଣାଗୁଡ଼ିକର କିଭଳି ସମ୍ବନ୍ଧ ରହିଛି, ତାହାକୁ ପର୍ଯ୍ୟବେକ୍ଷଣ କରି ଦେଖିବାକୁ ପଡ଼ିବ । ଯଦି ରାତିରେ ଶୋଇଥିବା ବେଳର ଅବସ୍ଥାଟି ତୁମର ସ୍ମରଣ ରହିଥାଏ, ତେବେ ଅଧିକାଂଶ ସମୟରେ ତୁମେ ପଛକୁ ବୁଲିପଡ଼ି ସେହି ରାତିର ଅବସ୍ଥାଗୁଡ଼ିକ ମଧ୍ୟରେ ତୁମ ଦିନଟିର ଅବସ୍ଥାଗୁଡ଼ିକର ଉତ୍ପତ୍ତିଟିକୁ ନିରୂପଣ କରିପାରିବ । ତୁମେ ଯେତେବେଳେ ନିଦ୍ରାବସ୍ଥାରେ ଥାଅ, ସେତେବେଳେ ତୁମର ମାନସିକ, ପ୍ରାଣିକ ଅଥବା ଅନ୍ୟ ଭୂମିଟିରେ ମଧ୍ୟ ନିଶ୍ଚୟ କୌଣସି ନା କୌଣସି ସକ୍ରିୟତା ଲାଗିରହିଥାଏ ; ସେଠାରେ ନାନା ଘଟଣା ଘଟିବାରେ ଲାଗିଥାଏ ଏବଂ ସେଗୁଡ଼ିକ ତୁମର ଜାଗ୍ରତ ଜୀବନର ଚେତନାଟିକୁ ପରିଶାସିତ ବି କରୁଥାନ୍ତି । ଉଦାହରଣସ୍ୱରୂପ, ଏପରି ଅନେକ ବ୍ୟକ୍ତି ଥାଆନ୍ତି, ଯେଉଁମାନେ କି ଦିନବେଳେ ଆପଣାକୁ ଅଧିକରୁ ଅଧିକ ସମ୍ପୂର୍ଣ୍ଣ କରି ଗଢ଼ିବାକୁ ଖୁବ ବ୍ୟସ୍ତ ହୋଇ ରହିଥାନ୍ତି ଓ ସେଥିଲାଗି କେତେ ନା କେତେ ଉଦ୍ୟମ କରୁଥାନ୍ତି । ସେମାନେ ରାତିରେ ଶୋଇବାକୁ ଯାଆନ୍ତି, ଏବଂ, ଯେତେବେଳେ ପରଦିନ ସକାଳେ ନିଦରୁ ଉଠନ୍ତି, ସେମାନେ ଗତ ଦିବସରେ କରିଥିବା ଉଦ୍ୟମ ଏବଂ ପ୍ରୟାସଜନିତ ଲାଭର କୌଣସି ଅବଶେଷ ବି ଦେଖିବାକୁ ପାଆନ୍ତି ନାହିଁ । ତେଣୁ, ପୁଣି ସେହି ପୁରୁଣା ପଥଟିକୁ ଦୋହରାଇବାକୁ ପଡ଼ିଥାଏ । ଏହାର ଏହି ଅର୍ଥ କରାଯିବ ଯେ ସେହି ମଣିଷମାନେ ଯେତେ ଯାହା ଉଦ୍ୟମ କରିଥିଲେ ଏବଂ ତା'ଫଳରେ ସେମାନେ ଯେତେଯାହା ଲାଭବାନ୍ ବି ହୋଇଥିଲେ, ସେସବୁ ସେମାନଙ୍କ ସତ୍ତାର କେବଳ ଅପେକ୍ଷାକୃତ ଉପରିଭାଗସ୍ଥ ଏବଂ ସଜାଗ

ଭାଗଗୁଡ଼ିକରହିଁ ଗୋଟିଏ ଗୋଟିଏ ଅଂଶ ହୋଇ ରହିଥିଲା । ମାତ୍ର, ତେଣେ ସେମାନଙ୍କ ମଧ୍ୟରେ ଅଧିକ ଗଭୀର ଓ ଅଧିକ ସୁପ୍ତ ଭାବରେ ଅନ୍ତୁର ଏପରି ନାନା ଭାଗ ବି ରହିଥିଲା, ଯେଉଁଗୁଡ଼ିକୁ ଆଦୌ ସ୍ପର୍ଶ ବି କରାଯାଇ ନ ଥିଲା । ଏବଂ, ଶୋଇଥିବା ଅବସ୍ଥାରେ ତୁମେ ଏହି ଅବଚେତନ ଭାଗଗୁଡ଼ିକରହିଁ କବଳଗତ ହୋଇ ରହିଥିଲ, ଏବଂ ଆପଣାର ସଚେତନ ପ୍ରହରଗୁଡ଼ିକରେ ତୁମେ କେତେ ଶ୍ରମ କରି ଯାହାକିଛି ନିର୍ମାଣ କରିପାରିଥିଲ, ସେଗୁଡ଼ିକହିଁ ବାହାରିଆସି ତୁମର ସେହି ଯାବତୀୟ ସମ୍ପଦକୁ ଏକାବେଳେକେ ଗିଳି ପକାଇଲେ ।

ତେଣୁ ସଚେତନ ହୁଅ ! ରାତି ବିଷୟରେ ସଚେତନ ହୁଅ ଏବଂ ଦିନ ବିଷୟରେ ବି ସଚେତନ ହୁଅ । ସର୍ବପ୍ରଥମେ ଚେତନାଟିକୁ ଲାଭ କରିବାକୁ ହେବ ଏବଂ ତା'ପରେ ତାହାକୁ ନିୟନ୍ତ୍ରଣ କରିବାକୁ ପଡ଼ିବ । ତୁମମାନଙ୍କ ମଧ୍ୟରୁ ଯେଉଁମାନେ ଆପଣାର ସ୍ୱପ୍ନଗୁଡ଼ିକୁ ମନେ ରଖିପାରିବେ, ସେମାନଙ୍କର ହୁଏତ ଏପରି ଏକ ଅନୁଭୂତି ହେବ ଯେ, ସ୍ୱପ୍ନ ଦେଖୁଥିବା ସମୟରେ ମଧ୍ୟ ତାହା ଏକ ସ୍ୱପ୍ନ ବୋଲି ତୁମେ ବେଶ୍ ଜାଣି ପାରୁଥିଲ । ତାହାକୁ ତୁମେ ଏପରି ଏକ ଅନୁଭୂତି ବୋଲି ଜାଣୁଥିଲ, ଯାହାକି ଏହି ଭୌତିକ ଜୀବନର ଆଦୌ ଏକ ଅଙ୍ଗ ହୋଇ ରହି ନ ଥିଲା । ଏବଂ, ଥରେ ଏହିଭଳି ଜାଣିବାକୁ ସମର୍ଥ ହେଲେ, ତୁମେ ବର୍ତ୍ତମାନ ଭୌତିକ ଜଗତରେ ଯେପରି କାର୍ଯ୍ୟ କରିପାରୁଛ, ସେତେବେଳେ ସେଠାରେ ମଧ୍ୟ ସେହିପରି କାର୍ଯ୍ୟ କରିପାରିବ । ସ୍ୱପ୍ନ ଦେଖୁଥିବା ସମୟରେ ମଧ୍ୟ ତୁମେ ଆପଣାର ସଚେତନ ଇଚ୍ଛାକୁ କାର୍ଯ୍ୟରେ ଲଗାଇ ପାରିବ ଏବଂ ଆପଣାର ସ୍ୱପ୍ନାନୁଭୂତିର ସମସ୍ତ ଗତିପଥଟିକୁ ବଦଳାଇ ଦେଇପାରିବ ।

ଏବଂ, ତୁମେ ଯେତିକି ଯେତିକି ଅଧିକରୁ ଅଧିକ ସଚେତନ ହୋଇ-ପାରୁଥିବ, ତୁମର ସତ୍ତା ଉପରେ ତୁମର ଦିନବେଳେ ଯେତିକି ନିୟନ୍ତ୍ରଣଶକ୍ତି ରହିଛି, ତାହା ଉପରେ ତୁମେ ରାତିରେ ମଧ୍ୟ ସେତିକି ନିୟନ୍ତ୍ରଣ ଶକ୍ତି ଅର୍ଜନ କରିବାକୁ ଆରମ୍ଭ କରିବ, ସମ୍ଭବତଃ ଆହୁରି ଅଧିକ ନିୟନ୍ତ୍ରଣଶକ୍ତି ଅର୍ଜନ କରିବ । କାରଣ ରାତିର ନିଦ୍ରାବସ୍ଥାରେ ତୁମେ ଅନ୍ତତଃ ଆଂଶିକ ଭାବରେ ଦେହଯନ୍ତ୍ରଟିର ଅଧୀନତାରୁ ବେଶ୍ ମୁକ୍ତ ହୋଇ ରହିଥିବ । ଶରୀରଚେତନାର ପ୍ରକ୍ରିୟାଗୁଡ଼ିକ ଉପରେ ନିୟନ୍ତ୍ରଣ ହାସଲ କରିବା ପ୍ରକୃତରେ ଅପେକ୍ଷାକୃତ ଅଧିକ କଷ୍ଟକର ହୋଇଥାଏ, କାରଣ ସେହି ପ୍ରକ୍ରିୟାଗୁଡ଼ିକ ଅପେକ୍ଷାକୃତ ଅଧିକ ଅନମନୀୟ ହୋଇ ରହିଥାନ୍ତି, ମାନସିକ ଏବଂ ପ୍ରାଣିକ ପ୍ରକ୍ରିୟାର ତୁଳନାରେ ସେଗୁଡ଼ିକ ପରିବର୍ତ୍ତନ ଲାଗି ଅପେକ୍ଷାକୃତ କମ୍ ସକ୍ଷମ ହୋଇ ରହିଥାନ୍ତି ।

'oaob.nitrkl.ac.in' images reprocessed

ସେତେବେଳେ ମାନସିକ ଏବଂ ପ୍ରାଣିକ, ବିଶେଷ କରି ପ୍ରାଣିକ ଅଂଶଟି ଖୁବ ସକ୍ରିୟ ହୋଇ ରହିଥାଏ । ଦିନବେଳେ ତ ସେମାନେ କାବୁ ହୋଇପଡ଼ି ହୋଇ ରହିଥାନ୍ତି, ସଚେତନ ଅବା ସ୍ୱୟଂଚାଳିତ ଭାବରେ ଶାରୀରଚେତନା ସେମାନଙ୍କର ମୁକ୍ତ କ୍ରୀଡ଼ା ଏବଂ ଅଭିବ୍ୟକ୍ତିକୁ ଦବାଇକରି ରଖିଥାଏ । ଶୋଇବାବେଳେ ଏହି ନିୟନ୍ତ୍ରଣଟି ଆଉ ରହିପାରେ ନାହିଁ ଏବଂ ତେଣୁ ସେତେବେଳେ ସେମାନେ ଆପଣାର ସ୍ୱାଭାବିକ ଏବଂ ମୁକ୍ତ ଗତିଶୀଳତାଗୁଡ଼ିକୁ ସାଙ୍ଗରେ ଧରି ବେଶ୍ ପଦାକୁ ବାହାରି ଆସନ୍ତି ।

ସ୍ୱପ୍ନହୀନ ନିଦ୍ରାର ସ୍ୱଭାବଟିକୁ ଆମେ କ'ଣ ବୋଲି ଜାଣିବା ?

ତୁମେ ଯାହାକୁ ସ୍ୱପ୍ନହୀନ ନିଦ୍ରା ବୋଲି କହୁଛ, ସେତେବେଳେ ସାଧାରଣତଃ ତୁମର ଏହି ଦୁଇଟିରୁ କୌଣସି ଗୋଟିଏ ଅବସ୍ଥା ରହିଥାଏ; ତୁମେ ଯାହାସବୁ ସ୍ୱପ୍ନରେ ଦେଖିଲ, ନିଦ ଭାଙ୍ଗିବା ପରେ ସେସବୁ ହୁଏତ ତୁମର ସ୍ମରଣ ରହେ ନାହିଁ କିମ୍ବା ଶୋଇବା ସମୟରେ ତୁମେ ଆପଣାକୁ ଏପରି ଏକ ଘୋର ଅଚେତନ ମଧ୍ୟରେ ନେଇ ନିକ୍ଷିପ୍ତ କରିଦିଅ ଯାହାକୁ କି ପ୍ରାୟ ମୃତ୍ୟୁର ସଦୃଶ ବୋଲି କୁହାଯାଇପାରିବ । ସେତେବେଳେ ତୁମକୁ ପ୍ରାୟ ମୃତ୍ୟୁର ଏକ ଆସ୍ୱାଦନ ମିଳିଯାଇଥାଏ । ମାତ୍ର, ଏପରି ଏକ ନିଦ୍ରାର ତଥାପି ସମ୍ଭାବନା ରହିଛି, ଯେତେ-ବେଳେ କି ତୁମେ ଏକ ସମ୍ପୂର୍ଣ୍ଣ ନୀରବତା ମଧ୍ୟରେହିଁ ପ୍ରବେଶ କରିଥାଅ, ଆପଣାର ସମୁଦାୟ ସତ୍ତାଟିର କ୍ଷେତ୍ରରେ ତୁମେ ଏକ ନିଶ୍ଚଳତା ଏବଂ ପ୍ରଶାନ୍ତ ଅବସ୍ଥା ମଧ୍ୟରେ ଯାଇ ପ୍ରବିଷ୍ଟ ହୋଇଥାଅ । ତୁମର ଚେତନା ସେତେବେଳେ ସଚ୍ଚିଦାନନ୍ଦର ଚେତନା ମଧ୍ୟରେ ମଗ୍ନ ହୋଇ ରହିଥାଏ । ତାହାକୁ ତୁମେ କ୍ୱଚିତ୍ ନିଦ୍ରାର ଏକ ଅବସ୍ଥା ବୋଲି କହିପାରିବ, କାରଣ ତାହା ଅତିଶୟ ପରିମାଣରେ ଏକ ସଚେତନ ଅବସ୍ଥାରୂପେ ବର୍ତ୍ତମାନ ଥାଏ । ତୁମେ ସେହି ଅବସ୍ଥାଟି ମଧ୍ୟରେ ହୁଏତ କେତେ ମୁହୂର୍ତ୍ତ ଲାଗି ବେଶ୍ ଅବସ୍ଥାନ କରିପାର, ମାତ୍ର ସେହି କେତୋଟି ମୁହୂର୍ତ୍ତହିଁ ତୁମକୁ ଘଣ୍ଟାଘଣ୍ଟା ମାମୁଲି ଶୋଇବାର ଅବସ୍ଥା ତୁଳନାରେ ଅଧିକ ବିଶ୍ରାମ ଏବଂ ଅଧିକ ସଚେତନତା ଆଣିଦେଇଥାଏ । ତୁମେ ଆକସ୍ମିକ ଭାବରେ କଦାପି ଏହି ଅବସ୍ଥାଟିକୁ ହାସଲ କରିପାରିବ ନାହିଁ; ଏଥିଲାଗି ଆପଣାକୁ ବେଶ୍ ଦୀର୍ଘକାଳ ତାଲିମ ଦେବାକୁ ପଡ଼ିବ ।

ଅନେକ ସମୟରେ ସ୍ୱପ୍ନାବସ୍ଥାରେ ଯେଉଁସବୁ ଲୋକଙ୍କ ସହିତ ଭେଟ ଏବଂ ପରିଚୟ ହୁଏ, ପରେ ବାହାର

'oaob.nitrkl.ac.in' images reprocessed

ପୃଥିବୀରେ ମଧ୍ୟ ସେହିମାନଙ୍କ ସହିତ ଭେଟ ଏବଂ ପରିଚୟ ହୋଇଥାଏ । ଏପରି କିପରି ହୁଏ ?

ମାନସିକ ତଥା ପ୍ରାଣିକ ଜଗତରେ ଯେଉଁସବୁ ଘନିଷ୍ଠ ସମ୍ବନ୍ଧ ରହିଥାଏ, ସେହିଗୁଡ଼ିକ ସକାଶେହିଁ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ପରସ୍ପରର ନିକଟବର୍ତ୍ତୀ ହୋଇଥାନ୍ତି । ପୃଥିବୀରେ ପରସ୍ପର ସହିତ ସାକ୍ଷାତ୍ ହେବାପୂର୍ବରୁ ଏହି ମାନସିକ ଓ ପ୍ରାଣିକ ଭୂମିଗୁଡ଼ିକରେହିଁ ସେମାନେ ପରସ୍ପରକୁ ଭେଟିଥାନ୍ତି । ସେଠାରେ ସେମାନେ ପରସ୍ପରକୁ ବେଶ୍ ଭେଟିପାରିବେ, କଥାବାର୍ତ୍ତା ହୋଇପାରିବେ, ଏବଂ ଏହି ସାଧାରଣ ପୃଥିବୀରେ ଯାବତୀୟ ଯେତେ ପ୍ରକାରର ସମ୍ବନ୍ଧସ୍ଥାପନ ହୋଇପାରୁଛି, ସେହିସବୁ ଭୂମିରେ ମଧ୍ୟ ସେହି ସମ୍ବନ୍ଧଗୁଡ଼ିକର ସ୍ଥାପନ କରିପାରିବେ । ଏହିସବୁ ସମ୍ବନ୍ଧ ବିଷୟରେ କେତେକ ଅବଗତ ହୋଇଥାନ୍ତି, କେତେକ ଅବଗତ ହୋଇ ନ ଥାନ୍ତି । କେତେକ ବ୍ୟକ୍ତି, ଅଧିକାଂଶ ବ୍ୟକ୍ତିହିଁ ଆପଣାର ଅନ୍ତର୍ଗତ ସତ୍ତାଟି ବିଷୟରେ ସମ୍ପୂର୍ଣ୍ଣ ଅଚେତନ ହୋଇ ରହିଥାନ୍ତି, ଅନ୍ତର୍ଗତ ସମ୍ବନ୍ଧ ତଥା ଆଦାନ-ପ୍ରଦାନଟି ବିଷୟରେ ସେମାନେ କିଛି ଜାଣି ନ ଥାନ୍ତି । ଏବଂ ତଥାପି ଏପରି ଘଟଣା ବି ଘଟିବ ଯେ, ସେମାନେ ଯେତେବେଳେ ବାହାର ପୃଥିବୀରେ ଜଣେ ମଣିଷର ମୁହଁକୁ ପ୍ରଥମ ଥର ପାଇଁ ଦେଖିବେ, ସେତେବେଳେ ସତେଅବା ଅତ୍ୟନ୍ତ ପରିଚିତ ଓ ସମ୍ପୂର୍ଣ୍ଣ ସୁଜ୍ଞାତ ମୁହଁଟିଏ ଦେଖୁଥିବା ଧରି ଅନୁଭବ କରିବେ ।

କେବେ କେବେ ମିଛ ଦୃଶ୍ୟବସ୍ତୁମାନ ଦେଖିବାକୁ ମିଳିଥାଏ କି ?

ଅନେକ କଥା ଦୃଶ୍ୟ ହୋଇଥାଏ, ଯେଉଁଗୁଡ଼ିକ କି ମିଛ ବୋଲି ପ୍ରତୀତ ହୁଏ । ଉଦାହରଣସ୍ୱରୂପ, ଏହିପରି ଶହ ଶହ ବା ହଜାର ହଜାର ଲୋକ ଅଛନ୍ତି, ଯେଉଁମାନେ କି ଯୀଶୁଖ୍ରୀଷ୍ଟଙ୍କୁ ଦେଖିଛନ୍ତି ବୋଲି କହିଥାନ୍ତି । ମାତ୍ର ସେମାନଙ୍କ ଭିତରେ, ଯେଉଁମାନେ ତାଙ୍କୁ ପ୍ରକୃତରେ ଦେଖିଛନ୍ତି, ସେଭଳି ମଣିଷ ହୁଏତ ମୋଟେ ଦଶ-ବାରଜଣହିଁ ରହିଥିବେ; ଏବଂ, ଏହି ଦଶ-ବାର ଜଣ ବ୍ୟକ୍ତିଙ୍କ ମଧ୍ୟରେ ବି ସେମାନେ ପ୍ରକୃତରେ କ'ଣ ଦେଖିଛନ୍ତି ବା ନ ଦେଖିଛନ୍ତି ସେବିଷୟରେ ମଧ୍ୟ ଅନେକ କିଛି କହିବାର ଅବକାଶ ରହିଛି । ଏବଂ ଅନ୍ୟମାନେ ଯାହା ଦେଖିଛନ୍ତି, ତାହା ହୁଏତ କେବଳ ଏକ ପ୍ରସର୍ଜନ ବ୍ୟତୀତ ଆଉ କିଛି ନୁହେଁ; ବା ଏହା କେବଳ ଏକ ଭାବନାମାତ୍ରହିଁ ହୋଇପାରେ ବା ମନ ସ୍ମରଣ କରୁଥିବା କେବଳ ଗୋଟିଏ ପ୍ରତିରୂପ ବି ହୋଇପାରେ । ଏପରି ଆଉ ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି ଯୀଶୁଖ୍ରୀଷ୍ଟଙ୍କ ଉପରେ ଅତି ଦୃଢ଼ ଭାବରେ ବିଶ୍ୱାସ ରଖିଥାନ୍ତି ଏବଂ ସେମାନଙ୍କର ଜୀବନରେ ହୁଏତ ତାଙ୍କର କୌଣସି ଏକ ଶବ୍ଦ ବା ସତ୍ତା ବା

'oaob.nitrkl.ac.in' images reprocessed

ସେମାନେ ମନେ ରଖିଥିବା କୌଣସି ଏକ ପ୍ରତିରୂପକୁ ଦେଖିବାର ଅବସର ମିଳିଛି; ସେହି ପ୍ରତିରୂପ ସେମାନଙ୍କୁ ଖୁବ ପ୍ରଭାବପ୍ରବଣ ହୋଇ ଦିଶିଛି ଏବଂ ସେମାନଙ୍କର ମନଃପଟ ଉପରେ ତାହାର ଏକ ଶକ୍ତିଶାଳୀ ପ୍ରଭାବ ପଡ଼ିଛି । ସେମାନେ ଏପରି ଏକ ବସ୍ତୁର ଦର୍ଶନ କରିଛନ୍ତି ଯେଉଁଗୁଡ଼ିକ କି ସତେଅବା ଅନ୍ୟଏକ ଜଗତର ବସ୍ତୁ ବୋଲି ସେମାନେ ଅନୁଭବ କରୁଛନ୍ତି, ସେଗୁଡ଼ିକ ଏକ ଅତିପ୍ରାକୃତିକ ରାଜ୍ୟର ବସ୍ତୁ ବୋଲି ଅନୁଭବ କରୁଛନ୍ତି । ଏବଂ ତାହା ସେମାନଙ୍କ ମଧ୍ୟରେ ଭୟର ଏକ ସଂବେଗକୁ ସୃଷ୍ଟି କରିଛି, ଅଥବା ଏକ ବିସ୍ମୟ ବା ଆନନ୍ଦର ସଂବେଗ ବି ସୃଷ୍ଟି କରିଛି । ଏବଂ, ଯେହେତୁ ସେମାନେ ଯୀଶୁଖ୍ରୀଷ୍ଟଙ୍କଠାରେହିଁ ବିଶ୍ୱାସ ସ୍ଥାପନ କରିଆସିଛନ୍ତି, ସେମାନେ ପ୍ରକୃତରେ ଆଉକିଛି ଭାବିପାରୁ ନାହାନ୍ତି ଓ ଯାହା ଦେଖୁଛନ୍ତି, ତାହାକୁହିଁ ଖ୍ରୀଷ୍ଟ ବୋଲି କହୁଛନ୍ତି । ମାତ୍ର, ଯଦି ଠିକ୍ ସେହି ବସ୍ତୁଟି ହିନ୍ଦୁ, ମୁସଲମାନ ଅଥବା ଅନ୍ୟକୌଣସି ଧର୍ମରେ ବିଶ୍ୱାସ କରୁଥିବା ଆଉ ଜଣକ ସମ୍ମୁଖରେ ଦୃଶ୍ୟ ହେବ, ସେତେବେଳେ ତାହା ତଦନୁସାରେ ଏକ ଭିନ୍ନ ନାମ ଓ ଭିନ୍ନ ରୂପ ଧାରଣ କରିବ । ଯେଉଁ ବସ୍ତୁଟି ଦୃଶ୍ୟ ଅଥବା ଅନୁଭୂତ ହେଉଛି, ତାହା ମୂଳତଃ ସେହି ଗୋଟିଏ ବସ୍ତୁ ହୋଇ ରହିଛି, ମାତ୍ର ତାହାକୁ ଦେଖୁଥିବା କିଂବା ଅନୁଭବ କରୁଥିବା ମନଟିର ବିଶେଷ ଗଢ଼ଣଟି ଅନୁସାରେ ତାହା ଭିନ୍ନ ଭିନ୍ନ ପ୍ରକାରେ ସୂତ୍ରବଦ୍ଧ ହୋଇପାରୁଛି । ଯେଉଁ ବ୍ୟକ୍ତିମାନେ ଯାବତୀୟ ବିଶ୍ୱାସ, ଧର୍ମ, କଳ୍ପିତ କଥା ଏବଂ ପରମ୍ପରାକୁ ଅତିକ୍ରମ କରି ସେପାଖକୁ ଯାଇପାରିବେ, କେବଳ ସେହିମାନେହିଁ ବସ୍ତୁଟିକୁ ତା'ର ଅସଲ ସତ୍ୟଟି ଦେଇ ଚିହ୍ନିବାକୁ ସମର୍ଥ ହେବେ । ମାତ୍ର ଏଭଳି ବ୍ୟକ୍ତି ଅନେକ ଅନେକ କମ୍ ସଂଖ୍ୟାରେ ଅଛନ୍ତି । ତୁମେ ଯାହାସବୁ ପ୍ରତ୍ୟକ୍ଷ କଲ, ତାହାକୁ ଯଥାର୍ଥ ପ୍ରକାରେ ଜାଣିବା ପୂର୍ବରୁ ତୁମକୁ ଆଗ ପ୍ରତ୍ୟେକ ପ୍ରକାରର ମାନସିକ ରଚନାରୁ ମୁକ୍ତ ହୋଇ ଆସିବାକୁ ପଡ଼ିବ, ଏବଂ, ଯାହାକିଛି ସ୍ଥାନୀୟ ଓ ଯାହାକିଛି କ୍ଷଣାଧୀନ, ତାହାର ଆବେଶ ମଧ୍ୟରୁ ନିଜକୁ ମୁକ୍ତ କରି ଆଣିବାକୁ ପଡ଼ିବ ।

ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବାର ଅର୍ଥ ହେଉଛି ଆପଣା ମଧ୍ୟରେ ରହିଥିବା ପରମ ଦିବ୍ୟତା ସହିତ ସମ୍ପର୍କ ସ୍ଥାପନ କରିବା (ଆପଣାର ବାହାରେ ଥିବା ପରମ ଦିବ୍ୟତା ସହିତ ମଧ୍ୟ ସମ୍ପର୍କ ସ୍ଥାପନ କରିବା; ସେହି ରାଜ୍ୟର କଥା ବିଷୟରେ ଆଲୋଚନା ହେଉଥିବା ବେଳେ ଭିତର ଓ ବାହାର ଦୁଇଟି ମଧ୍ୟରେ ଆଦୌ କୌଣସି ପାର୍ଥକ୍ୟ ରହେ ନାହିଁ) । ଏବଂ ଏହି ଆଧ୍ୟାତ୍ମିକ ଅନୁଭୂତି ଏପରି ଏକ ଅନୁଭୂତି, ଯାହାକି ସବୁ ଦେଶରେ, ସବୁ ଜାତି ମଧ୍ୟରେ ଏବଂ ଏପରିକି ସବୁ ଯୁଗରେ ମଧ୍ୟ ସେହି ଗୋଟିଏ ପ୍ରକାରର ଅନୁଭୂତି ହୋଇ ରହିଛି । ଯଦି ତୁମର

'oaob.nitrkl.ac.in' images reprocessed

କେବେ ସେହି ପରମ ଦିବ୍ୟତା ସହିତ ସାକ୍ଷାତ୍କାର ଘଟିବ, ତେବେ ସେହି ସାକ୍ଷାତ୍କାର ସର୍ବଦା ଏବଂ ସର୍ବତ୍ର କେବଳ ସେହି ଗୋଟିଏ ସ୍ଥିତରେହିଁ ଘଟିବ । ତୁମର ଅନୁଭୂତି ଓ ତୁମ ଦ୍ୱାରା ସୂତ୍ରବଦ୍ଧ କରାଯାଇଥିବା ତାହାର ଏକ ରୂପ, ଏହି ଦୁଇଟି ମଧ୍ୟରେ ଏଡ଼େବଡ଼ ଗୋଟାଏ ଖାଇ ବା ବ୍ୟବଧାନ ରହି ଯାଇଥାଏ ବୋଲିହିଁ ଏହି କ୍ଷେତ୍ରରେ ପାର୍ଥକ୍ୟମାନ ପରିଦୃଷ୍ଟ ହୋଇଥାନ୍ତି । ତୁମେ ପ୍ରତ୍ୟକ୍ଷ ଭାବରେ ଏକ ଆଧ୍ୟାତ୍ମିକ ଅନୁଭୂତି ଲାଭକର, ସେହି ଅନୁଭୂତିଟି ସର୍ବଦା ଅନ୍ତର୍ଗତ ଚେତନାର ସ୍ତରରେହିଁ ସଂଘଟିତ ହୋଇଥାଏ; ତା'ପରେ ତୁମର ବାହ୍ୟ ଚେତନା ମଧ୍ୟକୁ ତାହାର ଏକ ତର୍ଜମା ହୋଇ ଆସେ ଏବଂ ସେଠାରେ ତୁମର ଶିକ୍ଷା, ତୁମର ଧର୍ମବିଶ୍ୱାସ ଏବଂ ତୁମର ମାନସିକ ବିଶେଷ ପ୍ରବଣତାଟି ଅନୁସାରେ ଗୋଟିଏ ବା ଅନ୍ୟଏକ ପ୍ରକାରେ ତାହାର ଏକ ସଂଜ୍ଞାନିରୂପଣ କରାଯାଇଥାଏ । ସତ୍ୟ ହେଉଛି କେବଳ ଗୋଟିଏ ବାସ୍ତବତା, କେବଳ ଗୋଟିଏମାତ୍ର ବାସ୍ତବତା । ମାତ୍ର, ଯେଉଁସବୁ ବାହ୍ୟ ରୂପରେ ସେଗୁଡ଼ିକର ଅଭିବ୍ୟକ୍ତ ହୋଇ ପାରିବ, ସେଗୁଡ଼ିକର ସଂଖ୍ୟା ଅନେକ ।

ଯାନ୍-ଡାର୍କ ଯେଉଁସବୁ ଦୃଶ୍ୟର ପ୍ରତ୍ୟକ୍ଷ କରିଥିଲେ, ତାହାକୁ ଆମେ କିପରି ସ୍ୱଭାବର ବୋଲି କହିପାରିବା ?

ଯାହାକୁ ଆମେ ସାଧାରଣତଃ ଦେବତାମାନଙ୍କର ରାଜ୍ୟ ବୋଲି କହିଥାଉ, ନିଃସନ୍ଦେହ ଭାବରେ ଯାନ୍-ଡାର୍କ ସେହି ରାଜ୍ୟର ନାନା ରୂପ ଓ ଅସ୍ତିତ୍ୱ ସହିତ ସମ୍ପର୍କରେ ଆସିଥିଲେ । (ବା, କାଥୋଲିକ୍‌ମାନେ ଯେପରି କହିଥାନ୍ତି, ସିଏ ସନ୍ଥମାନଙ୍କର ରାଜ୍ୟର ସମ୍ପର୍କରେ ଆସିଥିଲେ । ଅବଶ୍ୟ ଏକଥା ସତ ଯେ ଦୁଇଟି କଥା ଆଦୌ ସେହି ଏକା କଥା ନୁହେଁ ।) ସିଏ ଯେଉଁସବୁ ସତ୍ତ୍ୱାର ଦର୍ଶନ କରିଥିଲେ, ସେମାନଙ୍କୁ ସେ ସର୍ବୋଚ୍ଚ ସ୍ତରର ଦେବଦୂତ ବୋଲି କହିଥିଲେ । ଏହିସବୁ ସତ୍ତ୍ୱା ଯେଉଁ ଅନ୍ତଃବର୍ତ୍ତୀ ଜଗତଟିରେ ବାସ କରନ୍ତି, ସେଇଟି ହେଉଛି ଉଚ୍ଚତର ମନ ଏବଂ ଅଧିମାନସର ରାଜ୍ୟ ମଧ୍ୟରେ ଅବସ୍ଥିତ; ଶ୍ରୀଅରବିନ୍ଦ ଏହାକୁ ଅଧିମାନସର ରାଜ୍ୟ ବୋଲି କହିଛନ୍ତି; ଏହି ଜଗତଟି ହେଉଛି ସୃଜନକାରୀମାନଙ୍କର ରାଜ୍ୟ, "ରଚୟିତା"ମାନଙ୍କର ରାଜ୍ୟ ।

ଯେଉଁ ଦୁଇଟିଯାକ ସତ୍ତ୍ୱା ସର୍ବଦା ଯାନ୍-ଡାର୍କଙ୍କ ଆଗରେ ଆସି ଦେଖାଦେଉଥିଲେ ଏବଂ ତାଙ୍କ ସହିତ କଥାବାର୍ତ୍ତା କରୁଥିଲେ, ଯଦି ଜଣେ ଭାରତୀୟ ସେମାନଙ୍କର ଦର୍ଶନ ପାଇଥାନ୍ତା, ତେବେ ତାକୁ ସେମାନେ ଆଉ ଏକ ଭିନ୍ନ ରୂପରେହିଁ ଦିଶିଥାନ୍ତେ । କାରଣ ଜଣେ ବ୍ୟକ୍ତି ଯେତେବେଳେ କିଛି ଦେଖିବାକୁ

'oaob.nitrkl.ac.in' images reprocessed

ଯାଏ, ସେତେବେଳେ ଆପଣା ମନ ଭିତରେ ରହିଥିବା ରୂପଗୁଡ଼ିକର ପ୍ରକ୍ଷେପଣ କରିହିଁ ସିଏ ସେଗୁଡ଼ିକୁ ଦେଖିଥାଏ । ତୁମେ ଯାହାକିଛି ଯେତେବେଳେ ଦେଖ, ସେତେବେଳେ, ଯାହା ଦେଖିବ ବୋଲି ତୁମ ମନରେ ଆଗରୁ ଏକ ପ୍ରତ୍ୟାଶା ରହିଛି, ତୁମେ ସେହି ରୂପଟିକୁ ଦେଇହିଁ ଦେଖୁଥିବା ବସ୍ତୁଟିକୁ ଦେଖିଥାଅ । ଯଦି ଗୋଟିଏ ଗୋଷ୍ଠୀରେ କୌଣସି ସ୍ଥାନରେ ଖ୍ରୀଷ୍ଟିଆନ୍, ବୌଦ୍ଧ, ହିନ୍ଦୁ ଓ ଶିଣ୍ଟୋ ମତାବଲମ୍ବୀ ସମସ୍ତେ ଗୋଟିଏ ଜାଗାରେ ଆଆନ୍ତି ଓ ସେମାନଙ୍କ ସମ୍ମୁଖରେ ଏକାବେଳେକେ କୌଣସି ଗୋଟିଏ ସତ୍ତାର ଆବିର୍ଭାବ ଘଟିଯା'ନ୍ତା, ତେବେ ତାହାକୁ ଏହି ଭିନ୍ନ ଭିନ୍ନ ବ୍ୟକ୍ତିମାନେ ନିଶ୍ଚୟ ଭିନ୍ନ ଭିନ୍ନ ନାମରେହିଁ ନାମିତ କରିଥାନ୍ତେ । ସେହି ସତ୍ତାଟିର ଆବିର୍ଭାବ ବିଷୟରେ ପ୍ରତ୍ୟେକ ବ୍ୟକ୍ତି ସତ୍ତାଟି ଅମୁକ ପରି ବା ସମୁକ ପରି ଥିଲା ବୋଲି କହନ୍ତେ ; ତାକୁ ସମସ୍ତେ ଭିନ୍ନ ଭିନ୍ନ ରୂପରେ ଦେଖନ୍ତେ, ରୂପଟି ସେହି ଏକାରୂପ ହୋଇଥିଲେ ମଧ୍ୟ ସେମାନେ ତାହାକୁ ଭିନ୍ନଭିନ୍ନ ରୂପରେ ଦେଖନ୍ତେ । ଦିବ୍ୟ ଜନନୀଙ୍କର ଆବାହନ କଲାବେଳେ ଭାରତବର୍ଷରେ ତୁମେସବୁ ତାଙ୍କୁ ଗୋଟିଏ ରୂପରେ ଦେଖିଥାଅ, କାଥୋଲିକ୍‌ମାନେ ତାଙ୍କୁ ଦେବୀ କୁମାରୀ ମେରୀ ରୂପରେ ଦେଖନ୍ତି, ଜାପାନୀମାନେ ତାଙ୍କୁ କ୍ୱାନ୍-ନନ୍ ଅର୍ଥାତ୍ କରୁଣାର ଦେବୀ ବୋଲି କହନ୍ତି । ଏବଂ ଅନ୍ୟମାନେ ତାଙ୍କୁ ଡାକିଲାବେଳେ ନିଶ୍ଚୟ ଅନ୍ୟ ନାମ ଦେଇ ଡାକୁଥିବେ । ମାତ୍ର ପରମା ଶକ୍ତି ସେଇ ଗୋଟିଏ, ଏବଂ ବିଭିନ୍ନ ଧର୍ମରେ ତାଙ୍କୁ ବିଭିନ୍ନ ପ୍ରକାରର ପ୍ରତିରୂପ ଦେଇ କଳ୍ପନା କରାଯାଇଥାଏ ।

ସମର୍ପଣରେ ଅଭ୍ୟାସ ବା ଶୃଙ୍ଖଳାର କପରି ସ୍ଥାନ ରହିବା ଉଚିତ ? ଯଦି ଜଣେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦେବେ, ତେବେ ତା'ଲାଗି କୌଣସି ଶୃଙ୍ଖଳା ମାନିବାକୁ ନ ଥିଲେ କ'ଣ ଚଳିବ ନାହିଁ କି ? ଏହିସବୁ ଶୃଙ୍ଖଳା ଅନେକ ସମୟରେ ହସ୍ତବନ୍ଧକ ରୂପେ କାର୍ଯ୍ୟ କରେ ନାହିଁ କି ?

ହଁ, କରିପାରେ । ମାତ୍ର କ୍ରମବିକାଶର ପଦ୍ଧତି ଅର୍ଥାତ୍ ଶୃଙ୍ଖଳା ଏବଂ ଇଚ୍ଛା ଦ୍ୱାରା ପ୍ରେରିତ କର୍ମ ମଧ୍ୟରେ ସର୍ବଦା ଏକ ପାର୍ଥକ୍ୟ ରହିବା ଏକାନ୍ତ ଆବଶ୍ୟକ । ଶୃଙ୍ଖଳା ହେଉଛି ଏକ ଅଲଗା ପ୍ରକାରର କଥା ; ମୁଁ ଏଠାରେ ଇଚ୍ଛା ଦ୍ୱାରା ପ୍ରେରିତ କର୍ମର କଥା କହୁଛି । ତୁମେ ଯଦି ଆପଣାକୁ ସମର୍ପଣ କରିଦେବାକୁ ଯିବ, ତେବେ ତୁମେ ତା'ପରେ ଆଉ କଦାପି କୌଣସି ପ୍ରୟାସ

'oaob.nitrkl.ac.in' images reprocessed

କରିବ ନାହିଁ ; ମାତ୍ର ତା'ର ଅର୍ଥ ନୁହେଁ ଯେ ତୁମେ ଇଚ୍ଛା ଦ୍ୱାରା ପ୍ରେରିତ ହୋଇ ଆଉ ଆଦୌ କୌଣସି କାର୍ଯ୍ୟ କରିବ ନାହିଁ । ଏହି କ୍ଷେତ୍ରରେ ବରଂ ଓଲଟା କଥା ହେବ ଯେ, ଆପଣାର ଇଚ୍ଛାକୁ ଦିବ୍ୟ ପରମ-ଇଚ୍ଛାର ପରିପୂରକ ରୂପେ ନିଯୁକ୍ତ କରି ରଖି ତୁମେ ଉପଲବ୍ଧିଟିକୁ ପ୍ରକୃତରେ ହିଁ ରୂପାନ୍ତରିତ କରିଦେଇ ପାରିବ । ସେଇଟାକୁ ମଧ୍ୟ ଆଉ ଗୋଟିଏ ପ୍ରକାରର ସମର୍ପଣ ବୋଲି କୁହାଯାଇ ପାରିବ ।

ଅର୍ଥାତ୍, ତୁମେ ନିଷ୍କ୍ରିୟ ଭାବରେ ଆଦୌ କୌଣସି ସମର୍ପଣ କରିବ ନାହିଁ, ଯେଉଁଥିରେକି ତୁମେ ସତେଅବା ଗୋଟାଏ ନିର୍ଜୀବ ପିଣ୍ଡ ପାଲଟିଯିବ; ମାତ୍ର ଅସଲ କଥା ହେଉଛି ଯେ ତୁମେ ଆପଣାର ଇଚ୍ଛାଟିକୁ ପରମ ଦିବ୍ୟ-ଇଚ୍ଛାର ନିର୍ଦ୍ଦେଶରେହିଁ ବିନିଯୁକ୍ତ ହେବାକୁ ଛାଡ଼ିଦେବ ।

ମାତ୍ର ତାଙ୍କ ସହିତ ସମ୍ମିଳନ ସମ୍ଭବ ହେବା ପୂର୍ବରୁ ଆମେ ସେକଥାଟି କିପରି କରିପାରିବା ?

ତୁମର ନିଜର ଇଚ୍ଛା ବୋଲି ତ ଗୋଟିଏ ଜିନିଷ ଅଛି, ଏବଂ ତୁମେ ସେଇଟିକୁହିଁ ସମର୍ପଣ କରିଦେବ । ତୁମେ ଅତିବାହିତ କରୁଥିବା ତୁମ ରାତିଟିର ଉଦାହରଣ ନେଇ ବିଚାର କରାଯାଉ । ଯଦି ତୁମେ ନିଷ୍କ୍ରିୟ ସମର୍ପଣର ଦୃଷ୍ଟି-ଭଙ୍ଗୀଟିକୁ ଗ୍ରହଣ କରିଥିବ, ତେବେ ତୁମେ ହୁଏତ କହିବ, "ମୁଁ ସଚେତନ ହୁଏ ବୋଲି ଯେତେବେଳେ ସେହି ଭଗବତ୍-ପରମ-ଇଚ୍ଛାର ନିର୍ଦ୍ଦେଶ ଆସିବ, ମୁଁ ସେତେବେଳେ ଯାଇ ସଚେତନ ହେବି ।" ମାତ୍ର, ଅନ୍ୟପକ୍ଷରେ, ଯଦି ଆପଣାର ଇଚ୍ଛାଟିକୁ ତୁମେ ଭଗବାନଙ୍କ ହାତରେ ନେଇ ଦେଇ ଦେଇଥିବ, ତେବେ ତୁମେ ନିଜେ ମଧ୍ୟ ଇଚ୍ଛା କରିବାକୁ ଆରମ୍ଭ କରିବ ଓ କହିବ, "ମୁଁ ଅତିବାହିତ କରୁଥିବା ରାତିଟି ବିଷୟରେ ମୁଁ ନିଶ୍ଚୟ ସଚେତନ ରହିବି ।" ଏହି କଥାଟି ଯେ ଅବଶ୍ୟ କରାଯିବା ଉଚିତ, ତୁମର ସେହି ବିଷୟରେ ଇଚ୍ଛା ରହିଥିବ ଏବଂ ତୁମେ କେବେ-ହେଲେ ଅଳସୁଆ ହୋଇ ବସି କେବଳ ଅପେକ୍ଷା କରି ରହିବ ନାହିଁ । "ଏଥର ଆପଣାର ଇଚ୍ଛାଟିକୁ ମୁଁ ପରମେଶ୍ୱରଙ୍କ ହାତରେ ନେଇ ସମର୍ପଣ କରିଦେବି । ମୁଁ ଅତିବାହିତ କରୁଥିବା ମୋ'ର ରାତିଗୁଡ଼ିକ ବିଷୟରେ ସଚେତନ ହେବା ଲାଗି ମୁଁ ଏକାନ୍ତ ଭାବରେ ଇଚ୍ଛା କରୁଛି । ସେଥିପାଇଁ ମୋ' ପାଖରେ ଆବଶ୍ୟକ ଜ୍ଞାନ ନାହିଁ, ତେଣୁ ପରମ ଭଗବତ୍-ଇଚ୍ଛାହିଁ ମୋ'ପାଇଁ ସେହି କାର୍ଯ୍ୟଟିକୁ ସାଧନ କରିଦେଉ, ମୁଁ ତାକୁ ସେଇଥିଲାଗି ବାଟ ଛାଡ଼ିଦେବି ।" —ଯେତେବେଳେ ତୁମେ ଏହିପରି ଏକ ଦୃଷ୍ଟିଭଙ୍ଗୀ ଗ୍ରହଣ କରି ପାରିବ, ସେତେବେଳେ ଅସଲ ସମର୍ପଣ ସମ୍ଭବ ହେବ । ଅର୍ଥାତ୍, ତୁମର ଇଚ୍ଛାଟି ନିଶ୍ଚୟ ଅପ୍ରତିହତ ଓ ଅବ୍ୟାହତ ଭାବରେ କାର୍ଯ୍ୟ କରୁଥିବ; କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ଆପଣାର କାର୍ଯ୍ୟରୂପେ ଗ୍ରହଣ

'oaob.nitrkl.ac.in' images reprocessed

କରିବାରେ ଅଥବା କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟପୂରଣର ଦାବି କରିବାରେ ନୁହେଁ, ମାତ୍ର ଏକ ଉତ୍ସାହୋଜ୍ଜ୍ୱଳ ଅଭୀପ୍‌ସା ରୂପେ ତାହା କାର୍ଯ୍ୟ କରୁଥିବ, ଏବଂ ଉପଲବ୍ଧି ହେବା ଲାଗି ରହିଥିବା ଲକ୍ଷ୍ୟବସ୍ତୁଟି ଉପରେ ସେହି ଅଭୀପ୍‌ସା ସଂକେନ୍ଦ୍ରିତ ହୋଇ ରହିଥିବ । ଏଇ ହେଲା ସର୍ବପ୍ରଥମ ପଦକ୍ଷେପ । ଯଦି ତୁମେ ସତର୍କ ରହିଥିବ, ତୁମର ଦୃଷ୍ଟି ଯଦି ସଜାଗ ହୋଇ ରହିଥିବ, ତେବେ, ତୁମର କ'ଣ କରିବା ଉଚିତ ଏବଂ ବର୍ତ୍ତମାନ ସଙ୍ଗେ ସଙ୍ଗେ ତୁମକୁ କେଉଁ କାର୍ଯ୍ୟଟିକୁ କରିବାକୁ ହେବ, ଏକ ପ୍ରେରଣା ରୂପେ ତୁମକୁ ନିଶ୍ଚୟ ସେହି ବିଷୟରେ କିଛି ନା କିଛି ଆସି ଉପଲବ୍ଧି ହୋଇଯିବ । ତୁମକୁ କେବଳ ଏହି ଗୋଟିଏ କଥା ସ୍ମରଣ ରଖିବାକୁ ପଡ଼ିବ ଯେ, ତୁମ କାର୍ଯ୍ୟର ପରିଣାମ ରୂପେ ତୁମକୁ ଯାହାକିଛି ମିଳିବ, ତାହାକୁହିଁ ଗ୍ରହଣ କରିନେବା ହେଉଛି ପ୍ରକୃତ ସମର୍ପଣ; କାରଣ, ଏକଥା ମଧ୍ୟ ବେଶ୍ ଘଟିପାରେ ଯେ, ଯାହା ଫଳରୂପେ ତୁମକୁ ପ୍ରାପ୍ତ ହେବ ବୋଲି ତୁମେ ଆଗରୁ ଆଶା ପୋଷଣ କରିଥିବ, ପ୍ରକୃତରେ ମିଳିବା ଫଳଟି ତାହାଠାରୁ ବେଶ୍ ଭିନ୍ନ ପ୍ରକାରର ହେବ । ଅନ୍ୟପକ୍ଷରେ, ତୁମର ସମର୍ପଣଟି ଯଦି ଏକ ନିଷ୍କ୍ରିୟ ସମର୍ପଣ ହୋଇଥିବ, ତେବେ ତୁମେ ଆଦୌ କିଛିହେଲେ କରିବ ନାହିଁ, କିଛିହେଲେ ବି ଚେଷ୍ଟା କରିବ ନାହିଁ; କେବଳ ଶୋଇବାକୁହିଁ ବାହାରିଯିବ ଏବଂ କୌଣସି ଏକ ଅତି ଅଲୌକିକ ଭାବରେ କିଛି ଘଟିବ ବୋଲି ଅପେକ୍ଷା କରି ରହିଥିବ ।

ଏବଂ, ତୁମର ଇଚ୍ଛା ବା ବାସନାଟିର ଭଗବତ୍-ପରମ-ଇଚ୍ଛାଟି ସହିତ ସଙ୍ଗତି ରହିଛି କି ନାହିଁ, ସେହି କଥାଟିକୁ ଜାଣିବା ଲାଗି, ତୁମକୁ ଏକ ଉତ୍ତର ପ୍ରକୃତରେ ମିଳିଛି କି ନାହିଁ, ତୁମେ ଆପଣା କାର୍ଯ୍ୟଟିଲାଗି ଏକ ସମର୍ଥନ ମିଳୁଥିବାର ଅନୁଭବ କରୁଛ ଅଥବା ଏକ ବିରୋଧ ପ୍ରକଟ ହେଉଥିବା ପରି ଅନୁଭବ କରୁଛ, ତୁମକୁ ନିରୀକ୍ଷଣ କରି ସେହି କଥାଟିକୁ ଦେଖିବାକୁ ପଡ଼ିବ । ତୁମର ମନ, ପ୍ରାଣିକତା କିଂବା ଶରୀରର ସାହାଯ୍ୟରେ ତାହା ଦେଖିବାକୁ ଗଲେ ମୋଟେ ଚଳିବ ନାହିଁ; ମାତ୍ର, ଅନ୍ତର୍ଗତ ସତ୍ତ୍ୱାର ଗଭୀର କ୍ଷେତ୍ରରେ, ତୁମର ହୃଦୟ ମଧ୍ୟରେ ଯେଉଁ ବସ୍ତୁଟି ସର୍ବଦା ଅବସ୍ଥାନ କରୁଛି, ତୁମକୁ ତାହାରି ମାଧ୍ୟମରେହିଁ ଯାହାକିଛି ଦେଖିବାକୁ ହେବ ।

ମାତ୍ର ଏଥିଲାଗି ଧ୍ୟାନର କ୍ଷେତ୍ରରେ ଏକ ଅଧିକରୁ ଅଧିକ ପ୍ରୟାସ ଆବଶ୍ୟକ ହେବ ନାହିଁ କି ? ଏବଂ, ଏକଥାଟି ମଧ୍ୟ କ'ଣ ସତ ନୁହେଁ ଯେ, ଜଣେ ଯେତିକି ଅଧିକ ସମୟ ଲାଗି ଧ୍ୟାନ କରିପାରିବ, ସିଏ ସେତିକି ଅଧିକ ପରିମାଣରେ ଅଗ୍ରସର ମଧ୍ୟ ହୋଇପାରିବ ?

'oaob.nitrkl.ac.in' images reprocessed

ତୁମେ ଧ୍ୟାନରେ କେତେ ଅଧିକ ଘଣ୍ଟା ଅତିବାହିତ କରୁଛ, ସେଥିରୁ ଆଧ୍ୟାତ୍ମିକ ମାର୍ଗରେ ତୁମେ କେତେ ଅଗ୍ରଗତି କରୁଛ, ତାହାର ଆଦୌ କୌଣସି ପ୍ରମାଣ ମିଳି ପାରିବ ନାହିଁ । ଧ୍ୟାନ କରିବା ଲାଗି ଯେତେବେଳେ ତୁମକୁ ଆଉ କୌଣସି ପ୍ରୟାସ କରିବାକୁ ନ ପଡ଼ିବ, ସେତେବେଳେ ତାହାହିଁ ତୁମେ ଅଗ୍ରଗତି କରିଥିବାର ଅସଲ ପ୍ରମାଣ ହେବ । ସେତେବେଳେ ତ ବରଂ ଧ୍ୟାନ ନ କରିବା ଲାଗିହିଁ ଏକ ପ୍ରୟାସ କରିବାକୁ ପଡ଼ିବ । ସେତେବେଳେ ଧ୍ୟାନର ଅବିରାମ ଧାରାଟିକୁ କିଛି ସମୟ ଲାଗି ଛାଡ଼ିଦେବାହିଁ କଷ୍ଟକର ହେବ, ପରମ ଦିବ୍ୟସତ୍ତାଙ୍କ ଉପରେ ଆପଣାର ଭାବନାକୁ ଅଭିନିବିଷ୍ଟ କରି ନ ପାରିବାହିଁ ଭାରି କଷ୍ଟକର ହେବ, ତଳକୁ ଖସି ସାଧାରଣ ଚେତନାକୁ ଓହ୍ଲାଇ ଆସିବାହିଁ ପ୍ରକୃତରେ କଷ୍ଟକର ହେବ । ଏବଂ ସେତେବେଳେ ତୁମେ ଅଗ୍ରଗତି କରିଥିବା ବିଷୟରେ ଅବଶ୍ୟ ନିଶ୍ଚିତ ହୋଇ ପାରିବ, ତୁମେ ସେତେବେଳେ ପ୍ରକୃତରେ ଏକ ଅଗ୍ରଗତି କରିଛ ବୋଲି କୁହାଯାଇ ପାରିବ; ସେତେବେଳେ ପରମ ଭଗବତ୍‌ସତ୍ତା ମଧ୍ୟରେହିଁ ଆପଣାକୁ ସଂକେନ୍ଦ୍ରିତ କରି ରଖିବା ଏକ ପ୍ରୟୋଜନରେ ପରିଣତ ହେବ, ସେହି ସଂକେନ୍ଦ୍ରଣ ତୁମଲାଗି ସେତେବେଳେ ଅପରିହାର୍ଯ୍ୟ ହୋଇପଡ଼ିବ; ତୁମେ ସେତେବେଳେ ଯାହାକିଛି କରୁଥାଅ ନା କାହିଁକି, ତୁମର ଧ୍ୟାନ ସକାଳୁ ରାତି ପର୍ଯ୍ୟନ୍ତ ତୁମ ସହିତ ଭାରି ସ୍ୱାଭାବିକ ଭାବରେ ଅବିଚ୍ଛିନ୍ନ ହୋଇ ରହିଥିବ । ତୁମେ ଧ୍ୟାନ କରି ବସିଲ, ଏଣେତେଣେ ଯାଇଆସି ଏଇଟା ସେଇଟା କଲ, ସେଥିରେ ଆଦୌକିଛି ଫରକ ହେବ ନାହିଁ, ସବୁସମୟରେ ତୁମ ପାଖରେ କେବଳ ଗୋଟିଏ କଥାହିଁ ରହିଥିବ, ସେଇଟି ହେଉଛି ଚେତନା,—ଚେତନାଯୁକ୍ତ ହୋଇ ରହିବା । କେବଳ ସେହି ଗୋଟିଏ ଆବଶ୍ୟକତାହିଁ ରହିଛି,—ତୁମେ ସତତ ସେହି ପରମ ଦିବ୍ୟସତ୍ତାଙ୍କୁହିଁ ଆପଣାର ଚେତନା ମଧ୍ୟରେ ଧରି ରଖିଥିବ ।

ମାତ, ଧ୍ୟାନକରି ବସିବାକୁ ତଥାପି ଏକ ଅପରିହାର୍ଯ୍ୟ ଶୃଙ୍ଖଳା ବୋଲି କୁହାଯିବ ନାହିଁ କି, ଏବଂ ଧ୍ୟାନକରି ବସିବା ଦ୍ୱାରା ପରମ ଦିବ୍ୟସତ୍ତାଙ୍କ ସହିତ ଏକ ଅଧିକ ଗଭୀର ଏବଂ ଅଧିକ ସଂକେନ୍ଦ୍ରଣଯୁକ୍ତ ସମ୍ମିଳନ ସମ୍ଭବ ହୁଏ ନାହିଁ କି ?

ହଁ, ହୋଇପାରେ । ମାତ୍ର, ଆମେ ଯାହା ଉପଲବ୍ଧି ହେଉ ବୋଲି ଇଚ୍ଛା କରୁଛୁ, ତାହା କଦାପି କେବଳ ଏକ ଶୃଙ୍ଖଳା ନୁହେଁ । ଆମେ ଯେଉଁ ଉପଲବ୍ଧିଟିକୁ ଇଚ୍ଛା କରୁଛୁ, ସେଇଟି ହେଉଛି ଯେ, ଆମେ ଯେତେବେଳେ ଯାହାକିଛି କରୁଛୁ, ଆମର ପ୍ରତ୍ୟେକ କାର୍ଯ୍ୟରେ ଏବଂ ପ୍ରତ୍ୟେକ ଗତିସ୍ପନ୍ଦନରେ ଆମେ କେବଳ ସେହି

ଶ୍ରୀଅରବିନ୍ଦ ସାଧନା କେନ୍ଦ୍ର

'oaob.nitrkl.ac.in' images reprocessed

ପରମ ଦିବ୍ୟ ସତ୍ତାଙ୍କ ସହିତହିଁ ସକେନ୍ଦ୍ରିତ ହୋଇ ରହିଥିବା । ଏଠାରେ ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କୁ କି ଧ୍ୟାନ କରିବା ଲାଗି କୁହାଯାଇଛି । ମାତ୍ର, ଏଠାରେ ଆଉ ଏପରି ଅନ୍ୟମାନେ ବି ରହିଛନ୍ତି, ଯେଉଁମାନଙ୍କୁ କି ଆଦୌ କୌଣସି ଧ୍ୟାନ କରିବାକୁ କୁହାଯାଇ ନାହିଁ । ମାତ୍ର, ସେଥିଲାଗି ଯେ ସେମାନଙ୍କର ଆଦୌ କୌଣସି ଅଗ୍ରଗତି ହେଉ ନାହିଁ, ସେକଥା ମୋଟେ କୁହାଯିବ ନାହିଁ । ସେମାନେ ମଧ୍ୟ ଏକ ଶୃଙ୍ଖଳା ମଧ୍ୟରେ ରହିଛନ୍ତି, ମାତ୍ର ସେହି ଶୃଙ୍ଖଳାର ଏକ ଭିନ୍ନ ପ୍ରକାରର ପ୍ରକୃତି ରହିଛି । ଏକ ଶ୍ରଦ୍ଧା ଓ ଭକ୍ତିର ଭାବ ରଖି କାର୍ଯ୍ୟ କରିବା ଏବଂ ଭିତରେ ଏକ ସକେନ୍ଦ୍ରଣକୁ ଅତୁଟ କରି ରଖିଥିବା,—ଏହାକୁ ମଧ୍ୟ ଏକ ଆଧ୍ୟାତ୍ମିକ ଶୃଙ୍ଖଳା ବୋଲି କୁହାଯିବ । ଆମେ ଭଗବତ୍-ପରମସତ୍ତା ସହିତ ଅନୁକ୍ଷଣ ସଂଯୁକ୍ତହୋଇ ରହିଥିବା, —ଏହାହିଁ ଚୂଡ଼ାନ୍ତ ଉଦ୍ଦେଶ୍ୟ । କେବଳ ଧ୍ୟାନ-ବେଳେହିଁ ସଂଯୁକ୍ତ ହୋଇ ରହିବା ନାହିଁ, ମାତ୍ର ସର୍ବଦା ସବୁ ପରିସ୍ଥିତିରେ ଏବଂ ଆମର ଏହି ସମଗ୍ର ସକ୍ରିୟ ଜୀବନଟି ମଧ୍ୟରେ ଆମେ ତାଙ୍କରି ସହିତ ସଂଯୁକ୍ତହୋଇ ରହିଥିବା ।

ଏପରି କେତେକ ଲୋକ ଅଛନ୍ତି, ଯେଉଁମାନେ କି ଧ୍ୟାନରେ ବସିଥିବା ସମୟରେ ଏପରି ଏକ ସ୍ଥିତିରେ ଯାଇ ପ୍ରବିଷ୍ଟ ହୁଅନ୍ତି, ଯାହାକି ସେମାନଙ୍କୁ ଭାରି ଚମତ୍କାର ଓ ଆନନ୍ଦଦାୟକ ସ୍ଥିତି ବୋଲି ମନେ ହୋଇଥାଏ । ସେମାନେ ଗୋଟାଏ ପ୍ରକାରର ଆତ୍ମସନ୍ତୋଷର ଭାବ ନେଇ ଏହି ଧ୍ୟାନରେ ବସନ୍ତି ଏବଂ ସମସ୍ତ ସଂସାରଟାକୁ ଭୁଲିଯାଆନ୍ତି; ମାତ୍ର ଯଦି ସେତିକବେଳେ ସେମାନେ କୌଣସି ପ୍ରକାର ବାଧାପ୍ରାପ୍ତ ହୁଅନ୍ତି, ସେତେବେଳେ ସେମାନେ ଭାରି ରୁଷ୍ଟ ଏବଂ ଅସ୍ଥିର ମନରେ ଧ୍ୟାନ ଛାଡ଼ି ବାହାରକୁ ଆସନ୍ତି । ସେମାନଙ୍କର ଧ୍ୟାନରେ ବାଧା ଆସି ପଡ଼ିଥିଲା ବୋଲି ସେମାନେ ରୁଷ୍ଟ ଓ ଅସ୍ଥିର ହୋଇପଡ଼ିଥାନ୍ତି । ଏହାକୁ କଦାପି ଆଧ୍ୟାତ୍ମିକ ଅଗ୍ରଗତି ଅଥବା ଆଧ୍ୟାତ୍ମିକ ଶୃଙ୍ଖଳାର ପ୍ରମାଣ ବୋଲି କୁହାଯିବ ନାହିଁ । ଆହୁରି କେତେକ ଲୋକ ଅଛନ୍ତି, ଯେଉଁମାନେ କି ନାନା କାର୍ଯ୍ୟରେ ତତ୍ପର ହୋଇ ରହିଥାନ୍ତି ଏବଂ ଏପରି ଅନୁଭବ କରୁଥାନ୍ତି, ଯତେ ଯେପରି ଧ୍ୟାନ କରିବା ଦ୍ୱାରା ସେମାନେ ପରମ ଭଗବତ୍‌ସତ୍ତାଙ୍କର କୌଣସି ଏକ ଋଣରହିଁ ପରିଶୋଧ କରୁଛନ୍ତି; ଯେଉଁମାନେ ସପ୍ତାହକୁ ଥରେ କରି ଗିର୍ଜାକୁ ଯାଆନ୍ତି ଓ ତଦ୍ଦ୍ୱାରା ଭଗବାନଙ୍କର ଯାହା ପ୍ରାପ୍ୟ ରହିଥିଲା, ସେମାନେ ତାହା ତାଙ୍କୁ ଦେଇଦେଇ ଆସନ୍ତି ବୋଲି ବିଶ୍ୱାସ କରୁଥାନ୍ତି, ଏମାନେ ଠିକ୍ ସେହିମାନଙ୍କ ପରି ।

ଯଦି ଧ୍ୟାନସ୍ଥ ହେବା ଲାଗି ଏବେ ମଧ୍ୟ ତୁମକୁ ଏକ ପ୍ରୟାସ କରିବାକୁ ପଡ଼ୁଥାଏ, ତେବେ କହିବାକୁ ହେବ ଯେ ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ଲାଗି

'oaob.nitrkl.ac.in' images reprocessed

ସମର୍ଥ ହେବାକୁ ତୁମେ ପ୍ରକୃତରେ ଅନେକ ଦୂରରେ ଆସି ରହିଛ । ଯେତେବେଳେ ଧ୍ୟାନାବସ୍ଥାରୁ ବାହାରକୁ ବାହାରି ଆସିବା ଲାଗି ହିଁ ତୁମକୁ ପ୍ରକୃତରେ ଏକ ପ୍ରୟାସ କରିବାକୁ ପଡୁଛି, ତେବେ ବସ୍ତୁତଃ ତୁମର ଧ୍ୟାନରୁ ଏହିପରି ଏକ ସଙ୍କେତ ଅବଶ୍ୟ ମିଳିଯାଉଛି ଯେ ତୁମେ ଆଧ୍ୟାତ୍ମିକ ଜୀବନର ଆୟତନଟି ମଧ୍ୟରେ ଆସି ପ୍ରବେଶ କରିପାରିଲଣି ।

ହଠଯୋଗ ଓ ରାଜଯୋଗ ପ୍ରଭୃତି କେତୋଟି ଶୃଙ୍ଖଳାମାର୍ଗ ରହିଛି, ଯାହାରିକି ନିଶ୍ଚୟ ଅଭ୍ୟାସ କରାଯାଇପାରେ, ମାତ୍ର ତଥାପି ସେସବୁ ସହିତ ଏକ ଆଧ୍ୟାତ୍ମିକ ଜୀବନର କୌଣସି ପ୍ରତ୍ୟକ୍ଷଗତ ସମ୍ପର୍କ ରହିଛି ବୋଲି ମୋଟେ କୁହାଯାଇ ପାରିବ ନାହିଁ । ହଠଯୋଗ ଦ୍ୱାରା ସାଧାରଣତଃ ଶରୀର ଉପରେ ଏକ ନିୟନ୍ତ୍ରଣ ଆସିଥାଏ ଏବଂ ରାଜଯୋଗ ମନ ଉପରେ ଏକ ନିୟନ୍ତ୍ରଣ ଆଣିଦିଏ । ମାତ୍ର, ଆଧ୍ୟାତ୍ମିକ ଜୀବନ ମଧ୍ୟରେ ପ୍ରବେଶ କରିବାର ଅର୍ଥ ହେଉଛି ଭଗବତ୍-ପରମସତ୍ତାଙ୍କ ମଧ୍ୟକୁ ହିଁ ଏକ ଲମ୍ଫପ୍ରଦାନ କରିବା; ଲୋକେ ଯେପରି ସମୁଦ୍ର ଭିତରକୁ ଡେଇଁପଡ଼ନ୍ତି, ଠିକ୍ ସେହିପରି । ମାତ୍ର ତାହାକୁ କଦାପି ଶେଷ ବୋଲି କୁହାଯିବ ନାହିଁ, ତାହା ହେଉଛି ଆରମ୍ଭ ମାତ୍ର । ମାତ୍ର ପରମ ଭଗବନ୍ତ ସତ୍ତାଙ୍କ ମଧ୍ୟକୁ ଲମ୍ଫ ଦେଇସାରିବା ପରେ ତୁମକୁ ତାଙ୍କରି ମଧ୍ୟରେ ବଞ୍ଚି ବା ଶିଖିବାକୁ ପଡ଼ିବ । ସେହି କଥାଟି ତୁମେ କିପରି କରିପାରିବ ? ତୁମକୁ କେବଳ ସିଧାଯାଇ ଡେଇଁପଡ଼ିବାକୁ ହେବ, ଏବଂ, "ମୁଁ ଡେଇଁକରି କେଉଁଠି ଯାଇ ପଡ଼ିବି, ସେତେବେଳେ ମୋର ଦଶା କ'ଣ ହେବ ?"—ଏପରି କୌଣସି କଥା ମୋଟେ ଭାବିବାକୁ ପଡ଼ିବ ନାହିଁ । ତୁମ ମନ ଭିତରେ ରହିଥିବା କୁଣ୍ଠାଟି ହିଁ ତୁମକୁ ସେଥିରୁ ନିବୃତ୍ତ କରି ରଖୁଥିବ । ତୁମେ ଆପଣାକୁ ବାଟ ଛାଡ଼ିଦେବ, କେବଳ ବାଟ ଛାଡ଼ିଦେବ । ଯଦି ତୁମେ ସମୁଦ୍ର ଭିତରକୁ ଲମ୍ଫପ୍ରଦାନ କରିବାକୁ ଇଚ୍ଛା କରୁଥିବ ଏବଂ ତେଣେ "ମାତ୍ର ହୁଏତ ଏଠି ବା ସେଠି ଗୋଟିଏ ପଥର ବି ଲୁଚିକରି ରହିଥିବ" ବୋଲି ଭାବିବାରେ ଲାଗିଥିବ, ତେବେ ତୁମେ କଦାପି ଲମ୍ଫ-ପ୍ରଦାନ କରିପାରିବ ନାହିଁ ।

> ମାତ୍ର ସମୁଦ୍ରକୁ ତ ଆମେ ସ୍ପଷ୍ଟଭାବରେ ଦେଖିପାରୁଥାଉ ଓ ତେଣୁ ସିଧା ତାହା ଭିତରକୁ ଡେଇଁ ବି ପାରୁ । କିନ୍ତୁ ଆଧ୍ୟାତ୍ମିକ ଜୀବନ ମଧ୍ୟକୁ ସେହିପରି ଏକ ଲମ୍ଫ ଦିଆଯାଇ-ପାରିବ କିପରି ?

ସମୁଦ୍ର ଭିତରକୁ ଡେଇଁବା ପୂର୍ବରୁ ତୁମେ ଯେପରି ସମୁଦ୍ରକୁ ନିଶ୍ଚୟ ଦେଖିଥିବ ଓ ତାହା ବିଷୟରେ ନିଶ୍ଚୟ କିଛି ଜାଣିଥିବ, ଠିକ୍ ସେହିପରି ଭଗବନ୍ତ

'oaob.nitrkl.ac.in' images reprocessed

ପରମସତ୍ୟ ବିଷୟରେ ମଧ୍ୟ ତୁମକୁ ଅବଶ୍ୟ ଏକ ଝଲକ୍ ବା ଆଭାସ ଆଗରୁ ମିଳିଥିବା ଉଚିତ। ସେହି ଆଭାସଟି କହିଲେ ସାଧାରଣତଃ ଚୈତ୍ୟ ଚେତନାର ଜାଗ୍ରତ ହୋଇ ଆସିବାକୁ ବୁଝାଇଥାଏ। ମାତ୍ର ତୁମର କୌଣସି ନା କୌଣସି ଉପଲବ୍ଧି ଅବଶ୍ୟହୋଇଥିବା ଆବଶ୍ୟକ। କୌଣସି ଗଭୀର ଚୈତ୍ୟ ଅଥବା ସମଗ୍ର ସମ୍ବନ୍ଧସ୍ଥାପନ ନ ହୋଇଥାଉ ପଛକେ, ଏକ ଦୃଢ଼ପ୍ରତିଷ୍ଠିତ ମାନସିକ ବା ପ୍ରାଣିକ ସମ୍ବନ୍ଧସ୍ଥାପନ ଅବଶ୍ୟ ହୋଇଥିବା ଆବଶ୍ୟକ। ତୁମ ଭିତରେ ଅଥବା ତୁମର ଚତୁଃପାର୍ଶ୍ୱରେ ତୁମେ ସେହି ଭଗବତ୍ ପରମ ଉପସ୍ଥିତିଟିକୁ ଅତ୍ୟନ୍ତ ସ୍ପଷ୍ଟ ଏବଂ ଶକ୍ତିଶାଳୀ ଭାବରେ ଅନୁଭବ କରିଥିବା ଆବଶ୍ୟକ, ସେହି ପରମ ଦିବ୍ୟତା ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବା ପୃଥିବୀଟିର ନିଶ୍ୱାସ ଆସି ତୁମ ଦେହରେ ବାଜିଥିବା ଉଚିତ। ଏବଂ, ଏହି ସାଧାରଣ ନିତ୍ୟନୈମିତ୍ତିକ ପୃଥିବୀର ବିପରୀତ ନିଃଶ୍ୱାସ-ପବନର ଚାପ ତୁମକୁ ସତେଅବା ଅଣନିଶ୍ୱାସୀ କରିଦେଉଥିବା ପରି ବି ଲାଗୁଥିବା ଉଚିତ, ଏବଂ ସେହି ଅନୁଭୂତ ସେହି ପୀଡ଼ନମୟ ବାତାବରଣଟି ମଧ୍ୟରୁ ବାହାରି ଆସିବା ସକାଶେ ଏକ ଚେଷ୍ଟା ଲାଗି ମଧ୍ୟ ତୁମକୁ ପ୍ରବୃତ୍ତ କରିପାରିଥିବା ଉଚିତ। ଯଦି ତୁମର ସେତିକ ଯାଏ ସାଧ ହୋଇପାରିଛି, ତେବେ ତୁମକୁ ତା'ପରେ ସମ୍ପୂର୍ଣ୍ଣ ଦ୍ୱିଧାଶୂନ୍ୟ ହୋଇ ସେହି ଦିବ୍ୟ ପରମସତ୍ୟ ମଧ୍ୟରେହିଁ ଆଶ୍ରୟ ଖୋଜି ବାହାରିବାକୁ ପଡ଼ିବ ଏବଂ ତାହାରି ସାହାଯ୍ୟ ଲୋଡ଼ିବାକୁ ପଡ଼ିବ, କେବଳ ତାହାରି ସୁରକ୍ଷା ମଧ୍ୟରେହିଁ ବାସ କରିବାକୁ ପଡ଼ିବ। ଆଗରୁ, ଆପଣାର ସାଧାରଣ ଜୀବନରେ ତୁମେ ହୁଏତ ଯେଉଁ କଥାଟିକୁ ଆଂଶିକ ଭାବରେ, ତୁମ ସତ୍ତାର କେବଳ କେତୋଟି ଭାଗରେ ଅଥବା କେବଳ କେତେକ ସମୟରେ ଓ କେତେକ ଅବସରରେହିଁ କରିଥିବ, ବର୍ତ୍ତମାନ ତାହା ତୁମକୁ ସମ୍ପୂର୍ଣ୍ଣ ଭାବରେ କରିବାକୁ ହେବ ଏବଂ ଚିରକାଳ ଲାଗି କରିବାକୁ ହେବ। ଏହାକୁହିଁ ତୁମର ଲକ୍ଷ୍ୟପ୍ରଦାନ କରିବା ବୋଲି ବୁଝାଯିବ; ଏବଂ ଯଦି ତୁମେ ଏହି କଥାଟିକୁ କରି ନ ପାରିବ, ତେବେ ତୁମେ ହୁଏତ ବର୍ଷ ବର୍ଷ ଯାବତ୍ ଯୋଗର ଅଭ୍ୟାସ କରିବାରେ ଲାଗିଥିବ ଏବଂ ତଥାପି ପ୍ରକୃତ ଆଧ୍ୟାତ୍ମିକ ଜୀବନଯାପନ ସମ୍ବନ୍ଧରେ ତୁମର ଆଦୌ କୌଣସି ଜ୍ଞାନ ହୋଇପାରିବ ନାହିଁ। ତେଣୁ ସମ୍ପୂର୍ଣ୍ଣ ଓ ସମୁଦାୟ ଭାବରେହିଁ ଲକ୍ଷ୍ୟ ଦେବାକୁ ପଡ଼ିବ; ତେବେ ଯାଇ ତୁମେ ବାହାରର ଏହି ଯାବତୀୟ ବିଭ୍ରାନ୍ତି ମଧ୍ୟରୁ ମୁକ୍ତ ହୋଇ ଆସିପାରିବ ଏବଂ ଏକ ଆଧ୍ୟାତ୍ମିକ ଜୀବନର ଯଥାର୍ଥ ଅନୁଭୂତିଟିକୁ ଲାଭ କରିପାରିବ।

'oaob.nitrkl.ac.in' images reprocessed

୨୮ ଏପ୍ରିଲ୍ ୧୯୨୯

ଏହିପରି କୁହାଯାଇଛି ଯେ ଯୋଗାଭ୍ୟାସର ମାର୍ଗରେ ଅଗ୍ରଗତି କରିବାକୁ ହେଲେ ପରମ ଭଗବତ୍‌-ସତ୍ତାଙ୍କର ଚରଣତଳେ ସବୁକିଛି ସମର୍ପଣ କରିଦେବାକୁ ପଡ଼ିବ; ଜଣେ ବ୍ୟକ୍ତିପାଖରେ ଯାହାକିଛି ରହିଛି ଅଥବା ସିଏ ଟିକିନିଖି ଯାହାକିଛି କରୁଛି, ତାହାକୁ ସମର୍ପଣ କରି-ଦେବାକୁ ପଡ଼ିବ । ଏହି କଥାଟିର ପ୍ରକୃତ ତାତ୍ପର୍ଯ୍ୟ କ'ଣ ହୋଇପାରେ ?

ଯୋଗ କହିଲେ ଭଗବତ୍‌ ପରମସତ୍ତାଙ୍କ ସହିତ ସଂଯୁକ୍ତ ହେବାକୁ ବୁଝାଏ ଏବଂ ସମର୍ପଣ ଦ୍ୱାରାହିଁ ସେହି ସଂଯୁକ୍ତ ହେବା ସମ୍ଭବ ହୋଇଥାଏ; ସେହି ପରମ ଦିବ୍ୟସତ୍ତାଙ୍କ ପାଖରେ ନିଜକୁ ନେଇ ସମର୍ପିଦେବା ଉପରେହିଁ ତାହା ଆଧାରିତ ହୋଇ ରହିଥାଏ । ପ୍ରଥମ ଅବସ୍ଥାରେ ତୁମେ ଏକ ସାଧାରଣ ଭାବରେହିଁ ଏହି ସମର୍ପଣଟିକୁ କରିବା ଆରମ୍ଭ କରିଥାଅ; ସତେ ଯେପରି ଥରକରେ ସବୁକିଛି ହୋଇଗଲା ବୋଲି ଅନୁଭବ ବି କରିଥାଅ; ସେତେବେଳେ ତୁମେ କହୁଥାଅ, "ମୁଁ ହେଉଛି ସେହି ଭଗବତ୍‌-ପରମସତ୍ତାଙ୍କର ସେବକ; ମୋର ଜୀବନକୁ ମୁଁ ସଂପୂର୍ଣ୍ଣ ଭାବରେ ତାଙ୍କରିଠାରେ ସମର୍ପଣ କରିଦେଇଛି ଏବଂ ଦିବ୍ୟ ଜୀବନର ଉପଲବ୍ଧି ଲାଗିହିଁ ମୋ'ର ସକଳ ପ୍ରୟାସ ଉଦ୍ଦିଷ୍ଟ ହୋଇ ରହିଛି ।" ମାତ୍ର ସେଇଟି ହେଉଛି କେବଳ ସର୍ବପ୍ରଥମ ପଦକ୍ଷେପ; କାରଣ କେବଳ ଏତିକି କରିବାକୁହିଁ କଦାପି ଯଥେଷ୍ଟ ବୋଲି କୁହାଯିବ ନାହିଁ । ଯେତେବେଳେ ତୁମେ ସଂକଳ୍ପଟିକୁ ଗ୍ରହଣ କରିସାରିଛ, ତୁମର ସମୁଦାୟ ଜୀବନଟି ସେହି ଭଗବତ୍‌ ପରମସତ୍ତାଙ୍କ ଲାଗି ଉତ୍ସର୍ଗୀକୃତ ହୋଇ ରହିବ ବୋଲି ଯେତେବେଳେ ତୁମେ ନିଷ୍ପତ୍ତି କରିସାରିଛ, ସେତେବେଳେ ତୁମକୁ ତଥାପି ପ୍ରତ୍ୟେକ ମୁହୂର୍ତ୍ତରେ ସେହି କଥାଟିକୁ ସ୍ମରଣ କରିବାକୁ ହେବ ଏବଂ ନିଜ ଜୀବନର ଟିକିନିଖି ଯାବତୀୟ ବ୍ୟାପାରରେ ତାହାକୁ କାର୍ଯ୍ୟାନ୍ୱିତ କରିବାକୁ ପଡ଼ିବ । ତୁମେ ଯେ କେବଳ ସେହି ପରମ ଦିବ୍ୟସତ୍ତାଙ୍କରହିଁ ହୋଇ ରହିଛ, ତୁମକୁ ସେହି କଥାଟିକୁ ପ୍ରତ୍ୟେକ ପଦକ୍ଷେପରେ ଅନୁଭବ କରିବାକୁ ହେବ; ତୁମେ ଯାହାକିଛି ଚିନ୍ତା କରୁଛ ଅଥବା କାର୍ଯ୍ୟ କରୁଛ, ତାହା ମଧ୍ୟରେ ତୁମକୁ

'oaob.nitrkl.ac.in' images reprocessed

ନମିତ୍ତ କରି କେବଳ ସେହି ଦିବ୍ୟ ପରମଚେତନାହିଁ ଯେ ସର୍ବଦା ତାହା କରିବାରେ ଲାଗିଛି, ତୁମେ ଅନୁକ୍ଷଣ ଠିକ୍ ସେହିପରି ଅନୁଭବ କରୁଥିବ । ତୁମର ଆଉ ତା'ପରେ କେବଳ ନିଜର ବୋଲି କହୁହେଲେ ରହିବ ନାହିଁ, ସବୁକିଛୁ ସେହି ଦିବ୍ୟ ସତ୍ତାଙ୍କଠାରୁହିଁ ଆସୁଛି ବୋଲି ତୁମେ ଅନୁଭବ କରିବାରେ ଲାଗିବ ଏବଂ ତୁମକୁ ସେହିସବୁ ବସ୍ତୁକୁ କେବଳ ସେଗୁଡ଼ିକର ପ୍ରକୃତ ଉତ୍ସସ୍ଥଳକୁ ପୁନର୍ବାର ଫେରାଇ ଦେବାକୁ ହେବ ବୋଲି ମଧ୍ୟ ଅନୁଭବ କରୁଥିବ । ଯେତେବେଳେ ତୁମେ ସେହି କଥାଟିକୁ ଉପଲବ୍ଧି କରିପାରିବ, ତେବେ ତୁମେ ଆଦୌ କୌଣସି ଦୃଷ୍ଟି ବା ଧ୍ୟାନ ଦେଉ ନ ଥିବା କ୍ଷୁଦ୍ରତମ ବ୍ୟାପାର ଓ ବସ୍ତୁଟି ମଧ୍ୟ ଆଉ କଦାପି ତାତ୍ପର୍ଯ୍ୟହୀନ ହୋଇ ରହିବ ନାହିଁ, ତାକୁ ତୁମେ କଦାପି ସାମାନ୍ୟ ବୋଲି କହି ଅବହେଳା କରିପାରିବ ନାହିଁ; ତାହା ତୁମ ଲାଗି ଅର୍ଥପୂର୍ଣ୍ଣ ହୋଇଉଠିବ ଏବଂ ତୁମର ପ୍ରତିଷ୍ଠିତ ସୀମାଟିକୁ ଅତିକ୍ରମ କରି ଆହୁରି କେତେକେତେ ନୂତନ ଦିଗ୍‌ବଳୟର ଉନ୍ମୋଚନ କରିଦେଇ ଯିବ ।

ଦିନନ୍ଦିନ ଯାବତୀୟ ସମର୍ପଣରେ ଆପଣାର ସାଧାରଣ ସମର୍ପଣଟିକୁ କାର୍ଯ୍ୟକାରୀ କରିବାକୁ ହେଲେ ତୁମକୁ ଏହିପରି କରିବାକୁ ହେବ : ତୁମକୁ ପରମ ଭଗବତ୍-ସତ୍ତାର ସନ୍ନିଧି ମଧ୍ୟରେ ସତତ ବାସ କରିବାକୁ ପଡ଼ିବ, ତୁମକୁ ଏହି ଅନୁଭବଟି ମଧ୍ୟରେ ବାସ କରିବାକୁ ହେବ ଯେ ଏହି ସନ୍ନିଧିହିଁ ତୁମକୁ ଯାବତୀୟ ପ୍ରକାରେ ଗତିଶୀଳ କରି ରଖିଛି ଏବଂ ତୁମେ କରୁଥିବା ଯାବତୀୟ କାର୍ଯ୍ୟକୁ ସମ୍ପନ୍ନ କରିଦେଇ ପାରୁଛି । ତୁମେ ତାହାରି ପାଖରେ ଆପଣାର ଯାବତୀୟ କ୍ରିୟାଶୀଳତାକୁ ନେଇ ସମର୍ପଣ କରିଦିଅ,—କେବଳ ମନଃସ୍ତରର ଯାବତୀୟ କ୍ରିୟାକୁ ବା ଯାବତୀୟ ବିଚାର ଏବଂ ଅନୁଭୂତକୁ ନୁହେଁ, ମାତ୍ର ଆପଣାର ଖାଦ୍ୟ ଗ୍ରହଣ କରିବା ପରି ଅତି ସାଧାରଣ ଓ ବାହ୍ୟ କାର୍ଯ୍ୟଗୁଡ଼ିକୁ ମଧ୍ୟ ତୁମେ ତାଙ୍କରି ପାଖରେ ସମର୍ପଣ କରିଦିଅ । ଯେତେବେଳେ ତୁମେ ଖାଦ୍ୟ ଗ୍ରହଣ କରୁଛ, ସେତେବେଳେ ଅନୁଭବ କର ଯେ ତୁମ ଭିତରେ ରହି ସେହି ପରମ ଦିବ୍ୟସତ୍ତାହିଁ ଖାଦ୍ୟଗ୍ରହଣ କରୁଛନ୍ତି । ଏହିପରି ଭାବରେ ଯେତେବେଳେ ତୁମେ ଆପଣାର ଯାବତୀୟ କ୍ରିୟାଶୀଳତାକୁ ସେହି ଗୋଟିଏ ପରମ ଜୀବନର ସମଗ୍ରାୟତନ ମଧ୍ୟକୁ ଏକତ୍ର କରି ଆଣିପାରିବ, ସେତେ-ବେଳେ ଯାଇ ତୁମ ଭିତରେ ବିଭାଜନ ପରିବର୍ତ୍ତେ ଏକ ଏକତାହିଁ ବିରାଜମାନ କରିବ । ସେତେବେଳେ ଆଉ କଦାପି ଏପରି ହେବ ନାହିଁ ଯେ ତୁମ ପ୍ରକୃତିର ଗୋଟିଏ ଭାଗ ଦିବ୍ୟ ପରମସତ୍ତାଙ୍କ ସମର୍ପିତ ହୋଇ ରହିଥିବ ଏବଂ ଆଉ ସବୁଯାକ ଭାଗ ସାଧାରଣ ଗୁଳାଗୁଡ଼ାକ ଭିତରେ ପଡ଼ି ରହିଥିବ, ସାଧାରଣ ନିତ୍ୟନୈମିତ୍ତିକ ବସ୍ତୁଗୁଡ଼ାକ ଭିତରେ ବନ୍ଧ ହୋଇ ରହିଥିବ । ସେତେବେଳେ ତୁମର ସମୁଦାୟ ଜୀବନଟିହିଁ

'oaob.nitrkl.ac.in' images reprocessed

ଗୃହୀତ ହୋଇଯିବ, ତୁମର ମଧ୍ୟରେ କ୍ରମଶଃ ଏକ ସମଗ୍ର ରୂପାନ୍ତର ଉପଲବ୍ଧ ହେବାକୁ ଲାଗିବ ।

ସମ୍ପୂର୍ଣ୍ଣ ଯୋଗରେ କ୍ଷୁଦ୍ରତମ ଟିକିନିଖି ପର୍ଯ୍ୟନ୍ତ ଆମର ସମୁଦାୟ ଜୀବନଟିରହିଁ ରୂପାନ୍ତର ସାଧନ କରିବାକୁ ପଡ଼ିବ । ସବୁଟିକୁହିଁ ଏକ ଦିବ୍ୟ ସାଧନ, ଦିବ୍ୟ ଆଧାର ଏବଂ ଦିବ୍ୟ କ୍ଷେତ୍ରରେ ପରିଣତ କରିବାକୁ ପଡ଼ିବ । ଏହି କ୍ଷେତ୍ରରେ ଅକିଞ୍ଚନ ଓ ତାତ୍ପର୍ଯ୍ୟହୀନ ବୋଲି ଆଉ କିଛିହେଲେ ରହିବ ନାହିଁ, ଉଦାସ ହୋଇ କିଛି ଆପଣାକୁ ବିଚ୍ଛିନ୍ନ ବା ଅଲଗା କରି କଦାପି ରଖିବ ନାହିଁ । "ମୁଁ ଯେତେବେଳେ ଧ୍ୟାନରେ ବସିଛି, ଦର୍ଶନର ଅଧ୍ୟୟନ କରୁଛି ଅଥବା ଏହି ପର୍ଯ୍ୟାୟର କୌଣସି କଥୋପକଥନକୁ ଶ୍ରବଣ କରୁଛି, କେବଳ ସେତିକିବେଳେ ମୁଁ ଏହିପରି ଅବସ୍ଥାରେ ରହିଥିବି, ଅର୍ଥାତ୍ ସେହି ମହାନ୍ ଆଲୋକ ଆଡ଼କୁ ଉନ୍ମୁକ୍ତ ହୋଇ ରହିଥିବି ଓ ତାହାକୁ ଆବାହନ କରୁଥିବି; ମାତ୍ର ଯେତେବେଳେ ଖୁସିରେ ବାହାରକୁ ଟିକିଏ ବୁଲିଯିବି, କିଂବା ବନ୍ଧୁମାନଙ୍କୁ ଶଙ୍ଖୋଳିବା ପାଇଁ ସେମାନଙ୍କ ପାଖକୁ ଯିବି, ସେତେବେଳେ ଏହି ବିଷୟରେ ସବୁକଥା ଭୁଲିଗଲେ ବି ମୋର ହୁଏତ ଆଦୌ କିଛି କ୍ଷତି ହେବ ନାହିଁ ।" ଏହିପରି ଏକ ଦୃଷ୍ଟିଭଙ୍ଗୀ ମଧ୍ୟରେ ରହିଥିବାକୁ ମନ କରିବାର ଅର୍ଥ ହେଉଛି ଯେ ତୁମ ଜୀବନରେ ଆଉ କୌଣସି ରୂପାନ୍ତର କେବେ ହେଲେ ଘଟିବ ନାହିଁ ଏବଂ ତାଙ୍କ ସହିତ କେବେହେଲେ ଯଥାର୍ଥ ଭାବରେ ସଂଯୁକ୍ତ ହୋଇ ପାରିବ ନାହିଁ । ତୁମେ ସବୁବେଳେହିଁ ବିଭାଜିତ ହୋଇ ରହିଥିବ; ଖୁବ୍ ବେଶୀ ହେଲେ ତୁମକୁ କେବଳ ମଝିରେ ମଝିରେ ଏହି ମହତ୍ତର ଜୀବନର ଏକ ଆଭାସମାତ୍ରହିଁ ମିଳି ଯାଉଥିବ । କାରଣ, ଏକଥା ବେଶ୍ ସମ୍ଭବ ହୋଇପାରେ ଯେ, ତୁମେ ଧ୍ୟାନସ୍ଥ ହୋଇ ରହିଥିଲାବେଳେ ବା ତୁମ ଅନ୍ତର୍ଗତ ଚେତନାର କ୍ଷେତ୍ରରେ ତୁମର କେତେକ ଉପଲବ୍ଧି ଅଥବା ଅନୁଭୂତି ନିଶ୍ଚୟ ହେବ, ମାତ୍ର ତୁମର ଶରୀର ଏବଂ ତୁମର ବାହ୍ୟ ଜୀବନ ତଥାପି ସେହିପରି ଅପରିବର୍ତ୍ତନୀୟ ହୋଇ ରହିଥିବେ । ନିଜ ଭିତରେ ସଂଘଟିତ ହେଉଥିବା ଏକ ସନ୍ଦୀପନ ଯଦି ଶରୀର ଏବଂ ବାହ୍ୟ ଜୀବନର କ୍ଷେତ୍ରରେ କୌଣସି ପରିବର୍ତ୍ତନ ଘଟାଇ ନ ପାରିଲା, ତେବେ ତଦ୍ଦ୍ୱାରା ଆଦୌ ଖୁବ୍ ବେଶୀ କାର୍ଯ୍ୟ ସାଧିତ ହେବ ନାହିଁ; କାରଣ, ତାହା ଏହି ପୃଥିବୀ ବର୍ତ୍ତମାନ ଯେପରି ରହିଛି, ସେଥିରେ ଆଦୌ କୌଣସି ପରିବର୍ତ୍ତନ ଆଣି ଦେବ ନାହିଁ, ତାହା ଯେପରି ଅଛି ଠିକ୍ ସେହିପରି ରହିଥିବ । ଠିକ୍ ଏହି କଥାଟିହିଁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ଧାରାବାହିକ ଭାବରେ ଘଟିଆସିଛି । ଏପରିକି ଯେଉଁମାନେ ଏକ ମହାନ୍ ଏବଂ ଶକ୍ତିଶାଳୀ ଉପଲବ୍ଧିର ଅଧିକାର ଲାଭ କରିଛନ୍ତି, ସେମାନେ ମଧ୍ୟ ଅବ୍ୟାହତ ଭାବରେ ଆପଣାର ଅନ୍ତର୍ଗତ ଶାନ୍ତ ଅବସ୍ଥା ଏବଂ

'oaob.nitrkl.ac.in' images reprocessed

ନିଷ୍ଫଳତା ମଧ୍ୟରେ ବାସ କରି ପାରିବେ ବୋଲି ପୃଥିବୀରୁ ନିଜକୁ ପ୍ରତ୍ୟାହୃତ କରି ନେଇଛନ୍ତି, ଏହି ପୃଥିବୀକୁ ସେମାନେ ଯେଉଁପରି ସେହିପରି ଛାଡ଼ିଦେଇ ଯାଇଛନ୍ତି, ତାକୁ ତାହାର ଯାବତୀୟ ଦୁଃଖ ଏବଂ ନିର୍ବୋଧତା ମଧ୍ୟରେ ରଖିଦେଇ ଚାଲିଯାଇଛନ୍ତି । ତେଣୁ ମୃତ୍ୟୁ ଏବଂ ଅଜ୍ଞାନ ଏଠାରେ ଦୁର୍ଦ୍ଧର୍ଷ ଭାବରେ ଅବସ୍ଥାନ କରି ଆସିଛନ୍ତି, ଅତ୍ୟନ୍ତ ଅବ୍ୟାହତ ଏବଂ ଅବିଚଳ ଭାବରେ ତିଷ୍ଠି ରହିଛନ୍ତି, ଜୀବନର ଏହି ଜଡ଼ସ୍ଥ ଭୂମିରେ ସେମାନଙ୍କର ରାଜତ୍ୱକୁ ଜାରି ରଖିଆସିଛନ୍ତି । ଯେଉଁମାନେ ଆପଣାକୁ ଏହିପରି ଅପସାରି ନେଇଯାନ୍ତି, ସେମାନଙ୍କ ପକ୍ଷରେ ଏହି ଯନ୍ତ୍ରଣାମୟତା ମଧ୍ୟରୁ ଅପସରି ପଳାଇଯିବା ହୁଏତ ବେଶ୍ ସୁଖକର ହୋଇପାରେ; ଏଠି ରହିଥିବା ଯାବତୀୟ ଅସୁବିଧା ବା ବାଧା ମଧ୍ୟରୁ ଦଉଡ଼ି ପଳାଇଯାଇ ଆପଣା ଲାଗି ଅନ୍ୟ କୌଣସି ସ୍ଥାନରେ ଏକ ସୁଖମୟ ସ୍ଥିତିର ଯୋଗାଡ଼ କରିନେଇ ପାରିବା ହୁଏତ ବେଶ୍ ସୁଖକର ହୋଇପାରେ; ମାତ୍ର ଏକଥା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ସେମାନେ ଏହି ସଂସାରରେ ଆଦୌ କୌଣସି ସଂଶୋଧନ ଏବଂ ରୂପାନ୍ତର ଆଣିପାରନ୍ତି ନାହିଁ, ସେମାନେ ସଂସାରଟାକୁ ଯେମିତି ଅଛି ସେମିତି ରଖିଦେଇ ପଳାଇ ଯାଆନ୍ତି । ଏବଂ, ଆପଣାର ବାହ୍ୟ ଚେତନାରେ ମଧ୍ୟ ସେମାନେ ଆଦୌ କୌଣସି ପରିବର୍ତ୍ତନ ଘଟାଇପାରନ୍ତି ନାହିଁ ଏବଂ ସେମାନଙ୍କର ଶରୀରଟା ମଧ୍ୟ ସେହି ପୂର୍ବପରି ଯାବତୀୟ ପୁନରୁଜ୍ଜୀବନ ଲାଗି ଅସମର୍ଥ ହୋଇ ରହିଥାଏ । ଏବଂ, ଯେତେବେଳେ ସେମାନେ ଏହି ଜଡ଼ସ୍ଥ ଜଗତ ମଧ୍ୟକୁ ଫେରିଆସନ୍ତି, ସେମାନେ ଅଧିକାଂଶ ସ୍ଥଳରେ ଏହି ଜଗତର ସାଧାରଣ ମଣିଷମାନଙ୍କ ତୁଳନାରେ ମଧ୍ୟ ଆହୁରି ଖରାପ ହୋଇ ରହନ୍ତି; କାରଣ ଜଡ଼ପଦାର୍ଥଗୁଡ଼ିକ ଉପରେ ସେମାନଙ୍କର ଆଉ କୌଣସି କର୍ତ୍ତୃତ୍ୱସାମର୍ଥ୍ୟ ନ ଥାଏ ଏବଂ ଜଡ଼ଗତ ଜୀବନସ୍ତରରେ ସେମାନେ ଯେଉଁ ଜୀବନଟିକୁ ବଞ୍ଚନ୍ତି, ତାହା ଭାରି ମଳିନତାମୟ ଏବଂ ଅସହାୟ ହୋଇ ରହିଥାଏ, ତାହା ସେମାନଙ୍କୁ ଅତିକ୍ରମ କରିଯାଉଥିବା ଯାବତୀୟ ଅସ୍ଥାୟୀ ଶକ୍ତି ପାଖରେ ପ୍ରାୟ ପୁତ୍ତଳିକାଟିଏ ପରି କରି ରଖିଥାଏ ।

ଯେଉଁମାନେ ଏହିପରି ଏକ ଜୀବନ ଚାହାଁନ୍ତି, ସେମାନଙ୍କ ଲାଗି ଏହି ପ୍ରକାରର ଏକ ଆଦର୍ଶ ହୁଏତ ବେଶ୍ ଭଲ ହୋଇପାରେ, ମାତ୍ର ଆମ ଯୋଗର ମାର୍ଗଟି ଲାଗି ତାହା ଆଦୌ ହିତକାରୀ ନୁହେଁ । କାରଣ ଆମେ ଇଚ୍ଛାକରୁଛୁ ଯେ ଏହିଜଗତରେ ଏକ ଦିବ୍ୟତାର ରାଜତ୍ୱ ପ୍ରତିଷ୍ଠିତ ହେବ, ସେହି ଦିବ୍ୟତାହିଁ ଏହି ଜଗତର ଯାବତୀୟ ସଂଚରଣକ୍ଷେତ୍ରରେ ଏକ ବିଜୟ ହାସଲ କରିବ ଏବଂ ଏହି ଜଗତରେହିଁ ପରମ ଦିବ୍ୟତାର ଉପଲବ୍ଧି ହୋଇପାରିବ । ମାତ୍ର, ସେହି ଦିବ୍ୟ ପରମସତ୍ତା ଏହି ଜଗତରେ ପ୍ରକୃତରେ ରାଜତ୍ୱ କରନ୍ତୁ ବୋଲି ଯଦି ଆମେ ଇଚ୍ଛା

'oaob.nitrkl.ac.in' images reprocessed

କରୁଥିବା, ତେବେ ଆମର ଯାହାକିଛି ଅଛି, ଆମେ ଯାହାକିଛି ହୋଇ ରହିଛୁ ଏବଂ ଏଠାରେ ଆମେ ଯାହାକିଛି କରୁଛୁ, ତାହାକୁ ସେହି ଦିବ୍ୟସତ୍ତାଙ୍କ ପାଖରେ ନେଇ ଅର୍ପଣ କରିଦେବା । କୌଣସି କଥାର ଆଦୌ କୌଣସି ମହତ୍ତ୍ୱ ନାହିଁ ବା ଆମ ବାହ୍ୟ ଜୀବନ ଏବଂ ତା'ର ଆବଶ୍ୟକତାଗୁଡ଼ିକ ଦିବ୍ୟ ଜୀବନର ଆଦୌ କୌଣସି ଅଂଶ ନୁହଁନ୍ତି ବୋଲି ବିଚାର କରୁଥିବା ପର୍ଯ୍ୟନ୍ତ ସେସବୁ କଥା କିଛି ହେବ ନାହିଁ । ମାତ୍ର, ଯଦି ଆମେ ତାହାହିଁ ବିଚାର କରୁଥିବା, ତେବେ ଆମେ ନିରନ୍ତର ଯେଉଁଠି ରହିଆସିଛୁ, ଠିକ୍ ସେଇଠାରେହିଁ ପଡ଼ି ରହିଥିବା ଏବଂ ବାହ୍ୟ ପୃଥିବୀ ଉପରେ ଉପସ୍ଥିତ ଭିଜସୃଷ୍ଟି ମଧ୍ୟ କଦାପି ସମ୍ଭବ ହେବ ନାହିଁ । ଏହି ଜଗତରେ ଯାହାକିଛି ହେବ ବୋଲି ପ୍ରତୀକ୍ଷା କରାଯାଉଛି, ତାହା ମୋଟେ ସାଧିତ ହୋଇ ପାରିବ ନାହିଁ ।

ଯେଉଁମାନେ ଏହି ମାର୍ଗରେ ଅନେକ ଦୂର ଅଗ୍ରସର ହୋଇ ଯାଇଥାନ୍ତି, ସେମାନେ କ'ଣ ପୁନର୍ବାର ଜଗତର ଏହି ଭୂମିଟିକୁ ଫେରି ଆସନ୍ତି କି ?

ହିଁ, ଏହି ଭୂମିଟିକୁ ବଦଳାଇବା ନିମିତ୍ତ ଯଦି ସେମାନଙ୍କ ମଧ୍ୟରେ ଏକ ଇଚ୍ଛା ରହିଥାଏ, ତେବେ ସେମାନେ ଯେତିକି ଅଧିକ ଅଗ୍ରସର ହେଉଥାନ୍ତି, ସେମାନଙ୍କର ଏହି ଭୂମିକୁ ଫେରିଆସିବାହିଁ ସେତିକି ଅଧିକ ନିଶ୍ଚିତ ହେବାରେ ଲାଗିଥାଏ । ଏବଂ, ଅନ୍ୟ ପକ୍ଷରେ, ଯେଉଁମାନେ ଏଠାରୁ ପଳାଇଯିବାକୁ ମନ କରୁଥାନ୍ତି, ସେମାନେ ମଧ୍ୟ ଯେତେବେଳେ ଏଠୁ ବାହାରି ଅନ୍ୟ ପାଖଟିକୁ ଚାଲିଯାଆନ୍ତି, ଏହି ପଳାଇ ଯିବାଟା ଯେ ଆଦୌ ଖୁବବେଶୀ କାର୍ଯ୍ୟରେ ଲାଗି ପାରିଲା ନାହିଁ, ହୁଏତ ସେମାନେ ମଧ୍ୟ ସେହି କଥାଟିକୁ ଆବିଷ୍କାର କରିବାକୁ ଆରମ୍ଭ କରନ୍ତି ।

ସେମାନେ ଥରେ ଏହି ସଂସାରକୁ ଅତିକ୍ରମ କରି ଚାଲି ଯାଇଥିଲେ ଓ ତା'ପରେ ପୁଣିଥରେ ଏଠାକୁ ଫେରି ଆସିଛନ୍ତି, ଏହି କଥାଟିକୁ ଖୁବ୍ ବେଶୀ ଲୋକ ମନେ ରଖିଥାନ୍ତି କି ?

ଯେତେବେଳେ ତୁମେ ଚେତନାର ଏକ ନିର୍ଦ୍ଦିଷ୍ଟ ସ୍ତରରେ ଯାଇ ପହଞ୍ଚି-ଯାଅ, ସେତେବେଳେ ସେହି କଥାଟିକୁ ମନେ ପକାଇ ପାରିବାକୁ ବି ତୁମେ ସମର୍ଥ ହୁଅ । ଅଳ୍ପ କେତେ ସମୟ ଲାଗି ଆଂଶିକ ଭାବରେ ଏହି ଅବସ୍ଥାଟିକୁ ଆସି ସ୍ପର୍ଶ କରି ପାରିବା ଆଦୌ ସେତେ କଷ୍ଟକର ନୁହେଁ; ଯେତେବେଳେ ତୁମେ ଗଭୀର ଧ୍ୟାନାବସ୍ଥାରେ ନିମଗ୍ନ ହୋଇ ରହିଥିବ, ଯେତେବେଳେ ଏକ ସ୍ୱପ୍ନ ଦେଖୁଥିବ

'oaob.nitrkl.ac.in' images reprocessed

ଅଥବା ତୁମର ଆଖି ଆଗରେ ନାନା ଦୃଶ୍ୟ ଆବିର୍ଭାବ ହେଉଥିବ, ସେତେବେଳେ ତୁମର ଏପରି ଏକ ଅନୁଭୂତି ଅଥବା ଭାବ ଆସି ପହଞ୍ଚୁଥିବ ଯେ ତୁମେ ଆଗରୁ ମଧ୍ୟ ଏହି ଜୀବନଟିକୁ ବଞ୍ଚିଛ, ଏହି ଉପଲବ୍ଧିକୁ ହାସଲ କରିଛ ଏବଂ ଏହି ସତ୍ୟଗୁଡ଼ିକୁ ଜାଣିଛ । ମାତ୍ର ଏହାକୁ ଏକ ପୂର୍ଣ୍ଣ ଉପଲବ୍ଧି ବୋଲି ମୋଟେ କୁହା ଯିବ ନାହିଁ; ସେହିପରି ଏକ ସାମର୍ଥ୍ୟ ଅର୍ଜନ କରିପାରିବାକୁ ହେଲେ, ଆମକୁ ନିଜ ଭିତରେ ଏପରି ଏକ ସ୍ଥାୟୀ ଚେତନାସ୍ଥିତି ହାସଲ କରିବାକୁ ପଡ଼ିବ, ଯାହାକି ସର୍ବଦା ଆମ ପାଖରେ ରହିପାରୁଥିବ ଏବଂ ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତର ଆମର ଯାବତୀୟ ଜୀବନପଥକୁ ଏକତ୍ର ସମାହିତ କରି ଧରି ରଖିପାରୁଥିବ ।

ମନଃସ୍ତରର କୌଣସି ସଞ୍ଚରଣ ଏବଂ କୌଣସି ପ୍ରକାରର ବୌଦ୍ଧିକ ଅନୁଧାବନ କରୁଥିବା ସମୟରେ ଆମେ କେତେକବେଳେ ଦିବ୍ୟ ପରମସତ୍ତାଙ୍କ ସହିତ ରହିଥିବା ଆମର ସମ୍ପର୍କଟିକୁ କାହିଁକି ହରାଇବସୁ ?

ତୁମେ ତାହାକୁ ହରାଇ ବସ, କାରଣ ତୁମର ଚେତନା ତଥାପି ବିଭକ୍ତ ହୋଇ ରହିଥାଏ । ସେତେବେଳ ପର୍ଯ୍ୟନ୍ତ ମଧ୍ୟ ଦିବ୍ୟପରମସତ୍ତା ତୁମର ମନ ଭିତରେ ଦୃଢ଼ଭାବରେ ନିବସିତ ହୋଇପାରି ନଥାନ୍ତି ଏବଂ ତୁମେ ପରିପୂର୍ଣ୍ଣ ଭାବରେ ଆପଣାକୁ ଦିବ୍ୟ-ଜୀବନ ଲାଗି ଅର୍ପଣ କରି ନ ଥାଅ । ତା' ନ ହୋଇଥିଲେ ତୁମେ ଏହିସବୁ ବ୍ୟାପାର ମଧ୍ୟରେ ଆପଣାକୁ ଠିକ୍ ଏତ ଯେତେ ଇଚ୍ଛା ସେତେ ପରିମାଣରେ ସକେନ୍ଦ୍ରିତ କରି ରଖିପାରନ୍ତ ଏବଂ ତଥାପି, ତୁମେ ଯେ ସେହି ଦିବ୍ୟ ପରମସତ୍ତାଙ୍କର ସାହାଯ୍ୟ ଓ ଅନୁବଳନକୁ ତଥାପି ଲାଭ କରୁଛ, ତୁମେ ତାହା ସତତ ଅନୁଭବ କରି ପାରୁଥାନ୍ତ ।

ବୌଦ୍ଧିକ ଅନୁଧାବନ ହେଉ ଅଥବା ଅଧିକ ସକ୍ରିୟ ଯେକୌଣସି ଅନ୍ୟ ଅନୁଧାବନ ସମୟରେ ହେଉ, "ତାଙ୍କୁହିଁ ସ୍ମରଣ କରିବ ଓ ଆପଣାକୁ ତାଙ୍କ ପାଖରେ ଅର୍ପଣ କରିବ", — ଏହାହିଁ ତୁମର ଜୀବନରେ ସର୍ବପ୍ରଧାନ ଶୀଳ ହୋଇ ରହିବା ଉଚିତ । ତୁମେ ଯାହାକିଛି କରିବ, ତାହା କେବଳ ସେହି ପରମ-ଦିବ୍ୟସତ୍ତାଙ୍କ ଲାଗି ଅର୍ପିତ ଏକ କର୍ମରୂପେ କରାଯାଉ, ଏବଂ ଏହା ତୁମ ଲାଗି ଏକ ଚମତ୍କାର ଶୃଙ୍ଖଳା ହୋଇ ରହିବାରି ବି କାମ ଦେଇପାରିବ । ଏବଂ, ଅନେକ ନିର୍ବୋଧ ଏବଂ ନିରର୍ଥକ କାର୍ଯ୍ୟ କରିବାରୁ ତାହା ତୁମକୁ ନିବୃତ୍ତ କରି ରଖିପାରିବ ।

ଅନେକ ସମୟରେ, କାର୍ଯ୍ୟଟିକୁ ଆରମ୍ଭ କରୁଥିବା ସମୟରେ ତାହା କରାଯାଇପାରିବ, ମାତ୍ର, ସେହି କାର୍ଯ୍ୟଟି

'oaob.nitrkl.ac.in' images reprocessed

ଭିତରେ ମଜ୍ଜି ଯିବା ପରେ ଆମେ ହୁଏତ ସବୁ ପାସୋରି ପକାଇବା । ତେବେ ଏପରି ଅବସ୍ଥାରେ ସ୍ମରଣ ରଖିବାର ଉପାୟ କ'ଣ ହେବ ?

ଏହି କ୍ଷେତ୍ରରେ ଯେଉଁ ସ୍ଥିତିଟିର ଉପଲବ୍ଧି କରିବାହିଁ ଆମର ଲକ୍ଷ୍ୟହୋଇ ରହିବ, — ଯାହାକୁ କି ଆମ ଯୋଗର ପ୍ରକୃତ ସାଧ୍ୟ, ସର୍ବଶେଷ ପରିପୂର୍ଣ୍ଣତା ଏବଂ ଲକ୍ଷ୍ୟ ବୋଲି ବୁଝାଯିବ, ଆଉ ଯାବତୀୟ ସବୁକିଛୁ କଥାକୁ ଯାହା ଲାଗି କେବଳ ଏକ ପ୍ରସ୍ତୁତି ରୂପେହିଁ ଗ୍ରହଣ କରାଯିବ, — ସେହି ସ୍ଥିତିଟିକୁ ଆମେ ଏକ ଚେତନାର ଉପଲବ୍ଧି ବୋଲି କହିବା, ଯେଉଁଥିରେ ଅବସ୍ଥିତ ରହିଲେ ପରମ ଦିବ୍ୟସତ୍ତାଙ୍କୁ ଛାଡ଼ି ଆଦୌ କିଛୁହେଲେ ବି କରିବା କେବେହେଲେ ସମ୍ଭବ ହେବ ନାହିଁ । କାରଣ, ସେତେବେଳେ, ଯଦି ସେହି ପରମ ଦିବ୍ୟସତ୍ତାଙ୍କୁ ଛାଡ଼ି ତୁମେ କୌଣସି କ୍ଷେତ୍ରରେ ବି ରହିଥିବ, ତେବେ ତଦ୍ଦ୍ୱାରା ତୁମ କାର୍ଯ୍ୟଟିର ଉତ୍ସଟିହିଁ ଅନ୍ତର୍ହିତ ହୋଇ ରହିଥିବ,—ତୁମର ଜ୍ଞାନ ଓ ସାମର୍ଥ୍ୟ ମଧ୍ୟ ତୁମଠାରୁ ଛାଡ଼ି ଚାଲିଯିବେ । ମାତ୍ର, ତୁମେ ଯେଉଁସବୁ ସାମର୍ଥ୍ୟକୁ ବ୍ୟବହାର କରୁଛ, ସେସବୁ ପ୍ରକୃତରେ ତୁମର ନିଜର ସାମର୍ଥ୍ୟ ବୋଲି ଅନୁଭବ କରୁଥିବା ପର୍ଯ୍ୟନ୍ତ ତୁମେ କଦାପି ପରମ ଦିବ୍ୟସତ୍ତାଙ୍କର ନିର୍ଭର ଏବଂ ସହାୟଟିକୁ ହରାଇ ବସିବ ନାହିଁ ।

ଯୋଗର ପ୍ରଥମକାଳୀନ ପର୍ଯ୍ୟାୟଗୁଡ଼ିକରେ ତୁମେ ହୁଏତ ଅନେକ ସମୟରେ ପରମ ଦିବ୍ୟସତ୍ତାଙ୍କ ବିଷୟରେ ବିସ୍ମୃତ ହୋଇ ପଡ଼ୁଥିବ । ମାତ୍ର ଆପଣାର ସତତ ଅଭୀପ୍ସା ଦ୍ୱାରା ତୁମେ ନିଜର ସ୍ମରଣସାମର୍ଥ୍ୟକୁ ବୃଦ୍ଧି କରିବାରେ ଲାଗିଥିବ ଏବଂ ବିସ୍ମରଣର ପରିମାଣଟି ହ୍ରାସ ହେବାରେ ଲାଗିଥିବ । ମାତ୍ର ଏକ କଠୋର ଶୃଙ୍ଖଳା ଅଥବା ଏକ କର୍ତ୍ତବ୍ୟରୂପେ ତୁମେ ତାହା କଦାପି କରିବ ନାହିଁ, କେବଳ ଶ୍ରଦ୍ଧା ଏବଂ ଆନନ୍ଦ ଦ୍ୱାରା ପ୍ରେରିତ ହୋଇ ତୁମେ ତାହାକୁ କରିବ । ତେବେ ଅଳ୍ପଦିନ ପରେ ତୁମେ ଏପରି ଏକ ସୋପାନରେ ଆସି ପହଞ୍ଚିଯିବ, ଯେତେବେଳେ କି, ପ୍ରତ୍ୟେକ ମୁହୂର୍ତ୍ତରେ ଏବଂ ତୁମେ ଯାହାକିଛୁ କରୁଥାଅ ନା କାହିଁକି, ଯଦି ତୁମେ ଦିବ୍ୟ ପରମସତ୍ତାଙ୍କର ଉପସ୍ଥିତିଟିକୁ କୌଣସି ସମୟରେ ଅନୁଭବ କରିବାକୁ ସମର୍ଥ ନ ହେବ, ସେତେବେଳେ ତୁମକୁ ସଙ୍ଗେ ସଙ୍ଗେ ଖୁବ୍ ଏକୁଟିଆ ଲାଗିବ, ଖୁବ୍ ଦୁଃଖୀ ଓ ଖୁବ୍ ଦୁର୍ଦ୍ଦଶାଗ୍ରସ୍ତ ବୋଲି ମନେହେବାକୁ ଲାଗିବ ।

ପରମ ଦିବ୍ୟସତ୍ତାଙ୍କୁ ଅନୁଭବ ନ କରି ତୁମେ ପ୍ରକୃତରେ କେତେକ କାର୍ଯ୍ୟ କରିପାରୁଛ ଏବଂ ତଥାପି ସମ୍ପୂର୍ଣ୍ଣ ଭାବରେ ଆଶ୍ୱସ୍ତ ହୋଇ ରହିପାରୁଛ, ଯେତେ-ବେଳେ ତୁମେ ନିଜ ଜୀବନରେ ଏପରି ଏକ ଅବସ୍ଥା ଦେଖିବାକୁ ପାଇବ, ସେତେ-

'oaob.nitrkl.ac.in' images reprocessed

ବେଳେ ତୁମକୁ ବୁଝିବାକୁହିଁ ପଡ଼ିବ ଯେ ନିଜ ସତ୍ତାର ସେହି ନିର୍ଦ୍ଦିଷ୍ଟ ଭାଗ ବା କ୍ଷେତ୍ରଟିରେ ତୁମେ ଏପର୍ଯ୍ୟନ୍ତ ଆପଣାକୁ ଯଥାର୍ଥ ଭାବରେ ଉତ୍ସର୍ଗ କରିପାରି ନାହିଁ । ସାଧାରଣ ମନୁଷ୍ୟପ୍ରକୃତି ତାହାହିଁ କରିଥାଏ, କାରଣ ତାହା ପରମ ଦିବ୍ୟସତ୍ତାଙ୍କର କୌଣସି ପ୍ରୟୋଜନରହିଁ ଅନୁଭବ କରି ପାରୁ ନ ଥାଏ । ମାତ୍ର, ଦିବ୍ୟ-ଜୀବନର ଜଣେ ଅନ୍ୱେଷକ ଲାଗି ଏହି କ୍ଷେତ୍ରରେ ସବୁକିଛୁ ଏକାବେଳେକେ ଅନ୍ୟ ପ୍ରକାରର ହେବା ଉଚିତ । ଏବଂ, ଯେତେବେଳେ ପରମ ଦିବ୍ୟସତ୍ତାଙ୍କ ସହିତ ତୁମେ ପରିପୂର୍ଣ୍ଣ ଭାବରେ ସମ୍ମିଳିତ ହୋଇଯାଇ ପାରିବ, ତେବେ, ସେତେବେଳେ ସେହି ପରମ-ସତ୍ତା ଗୋଟାଏ ନିମିଷକ ଲାଗି ମଧ୍ୟ ଯଦି ତୁମ ପାଖରୁ ନିଜକୁ ପ୍ରତ୍ୟାହୃତ କରି ରଖନ୍ତି, ତେବେ ତୁମର ପିଣ୍ଡ ସତେଅବା ପ୍ରାଣହୀନ ହୋଇ ଭୂପତିତ ହୋଇଯିବା ପରି ଅନୁଭବ କରିବ । କାରଣ ଦିବ୍ୟ ପରମସତ୍ତା ବର୍ତ୍ତମାନ ତୁମ ପ୍ରାଣର ମୂଳପ୍ରାଣ ହୋଇ ରହିଥିବେ, ତୁମ ସମଗ୍ର ଜୀବନରେ ପରିଣତ ହୋଇ ରହିଥିବେ, ତୁମର ଏକମାତ୍ର ଓ ପୂର୍ଣ୍ଣ ଅବଲମ୍ବନ ହୋଇ ରହିଥିବେ । ଯଦି ସେହି ପରମସତ୍ତା ଉପସ୍ଥିତ ନ ଥିବେ, ତେବେ ସେଠାରେ ତୁମ ପାଇଁ ଆଉ କିଛୁହେଲେହିଁ ନ ଥିବ ।

> ଯୋଗାଭ୍ୟାସର ପ୍ରଥମକାଳୀନ ଅବସ୍ଥାଗୁଡ଼ିକରେ କୌଣସି ସାଧକ ପକ୍ଷରେ ସାଧାରଣ ପୁସ୍ତକଗୁଡ଼ିକୁ ପାଠ କରିବା ଦ୍ୱାରା ଭଲ ଫଳ ହେବ କି ?

ପବିତ୍ର ଓ ଅତିପବିତ୍ର ପୁସ୍ତକମାନ ପାଠ କରି ମଧ୍ୟ ତୁମେ ପରମସତ୍ତାଙ୍କ-ଠାରୁ ଯୋଜନ ଯୋଜନ ଦୂରରେ ବେଶ୍ ରହିପାରିବ; ଏବଂ ନିପଟ ମୂର୍ଖତା ଦ୍ୱାରା ଭରି ରହିଥିବା ପୁସ୍ତକମାନ ପାଠ କରୁଥିଲେ ମଧ୍ୟ ତଥାପି ସେହି ପରମସତ୍ତାଙ୍କ ସହିତ ଯୁକ୍ତହୋଇ ଖିଅଲଗାଇ ରହିପାରୁଥିବ । ନିଜେ ରୂପାନ୍ତରର ଏକ ସ୍ୱାଦ ଅନୁଭବ ନ କରିବା ପର୍ଯ୍ୟନ୍ତ, ରୂପାନ୍ତରିତ ଚେତନା ଓ ସେହି ଚେତନାସ୍ଥିତିର ଯାବତୀୟ କ୍ରିୟାଶୀଳତା ବିଷୟରେ ଏକ ଧାରଣା କରିବା ମୋଟେ ସମ୍ଭବ ହେବ ନାହିଁ । ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହୋଇ ରହି ଉପଲବ୍ଧ ହେଉଥିବା ଚେତନାଟିର ଏପରି ଏକ ସ୍ୱାଦ ରହିଛି, ଯେଉଁଥିରେ କି ତୁମେ ଯାହାକିଛି ପଢ଼ିବ, ତୁମକୁ ତାହା ବି ଭଲ ଲାଗିବ; ସେତେବେଳେ ତୁମ ଆଖିଆଗରେ ଯାହାକିଛି ଦେଖିବାକୁ ମିଳିବ, ତାହା ଯେପରି ତୁମକୁ ଭଲ ଲାଗିବ, ଠିକ୍ ସେହିପରି ଏପରିକି ସବୁଠାରୁ ଅଧିକ ନୀରସ ବହି ଏବଂ ସବୁଠାରୁ ଅଧିକ ଶୁଷ୍କ କଥାଗୁଡ଼ିକୁ ମଧ୍ୟ ତୁମକୁ ଭଲ ଲାଗିବ । ଅବେଳେ ଭଲ ଶୁଣାଯାଉ ନ ଥିବା ସଙ୍ଗୀତକୁ ମଧ୍ୟ ଶୁଣିପାରିବ,— ଯୋଉ ସଙ୍ଗୀତ ପାଖରୁ ଦୂରକୁ ପଳାଇ ଯିବାକୁ ମନ ହୁଏ, ତୁମକୁ ତାହା ମଧ୍ୟ ଭଲ ଲାଗିବ । ତାହାର ବାହାର ଅଙ୍ଗଟା ମଧ୍ୟରେ ଯାହା ରହିଛି, ସେଇଟା

'oaob.nitrkl.ac.in' images reprocessed

ସକାଶେ ଯେ ତୁମକୁ ତାହା ଭଲ ଲାଗିବ, ସେକଥା ଆଦୌ ନୁହେଁ; ମାତ୍ର ତାହା ପଛରେ ଯାହା ନିଗୂଢ଼ ହୋଇ ରହିଛି, ତୁମକୁ ତାହାହିଁ ଭଲ ଲାଗିବ ଏବଂ ତୁମେ ତାକୁ ଉପଭୋଗ କରିପାରିବ । ଭଲ ସଙ୍ଗୀତ ଏବଂ ଖରାପ ସଙ୍ଗୀତ ମଧ୍ୟରେ ରହିଥିବା ପ୍ରଭେଦଟିକୁ ଯେ ତୁମେ ଆଉ ବାରିଦେଇ ପାରିବ ନାହିଁ, ସେକଥା ମଧ୍ୟ ଆଦୌ ନୁହେଁ, ମାତ୍ର ସେହି ଦୁଇ ପ୍ରକାରର ସଙ୍ଗୀତ ଯେଉଁ ଅସଲ କଥାଟିକୁ ଅଭିବ୍ୟକ୍ତ କରି ଦେଉଥିବେ, ତୁମେ ଠିକ୍ ତାହାରି ମଧ୍ୟରେ ଯାଇ ପ୍ରବେଶ କରି ପାରିବ । କାରଣ, ପୃଥିବୀରେ ଏପରି ଗୋଟିଏ ହେଲେ କିଛି ନାହିଁ, ଯାହାର ସର୍ବଶେଷ ସତ୍ୟ ଏବଂ ଅବଲମ୍ବନଟି ଦିବ୍ୟ ପରମସତ୍ତ୍ୱଙ୍କ ମଧ୍ୟରେ ନିହିତ ହୋଇ ରହି ନାହିଁ । ଏବଂ, ଶାରୀରିକ ବା ନୈତିକ ଅଥବା ସୌନ୍ଦର୍ଯ୍ୟବୋଧଗତ ଯାହାକିଛି ହେଉ ପଛକେ, ଯଦି ତୁମେ କେବଳ ବାହ୍ୟପ୍ରସ୍ତରର ବାଡ଼ଟା ପାଖରେ ଅଟକି ନ ରହି ପଶ୍ଚାତରେ ଥିବା ଗଭୀର ମଧ୍ୟରେ ପ୍ରବିଷ୍ଟ ହୋଇ ପାରିବ, ପ୍ରତ୍ୟେକ ବସ୍ତୁର ପଛରେ ରହିଥିବା ଦିବ୍ୟ ପରମସତ୍ତ୍ୱ ଓ ଆତ୍ମାଟି ମଧ୍ୟରେ ପ୍ରବେଶ କରି ପାରିବ, ତେବେ, ସାଧାରଣ ବୋଧ ଲାଗି ଯାହା କେବଳ ନିକୃଷ୍ଟ, ନୀରସ, ଯନ୍ତ୍ରଣାଦାୟକ ଏବଂ ଦ୍ୱନ୍ଦ୍ୱମୟ ବୋଲି ମନେହେଉଛି, ତୁମେ ସେଇଟିର ମଧ୍ୟଦେଇ ବି ସୌନ୍ଦର୍ଯ୍ୟ ତଥା ଆନନ୍ଦରେ ଉପନୀତ ହୋଇ ପାରିବ ।

ଜଣକର ଜୀବନରେ ଯାହାସବୁ ଘଟିଛି, ତାହାହିଁ ଘଟିବ ବୋଲି ଯେ ଅଭିପ୍ରେତ ହୋଇ ରହିଥିଲା, ତା'ର ଅତୀତ ଜୀବନଟିର ଔଚିତ୍ୟ ଦର୍ଶାଇବାକୁ ଯାଇ ଏପରି କୁହାଯାଇ ପାରିବ କି ?

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯାହାକିଛି ଘଟିବ ବୋଲି ଅଭିପ୍ରେତ ହୋଇ ରହିଛି, ପ୍ରକୃତରେ ତାହାହିଁ ଘଟୁଛି । ଯଦି ସେପରି ଅଭିପ୍ରେତ ହୋଇ ନ ଥାନ୍ତା, ତେବେ ତାହା କଦାପି ଘଟି ବି ନ ଥାନ୍ତା । ଯେପରିକି ଆମେ ଭୁଲ୍ ବୋଲି ଯାହାସବୁ କରିଛୁ ଓ ବିପତ୍ତି ବୋଲି ଆମ ଉପରେ ଯାହାସବୁ ପଡ଼ିଛି, ସେସବୁ ଆଗରୁ ନିଶ୍ଚୟ ଅଭିପ୍ରେତ ହୋଇ ରହିଥିଲା । କାରଣ, ସେସବୁ ଘଟିବାର ନିଶ୍ଚୟ କିଛି ନା କିଛି ଆବଶ୍ୟକତା ରହିଥିଲା, ଆମ ଜୀବନ ଲାଗି ଅବଶ୍ୟ କିଛି ପ୍ରୟୋଜନ ରହିଥିଲା । ମାତ୍ର, ପ୍ରକୃତ କଥା ହେଉଛି ଯେ, ଏସବୁକୁ ଆମେ ମନର ସ୍ତରରେ କଦାପି ବ୍ୟାଖ୍ୟା କରି କହିପାରିବା ନାହିଁ ଏବଂ ସେଗୁଡ଼ିକର ସେପରି ବ୍ୟାଖ୍ୟା କରିବା ଉଚିତ ମଧ୍ୟ ହେବ ନାହିଁ । କାରଣ, ଯାହାକିଛି ଘଟିଲା, ତାହାର ଯେ ଏକ ପ୍ରୟୋଜନ ରହିଥିଲା, କୌଣସି ଏକ ମନଃପ୍ରସୂତ କାରଣରୁ ସେହି ପ୍ରୟୋଜନ କଦାପି ନ ଥିଲା, ମାତ୍ର ଏହି ମନ ଯାହାକିଛି କଳ୍ପନା କରିପାରୁଛି,

'oaob.nitrkl.ac.in' images reprocessed

ତାହାର ସୀମାର ଆରପର ସେପାଖରେ ରହିଥିବା କୌଣସି କ୍ଷେତ୍ର ବା ସମ୍ପଦ ମଧ୍ୟକୁ ଆମକୁ ପରଗ୍ରହଣ କରନେବା ଲାଗିହିଁ ତାହାର ପ୍ରୟୋଜନ ରହିଥିଲା । ମାତ୍ର, ଏସବୁ କଥାକୁ ବ୍ୟାଖ୍ୟା କରି ବୁଝାଇ କହିବାର ପ୍ରକୃତରେ କୌଣସି ଆବଶ୍ୟକତା ରହିଛି କି ? ଆମର ଏହି ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ତ ପ୍ରତ୍ୟେକ ମୁହୂର୍ତ୍ତରେ ଆମକୁ ସବୁକଥା ବୁଝାଇ ଦେବାରେ ଲାଗିଛି ଏବଂ ସେହି ବିଶ୍ୱବ୍ରହ୍ମାଣ୍ଡରେ ବିଧାନଟି ଅନୁସାରେହିଁ ନିର୍ଦ୍ଦିଷ୍ଟ ଯେକୌଣସି ଘଟନା ଏଠାରେ ଘଟିବାରେ ଲାଗିଛି । ମାତ୍ର ତାହାର ଆଦୌ ଏପରି ଅର୍ଥ କରିବା ଉଚିତ ନୁହେଁ ଯେ ପ୍ରକୃତିର ଏହି ଅଲଙ୍ଘନୀୟ ବିଧାନଟି ପାଖରେ କେବଳ ଅନ୍ଧ ଭାବରେ 'ହଁ' ଭରିବାକୁହିଁ ଆମେ ସମସ୍ତେ ନିୟନ୍ତ୍ରଣବଦ୍ଧ ହୋଇ ରହିଛୁ ! ଆମେ ଆମର ଅତୀତକୁ ଏକ ପୂର୍ବମୀମାଂସିତ ସତ୍ୟ ବୋଲି ଅବଶ୍ୟ ଗ୍ରହଣ କରିନେଇ ପାରିବା ଏବଂ ସେଥିରେ ଏକ ଅନିବାର୍ଯ୍ୟତା ରହିଥିବାର କଳ୍ପନା ବି କରିପାରିବା; ତଥାପି, ସେହି ଅତୀତ ଆମ ଲାଗି ଯେଉଁ ଅଭିଜ୍ଞତାଟିକୁ ଉପଲବ୍ଧ କରାଇଦେଇ ଯାଇଛି, ସେହି ଅଭିଜ୍ଞତାକୁ କାମରେ ଲଗାଇ, ଆମର ବର୍ତ୍ତମାନ ତଥା ଭବିଷ୍ୟତକୁ ପଥନିର୍ଦ୍ଦେଶନା ଦେଇ ଗଢିବା ଲାଗି ଆମେ ଅତ୍ୟନ୍ତ ସଚେତନ ଭାବରେ ଆବଶ୍ୟକ ସାମର୍ଥ୍ୟଟିକୁ ଅର୍ଜନ କରି ପାରିବା ।

ଗୋଟିଏ ନିର୍ଦ୍ଦିଷ୍ଟ ଘଟନା କେତେବେଳେ ଘଟିବ, ବସ୍ତୁଗୁଡ଼ିକ ଘଟିବାର ଦିବ୍ୟ ଯୋଜନାରେ ସେଇଟି ବି କ'ଣ ବ୍ୟବସ୍ଥାବଦ୍ଧ ହୋଇ ରହିଛି ?

ଆମେ କେଉଁ ଭୂମିରେ ରହି ସବୁକଥା ଦେଖୁଛୁ ଓ କହୁଛୁ, ସବୁକିଛି ତାହାରି ଉପରେହିଁ ନିର୍ଭର କରିବ । ଦିବ୍ୟ-ଚେତନାର ଏପରି ଏକ ଭୂମି ରହିଛି, ଯେଉଁଥିରେ କି ସବୁକିଛି ସମ୍ପୂର୍ଣ୍ଣ ଭାବରେ ଜ୍ଞାତ ହୋଇ ରହିଛି, ବସ୍ତୁଗୁଡ଼ିକର ସମଗ୍ର ଯୋଜନାଟି ପୂର୍ବଦୃଷ୍ଟ ଏବଂ ପୂର୍ବନିର୍ଦ୍ଧାରିତ ହୋଇ ରହିଛି । ସେହି ସୋପାନରେ ଲେଙ୍କନର ସ୍ଥିତିଟି ଅଧିମାନସର ସର୍ବୋଚ୍ଚ ଭୂମିରେ ଅବସ୍ଥିତ ରହିଛି, ସେହି ଲେଙ୍କନକୁ ପ୍ରକୃତରେ ସର୍ବୋଚ୍ଚ ପରମକର୍ତ୍ତାଙ୍କରହିଁ ଲେଙ୍କନ ବୋଲି କୁହାଯାଇ ପାରିବ । ମାତ୍ର, ଯେତେବେଳେ ଆମେ ସେହି ଲେଙ୍କନର ଅଧିକାରୀ ହୋଇ ନ ଥିବା, ସେତେବେଳେ କେବଳ ସେହି ସୋପନରେହିଁ କାର୍ଯ୍ୟକାରୀ ହେଉଥିବା ବିଧାନଟିର ସ୍ତରରୁ କଥା କହିଲେ ତଦ୍ଦ୍ୱାରା ପ୍ରକୃତରେ ଆଦୌ କିଛି ଲାଭ ହେବ ନାହିଁ; ସେହି ସ୍ତରର ବିଧାନଗୁଡ଼ିକର ଆମର ବର୍ତ୍ତମାନ ଲେଙ୍କନ-ପ୍ରଣାଳୀରେ ଆଦୌ କୌଣସି ଫଳପ୍ରଦତା ନାହିଁ । କାରଣ, ଚେତନାର ଏକ ନିମ୍ନତର ସୋପାନରେ ପୂର୍ବରୁ କିଛିହେଲେ ଉପଲବ୍ଧ ହୋଇ ନାହିଁ କିଂବା ନିଶ୍ଚିତ ହୋଇ ରହି ନାହିଁ । ସବୁକିଛି କେବଳ ଗଢାହେବାର ଏକ ପ୍ରକ୍ରିୟା ମଧ୍ୟଦେଇ

'oaob.nitrkl.ac.in' images reprocessed

ଗଠ କରୁଛୁ । ଏହି ସୋପାନରେ ପୂର୍ବମୀମାଂସିତ ସତ୍ୟ ବୋଲି ପ୍ରକୃତରେ ଆଦୌ କିଛି ନାହିଁ, ଏଠାରେ କେବଳ ନାନା ସମ୍ଭାବନାରହିଁ ଏକ କ୍ରୀଡ଼ା ଲଗି ରହିଛି; ଏହିସବୁ ସମ୍ଭାବନାର ପାରସ୍ପରିକ ସଂଘାତରୁ, ଯେଉଁ ଘଟଣାଟି ଘଟିବାର କଥା, ସେଇଟି ଉପଲବ୍ଧ ହେବାରେ ଲଗିଛି । ତେଣୁ, ଏହି ସୋପାନରେ ଆମେ ଆପଣାର ପସନ୍ଦ ଅନୁସାରେ ଏଇଟାକୁ ନଚେତ୍ ସେଇଟାକୁ ବାଛିନେଇ ପାରିବା; ଗୋଟାଏ ସମ୍ଭାବନାକୁ ଛାଡ଼ି ଆଉଗୋଟାଏ ସମ୍ଭାବନାକୁ ଗ୍ରହଣ କରିନେଇ ପାରିବା; ଆମେ ଗୋଟିଏ ପଥରେ ଯିବାକୁ ସ୍ଥିର କରି ଅନ୍ୟ ପଥଟିରୁ ଓହରି ଆସିପାରିବା । ଏବଂ, ଯାହାକିଛି ଘଟିବାରେ ଲଗିଛି, ଏକ ଉଚ୍ଚତର ଭୂମିରେ ତାହା ହୁଏତ ପୂର୍ବଦୃଷ୍ଟ ଓ ପୂର୍ବନିର୍ଦ୍ଧାରିତ ହୋଇଥିଲେ ମଧ୍ୟ ଆମେ ତାହା ଅଦଳ୍ୟ କରିପାରିବା ।

ସର୍ବୋଚ୍ଚ ପରମଚେତନା ଆଗରୁହିଁ ସବୁକିଛି ଜାଣିଛି, କାରଣ ତାଙ୍କର ସେହି ଶାଶ୍ୱତ ଭୂମିରେ ସବୁକିଛି ଉପଲବ୍ଧ ହେବାରେ ଲଗିଛି । ମାତ୍ର, ଆପଣାର ଲୀଳାଦୃଷ୍ଟିରୁ, ଏବଂ ଯାହାକିଛି ତାଙ୍କର ପରମ ଆତ୍ମସତ୍ତା ମଧ୍ୟରେ ପୂର୍ବନିର୍ଦ୍ଦିଷ୍ଟ ହୋଇ ରହିଛି, ତାହାକୁ ଜଡ଼ର ଭୂମିରେ ପ୍ରକୃତରେ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ସିଏ ଏହି ଜଗତରେ ଆପଣାକୁ ଏପରି ଭାବରେ ସଞ୍ଚାରିତ କରି ରଖିଛନ୍ତି, ଯତେ ଯେପରି ସମଗ୍ର କାହାଣୀ ବିଷୟଟିରେ ସିଏ ଏକାନ୍ତ ଅନବଗତ ହୋଇ ରହିଛନ୍ତି; ସିଏ ଏପରି ଭାବେ କାର୍ଯ୍ୟ କରୁଛନ୍ତି, ଯତେ ଯେପରି ସିଏ ଏକ ନୂତନ ଅପରୀକ୍ଷିତ ସୂତାକୁ ନେଇ କ'ଣ ଗୋଟାଏ ବୁଣିବାକୁ ଯାଉଛନ୍ତି । ଉଚ୍ଚତର ଚେତନାସ୍ଥ ତାଙ୍କର ସେହି ପୂର୍ବଜ୍ଞାନର ଏହି ଆପାତ ବିସ୍ମରଣ ହେଉହିଁ ଏହି ଜଗତର କ୍ରିୟାମୟ ଜୀବନ ମଧ୍ୟରେ ଅବସ୍ଥିତ ରହିଥିବା ବ୍ୟକ୍ତି ତା'ର ଆପଣା ଜୀବନରେ ସତେଅବା ଏକ ସ୍ୱାଧୀନତା, ସ୍ୱତନ୍ତ୍ରତା ଏବଂ ପ୍ରଥମୋଦ୍ୟମର ବୋଧ ଆଣି ଦେଉଛି ତା'ଭିତରେ ରହିଥିବା ଏହିସବୁ କଥାକୁ ଆମେ ସେହି ପରମ ଚେତନାରହିଁ କାର୍ଯ୍ୟକାରୀ ନାନା ସାଧନ ଓ କୌଶଳ ବୋଲି କହିପାରିବା; ଏବଂ, ଠିକ୍ ଏହି ବିଧାନଟିର ମାଧ୍ୟମରେହିଁ ଅନ୍ୟତ୍ର ନିର୍ଦ୍ଧାରିତ ତଥା ପୂର୍ବଦୃଷ୍ଟ ଗତିସ୍ପନ୍ଦନ ଏବଂ ଘଟଣାଗୁଡ଼ିକ ଆମର ଏହି ଭୂମିରେ ଉପଲବ୍ଧ ହେବାରେ ଲଗିଛି ।

ଜଣେ ଅଭିନେତାର ଉଦାହରଣ ନେଇ ଚିନ୍ତା କଲେ ତୁମେ ହୁଏତ ଅଧିକ ସହଜରେ କଥାଟିକୁ ବୁଝି ପାରିବ । ସିଏ କେଉଁ ଭୂମିକାଟି ଅଭିନୟ କରିବାକୁ ଯାଉଛି, ସେଇଟିକୁ ସେ ସମ୍ପୂର୍ଣ୍ଣ ଭାବରେ ଜାଣିଥାଏ । ରଙ୍ଗମଞ୍ଚ ଉପରେ କାହା ପରେ କ'ଣ ଘଟିବ, ସେସବୁ କଥା ଅତ୍ୟନ୍ତ ନିର୍ଭୁଲ ଭାବରେ ତା'

ମନଭିତରେ ରହିଥାଏ । ମାତ୍ର, ଯେତେବେଳେ ସେ ପ୍ରକୃତରେ ରଙ୍ଗମଞ୍ଚ ଉପରକୁ ଯାଏ, ସେତେବେଳେ ସେଠାରେ ତାକୁ ନିଜକୁ ଏପରି ଭାବରେ ଅବତୀର୍ଣ୍ଣ କରାଇବାକୁ ପଡ଼େ ଯତେଯେପରି ତାକୁ ଆଦୌ କିଛିହେଲେ ଜଣା ନାହିଁ; ଯତେଯେପରି ସିଏ ସର୍ବପ୍ରଥମ ଥର ଲାଗି ଏହିସବୁ ଘଟନାକୁ ଅନୁଭବ କରୁଛି, ଠିକ୍ ସେହିଅନୁସାରେ ତାକୁ ଅନୁଭବ କରିବାକୁ ହେବ ଓ ଅଭିନୟ କରିବାକୁ ହେବ । ସିଏ ଏପରି ଅନୁଭବ କରୁଥିବ, ଯତେଯେପରି ସିଏ ଏକ ସମ୍ପୂର୍ଣ୍ଣ ନୂତନ ଜଗତରହିଁ ସମ୍ମୁଖୀନ ହେଉଛି ଏବଂ ତା'ର ନୟନ ସମକ୍ଷରେ ଯତେଯେପରି ସେହି ଜଗତର ଯାବତୀୟ ଘଟନାମାନ ଆକସ୍ମିକ ଓ ବିସ୍ମୟଦାୟକ ଭାବରେ ଘଟିବାରେ ଲାଗିଛି ।

ତେବେ ପ୍ରକୃତ ସ୍ୱାଧୀନତା ବୋଲି କ'ଣ କୌଣସି ବସ୍ତୁ ନାହିଁ ? ତେବେ ସବୁକିଛି କ'ଣ, ଏପରିକି ନିଜର ସ୍ୱାଧୀନତାଟି ମଧ୍ୟ, ପୂର୍ବନିର୍ଦ୍ଧାରିତ ହୋଇ ରହିଛି ? ଏହି ଦୃଷ୍ଟିରୁ ଭାଗ୍ୟବାଦକୁହିଁ କ'ଣ ସର୍ବୋଚ୍ଚ ସତ୍ୟରହସ୍ୟ ବୋଲି ଜାଣିବାକୁ ପଡ଼ିବ ?

ସ୍ୱତନ୍ତ୍ରତା ଏବଂ ଭାଗ୍ୟବାଦ, ମୁକ୍ତ-ଇଚ୍ଛା ଏବଂ ନିୟନ୍ତ୍ରଣାଧୀନତା,—ଏହି ସତ୍ୟଗୁଡ଼ିକ ଚେତନାର ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନହିଁ ହୋଇଥାଏ । କେବଳ ଅଜ୍ଞାନ ଦ୍ୱାରା ପରିଚାଳିତ ହୋଇହିଁ ମନ ଦୁଇଟିଯାକ କଥାକୁ ଆଣି ଗୋଟିଏ ସ୍ତରରେ ରଖିବାକୁ ଚେଷ୍ଟା କରେ ଏବଂ ଗୋଟିକୁ ଆଉ ଗୋଟିଏର ବିରୋଧୀରୂପେ ବିଚାର କରେ । ଚେତନା କହିଲେ ଆମେ କଦାପି ଏକରୂପ ହୋଇ ରହିଥିବା କେବଳ ଗୋଟିଏ ସତ୍ୟକୁ ବୁଝିବା ନାହିଁ; ଏହାର ଅନେକ ମୁଖ ରହିଛି, ଏକାଧିକ ସ୍ତର ବି ରହିଛି । ତାହାକୁ ଆମେ ଯତେଅବା କେବଳ ଗୋଟାଏ ପ୍ରକାରର ସମତଳ ବୋଲି କଦାପି ଭାବିପାରିବା ନାହିଁ, ଆମେ ଏହାକୁ ଅନେକ ପ୍ରସ୍ଥଯୁକ୍ତ ବୋଲିହିଁ ଭାବିବା । ଏହାର ସର୍ବୋଚ୍ଚ ଶିଖରରେ ସର୍ବୋଚ୍ଚ ପରମ ସତ୍ତାଙ୍କର ଅଧିଷ୍ଠାନ ରହିଛି ଏବଂ ସର୍ବନିମ୍ନ ତଳେ ଜଡ଼ ଅବସ୍ଥିତ ରହିଛି ଏବଂ ଏହି ସର୍ବନିମ୍ନ ତଳ ଓ ସର୍ବୋଚ୍ଚ ଶିଖର ମଧ୍ୟରେ ଚେତନାଗତ ନାନା ସ୍ତରର ଏକ ଅନନ୍ତ ସୋପାନକ୍ରମ ମଧ୍ୟ ଅବସ୍ଥିତ ରହିଛି ।

ଜଡ଼ର ଭୂମି ଉପରେ ଏବଂ ଆମର ଏହି ସାଧାରଣ ଚେତନାର ସ୍ତରରେ ଆମର ହାତଗୋଡ଼ ବନ୍ଧାହୋଇ ରହିଥିବା ପରି ଆମେ ରହିଛୁ । ପ୍ରକୃତି ବିଧାନର ଏକ ଯନ୍ତ୍ରଚାଳିତ ଦାସ ରୂପେ ଆମେ କର୍ମର ଦଉଡ଼ିରେ ବନ୍ଧାହୋଇ ରହିଛୁ; ଏବଂ ସେହି କ୍ଷେତ୍ରରେ, ସେହି ଦଉଡ଼ିଟି ମଧ୍ୟରେ ଯାହାକିଛି ଘଟୁଛି, ତାହା ଅଲଙ୍ଘନୀୟ

'oaob.nitrkl.ac.in' images reprocessed

ଭାବରେ ପୂର୍ବକୃତ କାର୍ଯ୍ୟଗୁଡ଼ିକର ପରିଣାମରୂପେହିଁ ଘଟୁଛି । ଏହି କ୍ଷେତ୍ରରେ ସ୍ୱାଧୀନ ଗତିଶୀଳତାର ଏକ ଭ୍ରାନ୍ତ ଅନୁଭବ ତୁମକୁ ଘାରି ରହିଛି ସତ, ମାତ୍ର ବସ୍ତୁତଃ, ଅନ୍ୟମାନେ ଯାହାକିଛି କରୁଛନ୍ତି, ତୁମେ ମଧ୍ୟ ସତତ କେବଳ ତାହାରି ପୁନରାବୃତ୍ତିହିଁ କରୁଛ, ପ୍ରକୃତିର ବିଶ୍ୱଗତ ଯାବତୀୟ ଗତିସ୍ପନ୍ଦନରେ ତୁମେ କେବଳ ପ୍ରତିଧ୍ୱନି କ୍ଷେପଣ କରିବାରେ ଲାଗିଛ, ବିଶ୍ୱପ୍ରକୃତିର ଯନ୍ତ୍ରଚକ୍ର ଉପରେ ତୁମେ ଘୋର ଅସହାୟ ଭାବରେ କେବଳ ଘୂରି ବୁଲିବାରେହିଁ ଲାଗିଛ ।

ମାତ୍ର, ଏହା ଯେ ଅନିବାର୍ଯ୍ୟ ଭାବରେ କେବଳ ଏହିପରି ହେବ, ତାହା ଆଦୌ ନୁହେଁ । ତୁମେ ଯଦି ଇଚ୍ଛା କରିବ, ତେବେ ନିଜର ସ୍ଥାନରେ ଏକ ପରିବର୍ତ୍ତନ ମଧ୍ୟ ଘଟାଇ ପାରିବ । ଏହି ତଳ ସ୍ତରରେ ନ ରହି, ଯନ୍ତ୍ରଟା ଦ୍ୱାରା ପେଷି ନ ହୋଇ ଏବଂ ସଞ୍ଚଳିତ ଏକ ପୁତ୍ତଳିକା ପରି ନ ନାଚି ତୁମେ ନିଷ୍ପେଶ ଉପରକୁ ଉଠିପାରିବ ଓ ଊର୍ଦ୍ଧ୍ୱରେ ଥାଇ ଅବଲୋକନ କରିପାରିବ; ଆପଣାର ଚେତନାରେ ଏକ ପରିବର୍ତ୍ତନ ଘଟାଇ ତୁମେ ଅନିବାର୍ଯ୍ୟ ବୋଲି ପ୍ରତୀତ ହେଉଥିବା ନାନା ପରିସ୍ଥିତିକୁ ଟାଳିଦେବାକୁ ଏବଂ ଦୃଢ଼ ଗଣ୍ଠି ପଡ଼ିରହିଥିବା ଅବସ୍ଥାଗୁଡ଼ିକୁ ବଦଳାଇ ଦେଇପାରିବା ଭଳି ତୁମେ କୌଣସି ନା କୌଣସି ସହାୟକ ଓ ସାଧନ ମଧ୍ୟ ପାଇଯାଇପାରିବ । ଏହି ଘୂର୍ଣ୍ଣି ମଧ୍ୟରୁ ଥରେ ଉପରକୁ ବାହାରି ଆସି ଠିଆ ହୋଇପାରିଲେ ତୁମେ ଆପଣାକୁ ମୁକ୍ତ ବୋଲି ପ୍ରତ୍ୟକ୍ଷ କରିପାରିବ । ସେତେବେଳେ ତୁମେ ଆଉ କୌଣସି ପ୍ରକାରେ ବାଧ୍ୟହୋଇ ରହିବ ନାହିଁ; ଆଉ କେବଳଯେ ଏକ ନିଷ୍କ୍ରିୟ ଯନ୍ତ୍ରମାତ୍ର ହୋଇ ରହିବ ନାହିଁ, ତା' ନୁହେଁ, ତୁମେ ତା'ପରେ ଏକ ସ୍ୱୟଂକ୍ରିୟାଶୀଳ କର୍ତ୍ତାରେ ପରିଣତ ହୋଇପାରିବ । ଆପଣା କର୍ମର ପରିଣାମଗୁଡ଼ିକ ଦ୍ୱାରା ଯେ ତୁମକୁ ଆଉ କେବଳ ବାନ୍ଧିହୋଇ ରହିବାକୁ ପଡ଼ିବ ନାହିଁ ତା' ନୁହେଁ, ମାତ୍ର ତୁମେ ହୁଏତ ସେହି ପରିଣାମଗୁଡ଼ିକୁ ବଦଳାଇ ବି ଦେଇପାରିବ । ଥରେ ଶକ୍ତିଚୟର ଖେଳଟିକୁ ଦେଖି ପାରିବା ଲାଗି ସମର୍ଥ ହେଲେ, ଯେଉଁଠାରେ ଯାବତୀୟ ଶକ୍ତିର ଉତ୍ସ ନିହିତ ହୋଇ ରହିଛି, ଚେତନାର ସେହି ସ୍ତରଟିକୁ ତୁମେ ଥରେ ଆପଣାକୁ ଉତ୍ତୋଳିତ କରି ନେଇଯାଇ ପାରିଲେ ଏବଂ ସେହିସବୁ ଗତି-ଉଜ୍ଜ୍ୱଳ ଉତ୍ସଗୁଡ଼ିକ ସହିତ ନିଜକୁ ଏକାତ୍ମ କରି ରଖିପାରିଲେ, ତୁମେ, ଯାହାକିଛି କେବଳ ଗ୍ରଥିତ ହେବାରେ ଲାଗିଛି, ତାହାର କଦାପି ଏକ ଅଂଶ ହୋଇ ରହିବ ନାହିଁ; ଯାହା ସ୍ୱୟଂ ଗ୍ରଥିବାରେ ଲାଗିଛି ତୁମେ ତାହାରି ଏକ ଅଂଶ ହୋଇ ରହିବ ।

ଏହାହିଁ ହେଉଛି ପ୍ରକୃତରେ ଯୋଗର ଉଦ୍ଦେଶ୍ୟ, — ଯୋଗ ଦ୍ୱାରା ତୁମେ କର୍ମର ଚକଟି ମଧ୍ୟରୁ ବାହାରକୁ ବାହାରି ଯାଇପାରିବ ଏବଂ ଏକ ଦିବ୍ୟ

'oaob.nitrkl.ac.in' images reprocessed

ଗତିଶୀଳତା ମଧ୍ୟରେ ଯାଇ ପ୍ରବିଷ୍ଟ ହେବ। ପ୍ରକୃତିର ସେହି ଯାନ୍ତ୍ରିକ ବିଧାନର ବେଷ୍ଟନୀ ଭିତରେ ତୁମେ ପ୍ରାୟ ଏକ ଅଜ୍ଞାନ ଦାସମାତ୍ର ହୋଇ ରହିଛ, ଏକ ଅତ୍ୟନ୍ତ ଅସହାୟ ଓ ଦାୟୀହୀନ ସାଧନମାତ୍ର ହୋଇ ରହିଛ, ଯୋଗ ଦ୍ୱାରା ତୁମେ ସେହି ବେଷ୍ଟନୀଟିରୁ ବାହାର ଚାଲିଯାଇ ପାରିବ ଏବଂ ଆଉ ଏପରି ଏକ ଭୂମିକୁ ଉତ୍ତୋଳିତ ହୋଇଯାଇ ପାରିବ, ଯେଉଁଠାରେ କି ଏକ ଉଚ୍ଚତର ପରମ ନିୟତିର ଆପଣାକୁ କାର୍ଯ୍ୟକାରୀ କରିବାର ଜଣେ ଗତିଶୀଳ ନିମିତ୍ତ ଏବଂ ସଚେତନ ଅଂଶଗ୍ରହଣକାରୀ ରୂପେ ତୁମେ ଅବସ୍ଥିତ ରହିପାରିବ। ଚେତନାର ଏହି ଗତି ଦୁଇଟି ପଥର ଅନୁସରଣ କରିବ। ପ୍ରଥମତଃ, ଏହି କ୍ଷେତ୍ରରେ ଏକ ଆରୋହଣ ଘଟିବ; ଏହି ଜଡ଼ସ୍ଥ ଚେତନାର ସ୍ତରଟି ମଧ୍ୟରୁ ତୁମେ ଆପଣାକୁ ଉପରକୁ ଉଠାଇ ନେଇ ଉଚ୍ଚତର ସ୍ତରଗୁଡ଼ିକରେ ଯାଇ ପ୍ରବେଶ କରିବ। ମାତ୍ର, ନିମ୍ନତର ସ୍ତରରୁ ଉଚ୍ଚତର ସ୍ତର ମଧ୍ୟକୁ ଏହି ଯେଉଁ ଆରୋହଣ ସଂଘଟିତ ହେବ, ତାହା ଉଚ୍ଚତରକୁ ମଧ୍ୟ ନିମ୍ନତର ସ୍ତରକୁ ଅବତୀର୍ଣ୍ଣ ହୋଇ ଆସିବା ଲାଗି ଆବାହନ ବି କରିବ। ଯେତେବେଳେ ତୁମେ ଏହି ପୃଥିବୀର ଊର୍ଦ୍ଧ୍ୱକୁ ଉଠିଯିବ, ସେତେବେଳେ ତୁମେ ସେହି ଉପରୁହିଁ ପୃଥିବୀକୁ କେତେକ ତତ୍ତ୍ୱକୁ ଅବତୀର୍ଣ୍ଣ କରାଇ ନେଇଆସିବ, —କୌଣସି ଏକ ଆଲୋକ ଅଥବା ସାମର୍ଥ୍ୟକୁ ଅବତୀର୍ଣ୍ଣ କରାଇ ଆଣିବ, ଯାହାକି ତାହାର ପୁରୁଣା ପ୍ରକୃତିଟିକୁ ବଦଳାଇ ଦେବ ଅଥବା ବଦଳାଇ ଦେବାର ପ୍ରବୃତ୍ତି ରଖିଥିବ। ଏବଂ ତା'ପରେ, ଏହି ଯେଉଁସବୁ ବସ୍ତୁ ପରସ୍ପରଠାରୁ ଭିନ୍ନ ହୋଇ ରହିଥିଲା, ଯାହା ପରସ୍ପର ସହିତ ଅସଂଲଗ୍ନ ଏବଂ ବିସଦୃଶ ହୋଇ ରହିଥିଲା, — ତୁମ ଭିତରର ସେହି ଉପର ସ୍ତର ଏବଂ ନିମ୍ନସ୍ତର, ତୁମ ସତ୍ତା ଓ ଚେତନାର ସେହି ଅନ୍ତର୍ଗତ ଏବଂ ବାହ୍ୟ ସ୍ତରଦୁଇଟି, ତାହା ପରସ୍ପରକୁ ଆସି ସ୍ପର୍ଶ କରିବ, ପରସ୍ପର ସହିତ କ୍ରମେ ଏକତ୍ର ସମ୍ମିଳିତ ହୋଇଯିବ ଏବଂ ତା'ପରେ କ୍ରମଶଃ ଗୋଟିଏ ସତ୍ୟ ଏବଂ ଗୋଟିଏ ସୌଷମ୍ୟରୂପେ ଏକଲୀନ ହୋଇଯିବ।

ଯାହାକୁ ସାଧାରଣତଃ ଗୋଟିଏ ଗୋଟିଏ ଅଲୌକିକ ଘଟନା ବୋଲି କୁହାଯାଏ, ସେଗୁଡ଼ିକ ଠିକ୍ ଏହିପରି ଭାବରେହିଁ ଘଟିଥାନ୍ତି। ଏହି ଜଗତ୍ ଅଗଣିତ ନାନା ଚେତନାସ୍ତର ଦ୍ୱାରା ନିର୍ମିତ ହୋଇ ରହିଛି ଏବଂ ପ୍ରତ୍ୟେକ ସ୍ତରରେ ସେହି ସ୍ତରର ସ୍ୱତନ୍ତ୍ର ବିଧାନମାନ ରହିଛି। ଗୋଟିଏ ସ୍ତରର ବିଧାନ ଆଉ ଗୋଟିଏ ସ୍ତରରେ କଦାପି ଲାଗୁ ହେଉ ନାହିଁ। ଏକ ଅଲୌକିକ ଘଟନାକୁ ଆମେ ହଠାତ୍ ସଂଘଟିତ ହେଉଥିବା ଏକ ଅବତରଣ ବୋଲି କହିପାରିବା, ଅଉଗୋଟିଏ ଚେତନା ଏବଂ ତାହାର ଶକ୍ତିଗୁଡ଼ିକର ଏକ ବିସ୍ଫୋରଣ ବୋଲି କହିବା। ଅଧିକାଂଶ ସମୟରେ

'oaob.nitrkl.ac.in' images reprocessed

ସେହି ଶକ୍ତିଚୟ ପ୍ରାଣିକ ସ୍ତରରହିଁ କେତେଗୁଡ଼ିଏ ଶକ୍ତି ହୋଇ ରହିଥାନ୍ତି ଏବଂ ସେଗୁଡ଼ିକ ଜଡ଼ର ଏହି ସୋପାନରେ ଆସି ବିସ୍ଫୋରିତ ହୁଅନ୍ତି । ଜଡ଼ସ୍ଥ ବିଧାନତନ୍ତ୍ର ଉପରେ ଏହିପରି ଭାବରେ ଏକ ଅବକ୍ଷେପଣ ଆସି ଘଟେ; ଏକ ଉଚ୍ଚତର ସୋପାନରେ ଯେଉଁ ବିଧାନଟି କାର୍ଯ୍ୟ କରୁଛି, ତାହାର ଅବକ୍ଷେପଣ ଘଟେ । ପତେଅବା, ଆମ ନିତ୍ୟନୈମିତ୍ତିକ ସାଧାରଣ ଚେତନାରୂପୀ ମେଘାବରଣ ମଧ୍ୟରୁ ଏକ ବିଦ୍ୟୁତ୍‌ର ଉଦ୍‌ଭାସ ଝଟକି କରି ବାହାରକୁ ବିଦୀର୍ଣ୍ଣ ହୋଇଆସେ ଏବଂ ତାହାମଧ୍ୟକୁ ଅନ୍ୟ ନାନା ଶକ୍ତି, ନାନା ଗତିସ୍ପନ୍ଦନ ଏବଂ ନାନା ଅନୁକ୍ରମକୁ ଆଣି ଢାଳିଦେଇ ଯାଏ । ଏଥିରୁ ଯେଉଁ ପରିଣାମଟି ଘଟେ, ଆମେ ତାହାକୁ ଏକ ଅଲୌକିକ ଘଟଣା ବୋଲି କହୁ, କାରଣ ଆମେ ହଠାତ୍ ଏକ ପଟପରିବର୍ତ୍ତନ ପ୍ରତ୍ୟକ୍ଷ କରୁ, ଆମର ଏହି ସାଧାରଣ ଆୟତନର ପ୍ରାକୃତିକ ବିଧାନଗୁଡ଼ିକରେ ହଠାତ୍ ଏକ ହସ୍ତକ୍ଷେପ ହେଉଥିବାର ସନ୍ଦର୍ଶନ କରୁ; ମାତ୍ର ତାହା ପଛରେ ନିହିତ ହୋଇ ରହିଥିବା କାରଣ ତଥା ଶୃଙ୍ଖଳାଟିକୁ ଆମେ ମୋଟେ ଜାଣି ନ ଥାଉ ବା ତାହାର କିଛିହେଲେ ଦେଖିପାରୁ ନାହିଁ, କାରଣ ଅଲୌକିକ ଘଟଣାର ଉତ୍ପତ୍ତି ଅନ୍ୟଏକ ଭୂମିରେ ଅବସ୍ଥାନ କରୁଥାଏ । ଆହୁରି ସେପାଖରେ ରହିଥିବା ଅନ୍ୟାନ୍ୟ ଜଗତର ଜଡ଼ସ୍ଥ ଜଗତଟି ଉପରେ ଏହି ଆକ୍ରମଣଗୁଡ଼ିକୁ ଆଦୌ କ୍ୱଚିତ୍ ବା ବିରଳ ବୋଲି କହି ହେବ ନାହିଁ, ସେଗୁଡ଼ିକୁ ହୁଏତ ସତତ ଘଟିବାରେ ଲାଗିଥିବା ଏକ ଘଟଣା ବୋଲି କୁହାଯାଇ ପାରିବ । ଏବଂ, ଯଦି ଆମର ଉପଯୁକ୍ତ ଏକ ଚକ୍ଷୁ ରହିଥାଏ ଓ ଅବଲୋକନର ଶକ୍ତିଟି ଆମକୁ ଜଣାଥାଏ, ତେବେ ଆମକୁ ମଧ୍ୟ ଏହି ଅଲୌକିକ ଘଟଣାଗୁଡ଼ିକ ଅନେକ ସଂଖ୍ୟାରେ ଦୃଶ୍ୟ ହୋଇପାରିବ । ବିଶେଷତଃ, ଯେଉଁମାନେ ଊର୍ଦ୍ଧ୍ୱସ୍ଥ ସମ୍ପଦଗୁଡ଼ିକୁ ନିମ୍ନରେ ଥିବା ଏହି ପୃଥ୍ୱୀଚେତନା ମଧ୍ୟକୁ ବହନ କରି ଆଣିବାକୁ ଉଦ୍ୟମ କରୁଛନ୍ତି, ସେମାନଙ୍କ ଜୀବନରେ ଅଲୌକିକ ଘଟଣାମାନ ନିଶ୍ଚୟ ବିଶେଷ ଭାବରେ ଅଧିକସଂଖ୍ୟକ ହୋଇ ଘଟିବ ।

ଏହି ସୃଷ୍ଟିର କୌଣସି ଏକ ବିଶେଷ ଉଦ୍ଦେଶ୍ୟ ରହିଛି କି ? ଏହି ସୃଷ୍ଟି କୌଣସି ଏକ ଚୂଡ଼ାନ୍ତ ପରିଣାମ ଆଡ଼କୁ ଗତି କରୁଛି କି ?

ନା,—ଏହି ବିଶ୍ୱବ୍ରହ୍ମାଣ୍ଡକୁ ଆମେ ଏକ ସତତ ଗତିଶୀଳତା ବୋଲି ଜାଣିବା, ଯାହାକି ଚିରନ୍ତନ ଭାବରେହିଁ ଆପଣାକୁ ଉନ୍ମୋଚିତ କରିଦେବାରେ ଲାଗିଛି । ତେଣୁ, ଏହି କ୍ଷେତ୍ରରେ ଆମେ କୌଣସି ଗୋଟିଏ ଲକ୍ଷ୍ୟକୁହିଁ ଏକମାତ୍ର ଲକ୍ଷ୍ୟ ବୋଲି ନିର୍ଦ୍ଦିଷ୍ଟ କରି ରଖିଦେଇ ପାରିବା ନାହିଁ । ମାତ୍ର କୌଣସି ପ୍ରକାର

'oaob.nitrkl.ac.in' images reprocessed

କାର୍ଯ୍ୟକାରିତାକୁ ସମ୍ଭବ କରିବା ଲାଗି ଆମକୁ ସେହି ଆତ୍ମ-ଉନ୍ମୋଚିତ ହେଉଥିବା ଗତିଶୀଳତାଟିକୁ ଭାଗ ଭାଗ କରି ବିଚାର କରିବାକୁ ହେବ ଏବଂ ଏଇଟିକୁ ବା ସେଇଟିକୁ ଲକ୍ଷ୍ୟ ବୋଲି କହିବାକୁ ପଡ଼ିବ; କାରଣ କାର୍ଯ୍ୟକ୍ଷେତ୍ରରେ ଆମକୁ ସମ୍ମୁଖରେ ଏପରି ଏକ ବସ୍ତୁକୁ ନିର୍ଦ୍ଦିଷ୍ଟ ଭାବରେ ରଖିବାକୁ ପଡ଼ିବ, ଯାହାକୁ କି ଆମେ ଲକ୍ଷ୍ୟ ବୋଲି କହିପାରିବା । ଗୋଟିଏ ଛବି ଆଙ୍କିବାକୁ ଗଲାବେଳେ ସଂଗଠନ ଓ ରଙ୍ଗର ଏକ ନିର୍ଦ୍ଦିଷ୍ଟ ଯୋଜନା କରିବା ଦରକାର ହୋଇଥାଏ,— ଏକ-ସୀମା ନିର୍ଦ୍ଧାରଣ କରିଦେବାକୁ ହୋଇଥାଏ, ଏକ ନିର୍ଦ୍ଦିଷ୍ଟ ଗଢ଼ଣ ଓ ଆୟତନ ମଧ୍ୟରେ ସମଗ୍ର ବସ୍ତୁଟିକୁ ଆଣି ଦେଖିବାକୁ ହୋଇଥାଏ । ମାତ୍ର ସେହି ସୀମା-ନିର୍ଦ୍ଧାରଣ ହେଉଛି ପ୍ରକୃତରେ ଏକ ଭ୍ରାନ୍ତି, ଗଢ଼ଣ ଓ ଆୟତନଟା ମଧ୍ୟ କେବଳ ଏକ ଚଳଣି ବ୍ୟତୀତ ଆଉ କିଛି ନୁହେଁ । ଛବିଟିର ଏପରି ଏକ ସତତଯୁକ୍ତ ଅବିଚ୍ଛିନ୍ନତା ରହିଛି, ଯାହାକି ଯେକୌଣସି ଗଢ଼ଣର ସୀମାକୁ ଅତିକ୍ରମ କରି ଚାଲି ଯାଉଛି, ଏବଂ ସମାନ ସମାନ ଅବସ୍ଥା ମଧ୍ୟରେ ପ୍ରତ୍ୟେକ ଅବିଚ୍ଛିନ୍ନତାକୁ ମଧ୍ୟ ଅନନ୍ତ କ୍ରମରେ ନାନା ଗଢ଼ଣ ମଧ୍ୟରେ ଆଙ୍କିପାରିବାର ଏକ ସମ୍ଭାବନା ସବୁବେଳେ ମହଜୁଦ ରହିଛି । ଆମର ଲକ୍ଷ୍ୟ ଏଇଟା ବା ସେଇଟା ବୋଲି ଆମେ ଅନେକ ସମୟରେ କହିଥାଉ ସତ, ମାତ୍ର ଆମେ ଭଲ କରି ଜାଣିଥାଉ ଯେ ଏହାକୁ ଏହାର ସେପାଖରେ ରହିଥିବା ଆଉଗୋଟିଏ ଲକ୍ଷ୍ୟର କେବଳ ଏକ ଆରମ୍ଭ ବୋଲି କୁହାଯାଇ ପାରିବ, ସେପାଖରେ ରହିଥିବା ଲକ୍ଷ୍ୟଟି ତା'ପରେ ଆମକୁ ଆଉଗୋଟିଏ ଲକ୍ଷ୍ୟଆଡ଼କୁ ପରିଚାଳିତ କରି ନେଇଯିବ । ଏହି କ୍ରମରେ ସର୍ବଦା ଏକ ବିକାଶ ସବୁବେଳେ ଲାଗି ରହିଥିବ ଏବଂ ସେଥିରେ ଆଦୌ କୌଣସି ବିରାମହିଁ ହେବ ନାହିଁ ।

'oaob.nitrkl.ac.in' images reprocessed

୪ ମଇ ୧୯୨୯

ବୁଦ୍ଧିର ଯଥାର୍ଥ କାର୍ଯ୍ୟଟି ପ୍ରକୃତରେ କ'ଣ ? ସାଧନାର ମାର୍ଗରେ ବୁଦ୍ଧି ସହାୟକ ହୁଏ ଅଥବା ଏକ ପ୍ରତିବନ୍ଧକ ପରି କାର୍ଯ୍ୟ କରେ ?

ବୁଦ୍ଧି ଆମ ବାଟରେ ଏକ ସହାୟକ ହେବ ବା ପ୍ରତିବନ୍ଧକ ପରି କାର୍ଯ୍ୟ କରିବ, ତାହା ଜଣେ ଜଣେ ବ୍ୟକ୍ତି ହିସାବରେ ଆମ ପ୍ରତ୍ୟେକଙ୍କ ଉପରେ ନିର୍ଭର କରିବ । ଆମେ ଯେପରି ଭାବରେ ବୁଦ୍ଧିକୁ କାମରେ ଲଗାଇବା, ତାହା ସେକଥା ଉପରେ ମଧ୍ୟ ନିର୍ଭର କରିବ । ବୁଦ୍ଧିକୁ କାର୍ଯ୍ୟରେ ଲଗାଇବାର ଏକ ଉଚିତ ପଥ ରହିଛି, ଏକ ଅନୁଚିତ ପଥ ମଧ୍ୟ ରହିଛି । ଉଚିତ ପଥଟି ଆମର ଅଗ୍ରଗତିରେ ସାହାଯ୍ୟ କରେ ଓ ଅନୁଚିତ ପଥଟି ପ୍ରତିବନ୍ଧକ ହୋଇ ଠିଆହୁଏ । ଯେଉଁ ବୁଦ୍ଧି ଆପଣାର ଯୋଗ୍ୟତା ଉପରେ ଅତିରିକ୍ତ ପରିମାଣରେ ବିଶ୍ୱାସ କରୁଥାଏ ଏବଂ କେବଳ ଆପଣା ଲାଗିହିଁ ଆପଣାର ଚରିତାର୍ଥତା କାମନା କରୁଥାଏ, ଉଚ୍ଚତର ଉପଲବ୍ଧି ଲାଗି ତାହା ନିଶ୍ଚୟ ଏକ ପ୍ରତିବନ୍ଧକରୂପେ କାର୍ଯ୍ୟ କରିବ ।

ମାତ୍ର, କୌଣସି ବିଶେଷ ଅର୍ଥରେ କିଂବା କେବଳ ବୁଦ୍ଧିର କ୍ଷେତ୍ରରେ ଯେ ଏହା ଠିକ୍, ସେକଥା ଆଦୌ ନୁହେଁ । ଏହା ହେଉଛି ଏକ ସାଧାରଣ ସତ୍ୟ ଏବଂ ବୁଦ୍ଧି ବ୍ୟତୀତ ଆମର ଅନ୍ୟାନ୍ୟ ସାମର୍ଥ୍ୟଗୁଡ଼ିକର କ୍ଷେତ୍ରରେ ମଧ୍ୟ ତାହା ସତ୍ୟ । ଉଦାହରଣସ୍ୱରୂପ, ପ୍ରାଣିକ ବାସନାଗୁଡ଼ିକର ବା ପଶୁଧର୍ମୀ ଲାଳସାଗୁଡ଼ିକର ଅତିରିକ୍ତ ପରିତର୍ପଣକୁ ଲୋକେ କେବେହେଲେ ଏକ ଗୁଣ ବୋଲି କହନ୍ତି ନାହିଁ । ଆମର ଯେଉଁ ସୀମାଗୁଡ଼ିକର ସେପାଖକୁ ଆଦୌ ଯିବା ଉଚିତ ନୁହେଁ, ନୈତିକ ବୋଧକୁ ତାହାର ଏକ ପରାମର୍ଶ ଦେଇ ପାରୁଥିବା ସଂଶୋଧନକାରୀ ଉପାଦାନରୂପେ ଗ୍ରହଣ କରାଯାଇଥାଏ । କେବଳ ଆପଣାର ବୁଦ୍ଧିକ୍ଷେତ୍ରର କ୍ରିୟାଶୀଳତା ବେଳକୁହିଁ ମନୁଷ୍ୟ ଏପରି ଆଦୌ କୌଣସି ସଂଶୋଧନ ଅଥବା ନିୟନ୍ତ୍ରଣର ଆବଶ୍ୟକତା ନାହିଁ ବୋଲି ବିଚାର କରିଆସିଛି ।

ସତ୍ତ୍ୱର ଯେକୌଣସି ଭାଗ ଯଦି ଆପଣାର ଯଥୋଚିତ ସ୍ଥାନମର୍ଯ୍ୟାଦାଟିକୁ ରକ୍ଷା କରି ଆପଣାର ଯଥାନିର୍ଦ୍ଦିଷ୍ଟ ଭୂମିକାଟିକୁ ଗ୍ରହଣ କରୁଥାଏ, ତେବେ ତାହା

'oaob.nitrkl.ac.in' images reprocessed

ସହାୟକ ହୁଏ । ମାତ୍ର ଯେମିତି ତାହା ଖୋଳ ବଢାଇଦେଇ ଆପଣା ପରିସରଟିର ବାହାରକୁ ଚାଲିଯାଏ, ତାହା ସଙ୍ଗେସଙ୍ଗେ ବିକୃତ ଓ ଅନୁଚିତ ହେବାକୁ ଆରମ୍ଭ କରେ ଏବଂ ତେଣୁ ଏକ ମିଥ୍ୟାରେ ପରିଣତ ହୁଏ । ଦିବ୍ୟସତ୍ତ୍ୱଙ୍କର ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିବାଲାଗି ଯେତେବେଳେ କୌଣସି ସାମର୍ଥ୍ୟକୁ କାମରେ ଲଗାଯାଏ, ସେତେବେଳେ ତାହା ଉଚିତ ଭାବରେ କ୍ରିୟାଶୀଳ ହୋଇଥାଏ; ଯେତେବେଳେ ତାହା ଆପଣାର ଚରିତାର୍ଥତା ଲାଗିହିଁ ଅପଣାକୁ କାର୍ଯ୍ୟକାରୀ କରାଏ, ସେତେବେଳେ ତାହା ଅନୁଚିତ ଭାବରେହିଁ କ୍ରିୟାଶୀଳ ହୋଇଥାଏ ।

ଆପଣାର ଯଥାର୍ଥ ପ୍ରକୃତି ଅନୁସାରେ ବୁଦ୍ଧି ହେଉଛି ଅଭିବ୍ୟକ୍ତିର ଏକ ସାଧନ, କ୍ରିୟାର ମଧ୍ୟ ଏକ ସାଧନ । ଅନେକ ପରିମାଣରେ ବୁଦ୍ଧିକୁ ଯଥାର୍ଥ ଜ୍ଞାନ ଏବଂ ଏହି ନିମ୍ନସ୍ତରର ଉପଲବ୍ଧି କ୍ଷେତ୍ରର ମଝିରେ ଥିବା ଏକ ମଧ୍ୟବର୍ତ୍ତୀ ଉପାଦାନ ବୋଲି କୁହାଯାଇ ପାରେ । ଯଥାର୍ଥଜ୍ଞାନର ସ୍ଥାନ ହେଉଛି ମନଃସୀମାର ଊର୍ଦ୍ଧ୍ୱରେ ଥିବା ଉଚ୍ଚତର କ୍ଷେତ୍ରଗୁଡ଼ିକରେ । ବୁଦ୍ଧି ବା ଆମେ ସାଧାରଣତଃ ଯାହାକୁ ମନ ବୋଲି କହୁଥାଉ, ତାହା ପ୍ରକୃତରେ ଏକ ନକ୍ସା ଯୋଗାଇଦିଏ; ପ୍ରାଣିକ ଅଂଶଟି ସେଥିରେ ଗତିଶୀଳତା ଏବଂ ପ୍ରାଣସାମର୍ଥ୍ୟ ଆଣିଦିଏ; ଭୌତିକ ସବାଶେଷରେ ଆସେ ଏବଂ ସବୁଟିକୁ ଏକ ଶରୀରରୂପେ ଆକୃତ କରିନିଏ ।

ପ୍ରତିକୂଳ ଶକ୍ତିଗୁଡ଼ିକର କିପରି ସମ୍ମୁଖୀନ ହେବାକୁ ପଡ଼ିବ,—ଯେଉଁ ଶକ୍ତିଗୁଡ଼ିକ ଅଦୃଶ୍ୟ ହୋଇ ରହିଥାନ୍ତି ଓ ତଥାପି ବେଶ୍ ଜୀବନ୍ତ ଓ ମୂର୍ତ୍ତ ହୋଇ ପ୍ରଭାବ ପକାନ୍ତି ?

ତୁମର ଚେତନା ବିକାଶର କେଉଁ ସୋପାନରେ ଆସି ପହଞ୍ଚିଛ, ଅନେକ ପରିମାଣରେ ତାହା ସେହି କଥାଟି ଉପରେ ନିର୍ଭର କରିବ । ପ୍ରଥମ ଅବସ୍ଥାରେ, ଯଦି ତୁମଭିତରେ କୌଣସି ବିଶେଷ ଗୂଢ଼ବିଦ୍ୟାଗତ ଜ୍ଞାନ ଏବଂ ସାମର୍ଥ୍ୟ ନ ଥାଏ, ତେବେ ଯଥାସମ୍ଭବ ସ୍ଥିର ଓ ନୀରବ ରହିବା ଦ୍ୱାରାହିଁ ତୁମେ ସର୍ବଶ୍ରେଷ୍ଠ କାର୍ଯ୍ୟ କରିବ । ଯଦି ପ୍ରତିକୂଳ ନାନା ପ୍ରବର୍ତ୍ତନାର ରୂପରେ ତୁମ ଉପରେ ସେହି ଆକ୍ରମଣଟି ହେଉଥାଏ, ତେବେ ତୁମେ ସ୍ଥିରଭାବରେ ସେଗୁଡ଼ିକୁ ଠେଲି ବାହାର କରି ଦେବାଲାଗି ଚେଷ୍ଟା କରିବ; ସତେ ଯେପରି କୌଣସି ଜଡ଼ପଦାର୍ଥକୁ ଆମେ ଠେଲି ବାହାର କରି ଦେବାକୁ ଚେଷ୍ଟା କରିଥାଉ, ଠିକ୍ ସେହିପରି । ତୁମେ ଯେତିକି ଅଧିକ ସ୍ଥିର ଓ ଶାନ୍ତ ହୋଇ ରହିପାରିବ, ତୁମର ଶକ୍ତି ମଧ୍ୟ ସେତିକି ଅଧିକ ହେଉଥିବ । ସମତା ହେଉଛି ଯାବତୀୟ ଆଧ୍ୟାତ୍ମିକ ଶକ୍ତିମତ୍ତାର ଯଥାର୍ଥ ଭାବରେ ଦୃଢ଼ ହୋଇ ରହିଥିବା ଭିତ୍ତି । ତୁମର ଅନ୍ତର୍ଗତ ଶାନ୍ତିକୁ ଭଙ୍ଗ କରିବା ଲାଗି ତୁମେ କାହାକୁ

'oaob.nitrkl.ac.in' images reprocessed

ହେଲେ ଅନୁମତି ଦେବ ନାହିଁ । ତା'ହେଲେ ତୁମେ ଯାବତୀୟ ପ୍ରକାର ଆକ୍ରମଣରେ ପ୍ରତିରୋଧ କରିପାରିବ । ତା' ସହିତ ଯଦି ତୁମପାଖରେ ଯଥେଷ୍ଟ ପରିମାଣରେ ବିବେକଶକ୍ତି ରହିଥିବ ଏବଂ ମନ୍ଦ ପ୍ରବର୍ତ୍ତନାଗୁଡ଼ିକ ତୁମପାଖକୁ ଆସୁଥିବା ସମୟରେ ତୁମେ ସେଗୁଡ଼ିକୁ ଜାଣିପାରୁଥିବ ଏବଂ ଧରିପାରୁଥିବ, ତେବେ ସେଗୁଡ଼ିକୁ ଠେଲି ନିଜଭିତରୁ ବାହାର କରିଦେବାର କାର୍ଯ୍ୟଟି ମଧ୍ୟ ତୁମ ଲାଗି ଅପେକ୍ଷାକୃତ ଅଧିକ ସହଜ ହୋଇଯିବ । ମାତ୍ର ସେହି ପ୍ରତିକୂଳ ପ୍ରବର୍ତ୍ତନାଗୁଡ଼ିକ ବେଳେବେଳେ ଅଲକ୍ଷିତ ଭାବରେ ବି ଆସିଥାନ୍ତି ଏବଂ ସେତେବେଳେ ସେମାନଙ୍କ ସହିତ ଲଢ଼େଇ କରିବା ପ୍ରକୃତରେ ଅଧିକ କଷ୍ଟକର ହୋଇପଡ଼େ । ଯେତେବେଳେ ସେହିଭଳି ଏକ ଅବସ୍ଥା ଆସି ପହଞ୍ଚିବ, ସେତେବେଳେ ତୁମକୁ ଅତ୍ୟନ୍ତ ଶାନ୍ତ ହୋଇ ବସି ରହିବାକୁ ପଡ଼ିବ, ଏବଂ ଊର୍ଦ୍ଧ୍ୱରୁ ଶାନ୍ତି ତଥା ଏକ ଗଭୀର ଅନ୍ତର୍ଗତ ନିଶ୍ଚଳତାକୁ ଆବାହନ କରି ଆଣିବାକୁ ପଡ଼ିବ । ଆପଣାକୁ ଦୃଢ଼ତାର ସହିତ ଧରି ରଖିବାକୁ ହେବ ଏବଂ ପୂର୍ଣ୍ଣ ଆସ୍ଥା ଏବଂ ବିଶ୍ୱାସର ସହିତ ଆବାହନ କରିବାକୁ ପଡ଼ିବ : ତୁମର ଅଭୀପ୍ସା ଯଦି ଶୁଦ୍ଧ ଏବଂ ଅବିଚଳ ହୋଇଥିବ, ତେବେ ତୁମେ ସୁନିଶ୍ଚିତ ଭାବରେ ସାହାଯ୍ୟ ପାଇପାରିବ ।

ପ୍ରତିକୂଳ ଶକ୍ତିମାନଙ୍କ ତରଫରୁ ଆକ୍ରମଣ ପ୍ରକୃତରେ ଅବଶ୍ୟମ୍ଭାବୀ । ତୁମେ ସେଗୁଡ଼ିକୁ ଆପଣାର ବାଟରେ ନାନା ପରୀକ୍ଷାରୂପେ ଗ୍ରହଣ କରିବ ଏବଂ ସାହସର ସହିତ ସେହି ପରୀକ୍ଷାଟିକୁ ଅତିକ୍ରମ କରିବ । ଏହି ସଂଘର୍ଷ ବେଶ୍ କଠିନ ହୋଇପାରେ, ମାତ୍ର ଯେତେବେଳେ ପରୀକ୍ଷା ମଧ୍ୟରୁ ଉତ୍ତୀର୍ଣ୍ଣ ହୋଇ ତୁମେ ବାହାରକୁ ବାହାରି ଆସିବ, ସେତେବେଳେ ତୁମର ନିଶ୍ଚୟ କିଛି ନା କିଛି ଲାଭ ହୋଇଥିବ, ତୁମେ ନିଶ୍ଚୟ ପାଦେ ଆଗକୁ ଯାଇ ପାରିଥିବ । ଏପରିକି, ଏହି ପ୍ରତିକୂଳ ଶକ୍ତିଗୁଡ଼ିକ ଯେ ଅବଶ୍ୟ ରହିବେ, ତାହାର ଏକ ଆବଶ୍ୟକତା ମଧ୍ୟ ରହିଛି । ସେମାନେ ତୁମର ସଂକଳ୍ପକୁ ଅଧିକ ବଳବାନ୍ କରନ୍ତି, ତୁମର ଅଭୀପ୍ସାକୁ ଅଧିକ ସ୍ପଷ୍ଟ କରିଦିଅନ୍ତି ।

ଅବଶ୍ୟ ଏକଥା ବି ସତ ଯେ, ତୁମେ ସେମାନଙ୍କୁ ତିଷ୍ଠିରହିବା ଲାଗି ଏକ କାରଣ ଯୋଗାଇ ଦେଇଥିଲ ବୋଲି ସେମାନେ ତିଷ୍ଠି ରହିଥାନ୍ତି । ସେମାନଙ୍କ ପ୍ରତି ଅନୁସ୍ପନ୍ଦନ ଜଣାଇବା ଭଳି କୌଣସି ଉପାଦାନ ଯେପର୍ଯ୍ୟନ୍ତ ତୁମଭିତରେ ରହିଥାଏ, ସେପର୍ଯ୍ୟନ୍ତ ସେମାନଙ୍କର ଅନୁପ୍ରବେଶକୁ ସମ୍ପୂର୍ଣ୍ଣ ବୈଧ ବୋଲି କୁହାଯାଇ ପାରିବ । ଯଦି ତୁମ ଭିତରେ କିଛି ହେଲେ ସେଗୁଡ଼ିକ ପ୍ରତି ଏକ ଅନୁସ୍ପନ୍ଦନ ଜଣାଇ ନ ଥାନ୍ତା, ତୁମ ପ୍ରକୃତିର କୌଣସି ଅଂଶ ଉପରେ ଯଦି ସେଗୁଡ଼ିକର ଆଦୌ କୌଣସି ଦାବି ନ ଥାନ୍ତା, ତେବେ ସେମାନେ ନିଶ୍ଚୟ

'oaob.nitrkl.ac.in' images reprocessed

ଅପସରି ଯାଆନ୍ତି ଏବଂ ତୁମକୁ ଛାଡ଼ି ଚାଲିଯାଆନ୍ତି । ମାତ୍ର ଯେ କଥା ଯାହା ହୋଇଥାଉ ପଛକେ, ସେମାନଙ୍କ ପକ୍ଷରେ ତୁମର ଆଧ୍ୟାତ୍ମିକ ପ୍ରଗତିକୁ ବନ୍ଦ କରିଦେବା ଅଥବା ଅଟକାଇ ରଖିବା ଆଦୌ ଉଚିତ ନୁହେଁ ।

ତୁମକୁ ଯେ ଭଗବତ୍-ସାହାଯ୍ୟ ନିଶ୍ଚୟ ମିଳିବ, ଏହି ବିଷୟରେ ଆପଣା ମଧ୍ୟରେ ଯଥାର୍ଥ ବିଶ୍ୱାସ ନ ରଖିବା,—ପ୍ରତିକୂଳ ଶକ୍ତିମାନଙ୍କ ସହିତ ଯୁଦ୍ଧରେ ପରାସ୍ତ ହୋଇଯିବା ନିମନ୍ତେ ଏହାହିଁ ଏକମାତ୍ର ଉପାୟ । ଯଦି ଅଭୀପ୍ସାରେ ଆନ୍ତରିକତା ରହିଥାଏ, ତେବେ ଆବଶ୍ୟକ ସହାୟତାଟି ଅବଶ୍ୟ ଆସି ପହଞ୍ଚି ଯାଏ । ସମ୍ପୂର୍ଣ୍ଣ ନିଶ୍ଛଳ ଭାବରେ ଆବାହନ କରିବାକୁ ହୁଏ, ଉପଲବ୍ଧି ଅଭିମୁଖରେ ତୁମର ଏହି ଆରୋହଣପଥରେ ତୁମେ ଯେ ଆଦୌ ସମ୍ପୂର୍ଣ୍ଣ ଭାବରେ ଏକାକୀ ହୋଇ ବାଟ ଚାଲୁ ନାହଁ, ଏହିପରି ଏକ ଦୃଢ଼ ପ୍ରତ୍ୟୟ ରଖିବାକୁ ହୁଏ; ଏବଂ, ସହାୟତା ଦରକାର ହେଲେ ତାହା ଯେ ଅବଶ୍ୟ ମିଳିବ, ଏହିପରି ଏକ ବଳିଷ୍ଠ ବିଶ୍ୱାସ ଧାରଣ କରିବାକୁ ହୁଏ, ଏହିପରି ହୋଇପାରିଲେ ସାବଲୀଳ ଏବଂ ନିରାପଦ ଭାବରେ ଆପଣାର ବାଟଟିକୁ ଅତିକ୍ରମ କରିବାର ଆବଶ୍ୟକ ନିର୍ଦ୍ଦେଶନା ମିଳିଯାଏ ।

ଏହିସବୁ ପ୍ରତିକୂଳ ଶକ୍ତି ସାଧାରଣତଃ ବାହାରୁ ଆସନ୍ତି ନା ଆମ ଭିତରୁ ଆବିର୍ଭୂତ ହୁଅନ୍ତି ?

ସେଗୁଡ଼ିକ ତୁମ ଭିତରୁହିଁ ଆବିର୍ଭୂତ ହେଉଛନ୍ତି ବୋଲି ଯଦି ତୁମେ ଭାବୁଥାଅ ବା ଅନୁଭବ କରୁଥାଅ, ତେବେ ଖୁବ ସମ୍ଭବ ଯେ ତୁମେ ସେମାନଙ୍କ ଲାଗି ନିଜର ଦ୍ୱାରଟିକୁ ଖୋଲିଦେଇଛ ଓ ସେମାନେ ତୁମର ଅଲକ୍ଷ୍ୟରେ ତୁମ ଭିତରେ ଆସି ବାସ କରିବାକୁ ଆରମ୍ଭ କରିଛନ୍ତି । ବସ୍ତୁଚୟର ଅସଲ ସ୍ୱଭାବଟି ହେଉଛି ଏକ ସୌଷମ୍ୟ ସ୍ଥିତିର ସ୍ୱଭାବ; ମାତ୍ର କେତେକ ଜଗତରେ ଏପରି ଏକ ବିକୃତି ବା ବୈଷମ୍ୟ ବିଦ୍ୟମାନ ରହିଥାଏ, ଯାହାଫଳରେ କି ବିକୃତି ଏବଂ ପ୍ରତିକୂଳତାର ଆଗମ ସମ୍ଭବ ହୋଇଥାଏ । ବିକୃତିର ଏହିସବୁ ଜଗତ ପ୍ରତି ଯଦି ତୁମ ଭିତରେ ଏକ ଆକର୍ଷଣ ରହିଥାଏ, ତେବେ ସେହିସବୁ ଜଗତରେ ବାସ କରୁଥିବା ସତ୍ତ୍ୱମାନଙ୍କ ସହିତ ତୁମେ ବନ୍ଧୁତାର ଏକ ସୂତ୍ର ଦ୍ୱାରା ବେଶ୍ ଯୋଡ଼ି ହୋଇଯାଅ ଏବଂ ସେମାନଙ୍କ ଉଦ୍ଦେଶ୍ୟରେ ଆପଣାର ସମ୍ପୂର୍ଣ୍ଣ ଅନୁସ୍ପନ୍ଦନ ଜ୍ଞାପନ କରିବାକୁ ଆରମ୍ଭ କର । ଏପରି ଘଟଣା ଅବଶ୍ୟ ଘଟେ, ମାତ୍ର ତାହାକୁ କଦାପି ଏକ ସୁଖଦ ଅବସ୍ଥା ବୋଲି କୁହାଯାଇ ପାରିବ ନାହିଁ । ତାହାଫଳରେ ତୁମର ଚେତନା ସଙ୍ଗେ ସଙ୍ଗେ ଚକ୍ଷୁ ହରାଇ ବସେ ଏବଂ ତା'ପରେ ତୁମେ ଆଉ ସତ୍ୟ ଏବଂ ମିଥ୍ୟା ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଆଦୌ ନିରୂପଣ କରିପାର ନାହିଁ;

'oaob.nitrkl.ac.in' images reprocessed

ଏପରିକି, କେଉଁଟିକୁ ଏକ ମିଥ୍ୟା ବୋଲି କୁହାଯିବ ଓ କେଉଁଟିକୁ କୁହା ନ ଯିବ, ତୁମେ ସେକଥାଟିକୁ ମଧ୍ୟ ନିରୂପଣ କରି ମୋଟେ କହିପାରି ନାହିଁ ।

ସେକଥା ଯାହା ହୋଇଥାଉ ପଛକେ, ଯେତେବେଳେ ତୁମ ଉପରେ ଏହିପରି ଏକ ଆକ୍ରମଣ ହେବ, ସେତେବେଳେ ତାହା ତୁମ ବାହାରୁ ଆସୁଛି ବୋଲିହିଁ ବିଗ୍ଭର କରିବା ସର୍ବୋତ୍ତମ ହେବ ଏବଂ "ଏଇଟା ସହିତ ମୋ'ର କୌଣସି ସାଯୁଜ୍ୟ ନାହିଁ, ଏଇଟାରେ ମୋ'ର କୌଣସି ପ୍ରୟୋଜନ ମଧ୍ୟ ନାହିଁ" ବୋଲି କହିବାହିଁ ସର୍ବୋତ୍ତମ ହେବ । ତୁମର ମନ ଭିତରେ ନିମ୍ନତର ଯେତେଯେତେ ଆବେଗ ଓ ବାସନା ଆସି ଦେଖା ଦେବ, ଯେତେ ଯାହା ସଂଶୟ ଏବଂ ସନ୍ଦେହ ଆସି ପହଞ୍ଚିବ, ତୁମେ ସେଗୁଡ଼ିକର ଠିକ୍ ଏହିପରି ଭାବରେ ସମ୍ମୁଖୀନ ହେବ । ଯଦି ତୁମେ ସେଗୁଡ଼ିକ ସହିତ ଏକାତ୍ମ ହୋଇପଡ଼ିବ, ତେବେ ସେଗୁଡ଼ିକ ସହିତ ଯୁଝିବା ପ୍ରକୃତରେ ଆହୁରି ଅଧିକ କଷ୍ଟକର ହେବ; କାରଣ ସେତେବେଳେ ତୁମେ ପ୍ରାୟ ଏହିପରି ଅନୁଭବ କରୁଥିବ ଯେ ତୁମେ ବର୍ତ୍ତମାନ ତୁମ ନିଜ ପ୍ରକୃତି ଉପରେ ବିଜୟ ହାସଲ କରିବାର ଅତ୍ୟନ୍ତ ଆୟାସସାଧ୍ୟ ଆହ୍ୱାନଟିରହିଁ ସମ୍ମୁଖୀନ ହେବାକୁ ଯାଉଛ । ମାତ୍ର, ଯଦି ତୁମେ ଥରେ ବି ତାହାର ସମ୍ମୁଖରେ "ନା,—ଏଇଟା ମୋ'ଠାରୁ ଏକାବେଳେକେ ଅଲଗା, ଏସବୁଥିରେ ମୋ'ର ଆଦୌ କୌଣସି କାରଣ ନାହିଁ" ବୋଲି କହିପାରିବ, ତେବେ ସେଗୁଡ଼ିକୁ ଘଉଡ଼ାଇ ଦେବା ଅନେକ ଅଧିକ ସହଜ ହୋଇଯିବ ।

ଭିତର ଆଉ ବାହାର ମଧ୍ୟରେ ପ୍ରକୃତରେ କେଉଁଠି ଗୋଟିଏ ଗାର ଟଣାଯାଇ ଦେଖାଇ ଦେଇହେବ ?

ଏହି ଗାରଟିର ସେପରି କୌଣସି ଦୃଢ଼ ଅବସ୍ଥିତି ନାହିଁ । ତୁମର ଇଚ୍ଛା ଅନୁସାରେ ତାହା ତୁମର ଖୁବ୍ ନିକଟ ହୋଇପାରିବ, ଖୁବ୍ ଦୂର ବି ହୋଇପାରିବ । ତୁମେ ହୁଏତ ସବୁକିଛିକୁ ନିଜ ଉପରକୁ ଗ୍ରହଣ କରିନେବ ଏବଂ ତାହାକୁ ତୁମ ପ୍ରକୃତ ଆତ୍ମସତ୍ତାର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ଅନୁଭବ କରିବ; ଅଥବା, କୌଣସି ପ୍ରକାର କିଛି ନ ଭାବି ଅପଣା ଦେହରୁ ଅଲଗା କରି ତୁମେ ବାଳଟାଏ ବା ନଖଟାଏ ଫୋପାଡ଼ି ଦେଉଥିଲି ପରି ତୁମେ ସେଇଟିକୁ ମଧ୍ୟ ଫୋପାଡ଼ି ଦେଇପାରିବ ।

ଏପରି କେତେକ ଧର୍ମର ପ୍ରଚଳନ ହୋଇଛି, ଯାହାର ଅନୁଗାମୀମାନେ ନିଜ ଦେହର ଗୋଟାଏ ବାଳ ବା ଖଣ୍ଡେ ନଖକୁ ମଧ୍ୟ ବାହାର କରି କଦାପି ଫୋପାଡ଼ି ଦେବେ ନାହିଁ, କାରଣ ସେମାନେ ଭୟ କରୁଥିବେ ଯେ ତଦ୍ଦ୍ୱାରା ସେମାନେ ନିଜ ବ୍ୟକ୍ତିତ୍ୱରହିଁ ଏକ ଅଂଶକୁ ଫୋପାଡ଼ି ଦେବେ । ଯେଉଁମାନେ ଆପଣାର ଚେତନାକୁ

'oaob.nitrkl.ac.in' images reprocessed

ପୃଥିବୀ ପରି ବିସ୍ତୃତ ଭାବରେ ସମ୍ପ୍ରସାରିତ କରିଦେଇ ପାରନ୍ତି, ସେମାନେ ଆପଣାକୁ ପୃଥିବୀ ସହିତହିଁ ଏକାତ୍ମ କରି ରଖିଥାନ୍ତି । ମାତ୍ର, ଯେଉଁମାନେ ଆପଣାର କ୍ଷୁଦ୍ର ଶରୀରଟି ମଧ୍ୟରେହିଁ ସର୍ବଦା ଆବଦ୍ଧ ହୋଇ ରହିଥାନ୍ତି ଓ ଆପଣାର ସାନସାନ ସଂବେଗ ଓ ଅନୁଭବ ମଧ୍ୟରେ ବନ୍ଦୀହୋଇ ରହିଥାନ୍ତି, ସେମାନେ ଠିକ୍ ସେହିସବୁ ସୀମା ଭିତରେହିଁ ଅଟକି ରହିଯାନ୍ତି; ସେମାନଙ୍କ ଲାଗି ସେମାନଙ୍କର ଶରୀର ଏବଂ ସେମାନଙ୍କର କ୍ଷୁଦ୍ର ବେଗ ଓ ସଂବେଗଗୁଡ଼ାକହିଁ ସେମାନଙ୍କର ସମସ୍ତ ଆତ୍ମସତ୍ତା ଓ ସମଗ୍ର ଜଗତ୍ ହୋଇ ରହିଥାଏ ।

କେବଳ ବିଶ୍ୱାସ କ'ଣ ସବୁ ସୃଷ୍ଟି କରିପାରିବ, ସବୁକିଛିକୁ ଜୟ କରିପାରିବ ?

ହଁ, ମାତ୍ର ତାହା କରିପାରିବାକୁ ହେଲେ ତାହା ଏକ ସମଗ୍ର ବିଶ୍ୱାସ ହୋଇଥିବା ଦରକାର, ଅବିଚଳ ଓ ଐକାନ୍ତିକ ବିଶ୍ୱାସ ହୋଇଥିବା ଦରକାର ଏବଂ ତାହା ଉଚିତ ଅର୍ଥାତ୍ ଯଥାର୍ଥ ପ୍ରକାରର ବିଶ୍ୱାସ ହୋଇଥିବା ଦରକାର—ମାନସିକ ଭାବନା ବା ମାନସିକ ଇଚ୍ଛାର କେବଳ ଏକ ଶକ୍ତି ନ ହୋଇ ତାହା ଆହୁରି ଅଧିକ ଓ ଆହୁରି ଗଭୀର କିଛି ହୋଇଥିବା ଦରକାର । ମନରୁ ଯେଉଁ ଇଚ୍ଛା ଉତ୍ପନ୍ନ ହୋଇଥାଏ, ତାହା ସେହି ଇଚ୍ଛାର ବିରୋଧୀ ନାନା ଅନ୍ୟ ପ୍ରତିକ୍ରିୟାକୁ ମଧ୍ୟ ନିଶ୍ଚିତ୍ତ କରାଇ ଆଣେ ଓ ଏହିପରି ଭାବରେ ଏକ ପ୍ରତିରୋଧର ସୃଷ୍ଟି କରେ । ଶ୍ରୀଯୁକ୍ତ କୁଏ ଯେଉଁ ଉପାୟଟି ଦ୍ୱାରା ରୋଗସବୁ ଭଲ କରୁଥିଲେ, ତୁମେମାନେ ସେହି ବିଷୟରେ ନିଶ୍ଚୟ କିଛି ଶୁଣିଥିବ । ଏହି ଶକ୍ତିର କେତେକ ରହସ୍ୟ ତାଙ୍କୁ ଜଣାଥିଲା ଏବଂ ଅତୀବ ଫଳପ୍ରଦତା ସହିତ ସିଏ ତାହାକୁ କାମରେ ଲଗାଇ ପାରୁଥିଲେ । ମାତ୍ର ତାହାକୁ ସେ କଳ୍ପନା ବୋଲି କହୁଥିଲେ, ଏବଂ ଏଥିରେ ସେ ଯେଉଁ ବିଶ୍ୱାସର ଉନ୍ମେଷଣ କରାଇ ଆଣୁଥିଲେ, ତାଙ୍କର ପ୍ରଣାଳୀଟି ଦ୍ୱାରା ତାହା ଅଧିକାଂଶ ଭାବରେହିଁ ଏକ ମାନସିକ ରୂପ ଧାରଣ କରୁଥିଲା । ମାନସିକ ବିଶ୍ୱାସ ଆଦୌ ଯଥେଷ୍ଟ ନୁହେଁ, ତାହାକୁ ସମ୍ପୂର୍ଣ୍ଣ ଏବଂ ଶକ୍ତିଶାଳୀ କରିବା ଲାଗି ତାହା ପଛରେ ଏକ ପ୍ରାଣିକ ଓ ସେପରିକି ଏକ ଶାରୀରିକ ବିଶ୍ୱାସ ମଧ୍ୟ ରହିଥିବା ଦରକାର, ଶରୀରର ଏକ ବିଶ୍ୱାସ ରହିଥିବା ଦରକାର । ଆପଣାର ସମଗ୍ର ସତ୍ତାରେ ଯଦି ତୁମେ ଏହି ପ୍ରକାରର ଏକ ସମଗ୍ର ବିଶ୍ୱାସ ସୃଷ୍ଟି କରିପାରିବ, ତେବେ ଆଉ କିଛିହେଲେ ତାହାର ପ୍ରତିରୋଧ କରିପାରିବ ନାହିଁ । ମାତ୍ର ସେଥିଲାଗି ତୁମକୁ ସବୁଠାରୁ ଅଧିକ ପରିମାଣରେ ଅବଚେତନ ହୋଇ ରହିଥିବା ତୁମର ସେହି ସତ୍ତା ମଧ୍ୟକୁ ଭେଦିପାରିବାକୁ ପଡ଼ିବ, ତୁମ ଶରୀରର

'oaob.nitrkl.ac.in' images reprocessed

କୋଷଗୁଡ଼ିକରେ ମଧ୍ୟ ତୁମକୁ ସେହି ବିଶ୍ୱାସକୁ ସ୍ଥାପନ କରି ରଖିବାକୁ ହେବ । ଉଦାହରଣସ୍ୱରୂପ, ମୃତ୍ୟୁ ଅବଶ୍ୟମ୍ଭାବୀ ନୁହେଁ ବୋଲି ଏବେ ବିଦେଶରେ କେତେକ ବୈଜ୍ଞାନିକ ଏକ ଜ୍ଞାନର ଆଭାସ ପାଇବାକୁ ଆରମ୍ଭ କଲେଣି । ମାତ୍ର ସମଗ୍ର ମନୁଷ୍ୟଜାତି ଅତ୍ୟନ୍ତ ଦୃଢ଼ଭାବରେ ମୃତ୍ୟୁର ଅବଶ୍ୟମ୍ଭାବିତା ଉପରେ ବିଶ୍ୱାସସ୍ଥାପନ କରିଆସିଛି । ଆମେ ହୁଏତ ଏପରି କହିପାରିବା ଯେ ଦୀର୍ଘଦିନ ଧରି ଅପରିବର୍ତ୍ତିତ ହୋଇ ରହିଆସିଥିବା ଏକ ଅଭିଜ୍ଞତା ଉପରେ ମନୁଷ୍ୟ ମନରେ ସାଧାରଣତଃ ଏହି ଧାରଣାଟି ବଦ୍ଧମୂଳ ହୋଇ ରହିଯାଇଛି । ପ୍ରଥମେ ମନୁଷ୍ୟର ସଚେତନ ମନରୁ ଏବଂ ତା'ପରେ ତା'ର ପ୍ରାଣିକ ପ୍ରକୃତି ତଥା ଅବଚେତନ ଭୌତିକ ସ୍ତରଗୁଡ଼ିକରୁ ଯଦି ଏହି ବିଶ୍ୱାସଟିକୁ କାଢ଼ି ଫିଙ୍ଗିଦିଆଯାଇ ପାରନ୍ତା ତେବେ ତା'ପରେ ମୃତ୍ୟୁ ଆଉ କଦାପି ଅନିବାର୍ଯ୍ୟ ହୋଇ ରହନ୍ତା ନାହିଁ ।

> ମାତ୍ର ମୃତ୍ୟୁର ଏହି ଧାରଣାଟି ମଣିଷର କେବଳ ଯେ ମନଃସ୍ତରରେ ରହିଛି, ସେକଥା ଆଦୌ ନୁହେଁ । ମନୁଷ୍ୟ ପୂର୍ବରୁ ଇତର-ପ୍ରାଣୀକୁ ମଧ୍ୟ ସେହି ଜ୍ଞାନଟି ପ୍ରାପ୍ତ ହୋଇସାରିଛି ।

ପୃଥିବୀପୃଷ୍ଠରେ ଜୀବନ ବୋଲି ଯାହାକିଛି ଅଛି, ସେହି ସବୁଟି ସହିତ ମୃତ୍ୟୁକୁ ସଂଯୁକ୍ତ କରି ରଖାଯାଇଛି । ମାତ୍ର ପ୍ରକୃତି ସର୍ବପ୍ରଥମେ ମୃତ୍ୟୁରେ ଯେଉଁ ଅର୍ଥଟିର ନ୍ୟାସ କରିଥିଲା, ମନୁଷ୍ୟ ମୃତ୍ୟୁ କହିଲେ ତା'ଠାରୁ ଟିକିଏ ଅଲଗା ପ୍ରକାରର ବୁଝିଥାଏ । ମନୁଷ୍ୟ ଓ ମନୁଷ୍ୟର ସନ୍ନିକଟବର୍ତ୍ତୀ ହୋଇ ରହିଥିବା ଇତର ପ୍ରାଣୀମାନଙ୍କ ମଧ୍ୟରେ ମୃତ୍ୟୁର ଅବଶ୍ୟମ୍ଭାବିତା ଏକ ସ୍ୱତନ୍ତ୍ର ରୂପ ଗ୍ରହଣ କରିଛି, ସେମାନଙ୍କର ଚେତନାରେ ତାହାର ଏକ ବିଶେଷ ତାତ୍ପର୍ଯ୍ୟ ବଦ୍ଧମୂଳ ହୋଇଆସିଛି । ମାତ୍ର, ତାହାକୁ ସମର୍ଥନ ଦେଇ ଆସିଥିବା ନିମ୍ନତର ପ୍ରକୃତିରେ ଥିବା ଅବଚେତନ ଜ୍ଞାନ ଏହି ସ୍ତରରେ ପୁନର୍ନବୀକରଣ, ପରିବର୍ତ୍ତନ ଏବଂ ରୂପାନ୍ତରିକ ଆବଶ୍ୟକତା ରହିଛି ବୋଲି ଅନୁଭବ କରିଆସିଛି ।

ପୃଥିବୀପୃଷ୍ଠରେ ଜଡ଼ ଯେଉଁ ଅବସ୍ଥାରେ ରହିଥିଲା, ତାହାହିଁ ଏଠାରେ ମୃତ୍ୟୁକୁ ଅବଶ୍ୟମ୍ଭାବୀ କରି ରଖିଲା । ଜଡ଼ର କ୍ରମବିବର୍ତ୍ତନ କହିଲେ ଆମର ବୋଧ ଭିତରେ ଅଚେତନାର ଏକ ସର୍ବପ୍ରଥମ ସ୍ତରରୁ ଏକ କ୍ରମବର୍ଦ୍ଧନଶୀଳ ଚେତନାର ବିକାଶ ବିଷୟରେହିଁ ଧାରଣା ହୋଇଥାଏ । ଏବଂ, ବିକାଶର ଏହି ପ୍ରକ୍ରିୟାଟି ମଧ୍ୟରେ ଅନିବାର୍ଯ୍ୟ ଭାବରେ ଆକୃତିଗୁଡ଼ିକର ବିଲୁପ୍ତି ଏକ ଆବଶ୍ୟକତାରେ ପରିଣତ ହୁଏ । ପ୍ରକୃତ ଘଟନାଟି ଠିକ୍ ଏହିପରି ଭାବରେହିଁ ଘଟିଛି । ସଂଗଠିତ ବ୍ୟକ୍ତି-ଚେତନାକୁ ଯେପରି ଏକ ଦୃଢ଼ ଅବଲମ୍ବନ ଉପଲବ୍ଧ ହୋଇପାରିବ, ସେଥିଲାଗି

'oaob.nitrkl.ac.in' images reprocessed

ଏକ ସୁନିଶ୍ଚିତ ଆକାରର ପ୍ରୟୋଜନ ହେଲା । ଏବଂ ତଥାପି, ଆକାରଗତ ଏହି ସୁନିର୍ଦ୍ଦିଷ୍ଟତାହିଁ ମୃତ୍ୟୁକୁ ମଧ୍ୟ ଅନିବାର୍ଯ୍ୟ କରିଦେଲା । ଜଡ଼କୁ ନାନା ଆକାର ଗ୍ରହଣ କରିବାକୁ ପଡ଼ିଲା; ନ ହେଲେ ପ୍ରାଣଶକ୍ତି ଅର୍ଥାତ୍ ଚିତ୍-ଶକ୍ତିଚୟର ଏକ ବ୍ୟକ୍ତିରୂପ ପରିଗ୍ରହ କରିବା ଏବଂ ସ୍ଥୂଳରୂପ ଧାରଣ କରିବା ଆଦୌ ସମ୍ଭବ ହେଲା ନାହିଁ; ଏବଂ, ଯଦି ସେପରି ହୋଇଥାନ୍ତା, ତେବେ ଜଡ଼ର ଏହି ଭୂମିଟି ଉପରେ ସଂଗଠିତ ଅସ୍ତିତ୍ୱର ପ୍ରଥମ ଅବସ୍ଥାଗୁଡ଼ିକର ମଧ୍ୟ ଅଭାବ ରହିଯାଇଥାନ୍ତା । ମାତ୍ର ଏହି କ୍ଷେତ୍ରରେ ଯଦି ଏକ ନିର୍ଦ୍ଦିଷ୍ଟ ଏବଂ ସ୍ଥୂଳ ଆକାର ନିଷ୍ପନ୍ନ ହେବାର ଅବକାଶ ରହିଥାଏ, ତେବେ ତଦ୍ଦ୍ୱାରା ଅନମନୀୟ, କଠୋର ଏବଂ ଅଶ୍ମୀଭୂତ ହୋଇପଡ଼ିବାର ପ୍ରବୃତ୍ତିଟି ମଧ୍ୟ ବେଶ୍ ସଙ୍କୁଚିତ ହୋଇ ରହିଯାଏ । ଏହିପରି ଭାବରେ ବ୍ୟକ୍ତିରୂପ ରହିଲା ମାତ୍ର ତାହା ଅତ୍ୟନ୍ତ ପାଶବଦ୍ଧକାଷ୍ଠ ଏକ ଗ୍ରନ୍ଥି ହିସାବରେ ରହିଲା; ତାହା ଶକ୍ତିଗୁଡ଼ିକର ଗତିସ୍ପନ୍ଦନକୁ ଅନୁସରଣ କରିବା ଲାଗି ଆଉ ସମର୍ଥ ହୋଇ ରହିଲା ନାହିଁ; ବିଶ୍ୱମୟ ଗତିଶୀଳତା ମଧ୍ୟରେ ରହିଥିବା ଉତ୍ତରୋତ୍ତର ପରିବର୍ତ୍ତନଶୀଳତା ସହିତ ସମତାଳ ହୋଇ ସ୍ୱୟଂ ପରିବର୍ତ୍ତିତ ହେବା ଲାଗି ତାହାର ଆଉ ସମର୍ଥତା ରହିଲା ନାହିଁ; ଅବିଚ୍ଛିନ୍ନ ଭାବରେ ତାହା ପ୍ରକୃତିର ନାନା ଦାବିର ସମ୍ମୁଖୀନ ହୋଇ ପାରିଲା ନାହିଁ ଏବଂ ତାହା ସହିତ ସମତାଳ ହୋଇ ଚାଲି ପାରିଲା ନାହିଁ । କ୍ରମେ ପ୍ରବାହଟି ମଧ୍ୟରୁ ଅଲଗା ହୋଇ ରହିଲା । ଏହିପରି ଭାବରେ, ବସ୍ତୁର ଆକାର ଏବଂ ତା'ଉପରେ ଆସି ଚାପ ପକାଉଥିବା ଶକ୍ତିଟି ମଧ୍ୟରେ ଉତ୍ତରୋତ୍ତର ଭାବରେ ଯେଉଁ ଅସମତା ଏବଂ ଅସମଞ୍ଜସତା ଦୃଷ୍ଟ ହେବାରେ ଲାଗିଛି, ତାହା ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଆସି ପହଞ୍ଚିବା ପରେ ଆକାରର ବିଲୁପ୍ତିକୁ ରୋକିବା ଆଉ ମୋଟେ ସମ୍ଭବ ହୋଇପାରୁ ନାହିଁ । ଯେତେବେଳେ ଏକ ନୂତନ ଆକାରର ନିର୍ମାଣ ଆବଶ୍ୟକ ହେଉଛି; ଏକ ନୂତନ ସମଞ୍ଜସତା ଏବଂ ସମତା ସମ୍ଭବ ହୋଇଯାଉଛି । ଏହାହିଁ ମୃତ୍ୟୁର ପ୍ରକୃତ ତାତ୍ପର୍ଯ୍ୟ, ଏବଂ ଏହିପରି ଭାବରେ ତାହା ପ୍ରକୃତିର ଏକ ଆବଶ୍ୟକ କାର୍ଯ୍ୟ ସାଧନ କରିବାରେ ଲାଗିଛି । ମାତ୍ର ଯଦି ଆକାରଟି ଅଧିକ ବେଗଶୀଳ ଏବଂ ନମନଯୁକ୍ତ ହୋଇପାରନ୍ତା, ଏବଂ, ଚେତନାର ପରିବର୍ତ୍ତନ ଅନୁସାରେ ଯଦି ଶରୀରର କୋଷଗୁଡ଼ିକୁ ମଧ୍ୟ ପରିବର୍ତ୍ତିତ ହୋଇ ଯିବା ଲାଗି ଜାଗ୍ରତ କରାଯାଇ ପାରନ୍ତା, ତେବେ ଏପରି ଏକ ପ୍ରଚଣ୍ଡ ବିଲୁପ୍ତି ଲାଗି ଆଉ କୌଣସି ପ୍ରୟୋଜନ ରହନ୍ତା ନାହିଁ, ଏବଂ ତା'ପରେ ମୃତ୍ୟୁ ମଧ୍ୟ ଆଉ କଦାପି ଅନିବାର୍ଯ୍ୟ ହୋଇ ରହନ୍ତା ନାହିଁ ।

ଜଣେ କେହି ମତ ଦେଇ କହିଛନ୍ତି ଯେ ପ୍ରକୃତିରେ ଯେଉଁସବୁ ବିନାଶ ଏବଂ ବିପର୍ଯ୍ୟୟ ଘଟୁଛି, ଭୂକମ୍ପ, ପ୍ରଳୟ

'oaob.nitrkl.ac.in' images reprocessed

> ଓ ମହାଦେଶଗୁଡ଼ିକର ନିମଜ୍ଜନ ପ୍ରଭୃତି ଯାହାକିଛି ଘଟୁଛି, ସେସବୁକୁ ଏକ ଅସାମଞ୍ଜସ୍ୟତାପୂର୍ଣ୍ଣ ଏବଂ ପାପଲିପ୍ତ ମନୁଷ୍ୟସମାଜର ଅପରାଧର ଦଣ୍ଡସ୍ୱରୂପହିଁ ଘଟୁଛି । ମନୁଷ୍ୟସମାଜର ଅଗ୍ରଗତି ଓ ବିକାଶ ସଙ୍ଗେ ସଙ୍ଗେ ଜଡ଼ପ୍ରକୃତି ମଧ୍ୟରେ ବି ଗୋଟିଏ ଅନୁରୂପ ପରିବର୍ତ୍ତନ ନିଶ୍ଚୟ ଆସିବ ବୋଲି ସେମାନେ କହିଥାନ୍ତି । ଏହି କଥାଟି କେତେଦୂର ଠିକ୍ ?

ସମ୍ଭବତଃ ପ୍ରକୃତ ସତ କଥାଟି ଏହିପରି ହେବ ଯେ ସେହି ଗୋଟିଏ ଚେତନାର ଗତିସ୍ପନ୍ଦନହିଁ ବିପର୍ଯ୍ୟସ୍ତ ଏବଂ ଦୁର୍ବିପାକଗ୍ରସ୍ତ ଏକ ପ୍ରକୃତି ମଧ୍ୟରେ ଏବଂ ଏକ ଅସାମଞ୍ଜସ୍ୟତା ମନୁଷ୍ୟସମାଜ ମଧ୍ୟରେ ଆପଣାକୁ ପ୍ରକାଶିତ କରିବାରେ ଲାଗିଛି । ଏହି ଦୁଇଟିଯାକ କଥାକୁ ଆମେ ଗୋଟିଏ ଆରଟିର କାରଣ ଓ ଆରଟିକୁ ଏଇଟିର ପରିଣାମରୂପେ ବୁଝିବା ନାହିଁ, ମାତ୍ର ସେଗୁଡ଼ିକୁ ଗୋଟିଏ ସ୍ତରରେହିଁ ରହିଥିବାର ଜାଣିବା । ଏହି ଦୁହିଁଙ୍କର ଊର୍ଦ୍ଧ୍ୱରେ ଆଉ ଗୋଟିଏ ଚେତନା ରହିଛି ଯାହାକି ଆପଣାକୁ ପ୍ରକଟ କରିବା ଲାଗି ବାଟ ଖୋଜୁଛି, ଏହି ପୃଥିବୀରେ ଆସି ମୂର୍ତ୍ତ ହେବା ଲାଗି ବାଟ ଖୋଜୁଛି, ଏବଂ ଜଡ଼ର ଅଭିମୁଖରେ ଆପଣାର ଅବତରଣ-ପଥରେ ତାହାକୁ ସର୍ବତ୍ର, ମନୁଷ୍ୟ ଭିତରେ ତଥା ଜଡ଼ ପ୍ରକୃତିର କ୍ଷେତ୍ରରେ ସେହି ଏକ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ୁଛି । ଏହି ପୃଥିବୀପୃଷ୍ଠରେ ବର୍ତ୍ତମାନ ଆମେ ଯେତେଯାହା ଶୃଙ୍ଖଳାହୀନତା ଏବଂ ଅସାମଞ୍ଜସ୍ୟତା ଦେଖିବାକୁ ପାଉଛୁ, ତାହା ସବୁକିଛି କେବଳ ଏହି ପ୍ରତିରୋଧର ପରିଣାମ । ଦୁର୍ବିପାକ ଓ ବିପର୍ଯ୍ୟସ୍ତ, ଦ୍ୱନ୍ଦ୍ୱ ଏବଂ ହିଂସା, ଅସ୍ପଷ୍ଟତା ଏବଂ ଅଜ୍ଞାନ,—ଏହି ସବୁଯାକ ଅଶୁଭ କେବଳ ସେହି ଗୋଟିଏ କାରଣରୁ ନିଷ୍ପନ୍ନ ହୋଇ ଆସିଥାନ୍ତି । ମଣିଷକୁ ବାହ୍ୟ ପ୍ରକୃତିର କାରଣ ବୋଲି କୁହାଯାଇ ପାରିବ ନାହିଁ କିଂବା ବାହ୍ୟପ୍ରକୃତିକୁ ମଧ୍ୟ ମଣିଷର କାରଣ ବୋଲି କୁହାଯାଇପାରିବ ନାହିଁ; ମାତ୍ର, ଅସଲ କଥା ହେଉଛି ଯେ ଦୁହେଁଯାକ ଆପଣାର ଅସ୍ତିତ୍ୱ ନିମିତ୍ତ ସେହି ଗୋଟିଏ ଏପରି ଏକ ବସ୍ତୁ ଉପରେ ନିର୍ଭର କରନ୍ତି, ଯାହାକି ସେମାନଙ୍କର ପଶ୍ଚାଦ୍‌ଭାଗରେ ଅବସ୍ଥିତ ରହିଛି ଯାହାକି ସେହି ଦୁଇଟିଯାକ ଅପେକ୍ଷା ବୃହତ୍ତର । ତାହାକୁହିଁ ଅଭିବ୍ୟକ୍ତ କରି ଦେବା ଲାଗି ଜଡ଼ଜଗତ୍ ଅନବରତ ଯେଉଁ ଉଦ୍‌ବେଗର ଅନ୍ତର୍ଗତ କରିବାରେ ଲାଗିଛି, ଉକ୍ତ ଦୁଇଟିଯାକକୁ ଆମେ ଏକ ଅଂଶ ବୋଲିହିଁ କହିବା ।

ବର୍ତ୍ତମାନ, ଯଦି ଏହି ପୃଥିବୀର କୌଣସି ସ୍ଥାନରେ ଦିବ୍ୟ ପରମଚେତନାର କେତେକ ତତ୍ତ୍ୱକୁ ବିଶୁଦ୍ଧ ରୂପରେ ସଂସାରକୁ ଅବତରଣ କରାଇ ଆଣିବାରେ

'oaob.nitrkl.ac.in' images reprocessed

ଏକ ଗ୍ରହଣଶୀଳତା ଏବଂ ଉନ୍ମୁକ୍ତତାକୁ ଯଥେଷ୍ଟ ପରିମାଣରେ ଜାଗ୍ରତ କରାଯାଇ ପାରେ, କିନ୍ତୁ ଏହି କ୍ଷେତ୍ରରେ ଏହି ଅବତରଣ ଏବଂ ଅଭିବ୍ୟକ୍ତି କେବଳ ଯେ ଅନ୍ତର୍ଗତ ଜୀବନରେ ଏକ ପରିବର୍ତ୍ତନ ଘଟାଇବ ତା' ନୁହେଁ, ମାତ୍ର ଜଡ଼କ୍ଷେତ୍ରୀୟ ପରିପରିସ୍ଥିତିରେ ମଧ୍ୟ ତାହା ପରିବର୍ତ୍ତନ ଘଟାଇବ, ମନୁଷ୍ୟ ତଥା ପ୍ରକୃତି ଉଭୟ କ୍ଷେତ୍ରର ବାହ୍ୟ ଅଭିବ୍ୟକ୍ତିକୁ ମଧ୍ୟ ତାହା ବଦଳାଇ ଦେଇ ପାରିବ । ଏହି ଅବତରଣ ଆପଣାର ସମ୍ଭାବନା ଲାଗି ସମଗ୍ର ଭାବରେ ମନୁଷ୍ୟଜାତିର ଅବସ୍ଥା ଉପରେ କଦାପି ନିର୍ଭର କରୁ ନାହିଁ । ମନୁଷ୍ୟ-ସମଷ୍ଟିର ସମସ୍ତେ ସମସ୍ତସତା, ଏକତା ଏବଂ ଅଭୀପ୍ସାର ଏକ ଉପଯୁକ୍ତ ସ୍ଥିତିରେ ଆସି ପହଞ୍ଚିବା ଯାଏ ଯଦି ଆମକୁ ଅପେକ୍ଷା କରି ରହିବାକୁ ପଡ଼ନ୍ତା, ସେହି ପରମ ଆଲୋକଟିର ଅବତରଣ କରାଇ ଜଡ଼ପୃଥିବୀର ପରିବେଶ ଏବଂ ପ୍ରକୃତିର ଗତିସ୍ପନ୍ଦନଟିକୁ ବଦଳାଇ ଦେବା ଲାଗି ଯଥେଷ୍ଟ ଶକ୍ତିଶାଳୀ ହୋଇପାରିଥିବା ଏକ ସମସ୍ତସତା, ଏକତା ଏବଂ ଅଭୀପ୍ସାର ସ୍ଥିତିରେ ସମ୍ମିଳିତ ଆସି ପହଞ୍ଚିବା ଯାଏ ଯଦି ଅପେକ୍ଷା କରାଯାଆନ୍ତା, ତେବେ ଆମେ ହୁଏତ ଆଦୌ କୌଣସି ଆଶା ବି କରିପାରନ୍ତୁ ନାହିଁ । ମାତ୍ର, ଏହି କ୍ଷେତ୍ରରେ ଏପରି ଏକ ସମ୍ଭାବନା ଅବଶ୍ୟ ରହିଛି ଯେ ଜଣେ ବ୍ୟକ୍ତି ବା ଏକ କ୍ଷୁଦ୍ର ଗୋଷ୍ଠୀ ଅଥବା ଅଳ୍ପସଂଖ୍ୟକ କେତେଜଣ ମନୁଷ୍ୟ ହୁଏତ ଏହି ଅବତରଣକୁ ନିଶ୍ଚୟ ହାସଲ କରି ପାରିବେ । ଏହି କ୍ଷେତ୍ରରେ ପରିମାଣ ଅଥବା ବହୁବ୍ୟାପକତାର ଆଦୌ କୌଣସି ମହତ୍ତ୍ୱ ନାହିଁ । ଦିବ୍ୟ ପରମଚେତନା ମଧ୍ୟ ଯଦି ଏହି ପୃଥ୍ୱୀଚେତନାର ଗୋଟିଏ ବିନ୍ଦୁ ମଧ୍ୟରେ ପ୍ରବେଶ କରିପାରେ, ତେବେ ତାହାଦ୍ୱାରାହିଁ ଏଠାରେ ସବୁକିଛି ବଦଳିଯାଇ ପାରିବ ।

ଚେତନାର ଏହି ଉଚ୍ଚତର ଏବଂ ନିମ୍ନତର ଭୂମିଦ୍ୱୟ ମଧ୍ୟରେ ହେଉଥିବା ସଂସ୍ପର୍ଶ ଏବଂ ସମ୍ମିଳନର ଏହି ରହସ୍ୟ, ତାହାକୁହିଁ ଆମେ ଅସଲ ଗୁପ୍ତ ସତ୍ୟଟି ବୋଲି ଜାଣିବା, ଗୁପ୍ତ ହୋଇ ରହିଥିବା ଅସଲ ଚାବିକାଠିଟି ବୋଲି ଜାଣିବା । ଏହାର ସର୍ବଦାହିଁ ଏକ ରୂପାନ୍ତରକାରିଣୀଶକ୍ତି ରହିଛି; କେବଳ ଏତିକି ଜାଣି ରଖିବାକୁ ହେବ ଯେ ଏହି କ୍ଷେତ୍ରରେ ସେହି ଶକ୍ତିର ପରିମାଣ ଅଧିକ ହେବ, ତାହା ଏକ ଉଚ୍ଚତର ସ୍ତରରେ ବି ଯାଇ ଉପନୀତ ହୋଇପାରିବ । ଯଦି ଏହି ପୃଥିବୀ ଉପରେ କେହି ଜଣେ ଏପରି ବ୍ୟକ୍ତି ରହିଆନ୍ତି ଯିଏକି ଏଠାରେ ଆପଣାକୁ ଅଭିବ୍ୟକ୍ତ କରି ନ ଥିବା ଏକ ଭୂମି ସହିତ ସଚେତନ ସଂସ୍ପର୍ଶରେ ଆସିବା ଲାଗି ସମର୍ଥ ହୋଇପାରିବେ, ଏବଂ ଯଦି ଆପଣାର ଚେତନାରେ ସେହି ଭୂମିକୁ ଉନ୍ନୀତ ହୋଇ ସେ ସେହି ଭୂମିର ଏହି ଜଡ଼ସ୍ଥ ଭୂମି ସହିତ ଏକ ମିଳନ ଘଟାଇ ପାରିବେ ଏବଂ ଦୁହିଙ୍କ ମଧ୍ୟରେ ଏକ ସମସ୍ତସତା ସ୍ଥାପନ କରି ପାରିବେ, ତେବେଯାଇ ପ୍ରକୃତିର

'oaob.nitrkl.ac.in' images reprocessed

ବର୍ତ୍ତମାନ ପର୍ଯ୍ୟନ୍ତ ଅନୁପଲବ୍ଧ ରୂପାନ୍ତରର ସେହି ମୀମାଂସକ ଗତିସ୍ପନ୍ଦନଟି ପ୍ରକୃତରେ ସଂଘଟିତ ହୋଇପାରିବ । ଏକ ନୂତନ ଶକ୍ତିର ଅବତରଣ ଘଟିବ ଏବଂ ତାହା ପୃଥିବୀ-ପୃଷ୍ଠରେ ରହିଥିବା ଜୀବନର ପରିବେଶଟିକୁ ବଦଳାଇ ଦେଇ ଯିବ ।

ସବୁବେଳେ ଯାହା ହୋଇ ଆସିଛି, ସେଥିରେ ମଧ୍ୟ ଆମେ ଦେଖିବାକୁ ପାଇବା ଯେ, ଯେତେବେଳେ ଜଣେ ମହାନ୍ ଆତ୍ମା ଏହି ପୃଥିବୀକୁ ଆସି ସତ୍ୟର କିୟଦଂଶ ଆଲୋକକୁ ଉଦ୍‌ଘାଟିତ କରିଦେଇଛନ୍ତି ଏବଂ ପୃଥିବୀ ଉପରକୁ ଏକ ନୂତନ ଶକ୍ତିକୁ ବହନ କରି ଆଣିଛନ୍ତି, ସେତେବେଳେ ଏହି ପୃଥିବୀର ଅବସ୍ଥା ପ୍ରକୃତରେ ବଦଳିଯାଇଛି । ଯେପରି ଭାବରେ ବଦଳିବ ବୋଲି ସମସ୍ତେ ଆଶା କରୁଥିଲେ ଓ ପ୍ରତ୍ୟାଶା କରି ବସିଥିଲେ, ଅବଶ୍ୟ ସେପରି ଭାବରେ ବଦଳିବ ନାହିଁ ସତ, ମାତ୍ର ତଥାପି ବଦଳିଯିବ । ଉଦାହରଣସ୍ୱରୂପ, ଏପରି ଜଣେ ବ୍ୟକ୍ତି, ଯିଏକି ଜ୍ଞାନ, ଚେତନା ଏବଂ ଆଧ୍ୟାତ୍ମିକ ଅନୁଭୂତିର କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଭୂମିରେ ଯାଇ ଉପନୀତ ହୋଇପାରିଛନ୍ତି, ସେହିପରି ଜଣେ ବ୍ୟକ୍ତି ଆବିର୍ଭୂତ ହୋଇଛନ୍ତି ଏବଂ କହିଛନ୍ତି,"ମୁଁ ତୁମମାନଙ୍କ ଲାଗି ମୁକ୍ତିକୁ ବହନ କରି ଆଣିଛି" ବା "ମୁଁ ତୁମମାନଙ୍କ ଲାଗି ଶାନ୍ତି ବହନ କରି ଆଣିଛି ।" ସେହି ବ୍ୟକ୍ତିଙ୍କର ପାଖରେ ଯେଉଁ ଅନ୍ୟମାନେ ଥିଲେ, ସେମାନେ ହୁଏତ ବିଶ୍ୱାସ କଲେ ଯେ ସିଏ ଏକ ଜଡ଼ାତ୍ମକ ଭୌତିକ ଅର୍ଥରେ ସେହି ମୁକ୍ତି ବା ଶାନ୍ତିକୁ ଆଣିବାକୁ ଯାଉଛନ୍ତି; ସେମାନେ ଶାନ୍ତି ବା ମୁକ୍ତି ବୋଲି ଯାହା ଭାବିଥିଲେ ତାହା ସିଏ ଆଣି ଦେଲେ ନାହିଁ ବୋଲି ସେମାନେ ଯେତେବେଳେ ଦେଖିଲେ, ସେତେବେଳେ, ସିଏ ଯେ ପ୍ରକୃତରେ କ'ଣ କଲେ, ସେମାନେ ସେକଥା ମୋଟେ ବୁଝିପାରିଲେ ନାହିଁ । ସିଏ ଚେତନାରେହିଁ ଏକ ପରିବର୍ତ୍ତନ ଆଣିଥିଲେ । ସେପର୍ଯ୍ୟନ୍ତ ଅଜ୍ଞାତ ହୋଇ ରହିଥିବା ଏକ ଶାନ୍ତି ବା ଆଗରୁ ଉପଲବ୍ଧ ହୋଇ ନ ଥିବା ଏକ ମୁକ୍ତିସାମର୍ଥ୍ୟକୁ ସେ ବହନ କରି ଆଣିଥିଲେ । ମାତ୍ର ଏହିସବୁ ଯାବତୀୟ ଗତିସ୍ପନ୍ଦନ ପ୍ରକୃତରେ ଅନ୍ତର୍ଗତ ଜୀବନରହିଁ ଏକ ସମ୍ପଦ ହୋଇ ରହିଥିଲା ଏବଂ ସମ୍ଭବତଃ ବାହାରୁ ଦେଖିପାରିଲା ଭଳି କୌଣସି ପରିବର୍ତ୍ତନ ତଦ୍ଦ୍ୱାରା ସମ୍ଭବ ହେଲା ନାହିଁ । ଏହି ପୃଥିବୀରେ କୌଣସି ବାହ୍ୟ ପରିବର୍ତ୍ତନ ଘଟାଇବା ଲାଗି ସେହି କ୍ଷେତ୍ରରେ ହୁଏତ ଆଦୌ କୌଣସି ଅଭିପ୍ରାୟ ନ ଥିଲା । ହୁଏତ ସେଥିଲାଗି ଅବଶ୍ୟକ ଜ୍ଞାନ ମହଜୁଦ ନ ଥିଲା । ତଥାପି, ଏହି ପୁରୋଗାମୀମାନେ ଫଳପ୍ରଦ ଭାବରେ ନିଶ୍ଚୟ କିଛି ନା କିଛି କରିଥିଲେ ।

ଏହିସବୁ ଯାବତୀୟ ପ୍ରତିକୂଳ ପ୍ରତୀତ ରହିଥିଲେ ମଧ୍ୟ, ଏକଥା ହୁଏତ ବେଶ୍ ସମ୍ଭବ ହୋଇପାରିବ ଯେ ଏହି ପୃଥିବୀ ସୋପାନ ଏବଂ ସ୍ତର-ଅନୁକ୍ରମରେ ବର୍ତ୍ତମାନ ଏକ ନିର୍ଦ୍ଦିଷ୍ଟ ଉପଲବ୍ଧି ନିମିତ୍ତ ଅବଶ୍ୟ ପ୍ରସ୍ତୁତ ହେବାରେ ଲାଗିଛି ।

'oaob.nitrkl.ac.in' images reprocessed

ସଭ୍ୟତାରେ ତଥା ପ୍ରକୃତରେ ଏକ ପରିବର୍ତ୍ତନ ସଂଘଟିତ ହୋଇଛି । ଏହି ପରିବର୍ତ୍ତନ ଯେ ଆମର ଆଖିକୁ ଦୃଶ୍ୟ ହେଉ ନାହିଁ, ତାହାର କାରଣ ହେଉଛି ଯେ ଆମେ କେବଳ ଏକ ବାହ୍ୟ ଦୃଷ୍ଟିକୋଣରୁହିଁ ଯାହାକିଛି ଦେଖୁଛୁ ଏବଂ ଏପର୍ଯ୍ୟନ୍ତ ଆମ ପକ୍ଷରେ ଗମ୍ଭୀର ଏବଂ ସମ୍ପୂର୍ଣ୍ଣ ଭାବରେ ଜଡ଼ ଓ ତାହାର ଅସୁବିଧାଗୁଡ଼ିକର ସମ୍ମୁଖୀନ ହେବା ମୋଟେ ସମ୍ଭବ ହୋଇପାରି ନାହିଁ । ତଥାପି, ଅନ୍ତର ଭିତରେ ନିଶ୍ଚୟ ଏକ ପରିବର୍ତ୍ତନ ଘଟିଛି; ଅନ୍ତର୍ଗତ ଚେତନାରେ ପରମ ଆଲୋକର ନିଶ୍ଚୟ କେତେକ ଅବତରଣ ଘଟିଛି । ମାତ୍ର, ଜଡ଼ର ସ୍ତରରେ କୌଣସି ଉପଲବ୍ଧି ଯେ ଘଟିବ, ସେହି ସମ୍ବନ୍ଧରେ କିଛି କହିବା ପ୍ରକୃତରେ କଷ୍ଟକର, କାରଣ, ସେହି କ୍ଷେତ୍ରରେ ହୁଏତ କ'ଣସବୁ ଘଟିସାରିଲଣି; ସେବିଷୟରେ ଆମର ଆଦୌ କୌଣସି ସ୍ପଷ୍ଟ ଜ୍ଞାନ ନାହିଁ ।

ପ୍ରାଚୀନ ଅତୀତରେ ମହାନ୍ ଏବଂ ସୁନ୍ଦର ନାନା ସଭ୍ୟତାର ଆବିର୍ଭାବ ଘଟିଛି, ଏପରିକି ଭୌତିକ କ୍ଷେତ୍ରରେ ଠିକ୍ ଆମର ସଭ୍ୟତା ପରି ଅଗ୍ରଗତି କରିଥିବା କେତେ ସଭ୍ୟତାର ଆବିର୍ଭାବ ଘଟିଛି । ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଆମର ଏହି ଅତ୍ୟାଧୁନିକ ଅଦ୍ୟତମ ସଭ୍ୟତାଟି ଅତିପ୍ରାଚୀନ ସଂସ୍କୃତି-ଗୁଡ଼ିକର କେବଳ ଏକ ପୁନରାବୃତ୍ତି ବୋଲିହିଁ ଅନୁମିତ ହେବ, ଏବଂ ତଥାପି ଆମର କୌଣସି ସ୍ଥାନରେ ଆଦୌ କୌଣସି ଅଗ୍ରଗତି ସମ୍ଭବ ହେବ ନାହିଁ ବୋଲି କଦାପି କୁହାଯାଇ ପାରିବ ନାହିଁ । ଅନ୍ତତଃ ଏକ ଅନ୍ତର୍ଗତ ଅଗ୍ରଗତି ଅବଶ୍ୟ ହୋଇପାରିଛି ଏବଂ ଉଚ୍ଚତର ଚେତନା ପ୍ରତି ଅନୁସ୍ପନ୍ଦନ ଜଣାଇପାରିବା ଲାଗି ପୂର୍ବାପେକ୍ଷା ଅଧିକତର ତତ୍ପରତା ଜୀବନର ଜଡ଼ଗତ କ୍ଷେତ୍ରଗୁଡ଼ିକରେ ମଧ୍ୟ ଆସି ଜନ୍ମଗ୍ରହଣ କଲଣି । ସେହି ଗୋଟିଏ ଗୋଟିଏ କଥାକୁ ଅନେକଥର ବାରବାର ସମ୍ପନ୍ନ କରିବା ଦରକାର ହୋଇଛି, କାରଣ, ଯାହାକିଛି ଲାଗି ପ୍ରୟାସ କରାଯାଇଛି, ତାହାକୁ କଦାପି ଯଥେଷ୍ଟ ପରିମାଣରେ ସାଧିତ କରାଯାଇ ନାହିଁ; ମାତ୍ର ପ୍ରତ୍ୟେକ ଥର ତାହା ଯଥେଷ୍ଟ ପରିମାଣରେ ସମ୍ପାଦିତ ହେବାର ଅଧିକ ନିକଟବର୍ତ୍ତୀ ହୋଇ ପାରିଛି । କୌଣସି କଥାକୁ ବାରବାର କରୁଥିବା ସମୟରେ ସତେଅବା ସେହି ଗୋଟିଏ କଥାର ପୁନରାବୃତ୍ତି କରୁଥିବା ପରି ଲାଗିଥାଏ ସତ, ମାତ୍ର ତଥାପି ସେସବୁର ମୋଟ ପରିଣାମସ୍ୱରୂପ କୌଣସି ନା କୌଣସି ଫଳପ୍ରଦ ପରିବର୍ତ୍ତନ୍ କିଛିଟା ପରିମାଣରେ ଅବଶ୍ୟ ସମ୍ଭବ ହୋଇଥାଏ ।

ମନୁଷ୍ୟ-ଚେତନାର ପ୍ରସ୍ଥଗୁଡ଼ିକୁ ନେଇ ଏହିସବୁ ବ୍ୟାପାରକୁ ଅବଲୋକନ କରିବାକୁ ଏକ ଭୁଲ୍ ବୋଲି କୁହାଯିବ, କାରଣ ସେହିପରି ଭାବରେ ଦୃଷ୍ଟିପାତ କରୁଥିବା ସମୟରେ ଏହିସବୁ ଗଭୀର ଏବଂ ବହୁବ୍ୟାପୀ ଗତିସ୍ପନ୍ଦନଗୁଡ଼ିକ ପ୍ରକୃତରେ

'oaob.nitrkl.ac.in' images reprocessed

ଷ୍ଟର ଅବୋଧ ବୋଲି ମନେହେବାକୁ ଲାଗିବ । ଆମର ଅତି ସୀମାବଦ୍ଧ ମନୋଗତ ବୁଦ୍ଧି ଦ୍ୱାରା ଏସବୁର ବ୍ୟାଖ୍ୟା କରିବାରେ ପ୍ରକୃତରେ ଅନେକ ବିପଦ ରହିଛି । ଠିକ୍ ଏହି କାରଣରୁହିଁ ଦର୍ଶନଶାସ୍ତ୍ର ବସ୍ତୁଗୁଡ଼ିକର ଅସଲ ସତ୍ୟଟିକୁ ଅନାବୃତ କରି ପାରିବାରେ ସର୍ବଦା ଅସମର୍ଥ ହୋଇ ରହିଛି । ଦର୍ଶନଶାସ୍ତ୍ର ଅସମର୍ଥ ହୋଇ ରହିଛି, କାରଣ ତାହା ମନୁଷ୍ୟମନର ମାପକାଠି ଭିତରେ ବିଶ୍ୱଜଗତକୁ ଆଣି ଖାପ ଖୁଆଇବା ଲାଗି ଚେଷ୍ଟା କରିଆସିଛି ।

ଆମ ଭିତରୁ କେତେ ଜଣ ପୂର୍ବ ଜୀବନର କଥାଗୁଡ଼ିକୁ ମନେ ରଖନ୍ତି ?

ଆମ ସମସ୍ତଙ୍କ ଭିତରେ, ଆମ ଚେତନାର କେଉଁ ଅଂଶରେ ଏହି ଶ୍ରେଣୀୟ ଏକ ସ୍ମୃତି ନିହିତ ହୋଇ ରହିଛି । ମାତ୍ର ଏହି ବିଷୟଟି ହେଉଛି ଏକ ବିପଜ୍ଜନକ ବିଷୟ, କାରଣ, ମଣିଷର ମନ ସାଧାରଣତଃ କୌଣସି କଥା ସହିତ ଗୁଡ଼ାଏ ରୋମାନ୍ସ ଆଣି ଯୋଡ଼ି ଦେବାକୁ ଭାରି ଭଲ ପାଏ । ପୁନର୍ଜନ୍ମର ସତ୍ୟଟି ବିଷୟରେ କିଛି ଜାଣି ପାରିବାକୁ ଆରମ୍ଭ କଲା ମାତ୍ରକେ, ମଣିଷର ମନ ତାହାର ଚାରିପାଖରେ ଆହୁରି କେତେ କ'ଣ ବୋଲି ସୁନ୍ଦର ସୁନ୍ଦର କେତେ କେତେ କାହାଣୀ ରଚନା କରିବାକୁ ଆରମ୍ଭ କରେ । ଏହି ପୃଥିବୀ କିପରି ଭାବରେ ଗଢ଼ା ହେଲା, ଭବିଷ୍ୟତରେ ଏହାର ଗତିପଥ କିପରି ହେବ, ଅତୀତରେ ତୁମେ କିପରି ଓ କେଉଁଠାରେ ଜନ୍ମଗ୍ରହଣ କରିଥିଲ ଓ ଏହାପରେ ତୁମର ଗତି ପ୍ରକୃତରେ କ'ଣ ହେବ, ତୁମେ କେଉଁ କେଉଁ ଜୀବନକୁ କଟାଇ ଆସିଲଣି ଓ ଆହୁରି କେଉଁ କେଉଁ ଜୀବନ ତଥାପି ବଞ୍ଚିବାକୁ ରହିଛି, ଅନେକ ଲୋକ ଏହିସବୁ ବିଷୟରେ ତୁମକୁ କେତେ ବଡ଼ିଆ ଗପମାନ କହିବାକୁ ଆସିବେ । ଆମ ପ୍ରାଚୀନ ଜନ୍ମଗୁଡ଼ିକର ଯଥାର୍ଥ ସାଦୃଶ୍ୟଟିକୁ ହୁଏତ ବସ୍ତୁତଃ ଏକ ସମଗ୍ର ଜ୍ଞାନର ଏକ ଅଂଶ ବୋଲି କୁହାଯାଇ ପାରିବ; ମାତ୍ର ଗୁଡ଼ାଏ କଳ୍ପନାପ୍ରବଣ ହୋଇ ଅନୁମାନ କରିବା ଦ୍ୱାରା ଆମେ ସେହି ବିଷୟରେ କିଛି ଜାଣିବାକୁ ପାଇବା ନାହିଁ । ଗୋଟାଏ ପାଖରେ ଏହାକୁ ଏକ ବିଷୟଗତ ଜ୍ଞାନ ବୋଲି କୁହାଯାଇ ପାରିଲେ ମଧ୍ୟ ଅନ୍ୟ ପକ୍ଷରେ ଏହା ମୁଖ୍ୟତଃ ବ୍ୟକ୍ତିଗତ ଏବଂ ଆଶପୃଷ୍ଠ ଅନୁଭୂତି ଉପରେହିଁ ନିର୍ଭର କରୁଥାଏ; ଏବଂ ଠିକ୍ ଏହି କ୍ଷେତ୍ରରେହିଁ ଉଦ୍ଭାବନ, ପ୍ରକ୍ଷେପ ଏବଂ ମିଥ୍ୟାରଚନା ଲାଗି ବେଶ୍ ଅନେକ ସମ୍ଭାବନା ନିହିତ ହୋଇ ରହିଥାଏ । ଏହିସବୁ ବସ୍ତୁର ପ୍ରକୃତ ସତ୍ୟଟିକୁ ଲାଭ କରିପାରିବା ଲାଗି ସବୁକିଛିକୁ ଅନୁଭବ କରୁଥିବା ତୁମର ଚେତନା ବିଶୁଦ୍ଧ ଏବଂ ନିର୍ମଳ ହୋଇପାରିଥିବା ଆବଶ୍ୟକ, ମାନସିକ ଯାବତୀୟ ହସ୍ତକ୍ଷେପ ବା ପ୍ରାଣିକ

'oaob.nitrkl.ac.in' images reprocessed

ସବୁପ୍ରକାରର ହସ୍ତକ୍ଷେପରୁ ମୁକ୍ତ ହୋଇଥିବା ଆବଶ୍ୟକ, ତାହା ତୁମର ଯାବତୀୟ ବ୍ୟକ୍ତିଗତ ଧାରଣା ତଥା ଅନୁଭୂତି ଏବଂ ଆପଣାର ସ୍ୱକୀୟ ମାର୍ଗଟିରେ ସବୁକିଛିର ଅର୍ଥନିରୂପଣ ଏବଂ ବ୍ୟାଖ୍ୟା କରିବାର ମାନସିକ ଅଭ୍ୟାସଟିରୁ ମଧ୍ୟ ମୁକ୍ତ ହୋଇ ଆସିଥିବା ଆବଶ୍ୟକ । ଅତୀତ ଜୀବନଗୁଡ଼ିକର ଅନୁଭୂତି ହୁଏତ ସତ ହୋଇପାରେ; ମାତ୍ର ତୁମେ ପ୍ରକୃତରେ ଯାହା ପ୍ରତ୍ୟକ୍ଷ କରିଛ ଏବଂ ସେହି ବିଷୟରେ ତୁମର ମନ ଯେଉଁ ବ୍ୟାଖ୍ୟା ଦେଉଛି ବା ଯେପରି ରଚନାମାନ କରିବାକୁ ଯାଉଛି, ଦୁଇଟି ଭିତରେ ସର୍ବଦା ଏକ ବୃହତ୍ ବ୍ୟବଧାନ ରହିବହିଁ ରହିବ । ଯେତେବେଳେ ତୁମେ ସାଧାରଣ ମନୁଷ୍ୟସ୍ତରର ଅନୁଭୂତିଗୁଡ଼ିକରୁ ଊର୍ଦ୍ଧ୍ୱକୁ ଉଠିଯାଇ ପାରିବ ଏବଂ ନିଜ ମନର ଆୟତନଟି ମଧ୍ୟରୁ ବାହାରି ଆସିପାରିବ, କେବଳ ସେତିକିବେଳେ ଯାଇ ତୁମେ ସତ୍ୟରେ ଉପନୀତ ହୋଇପାରିବ ।

'oaob.nitrkl.ac.in' images reprocessed

୧୨ ମଇ ୧୯୨୯

ଏପରି କେତେକ ଲୋକ ଅଛନ୍ତି, ଯେଉଁମାନେ କି ସତେଅବା ଗୋଟାଏ ଗୋଟାଏ ନରପିଶାଚ ପରି ହୋଇ ରହିଥାନ୍ତି । ସେମାନେ ପ୍ରକୃତରେ କ'ଣ ଓ ସେମାନେ କାହିଁକି ସେପରି ହୋଇଥାନ୍ତି ?

ସେମାନେ ମଣିଷ ନୁହନ୍ତି, ସେମାନଙ୍କ ପାଖରେ ଯାହା ମଣିଷର ଚେହେରା ରହିଥାଏ, କେବଳ ସେତିକି । ସେମାନେ ଏପରି ଏକ ପୃଥିବୀର ସତ୍ତ୍ୱମାନଙ୍କର ଅବତାର ଗ୍ରହଣ କରିରହିଥାନ୍ତି, ଯାହାକି ଏହି ଜଡ ଜଗତଟିର ପରବର୍ତ୍ତୀ ଜଗତ ରୂପେ ଅବସ୍ଥାନ କରୁଛି । ଆମେ ଯାହାକୁ ପ୍ରାଣିକ ସ୍ତର ବୋଲି କହୁ, ସେମାନେ ସେହି ସ୍ତରଟିରେ ବାସ କରୁଥାନ୍ତି । ଏହି ଜଗତଟି ହେଉଛି ବାସନାର ଜଗତ୍, କାମନାବେଗର ଜଗତ୍, ନାନା ହିଂସା ଏବଂ ପ୍ରଚଣ୍ଡତା ଗତିଶୀଳହୋଇ ରହିଥିବାର ଜଗତ୍, ଲୋଭ ଏବଂ ଧୂର୍ତ୍ତତାର ଜଗତ୍, ଯାବତୀୟ ପ୍ରକାରର ଅଜ୍ଞାନର ଜଗତ୍ । ମାତ୍ର ସେହି ଜଗତଟିରେ ଯାବତୀୟ ପ୍ରକାରର ଗତିଶୀଳତା ମଧ୍ୟ ପରିପୂର୍ଣ୍ଣ ହୋଇ ରହିଥାଏ, ପ୍ରାଣସ୍ତରର ଯାବତୀୟ ଶକ୍ତିମତ୍ତା ଏବଂ ଯାବତୀୟ ସାମର୍ଥ୍ୟ ଭର୍ତ୍ତି ହୋଇ ରହିଥାଏ । ଏହି ଜଗତର ସତ୍ତ୍ୱମାନଙ୍କର ସ୍ୱଭାବପ୍ରେରିତ ଭାବରେ ଭୌତିକ ଜଗତଟି ଉପରେ ଏକ ବିଚିତ୍ର ବଳାଧିକାର ରହିଥାଏ ଏବଂ ସେମାନେ ତାହା ଉପରେ ଏକ ମନ୍ଦ ପ୍ରଭାବ ପକାଇପାରିବାର ସାମର୍ଥ୍ୟ ରଖିଥାନ୍ତି । ଯେଉଁ ମଣିଷ-ମାନେ ମୃତ୍ୟୁପରେ ଏହି ଜାଗତିକ ଭୂମିର ନିକଟବର୍ତ୍ତୀ ହୋଇ ରହିଥିବା ପ୍ରାଣିକ ବାତାବରଣ ମଧ୍ୟରେ ବୁଲୁଥାନ୍ତି, ସେହିମାନଙ୍କର ଅବଶେଷରୁହିଁ ସେମାନଙ୍କ ଭିତରୁ କେତେକଙ୍କର ନିର୍ମାଣ ହୋଇଥାଏ । ସେହି ମଣିଷଟିର ବାସନା ଓ କ୍ଷୁଧାଗୁଡ଼ାକ ସେହି ବାତାବରଣରେ ତଥାପି ଭାସି ବୁଲିବାରେ ଲାଗିଥାନ୍ତି ଏବଂ ତା'ର ଶରୀରଟି ବିଲୁପ୍ତ ହୋଇଗଲା ପରେ ବି ସେଗୁଡ଼ିକ ତଥାପି ସାକାର ହୋଇ ରହିଥାନ୍ତି । ଅନେକ ସମୟରେ ସେମାନେ ଆପଣାକୁ ପ୍ରକଟ କରିବା ଲାଗି ଏବଂ ଆପଣାର ବାସନାଗୁଡ଼ାକୁ ପରିତୃପ୍ତ କରିବା ଲାଗି ଏକ ପ୍ରବୃତ୍ତି ଦେଖାଇ ଥାଆନ୍ତି ଏବଂ ତାହାର ପରିଣାମ ସ୍ୱରୂପ ପ୍ରାଣିକ ଜଗତର ଏହି ପ୍ରାଣୀମାନଙ୍କର ଜନ୍ମଗ୍ରହଣ ସଂଘଟିତ ହୋଇଥାଏ । ମାତ୍ର ଏହି ସତ୍ତ୍ୱସବୁ କେବଳ ଗୋଟିଏ ଗୋଟିଏ ଅପ୍ରଧାନ

ସତ୍ତ୍ୱ ହୋଇ ରହିଥାନ୍ତି ଏବଂ ସେମାନେ ଖୁବ୍ ବେଶୀ ଅନିଷ୍ଟକାରକ ହୋଇ ରହିଥିବା ସମୟରେ ମଧ୍ୟ ସେମାନଙ୍କୁ ବଶରେ ରଖିବା ତଥାପି ଅସମ୍ଭବ ହୁଏ ନାହିଁ। ଏମାନଙ୍କ ବ୍ୟତୀତ ଆହୁରି ଅଧିକ ବିପଜ୍ଜନକ ହୋଇ ଅନ୍ୟାନ୍ୟମାନେ ବି ଥାଆନ୍ତି, ଯେଉଁମାନେ କି କେବେହେଲେ ମନୁଷ୍ୟଶରୀର ଧାରଣ କରି ନ ଥାନ୍ତି; ଏହି ପୃଥିବୀରେ ସେମାନେ କେବେହେଲେ ମଣିଷର ରୂପରେ ଜନ୍ମଗ୍ରହଣ କରି ନ ଥାନ୍ତି। ଅଧିକାଂଶ ସମୟରେ ସେମାନେ ଏହିପରି ଏକ ରୂପ ନେଇ ଜନ୍ମଗ୍ରହଣ କରିବାକୁ ରାଜି ବି ହୋଇ ନ ଥାନ୍ତି, କାରଣ ଏହାକୁ ସେମାନେ ଜଡ଼ର ଅଧୀନ ହୋଇ ରହିବା ବୋଲି ଭାବନ୍ତି। ତେଣୁ ସେମାନେ ନିଜ ଜଗତରେ ରହିବାକୁହିଁ ଅଧିକ ପସନ୍ଦ କରନ୍ତି, ସେଇଠି ଶକ୍ତିଧର ଓ ଖଳ ହୋଇ ରହନ୍ତି ଏବଂ ସେଇଠାରେ ଥାଇହିଁ ସେମାନେ ପୃଥିବୀ-ସତ୍ତ୍ୱମାନଙ୍କ ଉପରେ ନିୟନ୍ତ୍ରଣ ଜାରି ରଖିଥାନ୍ତି। କାରଣ, ଏହି ପୃଥିବୀରେ ଜନ୍ମଗ୍ରହଣ କରିବା ଲାଗି ଇଚ୍ଛା ପ୍ରକାଶ କରୁ ନ ଥିଲେ ମଧ୍ୟ ସେମାନେ ଜଡ଼ପ୍ରକୃତିର ସଂସ୍ପର୍ଶରେ ରହିବା ଲାଗି ସବୁବେଳେ ଇଚ୍ଛା କରୁଥାନ୍ତି, ମାତ୍ର ଏଇଟା ଭିତରେ କୌଣସି ପ୍ରକାରେ ବାନ୍ଧି ହୋଇ ରହିବାକୁ ଚାହୁଁ ନ ଥାନ୍ତି। ସେମାନଙ୍କର ପଦ୍ଧତି ହେଉଛି ଯେ ସେମାନେ ସର୍ବପ୍ରଥମେ ଜଣେ ମଣିଷ ଉପରେ ଆସି ଆପଣାର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରନ୍ତି। ତା'ପରେ ସେମାନେ ଆସ୍ତେ ଆସ୍ତେ ସେହି ବ୍ୟକ୍ତିଟିର ଜୀବନମଣ୍ଡଳ ମଧ୍ୟରେ ପ୍ରବେଶ କରନ୍ତି ଏବଂ ପରିଶେଷରେ ସେହି ବ୍ୟକ୍ତିଉପରେ ହୁଏତ ଆପଣାର ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଜାରିକରି ରଖନ୍ତି। ସେହି ବ୍ୟକ୍ତିଟି ମଧ୍ୟରୁ ସମ୍ପୂର୍ଣ୍ଣ ଭାବରେ ତା'ର ମନୁଷ୍ୟ ଆତ୍ମା ଏବଂ ମାନବ ବ୍ୟକ୍ତିତ୍ୱଟିକୁ ବାହାର କରି ନେଇଯାଆନ୍ତି। ଏହି ଜଗତର ଏକ ସତ୍ତ୍ୱକୁ କବଳିତ କରି ରଖିଥିବା ସମୟରେ ସେହି ପ୍ରାଣୀମାନେ ହୁଏତ ମନୁଷ୍ୟର ଆକାର ବି ଧାରଣ କରି ପାରନ୍ତି, ମାତ୍ର ସେମାନଙ୍କର କେବେହେଲେ ଏକ ମନୁଷ୍ୟ-ପ୍ରକୃତି ହୁଏ ନାହିଁ। ମଣିଷମାନଙ୍କର ପ୍ରାଣଶକ୍ତିକୁ ଶୋଷି ଆଣିବାହିଁ ସେମାନଙ୍କର ଅଭ୍ୟାସ ହୋଇ ରହିଥାଏ; ସେମାନେ ଯେଉଁଠି ପାରନ୍ତି, ସେଠାରେ ପ୍ରାଣଶକ୍ତି ଉପରେ ଯାଇ ଆକ୍ରମଣ କରନ୍ତି ଏବଂ ତାହାକୁ କବଳିତ କରି ରଖନ୍ତି, ସେହି ଶକ୍ତିକୁ ସ୍ୱୟଂ ଭୋଗିବାରେ ଲାଗିଥାନ୍ତି। ଯେତେବେଳେ ସେମାନେ ତୁମର ବାୟୁମଣ୍ଡଳଟି ଭିତରେ ଆସି ପହଞ୍ଚିଥାଆନ୍ତି, ସେତେବେଳେ ତୁମେ ହଠାତ୍ ନିଜକୁ ଭାରି ବିପର୍ଯ୍ୟସ୍ତ ଓ ଶକ୍ତିହୀନ ଅନୁଭବ କରିବାକୁ ଆରମ୍ଭ କର; ବେଶ୍ କିଛି ସମୟ ପର୍ଯ୍ୟନ୍ତ ସେମାନଙ୍କ ନିକଟରେ ରହିବା ଦ୍ୱାରା ତୁମେ ଅସୁସ୍ଥ ହୋଇପଡ଼। ଏବଂ, ଯଦି ତୁମେ ସେହିପରି ଗୋଟିଏ ସତ୍ତ୍ୱ ସହିତ ଏକତ୍ର ବାସ କରୁଥାଅ, ତେବେ ସିଏ ତୁମକୁ ପ୍ରାଣରେ ମାରିଦେବାକୁ ଆଶଙ୍କା ରହିଥାଏ।

'oaob.nitrkl.ac.in' images reprocessed

ମାତ୍ର, ଏହି ପ୍ରାଣୀମାନେ ଥରେ ଆମର ପରିବେଶ ମଧ୍ୟରେ ପ୍ରବେଶ କରିସାରିବା ପରେ ଆମେ ସେମାନଙ୍କୁ କିପରି ସେଠାରୁ ବାହାର କରିଦେଇ ପାରିବା ?

ଏହିସବୁ ସତ୍ତା ମଧ୍ୟରେ ଯେଉଁ ପ୍ରାଣିକ ଶକ୍ତିଟି ଆସି ଅବତୀର୍ଣ୍ଣ ହୋଇଥାଏ, ତାହା ହେଉଛି ଏକ ଅତିଶକ୍ତ ମାତ୍ରାରେ ଭୌତିକ ପ୍ରକାରର ପ୍ରାଣିକ ଶକ୍ତି ଏବଂ ତାହା କେବଳ ଏକ କ୍ଷୁଦ୍ର ଦୂରତା ମଧ୍ୟରେହିଁ ଆପଣାକୁ କାର୍ଯ୍ୟକାରୀ କରିଥାଏ । ସାଧାରଣତଃ, ଯଦି ତୁମେ ସେମାନଙ୍କ ସହିତ ଏକା ଘରେ ରହୁ ନ ଥାଅ ଅଥବା ସେମାନଙ୍କ ସହିତ ସେହି ଗୋଟିଏ ସଂସର୍ଗ ମଧ୍ୟରେ ରହି ନ ଥାଅ, ତେବେ ତୁମ ଉପରେ ସେମାନଙ୍କର ଆଦୌ କୌଣସି ପ୍ରଭାବ ପଡ଼େ ନାହିଁ । ମାତ୍ର, ଯଦି ସେମାନଙ୍କ ସହିତ ସମ୍ବନ୍ଧ ବା ସମ୍ପର୍କ ସ୍ଥାପନ କଲା ଭଳି କୌଣସି ବାଟ ତୁମେ ଖୋଲିଦିଅ, ଉଦାହରଣସ୍ୱରୂପ, ଯଦି ପତ୍ର ଦ୍ୱାରା ସେମାନଙ୍କ ସହିତ ସମ୍ପର୍କ ସ୍ଥାପନ କର, ତେବେ ତୁମେ ତଦ୍ୱାରା ଶକ୍ତିର ଏକ ଆଦାନପ୍ରଦାନ ସମ୍ଭବ ହୋଇଯାଏ ଏବଂ ସେମାନଙ୍କଠାରୁ ବେଶ୍ ଅନେକ ଦୂରରେ ରହିଥିଲେ ମଧ୍ୟ ତୁମେ ସେମାନଙ୍କ ଦ୍ୱାରା ପ୍ରଭାବିତ ହେବାର ଆଶଙ୍କାଟିଏ ଆସି ପହଞ୍ଚିଯାଏ । ଆମେ ସେମାନଙ୍କ ସହିତ ରହିଥିବା ଆମର ସମସ୍ତ ସମ୍ପର୍କକୁ ଛିନ୍ନ କରିଦେବା ଏବଂ ସେମାନଙ୍କ ସହିତ ଆମର ଆଉ କୌଣସି ପ୍ରକାର ଯୋଗ ରହି ନ ଥିବ, — ଏହାହିଁ ହେଉଛି ସବୁଠାରୁ ଅଧିକ ବିଜ୍ଞତାର ବିଷୟ । ଅବଶ୍ୟ, ତୁମ ପାଖରେ ଯଦି ଗୂଢ଼ବିଦ୍ୟାଗତ ସେପରି କୌଣସି ବୃହତ୍ ଶକ୍ତି ଓ ସାମର୍ଥ୍ୟ ରହିଥାଏ ଏବଂ ଯଦି ତୁମେ ନିଜକୁ ଅଗ୍ରା ଦେଇ ଓ ସୁରକ୍ଷିତ ରଖି ଜାଣିଥାଅ, ତେବେ ତାହା ହୁଏତ ଅଲଗା କଥା ହେବ । ମାତ୍ର ତଥାପି ସେତେବେଳେ ମଧ୍ୟ ସେମାନଙ୍କ ସହିତ ଏକତ୍ର ବିଚରଣ କରିବାକୁ ସର୍ବଦା ବେଶ୍ ବିପଜ୍ଜନକ ବୋଲି ବୁଝାଯିବ । ଏବଂ, ଅନେକ ବ୍ୟକ୍ତି ଯେପରି କରିବାକୁ ଚେଷ୍ଟା କରିଥାନ୍ତି ଯଦି ତୁମେ ସେମାନଙ୍କୁ ବଦଳାଇ ଦେଇ ପାରିବ ବୋଲି କୌଣସି ଆଶା ରଖିଥାଅ, ତେବେ ତାହା କେବଳ ଏକ ବୃଥା ଭ୍ରମରେହିଁ ପରିଣତ ହେବ; କାରଣ ସେମାନେ କଦାପି ବଦଳିବାକୁ ଇଚ୍ଛା କରୁ ନ ଥାନ୍ତି । କୌଣସି ପ୍ରକାର ରୂପାନ୍ତର ଲାଗି ଅନୁମତି ଦେବାକୁ ସେମାନଙ୍କର ଆଦୌ କୌଣସି ଇଚ୍ଛା ନ ଥାଏ ଏବଂ ସେଦିଗରେ ଯେତେପ୍ରକାର ଚେଷ୍ଟା କରାଯାଏ, ତାହା କେବଳ ନିରର୍ଥକହିଁ ପ୍ରମାଣିତ ହୋଇଥାଏ ।

ଏହିସବୁ ସତ୍ତା ଯେତେବେଳେ ମଣିଷର ଶରୀର ମଧ୍ୟରେ ରହିଥାନ୍ତି, ସେତେବେଳେ, ସେମାନେ ଯେ ପ୍ରକୃତରେ କିପରି, ସେମାନେ ସେବିଷୟରେ

'oaob.nitrkl.ac.in' images reprocessed

ଆଦୌ ସଚେତନ ନ ଥାନ୍ତି । ବେଳେବେଳେ ସେମାନଙ୍କ ଭିତରେ ଏକ ଖୁବ ଅସ୍ପଷ୍ଟ ଧାରଣା ରହିଥାଏ ଯେ ସେମାନଙ୍କୁ ସାଧାରଣ ଅର୍ଥରେ ସମ୍ପୂର୍ଣ୍ଣ ମନୁଷ୍ୟ ସଦୃଶ ବୋଲି ଆଦୌ କୁହାଯିବ ନାହିଁ । ମାତ୍ର ତଥାପି ସେହି କ୍ଷେତ୍ରରେ ସେମାନେ ସେବିଷୟରେ ସଚେତନ, ପ୍ରକୃତରେ ଖୁବ ସଚେତନ ରହିଥାନ୍ତି; ସେମାନେ ମନୁଷ୍ୟଗୋଷ୍ଠୀର ଯେ ଅନ୍ତର୍ଗତ ନୁହନ୍ତି ସେମାନେ ଯେ କେବଳ ଏତିକ ଜାଣିଥାନ୍ତି ତା' ନୁହେଁ, ମାତ୍ର ସେମାନେ ଖୁବ ଭଲ ଭାବରେ ନିଜର ସ୍ୱରୂପଟିକୁ ଜାଣିଥାନ୍ତି, ସେହି ପୂର୍ଣ୍ଣ ଜ୍ଞାନଟିକୁ ଭିତ୍ତି କରି ସବୁକିଛି କରୁଥାନ୍ତି ଏବଂ ଅତ୍ୟନ୍ତ ଇଚ୍ଛାକୃତ ଭାବରେ ଆପଣା ଅଭିପ୍ରାୟଗୁଡ଼ିକର ଅନୁଧାବନ କରୁଥାନ୍ତି । ଆପଣାର ସ୍ୱଭାବତଃହିଁ ପ୍ରାଣିକ ଜଗତର ସତ୍ତ୍ୱମାନେ ଖୁବ ଶକ୍ତିଶାଳୀ ହୋଇ ରହିଥାନ୍ତି; ଏବଂ ଯେତେବେଳେ ଏହି ଶକ୍ତି ସହିତ ସେମାନେ କିଞ୍ଚିତ୍ ଜ୍ଞାନକୁ ମଧ୍ୟ ଆଣି ମିଶାଇ ଦେଇପାରନ୍ତି, ସେମାନେ ସେତେବେଳେ ପ୍ରକୃତରେ ଦୁଇଗୁଣ ବିପଜ୍ଜନକ ହୋଇ ପଡ଼ନ୍ତି । ଏହିସବୁ ପ୍ରାଣୀଙ୍କ ବିଷୟରେ ତୁମେ ପ୍ରକୃତରେ ଆଦୌ କିଛିହେଲେ କରିପାରିବ ନାହିଁ । ସେମାନଙ୍କୁ ଦଳି ନଷ୍ଟ କରିଦେବାର ଶକ୍ତି ତୁମପାଖରେ ରହିଥିଲେ ତାହା ହୁଏତ ସ୍ୱତନ୍ତ୍ର କଥା, ମାତ୍ର, ଯଦି ତାହା ନ ଥାଏ, ତେବେ ତୁମେ ସେମାନଙ୍କ ସହିତ କୌଣସି ସମ୍ପର୍କ ନ ରଖିବାକୁହିଁ ଚେଷ୍ଟା କରିପାରିବ । ଯଦି ବାଧ୍ୟ ହୋଇ ସେମାନଙ୍କ ସହିତ ସମ୍ପର୍କରେ ଆସିବାକୁହିଁ ପଡ଼େ, ତେବେ ଯେଉଁ ପାଶଟିକୁ ବିସ୍ତାର କରିବାର ଶକ୍ତି ସେମାନଙ୍କ ପାଖରେ ରହିଛି, ତୁମେ ସେଇଟି ବିଷୟରେ ସଦା ସତର୍କ ହୋଇ ରହିଥିବ । ଏହି ପ୍ରାଣିକ ସତ୍ତ୍ୱମାନେ ଯେତେବେଳେ ଏହି ଜଡ଼ଭୂମିରେ ଆସି ପ୍ରକଟ ହୁଅନ୍ତି, ସେତେବେଳେ ସେମାନଙ୍କ ପାଖରେ ଅତ୍ୟନ୍ତ ପରିମାଣରେ ଏକ ସମ୍ମୋହନକାରିଣୀ ଶକ୍ତି ରହିଥାଏ; କାରଣ ସେହି ପ୍ରାଣିକ ଜଗତଟି ମଧ୍ୟରେହିଁ ସେମାନଙ୍କ ଚେତନାର କେନ୍ଦ୍ରଟି ଅବସ୍ଥିତ ରହିଥାଏ, ତାହା ଏହି ଜଡ଼ଜଗତ୍ ମଧ୍ୟରେ ଆଦୌ ନ ଥାଏ । ମନୁଷ୍ୟମାନଙ୍କର କ୍ଷେତ୍ରରେ ଯେପରି ହୋଇଥାଏ, ଜଡ଼ତନ୍ତ୍ରସ୍ଥ ଚେତନା ଦ୍ୱାରା ସେମାନଙ୍କର ସତ୍ତ୍ୱଟି କୌଣସି ପ୍ରକାରେ ଆଚ୍ଛନ୍ନ ଅଥବା ଖର୍ବ ହୋଇଯାଏ ନାହିଁ ।

ଏକଥା କି କ'ଣ ସତ୍ୟ ନୁହେଁ ଯେ ଏହି ଜଗତର ପ୍ରାଣୀମାନେ ଏକ ବିଚିତ୍ର ଆକର୍ଷଣ ଦ୍ୱାରା ଆଧ୍ୟାତ୍ମିକ ଜୀବନ ଆଡ଼କୁ କି ଆକୃଷ୍ଟ ହୋଇଥାନ୍ତି ?

ହଁ, ହୋଇଥାନ୍ତି, କାରଣ ସେମାନେ ଆପଣାକୁ ଏହି ପୃଥିବୀର ଅନ୍ତର୍ଗତ ବୋଲି ମୋଟେ ଅନୁଭବ କରିପାରନ୍ତି ନାହିଁ, ସେମାନେ ଏଠାକୁ ଆଉ ଅନ୍ୟ

'oaob.nitrkl.ac.in' images reprocessed

କେଉଁଠାରୁ ଆସିଛନ୍ତି ବୋଲି ଅନୁଭବ କରୁଥାନ୍ତି । ଏବଂ, ସେମାନେ ଏକଥା ମଧ୍ୟ ଅନୁଭବ କରୁଥାନ୍ତି ଯେ ସେମାନଙ୍କ ଭିତରେ ଏପରି ନାନା ଶକ୍ତି ରହିଛି, ଯାହାକୁ ସେମାନେ ଅଧାଅଂଶରେ ହରାଇ ଦେଇଛନ୍ତି; ସେମାନେ ସେଗୁଡ଼ିକୁ ଫେରି ପାଇବାକୁ ଇଚ୍ଛା କରୁଥାନ୍ତି । ତେଣୁ, ସେମାନଙ୍କୁ ଅଦୃଶ୍ୟ ଜଗତ୍ ସମ୍ବନ୍ଧରେ କିଛି ଜ୍ଞାନ ଦେଇପାରିବା ଭଳି କୌଣସି ବ୍ୟକ୍ତି ସହିତ ସାକ୍ଷାତ୍ ଘଟିଲେ ସେମାନେ ତା'ପାଖକୁ ଧାଇଁଆସନ୍ତି । ମାତ୍ର ସେହି ପ୍ରାଣିକଜଗତଟିକୁହିଁ ସେମାନେ ଭ୍ରମରେ ପଡ଼ି ଆଧ୍ୟାତ୍ମିକ ଜଗତ୍ ବୋଲି ଭାବିଥାନ୍ତି ଏବଂ ତେଣୁ, ଆପଣାର ଅନୁଧାବନରେ ସେମାନେ ଆଧ୍ୟାତ୍ମିକ ନୁହେଁ, କେବଳ ପ୍ରାଣିକ ନାନା ଲକ୍ଷ୍ୟର ଅନୁସରଣ କରୁଥାନ୍ତି । ଅଥବା, ସେମାନେ ସମ୍ଭବତଃ ଅତ୍ୟନ୍ତ ଇଚ୍ଛାକୃତ ଭାବରେ ଆଧ୍ୟାତ୍ମିକତାକୁ ଦୂଷିତ କରିଦେବାକୁ ଇଚ୍ଛା କରୁଥାନ୍ତି ଏବଂ ଆପଣା ସ୍ୱଭାବର ଗ୍ରନ୍ଥିଟି ଭିତରେ ତାହାର ଏକ କୃତ୍ରିମ ଅନୁଚର୍ଚ୍ଚଣକୁ ରଚନା କରି ରଖିବାରେ ଆଗ୍ରହ ପ୍ରକାଶ କରନ୍ତି । ସେମାନଙ୍କର ଏହି କାର୍ଯ୍ୟଟିକୁ ମଧ୍ୟ ସେମାନଙ୍କର ଆପଣା ସ୍ତରରେ ଆଧ୍ୟାତ୍ମିକ ଜୀବନ ପ୍ରତି ଏକ ସମ୍ମାନ-ପ୍ରଦର୍ଶନ ବୋଲି କୁହାଯିବ ଓ ଗୋଟାଏ ପ୍ରକାରର କ୍ଷତିପୂରଣ ବୋଲି କୁହାଯିବ । ଏବଂ, ଏହି କ୍ଷେତ୍ରରେ ଏପରି ଏକ ପ୍ରକାରର ଗୋଟିଏ ଆକର୍ଷଣ ରହିଥାଏ, ଯାହାକି ସେମାନଙ୍କୁ ଏଆଡ଼େ ବାଧ୍ୟ କରିଆଣେ; ସେମାନେ ଦିବ୍ୟ ପରମ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥାନ୍ତି, ମାତ୍ର, ସେହି ବିଦ୍ରୋହ ଘୋଷଣା ସତ୍ତ୍ୱେ ଅଥବା ସମ୍ଭବତଃ ସେହି କାରଣରୁହିଁ ସେମାନେ ତାହାର ଉପସ୍ଥିତିଟି ସହିତ ସଚେତଅବା କୌଣସି ନା କୌଣସି ପ୍ରକାରେ ଏକତ୍ର ବନ୍ଧାହୋଇ ରହିଥିବା ପରି ଅନୁଭବ କରନ୍ତି ଓ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ସେହି ଆଡ଼କୁ ଆକର୍ଷିତ ହୋଇ ଆସନ୍ତି ।

ଏବଂ, ଏହି କାରଣରୁହିଁ ତୁମେ ଅନେକ ସମୟରେ ଏଭଳି ଦେଖିବାକୁ ପାଇଥାଅ ଯେ, ଏହି ପୃଥିବୀରେ ଆଧ୍ୟାତ୍ମିକ ଜୀବନର ଉପଲବ୍ଧି ଲାଗି ଯେଉଁମାନେ ଉଦ୍ଦିଷ୍ଟ ହୋଇ ଆସିଥାନ୍ତି, ଏମାନେ ସେମାନଙ୍କୁ ଏକତ୍ର ପରସ୍ପର ସହିତ ସମ୍ବନ୍ଧିତ କରି ଆଣନ୍ତି । ସେମାନେ ଯେ ଇଚ୍ଛାକୃତ ଭାବରେ ଏହି କ୍ଷେତ୍ରରେ କାମରେ ଆସି ଲାଗନ୍ତି, ସେକଥା ଆଦୌ ନୁହେଁ, ମାତ୍ର ଏପରି କରିବା ଲାଗି ବାଧ୍ୟ ହୋଇଥାନ୍ତି । ଏହାଦ୍ୱାରା ସେମାନେ ଗୋଟାଏ ପ୍ରକାରର କ୍ଷତିପୂରଣହିଁ ଦେଉଥାନ୍ତି । କାରଣ ସେମାନେ ଅବତରଣ କରୁଥିବା ସେହି ମହାନ୍ ଆଲୋକର ରୂପଟିକୁ ଅନୁଭବ କରୁଥାନ୍ତି, ଏଥର ନୂତନ ଦୀକ୍ଷା ନେବା ଅଥବା ବିଲୁପ୍ତ ହୋଇଯିବା ମଧ୍ୟରୁ, ଦିବ୍ୟ ପରମ-ଇଚ୍ଛା ପାଖରେ ଆପଣାକୁ ସମର୍ପିତ କରିଦେଇ ତାଙ୍କର ପରମ ଯୋଜନାଟିରେ ଅଂଶଗ୍ରହଣ କରିବା ଅଥବା ଅଚେତନତା ମଧ୍ୟରେ ନିମଜ୍ଜିତ ହୋଇ ହଜିଯିବା ମଧ୍ୟରୁ

'oaob.nitrkl.ac.in' images reprocessed

ସେମାନଙ୍କୁ ଯେ ଗୋଟିଏ ପଥ ବାଛିନେବାକୁ ହେବ, ତାହାର ସମୟ ଆସିଗଲା ବୋଲି ସେମାନେ ବେଶ୍ ଗନ୍ଧ ବାରିପାରୁଥାନ୍ତି । ପରମସତ୍ୟର ଜଣେ ଅନୁଗାମୀଙ୍କ ସହିତ ସମ୍ପର୍କରେ ଆସି ଏହିପରି ଏକ ସତ୍ତା ଆପଣାର ପରିବର୍ତ୍ତନ ଲାଗି ନିଷ୍ଟୟ ଏକ ସୁଯୋଗ ଲାଭ କରିଥାଏ ଏବଂ ସୁଯୋଗଟିକୁ ସେ କିପରି କାର୍ଯ୍ୟରେ ଲଗାଇବ ସବୁକିଛି ତାହାରି ଉପରେହିଁ ନିର୍ଭର କରୁଥାଏ । ତାହାକୁ ଯଦି ସେ ଯଥାର୍ଥ ଭାବରେ କାମରେ ଲଗାଇବ, ତେବେ ହୁଏତ ତାକୁ ତା'ର ଉପସ୍ଥିତ ମିଥ୍ୟା, ଅସ୍ପଷ୍ଟତା ଏବଂ ଦୁଃଖମୟତାର ସ୍ଥିତିଟି ମଧ୍ୟରୁ ମୁକ୍ତିଲାଭ କରିବାର ବାଟଟିକୁ ଉନ୍ମୋଚିତ କରିଦେଇପାରେ; ଉକ୍ତ ଯେଉଁସବୁ ଉପାଦାନରୁ ଏହି ପ୍ରାଣିକଶକ୍ତି-ପ୍ରଧାନ ପ୍ରାଣୀମାନେ ତିଆରି ହୋଇଥାଆନ୍ତି, ସେଇଥିରୁ ମୁକ୍ତି ଲାଭ କରିବାର ବାଟଟିକୁ ଖୋଲିଦେଇ ପାରିବ ଏବଂ ତାହାକୁ ପୁନରୁଜ୍ଜୀବନ ଏବଂ ପରମ ଜୀବନର ବେଢ଼ଟି ମଧ୍ୟକୁ ନେଇଆସି ପାରିବ ।

ଏହି ସତ୍ତାମାନଙ୍କର ଅର୍ଥଶକ୍ତି ଉପରେ ଏକ ବୃହତ୍ ପରିମାଣର ନିୟନ୍ତ୍ରଣ ରହି ନ ଥାଏ କି ?

ହଁ, ରହିଥାଏ । ବର୍ତ୍ତମାନ ଅର୍ଥଶକ୍ତି ପ୍ରାଣିକ ପୃଥିବୀର ଶକ୍ତି ଏବଂ ସତ୍ତାମାନଙ୍କର ପ୍ରଭାବମଣ୍ଡଳଟି ମଧ୍ୟରେ ରହିଛି, ଅର୍ଥାତ୍ ସେମାନଙ୍କର ହସ୍ତଗତ ହୋଇରହିଛି । ଏବଂ, ସେହି ପ୍ରଭାବଟିର କାରଣରୁହିଁ ତୁମେ ଦେଖିବାକୁ ପାଉଛ ଯେ ଅର୍ଥଶକ୍ତି ପରମସତ୍ୟର ପରିଚର୍ଯ୍ୟାରେ ଆଦୌ ପ୍ରଭୂତ ପରିମାଣରେ ବିନିଯୁକ୍ତ ହୋଇପାରୁ ନାହିଁ । ତାହା ସର୍ବଦାହିଁ ଅନ୍ୟତ୍ର ଏଣେତେଣେ ଗ୍ଭଲିଯିବାରେ ଲାଗିଛି, କାରଣ ତାହା ପ୍ରତିକୂଳ ଶକ୍ତିମାନଙ୍କରହିଁ କବଳ ଭିତରେ ରହିଛି ଏବଂ ପ୍ରଧାନତଃ ଏହି ଅର୍ଥଶକ୍ତିକୁ ହାତରେ ରଖିଥିବା ଦ୍ୱାରାହିଁ ସେମାନେ ଆମ ପୃଥିବୀଟାକୁ ମଧ୍ୟ କବଳରେ ରଖି ପାରିଛନ୍ତି । ଅର୍ଥଶକ୍ତି ଉପରେ ପ୍ରତିକୂଳ ଶକ୍ତିମାନଙ୍କର ଏହି ପ୍ରଭାବ ଅତ୍ୟନ୍ତ ଶକ୍ତିଶାଳୀ, ସମ୍ପୂର୍ଣ୍ଣ ଏବଂ ପରିପୂର୍ଣ୍ଣ ଭାବରେ ସଂଗଠିତ ହୋଇ ରହିଛି ଏବଂ ଏହି ଦୃଢ଼ ଓ ଶକ୍ତ ସଂଗଠନଟି ମଧ୍ୟରୁ କିଛି ବାହାର କରିପାରିବା ପ୍ରକୃତରେ ଅତ୍ୟନ୍ତ କଷ୍ଟକର ହୋଇ ରହିଛି । ଅର୍ଥଶକ୍ତିର ତା'ର ବର୍ତ୍ତମାନ ଅଧିକାରୀମାନଙ୍କ ଠାରୁ ଏହି ଅର୍ଥର ମାତ୍ର କିଞ୍ଚିତ୍ ପରିମାଣ ଅଂଶକୁ ତୁମେ ସେମାନଙ୍କଠାରୁ ବାହାର କରିବା ଲାଗି ଚେଷ୍ଟା କରିବାକୁ ଯିବାମାତ୍ରକେହିଁ ତୁମକୁ ସେମାନଙ୍କ ସହିତ ଏକ ଭୟଙ୍କର ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ପଡ଼ୁଛି ।

ମାତ୍ର, ଅର୍ଥଶକ୍ତିକୁ ଆପଣାର କବଳରେ ରଖିଥିବା ଏହି ପ୍ରତିକୂଳ ଶକ୍ତିମାନଙ୍କ ଉପରେ କୌଣସିଠାରେ ଗୋଟିଏ ମାତ୍ର ମୀମାଂସକ ବିଜୟ ହାସଲ

'oaob.nitrkl.ac.in' images reprocessed

କରିପାରିଲେ ତାହା ଯୁଗପତ୍ ଏବଂ ସ୍ୱୟଂସିଦ୍ଧ ଭାବରେହିଁ ସେମାନଙ୍କ ଉପରେ ଅନ୍ୟ ସବୁଯାକ ସ୍ଥଳରେହିଁ ଏକ ବିଜୟ ହାସଲ କରିଦେବାକୁ ନିଶ୍ଚୟ ସମ୍ଭବ କରିଦେବ । ଯଦି କୌଣସି ଗୋଟିଏ ସ୍ଥାନରେ ସେମାନେ ବଶ୍ୟତା ସ୍ୱୀକାର କରିଯିବେ, ତେବେ, ସେହି ସମସ୍ତ ବ୍ୟକ୍ତି, ଯେଉଁମାନେ କି ପରମସତ୍ୟର କାର୍ଯ୍ୟସାଧନ ଲାଗି ଆଦୌ କୌଣସି ଅର୍ଥ ଦେଇପାରିବେ ନାହିଁ ବୋଲି ବର୍ତ୍ତମାନ ଅନୁଭବ କରୁଛନ୍ତି, ସେମାନେ ତୁରନ୍ତ ଅର୍ଥଦାନ କରିବା ଲାଗି ହଠାତ୍ ଏକ ବୃହତ୍ ଏବଂ ତୀବ୍ର ଅଭିଳାଷ ଅନୁଭବ କରିବାକୁ ଆରମ୍ଭ କରିବେ । ଏକଥା ଆଦୌ ସତ୍ୟ ନୁହେଁ ଯେ ଯେଉଁ ଧନାଢ଼୍ୟ ବ୍ୟକ୍ତିମାନେ ପ୍ରାଣିକଶକ୍ତିଗୁଡ଼ିକର ହାତରେ ଅଳ୍ପବହୁତ ପରିମାଣରେ କ୍ରୀଡ଼ାପୁତ୍ତଳି ଏବଂ ହତଆର ପରି ହୋଇ ରହିଛନ୍ତି, ସେମାନେ ପ୍ରକୃତରେ ଅର୍ଥବ୍ୟୟ କରିବା ଲାଗି ମୋଟେ ଇଚ୍ଛା କରୁ ନାହାନ୍ତି । ସେମାନଙ୍କର ପ୍ରାଣିକ ବାସନା ଏବଂ ଆବେଗଗୁଡ଼ିକୁ ସ୍ପର୍ଶ କରି ନ ଥିବା ପର୍ଯ୍ୟନ୍ତହିଁ ସେମାନଙ୍କର ଲାଳସା ଜାଗ୍ରତ ହୋଇ ରହିଥାଏ । କାରଣ, ଯେତେବେଳେ ସେମାନେ ସେମାନଙ୍କର ଆପଣାର ବୋଲି କହୁଥିବା କୌଣସି ବାସନାର ପରିତୃପ୍ତି କରିବା ଲାଗି ବାହାରିଥାନ୍ତି ସେତେବେଳେ ସେମାନେ ମୁକ୍ତହସ୍ତ ହୋଇ ଅର୍ଥବ୍ୟୟ କରନ୍ତି । ମାତ୍ର ଯେତେବେଳେ ଆପଣାର ଧନସମ୍ପଦଜନିତ ଆରାମ ଏବଂ ଉପକାରଗୁଡ଼ିକୁ ଅନ୍ୟମାନଙ୍କ ସହିତ ଏକତ୍ର ଉପଭୋଗ କରିବାଲାଗି ସେମାନଙ୍କୁ କୁହାଯାଏ, ସେତେବେଳେ ସେମାନେ ହାତରୁ ଅର୍ଥ କାଢ଼ିବାକୁ ଅତ୍ୟନ୍ତ କଷ୍ଟ ଅନୁଭବକରିଥାନ୍ତି । ଅର୍ଥଶକ୍ତି ଉପରେ ନିୟନ୍ତ୍ରଣ ରଖିଥିବା ପ୍ରାଣିକଶକ୍ତିକୁ ଆମେ ଏପରି ଏକ ପ୍ରହରୀ ବା ଅଭିଭାବକ ପରି କଳ୍ପନା କରିପାରିବା ଯିଏକି ଆପଣାର ଧନକୁ ଏକ ବୃହତ୍ ବାକ୍ସ ଭିତରେ ନେଇ ସାଇତି ରଖିଥାଏ ଏବଂ ସେହି ବାକ୍ସଟିକୁ ସେ ସବୁବେଳେ ଆଣ୍ଠୁକରି ବନ୍ଦ କରି ରଖିଥାଏ । ସେହି ଶକ୍ତିର ନିୟନ୍ତ୍ରଣାଧୀନ ହୋଇ ରହିଥିବା ବ୍ୟକ୍ତିମାନଙ୍କୁ ଯେତେଥର ଆପଣାର ଅର୍ଥକୁ ଅନ୍ୟ କାମରେ ଲଗାଇବା ସକାଶେ ଦାନ କରିଦେବାକୁ କୁହାଯାଏ, ସେମାନେ ସେତେବେଳେ ଆପଣାର ମୁଣିଟିକୁ ଏତେ ଏତେ ଟିକିଏ ପରିମାଣରେ ଖୋଲିବା ଲାଗି ସମ୍ମତ ହେବା ପୂର୍ବରୁ ଯାବତୀୟ ପ୍ରକାରର ସତର୍କ ପ୍ରଶ୍ନମାନ କରିବାକୁ ଆରମ୍ଭ କରନ୍ତି; ମାତ୍ର ଯଦି ସେମାନଙ୍କ ଭିତରେ ଏକ ପ୍ରାଣିକ ଆବେଗ ଜାଗ୍ରତ ହୁଏ ଏବଂ ଆପଣାର କୌଣସି ଦାବିକରିବାକୁ ଆରମ୍ଭ କରେ, ତେବେ ସେହି ଅଭିଭାବକ ଅତ୍ୟନ୍ତ ପ୍ରସନ୍ନ ଭାବରେ ତା'ଲାଗି ଆପଣାର ବାକ୍ସଟିକୁ ସଙ୍ଗେସଙ୍ଗେ ଖୋଲିଦିଏ ଏବଂ ତାଭିତରୁ ତା'ପରେ ଅବାଧ ଅର୍ଥ ବୋହିବାକୁ ଆରମ୍ଭ କରେ । ସାଧାରଣତଃ ଏପରି ହୋଇଥାଏ ଯେ, ସିଏ ଯେଉଁ ପ୍ରାଣିକ ବାସନାଗୁଡ଼ିକର ବୋଲମାନୁଥାଏ, ସେଗୁଡ଼ିକ ଯୌନ-ଆବେଗଟି ସହିତ ଏକତ୍ର ଗଣ୍ଠି ହୋଇ ରହିଥାନ୍ତି; ମାତ୍ର ଅନେକ ସମୟରେ ସେ ଖ୍ୟାତି

'oaob.nitrkl.ac.in' images reprocessed

ଏବଂ ସମ୍ମାନ ଲାଭ କରିବାର ବାସନାଟି ପାଖରେ ମଧ୍ୟ ମୁଣ୍ଡନୁଆଁଇ ରହିଥାଏ; ଖାଦ୍ୟର ଲାଳସା ଅଥବା ସମସ୍ତଙ୍କସ୍ଥ ଅନ୍ୟକୌଣସି ଲାଳସା ପାଖରେ ନତମସ୍ତକ ହୋଇ ରହିଥାଏ । ଏହି ପ୍ରକରଣର ଅନ୍ତର୍ଗତ ହୋଇପାରୁ ନ ଥିବା ଆଉ ପ୍ରତ୍ୟେକ କଥାର କ୍ଷେତ୍ରରେ ସେ ଟିକନଖି କେତେ କ'ଣ ପରୀକ୍ଷା ବାହାରେ, ଟିକନଖି କେତେ ଅନୁସନ୍ଧାନ କରି ବି ଦେଖେ । ସ୍ୱରି କୁଣ୍ଠାର ସହିତ ହୁଏତ ସମ୍ମତ ହେଲା ପରି ଭାବ ଦେଖାଏ ଏବଂ ପରିଶେଷରେ ଅଧିକାଂଶ ସମସ୍ତରେ ସାହାଯ୍ୟ କରିବାକୁ ମନା କରିଦିଏ । ଯେଉଁ ବ୍ୟକ୍ତିମାନେ ପ୍ରାଣିକ ସତ୍ତ୍ୱଗୁଡ଼ିକ ହାତରେ ଦାସ ପରି ହୋଇ ରହିଥାନ୍ତି; ସତ୍ୟ, ଆଲୋକ ଏବଂ ଆଧ୍ୟାତ୍ମିକ ଉପଲବ୍ଧିର ବାସନା ସେମାନଙ୍କୁ ହୁଏତ ସ୍ପର୍ଶ କରୁଥିଲେ ମଧ୍ୟ ଅର୍ଥ ଲାଗି ରହିଥିବା ସେମାନଙ୍କର ଲାଳସାରେ ଏକ ସ୍ୱରସାମ୍ୟ ଆଣିବାରେ ତାହା କଦାପି ସମର୍ଥ ହୁଏ ନାହିଁ । ଦିବ୍ୟ ପରମସତ୍ତ୍ୱଙ୍କ କାର୍ଯ୍ୟ ଲାଗି ସେମାନଙ୍କଠାରୁ ଅର୍ଥ ହାସଲ କରିବାର ଅର୍ଥ ହେଉଛି ସେମାନଙ୍କ ମଧ୍ୟରେ ରହିଥିବା ସଇତାନ ସହିତ ଲଢ଼ାଇ କରି ତାକୁ ସେମାନଙ୍କ ଭିତରୁ ବାହାର କରିବା । ସେମାନେ ଯେଉଁ ପ୍ରାଣିକ ସତ୍ତ୍ୱର ପରିଚର୍ଯ୍ୟା କରୁଛନ୍ତି, ତୁମକୁ ପ୍ରଥମେ ତାହାକୁହିଁ ଜୟ କରିବାକୁ ପଡ଼ିବ ଅଥବା ତାକୁ ବଦଳାଇ ଦେବାକୁ ପଡ଼ିବ । ଏବଂ ଏହି କଥାଟି କରିବା ଆଦୌ କେତେବେଳେ ହେଲେ ବି ସହଜ ନୁହେଁ । ଯେଉଁ ବ୍ୟକ୍ତିମାନେ ପ୍ରାଣସ୍ତରର ଜୀବମାନଙ୍କର ନିୟନ୍ତ୍ରଣାଧୀନ ହୋଇ ରହିଥାନ୍ତି, ସେମାନେ ହୁଏତ ଏକ ଆତ୍ମସଂଯମାତ୍ମକ ଜୀବନକୁ ଗ୍ରହଣ କରି ଚାଲିଆସିପାରିବେ, ଯାବତୀୟ ଭୋଗ ଓ ଉପଭୋଗକୁ ଛାଡ଼ି ପ୍ରବଳ ଭାବରେ ବୈରାଗ୍ୟ ଅବଲମ୍ବନ କରିପାରିବେ ସତ, ମାତ୍ର ସେମାନେ ତଥାପି ପୂର୍ବପରିହିଁ ଦୁଷ୍ଟସ୍ୱଭାବର ହୋଇ ରହିଥିବେ; ଏପରିକି ଏହି ପରିବର୍ତ୍ତନଟି ଦ୍ୱାରା ହୁଏତ ଆହୁରି ଅଧିକ ଦୁଷ୍ଟ ହେବା ଲାଗି ଉତ୍ସାହ ଲାଭ କରିଥାନ୍ତି ।

ଜଣେ ବ୍ୟକ୍ତିକୁ ଆଉଜଣେ ବ୍ୟକ୍ତି ଉପରେ ତା'ର ଇଚ୍ଛାଶକ୍ତିକୁ ପ୍ରୟୋଗ କରିବା ଲାଗି ଅନୁମତି ଦିଆଯାଏ କାହିଁକି ?

ଏକଥା ମୋଟେ ସତ ନୁହେଁ ଯେ ଜଣେ ବ୍ୟକ୍ତିକୁ ଆଉଜଣେ ବ୍ୟକ୍ତି ଉପରେ ତା'ର ଇଚ୍ଛାଶକ୍ତିକୁ ପ୍ରୟୋଗ କରିବା ଲାଗି ପ୍ରକୃତରେ ଅନୁମତି ଦିଆଯାଏ । ଅସଲକଥା ହେଉଛି ଯେ ବିଶ୍ୱସ୍ତରରେ ଏକ ଇଚ୍ଛା କାର୍ଯ୍ୟକାରୀ ହୋଇ ରହିଛି ଏବଂ ଯେଉଁ ବ୍ୟକ୍ତିମାନେ ସେହି ଶକ୍ତିଟିକୁ ଅଳ୍ପ ବା ବହୁତ ପରିମାଣରେ ପ୍ରକଟ କରିବା ଲାଗି ସମର୍ଥ ହୁଅନ୍ତି, ସେମାନଙ୍କଠାରେ ସତେଅବା ଏକ ଇଚ୍ଛାଶକ୍ତି

'oaob.nitrkl.ac.in' images reprocessed

ଅପେକ୍ଷାକୃତ ଅଧିକ ପରିମାଣରେ ବଳଶାଳୀହୋଇ ରହିଥିବା ପରି ବୋଧ ହେଉଥାଏ । ଏହା ଠିକ୍ ପ୍ରାଣିକ ଶକ୍ତି, ଆଲୋକ ବା ବିଦ୍ୟୁତ୍‌ଶକ୍ତି କିଂବା ପ୍ରକୃତିର ଅନ୍ୟ ଯେକୌଣସି ଶକ୍ତି ପରି କାର୍ଯ୍ୟ କରିଥାଏ । କେତେକ ବ୍ୟକ୍ତି ଏହି ଶକ୍ତିର ପ୍ରକାଶ ଲାଗି ଉତ୍ତମ ନିମିତ୍ତ ବା ମାଧ୍ୟମ ହୋଇ ରହିଥାନ୍ତି, ଅନ୍ୟ ବ୍ୟକ୍ତିମାନେ ଅଯୋଗ୍ୟ ନିମିତ୍ତ ହୋଇ ରହିଥାନ୍ତି । ଏଠାରେ ନୈତିକତାର ଆଦୌ କୌଣସି ପ୍ରଶ୍ନ ଉଠୁ ନାହିଁ । ଏହା ହେଉଛି ପ୍ରକୃତି ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ଗୋଟିଏ ସତ୍ୟ, ସେହି ବୃହତ୍ ବିଶ୍ୱଲୀଳାର ଏକ ବିଧାନ ।

ପ୍ରାଣିକ ସ୍ତରର ସତ୍ତ୍ୱମାନଙ୍କୁ ଆମେ ସେମାନଙ୍କର ନିଜ ଭୂମିରେ ଭେଟିବାକୁ ସମର୍ଥ ହେବା କି ?

ପ୍ରାଣିକ ସତ୍ତ୍ୱମାନେ ଏପରି ଏକ ଅତିଭୌତିକ ଜଗତ୍ ମଧ୍ୟରେ ବିଚରଣ କରୁଥାନ୍ତି, ଯେଉଁଠାରେ କି ମନୁଷ୍ୟମାନେ, ସେଠାରେ ପ୍ରବେଶ କରିବା ଲାଗି ସେମାନେ କୌଣସି ଅବସର ଲାଭ କଲେ ମଧ୍ୟ, ସଚେଅବା ଖୁବ୍ ବିପନ୍ନ ଅନୁଭବ କରନ୍ତି, ଅସହାୟ ଓ ଅସୁରକ୍ଷିତ ପରିହିଁ ଅନୁଭବ କରିଥାନ୍ତି । ଏହି ଜଡ଼ଶରୀର ମଧ୍ୟରେହିଁ ମନୁଷ୍ୟସତ୍ତ୍ୱ ଆଶ୍ୱସ୍ତ ଏବଂ ନିରାପଦ ଅନୁଭବ କରିଥାଏ; ତା ଶରୀର ତା' ଲାଗି ଏକ ରକ୍ଷାବରଣ ହୋଇ କାର୍ଯ୍ୟ କରୁଥାଏ । ଏପରି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର କି ସେମାନଙ୍କର ଆପଣାର ଶରୀର ପ୍ରତି ତୀବ୍ର ଅବଜ୍ଞାଭାବ ପୂରି ରହିଥାଏ ଏବଂ ସେମାନେ ଭାବୁଥାନ୍ତି ଯେ ସେମାନଙ୍କ ମୃତ୍ୟୁ-ଅନ୍ତେ ସେମାନଙ୍କର ପରେ ଯାଇ ଏହି ସଂସାରର ଯାବତୀୟ ବିଷୟ ଅଧିକ ଭଲ ଓ ଅଧିକ ସହଜ ହୋଇପାରିବ । ମାତ୍ର, ପ୍ରକୃତ କଥା ହେଉଛି ଯେ ତୁମର ଶରୀର ତୁମ ପାଇଁ ଏକ ଦୁର୍ଗ ପରି କାର୍ଯ୍ୟ କରୁଛି, ତୁମ ଲାଗି ଏକ ଆଶ୍ରୟ ପରି କାର୍ଯ୍ୟ କରୁଛି । ଯେତେବେଳ ପର୍ଯ୍ୟନ୍ତ ତୁମେ ଆପଣାର ଶରୀର ମଧ୍ୟରେ ଅବସ୍ଥାନ କରୁଛ, ସେତେବେଳ ପର୍ଯ୍ୟନ୍ତ ପ୍ରତିକୂଳ ଜଗତ୍-ଶକ୍ତିସମୂହ ତୁମ ଉପରେ କୌଣସି ପ୍ରକାର ପ୍ରତ୍ୟକ୍ଷ ଅଧିକାର ସ୍ଥାପନ କରିବାକୁ ଏକ ବାଧାର ସମ୍ମୁଖୀନ ହେଉଥାନ୍ତି । ତୁମେ ରାତିରେ ଯେଉଁସବୁ ଦୁଃସ୍ୱପ୍ନ ଦେଖ, ସେଗୁଡ଼ିକ ପ୍ରକୃତରେ କ'ଣ ? ଏଗୁଡ଼ିକୁ ତୁମର ପ୍ରାଣିକ ଜଗତଟି ମଧ୍ୟକୁ ତୁମର ପ୍ରସ୍ଥାନ କରିଥିବାର ଗୋଟିଏ ଗୋଟିଏ ଉଦାହରଣ ବୋଲି କୁହାଯିବ । ଏବଂ, କୌଣସି ଦୁଃସ୍ୱପ୍ନ ମଧ୍ୟରେ ଜଡ଼ିତ ହୋଇ ରହିଥିବା ସମୟରେ ତୁମେ ସର୍ବପ୍ରଥମେ କ'ଣ କରିବାକୁ ଚେଷ୍ଟା କର ? ତୁମେ ତରତର ହୋଇ ଆପଣାର ଶରୀର ଭିତରକୁ ଦଉଡ଼ି ପଳାଇ ଆସ ଏବଂ ଆପଣାକୁ ଝାଙ୍କିଝୁଙ୍କି ଦେଇ ତୁମର ସାଧାରଣ ଜଡ଼ପ୍ରଶାସ୍ଥ ଚେତନାଟିକୁ ଫେରିପାଇବା ଲାଗି ଚେଷ୍ଟା କର । ମାତ୍ର, ପ୍ରାଣିକ ଶକ୍ତିଗୁଡ଼ିକ ଦ୍ୱାରା

'oaob.nitrkl.ac.in' images reprocessed

ଅଧ୍ୟୁଷିତ ଜଗତରେ ତୁମେ ସମ୍ପୂର୍ଣ୍ଣରୂପେ ଜଣେ ଅପରିଚିତ ବ୍ୟକ୍ତି ହୋଇ ରହିଥାଅ । ତୁମେ ସେଠାରେ ସତେଅବା ଏକ ଅଜ୍ଞାତ ସମୁଦ୍ର ଭିତରେ ଯାଇ ପ୍ରବେଶ କରିଥାଅ, ଯେଉଁଠାରେ କି ତୁମପାଖରେ ଦିଗନିର୍ଣ୍ଣୟ କରିବାର କୌଣସି ଯନ୍ତ୍ର ନ ଥାଏ, ତୁମ ହାତରେ କୌଣସି ବାଡ଼ ବା ଆଲୁଅ ନ ଥାଏ । ସେଠାରେ କିପରି କୁଆଡ଼େ ଯିବାକୁ ହେବ, ତୁମେ ସେବିଷୟରେ କିଛିହେଲେ ଜାଣି ନ ଥାଅ, ଏବଂ ପ୍ରାୟ ପ୍ରତ୍ୟେକ ପଦକ୍ଷେପରେ ତୁମେ ତୁମର ଯାହା କର୍ତ୍ତବ୍ୟ, ତାହାର ଠିକ୍ ଓଲଟା କଥାହିଁ କରିବସୁଥାଅ । ଏହି ଜଗତଟିର ଯେକୌଣସି ରାଜ୍ୟରେ ତୁମେ ଯାଇ ପ୍ରବେଶ କରିବା ମାତ୍ରକେ, ସେହି ଜଗତରେ ବାସ କରୁଥିବା ସତ୍ତ୍ୱମାନେ ତୁମକୁ ଚତୁର୍ଦ୍ଦିଗରୁ ଘେରିଆସନ୍ତି, ତୁମର ଯାହାକିଛି ଥାଏ, ତାହାକୁ ଏକତ୍ର ଆତ୍ମସାତ୍ କରିନେବାକୁ ଇଚ୍ଛା କରୁଥାନ୍ତି, ଯାହାକିଛି ପାରିବେ, ସେହି ସବୁକିଛିକୁ ଟାଣିନେବାକୁ ଚାହୁଁଥାନ୍ତି ଏବଂ ତାହାକୁ ଆପଣା ଲାଗି ଭୋଜ୍ୟରୂପେ ବ୍ୟବହାର କରିବାକୁ ଇଚ୍ଛା କରୁଥାନ୍ତି । ଯଦି ତୁମଭିତରୁ ଆପଣାକୁ ବିକୀର୍ଣ୍ଣ କରିଦେଉଥିବା କୌଣସି ଶକ୍ତିଶାଳୀ ଆଲୋକ ଏବଂ ସାମର୍ଥ୍ୟ ତୁମପାଖରେ ନ ଥାଏ, ତେବେ ତୁମେ ଆପଣାର ଶରୀର ମଧ୍ୟରୁ ବିଚ୍ଛିନ୍ନ ହୋଇ ସେଠାରେ ବିଚରଣ କରିବାରେ ଲାଗିଥାଅ; ସତେ ଯେପରି ବାହାରର ଅତ୍ୟନ୍ତ ଥଣ୍ଡା ଏକ ବାତାବରଣରୁ ଆପଣାକୁ ସୁରକ୍ଷିତ ରଖିବା ଲାଗି ତୁମପାଖରେ କୋଟ୍ ଖଣ୍ଡିଏ ବି ନ ଥାଏ ! ତୁମକୁ ଏକ ଆବରଣ ଯୋଗାଇ ତୁମର ରକ୍ଷା କରିବାକୁ ତୁମର ଯେପରି ଖଣ୍ଡେ ଘର ବି ନ ଥାଏ, ଏପରିକି ତୁମ ଦେହର ଆଚ୍ଛାଦନରୂପେ ସତେଅବା କୌଣସି ଚମ ନ ଥାଏ, ଏବଂ ତୁମର ସବୁଯାକ ସ୍ନାୟୁ ସମ୍ପୂର୍ଣ୍ଣ ଭାବରେ ଉନ୍ମୋଚିତ ହୋଇ ପଡ଼ିରହିଥାନ୍ତି ! ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି "ଏହି ଶରୀରଟା ମଧ୍ୟରେ ମୁଁ ପ୍ରକୃତରେ କେତେ ଦୁଃଖରେ ରହିଛି !" ବୋଲି କହିବାରେ ଲାଗିଥାନ୍ତି ଏବଂ ଏହି ଦୁଃଖରୁ ନିଷ୍କୃତିଲାଭ କରିବାର ଉପାୟରୂପେ ସେମାନେ ମୃତ୍ୟୁର କଥାହିଁ ଭାବୁଥାନ୍ତି । ମାତ୍ର, ମୃତ୍ୟୁ ଅନ୍ତେ ମଧ୍ୟ ତୁମକୁ ଠିକ୍ ସେହି ପ୍ରାଣମୟ ମଣ୍ଡଳଟି ମନରେ ରହିବାକୁ ପଡ଼ିଥାଏ, ଏବଂ ଏହି ଜୀବନରେ ଯେଉଁ ଶକ୍ତିଗୁଡ଼ିକ ତୁମର ଦୁଃଖର କାରଣ ହୋଇ ରହିଥିଲେ, ଠିକ୍ ସେହି ଶକ୍ତିଗୁଡ଼ିକହିଁ ସେଠାରେ ମଧ୍ୟ ତୁମର ବିପଦର କାରଣ ରୂପେ ଉପସ୍ଥିତ ଥାଆନ୍ତି । ଶରୀରର ବିଲୁପ୍ତି ଘଟିବା ପରେ ତୁମେ ପ୍ରାଣିକ ଜଗତର ଅରକ୍ଷିତ ଶକ୍ତି ସ୍ଥାନଗୁଡ଼ାକର ଶୂନ୍ୟଭିତରେ ଆସି ପଡ଼ିବାକୁ ବାଧ୍ୟ ହୁଅ । ସେତେବେଳେ ତୁମର ଆଉ ରକ୍ଷାପ୍ରାଚୀର ବୋଲି କିଛି ନ ଥାଏ; ସେତେବେଳେ ତୁମର ଆଉ ଶରୀରଟିଏ ବୋଲି କିଛି ନ ଥାଏ, ଯେଉଁଠାକୁ କି ତୁମେ ନିରାପଦ ହେବା ଲାଗି ଦଉଡ଼ି ପଳାଇଆସି ପାରିବ ।

'oaob.nitrkl.ac.in' images reprocessed

ଏହିଠାରେ ଏହି ପୃଥିବୀପୃଷ୍ଠରେ, ଏହି ଶରୀର ଭିତରେହିଁ ତୁମକୁ ଏକ ପୂର୍ଣ୍ଣ ଜ୍ଞାନ ହାସଲ କରିବାକୁ ପଡ଼ିବ ଏବଂ ଏକ ପୂର୍ଣ୍ଣ ଏବଂ ଅଖଣ୍ଡ ଶକ୍ତିର ବିନିଯୋଗ କରି ଶିଖିବାକୁ ପଡ଼ିବ । ସେହି କଥାଟିକୁ ସମ୍ଭବ କରିପାରିଲେ ଯାଇ ଯାବତୀୟ ସକଳ ଜଗତରେ ତୁମେ ପୂର୍ଣ୍ଣ ନିରାପତ୍ତା ସହିତ ବିଚରଣ କରିପାରିବ । ଯେତେବେଳେ ଏତେ ଟିକିଏ ପରିମାଣର ଭୟକୁ ନିଜ ଭିତରେ ସ୍ଥାନ ଦେବାକୁ ମଧ୍ୟ ତୁମେ ଅସମର୍ଥ ହୋଇଯିବ, ଉଦାହରଣସ୍ୱରୂପ, ଯେତେବେଳେ ତୁମେ ଖରାପରୁ ଖରାପତମ ଦୁଃସ୍ୱପ୍ନ ମଧ୍ୟରେ ବି ଏକାନ୍ତ ଅବିଚଳିତ ହୋଇ ରହିପାରିବ, କେବଳ ସେତିକିବେଳେ ଯାଇ ତୁମେ "ବର୍ତ୍ତମାନ ମୁଁ ପ୍ରାଣମୟ ଜଗତ ମଧ୍ୟକୁ ଯିବା ଲାଗି ପ୍ରସ୍ତୁତ ହେଲିଣି" ବୋଲି କହିପାରିବ । ମାତ୍ର ଏହାର ଅର୍ଥ ହେଉଛି ଯେ ତୁମେ ଏପରି ଏକ ସାମର୍ଥ୍ୟ ଓ ଏପରି ଏକ ଜ୍ଞାନ ଅର୍ଜନ କରିବ, ଯାହାକି ତୁମେ ପ୍ରାଣମୟ ପ୍ରକୃତିର ଯାବତୀୟ ଆବେଗ ଏବଂ ଯାବତୀୟ ବାସନା ଉପରେ ପରିପୂର୍ଣ୍ଣ ସ୍ୱାମିତ୍ୱ ଅର୍ଜନ କରିସାରିଲେ ଯାଇ ତୁମଠାରେ ସମ୍ଭବ ହୋଇପାରିବ । ତୁମ ଭିତରକୁ ଯାହାକିଛି ଅନ୍ଧକାରର ସତ୍ତାମାନଙ୍କୁ ପ୍ରବିଷ୍ଟ କରାଇ ଆଣୁଥିବ ବା ତୁମ ଉପରେ ଶାସନଜାରି କରି ରଖିବା ଲାଗି ସେମାନଙ୍କୁ ବାଟ ଛାଡ଼ିଦେଉଥିବ, ସେହିଗୁଡ଼ିକର କବଳରୁ ତୁମକୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ରହିବାକୁ ପଡ଼ିବ । ଯଦି ତୁମେ ସେଗୁଡ଼ିକଠାରୁ ମୁକ୍ତ ହୋଇପାରି ନାହଁ, ତେବେ ତୁମକୁ ସର୍ବଦା ସତର୍କ ରହିବାକୁ ପଡ଼ିବ ।

ତେଣୁ, କୌଣସି ଆସକ୍ତି ରହିବ ନାହିଁ, କୌଣସି ବାସନା ବା କୌଣସି ଆବେଗ ରହିବ ନାହିଁ କୌଣସି ପ୍ରକାର ଅରୁଚି ମଧ୍ୟ ରହିବ ନାହିଁ ତୁମ ଭିତରେ ପରିପୂର୍ଣ୍ଣ ସମତା ବିରାଜମାନ କରିବ ଅବିଚଳିତ ଶାନ୍ତି ରାଜତ୍ୱ କରିବ, ପରମ ଦିବ୍ୟସତ୍ତା ହିଁ ତୁମର ରକ୍ଷା କରିବେ ବୋଲି ତୁମ ଭିତରେ ଅଟଳ ବିଶ୍ୱାସ ରହିଥିବ । ତାହାର ଫଳରେହିଁ ତୁମେ ନିରାପଦ ହୋଇ ରହିବ ଏବଂ ସେଗୁଡ଼ିକ ନ ଥିଲେ ତୁମେ ବିପଦ ଭିତରେ ପଡ଼ି ରହିଥିବ । ଏବଂ, ଯେପର୍ଯ୍ୟନ୍ତ ତୁମେ ନିରାପଦ ହୋଇ ନ ରହି ପାରିଛ, ସେତେବେଳ ପର୍ଯ୍ୟନ୍ତ ତୁମକୁ ଠିକ୍ ସାନ ସାନ କୁକୁଡ଼ାଛୁଆଙ୍କ ପରି ଆଚରଣ କରିବାକୁ ହେବ, ଯେଉଁମାନେ କି ଆପଣା ମାଆର ଡେଣାତଳକୁ ଆସି ଆଶ୍ରୟ ଗ୍ରହଣ କରିଥାନ୍ତି ।

ଆମ ଭୌତିକ ଶରୀର ଆମ ଲାଗି କପରି ଏକ ରକ୍ଷାପ୍ରାଚୀର ଭଳି କାର୍ଯ୍ୟ କରିଥାଏ ?

ଆମ ଶରୀର ଏକ ସ୍ଥୂଳ ଉପାଦାନ, ଏହାର ବଳରେହିଁ ତାହା ଆମ ଲାଗି ଏକ ରକ୍ଷାପ୍ରାଚୀର ପରି କାର୍ଯ୍ୟ କରିଥାଏ । ଆମେ ଶରୀର ବିଷୟରେ ସଚରାଚର ଯେଉଁ

'oaob.nitrkl.ac.in' images reprocessed

ଅଭିଯୋଗଟି କରିଆଛୁ, ଠିକ୍ ତାହାର ବଳରେହିଁ ଶରୀର ତାହା କରିବାକୁ ସମର୍ଥ ହୁଏ । ଶରୀର ପଥର ପରି ହୋଇରହିଥାଏ, ନିଶ୍ଚେତ ପରି ପଡ଼ିଥାଏ, ସ୍ଥୂଳ କଠିନ ଏବଂ ବହଳ ହୋଇ ରହିଥାଏ; ସତେଅବା ମୋଟା ବନ୍ଦ କାନ୍ଥ ଥିବା ଏକ ଦୁର୍ଗ ପରି ହୋଇ ରହିଥାଏ । ମାତ୍ର ପ୍ରାଣମୟ ଜଗତ୍ ତରଳ ଅବସ୍ଥାରେ ଥାଏ; ସେହି ଜଗତଟି ମଧ୍ୟରେ ଯାବତୀୟ ବସ୍ତୁ ପରିପୂର୍ଣ୍ଣ ମୁକ୍ତତା ସହିତ ସଞ୍ଚାରିତ ଓ ମିଶ୍ରିତ ହେବାରେ ଲାଗିଥାନ୍ତି ପରସ୍ପର ମଧ୍ୟକୁ ଭେଦିଯିବାରେ ଲାଗିଥାନ୍ତି; ସେଗୁଡ଼ିକ ସତେଅବା କୌଣସି ସମୁଦ୍ରର ତରଙ୍ଗଗୁଡ଼ିକ ପରି ହୋଇ ରହିଥାନ୍ତି, ଯେଉଁମାନେ କି ଅବିଶ୍ରାନ୍ତ ଭାବରେ ପରସ୍ପର ମଧ୍ୟକୁ ପ୍ରବାହିତ ହେବାକୁ ଲାଗିଥାନ୍ତି, ପରିବର୍ତ୍ତିତ ହେବାରେ ଲାଗିଥାନ୍ତି ଏବଂ ପରସ୍ପର ସହିତ ମିଶିଯିବାରେ ଲାଗିଥାନ୍ତି । ଏବଂ, ଏହା ବିରୁଦ୍ଧରେ ଠିଆ କରାଇ ପାରିବା ଲାଗି ତୁମ ପାଖରେ ଭିତରୁ ପ୍ରେରିତ ହୋଇ ଆସିବା ଭଳି ଏକ ଅତ୍ୟନ୍ତ ଶକ୍ତିଶାଳୀ ଆଲୋକ ଏବଂ ସାମର୍ଥ୍ୟ ମହଜୁଦ ନ ଥିଲେ ତୁମେ ପ୍ରାଣମୟ ଜଗତର ତରଳତା ସମ୍ମୁଖରେ ପ୍ରକୃତରେ ଭାରି ଅରକ୍ଷ ଓ ନିଃସହାୟ ହୋଇ ରହିଥିବ । ଏବଂ, ତାହା ତୁମଭିତରେ ଆସି ପ୍ରବେଶ କରିବ ଏବଂ ତାହାର ସେହି ଆକ୍ରମଣକାରୀ ପ୍ରଭାବକୁ ବାଧା ଦେବା ଲାଗି ତୁମଠାରେ ଆଦୌ କିଛିହେଲେ ନ ଥିବ । ମାତ୍ର ସେହି କ୍ଷେତ୍ରରେ ଶରୀର ବାଧା ଦେଇ ପାରିବ, ତୁମକୁ ପ୍ରାଣମୟ ପୃଥିବୀଠାରୁ ଛିନ୍ନକରି ନେଇଆସି ପାରିବ ଏବଂ ତାହାର ଶକ୍ତିରୂପୀ ସେହି ଭୀଷଣ ପ୍ଳାବନ ଆଗରେ ତୁମପକ୍ଷରୁ ଏକ ବନ୍ଧ ପରି ହୋଇ ରହିଥିବ ।

ମାତ୍ର, ପ୍ରାଣିକ ଜଗତଟି ଯଦି ଏପରି ତରଳ ହୋଇଥାଏ, ତେବେ ସେହି ଜଗତର ଆକାରଗୁଡ଼ିକ ମଧ୍ୟରେ ପ୍ରକୃତରେ କୌଣସି ବ୍ୟକ୍ତିଭାବ ରହିଛି କି ?

ହଁ, ବ୍ୟକ୍ତିଭାବ ଅବଶ୍ୟ ରହିଛି; ମାତ୍ର କେବଳ ଏତିକି ମନେ ରଖିବାକୁ ହେବ ଯେ ତାହାର ଆକାରଗୁଡ଼ିକ ଆଦୌ ଏତେଦୂର ସୁନିର୍ଦ୍ଦିଷ୍ଟ ଏବଂ ସୁଦୃଢ଼ ହୋଇପାରି ନାହିଁ, ଯେପରିକି ସେଗୁଡ଼ିକୁ ଶରୀରସମ୍ପନ୍ନ ସତ୍ତାଗୁଡ଼ିକର ଆକାର ବୋଲି କୁହାଯାଇ ପାରିବ । ବ୍ୟକ୍ତିଭାବ ରହିବାର କଦାପି ଅର୍ଥ ନୁହେଁ ଯେ ସେଥିରେ ନମନୀୟତା ନ ଥିବା ଏକ କଠିନତ୍ୱ ବିଦ୍ୟମାନ ରହିଥିବ । ଖଣ୍ଡେ ପଥରର ଏକ କଠିନ ଆକାର ରହିଛି, ସମ୍ଭବତଃ ଆମ ଜାଣିବାରେ ସବୁଠାରୁ ଅଧିକ କଠିନ ଆକାର ରହିଛି, ମାତ୍ର ପଥର ଭିତରେ ଅତ୍ୟନ୍ତ ନଗଣ୍ୟ ପରିମାଣରହିଁ ବ୍ୟକ୍ତିଭାବ ରହିଥିବାର ଦେଖିବାକୁ ମିଳିଥାଏ । ଯଦି ଆମେ ଦଶ ଖଣ୍ଡ ବା କୋଡ଼ିଏ ଖଣ୍ଡ ପଥରକୁ ଏକାଠି ରଖି ପରୀକ୍ଷା କରି ଦେଖିବା, ତେବେ

'oaob.nitrkl.ac.in' images reprocessed

ସେମାନଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ଖୋଜି ବାହାର କରିବାକୁ ବସିଲେ ଆମକୁ ପ୍ରକୃତରେ ଖୁବ ସାବଧାନ ରହିବାକୁ ପଡ଼ିବ । ମାତ୍ର, ପ୍ରାଣିକ ଜଗତରେ ରହିଥିବା ସତ୍ତ୍ୱଗୁଡ଼ିକୁ ଦେଖିବା ମାତ୍ରକେ ହିଁ ସେଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟଟି ଆମ ଆଗରେ ଧରା ପଡ଼ିଯିବ । ସେଗୁଡ଼ିକର ଆକାରମାନ ଯେପରି ତିଆରି ହୋଇଥିବ, ସେଗୁଡ଼ିକ ଆପଣା ସହିତ ଯେଉଁଭଳି ଏକ ବାତାବରଣକୁ ଧାରଣ କରି ରହିଥିବେ, ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ଯେପରି ଭାବରେ କଥା କହୁଥିବେ, ଗତିକରୁଥିବେ ଓ କର୍ମାଚରଣ କରୁଥିବେ, ଆମେ ତାହାକୁ ଭିତ୍ତି କରି ସେଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ନିଶ୍ଚୟ ଜାଣିନେଇ ପାରିବା । ମଣିଷମାନେ ସୁଖ ବା ଦୁଃଖ ଅନୁଭବ କରୁଥିବା ସମୟରେ ଯେପରି ଆପଣାର ଭାବପ୍ରକାଶର କ୍ଷେତ୍ରରେ ଏକ ପରିବର୍ତ୍ତନର ପରିଚୟ ଦେଇଥାନ୍ତି, ଠିକ୍ ସେହିପରି ଆପଣାର ଅନ୍ତର୍ଗତ ନାନା ମିଜାଜର ସଘନତାରେ ପରିବର୍ତ୍ତନ ଅନୁସାରେ ଏହିସବୁ ସତ୍ତ୍ୱ ମଧ୍ୟ ନାନା ପରିବର୍ତ୍ତନ ମଧ୍ୟଦେଇ ଗତି କରୁଥାନ୍ତି; ମାତ୍ର, ପ୍ରାଣିକ ଜଗତରେହିଁ ଏହି ପରିବର୍ତ୍ତନ ଅଧିକ ସଘନ ହୋଇ ରହିଥାଏ । କେବଳ ଅଭିବ୍ୟକ୍ତିରେ ଯେ ପରିବର୍ତ୍ତନ ଘଟୁଥାଏ ତା' ନୁହେଁ ମାତ୍ର ବୈଶିଷ୍ଟ୍ୟ ଲକ୍ଷଣଗୁଡ଼ିକ ମଧ୍ୟ ବଦଳି ବଦଳି ଯିବାରେ ଲାଗିଥାଏ ।

'oaob.nitrkl.ac.in' images reprocessed

୨୯ ମଇ ୧୯୬୯

ଭାବନା ମଧ୍ୟରେ ଯେଉଁ ଶକ୍ତି ନିହିତ ହୋଇ ରହିଛି, ସେହି ଶକ୍ତିର ପ୍ରକୃତ ସ୍ୱଭାବ କ'ଣ ? ମୋତେ କପରି ଓ କେତେଦୂର ପର୍ଯ୍ୟନ୍ତ ମୋ' ନିଜ ସଂସାରଟିର ରଚୟିତା ବୋଲି କୁହାଯାଇ ପାରିବ ?

ବୌଦ୍ଧଧର୍ମର ଶିକ୍ଷା ଅନୁସାରେ ପ୍ରତ୍ୟେକ ମନୁଷ୍ୟ ତା' ନିଜର ଏକ ପୃଥିବୀ ମଧ୍ୟରେ ବଞ୍ଚିଥାଏ ଏବଂ ବିଚରଣ କରୁଥାଏ; ଆଉ ଜଣେ ବ୍ୟକ୍ତି ଯେଉଁ ପୃଥିବୀରେ ବାସ କରୁଥାଏ, ସେହି ପୃଥିବୀଠାରୁ ଏହି ପୃଥିବୀଟି ବେଶ୍ ସ୍ୱତନ୍ତ୍ର ଓ ଭିନ୍ନ ହୋଇ ରହିଥାଏ । ଏହି ଦୁଇ ଭିନ୍ନ ପୃଥିବୀ ମଧ୍ୟରେ କେତେକ ପରିମାଣରେ ଏକ ସମକ୍ଷତା ସମ୍ଭବ ହୋଇପାରିଲେ ଯାଇ ସେହି ଦୁଇଜଣଙ୍କଯାକ ବ୍ୟକ୍ତିଙ୍କ ସଂସାର ମଧ୍ୟରେ ଏକ ପାରସ୍ପରିକ ପ୍ରବେଶ ଘଟିଥାଏ ଏବଂ ସେହି ଦୁଇଜଣ ତାହାର ଫଳରେହିଁ ପରସ୍ପରକୁ ଭେଟି ପାରନ୍ତି ଓ ପରସ୍ପରକୁ ବୁଝି ମଧ୍ୟ ପାରନ୍ତି । ମନର କ୍ଷେତ୍ରରେ ପ୍ରକୃତରେ ଏହାହିଁ ଘଟେ; କାରଣ ପ୍ରତ୍ୟେକ ବ୍ୟକ୍ତି ତା' ନିଜର ଏକ ମାନସିକ ଜଗତ ମଧ୍ୟରେ ବିଚରଣ କରିବାରେ ଲାଗିଥାଏ ଏବଂ ତା'ର ଭାବନା-ଗୁଡ଼ିକହିଁ ସେହି ପୃଥିବୀଟିକୁ ରଚନା କରିଥାନ୍ତି । ଏବଂ, ଏହି କଥାଟି ଏତେ ଅଧିକ ପରିମାଣରେ ସତ ଯେ ସର୍ବଦା ଯେତେବେଳେ କୌଣସି ଏକ ବିଷୟରେ କିଛି କୁହାଯାଏ , ସେତେବେଳେ ପ୍ରତ୍ୟେକ ବ୍ୟକ୍ତି ସେହି କଥାଟିକୁ ଭିନ୍ନ ଭିନ୍ନ ଅର୍ଥରେ ବୁଝନ୍ତି; କାରଣ, ଯାହା କୁହା ଯାଇଥାଏ, ପ୍ରତ୍ୟେକ ବ୍ୟକ୍ତି ଯେ ଠିକ୍ ତାହାରି ଅର୍ଥରେ ସେହି କଥାଟିକୁ ବୁଝେ, ସେକଥା ନୁହେଁ, ମାତ୍ର ସେହି ସନ୍ଦର୍ଭରେ ତା'ର ମୁଣ୍ଡ ଭିତରେ ଆଗରୁ ଯାହାସବୁ ଥିଲା, ସିଏ ସେହିଭଳି କିଛି ବୁଝିଥାଏ । ମାତ୍ର ଏହି ସତ୍ୟଟି ମାନସିକ ଭୂମିର କ୍ଷେତ୍ରରେ ଏକ ସତ୍ୟରୂପେ କାର୍ଯ୍ୟ କରୁଥାଏ ଏବଂ ସେହି ଭୂମିରେହିଁ ତାହାର ଏକ ଯଥାର୍ଥତା ରହିଥାଏ ।

କାରଣ ମନ ହେଉଛି ନିର୍ମ୍ମାଣର ଏକ ସାଧନ, ରଚନାର ସାଧନ; ତାହା କଦାପି ଜ୍ଞାନର ଏକ ସାଧନ ନୁହେଁ । ମନ ପ୍ରତ୍ୟେକ ମୁହୂର୍ତ୍ତରେ କେତେକେତେ ରୂପର ରଚନା କରିବାରେ ଲାଗିଥାଏ । ଭାବନାଗୁଡ଼ିକର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ରୂପ ବା ଆକାର ରହିଥାଏ, ସେଗୁଡ଼ିକର ଏକ ବ୍ୟକ୍ତିଗତ ଜୀବନ ବି ଥାଏ

'oaob.nitrkl.ac.in' images reprocessed

ଏବଂ ତାହା ରଚୟିତା ସହିତ ଅନପେକ୍ଷ ହୋଇ ରହିଥାଏ । ସେହି ଭାବନାଗୁଡ଼ିକ ସେହି ବ୍ୟକ୍ତି ଭିତରୁ ପ୍ରେରିତ ହୋଇ ସଂସାରକୁ ଆସନ୍ତି ସତ, ମାତ୍ର ଅନ୍ତର୍ନିହିତ ସ୍ୱକୀୟ ଉଦ୍ଦେଶ୍ୟର ସାଧନ ଲାଗି ସେମାନେ ସଂସାରରେ ବିଚରଣ କରୁଥାନ୍ତି । ତୁମେ ଯେତେବେଳେ କୌଣସି ବ୍ୟକ୍ତି ବିଷୟରେ ଚିନ୍ତା କର, ସେତେବେଳେ ତୁମର ଭାବନା ଏକ ନିର୍ଦ୍ଦିଷ୍ଟ ରୂପ ଗ୍ରହଣ କରେ ଏବଂ ସେହି ବ୍ୟକ୍ତିଟିକୁ ଖୋଜିବା ଲାଗି ବାହାରିଯାଏ; ଏବଂ ଯଦି ତୁମର ଭାବନାଟି ତା' ପଛରେ ରହିଥିବା କୌଣସି ଇଚ୍ଛା ସହିତ ଗୁନ୍ଥି ହୋଇ ରହିଥାଏ, ତେବେ ତୁମଠାରୁ ବାହାରି ବାହାରକୁ ଯାଇଥିବା ମୂର୍ତ୍ତି ଭାବନାଟି ଆପଣାକୁ ଉପଲବ୍ଧି କରିବା ଲାଗି ଏକ ପ୍ରୟାସ ମଧ୍ୟ କରିଥାଏ । ଉଦାହରଣସ୍ୱରୂପ, ଧରିଯାଉ ଯେ ଜନୈକ ବ୍ୟକ୍ତି ତୁମପାଖକୁ ଆସିବ ବୋଲି ତୁମ ଭିତରେ ଏକ ଉଗ୍ର କାମନାପୂର୍ଣ୍ଣ ଭାବନା ରହିଛି ଏବଂ, ବାସନାର ଏହି ପ୍ରାଣିକ ଆବେଗଟି ସହିତ ତୁମେ ରଚନା କରିଥିବା ମାନସିକ ରୂପଟିକୁ ଏକ କଳ୍ପନା ମଧ୍ୟ ଅନୁସରଣ କରିବାରେ ଲାଗିଛି । ତୁମେ କଳ୍ପନା କରୁଛ : "ସିଏ ଆସିଲେ ପ୍ରକୃତରେ ଏପରି ହେବ ବା ସେପରି ହେବ ।" କିଛି ସମୟ ପରେ ଧାରଣାଟି ତୁମ ଭିତରେ କୁଆଡ଼େ ଉଭେଇଯାଏ ଏବଂ ତୁମେ ଏକଥାଟିକୁ ଅଦୌ ଜାଣିପାର ନାହିଁ ଯେ ସେଇଟିକୁ ତୁମେ ଭୁଲି ଯାଇବା ପରେ ମଧ୍ୟ ତୁମର ଭାବନାଟି ତଥାପି ବଞ୍ଚି ରହିଥାଏ । କାରଣ, ତାହା ସତକୁ ସତ ବଞ୍ଚି ରହିଥାଏ, ତୁମ ଉପରେ କୌଣସି ଅପେକ୍ଷା ନ ରଖି ସକ୍ରିୟ ହୋଇ ରହିଥାଏ ଏବଂ ତାହାକୁ ତା'ର କ୍ରିୟାଶୀଳତାର କ୍ଷେତ୍ରରୁ ଲେଉଟାଇ ଆଣିବା ଲାଗି ପ୍ରକୃତରେ ଏକ ବୃହତ୍ତ ଶକ୍ତିର ଆବଶ୍ୟକତା ରହିଥାଏ । ସମ୍ପୃକ୍ତ ବ୍ୟକ୍ତିଟିର ବାତାବରଣକୁ ସ୍ପର୍ଶ କରି ତାହା ସେଇଟି ଭିତରେହିଁ କାର୍ଯ୍ୟ କରୁଥାଏ ଏବଂ ତାହା ମଧ୍ୟରେ ଆସିବା ବିଷୟରେ ଏକ ବାସନାର ସର୍ଜନା କରି ଦେଖେ । ଏବଂ, ଯଦି ତୁମର ମୂର୍ତ୍ତି ଭାବନାଟି ମଧ୍ୟରେ ଯଥେଷ୍ଟ ପରିମାଣରେ ଏକ ଇଚ୍ଛାଶକ୍ତି ରହିଥାଏ, ଯଦି ଏକ ଆକାରରୂପେ ତାହା ସୁଗଠିତ ହୋଇ ରହିଥାଏ, ତେବେ ତାହା ପ୍ରକୃତରେ ଆପଣାର ଉଦ୍ଦେଶ୍ୟଟିକୁ ଉପଲବ୍ଧି କରେ । ମାତ୍ର ଭାବନାଟିର ସୃଷ୍ଟି ହେବା ଏବଂ ତାହାର ଏହି ଉପଲବ୍ଧି ମଧ୍ୟରେ ସମୟର ଏକ ନିର୍ଦ୍ଦିଷ୍ଟ ବ୍ୟବଧାନ ରହିଥାଏ ଏବଂ ଏହି ଅନ୍ତଃବର୍ତ୍ତୀ ସମୟଟି ମଧ୍ୟରେ ଯଦି ତୁମର ମନ ବେଶ୍ ଅନ୍ୟ ବସ୍ତୁଗୁଡ଼ିକୁ ନେଇ ଆପଣାକୁ ବ୍ୟସ୍ତ କରି ରଖିଥାଏ, ତେବେ ତୁମର ବହୁ ପ୍ରତୀକ୍ଷିତ ଭାବନାଟି ଯେତେବେଳେ ଆପଣାକୁ ପରିପୂର୍ଣ୍ଣ କରେ, ସେତେବେଳେ ତୁମେ ଏକଦା ସେହି ଭାବନାଟିକୁ ନିଜ ଭିତରେ ସ୍ଥାନ ଦେଇଥିଲ ବୋଲି ବି ହୁଏତ ତୁମର ଆଉ ସ୍ମରଣ ହୋଇ ନ ପାରେ । ଭାବନାଟିକୁ ସକ୍ରିୟ କରିବାରେ ତୁମରହିଁ ଯେ ପ୍ରରୋଚନା ରହିଥିଲା ଏବଂ ଯାହାକିଛି ଫଳସ୍ୱରୂପ

'oaob.nitrkl.ac.in' images reprocessed

ଘଟିଲା, ପ୍ରକୃତରେ ତୁମକୁ ଯେ ତାହାର କାରଣ ବୋଲି ବୁଝାଯିବ, ସେକଥା ତୁମେ ହୁଏତ ଜାଣି ବି ପାର ନାହିଁ । ଏବଂ, ଅନେକ ସମୟରେ ଏକଥାଟି ମଧ୍ୟ ଘଟିଥାଏ ଯେ, ଯେତେବେଳେ ପରିଣାମଟି ପ୍ରକୃତରେ ଘଟେ, ସେତେବେଳେ ତୁମର ଆଉ ସେଇଟି ବିଷୟରେ କୌଣସି ବାସନା ନ ଥାଏ ଓ ତୁମେ ସେଇଟିକୁ ନେଇ ଆପଣାକୁ କୌଣସି ପ୍ରକାରେ ସଂପୃକ୍ତ କରି ରଖି ନ ଥାଅ । ଏପରି କେତେକ ଲୋକ ଅଛନ୍ତି, ଯେଉଁମାନଙ୍କ ଭିତରେ କି ଅତ୍ୟନ୍ତ ଶକ୍ତିଶାଳୀ ହୋଇ ଏହି ପ୍ରକାରର ରଚନାତ୍ମକ ସାମର୍ଥ୍ୟ ରହିଥାଏ ଏବଂ ଆପଣାର ରଚନାଗୁଡ଼ିକର ଉପଲବ୍ଧି ସେମାନେ ସର୍ବଦାହିଁ କରିଥାନ୍ତି; ମାତ୍ର ତେଣେ ସେମାନଙ୍କ ମଧ୍ୟରେ ଏକ ସୁଶୃଙ୍ଖଳିତ ମାନସିକ ତଥା ପ୍ରାଣିକ ସତ୍ତା ସମ୍ଭବ ହୋଇ ନ ଥାଏ; ସେମାନେ ବର୍ତ୍ତମାନ ଗୋଟିଏ କଥା ଇଚ୍ଛା କରୁଥାନ୍ତି ତ ପରମୁହୂର୍ତ୍ତରେ ଆଉ ଗୋଟିଏ କଥା ଇଚ୍ଛା କରୁଥାନ୍ତି ଏବଂ ଏହିସବୁ ଭିନ୍ନ ଅଥବା ବିପରୀତ ବିରଚନାଗୁଡ଼ିକ ତଥା ସେଗୁଡ଼ିକର ପରିଣାମ ପରସ୍ପର ସହିତ ନାନା ପ୍ରକାରେ ଆସି ଧକ୍କା ବାଜୁଥାନ୍ତି ଓ ସଂଘାତ ସୃଷ୍ଟି କରୁଥାନ୍ତି । ଏବଂ, ସେମାନେ କିପରି ଓ କାହିଁକି ଯେ ଏତେବେଶୀ ଦ୍ୱନ୍ଦ୍ୱ ଏବଂ ଅସମଞ୍ଜସତା ମଧ୍ୟରେ ଜୀବନଯାପନ କରିବାକୁ ବାଧ୍ୟ ହେଉଛନ୍ତି, ସେହି ବ୍ୟକ୍ତିମାନେ ପୁଣି ସେଥିରେ ବିସ୍ମୟ ବି ପ୍ରକାଶ କରିଥାନ୍ତି । ସେମାନଙ୍କର ନିଜ ଭାବନା ଏବଂ ବାସନାଗୁଡ଼ିକ ଯେ ସେମାନଙ୍କୁ ଭାରି ଅସଙ୍ଗତ ଓ ବିରୋଧମୟ ବୋଲି ପ୍ରତୀତ ହେଉଥିବା ଓ ସେମାନଙ୍କର ଜୀବନକୁ ପ୍ରାୟ ଅସହ୍ୟ କରି ପକାଇଥିବା ଏହିସବୁ ପରିସ୍ଥିତିକୁ ସୃଷ୍ଟି କରିଛନ୍ତି, ସେକଥା ସେମାନେ ଆଦୌ ଉପଲବ୍ଧି କରିପାରନ୍ତି ନାହିଁ ।

ଏହି ଜ୍ଞାନକୁ ଆମେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏକ ଜ୍ଞାନ ବୋଲି କହିବା; ଅବଶ୍ୟ ଏକଥା ସତ ଯେ ଏହାକୁ କିପରି ଯଥାର୍ଥ ଭାବରେ କାମରେ ଲଗାଇବାକୁ ହେବ, ତାହାର ରହସ୍ୟଟି ବିଷୟରେ ମଧ୍ୟ ଆମର ଯଥାର୍ଥ ଜ୍ଞାନ ରହିଥିବ । ଆତ୍ମଶୃଙ୍ଖଳା ଏବଂ ଆତ୍ମପ୍ରଭୁତ୍ୱ ହେଉଛି ଅସଲ କଥା; ଆପଣା ମଧ୍ୟରେ ଯେ ପରମ ସତ୍ୟର ଉତ୍ସ ନିହିତ ହୋଇ ରହିଛି, କେବଳ ଯେଉଁ ଭଗବତ୍-ପରମ-ଇଚ୍ଛାହିଁ ଆମର ପ୍ରତ୍ୟେକ ବିରଚନାକୁ ତାହାର ପରିପୂର୍ଣ୍ଣ ଶକ୍ତି ଏବଂ ସମଗ୍ର ତଥା ସମଞ୍ଜସ ଉପଲବ୍ଧିଟିକୁ ଆଣି ଦେଇପାରିବ, ତାହାର ନିସୃତ ଶାସନଟିର ଉତ୍ସ ମଧ୍ୟ ଯେ ଆମର ଭିତରେ ରହିଛି, ସେହି ସତ୍ୟଟିର ଆବିଷ୍କାର କରିବା ହେଉଛି ଅସଲ କଥା । ଲୋକେ ସାଧାରଣତଃ ନାନା ଭାବନାକୁ ନିଜ ମଧ୍ୟରେ ସ୍ଥାନ ଦେଇଥାନ୍ତି ସତ, ମାତ୍ର ଏହି ବିରଚନାଗୁଡ଼ିକ କିପରି ସକ୍ରିୟ ହୁଅନ୍ତି ଓ କାର୍ଯ୍ୟ କରନ୍ତି, ସେ ବିଷୟରେ ସେମାନେ ଆଦୌ କିଛି ଜାଣି ନ ଥାନ୍ତି । ଏହିପରି ଏକ ନାନା ଦ୍ୱନ୍ଦ୍ୱ ଏବଂ

'oaob.nitrkl.ac.in' images reprocessed

ଅଜ୍ଞାନର ସ୍ଥିତିରେ ନିଷ୍ପନ୍ନ ହୋଇଥିବାରୁ ସେହି ଭାବନାଗୁଡ଼ିକ ପରସ୍ପର ସହିତ ସଂଘାତ ସୃଷ୍ଟି କରୁଥାନ୍ତି ଏବଂ କ୍ଳେଶ, ଶ୍ରମ ଏବଂ କ୍ଳାନ୍ତିର ଏକ ପରିବେଶକୁ ସୃଷ୍ଟି କରି ରଖିଥାନ୍ତି ଏବଂ ତୁମେ ଯେ ଅତ୍ୟନ୍ତ ଆୟାସ ସହକାରେ କେତେକେତେ ପ୍ରତିବନ୍ଧକ ମଧ୍ୟ ଦେଇ ବାଟକାଟି ଆଗକୁ ଯାଉଛ, ତୁମ ଭିତରେ ସେହିପରି ଏକ ଧାରଣା ସୃଷ୍ଟି କରିଥାନ୍ତି । ଅଜ୍ଞାନ ଏବଂ ଅସଙ୍ଗତିର ଏହିସବୁ ପରିସ୍ଥିତି ଏପରି ଦ୍ଵନ୍ଦ୍ଵଜାଲର ଲୀଳା ଲଗାଇ ଦିଅନ୍ତି ଯେଉଁଥିରେ କି ସବୁଠାରୁ ଅଧିକ ଶକ୍ତିଶାଳୀ ଏବଂ ସ୍ଥାୟୀ ରୂପଗୁଡ଼ିକ ଶେଷରେ ଅନ୍ୟଗୁଡ଼ିକ ଉପରେ ବିଜୟ ହାସଲ କରନ୍ତି ।

ମନ ଏବଂ ତାହାର କାର୍ଯ୍ୟ ବିଷୟରେ ଗୋଟିଏ କଥାକୁ ଆମେ ସୁନିଶ୍ଚିତ ବୋଲି କହିବା; ସେହି କଥାଟି ହେଉଛି ଯେ ତୁମେ ନିଜର ଅନ୍ତର୍ଗତ ଆତ୍ମସତ୍ତି ମଧ୍ୟରେ ଯେଉଁଟିକୁ ଆଗରୁ ଜାଣିଥିବ, କେବଳ ସେଇଟିକୁହିଁ ତୁମେ ପ୍ରକୃତରେ ବୁଝିପାରିବ । ତୁମେ ନିଜ ଭିତରେ ଯେଉଁ କଥାଟିକୁ ଗଭୀର ଭାବରେ ଅନୁଭବ କରିସାରିଥାଅ, ଏକ ବହି ପଢିବା ସମୟରେ ସେହି କଥାଟିହିଁ ଆଗ ତୁମ ମନରେ ଆସି ଧକ୍କା ଦିଏ । ଲୋକେ କୌଣସି ଗୋଟିଏ ବହି ଅଥବା ଶିକ୍ଷଣୀୟ ବାଣୀକୁ ବେଳେବେଳେ ଅତ୍ୟନ୍ତ ଅଦ୍ଭୁତ ବୋଲି ଅନୁଭବ କରନ୍ତି, "ମୁଁ ନିଜେ ମଧ୍ୟ ଠିକ୍ ସେହି କଥାଟିକୁ ଅନୁଭବ କରିଛି ଏବଂ ଜାଣିଛି, ମାତ୍ର ଏହି ବହିରେ ଏଇଟିକୁ ଯେପରି ସୁନ୍ଦର ଭାବରେ ପ୍ରକାଶ କରାଯାଇ ପାରିଛି, ମୁଁ କଦାପି ସେପରି ଭଲ ଭାବରେ ତାହାକୁ ପ୍ରକାଶ କରି କହିପାରି ନଥାନ୍ତି ।" ଯେତେବେଳେ ଲୋକେ ଯଥାର୍ଥ ଜ୍ଞାନ ରହିଥିବା କୌଣସି ଗ୍ରନ୍ଥର ପରିଚୟରେ ଆସନ୍ତି, ସେତେବେଳେ ସେମାନେ ପ୍ରତ୍ୟେକେ ତାହାରି ମଧ୍ୟରେ ଆପଣାକୁ ଆବିଷ୍କାର କରିଥାନ୍ତି; ଏବଂ ପ୍ରତ୍ୟେକ ବ୍ୟକ୍ତି ତାହାକୁ ଯେତେଯେତେ ଥର ପଢୁଥାଏ, ସିଏ ତାହାଭିତରେ ଆହୁରି ଏପରି ଅନେକ ଜିନିଷର ଆବିଷ୍କାର କରେ, ଯାହାକି ସର୍ବପ୍ରଥମ ଥର ବହିଟିକୁ ପଢ଼ିବା ସମୟରେ ତା'ଆଗରେ ମୋଟେ ଧରାଦେଇ ନ ଥିଲା । ସିଏ ତାହାକୁ ଯେତିକି ଥର ପଢେ, ତାହା ତା' ସମ୍ମୁଖରେ ଜ୍ଞାନର ଏକ ନୂତନ କ୍ଷେତ୍ରକୁ ଉନ୍ମୋଚିତ କରିଦେଇ ଯାଉଥାଏ, ଯାହାକି ସେପର୍ଯ୍ୟନ୍ତ ତା'ପାଖରେ ପ୍ରତ୍ୟକ୍ଷ ହୋଇପାରି ନ ଥିଲା । ମାତ୍ର ସେପରି ହେଉଛି, କାରଣ ସେହି ଗ୍ରନ୍ଥଟି ତାକୁ ନେଇ ଜ୍ଞାନର ଏପରି ନାନା ସ୍ତରରେ ପହଞ୍ଚାଇ ଦିଏ ଯେଉଁଗୁଡ଼ିକ କି ତା'ର ଅବଚେତନ ମଧ୍ୟରେ ଅଭିବ୍ୟକ୍ତି ଲାଗି ଅପେକ୍ଷା କରି ରହିଥିଲେ । ବର୍ତ୍ତମାନ ସେହି ଅଭିବ୍ୟକ୍ତିଟି ଅନ୍ୟଜଣେ କାହା ଦ୍ଵାରା ସମ୍ଭବ ହୋଇଛି ଏବଂ ସିଏ ନିଜେ ଯେପରି ତାହାକୁ ପ୍ରକାଶ କରିପାରିଥାନ୍ତା, ତାହାଠାରୁ ଅଧିକ ଭଲ ଭାବରେ ତାହା ସମ୍ଭବ ହୋଇଛି । ମାତ୍ର, ଥରେ ସେହି ଅଭିବ୍ୟକ୍ତିର ସମ୍ପର୍କରେ ଆସିବା ମାତ୍ରକେ ସିଏ ସଙ୍ଗେ ସଙ୍ଗେ

'oaob.nitrkl.ac.in' images reprocessed

ତାହାକୁ ଚିହ୍ନିବାକୁ ସମର୍ଥ ହୁଏ ଓ ତାହାକୁହିଁ ସତ୍ୟ ବୋଲି ଅନୁଭବ କରିଥାଏ । ସେଉଁ ଜ୍ଞାନ ବାହାରୁ ତୁମ ପାଖକୁ ଆସିବା ପରି ପ୍ରତୀତ ହୁଏ, ତାହା ତୁମ ଭିତରେ ରହିଥିବା ଜ୍ଞାନକୁ ବାହାରକୁ ନେଇ ଆସିବା ଲାଗି କେବଳ ଏକ ଅବସରହିଁ ସୃଷ୍ଟି କରିଦେଇଥାଏ ।

ଆମେ ଯାହାକିଛି କହୁ, ତାହାର ଅର୍ଥକୁ ଯେ ଅନ୍ୟମାନେ ଠିକ୍ ଭାବରେ ଗ୍ରହଣ କରିପାରନ୍ତି ନାହିଁ, ସେହି ଅଭିଜ୍ଞତାଟି ପ୍ରାୟ ସଚରାଚର ଦେଖିବାକୁ ମିଳିଥାଏ ଏବଂ ଏହା ପଛରେ ମଧ୍ୟ ପ୍ରାୟ ସେହିଭଳି ଏକ କାରଣ ନିହିତ ହୋଇ ରହିଥାଏ । ଆମେ କହିଲାବେଳେ ଗୋଟିଏ ଅତ୍ୟନ୍ତ ସ୍ପଷ୍ଟ କଥା କହିଥାଉ ସତ, ମାତ୍ର ଅନ୍ୟମାନେ ଯେଉଁପରି ଅର୍ଥରେ ତାହାକୁ ବୁଝନ୍ତି, ତାହା ଆମକୁ ପ୍ରକୃତରେ ଅବାକ୍ କରିଦେଇଥାଏ । କଥାଟି ମାଧ୍ୟମରେ ଯେଉଁ ଅର୍ଥଟି ଅଭିପ୍ରେତ ହୋଇଥିଲା ତାହାକୁ ଶୁଣୁଥିବା ପ୍ରତ୍ୟେକ ବ୍ୟକ୍ତି ତା'ଠାରୁ ଏକ ଭିନ୍ନ ଅର୍ଥ ଦେଇ ସେଇଟିକୁ ବୁଝୁଥାଏ ଏବଂ ଅନେକ ସମୟରେ ସିଏ ତା' ଭିତରେ ଏପରି ଏକ ଅର୍ଥ ଆଣି ପୁରାଇ ଦିଏ, ଯାହାକି ପ୍ରକୃତ ଅର୍ଥର ଠିକ୍ ଓଲଟା କଥାଟିକୁହିଁ ପ୍ରକାଶ କରୁଥାଏ । ଯଦି ତୁମେ ଯଥାର୍ଥରେ ବୁଝିବାକୁ ଇଚ୍ଛା କରୁଥାଅ ଓ ଏହିସବୁ ପ୍ରମାଦ ଭିତରେ ପଡ଼ିବାକୁ ଆଦୌ ନ ଚାହୁଁଥାଅ, ତେବେ ତୁମକୁ ଶବ୍ଦଗୁଡ଼ିକର ଧ୍ୱନି ଏବଂ ସଞ୍ଚାରଣାର ପଛକୁ ଯାଇ ପାରିବାକୁ ହେବ ଏବଂ ନୀରବ ହୋଇ ଶୁଣି ପାରିବାକୁ ହେବ । ଯଦି ତୁମେ ନୀରବ ହୋଇ ଶୁଣି ଜାଣିବ, ତେବେ ତୁମେ ଯଥାର୍ଥ କଥାଟିକୁ ଶୁଣିପାରିବ ଏବଂ ତାହାର ଠିକ୍ ଅର୍ଥଟିକୁ ମଧ୍ୟ ବୁଝିପାରିବ । ମାତ୍ର, ଯେପର୍ଯ୍ୟନ୍ତ ତୁମର ମୁଣ୍ଡ ଚାରିପାଖରେ ଆଉ ଗୋଟିଏ କିଛି ବୁଲିବାରେ ଲାଗିଥିବ ଏବଂ ଘରଘର ଶବ୍ଦ କରିବାରେ ଲାଗିଥିବ, ତେବେ ତୁମର ମୁଣ୍ଡଭିତରେ ଯାହାକିଛି ଘୂରିବୁଲୁଛି, ତୁମେ ତାହାକୁହିଁ ବୁଝିବ; ତୁମକୁ ଯେଉଁ କଥାଟି କୁହାଯାଇଛି, ତାହାକୁ ମୋଟେ ବୁଝିପାରିବ ନାହିଁ ।

ଯୋଗମାର୍ଗ ସହିତ ପରିଚିତ ହେଲାବେଳେ ପ୍ରଥମ ସ୍ତରରେ କାହିଁକି କେତେ ପ୍ରକାରର ପ୍ରତିକୂଳ ଅବସ୍ଥା ଆମ ପଛେପଛେ ଗୋଡ଼ାଇବାରେ ଲାଗିଥାନ୍ତି ? କେହି ଜଣେ ଏପରି କହିଛନ୍ତି ଯେ ଯେତେବେଳେ ତୁମେ ଯୋଗ ଲାଗି ନିଜର କବାଟଟିକୁ ଫିଟାଇଦିଅ, ସେତେବେଳେ ତୁମକୁ ଅସୁମାରି ବାଧା ଓ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼େ । ଏକଥା କ'ଣ ସତ ?

'oaob.nitrkl.ac.in' images reprocessed

ଏହି କଥାଟିକୁ କଦାପି ଅବଶ୍ୟମ୍ଭାବୀ ବୋଲି କହିହେବ ନାହିଁ ଏବଂ ସମ୍ପୂର୍ଣ୍ଣ ବ୍ୟକ୍ତି ଉପରେ ମଧ୍ୟ ଅନେକ କିଛି ନିର୍ଭର କରିବ । ଅନେକ ଲୋକଙ୍କର ପ୍ରକୃତିରେ ଯେଉଁସବୁ ଦୁର୍ବଳତା ରହିଥାଏ, ସେହିଗୁଡ଼ିକର ଏକ ପରୀକ୍ଷାରୂପେ ପ୍ରତିକୂଳ ନାନା ଅବସ୍ଥାର ଆଗମନ ଘଟିଥାଏ । ଯୋଗର ମାର୍ଗରେ ଅଗ୍ରସର ହେବା ପୂର୍ବରୁ ଯୋଗର ଯେଉଁ ଭୂମିଟି ତୁମ ଭିତରେ ସୁପ୍ରତିଷ୍ଠିତ ହୋଇ ରହିବା ଏକାନ୍ତ ଆବଶ୍ୟକ, ସେଇଟି ହେଉଛି ସମତା । ତେଣୁ, ସେହି ଦୃଷ୍ଟିକୋଣରୁ ବିଚାର କରିବାକୁ ଗଲେ ଯାବତୀୟ ବାଧାକୁ ପ୍ରକୃତରେ ନାନା ପରୀକ୍ଷା ବୋଲି କୁହାଯାଇପାରିବ ଏବଂ ତୁମକୁ ସେହି ପରୀକ୍ଷାଗୁଡ଼ିକୁ ଅତିକ୍ରମ କରିବାକୁହିଁ ପଡ଼ିବ । ମାତ୍ର, ତୁମର ମାନସିକ ନାନା ରଚନା ତୁମର ଚାରିପାଖରେ ଯେଉଁ ପ୍ରାଚୀରଗୁଡ଼ିକୁ ଗଢ଼ି ଠିଆକରି ରଖିଛନ୍ତି ଏବଂ ପରମ ଆଲୋକ ତଥା ପରମ ସତ୍ୟ ଲାଗି ଉନ୍ମୋଚିତ ହୋଇସିବାରେ ଯେଉଁ ରଚନାଗୁଡ଼ିକ ଅନ୍ତରାୟ ହୋଇ ରହିଛନ୍ତି, ସେଗୁଡ଼ିକୁ ଭାଙ୍ଗି ପକାଇବା ସକାଶେ ମଧ୍ୟ ସେଗୁଡ଼ିକର ଏକ ଆବଶ୍ୟକତା ରହିବ । ତୁମେ ଯେଉଁ ସମଗ୍ର ମାନସିକ ଜଗତଟି ମଧ୍ୟରେ ବାସ କରୁଛ, ତାହା ନାନା ସୀମା ଦ୍ୱାରା ଆବଦ୍ଧ ହୋଇ ରହିଛି; ଏକଥା ସତ ଯେ ତୁମେ ଏହାର ସେହି ସୀମାଗୁଡ଼ିକୁ ଆଦୌ ଜାଣି ନ ଥିବ ବା ସେଗୁଡ଼ିକୁ ଅନୁଭବ ବି କରିପାରୁ ନ ଥିବ । ଏବଂ, ଏହିପରି ଭାବରେ ତୁମର ମନ ଯେଉଁ ଗଡ଼ନାଟି ମଧ୍ୟରେ ଅପଣାକୁ ବନ୍ଦ କରି ରଖିଛି, ତାହାକୁ ଭାଙ୍ଗିଦେଇ ପାରିବା ଲାଗି ନିଶ୍ଚୟ କୌଣସି ଏକ ଶକ୍ତିର ଦରକାର ପଡ଼ିବ, ତେବେ ଯାଇ ତୁମର ମନ ସେହି ବନ୍ଦଶାଳାରୁ ମୁକ୍ତ ହୋଇପାରିବ । ଉଦାହରଣସ୍ୱରୂପ, ତୁମ ମନରେ କେତେକ ବଦ୍ଧ ଧାରଣା ରହିଛି, ଏପରି କେତେକ ଦୃଢବଦ୍ଧ ନିୟମ ଓ ନୀତି ରହିଛି ଯାହାକୁ କି ତୁମେ ଏକାନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ଭାବୁଛ : ଅଧିକାଂଶ କ୍ଷେତ୍ରରେ ଏହା କେତେକ ନୈତିକ ଶୃଙ୍ଖଳା ବା ଆଦର୍ଶ ହୋଇପାରେ, ଯାହାକୁ କି ତୁମେ ଅତ୍ୟନ୍ତ ନିଷ୍ଠାର ସହ ପାଳନ କରୁଛ । ଉଦାହରଣସ୍ୱରୂପ, ଆମେ ଶାସ୍ତ୍ରର "ତୁମର ପିତାମାନଙ୍କୁ ସମ୍ମାନ କର" ବା "ପ୍ରାଣୀହତ୍ୟା କର ନାହିଁ" ପ୍ରଭୃତି ଅନୁଜ୍ଞାଗୁଡ଼ିକର ବିଚାର କରିପାରିବା । ପ୍ରତ୍ୟେକ ବ୍ୟକ୍ତିର କୌଣସି ଗୋଟିଏ ପ୍ରିୟ ବିଚାର ବା ବିଧାନ ରହିଛି, କୌଣସି ଏକ ପ୍ରିୟ ବାକ୍ୟ ବା ବୋଲି ରହିଛି, ଯାହାକୁ କି ସେ ଅନ୍ୟଗୁଡ଼ିକ ଅପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଭାବୁଛି । ପ୍ରତ୍ୟେକ ବ୍ୟକ୍ତି ଭାବୁଛି ଯେ ଅନ୍ୟମାନେ ଏଇଟା ବା ସେଇଟା ପ୍ରଭୃତି ଯେଉଁସବୁ ପୂର୍ବସଂସ୍କାର ଫାନ୍ଦରେ ପଡ଼ିଯାଇ କ୍ଲେଶ ପାଉଛନ୍ତି, ସିଏ ସୁନିଶ୍ଚିତ ଭାବରେ ନିଜେ ସେସବୁରୁ ମୁକ୍ତ ହୋଇ ରହିପାରିଛି ଏବଂ ସେହିସବୁ ପୂର୍ବଗ୍ରାହୀ ଧାରଣାକୁ ସିଏ ବେଶ୍ ସହଜରେ ମିଥ୍ୟା ବୋଲି କହିପାରୁଛି । ମାତ୍ର ସିଏ ନିଜେ ଯେଉଁଟିକୁ

'oaob.nitrkl.ac.in' images reprocessed

ସାର କରି ଧରିଛୁ, ସେଇଟିକୁ ସେ ଆଦୌ ଅନ୍ୟମାନଙ୍କ ପରି ଏକ ପୂର୍ବଗ୍ରହ ନୁହେଁ ବୋଲି କଳ୍ପନା କରିବାରେ ଲାଗିଥାଏ; ସେଇଟିକୁ ସିଏ ସତ୍ୟ ବୋଲି ଦେଖୁଥାଏ, ପ୍ରକୃତ ସତ୍ୟ ବୋଲି ଦେଖୁଥାଏ । ମନରୁ ପ୍ରସୂତ ହୋଇଥିବା ଏକ ବିଧାନକୁ ଅତ୍ୟନ୍ତ ଆସକ୍ତିର ସହିତ ସାବୁଡ଼ି ରହି ତାହା ଆମ ଭିତରେ କେଉଁଠି ନା କେଉଁଠି ଲୁକ୍କାୟିତ ହୋଇ ରହିଥିବା ଏକ ଅନ୍ଧତାରହିଁ ସୂଚନା ଦେବ । ଉଦାହରଣସ୍ୱରୂପ, ଏଠାରେ ଗୋଟିଏ ଅନ୍ଧବିଶ୍ୱାସର କଥା ବିଚାର କରାଯାଉ ଯାହାକି ପୃଥିବୀସାରା ସର୍ବତ୍ର ପ୍ରଚଳିତ ହୋଇ ରହିଥିବାର ଦେଖାଯାଏ, ଏହି ଅନ୍ଧବିଶ୍ୱାସ ବୈରାଗ୍ୟ ଏବଂ ଆଧ୍ୟାତ୍ମିକତାକୁ ଏକା କଥା ବୋଲି ଘୋଷଣା କରିଥାଏ । ଯଦି କୌଣସି ପୁରୁଷ ଅଥବା ନାରୀଙ୍କୁ ତୁମେ ଜଣେ ଆଧ୍ୟାତ୍ମିକ ବ୍ୟକ୍ତି ବୋଲି ବର୍ଣ୍ଣନା କରିବ, ତେବେ ତାହା ଶୁଣି ସାଧାରଣତଃ ଲୋକେ ସଙ୍ଗେ ସଙ୍ଗେ କଳ୍ପନା କରିପକାଇବେ ଯେ ସେହି ବ୍ୟକ୍ତି ନିଶ୍ଚୟ କୌଣସି ଆହାର ଗ୍ରହଣ କରୁ ନ ଥିବେ, କୁଆଡ଼େ ନ ଯାଇ ଗୋଟିଏ ଜାଗାରେ ସ୍ଥିର ହୋଇ ରହିଥିବେ, ଅତ୍ୟନ୍ତ ଦରିଦ୍ର ଅବସ୍ଥାରେ ହୁଏତ ଗୋଟିଏ କୁଟୀରରେ ବାସ କରୁଥିବେ; ସିଏ ନିଶ୍ଚୟ ନିଜର ସବୁକିଛି ସମ୍ପତ୍ତି ଦାନ କରି ଦେଇଥିବେ ଏବଂ ନିଜ ପାଇଁ ଆଉ ଆଦୌ କିଛିହେଲେ ରଖି ନ ଥିବେ । ଶହେରୁ ଅନେଶ୍ୱତ ଜଣ ଲୋକଙ୍କ ମନରେ ସଙ୍ଗେ ସଙ୍ଗେ ଏହିପରି ଏକ ଚିତ୍ର ଆବିର୍ଭୂତ ହୋଇଆସିବ; ତୁମେ ଜଣେ ଆଧ୍ୟାତ୍ମିକ ବ୍ୟକ୍ତିଙ୍କର ପ୍ରସଙ୍ଗ ଉଠାଇବା ମାତ୍ରକେହିଁ ସେମାନଙ୍କ ମନରେ ସେହିଧରି କଳ୍ପନା ଉକୁଟି ଉଠିବ । ଦାରିଦ୍ର୍ୟ ଅବଲମ୍ବନ କରିବା ଏବଂ ଯାହାକିଛି ସୁଖକର ଏବଂ ଆରାମଦାୟକ, ସେହି ସବୁକିଛିରୁ ଆପଣାକୁ ବଞ୍ଚିତ କରିରଖିବା, — ସେମାନେ ଆଧ୍ୟାତ୍ମିକତାର କେବଳ ଏହି ଗୋଟିଏ ପ୍ରମାଣ ରହିଛି ବୋଲି ଭାବୁଥାନ୍ତି । ଏହା ହେଉଛି ପ୍ରକୃତରେ ଏକ ମନଃପ୍ରସୂତ ଧାରଣା, ଏବଂ ବୁଦ୍ଧିସମର୍ଥ ହୋଇ ଆଧ୍ୟାତ୍ମିକ ସତ୍ୟର ଅନୁଧାବନ କରିବା ଲାଗି ଯଥେଷ୍ଟ ପରିମାଣରେ ମୁକ୍ତ ରହିବାକୁ ହେଲେ ଆମକୁ ଏହି ଧାରଣାଟିକୁ ଭାଙ୍ଗି ଫିଙ୍ଗି ଦେବାକୁ ପଡ଼ିବ । କାରଣ ତୁମେମାନେ ଏକ ଆନ୍ତରିକ ଅଭୀପ୍ସା ସହିତ ଆଧ୍ୟାତ୍ମିକ ଜୀବନ ଆଡ଼କୁ ଆକୃଷ୍ଟ ହୋଇ ଆସିଛ ଏବଂ ପରମ ଭଗବତ୍‌-ସତ୍ତାଙ୍କ ସହିତ ସାକ୍ଷାତ୍ ଲାଭ କରି ଆପଣାର ଚେତନାରେ ତଥା ଜୀବନରେ ସେହି ଦିବ୍ୟସତ୍ତାଙ୍କୁହିଁ ଉପଲବ୍ଧି କରିବାକୁ ଇଚ୍ଛା କରୁଛ । ଏବଂ ତା'ପରେ ଏହିପରି ଘଟିଥାଏ ଯେ ତୁମେ ଏପରି ଏକ ସ୍ଥାନରେ ଆସି ପହଞ୍ଚ ଯାହାକୁ କି କଦାପି ଏକ କୁଟୀର ବୋଲି କୁହାଯିବ ନାହିଁ । ଏବଂ ସେଠାରେ ଏପରି ଜଣେ ଦିବ୍ୟ ପୁରୁଷଙ୍କ ସହିତ ତୁମର ଦେଖା ହୁଏ ଯିଏକି ଏକ ଆରାମଦାୟକ ଜୀବନଯାପନ କରୁଥାନ୍ତି, ଅବାଧ ଭାବରେ ଆହାର ଗ୍ରହଣ କରନ୍ତି, ତାଙ୍କର

'oaob.nitrkl.ac.in' images reprocessed

ଚତୁର୍ଦ୍ଦିଗରେ କେତେକେତେ ସୁନ୍ଦର କଳାସଦ୍ରବ୍ୟ ସଜାହୋଇ ରହିଥାଏ । ତାଙ୍କ ନିଜ ପାଖରେ ଯାହା ଅଛି, ତାହାକୁ ସେ ଦରିଦ୍ରମାନଙ୍କୁ ବିତରଣ କରିଦେଉ ନ ଥାନ୍ତି; ଓଲଟି, ଲୋକେ ତାଙ୍କୁ ଆଣି ଯାହାକିଛି ଦିଅନ୍ତି, ସିଏ ସେଗୁଡ଼ିକ ଗ୍ରହଣ କରନ୍ତି, ଉପଭୋଗ ମଧ୍ୟ କରନ୍ତି । ଆପଣାର ମୁଣ୍ଡ ଭିତରେ ଦୃଢ଼ ହୋଇ ରହିଥିବା ନିୟମଟି ଦ୍ୱାରା ଚାଳିତ ହୋଇ ତୁମେ ତତ୍‌କ୍ଷଣାତ୍ ଖୁବ ବିଚଳିତ ହୋଇପଡ଼ ଏବଂ ଏତେ ବଡ଼ ପାଟି କରି କହିବାକୁ ଆରମ୍ଭ କର, "କ'ଣ ହେଲା ? ଏଠାରେ ମୁଁ ଏସବୁ ପୁଣି କାହିଁକି ଦେଖୁଛି ? ମୁଁ ତ ଜଣେ ଆଧ୍ୟାତ୍ମିକ ପୁରୁଷଙ୍କୁ ସାକ୍ଷାତ୍ କରିବି ବୋଲି ଭାବି ଏଠାକୁ ଆସିଥିଲି ।" ତୁମର ଏହି ଭ୍ରମ-ଧାରଣାଟିକୁ ଭାଙ୍ଗି ଦେବାକୁ ହେବ, ଆପଣା ଭିତରୁ ମୂଳପୋଛ କରିଦେବାକୁ ପଡ଼ିବ । ଏହି ଧାରଣାଟି ତୁମ ଭିତରୁ ଥରେ ଅପସରି ଯାଇପାରିଲେ ତୁମେ ଏପରି ଏକ ବସ୍ତୁର ଆବିଷ୍କାର କରିବାକୁ ଆରମ୍ଭ କରିବ, ଯାହାକି ତୁମର ସେହି ସଙ୍କୀର୍ଣ୍ଣ ବୈରାଗ୍ୟର ନିୟମଟି ଅପେକ୍ଷା ଅନେକ ଅଧିକ ବୃହତ୍; ସେତେବେଳେ ଏକ ସମ୍ପୂର୍ଣ୍ଣ ଉନ୍ମୋଚିତତା ତୁମର ସତ୍ତାକୁ ମୁକ୍ତ କରିଦେଇ ଯାଉଥିବ । ସେତେବେଳେ ତୁମର ଯଦି କିଛି ପାଇବା କଥା, ତେବେ ତୁମେ ତାହାକୁ କଦାପି ଅସ୍ୱୀକାର କରିବ ନାହିଁ ଏବଂ ଯଦି ସ୍ୱୀକାର କରିଥିବା ସେହି ଜିନିଷଟିକୁ ତୁମକୁ ଦେଇଦେବାକୁ ପଡ଼େ, ତେବେ ତୁମେ ଠିକ୍ ସେହି ସମାନ ଇଚ୍ଛୁକତା ସହିତ ତାହାକୁ ବି ଦେଇ ଦେଇପାରୁଥିବ । ଦ୍ରବ୍ୟଗୁଡ଼ିକ ତୁମପାଖକୁ ଆସୁଥିବେ ଓ ତୁମେ ସେଗୁଡ଼ିକୁ ଗ୍ରହଣ କରିପାରୁଥିବ; ଦ୍ରବ୍ୟସବୁ ତୁମପାଖରୁ ଚାଲିଯାଉଥିବେ, ଏବଂ ତୁମେ ସେଗୁଡ଼ିକୁ ଅବିଚଳିତ ଭାବରେ ଯିବାକୁ ବି ଦେଇପାରୁଥିବ । ଏବଂ, ଗ୍ରହଣ ଓ ବିସର୍ଜନ ଉଭୟ ସମୟରେହିଁ ତୁମର ମୁଖମଣ୍ଡଳ ଉପରେ ସେହି ସମତାର ଦରସ୍ମିତଟି ଫୁଟିଉଠି ପାରୁଥିବ ।

ଅଥବା, ଆଉଗୋଟିଏ ଉଦାହରଣ ଦେଇ କହିଲେ, ତୁମେ "କଦାପି ହତ୍ୟା କରିବ ନାହିଁ" ଅନୁଜ୍ଞାଟିକୁ ତୁମେ ନିଜ ଜୀବନର ସର୍ବପ୍ରଧାନ ନିୟମ ଓ ବ୍ରତରୂପେ ଗ୍ରହଣ କରିଛ । ତୁମର ମନ ଭିତରେ ନୃଶଂସତା ଏବଂ ହତ୍ୟା ପ୍ରତି ଏକ ଘୃଣାପୂର୍ଣ୍ଣ ଭାବ ରହିଛି । ମାତ୍ର, ଥରେ ନୁହେଁ, ଅନେକ ଥର ପାଇଁ ମଧ୍ୟ ଯଦି ତୁମକୁ ସିଧା ଯାଇ ହତ୍ୟାକାଣ୍ଡର ସମ୍ମୁଖୀନ ହେବାକୁ ପଡ଼େ, ତେବେ ତୁମର ସେଥିରେ ଆଦୌ ବିସ୍ମିତ ହେବା ଉଚିତ ନୁହେଁ । ଏହିପରି ହତ୍ୟାକାଣ୍ଡମାନ ଦେଖି ଦେଖି ତୁମେ କ୍ରମଶଃ ଏହି କଥାଟିକୁ ବୁଝିବାକୁ ଆରମ୍ଭ କରିବ ଯେ, ଯାହାକୁ ତୁମେ ଏକ ଆଦର୍ଶ ବୋଲି ଗ୍ରହଣ କରିଥିଲ, ସେଇଟି କେବଳ ମନର ଏକ ନିୟମ ବ୍ୟତୀତ ପ୍ରକୃତରେ ଆଉ କିଛି ନୁହେଁ, ଏବଂ ଆଧ୍ୟାତ୍ମିକ ସତ୍ୟର ଅନ୍ୱେଷଣ କରୁଥିବା ଜଣେ

'oaob.nitrkl.ac.in' images reprocessed

ସାଧକର କଦାପି କୌଣସି ଏକ ମନୋରଚିତ ନିୟମ ଦ୍ଵାରା ବାନ୍ଧହୋଇ ରହିବା ଉଚିତ ନୁହେଁ, ତା'ର ତା'ପରେ କୌଣସି ଆସକ୍ତ ରହିବା ଉଚିତ ନୁହେଁ । ଏବଂ ଆପଣାର ଏହି ଧାରଣାଟିରୁ ତୁମେ ଥରେ ମୁକ୍ତ ହୋଇ ବାହାର ଆସି ପାରିଲେ, ତୁମେ ଖୁବ୍ ସମ୍ଭବ ଏକଥାଟିକୁ ଆବିଷ୍କାର ବି କରିପାରିବ ଯେ, ଏହିସବୁ ଯେଉଁ ଦୃଶ୍ୟ ତୁମକୁ ଆକ୍ରମଣ କରୁଥିଲା ଏବଂ ସର୍ବଦା ବିଚଳିତ କରି ପକାଉଥିଲା,—ବସ୍ତୁତଃ ତୁମକୁ ବିଚଳିତ କରିବା ସକାଶେହିଁ ସେଗୁଡ଼ିକ ତୁମପାଖକୁ ପ୍ରେରିତ ହୋଇଥିଲା ଏବଂ ଆପଣାର ମାନସିକ ରଚନାଟିରୁ ତୁମେ ଯେପରି ମୁକୁଳି ଆସିପାରିବ, ସେଥି ଲାଗି ଉଦ୍ଦିଷ୍ଟ ହୋଇ ରହିଥିଲା,—ସେଗୁଡ଼ାକ ଏଣିକି ତୁମ ସମ୍ମୁଖରେ ଆଦୌ ଘଟୁ ନାହିଁ, ଏପରି ଗୋଟିଏ ହେଲେ ଘଟଣା ଘଟୁ ନାହିଁ ।

ଯେତେବେଳେ ତୁମେ ଭଗବତ୍-ପରମସତ୍ତାଙ୍କ ପାଖକୁ ଆସୁଛ, ସେତେବେଳେ ତୁମକୁ ମାନସିକ ଯାବତୀୟ ଅବଧାରଣାକୁ ପରିହାର କରିଆସିବାକୁ ପଡ଼ିବ; ମାତ୍ର ପ୍ରକୃତରେ ତାହା ନ କରି ତୁମେ ନିଜର ଅବଧାରଣାଗୁଡ଼ାକୁହିଁ ପରମ ଦିବ୍ୟସତ୍ତାଙ୍କ ଉପରେ ଆଣି ନିକ୍ଷେପ କରିଦେବାରେ ଲାଗୁଛ ଏବଂ ଦିବ୍ୟସତ୍ତା ସେଗୁଡ଼ିକୁ ମାନନ୍ତୁ ବୋଲି ଏକ ପ୍ରତ୍ୟାଶା ବି ରଖିଛ । ଜଣେ ଯୋଗୀ ସର୍ବଦା ନିମଗ୍ନ ରହିଥିବ, ଭଗବାନଙ୍କଠାରୁ ଆଦେଶରୂପେ ଯାହାକିଛି ଆସୁଥିବ, ସେ ତାହାକୁ ମାନିବା ଲାଗି ପ୍ରସ୍ତୁତ ଥିବ; ତା'ଲାଗି କିଛି ଅପରିହାର୍ଯ୍ୟ ହୋଇ ରହିବ ନାହିଁ, କିଛି ଗୋଟାଏ ବୋଝ ବୋଲି ବି ଲାଗିବ ନାହିଁ;—ଏହାହିଁ ଯୋଗୀର ପ୍ରକୃତ ଦୃଷ୍ଟିକୋଣ ହୋଇ ରହିବା ଉଚିତ । ଯେଉଁମାନେ ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ଲାଗି ଇଚ୍ଛା କରୁଥାନ୍ତି, ଆପଣାର ପ୍ରାୟ ସର୍ବପ୍ରଥମ ଅନ୍ତଃପ୍ରବେଗ ରୂପେ ସେମାନେ ଅନେକ ସମୟରେ ଆପଣା ପାଖରେ ରହିଥିବା ସବୁକିଛିକୁ କାଢ଼ି ଫୋପାଡ଼ି ଦେବା ଲାଗି ଏକ ଇଚ୍ଛା ଅନୁଭବ କରନ୍ତି । ସେମାନେ ଏପରି ଇଚ୍ଛା କରନ୍ତି, କାରଣ ସେମାନେ ଏକ ବୋଝରୁ ମୁକ୍ତ ହେବାକୁ ଚାହୁଁଥାନ୍ତି; ଆପଣାକୁ ଦିବ୍ୟ ପରମସତ୍ତାଙ୍କ ପାଖରେ ସମର୍ପଣ କରିଦେବା ଲାଗି ଯେ ସେମାନେ ତାହା ଚାହୁଁଥାନ୍ତି, ସେକଥା ମୋଟେ ନୁହେଁ । ଯେଉଁ ବ୍ୟକ୍ତିମାନଙ୍କ ପାଖରେ ଧନ ଥାଏ, ଏବଂ ସେମାନଙ୍କୁ ବିଳାସ ଏବଂ ଭୋଗ ଆଣି ଦେଉଥିବା ନାନା ଦ୍ରବ୍ୟ ଦ୍ଵାରା ଯେଉଁମାନେ ପରିବେଷ୍ଟିତ ହୋଇ ରହିଥାନ୍ତି, ସେମାନେ ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ମନ କଲାମାତ୍ରକେ ସର୍ବପ୍ରଥମେ ଏହିସବୁ ଦ୍ରବ୍ୟକୁ ପରିତ୍ୟାଗ କରି ପଳାଇଯିବାକୁ ଆକୁଳ ହୋଇପଡ଼ନ୍ତି,—ବା, ସେମାନେ ଯେପରି କହିଥାନ୍ତି, ସେମାନେ "ଦ୍ରବ୍ୟର ବନ୍ଧନ ଭିତରୁ ପଳାଇ ଆସିବାକୁ" ବ୍ୟାକୁଳ ହୁଅନ୍ତି । ମାତ୍ର ଏହି କାର୍ଯ୍ୟ ଏକ ଅନୁଚିତ କାର୍ଯ୍ୟ; ତୁମର ଆଦୌ ଭାବିବା ଉଚିତ ନୁହେଁ ଯେ ତୁମ ପାଖରେ ଯେଉଁସବୁ ବସ୍ତୁ

'oaob.nitrkl.ac.in' images reprocessed

ରହିଛି, ସେଗୁଡ଼ିକ ହେଉଛି ପ୍ରକୃତରେ ତୁମର,—ସେସବୁ ସେହି ପରମ ଭଗବତ୍-ସତ୍ତାଙ୍କରହିଁ ସମ୍ପତ୍ତି । ଯଦି ତୁମେ କୌଣସି ସମ୍ପଦର ଭୋଗ କର ବୋଲି ସିଏ ଇଚ୍ଛା କରୁଥାନ୍ତି, ତେବେ ତୁମେ ତାହାକୁ ନିଶ୍ଚୟ ଭୋଗ କରିବ; ମାତ୍ର ତା'ର ପରମୁହୂର୍ତ୍ତରେ ସେଗୁଡ଼ିକୁ ସହାସ୍ୟ ବଦନରେ ବିସର୍ଜିପାରିବା ପାଇଁ ମଧ୍ୟ ପ୍ରସ୍ତୁତ ହୋଇ ରହିଥାଅ ।

ଶାରୀରିକ ରୋଗ କହିଲେ ପ୍ରକୃତରେ କେଉଁସବୁକୁ ବୁଝାଇବ ? ବାହାରୁ ପ୍ରତିକୂଳ ଶକ୍ତିମାନଙ୍କର ଆକ୍ରମଣ ଦ୍ୱାରା କ'ଣ ଏଗୁଡ଼ିକ ଜାତ ହୋଇଥାଏ ?

ଏହି ବିଷୟରେ ଆମକୁ ଦୁଇଟି କଥାର ବିଚାର କରିବାକୁ ପଡ଼ିବ । ଗୋଟିଏ ପାଖରେ ଏପରି କେତେକ ବସ୍ତୁ ରହିଛି, ଯାହା ବାହାରୁ ତୁମ ଭିତରକୁ ଆସେ; ଏବଂ ଅନ୍ତରେ ବି କେତେକ ବସ୍ତୁ ରହିଛି, ଯାହାକି ତୁମର ଅନ୍ତର୍ଗତ ପରିବେଶରୁ ଜନ୍ମଲାଭ କରିଥାଏ । ସେହି ଅନ୍ତର୍ଗତ ପରିବେଶରେ ଯେତେବେଳେ ଏକ ପ୍ରତିରୋଧ କିଂବା ବିଦ୍ରୋହ ଦେଖାଦିଏ ବା ତୁମ ଭିତରର କୌଣସି ଏକ ଅଂଶ ତୁମର ସୁରକ୍ଷା ଉଦ୍ଦେଶ୍ୟରେ ଅନୁସ୍ପନ୍ଦନ ନ ଜଣାଏ, ସେତିକବେଳେ ତୁମର ଅନ୍ତର୍ଗତ ପରିବେଶ ରୋଗର କାରଣ ହୋଇଥାଏ । ଅଥବା ତୁମର ସେହି କ୍ଷେତ୍ରରେ ଏପରି କିଛି ଉପାଦାନ ବି ଅବସ୍ଥାନ କରୁଥାଇପାରେ, ଯାହାକି ସ୍ୱେଚ୍ଛାରେ ସ୍ୱତଃପ୍ରବୃତ୍ତ ହୋଇ ବି ପ୍ରତିକୂଳ ଶକ୍ତିମାନଙ୍କୁ ତୁମ ଭିତରକୁ ଡାକି ନେଇ ଆସିପାରେ । ତୁମଭିତରେ ଏହି ଦିଗରେ ଏତେ ଟିକିଏ ସକ୍ରିୟ ପ୍ରବଣତା ରହିଥିଲେ ବି ତାହା ଯଥେଷ୍ଟ ହେବ; ପ୍ରତିକୂଳଶକ୍ତିମାନେ ତତ୍କ୍ଷଣାତ୍ ଆସି ତୁମ ଉପରେ ଆକ୍ରମଣ ଆରମ୍ଭ କରିଦେବେ ଏବଂ ସେହି ଆକ୍ରମଣ ଅନେକ ସମୟରେ ଏକ ଅସୁସ୍ଥତାର ରୂପହିଁ ଗ୍ରହଣ କରିବ ।

ମାତଃ, କେତେବେଳେ ଯୋଗଚରଣାର ଏକ ଅଂଶରୂପେ ନୁହେଁ, ମାତ୍ର ରୋଗବାହୀ ଅଣୁମାନଙ୍କ ଦ୍ୱାରା ଆମକୁ ଅସୁସ୍ଥତା ଭୋଗ କରିବାକୁ ପଡ଼େ ନାହିଁ କି?

ତୁମେ କହିଲ, ଯୋଗର ଆରମ୍ଭ କେଉଁଠି, ଯୋଗର ଶେଷ ବି କେଉଁଠି ? ତୁମର ସମସ୍ତ ଜୀବନକୁ ଯୋଗ ବୋଲି କୁହାଯିବ ନାହିଁ କି ? ତୁମର ଦେହଭିତରେ ଏବଂ ଦେହର ଚତୁର୍ଦ୍ଦିଗରେ ଅସୁସ୍ଥ ହେବାର ସମ୍ଭାବନା ନିଶ୍ଚୟ ଅନୁକ୍ଷଣ ରହିଛି; ପ୍ରତ୍ୟେକ ରୋଗର କୀଟାଣୁ ଓ ଜୀବାଣୁକୁ ତୁମେ ଅପଣା ଭିତରେ

'oaob.nitrkl.ac.in' images reprocessed

ବର୍ଦ୍ଧନ କରୁଛ ଅଥବା ସେମାନେ ତୁମର ଚତୁର୍ଦ୍ଦିଗରେ ଭଅଁ ଭଅଁ ହୋଇ ବୁଲୁଛନ୍ତି । ମାତ୍ର, ଏପରି କିପରି ହୁଏ ଯେ ଯେଉଁ ରୋଗଟି ତୁମକୁ ବର୍ଷ ବର୍ଷ ଧରି ହୋଇ ନ ଥିଲା, ହଠାତ୍ ତୁମେ ସେହି ରୋଗର ବଶବର୍ତ୍ତୀ ହୋଇ ଅସୁସ୍ଥ ହୋଇପଡ଼ ? ତୁମେ ଏହାକୁ "ପ୍ରାଣଶକ୍ତିର ଏକ ଅବନମନ" ବୋଲି ହୁଏତ କହିବାକୁ ଚାହାଁବ, ମାତ୍ର ଏହି ଅବନମନ ମଧ୍ୟ କେଉଁଠାରୁ ଆସେ ? ତୁମ ସତ୍ତା ଭିତରେ ରହିଥିବା କୌଣସି ଅସମଞ୍ଜସତାରୁହିଁ ତାହା ଆସେ ; ଦିବ୍ୟ ଶକ୍ତିଗୁଡ଼ିକ ଲାଗି ତୁମର ଗ୍ରହଣଶୀଳତାର ଅଭାବରୁହିଁ ତାହା ଆସିଥାଏ । ତୁମକୁ ପ୍ରାଣଦେଇ ରଖିଥିବା ଶକ୍ତି ଏବଂ ଆଲୋକଠାରୁ ଯେତେବେଳେ ତୁମେ ଆପଣାକୁ ବିଚ୍ଛିନ୍ନ କରିପକାଅ, ଠିକ ସେତିକବେଳେହିଁ ଅବନମନ ଘଟେ ; ଚିକିତ୍ସାବିଜ୍ଞାନ ଯାହାକୁ ଏକ "ଅନୁକୂଳ କ୍ଷେତ୍ର" ବୋଲି କହେ, ଏପରି ଅବସ୍ଥାରେ ସେହିପରି ଏକ କ୍ଷେତ୍ରର ସୃଷ୍ଟି ହୁଏ ଏବଂ କୌଣସି ଏକ ବସ୍ତୁ ତାହାର ଫାଇଦା ନେବାକୁ ମଧ୍ୟ ଆସି ପହଞ୍ଚିଯାଏ । ସଂଶୟ, ତମସାଚ୍ଛନ୍ନତା, ବିଶ୍ୱାସର ଅଭାବ, ସ୍ୱାର୍ଥପର ଭାବରେ କେବଳ ଆପଣାକୁ ନେଇ ଜଡ଼ିତହୋଇ ରହିବା, ଏହିଗୁଡ଼ିକହିଁ ତୁମକୁ ଆଲୋକ ଏବଂ ଦିବ୍ୟ ଶକ୍ତିଭଣ୍ଡାରଠାରୁ ବିଚ୍ଛିନ୍ନକରି ରଖେ ଏବଂ ଏହି ଆକ୍ରମଣ ଲାଗି ଅନୁକୂଳ ପରିସ୍ଥିତିକୁ ଆଣି ଯୋଗାଇଦିଏ । ତୁମେ ଏହି କାରଣରୁହିଁ ଅସୁସ୍ଥ ହୋଇପଡ଼, ଜୀବାଣୁମାନେ ପ୍ରକୃତରେ ତାହାର କାରଣ ନୁହନ୍ତି ।

ଅଧିକ ଉନ୍ନତ ସ୍ୱାସ୍ଥ୍ୟକର ବାତାବରଣ ସୃଷ୍ଟି କରି ସାଧାରଣ ନାଗରିକର ସ୍ୱାସ୍ଥ୍ୟରେ ଯେ ଉନ୍ନତିବିଧାନ କରାଯାଇ ପାରିବ, ଏକଥା କ'ଣ ପ୍ରମାଣ ଦ୍ୱାରା ସିଦ୍ଧ ହୋଇ ନାହିଁ କି ?

ସାଧାରଣ ଜୀବନରେ ଔଷଧ ଏବଂ ସ୍ୱାସ୍ଥ୍ୟକର ବାତାବରଣ ନିଶ୍ଚୟ ଅପରିହାର୍ଯ୍ୟ, ମାତ୍ର ମୁଁ ବର୍ତ୍ତମାନ ସାଧାରଣ ନାଗରିକମାନଙ୍କର କଥା ମୋଟେ କହୁନାହିଁ; ଯେଉଁମାନେ ଯୋଗାଭ୍ୟାସ କରୁଛନ୍ତି, ମୁଁ ସେହିମାନଙ୍କର କଥା କହୁଛି । ସ୍ୱାସ୍ଥ୍ୟରକ୍ଷାରେ ତଥାପି ଏହି ଅସୁବିଧାଟି ରହିଛି ଯେ ଏହାଦ୍ୱାରା ତୁମେ କୌଣସି ଅସୁସ୍ଥତାର କବଳରେ ପଡ଼ିବାର ସମ୍ଭାବନାକୁ ହ୍ରାସ କରିଦେଇପାର ସତ, ମାତ୍ର ତଦ୍ୱାରା ତୁମେ ଆପଣା ପ୍ରତିରୋଧର ସ୍ୱାଭାବିକ ଶକ୍ତିଟିକୁ ମଧ୍ୟ ହ୍ରାସ କରିଦେଇଥାଅ । ଯେଉଁମାନେ ଡାକ୍ତରଖାନାମାନଙ୍କରେ ରୋଗୀମାନଙ୍କର ପରିଚର୍ଯ୍ୟା କରନ୍ତି, ରୋଗାଣୁନାଶକ ନାନା ଦ୍ରବ୍ୟ ଦ୍ୱାରା ଯେଉଁମାନେ ସର୍ବଦା ଧୂଆଧୋଇ କରନ୍ତି, ସେହିମାନଙ୍କର ହାତଗୁଡ଼ାକହିଁ ଅପେକ୍ଷାକୃତ ଅଧିକ ସହଜରେ ଜୀବାଣୁମାନଙ୍କ ଦ୍ୱାରା

'oaob.nitrkl.ac.in' images reprocessed

ସଂକ୍ରାମିତ ହୋଇଯାଇଥାଏ ଏବଂ ଅନ୍ୟମାନଙ୍କର ହାତ ତୁଳନାରେ ତାହା ସଂକ୍ରମଣ ଲାଗି ଅଧିକ ପରିମାଣରେ ଉନ୍ମୁକ୍ତ ହୋଇ ରହିଥାଏ । ଅନ୍ୟପକ୍ଷରେ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର ସ୍ୱାସ୍ଥ୍ୟରକ୍ଷାର ଆଦୌ କୌଣସି ଜ୍ଞାନ ନ ଥାଏ ଏବଂ ଯେଉଁମାନେ ହୁଏତ ଯାବତୀୟ ଅସ୍ୱାସ୍ଥ୍ୟକର କାର୍ଯ୍ୟ କରୁଥାନ୍ତି; ମାତ୍ର ସେମାନେ ନିରାପଦ ଥାଆନ୍ତି । ସେମାନଙ୍କର ଅଜ୍ଞାନତାହିଁ ଏହି କ୍ଷେତ୍ରରେ ସହାୟକ ହୋଇ କାର୍ଯ୍ୟ କରେ, କାରଣ ତାହା ସେମାନଙ୍କୁ ଚିକିତ୍ସା-ଶାସ୍ତ୍ରରୁ ଆଗତ ଇଙ୍ଗିତଗୁଡ଼ିକରୁ ଦୂରବର୍ତ୍ତୀ କରି ରଖିଥାଏ । ଅନ୍ୟପକ୍ଷରେ, ତୁମେ ଯେଉଁମାନେ ସ୍ୱାସ୍ଥ୍ୟରକ୍ଷାର ସତର୍କତାମୂଳକ ନିୟମଗୁଡ଼ିକରେ ବିଶ୍ୱାସ କର, ତୁମେସବୁ ସେହି ଇଙ୍ଗିତଗୁଡ଼ିକୁ ତୁମ ଭିତରେ ସନ୍ନିବିଷ୍ଟ ହେବାରେହିଁ ସହାୟତା କରିଥାଅ । କାରଣ, ତୁମେମାନେ "ବର୍ତ୍ତମାନ ମୁଁ ଜୀବାଣୁନାଶକର ବ୍ୟବହାର କଲି ଓ ତେଣୁ ରୋଗରୁ ନିରାପଦ ହୋଇ ରହିଲି" ବୋଲି ଭାବିବାରେ ଲାଗିଥାଅ ଏବଂ ଠିକ୍ ସେତିକି ଦୂର ପର୍ଯ୍ୟନ୍ତହିଁ ତୁମେମାନେ ନିରାପଦ ହୋଇ ରହିଥାଅ ।

ତେବେ କେବଳ ଫିଲ୍ଟର୍ ପାଣି ପିଇବା ପ୍ରଭୃତି ସ୍ୱାସ୍ଥ୍ୟରକ୍ଷାମୂଳକ ନିୟମ ପାଳନ କରିବା ପଛରେ ଆଉ କ'ଣ କାରଣ ରହିଲା ?

ସେହି ଇଙ୍ଗିତଗୁଡ଼ିକ ତୁମକୁ କଦାପି ଆକ୍ରାନ୍ତ କରିବ ନାହିଁ, ତୁମ ଭିତରୁ କେହି ସେହିପରି ଯଥେଷ୍ଟ ଶୁଦ୍ଧ ଓ ଯଥେଷ୍ଟ ବଳଯୁକ୍ତ ହୋଇ ପାରିଛି କି ? ଯଦି ଛଣା ନ ହୋଇଥିବା ପାଣି ପିଇବା ବେଳେ ତୁମେ "ବର୍ତ୍ତମାନ ମୁଁ ଦୂଷିତ ଜଳ ପାନ କରୁଛି" ବୋଲି ଭାବୁଥିବ, ତେବେ ଅସୁସ୍ଥ ହୋଇ ପଡ଼ିବା ଲାଗି ତୁମର ପ୍ରାୟ ପ୍ରତ୍ୟେକ ସମ୍ଭାବନା ରହିଥିବ । ଏବଂ, ସେହିସବୁ ଇଙ୍ଗିତ ହୁଏତ ତୁମର ସଚେତନ ମନଟି ଦେଇ ତୁମ ଭିତରେ ପ୍ରବେଶ କରୁ ନ ଥିଲେ ମଧ୍ୟ ତୁମର ସମଗ୍ର ଅବଚେତନଟି ସେହି କ୍ଷେତ୍ରରେ ଉନ୍ମୁକ୍ତ ହୋଇ ରହିଥିବ, ପ୍ରାୟ ଯେକୌଣସି ଇଙ୍ଗିତ ଦ୍ୱାରା ଆକ୍ରାନ୍ତ ହୋଇପଡ଼ିବା ଲାଗି ତାହା ବଡ଼ ଅସହାୟ ଭାବରେ ଉନ୍ମୁକ୍ତ ହୋଇ ରହିଥିବ । ଜୀବନରେ ଏହି ଅବଚେତନହିଁ ଅଧିକ ସକ୍ରିୟ ପ୍ରଭାବ ସହିତ କାର୍ଯ୍ୟ କରିଥାଏ ଏବଂ ତାହା ସଚେତନ ଭାବଗୁଡ଼ିକ ତୁଳନାରେ ଶହେଗୁଣ ଅଧିକ ଶକ୍ତିଶାଳୀ ଭାବରେ କାର୍ଯ୍ୟ କରେ । ସାଧାରଣ ଅବସ୍ଥାରେ ମଣିଷ ନାନା ଆଶଙ୍କା ଏବଂ ଭୟ ଦ୍ୱାରା ପୂର୍ଣ୍ଣ ହୋଇ ରହିଥାଏ ; ଯଦି ତୁମେ ଦଶମିନଟ୍ ପର୍ଯ୍ୟନ୍ତ ନିଜର ମନକୁ ଗଭୀର ଭାବରେ କେବେ ଅବଲୋକନ କରିବ, ତେବେ ନିଶ୍ଚୟ ଦେଖିବାକୁ ପାଇବ ଯେ ତାହାର

'oaob.nitrkl.ac.in' images reprocessed

ଦଶଭାଗରୁ ନଅ ଭାଗ କେବଳ ଭୟରେହିଁ ପୂର୍ଣ୍ଣ ହୋଇ ରହିଛି,—ତାହା ଭିତରେ କେତେ କ'ଣ ବସ୍ତୁ ଲଗି ରହିଥିବା ଏକ ଭୟ ପୂର୍ଣ୍ଣହୋଇ ରହିଛି । ସାନ ଓ ବଡ଼, ଦୂର ଓ ନିକଟ, ଦୃଶ୍ୟ ଓ ଅଦୃଶ୍ୟ କେତେ କେତେ ବସ୍ତୁ ପ୍ରତି ରହିଥିବା ନାନା ଭୟ ପୂର୍ଣ୍ଣହୋଇ ରହିଛି । ଏବଂ ତୁମେ ସାଧାରଣତଃ ଏହି କଥାଟିକୁ ଆଦୌ ସଚେତନ ଭାବରେ ଲକ୍ଷ୍ୟ କରୁ ନ ଥିଲେ ମଧ୍ୟ ତାହା ସେହିପରି ହୋଇ ସବୁବେଳେହିଁ ରହିଛି । କେବଳ ଅବିଚଳ ପ୍ରୟାସ ଏବଂ ଶୃଙ୍ଖଳା ଦ୍ୱାରାହିଁ ପୂର୍ଣ୍ଣ ଭୟମୁକ୍ତି ସମ୍ଭବ ହୋଇପାରିବ ।

ଏବଂ, ଶୃଙ୍ଖଳା ତଥା ପ୍ରୟାସ ଦ୍ୱାରା ତୁମେ ଆପଣାର ମନ ଓ ପ୍ରାଣମୟ ସତ୍ତାଟିକୁ ଶଙ୍କା ଏବଂ ଭୟରୁ ମୁକ୍ତ କରିପାରିଲେ ମଧ୍ୟ, ଏହି ବିଷୟରେ ଶରୀରର ହୃଦ୍‌ବୋଧ କରାଇବା ଆହୁରି ଅଧିକ କଷ୍ଟସାଧ୍ୟ ହୋଇ ରହିଥିବ, ମାତ୍ର ସେହି କାର୍ଯ୍ୟଟିକୁ ମଧ୍ୟ ଅବଶ୍ୟ କରିବାକୁ ପଡ଼ିବ । ଯୋଗର ମାର୍ଗରେ ଥରେ ପ୍ରବେଶ କରିବା ପରେ ତୁମକୁ ଯାବତୀୟ ଭୟର କବଳରୁ ନିଷ୍କୃତି ଲାଭ କରିବାକୁ ପଡ଼ିବ,—ଆପଣା ମନରେ ରହିଥିବା ଭୟ, ପ୍ରାଣିକ ସ୍ତରରେ ରହିଥିବା ଭୟ ଏବଂ ତୁମ ଶରୀରରେ ରହିଥିବା ଯାବତୀୟ ଭୟରୁ ମୁକ୍ତ ହେବାକୁ ପଡ଼ିବ । ଶରୀରର ପ୍ରତ୍ୟେକ କୋଷରେହିଁ ସେହି ଭୟ ଘର କରି ରହିଥାଏ । ଯୋଗସାଧନାର ମାର୍ଗରେ ତୁମକୁ ଯେଉଁସବୁ ମାଡ଼ ଏବଂ ଆଘାତ ସହ୍ୟ କରିବାକୁ ହୋଇଥାଏ, ତଜ୍ଜନିତ ଗୋଟିଏ ଲାଭସ୍ୱରୂପ ତୁମେ ଭୟମୁକ୍ତ ହେବାକୁ ଶିକ୍ଷା କରିଥାଅ । ଭୟର କାରଣଗୁଡ଼ିକ ବାରବାର ତୁମ ଉପରକୁ ଲମ୍ଫପ୍ରଦାନ କରିବାରେ ଲାଗିଥାନ୍ତି, ଏବଂ ଏହିପରି ଭାବରେ ଶେଷରେ ତୁମକୁ ଦିନେ ସେଗୁଡ଼ିକର ସମ୍ମୁଖରେ ମୁକ୍ତ ଏବଂ ଅବିଚଳିତ, ଅନାହତ ଏବଂ ଶୁଦ୍ଧ ହୋଇ ଠିଆ ହେବାକୁ ହୁଏ । କାହାର ସମୁଦ୍ରକୁ ଭୟ ଥାଏ, କାହାର ନିଆଁକୁ ଭୟ ଥାଏ । ଏବଂ, ଏକଥା ହୁଏତ ଘଟିପାରେ ଯେ, ନିଆଁକୁ ଭୟ କରୁଥିବା ବ୍ୟକ୍ତିକୁ ବାରବାର ଅଗ୍ନିଦାହ-ଦୃଶ୍ୟର ସମ୍ମୁଖୀନ ହେବାକୁ ପଡ଼େ, ଏବଂ ଶେଷରେ ସେ ଏପରି ଭାବରେ ମୁକ୍ତ ହୋଇଯାଏ, ଯେତେବେଳେ କି ନିଆଁ ଦେଖିଲେ ମଧ୍ୟ ତା' ଶରୀରର ଗୋଟିଏ ମାତ୍ର କୋଷ ଆଦୌ ଭୟରେ କମ୍ପି ଉଠେ ନାହିଁ । ତୁମେ ଯେଉଁ ବସ୍ତୁଟିକୁ ଭୟ କରୁଛ, ଭୟଟି ଅପସରି ନ ଗଲା ପର୍ଯ୍ୟନ୍ତ ତୁମକୁ ବାରବାର ସେହି ବସ୍ତୁଟିର ସମ୍ମୁଖୀନ ହେବାକୁ ପଡ଼େ । ଯେଉଁ ବ୍ୟକ୍ତି ଆପଣାର ରୂପାନ୍ତର ଲୋଡ଼ୁଛି ଏବଂ ଯୋଗ ମାର୍ଗର ପଥିକ ହୋଇ ବାହାରିଛି, ତାକୁ ପରିପୂର୍ଣ୍ଣ ଭାବରେ ଭୟଶୂନ୍ୟ ହେବାକୁ ପଡ଼ିବ ; ଆପଣାର ସ୍ୱଭାବ ଭିତରେ କୌଣସିଠାରେ ମଧ୍ୟ ସେ ଆଦୌ କୌଣସି ବସ୍ତୁ ଦ୍ୱାରା ବିଚଳିତ ବା ସନ୍ତ୍ରସ୍ତ ହୋଇପଡ଼ୁ ନ ଥିବ ।

'oaob.nitrkl.ac.in' images reprocessed

୨୭ ମଇ ୧୯୨୯

ଯଦି ଆମର ଇଚ୍ଛା କେବଳ ବିଶ୍ୱ-ଇଚ୍ଛାରହିଁ କେବଳ ଏକ ଅଭିବ୍ୟକ୍ତି ବା ପ୍ରତିଧ୍ୱନି ମାତ୍ର ହୋଇଥାଏ, ତେବେ ସେହି କ୍ଷେତ୍ରରେ ଆଉ ବ୍ୟକ୍ତିର ଉଦ୍ୟମ ବୋଲି କ'ଣ ରହିଲା ? ବିଶ୍ୱଗତ ଗତିସ୍ପନ୍ଦନଗୁଡ଼ିକୁ କେବଳ ଲିପିବଦ୍ଧ କରି ରଖିବାକୁ ବ୍ୟକ୍ତି କ'ଣ ଖାଲି ଗୋଟାଏ ଯନ୍ତ୍ର ହୋଇ ରହିଛି କି ? ତା'ର କ'ଣ ସୃଜନ ଏବଂ ଉଦ୍ଭାବନର ଆଦୌ କୌଣସି ସାମର୍ଥ୍ୟ ନାହିଁ ?

କେଉଁ ଚେତନାଭୂମିରେ ରହି ତୁମେ ବସ୍ତୁଗୁଡ଼ିକୁ ଅବଲୋକନ କରୁଛ ଓ ସେଗୁଡ଼ିକ ବିଷୟରେ କହୁଛ, ଅଥବା ତୁମେ ତୁମର ସତ୍ତାର କେଉଁ ଅଂଶଟିରୁ କାର୍ଯ୍ୟ କରୁଛ, ସବୁକଥା ତାହାର ଉପରେହିଁ ନିର୍ଭର କରୁଛି ।

ଯଦି ତୁମେ ଗୋଟିଏ ଚେତନାଭୂମିରୁ ଅବଲୋକନ କରିବ, ତେବେ ଜଣେ ବ୍ୟକ୍ତି ତୁମକୁ ଏପରି ଦେଖାଯିବ, ସତେଯେପରି ସିଏ ଯେ କେବଳ ଗୋଟାଏ ଯନ୍ତ୍ର ଏବଂ ଲିପିବଦ୍ଧକାରୀ ତା' ନୁହେଁ, ତୁମକୁ ସିଏ ଜଣେ ସ୍ରଷ୍ଟା ବୋଲି ମଧ୍ୟ ଦୃଶ୍ୟମାନ ହେବ । ମାତ୍ର ତୁମେ ଏକ ଉଚ୍ଚତର ଅନ୍ୟ ଚେତନା-ଭୂମିରୁ ଅବଲୋକନ କରିବାକୁ ଚେଷ୍ଟା କର, ଏକ ପ୍ରଶସ୍ତତର ଦୃଷ୍ଟିରେ ବସ୍ତୁଗୁଡ଼ିକର କଳନା କରିବାକୁ ଚେଷ୍ଟା କର, ଏବଂ ତା'ହେଲେ ତୁମେ ଦେଖିବାକୁ ପାଇବ ଯେ ଏହା ହେଉଛି କେବଳ ଏକ ପ୍ରତୀତିମାତ୍ର । ବିଶ୍ୱଗତ କ୍ରିୟାତ୍ମକତାର କ୍ଷେତ୍ରରେ ଯାହାକିଛି ଯେତେବେଳେ ଘଟୁଛି, ତାହା, ଯାହାକିଛି ପୂର୍ବରୁ ଘଟିଯାଇଛି, କେବଳ ତାହାର ପରିଣାମସ୍ୱରୂପହିଁ ଘଟୁଛି । ତୁମେ କୌଣସି ଗୋଟିଏ ବସ୍ତୁକୁ ବିଶ୍ୱ-ଅଭିବ୍ୟକ୍ତିର ଏହି ସମଗ୍ର କ୍ରୀଡ଼ାଟିରୁ ବା ଗୋଟିଏ ଗତିସ୍ପନ୍ଦନକୁ ଗତିସ୍ପନ୍ଦନର ସମ୍ପୂର୍ଣ୍ଣ ସମଷ୍ଟିଠାରୁ କିପରି ଭିନ୍ନ କରି ଦେଖିପାରିବ କହିଲ ? କୌଣସି ଏକ ବସ୍ତୁର ପ୍ରଥମ ଆବିର୍ଭାବ ବା ଜନ୍ମ କିପରି ହେଲା, ସେହି କଥାଟିର ତୁମେ ପୁଣି କିପରି ବ୍ୟାଖ୍ୟା କରିପାରିବ ? ସମଗ୍ର କ୍ରୀଡ଼ାଟି ଅତ୍ୟନ୍ତ ଅନବଚ୍ଛିନ୍ନ ଭାବରେ ପରସ୍ପର-ସଂଲଗ୍ନ ହୋଇ ରହିଛି, ସେଥିରେ ଗୋଟିଏ କଡ଼ା ଭାରି ଅଦୃଶ୍ୟ ଭାବରେ ଆଉ

'oaob.nitrkl.ac.in' images reprocessed

ଗୋଟିଏ କଡ଼ାକୁ ଭେଦ କରି ରହିଛି । ଆମେ କୌଣସି ଗୋଟିଏ କଡ଼ାକୁ ମଧ୍ୟ ସେହି ସଲଗ୍ନତାଟି ମଧ୍ୟରୁ କଦାପି ବାହାର କରିନେଇ ପାରିବା ନାହିଁ; ସତେ-ଯେପରି ତାହାର ଏକ ସ୍ଵତନ୍ତ୍ର ଉତ୍ସ ବା ଆରମ୍ଭ ରହିଛି, ଆମେ ସେପରି ଭାବରେ ମୋଟେ କୌଣସି ବ୍ୟାଖ୍ୟା କରିପାରିବା ନାହିଁ ।

ଏବଂ, ବ୍ୟକ୍ତିହିଁ ଏକ ଗତିସ୍ପନ୍ଦନର ସୃଷ୍ଟି ବା ଉଦ୍‌ଭାବନ କରୁଛି ବୋଲି କହିଲି ବେଳେ ତୁମେ ପ୍ରକୃତରେ କ'ଣ କହିବାକୁ ଚାହୁଁଛ ? ସିଏ କ'ଣ ସବୁକଥା ନିଜ ଭିତରୁହିଁ କରୁଛି ଅଥବା ସତେଅବା କୌଣସି ଆଧାର ବା ମୂଳ ନ ଥାଇ ମଧ୍ୟ ସିଏ ତାହା କରୁଛି ? ଯଦି କୌଣସି ସତ୍ତା ଏହିପରି ଭାବରେ କୌଣସି ଏକ ଭାବନା ଅନୁଭୂତି ଅଥବା କର୍ମର ସୃଜନ କରିପାରନ୍ତା, ତେବେ ସିଏ ତ ଏହି ଜଗତର ସ୍ରଷ୍ଟା ବୋଲିଇ ପାରନ୍ତା ! ହଁ, ଜଣେ ବ୍ୟକ୍ତି ଯେତେବେଳେ ଆପଣାର ଚେତନା କ୍ଷେତ୍ରରେ ସକଳ ବସ୍ତୁର ମୂଳ ଆଧାର ସେହି ବୃହତ୍ତର ପରମଚେତନା ମଧ୍ୟକୁ ଫେରିଯାଇ ପାରିବ, କେବଳ ସେତିକବେଳେ ଯାଇ ସିଏ ପ୍ରକୃତରେ ଜଣେ ଉଦ୍ଭାବକ ହୋଇପାରିବ; ଯାବତୀୟ ଗତିସ୍ପନ୍ଦନର ସର୍ବଶେଷ ଉତ୍ସ ହୋଇ ରହିଥିବା ସେହି ଚେତନାମୟ ପରମଶକ୍ତି ସହିତ ଅଭିନ୍ନତା ଅର୍ଜନ କରିହିଁ ସିଏ ସ୍ୱୟଂ କୌଣସି ଗତିସ୍ପନ୍ଦନକୁ ପ୍ରେରିତ କରିପାରିବ ।

ଚେତନାର ଅନେକ ଭୂମି ରହିଛି; ଏବଂ ଗୋଟିଏ ଭୂମିରେ କାର୍ଯ୍ୟ କରୁଥିବା ନିୟନ୍ତ୍ରଣବାଦ ଆଉଗୋଟିଏ ଭୂମିର ନିୟନ୍ତ୍ରଣବାଦ ସହିତ ଆଦୌ ସମାନ ହୋଇ ରହି ନାହିଁ । ତେଣୁ, ସୃଜନକ୍ଷମ ବ୍ୟକ୍ତିର ଉଲ୍ଲେଖ କଲାବେଳେ ତୁମେ ସେହି ବ୍ୟକ୍ତିର ପ୍ରକୃତରେ କେଉଁ ଭାଗଟିର କଥା କହୁଛ ? କାରଣ ବ୍ୟକ୍ତି କହିଲେ ଏକ ଅତ୍ୟନ୍ତ ମିଶ୍ରିତ ଏବଂ ସଂଯୁକ୍ତ ସତ୍ତାକୁ ବୁଝାଉଛି । ତୁମେ କ'ଣ ସେହି ବ୍ୟକ୍ତିର ଚୈତ୍ୟ-ସତ୍ତା ବିଷୟରେ କହୁଛ, ବା ତା'ର ମାନସିକ, ପ୍ରାଣମୟ ଅଥବା ଦୈହିକ-ପ୍ରକୃତି ବିଷୟରେ କହୁଛ ? କୌଣସି ଏକ ଗତିସ୍ପନ୍ଦନର ଅଦୃଶ୍ୟ ଉତ୍ସ ଏବଂ ତାହାର ଅଭିବ୍ୟକ୍ତି ଅର୍ଥାତ୍ ଜଣେ ବ୍ୟକ୍ତିର ମାଧ୍ୟମରେ ତାହାର ବାହ୍ୟ ପ୍ରକାଶ,—ଏହି ଦୁଇଟି ସୋପାନ ମଧ୍ୟରେ ଏହି ସବୁଯାକ ସୋପାନ ରହିଛି ଏବଂ ଆହୁରି କେତେକେତେ ସୋପାନ ବି ରହିଛି; ପ୍ରତ୍ୟେକ ସୋପାନରେ ସେହି ସୋପାନର କେତେକେତେ ପରିବର୍ତ୍ତନ ଏବଂ ସଂଶୋଧନ ବି ହେବାରେ ଲାଗିଛି, କେତେପ୍ରକାର ବିକୃତି ଏବଂ ବିରୂପଣ ବି ଲାଗି ରହିଛି । ଏହି ପରିବର୍ତ୍ତନଗୁଡ଼ାକହିଁ ଏକ ନୂତନ ସୃଜନର ଭ୍ରମ ଆଣିଦେଉଛି, କୌଣସି ଏକ ଗତିସ୍ପନ୍ଦନର ଏକ ନୂତନ ଉତ୍ସ ବା ଆରମ୍ଭବିନ୍ଦୁ ରହିଥିବାର ଭ୍ରମ ସୃଷ୍ଟି କରୁଛି । ଗୋଟାଏ ବାଡ଼ିକୁ ପାଣି ଭିତରେ ପୂରାଇ ଦେଖିଲି ବେଳେ ଯେପରି ହୋଇଥାଏ, ଏହା ଠିକ୍

'oaob.nitrkl.ac.in' images reprocessed

ଯେଉଁପରି । ସେତେବେଳେ ତୁମେ ବାଡ଼ିଟିକୁ କଦାପି ତା'ର ପ୍ରକୃତ ରେଖାରେ ଦେଖିପାରି ନାହିଁ । ବାଡ଼ିଟି ସେତେବେଳେ କୋଣିଆ ହୋଇ ବଙ୍କା ହୋଇ ଯାଇଥାଏ । ମାତ୍ର ଏଇଟା ହେଉଛି ବିକୃତି; ଦୃଷ୍ଟିକ୍ଷେତ୍ରର ଏକ ବିକୃତି; ଏହି କ୍ଷେତ୍ରରେ କୌଣସି ପ୍ରକୃତ କୋଣର ବି ସୃଷ୍ଟି ହେଉ ନାହିଁ ।

ପ୍ରତ୍ୟେକ ବ୍ୟକ୍ତିର ଚେତନା ବିଶ୍ୱଗତ ଗତିସ୍ପନ୍ଦନର କ୍ଷେତ୍ରରେ ଏପରି ଏକ ଉପାଦାନର ପ୍ରବେଶ କରାଉଛି, ଯାହାକୁ କି ତୁମେ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ତା' ଆପଣାର ଏକ ବିକୃତି ବୋଲି କହିପାରିବ ଅଥବା ଆଉ ଏକ ଦୃଷ୍ଟିକୋଣରୁ ଗତିସ୍ପନ୍ଦନର କ୍ଷେତ୍ରରେ ତା'ର ଏକ ସ୍ୱକୀୟ ଗୁଣ ବୋଲି ମଧ୍ୟ କହିପାରିବ । ବ୍ୟକ୍ତି ଜୀବନର ଯାବତୀୟ ଗତି ହେଉଛି ଏହି ଗତିସ୍ପନ୍ଦନର କ୍ରୀଡ଼ା ବା ଲୀଳାଟି ମଧ୍ୟରେ ଗୋଟିଏ ଗୋଟିଏ ଅଂଶ, ସେଗୁଡ଼ିକୁ ଆମେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ମୂଳ ବୋଲି କହିପାରିବା ନାହିଁ; ସେଗୁଡ଼ିକ ହେଉଛନ୍ତି ବସ୍ତୁଚୟ ରୂପାନ୍ତରିତ ହେଉଥିବାର ଏକ ପ୍ରକ୍ରିୟା ଯାହାର ମୂଳକୁ କି ତୁମକୁ ସମଗ୍ର ବିଶ୍ୱର ବୃହତ୍ ଏକକଟି ମଧ୍ୟରେ ଅନ୍ୱେଷଣ କରିବାକୁ ପଡ଼ିବ ।

ବିଚ୍ଛିନ୍ନତାର ବୋଧଟି ପ୍ରତ୍ୟେକ ସ୍ଥାନରେ ବ୍ୟାପ୍ତ ହୋଇ ରହିଛି ସତ, ମାତ୍ର ତାହା ଏକ ଭ୍ରମ ମାତ୍ର । ଯଥାର୍ଥ ଚେତନାର ଜଗତରେ ପ୍ରବିଷ୍ଟ ହେବାକୁ ହେଲେ ଆମକୁ ଯେଉଁସବୁ ମିଥ୍ୟା ମନୋଭାବକୁ ବର୍ଜନ କରିବାକୁ ହେବ, ଇଏ ହେଉଛି ତାହାର ମଧ୍ୟରୁ ଗୋଟିଏ । ଆମର ମନ ସମଗ୍ର ଜଗତଟିକୁ ଖଣ୍ଡଖଣ୍ଡ ଓ ଟିକିଟିକି କରି କାଟି ପକାଇବାରେ ଲାଗିଥାଏ : ଏଠାରେ ଏଇଟା ସରିଲା, ସେଠାରେ ସେଇଟା ଆରମ୍ଭ ହେଲା,—ମନ ଏହିପରି ଭାବରେ କେତେକ'ଣ କହୁଥାଏ ଏବଂ ଏହିପରି ଖଣ୍ଡଖଣ୍ଡ କରିପକାଇ ତାହା ଅତ୍ୟନ୍ତ ସଫଳତାର ସହିତ ବିଶ୍ୱଗତ ଗତିସ୍ପନ୍ଦନଟିକୁ ବିକୃତ କରିଦିଏ । ପ୍ରକୃତ କଥା ହେଉଛି ଯେ ଏକ ସର୍ବାନ୍ତର୍ଗତକାରୀ ଓ ସର୍ବସମ୍ମିଳକ ଚେତନାର ବିଶାଳ ପ୍ରବାହ ଏହି କ୍ଷେତ୍ରରେ ଏକ ସତତ ପରିପ୍ରକାଶିତ ହେବାରେ ଲାଗିଥିବା ବିଶ୍ୱକୁ ଅଭିବ୍ୟକ୍ତ କରିଦେବାରେ ଲାଗିଛି । ଏଠାରେ ପ୍ରତ୍ୟେକ ବସ୍ତୁର ପଶ୍ଚାତରେ ସେହି ସତ୍ୟଟିହିଁ ଅବସ୍ଥିତ ରହିଛି; ମାତ୍ର ଏଠାରେ ସେହି ଭ୍ରମଟି ବି ରହିଛି ଯାହାକି ସତ୍ୟକୁ ତୁମ ପାଖରୁ ବାରିତ କରି ରଖିଛି । ଆପଣାକୁ ପରସ୍ପରଠାରୁ ଅଲଗା ବୋଲି କଳ୍ପନା କରୁଥିବା ଏହିସବୁ ଅନେକ ଗତିସ୍ପନ୍ଦନର ଭ୍ରମ ସୃଷ୍ଟି ହେବାରେ ଲାଗିଛି; ଭ୍ରମ ହେଉଛି, ସତେଯେପରି ସେଗୁଡ଼ିକ ଅଲଗା ଅଲଗା ହୋଇ ରହିଛନ୍ତି, ଆପଣା ଭିତରେ ଓ ଆପଣା ଲାଗିହିଁ ତିଷ୍ଠି ରହିଛନ୍ତି । ସେଗୁଡ଼ିକୁ ଅବଶିଷ୍ଟ ବିଶ୍ୱରୁ ଅଲଗା ହୋଇ ରହିଥିବା ଗୋଟିଏ ଗୋଟିଏ ବସ୍ତୁ ବୋଲି ଭ୍ରମ ହେଉଛି । ସେମାନଙ୍କର ଯାବତୀୟ

'oaob.nitrkl.ac.in' images reprocessed

କ୍ରିୟା ଓ ପ୍ରତିକ୍ରିୟା ସେମାନଙ୍କୁ ସତେଅବା କୌଣସି ଏକ ବାହ୍ୟ ବ୍ୟାପାର ପରି ମନେହେଉଛି, ସତେଯେପରି ଗୋଟିଏ ଗୋଟିଏ ଏକକ ଓ ବିଚ୍ଛିନ୍ନ ପୃଥିବୀରୂପେ ସେମାନେ ପରସ୍ପର ସମ୍ମୁଖରେ ଠିଆହୋଇ ରହିଛନ୍ତି ସତ, ମାତ୍ର ଦୂରରୁ କେବଳ କେତେକ ବାହ୍ୟ ସମ୍ବନ୍ଧ ବ୍ୟତୀତ ସେମାନଙ୍କ ମଧ୍ୟରେ ଆଦୌ କୌଣସି ମିଳନବିନ୍ଦୁ କେଉଁଠିହେଲେ ନାହିଁ । ପ୍ରତ୍ୟେକେ ଆପଣାକୁ ଏକ ପୃଥକ୍ ବ୍ୟକ୍ତିତ୍ୱ ପରି ଦେଖୁଛନ୍ତି, ସତେଯେପରି ସେମାନେ କେବଳ ନିଜର ଅଧିକାର-ବଳରେହିଁ ତିଷ୍ଠି ରହିଛନ୍ତି । ଆପଣାକୁ ଅନ୍ୟମାନଙ୍କଠାରୁ ବିଚ୍ଛିନ୍ନ ବୋଧ କରିବାର ଏହି ପ୍ରମାଦଟିକୁ ବିଶ୍ୱଲୀଳାର ଏକ ଅଂଶରୂପେ ତିଷ୍ଠି ରହିବାକୁ ଅନୁମତି ଦିଆଯାଇଛି । ସେହି ଗୋଟିଏ ଚେତନା ଆପଣାକୁ ମୂର୍ତ୍ତ କରିଦେଇ ଆପଣାର ନାନା ଆକାରର ଗଠନ କରିବାର ଏକ ଆବଶ୍ୟକତା ଉପସ୍ଥିତ ହୋଇଥିବାରୁହିଁ ସେହି ଅନୁମତି ଦିଆଯାଇଛି । ମାତ୍ର, ଅତୀତରେ ସେହି ଅନୁମତି ଦିଆଯାଇଛି ବୋଲି ବିଚ୍ଛିନ୍ନ ହୋଇ ରହିଥିବାର ଭ୍ରମଟି ଯେ ଚିରକାଳ ଲାଗି ମଧ୍ୟ ସେହିପରି ରହିଥିବ, ତାହାର ଆଦୌ କୌଣସି କାରଣ ନାହିଁ ।

ବିଶ୍ୱମୟ ଲୀଳାଟି ମଧ୍ୟରେ ଏପରି କେତେକ,—ସେମାନଙ୍କର ସଂଖ୍ୟା ସବୁଠାରୁ ଅଧିକ,—ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଗୋଟିଏ ଗୋଟିଏ ଅଜ୍ଞାନ ଯନ୍ତ୍ର ପରି କାର୍ଯ୍ୟ କରୁଛନ୍ତି । ଜଣେ ଜଣେ ଅଭିନେତା ହିସାବରେ ସେମାନେ କଣ୍ଢେଇ ପରି ଏଣେତେଣେ ଚାଳିତ ହେଉଛନ୍ତି, ମାତ୍ର କିଛିହେଲେ ଜାଣିପାରୁ ନାହାନ୍ତି । ଆଉ ଅନ୍ୟମାନେ ଅଛନ୍ତି, ଯେଉଁମାନେ ସଚେତନ ଭାବରେ ଆପଣାର ଭୂମିକାଟିକୁ ଗ୍ରହଣ କରିପାରୁଛନ୍ତି ଏବଂ ଲୀଳାଟିକୁ ଲୀଳା ବୋଲି ଜାଣି ବି ପାରୁଛନ୍ତି । ଏବଂ, ଆହୁରି କେତେ ବ୍ୟକ୍ତି ଅଛନ୍ତି, ବିଶ୍ୱମୟ ଗତିସ୍ପନ୍ଦନଟି ସମ୍ବନ୍ଧରେ ଯେଉଁମାନଙ୍କର ସମ୍ପୂର୍ଣ୍ଣ ଜ୍ଞାନ ରହିଛି; ସେମାନେ ସେହି ଗତିସ୍ପନ୍ଦନଟି ସହିତ ତଥା ସେହି ଅଦ୍ୱିତୀୟ ଭଗବତ୍-ପରମଚେତନା ସହିତ ଏକାତ୍ମକ ହୋଇ ରହିଛନ୍ତି, ଏବଂ ତଥାପି, ସତେ ଯେପରି ସେମାନେ ବିଚ୍ଛିନ୍ନ କୌଣସି ବସ୍ତୁ ହୋଇ ରହିଛନ୍ତି, ସମଗ୍ରର ଏକ ବିଭାଜିତ ଅଂଶ ହୋଇ ରହିଛନ୍ତି, ସେହିପରି କାର୍ଯ୍ୟ କରିବା ଲାଗି ଆପଣାର ସମ୍ମତି ପ୍ରଦାନ କରିଛନ୍ତି । ସେହି ଅଜ୍ଞାନ ଏବଂ ପୂର୍ଣ୍ଣଜ୍ଞାନ ମଧ୍ୟରେ ଅନେକସଂଖ୍ୟକ ମଧ୍ୟବର୍ତ୍ତୀ ସୋପାନ ରହିଛି, ଲୀଳାଟିରେ ଅଂଶଗ୍ରହଣ କରିବାର ମଧ୍ୟ ଅନେକସଂଖ୍ୟକ ସ୍ତର ରହିଛି । ଅଜ୍ଞାନର ଏକ ଭୂମି ରହିଛି, ଯେଉଁଠାରେ ଅବସ୍ଥିତ ରହି ତୁମେ ଗୋଟିଏ କାର୍ଯ୍ୟ କରୁଛ ଏବଂ ବିଶ୍ୱାସ କରିବାରେ ଲାଗିଛ ଯେ ତୁମେ ସ୍ୱୟଂ ଏହି କାର୍ଯ୍ୟଟିକୁ କରିବ ବୋଲି ନିଷ୍ପତ୍ତି କରିଛ । ଏହାପରେ ଅପେକ୍ଷାକୃତ କମ୍ ଅଜ୍ଞାନର ଆଉଗୋଟିଏ ସୋପାନ ରହିଛି, ଯେଉଁଠାରେ ଅବସ୍ଥିତ ରହି ତୁମ ଦ୍ୱାରା ଆଉକିଏ

'oaob.nitrkl.ac.in' images reprocessed

କାର୍ଯ୍ୟଟିକୁ କରାଉଛି ବୋଲି ଜାଣିକରହିଁ ତୁମେ କାର୍ଯ୍ୟଟିକୁ କରୁଛ; ମାତ୍ର କପରି ଓ କାହିଁକି ତୁମ ଦ୍ୱାରା ସେହି କାର୍ଯ୍ୟଟିକୁ କରାଯାଉଛି, ସେ ବିଷୟରେ ତୁମେ କିଛିହେଲେ ଜାଣି ନାହିଁ । ଏବଂ ଏପରି ଅଉଗୋଟିଏ ଚେତନାସ୍ଥିତି ବି ରହିଛି, ଯେଉଁଠାରେ କି ତୁମେ ସମ୍ପୂର୍ଣ୍ଣ ସଜ୍ଞାନ ହୋଇ ଅବସ୍ଥିତ ରହିଛ, କାରଣ କେବଳ ସେଇ ଯେ ତୁମକୁ ଏକ ନିମିତ୍ତରୂପେ ବ୍ୟବହାର କରି କାର୍ଯ୍ୟ କରୁଛନ୍ତି, ତୁମେ ତାହା ଭଲ କରି ଜାଣିଛ । ତୁମେ ଯେ କେବଳ ଏକ ଯନ୍ତ୍ର, ସେକଥା ତୁମେ ଭଲକରି ଜାଣିଛ; କାହିଁକି ଓ କପରି ତୁମକୁ ଏହି କାର୍ଯ୍ୟଟି ଲାଗି ବ୍ୟବହାର କରାଯାଉଛି, ତୁମେ ତାହା ଜାଣିବ, ସେହି କାର୍ଯ୍ୟର ପ୍ରକ୍ରିୟାଟିକୁ ଜାଣିବ, ତା'ପଛରେ ରହିଥିବା ଅଭିପ୍ରାୟଟିକୁ ମଧ୍ୟ ଜାଣିବ । ତୁମେ ତୁମ ସକଳ କର୍ମର କର୍ତ୍ତା, ଯେଉଁ ଅଜ୍ଞାନସ୍ଥିତିରେ ରହି ତୁମେ ଏହିପରି ବିଶ୍ୱାସ କରିବାରେ ଲାଗିଛ, ତୁମର ସ୍ୱବିକାଶ ଲାଗି ଆବଶ୍ୟକ ହୋଇଥିବା ପର୍ଯ୍ୟନ୍ତ ସେହି ଅଜ୍ଞାନ ମଧ୍ୟ ତୁମପାଖରେ ବିଦ୍ୟମାନ ରହିଥିବ । ମାତ୍ର ତୁମେ ଯେମିତି ଏକ ଉଚ୍ଚତର ଅବସ୍ଥାକୁ ଚାଲିଯାଇ ପାରିବ, ଯେତେବେଳେ ତୁମେ ଆପଣାକୁ ସେହି ଏକୈବ ଚେତନାର ନିମିତ୍ତ ବୋଲି ଜାଣିବାକୁ ଆରମ୍ଭ କରିବ; ଯେତେବେଳେ ତୁମେ ଆଉଗୋଟିଏ ପାଦ ଆଗକୁ ବି ଚାଲିଯିବ ଏବଂ ଏକ ଉଚ୍ଚତର ଚେତନାମୟ ସ୍ତରକୁ ଉନ୍ନୋଳିତ ହୋଇଯାଇ ପାରିବ ।

ପ୍ରାଣିକ ଜଗତ ପରି ମାନସିକ ଭୂମିରେ ମଧ୍ୟ ଏହି ପ୍ରତିକୂଳ ଶକ୍ତିମାନେ ଆକ୍ରମଣ କରିବାକୁ ଆସନ୍ତି କି ?

ଅନ୍ତର କେତୋଟି ବ୍ୟାଖ୍ୟା ମଧ୍ୟରେ ପ୍ରବେଶ ନ କରି ଏହି ପ୍ରଶ୍ନଟିର ଉତ୍ତର ଦେବା ଆଦୌ ସହଜ ନୁହେଁ । ମାତ୍ର ବର୍ତ୍ତମାନ ସେଥିଭିତରେ ପ୍ରବେଶ କରିବାକୁ ସମୟ ହେବ ନାହିଁ ।

ମନର ଗଠନବିନ୍ୟାସକୁ ଆମେ ସମଗ୍ର ଭାବରେ ଗୋଟିଏ ଗଠନବିନ୍ୟାସ ବୋଲି କହିବା ସତ, ମାତ୍ର ସେହି ଗଠନବିନ୍ୟାସଟି ମଧ୍ୟରେ ଅନେକ ଭିନ୍ନଭିନ୍ନ ପ୍ରକାର ରହିଛି, ଅନେକ ସୋପାନ ବା ସ୍ତର ରହିଛି, ଯେଉଁଗୁଡ଼ିକ କି ପରସ୍ପରକୁ ସ୍ପର୍ଶ କରୁଛନ୍ତି, ଏପରିକି ପରସ୍ପର ଉପରେ ଛାପ ପକାଇ ପରସ୍ପର ମଧ୍ୟକୁ ପ୍ରବିଷ୍ଟ ହୋଇ ରହିଛନ୍ତି । ଏବଂ, ଯାହାକୁ ଆମେ ଆମର ମନ ବୋଲି କହୁଛୁ, ତାହା ଅନ୍ୟାନ୍ୟ ସ୍ତରକୁ ମଧ୍ୟ ଭେଦ କରି ରହିଛି । ସେହି ଗୋଟିଏ ମାନସିକ ଜଗତରେହିଁ ଏକାଧିକ ସ୍ତର ରହିଛି । ମାନସିକ ଏହିସବୁ ସ୍ତର ଏବଂ ଏହିସବୁ ଶକ୍ତି ପରସ୍ପର ଉପରେ ନିର୍ଭର କରି ରହିଛନ୍ତି, ମାତ୍ର, ଗୁଣାତ୍ମକ ଦୃଷ୍ଟିରୁ ସେଗୁଡ଼ିକର ଗଠନବିନ୍ୟାସ ମଧ୍ୟରେ ଏକ

'oaob.nitrkl.ac.in' images reprocessed

ପାର୍ଥକ୍ୟ ଆବଶ୍ୟ ରହିଛି ଏବଂ ସେଗୁଡ଼ିକୁ ପ୍ରକାଶ କରିପାରିବାର ସୁବିଧା ଦୃଷ୍ଟିରୁ ଆମକୁ ସେଗୁଡ଼ିକୁ ପରସ୍ପରଠାରୁ ଭିନ୍ନ ଭାବରେ ବିଚାର କରିବାକୁ ହେବ । ଏହିପରି ଭାବରେ ଆମେ ଏକ ଉଚ୍ଚତର ମନର କଥା କହିପାରିବା, ଏକ ଅନ୍ତଃବର୍ତ୍ତୀ ମନର କଥା କହିପାରିବା, ଏକ ଭୌତିକ ଓ ଏପରିକି ଏକ ଜଡ଼ସ୍ଥ ମନର କଥା ବି କହିପାରିବା । ଏବଂ ଏହି କ୍ଷେତ୍ରରେ ଆହୁରି ଅନେକ ତାରତମ୍ୟର ବିଚାର ମଧ୍ୟ କରାଯାଇ ପାରିବ ।

ବର୍ତ୍ତମାନ ଆମେ ଦେଖିବା ଯେ, ଏପରି କେତେକ ମାନସିକ ସ୍ତର ରହିଛି ଯେଉଁଗୁଡ଼ିକ କି ପ୍ରାଣିକ ଜଗତଠାରୁ ଅନେକ ଊର୍ଦ୍ଧ୍ୱରେ ଅବସ୍ଥିତ ଅଛନ୍ତି ଏବଂ ତେଣୁ ସେଗୁଡ଼ିକ ପ୍ରାଣିକ ଜଗତର ପ୍ରଭାବ ଦ୍ୱାରା ଆଦୌ ଆକ୍ରାନ୍ତ ହେଉ ନାହାନ୍ତି । ମାତ୍ର, ଏପରି ଆହୁରି ଅନେକ ସ୍ତର ଅଛି, ଯେଉଁଗୁଡ଼ିକୁ କି ପ୍ରାଣିକ ଶକ୍ତିମାନେ ସ୍ପର୍ଶ କରୁଛନ୍ତି, ଭେଦ କରି ବି ପାରୁଛନ୍ତି । ଯାହାକୁଆମେ ସାଧାରଣତଃ ଭୌତିକ ମନ ବୋଲି କହିଥାଉ, ଅର୍ଥାତ୍ ମନର ଯେଉଁ ଭୂମିଟି ଭୌତିକ ଜଗତରେ ରହିଛି, ତାହା ଯଥାର୍ଥ ମନଟିର ତୁଳନାରେ ଆପଣାର ଗଠନ ତଥା ଗତିସ୍ପନ୍ଦନରେ ଅଧିକ ପରିମାଣରେ ଭୌତିକଧର୍ମୀ ହୋଇ ରହିଛି । ତାହା ଅତ୍ୟନ୍ତ ପରିମାଣରେ ପ୍ରାଣିକ ଜଗତ୍ ଏବଂ ପ୍ରତିକୂଳ ଶକ୍ତିଗୁଡ଼ିକର କବଳଗତ ହୋଇ ରହିଛି । ଭୌତିକ ମନ ନିମ୍ନପ୍ରାଣିକ ଚେତନା ଏବଂ ପ୍ରତିକୂଳ ଶକ୍ତିଗୁଡ଼ିକ ସହିତ ସାଧାରଣତଃ ଗୋଟାଏ ପ୍ରକାରର ସନ୍ଧି ସ୍ଥାପନ କରି ରହିଥାଏ; ଯେତେବେଳେ ନିମ୍ନ ପ୍ରାଣିକ ଆପଣାର କେତେକ ବାସନା ଏବଂ ଆବେଗକୁ ପ୍ରକଟ କରେ, ଭୌତିକ ମନ ସେତେବେଳେ ତାହାର ଅଧିକ ସାହାଯ୍ୟ କରିବାକୁ ଆସେ ଏବଂ ନାନା ନିରର୍ଥକ ବ୍ୟାଖ୍ୟା, ଯୁକ୍ତି ଏବଂ ବାହାନା ଯୋଗାଇ ଦେଇ ସେଗୁଡ଼ିକୁ ଉଚିତ ବୋଲି ଦେଖାଇବାକୁ ଚେଷ୍ଟା କରୁଥାଏ ଓ ସେଗୁଡ଼ିକର ସମର୍ଥନ କରୁଥାଏ । ମନର ଏହି ସ୍ତରଟିହିଁ ପ୍ରାଣିକ ଜଗତର ନାନା ପ୍ରବର୍ତ୍ତନାଗୁଡ଼ିକ ଲାଗି ସବୁଠାରୁ ଅଧିକ ଉନ୍ମୁକ୍ତ ହୋଇ ରହିଥାଏ ଏବଂ ତାହାର ଶକ୍ତିଗୁଡ଼ିକ ଦ୍ୱାରା ଅଧିକାଂଶ ସମୟରେ ଆକ୍ରାନ୍ତ ହେବାରେ ଲାଗିଥାଏ । ମାତ୍ର, ଆମ ଭିତରେ ଏକ ଉଚ୍ଚତର ମନ ବି ରହିଛି, ଯାହାକି ଆପଣାର ମୁକ୍ତ ଭାବନା ଏବଂ ସନ୍ଦୀପିତ ନାନା ବିଚାରର କ୍ଷେତ୍ରରେ ବିଚରଣ କରୁଥାଏ ଏବଂ ଯାବତୀୟ ଆକାରକୁ ସେଇ ଜନ୍ମ ଦେଇଥାଏ । ଏବଂ, ଯେଉଁସବୁ ବିଶୁଦ୍ଧ ଭାବନା ଏପର୍ଯ୍ୟନ୍ତ ବି ମୂର୍ତ୍ତିରୂପ ଲାଭକରି ନାହାନ୍ତି, ସେଗୁଡ଼ିକୁ ଧାରଣ କରି ରଖିଥିବା ଆଉ ଗୋଟିଏ ମନ ମଧ୍ୟ ରହିଛି । ଏହିସବୁ ଉଚ୍ଚତର ମନଃସ୍ତର ପ୍ରାଣିକ ଯାବତୀୟ ଗତିସ୍ପନ୍ଦନ ଏବଂ ପ୍ରତିକୂଳ ଶକ୍ତିଗୁଡ଼ିକଠାରୁ ମୁକ୍ତ ହୋଇ ରହିଛନ୍ତି, କାରଣ ସେମାନେ ଏଗୁଡ଼ିକଠାରୁ ଅନେକ ଊର୍ଦ୍ଧ୍ୱରେ ଅବସ୍ଥିତ ରହିଛନ୍ତି । ସେଠାରେ

'oaob.nitrkl.ac.in' images reprocessed

ହୁଏତ ନାନା ପ୍ରକାର ପରସ୍ପର-ବିରୋଧୀ ଗଠସ୍ପନ୍ଦନ ସମ୍ଭବ ହୋଇପାରେ, ଯେଉଁଠାରେ ହୁଏତ ଏପରି ଅନେକ ଗଠସ୍ପନ୍ଦନ ଓ ରୂପାୟଣ ସମ୍ଭବ ହୋଇପାରନ୍ତି ଯେଉଁମାନେ କି ପରମସତ୍ୟ ସହିତ ସଂଘାତରେ ବି ଆସୁଥାନ୍ତି ବା ପରସ୍ପର ସହିତ ନାନା ଦ୍ୱନ୍ଦ୍ୱରେ ଲିପ୍ତ ହୋଇ ରହିଥାନ୍ତି । ମାତ୍ର ତଥାପି ପ୍ରାଣିକ ସ୍ତରରୁ ଯେଉଁଠାରେ ଆଦୌ କୌଣସି ବ୍ୟାଘାତ ସୃଷ୍ଟି ହେଉ ନ ଥାଏ, ପ୍ରତିକୂଳ ବୋଲି କୁହାଯାଇ ପାରିବା ଭଳି ଆଦୌ କିଛି ନ ଥାଏ । ଯେଉଁ ମନକୁ ଆମେ ଯଥାର୍ଥରେ ଏକ ଦାର୍ଶନିକ ମନ ବୋଲି କହିପାରିବା, ଯେଉଁ ମନ ଚିନ୍ତା କରୁଥାଏ, ଆବିଷ୍କାର କରୁଥାଏ, ଆକାରଗୁଡ଼ିକର ରଚନା କରୁଥାଏ ଏବଂ ଯେଉଁ ମନଟି ଭିତରେ ଏପର୍ଯ୍ୟନ୍ତ ମୂର୍ତ୍ତିରୂପ ଧାରଣ କରି ନ ଥିବା ଶୁଦ୍ଧ ଭାବନାମାନ ଅବସ୍ଥାନ କରୁଥାନ୍ତି, ସେହି ବୁଦ୍ଧିଗତ ମନ ଏହି ନିମ୍ନସ୍ତରୀୟ ଆକ୍ରମଣ ଏବଂ ପ୍ରଭାବର କବଳରୁ ବାହାରେ ରହିଥାନ୍ତି । ମାତ୍ର ଏହାର ଅର୍ଥ ନୁହେଁ ଯେ, ମୁଁ ବର୍ତ୍ତମାନ ପ୍ରତିକୂଳ ସତ୍ତାମାନଙ୍କର କଥା କହୁଥିଲି, ସେମାନଙ୍କ ତୁଳନାରେ ଆହୁରି ବଡ଼ ହୋଇ ଉଠିଥିବା ହୋଇଥିବା ଉଚ୍ଚତର ଉତ୍ସରୁ ଉତ୍ପନ୍ନ ହୋଇ ଆସିଥିବା ଅନ୍ୟ ବିକୃତ ଏବଂ ଯେଉଁ ବିକୃତ ଏବଂ ପ୍ରତିକୂଳ ସତ୍ତାମାନଙ୍କ ଦ୍ୱାରା ସେମାନଙ୍କର ଗଠଗୁଡ଼ିକୁ ଅନୁକରଣ କରାଯାଇ ପାରିବ ନାହିଁ କିଂବା ସେମାନଙ୍କର ଯାବତୀୟ ସୃଜନର ଅପବ୍ୟବହାର ହୋଇପାରିବ ନାହିଁ ।

> ଚୈତ୍ୟ-ଜଗତରେ ଅବସ୍ଥାଗୁଡ଼ିକ କିପରି ଭାବରେ ଥାଏ ? ପ୍ରତିକୂଳ ଶକ୍ତିଗୁଡ଼ିକର ପରିପ୍ରେକ୍ଷୀରେ ଏହି ଚୈତ୍ୟ-ଜଗତ୍ କିପରି କେଉଁଠି ରହିଥାଏ ?

ଚୈତ୍ୟଜଗତ୍ ଅର୍ଥାତ୍ ଚେତନାର ଚୈତ୍ୟଭୂମିକୁ ଆମେ ଜଗତର ସେହି ଅଂଶଟି ବୋଲି କହିବା, ଚୈତ୍ୟସତ୍ତାକୁ ଆମେ ସତ୍ତାର ସେହି ଅଂଶଟି ବୋଲି କହିବା, ଯାହାକି ଦିବ୍ୟ ପରମଚେତନାର ପ୍ରତ୍ୟକ୍ଷ ପ୍ରଭାବ ମଧ୍ୟରେ ରହିଥାଏ; ଏବଂ ତାହା ଉପରେ ଏତେ ଟିକିଏ ମାତ୍ର କ୍ରିୟା କରିପାରିବା ଲାଗି ବି ପ୍ରତିକୂଳ ଶକ୍ତିମାନଙ୍କ ପାଖରେ ଆଦୌ କୌଣସି ଅବସର ନଥାଏ । ଚୈତ୍ୟ-ଜଗତ୍ ହେଉଛି ସୌଷମ୍ୟ ଏବଂ ସମନ୍ୱୟତାର ଜଗତ୍, ସେହି ଜଗତ ମଧ୍ୟରେ ପ୍ରତ୍ୟେକ ବସ୍ତୁ ଆଲୋକ ମଧ୍ୟରୁ ଆଲୋକ ମଧ୍ୟକୁ ଗତି କରିବାରେ ଲାଗିଥାଏ, ଅଗ୍ରଗତି ମଧ୍ୟରୁ ଅଗ୍ରଗତି ମଧ୍ୟକୁ ଗତି କରୁଥାଏ । ଚୈତ୍ୟସତ୍ତା ପରମ ଦିବ୍ୟଚେତନାର ଆସ୍ଥାନ ହୋଇ ରହିଥାଏ, ବ୍ୟକ୍ତିସତ୍ତା ମଧ୍ୟରେ ପରମ ଦିବ୍ୟସତ୍ତାରୂପେ ଅବସ୍ଥାନ କରୁଥାଏ । ଏହା ଆଲୋକ ସତ୍ୟ, ଜ୍ଞାନ, ସୌନ୍ଦର୍ଯ୍ୟ ଏବଂ ସମନ୍ୱୟତାର ଏକ କେନ୍ଦ୍ର ହୋଇ ରହିଥାଏ ଏବଂ

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତାହିଁ ତାହାଙ୍କୁ ଆପଣାର ଉପସ୍ଥିତି ଦ୍ୱାରା ତୁମ ପ୍ରତ୍ୟେକଙ୍କ ଭିତରେ ସୃଷ୍ଟି କରି ରଖିଥାନ୍ତି । ଚୈତ୍ୟସତ୍ତା କେବଳ ସେହି ଦିବ୍ୟ ପରମଚେତନାରହିଁ ଏକ ଅଙ୍ଗୀଭୂତ ଅଂଶ ହୋଇ ରହିଥାଏ, ତାହାର ଦ୍ୱାରା ପ୍ରଭାବିତ, ଆକୃତ ତଥା ପରିଚାଳିତ ହେବାରେ ଲାଗିଥାଏ । ସେହି ଚୈତ୍ୟସତ୍ତା ତୁମ ପ୍ରତ୍ୟେକଙ୍କ ଭିତରେ ତୁମର ଗଭୀର ଅନ୍ତର୍ଗତ ସତ୍ତାରୂପେ ଅବସ୍ଥାନ କରୁଛି, ଆପଣା ମଧ୍ୟରେ ଚିରବିରାଜିତ ପରମ ଦିବ୍ୟସତ୍ତାଙ୍କ ସହିତ ସଂସ୍ପର୍ଶରେ ଆସିପାରିବା ଲାଗି ତୁମକୁ ସେହି ଚୈତ୍ୟସତ୍ତାକୁ ଆବିଷ୍କାର କରିବାକୁହିଁ ପଡ଼ିବ । ତୁମର ବାହ୍ୟ ଚେତନା ଏବଂ ପରମ ଦିବ୍ୟଚେତନା ମଧ୍ୟରେ ଏହାକୁ ଏକ ଅନ୍ତଃବର୍ତ୍ତୀ ସେତୁ ବୋଲି କୁହାଯାଇ ପାରିବ; ସେହି ଚୈତ୍ୟସତ୍ତା ହେଉଛି ଅନ୍ତର୍ଗତ ଜୀବନର ନିର୍ମାତା । ଏହି ବହିଃପ୍ରକୃତି ମଧ୍ୟରେ ସେହି ଚୈତ୍ୟସତ୍ତାହିଁ ଭଗବାନ୍ଙ୍କ ପରମ-ଇଚ୍ଛାର ଶୃଙ୍ଖଳା ତଥା ଶାସନକୁ ଆଣି ପ୍ରକଟ କରିଦେଇ ପାରୁଛି । ତୁମ ମଧ୍ୟରେ ଅବସ୍ଥାନ କରୁଥିବା ଚୈତ୍ୟସତ୍ତାଟି ସମ୍ବନ୍ଧରେ ତୁମେ ଆପଣାର ବାହ୍ୟସତ୍ତାରେ ସଜ୍ଞାନ ହୋଇପାରିଲେ, ତାହାର ସହିତ ସଂଯୁକ୍ତ ହୋଇ ରହିପାରିଲେ ତୁମେ ସେହି ପରମ ଶାଶ୍ୱତ-ଚେତନାଙ୍କୁ ବି ଆବିଷ୍କାର କରିବାରେ ସମର୍ଥ ହେବ ଏବଂ ତାଙ୍କରି ମଧ୍ୟରେ ଜୀବନ ବଞ୍ଚିପାରିବ । ମନୁଷ୍ୟ ବର୍ତ୍ତମାନ ସତତ ଯେଉଁ ଅବସ୍ଥାରେ ରହିଛି, ତାହାରି ପରି ଅଜ୍ଞାନ ଦ୍ୱାରା ପରିଚାଳିତ ନ ହୋଇ, ତୁମେ ଆପଣା ମଧ୍ୟରେ ଏକ ଚିରନ୍ତନ ଆଲୋକ ଏବଂ ଚିରନ୍ତନ ଜ୍ଞାନର ଉପସ୍ଥିତି ବିଷୟରେ କ୍ରମଶଃ ଅଧିକରୁ ଅଧିକ ସଜ୍ଞାନ ହେବାରେ ଲାଗିବ, ତାହାରି ପାଖରେ ଆପଣାକୁ ସମର୍ପିତ କରି ରଖିବ, ସମଗ୍ର ଭାବରେ ତାହାରି ଲାଗି ନିଜକୁ ଉତ୍ସର୍ଗ କରିଦେବ ଏବଂ ପ୍ରତ୍ୟେକ କ୍ଷେତ୍ରରେହିଁ ତାହାରି ଦ୍ୱାରା ପରିଚାଳିତ ହେବ ।

କାରଣ, ତୁମ ଭିତରେ ରହିଥିବା ତୁମର ଚୈତ୍ୟସତ୍ତାକୁ ତୁମର ଠିକ୍ ସେହି ଅଂଶଟି ବୋଲି କୁହାଯିବ, ଯାହାକି ପୂର୍ବରୁହିଁ ପରମ ଦିବ୍ୟସତ୍ତାଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋଇ ରହିଛି । ସେହି ଚୈତ୍ୟସତ୍ତାର ପ୍ରଭାବ ତୁମ ଅନ୍ତଃପ୍ରଦେଶରୁ ତୁମ ଚେତନାର ଅଧିକରୁ ଅଧିକ ବହିରଙ୍ଗ ଏବଂ ସ୍ଥୂଳ ସୀମାଗୁଡ଼ିକ ଆଡ଼କୁ କ୍ରମଶଃ ପରିବ୍ୟାପ୍ତ ହୋଇଯାଉଛି ଏବଂ ତାହାହିଁ ପରିଶେଷରେ ତୁମର ସମଗ୍ର ପ୍ରକୃତିରେ ଏକ ରୂପାନ୍ତର ସମ୍ଭବ କରି ପାରିବ ଏହି ଚୈତ୍ୟସତ୍ତାର କ୍ଷେତ୍ରରେ କୌଣସି ଅସ୍ପଷ୍ଟତା ଅଥବା ଆଚ୍ଛନ୍ନତା କଦାପି ସମ୍ଭବ ହେବ ନାହିଁ; ତାହା ହେଉଛି ତୁମରି ମଧ୍ୟରେ ରହିଥିବା ତୁମ ସତ୍ତାର ଏକ ସନ୍ଦୀପିତ ଅଂଶ । ଅଧିକାଂଶ ମନୁଷ୍ୟ ସେମାନଙ୍କ ମଧ୍ୟରେ ରହିଥିବା ଏହି ଚୈତ୍ୟସତ୍ତାଟି ବିଷୟରେ ଅଚେତନ ହୋଇ ରହିଥାନ୍ତି; ସେହି ବିଷୟରେ ତୁମକୁ ସଚେତନ କରାଇ ଆଣିବା ଲାଗି ଯୋଗର ମାର୍ଗ ଏକ ପ୍ରୟାସ କରିଥାଏ; ତୁମ ରୂପାନ୍ତରର ପ୍ରକ୍ରିୟାଟି ଯେପରି ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ଏକ

'oaob.nitrkl.ac.in' images reprocessed

ଅଚମନ୍ଥର ଆସ୍ପୃହାସମ୍ପିଗ୍ଧାର ଅଧୀନ ହୋଇ ନ ରହି ଗୋଟିଏ ଜୀବନ ମଧ୍ୟରେହିଁ ପୂର୍ଣ୍ଣସମ୍ଭବ ହୋଇପାରିବ, ଏପରିକ ମାତ୍ର ଅଳ୍ପ କେତେବର୍ଷ ମଧ୍ୟରେ ସମ୍ଭବ ହୋଇପାରିବ, ଯୋଗ ତାହାରି ଲାଗିହିଁ ଏକ ପ୍ରୟାସ କରିଥାଏ ।

ତୁମର ମୃତ୍ୟୁ ପରେ ମଧ୍ୟ ତୁମର ଚୈତ୍ୟସତ୍ତା ତଥାପି ଅସ୍ତିତ୍ୱରେ ରହେ, କାରଣ ତାହା ହେଉଛି ତୁମର ଚିରନ୍ତନ ଆତ୍ମସତ୍ତା; ଏହି ଚୈତ୍ୟ-ସତ୍ତାହିଁ ଚେତନାକୁ ଜୀବନରୁ ଜୀବନ ମଧ୍ୟକୁ ଅଗ୍ରସର କରାଇ ନେଉଥାଏ ।

ତୁମ ମଧ୍ୟରେ ଯେଉଁ ପ୍ରକୃତ ଏବଂ ଦିବ୍ୟ ବ୍ୟକ୍ତିଟି ଅବସ୍ଥିତ ରହିଛି, ଚୈତ୍ୟ-ସତ୍ତାକୁହିଁ ତାହାର ଯଥାର୍ଥ ବ୍ୟକ୍ତିତ୍ୱ ବୋଲି କୁହାଯିବ । କାରଣ ତୁମ ଅଭିବ୍ୟକ୍ତିର ସ୍ୱତନ୍ତ୍ର ଧାରାଟିକୁହିଁ ତୁମର ବ୍ୟକ୍ତିତ୍ୱ ବୋଲି କୁହାଯିବ; ଏବଂ ତୁମର ଚୈତ୍ୟ-ସତ୍ତାକୁ ଦିବ୍ୟଭଗବନ୍ତ ଚେତନାରହିଁ ଏପରି ଏକ ସ୍ୱତନ୍ତ୍ର ବିଭାବ ବୋଲି କୁହାଯିବ, ଯାହାକି ତୁମ ଭିତରେ ଏକ ମୂର୍ତ୍ତିରୂପ ଧାରଣ କରି ରହିଛି । ମାତ୍ର, ତୁମ ପ୍ରକୃତିର ଅନ୍ୟାନ୍ୟ ଭାଗରେ ବ୍ୟକ୍ତିଚେତନା ଏବଂ ବିଶ୍ୱଚେତନା ମଧ୍ୟରେ କରାଯାଉଥିବା ଯେଉଁ ବିଭାଜନର ବୋଧଟି ତୁମକୁ ଆକ୍ରାନ୍ତ କରି ରହିଛି, ଚୈତ୍ୟଚେତନାର ଭୂମିରେ ସେପରି ଆଦୌ କୌଣସି ବିଭାଜନର ବୋଧ ନାହିଁ । ତୁମର ବ୍ୟକ୍ତିତ୍ୱ କହିଲେ ଯେ ତୁମ ଅଭିବ୍ୟକ୍ତିର ନିଜସ୍ୱ ଧାରାଟିକୁହିଁ ବୁଝାଉଛି, ଚୈତ୍ୟସତ୍ତାର ଭୂମିରେ ତୁମେ ସେହି ବିଷୟରେ ସଚେତନ ରହିଥାଅ ସତ, ଯୁଗପତ୍ ଭାବରେ ତୁମେ ଏହି କଥାଟି ବିଷୟରେ ବି ସଜ୍ଞାନ ହୋଇ ରହିଥାଅ ଯେ ତାହା କେବଳ ସେହି ଏକ ଓ ସମଗ୍ର ବିଶ୍ୱ-ଚେତନାକୁହିଁ ଏକ ମୂର୍ତ୍ତିରୂପ ଦେଇ ଅଭିବ୍ୟକ୍ତ କରିଦେବାରେ ଲାଗିଛି । ସତେଯେପରି ତୁମେ ଆପଣା ଭିତରୁ ଗୋଟିଏ ଅଂଶକୁ ବାହାର କରିନେଇ ଆପଣାର ସମ୍ମୁଖରେ ନେଇ ରଖିଛ ଏବଂ ଦୁଇଟି ମଧ୍ୟରେ ଏକ ପାରସ୍ପରିକ ଅବଲୋକନ ଏବଂ ପାରସ୍ପରିକ ଲୀଳା ଅବ୍ୟାହତ ଭାବରେ ଲାଗିରହିଛି ! ମୂର୍ତ୍ତି ସମ୍ବନ୍ଧଟିକୁ ସୃଷ୍ଟି କରି ଓ ତାହାକୁ ପ୍ରତିଷ୍ଠିତ କରି ରଖି ତାହାକୁ ଉପଭୋଗ କରିବା ସକାଶେହିଁ ଏହି ଦ୍ୱୈତତାର ଏକ ଆବଶ୍ୟକତା ରହିଥିଲା ସତ, ମାତ୍ର ତୁମ ସତ୍ତାର ଚୈତ୍ୟ ଭୂମିରେ ସେହି ଦ୍ୱୈତତାକୁ ଆହୁରି ଅଧିକ ଶାଣିତ କରି ଦେଖାଇ ଦେଉଥିବା ବିଚ୍ଛିନ୍ନତାଟି ପ୍ରକୃତରେ ଏକ ଭ୍ରମ ବୋଲିହିଁ ପରିଦୃଷ୍ଟ ହେବାକୁ ଲାଗିବ; ତାହା ଏକ ପ୍ରତିଭାସ ବ୍ୟତୀତ ଯେ କଦାପି ଆଉ କିଛି ନୁହେଁ, ତାହାହିଁ ଉପଲବ୍ଧ ହେବ ।

"ଆଧ୍ୟାତ୍ମିକ" ଏବଂ "ଚୈତ୍ୟ" ମଧ୍ୟରେ ପ୍ରକୃତରେ କୌଣସି ପାର୍ଥକ୍ୟ ରହିଛି କି ? ସେଗୁଡ଼ିକୁ ଆମେ ଦୁଇଟି ପୃଥକ୍ ଭୂମି ବୋଲି କହିପାରିବା କି ?

'oaob.nitrkl.ac.in' images reprocessed

ହଁ, କହିପାରିବା । ଚୈତ୍ୟଭୂମି ହେଉଛି ବ୍ୟକ୍ତିଗତ ଅଭିବ୍ୟକ୍ତିର ଭୂମି; ତୁମର ଚୈତ୍ୟ ଭୂମିଟିକୁ ତୁମରି ମଧ୍ୟରେ ରହିଥିବା ଦିବ୍ୟ ଅଂଶଟି ବୋଲି ବୁଝିହେବ, ଯାହାକୁ କି ଲୀଳାଟି ମଧ୍ୟରେ ଗତିଶୀଳ କରି ଅବତୀର୍ଣ୍ଣ କରାଇ ଦିଆଯାଇଛି । ମାତ୍ର, ଆମେ ଯେତେବେଳେ ଆଧ୍ୟାତ୍ମିକର କଥା କହିବା, ସେତେବେଳେ ଆମେ ଏପରି ଏକ ପର୍ଯ୍ୟାୟର ଚିନ୍ତା କରୁଥିବା ଯାହାକି ବାହ୍ୟ ପରିପ୍ରକାଶ ମଧ୍ୟରେ ନୁହେଁ, ମାତ୍ର ପରମ ଦିବ୍ୟସତ୍ତାଙ୍କ ମଧ୍ୟରେହିଁ ସଂକେନ୍ଦ୍ରିତ ହୋଇ ରହିଛି । ଆଧ୍ୟାତ୍ମିକ ଭୂମି ସ୍ଥିତିଶୀଳ ଭାବରେ ପଶ୍ଚାତରେ ଅବସ୍ଥିତ ରହିଛି, ତାହା ଏହି ଯାବତୀୟ ବହିରଙ୍ଗ ଲୀଳାର ଊର୍ଦ୍ଧ୍ୱରେ ଅବସ୍ଥିତ ରହିଛି; ଏହା ପ୍ରକୃତିର ସାଧନଚୟକୁ ଅବଲମ୍ବନ ଦେଇ ରଖିଛି ସତ, ମାତ୍ର ସ୍ୱୟଂ ଏହି ଇହଭୂମିର ବାହ୍ୟ ପରିପ୍ରକାଶଟି ମଧ୍ୟରେ ଆଦୌ ଅନ୍ତର୍ଗତ ଅଥବା ସଂଶ୍ଳିଷ୍ଟ ହୋଇରହି ନାହିଁ ।

ମାତ୍ର ଏହିସବୁ କଥା କହିବା ସମୟରେ ଆମକୁ ଭାରି ସାବଧାନ ହୋଇ ରହିବାକୁ ହେବ ଯେପରିକି ଆମେ ବ୍ୟବହାର କରୁଥିବା ଶବ୍ଦଗୁଡ଼ିକର ଜାଲଭିତରେ କେବେହେଲେ ଛନ୍ଦିହୋଇ ପଡ଼ିବା ନାହିଁ । ମୁଁ ଯେତେବେଳେ ଚୈତ୍ୟ କିଂବା ଆଧ୍ୟାତ୍ମିକର କଥା କହୁଛି ସେତେବେଳେ ମୁଁ ସେଗୁଡ଼ିକୁ ଏପରି ବସ୍ତୁଗୁଡ଼ିକର ଅର୍ଥରେ ବ୍ୟବହାର କରୁଛି ଯେଉଁଗୁଡ଼ିକ କି ଶବ୍ଦଜାଲର ତୁଚ୍ଛା ଉପରିଭାଗର ଅନେକ ପଶ୍ଚାତରେ ଗଭୀର ଓ ଯଥାର୍ଥ ଭାବରେ ନିହିତ ହୋଇ ରହିଛନ୍ତି ଏବଂ ଆପଣାର ପାର୍ଥକ୍ୟ ମଧ୍ୟରେ ବି ପରସ୍ପର ସହିତ ଘନିଷ୍ଠ ଭାବରେ ସଂଲଗ୍ନ ହୋଇ ରହିଛନ୍ତି । ବୁଦ୍ଧିର ସାହାଯ୍ୟରେ ଯେଉଁସବୁ ସଂଜ୍ଞା ଓ ପାର୍ଥକ୍ୟର ନିରୂପଣ କରାଯାଏ, ସେଗୁଡ଼ାକ ଏତେ ଅଧିକ ପରିମାଣରେ କେବଳ ବାହ୍ୟ ଏବଂ ଅନମନୀୟ ହୋଇ ରହିଥାନ୍ତି ଯେ ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟଟିକୁ ସେମାନେ ଆଦୌ ସ୍ପର୍ଶ କରିପାରନ୍ତି ନାହିଁ । ଏବଂ ତଥାପି, ଅବଶ୍ୟ ଏକଥା ବି ସତ ଯେ ଯଦି ତୁମମାନଙ୍କ ମଧ୍ୟରେ କଥାବାର୍ତ୍ତା କରିବାର ଯଥେଷ୍ଟ ଅଭ୍ୟାସ ରହିଥିବ; ତେବେ ତାହା ନିଶ୍ଚୟ ଅନ୍ୟ ପ୍ରକାରର ହେବ; — ତୁମେ ଯେ ପ୍ରକୃତରେ କେଉଁ ଅର୍ଥରେ ଶବ୍ଦଗୁଡ଼ିକର ବ୍ୟବହାର କରୁଛ, ସଂଜ୍ଞାନିରୂପଣ ଦ୍ୱାରା ତାହାକୁ ବୁଝାଇ କହିଦେବା ଲାଗି ପ୍ରାୟ ଏକ ଆବଶ୍ୟକତା ବି ନିଶ୍ଚୟ ରହିବ, କାରଣ ତା' ନ ହେଲେ ତୁମେମାନେ ପରସ୍ପରକୁ ଆଦୌ ଠିକ୍ ଭାବରେ ବୁଝି ପାରିବ ନାହିଁ । ହଁ, ଯେତେବେଳେ ମନଗୁଡ଼ିକ ଏପରି ସୁସ୍ଥିରୁ ଭାବରେ ପରସ୍ପର ସହିତ ସମଚ୍ଛନ୍ଦ ହୋଇ ରହିଥିବେ ଯେପରିକି ବ୍ୟବହୃତ ଶବ୍ଦଚୟ ପରସ୍ପରକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ବୁଝିବା ଲାଗି କେବଳ ଏକ ସହାୟକ ପରିହିଁ କାର୍ଯ୍ୟ କରୁଥିବେ ଏବଂ ତୁମେ ଉଚ୍ଚାରଣ

'oaob.nitrkl.ac.in' images reprocessed

କରୁଥିବା ପ୍ରତ୍ୟେକ କଥାକୁ ତୁମକୁ ଆଉ ମୋଟେ ବୁଝାଇ କହିଦେବାକୁ ପଡ଼ୁ ନ ଥିବ, ସେତେବେଳେ ଯାଇ କଥୋପକଥନର ଏକ ଆଦର୍ଶ ବାତାବରଣ ସୃଷ୍ଟି ହୋଇପାରିବ । ଏକା ଲୋକଙ୍କ ସହିତ ସର୍ବଦା କଥାବାର୍ତ୍ତା କରିବାର ଅବସର ମିଳୁଥିବା ଦ୍ୱାରା ଆମକୁ ପ୍ରକୃତରେ ଏହି ସୁବିଧାଟିହିଁ ମିଳେ; ସେମାନଙ୍କର ମନ ଭିତରେ ଏକ ସମଚ୍ଛନ୍ଦ ସୌଷମ୍ୟ ପ୍ରତିଷ୍ଠିତ ହୋଇ ରହିଥାଏ ଏବଂ କଥିତ ସାମଗ୍ରୀଗୁଡ଼ିକର ଯଥାର୍ଥ ତାତ୍ପର୍ଯ୍ୟ ସେମାନଙ୍କ ମଧ୍ୟକୁ ତତ୍‌କ୍ଷଣାତ୍ ଭେଦ କରିବାରେ ସମର୍ଥ ହୋଇଯାଏ ।

ଭାବନା ଓ ବାକ୍ୟରର ଏକ ଅମୂର୍ତ୍ତ ଜଗତ୍ ରହିଛି, ଏବଂ ଶବ୍ଦଗୁଡ଼ିକର ପଛରେ ନିହିତ ହୋଇ ରହିଥିବା ବ୍ୟଞ୍ଜନାଟିକୁ ଧରିପାରିବାକୁ ହେଲେ ତୁମକୁ ସେହି ଜଗତଟି ମଧ୍ୟରେ ଯାଇ ପ୍ରବେଶ କରିବାକୁ ହେବ । ଶବ୍ଦର ବାହ୍ୟ ରୂପଗୁଡ଼ିକ ମଧ୍ୟରୁ ଆପଣାର ଅର୍ଥବୋଧକୁ ଆହରଣ କରୁଥିବା ପର୍ଯ୍ୟନ୍ତ ତୁମେ ଯଥାର୍ଥ ବୋଧଟିର କ୍ଷେତ୍ରରେ ହୁଏତ ନାନାପ୍ରକାର ସଂଶୟ ମଧ୍ୟରେ ଯାଇ ପଡ଼ିଯାଉଥିବ । ମାତ୍ର, ଯଦି ଆପଣା ମନର ଏକ ନୀରବ ଅବସ୍ଥାରେ, ଶବ୍ଦଗୁଡ଼ିକ ଯେଉଁଠାରୁ ଅବତୀର୍ଣ୍ଣ ହୋଇଆସି ଆକାର ଗ୍ରହଣ କରୁଥାନ୍ତି, ତୁମେ ସେହିପରି ଏକ ଜଗତ ମଧ୍ୟକୁ ଆପଣାକୁ ଉନ୍ନୀତ କରି ନେଇଯାଇ ପାରିବ, ତେବେ ତୁମେ ତତ୍‌କ୍ଷଣାତ୍ ଯଥାର୍ଥ ବୋଧଟିକୁ ଲାଭ କରିପାରିବ । ତୁମେ ପରସ୍ପରକୁ କେବଳ ଠିକ୍ ଭାବରେହିଁ ବୁଝିବ, ଏହି ବିଷୟରେ ନିଶ୍ଚିତ ହେବାକୁ ହେଲେ, ତୁମକୁ ନୀରବତା ମଧ୍ୟରେହିଁ ସବୁକିଛୁ ବୁଝିବା ଲାଗି ସମର୍ଥ ହେବାକୁ ପଡ଼ିବ । ଏପରି ଗୋଟିଏ ଅବସ୍ଥା ରହିଛି, ଯେଉଁଥିରେ କି ତୁମମାନଙ୍କର ମନ ପରସ୍ପର ସହିତ ଏପରି ନିପୁଣ ଭାବରେ ସମଚ୍ଛନ୍ଦ ଓ ସମଞ୍ଜସତାଯୁକ୍ତ ହୋଇଥାଏ ଯେ, ଶବ୍ଦ ଲାଗି ଆଦୌ କୌଣସି ଆବଶ୍ୟକତା ଅନୁଭବ ନ କରିହିଁ ଜଣେ ଆଉ ଜଣକର ଭାବନାକୁ ଧରି ପାରିବା ଲାଗି ସମର୍ଥ ହୋଇଯାଏ । ମାତ୍ର, ଯେଉଁଠାରେ ସେହି ସମଚ୍ଛନ୍ଦତାର ଅଭାବ ରହିଥାଏ, ସେଠାରେ ତୁମର ଅଭିପ୍ରେତ ଅର୍ଥଟି କୌଣସି ନା କୌଣସି ପ୍ରକାରେ ବିକୃତ ହୋଇ ପଡ଼ିବା ସର୍ବଦା ପ୍ରାୟ ଅବଶ୍ୟମ୍ଭାବୀ ହୋଇପଡ଼େ, କାରଣ ତୁମେ ଯାହାକିଛି କହୁଥାଅ ନା କାହିଁକି, ଅନ୍ୟ ଜଣକର ମନଟି ତାହାର ପ୍ରାୟ କୌଣସି ଖବର ରଖେ ନାହିଁ ଓ ତା'ର ଆପଣା ତାତ୍ପର୍ଯ୍ୟଗୁଡ଼ିକୁ ପୂରାଇଦେଇ ସିଏ ତୁମ କଥାଟିକୁ ବୁଝେ । ମୁଁ କୌଣସି ଏକ ନିର୍ଦ୍ଦିଷ୍ଟ ଅର୍ଥ ବା ବ୍ୟଞ୍ଜନାରେ ଗୋଟିଏ ଶବ୍ଦକୁ ବ୍ୟବହାର କରେ ଏବଂ ତୁମେ ସେଥିମଧ୍ୟରେ ଆଉଗୋଟିଏ ଅନ୍ୟ ଅର୍ଥ ବା ବ୍ୟଞ୍ଜନାକୁ ଆଣି ପୂରାଇ ଦେବାରେ ଅଭ୍ୟସ୍ତ ହୋଇ ରହିଥାଅ । ତେଣୁ ତୁମେ ନିଶ୍ଚିତରୂପେ ତା'ଭିତରେ ରହିଥିବା ମୋର ନିର୍ଭୁଲ ଅର୍ଥଟିକୁ କଦାପି ବୁଝ ନାହିଁ; ମାତ୍ର ଶବ୍ଦଟି

'oaob.nitrkl.ac.in' images reprocessed

ତୁମକୁ ଯେପରି ଅର୍ଥର ବହନ କରୁଥିବା ପରି ମନେ ହେଉଥାଏ, ତୁମେ ସେହିପରି ଏକ ଅର୍ଥରେହିଁ ତାହାକୁ ବୁଝିଥାଅ । କେବଳ କଥାର କ୍ଷେତ୍ରରେ ଯେ ଏପରି ଘଟେ, ତାହା ଆଦୌ ଠିକ୍ ନୁହେଁ, ପଢ଼ିବା ବେଳକୁ ମଧ୍ୟ ଠିକ୍ ସେହିକଥା ଘଟିଥାଏ । କୌଣସି ଗଭୀର ସନ୍ଦେଶର ବହନ କରୁଥିବା ଏକ ପୁସ୍ତକକୁ ଯଦି ତୁମେ ପଢ଼ିବା ଲାଗି ଇଚ୍ଛା କରୁଥାଅ, ତେବେ ନିଜ ମନର ନୀରବତା ମଧ୍ୟରେହିଁ ତୁମକୁ ସେହି ପୁସ୍ତକଟିକୁ ପାଠ କରିବାକୁ ପଡ଼ିବ; ତୁମକୁ ଅପେକ୍ଷା କରିବାକୁ ପଡ଼ିବ, ଏବଂ ଭାଷା ଦ୍ୱାରା ଅଭିବ୍ୟକ୍ତ ହେଉଥିବା କଥାଗୁଡ଼ିକୁ ଆପଣା ଭିତରେ ଏପରି ଏକ ଗଭୀର ସ୍ଥଳରେ ଯାଇ ପହଞ୍ଚି ପାରିବା ଲାଗି ବାଟ ଛାଡ଼ିଦେବାକୁ ପଡ଼ିବ, ଯେଉଁଠାରେ କି କଥିତ ଶବ୍ଦଗୁଡ଼ିକର ଆଉ କୌଣସି ଅସ୍ତିତ୍ୱହିଁ ନ ଥିବ । ଏବଂ, ତା'ପରେ ସେହିଠାରୁହିଁ ତୁମେ ଆପଣାର ବାହ୍ୟ ଚେତନାର ଭୂମିକୁ ବାହୁଡ଼ି ଆସିବ ଏବଂ ତାହାର ବାହ୍ୟ ଅର୍ଥଟିକୁ ବୁଝିବ । ମାତ୍ର ତା' ନ କରି, ଯଦି ତୁମେ ଶବ୍ଦଗୁଡ଼ାକୁ ତୁମର ବାହ୍ୟ ମନ ଉପରେ ଫକଫକ ହୋଇ ଡେଇଁବା ଲାଗି ବାଟ ଛାଡ଼ିଦେବ ଏବଂ ଦୁଇଟିଯାକକୁ ପରସ୍ପର ସହିତ ଅନୁକୂଳିତ କରିନେବାକୁ ଏବଂ ଖାପଖୁଆଇ ନେବାକୁ ଚେଷ୍ଟା କରୁଥିବ, ତେବେ ତୁମେ ତାହାରି ମଧ୍ୟରେହିଁ ସେଗୁଡ଼ିକର ପ୍ରକୃତ ତାତ୍ପର୍ଯ୍ୟ ଏବଂ ଶକ୍ତିଟିକୁ କୁଆଡ଼େ ମନ କୁଆଡ଼େ ହରାଇ ପକାଇବ । ସକଳ ଅଭିବ୍ୟକ୍ତର କେନ୍ଦ୍ର ରୂପେ ଅବସ୍ଥିତ ରହିଥିବା ଅନଭିବ୍ୟକ୍ତ ମନଟି ସହିତ ଯଦି ତୁମେ ସଂଯୁକ୍ତ ହୋଇ ରହି ନ ଥିବ, ତେବେ ତୁମର ଅର୍ଥବୋଧ କଦାପି ସମ୍ପୂର୍ଣ୍ଣତାଯୁକ୍ତ ହୋଇପାରିବ ନାହିଁ ।

ଥରେ ଆମେ ଏପରି କେତେକ ବ୍ୟକ୍ତିମନର ଆଲୋଚନା କରିଥିଲୁ, ଯେଉଁଗୁଡ଼ିକୁ କି ଆମେ ପରସ୍ପରଠାରୁ ସ୍ୱତନ୍ତ୍ର ଏବଂ ଭିନ୍ନ ଗୋଟିଏ ଗୋଟିଏ ଜଗତ ବୋଲି ବର୍ଣ୍ଣନା କରିଥିଲୁ । ସେଗୁଡ଼ିକ ପ୍ରତ୍ୟେକେ ଆପଣା ମଧ୍ୟରେ ବନ୍ଦହୋଇ ରହିଥାନ୍ତି ଏବଂ ପରସ୍ପର ସହିତ ସେମାନଙ୍କର ଆଦୌ କୌଣସି ପ୍ରତ୍ୟକ୍ଷ ସମ୍ପର୍କର ଭିତ୍ତି ଅବସ୍ଥିତ ନ ଥାଏ । ମାତ୍ର, କେବଳ ନିମ୍ନସ୍ତରସ୍ଥ ମନର ଭୂମିରେହିଁ ଏସବୁ ଘଟିଥାଏ; ସେହି ସ୍ତରରେ ତୁମର ନିଜ ବିରଚନାଗୁଡ଼ିକହିଁ ତୁମକୁ ପାଚେରି ପରି ଘେରିଆଡ଼ୁ ବନ୍ଦ କରି ରଖିଥାନ୍ତି; ତୁମେ ସେମାନଙ୍କର ସେହି ବେଢ଼ ମଧ୍ୟରୁ ମୋଟେ ବାହାରି ଆସିପାର ନାହିଁ, ନିଜ ଭିତରୁ ମଧ୍ୟ ବାହାରି ଆସିପାର ନାହିଁ, ସେତେବେଳେ ତୁମେ ଯାହାକିଛି କହିଲେ କେବଳ ନିଜକୁହିଁ ବୁଝ ଏବଂ ବସ୍ତୁଗୁଡ଼ିକ ମଧ୍ୟରେ କେବଳ ନିଜର ପ୍ରତିଫଳନଟିକୁହିଁ ବୁଝୁଥାଅ । ମାତ୍ର, ଅନଭିବ୍ୟକ୍ତ ମନର ଏହି ଉଚ୍ଚତର ଅନ୍ୟ କ୍ଷେତ୍ରଟିରେ ଏବଂ ସେହି ମନର ଶୁଦ୍ଧତର ଉଚ୍ଚତାଗୁଡ଼ିକର ସ୍ତରରେ ତୁମେ ମୁକ୍ତ ହୋଇ ରହିଥାଅ; ସେହି କ୍ଷେତ୍ରଟି ମଧ୍ୟରେ

'oaob.nitrkl.ac.in' images reprocessed

ପ୍ରବେଶ କରି ତୁମେ ନିଜ ଭିତରୁ ବାହାରି ଆସିବାକୁ ସମର୍ଥ ହୁଅ ଏବଂ ଏପରି ଏକ ବିଶ୍ୱଗତ ମନୋଭୂମିରେ ଯାଇ ପ୍ରବିଷ୍ଟ ହୁଅ, ଯେଉଁଠାରେ କି ବ୍ୟକ୍ତିଗତ ପ୍ରତ୍ୟେକ ମନୋଜଗତ୍ ସତେଯେପରି ଏକ ବିଶାଳ ସମୁଦ୍ର ମଧ୍ୟରେ ଆସି ଲୀନ ହୋଇଯିବାରେ ଲାଗିଥାଏ ଅନ୍ୟଜଣଙ୍କ ମନରେ କ'ଣସବୁ ଘଟୁଛି, ସେଠାରେ ପହଞ୍ଚି ତୁମେ ତାହାକୁ ସମ୍ପୂର୍ଣ୍ଣରୂପେ ଜାଣିବାକୁ ସମର୍ଥ ହୁଅ, ତାହାର ମନକୁ ତୁମେ ସତେଅବା ଆପଣାର ମନ ପରି ପଢ଼ିବାରେ ସମର୍ଥ ହୁଅ, କାରଣ ସେହି କ୍ଷେତ୍ରରେ ମନଠାରୁ ଅଲଗା କରି ରଖିବା ଲାଗି ଆଦୌ କୌଣସି ବ୍ୟବଧାନ ନ ଥାଏ । କେବଳ ସେହି ଭୂମିରେହିଁ ଅନ୍ୟମାନଙ୍କ ସହିତ ସଂଯୁକ୍ତ ହୋଇପାରିଲେ ଯାଇ ତୁମେ ସେମାନଙ୍କୁ ବୁଝିବା ଲାଗି ସମର୍ଥ ହୁଅ; ତା' ନ ହେଲେ ତୁମର ସେମାନଙ୍କ ସହିତ କୌଣସି ଖିଅ ଯୋଡ଼ିହୋଇ ରହି ନ ଥାଏ, ତୁମେ ଆଦୌ କାହାକୁହେଲେ ସ୍ପର୍ଶ କରିପାର ନାହିଁ, ତୁମଠାରୁ ଭିନ୍ନ ଆଉଜଣେ ଲୋକର ମନରେ ପ୍ରକୃତରେ କ'ଣ ଘଟୁଛି, ତାହାକୁ ନିର୍ଭୁଲ ଭାବରେ ଜାଣିବା ଲାଗି ତୁମପାଖରେ ଆଦୌ କୌଣସି ସାଧନ ନ ଥାଏ । ଯେତେବେଳେ ତୁମେ ଆଉ ଜଣକର ସମ୍ମୁଖରେ ଉପସ୍ଥିତ ଥାଅ, ସେତେବେଳେ ଅଧିକାଂଶ ସମୟରେ, ତୁମେ ସିଏ କ'ଣସବୁ ଭାବୁଛି ବା ଅନୁଭବ କରୁଛି, ସେସବୁ ବିଷୟରେ ନିତାନ୍ତ ଅଜ୍ଞ ହୋଇ ରହିଥାଅ; ମାତ୍ର, ଯଦି ତୁମେ ଆହୁରି ସେପାଖକୁ ଚାଲି ଯାଇପାର, ଯଦି ଅଭିବ୍ୟକ୍ତିର ଏହି ବାହ୍ୟ ଭୂମିଟିର ଊର୍ଦ୍ଧ୍ୱକୁ ଚାଲିଯାଇପାର, ଯଦି ତୁମେ ଏକ ନୀରବ ସମ୍ପର୍କସ୍ଥାପନ ସମ୍ଭବ ହୋଇପାରୁଥିବା ଏକ ଭୂମିରେ ଯାଇ ପ୍ରବେଶ କରିପାର, ତେବେ ତୁମେ ନିଜ ଭିତରେ ଯେପରି ସବୁକିଛି ପଢ଼ିପାରୁଛ, ସେହିଭଳି ସେହି ଅନ୍ୟ ବ୍ୟକ୍ତିଟି ମଧ୍ୟରେ ବି ସବୁକିଛି ପଢ଼ିବାକୁ ସମର୍ଥ ହୋଇଯିବ । ସେତେବେଳେ, ତୁମେ ଭାବପ୍ରକାଶ ଲାଗି ଯେଉଁ ଶବ୍ଦଗୁଡ଼ିକ ବ୍ୟବହାର କରିବ, ସେଗୁଡ଼ିକର ମହତ୍ତ୍ୱ ପ୍ରକୃତରେ ଅତ୍ୟନ୍ତ ଗୌଣ ହୋଇପଡ଼ିବ; କାରଣ ସମଗ୍ର ବୋଧଟି ସେତେବେଳେ ଆଉଗୋଟିଏ ଅଧିକ ଊର୍ଦ୍ଧ୍ୱସ୍ଥ ବସ୍ତୁରେ ଯାଇ ନିହିତ ହୋଇ ରହିଥିବ ଏବଂ ତେଣୁ ଆବଶ୍ୟକ ସର୍ବନିମ୍ନ ଶବ୍ଦ ବ୍ୟବହାର କଲେ ମଧ୍ୟ ତୁମର ଉଦ୍ଦେଶ୍ୟସାଧନ ଲାଗି ତାହା ଯଥେଷ୍ଟ ହୋଇଯିବ । ସେଠାରେ କୌଣସି ଦୀର୍ଘ ବ୍ୟାଖ୍ୟା ଦେବାର ଆଉ କୌଣସି ପ୍ରୟୋଜନ ରହିବ ନାହିଁ; ତୁମର କୌଣସି ଏକ ଭାବନାକୁ ଯେ ସମ୍ପୂର୍ଣ୍ଣ ଭାବରେ ଶବ୍ଦ ଦେଇ ଅଭିବ୍ୟକ୍ତ କରିବାକୁ ହେବ, ସେତେବେଳେ ତୁମର ସେଥିଲାଗି ଆଦୌ କୌଣସି ପ୍ରୟୋଜନ ରହିବ ନାହିଁ, କାରଣ, ତୁମେ କ'ଣ କହିବାକୁ ଇଚ୍ଛା କରୁଛ, ତାହାର ଏକ ପ୍ରତ୍ୟକ୍ଷ ଦର୍ଶନସାମର୍ଥ୍ୟ ତୁମ ପାଖରେ ମହଜୁଦ ହୋଇ ରହିଥିବ ।

'oaob.nitrkl.ac.in' images reprocessed

ଏପରି ଏକ ସମୟ ଆସି ପହଞ୍ଚିବ, ଯେତେବେଳେ କି ପ୍ରତିକୂଳ ଶକ୍ତିମାନଙ୍କର ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ ?

ଏହି ଜଗତରେ ସେମାନଙ୍କର ଉପସ୍ଥିତି ଯେତେବେଳେ ଆଉ କୌଣସି କାମରେ ଆସିବ ନାହିଁ, ସେତେବେଳେ ସେମାନେ ନିଶ୍ଚୟ ଅନ୍ତର୍ହିତ ହୋଇଯିବେ। ସେମାନେ ବର୍ତ୍ତମାନ ଯାହାସବୁ କରୁଛନ୍ତି, ତାହା ଏକ ପରୀକ୍ଷାର ପ୍ରକ୍ରିୟାରୂପେ କାର୍ଯ୍ୟରେ ଲାଗୁଛି, ଯେପରିକି କିଛିହେଲେ ପାସୋର ଯିବ ନାହିଁ, ରୂପାନ୍ତରର କାର୍ଯ୍ୟଟିରେ ଯେପରି କୌଣସିଟି କଦାପି ବାଦ୍ ପଡ଼ିବ ନାହିଁ। ସେମାନେ ଆଦୌ କୌଣସି ଭୁଲକୁ ବାଦ ଛାଡ଼ିଦେବେ ନାହିଁ। ତୁମ ଭିତରେ ଥିବା ଏତେଟିକିଏ କୌଣସି ଜିନିଷ ଉପରେ ଯଦି ତୁମର ଦୃଷ୍ଟି ନ ପଡ଼ୁଛି ଓ ତୁମେ ତାହାକୁ ଏଡ଼େଇ ଦେଇ ଚାଲିଯାଇଛ, ତେବେ ପ୍ରତିକୂଳ ଶକ୍ତିମାନେ ଆସି ପହଞ୍ଚିଯିବେ, ଅବହେଳିତ ସେହି କୁନି ଜାଗାଟିରେ ଆସି ହାତ ମାରିଦେବେ ଏବଂ ତାହାକୁ ଏଡ଼େ ଯନ୍ତ୍ରଣାଦାୟକ ଭାବରେ ସ୍ପଷ୍ଟରୂପେ ଅନୁଭୂତ କରାଇ ଆଣିବେ ଯେ ତୁମେ ବାଧ୍ୟ ହୋଇ ବଦଳିଯିବ। ଏହି କାର୍ଯ୍ୟସାଧନଟି ଲାଗି ଯେତେବେଳେ ସେମାନଙ୍କର ଆଉ କୌଣସି ପ୍ରୟୋଜନ ରହିବ ନାହିଁ, ସେତେବେଳେ ସେମାନଙ୍କର ଅସ୍ତିତ୍ୱ ଲାଗି ମଧ୍ୟ ଆଉ କୌଣସି ପ୍ରୟୋଜନ ରହିବ ନାହିଁ ଏବଂ ସେମାନେ ସେତେବେଳେ ଅନ୍ତର୍ହିତ ହୋଇଯିବେ। ଏଠାରେ ରହିବା ଲାଗିହିଁ ସେମାନେ ଅନୁମତିପ୍ରାପ୍ତ ହୋଇ ଆସିଛନ୍ତି, କାରଣ ସେହି ପରମ ବୃହତ୍ତର କାର୍ଯ୍ୟଟି ଲାଗି ସେଗୁଡ଼ିକର ଆବଶ୍ୟକତା ରହିଛି। ଯେତେବେଳେ ସେମାନଙ୍କର ସେହି ଅପରିହାର୍ଯ୍ୟତା ଅପସରି ଯିବ, ସେତେବେଳେ ସେମାନଙ୍କୁ ହୁଏତ ବଦଳିଯିବାକୁ ନଚେତ୍ ଚାଲିଯିବାକୁ ପଡ଼ିବ।

ସେପରି ଘଟିବା ଲାଗି ଦୀର୍ଘ ସମୟ ଲାଗିବ କି ?

ତୁମେ କେଉଁ ଦୃଷ୍ଟିରେ ସେମାନଙ୍କର ସମ୍ମୁଖୀନ ହେବ, ସବୁକଥା ତାହାରି ଉପରେ ନିର୍ଭର କରୁଛି। କାରଣ ସମୟ ହେଉଛି ଏକ ଆପେକ୍ଷିକ ବସ୍ତୁ; ତୁମେ ସାଧାରଣ ମନୁଷ୍ୟପ୍ରାଣୀସୁଲଭ ଦୃଷ୍ଟିକୋଣରୁ ଏହି ସମସ୍ତ ବିଷୟରେ ଆଲୋଚନା କରିପାର ଅଥବା ଏକ ଅନ୍ତର୍ଗତ ଚେତନା ଅର୍ଥାତ୍ ପରମ ଦିବ୍ୟସତ୍ତାଙ୍କର ଦୃଷ୍ଟିରେ ଅଧିକ ଗଭୀର ପରିପ୍ରେକ୍ଷୀ ଦେଇ ମଧ୍ୟ ତାହାର ଆଲୋଚନା ବି କରିପାର।

ମନୁଷ୍ୟର ପରିକଳ୍ପନା ଅନୁସାରେ କୌଣସି କାର୍ଯ୍ୟକୁ ସମ୍ପନ୍ନ କରିବା ଲାଗି ହଜାର ବର୍ଷ ଲାଗିବ ବା ମାତ୍ର ଗୋଟିଏ ବର୍ଷ ଲାଗିବ, ଯଦି ତୁମେ ପରମ

'oaob.nitrkl.ac.in' images reprocessed

ଦିବ୍ୟଚେତନା ସହିତ ଏକାତ୍ମକତା ଲାଭ କରିପାରିଥାଅ, ତେବେ ସେହି କଥାଟିର ଆଦୌ କୌଣସି ମହତ୍ତ୍ୱହିଁ ରହିବ ନାହିଁ । କାରଣ ସେତେବେଳେ ତୁମେ ମନୁଷ୍ୟପ୍ରକୃତିର ବସ୍ତୁଗୁଡ଼ିକୁ ତୁମ ବାହାରେ ଛାଡ଼ିଦେଇ ଆସିଥିବ ଏବଂ ଦିବ୍ୟ ପରମପ୍ରକୃତିର ଅନନ୍ତତା ତଥା ଶାଶ୍ୱତତା ମଧ୍ୟରେ ପ୍ରବେଶ କରିପାରିଥିବ । କାର୍ଯ୍ୟଗୁଡ଼ିକୁ ହାସଲ କରିବା ଲାଗି ତରତର ହେବାର ଯେଉଁ ଅସ୍ୱାଭାବିକ ଉତ୍ସୁକତା ଦ୍ୱାରା ମନୁଷ୍ୟମାନେ ସାଧାରଣତଃ ଗ୍ରସ୍ତ ହୋଇ ରହିଥାନ୍ତି, ସେତେବେଳେ ତୁମେ ତାହାର କବଳରୁ ନିଷ୍କୃତି ଲାଭ କରିପାରିବ । ଉତ୍ତେଜନା, ତରତର ହେବା, ଅସ୍ଥିରତା,—ଏସବୁ ଆମକୁ ଆଦୌ କେଉଁଠାକୁ ହେଲେ ନେଇଯାଇ ପାରନ୍ତି ନାହିଁ । ତାହା ସମୁଦ୍ର ଉପରେ ଖାଲିଗୁଡ଼ାଏ ଫେଣ ହୋଇ ରହିଥାଏ; ଏହି ବାକ୍ୟାଡ଼ମ୍ବର ସେହି ବାକ୍ୟଗୁଡ଼ାକ ସହିତହିଁ ଫସରଫାଟି ଯାଏ । ଅନେକ ଲୋକ ଏପରି ଅନୁଭବ କରନ୍ତି ଯେ ଯଦି ସେମାନେ ସାରା ସମୟ ଏଣେତେଣେ ଦୌଡ଼ିବାରେ ବ୍ୟସ୍ତ ନ ରହନ୍ତି ଏବଂ ଜ୍ୱରାକ୍ରାନ୍ତ ହେଲା ପରି ନାନାବିଧ କାର୍ଯ୍ୟକଳାପରେ ଉଦ୍‌ବ୍ୟସ୍ତ ହୋଇ ନ ରହନ୍ତି, ତେବେ ସେମାନେ ଆଦୌ କିଛି କରୁଛନ୍ତି ବୋଲି ମୋଟେ ଜଣା ପଡ଼ିବ ନାହିଁ । ଏହିସବୁ ତଥାକଥିତ ଯାବତୀୟ ଧାବନ ଯେ ବସ୍ତୁଗୁଡ଼ିକୁ ପ୍ରକୃତରେ ବଦଳାଇ ଦେଇ ପାରିବ, ସେପରି ଭାବିବା ବସ୍ତୁତଃ ଏକ ଭ୍ରମମାତ୍ର । ଗୋଟାଏ ଗିନାରେ କିଛି ପାଣି ଧରି ସେହି ପାଣିକୁ କ୍ଷିପ୍ର ବେଗରେ ବାଡ଼େଇବା ସହିତ ଏହାର ତୁଳନା କରାଯାଇ ପାରିବ; ତଦ୍ୱାରା ପାଣି ଘଣ୍ଟାହେବାରେ ଲାଗିଥାଏ ସତ, ମାତ୍ର ତୁମେ ଯେତେ ବାଡ଼େଇଲେ ମଧ୍ୟ ସେଥିରେ ଏତେ ଟିକିଏ ମାତ୍ର ପରିବର୍ତ୍ତନ ହୁଏ ନାହିଁ । କର୍ମ କରିବାର ଏହି ଭ୍ରମକୁ ମନୁଷ୍ୟ-ପ୍ରକୃତିର ଏକ ମହାଭ୍ରମ ବୋଲି କହିବାକୁ ହେବ । ଏହାଦ୍ୱାରା ଅସଲ ଅଗ୍ରଗତି ବାଧାପ୍ରାପ୍ତହିଁ ହୁଏ, କାରଣ ଏହା ତୁମକୁ ସକଳ କ୍ଷଣ କୌଣସି ନା କୌଣସି ଉତ୍ତେଜନାମୟ ଗତିଶୀଳତା ମଧ୍ୟକୁ ଧାଇଁବାରେ ଲାଗିଥିବାର ପ୍ରୟୋଜନ ମଧ୍ୟରେ ଆଣି ପକାଇ ଦେଇଯାଏ । ଯଦି ତୁମେ ସେହି ଭ୍ରମକୁ କେବଳ ଏକ ଭ୍ରମ ବୋଲି ବୁଝିପାରନ୍ତ, ତାହା ଯେ କେଡ଼େ ନିରର୍ଥକ ଓ ତଦ୍ୱାରା ଯେ କିଛିହେଲେ ବଦଳେ ନାହିଁ, ଯଦି ଥରେ ବି ଏକଥା ତୁମ ଆଗରେ ସ୍ପଷ୍ଟ ହୋଇଯାଇ ପାରନ୍ତା ! ଏହାଦ୍ୱାରା ତୁମେ କୌଣସି ଜାଗାରେ କିଛିହେଲେ ହାସଲ କରି ପାରିବ ନାହିଁ । ହଁ, ଯେଉଁମାନେ ଏହିପରି ଭାବରେ ଉତ୍ତେଜିତ ହୋଇ ଦୌଡ଼ିବାରେ ଲାଗିଥାନ୍ତି ସେମାନେ ତଦ୍ୱାରା ଏପରି ନାନା ଶକ୍ତିମାନଙ୍କ ହାତରେ ଗୋଟିଏ ଗୋଟିଏ ଖେଳନା ହୋଇ ରହିଥାନ୍ତି, ଯେଉଁମାନେ କି ଆପଣାର ଆନନ୍ଦଲାଭ ଲାଗି ସେହି ବ୍ୟକ୍ତିମାନଙ୍କୁ ନଚାଇବାରେ ଲାଗିଥାନ୍ତି । ଏବଂ ସେହି ଶକ୍ତିଗୁଡ଼ିକୁ ଆମେ ସର୍ବୋତ୍କୃଷ୍ଟ କିସମର ଶକ୍ତି ବୋଲି ବି କଦାପି କହିପାରିବା ନାହିଁ ।

'oaob.nitrkl.ac.in' images reprocessed

ସଂସାରରେ ଯାହା କିଛି କରା ହୋଇଛି, ତାହାକୁ କେବଳ ଅତ୍ୟନ୍ତ ଅଳ୍ପ ସଂଖ୍ୟକ ଲୋକହିଁ କରିଛନ୍ତି, ଯେଉଁମାନେ କି ସମ୍ପୂର୍ଣ୍ଣ ନୀରବତା ସହିତ ବାହାରେ କର୍ମର ସମ୍ମୁଖୀନ ହୋଇପାରିଛନ୍ତି । କାରଣ କେବଳ ସେହିମାନେହିଁ ଭଗବତ-ପରମଶକ୍ତିର ଗୋଟିଏ ଗୋଟିଏ ନିମିତ୍ତ ହୋଇପାରିଛନ୍ତି । ସେମାନେ ଗତିଶୀଳ ସାଧନ ହୋଇପାରିଛନ୍ତି, ସଚେତନ ନିମିତ୍ତରୂପେ ଆପଣାକୁ ପ୍ରେରିତ କରିପାରିଛନ୍ତି । ସେହିମାନେହିଁ ପୃଥିବୀରେ ପରିବର୍ତ୍ତନ ଘଟାଇପାରିବା ଶକ୍ତିମାନଙ୍କୁ ନିମ୍ନକୁ ଅବତରଣ କରାଇ ଆଣିପାରନ୍ତି । ଏବଂ ସେହିପରି ଭାବରେହିଁ ପ୍ରକୃତରେ କାର୍ଯ୍ୟଗୁଡ଼ିକ ସାଧିତ ହୋଇପାରିବ, ଅସ୍ଥିର ଭାବରେ ଗୁଡ଼ାଏ ବିକ୍ଷୁବ୍ଧତାପୂର୍ଣ୍ଣତା ଭିତରେ ଧାବିତ ହେବାରେ ଲାଗିଥିଲେ କିଛି ହୋଇ ପାରିବ ନାହିଁ । ଏହି ପୃଥିବୀ ଶାନ୍ତି, ନୀରବତା ଏବଂ ସ୍ଥିରତା ମଧ୍ୟରେହିଁ ନିର୍ମିତ ହୋଇଥିଲା । ଏବଂ, ଯେତେବେଳେ କୌଣସି ବସ୍ତୁର ଯଥାର୍ଥ ନିର୍ମାଣ ହେବା ଲାଗି ଅଭିପ୍ରେତ ହୋଇଥିବ, ସେତେବେଳେ ପ୍ରତ୍ୟେକ ବାର ତାହାକୁ ଠିକ୍ ସେହିପରି ଶାନ୍ତି, ନୀରବତା ଏବଂ ସ୍ଥିରତା ମଧ୍ୟରେହିଁ ଗଢ଼ କରିବାକୁ ହେବ । ପୃଥିବୀ ସକାଶେ କିଛି କରିବା ଲାଗି ତୁମକୁ ଯେ ବନବାଡ଼ ଖାଲି ଧାଇଁବାକୁହିଁ ପଡ଼ୁଥିବ ଏବଂ ଯାବତୀୟ ପ୍ରକାରର ନିରର୍ଥକ କାର୍ଯ୍ୟମାନ କରିବାକୁ ପଡ଼ୁଥିବ, ଏପରି ବିଶ୍ୱାସ କରିବାକୁ ଏକ ଅଜ୍ଞାନ ବୋଲି କହିବାକୁ ହେବ ।

ତୁମକୁ ଘୁରାଇ ମାରୁଥିବା ଏହିସବୁ ଶକ୍ତିହାତରୁ ନିଜକୁ ନିସ୍ତାର କରିଆଣି ତୁମେ ଥରେ ସ୍ଥିରତାର ରାଜ୍ୟଗୁଡ଼ିକରେ ପ୍ରବିଷ୍ଟ ହୋଇପାରିଲେ, ତେବେଯାଇ ତୁମେ ଏହି ଭ୍ରମଟି ଯେ ପ୍ରକୃତରେ କେଡ଼େ ବଡ଼ ଭ୍ରମ ସେକଥା ବୁଝିପାରିବ । ସେତେବେଳେ ମନୁଷ୍ୟସମୂହ ତୁମ ଆଗରେ ଏପରି ଅନ୍ଧ ପ୍ରାଣୀମାନଙ୍କର ଏକ ପିଣ୍ଡ ବା ସମୂହ ରୂପେ ଆସି ଦେଖାଦେବେ, ଯେଉଁମାନେ କି କେବଳ ଅସ୍ଥିର ହୋଇ ଏଣେତେଣେ ଧାଇଁବାରେ ଲାଗିଛନ୍ତି, ଅଥଚ, କ'ଣସବୁ କରୁଛନ୍ତି ଓ କାହିଁକି ଯେ ସେସବୁ କରୁଛନ୍ତି, ସେବିଷୟରେ ସେମାନେ କିଛିହେଲେ ଜାଣି ନାହାନ୍ତି । ସେମାନେ କେବଳ ପରସ୍ପର ସହିତ ବାଡ଼େଇ ହୋଇଯିବାରେ ଲାଗିଛନ୍ତି ଓ ପରସ୍ପରକୁ ଝୁଣ୍ଟି ତଳେ ପଡ଼ିଯାଉଛନ୍ତି । ଏବଂ, ସେମାନେ କେବଳ ଏହିଗୁଡ଼ାକୁହିଁ କର୍ମ କରିବା ବୋଲି କହୁଛନ୍ତି, ଏହାକୁହିଁ ଜୀବନ ବୋଲି କହିହେଉଛନ୍ତି । ଏହାକୁ ଆମେ କେବଳ ତୁଚ୍ଛା ଉତ୍ତେଜନା ବୋଲି କହିବା, କର୍ମ କରିବା ବୋଲି କଦାପି କହିବା ନାହିଁ, ଯଥାର୍ଥ ଜୀବନ ବୋଲି ବ କେବେହେଲେ କହିବା ନାହିଁ ।

ମୁଁ ଥରେ ତୁମ୍ଭମାନଙ୍କୁ କହିଥିଲି ଯେ ସାର୍ଥକ ଭାବରେ ଦଶ ମିନିଟ୍ ସକାଶେ କିଛି କହିବାକୁ ହେଲେ ତୁମକୁ ଦଶଦିନ ଧରି ନୀରବ ରହିବାକୁ ପଡ଼ିବ । ତାହା

'oaob.nitrkl.ac.in' images reprocessed

ସମ୍ଭବତ ମୁଁ ଏତକ ଯୋଡ଼ିକରି ବି କହିବାକୁ ଇଚ୍ଛା କରିବି ଯେ, ଗୋଟାଏ ଦିନ ପାଇଁ ସାର୍ଥକ ଭାବରେ କିଛି କରିପାରିବାକୁ ହେଲେ ତୁମକୁ ପୂର୍ବ ବର୍ଷେକାଳ ନୀରବହୋଇ ରହିବାକୁ ହେବ । ହଁ, ଏକଥା ଅବଶ୍ୟ ସତ ଯେ, ମୁଁ ଏଠାରେ ସାଧାରଣ ବାହ୍ୟ ଜୀବନ ଲାଗି ଆବଶ୍ୟକ ହେଉଥିବା ସେହି ମାମୁଲି ନିତ୍ୟନୈମିତ୍ତିକ କାର୍ଯ୍ୟଗୁଡ଼ିକର କଥା ଆଦୌ କହୁ ନାହିଁ । ମାତ୍ର ମୁଁ ଏଠାରେ ଏପରି ବ୍ୟକ୍ତିମାନଙ୍କ କଥା କହୁଛି ଯେଉଁମାନେ ବିଶ୍ୱାସ କରନ୍ତି ଯେ ଏହି ପୃଥିବୀ ଲାଗି ସେମାନଙ୍କର ନିଶ୍ଚୟ କିଛି କରିବାକୁ ରହିଛି । ଏବଂ, ଏଠାରେ ମୁଁ ଯେଉଁ ନୀରବତାର କଥା କହୁଛି, ତାହା ହେଉଛି ଅନ୍ତଃପ୍ରଦେଶର ସେହି ନୀରବତା, ଆପଣାର କାର୍ଯ୍ୟରେ କୌଣସି ପ୍ରକାରେ ଗୁଡ଼ାଇହୋଇ ନ ଯାଇ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କଠାରେହିଁ ଯେଉଁ ନୀରବତା ରହିଥାଏ । ସେମାନେ ଆପଣାର କାର୍ଯ୍ୟଟି ଭିତରେ କଦାପି ବୁଡ଼ିଯାଆନ୍ତି ନାହିଁ, କଦାପି ଅନ୍ଧ ହୋଇ ପଡନ୍ତି ନାହିଁ, ଆପଣାର ନାନା ଗତି ଓ ଧାବନର କୋଳାହଳ ଏବଂ ବାହ୍ୟ ଆକାରଟି ଦ୍ୱାରା ସେମାନଙ୍କର କାନ କଦାପି ବଧିର ହୋଇଯାଏ ନାହିଁ । ତେଣୁ ତୁମେ ଆପଣାର କାର୍ଯ୍ୟଟି ମଧ୍ୟରୁ ଅପସରି ଠିଆହୁଅ, କାଳାଧୀନ ଏହିସବୁ ନାନା ଗତିଧାବନର ଅନେକ ଊର୍ଦ୍ଧ୍ୱରେ ରହିଥିବା ଆଉ ଏକ ଦୃଷ୍ଟିଭୂମି ମଧ୍ୟରେ ପ୍ରବିଷ୍ଟ ହୁଅ; ତୁମେ ସେହି ପରମ ଶାଶ୍ୱତଙ୍କର ଚେତନା ମଧ୍ୟରେ ଯାଇ ପ୍ରବିଷ୍ଟ ହୁଅ । କେବଳ ସେତିକିବେଳେ ଯାଇ ତୁମେ ଯଥାର୍ଥ କର୍ମ କରିବାର ମର୍ମକୁ ଜାଣିବାରେ ସମର୍ଥ ହେବ ।

'oaob.nitrkl.ac.in' images reprocessed

୨ ଜୁନ୍ ୧୯୨୯

ମାନବ-ପ୍ରେମ ଏବଂ ଦିବ୍ୟ ପ୍ରେମ ମଧ୍ୟରେ କି ସମ୍ବନ୍ଧ ରହିଛି ? ମାନବସୁଲଭ ପ୍ରେମ ଭଗବତ୍-ପ୍ରେମର ଉପଲବ୍ଧି ବାଟରେ ଏକ ପ୍ରତିବନ୍ଧକ ରୂପେ କାର୍ଯ୍ୟ କରେ କି ? ଅଥବା, ମାନବସୁଲଭ ପ୍ରେମ ଲାଗି ସାମର୍ଥ୍ୟକୁ ଭଗବତ୍-ପ୍ରେମ ଲାଗି ରହିଥିବା ସାମର୍ଥ୍ୟର ଏକ ସଙ୍କେତକ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ କି ? ଖ୍ରୀଷ୍ଟ, ରାମକୃଷ୍ଣ ଓ ବିବେକାନନ୍ଦ ପ୍ରଭୃତି ମହାନ୍ ଆଧ୍ୟାତ୍ମିକ ପୁରୁଷମାନେ ଆପଣାର ପ୍ରକୃତିରେ ଅସାଧାରଣ ଭାବରେ ପ୍ରେମମୟ ଓ ସ୍ନେହଶୀଳ ହୋଇ ଜୀବନ ବଞ୍ଚିବାର ନିଦର୍ଶନ ଦେଖାଇ ଦେଇ ଯାଇ ନାହାନ୍ତି କି ?

ମହାନ୍ ବିଶ୍ୱଶକ୍ତିମାନଙ୍କ ଭିତରୁ ପ୍ରେମ ହେଉଛି ଗୋଟିଏ । ଏହି ଶକ୍ତିଟି ଆପେ ରହିଥାଏ, ଏହାର ଗତିସ୍ପନ୍ଦନ ଅବାଧ ହୋଇ ରହିଥାଏ, ଏବଂ ଯେଉଁସବୁ ବସ୍ତୁ ମଧ୍ୟରେ ବା ବସ୍ତୁ ମଧ୍ୟଦେଇ ପ୍ରେମ ଆପଣାକୁ ପ୍ରକଟ କରେ, ସେଗୁଡ଼ିକଠାରୁ ତାହା ସର୍ବଦା ମୁକ୍ତହୋଇ ରହିଥାଏ । ଆପଣାକୁ ପ୍ରକଟ କରିବାର ଏକ ସମ୍ଭାବନା ଦେଖିଲେହିଁ ପ୍ରେମ ଆପଣାକୁ ପ୍ରକଟ କରେ; ଯେଉଁଠାରେ ଗ୍ରହଣଶୀଳତା ରହିଥାଏ, ତାହାଲାଗି ଯେ କୌଣସି ସ୍ଥାନରେ ଏକ ଉନ୍ମୋଚନ ରହିଥାଏ, ପ୍ରେମ ଆପଣାକୁ ସେହିଠାରେ ପ୍ରକଟ କରିଦିଏ । ତୁମେ ଯାହାକୁ ପ୍ରେମ ବୋଲି କହୁଛ ଏବଂ ଯାହାକୁ ତୁମେ କେବଳ ଏକ ବ୍ୟକ୍ତିଗତ ଓ ବ୍ୟକ୍ତିସ୍ୱତନ୍ତ୍ର ବସ୍ତୁ ବୋଲି ଭାବୁଛ, ତାହାକୁ କେବଳ ଏହି ବିଶ୍ୱଶକ୍ତିଟିକୁ ଗ୍ରହଣ କରି ତାକୁ ପ୍ରକଟ ବା ଅଭିବ୍ୟକ୍ତ କରିବା ଲାଗି ରହିଥିବା ତୁମର ସାମର୍ଥ୍ୟ ବୋଲିହିଁ କୁହାଯାଇ ପାରିବ । ଏବଂ, ଏହି ଶକ୍ତି ଏକ ବିଶ୍ୱଶକ୍ତି ହୋଇଥିବାରୁ ଏହାକୁ ଆମେ ଆଦୌ ଏକ ଅଚେତନ ଶକ୍ତି ବୋଲି କହିବା ନାହିଁ; ଏହା ହେଉଛି ଅତ୍ୟନ୍ତ ଉଚ୍ଚ ଓ ମହିମାମୟ ଭାବରେ ଚେତନାଯୁକ୍ତ ହୋଇ ରହିଥିବା ଏକ ଶକ୍ତି । ସଚେତନ ଭାବରେହିଁ ତାହା ଆପଣାକୁ ପ୍ରକଟ କରିଦେବାର ମାର୍ଗ ଖୋଜି ବୁଲୁଥାଏ, ପୃଥିବୀରେ ଆପଣାକୁ ଉପଲବ୍ଧି କରିବାର ବାଟ ଖୋଜି ବୁଲୁଥାଏ; ଅତ୍ୟନ୍ତ ସଚେତନ ଭାବରେହିଁ ପ୍ରେମ ଆପଣାର ସାଧନ ଓ

'oaob.nitrkl.ac.in' images reprocessed

ନମିତ୍ତଗୁଡ଼ିକୁ ନବାଚିତ କରିଆଣେ, ଯେଉଁମାନେ ଏକ ଅନୁସ୍ପନ୍ଦନ ଜଣାଇବା ଲାଗି ସମର୍ଥ ହୋଇ ରହିଥାନ୍ତି, ତାହା ସେମାନଙ୍କୁ ଆପଣାର ସ୍ପନ୍ଦନଭୂମି ମଧ୍ୟକୁ ଜାଗ୍ରତ କରି ନେଇଆସେ; ଯାହା ତା'ର ଆପଣା ଭିତରେ ଶାଶ୍ୱତ ହୋଇ ରହିଥାଏ, ପ୍ରେମ ସେମାନଙ୍କ ମଧ୍ୟରେ ତାହାକୁହିଁ ଉପଲବ୍ଧି କରିବା ଲାଗି ପ୍ରୟାସ କରେ ଏବଂ ଯେତେବେଳେ ସେହି ସାଧନଟି ଯୋଗ୍ୟ ନୁହେଁ ବୋଲି ପ୍ରମାଣ ମିଳିଯାଏ, ସେତେବେଳେ ପ୍ରେମ ତାକୁ ଛାଡ଼ିଦେଇ ଅନ୍ୟମାନଙ୍କର ସନ୍ଧାନ କରିବା ସକାଶେ ବାହାରିଯାଏ। ସତେଅବା ହଠାତ୍ କୋଉଠିକୁ ଆସି ପ୍ରେମରେ ପଡ଼ି ଯାଇଛନ୍ତି ବୋଲି ଲୋକମାନେ ଅନୁଭବ କରିଥାନ୍ତି; ସେମାନେ ଆପଣାର ପ୍ରେମକୁ ଆବର୍ଭୂତ ହୋଇ ଆସିବାର, ବୃଦ୍ଧିପ୍ରାପ୍ତ ହେବାର ଏବଂ ଶେଷରେ ମ୍ଳାନ ହୋଇଯାଉଥିବାର ଦେଖି ଲକ୍ଷ୍ୟ କରୁଥାନ୍ତି; ଅଥବା, ଏପରି ମଧ୍ୟ ହୋଇପାରେ, ପ୍ରେମର ଗତିସ୍ପନ୍ଦନକୁ ଅପେକ୍ଷାକୃତ ଅଧିକ ଦୀର୍ଘସ୍ଥାୟୀ କରି ରଖି ପାରିବା ଲାଗି ଯେଉଁମାନେ ବିଶେଷ ଭାବରେ ଯୋଗ୍ୟ ହୋଇ ରହିଥାନ୍ତି, ସେମାନଙ୍କ କ୍ଷେତ୍ରରେ ପ୍ରେମ କିଛି ଅଧିକ ଅବଧି ପର୍ଯ୍ୟନ୍ତ ଅପସରି ନ ଯାଇ ଅବସ୍ଥିତ ଥାଏ। ମାତ୍ର, ଏହି କ୍ଷେତ୍ରଟିରେ ସେମାନେ ଏକ ବ୍ୟକ୍ତିଗତ ଅନୁଭବର ଯେଉଁ ବୋଧଟିକୁ ପୋଷଣ କରିଥାନ୍ତି, ତାହାକୁ ପ୍ରକୃତରେ ଏକ ଭ୍ରମ ବୋଲି କୁହାଯିବ। ପ୍ରକୃତରେ କହିବାକୁ ଗଲେ ସେହି ପ୍ରେମ ବିଶ୍ୱପ୍ରେମର ଶାଶ୍ୱତ ସମୁଦ୍ରରୁ ଏକ ତରଙ୍ଗରୂପେ ଆସିହିଁ ସେମାନଙ୍କୁ ସ୍ପର୍ଶ କରି ରହିଥିଲା।

ପ୍ରେମ ବିଶ୍ୱମୟ, ପ୍ରେମ ଶାଶ୍ୱତ ; ତାହା ସର୍ବକ୍ଷଣହିଁ ଆପଣାକୁ ଅଭିବ୍ୟକ୍ତ କରିବାରେ ଲାଗିଛି ଏବଂ ସର୍ବକ୍ଷଣହିଁ ଆପଣାର ସାରସତ୍ତ୍ୱର ଭୂମିରେ ଅଭିନ୍ନ ଓ ଏକରୂପ ହୋଇରହିଛି। ଏବଂ ପ୍ରେମ ହେଉଛି ଏକ ଦିବ୍ୟ ଭାଗବତୀ ଶକ୍ତି ; କାରଣ, ବାହ୍ୟଭୂମିରେ ତାହା ଆପଣାକୁ କାର୍ଯ୍ୟକାରୀ କରିବାର ସ୍ତରରେ ଆମେ ଯେଉଁସବୁ ବିକୃତି ଦର୍ଶନ କରିଥାଉ, ସେଗୁଡ଼ିକ ପ୍ରେମର ବିକୃତି ନୁହେଁ, ସେଗୁଡ଼ିକ ହେଉଛି ନମିତ୍ତଗୁଡ଼ିକର ବିକୃତି। ପ୍ରେମ ଆପଣାକୁ ଯେ କେବଳ ମନୁଷ୍ୟମାନଙ୍କ ମଧ୍ୟରେ ଅଭିବ୍ୟକ୍ତ କରୁଥାଏ, ସେକଥା ଆଦୌ ନୁହେଁ, ପ୍ରେମ ସବୁଠାରେହିଁ ଥାଏ। ଉଦ୍ଭିଦମାନଙ୍କ ଭିତରେ ପ୍ରେମର ସଞ୍ଚରଣ ରହିଥାଏ, ସମ୍ଭବତଃ ପଥରମାନଙ୍କ ଭିତରେ ମଧ୍ୟ ତାହା ସଞ୍ଚାରିତ ହୋଇ ରହିଥାଏ। ଇତରପ୍ରାଣୀମାନଙ୍କର ସ୍ତରରେ ପ୍ରେମର ଉପସ୍ଥିତିକୁ ଅତ୍ୟନ୍ତ ସହଜରେ ଲକ୍ଷ୍ୟ କରିଯାଏ। ଏହି ମହାନ୍ ଦିବ୍ୟ ସାମର୍ଥ୍ୟଟି ଯେତେ ଯାହା ବିକୃତ ହୋଇପଡ଼େ, ତାହା ସମ୍ପୃକ୍ତ ସୀମିତ ନମିତ୍ତଟିର ଅସ୍ପଷ୍ଟତା, ଅଜ୍ଞାନ ଏବଂ ସ୍ୱାର୍ଥପରତା ହେତୁହିଁ ସମ୍ଭବ ହୋଇଥାଏ। ଶାଶ୍ୱତ-ଶକ୍ତି ପ୍ରେମ କେବେହେଲେ କୌଣସି ଥାନରେ ଆସି ଲାଗି ରହେ ନାହିଁ,

'oaob.nitrkl.ac.in' images reprocessed

ତାହାର କୌଣସି ପ୍ରକାରର ବାସନା ନ ଥାଏ, ଜାବୁଡ଼ି ଧରିବାର ଆଦୌ କୌଣସି କ୍ଷୁଧା ନ ଥାଏ, ଆପଣାକୁହିଁ ନିଠ କରି ଦେଖୁଥିବାର କୌଣସି ଆସକ୍ତି ମଧ୍ୟ ନ ଥାଏ । ଆପଣାର ଶୁଦ୍ଧ ସଞ୍ଚରଣର କ୍ଷେତ୍ରରେ ତାହା ପରମ ଦିବ୍ୟସତ୍ତାଙ୍କ ସହିତ ଆତ୍ମାର ସମ୍ମିଳନକୁହିଁ ଲୋଡ଼ୁଥାଏ; ତାହାର ସେହି ଲୋଡ଼ିବା ମଧ୍ୟରେ କୌଣସି ସମ୍ମିଶ୍ରଣ ନ ଥାଏ, ଅନ୍ୟାନ୍ୟ ବସ୍ତୁ ଉପରେ ଆଦୌ କୌଣସି ନିର୍ଭରଶୀଳତା ନ ଥାଏ । ଦିବ୍ୟପ୍ରେମ ଆପଣାକୁ କେବଳ ଦେବାରେହିଁ ଲାଗିଥାଏ, ପ୍ରତିଦାନରେ ଆଦୌ କିଛି ହେଲେ ମାଗେ ନାହିଁ । ମଣିଷମାନେ ଏହି ପ୍ରେମକୁ ନେଇ କ'ଣ ସବୁ କରିଛନ୍ତି, ସେକଥା କହିବାର ଆଦୌ କୌଣସି ଆବଶ୍ୟକତା ନାହିଁ; ପ୍ରେମକୁ ସେମାନେ ଏକ କୁତ୍ସିତ ଏବଂ ଘୃଣ୍ୟ ବସ୍ତୁରେ ପରିଣତ କରି ପକାଇଛନ୍ତି । ଏବଂ ତଥାପି ଏହି ମନୁଷ୍ୟମାନଙ୍କ କ୍ଷେତ୍ରରେ ମଧ୍ୟ ପ୍ରେମ ସହିତ ପ୍ରଥମ ପରିଚୟ ଆପଣାର ଶୁଦ୍ଧତାର ଉପାଦନରୁ କିଛି ନା କିଛି ଅବଶ୍ୟ ସଞ୍ଚରଣ କରାଇ ଆଣିଥାଏ, ଅନ୍ତତଃ ଗୋଟିଏ ମୁହୂର୍ତ୍ତି ସକାଶେ ସେମାନେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଭୁଲିଯିବା ଲାଗି ସମର୍ଥ ହୋଇଥାନ୍ତି, ଅନ୍ତତଃ ଗୋଟିଏ ମୁହୂର୍ତ୍ତି ସକାଶେ ସେହି ପ୍ରେମର ଦିବ୍ୟ ସ୍ପର୍ଶ ଯାହାକିଛି ସୁନ୍ଦର ଓ ଯାହାକିଛି ସ୍ୱଚ୍ଛ, ସେମାନଙ୍କ ଭିତରେ ତାହାକୁହିଁ ଜାଗ୍ରତ କରି ନେଇଅସେ, ତାହାକୁହିଁ ଏକ ସମୃଦ୍ଧିମନ୍ତ ଆକାର ଦେଇଯାଏ ! ମାତ୍ର ତା'ପରେ ମଣିଷର ନିତ୍ୟନୈମିତ୍ତିକ ପ୍ରକୃତିଟି ପୁଣି ଉପରିଭାଗରେ ଆସି ପହଞ୍ଚିଯାଏ, ତାହାର ମୁଣ୍ଡ ନାନାପ୍ରକାର ଅଶୁଦ୍ଧ ଦାବିରେ ପୂର୍ଣ୍ଣ ହୋଇ ରହିଥାଏ; ତାହା ପ୍ରତିଦାନରେ କିଛି ନା କିଛି ମାଗି ବାହାରେ, ନିଜେ ଯାହା ଦିଏ, ତାହାର ବିନିମୟ-ସୂତ୍ରରେ ଆଉକିଛି ପାଇବାକୁ ଚାହେଁ, ଆପଣାର ନିମ୍ନସ୍ତରୀୟ ତର୍ପଣଗୁଡ଼ାକ ଲାଗି ଚିତ୍କାର କରିବାରେ ଲାଗିଥାଏ; ଏବଂ ଯାହାକିଛି ଆଗରୁ ଦିବ୍ୟ ହୋଇ ରହିଥିଲା, ତାହାକୁ ବିକୃତ କରିପକାଏ, ଦୂଷିତ କରିପକାଏ ।

ପରମ ଦିବ୍ୟ ପ୍ରେମକୁ ଅଭିବ୍ୟକ୍ତ କରିପାରିବାକୁ ହେଲେ ତୁମକୁ ସେହି ପରମ ଦିବ୍ୟପ୍ରେମକୁ ଗ୍ରହଣ କରିବା ଲାଗି ମଧ୍ୟ ସମର୍ଥ ହେବାକୁ ପଡ଼ିବ । କାରଣ, ଯେଉଁମାନେ ସ୍ୱଭାବତଃ ତାହାର ଆଧାରଭୂତ ଗତ୍ୟାତ୍ମକତାଟି ଲାଗି ଉନ୍ମୁକ୍ତ ହୋଇ ରହିଥିବେ, କେବଳ ସେହିମାନେହିଁ ତାହାକୁ ଅଭିବ୍ୟକ୍ତ କରିପାରିବେ । ସେମାନଙ୍କ ଭିତରେ ଉକ୍ତ ଉନ୍ମୋଚନଟି ଯେତିକି ଅଧିକ ପ୍ରଶସ୍ତ ଏବଂ ସ୍ୱଚ୍ଛ ହୋଇ ରହିଥିବ, ସେମାନେ ସେତିକି ଅଧିକ ପରିମାଣରେ ଦିବ୍ୟପ୍ରେମକୁ ତାହାର ମୂଳଭୂତ ଶୁଦ୍ଧତା ସହିତ ଅଭିବ୍ୟକ୍ତ କରିଆଣି ପାରିବେ; ମାତ୍ର ଯେତିକି ଅଧିକ ପରିମାଣରେ ତାହା ନିମ୍ନସ୍ତରୀୟ ମାନବୀୟ ସଂବେଗଗୁଡ଼ିକ ସହିତ ମିଶ୍ରିତ ହୋଇପଡ଼େ, ସେତିକି ପରିମାଣରେ ତାହା ଅଧିକ ବିକୃତ ହୋଇଯାଏ । ଯିଏ ପ୍ରେମର ଆଧାରଭୂତ

'oaob.nitrkl.ac.in' images reprocessed

ଅର୍ଥରେ ପ୍ରେମ ଲାଗି ଉନ୍ମୋଚିତ ହୋଇ ରହି ନ ଥାଏ, ପ୍ରେମର ଯଥାର୍ଥ ତାତ୍ପର୍ଯ୍ୟରେହିଁ ତାହା ଲାଗି ଉନ୍ମୁକ୍ତ ହୋଇପାରି ନ ଥାଏ, ସିଏ କଦାପି ଭଗବତ୍-ପରମସତ୍ୟର ନିକଟବର୍ତ୍ତୀ ହୋଇପାରେ ନାହିଁ। ଏପରିକି ଜ୍ଞାନର ଅନ୍ୱେଷଣ କରୁଥିବା ବ୍ୟକ୍ତିମାନେ ଆପଣାର ଗତିପଥରେ ଏପରି ଏକ ବିନ୍ଦୁରେ ଆସି ପହଞ୍ଚିଛନ୍ତି ଯେଉଁଠାରେ କି, ଯଦି ସେମାନେ ଆହୁରି ଅଧିକ ଆଗକୁ ଯିବା ଲାଗି ଇଚ୍ଛା କରୁଥାନ୍ତି, ସେମାନଙ୍କୁ ଯୁଗପତ୍ ଭାବରେ ପ୍ରେମ ମଧ୍ୟରେ ବି ପ୍ରବେଶ କରିବାକୁ ପଡ଼ିଥାଏ, ପ୍ରେମ ଓ ଜ୍ଞାନକୁ ଅଭିନ୍ନ ବୋଲି ଅନୁଭବ କରିବାକୁ ପଡ଼ିଥାଏ, ଜ୍ଞାନକୁ ଭଗବତ ସମ୍ମିଳନ-ପଥର ଆଲୋକରୂପେ ଏବଂ ପ୍ରେମକୁ ଯାବତୀୟ ଜ୍ଞାନର ହୃଦୟରୂପେ ଅନୁଭବ କରିବାକୁ ପଡ଼ିଥାଏ। ଆତ୍ମାର ଊର୍ଦ୍ଧ୍ୱଗତି-ପଥରେ ଏପରି କୌଣସି ବିନ୍ଦୁ ରହିଛି, ଯେଉଁଠାରେ କି ଜ୍ଞାନ ଓ ପ୍ରେମ ପରସ୍ପର ସହିତ ସମ୍ମିଳିତ ହୋଇଯାଇଥାନ୍ତି ଏବଂ ସେଠାରେ ଜ୍ଞାନଠାରୁ ପ୍ରେମକୁ ଅଲଗା ବୋଲି ବାରିପାରିବାକୁ ଆଉ କୌଣସି ବାଟ ନ ଥାଏ। ପ୍ରଥମ ପର୍ଯ୍ୟାୟରେ ତୁମେ ଉଭୟଙ୍କ ମଧ୍ୟରେ ଯେଉଁ ବିଭାଜନ ଓ ଯେଉଁ ତାରତମ୍ୟ-ନିରୂପଣ କରିଥାଅ, ତାହା ହେଉଛି ଏହି ମନରହିଁ ଏକ ବିରଚନା। ତୁମେ ଥରେ ଏକ ଉଚ୍ଚତର ସୋପାନକୁ ଉଠିଯାଇ ପାରିଲେ, ସେହି ତାରତମ୍ୟଟି କୁଆଡ଼େ ଅନ୍ତର୍ହିତ ହୋଇଯାଏ।

ଏହି ପୃଥିବୀରେ ପରମ ଦିବ୍ୟସତ୍ତାଙ୍କର ପରିପ୍ରକାଶର ଇଚ୍ଛା କରି ଓ ପୃଥିବୀସ୍ଥ ଜୀବନର ରୂପାନ୍ତର ଘଟାଇବା ଲାଗି ଯେଉଁ ମହାନ୍ ବ୍ୟକ୍ତିମାନେ ଏଠାକୁ ଆସିଛନ୍ତି, ସେମାନଙ୍କ ଭିତରୁ କେତେକ ବ୍ୟକ୍ତି ଦିବ୍ୟ ପରମପ୍ରେମକୁ ଏକ ବୃହତ୍ତର ପରିପୂର୍ଣ୍ଣତା ସହିତ ପ୍ରକଟ କରିପାରିଛନ୍ତି। କେତେକଙ୍କ ମଧ୍ୟରେ ସେହି ପ୍ରକଟନର ଶୁଦ୍ଧତା ଏତେ ଅଧିକ ପରିମାଣରେ ଅବସ୍ଥିତ ରହିଛି ଯେ ସମୁଦାୟ ମାନବସମାଜ ସେମାନଙ୍କୁ ଭୁଲ୍ ବି ବୁଝିଛି, ସେମାନେ ଅତ୍ୟନ୍ତ କଠୋର ଏବଂ ପ୍ରେମର ଅସମର୍ଥ ବୋଲି ସେମାନଙ୍କୁ ଅପବାଦ ବି ଦେଇଛି; ମାତ୍ର ଏକଥାରେ କୌଣସି ସନ୍ଦେହ ନାହିଁ ଯେ ଦିବ୍ୟ ପରମପ୍ରେମ ସେମାନଙ୍କ ମଧ୍ୟରେ ଅବଶ୍ୟ ଅବସ୍ଥିତ ରହିଛି। ମାତ୍ର ସେମାନଙ୍କ ଭିତରେ ସେହି ପ୍ରେମ ଦିବ୍ୟ ଆକାରରେ ରହିଛି, ଏକ ଦିବ୍ୟ ଉପାଦାନ ରୂପେ ରହିଛି; ପ୍ରେମ କହିଲେ ମଣିଷ ଯେପରି ବୁଝେ, ସେପରି ଆକାରରେ ଅଥବା ସେହି ଉପାଦାନରୂପେ ଆଦୌ ରହି ନାହିଁ। କାରଣ, ଯେତେବେଳେ ମଣିଷ ପ୍ରେମର କଥା କହେ, ସେତେବେଳେ ସିଏ ପ୍ରେମକୁ ଏକ ସଂବେଗଗତ ଭାବପ୍ରବଣ ଦୁର୍ବଳତା ସହିତ ନେଇ ଏକାଠି ଗୁଳି ଦେଇଥାଏ। ମାତ୍ର, ଆପଣାକୁ ଗୋଟାପୂରା ଭୁଲିଯିବା ମଧ୍ୟରେ ଯେଉଁ ଦିବ୍ୟ ପ୍ରଗାଢ଼ତା ରହିଥାଏ, ଆପଣାକୁ ସମ୍ପୂର୍ଣ୍ଣ ରୂପେ ଦେଇଦେବା ଲାଗି ଯେଉଁ ସାମର୍ଥ୍ୟ

ରହିଥାଏ, କୌଣସି ପ୍ରକାର ନିରୁଦ୍ଧତା ଏବଂ ପ୍ରତିବନ୍ଧକ ଲାଗି ଯେଉଁଠାରେ ଆଦୌ କୌଣସି ସ୍ଥାନ ନ ଥାଏ, ଯେଉଁ ପ୍ରେମ ଆପଣାକୁ କେବଳ ନିବେଦନହିଁ କରିଦେଉଥାଏ ଏବଂ ପ୍ରତିଦାନରେ କେବେହେଲେ କିଛି ମାଗୁ ନ ଥାଏ, ମଣିଷ-ମାନଙ୍କର କ୍ଷେତ୍ରରେ ଏହି ବାସ୍ତୁଗୁଡ଼ିକ ପ୍ରାୟ ଅଜ୍ଞାତ ହୋଇ ରହିଥାଏ । ଏବଂ ଯେତେବେଳେ ଏହି ପ୍ରେମ ଦୁର୍ବଳ ଓ ଭାବପ୍ରବଣ ନାନା ସଂବେଗ ସହିତ କୌଣସି ପ୍ରକାରେ ଉମିଶ୍ରିତ ହୋଇ ରହି ନ ଥାଏ, ସେତେବେଳେ ମଣିଷମାନଙ୍କୁ ତାହା ଭାରି କଠିନ ଏବଂ ଉଷ୍ମତାହୀନ ବୋଲି ପ୍ରତୀତ ହୋଇଥାଏ । ତାହା ଭିତରେ ପ୍ରେମର ସର୍ବୋଚ୍ଚ ଏବଂ ପ୍ରଗାଢ଼ତମ ଶକ୍ତିକୁ ଚିହ୍ନିନେଇ ପାରିବା ଲାଗି ସେମାନେ ଆଦୌ ସମର୍ଥ ହୁଅନ୍ତି ନାହିଁ ।

ଏହି ପୃଥିବୀରେ ଭଗବାନ୍ ପରମସତ୍ତା ଆପଣାର ପ୍ରେମକୁ ଆଣି ପରିପ୍ରକାଶିତ କରିଦେବା,—ଏହାକୁ ଏକ ମହାନ୍ ପୂର୍ଣ୍ଣାହୁତି ବୋଲି ଜାଣି ରଖିବାକୁ ହେବ, ତାହାକୁ ଏକ ସର୍ବୋଚ୍ଚ ଆତ୍ମଦାନ ବୋଲି କୁହାଯିବ । ପରମ ପୂର୍ଣ୍ଣ ଚେତନା ଆପଣାକୁ ଜଡ଼ର ଅଚେତନା ମଧ୍ୟରେ ଆଣି ବିସର୍ଜିତ ଏବଂ ନିମଗ୍ନ କରିଦେବା ଲାଗି ସମ୍ମତି ପ୍ରଦାନ କଲେ, ଯେପରିକି ଜଡ଼ସ୍ଥ ତମସାଚ୍ଛନ୍ନତା ମଧ୍ୟରେ ଚେତନାର ଜାଗରଣ ସମ୍ଭବ ହୋଇପାରିବ ଏବଂ ତାହା ମଧ୍ୟରେ ଯେପରିକି କ୍ରମଶଃ ଏକ ଦିବ୍ୟ ପରମସାମର୍ଥ୍ୟର ଉଦ୍ଭବ ଘଟିବ ଏବଂ ସେହି ସାମର୍ଥ୍ୟ ପ୍ରକଟିତ ଏହି ସମଗ୍ର ବିଶ୍ୱଭୁବନକୁ ଦିବ୍ୟପରମ ଚେତନା ଏବଂ ଦିବ୍ୟ ପରମ ପ୍ରେମର ଏକ ଉଚ୍ଚତମ ଅଭିବ୍ୟକ୍ତିରେ ପରିଣତ କରିଦେଇ ପାରିବ । ସର୍ବୋଚ୍ଚ ଦିବ୍ୟତାର ପୂର୍ଣ୍ଣାବସ୍ଥାକୁ ପରିହାର କରିବା, ଆପଣାର ପରମ ଚୈତନ୍ୟାବସ୍ଥା ଓ ଅନନ୍ତ ଜ୍ଞାନକୁ ପରିହାର କରି ଅଚେତନା ସହିତ ସମ୍ମିଳିତ ହେବା ଏବଂ ଏହି ସଂସାର ମଧ୍ୟରେ ଅଜ୍ଞାନ ଏବଂ ଅନ୍ଧକାର ସହିତ ଏକତ୍ର ବାସ କରିବା,—ଏହାକୁହିଁ ଆମେ ସର୍ବୋଚ୍ଚ ପ୍ରେମ ବୋଲି ଜାଣିବା । ମାତ୍ର ତଥାପି, ହୁଏତ କେହିହେଲେ ଏହାକୁ ଆଦୌ ପ୍ରେମ ବୋଲି କହିବାକୁ ଯିବେ ନାହିଁ, କାରଣ ଏହି ପ୍ରେମର ଚତୁର୍ଦ୍ଦିଗରେ ଆମେ କୌଣସି ବାହ୍ୟ ଭାବମୟତାର ଆଚ୍ଛାଦନ ଆଦୌ ଦେଖିବାକୁ ପାଇବା ନାହିଁ; କାରଣ, ସିଏ ଯାହା କରୁଛି, ତା'ବଦଳରେ ସିଏ ଆଦୌ କୌଣସି ଦାବିକରୁ ନାହିଁ, ଆପଣା ଉତ୍ସର୍ଗଟିକୁ ନେଇ ତାହା କୌଣସି ପ୍ରଦର୍ଶନ କରୁ ନାହିଁ । ପୃଥିବୀପୃଷ୍ଠରେ ରହିଥିବା ଏହି ପ୍ରେମସାମର୍ଥ୍ୟ ଏପରି ଚେତନାଗୁଡ଼ିକୁ ଖୋଜି ବାହାର କରିବାକୁ ଚେଷ୍ଟା କରୁଛି, ଯେଉଁମାନେ କି ଏହି ଦିବ୍ୟ ଗତିସ୍ପନ୍ଦନଟିକୁ ଶୁଦ୍ଧ ଭାବରେ ଗ୍ରହଣ କରିପାରିବେ ଏବଂ ତାହାକୁ ସେହିପରି ଶୁଦ୍ଧଭାବରେ ପ୍ରକାଶିତ କରି ଆଣିପାରିବେ । ଯାବତୀୟ ସତ୍ତା ଏହି ଯେଉଁଭଳି ପ୍ରେମ ଆଡ଼କୁ ଧାବମାନ ହେବାରେ ଲାଗିଛନ୍ତି, ଏହି ବିଶ୍ୱ ଭୁବନର ହୃଦୟକେନ୍ଦ୍ରରେ ଏବଂ ସଭିଙ୍କର ହୃଦୟରେ ପ୍ରେମର ଯେଉଁ

'oaob.nitrkl.ac.in' images reprocessed

ଅପ୍ରତିରୋଧ ଉଦ୍‌ବେଳନ ଏବଂ ଆଲୋଡ଼ନ ଲାଗିରହିଛି, ମନୁଷ୍ୟର ଯାବତୀୟ ଆକାଂକ୍ଷା ଏବଂ ଅନ୍ୱେଷଣର ପଛରେ ରହିଥିବା ଏକ ଦିବ୍ୟ ପରମପ୍ରେମହିଁ ତାହାକୁ ଉତ୍ପ୍ରେରିତ କରି ରଖିଛି । ସେହି ଦିବ୍ୟପ୍ରେମ ନିମ୍ନତ ନିମ୍ନତ ସାଧନ ଓ ଜୀବିଙ୍କୁ ସ୍ପର୍ଶ କରିବାରେ ଲାଗିଛି, ତାହା ଅନବରତ ସେଗୁଡ଼ିକୁ ସ୍ପର୍ଶ କରିବା ଲାଗି ଚେଷ୍ଟା କରୁଛି ଏବଂ ସର୍ବଦା ବିଫଳ ହେବାରେ ଲାଗିଛି । ମାତ୍ର ଏହି ସତତ ସ୍ପର୍ଶ ଏହି ସାଧନଗୁଡ଼ିକୁ କ୍ରମଶଃ ପ୍ରସ୍ତୁତ ବି କରିନେଉଛି, ଏବଂ ଦିନେ ହଠାତ୍ ଏପରି ଗୋଟିଏ ଦିନ ଆସି ପହଞ୍ଚିବ, ଯେତେବେଳେ କି ସେମାନଙ୍କ ଭିତରେ ଆପଣାକୁ ନିବେଦିତ କରିଦେବାର ସାମର୍ଥ୍ୟଟି ଜାଗ୍ରତ ହୋଇ ଉଠିବ, ପ୍ରେମର ସାମର୍ଥ୍ୟ ଜାଗ୍ରତ ହୋଇଉଠିବ ।

ପ୍ରେମର ଗତିସ୍ପନ୍ଦନଟି କେବଳ ମନୁଷ୍ୟମାନଙ୍କ ଭିତରେ କଦାପି ସୀମାବଦ୍ଧ ହୋଇ ରହି ନାହିଁ, ଏବଂ ସମ୍ଭବତଃ ମଣିଷର ଏହି ପୃଥିବୀଟିର ତୁଳନାରେ ଅନ୍ୟାନ୍ୟ ପୃଥିବୀରେ ତାହା ଅପେକ୍ଷାକୃତ କମ୍ ବିକୃତ ହୋଇ ରହିଛି । ତୁମେ ଫୁଲ ଏବଂ ଗଛମାନଙ୍କୁ ଆଉ ଥରେ ଅନାଇ ଦେଖିଲ ! ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇ ଯାଉଥିବେ ଏବଂ ସବୁକିଛି ନିସ୍ତବ୍ଧ ହୋଇ ଆସୁଥିବ, ସେତେବେଳେ ତୁମେ କ୍ଷଣକ ପାଇଁ କେଉଁଠି ଯାଇ ବସିଯିବ ଏବଂ ପ୍ରକୃତି ସହିତ ଆପଣାର ଏକ କ୍ଷିଅ ଲଗାଇ ରଖିବାକୁ ଚେଷ୍ଟା କରିବ । ତୁମେ ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କରିବ, ଯେପରି ଏକ ଅପୂର୍ବ ଆକାଂକ୍ଷା ଏହି ପୃଥିବୀ ଉପରୁ, ତରୁଗୁଡ଼ିକର ଚେରମାନଙ୍କ ଭିତରୁ ତଳୁ ଧୀରେ ଧୀରେ ଉତ୍ଥିତହୋଇ ଆସୁଛି ଏବଂ ସେଗୁଡ଼ିକର ତନ୍ତୁଗୁଡ଼ିକ ମଧ୍ୟଦେଇ ଚତୁର୍ଦ୍ଦିଗକୁ ପ୍ରସାରିତ ହୋଇ ରହିଥିବା ସବାଉପର ଶାଖାଗୁଡ଼ିକ ପର୍ଯ୍ୟନ୍ତ ଆରୋହଣ କରି ଚାଲିଯାଉଛି, ଏକ ପ୍ରଗାଢ଼ ପ୍ରେମ ଏବଂ ଆକାଂକ୍ଷାର ଅଭୀପ୍ସା ଉଦ୍ବେଳିତ ହୋଇଯିବାରେ ଲାଗିଛି ; ସେହି ଆକାଂକ୍ଷା ଏପରି ଏକ ସମ୍ପଦ ଲାଗି ଆପଣାକୁ ଅଭିପ୍ରେତ କରି ରଖିଛି ଯାହାକି ଆଲୋକକୁ ବହନ କରି ନେଇଆସି ପାରିବ, ଯାହା ଶାନ୍ତି ଦେଇପାରିବ; ଯେଉଁ ଆଲୋକଟି ବିଦାୟ ନେଇ ଚାଲିଗଲା, ସେହି ଆଲୋକଟିକୁ ପୁଣି ବହନ କରି ନେଇଆସିବ; ସେମାନେ ସେହି ଆଲୋକଟିକୁ ପୁନର୍ବାର ଫେରି ପାଇବା ଲାଗି ଆକାଂକ୍ଷା ପ୍ରକାଶ କରୁଥାନ୍ତି । ସେହି କ୍ଷେତ୍ରରେ ଏପରି ଏକ ଶୁଦ୍ଧ ଏବଂ ପ୍ରଗାଢ଼ ଉତ୍କଣ୍ଠା ଅବସ୍ଥିତ ରହିଥାଏ ଯେ, ଯଦି ତୁମେ ସ୍ୱୟଂ ବୃକ୍ଷଗୁଡ଼ିକର ଗତିସ୍ପନ୍ଦନକୁ ନିଜ ଭିତରେ ଅନୁଭବ କରିପାରିବ, ତେବେ ତୁମର ନିଜ ସତ୍ତାଟି ମଧ୍ୟ ଏକ ଆକୁଳ ପ୍ରାର୍ଥନାରେ ଏଠାରେ ଅନଭିବ୍ୟକ୍ତ ହୋଇ ରହିଥିବା ଶାନ୍ତି, ଆଲୋକ ଏବଂ ପ୍ରେମ ଲାଗି ଉଦ୍ବେଳିତ ହୋଇଯିବାକୁ ଆରମ୍ଭ କରିବ । ତୁମେ ଯଦି ଥରେମାତ୍ର ଏହି ବୃହତ୍ତର, ଶୁଦ୍ଧ ଏବଂ ଯଥାର୍ଥ ଦିବ୍ୟ ପରମପ୍ରେମର ସଂସ୍ପର୍ଶରେ ଆସିପାରିବ, ଯଦି ମାତ୍ର କିଛିକ୍ଷଣ ସମୟ ଲାଗି ଓ କ୍ଷୁଦ୍ରତମ

ଆକାରରେ ମଧ୍ୟ ତୁମେ କେବେ ସେହି ପ୍ରେମକୁ ଅନୁଭବ କରିଥିବ, ତେବେ ମଣିଷର ବାସନାତୁରତା ଏହି ପ୍ରେମକୁ ଯେ କ ଦସ୍ୟୁଗ୍ରସ୍ତ ପଦାର୍ଥରେ ପରିଣତ କରି ରଖିଛି, ତୁମେ ସେହି କଥାଟିକୁ ହୃଦୟଙ୍ଗମ କରିପାରିବ । ମନୁଷ୍ୟ ପ୍ରକୃତିର ସୋପାନକୁ ଆସି ସେହି ବିମଳ ପ୍ରେମ ଏକ ନିମ୍ନସ୍ତରୀୟ, ନୃଶଂସ, ସ୍ୱାର୍ଥପ୍ରଣୋଦିତ, ହିଂସାପ୍ରବଳ ଓ କୁତ୍ସିତ ପଦାର୍ଥରେ ପରିଣତ ହୋଇଯାଇଛି, ବା, ତା' ନ ହେଲେ ତାହା ଏକ ଦୁର୍ବଳ, ଭାବପ୍ରବଣ ବସ୍ତୁରେ ପର୍ଯ୍ୟବସିତ ହୋଇ ରହିଛି; ନିମ୍ନରୁ ଅତିନିମ୍ନ କେତେଟା ସଂବେଗ, କ୍ଷଣଭଙ୍ଗୁର, ବାହ୍ୟ ଓ କଠୋର କେତେଟା ସଂବେଗ ଓ ଭାବାକୁଳତା ଦ୍ୱାରା ତାହା ନିର୍ମିତ ହୋଇ ରହିଛି । ଏବଂ ଏହି ନୀଚତା, ନିର୍ମମତା ଓ କେବଳ ଆପଣା ବ୍ୟତୀତ ଆଉ କିଛି ହେଲେ ଦେଖିପାରୁ ନ ଥିବା ଦୁର୍ବଳତାକୁ ସେମାନେ ପୁଣି ପ୍ରେମ ବୋଲି କହୁଛନ୍ତି

ଦିବ୍ୟ ପରମପ୍ରେମର ଉପଲବ୍‌ଧିରେ ଆମର ପ୍ରାଣିକ ସତ୍ତା କୌଣସି ଭାଗ ନେଇପାରିବ କି ? ଯଦି ତାହାର ପ୍ରକୃତରେ କୌଣସି ଭାଗ ନେବାର ଥାଏ, ତେବେ ସେହି ଅଂଶଗ୍ରହଣର ଯଥୋଚିତ ଏବଂ ନିର୍ଭୁଲ ପ୍ରକାରଟିକୁ ଆମେ କ'ଣ ବୋଲି ଜାଣିବା ?

ଦିବ୍ୟ ପରମପ୍ରେମର ଅଭିବ୍ୟକ୍ତି ପ୍ରକୃତରେ ଯେ କେଉଁପର୍ଯ୍ୟନ୍ତ ଆସି ସେହିଠାରେ ଅଟକି ରହିବ, ଏପରି କିଛି ଅଭିପ୍ରେତ ହୋଇ ରହିଛି କି ? ତାହା କ'ଣ କେବଳ କୌଣସି ଏକ ଅବାସ୍ତବ ଏବଂ କାଳ୍ପନିକ ମଣ୍ଡଳ ଭିତରେ ସୀମାବଦ୍ଧ ହୋଇ ରହିବ ? ସବୁଠାରୁ ଅଧିକ ଜଡ଼ସ୍ୱଭାବଯୁକ୍ତ ହୋଇ ରହିଥିବା ଜଡ଼ ଭିତରକୁ ବି ଦିବ୍ୟ ପରମପ୍ରେମ ଏହି ପୃଥିବୀରେ ଆପଣାର ଅଭିବ୍ୟକ୍ତିଟିକୁ ଆଣି ପ୍ରବିଷ୍ଟ କରାଇ ରଖିଛି । ଏକଥା ସତ ଯେ ମନୁଷ୍ୟଚେତନାର ସ୍ୱାର୍ଥବିଜଡ଼ିତ ପ୍ରକୃତିଗୁଡ଼ାକ ମଧ୍ୟରେ ସେହି ପ୍ରେମ କଦାପି ଆତ୍ମପ୍ରକାଶ କରେ ନାହିଁ । ମାତ୍ର, ଏକଥା ମଧ୍ୟ ସତ ଯେ, ଅଭିବ୍ୟକ୍ତ ଏହି ସମଗ୍ର ପୃଥିବୀଟି ମଧ୍ୟରେ ପ୍ରାଣିକ ସ୍ତରଟିର ଯେପରି ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି, ଦିବ୍ୟ ପରମପ୍ରେମର କ୍ଷେତ୍ରରେ ଏକ ଉପାଦାନ ରୂପେ ମଧ୍ୟ ତାହାର ଠିକ୍ ସେହିପରି ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ପ୍ରାଣିକର ମଧ୍ୟବର୍ତ୍ତିତା ବ୍ୟତୀତ କୌଣସି ଗତିସଞ୍ଚରଣ ଏବଂ କୌଣସି ଅଗ୍ରଗତି ଲାଗି ଆଦୌ କୌଣସି ସମ୍ଭାବନା ନାହିଁ । ମାତ୍ର, ପ୍ରକୃତିର ଏହି ଶକ୍ତିଟି ଏପରି କଦର୍ଯ୍ୟ ଭାବରେ ବିକୃତ ହୋଇ ପଡ଼ିଥିବାରୁ, କେତେକ ବ୍ୟକ୍ତି ଏପରି ଏକ ବିଶ୍ୱାସ ପୋଷଣ କରିବାକୁ ଅଧିକ ଉଚିତ ମନେ କରନ୍ତି ଯେ ଆମକୁ ପ୍ରାଣିକ ଉପାଦାନଟିକୁ ଭିତରୁ

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ଭାବରେ ବାହାରକୁ ଟାଣି ବାହାର କରି ଆଣିବାକୁ ପଡ଼ିବ ଏବଂ ତାହାକୁ ଫୋପାଡ଼ି ଦେବାକୁ ପଡ଼ିବ । ମାତ୍ର ପ୍ରକୃତ କଥା ହେଉଛି ଯେ କେବଳ ପ୍ରାଣିକ ଉପାଦାନଟିର ମାଧ୍ୟମରେହିଁ ପରମ ଚିନ୍ମୟତାର ରୂପାନ୍ତରକାରିଣୀ ଶକ୍ତି ଜଡ଼କୁ ଆସି ସ୍ପର୍ଶ କରିପାରିବ । ଆପଣାର ଗତିଶୀଳତା ଏବଂ ଜୀବନ୍ତ ଶକ୍ତିମତ୍ତାକୁ ସଞ୍ଚାରିତ କରାଇ ଦେବା ଲାଗି ଯଦି ପ୍ରାଣିକ ଉପସ୍ଥିତିହିଁ ନ ଥିବ, ତେବେ ଜଡ଼ କେବଳ ମୃତହିଁ ହୋଇ ପଡ଼ିଥିବ । କାରଣ ତା'ହେଲେ ସତ୍ତାର ଉଚ୍ଚତର ଭାଗଗୁଡ଼ିକ ଆଉ ପୃଥିବୀର କୌଣସି ସଂସ୍ପର୍ଶରେ ଆସିପାରିବେ ନାହିଁ, ଜୀବନ ମଧ୍ୟରେ ଆଉ କୌଣସି ପ୍ରକାରେ ମୂର୍ତ୍ତି ହୋଇପାରିବେ ନାହିଁ ଏବଂ ଫଳରେ ସେଗୁଡ଼ିକ କେବଳ ଅତୃପ୍ତ ହୋଇ ବାହୁଡ଼ି ଯିବେ ଏବଂ ଅନ୍ତର୍ହିତ ହୋଇଯିବେ ।

ମୁଁ ତୁମମାନଙ୍କୁ ଯେଉଁ ଦିବ୍ୟ ପରମପ୍ରେମ ବିଷୟରେ କହୁଛି, ତାହା ହେଉଛି ଏପରି ଏକ ପରମପ୍ରେମ, ଯାହାକି ଏହି ଭୌତିକ ପୃଥିବୀରେ, ଏହି ଜଡ଼ ମଧ୍ୟରେ ଆପଣାକୁ ଅଭିବ୍ୟକ୍ତ କରେ; ମାତ୍ର ସେଥିଲାଗି ସେହି ପ୍ରେମ ଆପଣାର ମନୁଷ୍ୟସୁଲଭ ଯାବତୀୟ ବିକୃତିରୁ ମୁକ୍ତ ଓ ଶୁଦ୍ଧ ହୋଇ ରହିଥିବା ଆବଶ୍ୟକ । ତେବେଯାଇ ତାହା ଜଡ଼ ଭିତରେ ପ୍ରକୃତରେ ଅବତୀର୍ଣ୍ଣ ହୋଇପାରିବ । ଯାବତୀୟ ପ୍ରକଟନର କ୍ଷେତ୍ରରେ ଯେପରି ହୋଇଥାଏ, ଏଠାରେ ମଧ୍ୟ ପ୍ରାଣିକ ଏକ ଅପରିହାର୍ଯ୍ୟ କାରଣ-ଉପାଦାନ ରୂପେ କାର୍ଯ୍ୟ କରିଥାଏ । ମାତ୍ର ସର୍ବଦା ଠିକ୍ ଯେପରି ଘଟିଆସିଛି, ପ୍ରତିକୂଳ ଶକ୍ତିଚୟ ଏହି ସର୍ବମହତ୍ତ୍ୱପୂର୍ଣ୍ଣ ମୂଲ୍ୟବାନ ବସ୍ତୁଟି ଉପରେ ଆପଣାର ଦଖଲ ଜମାଇ ରଖିଛନ୍ତି । ପ୍ରାଣିକ ଉପାଦାନର ଶକ୍ତିସଞ୍ଚଳନାହିଁ ନିର୍ଜୀବ ଓ ନିଷ୍ପ୍ରାଣ ଜଡ଼ ମଧ୍ୟରେ ପ୍ରବେଶ କରେ ଏବଂ ଜଡ଼କୁ ଅନୁସ୍ପନ୍ଦନସମର୍ଥ ଓ ଜୀବନ୍ତ କରାଇ ଦେଇଥାଏ । ମାତ୍ର ପ୍ରତିକୂଳ ଶକ୍ତିଗୁଡ଼ିକ ତାହାକୁ ଭାରି ବିକୃତ କରିପକାଇଛନ୍ତି; ସେମାନେ ତାହାକୁ ଏକ ହିଂସା ଏବଂ ସ୍ୱାର୍ଥପରତା ଏବଂ ବାସନା ତଥା ଯାବତୀୟ ପ୍ରକାରର କୁତ୍ସିତତାର ଏକ କ୍ଷେତ୍ରରେ ପରିଣତ କରି ରଖିଛନ୍ତି ଏବଂ ତାହାକୁ ଦିବ୍ୟ କର୍ମର ଯୋଜନା ମଧ୍ୟରେ ଅଂଶଗ୍ରହଣ କରିବାରୁ ବଞ୍ଚିତ କରି ରଖିଛନ୍ତି । ଏହି କ୍ଷେତ୍ରରେ କେବଳ ଗୋଟିଏ କଥାହିଁ କରିବାର ଅଛି, ତାହାକୁ କେବଳ ବଦଳାଇ ଦେବାରହିଁ ଆବଶ୍ୟକତା ରହିଛି; ତାହାର ଗତିସଞ୍ଚାରଗୁଡ଼ିକୁ ଦବାଇ ଦେବାର ବା ସେଗୁଡ଼ିକୁ ନଷ୍ଟ କରିଦେବାର ଏଠାରେ ଆଦୌ କୌଣସି ଆବଶ୍ୟକତା ନାହିଁ । କାରଣ, ଏଇଟି ନ ହେଲେ କୌଣସିଠାରେ ବି କୌଣସି ପ୍ରଗାଢ଼ତା ଆଦୌ ସମ୍ଭବ ହେବ ନାହିଁ । ପ୍ରାଣିକ କହିଲେ ଆମେ ସ୍ୱଭାବତଃ ଆମ ଭିତରେ ରହିଥିବା ସେହି କ୍ଷେତ୍ରଟିକୁ ବୁଝିବା, ଯାହାକି ଆପଣାକୁ ବିତରଣ କରିଦେଇ ପାରିବ । ପ୍ରାଣିକ ମଧ୍ୟରେ ସର୍ବଦା ଆହରଣ କରିବାର ଆବେଗ ଓ

'oaob.nitrkl.ac.in' images reprocessed

ସାମର୍ଥ୍ୟଟି ମହଜୁଦ ହୋଇ ରହିଥିବାରୁହିଁ ଠିକ୍ ତାହାରି ମଧ୍ୟରେ ଅପଣାକୁ ଚରମ ନିରର୍ଥକତା ସହିତ ବିତରଣ କରିଦେବାର ଶକ୍ତି ମଧ୍ୟ ମହଜୁଦ ହୋଇ ରହିଛି । ଅଧିକାରୀ ହୋଇ ରହି ପାରିବାର ଶକ୍ତି ମହଜୁଦ ଥିବାରୁହିଁ ଆଦୌ କୌଣସି ପ୍ରକାର କାର୍ପଣ୍ୟ ନ ରଖି ଆପଣାକୁ ନିଃଶେଷିତ କରି ଛାଡ଼ିଦେଇ ପାରିବାର ଶକ୍ତି ମଧ୍ୟ ପ୍ରାଣିକ ମଧ୍ୟରେ ମହଜୁଦ ହୋଇ ରହିଛି । ପ୍ରାଣିକ କ୍ଷେତ୍ରର ଯଥାର୍ଥ ଗତିସ୍ପନ୍ଦନଟିକୁ ପ୍ରକୃତରେ ସବୁଠାରୁ ଅଧିକ ସୁନ୍ଦର ଏବଂ ଭବ୍ୟ ଏକ ଗତିସ୍ପନ୍ଦନ ବୋଲି କୁହାଯାଇ ପାରିବ । ମାତ୍ର ସେହି ଗତିସ୍ପନ୍ଦନଟିକୁ ନାନା କାରଣରୁ ବିକୃତ କରି ଦିଆଯାଇଛି ଏବଂ ସବୁଠାରୁ ଅସୁନ୍ଦର, ବିକାରଯୁକ୍ତ ଏବଂ ହେୟତାପୂର୍ଣ୍ଣ ଏକ ଗତିସ୍ପନ୍ଦନରେ ପରିଣତ କରି ଦିଆଯାଇଛି । ଯେକୌଣସି ସ୍ଥାନରେ ହେଉ ପଛକେ, ମାନୁଷୀ ପ୍ରେମର କୌଣସି କାହାଣୀରେ ଯେତେବେଳେ ଶୁଦ୍ଧ ଅମିଶ୍ରିତ ପ୍ରେମର ଗୋଟିଏମାତ୍ର କଣା ବି ଆସି ପ୍ରବେଶ କରିପାରିଛି, ଏବଂ ତାହାକୁ ଖୁବ୍ ବେଶୀ ବିକୃତ କରି ନ ପକାଇ ପ୍ରକଟ ହେବା ଲାଗି ବାଟ ଛାଡ଼ି ଦିଆଯାଇଛି, ସେଠି ଅମେ ଏକ ଯଥାର୍ଥ ଏବଂ ସୁନ୍ଦର ବସ୍ତୁର ଅବଶ୍ୟ ସନ୍ଦର୍ଶନ କରି ପାରିଛୁ । ଏବଂ, ସେହି କ୍ଷେତ୍ରରେ ଗତିସ୍ପନ୍ଦନଟି ଯେ ସ୍ଥାୟୀ ହୋଇ ରହିପାରି ନାହିଁ, ତାହାର କାରଣ ହେଉଛି ଯେ ତାହା ଆପଣାର ଲକ୍ଷ୍ୟ ଏବଂ ଅନ୍ୱେଷଣଟି ବିଷୟରେ ସଚେତନ ହୋଇପାରି ନାହିଁ; ଗୋଟିଏ ସତ୍ତା ଏବଂ ସିଏ ଖୋଜି ବୁଲୁଥିବା ଅଉଗୋଟିଏ ସତ୍ତା,—ଏହି ଦୁହିଁଙ୍କର ମିଳନ ଯେ ପ୍ରେମ ନୁହେଁ, ମାତ୍ର ପରମ ଦିବ୍ୟସତ୍ତାଙ୍କର ସକଳ ସତ୍ତା ସହିତ ମିଳନ ଯେ ହେଉଛି ଅସଲ ପ୍ରେମ, ତା'ପାଖରେ ଏହି ଜ୍ଞାନଟି ନ ଥାଏ ।

ପ୍ରେମ ହେଉଛି ଏକ ସର୍ବୋଚ୍ଚ ଶକ୍ତି, ଯାହାକୁ କି ଶାଶ୍ୱତ ପରମଚେତନା ଆପଣା ମଧ୍ୟରୁ ଭୂତଳକୁ ଏକ ଅସ୍ପଷ୍ଟ ଏବଂ ତମସାଚ୍ଛନ୍ନ ପୃଥିବୀ ମଧ୍ୟକୁ ପ୍ରେରିତ କରି ରଖିଛନ୍ତି; ସେହି ପୃଥିବୀ ଯେପରି ଆପଣାର ସକଳ ସତ୍ତା ସହିତ ପରମ ଦିବ୍ୟସତ୍ତାଙ୍କ ମଧ୍ୟକୁ ଫେରି ଆସିପାରିବ, ସେଥିଲାଗି ସେ ଅପଣାର ଏହି ଶକ୍ତିଟିକୁ ପ୍ରେରିତ କରି ରଖିଛନ୍ତି । ଆପଣାର ଅନ୍ଧକାର ଏବଂ ଅଜ୍ଞାନ ମଧ୍ୟରେ ରହି ଭୌତିକ ବସ୍ତୁସାର ପୃଥିବୀ ପରମ ଦିବ୍ୟସତ୍ତାଙ୍କ ବିଷୟରେ ବିସ୍ମୃତ ହୋଇ ରହିଥିଲା । ସେହି ଅନ୍ଧକାର ମଧ୍ୟରେ ପରମ ପ୍ରେମର ପ୍ରବେଶ ଘଟିଲା । ସେଠାରେ ଯାହାକିଛି ନିଦ୍ରାଚ୍ଛନ୍ନ ହୋଇ ରହିଥିଲା, ପ୍ରେମ ସେଗୁଡ଼ିକୁ ସବୁକିଛିକୁ ଜାଗ୍ରତ କରିଦେଲା । କାଲାହୋଇ ରହିଥିବା କର୍ଣ୍ଣକୁହରଗୁଡ଼ିକୁ ଖୋଲିଦେଇ ସିଏ ସେଗୁଡ଼ିକୁ ଫୁସ୍ ଫୁସ୍ କରି କହିଲା : "ଏପରି ଏକ ସମ୍ପଦ ରହିଛି ଯାହା ଲାଗି କି ନିଦ ଭାଙ୍ଗି ଉଠିବାକୁ ହେବ, ଯାହା ଲାଗି କି ଜୀବନ ବଞ୍ଚିବାକୁ ପଡ଼ିବ,—ଏବଂ ସେହି ସମ୍ପଦଟି ହେଉଛି ପ୍ରେମ ।" ଏବଂ, ସେହି ପ୍ରେମ ଲାଗି ନିଦ୍ରାଭଙ୍ଗ ହେବା ସଙ୍ଗେ ସଙ୍ଗେ ପୃଥିବୀ ମଧ୍ୟରେ ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ଫେରି ଅସିବାର ସମ୍ଭାବନାଟି ମଧ୍ୟ ଆସି ପ୍ରବିଷ୍ଟ

'oaob.nitrkl.ac.in' images reprocessed

ହୋଇଗଲା । ଏହି ପ୍ରେମର ମାର୍ଗରେହିଁ ସକଳ ସୃଷ୍ଟି ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ଊର୍ଦ୍ଧ୍ୱାଭିମୁଖୀ ହୋଇ ଗତି କରୁଛି ଏବଂ ତାହାର ପ୍ରତ୍ୟୁତ୍ତରସ୍ୱରୂପ ଊର୍ଦ୍ଧ୍ୱସ୍ଥ ପରମ ଦିବ୍ୟ ପ୍ରେମ ଏବଂ ପରମ ଦିବ୍ୟ କରୁଣା ସୃଷ୍ଟିକୁ ଭେଟିବା ଲାଗି ନିମ୍ନ ଆଡ଼କୁ ଅବନତ ହୋଇ ଆସୁଛି । ପୃଥିବୀ ଏବଂ ସର୍ବୋଚ୍ଚ ସତ୍ତାଙ୍କ ମଧ୍ୟରେ ଏହି ପାରସ୍ପରିକ ଆଦାନ-ପ୍ରଦାନ ଓ ଏହି ସମ୍ମିଳନ ସମ୍ଭବ ନ ହେବା ପର୍ଯ୍ୟନ୍ତ, ପରମ ଦିବ୍ୟସତ୍ତାଙ୍କ ଭୂମିରୁ ସୃଷ୍ଟି ଆଡ଼କୁ ତଥା ଏହି ସୃଷ୍ଟି ମଧ୍ୟରୁ ପରମ ଦିବ୍ୟସତ୍ତାଙ୍କ ମଧ୍ୟକୁ ପରମ ପ୍ରେମର ଏହି ଗତିସଞ୍ଚରଣ ନ ଘଟିବା ପର୍ଯ୍ୟନ୍ତ ପ୍ରେମ ଆପଣାର ଶୁଦ୍ଧ ସୌନ୍ଦର୍ଯ୍ୟରେ କଦାପି ତିଷ୍ଠି ରହିପାରିବ ନାହିଁ, ପ୍ରେମ କଦାପି ଆପଣାର ସହଜାତ ଶକ୍ତି ଏବଂ ପରିପୂର୍ଣ୍ଣତାର ପ୍ରଗାଢ଼ ଆନନ୍ଦ ଦ୍ୱାରା ସମ୍ପନ୍ନ ହୋଇ ରହିପାରିବ ନାହିଁ । ପରମ ଦିବ୍ୟପ୍ରେମର ଅବତରଣ ସଂଘଟିତ ହେବା ପର୍ଯ୍ୟନ୍ତ ଏବଂ ତାହାକୁ ଜୀବନ୍ତ ରୂପେ ଜାଗ୍ରତ କରିଦେବା ପର୍ଯ୍ୟନ୍ତ ଏହି ପୃଥିବୀ ଜୀବନହୀନ ଜଡ଼ର କେବଳ ଏକ ପିଣ୍ଡମାତ୍ର ହୋଇ ରହିଥିଲା । ସେହି କ୍ଷଣଟିଠାରୁହିଁ ପୃଥିବୀ ସତତ ଜୀବନର ଏହି ଦିବ୍ୟ ଉତ୍ସଟିର ସନ୍ଧାନ କରି ଚାହାଁରହିଛି, ମାତ୍ର ଆପଣାର ଅନୁସନ୍ଧାନ-ପଥରେ ତାହା ଯାବତୀୟ ପ୍ରକାରର ଭୁଲ୍ ଦିଗ ଏବଂ ଅନୁଚିତ ମାର୍ଗକୁ ଗ୍ରହଣ କରି ଆସିଛି, ଅନ୍ଧାର ଭିତରେ ବାଉଳା ହୋଇ କେତେ ଏଣେତେଣେ ଭ୍ରମି ବୁଲିଛି । ସୃଷ୍ଟିର ଏହି ପିଣ୍ଡଟି ଆପଣାର ଗତିପଥରେ ପଡ଼ୁଥିବା କୌଣସି ଅନ୍ଧ ଅନବଚ୍ଛିନ୍ନତର ସନ୍ଧାନରେ ଚାହାଁରହିଥିବା ପରି ଆଗକୁ ଯିବା ଲାଗି ଚେଷ୍ଟା କରିଆସିଛି; ତାହା ଅନ୍ୱେଷଣ କରି ଚାହାଁରହିଛି ସତ, ମାତ୍ର କ'ଣ ଯେ ଅନ୍ୱେଷଣ କରି ଚାହାଁରହିଛି, ସିଏ ସେହି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞାନ ରହିଛି । ଏହି ଗତିପଥରେ ସିଏ ସର୍ବୋଚ୍ଚ ଯେଉଁ ବିନ୍ଦୁଟିରେ ଉପନୀତ ହୋଇ ପାରିଛି, ତାହାହିଁ ମଣିଷଗଣଙ୍କୁ ସର୍ବୋଚ୍ଚ ପ୍ରକାରର ପ୍ରେମ ବୋଲି ବୋଧ ହୋଇଛି, ମଣିଷ ତାହାକୁହିଁ ଶୁଦ୍ଧତମ ଓ ଆସକ୍ତିମୁକ୍ତ ପ୍ରେମ ବୋଲି ଅନୁମାନ କରିନେଇଛି । ଏଠାରେ ଏକ ଦୃଷ୍ଟାନ୍ତରୂପେ ସନ୍ତାନ ପ୍ରତି ରହିଥିବା ଜନନୀର ପ୍ରେମର ଉଲ୍ଲେଖ କରାଯାଇ ପାରିବ । ପ୍ରେମର ମାର୍ଗରେ ମଣିଷର ଏହି ବିଚରଣା ଦ୍ୱାରା ସିଏ ପ୍ରଚ୍ଛନ୍ନ ଭାବରେ ଏପରି କିଛିର ଅନ୍ୱେଷଣ କରୁଛି, ଯାହାକୁ ସିଏ ଏପର୍ଯ୍ୟନ୍ତ ପାଇପାରି ନାହିଁ । ମାତ୍ର, ସେହି ସମ୍ପଦଟି ଯେ ତାକୁ ପ୍ରକୃତରେ କେଉଁଠାରେ ମିଳିବ, ସିଏ ସେକଥା ବିଷୟରେ ଆଦୌ କିଛିହେଲେ ଜାଣି ନାହିଁ; ସେହି ଅଭିଳଷିତ ବସ୍ତୁଟି ପ୍ରକୃତରେ ଯେ କ'ଣ, ସେକଥା ବିଷୟରେ ମଧ୍ୟ ତାହାର ଆଦୌ କୌଣସି ଜ୍ଞାନ ନାହିଁ । ଦିବ୍ୟ ପରମପ୍ରେମରେ କୌଣସି ଅଶୁଦ୍ଧତା ନାହିଁ ଏବଂ ତାହା ମନୁଷ୍ୟନିର୍ମିତ ଯାବତୀୟ ମୂର୍ତ୍ତି କଳ୍ପନା ଉପରେ ଆଦୌ କୌଣସି ପ୍ରକାରେ ନିର୍ଭରଶୀଳ ହୋଇ ରହି ନାହିଁ; ଯେଉଁ ମୁହୂର୍ତ୍ତରେ ମନୁଷ୍ୟର ଚେତନା ସେହି ଅପୂର୍ବ ସମ୍ପଦଟି ଲାଗି ଜାଗରୂକ ହୋଇ ଉଠିପାରୁଛି, ତାହାର ହୃଦୟ ଯେ ସଚଞ୍ଚଳ ଅବଧି ଧରି ଯଥାର୍ଥରେ

'oaob.nitrkl.ac.in' images reprocessed

ଯାହା ଲାଗି ବ୍ୟାକୁଳ ହୋଇ ରହିଥିଲି, କେବଳ ସେତେବେଳେ ଯାଇ ସିଏ ତାହାର ପରିଚୟ ପାଇପାରୁଛି । ମଣିଷ ଭିତରର ଅସଲ ଆତ୍ମାଟିର ଅଭୀପ୍ସା ପ୍ରକୃତରେ ସେହିଠାରୁହିଁ ଆରମ୍ଭ ହେଉଛି, ତାହାରି ଦ୍ୱାରାହିଁ ଚେତନାର ଜାଗୃତି ସଂଘଟିତ ହେଉଛି ଏବଂ ଆମର ଚେତନା ମଧ୍ୟରେ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହେବା ଲାଗି ଏକ ବ୍ୟାକୁଳତା ଜନ୍ମଲାଭ କରୁଛି । ଆମେ ଅଜ୍ଞାନ ମଧ୍ୟରେ ଯେଉଁସବୁ ରୂପ ଏବଂ ବାଡ଼ଗୁଡ଼ିକୁ ଧାରଣ କରି ରଖିଥିଲୁ, ଆମର ଜୀବନ ଉପରେ ଯେତେଯାହା ବିକୃତି ଏପର୍ଯ୍ୟନ୍ତ ଲଦିହୋଇ ରହିଥିଲା, ଠିକ୍ ସେହି ମୁହୂର୍ତ୍ତିଠାରୁହିଁ ସେଗୁଡ଼ିକୁ ମ୍ଳାନତା ଭଜି ବିଦାୟ ନେବାକୁ ପଡ଼ୁଛି; ଠିକ୍ ସେହି ମୁହୂର୍ତ୍ତିଠାରୁହିଁ ତାହାର ସ୍ଥାନାପନ୍ନ ଭାବରେ ସୃଷ୍ଟିର ଏକ ଅବିଭକ୍ତ ଗତିସ୍ପନ୍ଦନର ଆବିର୍ଭାବ ହେଉଛି, ଯାହାକି ଦିବ୍ୟ ପରମସତ୍ତାଙ୍କ ଲାଗି ଆପଣାର ପ୍ରେମ ଦ୍ୱାରା ଦିବ୍ୟ ପରମସତ୍ତାଙ୍କ ଲାଗି ଆପଣାର ଅନୁସ୍ପନ୍ଦନକୁ ବ୍ୟକ୍ତ କରିପାରୁଛି । ସୃଷ୍ଟି ଥରେ ସଚେତନ, ଜାଗ୍ରତ ଏବଂ ଦିବ୍ୟ ପରମସତ୍ତାଙ୍କ ଲାଗି ରହିଥିବା ତା'ର ପ୍ରେମର ଏକ ଭୂମିକୁ ଉନ୍ମୋଚିତ ହୋଇପାରିଲେ, ଦିବ୍ୟ ପରମପ୍ରେମ ମଧ୍ୟ ଅବାଧ ଏବଂ ସୀମାହୀନ ଭାବରେ ଆପଣାକୁ ଏହି ସୃଷ୍ଟି ମଧ୍ୟରେ ଆଣି ଅଜାଡ଼ି ଦେବାକୁ ଆରମ୍ଭ କରୁଛି । ଗତିସ୍ପନ୍ଦନର ବୃତ୍ତଟି ଆପଣା ଅଭିମୁଖରେହିଁ ଫେରି ଆସୁଛି ଏବଂ ଦୁଇଟିଯାକ ପ୍ରାନ୍ତ ପରସ୍ପର ସହିତ ସମ୍ମିଳିତ ହୋଇଯାଉଛନ୍ତି । ଗୋଟିଏ ପାଖରେ ପରମ ଚିନ୍ମୟସତ୍ତା ଓ ଅନ୍ୟଗୋଟିଏ ପାଖରେ ଅଭିବ୍ୟକ୍ତଶୀଳ ଜଡ଼,—ଦୁହିଁଙ୍କର ମିଳନ ସଂଘଟିତ ହେଉଛି । ଏବଂ, ସେମାନଙ୍କର ଏହି ଦିବ୍ୟ ସମ୍ମିଳନ ସାତତ୍ୟ ଲାଭ କରୁଛି, ପୂର୍ଣ୍ଣତାଯୁକ୍ତ ହୋଇପାରୁଛି ।

ଏହି ପୃଥିବୀରେ ଏପରି ଅନେକ ମହାନ୍ ସତ୍ତାଙ୍କର ଜନ୍ମ ସମ୍ଭବ ହୋଇଛି, ଯେଉଁମାନେ କି ସେହି ଦିବ୍ୟ ପରମପ୍ରେମର ପରମ ଶୁଦ୍ଧତା ତଥା ସାମର୍ଥ୍ୟର କିୟଦଂଶକୁ ଏଠାକୁ ବହନ କରି ଆଣିବା ପାଇଁହିଁ ଏଠାକୁ ଆସିଛନ୍ତି । ସେମାନଙ୍କ ମାଧ୍ୟମରେ ଦିବ୍ୟ ପରମପ୍ରେମ ଆପଣାକୁ ଏକ ବ୍ୟକ୍ତିରୂପର ଆୟତନରେ ଆଣି ଅଜାଡ଼ି ଦେଇଛି; ପୃଥିବୀପୃଷ୍ଠରେ ସେହି ପରମପ୍ରେମର ପରିପ୍ରକାଶ ଯେପରି ଏକାଧାରରେ ଅପେକ୍ଷାକୃତ ଅଧିକ ସହଜ ଏବଂ ଅଧିକ ପରିପୂର୍ଣ୍ଣ ହୋଇପାରିବ, ସେଇଥିଲାଗି ସିଏ ଆପଣାକୁ ଏହିଭଳି ଆୟତନଗୁଡ଼ିକରେ ଆଣି ଅଜାଡ଼ି ଦେଉଛି । ଏକ ବ୍ୟକ୍ତିସତ୍ତା ମଧ୍ୟରେ ପ୍ରକଟ ହୋଇଥିଲାବେଳେ ପରମ ପ୍ରେମର ଉପଲବ୍ଧି ଅପେକ୍ଷାକୃତ ଅଧିକ ସହଜ ହୋଇପାରିବ; ଅପ୍ରକଟ ରହିଥିବାବେଳେ ବା ଆପଣାର ଗତିସ୍ପନ୍ଦନରେ ନୈର୍ବ୍ୟକ୍ତିକ ହୋଇ ରହିଥିବା ସମୟରେ ତାହାକୁ ଉପଲବ୍ଧି କରିବା ପ୍ରକୃତରେ ଅଧିକ ଆୟାସସାପେକ୍ଷ ହୋଇ ରହିଥିବ । ଏହି

'oaob.nitrkl.ac.in' images reprocessed

ବ୍ୟକ୍ତିଗତ ସ୍ପର୍ଶଲାଭ ଦ୍ୱାରା ଜାଗ୍ରତ ହୋଇ ବ୍ୟକ୍ତି ଯେତେବେଳେ ଦିବ୍ୟ ପରମପ୍ରେମର ଚେତନାସ୍ପନ୍ଦନ ମଧ୍ୟରେ ଏହିଭଳି ଏକ ବ୍ୟକ୍ତିଗତ ପ୍ରଗାଢ଼ତାକୁ ଲାଭ କରିପାରିବ, ସେତେବେଳେ ତାହାର କର୍ମ ଏବଂ ତାହାର ପରିବର୍ତ୍ତନ ନିଶ୍ଚୟ ଅପେକ୍ଷାକୃତ ଅଧିକ ସହଜ ହୋଇଯାଇ ପାରିବ; ତା'ର ଈପ୍ସିତ ମିଳନଟି ଅପେକ୍ଷାକୃତ ଅଧିକ ସ୍ୱାଭାବିକ ହେବ, ଅଧିକ ନିବିଡ଼ ବି ହେବ । ଏବଂ ତା'ଲାଗି ଏହି ମିଳନଟି ଓ ଏହି ଉପଲବ୍ଧିଟି ମଧ୍ୟ ଅଧିକ ପୂର୍ଣ୍ଣ ଓ ପରିପୂର୍ଣ୍ଣ ହେବ; କାରଣ, ସେତେବେଳେ ଏକ ବିଶ୍ୱତୋଗତ ଏବଂ ବ୍ୟକ୍ତି-ଅନପେକ୍ଷ ପରମପ୍ରେମର ସୁବିସ୍ତୃତ ଏକରୂପତା ଆପଣାକୁ ସନ୍ଦୀପିତ କରି ଆଣିପାରିବ ଏବଂ ପରମ ଦିବ୍ୟସତ୍ତାଙ୍କ ସହିତ ସ୍ଥାପିତ ହୋଇ ରହିଥିବା ସମ୍ଭାବ୍ୟ ଯାବତୀୟ ସମ୍ବନ୍ଧର ବର୍ଣ୍ଣାଢ଼୍ୟତା ଏବଂ ସୌନ୍ଦର୍ଯ୍ୟଟି ଦ୍ୱାରା ତାହା ଜୀବନମୟ ହୋଇଉଠି ପାରିବ ।

'oaob.nitrkl.ac.in' images reprocessed

୯ ଜୁନ୍ ୧୯୬୯

ଧର୍ମର ଯଥାର୍ଥ ସ୍ୱଭାବଟି ପ୍ରକୃତରେ କ'ଣ ? ଆଧ୍ୟାତ୍ମିକ ଜୀବନର ମାର୍ଗରେ ଧର୍ମ ହୁଏତ ଏକ ପ୍ରତିବନ୍ଧକରୂପେ ଆସି ଠିଆ ହୋଇପାରେ କି ?

ମନୁଷ୍ୟର ଜୀବନଭୂମିରେ ଧର୍ମ ହେଉଛି ଉଚ୍ଚତର ମନର ଏକ ବସ୍ତୁ । ମନୁଷ୍ୟର ଏହି ଉଚ୍ଚତର ମନ ଆପଣାର ସାଧ୍ୟ ଅନୁସାରେ ଆପଣାର ଅସ୍ତିତ୍ୱର ବାହାରେ ରହିଥିବା କୌଣସି ଏକ ଅନ୍ୟ ସମ୍ପଦର ନିକଟବର୍ତ୍ତୀ ହେବାର ଚେଷ୍ଟା କରୁଥାଏ ଏବଂ ତାହାର ସେହି ପ୍ରୟାସଟିକୁହିଁ ଧର୍ମ ବୋଲି କୁହାଯିବ । ସେହି ଅନ୍ୟ ସମ୍ପଦଟିକୁ ମନୁଷ୍ୟସମାଜ ଭଗବାନ୍, ପରମଚୈତନ୍ୟସତ୍ତା, ପରମସତ୍ୟ, ପରମ-ନିର୍ଭର, ପରମଜ୍ଞାନ ବା ପରମ-ଅନନ୍ତ ପ୍ରଭୃତି ନାନା ନାମରେ ଅଭିହିତ କରିଥାଏ; ମନୁଷ୍ୟ ତା'ର ମନ ଦ୍ୱାରା ଯାହାର କୌଣସି ଇୟତ୍ତା ପାଇପାରେ ନାହିଁ ଅଥଚ ଯାହାର ଇୟତ୍ତା ପାଇବା ଲାଗି ପ୍ରୟାସ କରିବାରେ ଲାଗିଥାଏ, ସିଏ ସେହିପରି କୌଣସି ଏକ ପ୍ରକାରର ପରମ-ସତ୍ତ୍ୱ ରୂପେ ତାହାକୁ ଅଭିହିତ କରିଥାଏ । ଆପଣାର ମୂଳଭୂତ ଉତ୍ସରେ ହୁଏତ ଧର୍ମକୁ ଏକ ଦିବ୍ୟ ବସ୍ତୁ ବୋଲି କୁହାଯାଇ ପାରିବ; ମାତ୍ର ତାହାର ବାସ୍ତବ ସ୍ୱଭାବଟି ଅନୁସାରେ ତାହାକୁ ଏକ ଦିବ୍ୟ ବସ୍ତୁ ବୋଲି ନ କହି କେବଳ ମନୁଷ୍ୟଜୀବନର ସୀମାଭିତରେ ରହିଥିବା ଏକ ବସ୍ତୁ ବୋଲି କୁହାଯିବ । ବସ୍ତୁତଃ ଆମେ ଧର୍ମ ଅପେକ୍ଷା ଅଧିକ ଯୁକ୍ତିଯୁକ୍ତ ଭାବରେ ନାନା ଧର୍ମରହିଁ ଚର୍ଚ୍ଚା ଏବଂ ଆଲୋଚନା କରିପାରିବା । କାରଣ, ମଣିଷ ଦ୍ୱାରା ଯେଉଁସବୁ ଧର୍ମର ସୃଷ୍ଟି କରାଯାଇଛି, ସେଗୁଡ଼ିକର ସଂଖ୍ୟା ଅନେକ । ଏହିସବୁ ବିଭିନ୍ନ ଧର୍ମର ଜନ୍ମ ଗୋଟିଏ ଉତ୍ସରୁ ହୋଇ ନାହିଁ ସତ, ମାତ୍ର ଅଧିକାଂଶ ଧର୍ମର ସର୍ଜନା ଏବଂ ନିର୍ମାଣ ପ୍ରାୟ ଏକାଭଳି ଓ ଗୋଟିଏ ପ୍ରକାରେହିଁ ହୋଇଛି । ଖ୍ରୀଷ୍ଟିଆନ୍ ଧର୍ମର କିପରି ଉଦ୍ଭବ ହୋଇଥିଲା, ଆମେ ସେକଥା ଜାଣିଛୁ । ବର୍ତ୍ତମାନ ଯାହା ଖ୍ରୀଷ୍ଟିଆନ୍ ଧର୍ମରୂପେ ପ୍ରଚଳିତ ହୋଇ ରହିଛି, ଯୀଶୁଖ୍ରୀଷ୍ଟ ନିଶ୍ଚିତ ଭାବରେ ତାହାର ନିର୍ମାଣ କରି ନାହାନ୍ତି । ମାତ୍ର କେତେଜଣ ପଣ୍ଡିତ ଓ ଅତି ବୁଦ୍ଧିମାନ ବ୍ୟକ୍ତି ଆପଣାର ମଥା ଏକାଠି କରି ଆମେ ଦେଖୁଥିବା ବର୍ତ୍ତମାନର ଖ୍ରୀଷ୍ଟିଆନ ଧର୍ମଟିକୁ ତିଆରି କରିଛନ୍ତି । ଯେଉଁ ଭାବରେ ଏହି ନିର୍ମାଣଟି ହୋଇଛି, ସେଥିରେ ପ୍ରକୃତରେ ଦିବ୍ୟ

'oaob.nitrkl.ac.in' images reprocessed

ବୋଲି ଆଦୌ କିଛିହେଲେ ନାହିଁ; ଏବଂ, ଯେଉଁପରି ଭାବରେ ଏହି ଧର୍ମ ଆପଣାକୁ କାର୍ଯ୍ୟକାରୀ କରାଉଛି, ସେଥିରେ ମଧ୍ୟ ଦିବ୍ୟ ବୋଲି ମୋଟେ କିଛି ହେଲେ ନାହିଁ । ମାତ୍ର ତଥାପି, ଯେଉଁ ଉପଲକ୍ଷ୍ୟ ବା ଅବସରଟିର ଦ୍ୱାରା ଦେଇ ଏହି ଧର୍ମଟିର ନିର୍ମାଣ ହେଲା, ସେଥିରେ ନିଃସନ୍ଦେହ ଭାବରେ ଆମେ ଯାହାକୁ ଏକ ଦିବ୍ୟ ପରମସତ୍ତା ବୋଲି କହିପାରିବା, ତାଙ୍କର ଏକ ଆତ୍ମୋଦ୍‌ଘାଟନର କାହାଣୀ ତାହା ସହିତ ସଂଯୁକ୍ତ ହୋଇ ରହିଥିଲା । ସେହି ପରମସତ୍ତା ଅନ୍ୟ କେଉଁଠାରୁ ଆସି ଆବିର୍ଭୂତ ହୋଇଥିଲେ, ଏକ ଉଚ୍ଚତର ଭୂମିରୁ ଏହି ପୃଥିବୀ ସକାଶେ ସିଏ ଆପଣା ସହିତ ଏକ ନିର୍ଦ୍ଦିଷ୍ଟ ଉଚ୍ଚତର ଜ୍ଞାନ ଏବଂ ସତ୍ୟକୁ ବହନ କରି ଆଣିଥିଲେ । ସିଏ ଏହି ପୃଥିବୀକୁ ଆସିଥିଲେ, ଆପଣାର ସତ୍ୟଟି ସକାଶେ କଷ୍ଟ ସହ୍ୟ କରିଥିଲେ; ମାତ୍ର ସିଏ ଯେଉଁସବୁ କଥା କହୁଥିଲେ, ତାହାକୁ ଅତି ଅଳ୍ପସଂଖ୍ୟକ ଲୋକ ବୁଝିଥିଲେ; ସିଏ ଯେଉଁ ପରମସତ୍ୟଟି ଲାଗି ଏତେ କଷ୍ଟ ବରଣ କଲେ, ଖୁବ୍ ଅଳ୍ପ ସଂଖ୍ୟକ ଲୋକ ତାହାକୁ ଆବିଷ୍କାର କରିବାକୁ ଅଥବା ତାହାର ଅନୁଗମନ କରିବାକୁ ମନ ଦେଇଥିଲେ । ବୁଦ୍ଧ ଆପଣାକୁ ଏହି ସଂସାରରୁ ପ୍ରତ୍ୟାହାର କରି ନେଇଥିଲେ, ଧ୍ୟାନସ୍ଥ ହୋଇ ବସିଥିଲେ ଏବଂ ପୃଥିବୀର ଦୁଃଖ ଏବଂ କଷ୍ଟଭୋଗ ଭିତରୁ ନିଷ୍କୃତି ଲାଭ କରିବାର ଗୋଟିଏ ଉପାୟ ବାହାର କରିଥିଲେ, ଏହି ରୋଗ ଓ ମୃତ୍ୟୁ, ବାସନା, ପାପ ଏବଂ କ୍ଷୁଧା ମଧ୍ୟରୁ ନିଷ୍କୃତି ପାଇବା ଲାଗି ଏକ ଉପାୟ ସିଏ ବାହାର କରିଥିଲେ । ସିଏ ଏକ ପରମ ସତ୍ୟର ସନ୍ଧାନ ପାଇଥିଲେ, ତାହାକୁ ଭାଷା ଦେବାର ପ୍ରୟାସ କରିଥିଲେ ଓ ଆପଣାର ଶିଷ୍ୟବର୍ଗଙ୍କୁ ତାହା ପ୍ରଦାନ କରିଥିଲେ, ତାଙ୍କ ଗୃହପାଖରେ ଆସି ରୁଣ୍ଡ ହେଉଥିବା ଅନୁଗାମୀମାନଙ୍କୁ ସିଏ ତାହା ପ୍ରଦାନ କରିଥିଲେ । ମାତ୍ର, ବୁଦ୍ଧ ପୃଥିବୀରୁ ବିଦାୟ ନେଇଯିବା ପୂର୍ବରୁ ମଧ୍ୟ ତାଙ୍କର ଶିକ୍ଷାର କଦର୍ଥ ହେବାକୁ ଆରମ୍ଭ ହୋଇସାରିଥିଲା, ତାହାର ନାନା ବିକୃତି ହେବାକୁ ମଧ୍ୟ ଆରମ୍ଭ କରିଥିଲା । ସିଏ ଏହି ସଂସାରରୁ ବିଦାୟ ନେଇସାରିବା ପରେହିଁ ବୌଦ୍ଧ ଧର୍ମ ଏକ ପୂର୍ଣ୍ଣାବୟବ ଧର୍ମରୂପେ ଆପଣାର ମସ୍ତକ ଉତ୍ତୋଳନ କରିଥିଲା; ସ୍ୱୟଂ ବୁଦ୍ଧଦେବ ଯାହା କହିଯାଇଛନ୍ତି ବୋଲି କୁହାଯାଉଥିଲା ଏବଂ ସଙ୍ଗୃହୀତ ତାଙ୍କର ଏହିସବୁ ଉକ୍ତିର ଯେଉଁସବୁ ତାତ୍ପର୍ଯ୍ୟ ରହିଛି ବୋଲି ଅନୁମାନ କରାଯାଉଥିଲା, ତାହାର ଉପରେ ନିର୍ଭର କରି ବୌଦ୍ଧଧର୍ମର ପ୍ରତିଷ୍ଠା ହେଲା । ମାତ୍ର, ବୁଦ୍ଧଦେବ ପ୍ରକୃତରେ କ'ଣସବୁ କହିଯାଇଛନ୍ତି ଓ କେଉଁ ଅର୍ଥରେ ସିଏ ଏହିସବୁ କଥା କହି-ଯାଇଛନ୍ତି, ସେବିଷୟରେ ତାଙ୍କର ଶିଷ୍ୟମାନେ ତଥା ଶିଷ୍ୟମାନଙ୍କର ଶିଷ୍ୟମାନେ ପରସ୍ପର ସହିତ ରାଜି ହୋଇ ନ ପାରିବାରୁ ମୂଳ ଧର୍ମଟି ମଧ୍ୟରେ କେତେ କେତେ ମତ ଏବଂ ଉପମତର ସୃଷ୍ଟି ହେବାକୁ ଆଦୌ କୌଣସି ବିଳମ୍ବ ଲାଗିଲା ନାହିଁ । ଏକ ଦକ୍ଷିଣ ମାର୍ଗ ବାହାରିଲା, ଏକ ଉତ୍ତର ମାର୍ଗର ସୃଷ୍ଟି ହେଲା ଏବଂ ଏକ ସୁଦୂର ପ୍ରାଚ୍ୟ

'oaob.nitrkl.ac.in' images reprocessed

ପଥ ମଧ୍ୟ ଜନ୍ମଲାଭ କଲା । ଏହି ମତ ବା ମାର୍ଗଗୁଡ଼ିକରୁ ପ୍ରତ୍ୟେକେ ଆପଣାକୁ ମୂଳଗୁରୁ ବୁଦ୍ଧଦେବଙ୍କର ଏକମାତ୍ର, ସର୍ବପ୍ରାଚୀନ ଏବଂ ଅବିକୃତ ଧର୍ମବୋଲି ହିଁ ଦାବି କରିବାକୁ ଲାଗିଲେ । ଖ୍ରୀଷ୍ଟଙ୍କର ଧର୍ମବାଣୀକୁ ମଧ୍ୟ ଅନୁରୂପ ପରିଣାମ ଭୋଗିବାକୁ ପଡ଼ିଥିଲା; ସେହି ବାଣୀଟି ମଧ୍ୟ ଠିକ୍ ସେହିପରି ଭାବରେ କ୍ରମେ ଏକ ସୂତ୍ରବଦ୍ଧ ତଥା ସଂଗଠିତ ଧର୍ମରେ ପରିଣତ ହୋଇଯାଇଥିଲା । ଅନେକ ସମୟରେ ଏପରି କୁହାଯାଇଥାଏ ଯେ, ଯଦି ଯୀଶୁ ପୁଣି ଥରେ ଏହି ପୃଥିବୀକୁ ଫେରି ଆସନ୍ତେ, ତେବେ, ତାଙ୍କ ପ୍ରପ୍ରବର୍ତ୍ତିତ ଧର୍ମଟି ଉପରେ ଯେଉଁସବୁ ବାହ୍ୟ ରୂପଗୁଡ଼ିକୁ କାଳକ୍ରମେ ଆଣି ଲଦି ଦିଆଯାଇଛି, ସେଗୁଡ଼ିକ ମଧ୍ୟରେ ସିଏ ଆପଣାର ପ୍ରବର୍ତ୍ତିତ ଧର୍ମଟିକୁ ଆଦୌ ଚିହ୍ନିପାରନ୍ତେ ନାହିଁ । ଏବଂ, ଯଦି ବୁଦ୍ଧଦେବ ଏହି ପୃଥିବୀକୁ ଥରେ ଫେରି ଆସନ୍ତେ, ଏବଂ ତାଙ୍କର ଶିକ୍ଷାଗୁଡ଼ିକର ଏବେ କେଉଁଭଳି ଦଶା ହୋଇଛି ସେକଥା ସେ ଦେଖିବାକୁ ପାଆନ୍ତେ, ତେବେ ସିଏ ହୁଏତ ଅତ୍ୟନ୍ତ ନୈରାଶ୍ୟପୂର୍ଣ୍ଣ ମନରେ ସଙ୍ଗେ ସଙ୍ଗେ ତାଙ୍କର ନିର୍ବାଣାବସ୍ଥାଟି ମଧ୍ୟକୁ ବାହୁଡ଼ି ପଳାଇ ଯାଆନ୍ତେ । ପୃଥିବୀର ପ୍ରତ୍ୟେକ ଧର୍ମରେ ଆମକୁ ଠିକ୍ ଏହିପରି କାହାଣୀଟିଏ ଶୁଣିବାକୁ ମିଳିବ । ପୃଥିବୀର ଜଣେ ଜଣେ ଶ୍ରେଷ୍ଠ ଗୁରୁ ସଂସାରରେ ଜନ୍ମଗ୍ରହଣ କରିବା ଦ୍ୱାରା ସେହିସବୁ ଧର୍ମ ବିଭିନ୍ନ ସମୟରେ ଜନ୍ମ ଗ୍ରହଣ କରିଥିଲେ । ସିଏ ଏହି ସଂସାରକୁ ଆସିଥିଲେ, ଏକ ଦିବ୍ୟ ପରମସତ୍ୟକୁ ଉଦ୍‌ଘାଟିତ କରି ଦେଇଥିଲେ ଏବଂ ସ୍ୱୟଂ ସେହି ସତ୍ୟଟିର ଅବତାରସ୍ୱରୂପ ହୋଇ ରହିଥିଲେ । ମାତ୍ର ତା'ପରେ ମଣିଷମାନେ ସେଇଟିକୁ ଜବତ କରିନେଲେ, ଜାବୁଡ଼ି ଧରିଲେ, ଧର୍ମରେ ବେପାର ଆରମ୍ଭ କରିଦେଲେ, ଏବଂ ତାହାକୁ ନେଇ ପ୍ରାୟ ଏକ ରାଜନୈତିକ ସଂଗଠନ ଗଢ଼ି ରଖିଦେଲେ । ସେମାନେ ଧର୍ମଟି ସହିତ ଏକ ରାଷ୍ଟ୍ରର ସମର୍ଥନ ଓ ସଂବଳନକୁ ଆଣି ଯୋଡ଼ିଦେଲେ, ରାଷ୍ଟ୍ରନୀତି ଓ ରାଷ୍ଟ୍ରବିଧାନକୁ ଆଣି ଯୋଡ଼ିଦେଲେ; ଧର୍ମରେ କେତେ କେତେ ସୂତ୍ର ଓ ନିୟମର ବଖାଣ ହେଲା, ବିଧିବିଧାନର ବିସ୍ତାର ହେଲା, କେତେପ୍ରକାର ଉତ୍ସବ ଓ ଅନୁଷ୍ଠାନର ଆୟୋଜନଗୁଡ଼ାକୁ ଆଣି ଯୋଡ଼ି ଦିଆଗଲା । ସେଗୁଡ଼ାକୁ ନେଇ ଧର୍ମାନୁଗାମୀମାନଙ୍କ ଉପରେ ବାନ୍ଧି ଦିଆଗଲା, ସେଗୁଡ଼ାକୁ ଚୂଡ଼ାନ୍ତ ଏବଂ ଅଲଙ୍ଘନୀୟ କରି ରଖି ଦିଆଗଲା । ଯେକୌଣସି ରାଷ୍ଟ୍ର ପରି ଏହି ଧର୍ମଗୁଡ଼ାକ ମଧ୍ୟ ବିଶ୍ୱାସୀମାନଙ୍କ ଲାଗି ପୁରସ୍କାରର ବ୍ୟବସ୍ଥା କଲେ ଏବଂ ଦ୍ରୋହୀ ବା ଅନ୍ୟ ପଥଗାମୀମାନଙ୍କ ଲାଗି ଶାସ୍ତିର ବ୍ୟବସ୍ଥା ବି କଲେ । ଅବାଧ୍ୟ ଏବଂ ବିଦ୍ରୋହୀମାନଙ୍କ ଲାଗି କଠୋର ଶାସ୍ତିର ବିଧାନ କଲେ । ଏବଂ, ବର୍ତ୍ତମାନ ମଧ୍ୟ ଠିକ୍ ତାହାହିଁ ହେଉଛି ।

ଏହିସବୁ ପ୍ରତିଷ୍ଠିତ ଏବଂ ଉପସମ୍ପ୍ରଦାୟବଦ୍ଧ ଧର୍ମଗୁଡ଼ିକର ପ୍ରଥମ ଏବଂ ସର୍ବପ୍ରଧାନ ପ୍ରବୃତ୍ତିଟି ସର୍ବଦା ପ୍ରାୟ ଏହିପରି ହୋଇ ରହିଆସିଛି, "ମୋ ସତ୍ୟଟି

'oaob.nitrkl.ac.in' images reprocessed

ହେଉଛୁ ସର୍ବୋଚ୍ଚ ସତ୍ୟ, ଏକମାତ୍ର ସତ୍ୟ ଏବଂ ଅନ୍ୟ ସବୁଯାକ ଧର୍ମ ହେଉଛୁ ମିଥ୍ୟା, ସେଗୁଡ଼ିକ ହେଉଛନ୍ତି ମୋ' ଧର୍ମର ତୁଳନାରେ ନିମ୍ନସ୍ତରୀୟ।" କାରଣ, ଏହି ଆଧାରୀଭୂତ ବିଶ୍ୱାସଟି ବ୍ୟତୀତ ପ୍ରତିଷ୍ଠିତ ସୂତ୍ରବଦ୍ଧ ଧର୍ମଗୁଡ଼ିକ କଦାପି ଆପଣାକୁ ବଞ୍ଚାଇ ରଖିପାରି ନ ଥାନ୍ତେ । କେବଳ ତୁମରି ପାଖରେହିଁ ଏକମାତ୍ର ଓ ସର୍ବୋଚ୍ଚ ସତ୍ୟ ରହିଛୁ, ଯଦି ତୁମେ ଏହି କଥାଟି ଉପରେ ବିଶ୍ୱାସ ନ କରିବ ଏବଂ ତାହାକୁହିଁ ସମସ୍ତଙ୍କ ଆଗରେ ଘୋଷଣା ନ କରିବ, ତେବେ ତୁମେ ଲୋକମାନଙ୍କ ଉପରେ ଆଦୌ କୌଣସି ପ୍ରଭାବ ପକାଇପାରିବ ନାହିଁ ଓ ସେମାନଙ୍କୁ ଆପଣାର ଅନୁଗାମୀ ରୂପେ କଦାପି ପାଇପାରିବ ନାହିଁ ।

ଧର୍ମ ପାଖରେ ସମର୍ପିତ ହୋଇଥିବା ମନ ଲାଗି ଏହି ଦୃଷ୍ଟିକୋଣଟି ହେଉଛୁ ଏକ ସ୍ୱାଭାବିକ ଦୃଷ୍ଟିକୋଣ । ମାତ୍ର, ଠିକ୍ ଏହି ଦୃଷ୍ଟିକୋଣଟି ସକାଶେହିଁ ଧର୍ମ ଆଧ୍ୟାତ୍ମିକ ଜୀବନର ପଥରେ ଏକ ଅନ୍ତରାୟ ହୋଇ ଠିଆ ହୋଇଥାଏ । କୌଣସି ଧର୍ମରେ ଯେଉଁସବୁ ସୂତ୍ର ଏବଂ ବିଶ୍ୱାସ ଆପଣାକୁ ଜାରି କରି ରଖିଥାନ୍ତି, ସେଗୁଡ଼ିକର ରଚନା କେବଳ ମନର ସ୍ତରରେହିଁ ହୋଇଥାଏ, ଏବଂ, ଯଦି ତୁମେ ସେଗୁଡ଼ିକୁ ଜାବୁଡ଼ି ଧରିବାରେ ଲାଗିଥାଅ ଏବଂ ତୁମ ଲାଗି ତିଆରି କରିଦିଆଯାଇଥିବା କେତେଟା ସୂତ୍ର ଅନୁସାରେ ଜୀବନଟାକୁ ବାନ୍ଧିବା ମଧ୍ୟରେହିଁ ଆପଣାକୁ ବନ୍ଦୀ ରଖିଥାଅ, ତେବେ, ଯେଉଁ ପରମ ଚିନ୍ମୟତା ଯାବତୀୟ ସୂତ୍ର ଏବଂ ଯାବତୀୟ ନିୟମକୁ ଅତିକ୍ରମ କରି ପ୍ରଶସ୍ତ, ବୃହତ୍ତ ଏବଂ ମୁକ୍ତ ଭାବରେ ଅବସ୍ଥିତ ରହିଛୁ, ତୁମେ ତାହାର ସତ୍ୟଟିକୁ ଆଉ କେବେହେଲେ ଜାଣିପାରି ନାହିଁ, ତାହାକୁ ତୁମେ କେବେହେଲେ ବି ଜାଣ ନାହିଁ । ଯେତେବେଳେ ତୁମେ କୌଣସି ଏକ ଧର୍ମଗତ ସୂତ୍ରସାର ପାଖରେ ଆସି ପହଞ୍ଚି ସେହିଠାରେହିଁ ଅଟକି ରହିଯାଅ ଏବଂ ନିଜକୁ ତାହାରି ମଧ୍ୟରେ ବାନ୍ଧି ରଖିଦିଅ, ଯଦି ତୁମେ ତାହାକୁ ଜଗତର ଏକମାତ୍ର ସତ୍ୟ ବୋଲି ସ୍ୱୀକାର କରିବାକୁ ଆରମ୍ଭ କର, ତେବେ ତଦ୍ଦ୍ୱାରା ତୁମେ ଆପଣା ଭିତରେ ରହିଥିବା ଆତ୍ମାର ଅଗ୍ରଗତି ଏବଂ ବିସ୍ତାରଲାଭକୁ ଅଟକାଇ ରଖିଦିଅ । ମାତ୍ର, ଯଦି ତୁମେ ଅନ୍ୟ ଏକ ଦୃଷ୍ଟିକୋଣରୁ ଧର୍ମ ଉପରେ ଦୃଷ୍ଟିପାତ କରିବାକୁ ଆରମ୍ଭ କର, ତେବେ ତୁମ ଆଗରେ ଏକଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯିବ ଯେ ତାହା କଦାପି ସବୁ ମନୁଷ୍ୟଙ୍କ ଲାଗି ଏକ ଅନ୍ତରାୟ ବା ବାଧାରୂପେ ଆସି ଦଣ୍ଡାୟମାନ ହେବ ନାହିଁ । ଯଦି ତୁମେ ଧର୍ମକୁ ମନୁଷ୍ୟସମୂହର ଏକ ଅନ୍ୟତମ ଉଚ୍ଚତର କ୍ରିୟାଶୀଳତା ରୂପେ ଦେଖିବାରେ ସମର୍ଥ ହୁଅ, ଏବଂ, ମନୁଷ୍ୟକୃତ ଯାବତୀୟ ବସ୍ତୁରେ ରହିଥିବା ଅପୂର୍ଣ୍ଣତା ବିଷୟରେ ଆଖି ବୁଜି ନ ଦେଇ ଯଦି ତୁମେ ତଥାପି ଧର୍ମ ଭିତରେ ମନୁଷ୍ୟର ଅଭୀପ୍ସାଗୁଡ଼ିକୁ ଦେଖିବାକୁ ସମର୍ଥ ହୁଅ, ତେବେ ନିଜର ଆଧ୍ୟାତ୍ମିକ ଜୀବନର ନିକଟବର୍ତ୍ତୀ ହେବା ଲାଗି ଧର୍ମ ତୁମ ଲାଗି ହୁଏତ ବେଶ୍ ଏକ ସହାୟକ

'oaob.nitrkl.ac.in' images reprocessed

ସ୍ୱଭାବରେ ମଧ୍ୟ କାର୍ଯ୍ୟ କରିପାରେ । ଧର୍ମକୁ ତାହାର ଯଥାର୍ଥ ଗାମ୍ଭୀର୍ଯ୍ୟ ଏବଂ ବିସ୍ତାର ସହିତ ଗ୍ରହଣ କରିପାରିଲେ, ତୁମେ ହୁଏତ ତାହା ମଧ୍ୟରେ ପ୍ରକୃତରେ କିଭଳି ଏକ ସତ୍ୟ ଅନ୍ତର୍ନିହିତ ହୋଇ ରହିଛି, ତାହାକୁ ଖୋଜି ବାହାର କରିବାକୁ ମଧ୍ୟ ଚେଷ୍ଟା କରିପାରିବ । ସେହି ଧର୍ମ ମଧ୍ୟରେ ପ୍ରକୃତରେ କିଭଳି ଏକ ଅଭୀପ୍ସା ପ୍ରଚ୍ଛନ୍ନ ହୋଇ ରହିଛି, ଏହି କ୍ଷେତ୍ରରେ ମନୁଷ୍ୟର ମନ ଏବଂ ମନୁଷ୍ୟର ସଂଗଠନ ଦ୍ୱାରା କେଉଁ ଦିବ୍ୟ ପ୍ରେରଣାଟି ଏକ ରୂପାନ୍ତର ଅଥବା ବିକୃତି ମଧ୍ୟଦେଇ ଗତି କରିଛି, ତୁମେ ସେହି କଥାଟିର ସନ୍ଧାନ କରିପାରିବ । ଏବଂ ମନର ଭୂମିରେ ଏକ ଯଥାର୍ଥ ଦୃଷ୍ଟିକୋଣକୁ ଅବଲମ୍ବନ କରି, ଧର୍ମ ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛି, ତୁମେ ତାହାରି ସାହାଯ୍ୟରେ ମଧ୍ୟ ଆପଣାର ମାର୍ଗଟି ଉପରେ କିଛିତ୍ ଆଲୋକପାତ କରିପାରିବ ଏବଂ ଆପଣାର ଆଧ୍ୟାତ୍ମିକ ପ୍ରୟାସଟିର କ୍ଷେତ୍ରରେ ଧର୍ମରୁ କେତେକ ସମର୍ଥନ ମଧ୍ୟ ଲାଭ କରିପାରିବ ।

ଯାବତୀୟ ଧର୍ମ ଭିତରେ କେତେକ ସଂଖ୍ୟକ ଏପରି ନିର୍ଦ୍ଦିଷ୍ଟ ବ୍ୟକ୍ତି ସୁନିଶ୍ଚିତ ଭାବରେ ରହିଥାନ୍ତି, ଯେଉଁମାନଙ୍କର କି ସଂବେଗର କ୍ଷେତ୍ରରେ ଏକ ବୃହତ୍ ସାମର୍ଥ୍ୟ ରହିଥାଏ ଏବଂ ଯେଉଁମାନେ ଏକ ଯଥାର୍ଥ ଏବଂ ଉଦ୍ଦୀପ୍ତ ଅଭୀପ୍ସାର ଅଧିକାରୀ ହୋଇ ରହିଥାନ୍ତି । ମାତ୍ର ତେଣେ ସେମାନଙ୍କର ମନ ଏକ ବଡ଼ ସରଳ ଅବସ୍ଥାରେ ରହିଥାଏ ଏବଂ ଜ୍ଞାନର ମାଧ୍ୟମରେ ପରମ ଦିବ୍ୟସତ୍ତାଙ୍କର ନିକଟବର୍ତ୍ତୀ ହେବାର ଆବଶ୍ୟକତାଟିକୁ ସେମାନେ ଉପଲବ୍ଧି ବି କରିପାରନ୍ତି ନାହିଁ । ଏହିପରି ସ୍ୱଭାବର ବ୍ୟକ୍ତିମାନଙ୍କର ଧର୍ମର ଅବଶ୍ୟ ଏକ ପ୍ରୟୋଜନୀୟତା ରହିଛି ଏବଂ ଏହିଭଳି ବ୍ୟକ୍ତିମାନଙ୍କ ଲାଗି ଧର୍ମର ବାସ୍ତବିକ ଅନେକ ଆବଶ୍ୟକତା ରହିଥାଏ । କାରଣ, ବାହ୍ୟ ରୀତିଗୁଡ଼ିକର ମାଧ୍ୟମରେ,—ଏଠାରେ ଖ୍ରୀଷ୍ଟିଆନ୍ ଗୀର୍ଜାରେ ଅନୁଷ୍ଠିତ ନାନା ଉତ୍ସବ ଓ ନୀତିକୁ ଦୃଷ୍ଟାନ୍ତରୂପେ ଗ୍ରହଣ କରାଯାଇପାରେ, ଧର୍ମ ସେମାନଙ୍କର ଅନ୍ତର ଭିତରେ ରହିଥିବା ଆଧ୍ୟାତ୍ମିକ ଅଭୀପ୍ସା ଲାଗି ଏକ ପ୍ରକାରର ଅବଲମ୍ବନ ଏବଂ ସହାୟ ଆଣି ଯୋଗାଇ ଦେଇଯାଏ । ପ୍ରତ୍ୟେକ ଧର୍ମ ଭିତରେ ଏପରି କେତେଜଣ ବ୍ୟକ୍ତି ରହିଥାନ୍ତି, ଯେଉଁମାନେ କି ଏକ ଉଚ୍ଚସ୍ତରୀୟ ଆଧ୍ୟାତ୍ମିକ ଜୀବନର ବିକାଶ ଘଟାଇ ପାରିଥାନ୍ତି । ମାତ୍ର ସେମାନଙ୍କର ଧର୍ମ ସେମାନଙ୍କୁ କଦାପି ସେହି ଆଧ୍ୟାତ୍ମିକ ଜୀବନଟିକୁ ଆଣି ଦେଇ ନ ଥାଏ । ବରଂ ସ୍ୱୟଂ ସେହିମାନେହିଁ ଆପଣାର ଆଧ୍ୟାତ୍ମିକତାକୁ ନେଇ ଧର୍ମଭିତରେ ପ୍ରବିଷ୍ଟ କରାଇ ପାରିଥାନ୍ତି । ସେହି ବ୍ୟକ୍ତିମାନେ ଯଦି କୌଣସି ଅନ୍ୟଠାରେ ରହିଥାନ୍ତେ ବା ଆଉ କୌଣସି ସମ୍ପ୍ରଦାୟ ଭିତରେ ମଧ୍ୟ ଜନ୍ମଗ୍ରହଣ କରିଥାନ୍ତେ, ତେବେ ସେମାନେ ସେଠାରେ ମଧ୍ୟ ସେହି ଆଧ୍ୟାତ୍ମିକ ଜୀବନଟିକୁ ଆବିଷ୍କାର କରି ପାରିଥାନ୍ତେ ଓ ତାହାର ପ୍ରତିଷ୍ଠା କରିପାରିଥାନ୍ତେ । ତେଣୁ ସେମାନେ ଯେଉଁ ଧର୍ମର ଅନ୍ତର୍ଗତ ହୋଇ ରହିଥିଲେ, ସେଇଟା ନୁହେଁ,

'oaob.nitrkl.ac.in' images reprocessed

ମାତ୍ର ସେମାନଙ୍କର ନିଜ ସାମର୍ଥ୍ୟ, ସେମାନଙ୍କର ଅନ୍ତର୍ଗତ ସତ୍ୟର କୌଣସି ନା କୌଣସି ସତ୍ତ୍ୱହିଁ ସେମାନଙ୍କୁ ଆଣି ସେମାନଙ୍କର ଏହି ଅଭ୍ୟୁଦୟ ଓ ଏହି ସ୍ଥିତିରେ ପହଞ୍ଚାଇ ପାରିଛି । ସେମାନଙ୍କ ପ୍ରକୃତି ଭିତରେ ରହିଥିବା ଏହି ଶକ୍ତିଟି ଏପରି ହୋଇ ରହିଥାଏ ଯେ ସେମାନଙ୍କ ଜୀବନରେ ଧର୍ମ କଦାପି ଏକ ଦାସତ୍ୱ ଅଥବା ବନ୍ଧନର କାରଣ ହୋଇ ଆଦୌ କାର୍ଯ୍ୟ କରିପାରେ ନାହିଁ । ହଁ, ସେମାନଙ୍କ ପାଖରେ କେବଳ ଏକ ସବଳ, ସ୍ପଷ୍ଟ ଏବଂ ସକ୍ରିୟ ମନ ରହି ନ ଥାଏ ବୋଲି ସେମାନଙ୍କୁ ଏହି ଧର୍ମମତରେ ଅଥବା ସେହି ଧର୍ମମତରେ ବିଶ୍ୱାସ କରିବାକୁ ପଡ଼େ, ତାହାକୁହିଁ ସତେଅବା ପରମସତ୍ୟ ବୋଲି ମାନିନେବାକୁ ପଡ଼େ ଏବଂ ଅସନ୍ତୋଷ-ଜାତକାଣ୍ଡ କୌଣସି ପ୍ରକାର ପ୍ରଶ୍ନ ନ କରି ଅଥବା ସନ୍ଦେହ ପ୍ରକାଶ ନ କରି ସେମାନଙ୍କୁ ସେହି ଧର୍ମ ବା ଆୟତନଟି ପାଖରେ ନିଜକୁ ସମର୍ପଣ କରିଦେବାକୁ ପଡ଼ିଥାଏ । ଏପରି କିସମର ବ୍ୟକ୍ତିମାନଙ୍କ ସହିତ ମୋର ପ୍ରାୟ ପ୍ରତ୍ୟେକ ଧର୍ମରେ ପରିଚୟ ଘଟିଛି ଏବଂ ସେମାନଙ୍କର ଧର୍ମବିଶ୍ୱାସଟିର କ୍ଷେତ୍ରଭିତରେ ପଶି ସେମାନଙ୍କୁ କୌଣସି ପ୍ରକାରରେ ଚହଲାଇ ବା ହଲାଇ ଦେବାଟାକୁ ମୁଁ ପ୍ରକୃତରେ ଏକ ଅପରାଧ ବୋଲି ମନେ କରେଁ । ସେମାନଙ୍କ ଜୀବନରେ ସେମାନଙ୍କର ଧର୍ମ ଅଦୌ କୌଣସି ବାଧା ସୃଷ୍ଟି କରିପାରେ ନାହିଁ । ଆହୁରି ଅଧିକ ଦୂର ଅଗ୍ରସର ହୋଇଯିବା ଲାଗି ଯେଉଁମାନଙ୍କର ସାମର୍ଥ୍ୟ ରହିଛି, ସେମାନଙ୍କ ଲାଗି ଧର୍ମ ଅବଶ୍ୟ ଏକ ବାଧା ପରି ହୋଇ ରହିଥାଏ ସତ, ମାତ୍ର ଯେଉଁମାନେ ଆଉ ଅଧିକ ଆଗକୁ ଯାଇପାରିବେ ନାହିଁ, ସେମାନଙ୍କ ଲାଗି ତାହା ହୁଏତ ଏକ ସାହାଯ୍ୟକାରୀ ରୂପେହିଁ କାର୍ଯ୍ୟ କରିପାରେ । ଏହି ଦ୍ୱିତୀୟ ଶ୍ରେଣୀର ବ୍ୟକ୍ତିମାନଙ୍କ ମଧ୍ୟରେ ପରମ ଚିନ୍ମୟତାର ମାର୍ଗରେ ଅନ୍ତତଃ ଏକ ନିର୍ଦ୍ଦିଷ୍ଟ ଦୂରଯାଏ ଗତି କରିପାରିବା ଲାଗି ହୁଏତ ଏକ ସାମର୍ଥ୍ୟ ବି ରହିଥାଏ । ଧର୍ମ କାଳେକାଳେ ମଣିଷକୁ ସବୁଠାରୁ ଅଧିକ ମହତ୍ ତଥା ସବୁଠାରୁ ଅଧିକ ହୀନ ନାନାଭଳି ବସ୍ତୁ ଲାଗି ପ୍ରେରଣା ଦେଇଆସିଛି । ଏହି ଧର୍ମର ନାମରେ ଅତିଭୟଙ୍କର ଯୁଦ୍ଧମାନ ଲଢ଼ାଯାଇଛି ଏବଂ ଅତିମାତ୍ରାରେ ଘୃଣ୍ୟ ଓ ବିଭତ୍ସ ନାନା ଉତ୍ପୀଡ଼ନକୁ ପ୍ରଶ୍ରୟ ଦିଆଯାଇଛି ସତ, ମାତ୍ର ଅପର ପକ୍ଷରେ ଧର୍ମ ଆପଣା କ୍ଷେତ୍ରରେ ମଣିଷକୁ ଚରମ ବୀରତ୍ୱ ଏବଂ ଆତ୍ମବଳିଦାନର ପ୍ରେରଣା ବି ଦେଇ ଆସିଛି । ମନୁଷ୍ୟର ମନ ଆପଣାର ଉଚ୍ଚତମ କ୍ରିୟାଶୀଳତାର କ୍ଷେତ୍ରରେ ଯେଉଁ ବୃହତ୍ତମ ସୀମାରେ ଯାଇ ପହଞ୍ଚିପାରିଛି, ଦର୍ଶନ ସହିତ ଧର୍ମ ମଧ୍ୟ ଆମକୁ ତାହାର ଏକ ସୂଚନା ଯୋଗାଇ ଦେଇଯାଇଛି । ଯଦି ତୁମେ ଧର୍ମର ବାହ୍ୟାଙ୍ଗଗୁଡ଼ାକର କ୍ଷେତ୍ରରେ ତାହାର ଭୃତ୍ୟ ପରି ହୋଇ ରହିଥିବ, ତେବେ ତାହା ତୁମ ପାଇଁ ଏକ ପ୍ରତିବନ୍ଧକ ଓ ଏକ ବେଡ଼ି ପରି କାର୍ଯ୍ୟ କରିବ; ମାତ୍ର, ଯଦି ଅପର ପକ୍ଷରେ ତୁମେ ତାହାର ଅନ୍ତର୍ଗତ ଉପାଦାନଟିକୁ କାର୍ଯ୍ୟରେ ଲଗାଇ ଜାଣିଥିବ, ତେବେ ପରମ

'oaob.nitrkl.ac.in' images reprocessed

ଚିନ୍ମୟଭାବ ରାଜ୍ୟକୁ ଲକ୍ଷ୍ୟ ଦେଇପାରିବା ଲାଗି ତାହା ତୁମ ଲାଗି ହୁଏତ ଏକ ପନ୍ଥା ବା ଭୂମିରୂପେ କାର୍ଯ୍ୟ କରିପାରିବ ।

ଯାହାର କୌଣସି ଏକ ନିର୍ଦ୍ଦିଷ୍ଟ ବିଶ୍ୱାସ ରହିଥାଏ ଅଥବା ଯିଏ କୌଣସି ପ୍ରକାରର କିଛିତ୍ତ ସତ୍ୟର ଆବିଷ୍କାର କରିଥାଏ, ସିଏ ସାଧାରଣତଃ ଏହିପରି ଭାବିବା ଲାଗି ପ୍ରବୃତ୍ତ ହୋଇଥାଏ ଯେ କେବଳ ଏକମାତ୍ର ସେଇହିଁ ପରମ ସତ୍ୟକୁ ଆବିଷ୍କାର କରିଛି, ତାହାକୁ ସେ ପୂର୍ଣ୍ଣ ଓ ସମଗ୍ର ଭାବରେ ଆବିଷ୍କାର କରିଛି ଓ ଆଉ କେହି ହେଲେ ତାହା କରିପାରି ନାହାନ୍ତି । ଏଇଟା ହେଉଛି ମଣିଷର ସ୍ୱଭାବ । ଆପଣା ଗୋଡ଼ରେ ଠିଆ ହୋଇପାରିବା ପାଇଁ ଏବଂ ଆପଣା ବାଟରେ ଯାଇପାରିବା ପାଇଁ ମଣିଷମାନଙ୍କ ସକାଶେ ସତ୍ୟ ସହିତ ଟିକିଏ ମିଥ୍ୟା ମିଶିକରି ରହିବା ପ୍ରାୟ ଏକ ଆବଶ୍ୟକତାରେ ପରିଣତ ହୋଇ ଥାଏ । କାରଣ ଯଦି ପରମ ସତ୍ୟକୁ ପ୍ରତ୍ୟକ୍ଷ କରିବାର ଅବସରଟି ସେମାନଙ୍କୁ ଆସି ହଠାତ୍ ମିଳିଯାଉଥାନ୍ତା, ତେବେ ତାହାର ଭାରରେ ହୁଏତ ସେମାନେ କୁଆଡେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଉଥାନ୍ତେ ।

ପରମ ଦିବ୍ୟସତ୍ତା ଏବଂ ଦିବ୍ୟ ପରମଶକ୍ତିର କିୟଦଂଶ ଯେତେଥର ଏହି ପୃଥିବୀପୃଷ୍ଠରେ ପ୍ରକଟ ହେବାଲାଗି ଅବତରଣ କରିଆସେ, ସେତେବେଳେ ପ୍ରତ୍ୟେକ ଥର ପୃଥିବୀର ବାତାବରଣରେ ନିଶ୍ଚୟ କିଛି ନା କିଛି ପରିବର୍ତ୍ତନ ସଂଘଟିତ ହୋଇ ଥାଏ । ଏହି ଅବତରଣଟିର ଫଳରେ, ଯେଉଁମାନେ ଗ୍ରହଣଶୀଳ ହୋଇ ରହିଥାନ୍ତି, ସେମାନେ ଜାଗ୍ରତ ହୋଇଉଠନ୍ତି, ସେଇଟିରୁ କେତେକ ପ୍ରେରଣା ଅବଶ୍ୟ ପାଆନ୍ତି, କିଛିତ୍ତ ସ୍ପର୍ଶଲାଭ କରନ୍ତି, ଦୃଷ୍ଟିର ଏକ ଉନ୍ମେଷ ଅବଶ୍ୟ ଲାଭ କରିଥାନ୍ତି । ସେମାନେ ଯାହା ଲାଭ କରିଥାନ୍ତି, ତାହାକୁ ଧରିରଖିବା ଲାଗି ଏବଂ ଯଥାର୍ଥରୂପେ ପ୍ରକାଶ କରିପାରିବା ଲାଗି ଯଦି ସେମାନଙ୍କର ସାମର୍ଥ୍ୟ ରହିଥାନ୍ତା, ତେବେ ସେମାନେ ହୁଏତ କହନ୍ତେ, "ଏକ ମହାନ୍ ଓ ବିରାଟ ଶକ୍ତିର ଅବତରଣ ଘଟିଛି; ମୁଁ ସେହି ଶକ୍ତିର ସ୍ପର୍ଶ ଲାଭ କରିଛି ଏବଂ, ସେହି ବିଷୟରେ ମୁଁ ଯାହାକିଛି ବୁଝିପାରିଛି, ତୁମକୁ ତାହାର ବର୍ଣ୍ଣନା କରି କହିବ ।" ମାତ୍ର ଅଧିକାଂଶ ମନୁଷ୍ୟ ସେଥିଲାଗି ମୋଟେ ସମର୍ଥ ହୋଇପାରନ୍ତି ନାହିଁ, କାରଣ ସେମାନଙ୍କର ମନ ତଥାପି ଭାରି କ୍ଷୁଦ୍ର ହୋଇ ରହିଥାଏ । ସେମାନେ ଆଲୋକଟି ଦ୍ୱାରା ଆଲୋକିତ ହୋଇପଡ଼ନ୍ତି, ସତେଅବା ତାହାରି କବଳ ଭିତରେ ଆସି ପଡ଼ିଯାଆନ୍ତି ଏବଂ ଚିତ୍କାର କରିବାକୁ ଆରମ୍ଭ କରନ୍ତି, "ମୁଁ ପରମ ଦିବ୍ୟସତ୍ୟର ଅଧିକାରୀ ହୋଇପାରିଛି ଏବଂ ତାହାକୁ ପୂର୍ଣ୍ଣ ଏବଂ ସମଗ୍ର ରୂପରେହିଁ ଅଧିକାର କରିଛି ।" ବର୍ତ୍ତମାନ ଆମ ପୃଥିବୀରେ ଠିକ୍ ସେହି ସମାନ ସଂଖ୍ୟାରେ ଏତେଜଣ ବୁଦ୍ଧ ନ ରହିଥିଲେ ମଧ୍ୟ ଅନ୍ତତଃ ପ୍ରାୟ ଦୁଇ ଡଜନ ସରିକି ଖ୍ରୀଷ୍ଟ ଅଛନ୍ତି; କେବଳ ଭାରତବର୍ଷହିଁ ଆମକୁ ଯେକୌଣସି ସଂଖ୍ୟାର ଅବତାରମାନଙ୍କୁ ଆଣି ଯୋଗାଇ ଦେଇ ପାରିବ,—ସାନ ସାନ କଳା-

'oaob.nitrkl.ac.in' images reprocessed

ପ୍ରକଟନଗୁଡ଼ିକ ବିଷୟରେ ଏଠାରେ ଆଦୌ କିଛି କହିବା ଦରକାର ନାହିଁ । ମାତ୍ର ଏହିପରି ଭାବରେ, ସମସ୍ତ ବିଷୟଟି କ୍ରମେ ପ୍ରକୃତରେ ଭାରି କଲୁଷିତ ଏବଂ ବିକୃତ ଦେଖାଯିବାକୁହିଁ ଆରମ୍ଭ କରିବ । ମାତ୍ର, ଯାହାକିଛି ଏଗୁଡ଼ିକର ପଶ୍ଚାଦ୍‌ଭାଗରେ ପ୍ରଚ୍ଛନ୍ନ ହୋଇ ରହିଛି, ସେଇଟି ଉପରେ ଦୃଷ୍ଟିପାତ କଲେ, ପ୍ରଥମ ଅବଲୋକନରେ ଏଇଟା ଯେତେବେଶୀ ଦୁର୍ବୋଧ ବୋଲି ମନେ ହେଉଥିବ, ତାହା ଆଦୌ ସେତେ ବେଶୀ ଦୁର୍ବୋଧ ବୋଲି ମନେ ହେବ ନାହିଁ । ଅସଲ ସତକଥାଟି ହେଉଛି ଯେ ଏହି କ୍ଷେତ୍ରରେ ମନୁଷ୍ୟର ବ୍ୟକ୍ତିତ୍ୱ ପ୍ରକୃତରେ କୌଣସି ଏକ ବିଶାଳ ସତ୍ତା ବା ବିଶାଳ ଶକ୍ତିର ସମ୍ପର୍କରେ ଆସିଛି ଏବଂ, ଆପଣାର ଶିକ୍ଷା ଏବଂ ପରମ୍ପରାର ପ୍ରଭାବ ଭିତରେ ପଡ଼ି ସିଏ ତାହାକୁ ବୁଦ୍ଧ ଅଥବା ଖ୍ରୀଷ୍ଟ ବୋଲି କହୁଛି, ଅଥବା ଆପଣାର ଆଉ କୌଣସି ଏକ ପରିଚିତ ନାମ ଦେଇ ତାକୁ ଚିହ୍ନୁଛି । ଯାହାଙ୍କ ସହିତ ଏକ ସମ୍ପର୍କଲାଭ ହେଲା, ସିଏ ଯେ ସ୍ୱୟଂ ବୁଦ୍ଧ କିଂବା ସ୍ୱୟଂ ଖ୍ରୀଷ୍ଟ, ସେକଥାଟିକୁ ନିଶ୍ଚିତ ଭାବରେ କହିପାରିବା ଭାରି କଷ୍ଟକର । ମାତ୍ର, ଯେଉଁ କଥାଟି ଦିନେ ବୁଦ୍ଧ କିଂବା ଖ୍ରୀଷ୍ଟଙ୍କୁ ଅନୁପ୍ରେରିତ କରି ଆଣିଥିଲା, ଏହି କ୍ଷେତ୍ରରେ ମଧ୍ୟ ସଂଘଟିତ ପ୍ରେରଣାଟି ଠିକ୍ ସେହିପରି ଏକ ବସ୍ତୁରୁ ହିଁ ଯେ ଅନୁପ୍ରେରିତ ଓ ଅନୁପ୍ରାଣିତ ହୋଇ ନ ଆସିଛି, ସେକଥା କହିବାଟା ମଧ୍ୟ ଠିକ୍ ସେହିପରି କଷ୍ଟକର ହେବ । ଏହା ଅବଶ୍ୟ ସମ୍ଭବ ଯେ ଏହିସବୁ ମନୁଷ୍ୟ-ଆଶ୍ରୟ ଏହିପରି କୌଣସି ଗୋଟିଏ ଉତ୍ସରୁହିଁ ଆପଣାର ପ୍ରେରଣାଟିକୁ ଲାଭ କରିଛନ୍ତି । ଯଦି ସେହି ଆଶ୍ରୟଗୁଡ଼ିକ ବିନୟଯୁକ୍ତ ଓ ସରଳ ହୋଇଥାନ୍ତି, ତେବେ ସେମାନେ କେବଳ ସେତିକିହିଁ କହିଥାନ୍ତି, ତା'ଠାରୁ ଆଉ ଅଧିକ କିଛିହେଲେ କହି ନ ଥାନ୍ତି । ସେମାନେ କହନ୍ତି, "ମୁଁ ଏହି ପ୍ରେରଣାଟିକୁ ଅମୁକ ବା ଅମୁକ ବୃହତ୍ ଉତ୍ସଟିଠାରୁ ଲାଭ କରିଛି ।" ମାତ୍ର ସେପରି ନ କରି ସେମାନେ ଫଟ୍ କରି ଘୋଷଣା କରିବାକୁ ଲାଗନ୍ତି, "ମୁଁ ହେଉଛି ଏକ ବୃହତ୍ ଉତ୍ସ, ମୁଁ ହେଉଛି ସେହି ପରମ ଉତ୍ସ ।" ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି ଯିଏକି ନିଜକୁ ଏକାଧାରରେ ବୁଦ୍ଧ ଏବଂ ଖ୍ରୀଷ୍ଟ ବୋଲି ଘୋଷଣା କରିଥିଲେ । ସିଏ ନିଶ୍ଚୟ କୌଣସି ଏକ ଅନୁଭବ ଲାଭ କରିଥିଲେ, ଏକ ସତ୍ୟର ଅନୁଭୂତି ଲାଭ କରିଥିଲେ; ଆପଣା ମଧ୍ୟରେ ତଥା ଅନ୍ୟମାନଙ୍କ ମଧ୍ୟରେ ସିଏ ପରମ ଭଗବତ୍-ଉପସ୍ଥିତିର ପ୍ରତ୍ୟକ୍ଷ କରିଥିଲେ । ମାତ୍ର ତାଙ୍କର ଅନୁଭୂତିଟି ପରି ସିଏ ନିଜେ ଯଥେଷ୍ଟ ପରିମାଣରେ ଶକ୍ତିଶାଳୀ ନ ଥିଲେ, ପ୍ରାପ୍ତ ସତ୍ୟଟି ପରି ଆପେ ଯଥେଷ୍ଟ ପରିମାଣରେ ବୃହତ୍ ହୋଇପାରି ନ ଥିଲେ । ତେଣୁ ସିଏ ପ୍ରାୟ ଅଧାପାଗଳଙ୍କ ପରି ହୋଇଗଲେ, ଚିହ୍ନିଆରଦିନ ରାସ୍ତା ଉପରକୁ ବାହାରିଯାଇ ତାଙ୍କ ଭିତରେ ଗୋଟିଏ ଆଶ୍ରୟରେହିଁ ଖ୍ରୀଷ୍ଟ ଏବଂ ବୁଦ୍ଧ ଦୁହେଁ ଏକାଠି ଏକରୂପ ଧାରଣ କରିଛନ୍ତି ବୋଲି ଘୋଷଣା କରିବାକୁ ଲାଗିଲେ ।

'oaob.nitrkl.ac.in' images reprocessed

ଏହି ଯାବତୀୟ ସତ୍ତ୍ୱମାନଙ୍କ ମଧ୍ୟରେ କେବଳ ଗୋଟିଏ ପରମ ଦିବ୍ୟ-ଚେତନାହିଁ କାର୍ଯ୍ୟ କରିବାରେ ଲାଗିଛି; ଏହି ଯାବତୀୟ ନିମିତ୍ତଗୁଡ଼ିକ ମଧ୍ୟଦେଇ ତାହା ଆପଣାର ପଥଟିକୁ ପ୍ରସ୍ତୁତ କରିବାରେ ଲାଗିଛି । ସେହି ଚେତନା ଏହି ପୃଥିବୀରେ ଆଗରୁ ଯେପରି ଭାବରେ କାର୍ଯ୍ୟ କରିଥିଲା, ବର୍ତ୍ତମାନ ଏହି ମୂହୂର୍ତ୍ତରେ ତାହା ଅନେକଗୁଣ ଅଧିକ ଶକ୍ତିଶାଳୀ ଭାବରେ କାର୍ଯ୍ୟ କରୁଛି । ଏପରି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସେହି ଚେତନାର କୌଣସି ପ୍ରକାରେ ଏକ ସ୍ପର୍ଶ ଲାଭ କରି-ପା'ରୁଛନ୍ତି ବା କେତେକ ପରିମାଣରେ ସେହି ସ୍ପର୍ଶଟିକୁ ଲାଭ କରୁଛନ୍ତି । ମାତ୍ର, ସେମାନେ ଯେଉଁ ସମ୍ପଦଟିକୁ ଲାଭ କରୁଛନ୍ତି, ସେଇଟିକୁ ସେମାନେ ବିକୃତ କରି ପକାଉଛନ୍ତି, ସେଇଟି ମଧ୍ୟରୁ ସେମାନେ ଆପଣାରଚିତ ଆଉଗୋଟିଏ ବସ୍ତୁକୁ ତିଆରି କରି ଆଣୁଛନ୍ତି । ଆହୁରି ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି ସ୍ପର୍ଶଟିକୁ ବେଶ୍ ଅନୁଭବ କରୁଛନ୍ତି ସତ,ମାତ୍ର ସେହି ମହତ୍ତ୍ୱଶକ୍ତିଟିକୁ ଆଦୌ ବହନ କରିପାରୁ ନାହାନ୍ତି ଏବଂ ସେହି ଚାପଟିର ତଳେ ହୁଏତ ପାଗଳ ହୋଇ ଯାଉଛନ୍ତି । ମାତ୍ର, ଆଉକେତେକ ବ୍ୟକ୍ତିଙ୍କ ମଧ୍ୟରେ ତାହାକୁ ଗ୍ରହଣ କରିବାର ପ୍ରକୃତ ଶକ୍ତିଟି ମହିନୂଦ ରହିଛି, ସେମାନେ ତାହାକୁ ବହନ କରିପାରୁଛନ୍ତି; ଏବଂ, ଏହିମାନେହିଁ ଦିନେ ପୂର୍ଣ୍ଣ ଜ୍ଞାନର ଆଧାରସ୍ୱରୂପେ ନିମିତ୍ତ ହୋଇ ଉଠିବେ, ଏହିମାନେହିଁ ଯଥାର୍ଥ ଭାବରେ ନିର୍ବାଚିତ ନିମିତ୍ତ ଏବଂ ପ୍ରତିନିଧି ରୂପେ କାର୍ଯ୍ୟ କରିପାରିବେ ।

ଯେଉଁ ଧର୍ମର ଆବେଷ୍ଟନ ଭିତରେ ତୁମର ଜନ୍ମ ହୋଇଛି ଓ ଯେଉଁ ଧର୍ମଟି ମଧ୍ୟରେ ତୁମେ ପରିପାଳିତ ହୋଇଆସିଛ ଯଦି ତୁମେ ତାହାର ଯଥାର୍ଥ ମୂଲ୍ୟଟି ବିଷୟରେ ଅବହିତ ହେବାକୁ ଇଚ୍ଛା କରୁଥାଅ, କୌଣସି ଦେଶ ଅଥବା ସମାଜରେ ଜନ୍ମ ଗ୍ରହଣ କରିଥିବାରୁହିଁ ତୁମେ ଯେଉଁ ଦେଶ ଓ ସମାଜକୁ ନିଜର ଦେଶ ଓ ସମାଜ ବୋଲି କହୁଛ, ତାହାରି ବିଷୟରେ ଏକ ଯଥାର୍ଥ ଦୃଷ୍ଟି ଅର୍ଜନ କରିବା ଲାଗି ଯଦି ତୁମର ପ୍ରକୃତରେ ଇଚ୍ଛାଥାଏ, ଯେଉଁ ବିଶେଷ ପରିବେଶଟି ମଧ୍ୟକୁ ତୁମକୁ ନିକ୍ଷିପ୍ତ କରିଦିଆ ଯାଇଛି ଏବଂ ଯାହାର ଚାରିସୀମା ଭିତରେ ତୁମକୁ ଆପଣାର ଜୀବନବିକାଶ କରିବାକୁ ପଡ଼ୁଛି, ସେହି ନିର୍ଦ୍ଦିଷ୍ଟ ପରିବେଶ ପ୍ରକୃତରେ ଯେ କେତେ଼ ଅପେକ୍ଷିକ, ଯଦି ତୁମେ ସେହି କଥାଟିକୁ ପ୍ରକୃତରେ ଜାଣିବାକୁ ଚାହୁଁଥାଅ, ତେବେ ତୁମକୁ କେବଳ ଏହି ବୃହତ୍ତର ପୃଥିବୀଟିର ଚାରିଆଡ଼େ ଥରେ ବୁଲିଆସିବାକୁହିଁ ହେବ ଏବଂ, ତୁମେ ଯାହାକୁ କେତେ଼ ଭଲ ବୋଲି ଭାବୁଛ, ଆଉ ଏକ ସ୍ଥାନରେ ବା ପରିବେଶରେ ତାହା ଯେ ଏକ ମନ୍ଦ କଥା ବୋଲି ପରିଦୃଷ୍ଟ ହେଉଛି, ତାହା ଅବିଷ୍କାର କରିବାକୁ ହେବ । ଗୋଟିଏ ସ୍ଥାନରେ ଯାହାକୁ ଖରାପ ବୋଲି ବିଗ୍ୱର କରାଯାଉଛି, ଅଉ ଗୋଟିଏ ସ୍ଥାନରେ ସମସ୍ତେ ତାହାକୁ ଏକ ଭଲ କଥା ବୋଲି ଆଦର କରୁଛନ୍ତି । ପରମ୍ପରାର

'oaob.nitrkl.ac.in' images reprocessed

ଗୋଟିଏ ସ୍ତୂପ ମଧ୍ୟରୁହିଁ ସବୁ ଦେଶ ଓ ସବୁ ଧର୍ମର ଗଠନ ହୋଇଛି । ସବୁଦେଶ ଓ ସବୁଧର୍ମରେ ତୁମକୁ ସନ୍ଥ ଦେଖିବାକୁ ମିଳିବେ, ବୀର ଦେଖିବାକୁ ମିଳିବେ, ବିଶାଳ ଏବଂ ମହାଶକ୍ତିଶାଳୀ ବ୍ୟକ୍ତିମାନେ ଦେଖିବାକୁ ମିଳିବେ । ଏବଂ କ୍ଷୁଦ୍ର ତଥା ଖଳ ବ୍ୟକ୍ତିମାନେମଧ୍ୟ ଦେଖିବାକୁ ମିଳିବେ ।" ଯେହେତୁ ମୁଁ ଏହି ଧର୍ମର ଆୟତନ ଭିତରେ ଜନ୍ମଲାଭ କରିଛି, ସେହି କାରଣରୁ ଏହାହିଁ ହେଉଛି ଏକମାତ୍ର ଯଥାର୍ଥ ଧର୍ମ; ଯେହେତୁ ମୁଁ ଏହି ଦେଶରେ ଜନ୍ମ ନେଇଛି, ତେଣୁ ସବୁଦେଶ ମଧ୍ୟରେ ଏହି ଦେଶଟି ହେଉଛି ସର୍ବଶ୍ରେଷ୍ଠ ଦେଶ" — ଏସବୁ କଥାର ନିରର୍ଥକତା ଓ ହାସ୍ୟାସ୍ପଦତାକୁ ତୁମେ ସେତେବେଳେ ଯାଇ ହୃଦୟଙ୍ଗମ କରିପାରିବ । ଜଣେ ଇଚ୍ଛା କଲେ ନିଜର ପରିବାର ବିଷୟରେ ମଧ୍ୟ ଠିକ୍ ସେହି ଦାବିଟିକୁ କରିପାରିବ : "ଏତେ ଏତେ ବର୍ଷ ବା ଏତେ ଏତେ ଶତାବ୍ଦୀ କାଳ ଗୋଟିଏ ସ୍ଥାନରେହିଁ ବାସ କରି ଆସିଥିବା ଏପରି ଏକ ପରିବାରରେ ମୁଁ ଯେହେତୁ ଜନ୍ମଗ୍ରହଣ କରିଛି, ତେଣୁ ମୁଁ ନିଶ୍ଚୟ ତାହାର ପରମ୍ପରାଗୁଡ଼ିକ ସହିତ ଜଡ଼ିତ ହୋଇ ରହିଛି; ସେହି ପରମ୍ପରା-ଗୁଡ଼ିକ ହେଉଛନ୍ତି ଆଦର୍ଶ ପରମ୍ପରା" ।

ଆପଣାର ମୁକ୍ତ ନିର୍ବାଚନ-ଶକ୍ତିକୁ କାମରେ ଲଗାଇ ତୁମେ ଯେତେବେଳେ ବସ୍ତୁଗୁଡ଼ିକୁ ସ୍ୱୀକାର କରିଥାଅ, କେବଳ ସେତିକିବେଳେହିଁ ସେଗୁଡ଼ିକର ତୁମ ଲାଗି କୌଣସି ଯଥାର୍ଥ ମୂଲ୍ୟ ରହିଥାଏ ଓ ସେଗୁଡ଼ିକ ତୁମ ଲାଗି ବାସ୍ତବ ସତ୍ୟରେ ମଧ୍ୟ ପରିଣତ ହୋଇପାରନ୍ତି । ଯେତେବେଳେ ସେଗୁଡ଼ିକୁ ତୁମ ଉପରେ ଆଣି ଜୋର୍ କରି ଲଦି ଦିଆଯାଇଥାଏ, ସେତେବେଳେ ସେସବୁ କଥା ସମ୍ଭବ ହୋଇପାରେ ନାହିଁ । ଯଦି ତୁମେ ଆପଣାର ଧର୍ମ ବିଷୟରେ ସୁନିଶ୍ଚିତ ହେବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ସ୍ୱୟଂ ତାହାର ନିର୍ବାଚନ କରିବାକୁ ହେବ । ଯଦି ତୁମେ ଆପଣାର ଦେଶ ବିଷୟରେ ସୁନିଶ୍ଚିତ ହେବାକୁ ଚାହୁଁଥାଅ, ତେବେ ଆପଣାର ଦେଶଟିକୁ ମଧ୍ୟ ତୁମକୁ ସ୍ୱୟଂ ନିର୍ବାଚନ କରିନେବାକୁ ପଡ଼ିବ । ଆପଣାର ପରିବାର ବିଷୟରେ ଯଦି ତୁମେ ସୁନିଶ୍ଚିତ ହୋଇ ରହିବାକୁ ଇଚ୍ଛା କରୁଥାଅ, ତେବେ ସେହି ପରିବାରକୁ ମଧ୍ୟ ତୁମକୁ ସ୍ୱୟଂ ବାଛିନେବାକୁ ପଡ଼ିବ । ତୁମକୁ ଯାହା ଦୈବାତ୍ ଦିଆହୋଇଛି, ଯଦି କୌଣସି ପ୍ରକାର ପ୍ରଶ୍ନ ନ କରି ତୁମେ ତାହାକୁହିଁ ଗ୍ରହଣ କରିନିଅ, ତେବେ ତାହା ତୁମ ଲାଗି ହିତକାରୀ ହେବ ବା ଅହିତକାରୀ ହେବ, ତୁମର ଜୀବନ ଲାଗି ତାହାକୁହିଁ ଯଥାର୍ଥ ବସ୍ତୁ ବୋଲି କୁହାଯିବ କିଂବା କୁହା ନ ଯିବ, ତୁମେ ସେହି ବିଷୟରେ ଆଉ କଦାପି ନିଶ୍ଚିତ ହୋଇପାରିବ ନାହିଁ । ତେଣୁ, ଯାହାକିଛି ତୁମର ପ୍ରକୃତିଦତ୍ତ ପରିବେଷ୍ଟନୀ ହୋଇ ରହିଛି ଅର୍ଥାତ୍ ତୁମର ବଂଶାନୁକ୍ରମିକତା ହେତୁ ତୁମ ଲାଗି ଉପଲବ୍ଧ ହୋଇଛି, ପ୍ରକୃତିର ଅନ୍ଧ ଯାନ୍ତ୍ରିକ ପ୍ରକ୍ରିୟାଟି ଦ୍ୱାରା ଯେଉଁଗୁଡ଼ାକୁ ତୁମ ଲାଗି ତିଆରି କରି ରଖାଯାଇଛି ଅଥବା ତୁମ ଉପରେ ଆଣି ଲଦି ଦିଆଯାଇଛି,

'oaob.nitrkl.ac.in' images reprocessed

ତୁମେ ସେସବୁଥିରୁ ଅପସରି ବାହାରି ଆସ; ଆପଣାର ଭିତରକୁ ପ୍ରବେଶ କର ଏବଂ ସ୍ଥିର ଓ ନିଶ୍ଚଳ ଭାବରେ କୌଣସି ପ୍ରକାର ଉତ୍ତପ୍ତତା ବା ଅତ୍ୟାସକ୍ତି ନ ରଖି ବସ୍ତୁଗୁଡ଼ିକ ଉପରେ ଦୃଷ୍ଟିପାତ କରିବାକୁ ଚେଷ୍ଟା କର । ସେଗୁଡ଼ିକର ମୂଲ୍ୟାୟନ କର, ସେଗୁଡ଼ିକ ମଧ୍ୟରୁ ମୁକ୍ତିଲାଭ ହୋଇ ବାଛିନିଅ । ଏବଂ ସେତେବେଳେ ଯାଇ ତୁମେ ଏକ ଅନ୍ତର୍ଗତ ସତ୍ୟବୋଧ ସହିତ ନିଶ୍ଚୟ ଏକଥା କହିପାରିବ, "ଇଏ ହେଉଛି ମୋର ପରିବାର, ଇଏ ମୋର ଦେଶ, ଇଏ ମୋର ଧର୍ମ ।"

ଯଦି ଆମେ ଆପଣା ଭିତରେ କିଛିଦୂର ଅଗ୍ରସର ହୋଇ ପାରିବା, ତେବେ ଆମେ ଏହି କଥାଟିକୁ ଅବଶ୍ୟ ଆବିଷ୍କାର କରିପାରିବା ଯେ, ଆମ ପ୍ରତ୍ୟେକଙ୍କ ମଧ୍ୟରେ ଏପରି ଗୋଟିଏ ଚେତନା ରହିଛି, ଯାହାକି ଆବହମାନ କାଳରୁ ବିଦ୍ୟମାନ ରହିଛି ଓ ଅଗଣିତ ରୂପମଧ୍ୟରେ ଆପଣାକୁ ପ୍ରକଟ କରିଦେଉଛି । ଆମେ ପ୍ରତ୍ୟେକେ ଭିନ୍ନ ଭିନ୍ନ କେତେ ଦେଶରେ ଜନ୍ମଗ୍ରହଣ କରିଛୁ, କେତେ କେତେ ଜାତିର ଅନ୍ତର୍ଗତ ହୋଇ ଜୀବନଧାରଣ କରିଛୁ, ଭିନ୍ନ ଭିନ୍ନ କେତେ କେତେ ଧର୍ମର ଅନୁସରଣ କରିଛୁ । ତେବେ ଏଇ ସବୁଶେଷଟିକୁ ଆମେ କାହିଁକି ସର୍ବୋତ୍କୃଷ୍ଟ ବୋଲି ଗ୍ରହଣ କରିବା ? ବିଭିନ୍ନ ଦେଶରେ, ଭିନ୍ନ ଭିନ୍ନ ନାନା ଧର୍ମରେ ଆମର ଏହି ଜନ୍ମଗୁଡ଼ିକରେ ଆମେ ଯେଉଁସବୁ ଅନୁଭବର ଅର୍ଜନ କରିଆସିଛୁ, ସେଗୁଡ଼ିକ ଆମର ସେହି ଅନ୍ତର୍ଗତ ଚେତନାର ଅବିଚ୍ଛିନ୍ନତାଟି ମଧ୍ୟରେ ସଞ୍ଚିତ ହୋଇ ରହିଛି ଏବଂ ସେହି ଚେତନାଟି ଆମର ନାନା ଜନ୍ମର ମଧ୍ୟଦେଇ ଅବାରିତ ଭାବରେ ଆମ ସହିତ ରହିଆସିଛି । ଏହିସବୁ ଅତୀତ-ଅଭିଜ୍ଞତା ଏହି କ୍ଷେତ୍ରରେ ଏକାଧିକ ନାନା ବ୍ୟକ୍ତିତ୍ୱର ସର୍ଜନା ଏବଂ ବିରଚନା କରି ରଖିଛି, ଏବଂ ଆମେ ଯେତେବେଳେ ଆମ ଭିତରେ ରହିଥିବା ଏହି ଅନେକବିଧତା ବିଷୟରେ ସଜ୍ଞାନ ହୋଇପାରୁଛୁ, ସେତେବେଳେ ସତ୍ୟର କେବଳ ଗୋଟିଏ ନିର୍ଦ୍ଦିଷ୍ଟ ରୂପକୁହିଁ ଏକମାତ୍ର ସତ୍ୟ ବୋଲି କହିବା ଆମ ପକ୍ଷରେ ଏକାନ୍ତ ଅସମ୍ଭବ ହୋଇପଡ଼ୁଛି, ଗୋଟିଏ ନିର୍ଦ୍ଦିଷ୍ଟ ଦେଶକୁହିଁ ଆମର ଏକମାତ୍ର ଦେଶ ବୋଲି କହିବା ଅସମ୍ଭବ ହୋଇପଡ଼ୁଛି, କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମକୁ ଏକମାତ୍ର ପ୍ରକୃତ ଧର୍ମ ବୋଲି କହିବା ମଧ୍ୟ ଅସମ୍ଭବ ହୋଇପଡ଼ୁଛି । ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଗୋଟିଏ ଦେଶରେ ଜନ୍ମଗ୍ରହଣ କରିଛନ୍ତି ସତ, ମାତ୍ର ସେମାନଙ୍କ ଚେତନାର ମୁଖ୍ୟ ଉପାଦାନଗୁଡ଼ିକ ସ୍ପଷ୍ଟତଃ ଅନ୍ୟ ଏକ ଦେଶର ହୋଇ ରହିଛି । ମୁଁ ଇଉରୋପରେ ଜନ୍ମଲାଭ କରିଥିବା ଏପରି କେତେକ ଲୋକଙ୍କୁ ଦେଖିଛି, ଯେଉଁମାନଙ୍କୁ କି ସ୍ପଷ୍ଟତଃ ଭାରତୀୟ ବୋଲି କୁହାଯାଇ ପାରିବ; ଅନ୍ୟପକ୍ଷରେ ଭାରତୀୟ ଶରୀରରେ ଜନ୍ମଗ୍ରହଣ କରିଥିବା ଏପରି ଅନେକ ମନୀଷୀ ଅଛନ୍ତି, ଯେଉଁମାନଙ୍କୁ ଆଦୌ କୌଣସି ସନ୍ଦେହ ନ ରଖି ଇଉରୋପୀୟ

'oaob.nitrkl.ac.in' images reprocessed

ବୋଲି କୁହାଯାଇ ପାରିବ । ଜାପାନରେ ଥିବା ସମୟରେ ମୁଁ ଏପରି କେତେକ ଲୋକଙ୍କର ସମ୍ପର୍କରେ ଆସିଛି, ଯେଉଁମାନଙ୍କୁ କି ପ୍ରକୃତରେ ଭାରତୀୟ ବୋଲି କହିହେବ ଓ ଏପରି ଅନ୍ୟମାନଙ୍କ ସମ୍ପର୍କରେ ବି ଆସିଛି, ଯେଉଁମାନଙ୍କୁ ବେଶ୍ ଇଉରୋପୀୟ ବୋଲି କୁହାଯାଇ ପାରିବ । ଏବଂ, ସେମାନଙ୍କ ଭିତରୁ ଯଦି କେହି ତା'ସହିତ ସଦୃଶତା ରହିଥିବା କୌଣସି ଏକ ଦେଶକୁ ଯାଏ କିଂବା କୌଣସି ଏକ ସଭ୍ୟତା ମଧ୍ୟରେ ପ୍ରବେଶ କରେ, ତେବେ ସେହି ଦେଶ ଓ ସେହି ସଭ୍ୟତା ତାକୁ ଗୋଟାପୁରା ନିଜର ଦେଶ ଓ ନିଜର ସଭ୍ୟତା ବୋଲି ବୋଧ ହୋଇଥାଏ ।

ଯଦି ତୁମେ ମୁକ୍ତ ହେବା ଲାଗିହିଁ ଆପଣାର ଲକ୍ଷ୍ୟ କରି ରଖିଥାଅ, ଚିନ୍ମୟତାର ସୋପାନରେ ମୁକ୍ତିର ଉପଲବ୍ଧି କରିବା ଯଦି ତୁମର ଜୀବନର ଉଦ୍ଦେଶ୍ୟ ହୋଇଥାଏ, ତେବେ ଯେଉଁସବୁ ସୂତ୍ର ବା ଡୋରି ତୁମ ସତ୍ତାର ଅନ୍ତର୍ଗତ ସତ୍ୟର ପ୍ରତିନିଧିତ୍ୱ କରୁ ନାହିଁ, ତୁମକୁ ସେହି ଯାବତୀୟ ସୂତ୍ର ଏବଂ ଡୋରିକୁ ଛିଣ୍ଡାଇ ବାହାରି ଆସିବାକୁ ପଡ଼ିବ । ତୁମର ଅବଚେତନ ନାନା ଅଭ୍ୟସ୍ତତା ମଧ୍ୟରୁ ଉଦ୍‌ଗତ ହୋଇଥିବା ଯାବତୀୟ ସୂତ୍ର ଏବଂ ଡୋରିକୁ କାଟି ଆସିବାକୁ ପଡ଼ିବ । ଯଦି ତୁମେ ନିଜକୁ ସମ୍ପୂର୍ଣ୍ଣ ଭାବରେ ନିଃଶେଷିତ ଏବଂ ପୂର୍ଣ୍ଣମୀମାଂସିତ ଭାବରେ ଦିବ୍ୟ ପରମସତ୍ତାଙ୍କ ହାତରେ ଅର୍ପଣ କରିଦେବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ସେହି ଡୋରି କାଟିବାର କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ ଭାବରେ ସମ୍ପନ୍ନ କରିବାକୁହିଁ ପଡ଼ିବ; ଆପଣାର ନାନା ଖଣ୍ଡ ଓ ଅଂଶ ତୁମର ଏଠି ସେଠି ନାନା ଜାଗାରେ ବନ୍ଧାହୋଇ ରହିଥିବ, ତୁମେ ସେକଥା କଦାପି କରିବାକୁ ଦେବ ନାହିଁ । ତୁମେ ହୁଏତ ଆପତ୍ତି କରି କହିବ ଯେ ଆପଣାକୁ ଆପଣାର ଭୂମିଗୁଡ଼ିକରୁ ଏକାବେଳକେ ବିଚ୍ଛିନ୍ନ କରି ଆଣିବା ଆଦୌ ସହଜ ନୁହେଁ । ମାତ୍ର ଅସଲ କଥା ହେଉଛି, ତୁମେ କ'ଣ କେବେହେଲେ ପଛକୁ ଅନାଇ ଦେଖି ନାହଁ ଏବଂ ମାତ୍ର କେତୋଟା ବର୍ଷ ଭିତରେ ତୁମର ଜୀବନରେ ଯେଉଁସବୁ ପରିବର୍ତ୍ତନ ଘଟିଛି, ତୁମେ କ'ଣ ସେଗୁଡ଼ିକ ଉପରେ କେବେହେଲେ ଦୃଷ୍ଟିପାତ କରି ନାହଁ ? ଯେତେବେଳେ ତୁମେ ସେହି କଥାଟିକୁ କରିପାରିବ, ସେତେବେଳେ ତୁମେ ପ୍ରାୟ ସବଦାହିଁ ଆପଣାକୁ ପଚାରିବାକୁ ଆରମ୍ଭ କରିବ, କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ତୁମେ ଯେପରି ଅନୁଭବ କଲ ବା କାର୍ଯ୍ୟ କଲ, ତାହାକୁ ପ୍ରକୃତରେ କିପରି ଅନୁଭବ କରିପାରିଲ ବା ସେହି କାର୍ଯ୍ୟଟିକୁ ପ୍ରକୃତରେ କରି ପାରିଲ ! ଏପରିକି, ଅନେକ ସମୟରେ, ମାତ୍ର ଦଶବର୍ଷ ପୂର୍ବରୁ ତୁମର ବ୍ୟକ୍ତିତ୍ୱ କହିଲେ ଯାହା ବୁଝାଉଥିଲା, ତୁମେ ତାହା ଭିତରେ ଆପଣାକୁ ଆଦୌ ଚିହ୍ନି ବି ପାରୁ ନ ଥିବ । ତେଣୁ, କେତେବେଳେ କ'ଣ ଥିଲା ବା ବର୍ତ୍ତମାନ କ'ଣ ଅଛି, ତୁମେ ପ୍ରକୃତରେ କିପରି

'oaob.nitrkl.ac.in' images reprocessed

ସେଇଟି ସହିତ ଆପଣାକୁ ବାନ୍ଧି ରଖି ପାରିବ, ଏବଂ ଭବିଷ୍ୟତରେ ହୁଏତ କ'ଣ ହେବ ବା ନ ହେବ, ତୁମେ କିପରି ସେକଥା ଆଗରୁ ନିର୍ଦ୍ଧାରିତ କରି ରଖିଦେଇ ପାରିବ ?

ସ୍ୱନିର୍ବାଚନର ଏକ ଅନ୍ତର୍ଗତ ସ୍ୱତନ୍ତ୍ରତାର ମୂଳଦୁଆ ଉପରେ ତୁମର ଯାବତୀୟ ସମ୍ପର୍କ ଏବଂ ସମ୍ବନ୍ଧର ଏକ ନୂତନ ନିର୍ମାଣ ହୋଇପାରିବା ଉଚିତ । ଯେଉଁସବୁ ପରମ୍ପରା ମଧ୍ୟରେ ତୁମେ ଜୀବନଧାରଣ କରୁଛ ବା ଯେଉଁଗୁଡ଼ିକରେ ତୁମର ପ୍ରତିପାଳନ ହୋଇଆସିଛି, ପରିସ୍ଥିତିର ନାନା ଗ୍ରହଣ ସେଗୁଡ଼ିକୁ ଆଣି ତୁମ ଉପରେ ଲଦି ଦେଇଛି, କିଂବା ସମୂହରୂପୀ ମାନସିକ ଅଭ୍ୟସ୍ତଟି ବା ଅନ୍ୟମାନଙ୍କର ଏକ ଅନୁରୂପ ଇଚ୍ଛାହିଁ ସେଗୁଡ଼ିକୁ ଆଣି ତୁମ ଉପରେ ଲଦି ଦେଇଛି । ତୁମେ ଯେ ସେଗୁଡ଼ିକୁ ଆପଣା ଜୀବନରେ ସ୍ୱୀକାର କରିନେଇଛ, ତାହା ପଛରେ ବାଧ୍ୟ ହୋଇଥିବାର ଏକ ଉପାଦାନ ନିଶ୍ଚୟ ପ୍ରଚ୍ଛନ୍ନ ହୋଇ ରହିଛି । ଖାସ୍ ଧର୍ମକୁ ମଧ୍ୟ ମଣିଷମାନଙ୍କ ଉପରେ ଲଦି ଦିଆଯାଇଛି; ଏକ ଧର୍ମାନୁପ୍ରେରିତ ଉପଲବ୍ଧି ବା କୌଣସି ଆଧ୍ୟାତ୍ମିକ ଅଥବା ଅନ୍ୟକୌଣସି ପ୍ରକାରର ଆପନ୍ନତା ନିଜର ସମର୍ଥନ ଦ୍ୱାରା ତୁମକୁ ସେହି ଧର୍ମକୁ ଗ୍ରହଣ କରିବା ଲାଗି ହୁଏତ ପ୍ରବର୍ତ୍ତାଇ ଆଣିଛି । ପରମ ଦିବ୍ୟସତ୍ତାଙ୍କ ସହିତ ତୁମ ସମ୍ବନ୍ଧଟିର କ୍ଷେତ୍ରରେ ସେହିପରି ଲଦି ଦିଆଯିବା ଲାଗି ଆଦୌ କୌଣସି ସ୍ଥାନ ରହି ନ ପାରେ; ଏହି ସମ୍ବନ୍ଧଟି ସମ୍ପୂର୍ଣ୍ଣ ମୁକ୍ତ ହୋଇପାରିବା ଉଚିତ, ତାହା ତୁମ ମନ ଏବଂ ତୁମ ହୃଦୟଦ୍ୱାରହିଁ ନିର୍ବାଚନ ହୋଇଥିବା ଉଚିତ; ତୁମେ ସେଇଟିକୁ ଯଥାର୍ଥ ଉତ୍ସାହ ଏବଂ ଆନନ୍ଦର ସହିତ ଗ୍ରହଣ କରି ପାରିଥିବା ଉଚିତ । ଯେଉଁ ସମ୍ବନ୍ଧ ସ୍ଥାପନର କ୍ଷେତ୍ରରେ ଆମେ ଥରଥର ହୋଇ କମ୍ପିବାରେ ଲାଗିଥିବା ଏବଂ "ମୁଁ ଅଗତ୍ୟା ଏପରି କରୁଛି, ଅନ୍ୟପ୍ରକାରେ କରିବା ଲାଗି ମୋ'ର ଆଉ କୌଣସି ଗତ୍ୟନ୍ତର ନାହିଁ" ବୋଲି କହୁଥିବା, ତାହାକୁ ପ୍ରକୃତରେ କିଭଳି ଏକ ସମ୍ବନ୍ଧ ସ୍ଥାପନ ଓ ସମ୍ମିଳନ ବୋଲି କୁହାଯାଇ ପାରିବ ? ସତ୍ୟ ଆପଣା ବଳରେହିଁ ସୁପ୍ରତିଷ୍ଠ ହୋଇ ରହିଥିବ ଏବଂ ତାହାକୁ ପୃଥିବୀ ଉପରେ କଦାପି ଲଦି ଦିଆଯାଉ ନ ଥିବ । ଲୋକମାନେ ତାହାକୁ ଯେକୌଣସି ପ୍ରକାରେ ଗ୍ରହଣ କରନ୍ତୁ, ସତ୍ୟ ଏପରି ଏକ ଆବଶ୍ୟକତାକୁ କଦାପି ଅନୁଭବ କରୁ ନ ଥିବ । କାରଣ, ସତ୍ୟ କେବଳ ଆପଣାର ବଳରେହିଁ ତିଷ୍ଠି ରହିବ, ଲୋକମାନେ ସେହି ସତ୍ୟକୁ କିପରି କ'ଣ ବୋଲି କହୁଛନ୍ତି ବା ସେମାନେ ସେହି ସତ୍ୟଟିକୁ ଗ୍ରହଣ କରୁଛନ୍ତି କି ନାହିଁ, ସତ୍ୟ କଦାପି ତାହା ଉପରେ ନିର୍ଭର କରି ରହିବ ନାହିଁ । ମାତ୍ର, ଯିଏ ଏକ ସ୍ୱତନ୍ତ୍ର ଧର୍ମର ପ୍ରତିଷ୍ଠା କରିବାକୁ ଯାଉଛନ୍ତି, ତାଙ୍କର ତ ଅନେକସଂଖ୍ୟକ ଅନୁଗାମୀ ଦରକାର । ଲୋକେ କେତେ ସଂଖ୍ୟାରେ ଗୋଟିଏ ଧର୍ମକୁ ଗ୍ରହଣ କରୁଛନ୍ତି, ସେହି ଅନୁସାରେହିଁ ଲୋକମାନେ କୌଣସି ଏକ

'oaob.nitrkl.ac.in' images reprocessed

ଧର୍ମର ଶକ୍ତି ଏବଂ ମହତ୍ତ୍ୱର ପରିକଳନା କରି ବସିଥାନ୍ତି । ମାତ୍ର ଧର୍ମର ଅସଲ ମହତ୍ତ୍ୱ ଆଦୌ ସେଠାରେ ନ ଥାଏ । କୌଣସି ଆଧ୍ୟାତ୍ମିକ ସତ୍ୟର ମହତ୍ତ୍ୱ ଆଦୌ ସଂଖ୍ୟା ମଧ୍ୟରେ ନ ଥାଏ । ମୁଁ ଏକ ନୂତନ ଧର୍ମର ସର୍ବୋଚ୍ଚ ବ୍ୟକ୍ତିଙ୍କୁ ଜାଣିଥିଲି,—ସିଏ ସେହି ଧର୍ମର ମୂଳପ୍ରଚାରକଙ୍କର ପୁଅ ଥିଲେ,—ମୁଁ ତାଙ୍କୁ ଥରେ କହିବାର ଶୁଣିଥିଲି ଯେ ଅମୁକ ଧର୍ମଟା ସୁନିର୍ମିତ ହୋଇ ଠିଆ ହୋଇପାରିବାକୁ ଏତେ ଶହ ବର୍ଷ ଲାଗିଥିଲା ଓ ସମୁକ ଧର୍ମଟା ସୁପ୍ରତିଷ୍ଠିତ ହୋଇପାରିବା ଲାଗି ଏତେ ଶହବର୍ଷ ସମସ୍ତ ଲାଗିଥିଲା; ମାତ୍ର ତାଙ୍କର ନିଜ ଧର୍ମଟି ମାତ୍ର ପଚିଶଟା ବର୍ଷ ଭିତରେ ଚାହୁଁ ଚାହୁଁ ଚାଳିଶି ଲକ୍ଷ ଲୋକଙ୍କୁ ନିଜର ଅନୁଗାମୀରୂପେ ଦୀକ୍ଷିତ କରିଆଣି ପାରିଲାଣି । ତା'ପରେ ସିଏ କହିଲେ, "ଆପଣ ଦେଖୁଛନ୍ତି ତ, ଆମ ଧର୍ମଟା ପ୍ରକୃତରେ କେଡ଼େ ବଡ଼ ଧର୍ମ !" ଯେଉଁ ଧର୍ମରେ କେତେ ମଣିଷ ଦୀକ୍ଷା ନେଇ ଆସି ପ୍ରବେଶ କଲେ, ଧର୍ମଗୁଡ଼ାକ ହୁଏତ ସେଇଥିରୁହିଁ ନିଜନିଜ ବୃହତ୍ତ୍ୱର ବେଶ୍ କଳନା କରିପାରିବେ, ମାତ୍ର, ହୁଏତ ଜଣେମାତ୍ର ଅନୁଗାମୀ ତା'ସହିତ ରହି ନ ଥିଲେ ମଧ୍ୟ ପରମ ସତ୍ୟ ତଥାପି ପରମସତ୍ୟ ହୋଇ ରହିଥିବ । ଯେଉଁମାନେ ମହା ମହା ଛଳନା କରିବାରେ ଲାଗିଥାନ୍ତି, ସାଧାରଣ ମଣିଷ ସେହିମାନଙ୍କ ଆଡ଼କୁହିଁ ଆକୃଷ୍ଟ ହେଉଥାଏ; ଯେଉଁଠି କୌଣସି ପ୍ରକାର ଶବ୍ଦ ନ କରି ପରମସତ୍ୟ ଆପଣାକୁ ପ୍ରକାଶିତ କରିବାରେ ଲାଗିଥାଏ, ସିଏ ସେଠାକୁ ଯିବାକୁ ମୋଟେ ମନ କରେ ନାହିଁ । ଯେଉଁମାନେ କେତେ କ'ଣ ବଡ଼ କରି ଦେଖାଇ ଦେବାକୁ ଚାହୁଁଥାନ୍ତି, ସେମାନଙ୍କୁ ଏଡ଼େ ବଡ଼ ପାଟିରେ ଘୋଷଣା କରି କହିବାକୁ ହୋଇଥାଏ, ସେମାନଙ୍କ ଲାଗି ବିଜ୍ଞାପନର ପ୍ରୟୋଜନ ହୋଇଥାଏ, କାରଣ, ସେସବୁ ନ କଲେ ସେମାନେ ବହୁସଂଖ୍ୟକ ଲୋକଙ୍କୁ ମୋଟେ ଆକୃଷ୍ଟ କରିପାରନ୍ତି ନାହିଁ । ଲୋକମାନେ କ'ଣ ଭାବୁଛନ୍ତି ବା ନ ଭାବୁଛନ୍ତି, ସେଥିପ୍ରତି ଆଦୌ କୌଣସି ଅପେକ୍ଷା ନ ରଖି ଯେଉଁ କାର୍ଯ୍ୟଟି ଆପଣାକୁ ସମ୍ପନ୍ନ କରେ, ତାହା ଆଦୌ ସହଜରେ ଲୋକମାନଙ୍କୁ ଆକୃଷ୍ଟ କରି ଆଣିପାରେ ନାହିଁ । ତାହା ଆପଣାକୁ ଆଦୌ ସୁବିଦିତ କରାଇପାରେ ନାହିଁ । ମାତ୍ର ପରମସତ୍ୟ କୌଣସି ବିଜ୍ଞାପନ ଲୋଡ଼େ ନାହିଁ; ତାହା ଆପଣାକୁ କୌଣସି ପ୍ରକାରେ ଗୋପନରେ ରଖେ ନାହିଁ ସତ, ମାତ୍ର ଆପଣାର ଅସ୍ତିତ୍ୱ ବିଷୟରେ ଏଡ଼େ ପାଟି କରି କୌଣସି ଘୋଷଣା ମଧ୍ୟ କରେ ନାହିଁ । ପରିଣାମ କ'ଣ ହେବ ବା ନ ହେବ, ତାହାର କୌଣସି ବିଚାର ନ ରଖି ପରମସତ୍ୟ ଆପଣାକୁ ପ୍ରକଟ କରିଦେଇହିଁ ଆପଣାର କର୍ତ୍ତବ୍ୟଟିକୁ ସମ୍ପନ୍ନ କରେ; ପରମସତ୍ୟ କାହାର ପ୍ରଶଂସା ଲୋଡ଼ିଯାଏ ନାହିଁ, କାହାର ନିନ୍ଦାକୁ ବି ପ୍ରତ୍ୟାଖ୍ୟାନ କରେ ନାହିଁ; ସ୍ତୁତିବାର ଗ୍ରହଣ ଅଥବା ବର୍ଜନ ଦ୍ୱାରା ତାହା କୌଣସି ପ୍ରକାରେ ଆକୃଷ୍ଟ ହୁଏ ନାହିଁ, ଆକୁଳ ବି ହୋଇପଡ଼େ ନାହିଁ ।

'oaob.nitrkl.ac.in' images reprocessed

ଯେତେବେଳେ ତୁମେ ଯୋଗର ଆୟତନଟି ମଧ୍ୟରେ ପ୍ରବେଶ କରିବ, ସେତେବେଳେ ଆପଣାର ମାନସିକ ଯାବତୀୟ ବିରଚନା ଏବଂ ପ୍ରାଣିକ ଯାବତୀୟ ପ୍ରାଚୀରକୁ ତୁମକୁ ଖଣ୍ଡ ଖଣ୍ଡ କରି ଭାଙ୍ଗିଦେଇ ଆସିବାକୁ ପଡ଼ିବ । ତୁମେ ଯତେଅବା ଶୂନ୍ୟରେହିଁ ଲଟକି କରି ରହିଛ ଓ ତୁମର ନିଜ ବିଶ୍ୱାସଟି ବ୍ୟତୀତ ତୁମକୁ ଡେରି ଦେଇ ସେଠାରେ ରଖିବା ଲାଗି ତୁମର ଅନ୍ୟ କୌଣସି ଅବଲମ୍ବନ ନାହିଁ, ତୁମକୁ ସେହିପରି ଏକ ସ୍ଥିତି ଲାଗି ପ୍ରସ୍ତୁତ ହେବାକୁ ପଡ଼ିବ । ଆପଣାର ଅତୀତ ଆତ୍ମ-ସତ୍ତା ଓ ତାହାର ଯାବତୀୟ ଅବଲମ୍ବନକୁ ତୁମକୁ ଏକାବେଳେକେ ପାସୋରି ପକାଇବାକୁ ହେବ, ଆପଣାର ଚେତନାରୁ ସେଗୁଡ଼ିକୁ ଛିଣ୍ଡାଇ ବାହାର କରି ଆଣିବାକୁ ହେବ ଏବଂ ନୂତନ କରି ଜନ୍ମ ନେବାକୁ ହେବ । ତୁମକୁ ପ୍ରତ୍ୟେକ ପ୍ରକାରର ବନ୍ଧନରୁ ମୁକ୍ତ ରହିବାକୁ ପଡ଼ିବ । ତୁମେ କ'ଣ ଥିଲ, ସେବିଷୟରେ ତୁମେ କଦାପି କିଛିହେଲେ ଭାବ ନାହିଁ; ତୁମେ କ'ଣ ହେବ ବୋଲି ଅଭୀପ୍ସା କରି ବାଟ ଚାଲିଛ, ସବୁବେଳେ କେବଳ ସେହି କଥାହିଁ ଭାବ । ତୁମେ ଯେଉଁ ସମ୍ପଦର ଉପଲବ୍ଧି କରିବା ଲାଗି ଇଚ୍ଛା କରୁଛ, ସର୍ବଦା ତାହାରି ମଧ୍ୟରେହିଁ ପୂରାପୂରି ଅବସ୍ଥିତ ରହିଥାଅ । ଆପଣାର ମୃତ ଅତୀତଟି ପାଖରୁ ବାହାରି ଚାଲିଆସ ଏବଂ ସିଧା ହୋଇ ଭବିଷ୍ୟତ୍ ଭିତରକୁ ଅନାଅ । ସେହିଠାରେହିଁ ତୁମର ଧର୍ମ, ସେହିଠାରେ ତୁମର ଦେଶ, ତୁମର ପରିବାର; ତାହା ହେଉଛି ଭଗବତ୍ ପରମସତ୍ତା ।

'oaob.nitrkl.ac.in' images reprocessed

୨୭ ଜୁନ୍ ୧୯୨୯

ମନଃକ୍ଷେତ୍ରରେ ଉପସ୍ଥିତ ହୋଇଥିବା କୌଣସି ବିଶୃଙ୍ଖଳାକୁ ଆମେ ଯାବତୀୟ ଶାରୀରିକ ଅସୁସ୍ଥତାର ସର୍ବମୂଳ କାରଣ ବୋଲି କହିପାରିବା କି ? ଯଦି ସେକଥା ସତ ହୋଇଥାଏ, ତେବେ ମନରେ କେଉଁ ପ୍ରକାରର ବିଶୃଙ୍ଖଳା ହେଲେ, ଉଦାହରଣସ୍ୱରୂପ, ଘିମିରି ଓ ଚିଣ୍ଡି ଫୁଲା ପ୍ରଭୃତି ଅସୁସ୍ଥତା ଭୋଗିବାକୁ ହୋଇଥାଏ ?

ଅସୁସ୍ଥତା ଭୋଗ କରୁଥିବା ଲୋକମାନେ ଯେତେ ପ୍ରକାରର ରହିଛନ୍ତି, ଯେକୌଣସି ଅସୁସ୍ଥତା ପଛରେ ଠିକ୍ ସେତିକି ପ୍ରକାରର କାରଣ ମଧ୍ୟ ରହିଛି । ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଅସୁସ୍ଥତାର କାରଣଟିକୁ ଭିନ୍ନରୂପେ ବୁଝାଇ ଦିଆଯାଇ ପାରିବ । "ମୋତେ ଅମୁକ ବା ଅମୁକ ଅସୁସ୍ଥତାଟିକୁ କାହିଁକି ଭୋଗ କରିବାକୁ ପଡୁଛି" ବୋଲି ଯଦି ତୁମେ ମୋତେ ପଚାରିବ, ତେବେ ମୁଁ କେବଳ ସେହି କ୍ଷେତ୍ରଟିକୁ ବିଚାର କରି କାରଣଟିକୁ ଦର୍ଶାଇ ଦେଇପାରିବି ସିନା, ମାତ୍ର ଏସବୁ ବିଷୟରେ କୌଣସି ସାଧାରଣ ନିୟମ ରହିଛି ବୋଲି କଦାପି କୁହାଯାଇ ପାରିବ ନାହିଁ ।

ଶରୀରର ଯାବତୀୟ ଅସୁସ୍ଥତା ଯେ ସର୍ବଦା ମାନସିକ କ୍ଷେତ୍ରର କୌଣସି ନା କୌଣସି ବିଶୃଙ୍ଖଳା ହେତୁ ହୋଇଥାଏ, ସେହି କ୍ଷେତ୍ରରେ ସମଞ୍ଜସତାର ଏକ ଅଭାବ ବା କୌଣସି ଏକ ଅନୁଚିତ ଗତିସ୍ପନ୍ଦନ ହେତୁ ହୋଇଥାଏ, ସେକଥା ଆଦୌ ଠିକ୍ ନୁହେଁ । ରୋଗଟିର ଉତ୍ସ ମନର କୌଣସିଠାରେ ଥାଇପାରେ, ପ୍ରାଣିକ କ୍ଷେତ୍ରର କୌଣସିଠାରେ ବି ବେଶ୍ ଥାଇପାରେ । ଅଥବା, ଅଳ୍ପ ବା ବହୁତ ପରିମାଣରେ କେବଳ ଭୌତିକ କ୍ଷେତ୍ରରେ କୌଣସିଠାରେ ମଧ୍ୟ ଅସୁସ୍ଥତାର କାରଣ ନିହିତ ହୋଇ ରହିଥାଇପାରେ । ବାହ୍ୟ ସଂକ୍ରମଣ ହେତୁ ଯେଉଁସବୁ ରୋଗ ଭୋଗିବାକୁ ପଡ଼ିଥାଏ, ଏଠାରେ ସେଗୁଡ଼ିକୁ ଉଦାହରଣରୂପେ ଗ୍ରହଣ କରାଯାଇ ପାରିବ । ହଁ, ଯୋଗଶୃରଣାର କ୍ଷେତ୍ରରେ ଉପସ୍ଥିତ ହୋଇଥିବା କୌଣସି ଗତିସ୍ପନ୍ଦନ ହେତୁ ବି ଶରୀରର ଏହି ଅସୁଖ ଉତ୍ପନ୍ନ ହୋଇ ପାରିବ । ଏବଂ, ସେହି ସ୍ଥଳରେ ମଧ୍ୟ ସମ୍ଭାବ୍ୟ ବହୁସଂଖ୍ୟକ କାରଣ ବିଦ୍ୟମାନ ରହିଥିବ ।

'oaob.nitrkl.ac.in' images reprocessed

ଯୋଗଗ୍ରହଣାର କାରଣରୁ ଯେଉଁସବୁ ଅସୁସ୍ଥତା ଉପୁଜିଥାଏ, ବର୍ତ୍ତମାନ ଆମେ ସେହିଗୁଡ଼ିକ ବିଷୟରେ ବିଚାର କରିବା । କାରଣ, ଅପେକ୍ଷାକୃତ ଅଧିକ ପ୍ରତ୍ୟକ୍ଷ ଏବଂ ଅଧିକ ଅନ୍ତରଙ୍ଗ ଭାବରେ ଆମର ସେହିଗୁଡ଼ିକ ଉପରେହିଁ ପ୍ରକୃତରେ ଚିନ୍ତା କରିବାର କଥା । ଏହି କ୍ଷେତ୍ରରେ ମଧ୍ୟ, କୌଣସି ଏକ ନିର୍ଦ୍ଦିଷ୍ଟ ଅସୁସ୍ଥତା ଲାଗି କୌଣସି ଗୋଟିଏ କାରଣ ଦର୍ଶାଯାଇ ନ ପାରୁଥିଲେ ମଧ୍ୟ, ଅସୁସ୍ଥତାଗୁଡ଼ିକୁ ପ୍ରେରିତ କରି ଆଣୁଥିବା କାରଣଗୁଡ଼ିକର ସ୍ୱଭାବ ଅନୁସାରେ ଆମେ ସେଗୁଡ଼ିକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରି ଦେଖିପାରିବା ।

ଯୋଗର ଅଭ୍ୟାସ କରୁଥିବା ଜଣେ ବ୍ୟକ୍ତି ମଧ୍ୟକୁ ଯେଉଁ ଶକ୍ତିଟି ଅବତରଣ କରିଥାଏ ଓ ତା'ର ରୂପାନ୍ତର ସାଧନରେ ତାକୁ ସାହାଯ୍ୟ କରିଥାଏ, ତାହା ପ୍ରକୃତରେ ବିଭିନ୍ନ ଧାରାରେ ଆପଣାକୁ କାର୍ଯ୍ୟକାରୀ କରେ; ଏବଂ ଯେଉଁ ସ୍ୱଭାବଟିକୁ ତାହା ଆପଣାର କାର୍ଯ୍ୟକ୍ଷେତ୍ରରୂପେ ଗ୍ରହଣ କରିନେଇଥାଏ ଏବଂ ସେହି କ୍ଷେତ୍ରରେ ଯେଉଁ କାର୍ଯ୍ୟଟିକୁ କରିବାକୁ ରହିଥାଏ; ସେହି ଅନୁସାରେ ତାହାର ପରିଣାମଗୁଡ଼ିକ ମଧ୍ୟ ଭିନ୍ନ ହୋଇଥାନ୍ତି । ସତ୍ତାଟି ମଧ୍ୟରେ ଯାହା ଏକ ରୂପାନ୍ତର ଲାଗି ପ୍ରସ୍ତୁତ ହୋଇ ରହିଥାଏ, ସର୍ବପ୍ରଥମେ ତାହା ସେହିସବୁ ଯାବତୀୟ ଉପାଦାନର ରୂପାନ୍ତରକୁ ତ୍ୱରାନ୍ୱିତ କରିଦିଏ । ସାଧକ ଯଦି ନିଜ ମାନସକ୍ଷେତ୍ରରେ ଯଥାର୍ଥ ଭାବରେ ଉନ୍ମୋଚିତ ଏବଂ ଗ୍ରହଣଶୀଳ ହୋଇ ରହିଥାଏ, ତେବେ ଯୋଗଶକ୍ତିର ସ୍ପର୍ଶ ଲାଭ କରି ତାହାର ସେହି ମନ ପରିବର୍ତ୍ତିତ ହେବାକୁ ଆରମ୍ଭ କରେ ଏବଂ ଦ୍ରୁତ ଗତିରେ ଅଗ୍ରଗତି କରିବାକୁ ଲାଗେ । ପ୍ରାଣିକ ଚେତନା ପ୍ରସ୍ତୁତ ହୋଇ ରହିଥିଲେ ସେହି କ୍ଷେତ୍ରଟିରେ ମଧ୍ୟ ଦ୍ରୁତ ସମାନ ସତ୍ୱରତା ସହିତ ପରିବର୍ତ୍ତନ ଆରମ୍ଭ ହୋଇଯାଏ; କିଂବା ଶରୀର ପ୍ରସ୍ତୁତ ଥିଲେ ଶରୀରରେ ମଧ୍ୟ ଠିକ୍ ସେହିକଥା ଘଟେ । ମାତ୍ର, ଶରୀରର କ୍ଷେତ୍ରରେ ରୂପାନ୍ତରକାରିଣୀ ଶକ୍ତିଟି ଆପଣାକୁ କେବଳ ଏକ ନିର୍ଦ୍ଦିଷ୍ଟ ପରିମାଣରେହିଁ କାର୍ଯ୍ୟକାରୀ କରାଇବାକୁ ସମର୍ଥ ହୁଏ, କାରଣ ଶରୀରର ଗ୍ରହଣଶୀଳତା ସୀମାବଦ୍ଧ ହୋଇ ରହିଥାଏ । ଏହି ବିଶ୍ୱର ସବୁଠାରୁ ଅଧିକ ଜଡ଼ ହୋଇ ରହିଥିବା ଭୂମିଟି ଏବେ ମଧ୍ୟ ଏପରି ଏକ ଅବସ୍ଥାରେ ଅଛି, ଯେଉଁଠାରେ କି ଯଥାର୍ଥ ଗ୍ରହଣଶୀଳତା ବେଶ୍ ଏକ ବୃହତ୍ ପରିମାଣର ପ୍ରତିରୋଧ ସହିତ ସମ୍ମିଶ୍ରିତ ହୋଇ ରହିଛି । ମାତ୍ର, ସତ୍ତାର ଗୋଟିଏ ଭାଗରେ ସତ୍ୱର ଅଗ୍ରଗତି ଘଟୁଥିବା ସମୟରେ ତାହାର ଅନୁବର୍ତ୍ତୀ ଭାବରେ ଅନ୍ୟାନ୍ୟ ଭାଗରେ ମଧ୍ୟ ତଦନୁରୂପ ଅଗ୍ରଗତି ସମ୍ଭବ ହୋଇ ନ ପାରିଲେ, ତଦ୍ୱାରା ପ୍ରକୃତି ମଧ୍ୟରେ ଏକ ଅସମଞ୍ଜସତା ଆସି ଦେଖାଦିଏ, ଯତେଯେପରି କେଉଁଠି କ'ଣ ଚିଳିଗ ଓ ବିଘଟିତ ହୋଇପଡ଼େ । ଏବଂ, ଯେତେବେଳେ ବା ଯେଉଁଠାରେ ଏହି

'oaob.nitrkl.ac.in' images reprocessed

ବିଘଟନଟି ଆସି ଉପସ୍ଥିତ ହୁଏ, ସେତେବେଳେ ତାହା ଆପଣାକୁ ଏକ ଅସୁସ୍ଥତା-ରୂପେ ବେଶ୍ ପ୍ରକଟ କରି ଆଣିପାରେ । ଏହି ଅସୁସ୍ଥତାର ପ୍ରକୃତି ସର୍ବଦା ବିଘଟନର ସ୍ୱତନ୍ତ୍ର ପ୍ରକୃତି ଉପରେହିଁ ନିର୍ଭର କରୁଥାଏ । ଏକ ନିର୍ଦ୍ଦିଷ୍ଟ ପ୍ରକାରର ଅସମନ୍ୱୟତା ମାନସକ୍ଷେତ୍ରକୁ ଯାଇ ଆକ୍ରାନ୍ତ କରିଥାଏ, ଏବଂ ସେଥିରୁ ଯେଉଁ ବିଶୃଙ୍ଖଳା ନିଷ୍ପନ୍ନ ହୁଏ, ତାହା ହୁଏତ ଆଗକୁ ଆଗକୁ ଯାଇ ଉନ୍ମାଦ ପରି ଏକ ଅସୁସ୍ଥତାକୁ ମଧ୍ୟ ଘଟାଇପାରେ । ଆଉଏକ ପ୍ରକାରର ଅସମନ୍ୱୟତା ଶରୀରକୁ ଆସି ଆକ୍ରାନ୍ତ କରେ ଏବଂ ତାହା ଆପଣାକୁ ଜ୍ୱରରୂପେ, ଘିମିରିରୂପେ ଅଥବା ଅନ୍ୟକୌଣସି ବୃହତ୍ତର କିଂବା କ୍ଷୁଦ୍ରତର ବିଶୃଙ୍ଖଳା ଘଟିବାରେ ବି କାରଣ ପରି କାର୍ଯ୍ୟ କରିପାରେ ।

ଗୋଟିଏ ପକ୍ଷରେ ଯୋଗଶକ୍ତିର କ୍ରିୟାଟି ସତ୍ତାର ସେହିସବୁ ଭାଗରେ ରୂପାନ୍ତରର କାର୍ଯ୍ୟଟିକୁ ତ୍ୱରାନ୍ୱିତ କରି ରଖିଥାଏ, ଯେଉଁଗୁଡ଼ିକ ତା'ଉପରେ କାର୍ଯ୍ୟ କରିବାରେ ଲାଗିଥିବା ଶକ୍ତିଟିକୁ ଗ୍ରହଣ କରିବା ଲାଗି ଓ ତା'ଲାଗି ଆପଣାର ଅନୁସ୍ପନ୍ଦନ ଜଣାଇବା ଲାଗି ପ୍ରସ୍ତୁତ ହୋଇ ରହିଥାନ୍ତି । ଏହିପରି ଭାବରେ ଯୋଗ ଆମର ସମୟ ବଞ୍ଚାଏ । ସମଗ୍ର ବିଶ୍ୱ ଏକ ଈଶ୍ୱରୈଷୀର ରୂପାନ୍ତରର ପ୍ରକ୍ରିୟା ମଧ୍ୟଦେଇ ଗତି କରିବାରେ ଲାଗିଛି । ଯଦି ତୁମେ ଯୋଗର ଶୃଙ୍ଖଳାକୁ ନିଜ ଜୀବନର ପରିଚାଳନାକାରୀ ଶୃଙ୍ଖଳାରୂପେ ଗ୍ରହଣ କରିନେବ, ତେବେ ତୁମେ ଆପଣା ମଧ୍ୟରେ ଏହି ପ୍ରକ୍ରିୟାଟିକୁ ଅଧିକ ପରିମାଣରେ ତ୍ୱରାନ୍ୱିତ କରିଦେଇ ପାରିବ । ସାଧାରଣ ଗତିରେ ଅଗ୍ରସର ହେଲେ ଯେଉଁ କାର୍ଯ୍ୟଟି ଲାଗି ହୁଏତ ବର୍ଷ ବର୍ଷ ସମୟ ଲାଗିଥାନ୍ତା, ଯୋଗମାର୍ଗରେ ସ୍ମରଣା ଦ୍ୱାରା ସେହି କାର୍ଯ୍ୟଟି ହୁଏତ ମାତ୍ର କେତୋଟି ଦିନରେ ଓ ଏପରିକି ମାତ୍ର କେତୋଟି ଘଣ୍ଟାରେ ମଧ୍ୟ ଉପଲବ୍ଧ ହୋଇଯାଇ ପାରିବ । ମାତ୍ର, ତୁମ ମଧ୍ୟରେ ରହିଥିବା ଚେତନାଟିହିଁ ଏହି ବେଗବୃଦ୍ଧିକାରୀ ଆବେଗଟିର ଆଦେଶ ପାଳନ କରୁଥିବ; କାରଣ ତୁମ ସତ୍ତାର ଉଚ୍ଚତର ଭାଗଗୁଡ଼ିକ ପୂର୍ଣ୍ଣପ୍ରସ୍ତୁତ ଭାବରେ ଯୋଗର ତ୍ୱରାଯୁକ୍ତ ଏବଂ ଘନକେନ୍ଦ୍ରିତ ଗତିସ୍ପନ୍ଦନର ନିର୍ଦ୍ଦେଶଗୁଡ଼ିକୁ ପାଳନ କରୁଥିବେ ଏବଂ ସେଥିଲାଗି ଆବଶ୍ୟକ ହେଉଥିବା ଅବିଚ୍ଛିନ୍ନ ଅନୁକୂଳନ ଏବଂ ସହଧାବନଟି ଲାଗି ଅପେକ୍ଷାକୃତ ଅଧିକ ସହଜ ଭାବରେ ସହଯୋଗ କରିପାରୁଥିବେ । ମାତ୍ର ଅନ୍ୟ-ପକ୍ଷରେ ଆମର ଶରୀର ସାଧାରଣତଃ ଘନତାଯୁକ୍ତ ହୋଇ ରହିଥାଏ, ଜଡ଼ବନ୍ତୁ ଅକିଞ୍ଚ ହୋଇ ରହିଥାଏ, ଉଦାସୀନ ବି ହୋଇ ରହିଥାଏ । ଏବଂ, ଯଦି ତୁମର ଏହି ଭାଗଟିରେ ଅନୁସ୍ପନ୍ଦନ ଜଣାଇବା ଲାଗି ଅସମର୍ଥ ଏପରି କୌଣସି ଉପାଦାନ ରହିଥାଏ, ଯଦି ସେହି କ୍ଷେତ୍ରରେ ଏକ ପ୍ରତିରୋଧ ମହଜୁଦ ଥାଏ, ତେବେ ତାହାର

'oaob.nitrkl.ac.in' images reprocessed

କାରଣ ହେଉଛି ଯେ ସତ୍ତାର ଅନ୍ୟାନ୍ୟ ଭାଗ ପରି ଆମର ଶରୀର କଦାପି ସମାନ ବେଗରେ ସହଜରେ ଆପଣାକୁ କ୍ରିୟାତ୍ମକ କରାଇ ପାରେ ନାହିଁ । ଶରୀର ଲାଗି ଅଧିକ ସମୟ ଦରକାର ହୁଏ, ସାଧାରଣ ଜୀବନ ପରି ତାକୁ ଏଠାରେ ମଧ୍ୟ ଠିକ୍ ଆପଣାର ବେଗ ଅନୁସାରେହିଁ ବାଟ ଚାଲିବାକୁ ହୋଇଥାଏ । ପିଲାଙ୍କ ସହିତ ବାଟ ଚାଲୁଥିବା ସମୟରେ ବୟସ୍କମାନେ ଯେପରି ପିଲାଙ୍କ ତୁଳନାରେ ଡଗଡଗ ହୋଇ ଆଗକୁ ଚାଲି-ଯାଉଥାନ୍ତି, ଏଠାରେ ଠିକ୍ ସେହିପରି ଘଟିଥାଏ । ବୟସ୍କମାନଙ୍କୁ ବାଟରେ ବାରବାର ଅଟକି ଠିଆ ହେବାକୁ ପଡ଼ୁଥାଏ ଏବଂ ପଛରେ ପଡ଼ିଯାଇଥିବା ପିଲାଟି ପୁନର୍ବାର ସାଙ୍ଗକୁ ଆସିଯିବା ପର୍ଯ୍ୟନ୍ତ ଓ ଆଗକୁ ଚପିଯିବା ପର୍ଯ୍ୟନ୍ତ ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ୁଥାଏ । ଅନ୍ତର୍ଗତ ସତ୍ତାର କ୍ଷେତ୍ରରେ ଅଗ୍ରଗତି ଏବଂ ଶରୀରର କ୍ଷେତ୍ରରେ ରହିଥିବା ଜଡ଼ତା, — ଦୁଇଟି ମଧ୍ୟରେ ଯେଉଁ ବିଭେଦ ରହିଯାଏ, ତାହା ସମସ୍ତ ପଦ୍ଧତିଟିରେ ଏକ ବିଘଟନର ସୃଷ୍ଟି କରେ ଏବଂ ତାହାହିଁ ଏକ ଅସୁସ୍ଥତାରୂପେ ପ୍ରକଟ ହୁଏ । ଏହି କାରଣରୁହିଁ, ଯେଉଁ ଲୋକମାନେ ଯୋଗର ଅଭ୍ୟାସ କରିବାକୁ ଯାଆନ୍ତି, ସେମାନଙ୍କୁ ପ୍ରଥମ ଅବସ୍ଥାରେ କୌଣସି ନା କୌଣସି ଶାରୀରିକ ବେରାମ ଅଥବା ବିଶୃଙ୍ଖଳା ଭୋଗ କରିବାକୁ ପଡ଼ିଥାଏ । ମାତ୍ର ସେମାନେ ଯଦି ଯଥେଷ୍ଟ ପରିମାଣରେ ସତର୍କ ଓ ଯତ୍ନଶୀଳ ରହିଥାନ୍ତି, ତେବେ ସେଭଳି ଘଟିବାର ଆଦୌ କୌଣସି ପ୍ରୟୋଜନ ନ ଥାଏ । ଅଥବା, ଯଦି ଶରୀର ଭିତରେ ସାଧାରଣଠାରୁ ଅପେକ୍ଷାକୃତ ଅଧିକ ପରିମାଣରେ ଗ୍ରହଣଶୀଳତାର ଶକ୍ତି ମହଜୁଦ ହୋଇ ରହିଥାଏ, ତେବେ ସେହି କ୍ଷେତ୍ରରେ ମଧ୍ୟ ସେମାନେ ଅସୁସ୍ଥତାରୁ ରକ୍ଷା ପାଇଯାନ୍ତି । ମାତ୍ର, ଶରୀରର ଏହି ଗ୍ରହଣଶୀଳତାରେ ଆଦୌ କୌଣସି ପ୍ରକାର ବମିଶ୍ରଣ ନ ଥିବ ଏବଂ ଶାରୀରିକ ଭାଗଗୁଡ଼ିକ ଅତ୍ୟନ୍ତ ନିକଟବର୍ତ୍ତୀ ଭାବରେ ଅନ୍ତର୍ଗତ ରୂପାନ୍ତରର ବେଗଟିକୁ ଅନୁସରଣ କରିପାରୁଥିବେ, ଏପରି ଘଟିବା କ୍ୱଚିତ୍ ସମ୍ଭବ ହୁଏ; ଯୋଗମାର୍ଗର ଯାବତୀୟ ପ୍ରକ୍ରିୟା ଦେଇ ଗତି କରିବା ଲାଗି ଶରୀର ଯଦି ଆଗରୁ ଉପଯୁକ୍ତ ଭାବରେ ତିଆରି ହୋଇସାରିଥାଏ, ତେବେ ହୁଏତ ଅନ୍ୟପ୍ରକାର ଘଟେ ।

ମନୁଷ୍ୟର ସାଧାରଣ ଜୀବନରେ ପ୍ରାପ୍ତ ଏକ ନିୟମ ଭଳିହିଁ ଅଧିକରୁ ଅଧିକ ବିଘଟନ ଘଟିବାରେ ଲାଗିଥାଏ । ମନୁଷ୍ୟର ମାନସ ଏବଂ ପ୍ରାଣିକ ସତ୍ତା ଆପଣାର ଯଥାସାଧ୍ୟ ବିଶ୍ୱଗତ ଶକ୍ତିଗୁଡ଼ିକର ଗତିସ୍ପନ୍ଦନଟିକୁ ଅନୁସରଣ କରୁଥାନ୍ତି ଏବଂ ଏହି ବିଶ୍ୱଜଗତର ଅନ୍ତର୍ଗତ ରୂପାନ୍ତର ଏବଂ ବିବର୍ତ୍ତନର ପ୍ରବାହଟି ସେଗୁଡ଼ିକୁ କିଛିଦୂର ପର୍ଯ୍ୟନ୍ତ ବେଶ୍ ଅଗ୍ରସର କରାଇନେଇ ପାରନ୍ତି; ମାତ୍ର ସର୍ବାଧିକ ପରିମାଣରେ ଜଡ଼ ହୋଇ ରହିଥିବା ପ୍ରକୃତିସ୍ତରଟି ସହିତ ବନ୍ଧା ହୋଇ ରହିଥିବାରୁ ଶରୀର କେବଳ ଅତ୍ୟନ୍ତ ମନ୍ଥର ଭାବରେହିଁ ଗତି କରିବାକୁ ସମର୍ଥ ହୁଏ । କେତେକ ବର୍ଷ

'oaob.nitrkl.ac.in' images reprocessed

ଅଢବାହ୍ତ ହୋଇଯିବା ପରେ, ସତୁରି, ଅଶୀ ବା ଶହେ, ଦୁଇଶହ ବର୍ଷ ହୋଇଯିବା ପରେ, — ହୁଏତ ଏହାକୁହିଁ ସର୍ବୋଚ୍ଚ ସୀମାବୋଲି ଧରାଯିବ, — ବ୍ୟଷ୍ଟନଟି ଏତେ ବେଶୀ ସାଘାତିକ ଭାବରେ ହୁଏ ଯେ ବାହ୍ୟ ସତ୍ତାଟିକୁ ସତେଅବା ଖଣ୍ଡଖଣ୍ଡ ହୋଇ ଭାଙ୍ଗିଯିବାକୁହିଁ ହୋଇଥାଏ । ପ୍ରୟୋଜନ ଏବଂ ପ୍ରତ୍ୟୁତ୍ତର ମଧ୍ୟରେ ଏହି କ୍ଷେତ୍ରରେ ଯେଉଁ ଭିନ୍ନତା ରହିଥାଏ, ଶରୀରର ଅସମର୍ଥତା ଏବଂ ଅନୁସ୍ପନ୍ଦନ ଲାଗି ଅକ୍ଷମତା ଯେତିକି ଯେତିକି ବୃଦ୍ଧି ପାଇବାରେ ଲାଗିଥାଏ, ତାହାରି ଦ୍ୱାରାହିଁ ଜୀବନର ଏକ ଘଟଣାରୂପେ ମୃତ୍ୟୁ ଆସି ଉପସ୍ଥିତ ହୁଏ । ଯୋଗର ସାଧନା ଦ୍ୱାରା ସୃଷ୍ଟି ମଧ୍ୟରେ ଧୀର ଅଥଚ ଏକ ଅବିଚ୍ଛିନ୍ନ ପ୍ରକ୍ରିୟାରେ ଚାଲିଥିବା ଅନ୍ତର୍ଗତ ରୂପାନ୍ତରର ଧାରାଟି ଅଧିକ ସଘନ ହୋଇଥାଏ, ଅଧିକ ତ୍ୱରାନ୍ୱିତ ମଧ୍ୟ ହୋଇଥାଏ ସତ, ମାତ୍ର ବାହ୍ୟ ରୂପାନ୍ତରର ବେଗଟି ସାଧାରଣ ଜୀବନର ସ୍ତରରେ ଯେପରି ଥିଲା, ପ୍ରାୟ ସେହିପରି ହୋଇ ରହିଥାଏ । ତାହା ଫଳରେ ଯୋଗର ଚର୍ଚ୍ଚା କରୁଥିବା ଜଣେ ବ୍ୟକ୍ତିର ଜୀବନରେ ଅନ୍ତର୍ଗତ ଏବଂ ବାହ୍ୟ ସତ୍ତାଟି ମଧ୍ୟରେ ରହିଥିବା ଅସମଞ୍ଜସତା ପ୍ରକୃତରେ ଆହୁରି ଅଧିକ ପରିମାଣରେ ତୀବ୍ର ହେବାର ଏକ ପ୍ରବୃତ୍ତି ରଖିଥାଏ; ଅବଶ୍ୟ, ଯଦି ଆବଶ୍ୟକ ସତର୍କତାମାନ ଅବଲମ୍ବନ କରାଯାଏ ଏବଂ ଯଥାସମ୍ଭବ ନିକଟବର୍ତ୍ତୀ ଭାବରେ ଶରୀର ଯେପରି ଅନ୍ତର୍ଗତ ଅଗ୍ରଗତିଟିର ଅନୁଗମନ କରିପାରିବ, ସେଥିଲାଗି ଯଦି ଏକ ସୁରକ୍ଷା ହାସଲ କରାଯାଇପାରେ, ତେବେ ପରିଣାମ ହୁଏତ ଅନ୍ୟପ୍ରକାର ହୋଇଥାଏ । ମାତ୍ର ସେତେବେଳେ ମଧ୍ୟ ଶରୀରର ସ୍ୱାଭାବିକ ପ୍ରକୃତିଟାହିଁ ଆମକୁ ପଛକୁ ପଛକୁ ଟାଣି ରଖିବାର ଚେଷ୍ଟା କରୁଥାଏ । ଏବଂ, ଠିକ୍ ଏହି କାରଣରୁହିଁ ଆମେ ଅନେକ ଲୋକଙ୍କୁ "ଏପରି ଭାବରେ ମୋଟେ ଟାଣିଟାଣି ନିଅ ନାହିଁ, ଏପରି ତରତର ହୁଅ ନାହିଁ, ଅନୁଗମନ କରିପାରିବା ଲାଗି ତୁମେ ଶରୀରକୁ ଆବଶ୍ୟକ ସମୟ ଦିଅ" ବୋଲି କହିବାକୁ ବାଧ୍ୟ ହୋଇଥାଉ । ଏପରିକି ବର୍ଷବର୍ଷ ଧରି ମଧ୍ୟ ଅନେକଙ୍କୁ ଅଟକାଇ ରଖିବାକୁ ପଡ଼େ ଏବଂ ସେମାନଙ୍କୁ ଖୁବ୍‌ଗୁଡ଼ାଏ ସାଧ କରିବାକୁ ଅଥବା ଗୁଡ଼ାଏ ବାଟ ଆଗକୁ ଚାଲିଯିବାକୁ ମୋଟେ ଅନୁମତି ଦିଆଯାଏ ନାହିଁ । ବେଳେବେଳେ ସେହି ଅସମତାବସ୍ଥାଟିକୁ ଏଡ଼ିପାରିବା ମଧ୍ୟ ଅସମ୍ଭବ ହୋଇପଡ଼େ; ଏବଂ ସେତେବେଳେ ତୁମର ଜୀବନରେ ଏପରି ଏକ ବ୍ୟାଘାତ ଆସି ପହଞ୍ଚେ, ଯାହାକି, ପ୍ରତିରୋଧର ପ୍ରକୃତି ଏବଂ, ତୁମେ କେତେ ପରିମାଣରେ ଯତ୍ନଶୀଳ ହୋଇପାରିଛ ଅଥବା କେତେ ପରିମାଣରେ ଅବହେଳା ପ୍ରଦର୍ଶନ କରିଛ, ତାହାରି ଅନୁସାରେ ଭିନ୍ନ ହୋଇଥାଏ । ଠିକ୍ ଏହି କାରଣରୁହିଁ, ଯେତେଥର ଆମର ସାଧନାରେ ଏକ ଦ୍ରୁତ ଅଗ୍ରଗତି ସମ୍ଭବ ହୁଏ, ପ୍ରତ୍ୟେକଥର ପ୍ରାୟ ଅବଶ୍ୟମ୍ଭାବୀ ଭାବରେ ତାହା ପରେ ପରେ ପ୍ରାୟ ସ୍ଥାଣୁ ହୋଇ ଅଟକି ଯିବାର ଏକ ପର୍ଯ୍ୟାୟ ମଧ୍ୟ ଆସି ପହଞ୍ଚେ, ଯାହାକି ଯଦି ଆଗରୁ ସେମାନଙ୍କୁ ସେବିଷୟରେ

'oaob.nitrkl.ac.in' images reprocessed

ସାବଧାନ କରି ଦିଆଯାଇ ନ ଥାଏ, ସେହିଭଳି ଅନେକ ବ୍ୟକ୍ତିଙ୍କୁ ନୀରସତା, ଅଚଳତା ଏବଂ ଉତ୍ସାହହୀନତାର ଏକ ପର୍ଯ୍ୟାୟ ପରି ବୋଧ ହୁଏ; ସେତେବେଳେ ସବୁଯାକ ଅଗ୍ରଗତି ସତେଅବା ବନ୍ଦ ହୋଇଗଲା ପରି ମନେ ହୁଏ; ଏବଂ ସେତେବେଳେ ସେହି ବ୍ୟକ୍ତିମାନେ ଖୁବ୍ ବ୍ୟସ୍ତ ହୋଇ ଭାବିବାରେ ଲାଗନ୍ତି, "ଏପରି ପୁଣି କାହିଁକି ହେଲା ? ମୋର ଏହି ସମସ୍ତତା ନଷ୍ଟ ହୋଇଯାଉ ନାହିଁ ତ ? ବର୍ତ୍ତମାନ ତ କିଛି କେଉଁଠି ହେଲାପରି ଲାଗୁ ନାହିଁ ।" ମାତ୍ର ପ୍ରକୃତ କଥା ହେଉଛି ଯେ, ତୁମେ ଯାହା ଅର୍ଜନ କରିଛ, ତାହାକୁ ନିଜସ୍ୱରେ ପରିଣତ କରିବା ଲାଗି ଏହି ସମୟଟି ଆବଶ୍ୟକ ହେଉଛି । ଆପଣାକୁ ଅଧିକ ପରିମାଣରେ ଉନ୍ମୋଚିତ କରିଦେବାକୁ, ଗ୍ରହଣଶୀଳ ହେବାକୁ ଏବଂ ଅନ୍ତର୍ଗତ ଚେତନା ହାସଲ କରିପାରିଥିବା ସ୍ତରଟିର ଅଧିକ ନିକଟବର୍ତ୍ତୀ ହୋଇପାରିବାକୁ ଏହିପରି ଏକ ବିରତିର ସାହାଯ୍ୟ ନିଆଯାଇଥାଏ । ବାପାମାଆ ଅନେକ ଦୂର ଆଗରେ ଯାଇ ହୋଇଗଲେଣି; ସେମାନଙ୍କୁ ଟିକିଏ ଅଟକିବାକୁ ପଡ଼ିବ, ଯେପରିକି ପଛରେ ପଡ଼ିଯାଇଥିବା ପିଲାଟି ଆଗକୁ ଦଉଡ଼ିଯାଇ ସେମାନଙ୍କର ହାତଧରି ପୁଣି ବାଟ ଚାଲିପାରିବ । କେବଳ ସେତିକିବେଳେ ଯାଇ ସେମାନଙ୍କ ପାଖରେ ପୁନର୍ବାର ଏକତ୍ର ଯାତ୍ରା କରିବା ସମ୍ଭବ ହୋଇପାରିବ ।

ଶରୀରର ପ୍ରତ୍ୟେକ ସ୍ଥାନ ଏକ ଅନ୍ତର୍ଗତ ଗତ୍ୟାତ୍ମକତାର ପ୍ରତୀକ ପରି ହୋଇ ରହିଥାଏ, ସେଠାରେ ଏକ ସୂକ୍ଷ୍ମପ୍ରତ୍ୟୟ ତଦନୁରୂପତାର ଏକ ଜଗତ୍ ବିଦ୍ୟମାନ ରହିଥାଏ । ମାତ୍ର, ଏଇଟି ହେଉଛି ଏକ ଦୀର୍ଘ ବିଷୟ, ଏକ ଜଟିଳ ବିଷୟ ଏବଂ ବର୍ତ୍ତମାନ ଆମେ ସେହି ବିଷୟଟି ଉପରେ ବିସ୍ତାରିତ ଭାବରେ କଦାପି ଆଲୋଚନା କରିପାରିବା ନାହିଁ । ଆମ ଶରୀରର ଯେଉଁ ନିର୍ଦ୍ଦିଷ୍ଟ ସ୍ଥାନଟି ଅସୁସ୍ଥତା ଦ୍ୱାରା ଆକ୍ରାନ୍ତ ହୋଇପଡ଼େ, ତାହା ଅନ୍ୟ କ୍ଷେତ୍ରଟିରେ ଘଟିଥିବା ଅନ୍ତର୍ଗତ ଅସମତାବସ୍ଥା ଲାଗି ପ୍ରକୃତରେ ଏକ ସଙ୍କେତକ ବା ଦର୍ପଣ ପରି କାର୍ଯ୍ୟ କରେ । ଅସଲ ମୂଳଟି ଆଡ଼କୁ ତାହା ଅଙ୍ଗୁଳିନିର୍ଦ୍ଦେଶ କରିଦେଉଥାଏ, ଅସୁସ୍ଥତାର କାରଣଟିକୁ ଜାଣିବା ଲାଗି ତାହା ଏକ ସଙ୍କେତକ ହୋଇ ରହିଥାଏ । ଯେଉଁ ଅସଲ ପ୍ରତିରୋଧଟି ସମୁଦାୟ ସତ୍ତାଟିକୁ ସମାନ ଭାବରେ ଅଧିକ ବେଗଶୀଳ ହୋଇ ଗତି କରିବାରୁ ନିବୃତ୍ତ କରି ରଖିଛି, ଏହା ସେହି ପ୍ରତିରୋଧର ଅସଲ ପ୍ରକୃତିଟିକୁ ମଧ୍ୟ ଆମଆଗରେ ଆଣି ଉନ୍ମୋଚିତ କରିଦିଏ । ପ୍ରତିକାର ଏବଂ ଆରୋଗ୍ୟଲାଭ ଲାଗି ଆମେ ଏହି କ୍ଷେତ୍ରରେ କ'ଣ କରିବା, ତାହା ସେବିଷୟରେ ମଧ୍ୟ ଆମକୁ ସୂଚନା ଦେଇଯାଉଥାଏ । ଭୁଲ୍‌ଟି ପ୍ରକୃତରେ କେଉଁଠାରେ ଯାଇଁ ରହିଛି, ଯଦି ଆମେ ସେହି କଥାଟିକୁ ସମ୍ପୂର୍ଣ୍ଣଭାବରେ ବୁଝିପାରନ୍ତେ, ଆମ ଭିତରେ ଠିକ୍ କେଉଁ ଉପାଦାନଟି ଯଥାର୍ଥଭାବରେ ଗ୍ରହଣଶୀଳ ହୋଇପାରି ନାହିଁ, ଯଦି ଆମେ ସେହି

'oaob.nitrkl.ac.in' images reprocessed

କଥାଟିକୁ ଆବିଷ୍କାର କରିପାରନ୍ତେ, ଯଦି ଆମେ ସେହି ଭାଗଟିକୁ ମୁକୁଳା କରିଦେଇ ଶକ୍ତି ଓ ଆଲୋକକୁ ସେଠାକୁ ବହନ କରିନେଇ ପାରନ୍ତେ, ତେବେ ବ୍ୟାହତ ହୋଇପଡ଼ିଥିବା ସମଞ୍ଜସତାଟିକୁ ଗୋଟାଏ ମୁହୂର୍ତ୍ତ ମଧ୍ୟରେହିଁ ପୁନର୍ପ୍ରତିଷ୍ଠିତ କରିଦେବା ଆମ ପକ୍ଷରେ ସମ୍ଭବ ହୋଇଯାଆନ୍ତା ଏବଂ ଅସୁସ୍ଥତାଟି ମଧ୍ୟ ସଙ୍ଗେ ସଙ୍ଗେ ନିରାକୃତ ହୋଇଯାଇ ପାରନ୍ତା ।

କୌଣସି ଅସୁସ୍ଥତାର ମୂଳ କାରଣଟି ମନଭିତରେ ଥାଇପାରେ; ତାହା ପ୍ରାଣିକ ସ୍ତରରେ ବି ଥାଇପାରେ, ଶରୀରର ଯେକୌଣସି ଭାଗରେ ମଧ୍ୟ କାରଣଟି ରହି ଥାଇପାରେ । ସେହି ଗୋଟିଏ ଅସୁସ୍ଥତା ହୁଏତ ନାନା ପ୍ରକାର କାରଣରୁ ଘଟିଥାଇପାରେ, ବିଭିନ୍ନ ବ୍ୟକ୍ତିଙ୍କ କ୍ଷେତ୍ରରେ ତାହା ହୁଏତ ଅସମଞ୍ଜସତାର ଭିନ୍ନଭିନ୍ନ ଉତ୍ସରୁ ନିଷ୍ପନ୍ନ ହୋଇ ଆସିପାରେ; ଏବଂ, ପ୍ରକୃତରେ ଆଦୌ କୌଣସି ଅସୁସ୍ଥତା ନ ଥିଲେ ମଧ୍ୟ ଅସୁସ୍ଥତାର ଏକ ବାହ୍ୟପ୍ରତୀତି ବି ବିଦ୍ୟମାନ ରହିପାରେ । ସେପରି ଘଟିବା ସମୟରେ, ଯଦି ତୁମେ ଯଥେଷ୍ଟ ପରିମାଣରେ ସଚେତନ ରହିଥିବ, ତେବେ ତୁମେ ନିଶ୍ଚୟ ଦେଖିପାରିବ ଯେ ତୁମଭିତରେ କୌଣସି ନା କୌଣସି ସ୍ଥାନରେ ଏକ ସଂଘର୍ଷ ଘଟିଛି, ଗତିଛନ୍ଦନଟି କେଉଁଠି ନା କେଉଁଠି ଅଟକି ଯାଇଛି ଏବଂ ସେଇଟିକୁ ସୁଧାରି ଦେଇ ପାରିଲେ ତୁମେ ସଙ୍ଗେ ସଙ୍ଗେ ନିଶ୍ଚୟ ଆରୋଗ୍ୟଲାଭ କରିପାରିବ । ଏହିଭଳି ଏକ ରୋଗ ପଛରେ ପ୍ରକୃତରେ ଆଦୌ କୌଣସି ସତ୍ୟହିଁ ନ ଥାଏ, ଶରୀର ଉପରେ ସେହି ରୋଗର କଳ୍ପିତ ପ୍ରଭାବ ଅନୁଭୂତ ହେଉଥିଲେ ମଧ୍ୟ ସେଥିରେ ତଥାପି କୌଣସି ସତ୍ୟ ନ ଥାଏ । ତାହା ଅଧେ କଳ୍ପନା ଦ୍ୱାରା ତିଆରି ହୋଇଥାଏ, ଏବଂ ପ୍ରକୃତ କୌଣସି ଅସୁସ୍ଥତା ଜଡ଼ ଉପରେ ଯେତେ ପ୍ରଭାବ ବିସ୍ତାର କରି ରହିଥାଏ ଏହି କ୍ଷେତ୍ରରେ ସେହି ପ୍ରଭାବଟି ମଧ୍ୟ କେତେବେଳେ ନ ଥାଏ ।

ସଂକ୍ଷେପରେ କହିବାକୁ ଗଲେ, ଯେକୌଣସି ଅସୁସ୍ଥତାର ପଛରେ ଅନେକ କାରଣ ରହିଥାଏ, ସେଗୁଡ଼ିକ ଖୁବ ଜଟିଳ ହୋଇ ପରସ୍ପର ସହିତ ଛନ୍ଦିହୋଇ ରହିଥାନ୍ତି । ପ୍ରତ୍ୟେକ ଅସୁସ୍ଥତା ପଛରେ ହୁଏତ ଏକାବେଳେକେ ଅନେକ କାରଣ ରହିଥାଇପାରେ; ମାତ୍ର ସତ୍ତାଭିତରେ ଦୁର୍ବଳ ସ୍ଥାନଟି ଯେ ପ୍ରକୃତରେ କେଉଁଠାରେ ରହିଛି, କୌଣସି ଅସୁସ୍ଥତାରୁ ସବୁବେଳେ ତାହାର ଏକ ସୂଚନା ଅବଶ୍ୟ ମିଳିଯାଇଥାଏ ।

ଯେକୌଣସି କାରଣରୁ ଏକ ଅସୁସ୍ଥତା ଘଟିଥାଉ ପଛକେ, ତାହା ଭୌତିକ କାରଣରୁ ହୋଇଥାଉ ଅଥବା ମାନସିକ କାରଣରୁ ହୋଇଥାଉ, ବାହ୍ୟ ଅଥବା ଅନ୍ତରସ୍ଥ ଯେକୌଣସି କାରଣରୁ ହୋଇଥାଉ ପଛକେ, ତାହା ଭୌତିକ ଶରୀରଟିକୁ ଆକ୍ରାନ୍ତ କରିପାରିବା ପୂର୍ବରୁ ତାହାକୁ ଭୌତିକ ଶରୀରର ଏକ ସୁରକ୍ଷା ଯୋଗାଇ

'oaob.nitrkl.ac.in' images reprocessed

ଦେଇ ତାହାକୁ ପରିବେଷ୍ଟନ କରି ରହିଥିବା ଆଉ ଗୋଟିଏ ସ୍ତରକୁ ସ୍ପର୍ଶ ଅବଶ୍ୟ କରିବାକୁ ପଡ଼ିବ । ବିଭିନ୍ନ ଶାସ୍ତ୍ରରେ ଏହି ସୂକ୍ଷ୍ମତର ସ୍ତରଟିକୁ ନାନା ନାମ ଦେଇ କୁହାଯାଇଛି,—କିଏ ତାହାକୁ ବ୍ୟୋମ ଶରୀର ବୋଲି କହିଛନ୍ତି, ପୁଣି ଆଉ କେହି ତାହାକୁ ସ୍ନାୟବିକ ଆବରଣ ବୋଲି ମଧ୍ୟ କହିଛନ୍ତି । ଏହା ଏକ ସୂକ୍ଷ୍ମ ଶରୀର ସତ, ମାତ୍ର ତଥାପି ପ୍ରାୟ ଦୃଶ୍ୟମାନ ହୋଇ ରହିଥାଏ । ଉତ୍ତପ୍ତ ହୋଇ ବାମ୍ପ ବାହାରୁଥିବା କୌଣସି ଏକ ପଦାର୍ଥର ଚାରି ପାଖରେ ଆମେ ସାଧାରଣତଃ ଯେଉଁସବୁ ସ୍ପନ୍ଦନ ଦେଖିବାକୁ ପାଇଥାଉ, ସାନ୍ଦ୍ରତାର କ୍ଷେତ୍ରରେ ଆମେ ଏହାକୁ ସେହିପରି କିଛି ବୋଲି କଳ୍ପନା କରିପାରିବା । ସେହି ସ୍ପନ୍ଦନ ବା କମ୍ପନ ଭୌତିକ ଶରୀରଟି ମଧ୍ୟରୁ ଉଦ୍‌ଗତ ହେବାରେ ଲାଗିଥାଏ ଏବଂ ତାହାକୁ ନିବିଡ଼ ଭାବରେ ଆବୃତ କରି ରଖିଥାଏ । ଏହିଟିକୁ ମାଧ୍ୟମରୂପେ ବ୍ୟବହାର କରି ବାହ୍ୟ ପୃଥିବୀ ସହିତ ଆମର ଯାବତୀୟ ଯୋଗସୂତ୍ର-ସ୍ଥାପନ ସମ୍ଭବ ହୋଇଥାଏ ଏବଂ ଖାସ୍ ଶରୀରଟି ଆକ୍ରାନ୍ତ ହେବା ପୂର୍ବରୁ ଏହି ସ୍ତରଟି ଉପରେ ଆକ୍ରମଣ କରି ତାହାକୁ ଭେଦ କରିବା ଆବଶ୍ୟକ ହୋଇଥାଏ । ଯଦି ଏହି ଆବରଣଟି ସମ୍ପୂର୍ଣ୍ଣ ଭାବରେ ନିଖୁଣ ଓ ମଜଭୁତ ହୋଇ ରହିଥାଏ, ତେବେ ତୁମେ ଇଚ୍ଛା କଲେ ମହାମାରୀ ଓ ବିସୂଚିକା ପ୍ରଭୃତି ଅତି ମାରାତ୍ମକ ରୋଗ ଲାଗି ରହିଥିବା ସ୍ଥାନଗୁଡ଼ିକୁ ମଧ୍ୟ ବେଶ୍ ଯାଇପାରିବ ଏବଂ ତଥାପି ସମ୍ପୂର୍ଣ୍ଣ ଭାବରେ ନିରାପଦ ରହିପାରିବ । ନିଖୁଣ ଓ ଗୋଟାହୋଇ ରହିଥିବା ପର୍ଯ୍ୟନ୍ତ ଏହି ଆବରଣଟି ଅସୁସ୍ଥତାର ସମ୍ଭାବ୍ୟ ଯାବତୀୟ ଆକ୍ରମଣ ଲାଗି ଏକ ପୂର୍ଣ୍ଣଶକ୍ତ ରକ୍ଷା-ପ୍ରାଚୀର ହୋଇ ରହିଥାଏ; ଆପଣାର ଗଠନରେ ସମ୍ପୂର୍ଣ୍ଣ ଭାବରେ ସମନୁରୂପ ହୋଇ ରହିଥିବା ପର୍ଯ୍ୟନ୍ତ ଓ ତାହାର ଉପାଦାନଗୁଡ଼ିକ ଏକ ଦୋଷହୀନ ଭାରସାମ୍ୟ ରକ୍ଷା କରିପାରୁଥିବା ପର୍ଯ୍ୟନ୍ତ ତାହାକୁ ଆଉ କୌଣସି ରୋଗ ଭେଦ କରିପାରେ ନାହିଁ । ଏହି ଶରୀର ଏକପକ୍ଷରେ ଏକ ଜଡ଼ଗତ ଭୂମିଉପରେ ନିର୍ମିତ ହୋଇ ରହିଛି, ମାତ୍ର ଏହାକୁ ଆମେ ଭୌତିକ ଜଡ଼ବସ୍ତୁ ବୋଲି ନ କହି ବରଂ ଅଧିକ ଯଥାର୍ଥ ଭାବରେ ଏହା ଜଡ଼ଗତ ନାନା ପରିବେଶ ଉପରେ ନିର୍ମିତ ହୋଇଛି ବୋଲି କହିପାରିବା; ଏବଂ, ଅନ୍ୟପକ୍ଷରେ, ଆମ ମନୋଭୂମିଗତ ବିଭିନ୍ନ ସ୍ଥିତିର ସ୍ପନ୍ଦନ ଓ କମ୍ପନଗୁଡ଼ିକ ଦ୍ୱାରା ମଧ୍ୟ ଏହା ନିର୍ମିତ ହୋଇଛି । ତାହାର ଏହି ଉପାଦାନଟି କହିଲେ ଏକ ଶାନ୍ତ ଓ ସମତାବସ୍ଥାକୁ ବୁଝାଏ, ଏକ ଆସ୍ଥାସମ୍ପନ୍ନତା ଓ ସ୍ୱାସ୍ଥ୍ୟ ଉପରେ ରହିଥିବା ଏକ ବିଶ୍ୱାସକୁ ବୁଝାଏ, ଅବ୍ୟାହତ ସହଜସ୍ଥିତି, ପ୍ରସନ୍ନତା ଏବଂ ଏକ ଉଜ୍ଜ୍ୱଳ ଆନନ୍ଦମୟତାକୁ ବୁଝାଏ । ଏହିଗୁଡ଼ିକହିଁ ତାକୁ ବଳ ଆଣି ଯୋଗାଇ ଦିଅନ୍ତି, ସାର ଆଣି ଯୋଗାଇ ଦିଅନ୍ତି । ଏହି ଗ୍ରହଣକ୍ଷମ ମାଧ୍ୟମଟିର ପ୍ରତିକ୍ରିୟାଗୁଡ଼ିକ ଖୁବ୍ ସରଳ ଏବଂ ତ୍ୱରାଯୁକ୍ତ ହୋଇ ରହିଥାଏ; ଯାବତୀୟ ପ୍ରକାରର ଇଙ୍ଗିତକୁ ତାହା ସଦାପ୍ରସ୍ତୁତ ଭାବରେ ଗ୍ରହଣ କରିନେଇପାରେ ଏବଂ

'oaob.nitrkl.ac.in' images reprocessed

ସେହି ଇଙ୍ଗିତଗୁଡ଼ିକ ତାହାର ପରିବେଶଟିକୁ ସଙ୍ଗେ ସଙ୍ଗେ ବଦଳାଇ ଦେଇ ପାରନ୍ତି, ସେଗୁଡ଼ିକୁ ପ୍ରାୟ ଏକ ନୂତନ ଗ୍ରନ୍ଥ ଦ୍ୱାରା ଗଢ଼ି ବି ଦେଇପାରନ୍ତି । ଏକ ଅନର୍ଥକାରୀ ଇଙ୍ଗିତ ତା'ଉପରେ ଖୁବି ସବଳ ଭାବରେ କାର୍ଯ୍ୟ କରିପାରେ; ଠିକ୍ ବିପରୀତ ଅର୍ଥରେ ଏକ ଇଷ୍ଟଯୁକ୍ତ ଇଙ୍ଗିତ ମଧ୍ୟ ସମାନ ଶକ୍ତିମତ୍ତାର ସହିତ ସେଠାରେ କାର୍ଯ୍ୟକାରୀ ହୋଇ ରହିଥାଏ । ବିଷାଦ ଏବଂ ଉତ୍ସାହହୀନତାର ପରିଣାମ ସେଠାରେ ଖୁବି କ୍ଷତିକାରକ ହୋଇଥାଏ; ସେମାନେ ତା'ଭିତରେ ସତେଅବା କେତେକେତେ ଗାତ କରିପକାନ୍ତି; ତାହାର ଗଠନୋପାଦନରେହିଁ ଗାତ କରିପକାନ୍ତି, ତାହାକୁ ଦୁର୍ବଳ କରିଦିଅନ୍ତି, ତାହାର ପ୍ରତିରୋଧ ଶକ୍ତିକୁ ହରଣ କରିନିଅନ୍ତି ଏବଂ ପ୍ରତିକୂଳ ପକ୍ଷର ଆକ୍ରମଣ ଯେପରି ସହଜରେ ବାଟ ପାଇଯିବ, ସେଥିଲାଗି ଦୁଆରଗୁଡ଼ାକୁ ଖୋଲିଦେଇ ବସନ୍ତି ।

ଲୋକମାନେ ଅନେକ ସମୟରେ ପରସ୍ପର ପ୍ରତି କାହିଁକି ହଠାତ୍ ସ୍ୱତଃସ୍ଫୂର୍ତ୍ତି ଭାବରେ ଏବଂ କୌଣସି କାରଣ ନ ଥାଇ ଏକ ଆକର୍ଷଣ ଅଥବା ବିକର୍ଷଣ ଅନୁଭବ କରିଥାନ୍ତି, ଏହି ମାଧ୍ୟମଟିର କ୍ରିୟାରୁ ଆମକୁ ସେହି କଥାଟିର ଆଂଶିକ ବିଶ୍ଳେଷଣ ମିଳିଯାଇଥାଏ । ଏହିସବୁ ପ୍ରତିକ୍ରିୟାର ପ୍ରଥମ ଆସ୍ଥାନଟି ଏହି ସଂରକ୍ଷଣକାରୀ ଆବରଣ ମଧ୍ୟରେ ରହିଥାଏ । ଆମର ସ୍ନାୟବିକ ଆବରଣଟିରେ ଏକ ପୁନର୍ବଳନ ଘଟାଇ ପାରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଆମେ ଖୁବ ସହଜରେ ଏକ ଆକର୍ଷଣ ଅନୁଭବ କରିଥାଉ । ଯେଉଁମାନେ ଏହି ଆବରଣଟିର ଶାନ୍ତିଭଙ୍ଗ କରନ୍ତି ଅଥବା ତାହାକୁ କୌଣସି ପ୍ରକାରେ ଆଘାତ ଦିଅନ୍ତି, ସେମାନଙ୍କ ଲାଗି ଆମଭିତରେ ଏକ ବିକର୍ଷଣ ବା ଘୃଣା ଅନୁଭୂତ ହୋଇଥାଏ । ଯାହାକିଛି ସେହି ଆବରଣଟିକୁ ପ୍ରସାରଣ, ଆରାମ ଓ ସ୍ଥିତିର ଏକ ବୋଧ ଦେଇଯାନ୍ତି, ଯାହାକିଛି ତାହାକୁ ହର୍ଷ ଏବଂ ସୁଖର ଅନୁଭୂତି ସହିତ ଆପଣାର ଅନୁସ୍ପନ୍ଦନଗୁଡ଼ିକୁ ବ୍ୟକ୍ତ କରିବା ଲାଗି ପ୍ରେରିତ କରେ, ତାହା ତତ୍କ୍ଷଣାତ୍ ଆମ ଭିତରେ ଆକର୍ଷଣର ପ୍ରତିକ୍ରିୟା ସୃଷ୍ଟି କରେ; ଏବଂ ଯେତେବେଳେ ପରିଣାମଟି ଠିକ୍ ତାହାର ବିପରୀତ ହେବାରେ ଲାଗିଥାଏ, ସେତେବେଳେ ତାହା ସତେଅବା ଆପଣାକୁ କାହାର ଆଘାତରୁ ରକ୍ଷା କରୁଥିବା ପରି ଏକ ବିକର୍ଷଣର ଅନୁସ୍ପନ୍ଦନହିଁ ଜନ୍ମାଏ । ଦୁଇଜଣ ବ୍ୟକ୍ତି ପରସ୍ପରକୁ ଭେଟିବାର ଏହି ଗତିସ୍ପନ୍ଦନଟିକୁ ଆମେ ଅଧିକାଂଶ ସମୟରେ ଏକ ପାରସ୍ପରିକ ଗତିସ୍ପନ୍ଦନ ବୋଲି କହିବା । ଅବଶ୍ୟ ଏକଥା ଆଦୌ ସତ ନୁହେଁ ଯେ ଯାବତୀୟ ସମସ୍ତବନା ଏବଂ ସାଦୃଶ୍ୟର କେବଳ ଏହି ଗୋଟିଏ କାରଣ ରହିଛି; ମାତ୍ର ତଥାପି ଏହାକୁ ନାନା କାରଣରୁ ଗୋଟିଏ କାରଣ ବୋଲି ନିଶ୍ଚୟ କୁହାଯିବ ଏବଂ ଅଧିକାଂଶ ସମୟରେ ଏଇଟିହିଁ କାରଣ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ଯଦି ଆମର ସମୁଦାୟ ସତ୍ତାଟି ଆପଣାର କ୍ରମୋତ୍ତର ରୂପାନ୍ତରର ପଥରେ ଯୁଗପତ୍ ଭାବରେ ଅଗ୍ରସର ହୋଇ ପାରୁଥାନ୍ତା, ବିଶ୍ୱର ଅନ୍ତର୍ଗତ ଅଗ୍ରଗତି ସହିତ ଯଦି ତାହା ସମତାଳ ହୋଇ ଗତି କରୁଥାନ୍ତା, ତେବେ ଆମ ଜୀବନରେ ଅସୁସ୍ଥତା ବୋଲି ଆଦୌ କିଛିହେଲେ ନ ଥାନ୍ତା, ମୃତ୍ୟୁ ବୋଲି ବି ଆଦୌ କିଛିହେଲେ ନ ଥାନ୍ତା । ମାତ୍ର, ସେପରି ହେବାକୁ ହେଲେ, ଆକ୍ଷରିକ ଭାବରେହିଁ ସମଗ୍ର ସତ୍ତାଟିକୁ ସମ୍ପୂର୍ଣ୍ଣ ଭାବରେ ତାହା କରିପାରିବାକୁ ପଡ଼ିବ । ସର୍ବୋଚ୍ଚ ଭୂମିଗୁଡ଼ିକରୁ ଅତ୍ୟନ୍ତ ଜଡ଼ ହୋଇ ରହିଥିବା ଭୂମିଗୁଡ଼ିକ ପର୍ଯ୍ୟନ୍ତ ତାହା କରିବାକୁ ପଡ଼ିବ । ସର୍ବୋଚ୍ଚ ଭୂମିଗୁଡ଼ିକରେହିଁ ତାହା ଅପେକ୍ଷାକୃତ ଅଧିକ ନମନୀୟ ହୋଇ ରହିଥାଏ ଏବଂ ରୂପାନ୍ତରକାରିଣୀ ଶକ୍ତିଗୁଡ଼ିକ ପାଖରେ ଉପଯୁକ୍ତ ପରିମାଣରେ ଆପଣାର ସମ୍ମତିଜ୍ଞାପନ କରିଥାଏ; ନିମ୍ନସ୍ଥ ଜଡ଼ ଭୂମିଗୁଡ଼ିକ ପ୍ରାୟ ସ୍ୱଭାବତଃ ଅନମନୀୟ ହୋଇ ରହିଥାନ୍ତି, ସ୍ଥାଣୁ ପରି ହୋଇ ରହିଥାନ୍ତି ଏବଂ ଆମକୁ ନୂତନ କରିଦେବାକୁ ଆସୁଥିବା ଯେକୌଣସି ତ୍ୱରାନ୍ୱିତ ପରିବର୍ତ୍ତନ ଲାଗି ଅନିଚ୍ଛୁକ ହୋଇ ରହିଥାନ୍ତି ।

କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ରହିଛି, ଯେଉଁଗୁଡ଼ିକ କି ଅନ୍ୟ କ୍ଷେତ୍ରଗୁଡ଼ିକର ତୁଳନାରେ ଯୋଗଶକ୍ତିର କ୍ରିୟାଗୁଡ଼ିକ ଲାଗି ଅପେକ୍ଷାକୃତ ଅଧିକ ଶକ୍ତିଶାଳୀ ପ୍ରତିରୋଧ ବ୍ୟକ୍ତ କରିବାରେ ଲାଗିଥାନ୍ତି । ଏବଂ, ସେହିସବୁ କ୍ଷେତ୍ର ଯେଉଁସବୁ ଅସୁସ୍ଥତା ଦ୍ୱାରା ଆକ୍ରାନ୍ତ ହୁଅନ୍ତି, ସେଗୁଡ଼ିକୁ ଭଲ କରିବା ଅଧିକ କଷ୍ଟକର ହୋଇଥାଏ । ସେହି ଅଞ୍ଚଳଗୁଡ଼ିକ ସତ୍ତାର ସବୁଠାରୁ ଅଧିକ ଜଡ଼ଧର୍ମୀ ସ୍ତରଗୁଡ଼ିକର ଅନ୍ତର୍ଗତ ହୋଇ ରହିଥାନ୍ତି । ଏବଂ, ସେହିସବୁ ଅଞ୍ଚଳକୁ ଯେଉଁସବୁ ଅସୁସ୍ଥତା ଭୋଗ କରିବାକୁ ପଡ଼େ, ଉଦାହରଣସ୍ୱରୂପ, ଚର୍ମରୋଗ ବା ଦୂଷିତଦନ୍ତ ପ୍ରଭୃତି ଯେଉଁ ଅସୁସ୍ଥତାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼େ, ସେଗୁଡ଼ିକୁ ଭଲ କରିବା ମଧ୍ଯ ଅପେକ୍ଷାକୃତ ଅଧିକ କଷ୍ଟକର ହୋଇଥାଏ । ଶ୍ରୀଅରବିନ୍ଦ ଥରେ ଏପରି ଜଣେ ଯୋଗୀଙ୍କ କଥା କହୁଥିଲେ, ଯିଏକି ତଥାପି ସବଳସ୍ୱାସ୍ଥ୍ୟ ଏବଂ ବଳିଷ୍ଠ ଶରୀରର ଅଧିକାରୀ ହୋଇ ରହିଥିଲେ ଏବଂ ନର୍ମଦାନଦୀର ତଟରେ ପ୍ରାୟ ଗୋଟିଏ ଶତାବ୍ଦୀ ଧରି ବାସ କରି ଆସୁଥିଲେ । ତାଙ୍କର ଜଣେ ଶିଷ୍ୟ ତାଙ୍କ ଦାନ୍ତବିନ୍ଧା ଲାଗି ଯେତେବେଳେ କୌଣସି ଏକ ଔଷଧ ଆଣି ଦେଲା, ସେତେବେଳେ ସେହି ଔଷଧ ସେବନ କରିବାକୁ ସେ ନାପସନ୍ଦ କରି ଦେଇଥିଲେ ଏବଂ କହିଥିଲେ ଯେ ତାଙ୍କର ଗୋଟିଏ ଦାନ୍ତ ତାଙ୍କୁ ପ୍ରାୟ ଗତ ଦୁଇଶହ ବର୍ଷ ହେଲା ଯନ୍ତ୍ରଣା ଦେଇ ଆସିଛି । ସେହି ଯୋଗୀ ଜଡ଼ପ୍ରକୃତି ଉପରେ ଏତେ ଅଧିକ ନିୟନ୍ତ୍ରଣଶକ୍ତି ଅର୍ଜନ କରିଥିଲେ ଯେ ସିଏ ଦୁଇଶହ ବର୍ଷକାଳ ଜୀବିତ ରହିପାରିଥିଲେ; ମାତ୍ର ଏହି ଦୀର୍ଘ ଅବଧି ମଧ୍ଯରେ ସିଏ ଗୋଟାଏ ଦାନ୍ତର ଯନ୍ତ୍ରଣାକୁ ମଧ୍ଯ ଜୟ କରିପାରି ନ ଥିଲେ ।

'oaob.nitrkl.ac.in' images reprocessed

ଏପରି କେତେକ ବେମାରି ରହିଛି, ଯାହାକୁ ସମସ୍ତେ ସବୁଠାରୁ ଅଧିକ ମାରାତ୍ମକ ବୋଲି ବିଚାର କରିଥାନ୍ତି, ମାତ୍ର ସେଗୁଡ଼ିକ ହୁଏତ ସବୁଠାରୁ ଅଧିକ ସହଜରେ ଭଲ ହୋଇଯାଏ । ଆଉ କେତେକ ବେମାରି ଅଛି, ଯାହା ଉପରେ ହୁଏତ ପ୍ରାୟ କୌଣସି ଗୁରୁତ୍ୱ ଦିଆଯାଏ ନାହିଁ, ମାତ୍ର ତାହା ପ୍ରାୟ ଅନମନୀୟ ଭାବରେହିଁ ଯାବତୀୟ ପ୍ରତିକାରର ପ୍ରତିରୋଧ କରିବାରେ ଲାଗିଥାଏ ।

ଯେକୌଣସି ଅସୁସ୍ଥତାର ଏକାବେଳେକେ ଅନେକ କାରଣ ଥାଏ, କାରଣଗୁଡ଼ିକ ବଡ଼ ଜଟିଳ ଭାବରେ ପରସ୍ପର ସହିତ ଛନ୍ଦି ହୋଇ ରହିଥାଏ । କାରଣଗୁଡ଼ିକ ଅନେକସଂଖ୍ୟକ ହୋଇ ରହିଥାଏ ସତ, ମାତ୍ର, ତଥାପି, ସତ୍ତାର ଦୁର୍ବଳ ଅଂଶଟି ଯେ ପ୍ରକୃତରେ କେଉଁଠାରେ ରହିଛି, ତାହା ସର୍ବଦାହିଁ ସେକଥା ସୂଚାଇ ଦେବାରେ ଲାଗିଥାଏ ।

ଯେକୌଣସି ଅସୁସ୍ଥତାରେ ଦଶଭାଗରୁ ନଅଭାଗ ବିପଦ ଭୟରୁହିଁ ଆସିଥାଏ । ଭୟ ତୁମକୁ ଏକ ରୋଗ ଲାଗି ଆବଶ୍ୟକ ଆପାତ ଲକ୍ଷଣଗୁଡ଼ିକୁ ଆଣି ବେଶ୍ ଯୋଗାଇ ଦେଇପାରେ । ଏବଂ, ତାହା ଖାସ୍ ଅସୁସ୍ଥତାଟିକୁ ମଧ୍ୟ ତୁମ ପାଖକୁ ବେଶ୍ ବହନ କରି ଆଣିପାରେ । ଭୟର ପରିଣାମ ଯେ କେତେଯାଏ ଗତି କରିପାରେ, ଏହି କଥାରୁ ତାହା ଅବଶ୍ୟ ସ୍ପଷ୍ଟ ହୋଇଯାଉଥିବ । ଏହି ଅଳ୍ପଦିନର କଥା, ଆଶ୍ରମକୁ ଅଧିକାଂଶ ସମୟରେ ଆସୁଥିବା ମାତ୍ର ଯୋଗାଭ୍ୟାସ କରୁ ନ ଥିବା ଜଣେ ବ୍ୟକ୍ତିଙ୍କର ପତ୍ନୀ ଶୁଣିବାକୁ ପାଇଲେ ଯେ, ତାଙ୍କୁ କ୍ଷୀର ଆଣି ଦେଉଥିବା ଗଉଡ଼ ଯେଉଁ ଘରେ ରହେ, ସେହି ଘରେ ହଇଜା ଲାଗିଛି । ଏହିପରି ଭାବରେ ତାଙ୍କ ଭିତରେ ଭୟ ପଶିଲା ଏବଂ ପ୍ରାୟ ପରି ମୁହୂର୍ତ୍ତରେହିଁ ତାଙ୍କଠାରେ ସେହି ରୋଗଟିର ଲକ୍ଷଣମାନ ପରିଦୃଷ୍ଟ ହେବାକୁ ଲାଗିଲା । ଅବଶ୍ୟ ତାଙ୍କର ରୋଗଟିକୁ ଖୁବ୍ ଶୀଘ୍ର ଭଲ କରି ଦିଆଯାଇ ପାରିଲା, କାରଣ ଆପାତ ଲକ୍ଷଣଗୁଡ଼ିକୁ ଏକ ପ୍ରକୃତ ଅସୁସ୍ଥତାରେ ପରିଣତ ହେବା ଲାଗି ଆଦୌ ସୁଯୋଗ ଦିଆଯାଇ ନ ଥିଲା ।

ଏପରି ଅନେକ ଶାରୀରିକ କ୍ରିୟାଶୀଳତା ରହିଛି, ଯେଉଁଗୁଡ଼ିକ କି ଯୋଗ-ସାଧନାଜନିତ ରୂପରୁହିଁ ଜନ୍ମ ହୋଇଥାଏ ଏବଂ ଯେଉଁଗୁଡ଼ିକ ନାନା 'ଅକାରଣ ଭୟର କାରଣରୂପେ କାର୍ଯ୍ୟ କରିଥାନ୍ତି । ସେହି କ୍ଷେତ୍ରରେ ରହିଥିବା ଭୟଟିକୁ ଛାଡ଼ି ନ ପାରିଲେ ତଦ୍ୱାରା ନାନା କ୍ଷତି ହେବାର ସମ୍ଭାବନା ରହିଥାଏ । ଉଦାହରଣ-ସ୍ୱରୂପ, ମୁଣ୍ଡଭିତରେ ଏପରି ଏକ ନିର୍ଦ୍ଦିଷ୍ଟ ଚାପ ଅନୁଭୂତ ହୋଇଥାଏ, ଯେଉଁ

'oaob.nitrkl.ac.in' images reprocessed

ବିଷୟରେ ମୋତେ ପ୍ରଶ୍ନ ପଚରାଯାଇଛି ଏବଂ ଯାହାକୁ କି ଅନେକ ସାଧକ ଅନୁଭବ କରିଛନ୍ତି । ସାଧନାର ସର୍ବପ୍ରଧାନ ସୋପାନଗୁଡ଼ିକରେ ତାହା ଅନୁଭୂତ ହୋଇଥାଏ । କାରଣ, ଏପରି କିଛି ବସ୍ତୁ, ଯାହାକି ସେପର୍ଯ୍ୟନ୍ତ କଳି ହୋଇ ରହିଥାଏ, ସେତେବେଳେ ସେଇଟିକୁ ଉନ୍ମୋଚିତ କରିଦେବା ଦରକାର ହେଉଥାଏ । ଏହି ଅସ୍ୱସ୍ତିଟି ଉପରେ ପ୍ରକୃତରେ ଆଦୌ କୌଣସି ମହତ୍ତ୍ୱ ଦେବା ଉଚିତ ନୁହେଁ ଓ ଇଚ୍ଛା କଲେ ଅତି ସହଜରେ ଆମେ ସେଇଟିକୁ ଅତିକ୍ରମ କରିଯାଇ ପାରିବା । ତୁମେ ଯେଉଁସବୁ ଶକ୍ତି ଓ ଗୁପ୍ତପୁରୁଷଙ୍କ ଆଗରେ ନିଜକୁ ଉନ୍ମୋଚିତ କରିଦେଉଛ, ଏକ ନିର୍ଦ୍ଦିଷ୍ଟ ପରିଣାମ ଘଟାଇବା ଉଦ୍ଦେଶ୍ୟରେ ଯେତେବେଳେ ସେମାନେ ଅତ୍ୟନ୍ତ ବଳବତ୍ତର ସହିତ ଶରୀର ଉପରେ କାର୍ଯ୍ୟ କରୁଛନ୍ତି, ରୂପାନ୍ତରଟିକୁ ତ୍ୱରାନ୍ୱିତ କରିବା ଲାଗି ଯେତେବେଳେ ସେମାନେ ତାହା କରୁଛନ୍ତି, ସେତେବେଳେ ତାହାର ଏକ ପରିଣାମସ୍ୱରୂପ ଏପରି ଘଟୁଛି ବୋଲି ଯଦି ତୁମେ ଜାଣିବାକୁ ସମର୍ଥ ହେବ, ତେବେ ତୁମେ ସେହି ଅସ୍ୱସ୍ତିଟିକୁ ଅତିକ୍ରମ କରିଯାଇ ପାରିବ । ଯଦି ତୁମେ ଶାନ୍ତ ଭାବରେ ସେଇଟିକୁ ଗ୍ରହଣ କରିନେଇ ପାରିବ, ତେବେ ତାହାକୁ ମୋଟେ ଦୁଃଖଦାୟକ ହେଉ ନ ଥିବା ବେଶ୍ ଏକ ବୋଧରେ ରୂପାନ୍ତରିତ କରିଦେଇ ପାରିବ । ମାତ୍ର, ଯଦି ତୁମେ ଭୟଭୀତ ହୋଇପଡ଼ିବ, ତେବେ ନିଶ୍ଚିତ ଭାବରେ ତୁମକୁ ଏକ ସାଂଘାତିକ ମୁଣ୍ଡବ୍ୟଥାର ଶିକାର ହେବାକୁ ପଡ଼ିବ, ଏପରିକି ତୁମେ ଜ୍ୱରାକ୍ରାନ୍ତ ବି ହୋଇଯାଇ ପାରିବ । ତୁମ ପ୍ରକୃତିରେ କୌଣସିଠାରେ କୌଣସି ପ୍ରତିରୋଧ କାର୍ଯ୍ୟ କରୁଥିବାରୁହିଁ ତୁମେ ଏହିପରି ଏକ ଅସ୍ୱସ୍ତି ଅନୁଭବ କରୁଥିବ । ସେହି ପ୍ରତିରୋଧଟିକୁ ହାତଛଡ଼ା କରିଦେବାର ଉପାୟଟି ଯଦି ତୁମେ ଜାଣିଥିବ, ତେବେ ତୁମେ ସଙ୍ଗେସଙ୍ଗେ ସେହି ଅସ୍ୱସ୍ତିଟିରୁ ମୁକ୍ତ ହୋଇଯାଇ ପାରିବ । ମାତ୍ର ଯଦି ତୁମେ ଭୟଭୀତ ହୋଇପଡ଼ିବ, ତେବେ ସେହି ଅସ୍ୱସ୍ତି ଅଧିକ ଅନର୍ଥକାରୀ ହୁଏତ ଆହୁରିକିଛିରେ ପରିଣତ ହୋଇଯିବ । ତୁମର ଅନୁଭୂତିଟି ଯେକୌଣସି ପ୍ରକାରର ହୋଇଥାଉ ପଛକେ, ତୁମେ ଆପଣା ଭିତରେ ଭୟକୁ ଆଦୌ କୌଣସି ସ୍ଥାନ ଦେବ ନାହିଁ । ତୁମ ଭିତରେ ଏକ ଅବିଚଳିତ ବିଶ୍ୱାସ ପ୍ରତିଷ୍ଠିତ ହୋଇ ରହିଥିବ ଏବଂ ତୁମେ ଅନୁଭବ କରୁଥିବ ଯେ, ଯାହାକିଛି ଘଟୁଛି, ତାହା ଘଟିବାକୁ ଥିଲା ବୋଲିହିଁ ଘଟିଯାଉଛି । ତୁମେ ଯେତେବେଳେ ଥରେ ମାର୍ଗଟିକୁ ବାଛି ନେଇଛ, ସେତେବେଳେ ତୁମକୁ ତୁମ ନିର୍ବାଚନର ଯାବତୀୟ ପରିଣାମକୁହିଁ ଭୋଗ କରିବାକୁ ପଡ଼ିବ । ମାତ୍ର, ଯଦି ତୁମେ ପଥଟିଏ ବାଛୁଥିବ ଓ ତା'ପରେ ଆପଣାକୁ ପ୍ରତ୍ୟାହୃତ କରି ରଖିଥିବ, ପୁଣି ବାଛୁଥିବ ଓ ପୁଣି ପ୍ରତ୍ୟାହୃତ ହୋଇ ରହୁଥିବ, ସର୍ବଦା ଇତସ୍ତତଃ ହେଉଥିବ, ସବୁବେଳେ ସନ୍ଦେହ ଭିତରେ ପଶିଥିବ

'oaob.nitrkl.ac.in' images reprocessed

ଏବଂ ସର୍ବଦା ଭୟପୀଡ଼ିତ ହୋଇ ରହିଥିବ, ତେବେ ତଦ୍ଦ୍ୱାରା ଆପଣାର ସତ୍ତା ଭିତରେ କେବଳ ଏକ ଅସାମଞ୍ଜସ୍ୟତାର ସୃଷ୍ଟିହିଁ କରି ରଖିଥିବ ଏବଂ ସେହି ଅସାମଞ୍ଜସ୍ୟତା କେବଳ ଯେ ତୁମର ପ୍ରଗତିକୁ ବ୍ୟାହତ କରି ରଖିବ ତା'ନୁହେଁ, ମାତ୍ର ତାହା ତୁମ ମନରେ ଓ ତୁମ ପ୍ରାଣିକ ସତ୍ତାର କ୍ଷେତ୍ରରେ ଯାବତୀୟ ପ୍ରକାରର ଅସ୍ତବ୍ୟସ୍ତତାର କାରଣ ହୋଇ ରହିଥିବ, ତୁମ ଶରୀରରେ ମଧ୍ୟ ନାନା ଅସ୍ୱସ୍ତି ଏବଂ ଅସୁସ୍ଥତା ସୃଷ୍ଟି କରିବାରେ ଲାଗିଥିବ ।

'oaob.nitrkl.ac.in' images reprocessed

୨୩ ଜୁନ୍ ୧୯୨୯

> ଜଣେ ଯୋଗୀ କ'ଣ ଏପରି ଏକ ଚେତନାସ୍ଥିତିର ଉପଲବ୍ଧି କରିପାରିବ, ଯେଉଁଠାରେ ଥାଇ କି ସେ ସବୁକଥା ଜାଣିପାରିବ, ସବୁ ପ୍ରଶ୍ନର ଉତ୍ତର ଦେଇ ପାରିବ, ଏପରିକି ଜଟିଳ ବୈଜ୍ଞାନିକ ସମସ୍ୟା, ଉଦାହରଣସ୍ୱରୂପ, ଆପେକ୍ଷିକତା ତତ୍ତ୍ୱ ବିଷୟରେ ଯାବତୀୟ ପ୍ରଶ୍ନର ଉତ୍ତର ଦେଇପାରିବ ?

ସିଦ୍ଧାନ୍ତ ଓ ତତ୍ତ୍ୱଦୃଷ୍ଟିରୁ ଏହି କଥାଟି କହିବା ନିଶ୍ଚୟ ସମ୍ଭବ ହେବ ଯେ ଜଣେ ଯୋଗୀ ପକ୍ଷରେ ସବୁକିଛୁ ଜାଣିବା ମୋଟେ ଅସମ୍ଭବ ନୁହେଁ । ସବୁକିଛୁ ସେହି ଯୋଗୀ ଉପରେହିଁ ନିର୍ଭର କରିବ ।

ମାତ୍ର ଜ୍ଞାନ ଜ୍ଞାନ ମଧ୍ୟରେ ବି ସର୍ବଦା ଏକ ପ୍ରଭେଦ ଅବଶ୍ୟ ରହିଛି । ମନର ଜାଣିବାରୀତିରେ ଜଣେ ଯୋଗୀ କଦାପି କିଛି ଜାଣେ ନାହିଁ । ସେ ଏହିପରି ଅର୍ଥରେ ଆଦୌ କିଛି'ହେଲେ ଜାଣେ ନାହିଁ ଯେ ତା' ପାଖରେ ସମ୍ଭାବ୍ୟ ଯାବତୀୟ ତଥ୍ୟ ସାମଗ୍ରୀ ମହଜୁଦ ହୋଇ ରହିଥାଏ, କାରଣ ତା'ର ମୁଣ୍ଡ ଭିତରେ ବିଶ୍ୱ-ବ୍ରହ୍ମାଣ୍ଡର ଯାବତୀୟ ତଥ୍ୟ ଗଚ୍ଛିତ ହୋଇ ରହିଥାଏ ଅଥବା ତାହାର ଚେତନା ଗୋଟାଏ ପ୍ରକାରର ବିସ୍ମୟକାରୀ ଓ ଅସାଧାରଣ ସର୍ବଜ୍ଞାନକୋଷରେ ପରିଣତ ହୋଇ ରହିଥାଏ । ବିଭିନ୍ନ ବସ୍ତୁ, ବିଭିନ୍ନ ବ୍ୟକ୍ତି ଓ ବିଭିନ୍ନ ଶକ୍ତି ସହିତ ସମଗ୍ରୀଳ ଏବଂ ଗତିଶୀଳ ଭାବରେ ଏକାତ୍ମକ ହୋଇ ରହିପାରିବା ଲାଗି ଯୋଗୀ ଭିତରେ ଏକ ସାମର୍ଥ୍ୟ ରହିଥାଏ ବୋଲି ଯୋଗୀ ଯାହାକିଛି ଜାଣିପାରେ । ଅଥବା, ଯୋଗୀ ଏପରି ଏକ ଚେତନାର ସୋପାନରେ ବାସ କରୁଥାଏ ଅର୍ଥାତ୍ ଏପରି ଏକ ଚେତନାର ସ୍ପର୍ଶରେ ରହିଥାଏ, ଯାହା ମଧ୍ୟରେ କି ସତ୍ୟ ରହିଥାଏ, ଜ୍ଞାନ ମଧ୍ୟ ରହିଥାଏ; ଏବଂ ସେଇଥିଲାଗିହିଁ ସେ ସବୁକିଛି ଜାଣିପାରେ ।

ଯଦି ତୁମେ ଯଥାର୍ଥ ଚେତନା ଭିତରେ ଅବସ୍ଥାନ କରୁଥିବ, ତେବେ ତୁମର ଜ୍ଞାନ ସତ୍ୟଜ୍ଞାନରେ ମଧ୍ୟ ପରିଣତ ହୋଇ ରହିପାରିବ । ତେବେ, ତୁମେ ସବୁ-କିଛିର ପ୍ରତ୍ୟକ୍ଷ ଜ୍ଞାନ ବି ଅର୍ଜନ କରିପାରିବ, ତୁମେ ଯାହାକିଛି ଜାଣ, ତାହା ସହିତ

ଏକାତ୍ମ ହୋଇ ରହିବା ଦ୍ୱାରା ତୁମେ ତାହା କରିପାରିବ । ଯଦି ତୁମ ସମ୍ମୁଖରେ କୌଣସି ଏକ ସମସ୍ୟାକୁ ଆଣି ଉପସ୍ଥାପିତ କରାଯାଏ, କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ କ'ଣ କରାଯିବା ଉଚିତ ବୋଲି ତୁମକୁ ପଚରାଯାଏ, ତେବେ ଯଥେଷ୍ଟ ଏକାଗ୍ର ଓ ସକେନ୍ଦ୍ରିତ ଭାବରେ ସେହି ବିଷୟଟିକୁ ଅବଲୋକନ କରି, ତୁମେ ସ୍ୱତଃସ୍ଫୂର୍ତ୍ତି ଭାବରେହିଁ ଆବଶ୍ୟକ ଜ୍ଞାନ ଏବଂ ଯଥାର୍ଥ ଉତ୍ତରଟିକୁ ଲାଭ କରିପାରିବ । ଯତ୍ନ ସହକାରେ କୌଣସି ସିଦ୍ଧାନ୍ତର ପ୍ରୟୋଗ କରି ଯେ ତୁମେ ସେହି ଜ୍ଞାନଟିକୁ ଲାଭ କରିବ, ସେକଥା ମୋଟେ ନୁହେଁ; କିଂବା ମନର କୌଣସି ପ୍ରକ୍ରିୟା ଦ୍ୱାରା ଏକ ସମାଧାନ ବାହାର କରି ତୁମେ ଯେ ସେହି ଜ୍ଞାନର ଅଧିକାରୀ ହେବ, ସେକଥା ମଧ୍ୟ ନୁହେଁ । ଆପଣାର ସିଦ୍ଧାନ୍ତଗୁଡ଼ିକରେ ଆସି ପହଞ୍ଚିବା ଲାଗି ବିଜ୍ଞାନୀ ମନରହିଁ ଏହିସବୁ ପଦ୍ଧତି ଆବଶ୍ୟକ ହେଉଥାଏ । ମାତ୍ର, ଜଣେ ଯୋଗୀ ଯେଉଁ ଜ୍ଞାନ ଲାଭ କରେ, ତାହା ହେଉଛି ପ୍ରତ୍ୟକ୍ଷ ଜ୍ଞାନ; ତାହା ଅପରୋକ୍ଷ ଜ୍ଞାନ; ସେହି ଜ୍ଞାନକୁ ଏକ ନିଗମନାତ୍ମକ ଜ୍ଞାନ ବୋଲି ଆଦୌ କୁହାଯିବ ନାହିଁ । କୌଣସି ଏକ ତୋରଣ ନିର୍ମାଣ କରିବା ଲାଗି ଜଣେ ଇଞ୍ଜିନିଅରକୁ ଯଦି ଏକ ନିର୍ଭୁଲ ସ୍ଥିତିଟିକୁ ବାଛି ବାହାର କରିବାକୁ ହୁଏ, ସେହି ବକ୍ରଟିର ରେଖା କପରି ହିବ ଏବଂ ଏହାର ମୁଖଟି କେତେ ପ୍ରଶସ୍ତ ହେବ, ଏସବୁ ହିସାବକରି ବାହାର କରିବାକୁ ହୁଏ, ତେବେ ତାହାକୁ ସଂଖ୍ୟା ସହିତ ସଂଖ୍ୟାର ଗଣନା କରି ତାହା କରିବାକୁ ହୋଇଥାଏ; ତା'ପାଖରେ ଯେଉଁସବୁ ତଥ୍ୟୋପକରଣ ରହିଥାଏ, ସେଗୁଡ଼ାକୁ ପରସ୍ପର ସହିତ ମିଳାଇ ଓ ତଦ୍ୱାରା ଆବଶ୍ୟକ ନିଷ୍କର୍ଷଗୁଡ଼ିକୁ ବାହାର କରି ଇଞ୍ଜିନିଅର୍ ସେହି କାର୍ଯ୍ୟଟିକୁ କରିଥାଏ । ମାତ୍ର ଜଣେ ଯୋଗୀ ସକାଶେ ଏଗୁଡ଼ିକର ଆଦୌ କୌଣସି ଆବଶ୍ୟକତା ନ ଥାଏ । ସିଏ କେବଳ ଅବଲୋକନ କରେ, ଆପଣା ଆଗରେ ଉଦ୍ଦିଷ୍ଟ ବସ୍ତୁଟିକୁ ଦେଖିବାକୁ ପାଏ, ସେଇଟିକୁ ଯେ ସେପରି ନ କରି ଏପରି କରିବାକୁ ହେବ, ସିଏ ସେକଥାଟିକୁ ଦେଖିବାକୁ ପାଏ । ଏବଂ, ଏହି ଦେଖିବାକୁହିଁ ତାହାର ଜ୍ଞାନ ବୋଲି କୁହାଯିବ ।

ଯୋଗୀ ଯାବତୀୟ ବସ୍ତୁକୁ ଜାଣିପାରିବ ଓ ଆପଣାର ଦୃଷ୍ଟିଗତ ଭୂମି ଓ ଚେତନାରେ ଅବସ୍ଥିତ ରହି ସିଏ ଯେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେଇପାରିବ, ଏକ ସାଧାରଣ ଭାବରେ ଏବଂ ନିର୍ଦ୍ଦିଷ୍ଟ ଅର୍ଥରେ ଏହି କଥାଟି ହୁଏତ ସତ ହେଲେ ମଧ୍ୟ, ତଥାପି ସେଥିରୁ ଆମେ କଦାପି ଏପରି ଏକ ଅନୁମାନ କରି ବସିବା ନାହିଁ ଯେ ଏପରି ଆଦୌ କୌଣସି ପ୍ରଶ୍ନ କଦାପି ନାହିଁ, ଯାହାରକ ଯୋଗୀ କୌଣସି ଉତ୍ତର ଦେବ ନାହିଁ ବା ଦେଇପାରିବ ନାହିଁ । ଯେଉଁ ଯୋଗୀଠାରେ ପ୍ରତ୍ୟକ୍ଷ ଜ୍ଞାନର ଶକ୍ତି ରହିଛି, ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟ ବିଷୟରେ ସିଏ ଅବଗତ ରହିଛି, ସାଧାରଣ

'oaob.nitrkl.ac.in' images reprocessed

ମନୁଷ୍ୟର ସମ୍ପୂର୍ଣ୍ଣ ସ୍ୱଭାବରେ ମାନସିକ ନାନା ବିରଚନାର ସ୍ତରର କୌଣସି ପ୍ରଶ୍ନର ଉତ୍ତର ଦେବା ଲାଗି ସିଏ ଆଦୌ ଆଗ୍ରହ ପ୍ରକାଶ କରିବ ନାହିଁ, ଅଥବା, ସେଗୁଡ଼ିକର ଉତ୍ତର ଦେବାକୁ ସେ ହୁଏତ କଷ୍ଟକର ବୋଲି ବି ଅନୁଭବ କରିବ । ହୁଏତ ଏପରି ମଧ୍ୟ ହୋଇପାରେ ଯେ ତୁମେ ଏପରି ନାନା ସମସ୍ୟା ଓ ଅଡ଼ୁଆକୁ ନେଇ ଯୋଗୀ ପାଖରେ ଯାଇ ପହଞ୍ଚିବ, ଯାହାକି କେବଳ ବସ୍ତୁଗୁଡ଼ିକର ପ୍ରତିରୂପ ଏବଂ ବାହ୍ୟ-ପ୍ରତୀତିଗୁଡ଼ିକୁହିଁ ସ୍ପର୍ଶ କରୁଥିବ ଏବଂ ସିଏ ସେଗୁଡ଼ିକର ସମାଧାନ କରିବା ଲାଗି ଆଦୌ ମନ କରିବ ନାହିଁ ଅଥବା ସିଏ ସେଗୁଡ଼ିକର ସମାଧାନ କରି ବି ପାରିବ ନାହିଁ । ତା'ର ଜ୍ଞାନର କ୍ରିୟାଶୀଳତା ମନଃସ୍ତରରେ ନୁହେଁ । ଏବଂ, ଯଦି ତୁମେ ତାକୁ ଠିକ୍ ସେହି ଧରଣର କୌଣସି ନିର୍ବୋଧ ମନଃସ୍ତରୀୟ ପ୍ରଶ୍ନ ପଚାରିବାକୁ ଯିବ, ତେବେ ସିଏ ହୁଏତ ତା'ର ଆଦୌ କୌଣସି ଉତ୍ତର ଦେବ ନାହିଁ । ସାଧାରଣତଃ ଏଭଳି ଯେଉଁ ଧାରଣାଟି ରହିଆଏ ଯେ, କୌଣସି ଜଣେ ଅସାଧାରଣ ଦକ୍ଷତାସମ୍ପନ୍ନ ଅବଧାନକୁ ଯାଇ ପଚାରିବା ପରି ତୁମେ ଜଣେ ଯୋଗୀକୁ ଯେ ଯାବତୀୟ ଅଜ୍ଞାନପ୍ରସୂତ ପ୍ରଶ୍ନ ଯାଇ ପଚାରିପାରିବ ବା ଅତୀତ, ବର୍ତ୍ତମାନ ବା ଭବିଷ୍ୟତ୍ ବିଷୟରେ ତା'ଠାରୁ ଯେକୌଣସି ପ୍ରକାରର ସମ୍ବାଦ ଯେ ଦାବି କରିପାରିବ ଏବଂ ସେଗୁଡ଼ିକର ଉତ୍ତର ଦେବାକୁ ଯୋଗୀ ଯେ ଅବଶ୍ୟ ବାଧ୍ୟ ହେବ, ଏହି ଧାରଣାକୁ ଆମେ କେବଳ ଏକ ନିର୍ବୋଧ ଧାରଣା ବୋଲିହିଁ କହିବା । ଆଧ୍ୟାତ୍ମିକ ଉପଲବ୍ଧିମାନ ରହିଥିବା ଜଣେ ବ୍ୟକ୍ତିଠାରୁ ଅଗଠିତ ବାହ୍ୟମନକୁ ସନ୍ତୁଷ୍ଟ କଲାପରି ଓ ତାହାକୁ ଏକାନ୍ତ ବିସ୍ମୟାଭିଭୂତ କରିଦେବା ଭଳି ନାନା ଅସାଧାରଣ ଏବଂ ଅଲୌକିକ ସାଧନ ଓ କରାମତିମାନ ଦେଖିବାକୁ ଦାବି କରିବା ଯେଉଁପରି ଅସଙ୍ଗତ, ଯୋଗୀଠାରୁ ଯାବତୀୟ ପ୍ରଶ୍ନର ଉତ୍ତର ଦାବି କରିବା ମଧ୍ୟ ଠିକ୍ ସେହିପରି ଅସଙ୍ଗତ ।

ପୁନଶ୍ଚ, "ଯୋଗୀ" ଶବ୍ଦଟି ମଧ୍ୟ ଗୋଟିଏ ଭାରି ଅସ୍ପଷ୍ଟ ଶବ୍ଦ, ଏହା ଗୋଟିଏ ଅତ୍ୟନ୍ତ ପ୍ରଶସ୍ତ ଶବ୍ଦ । ଯୋଗୀ ଅନେକ ପ୍ରକାରର ରହିଛନ୍ତି । ଆଧ୍ୟାତ୍ମିକ ଅଥବା ଗୂଢ଼ବିଦ୍ୟାଗତ ଉପଲବ୍ଧିର ପ୍ରୟାସ-କ୍ଷେତ୍ରରେ କେତେ ବିଭିନ୍ନ ଧାରା ଓ କ୍ଷେତ୍ର ରହିଛି, ସିଦ୍ଧି ଏବଂ ସଫଳତାଲାଭର ମଧ୍ୟ ନାନା ସ୍ତର ଓ ନାନା ଉଚ୍ଚତା ରହିଛି । ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ସାମର୍ଥ୍ୟ ସାଧାରଣ ମନଃସ୍ତରଟିକୁ ମୋଟେ ଅତିକ୍ରମ କରିପାରି ନ ଥାଏ । ଆହୁରି ଅନ୍ୟମାନେ ଅଛନ୍ତି, ଯେଉଁମାନେ କି ସେହି ସ୍ତରକୁ ଅତିକ୍ରମ କରି ଆହୁରି ଆଗକୁ ଚାଲି ଯାଇଥାନ୍ତି । ତେଣୁ ସେମାନଙ୍କର ପ୍ରୟାସ ଏବଂ ସାଧନାର କ୍ଷେତ୍ର ଏବଂ ପ୍ରକୃତ ସ୍ୱଭାବଟି ଉପରେହିଁ ସବୁକିଛି ନିର୍ଭର କରିବ । ସେମାନେ ପ୍ରକୃତରେ କେତେ ଉଚ୍ଚକୁ ଉଠିପାରିଛନ୍ତି, ଯେଉଁଭଳି ଚେତନା ସହିତ ସେମାନେ ସମ୍ପର୍କ ସ୍ଥାପନ କରିପାରିଛନ୍ତି

'oaob.nitrkl.ac.in' images reprocessed

ଅର୍ଥାତ୍ ଯେଉଁ ଚେତନାଟି ମଧ୍ୟରେ ସେମାନେ ପ୍ରକୃତରେ ପ୍ରବେଶ କରିଛନ୍ତି, ସବୁକିଛି ତାହାରି ଉପରେ ନିର୍ଭର କରିବ ।

ବୈଜ୍ଞାନିକମାନେ ବି କ'ଣ ବେଳେବେଳେ ମନୋଭୂମିର ସୀମାଟିକୁ ଅତିକ୍ରମ କରି ଆହୁରି ଆଗକୁ ଚାଲି ଯାଆନ୍ତି କି ? ଏପରି କୁହାଯାଇଥାଏ ଯେ, ତର୍କବୁଦ୍ଧିର କୌଣସି ମାନସିକ ପ୍ରକ୍ରିୟା ଦ୍ୱାରା ନୁହେଁ, ମାତ୍ର କୌଣସି ଗୋଟିଏ ପ୍ରକାରର ହଠାତ୍-ଉପଲବ୍ଧ ପ୍ରେରଣା ଦ୍ୱାରାହିଁ ଆଇନ୍‌ଷ୍ଟାଇନ୍ ତାଙ୍କ ଆପେକ୍ଷିକତାର ସିଦ୍ଧାନ୍ତରେ ଆସି ଉପନୀତ ହୋଇଥିଲେ । ସେହି ପ୍ରେରଣାଟି ସହିତ ଅତିମାନସର ଆଦୌ କୌଣସି ସମ୍ବନ୍ଧ ରହିଛି କି ?

ଜଣେ ବୈଜ୍ଞାନିକ ଯେତେବେଳେ ଏପରି ଏକ ପ୍ରେରଣା ପାଏ, ଯାହାକି ତା'ସମ୍ମୁଖରେ ଏକ ନୂତନ ସତ୍ୟର ଉଦ୍‌ଘାଟନ କରି ଦେଇଥାଏ, ସେତେବେଳେ ସେହି ପ୍ରେରଣାକୁ ସେ ସ୍ୱତଃବୋଧିମନର ସ୍ତରରୁହିଁ ଲାଭ କରିଥାଏ । ଏକ ଅପରୋକ୍ଷ ଅବବୋଧରୂପେ ସେହି ଜ୍ଞାନ ଉଚ୍ଚତର ମନର ସ୍ତରଟିରେ ତାହାକୁ ପ୍ରାପ୍ତ ହୋଇଥାଏ ଏବଂ ଉଚ୍ଚତର ମନର ସେହି ସ୍ତରଟି ଆହୁରି ଉପରକୁ ରହିଥିବା ଆଉଗୋଟିଏ କୌଣସି ଆଲୋକ ଦ୍ୱାରା ଆଲୋକିତ ହୋଇ ରହିଥାଏ । ମାତ୍ର ସେସବୁର ଅତି-ମାନସର କିମ୍ବା ସହିତ ଆଦୌ କୌଣସି ସମ୍ପର୍କ ନ ଥାଏ, ଏବଂ ଉଚ୍ଚତର ମନର ଏହି ସ୍ତରଟି ଅତିମାନସ ସ୍ତରଠାରୁ କାହିଁ କେତେନା କେତେ ଦୂର ଗ୍ଳୁଡ଼ ଅବସ୍ଥିତ ରହିଥାଏ । ମଣିଷମାନେ ଅତ୍ୟନ୍ତ ସହଜରେହିଁ ଏପରି ବିଶ୍ୱାସ କରିବାକୁ ପ୍ରବୃତ୍ତ ହୋଇପଡନ୍ତି ଯେ ସେମାନେ ବେଶ୍ ଉଚ୍ଚସ୍ତରୀୟ ସୋପାନଗୁଡ଼ିକୁ ଅରୋହଣ କରି ଯାଇ ପାରିଛନ୍ତି ; ମାତ୍ର ହୁଏତ ପ୍ରକୃତରେ ଏତିକି କଥା ସତ୍ୟ ଯେ ସେମାନେ ସାଧାରଣ ସ୍ତରଠାରୁ ହୁଏତ ଧାପେମାତ୍ର ଉପରକୁ ଯାଇପାରିଛନ୍ତି । ସାଧାରଣ ମନୁଷ୍ୟ ମନର ସ୍ତର ଏବଂ ଅତିମାନସର ସ୍ତର ମଧ୍ୟରେ ଅହୁରି ଅନେକ ପର୍ଯ୍ୟାୟ ବା ସ୍ତର ରହିଛି, ନାନା ସୋପାନ ରହିଛି, ଅନ୍ତର୍ବର୍ତ୍ତୀ ଅନେକ 'ଉଚ୍ଚତା ରହିଛି । ଜଣେ ସାଧାରଣ ମଣିଷ ଅନ୍ତର୍ବର୍ତ୍ତୀ ଏହିପରି କୌଣସି ଗୋଟିଏ ଭୂମି ସହିତ ବି ଯଦି ପ୍ରତ୍ୟକ୍ଷ ସମ୍ପର୍କରେ ଆସିବାକୁ ବାହାରିବ, ତେବେ ସେତିକିରେହିଁ ତାହାର ଆଖି ଝଲସି ଯିବ, ସିଏ ପ୍ରାୟ ଅନ୍ଧ ହୋଇଗଲା ପରି ହୋଇଯିବ, ସେହି ବିପୁଳତାବୋଧର ଝଡ଼ଟି ଦ୍ୱାରା ସିଏ ସତେଅବା ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯିବ ଅଥବା

'oaob.nitrkl.ac.in' images reprocessed

ଆପଣାର ଭାରସାମ୍ୟଟିକୁ ସେ ସମ୍ପୂର୍ଣ୍ଣ ଭାବରେ ହରାଇ ବସିବ । ଏବଂ ତଥାପି ସେତେବେଳେ ମଧ୍ୟ ଅତିମାନସଠାରୁ ଅନେକ ଦୂରରେ ଯାଇ ରହିଥିବ ।

ଜଣେ ଯୋଗୀ ଯେ ସବୁ କଥା ଜାଣିପାରିବ ଏବଂ ଯାହାକିଛି ପ୍ରଶ୍ନର ଉତ୍ତର ଦେଇପାରିବ, ସାଧାରଣଙ୍କର ଏହି ଧାରଣାଟି ପଛରେ ଏହି ପ୍ରକୃତ କଥାଟି ରହିଛି ଯେ, ମନଭିତରେ ଏପରି ଏକ ଭୂମି ରହିଛି, ଯେଉଁଠାରେ କି ଯାବତୀୟ ବିଷୟର ସ୍ମୃତି ଗଚ୍ଛିତ ହୋଇ ରହିଛି ଏବଂ ସେହି ସ୍ମୃତିଟି ସର୍ବଦାହିଁ ବଳବତ୍ତର ରହିଛି । ପୃଥିବୀଜୀବନର ଯାବତୀୟ ମାନସିକ ଗତିସ୍ପନ୍ଦନ ଠିକ୍ ଏହି ଭୂମିରେ ସ୍ମୃତିବଦ୍ଧ ହୋଇ ରହିଥାଏ ଏବଂ ଲିପିବଦ୍ଧ ହୋଇ ରହିଥାଏ । ଯେଉଁ ବ୍ୟକ୍ତିମାନେ ସେଯାଏ ଯିବାକୁ ସମର୍ଥ ହୁଅନ୍ତି ଏବଂ ସେହି ଶ୍ରମଟିକୁ କରିବା ଲାଗି ସମ୍ମତ ହୁଅନ୍ତି, ସେମାନେ ସେହି ଆଗାରଟିରେ ଯାଇ ନିଜର ଇଚ୍ଛାନୁସାରେ ପଢ଼ିପାରନ୍ତି ଏବଂ ଯେକୌଣସି ଶିକ୍ଷା ମଧ୍ୟ କରିପାରନ୍ତି । ମାତ୍ର ଏହି କ୍ଷେତ୍ରଟିକୁ ଭୁଲରେ ପଡ଼ି କଦାପି ଅତିମାନସର କ୍ଷେତ୍ରଗୁଡ଼ିକ ବୋଲି ଭାବିବା ଉଚିତ ହେବ ନାହିଁ । ଏବଂ, ତଥାପି ଏହି କ୍ଷେତ୍ରଟିରେ ବି ଯାଇ ପହଞ୍ଚି ପାରିବା ଲାଗି ତୁମକୁ ଜଡ଼ସ୍ଥ ଅର୍ଥାତ୍ ଭୌତିକ ମନର ଯାବତୀୟ କ୍ରିୟାତ୍ମକତାକୁ ନୀରବ କରି ଆଣିବା ଲାଗି କ୍ଷମତା ହାସଲ କରିବାକୁ ପଡ଼ିଥାଏ, ଆପଣାର ଯାବତୀୟ ଇନ୍ଦ୍ରିୟବୋଧକୁ ପରିହାର କରିଆସି ତୁମର ସାଧାରଣ ମନଃପ୍ରତ୍ୟୟ ଯାବତୀୟ ଗତିସ୍ପନ୍ଦନକୁ ମଧ୍ୟ ନିର୍ବାପିତ କରିଦେବାକୁ ହୋଇଥାଏ । ଆପଣାର ପ୍ରାଣିକ ମଧ୍ୟରୁ ବାହାରି ଆସିବାକୁ ହୋଇଥାଏ, ଶରୀରର ଦାସତ୍ୱ ଭିତରୁ ମୁକ୍ତ ହେବାକୁ ବି ହୋଇଥାଏ । ତେବେଯାଇ ତୁମେ ସେହି ରାଜ୍ୟ ମଧ୍ୟରେ ପ୍ରବେଶ କରିପାର ଓ ଦେଖିବାକୁ ସମର୍ଥ ହୁଅ । ମାତ୍ର, ଏହି ଉଦ୍ୟମଟିକୁ କରିବା ଲାଗି ଯଦି ତୁମ ଭିତରେ ଯଥେଷ୍ଟ ଆଗ୍ରହ ରହିଥାଏ, ତେବେ ତୁମେ ନିଶ୍ଚୟ ସେଠାରେ ପହଞ୍ଚି ପାରିବ ଏବଂ ପୃଥିବୀ-ସ୍ମୃତିର ପଟ୍ଟଟି ଉପରେ ଯାହାସବୁ ଲେଖାହୋଇ ରହିଛି, ତୁମେ ସେଗୁଡ଼ିକୁ ନିଶ୍ଚୟ ପାଠ କରିପାରିବ ।

ତେଣୁ, ଯଦି ତୁମେ ନୀରବତାର ଗଭୀର ମଧ୍ୟରେ ପ୍ରବେଶ କରିପାରିବ, ତେବେ ତୁମେ ଚେତନାର ଏପରି ଗୋଟିଏ ସ୍ତରରେ ଯାଇ ପହଞ୍ଚିବ, ଯେଉଁଠାରେ କି ତୁମର ଯାବତୀୟ ପ୍ରଶ୍ନର ଉତ୍ତର ପାଇବା ତୁମ ଲାଗି ମୋଟେ ଅସମ୍ଭବ ହେବ ନାହିଁ । ଏବଂ, ଯଦି ଏପରି ଜଣେ ବ୍ୟକ୍ତି ରହିଥିବେ ଯିଏକି ଅତିମାନସର ପରିପୂର୍ଣ୍ଣ ସତ୍ୟଟି ଆଡ଼କୁ ସଚେତନ ଭାବରେ ଉନ୍ମୁକ୍ତ ହୋଇ ପାରିଥିବେ, ତାହା ସହିତ ସତତ ସମ୍ପର୍କରେ ଅବସ୍ଥାନ କରୁଥିବେ, ତେବେ ସେ ସୁନିଶ୍ଚିତ ଭାବରେ ଉତ୍ତର ଦେବାର ଯୋଗ୍ୟ ଯେକୌଣସି ପ୍ରଶ୍ନର ଉତ୍ତର ଦେଇପାରିବେ, ଅତିମାନସ ପରମାଲୋକର ପ୍ରତିଫଳନ ଦ୍ୱାରା ସିଏ ତାହା କରିପାରିବେ । ମାତ୍ର, ଏହି

'oaob.nitrkl.ac.in' images reprocessed

କ୍ଷେତ୍ରରେ ଯାହାକିଛୁ ପଡ଼ିଯିବ, ତାହା ବସ୍ତୁଗୁଡ଼ିକର ପଶ୍ଚାତରେ ରହିଥିବା ସତ୍ୟ ତଥା ବାସ୍ତବତା ବୋଧର କୌଣସି ନା କୌଣସି କ୍ଷେତ୍ରରୁ ଉଦ୍ଭୂତ ହୋଇ ଆସିପାରୁଥିବା ଦରକାର । ଏପରି ଅନେକାନେକ ପ୍ରଶ୍ନ ରହିଛି, ବହୁ-ଆଲୋଚିତ ଏପରି ଅନେକ ସମସ୍ୟା ରହିଛି, ଯେଉଁଗୁଡ଼ିକ କି କେବଳ ମନଃପ୍ରସୂତ ନାନା ଇଚ୍ଛାକଳ୍ପନାରୁ ବୁଣା ହୋଇଥିବା ଗୋଟିଏ ଗୋଟିଏ ଜାଲ ପରି ହୋଇ ରହିଥାନ୍ତି ବା ବସ୍ତୁଗୁଡ଼ିକର ଭ୍ରମମୟ ଉପରିସ୍ତରଗୁଡ଼ିକରେହିଁ ବିଚରଣ କରିବାରେ ଲାଗିଥାନ୍ତି । ଏଗୁଡ଼ିକୁ ପ୍ରକୃତ ଜ୍ଞାନ ବୋଲି ଆଦୌ କୁହାଯିବ ନାହିଁ; ସେଗୁଡ଼ିକ ହେଉଛନ୍ତି ଜ୍ଞାନର ଗୋଟିଏ ଗୋଟିଏ ବିକୃତି ଏବଂ ସେଗୁଡ଼ିକ କେବଳ ଅଜ୍ଞାନର ଉପାଦାନକୁହିଁ ବହନ କରୁଛନ୍ତି । ମାତ୍ର ଏକଥା ମଧ୍ୟ ବେଶ୍ ସମ୍ଭବ ଯେ, ଯେଉଁମାନେ ମନର ଭୂମିରେ ରହି ଯାବତୀୟ ପ୍ରଶ୍ନ କରନ୍ତି, ସେମାନଙ୍କ ଲାଗି ମଧ୍ୟ ତାହା ସନ୍ତୋଷଦାୟକ ହୋଇ ପାରିବ ନାହିଁ, ହୁଏତ ବୋଧ ବି ହେବ ନାହିଁ । ଅତିମାନସ ଠିକ୍ ମନର ରୀତିକୁ ଅନୁସରଣ କରି କାର୍ଯ୍ୟ କରୁ ବୋଲି ତୁମେ କଦାପି ଆଶା କରିପାରିବ ନାହିଁ. ଅଥବା ସତ୍ୟସ୍ଥ ଜ୍ଞାନ ଖଣ୍ଡ ଖଣ୍ଡ ହୋଇ ଅଜ୍ଞାନର ଅର୍ଦ୍ଧଜ୍ଞାନ ସହିତ ଯୋଡ଼ାହୋଇ ରହୁ ବୋଲି ମଧ୍ୟ ତୁମେ କଦାପି ଦାବି କରି ବି ପାରିବ ନାହିଁ । ମନର ଯୋଜନା ହେଉଛି ଗୋଟିଏ ଜିନିଷ, ମାତ୍ର ଅତିମାନସ ହେଉଛି ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଆଉ ଗୋଟିଏ ଜିନିଷ; ଏବଂ ମନଃପ୍ରସୂତ ଯୋଜନାର ତାତ୍କାଳିକ ଆବଶ୍ୟକତାଗୁଡ଼ିକ ସହିତ ଆପଣାକୁ ଖାପଖୁଆଇ କାର୍ଯ୍ୟ କରୁଥିବା ପର୍ଯ୍ୟନ୍ତ ସେହି କାର୍ଯ୍ୟକୁ ଅତିମାନସ କାର୍ଯ୍ୟ ବୋଲି କଦାପି କୁହାଯିବ ନାହିଁ । ତେଣୁ ଗୋଟିକୁ କଦାପି ଆଉଗୋଟିଏ ସହିତ ତୁଳନା କରାଯାଇ ପାରିବ ନାହିଁ ଏବଂ ଦୁଇଟିକୁ କଦାପି ଗୋଟିଏ ଜାଗାରେ ରଖି ବିଚାର କରାଯାଇ ପାରିବ ନାହିଁ ।

ଯେତେବେଳେ ଚେତନା ଅତିମାନସ ଆନନ୍ଦାନୁଭୂତିର ସ୍ତରକୁ ଉନ୍ନୀତ ହୋଇଯାଏ, ସେତେବେଳେ କ'ଣ ତାହାର ମନଃପ୍ରସୂତ ବ୍ୟାପାର ତଥା ବସ୍ତୁଗୁଡ଼ିକ ବିଷୟରେ ଆଉ କୌଣସି ଆଗ୍ରହ ରହେ ନାହିଁ ?

ମନ ଯେପରି ଆପଣା ଆୟତନର ବସ୍ତୁଗୁଡ଼ିକ ବିଷୟରେ ଆଗ୍ରହୀ ହୋଇ ରହିଥାଏ, ଅତିମାନସ ସେଗୁଡ଼ିକ ସହିତ କଦାପି ସେପରି ଭାବରେ ଆଗ୍ରହୀ ହୋଇ ରହି ନ ଥାଏ । ବିଶ୍ୱଭୁବନର ଯାବତୀୟ ବ୍ୟାପାରରେ ଅତିମାନସ ତା'ର ଆପଣା ରୀତିରେହିଁ ଆଗ୍ରହ ପ୍ରକାଶ କରିଥାଏ, ଏକ ଭିନ୍ନ ଦୃଷ୍ଟିକୋଣରୁ ତଥା ଅନ୍ୟ ଏକ ଭବିଷ୍ୟଦୃଷ୍ଟି ରଖିହିଁ ତାହା ସେଗୁଡ଼ିକରେ ଆଗ୍ରହ ପ୍ରକାଶ କରିଥାଏ । ପୃଥିବୀ ଅତିମାନସ ସମ୍ମୁଖରେ ଏକ ସମ୍ପୂର୍ଣ୍ଣ ଭିନ୍ନ ରୂପରେ ଆସି ଦେଖା ଦେଇଥାଏ;

'oaob.nitrkl.ac.in' images reprocessed

ଅଧିମାନସର ଭୂମିରେ ଅବଲୋକନର ସାଥରେ ସମ୍ପୂର୍ଣ୍ଣ ଭାବରେ ଏକ ଉତ୍କ୍ରମଣ ଘଟିଥାଏ, ଏବଂ ମନ ଆଗରେ ଯାହା ଯେପରି ଭାବରେ ପ୍ରତୀତ ହେଉଥାଏ, ଅଧିମାନସର ଭୂମିରୁ ତାହା ସର୍ବଦା ଅନ୍ୟପ୍ରକାରେ ପରିଦୃଷ୍ଟ ହୁଏ ଏବଂ ଅନେକ ସମୟରେ ସମ୍ପୂର୍ଣ୍ଣ ବିପରୀତ ହୋଇ ମଧ୍ୟ ଦେଖାଦିଏ । ସେଠାରେ ବସ୍ତୁଗୁଡ଼ିକ ସମ୍ପୂର୍ଣ୍ଣ ଅନ୍ୟ ଏକ ଅର୍ଥ ଧାରଣ କରନ୍ତି; ସେଗୁଡ଼ିକର ବହିର୍ବସ୍ତିକୁ, ଗତି ତଥା ପ୍ରକ୍ରିୟାଟିକୁ, ସେଗୁଡ଼ିକ ସହିତ ସମ୍ବନ୍ଧିତ ହୋଇ ରହିଥିବା ସବୁକିଛୁକୁ ଅନ୍ୟ ଚକ୍ଷୁମାନେ ଅବଲୋକନ କରିବାରେ ଲାଗିଥାନ୍ତି । ଏଠାରେ ସବୁକିଛୁ ଅଧିମାନସ ଦ୍ୱାରାହିଁ ଅନୁସୃତ ହେଉଥାଏ; ମନର ଯାବତୀୟ ଗତିସ୍ପନ୍ଦନ, ପ୍ରାଣିକ ଓ ଜଡ଼ସ୍ତରୀୟ ଯାବତୀୟ ଗତିସ୍ପନ୍ଦନ ଅଧିମାନସ ଦ୍ୱାରାହିଁ ଅନୁସୃତ ହୁଏ; ଅଧିମାନସ ଏକ ଅତ୍ୟନ୍ତ ଗଭୀର ଆଗ୍ରହର ସହିତ ବିଶ୍ୱଭୁବନର ଯାବତୀୟ କ୍ରୀଡ଼ାକୁ ଅନୁସରଣ କରିବାରେ ଲାଗିଥାଏ ସତ, ମାତ୍ର ଏକ ସମ୍ପୂର୍ଣ୍ଣ ଅନ୍ୟପ୍ରକାର ଆଗ୍ରହରେ ସେଗୁଡ଼ିକର ଅନୁସରଣ କରେ । କୌଣସି ଏକ ପୁତ୍ତଳିନାଚରେ ଯେଉଁ ବ୍ୟକ୍ତି ହାତରେ ରଜ୍ଜୁଗୁଡ଼ିକ ଧରିଥାଏ, ପୁତ୍ତଳିଗୁଡ଼ିକ କେତେବେଳେ କ'ଣ କରିବେ ଓ କିପରି ଅଙ୍ଗସଞ୍ଚାଳନ କରିବେ, ସେଗୁଡ଼ିକୁ ସେ ଭଲକରି ଜାଣିଥାଏ, ତାହାରି ଇଚ୍ଛା ଅନୁସାରେହିଁ ପୁତ୍ତଳିଗୁଡ଼ିକ ଚାଲିବାରେ ଲାଗିଥାନ୍ତି ଏବଂ ସିଏ ପୁତ୍ତଳିଗୁଡ଼ିକୁ କେବଳ ଯେପରି ଭାବରେ ଚଳାଏ, ସେଗୁଡ଼ିକ ଠିକ୍ ସେହିପରି ଭାବରେହିଁ ଚାଳିତ ହେବାରେ ଲାଗିଥାନ୍ତି । ସେଠାରେ ହୁଏତ ଆଉଜଣେ ବ୍ୟକ୍ତି ରହିଥାଏ, ସିଏ ନାଚଟିକୁ ଦେଖିବାରେ ଲାଗିଥାଏ ସତ, ମାତ୍ର ସେ ମୁହୂର୍ତ୍ତ ପରେ ମୁହୂର୍ତ୍ତ ଯାହାକିଛି ଘଟୁଥାଏ, କେବଳ ତାହାକୁହିଁ ଦେଖୁଥାଏ, ମାତ୍ର ତଦ୍‌ବ୍ୟତୀତ ଆଉ କିଛିହେଲେ ଜାଣି ନ ଥାଏ । ଏହି ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ଯେଉଁ ପାର୍ଥକ୍ୟଟି ରହିଥାଏ, ମନ ଏବଂ ଅଧିମାନସ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ଆମେ ସେହିପରି ଏକ ପାର୍ଥକ୍ୟ ବୋଲି ଜାଣିବା । ବାହାରେ ଥାଇ ଯେଉଁ ବ୍ୟକ୍ତିଟି ପୁତ୍ତଳିନାଚଟିକୁ ଦେଖୁଥାଏ ଏବଂ ନାଚଟିର ଯାବତୀୟ ରହସ୍ୟଟିର ବାହାରେ ରହିଥାଏ, ଘଟୁଥିବା ଯାବତୀୟ ଘଟଣାରେ ତାହାର ଅପେକ୍ଷାକୃତ ଏକ ଅଧିକ ଶକ୍ତିଶାଳୀ, ଅଧିକ ଉଗ୍ରକତାପୂର୍ଣ୍ଣ ଏବଂ ପ୍ରବଳତାଯୁକ୍ତ ଆଗ୍ରହ ରହିଥାଏ ଏବଂ ନାଚର ହଠାତ୍ ଘଟିଯାଉଥିବା ନାଟକୀୟ ଘଟଣାଗୁଡ଼ିକୁ ତାହା ବେଶ୍ ଉତ୍ତେଜିତ ମନୋଯୋଗ ସହିତ ଦେଖିବାରେ ଲାଗିଥାଏ । ମାତ୍ର, ଅନ୍ୟ ବ୍ୟକ୍ତିଜଣକ, ସିଏକି ଆପଣା ହାତରେ ରଜ୍ଜୁଗୁଡ଼ିକୁ ଧରି ପୁତ୍ତଳିନାଚଟିର ସଞ୍ଚାଳନା କରୁଥାଏ, ସିଏ ସବୁବେଳେ ସମ୍ପୂର୍ଣ୍ଣ ଅବିଚଳିତ ଏବଂ ଶାନ୍ତ ହୋଇ ରହିଥାଏ । ଏପରି ଏକ ସ୍ୱତନ୍ତ୍ର ଧରଣର ଆଗ୍ରହଗତ ସଘନତା ରହିଛି, କେବଳ ଅଜ୍ଞାନରୁହିଁ ଯାହାର ଉଦ୍‌ଭବ ହୋଇଥାଏ ଏବଂ ତାହା ନାନା ଭ୍ରମଭିତରେ ବାନ୍ଧିହୋଇ ରହିଥାଏ । ଅଜ୍ଞାନ ମଧ୍ୟରୁ ତୁମେ ବାହାରି ଆସିପାରିଲେ

'oaob.nitrkl.ac.in' images reprocessed

ସେହି ଭ୍ରମକୁ ନିଶ୍ଚିତ ଭାବରେ ଅପସର ଯିବାକୁହିଁ 'ହୋଇଥାଏ । ବସ୍ତୁଗୁଡ଼ିକ ବିଷୟରେ ମନୁଷ୍ୟମାନେ ସାଧାରଣତଃ ଯେଉଁ ଆଗ୍ରହ ରଖିଥାନ୍ତି, ସେଗୁଡ଼ିକ ଭ୍ରମ ଉପରେ ଆଧାରିତ ହୋଇ ରହିଥାଏ; ଯଦି ସେହି ଭ୍ରମଟିକୁ ଅପସାରିତ କରିଦିଆ ଯାଆନ୍ତା, ତେବେ ସେମାନଙ୍କର ପୁତ୍ତଳନାଚଟିରେ ଆଉ କଦାପି ଏତେବେଶୀ ଆଗ୍ରହ ହୁଅନ୍ତା ନାହିଁ, ସମସ୍ତ ନୃତ୍ୟଟି ସେମାନଙ୍କୁ କେବଳ ଶୁଷ୍କ ଏବଂ ନୀରସ ବୋଲି ବୋଧ ହୁଅନ୍ତା । ଏବଂ, ସେଇଟି ସକାଶେହିଁ ଏହିସବୁ ଯାବତୀୟ ଅଜ୍ଞାନ ଓ ଯାବତୀୟ ଭ୍ରମ ଏତେ ଦୀର୍ଘକାଳ ସ୍ଥାୟୀହୋଇ ରହିପାରିଛି । ମଣିଷମାନେ ସେଗୁଡ଼ିକୁ ଭଲ ପାଉଛନ୍ତି ବୋଲି ସେଗୁଡିକ ସ୍ଥାୟୀ ହୋଇ ରହିଛି, ସେହି ଅଜ୍ଞାନ ଓ ଭ୍ରମଗୁଡିକୁ ସେମାନେ ଜାବୁଡ଼ି ଧରିଛନ୍ତି,—ମଣିଷମାନଙ୍କ ଲାଗି ସେଗୁଡିକର ଯେଉଁ ବିଶେଷ ପ୍ରକାରର ଆକର୍ଷଣ ରହିଛି, ସେଗୁଡିକ ସେହି କାରଣରୁହିଁ ।ତିଷ୍ଠି ରହିଛନ୍ତି ।

ଯଦି ଜଣେ ବ୍ୟକ୍ତି ତା'ର ଶାରୀରିକ ସ୍ଥିତିରେ ଏକ ପରିବର୍ତ୍ତନ ଆଣିବାକୁ ଇଚ୍ଛା କରୁଛି, କୌଣସି ଏକ ଆରୋଗ୍ୟ ହାସଲ କରିବାକୁ ଚାହୁଁଛି ଅଥବା ଶରୀର ମଧ୍ୟରେ ରହିଥିବା କୌଣସି ଅପୂର୍ଣ୍ଣତାରେ ଏକ ସଂଶୋଧନ ଆଣିବାକୁ ଚାହୁଁଛି, ତେବେ ସେଥିଲାଗି ତାକୁ ପ୍ରକୃତରେ କ'ଣସବୁ କରିବାକୁ ହେବ ? ତାହାକୁ ଯେଉଁ ଲକ୍ଷ୍ୟଟିର ଉପଲବ୍‌ଧି କରିବାକୁ ହେବ, ସିଏ କ'ଣ ତାହାର ଚତୁର୍ଦ୍ଦିଗରେହିଁ ଆପଣାକୁ ଅଭିନିବିଷ୍ଟ କରି ରଖିବ ଓ ତା'ପରେ ଆପଣାର ଇଚ୍ଛାଶକ୍ତିକୁ କାର୍ଯ୍ୟରେ ଲଗାଇବ, ନା ସେ କେବଳ ଏହିପରି ଏକ ବିଶ୍ୱାସରେ ବାସ କରୁଥିବ ଯେ ସିଏ ଏହି ଲକ୍ଷ୍ୟଟିକୁ ନିଶ୍ଚୟ ହାସଲ କରିବ; ବା ପରମ ଦିବ୍ୟଶକ୍ତି ଉଚିତ ସମୟରେ ତଥା ଯଥୋଚିତ ମାର୍ଗରେ ଈପ୍‌ସିତ ଫଳଟିକୁ ଅବଶ୍ୟ ସମ୍ଭବ କରିଆଣିବେ, ସିଏ କେବଳ ସେହିପରି ଏକ ବିଶ୍ୱାସ ଧରି ଅପେକ୍ଷା କରି ରହିବ ?

ସେହି ଗୋଟିଏ କାର୍ଯ୍ୟର ସାଧନ କରିବା ଲାଗି ଏଗୁଡ଼ିକ ହେଉଛି ଭିନ୍ନ ଭିନ୍ନ ବାଟ, ଏବଂ ଭିନ୍ନ ଭିନ୍ନ ପରିସ୍ଥିତିରେ ଏହି ସବୁଯାକ ବାଟହିଁ ଫଳପ୍ରଦ ଭାବରେ ବ୍ୟବହୃତ ହୋଇପାରିବେ । କେଉଁ ବାଟ ବା ପଦ୍ଧତିଟି ଗ୍ରହଣ କଲେ ତୁମେ ସବୁଠାରୁ ଅଧିକ ସଫଳତା ଅର୍ଜନ କରିପାରିବ, ତାହା ତୁମେ ଆପଣା

'oaob.nitrkl.ac.in' images reprocessed

ମଧ୍ୟରେ ବିକଶିତ କରାଇ ଆଣିଥିବା ଚେତନା ଉପରେହିଁ ନିର୍ଭର କରିବ; ଯେଉଁସବୁ ଶକ୍ତିକୁ ଆଣି ତୁମେ କାର୍ଯ୍ୟରେ ଲଗାଇ ପାରିବ, ସେହି ଶକ୍ତିଗୁଡ଼ିକର ସ୍ୱଭାବ ଉପରେ ମଧ୍ୟ ତାହା ନିର୍ଭର କରିବ । ତୁମେ ଯେ ସମ୍ପୂର୍ଣ୍ଣ ଭାବରେ ଆରୋଗ୍ୟ ଲାଭ କରିବ ବା ପରିବର୍ତ୍ତିତ ହୋଇଯାଇ ପାରିବ, ତୁମେ ସେହିପରି ଏକ ଚେତନାରେ ଅବସ୍ଥିତ ରହିପାରିବ, ଆପଣାର ଅନ୍ତର୍ଗତ ଗଠନର ଶକ୍ତିଟିକୁ ପ୍ରୟୋଗ କରି ତୁମେ ତା'ପରେ କ୍ରମଶଃ ଈପ୍ସିତ ବାହ୍ୟ ପରିବର୍ତ୍ତନଟିକୁ ସମ୍ଭବ କରିପାରିବ । ଅଥବା, ଯେଉଁ ଶକ୍ତିଟି ଏହିସବୁ ଅରୋଗ୍ୟ ଏବଂ ପରିବର୍ତ୍ତନକୁ ପ୍ରକୃତରେ ସମ୍ଭବ କରିପାରିବ, ଯଦି ତୁମେ ସେହି ଶକ୍ତିଟି ବିଷୟରେ ଅବଗତ ଥିବ ଏବଂ ଆପଣାର ଚକ୍ଷୁ ସମକ୍ଷରେ ତାହାକୁ ପ୍ରତ୍ୟକ୍ଷ କରିପାରୁଥିବ, ତାହାକୁ କାର୍ଯ୍ୟକାରୀ କରିପାରିବାର କୌଶଳ ଯଦି ତୁମ ପାଖରେ ରହିଥିବ, ତେବେ ତୁମେ ସେହି ଶକ୍ତିଟିକୁ ନିଶ୍ଚୟ ଆବାହନ କରି ଅବତରଣ କରାଇ ନେଇ ଆସିପାରିବ ଏବଂ, ଯେଉଁସବୁ ଅଂଶରେ ତାହାର କାର୍ଯ୍ୟକାରିତାର ଆବଶ୍ୟକତା ରହିଛି, ତୁମ ସତ୍ତାର ସେହିସବୁ ଅଂଶରେ ତାହାକୁ ସନ୍ନିବିଷ୍ଟ କରିଦେଇ ପାରିବ । ତେବେ ସେହି ଶକ୍ତି ତୁମ ମଧ୍ୟରେ ଆବଶ୍ୟକ ପରିବର୍ତ୍ତନଟିକୁ ଅବଶ୍ୟ ସମ୍ଭବ କରିଦେବ । ଅଥବା, ପୁନଶ୍ଚ, ଆପଣାର ଯାବତୀୟ ଅଭୀପ୍ସା ଓ ସମସ୍ୟାକୁ ନେଇ ତୁମେ ପରମ ଭଗବତ୍‌-ସତ୍ତାଙ୍କ ସମ୍ମୁଖରେ ଉପସ୍ଥାପିତ କରିଦେଇ ପାରିବ, ଏବଂ ତାଙ୍କର ପାଖରେ ଆରୋଗ୍ୟର ଭିକ୍ଷା କରିପାରିବ, ସେହି ଭଗବତ୍‌ ପରମଶକ୍ତି ଉପରେ ସମ୍ପୂର୍ଣ୍ଣ ଆସ୍ଥାର ସହିତ ଆପଣାର ଭରସା ରଖିଥିବ ।

ମାତ୍ର, ତୁମେ ଯାହାକିଛି କର ନା କାହିଁକି, ଯେଉଁ ପ୍ରକ୍ରିୟାଟିକୁ ଉପାୟ ରୂପେ ଗ୍ରହଣ କର ନା କାହିଁକି, ଯଦି ତୁମେ ସେହି କ୍ଷେତ୍ରରେ ଏକ ବୃହତ୍‌ କୌଶଳ ଏବଂ ଶକ୍ତି ଅର୍ଜନ କରିପାରିଥିବ, ତେବେ ମଧ୍ୟ ତୁମକୁ ନିଶ୍ଚୟ ଦିବ୍ୟ ପରମସତ୍ତାଙ୍କ ହାତରେହିଁ ଫଳର ସମ୍ପୂର୍ଣ୍ଣ ପ୍ରସଙ୍ଗଟିକୁ ଛାଡ଼ିଦେବାକୁ ପଡ଼ିବ । ତୁମେ ନିଶ୍ଚୟ ସର୍ବଦାହିଁ ପ୍ରୟାସ କରିପାରିବ ସତ, ମାତ୍ର, ସେହି ପ୍ରୟାସର ଫଳ ତୁମକୁ ପ୍ରକୃତରେ ପ୍ରାପ୍ତ ହେବ କି ନାହିଁ, ତାହା ସର୍ବଦା ସେହି ପରମ ଦିବ୍ୟସତ୍ତାଙ୍କ ଉପରେହିଁ ନିର୍ଭର କରିବ । ସେହି ସ୍ଥଳରେ ତୁମର ବ୍ୟକ୍ତିଗତ ଶକ୍ତିର ଆଉ ଅଲଗା କୌଣସି ବଳ ରହିବ ନାହିଁ; ତୁମକୁ ସେଠାରେ ଯେଉଁ ଫଳ ମିଳେ, ତାହା ସେହି ଦିବ୍ୟ ପରମଶକ୍ତିର ଇଚ୍ଛା ଦ୍ୱାରାହିଁ ମିଳେ, ତୁମର ଶକ୍ତି ଦ୍ୱାରା ଆଦୌ କିଛି ମିଳେ ନାହିଁ । ଏହିସବୁ କଥା ପରମ ଦିବ୍ୟସତ୍ତାଙ୍କ ପାଖରେ ଯାଇ ମାଗିବା ଉଚିତ ହେବ କି ନାହିଁ ବୋଲି ତୁମେ ପ୍ରଶ୍ନ ପଚାରିଛ । ମାତ୍ର, କୌଣସି ଏକ ନୈତିକ ଦୋଷର ଦୂରୀକରଣ ନିମନ୍ତେ ପରମ ଦିବ୍ୟସତ୍ତାଙ୍କର ଶରଣାପନ୍ନ ହେବାରେ ଯେପରି କୌଣସି କ୍ଷତି ନାହିଁ, ଶାରୀରିକ କୌଣସି ଏକ ଅପୂର୍ଣ୍ଣତାର ନିରାକରଣ ସକାଶେ

'oaob.nitrkl.ac.in' images reprocessed

ମଧ୍ୟ ତାଙ୍କର ଶରଣାପନ୍ନ ହେବାରେ ସେହିପରି ଆଦୌ କୌଣସି କ୍ଷତି ନାହିଁ । ମାତ୍ର ତୁମେ ତାଙ୍କଠାରୁ ଯାହା କିଛି ମାଗ ନା କାହିଁକି ଅଥବା ସେଥିଲାଗି ତୁମେ ଯାହାକିଛି ଚେଷ୍ଟା କର ନା କାହିଁକି, ଆପଣାର ସର୍ବୋତ୍ତମ ଚେଷ୍ଟାଟି କରୁଥିବା ସମୟରେ ଅଥବା ଆପଣାର ଜ୍ଞାନ ତଥା ଶକ୍ତିକୁ ଆଣି କାମରେ ଲଗାଉଥିବା ସମୟରେ ତୁମକୁ ଅବଶ୍ୟ ଏହିପରି ଅନୁଭବ କରିବାକୁ ପଡ଼ିବ ଯେ କେବଳ ସେହି ଭଗବନ୍ତ୍ ପରମ କରୁଣା ଉପରେହିଁ ଯାହାକିଛି ଫଳ ନିର୍ଭର କରିବ । ଥରେ ଯୋଗର ମାର୍ଗକୁ ନିଜର ମାର୍ଗ ବୋଲି ଗ୍ରହଣ କରିନେଲେ, ତା'ପରେ ତୁମେ ଯାହାକିଛି କରିବ, ତାହାକୁ ଏକ ପରିପୂର୍ଣ୍ଣ ସମର୍ପଣର ଅନ୍ତର୍ଭାବ ଦ୍ୱାରାହିଁ କରିବାକୁ ପଡ଼ିବ । ସେହି କ୍ଷେତ୍ରରେ ତୁମର ଦୃଷ୍ଟିକୋଣଟି ଠିକ୍ ଏହିପରି ହୋଇ ରହିଥିବ : "ମୁଁ ଅଭୀପ୍ସା ରଖିଛି, ମୋର ଅପୂର୍ଣ୍ଣତାଗୁଡ଼ିକର ନିରାକରଣ ଲାଗି ମୁଁ ପ୍ରାଣପଣେ ଚେଷ୍ଟା କରୁଛି, ମୋର ଯତ୍ପରୋନାସ୍ତି ଯାହା କରିବା କଥା ମୁଁ ଅବଶ୍ୟ କରୁଛି, ମାତ୍ର ଏହାଦ୍ୱାରା ମୁଁ କ'ଣ ସବୁ ଫଳ ପାଇବି ବା ନ ପାଇବି, ସେଥିଲାଗି ମୁଁ ନିଜକୁ ସେହି ପରମ ଦିବ୍ୟସତ୍ତାଙ୍କ ହାତରେହିଁ ସମର୍ପିତ କରି ରଖିଛି ।"

"ଫଳ ପ୍ରାପ୍ତି ବିଷୟରେ ମୋର ଆଦୌ କୌଣସି ସନ୍ଦେହ ନାହିଁ; ମୋର ଯାହାକିଛି ଲୋଡ଼ା, ପରମ ଦିବ୍ୟସତ୍ତା ମୋତେ ଅବଶ୍ୟ ତାହା ଦେବେ ବୋଲି ମୁଁ ଭଲକରି ଜାଣିଛି"—ଏପରି କହିବା ଦ୍ୱାରା ପ୍ରକୃତରେ କୌଣସି ଲାଭ ହୁଏ କି ?

ହଁ, ତୁମେ ଇଚ୍ଛା କଲେ କଥାଟିକୁ ସେପରି ଭାବରେ ମଧ୍ୟ ଗ୍ରହଣ କରିପାର । ତୁମେ ଯେ ଆପଣାର ବିଶ୍ୱାସରେ ପ୍ରଗାଢ଼ ହୋଇ ରହିପାରୁଛ, ହୁଏତ ତାହାର ଅର୍ଥ ହେଉଛି ଯେ ତୁମେ ଯାହାକିଛି ଉଦ୍ଦେଶ୍ୟରେ ଏସବୁ କରୁଛ, ତାହା ନିଶ୍ଚୟ ସମ୍ପାଦିତ ହେବ ବୋଲି ପରମ ଦିବ୍ୟସତ୍ତା ଇଚ୍ଛା କରିସାରିଲେଣି । ତୁମ ଭିତରେ ଏକ ଅବିଚଳିତ ବିଶ୍ୱାସ ରହିଛି, ତାହାର ଅର୍ଥ ହେଉଛି ଯେ ପରମ ଦିବ୍ୟ-ଇଚ୍ଛା ତୁମ କାର୍ଯ୍ୟଟିରେ ଅବଶ୍ୟ ବିଦ୍ୟମାନ ରହିଛନ୍ତି; ତୁମ ଚେଷ୍ଟାର ଫଳ କ'ଣ ହେବ, ଏଥିରୁ ତାହାର ମଧ୍ୟ ଏକ ପ୍ରମାଣସୂଚନା ମିଳିଯାଇ ପାରିବ ।

ଯେତେବେଳେ ଜଣେ ବ୍ୟକ୍ତି ନୀରବ ଧ୍ୟାନରେ ମଗ୍ନ ହୋଇ ରହନ୍ତି, ସେତେବେଳେ ପ୍ରକୃତରେ କେଉଁସବୁ ଶକ୍ତି କାର୍ଯ୍ୟକାରୀ ହୋଇ ରହିଥାନ୍ତି ?

'oaob.nitrkl.ac.in' images reprocessed

ଯେଉଁ ବ୍ୟକ୍ତି ଧ୍ୟାନ କରୁଛନ୍ତି, ତାହା ସେହି ବ୍ୟକ୍ତିଙ୍କ ଉପରେହିଁ ନିର୍ଭର କରିବ ।

ମାତ୍ର, ନୀରବ ଧ୍ୟାନ କରୁଥିବା ସମୟରେ ସେହି ବ୍ୟକ୍ତି ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଏକ ଶୂନ୍ୟରେ ପରିଣତ କରିଦେଇ ନ ଥାଏ କି ? ତେବେ ସେହି କ୍ଷେତ୍ରରେ କୌଣସି କଥା ତା' ଉପରେ ନିର୍ଭର କରିବ କିପରି ?

ତୁମେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଏକ ଶୂନ୍ୟରେ ପରିଣତ କରିନେଇ ପାରିଥିଲେ ମଧ୍ୟ ତାହା ତୁମ ଅଭୀପ୍ସାର ପ୍ରକୃତିଟିକୁ କଦାପି ବଦଳାଇଦେଇ ପାରିବ ନାହିଁ ବା ତାହାର ବିଚରଣ-କ୍ଷେତ୍ରଟିକୁ ମଧ୍ୟ ଅନ୍ୟପ୍ରକାର କରିଦେଇ ପାରିବ ନାହିଁ । ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ଅଭୀପ୍ସା କେବଳ ଏକ ମାନସିକ ସ୍ତରରେହିଁ ବିଚରଣ କରିବାରେ ଲାଗିଥାଏ ବା ହୁଏତ ପ୍ରାଣିକ କ୍ଷେତ୍ରଟିରେ ବିଚରଣ କରୁଥାଏ; କେତେକଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ଅଭୀପ୍ସା ବି ରହିଥାଏ । ତୁମର ଅଭୀପ୍ସାଟି ଯେଉଁ ଗୁଣାତ୍ମକ ସ୍ତରର ହୋଇଥିବ, ଅନୁଷ୍ଠାନ ଜଣାଉଥିବା ଶକ୍ତି ଓ ସିଏ କରିବାକୁ ଆସିଥିବା କାର୍ଯ୍ୟଟି ଠିକ୍ ତାହାରି ଉପରେହିଁ ନିର୍ଭର କରିବ । ଧ୍ୟାନ ସମୟରେ ଆପଣାକୁ ଏକ ଶୂନ୍ୟରେ ପରିଣତ କରିଦେଇ ପାରିଲେ ତଦ୍ଵାରା ଏକ ଅନ୍ତର୍ଗତ ନୀରବତାର ସୃଷ୍ଟି ହୋଇଥାଏ; ମାତ୍ର ତା'ର ଅର୍ଥ ନୁହେଁ ଯେ ତୁମେ ତଦ୍ଵାରା ପ୍ରକୃତରେ ଏକ ଅନସ୍ତିତ୍ୱରେ ପରିଣତ ହୋଇଯାଇଛ, ବା ଏକ ମୃତ ଏବଂ ଜୀବନଶକ୍ତିରହିତ ପିଣ୍ଡରେହିଁ ପରିଣତ ହୋଇଯାଇଛ । ଆପଣାକୁ ଏକ ଶୂନ୍ୟ ପାତ୍ରରେ ପରିଣତ କରିଦେବା ଦ୍ଵାରା ତୁମେ, ଯାହା ସେହି ଶୂନ୍ୟ ପାତ୍ରଟିକୁ ପୂର୍ଣ୍ଣ କରିଦେଇ ପାରୁଛି, କେବଳ ତାହାରିହିଁ ଆବାହନ କରୁଛ । ଏହାର ଅର୍ଥ ହେଉଛି ଯେ ତୁମେ ଆପଣା ଅନ୍ତର୍ଗତ ଚେତନାର ଗୃହଟିକୁ ଉପଲବ୍ଧି ନିମନ୍ତେ ବନ୍ଧନମୁକ୍ତ କରିଦେଉଛ । ତୁମ ଚେତନାର ପ୍ରକୃତି ଏବଂ ତାହା ମଧ୍ୟରେ ଯେଉଁମାନଙ୍କରେ ଏକ ରୂପ କାର୍ଯ୍ୟକାରୀ ହେଉଛି, ତୁମେ କେଉଁ ଶକ୍ତିଗୁଡ଼ିକୁ ଆଣି ପ୍ରକୃତରେ କାର୍ଯ୍ୟକାରୀ କରିପାରିବ ଏବଂ ସେହିସବୁ ଶକ୍ତି ତୁମକୁ ପ୍ରକୃତରେ ସାହାଯ୍ୟ କରିବେ, ତୁମର ଉଦ୍ଦେଶ୍ୟଟିକୁ ପୂର୍ଣ୍ଣ କରିବେ କିଂବା ତୁମର କ୍ଷତି କରିବେ ବା ତୁମର ବାଟ ଓଗାଳି ବସିବେ, ସେକଥା ତାହାରି ଉପରେହିଁ ନିର୍ଭର କରିବ ।

ତୁମେ କେଉଁ ପରିବେଶରେ ଧ୍ୟାନମଗ୍ନ ହେବାକୁ ଯାଉଛ, ସେହି ପରିବେଶଟି ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର ହୋଇପାରିବ ଏବଂ ତୁମେ ଯେଉଁସବୁ ଶକ୍ତିକୁ ପ୍ରବିଷ୍ଟ ବା ଅବତରଣ କରାଇ ଆଣିଛ ଏବଂ ସେଗୁଡ଼ିକ ଯେପରି ଭାବରେ କାର୍ଯ୍ୟ

'oaob.nitrkl.ac.in' images reprocessed

କରୁଛନ୍ତି, ତାହା ଉପରେ ପରିବେଶଗୁଡ଼ିକର ନିଶ୍ଚୟ ପ୍ରଭାବ ପଡ଼ିବ । ଯଦି ତୁମେ ଏକାକୀ ହୋଇ ଧ୍ୟାନସ୍ଥ ହେବ, ତେବେ ସେହି କ୍ଷେତ୍ରରେ ତୁମର ଅନ୍ତର୍ଗତ ତଥା ବାହ୍ୟ ପରିବେଶଟିରହିଁ ଯାହାକିଛି ମହତ୍ତ୍ୱ ରହିଥିବ । ଯଦି ତୁମେ ଅନ୍ୟମାନଙ୍କ ସହିତ ଏକାଠି ବସି ଧ୍ୟାନ କରୁଥିବ, ତେବେ ସାଧାରଣ ପରିବେଶଟିକୁହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି କହିବାକୁ ପଡ଼ିବ । ମାତ୍ର, ଦୁଇଟିଯାକ ସ୍ଥିତିରେହିଁ ପରିବେଶଗୁଡ଼ିକ ସତତ ବଦଳି ବଦଳିହିଁ ଯାଉଥିବ ଏବଂ ଅନୁସନ୍ଧାନକାରୀ ଶକ୍ତିଚୟ ମଧ୍ୟ ଦୁଇଥର ପାଇଁ ବି କଦାପି ସେହି ଏକାଭଳି ହୋଇ ରହି ନ ଥିବେ । ଏକ ସମ୍ମିଳିତ ଅଭିନିବେଶନକୁ ଯଥାର୍ଥ ଭାବରେ ସମ୍ଭବ କରିପାରିଲେ ତାହା ଏକ ବୃହତ୍ ଶକ୍ତିରେ ନିଶ୍ଚୟ ପରିଣତ ହୋଇପାରିବ । ଏକ ପ୍ରଚଳିତ କଥା ଅନେକ ଦିନରୁ ରହି ଆସିଛି ଯେ ଯଦି ବାରଜଣ ନିଷ୍ଠାପର ବ୍ୟକ୍ତି ଆପଣାର ଅଭୀପ୍ସା ଏବଂ ଇଚ୍ଛାଶକ୍ତିକୁ ଏକତ୍ର ସଂଯୁକ୍ତ କରି ପରମ ଦିବ୍ୟସତ୍ତାଙ୍କର ଆବାହନ କରି ପାରିବେ, ତେବେ ଭଗବତ୍-ପରମସତ୍ତା ନିଶ୍ଚୟ ଆସି ପ୍ରକଟ ହୋଇଯିବେ । ମାତ୍ର ସେଥିଲାଗି ଇଚ୍ଛାଶକ୍ତି ସଂପୂର୍ଣ୍ଣ ଭାବରେ ଏକାଗ୍ର ହୋଇଥିବା ଆବଶ୍ୟକ, ଅଭୀପ୍ସାଟି ମଧ୍ୟ ସଂପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହୋଇଥିବା ଆବଶ୍ୟକ । ଯେଉଁମାନେ ଏକତ୍ର ଧ୍ୟାନ କରିବାର ପ୍ରଚେଷ୍ଟା କରିଥାନ୍ତି, ସେମାନେ ହୁଏତ ଆପଣା ଆପଣାର ଜଡ଼ତାରେହିଁ ପରସ୍ପର ସହିତ ସଂଯୁକ୍ତ ବି ହୋଇପାରନ୍ତି ଅଥବା ଏପରିକି ଆପଣାର କୌଣସି ଭ୍ରାନ୍ତି ଅଥବା ବିକୃତ ବାସନାର କ୍ଷେତ୍ରରେ ମଧ୍ୟ ସଂଯୁକ୍ତ ହୋଇ ରହିପାରନ୍ତି । ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସେତେବେଳେ ପରିଣାମଟି ମଧ୍ୟ ଭାରି ଅନିଷ୍ଟକାରକ ହେବାର ଏକ ସଂପୂର୍ଣ୍ଣ ଆଶଙ୍କା ବିଦ୍ୟମାନ ରହିଥିବ ।

ଧ୍ୟାନସ୍ଥ ହେବା ସମୟରେ ସର୍ବପ୍ରଥମ ଅପରିହାର୍ଯ୍ୟ ଆବଶ୍ୟକତାଟି ହେଉଛି ଯେ ତୁମର ସମୁଦାୟ ଚେତନାଟିର ସ୍ତରରେ ତୁମେ ସଂପୂର୍ଣ୍ଣ ଏବଂ ଏକାନ୍ତ ଭାବରେ ନିଷ୍ଠାପର ହୋଇ ରହିଥିବ । ଏହା ଏକାନ୍ତ ଆବଶ୍ୟକ ଯେ ତୁମେ ନିଜକୁ କଦାପି ଠକିବ ନାହିଁ, ଅନ୍ୟମାନଙ୍କୁ ଠକିବ ନାହିଁ ଅଥବା ଅନ୍ୟମାନଙ୍କର ଠକାମିର ଶିକାର ବି ହେବ ନାହିଁ । ଅନେକ ସମୟରେ ଲୋକମାନଙ୍କର ଏକ ଇଚ୍ଛା ରହିଥାଏ, ମନର ସ୍ତରରେ କୌଣସି ଏକ ଅଭିରୁଚି ରହିଥାଏ, ବା ହୁଏତ ପ୍ରାଣିକ ସ୍ତରରେ କୌଣସି ବାସନା ବି ରହିଥାଏ । ଅନୁଭୂତିଟି ଏକ ନିର୍ଦ୍ଦିଷ୍ଟ ଗାଢରେ ଘଟୁ ବା ସେମାନଙ୍କର ଭାବନା, ଅଭିରୁଚି ବା ବାସନାଟିକୁ ସନ୍ତୁଷ୍ଟ କରିବାଭଳି ଏକ ନିର୍ଦ୍ଦିଷ୍ଟ ପଥରେ ଗତି କରୁ ବୋଲି ବି ସେମାନେ ଇଚ୍ଛା କରୁଥାନ୍ତି । ସେମାନେ ଆପଣାକୁ କଦାପି ଶୂନ୍ୟ ବା ପୂର୍ବଗ୍ରହମୁକ୍ତ କରି ରଖି ନ ଥାନ୍ତି; ଯାହାକିଛି ଘଟୁଥାଏ, ସରଳ ଓ ନିଷ୍ଠାଯୁକ୍ତ ଭାବରେ ସେମାନେ ସେଇଟିକୁ କଦାପି ଅବଲୋକନ କରୁ ନ ଥାନ୍ତି । ତେବେ,

'oaob.nitrkl.ac.in' images reprocessed

ଯାହାକିଛି ଘଟୁଛି ଯଦି ତାହା ତୁମର ମନୋମତ ନ ହେଉଥାଏ, ତେବେ ତୁମେ ଖୁବ୍ ସହଜରେ ଆପଣାକୁ ଠକିଦେଇପାରିବ; ସେତେବେଳେ ତୁମେ ହୁଏତ ଗୋଟିଏ କଥା ଦେଖୁଥିବ, ମାତ୍ର ସେଇଟିକୁ ଟିକିଏ ଅନ୍ୟ ପ୍ରକାରେ ମୋଡ଼ିଦେଇ ହୁଏତ ଆଉକିଛିରେ ପରିଣତ କରିଦେଉଥିବ । ଅଥବା, ଯେଉଁ କଥାଟି ହୁଏତ ଖୁବ୍ ସରଳ ଓ ସିଧାହୋଇ ରହିଥିବ, ତୁମେ ଚତୁରତାର ସହିତ ସେଇଟିକୁ କଳ୍ପିତ ପରିମାଣରେ ଜଟିଳ ଓ ବିକୃତ କରିଦେବ ବା ସେଇଟିକୁ ଅଯଥା ବଢ଼ାଇଦେଇ ତାହାକୁ ଏକ ଅସାଧାରଣ ଅନୁଭୂତି ବୋଲି ଅନୁଭବ କରିବାକୁ ଆରମ୍ଭ କରିବ । ଧ୍ୟାନରେ ବସିଲାବେଳେ ଠିକ୍ ଏକ ସରଳ ବାଳକପରି ତୁମକୁ ସରଳ ଓ ନିର୍ମଳ ହେବାକୁ ପଡ଼ିବ । ସେତେବେଳେ ତୁମର ବାହ୍ୟ ମନଟା ଆଦୌ କୌଣସି ହସ୍ତକ୍ଷେପ କରୁ ନ ଥିବ, ତୁମେ କିଛିହେଲେ ପ୍ରତ୍ୟାଶା ରଖି ନ ଥିବ, କ'ଣ ଗୋଟାଏ ପାଇବ ବୋଲି କୌଣସି ଜିଦ୍ କରୁ ନ ଥିବ । ଥରେ ଏପରି ଏକ ପରିବେଶ ସୃଷ୍ଟି ହୋଇଯାଇ ପାରିଲେ, ତୁମ ଅନ୍ତରର ଗଭୀରରେ ରହିଥିବା ଅଭୀପ୍ସା ଉପରେହିଁ ତା'ପରେ ସବୁକିଛି ନିର୍ଭର କରିବ । ଯଦି ଭିତରୁ ତୁମେ ଶାନ୍ତିର ଯାଚନା କରିବ, ତେବେ ତୁମକୁ ଶାନ୍ତିହିଁ ମିଳିବ ; ବଳ, ଶକ୍ତି ଓ ଜ୍ଞାନର ଯାଚନା କଲେ ବି ସେସବୁ ଅବଶ୍ୟ ମିଳିବ । ମାତ୍ର, ଗ୍ରହଣ କରିବା ଲଗି ତୁମ ଭିତରେ ଯେତିକି ସାମର୍ଥ୍ୟ ରହିଥିବ, ତୁମକୁ ସବୁକିଛି ଠିକ୍ ସେହି ପରିମାଣରେହିଁ ମିଳିବ । ଏବଂ, ଯଦି ତୁମେ ପରମ ଦିବ୍ୟ ସତ୍ତାଙ୍କୁ ଆବାହନ କରି ଆଣିବାକୁ ଇଚ୍ଛା କରୁଥିବ, — ତୁମେ ସର୍ବଦା ସ୍ୱୀକାର ଓ ବିଶ୍ୱାସ କରୁଥିବ ଯେ ସିଏ ତୁମର ଆବାହନ ଲଗି ଉନ୍ମୁକ୍ତ ହୋଇ ରହିଛନ୍ତି, ଏବଂ ତାହାର ଅର୍ଥ ହେଉଛି ଯେ, ତୁମର ଆବାହନ ତାଙ୍କ ପାଖରେ ଯାଇ ପହଞ୍ଚି ପାରିବା ଲଗି ଯଥେଷ୍ଟ ପରିମାଣରେ ଶୁଦ୍ଧ ଏବଂ ଶକ୍ତିଶାଳୀ ହୋଇ ରହିଛି, — ତେବେ ତୁମକୁ ତାହାର ଜବାବ ନିଶ୍ଚୟ ମିଳିବ ।

୩୦ ଜୁନ୍ ୧୯୨୯

କେତେକ ଜନ୍ତୁଙ୍କ ପ୍ରତି ଆମର ଯେଉଁ ପ୍ରାୟ ଏକ ସହଜାତ ଘୃଣାଭାବ ରହିଥାଏ, ତାହାର କାରଣ କ'ଣ ? ଏଠାରେ ମୁଁ ସାପ, କଙ୍କଡ଼ାବିଛା ପ୍ରଭୃତି ଜନ୍ତୁଙ୍କ କଥା ଭାବୁଛି ।

ଏପରି ଏକ ଘୃଣା ବା ଏହିପରି ଅନ୍ୟ କୌଣସି ଘୃଣା ଅନୁଭବ କରିବା ଯେ ଏକ ଅନିବାର୍ଯ୍ୟ ବା ଅତ୍ୟାବଶ୍ୟକ କଥା, ସେପରି ଭାବିବାର ଆଦୌ କୌଣସି କାରଣ ନାହିଁ । ସବୁପ୍ରକାର ଘୃଣାରୁ ମୁକ୍ତ ହୋଇ ରହିବା, — ଏହାକୁହିଁ ଯୋଗମାର୍ଗର ଏକ ମୌଳିକ ନୈପୁଣ୍ୟ ବୋଲି କୁହାଯାଇ ପାରିବ ।

ତୁମେ ଯେଉଁ ଘୃଣାଭାବଟି କଥା କହୁଛ, ତାହା ପ୍ରକୃତରେ ଭୟରୁ ଆସୁଛି; ଯଦି ତୁମ ମନରେ ଆଦୌ କୌଣସି ଭୟ ନ ଥାନ୍ତା, ତେବେ କୌଣସି ଘୃଣାଭାବ ମଧ୍ୟ ରହନ୍ତା ନାହିଁ । ଏହି ଭୟ ପଛରେ କୌଣସି କାରଣ ବା ଯୁକ୍ତି ମଧ୍ୟ ନ ଥାଏ, ଏହି ଭୟ ହେଉଛି ଏକ ସହଜାତ ପ୍ରବୃତ୍ତିଗତ ଭୟ । ଏହା ଏକ ବ୍ୟକ୍ତିଗତ ଭୟ ବି ନୁହେଁ, ଏହା ପ୍ରଜାତିଗତ । ଏକ ସାମୂହିକ ପରୋକ୍ଷ ସଙ୍କେତରୂପେ ଏହି ଭୟ ଲୋକମାନଙ୍କ ଭିତରେ ରହିଥାଏ, ଏହା ସମଗ୍ର ଭାବରେ ମନୁଷ୍ୟଜାତିର ଚେତନା ମଧ୍ୟରେ ରହିଥାଏ । ଯେତେବେଳେ ଆମେ ଏକ ମନୁଷ୍ୟଶରୀର ଗ୍ରହଣ କରୁ, ଆମକୁ ସେତେବେଳେ ଏହିସବୁ ସାମୂହିକ ପରୋକ୍ଷସଙ୍କେତ, ପ୍ରଜାତିଗତ ଭାବନା ଏବଂ ମନୁଷ୍ୟସମୂହ, ଗୋଷ୍ଠୀ, ଏହିସବୁ ନାନା ଆକର୍ଷଣ ଓ ବିକର୍ଷଣମୂଳକ ଅନୁଭୂତିରୁ ମଧ୍ୟ ପୁଳାଏ ଲେଖାଏଁ ଗ୍ରହଣ କରିବାକୁ ପଡ଼ିଥାଏ । ଭୟ ବି ସେହିପରି ଭାବରେ ଆମ ପାଖକୁ ଆସିଥାଏ ।

ମାତ୍ର ଆଉଗୋଟିଏ ଦୃଷ୍ଟିରୁ ବିଚାର କରି ଦେଖିଲେ, ଯେକୌଣସି ଆକର୍ଷଣ ବା ବିକର୍ଷଣ ମଧ୍ୟରେ ପ୍ରକୃତିଗତ ଭାବରେ ଏକ ବ୍ୟକ୍ତିଗତ ଉପାଦାନ ମଧ୍ୟ ରହିଥାଏ । କାରଣ ଏସବୁ ଗତିସ୍ପନ୍ଦନ ସବୁ ମଣିଷଙ୍କ ଭିତରେ କଦାପି ଗୋଟିଏ ପ୍ରକାରରେ ଦୃଷ୍ଟିଗୋଚର ହୁଏ ନାହିଁ, ବିଭିନ୍ନ ବ୍ୟକ୍ତିଙ୍କ ଭିତରେ ରହିଥିବା ପ୍ରାଣିକ ସତ୍ତାର ଅନୁସ୍ପନ୍ଦନଗତ ପ୍ରକୃତି ଓ ସ୍ତରଟି ଉପରେହିଁ ତାହା ସର୍ବଦା ନିର୍ଭରଶୀଳ

'oaob.nitrkl.ac.in' images reprocessed

ହୋଇ ରହିଥାଏ । ଏପରି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ସାପ ପ୍ରଭୃତି ଜନ୍ତୁଙ୍କ ପ୍ରତି ଯେ ଆଦୌ କୌଣସି ପ୍ରକାର ବିକର୍ଷଣଭାବ ଅନୁଭବ କରନ୍ତି ନାହିଁ ତା' ନୁହେଁ, ବରଂ ସେହି ଜନ୍ତୁମାନଙ୍କ ପ୍ରତି ସେମାନଙ୍କ ଭିତରେ ଏକ ଶ୍ରଦ୍ଧାଭାବ ବିଦ୍ୟମାନ ଥାଏ, ପ୍ରାଣିକତ୍ତରର ଏକ ଆକର୍ଷଣ ଏବଂ ବିଶେଷ ମମତା ବି ରହିଥାଏ ।

ଆମକୁ ସୁଖକର ଓ ସୁନ୍ଦର ଲାଗୁ ନ ଥିବା କେତେକେତେ କଥାରେ ଆମର ଏହି ପୃଥିବୀ ଭରପୂର ହୋଇ ରହିଛି; ମାତ୍ର ତା'ବୋଲି ଯେ ଏହିସବୁ ପଦାର୍ଥ ପ୍ରତି ଆମର ସତତ ଏକ ଘୃଣା ଭାବ ଅବଶ୍ୟ ରହିବ, ତାହାର ଆଦୌ କୌଣସି କାରଣ ନାହିଁ । ଯେତେ ପ୍ରକାରର ସଙ୍କୋଚନ ଏବଂ ବିରକ୍ତିର ଭାବ ଦ୍ୱାରା ମନୁଷ୍ୟର ମନ ବିଚଳିତ ଓ ଦୁର୍ବଳ ହୋଇପଡ଼ିଥାଏ, ଆମେ ସେଗୁଡ଼ିକୁ ନିଶ୍ଚୟ ଜୟ କରିପାରିବା । ଯିଏ ଯୋଗୀ ହେବ, ତାକୁ ଏହିସବୁ ପ୍ରତିକ୍ରିୟା ଉପରେ ଅବଶ୍ୟ ବିଜୟ ହାସଲ କରିବାକୁ ପଡ଼ିବ; କାରଣ ଯୋଗର ପ୍ରାୟ ସର୍ବପ୍ରଥମ ପଦକ୍ଷେପଟି ଆମଠାରୁ ନିଶ୍ଚୟ ଏହି କଥାଟିକୁ ଦାବି କରିବ ଯେ ଯାବତୀୟ ବସ୍ତୁ ଓ ସତ୍ତାଗୁଡ଼ିକର ସନ୍ନିଧାନରେ ରହୁଥିବା ସମୟରେ ଆମଭିତରେ ଅବଶ୍ୟ ଏକ ପୂର୍ଣ୍ଣ ସମତାର ଭାବ ରହିବ, ସବୁଘଟନା ପ୍ରତି ମଧ୍ୟ ପରିପୂର୍ଣ୍ଣ ସମତାଭାବ ରହିବ । ଆମକୁ ସର୍ବଦା ସ୍ଥିର ଓ ଅବିଚଳିତ ରହିବାକୁ ପଡ଼ିବ, କୌଣସି ପ୍ରକାରେ ବିହ୍ୱଳ ହୋଇପଡ଼ିବାକୁ ହେବ ନାହିଁ । ସେହିଠାରେହିଁ ଯୋଗୀର ପ୍ରକୃତ ଶକ୍ତିର ପରିଚୟ ମିଳିବ । ଯେବେ ଆମେ ସେହି ସମ୍ପୂର୍ଣ୍ଣ ସ୍ଥିର ଏବଂ ଅବିଚଳିତ ଭାବଟିର ଅଧିକାରୀ ହୋଇପାରିଥିବା, ତେବେ ଯେତେ ବଡ଼ ଭୟଙ୍କର ଅଥବା ଭୟପ୍ରଦ ଜନ୍ତୁ ଆଗରେ ଆସି ପହଞ୍ଚିଗଲେ ମଧ୍ୟ ତାହାର ଆମ ଲାଗି ଆଉ କଦାପି କ୍ଷତିକାରକତା ରହିବ ନାହିଁ ।

ଘୃଣାର ଗତିସ୍ପନ୍ଦନ ହେଉଛି ଏକ ଅଜ୍ଞାନଜନିତ ଗତିସ୍ପନ୍ଦନ । ଆପଣାକୁ ରକ୍ଷା କରିବା ଲାଗି ସହଜାତ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇ ଆମେ ଯେଉଁ ପ୍ରତିକ୍ରିୟା ଦେଖାଇଥାଉ, ତାହାହିଁ ଭୟ । ମାତ୍ର ବିହ୍ୱଳ ଅଯୌକ୍ତିକ ଭାବରେ କୌଣସି ବିପଦର ସମ୍ମୁଖରୁ ଦଉଡ଼ି ପଳାଇ ଆସିଲେ ଯେ ଆମର ସର୍ବୋତ୍ତମ ସୁରକ୍ଷା ହୋଇଥାଏ, ସେକଥା ମୋଟେ ନୁହେଁ, କେବଳ ଯଥାର୍ଥ ଜ୍ଞାନ ଦ୍ୱାରାହିଁ ସୁରକ୍ଷା ହୁଏ । ବିପତ୍ତିଟିର ଯଥାର୍ଥ ପ୍ରକୃତି ଏବଂ ସେହି ବିପଦଟିର ନିରାକରଣ ବା ଖଣ୍ଡନ ସକାଶେ ଆମକୁ ଯେଉଁସବୁ ଉପାୟ ଅବଲମ୍ବନ କରିବାକୁ ହେବ, ସେହିସବୁ ବିଷୟରେ ସମ୍ୟକ୍ ଜ୍ଞାନହିଁ ଆମକୁ ସୁରକ୍ଷା ପ୍ରଦାନ କରିଥାଏ । ଏହିସବୁ ଗତିସ୍ପନ୍ଦନ ଯେଉଁ ଅଜ୍ଞାନରୁ ନିଷ୍ପନ୍ନ ହୋଇଥାଏ, ତାହାକୁ ମନୁଷ୍ୟର ଏକ ସାଧାରଣ ଅବସ୍ଥାରୂପେ ବିଚାର କରିଯାଇ ପାରିବ ସତ, ମାତ୍ର

'oaob.nitrkl.ac.in' images reprocessed

ତଥାପି ଆମେ ତାହାକୁ ଜୟ ବି କରିପାରିବା । କାରଣ, ଯେଉଁ ଅଶୋଧିତ ମନୁଷ୍ୟ-ପ୍ରକୃତିରୁ ଆମର ଏହି ସ୍ଥୂଳ ବାହ୍ୟ ସତ୍ତାର ଆରମ୍ଭ ହୋଇଛି ଏବଂ ଯେଉଁ ପ୍ରକୃତି ଆମକୁ ଚତୁର୍ଦ୍ଦିଗରୁ ବେଷ୍ଟନ କରି ରହିଛି, ଆମେ କଦାପି ସେଇଟି ଦ୍ୱାରା ଆଦୌ ବାନ୍ଧହୋଇ ରହି ନାହୁଁ ।

ଆମର ଚେତନାରେ ଯେତିକ ବୃଦ୍ଧି ହେଉଥିବ, ଅଜ୍ଞାନ ଠିକ୍ ସେହି ଅନୁପାତରେହିଁ କଟି କଟି ଯାଉଥିବ ; ତେଣୁ ଆମର ସେହି ଚେତନାହିଁ ଦରକାର, ଅନୁକ୍ଷଣ ଅଧିକରୁ ଅଧିକ ଚେତନା ଦରକାର । ଏକ ଶୁଦ୍ଧ, ଅମିଶ୍ରିତ ଏବଂ ସନ୍ଦୀପ୍ତ ଚେତନା ଦରକାର । ଏହି ପରିପୂର୍ଣ୍ଣ ଚେତନାର ଆଲୋକଟି ପ୍ରତିଫଳିତ ହେଉଥିବା ବେଳେ ଆମେ ବସ୍ତୁଗୁଡ଼ିକୁ ସେଗୁଡ଼ିକର ଯଥାର୍ଥ ସ୍ୱରୂପରେହିଁ ଦେଖିବାକୁ ପାଇଥାଉ ; ସେଗୁଡ଼ିକ ଆମ ଆଗରେ ଯେଉଁପରି ଭାବରେ ପ୍ରତିଭାସିତ ହେବା ଲାଗି ଇଚ୍ଛା କରୁଥା'ନ୍ତି, ସେଗୁଡ଼ିକୁ ଆମେ ଆଦୌ ସେଭଳି ଦେଖୁ ନାହିଁ । ଏହି ଆଲୋକଟି ସତେଅବା ଏକ ପରଦା ପରି କାର୍ଯ୍ୟ କରେ ଯାହାକି ଅତିକ୍ରମ କରିଯାଉଥିବା ଯାବତୀୟ ବସ୍ତୁକୁ ଅତ୍ୟନ୍ତ ବିଶ୍ୱସ୍ତ ଭାବରେ ଲିପିବଦ୍ଧ କରି ନେଉଥାଏ । ସେହି ଆଲୋକପଟଟି ଉପରେ ତୁମେ ଆଲୁଅ ଅନ୍ଧାର, ସରଳ ଓ ବକ୍ର ସବୁକିଛି ଦେଖିବାକୁ ସମର୍ଥ ହୁଅ । ତୁମର ଚେତନା ସେଠି ଏକ ପରଦା ବା ଏକ ଦର୍ପଣ ପରି କାର୍ଯ୍ୟ କରୁଥାଏ । ମାତ୍ର, ଯେତେବେଳେ ତୁମେ ଏକ ତନ୍ମୟ ସ୍ଥିତି ଭିତରେ ରହିଥାଅ, କେବଳ ଅବଲୋକନହିଁ କରୁଥାଅ, କେବଳ ସେତିକବେଳେହିଁ ତାହା ସମ୍ଭବ ହୁଏ । ତୁମେ ଯେତେବେଳେ ସକ୍ରିୟ ହୁଅ, ସେତେବେଳେ ତାହା ଏକ ସର୍ଚ୍ଚଲାଇଟ୍ ପରିହିଁ କାର୍ଯ୍ୟ କରୁଥାଏ । ଏବଂ, ଯଦି ତୁମେ ସନ୍ଦୀପିତ ଭାବରେ ଦେଖି ପାରିବାକୁ ଇଚ୍ଛା କରୁଥାଅ ଏବଂ ଯେକୌଣସି ସ୍ଥାନରେ ଯେକୌଣସି ବସ୍ତୁକୁ ଯଥେଷ୍ଟ ଗଭୀରକୁ ଭେଦ କରି ପରୀକ୍ଷା କରି ଦେଖିବାକୁ ଚାହୁଁଥାଅ, ତେବେ ତୁମକୁ ସେହି ଆଲୋକଟିକୁହିଁ କେବଳ ଲଗାଇ ଦେବାକୁ ପଡ଼ିବ ।

ତୁମର ବର୍ତ୍ତମାନ ଚେତନା ଯେଉଁସବୁ ଗଣ୍ଡୀ ଏବଂ ସୀମା ଭିତରେ ଚଳମାନ ହୋଇ ରହିଛି, ତାହାକୁ ତଦପେକ୍ଷା ଆହୁରି ଅଧିକ କ୍ଷେତ୍ରକୁ ପ୍ରସାରିତ କରିନେଇ ପାରିଲେ ତୁମେ ଏହି ପରିପୂର୍ଣ୍ଣ ଚେତନାର ଅଧିକାରୀ ହୋଇପାରିବ । ନିଜର ଚେତନାକୁ ଉଚିତ ତାଲିମ ଦେଇପାରିଲେ ତୁମେ ତାହା କରିପାରିବ । ତୁମକୁ ସେହି ଚେତନାକୁ ପରମ ଦିବ୍ୟାଲୋକଟି ଆଡ଼କୁ ଉନ୍ମୋଚିତ କରି ଧରିବାକୁ ହେବ ଏବଂ ତାହା ମଧ୍ୟରେ ପରମ ଦିବ୍ୟସତ୍ତା ଯେପରି ସମ୍ପୂର୍ଣ୍ଣ ଭାବରେ ଓ ମୁକ୍ତ ଭାବରେ ଆପଣାର କାର୍ଯ୍ୟଟିକୁ କରିପାରିବେ, ସେଥିଲାଗି ବାଟ ଛାଡ଼ିଦେବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ମାତ୍ର, ଯେତେବେଳେ ତୁମଭିତରୁ ଯାବତୀୟ ପ୍ରକାରର କାମନା ଏବଂ ଭୟ ଅପସରି ଯାଇପାରିବ, ଯେତେବେଳେ ତୁମର ମନରେ କୌଣସି ପୂର୍ବଗ୍ରହ ଲାଗି ସ୍ଥାନହିଁ ରହିବ ନାହିଁ, ପ୍ରାଣିକ ସ୍ତରର କୌଣସି ଅଭିରୁଚି ରହିବ ନାହିଁ ଅଥବା ତୁମକୁ ଅନ୍ଧକାରରେ ପକାଇ ରଖିବାକୁ ବା ବାନ୍ଧି ରଖିବାକୁ କୌଣସି ପ୍ରକାର ଦେହଗତ ଶଙ୍କା ବା ଆକର୍ଷଣ ମଧ୍ୟ ରହିବ ନାହିଁ, କେବଳ ସେତିକବେଳେ ଯାଇ ସେହି ପରମ ଆଲୋକ ସମ୍ପୂର୍ଣ୍ଣ ଏବଂ ଅବାଧ ଭାବରେ ତୁମ ଭିତରେ ଆପଣାର କାର୍ଯ୍ୟଟିକୁ କରିପାରିବ ।

ଭିତରେ ଦୁର୍ବଳତା ରହିଥିଲେ ବାହାରେ ତାହା ଘୃଣାରୂପେ ପ୍ରକଟ ହୁଏ । ତୁମ ଭିତରେ ଘୃଣା ଆସେ, କାରଣ ତୁମେ କେଉଁଠାରୁ ଏକ ଆଘାତ ପାଇଥାଅ, କାହା ଦ୍ୱାରା ଆକ୍ରାନ୍ତ ହୋଇଥାଅ, ଏବଂ, ଯାହାଠାରୁ ତୁମେ ଆଘାତ ପାଇଲ, ତାହାର ପାଖରୁ ପଳାଇ ଯିବାକୁ ଇଚ୍ଛା କରୁଥାଅ । ପ୍ରତ୍ୟେକ ବ୍ୟକ୍ତି ହୁଏତ ଠିକ୍ ସେହିପରି ଅନୁଭବ କରୁ ନ ଥାଇ ପାରନ୍ତି ସତ, ମାତ୍ର, ଏପରି ଅବଶ୍ୟ ହୋଇପାରେ ଯେ କୌଣସି ଏକ ସତ୍ତ୍ୱା, ବ୍ୟକ୍ତି, ଇତର ପ୍ରାଣୀ ଅଥବା ତାହାର ନାନା ପ୍ରସର୍ଜନ ତୁମ ଭିତରେ ଏକ ଭୟର ସଞ୍ଚାର କରିଥାଏ । ତାହା ତୁମକୁ ସିଧା ଆସି ଆକ୍ରାନ୍ତ କରି ପକାଏ ଏବଂ ତୁମେ ଭାରି ସଙ୍କୁଚିତ ହୋଇପଡ଼, ସେଠାରୁ ଖସି ପଳାଇ ଆସିବାକୁ ଇଚ୍ଛା କରୁଥାଅ । ମାତ୍ର, ଯଦି ତୁମ ଭିତରେ ଯଥେଷ୍ଟ ଶକ୍ତି ରହିଥାନ୍ତା, ତେବେ ତୁମେ ଯଥେଷ୍ଟ ଦୂରରୁ ମଧ୍ୟ ବିପଦଟିକୁ ଅଟକାଇ ରଖି ପାରିଥାନ୍ତ ଏବଂ ତାହାକୁ ତୁମପାଖରେ ଆସି ହାବୁଡ଼ି ଯିବାକୁ ଓ ତୁମକୁ ଆଘାତ କରିବାକୁ କଦାପି ଦେଇ ନ ଥାନ୍ତ । କାରଣ ତୁମେ ତତ୍‌କ୍ଷଣାତ୍ ଦେଖି ପାରିଥାନ୍ତ ଓ ଜାଣି ବି ପାରିଥାନ୍ତ ଯେ ତୁମ ସମ୍ମୁଖରେ କ୍ଷତିକାରକ କୌଣସି ଏକ କଥା ଆସି ପହଞ୍ଚି ଯିବାକୁ ଯାଉଛି; ତୁମେ ନିଜ ଚତୁର୍ଦ୍ଦିଗରେ ସେଥିଲାଗି ଏକ ରକ୍ଷାପ୍ରାଚୀର ତିଆରି କରିନେଇ ପାରିଥାନ୍ତ; ଏବଂ ସେହି କଥାଟି ପ୍ରକୃତରେ ତୁମର ନିକଟରେ ଆସି ପହଞ୍ଚି ଗଲେ ମଧ୍ୟ ତାହା ତୁମକୁ କଦାପି ସ୍ପର୍ଶ କରି ପାରି ନ ଥାନ୍ତା । ସିଏ ତୁମ ଆଗରେ ଉପସ୍ଥିତ ରହିଥିଲେ ମଧ୍ୟ ତୁମେ ତଦ୍ଦ୍ୱାରା କୌଣସି ପ୍ରକାର ଆଘାତ ପାଇ ନ ଥାନ୍ତ କିଂବା ବିଚଳିତ ହୋଇପଡ଼ି ନ ଥାନ୍ତ ।

ପରମ ଦିବ୍ୟସତ୍ତା ହେଉଛନ୍ତି ପୂର୍ଣ୍ଣ ପ୍ରେମସ୍ୱରୂପ; ଏବଂ, ସେହି ଦିବ୍ୟସତ୍ତାଙ୍କଠାରୁ ଯଦି ଏହି ସୃଷ୍ଟି ନିଷ୍ପନ୍ନ ହୋଇ ଆସିଛି, ତେବେ ଏହି ପୃଥିବୀରେ ଭିଡ଼ି କରି ରହିଥିବା ଏହିସବୁ ଯାବତ ଅନିଷ୍ଟ ପୁଣି ଆସିଲା କୁଆଡ଼ୁ ?

'oaob.nitrkl.ac.in' images reprocessed

ଏଠି ଯାହାକିଛି ଅଛି, ତାହା ପରମ ଦିବ୍ୟସତ୍ତାଙ୍କଠାରୁ ନିଷ୍ପନ୍ନ ହୋଇ ଆସିଛି; ମାତ୍ର ସେହି ଏକମେବ ପରମଚେତନା ଓ ସର୍ବୋଚ୍ଚ ସତ୍ତା ଆପଣା ମଧ୍ୟରୁ ସିଧା ଏହି ପୃଥିବୀକୁ ସୃଷ୍ଟି କରି ନାହାନ୍ତି । ତାଙ୍କ ଭିତରୁ ଏକ ବିଶେଷ ସାମର୍ଥ୍ୟ ନିର୍ଗତ ହୋଇଛି, ଆପଣା କ୍ରିୟାଶୀଳତାର ନାନା ସୋପାନ ମଧ୍ୟ ଦେଇ ଗତି କରି ତାହା ନିମ୍ନକୁ ଆସିଛି ଏବଂ ଅନେକ ମଧ୍ୟବର୍ତ୍ତୀ ଆଶ୍ରୟ ଦେଇ ଆସିଛି । ତେଣୁ ସର୍ଜନାକାରୀ ବା "ରୂପନିର୍ମାଣକାରୀ" ପ୍ରକୃତରେ ଅନେକ ଅଛନ୍ତି ଏବଂ ସେହିମାନେହିଁ ବିଶ୍ୱସର୍ଜନାରେ ଅଧିଷ୍ଠାତା ହୋଇ କାର୍ଯ୍ୟ କରିଛନ୍ତି । ସେମାନଙ୍କୁ ଆମେ ମଧ୍ୟବର୍ତ୍ତୀ ଗୋଟିଏ ଗୋଟିଏ ଆଶ୍ରୟ ବୋଲି ଜାଣିବା । ଏବଂ ମୁଁ ସେମାନଙ୍କୁ ପ୍ରକୃତରେ "ସୃଜନକାରୀ" ବୋଲି ନ କହି "ରୂପପ୍ରଦାନକାରୀ" ବୋଲି କହିବାକୁହିଁ ଅଧିକ ପସନ୍ଦ କରୁଛି । କାରଣ ସେମାନେ ବସ୍ତୁକୁ ସୃଷ୍ଟି କରି ନାହାନ୍ତି, ବସ୍ତୁକୁ କେବଳ ଏକ ନିର୍ଦ୍ଦିଷ୍ଟ ବାହ୍ୟାକୃତି ଦେଇଛନ୍ତି, ଏକ ନିର୍ଦ୍ଦିଷ୍ଟ ପଥରେ ଧାବିତ କରି ନେଇଛନ୍ତି ଓ ତାହାକୁ ଏକ ବିଶିଷ୍ଟ ସ୍ୱଭାବ ସହିତ ଯୁକ୍ତ କରିଛନ୍ତି । ଏପରି ରୂପପ୍ରଦାନକାରୀ ଅନେକ ଅଛନ୍ତି; ସେମାନଙ୍କ ଭିତରୁ କେତେକ ସୌଷମ୍ୟଯୁକ୍ତ ଏବଂ ହିତକର ବସ୍ତୁଗୁଡ଼ିକୁ ତିଆରି କରିଛନ୍ତି ଏବଂ ଅନ୍ୟ କେତେକ ଅନିଷ୍ଟକାରୀ ଖଳତାଯୁକ୍ତ ବସ୍ତୁଗୁଡ଼ିକୁ ତିଆରି କରିଛନ୍ତି । ଏବଂ ସେମାନଙ୍କ ମଧ୍ୟରୁ ଏଭଳି ଆହୁରି କେତେକ ବି ଅଛନ୍ତି, ଯେଉଁମାନେ କି ନିର୍ମାଣ କରିବା ଅପେକ୍ଷା ଅଧିକତର ପରିମାଣରେ ବିକୃତ କରି ପକାଇଛନ୍ତି; କାରଣ ଯେଉଁଗୁଡ଼ିକୁ ଅନ୍ୟମାନେ ଯଥୋଚିତ ଭାବରେ ଆରମ୍ଭ କରିଥିଲେ, ଏମାନେ ସେଗୁଡ଼ିକରେ ଆସି ହସ୍ତକ୍ଷେପ କରିଛନ୍ତି ଓ ସେଗୁଡ଼ିକୁ ବିଗାଡ଼ି ଦେଇଛନ୍ତି ।

ସୃଷ୍ଟିରେ ଯେତେଯେତେ ପୃଥିବୀର ବ୍ୟବସ୍ଥା ରହିଛି, ସେଥିରେ ଆମେ ବାସ କରୁଥିବା ଏହି ପୃଥିବୀଟି ଅନେକ ତଳେ ଆସି ରହି ନାହିଁ କି ?

ଆମର ଏହି ପୃଥିବୀଟି ହେଉଛି ସର୍ବାପେକ୍ଷା ଅଧିକ ପରିମାଣରେ ଭୌତିକ ହୋଇ ରହିଥିବା ପୃଥିବୀ; ମାତ୍ର ତା'ବୋଲି ତାହା ଯେ ଅତ୍ୟନ୍ତ ତଳେ ଆସି ରହିଛି, ସେକଥା ମୋଟେ ସତ ନୁହେଁ । ଅନ୍ତତଃ, ସେହି କାରଣରୁ ତାହା କଦାପି ସେପରି ହୋଇ ରହି ନାହିଁ । ଏହି ପୃଥିବୀ ଏତେ ତଳେ ଆସି ରହିଛି; ତାହାର କାରଣ ହେଉଛି ଯେ ତାହା ତମସାବୃତ ହୋଇ ରହିଛି, ଅଜ୍ଞାନ ଦ୍ୱାରା ଆଚ୍ଛନ୍ନ ହୋଇ ରହିଛି । ସର୍ବାପେକ୍ଷା ଅଧିକ ଭୌତିକ ହୋଇ ରହିଛି ବୋଲି ଯେ ଏତେ ତଳେ ରହିଛି, ସେକଥା ଆଦୌ ନୁହେଁ । "ଜଡ଼" ବା ଭୌତିକତାକୁ ତମସା ଏବଂ ଅଜ୍ଞାନର ସମବାଚୀ କରି ଗ୍ରହଣ କରିବା ଆଦୌ ଠିକ୍ ନୁହେଁ । ଏବଂ, ଆମେ ଯେ

'oaob.nitrkl.ac.in' images reprocessed

କେବଳ ଏହି ଭୌତିକ ପୃଥିବୀଟିରେ ଏଠି ବାସ କରୁଛୁ, ସେକଥା ମଧ୍ୟ ଠିକ୍ ନୁହେଁ । ବରଂ ଏପରି କହିବାକୁ ହେବ ଯେ ଆମେ ଯୁଗପତ୍ ଭାବରେ ଏକାଧିକ ଜଗତରେ ବାସ କରୁଛୁ, ଏବଂ ଏହି ଭୌତିକ ଜଗତ ହେଉଛି ସେଥିଭିତରୁ ଗୋଟିଏ । ଗୋଟିଏ ଦୃଷ୍ଟିରୁ ଏହାକୁ ସମସ୍ତଙ୍କ ମଧ୍ୟରେ ଅପେକ୍ଷାକୃତ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବି କୁହାଯାଇ ପାରିବ । କାରଣ ଜଡ଼ସ୍ଥ ଏହି ଜଗତଟି ଅନ୍ୟ ସବୁଯାକ ଜଗତ ଲାଗି ଏକ ସଂକେନ୍ଦ୍ରଣ ବିନ୍ଦୁ ହୋଇ ରହିଛି, ଏହି ଜଗତଟିରେହିଁ ଅନ୍ୟ ଯାବତୀୟ ଜଗତ ମୂର୍ତ୍ତିରୂପ ଧାରଣ କରିପାରିଛନ୍ତି ଏବଂ ଏହି ଜଗତରେହିଁ ଅନ୍ୟ ଯାବତୀୟ ଜଗତକୁ ପ୍ରକଟ ଓ ଅଭିବ୍ୟକ୍ତ ହେବାକୁ ପଡ଼ିବ । ବର୍ତ୍ତମାନ ଏହି ଜଗତରେ ନାନା ଅସମଞ୍ଜସତା ଏବଂ ଅସ୍ପଷ୍ଟତା ରହିଛି ସତ, ମାତ୍ର ଆମେ ତାହାକୁ *କେବଳ ଏକ ଆକସ୍ମିକତା ବୋଲି ଜାଣିବା, ଏକ ଭୁଲ୍ ଆରମ୍ଭ ବୋଲି ଜାଣିବା ।* ତେବେ ଏହି ଜଗତ ନିଶ୍ଚୟ ସୁନ୍ଦର ହେବ, ଛନ୍ଦୋମୟ ହେବ, ଆଲୋକମୟ ହେବ । କାରଣ ସେହି ଚରମ ଉପଲବ୍ଧି ଲାଗିହିଁ ଏକଦା ଏହି ଜଗତର ନିର୍ମାଣ ହୋଇଥିଲା ।

'oaob.nitrkl.ac.in' images reprocessed

୨୮ ଜୁଲାଇ ୧୯୨୯

ଜଣେ ଯୋଗୀ ପକ୍ଷରେ ଜଣେ କଳାକାର ହୋଇପାରିବା ସମ୍ଭବ କି, ଅଥବା ଜଣେ କଳାକାର ବି ଯୋଗୀ ହୋଇପାରିବ କି ? କଳା ସହିତ ଯୋଗର ପ୍ରକୃତରେ କି ସମ୍ବନ୍ଧ ରହିଛି ?

ତୁମେ ଯେପରି ଭାବୁଛ, ମୋର ମନେ ହେଉଛି, ଏହି ଦୁଇଟିଯାକ କ୍ଷେତ୍ର ଆଦୌ ପରସ୍ପରର ଏତେଦୂର ବିରୁଦ୍ଧ ନୁହେଁ । ଜଣେ ଯୋଗୀଙ୍କୁ ଜଣେ କଳାକାର ହେବାରୁ ବା ଜଣେ କଳାକାରକୁ ଜଣେ ଯୋଗୀ ହେବାରୁ ନିବୃତ୍ତ କରି ରଖିବା ପାଇଁ ଆଦୌ କିଛିହେଲେ କେଉଁଠି ନାହିଁ । ମାତ୍ର ତୁମେ ଯେତେବେଳେ ଯୋଗ ମଧ୍ୟରେ ରହିଥିବ, ସେତେବେଳେ ବସ୍ତୁଗୁଡ଼ିକ ବିଷୟରେ ତୁମର ମୂଲ୍ୟବୋଧରେ ଏକ ଗଭୀର ପରିବର୍ତ୍ତନ ନିଶ୍ଚୟ ଘଟିବ; ଅନ୍ୟ ଯାବତୀୟ ବସ୍ତୁର କ୍ଷେତ୍ରପରି କଳାର କ୍ଷେତ୍ରରେ ମଧ୍ୟ ଗଭୀର ପରିବର୍ତ୍ତନ ଘଟିବ । ତୁମେ ତା'ପରେ ସମ୍ପୂର୍ଣ୍ଣ ଏକ ଭିନ୍ନ ଦୃଷ୍ଟିକୋଣରେ କଳା ଉପରେ ଅବଲୋକନ କରିବାକୁ ଆରମ୍ଭ କରିବ । କଳା ଆଉ ତୁମ ଲାଗି ତୁମକୁ ଗୋଟାସୁଦ୍ଧା ଆବୋରି ବସିଥିବା ସର୍ବୋଚ୍ଚ ଏକମାତ୍ର ଜିନିଷ ହୋଇ କଦାପି ରହିବ ନାହିଁ, କଳା ତୁମ ଲାଗି କଦାପି ଏକ ଚୂଡ଼ାନ୍ତ ଜୀବନଲକ୍ଷ୍ୟ ହୋଇ ରହିବ ନାହିଁ । କଳା ହେଉଛି ଏକ ସାଧନ, ଏକ ସାଧ୍ୟ କଦାପି ନୁହେଁ; କଳା ହେଉଛି ଅଭିବ୍ୟକ୍ତିର ଗୋଟିଏ ମାଧ୍ୟମ । ସେତେବେଳେ ଜଣେ କଳାକାର ଏକଥାଟିକୁ ମଧ୍ୟ ଆଉ କଦାପି ବିଶ୍ୱାସ କରୁ ନ ଥିବ ଯେ ସିଏ ଯାହାକିଛି କରୁଛି, ସାରା ପୃଥିବୀ ସତେଯେପରି ତାହାରି ସହିତହିଁ ବାନ୍ଧିହୋଇ ରହିଛି, ବା ପୃଥିବୀରେ ଯେତେ ଯେତେ କଥା କରାଯାଇଛି, ତାହାରି କାର୍ଯ୍ୟଟି ହେଉଛି ସେଥିମଧ୍ୟରୁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ । ତା'ପରେ ତା'ର ନିଜ ବ୍ୟକ୍ତିସତ୍ତ୍ୱାଟା କଦାପି ଏକ ଗଣ୍ଡି ପରି ହୋଇ ରହିବ ନାହିଁ; ସିଏ କେବଳ ଏକ ନିମିତ୍ତ ହୋଇ ରହିବ, ଏକ ସରଣୀ ହୋଇ ରହିବ; ତା'ର କଳା ମଧ୍ୟ ପରମ ଦିବ୍ୟସତ୍ତାଙ୍କ ସହିତ ତା'ର ନାନା ସମ୍ବନ୍ଧକୁ ଅଭିବ୍ୟକ୍ତ କରି ଦେଉଥିବାର ଏକ ସାଧନ ହୋଇ ରହିବ । ନିଜ ପ୍ରକୃତିର ଅନ୍ୟ ଯେକୌଣସି ଅଂଶକୁ ସିଏ ଯେମିତି ଏକ ସାଧନ ରୂପେ ବ୍ୟବହାର କରିଥାନ୍ତା, ଆପଣାର ଲକ୍ଷ୍ୟସାଧନ ସକାଶେ ସେ କଳାକୁ ମଧ୍ୟ ସେହିପରି ଏକ ସାଧନରୂପେ ବ୍ୟବହାର କରିବ ।

ମାତ୍ର, ଥରେ ଯୋଗମାର୍ଗକୁ ଗ୍ରହଣ କରିନେବା ପରେ ଜଣେ କଳାକାର କଳାସୃଷ୍ଟି ଲାଗି ଭିତରୁ ଆଉ କୌଣସି ଆଗ୍ରହ ଅନୁଭବ କରେ କି ?

ସେହି ଆଗ୍ରହଟିକୁ ସେ ଅନୁଭବ କରି ନ ପାରିବ କାହିଁକି ? ଅନ୍ୟାନ୍ୟ ଯେକୌଣସି - ମାଧ୍ୟମ ପରି କଳାକୁ ମଧ୍ୟ ଗୋଟିଏ ମାଧ୍ୟମ ରୂପେ ବ୍ୟବହାର କରି ଜଣେ କଳାକାର ପରମ ଭଗବତ୍-ସତ୍ତାଙ୍କ ସହିତ ରହିଥିବା ତା'ର ସମ୍ବନ୍ଧଗୁଡ଼ିକୁ ନିଶ୍ଚୟ ପ୍ରକାଶ କରିପାରିବ । ଯଦି ତୁମେ କଳାକୁ ତୁମର ଯଥାର୍ଥ ଏବଂ ସର୍ବୋଚ୍ଚ କଳାରେ ପରିଣତ କରିବାକୁ ଇଚ୍ଛା କରୁଥିବ, ତେବେ ଦିବ୍ୟ ଜଗତକୁ ତୁମକୁ ଏହି ଭୌତିକ ଜଗତ ମଧ୍ୟକୁ ଅବତୀର୍ଣ୍ଣ କରାଇ ଆଣିବାକୁ ହେବ ଏବଂ ଆପଣାର କଳାର ମାଧ୍ୟମରେ ସେଇଟିକୁ ଅଭିବ୍ୟକ୍ତ ବି କରି ପାରିବାକୁ ହେବ । ପ୍ରତ୍ୟେକ ଯଥାର୍ଥ କଳାକାରଙ୍କର ପ୍ରାୟ ଏହିପରି ଏକ ଅନୁଭୂତି ରହିଥାଏ; ସେମାନଙ୍କ ମଧ୍ୟରେ ଏହିପରି ଏକ ଅନୁଭବ ରହିଥାଏ, ଯତେଯେପରି ସେମାନେ ଏକ ଉଚ୍ଚତର ଜଗତ ଏବଂ ଏହି ଭୌତିକ ଜଗତ ଓ ଭୌତିକ ଜୀବନ ମଧ୍ୟରେ ମଧ୍ୟବର୍ତ୍ତୀ ସେତୁ ପରି ହୋଇ ରହିଛନ୍ତି । ଯଦି ତୁମେ ଏହି ଦୃଷ୍ଟିରୁ କଥାଟିର ବିଚାର କରିପାରିବ, ତେବେ ତୁମ ଲାଗି କଳା କଦାପି ଯୋଗଠାରୁ ଏକ ଭିନ୍ନ ବସ୍ତୁ ହୋଇ ରହିବ ନାହିଁ । ମାତ୍ର, ଅଧିକାଂଶ ସମୟରେ, କଳାକାରର ଏହି ବିଷୟରେ କେବଳ ଏକ ଅନିଶ୍ଚିତ ବୋଧ ରହିଥାଏ, ତାହାର ପ୍ରକୃତ ଜ୍ଞାନଟି ହୁଏତ ନ ଥାଏ । ତଥାପି, ମୁଁ ଏପରି କେତେଜଣ କଳାକାରଙ୍କୁ ଜାଣିଥିଲି, ଯେଉଁମାନଙ୍କର କି ସେହି ଜ୍ଞାନଟି ନିଶ୍ଚୟ ରହିଥିଲା । ସେହି କଳାକାରମାନେ ଯଥାର୍ଥ ଜ୍ଞାନର ସହିତହିଁ ଅତ୍ୟନ୍ତ ସଚେତନ ଭାବରେ କଳାର ଅନୁଧାବନ କରୁଥିଲେ । ଆପଣାର କଳାସୃଜନ ମଧ୍ୟରେ ଆପଣାର ବ୍ୟକ୍ତି-ଅସ୍ମିତାଟାକୁହିଁ ସେମାନେ କଦାପି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟ ବୋଲି ଦେଖାଇବାକୁ ମନ କରୁ ନ ଥିଲେ । ଆପଣାର ସୃଷ୍ଟିକାର୍ଯ୍ୟଟିକୁ ସେମାନେ ପରମ ଦିବ୍ୟସତ୍ତାଙ୍କ ପାଖରେ ଏକ ନିବେଦନ ବୋଲି ବିଚାରୁଥିଲେ, ଆପଣାର ସୃଜନ ମଧ୍ୟଦେଇ ସେମାନେ ସେହି ପରମ ଦିବ୍ୟସତ୍ତାଙ୍କ ସହିତ ରହିଥିବା ଆପଣାର ସମ୍ବନ୍ଧଟିକୁହିଁ ଅଭିବ୍ୟକ୍ତ କରି ଦେଉଥିଲେ ।

ମଧ୍ୟଯୁଗରେ ଏହାହିଁ କଳାର ସ୍ୱୀକୃତ କାର୍ଯ୍ୟ ହୋଇ ରହିଥିଲା । "ଆଧୁନିକ" କଳାକାରମାନଙ୍କର, ମଧ୍ୟଯୁଗୀୟ ଇଉରୋପରେ ଧର୍ମପୀଠଗୁଡ଼ିକର ନିର୍ମାଣ କରିଥିବା ଶିଳ୍ପୀମାନଙ୍କର କଳା ସମ୍ବନ୍ଧରେ ଆଉ ଅନ୍ୟକୌଣସି ବୋଧ ନ ଥିଲା । ଭାରତବର୍ଷର ଯାବତୀୟ ବାସ୍ତୁକଳା, ଯାବତୀୟ ସ୍ଥାପତ୍ୟ ଓ ଚିତ୍ରକଳା କେବଳ ଏହି

'oaob.nitrkl.ac.in' images reprocessed

ଉତ୍ସଟିରୁହିଁ ନିଷ୍ପନ୍ନ ହୋଇ ଆସିଥିଲା ଏବଂ କେବଳ ଏହି ଆଦର୍ଶଟି ଦ୍ୱାରାହିଁ ଅନୁପ୍ରାଣିତ ହୋଇଥିଲା । ମୀରାବାଈଙ୍କର ଭଜନ ଓ ତ୍ୟାଗରାଜଙ୍କର ସଙ୍ଗୀତ, ମୀରାବାଈଙ୍କର ଭକ୍ତମାନେ ଯେଉଁ କାବ୍ୟକୃତିର ସୃଷ୍ଟି କରି ପାରିଥିଲେ, ଭାରତର ସନ୍ଥ ଏବଂ ଋଷିମାନେ ଯେଉଁ ପଦ୍ୟ ସାହିତ୍ୟର ରଚନା କରିଥିଲେ, ସେଗୁଡ଼ିକ ଏବେ ମଧ୍ୟ ବିଶ୍ୱର ବୃହତ୍ତମ କଳା ସମ୍ପଦ ମଧ୍ୟରେ ଅନ୍ୟତମ ରୂପେ ପରିଗଣିତ ହୋଇରହିଛି ।

ମାତ୍ର ଜଣେ କଳାକାର ଯଦି ଯୋଗସାଧନା କରେ, ତେବେ ତଦ୍ଦ୍ୱାରା ତା'ର କଳା ସାଧନାରେ କୌଣସି ଉନ୍ନତି ହୁଏ କି ?

କଳା ସାଧନାର ମର୍ମସ୍ଥଳରେ ଯେଉଁ ନୀତି ରହିଛି, ଯୋଗସାଧନାର କେନ୍ଦ୍ର ମର୍ମରେ ମଧ୍ୟ ଠିକ୍ ସେହି ନୀତି ରହିଛି । ଦୁଇଟିଯାକ କ୍ଷେତ୍ରରେ ଅସଲ ଲକ୍ଷ୍ୟ ହେଉଛି ଅଧିକରୁ ଅଧିକ ଚେତନାଯୁକ୍ତ ହେବା । ସାଧାରଣ ଚକ୍ଷୁରେ ଯାହା ଦେଖିହୁଏ ନାହିଁ ଏବଂ ସାଧାରଣ ଅନୁଭବ ଦ୍ୱାରା ଯାହା ଅନୁଭବ କରି ହୁଏ ନାହିଁ, ସେଗୁଡ଼ିକର କ୍ଷେତ୍ରରେ ପ୍ରବେଶ କରି ଆହୁରି ଅଧିକ ଦେଖିବା ଓ ଅଧିକ ଅନୁଭବ କରିବା, — ଦୁଇଟିଯାକ କ୍ଷେତ୍ରରେ ତୁମକୁ ସେହି କଥାଟିକୁହିଁ ଶିକ୍ଷା କରିବାକୁ ପଡ଼ିଥାଏ; ତୁମକୁ ଭିତରକୁ ଯିବାକୁ ହୁଏ ଏବଂ ସେଠାରୁ ଗଭୀରତର ବସ୍ତୁଗୁଡ଼ିକୁ ସାଙ୍ଗରେ ଧରି ଆଣିବାକୁ ହୋଇଥାଏ । ଆପଣା ଦୃଷ୍ଟିଚେତନାର ଅଭିବୃଦ୍ଧି ଲାଗି ଚିତ୍ରକାରମାନଙ୍କୁ ଏକ ଶୃଙ୍ଖଳାର ଅନୁସରଣ କରିବାକୁ ହୋଇଥାଏ ଏବଂ ସେହି ଶୃଙ୍ଖଳା ଓ ସାଧନାକୁ ଆମେ ପ୍ରାୟ ଏକ ଯୋଗସାଧନା ବୋଲି କହିପାରିବା । ଯଦି ସେମାନେ ପ୍ରକୃତରେ କଳାକାର ହୋଇଥିବେ, ସେମାନେ ଯଦି ଅଧିକ ଦେଖିବାକୁ ଇଚ୍ଛା କରୁଥିବେ ଏବଂ ଆପଣାର ଅନ୍ତର୍ଜଗତର ଅଭିବ୍ୟକ୍ତି ଲାଗି ସେମାନଙ୍କର କଳାକୁ ଏକ ସାଧନାରୂପେ ବ୍ୟବହାର କରିବାକୁ ଚାହୁଁଥିବେ, ତେବେ ସେହିସବୁ ସକାଶେ ଆପଣାକୁ ଅଭିନିବେଶିତ କରି ରଖି ସେମାନେ ଆପଣାର ଚେତନାରେ ମଧ୍ୟ ବୃଦ୍ଧି ସାଧନ କରିପାରିଥିବେ ଏବଂ ସେହି ଚେତନାକୁ ଯୋଗ ଦ୍ୱାରା ପ୍ରଦତ୍ତ ଚେତନାଠାରୁ କଦାପି କୌଣସି ଭିନ୍ନ ଚେତନା ବୋଲି କୁହାଯାଇ ପାରିବ ନାହିଁ । ତେଣୁ, ଯୋଗସ୍ଥ ଚେତନା କଳାତ୍ମକ ସୃଷ୍ଟି ଲାଗି ସହାୟକ ହୋଇ କାର୍ଯ୍ୟ କରି ନ ପାରିବ ବା କାହିଁକି ? ମୁଁ ଏପରି କେତେକଙ୍କୁ ଜାଣିଛି, ଯେଉଁମାନଙ୍କର କଳାର କ୍ଷେତ୍ରରେ ଖୁବ୍ ଅଳ୍ପ ତାଲିମ ରହିଥିଲା ଓ ଯେଉଁମାନେ ସେବିଷୟରେ ଖୁବ୍ ଅଳ୍ପ କୌଶଳ ହାସଲ କରିଥିଲେ ସତ, ମାତ୍ର ତେବେସୁଦ୍ଧା ଯୋଗର ସାହାଯ୍ୟରେ ସେମାନେ ଲେଖିବାରେ ଏବଂ ଛବି ଆଙ୍କିବାରେ

'oaob.nitrkl.ac.in' images reprocessed

ଚମତ୍କାର ଦକ୍ଷତା ଅର୍ଜନ କରିପାରିଲେ ! ଏଠାରେ ତୁମମାନଙ୍କୁ ମୁଁ ଦୁଇଜଣଙ୍କର କଥା କହିପାରିବି । ପ୍ରଥମେ ଜଣେ ବାଳିକାର ଉଦାହରଣ ଦେବି, ଯିଏ କି ଆଦୌ କୌଣସି ପାଠ ପଢ଼ି ନ ଥିଲା, ସିଏ ନାଚ ଜାଣିଥିଲା ଓ ବେଶ୍ ଚଳିବା ଭଳି ନାଚ ପାରୁଥିଲା । ତା'ପରେ ସେ ଯୋଗସାଧନା ଆରମ୍ଭ କଲା ଏବଂ ଏଥର କେବଳ ବନ୍ଧୁମାନଙ୍କ ପାଇଁହିଁ ନୃତ୍ୟ ଦେଖାଇଲା; ମାତ୍ର ତା'ର ନୃତ୍ୟ କ୍ରମେ ଅଭିବ୍ୟକ୍ତି ଓ ସୌନ୍ଦର୍ଯ୍ୟ କ୍ଷେତ୍ରରେ ଏପରି ଏକ ଗାମ୍ଭୀର୍ଯ୍ୟତା ହାସଲ କରିବାକୁ ଲାଗିଲା, ଯାହାକି ଆଗରୁ ମୋଟେ ସମ୍ଭବ ହେଉ ନ ଥିଲା । ଏବଂ ସିଏ ଆଗରୁ କୌଣସି ପାଠ ପଢ଼ି ନ ଥିଲେ ମଧ୍ୟ ସେହି ବାଳିକା କ୍ରମେ କେତେ ଚମତ୍କାର କଥା ଲେଖିବାକୁ ଆରମ୍ଭ କଲା; କାରଣ ତାହାର ଦୃଷ୍ଟିଜଗତ ବିକଶିତ ହୋଇ ଆସିଲା ଓ ସେହିସବୁ ଦୃଷ୍ଟିକୁ ସିଏ ଚମତ୍କାର ଭାଷାରେ ପ୍ରକାଶ ବି କରିଦେଇ ପାରିଲା । ମାତ୍ର ତା'ର ଯୋଗାଭ୍ୟାସରେ ନାନା ଉତ୍ଥାନ ଓ ପତନ ବି ରହିଥିଲା; ଭଲ ଅବସ୍ଥାରେ ଥିଲାବେଳେ ସିଏ ଭଲ ଲେଖିପାରୁଥିଲା, ମାତ୍ର ତା' ନ ହେଲେ ତା'ର ମୁଣ୍ଡ ପ୍ରାୟ କାର୍ଯ୍ୟ କରୁ ନ ଥିଲା, ସିଏ ପ୍ରାୟ ନିର୍ବୋଧଙ୍କ ପରି ରହୁଥିଲା ଏବଂ ସେତେବେଳେ କିଛି ସୃଷ୍ଟି ମଧ୍ୟ କରିପାରୁ ନ ଥିଲା । ଦ୍ୱିତୀୟଟି ହେଉଛି ଗୋଟିଏ ପୁଅପିଲାର ଉଦାହରଣ, ଯିଏକି କଳାବିଦ୍ୟାର ଅଧ୍ୟୟନ କରିଥିଲା ସତ, ମାତ୍ର ଯାହା କରିଥିଲା, ତାହା ଅତ୍ୟନ୍ତ କମ୍ । ତା'ର ବାପା କୃତକୌଶଳ ବିଭାଗରେ ଚାକିରି କରୁଥିଲେ, ସେ ପିଲାଟି ନିଜେ ବି ସେହି ବିଭାଗରେ କାର୍ଯ୍ୟ କରିବ ବୋଲି ତାଲିମ ପାଇଥିଲା । ମାତ୍ର ସେ ବିଳାସବ୍ୟସନରେ ସମୟ କଟାଇବାକୁ ଲାଗିଲା ଓ ତେଣୁ ତା'ର ତାଲିମ ମଧ୍ୟ ଖୁବ୍ ବେଶୀଦୂର ଆଗେଇ ପାରିଲା ନାହିଁ । କିନ୍ତୁ, ଯୋଗାଭ୍ୟାସ ଆରମ୍ଭ କରିବା ପରେ ପରେ ସିଏ ସତେ ଯେପରି କାହା ଦ୍ୱାରା ଅନୁପ୍ରେରିତ ହୋଇ ଏପରି ଚିତ୍ରସବୁ ଆଙ୍କିଦେଇ ପାରିଲା, ଯାହାକି ଏକ ଅନ୍ତରସ୍ଥ ଜ୍ଞାନକୁ ଅଭିବ୍ୟକ୍ତ କରିଦେଉଥିଲା । ଏବଂ ସେଇଁଗୁଡ଼ିକର ଏକ ପ୍ରତୀକାତ୍ମକ ଅର୍ଥ ବି ରହିଥିଲା । ଶେଷରେ ସିଏ ଜଣେ ସିଦ୍ଧହସ୍ତ କଳାକାର ହୋଇପାରିଥିଲା ।

> କଳାବିତ୍‌ମାନେ ସାଧାରଣତଃ ଆପଣାର ଆଚରଣରେ ଏପରି ଅନିୟମିତ ହୁଅନ୍ତି କାହିଁକି, ଚରିତ୍ରର କ୍ଷେତ୍ରରେ ଏପରି ଢିଲା ହୋଇଥାନ୍ତି ବା କାହିଁକି ?

ସେମାନେ ଯେତେବେଳେ ସେପରି ହୁଅନ୍ତି, ସେତେବେଳେ ସେହି କଳାକାରମାନେ ସାଧାରଣତଃ ପ୍ରାଣିକ ଭୂମିରେ ବାସ କରୁଥାନ୍ତି ବୋଲି ସେପରି ହୁଅନ୍ତି । ସେମାନଙ୍କ ଭିତରେ ରହିଥିବା ପ୍ରାଣିକ ଅଂଶଟି ସେହି ଜଗତର ଶକ୍ତି-ଗୁଡ଼ିକ ପ୍ରତି ଅତ୍ୟନ୍ତ ପରିମାଣରେ ଗ୍ରହଣଶୀଳ ହୋଇ ରହିଥାଏ ଏବଂ ସେହି

'oaob.nitrkl.ac.in' images reprocessed

ଜଗତରୁ ଏପରି ଯାବତୀୟ ପ୍ରକାରର ଆଦେଶ ଏବଂ ଆବେଗମାନ ଗ୍ରହଣ କରିବାରେ ଲାଗିଥାଏ, ଯାହା ଉପରେ କି ସେମାନଙ୍କର ଆଦୌ କୌଣସି ନିୟନ୍ତ୍ରଣ ଶକ୍ତି ନ ଥାଏ । ଏବଂ, ଅନେକ ସମୟରେ ଏପରି ବି ହୋଇଥାଏ ଯେ, କଳାକାରମାନେ ଆପଣା ମନଃକ୍ଷେତ୍ରରେ ଭାରି ବନ୍ଧନହୀନ ହୋଇ ରହିଥିବା ପରି ରହିଥାନ୍ତି ଏବଂ ସାଧାରଣ ଲୋକମାନଙ୍କର ଜୀବନକୁ ଶାସନ କରୁଥିବା କ୍ଷୁଦ୍ର ସାମାଜିକ ପରମ୍ପରା ଏବଂ ନୈତିକତାଗୁଡ଼ାକରେ ସେମାନେ ବିଶ୍ୱାସ ମଧ୍ୟ କରୁ ନ ଥାନ୍ତି । ଜୀବନାଚରଣର ସ୍ୱୀକୃତ ନିୟମଗୁଡ଼ାକୁ ମାନିବା ଲାଗି ସେମାନେ ଆପଣାକୁ ଆଦୌ ବାଧ୍ୟ ବୋଲି ଅନୁଭବ କରନ୍ତି ନାହିଁ ଏବଂ ତେଣେ ସେହି ନିୟମଗୁଡ଼ାକର ସ୍ଥାନାପନ୍ନ ହୋଇ ପାରିବା ଲାଗି କୌଣସି ଅନ୍ତର୍ଗତ ନିୟମର ଆବିଷ୍କାର ବି କରି ନ ଥାନ୍ତି । ସେମାନଙ୍କର ବାସନା-ସମ୍ପତ୍ତିକୁ ଲଗାମ ଦେଇ ରଖିବା ଲାଗି ସେମାନଙ୍କ ଜୀବନରେ ଆଦୌ କିଛି ହେଲେ ପ୍ରତିଷ୍ଠିତ ହୋଇପାରି ନ ଥିବାରୁ ସେମାନେ ଖୁବ୍ ସହଜରେ ସ୍ୱେଚ୍ଛା ଏବଂ ଯଥେଚ୍ଛାର ଏକ ଜୀବନ-ଯାପନ କରିବାରେ ଲାଗନ୍ତି । ମାତ୍ର, ସବୁ କଳାକାରଙ୍କ ଜୀବନରେ ଯେ ଏକଥା ଘଟେ, ତାହା ଆଦୌ ନୁହେଁ । ମୁଁ ଦଶବର୍ଷ କାଳ କଳାକାରମାନଙ୍କ ମଧ୍ୟରେ ଜୀବନ କଟାଇଛି ଏବଂ ସେମାନଙ୍କୁ ମୁଁ ମଜ୍ଜା ଭିତରେ ବି ମଧ୍ୟବର୍ଗୀ ହୋଇ ରହିଥିବାର ଲକ୍ଷ୍ୟ କରି ଦେଖିଛି; ସେମାନେ ସଂସାର କରିଛନ୍ତି, ଘର କରିଛନ୍ତି, ଭଲ ବାପ ଓ ଭଲ ସ୍ୱାମୀ ହୋଇପାରିଛନ୍ତି; କ'ଣ କର୍ତ୍ତବ୍ୟ ଓ କ'ଣ କର୍ତ୍ତବ୍ୟ ନୁହେଁ, ସେହି ବିଷୟରେ ରହିଥିବା କଠୋର ନୈତିକ ବିଗ୍ଭରଗୁଡ଼ିକ ଅନୁସାରେ ସେମାନେ ଜୀବନ ବି ବଞ୍ଚିଛନ୍ତି ।

ହଁ, ଗୋଟାଏ ଦୃଷ୍ଟିରୁ ଦେଖିଲେ ଯୋଗ ହୁଏତ ଜଣେ କଳାକାରର କଳାକୃତ ସୃଷ୍ଟି କରିବାର ଆବେଗଟିକୁ ରୋକି ଦେଇ ପାରିବ । ଯଦି ପ୍ରାଣିକ ଜଗତରେହିଁ କୌଣସି କଳାକାରର ଅସଲ ଉତ୍ସଟି ନିହିତ ହୋଇ ରହିଥିବ, ତେବେ, ଯୋଗର ଆଚରଣ ଆରମ୍ଭ କରିବା ପରେ ସିଏ ହୁଏତ ତା'ର କଳାସୃଷ୍ଟି କରିବାର ପ୍ରେରଣାଟିକୁ ହରାଇ ବସିବ; ଅଥବା, ଅଧିକ ସ୍ପଷ୍ଟ କରି କହିବାକୁ ଗଲେ ଯେଉଁ ଉତ୍ସଟିରୁ ସେ ଆପଣାର ଯାବତୀୟ ପ୍ରେରଣା ଲାଭ କରୁଥିଲା, ସିଏ ଆଉ ସେଥିରୁ କୌଣସି ପ୍ରେରଣା ପାଇପାରିବ ନାହିଁ; କାରଣ ସେତେବେଳେ ପ୍ରାଣିକ ଜଗତଟିହିଁ ତା'ର ପ୍ରକୃତ ଆଲୋକରେ ଆବିର୍ଭୂତ ହୋଇଆସିବ, ତାହାର ଆପଣାର ମୂଲ୍ୟଟିକୁ ବହନ କରିବ ଏବଂ ସେହି ମୂଲ୍ୟ ପ୍ରକୃତରେ ଅତ୍ୟନ୍ତ ଆପେକ୍ଷିକ ହୋଇ ରହିଥିବ । ଯେଉଁମାନେ ଆପଣାକୁ କଳାବନ୍ତ ବୋଲି କହିଥାନ୍ତି, ସେମାନଙ୍କ ମଧ୍ୟରୁ ଅଧିକସଂଖ୍ୟକ ବ୍ୟକ୍ତି କେବଳ ପ୍ରାଣିକଜଗତ ମଧ୍ୟରୁହିଁ ଆପଣାର ଯାବତୀୟ ପ୍ରେରଣାର ଆହରଣ କରୁଥାନ୍ତି, ଏବଂ ତେଣୁ ସେହି ପ୍ରେରଣା ମଧ୍ୟରେ ଖୁବ୍ ଉଚ୍ଚ

'oaob.nitrkl.ac.in' images reprocessed

ବା ବୃହତ୍ ସ୍ତରର ଆଦୌ କୌଣସି ତାତ୍ପର୍ଯ୍ୟ ନ ଥାଏ । ମାତ୍ର, ଯେତେବେଳେ ଜଣେ ପ୍ରକୃତ କଳାବନ୍ତ, ଆପଣାର ସୃଜନାତ୍ମକ ଉତ୍ସର ସନ୍ଧାନ କରିବାକୁ ଯାଇ ଯିଏ ଏକ ଉଚ୍ଚତର ଜଗତ ଲାଗି ଅପେକ୍ଷା ରଖିଥାଏ, ଯେତେବେଳେ ସେହିପରି ଜଣେ କଳାବନ୍ତ ଯୋଗର ମାର୍ଗଟିକୁ ଗ୍ରହଣ କରେ, ସେତେବେଳେ ସେ ନିଶ୍ଚୟ ଦେଖିବାକୁ ପାଏ ଯେ ତା'ର ପ୍ରେରଣା କ୍ରମଶଃ ଅଧିକରୁ ଅଧିକ ପ୍ରତ୍ୟକ୍ଷ ହେବାରେ ଲାଗିଛି, ଅଧିକ ଶକ୍ତିଶାଳୀ ହେବାରେ ଲାଗିଛି ଏବଂ ତା'ର ଅଭିବ୍ୟକ୍ତି ମଧ୍ୟ ଅଧିକ ସ୍ପଷ୍ଟ ଏବଂ ଅଧିକ ଗଭୀର ହେବାରେ ଲାଗିଛି । ଯେଉଁମାନେ ଜୀବନର ଏକ ଉଚିତ ମୂଲ୍ୟର ଅଧିକାରୀ ହୋଇ ପାରିଛନ୍ତି, ଯୋଗଶକ୍ତି ସେମାନଙ୍କର ସେହି ମୂଲ୍ୟରେ ଅବଶ୍ୟ ବୃଦ୍ଧି ଘଟାଇବ; ମାତ୍ର, ଯେଉଁ କଳାବନ୍ତର ଜୀବନରେ କଳାର କେବଳ କେତେକ ମିଥ୍ୟା ପ୍ରତିଷ୍ଠାସହିଁ ସାର ହୋଇ ରହିଛି, ଯୋଗସାଧନା ଦ୍ୱାରା ସେମାନଙ୍କଠାରୁ ସେହି ପ୍ରତିଷ୍ଠାଟି ବି ବିଲୁପ୍ତ ହୋଇଯିବ ଅଥବା ତାହାର ଆଉ କୌଣସି ଆବେଦନ ରହିବ ନାହିଁ । ଯିଏ ନିଷ୍ଠାପର ଭାବରେ ଯୋଗସାଧନା କରୁଥିବ, ତା'ର ନମୋନ୍ମୋଚିତ ଦୃଷ୍ଟି-ଆୟତନ ମଧ୍ୟରେ ସର୍ବପ୍ରଥମେ ଏହି ସରଳ ସତ୍ୟଟି ଉଙ୍କିଟି ଉଠିବ ଯେ ବିଶ୍ୱ-ପ୍ରକାଶର ପରିପ୍ରେକ୍ଷୀରେ ବିଚାର କଲେ, ଯିଏ ଯାହା କରୁଛି, ତାହାକୁ କେବଳ ଏକ ଆପେକ୍ଷିକ କଥା ବୋଲିହିଁ କହିବାକୁ ହେବ । ମାତ୍ର ଜଣେ କଳାକାର ସାଧାରଣତଃ ଦମ୍ଭର ଆଶ୍ରୟ ନେଇଥାଏ ଏବଂ ଆପଣାକୁ ଖୁବ ମହତ୍ତ୍ୱପୂର୍ଣ୍ଣ ଜଣେ ବ୍ୟକ୍ତି ବୋଲି ଦେଖିବାରେ ଲାଗିଥାଏ, ମନୁଷ୍ୟମାନଙ୍କର ସଂସାରରେ ନିଜକୁ ସତେଅବା ଗୋଟାଏ ଅଧା ଭଗବାନ୍ ବୋଲି ବିଚାର କରୁଥାଏ । ଅନେକ କଳାକାର କହିଥାନ୍ତି ଯେ, ଯଦି ସେମାନେ ଯାହା କରୁଛନ୍ତି, ତାହା ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବିଶ୍ୱାସ ନ କରନ୍ତି, ତେବେ ସେମାନେ ସେଇଟିକୁ କଦାପି କରିପାରିବେ ନାହିଁ । ମାତ୍ର, ମୁଁ ଏପରି କେତେଜଣ କଳାକାରଙ୍କୁ ଜାଣିଛି, ଯେଉଁମାନେ କି ଏକ ଉଚ୍ଚତର ଜଗତରୁ ଆପଣା କଳା ଲାଗି ପ୍ରେରଣା ପାଉଥିଲେ ଏବଂ ତଥାପି ସେମାନେ କଦାପି ବିଶ୍ୱାସ କରୁ ନ ଥିଲେ ଯେ, ସେମାନେ ଯାହା କରୁଛନ୍ତି, ତାହା ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ । ତାହାକୁହିଁ ଯଥାର୍ଥ କଳାର ଅପେକ୍ଷାକୃତ ଅଧିକ ନିକଟବର୍ତ୍ତୀ ବୋଲି କୁହାଯିବ । ଯଦି ଜଣେ ବ୍ୟକ୍ତି କଳାର ମାଧ୍ୟମରେ ଆପଣାକୁ ଯଥାର୍ଥରେ ଅଭିବ୍ୟକ୍ତ କରିବା ଲାଗି ପ୍ରବୃତ୍ତ ହୋଇ ପାରିବ, ତେବେ ସ୍ୱୟଂ ପରମ ଦିବ୍ୟସତ୍ତାହିଁ ତା' ଭିତରେ ଆପଣାକୁ ଅଭିବ୍ୟକ୍ତ କରି ଆଣିବା ଲାଗି ସେହି ପଥଟିକୁ ନିର୍ବାଚିତ କରିଛନ୍ତି ବୋଲି କହିବାକୁ ହେବ, ଏବଂ ସେପରି ହୋଇ ପାରିଲେ ଯୋଗର ସାଧନା ଦ୍ୱାରା ତା'ର କଳା ମଧ୍ୟ ଲାଭବାନ ହେବ, କୌଣସି ପ୍ରକାରେ କଦାପି କ୍ଷତିଗ୍ରସ୍ତ ହେବ ନାହିଁ । ମାତ୍ର, ଏଠାରେ ସେହି ସମୁଦାୟ ପ୍ରଶ୍ନଟି ତଥାପି ପଚରାଯିବ, ପରମ ଦିବ୍ୟସତ୍ତାହିଁ

'oaob.nitrkl.ac.in' images reprocessed

କଳାକାରକୁ କଳା ଲାଗି ନିଯୁକ୍ତ କରି ରଖିଛନ୍ତି ନା ସିଏ ନିଜେ ନିଜକୁ ସେପରି ନିଯୁକ୍ତ କରିଛୁ ?

> ମାତ୍ର, ଯୋଗାଭ୍ୟାସ ଦ୍ୱାରା ଜଣେ ବ୍ୟକ୍ତି ସେକ୍ସ୍‌ପିଅର୍ ବା ସେଲିଙ୍କ ପରି ଏତେ ଉଚ୍ଚକୁ ଯାଇପାରିବ କି ? ଆମେ ଏପରି କୌଣସି ଉଦାହରଣ ଦେଖିବାକୁ ପାଉ ନାହିଁ !

ଏପରି ଉଦାହରଣ ନାହିଁ ବୋଲି କିଏ କହିଲା ? ସେକ୍ସ୍‌ପିଅର୍ ବା ଅନ୍ୟ କୌଣସି କବି ଯାହାକିଛି ସୃଷ୍ଟି କରିଛନ୍ତି, ମହାଭାରତ କିଂବା ରାମାୟଣକୁ ଆମେ କଦାପି ତାହାଠାରୁ ନିମ୍ନତର ସ୍ତରର କୃତି ବୋଲି କହିପାରିବା ନାହିଁ । ଏବଂ, ସେହି ଗ୍ରନ୍ଥଦୁଇଟି ଏପରି ବ୍ୟକ୍ତିମାନଙ୍କ ଦ୍ୱାରା ରଚିତ ହୋଇଥିଲା, ଯେଉଁମାନଙ୍କୁ ଋଷି ବୋଲି କୁହାଯାଇଛି ଓ ଯେଉଁମାନେ ଯୋଗସ୍ଥ ରହି ତପସ୍ୟା କରିପାଇଛନ୍ତି । ଉପନିଷଦଗୁଡ଼ିକ ପରି ଗୀତାକୁ ମଧ୍ୟ ଏକାଧାରରେ ସର୍ବୋଚ୍ଚ ସାହିତ୍ୟକୃତି ଏବଂ ସର୍ବୋଚ୍ଚ ଆଧ୍ୟାତ୍ମିକ କୃତି ମଧ୍ୟରୁ ଗୋଟିଏ ବୋଲି ଗଣନା କରାଯାଇଛି; ମାତ୍ର ଯୋଗମାର୍ଗରେ କୌଣସି ଅଭିଜ୍ଞତା ନ ଥିବା ଜଣେ ବ୍ୟକ୍ତିଙ୍କ ଦ୍ୱାରା ସେହି ଗୀତା କଦାପି ରଚିତ ହୋଇ ନ ଥିଲା । ଏବଂ, ଭାରତବର୍ଷରେ, ପାରସ୍ୟରେ ବା ଅନ୍ୟାନ୍ୟ ଦେଶରେ ସନ୍ଥ, ସୁଫୀ ଏବଂ ଭକ୍ତରୂପେ ପରିଚିତ ହୋଇଥିବା ବ୍ୟକ୍ତିମାନେ ଯେଉଁ ବିଖ୍ୟାତ କବିତାମାନ ଲେଖିଯାଇଛନ୍ତି, ମିଲ୍‌ଟନ୍ ଏବଂ ସେଲିଙ୍କ ସହିତ ତୁଳନା କରି ସେଗୁଡ଼ିକୁ ନିକୃଷ୍ଟ ବୋଲି କେଉଁ ଯୁକ୍ତି ଅନୁସାରେ କୁହାଯିବ ? ଏବଂ ତା'ପରେ, ତୁମେ କ'ଣ ପ୍ରକୃତରେ ସବୁ ଯୋଗୀଙ୍କୁ ଜାଣିଛ, ସେମାନଙ୍କର କୃତିଗୁଡ଼ିକୁ ଜାଣିଛ ? ସଂସାରରେ ଯେତେ କବି ଓ ସ୍ରଷ୍ଟା ଅଛନ୍ତି, ସେମାନଙ୍କ ଭିତରୁ କିଏ ଭଗବାନ୍ ପରମସତ୍ତାଙ୍କ ସହିତ ସଚେତନ ଭାବରେ ସଂଯୁକ୍ତ ହୋଇଥିଲେ ଓ କିଏ ହୋଇ ନ ଥିଲେ, ତୁମେ ସେକଥା କେବେହେଲେ କହି ପାରିବ କି ? ସେମାନଙ୍କ ମଧ୍ୟରୁ ଏପରି କେତେଜଣ ଅଛନ୍ତି, ଯେଉଁମାନଙ୍କୁ ଆନୁଷ୍ଠାନିକ ଭାବରେ ଯୋଗୀ ବୋଲି କୁହାଯାଇ ପାରିବ ନାହିଁ; ସେମାନେ ଗୁରୁ ହୋଇ ନାହାନ୍ତି ବା ସେମାନଙ୍କର ଶିଷ୍ୟ ମଧ୍ୟ ନାହାନ୍ତି । ସେମାନେ କ'ଣ କରନ୍ତି, ପୃଥିବୀ ସେକଥା ଆଦୌ ଜାଣେ ନାହିଁ; ସେମାନେ କଦାପି ଖ୍ୟାତି ମିଳିବ ବୋଲି ବ୍ୟାକୁଳ ହୋଇପଡ଼ନ୍ତି ନାହିଁ ବା ଆପଣା ଆଡ଼କୁ ମନୁଷ୍ୟମାନଙ୍କର ଦୃଷ୍ଟିକୁ କଦାପି ଆକର୍ଷଣ କରନ୍ତି ନାହିଁ । ମାତ୍ର ତଥାପି ସେମାନଙ୍କର ଚେତନା ଉଚ୍ଚତର ଚେତନା ହୋଇ ରହିଥାଏ, ସେମାନେ ଏକ ଦିବ୍ୟ ପରମ ଶକ୍ତିର ସଂସ୍ପର୍ଶରେ ଆସିଥାନ୍ତି ଏବଂ ଯାହାକିଛି ସୃଷ୍ଟି କରନ୍ତି, ସେହି ଉଚ୍ଚତର ଚେତନାରେ ଅବସ୍ଥିତ ରହିହିଁ ସୃଷ୍ଟି

'oaob.nitrkl.ac.in' images reprocessed

କରନ୍ତି । ଭାରତର ସର୍ବୋତ୍କୃଷ୍ଟ ଚିତ୍ର ଏବଂ ସର୍ବୋତ୍କୃଷ୍ଟ ଅଧିକାଂଶ ମୂର୍ତ୍ତିସମୂହ ଏବଂ ସ୍ଥାପତ୍ୟ ବୌଦ୍ଧଭିକ୍ଷୁମାନଙ୍କ ଦ୍ୱାରା ସମ୍ଭବ ହୋଇଥିଲା, ଯେଉଁମାନେ କି ଆଧ୍ୟାତ୍ମିକ ଚିନ୍ତନ ଏବଂ ଅଭ୍ୟାସ ମଧ୍ୟରେ ଜୀବନ ଅତିବାହିତ କରୁଥିଲେ । ସେମାନେ ଅତି ଉଚ୍ଚଧରଣର କଳାକୃତିମାନ ସୃଷ୍ଟି କରୁଥିଲେ, ମାତ୍ର ଭବିଷ୍ୟତର ଲୋକମାନେ ଜାଣିବେ ବୋଲି ସେଗୁଡ଼ିକ ଉପରେ କଦାପି ନିଜର ନାମାଙ୍କନ କରିବାକୁ ମନ କରୁ ନ ଥିଲେ । ଯୋଗୀମାନେ ଯେ ସେମାନଙ୍କର କଳାକୃତିଗୁଡ଼ିକର ଜରିଆରେ ଆମ ପାଖରେ ପରିଚିତ ହୋଇ ରହି ନାହାନ୍ତି, ତାହାର ସର୍ବପ୍ରଧାନ କାରଣ ହେଉଛି ଯେ ଆପଣାର କଳାକ୍ଷେତ୍ରୀୟ ସୃଜନଗୁଡ଼ିକୁ ସେମାନେ କଦାପି ସେମାନଙ୍କ ଜୀବନର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ବୋଲି ବିଚାର କରି ନାହାନ୍ତି । ଜଣେ ଜଣେ କେବଳ କଳାକାର ହିସାବରେ ସେମାନେ କଦାପି କଳାରେ ଆପଣାର ଏତେ ସମୟ ବା ଏତେ ଶକ୍ତି ଲଗାଇ ନାହାନ୍ତି । ଏବଂ, ସେହି ଯୋଗୀମାନେ ଯାହାକିଛି କରନ୍ତି, ତାହା ଯେ ସର୍ବଦା ଲୋକସାଧାରଣଙ୍କ ପାଏ ଆସି ପହଞ୍ଚିପାରେ, ସେ କଥା ମଧ୍ୟ ଠିକ୍ ନୁହେଁ । ଏବଂ, ଏପରି କେତେକଣ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ପ୍ରକୃତରେ ମହାନ୍ ମହାନ୍ କାର୍ଯ୍ୟ କରିଛନ୍ତି, ମାତ୍ର ପୃଥିବୀରେ ସେଗୁଡ଼ିକୁ ଆଦୌ ପ୍ରକାଶିତ କରି ନାହାନ୍ତି

ଯୋଗୀମାନେ ସେକ୍ସପିଅରଙ୍କଠାରୁ ବି କ'ଣ ଆହୁରି ଭଲ ନାଟକମାନ ଲେଖି ପାରିଛନ୍ତି ?

ନାଟକକୁ କଦାପି କଳାସୃଷ୍ଟିର କ୍ଷେତ୍ରରେ ସର୍ବୋଚ୍ଚ ବୋଲି କୁହାଯିବ ନାହିଁ । କେହି ଜଣେ ଏପରି ଗୋଟିଏ ମତ ଦେଇଛନ୍ତି ଯେ ଯେକୌଣସି ଅନ୍ୟ କଳାଠାରୁ ନାଟକ ହେଉଛି ଶ୍ରେଷ୍ଠତର ଏବଂ କଳା ହେଉଛି ଜୀବନଠାରୁ ଶ୍ରେଷ୍ଠତର । ମାତ୍ର ଆମେ ତାହାକୁ ଠିକ୍ ବୋଲି ସ୍ୱୀକାର କରିବା ନାହିଁ । କଳାକ୍ଷେତ୍ରର ସୃଷ୍ଟି ଓ କୃତିମାନ ଏପରି ଗୋଟିଏ ଗୋଟିଏ ଜିନିଷ, ଯାହାକି ସ୍ୱୟଂସମ୍ପୂର୍ଣ୍ଣ ଭାବରେ ତିଷ୍ଠି ରହିପାରିବ ଓ ପୃଥିବୀରେ ଅବଶିଷ୍ଟ କ୍ଷେତ୍ରଗୁଡ଼ିକ ଉପରେ ଆଦୌ କୌଣସି ନିର୍ଭର କରିବ ନାହିଁ, ଏପରି ଭାବି କଳାକାର ପ୍ରକୃତରେ ଭୁଲ୍ କରିଥାଏ । ଏହି କଳାକାରମାନେ କଳାକୁ ଜୀବନର ମୃତ୍ତିକାବସ୍ତୁର ଉପରେ ଫୁଟିଥିବା ସତେଅବା ଗୋଟାଏ ଛିରୂପରି ବୁଝିଥାନ୍ତି, ତାହାକୁ ସତେଅବା ଆକସ୍ମିକ ଏବଂ ବାହ୍ୟ କିଛି ବୋଲି ବୁଝିଥାନ୍ତି । ଜୀବନ ସହିତ ତାହାର ଏକ ଅନ୍ତର୍ଗତ ନିବିଡ଼ ସମ୍ପର୍କ ରହିଛି ବୋଲି ସ୍ୱୀକାର କରୁ ନ ଥାନ୍ତି । ସେମାନଙ୍କ ମତରେ କଳା ଗଭୀର ଏବଂ ସ୍ଥାୟୀ ସତ୍ୟଗୁଡ଼ିକ ମଧ୍ୟରୁ କେତେବେଳେ କୌଣସିଟିକୁ ସ୍ପର୍ଶ କରେ

'oaob.nitrkl.ac.in' images reprocessed

ନାହିଁ ଓ ଜୀବନର କୌଣସି ଯଥାର୍ଥ ଏବଂ ଅବିଚ୍ଛିନ୍ନ ଅଂଶରେ କଦାପି ପରିଣତ ହୋଇପାରେ ନାହିଁ । ଯାହା ଯଥାର୍ଥରେ କଳା, ତାହା ସୌନ୍ଦର୍ଯ୍ୟକୁ ଅଭିବ୍ୟକ୍ତ କରିବା ଲାଗି ଅଭିପ୍ରେତ ହୋଇ ରହିଥାଏ ସତ, ମାତ୍ର ସକଳ ବିଶ୍ୱର ଗତିସ୍ପନ୍ଦନଟି ସହିତ ଅନ୍ତରଙ୍ଗତା ରକ୍ଷା କରିହିଁ ତାହା ସେପରି କରିଥାଏ । ଯେଉଁ ଜାତି ଓ ସମୂହମାନେ ଉଚ୍ଚତମ ସ୍ତରକୁ ଯାଇଛନ୍ତି ଓ ସଂସ୍କୃତିର ସର୍ବୋଚ୍ଚ ଉପଲବ୍ଧି କରିପାରିଛନ୍ତି, ସେମାନେ କଳାକୁ ସର୍ବଦା ଜୀବନର ଏକ ଅଙ୍ଗ ବୋଲିହିଁ ବିଚାର କରିଛନ୍ତି, ସେମାନେ କଳାକୁ ଜୀବନର ପରିକର ବୋଲି ବୁଝିଛନ୍ତି । ଜାପାନର ସର୍ବୋତ୍ତମ ମୁହୂର୍ତ୍ତଗୁଡ଼ିକରେ ସେଠାରେ କଳା ଠିକ୍ ସେହିପରିହିଁ ହୋଇ ରହିଥିଲା । କଳାର ଇତିହାସରେ ସର୍ବତ୍ର ସର୍ବୋତ୍ତମ ମୁହୂର୍ତ୍ତଗୁଡ଼ିକରେ କଳା ଠିକ୍ ସେହିପରି ହୋଇ ରହିଥିଲା । ମାତ୍ର ଅଧିକାଂଶ କଳାକାର ଜୀବନର ଧାରଉପରେ ଅଲଗା ହୋଇ ରହିଥିବା ସତେଅବା ମଲଙ୍ଗ ପରି ହୋଇ ରହିଥାନ୍ତି; ଏହି ଜୀବନ ମଧ୍ୟରେ ତଥା ଜୀବନ ମଧ୍ୟଦେଇ କଳା ଯେ ପରମ ଦିବ୍ୟସତ୍ତାଙ୍କରହିଁ ଏକ ଅଭିବ୍ୟକ୍ତି ହୋଇ ରହିବ, ସେମାନେ ସେକଥା ଆଦୌ ଜାଣିଥିଲା ପରି ବି ମନେ ହୁଏ ନାହିଁ । ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ ସ୍ଥାନରେ ଏବଂ ପ୍ରତ୍ୟେକ ସମ୍ପର୍କର କ୍ଷେତ୍ରରେ ସତ୍ୟକୁହିଁ ତାହାର ସର୍ବାନ୍ତର୍ଗତକାନ୍ତି ଛନ୍ଦଟି ସହିତ ପ୍ରକାଶିତ କରି ଆଣିବାକୁ ହେବ । ଏବଂ, ଜୀବନର ପ୍ରତ୍ୟେକ ଗତିସ୍ପନ୍ଦନହିଁ ସୌନ୍ଦର୍ଯ୍ୟ ଏବଂ ସୌଷମ୍ୟର ଅଭିବ୍ୟକ୍ତି ହୋଇ ରହିବ । କୌଶଳ କଦାପି କଳା ନୁହେଁ, ବୁଦ୍ଧିଗତ ଯୋଗ୍ୟତା ବି କଳା ନୁହେଁ । କଳା ହେଉଛି ଏକ ଜୀବନ୍ତ ସମଞ୍ଜସତାର ଉପଲବ୍ଧି, ସୌନ୍ଦର୍ଯ୍ୟର ଏକ ଜୀବନ୍ତ ଉପଲବ୍ଧି ଏବଂ ଜୀବନର ଯାବତୀୟ କ୍ରିୟାଶୀଳତାର କ୍ଷେତ୍ରରେ ତାହାକୁ ଅଭିବ୍ୟକ୍ତ କରି ଆଣିବାକୁ ପଡ଼ିବ । ସୌନ୍ଦର୍ଯ୍ୟ ତଥା ସୌଷମ୍ୟର ଅଭିବ୍ୟକ୍ତିକୁ ଆମେ ଏହି ପୃଥିବୀରେ ପରମ ଦିବ୍ୟସତ୍ତାଙ୍କରହିଁ ଅଭିବ୍ୟକ୍ତିର କେବଳ ଏକ ଅଂଶ ବୋଲି ଜାଣିବା, ସମ୍ଭବତଃ ତାହାର ବୃହତ୍ତମ ଅଂଶଟି ବୋଲି ଜାଣିବା !

କାରଣ, ଅତିମାନସ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ପରମ ଦିବ୍ୟସତ୍ତାଙ୍କର ଅନ୍ୟ ଯେକୌଣସି ପରିପ୍ରକାଶ ତୁଳନାରେ ସୌନ୍ଦର୍ଯ୍ୟ ଏବଂ ସମଞ୍ଜସତାକୁ ମଧ୍ୟ ସମାନ ସ୍ତରରେ ମହତ୍ତ୍ୱପୂର୍ଣ୍ଣ ଗୋଟିଏ ଗୋଟିଏ ପରିପ୍ରକାଶ ବୋଲି କହିବାକୁ ହେବ । ମାତ୍ର ସେହି ଦୁଇଟିଯାକକୁ ଆମେ ଅନ୍ୟ ଅଭିବ୍ୟକ୍ତି-ଗୁଡ଼ିକଠାରୁ କଦାପି ଅଲଗା କରିଦେଇ ପାରିବା ନାହିଁ, ଅନ୍ୟ ଯାବତୀୟ ସମ୍ବନ୍ଧଠାରୁ ଆମେ ସେହି ଦୁଇଟିକୁ କଦାପି ବିଚ୍ଛିନ୍ନ କରି ବିଚାର କରିପାରିବା ନାହିଁ, ସବୁଗୁଡ଼ିକରୁ ବାହାର କରିନେଇ ସେଗୁଡ଼ିକର କୌଣସି ଅନୁଶୀଳନ କରିପାରିବା

'oaob.nitrkl.ac.in' images reprocessed

ନାହିଁ । ଏକ ସମଗ୍ର ସ୍ତବରେ ଜୀବନର ଅଭିବ୍ୟକ୍ତି ସହିତ ସେଗୁଡ଼ିକୁ ସଂଯୁକ୍ତ ହୋଇ ରହିବାକୁ ପଡ଼ିବ । ଅନେକ ଲୋକଙ୍କର ଏପରି କହିବାର ଏକ ଅଭ୍ୟାସ ରହିଆସିଛି, "ଆରେ, ଇଏ ହେଉଛନ୍ତି ଜଣେ କଳାକାର !" ସତେଯେମିତି ଜଣେ କଳାକାରକୁ ଅନ୍ୟ ମଣିଷମାନଙ୍କ ସହିତ ଆଦୌ ଜଣେ ମଣିଷ ହୋଇ ରହିବାକୁ ପଡ଼ିବ ନାହିଁ, ସତେଯେପରି ସିଏ ଗୋଟାଏ ଅସାଧାରଣ ଆଉକିଛି ହୋଇ ରହିବ, ସିଏ ଗୋଟାଏ ଅଲଗା ଶ୍ରେଣୀ ହୋଇ ରହିବ, ଏବଂ ପୃଥିବୀର ଅନ୍ୟସାଧାରଣ ବସ୍ତୁଗୁଡ଼ିକ ସହିତ ଆମେ ତାକୁ ଏକାଠି ମିଶାଇ କଦାପି ବିଗ୍ଭର କରିପାରିବା ନାହିଁ ! "କେବଳ କଳା ସକାଶେହିଁ କଳା" ବୋଲି ଯେଉଁ ନିୟମଟି ରହିଛି, ତାହା ଠିକ୍ ଏହି ଭୁଲ୍‌ଟିକୁହିଁ ଗୋଟାଏ ସତ୍ୟ ବୋଲି ବୁଝାଇ କହିବାକୁ ଓ ଗୁରୁତ୍ୱ ଆଣି ଦେବାକୁ ଏକ ଚେଷ୍ଟା କରିବାରେ ଲାଗିଥାଏ ! ଅନେକ ଲୋକ ଯେମିତି ଅଛନ୍ତି, ଯେଉଁମାନେ କି ନିଜ ବୈଠକଖାନା ଘରର ମଝିଟାରେ ଆଣି ବନ୍ଧେଇ ହୋଇଥିବା ଗୋଟାଏ ଏଡ଼େ ବଡ଼ ଛବି ଆଣି ରଖିବାକୁ ମନ କରନ୍ତି, କୋଠରିଟିର ଅନ୍ୟ ଆସବାବ ବା କାନ୍ଥ ସହିତ ସେହି ଛବିଟି ଆଦୌ ଖାପ ଖାଉ ନ ଥାଏ, ତାହା ଏକ "କଳାର ବସ୍ତୁ" ହୋଇଥିବାରୁହିଁ ତାହାକୁ ସେଠାରେ ଆଣି ଥୋଇ ଦିଆଯାଇଥାଏ; — ଉକ୍ତ ନିୟମଟି ପ୍ରାୟ ଏହିପରି ଏକ ଭାବର ଅନୁସରଣ କରୁଥାଏ ।

ଯଥାର୍ଥ କଳା ହେଉଛି ଏକ ସମଗ୍ରତା, ଏକ ସମାହାର, ଏକ ସମଷ୍ଟି । ଏହା ହେଉଛି ଏକ ଅଖଣ୍ଡ ବସ୍ତୁ; ଜୀବନର ଯେଉଁଠି ସ୍ଥାନ, କଳାର ମଧ୍ୟ ସେଇଠି ସ୍ଥାନ । ପ୍ରାଚୀନ ଗ୍ରୀସ୍ ଏବଂ ପ୍ରାଚୀନ ମିଶରରେ ଆମେ ଏହି ନିବିଡ଼ ସମଗ୍ରତାର କେତୋଟି ଉପାଦାନ ଦେଖିବାକୁ ପାଇଥାଉ । କାରଣ, ସେହିସବୁ କ୍ଷେତ୍ରରେ, ଯାବତୀୟ ଚିତ୍ର, ମୂର୍ତ୍ତି ଏବଂ ଅନ୍ୟାନ୍ୟ କଳାବସ୍ତୁ ଏକ ସମଗ୍ର ଅଟ୍ଟାଳିକାରହିଁ ସ୍ଥାପତ୍ୟ-ଯୋଜନା ଭିତରେ ପୂରକ ଗୋଟିଏ ଗୋଟିଏ ଅଂଶରୂପେ ତିଆରି ହୋଇଥିଲେ ଏବଂ ତାହାରି ଭିତରେହିଁ ସଜ୍ଜିତ ହୋଇ ରହିଥିଲେ । ସେଠାରେ ହିକନକି ପ୍ରତ୍ୟେକ ଜିନିଷ ସମଗ୍ରଟିରହିଁ ଅଂଶ ହୋଇ ରହିଥିଲା । ଜାପାନରେ ମଧ୍ୟ ଆମେ ଠିକ୍ ସେହି କଥା ଦେଖିବା; ଅନ୍ତତଃ ଏକଥା ନିଶ୍ଚୟ କୁହାଯାଇ ପାରିବ ଯେ ସେହି ଦେଶ ଉପରେ ଏକ ପ୍ରୟୋଜନବାଦ ଏବଂ ବ୍ୟବହାରିକ ଆଧୁନିକତା-ବାଦର ଆକ୍ରମଣ ଘଟିବା ପୂର୍ବରୁ ସେଠାରେ ଏବେଯାଏ ସ୍ଥିତିପ୍ରାପ୍ତ ସେହିପରି ହୋଇ ରହିଥିଲା । ଗୋଟିଏ ଜାପାନୀ ଘରକୁ ଏକ ଅତିଚମତ୍କାର କଳାତ୍ମକ ସମଗ୍ରତା ବୋଲି କୁହାଯାଇ ପାରିବ । ସେଠାରେ ପ୍ରତ୍ୟେକଟି ବସ୍ତୁକୁ ତାହାର ଯଥାର୍ଥ ସ୍ଥାନରେ ନେଇ ରଖା ଯାଇଥାଏ, କେଉଁଠି ଗୋଟିଏ ହେଲେ ଜିନିଷ ଅନୁଚିତ

'oaob.nitrkl.ac.in' images reprocessed

ସ୍ଥାନରେ ନ ଥାଏ,—ସଜାସଜରେ କୌଣସି ଅତିରକ୍ତତା ନ ଥାଏ, ଅତିସ୍ୱଳ୍ପତା ମଧ୍ୟ ନ ଥାଏ । ଯେଉଁଠି ଯେଉଁ ଜିନିଷ ରହିବାର ପ୍ରୟୋଜନ ଥିଲା, ସେହି ଜିନିଷଟି ଠିକ୍ ସେହିଠାରେ ଯାଇ ରହିଥାଏ । ଏବଂ, ଘରଟି ମଧ୍ୟ ଅତି ଚମତ୍କାର ଭାବରେ ଚତୁର୍ଦ୍ଦିଗର ପ୍ରାକୃତିକ ଦୃଶ୍ୟଟି ସହିତ ମିଶି ଯାଇ ଓ ମେଳ ଖାଇ ରହିଥାଏ । ଏଠି ଭାରତବର୍ଷରେ ମଧ୍ୟ ଚିତ୍ରକଳା, ସ୍ଥାପତ୍ୟ ଏବଂ ନିର୍ମାଣ କଳା ଏକତ୍ର ମିଶି ଗୋଟିଏ ସମଗ୍ର ସୌନ୍ଦର୍ଯ୍ୟରେ ପରିଣତ ହୋଇ ରହିଥିଲେ, ସେହି ପରମ ଦିବ୍ୟସତ୍ତାଙ୍କର ଉପାସନା ଲାଗି ଏକ ସମଗ୍ର ଗତିଷ୍ପନ୍ଦନ ହୋଇ ରହିଥିଲେ ।

ସେହି କାଳଟି ଗତ ହୋଇଯିବା ପରେ, ଏହି ଅର୍ଥରେ ଏବେ ପୃଥିବୀରେ ପ୍ରକୃତରେ ଏକ ବିରାଟ ଅଧଃପତନ ଓ ବିକୃତି ଘଟିଛି । ରାଣୀ ଭିକ୍ଟୋରିଆଙ୍କ ରାଜତ୍ୱ କାଳରୁ ଏବଂ ଫ୍ରାନ୍ସରେ ଦ୍ୱିତୀୟ ସାମ୍ରାଜ୍ୟର ସ୍ଥାପନା ସମୟରୁ ଆମେ ସତେଅବା ଅବକ୍ଷୟର ଏକ ଯୁଗପର୍ଯ୍ୟାୟ ମଧ୍ୟରେ ଆସି ପ୍ରବେଶ କରିଛୁ । ବର୍ତ୍ତମାନ ତ ଘର ଭିତରେ ଏପରି ନାନା ଛବିକୁ ଆଣି ଟଙ୍ଗାଇ ରଖିବାର ଅଭ୍ୟାସ ହୋଇଗଲାଣି, ଯେଉଁଗୁଡ଼ିକର କି ସେଗୁଡ଼ିକୁ ବେଷ୍ଟନ କରି ରହିଥିବା ଅନ୍ୟ ବସ୍ତୁଗୁଡ଼ିକର ପରିପ୍ରେକ୍ଷୀରେ ଆଦୌ କୌଣସି ଅର୍ଥହିଁ ନାହିଁ । ଏବେ ଯେକୌଣସି ଛବି ଓ କଳାତ୍ମକ ଯେକୌଣସି ସାମଗ୍ରୀକୁ ହୁଏତ ଯେକୌଣସି ସ୍ଥାନରେ ନେଇ ରଖି ଦିଆଯାଇ ପାରୁଛି ଏବଂ ତଦ୍ୱାରା ପ୍ରାୟ କୌଣସି ପାର୍ଥକ୍ୟ ଅନୁଭୂତ ହେଉ ନାହିଁ । କଳା କହିଲେ ଏଣିକି କୌଶଳ, ଚତୁରୀ ଏବଂ ବୁଦ୍ଧିମତ୍ତାର ଏକ ପ୍ରଦର୍ଶନକୁ ବୁଝାଉଛି, କାହାରି ଗୃହ ମଧ୍ୟରେ ସୁସମନ୍ୱୟତା ଏବଂ ସୌନ୍ଦର୍ଯ୍ୟର କୌଣସି ସମଗ୍ର ପରିପ୍ରକାଶକୁ ତାହା ଆଦୌ ବୁଝାଉ ନାହିଁ ।

ମାତ୍ର ରୁଚି ଆ ରୁଚିର ଏହି ଅଧୋଗତିଟି ବିରୁଦ୍ଧରେ ଏବେ ଏକ ବିଦ୍ରୋହ ମଧ୍ୟ ଦେଖାଦେବାକୁ ଆରମ୍ଭ କଲାଣି । ଏହି କ୍ଷେତ୍ରରେ ପ୍ରତିକ୍ରିୟାଟି ଶେଷକୁ ଏତେ ଅଧିକ ପରିମାଣରେ ତୀବ୍ର ହୋଇ ପଡ଼ିଲା ଯେ ତାହା ସତେଅବା ସମ୍ପୂର୍ଣ୍ଣ ଭାବରେ ଏକ ପଥଭ୍ରଷ୍ଟତା ପରି ବୋଧ ହେବାକୁ ଲାଗିଲା ଏବଂ କଳା ସତେଅବା କ୍ରମଶଃ ଉଦ୍ଭଟତା ମଧ୍ୟରେ ଯାଇ ବୁଡ଼ି ରହିବାପରି ମନେ ହେଲା । ଅବଶ୍ୟ, ଅତ୍ୟନ୍ତ ମନ୍ଥର ଭାବରେ ସେହି ଅରାଜକତାର ଗଦା ଭିତରୁ ଏପରି କିଛି ଅଧିକ ବୁଦ୍ଧିଯୁକ୍ତ, ନ୍ୟାୟବୁଦ୍ଧି ପ୍ରେରିତ ଏବଂ ସଙ୍ଗତିସମ୍ପନ୍ନ ବସ୍ତୁ ଉଦ୍ଭୂତ ହେବାକୁ ଆରମ୍ଭ କରୁଛି, ଯାହାକୁ କି ଆମେ ପୁନର୍ବାର କଳା ନାମରେ ଅଭିହିତ କରିପାରିବା; ତାହାକୁ ଆମେ ଏପରି ଏକ କଳା ବୋଲି କହିପାରିବା, ଯାହାର ପୁନରୁଦ୍ଧାର କରାଯାଇଛି ଏବଂ ସମ୍ଭବତଃ, ଆମେ ହୁଏତ ଏକଥା ବି ଆଶା କରିପାରିବା, ଯାହାଦ୍ୱାରା ଏକ ପୁନର୍ଜାଗରଣ ମଧ୍ୟ ସମ୍ଭବ ହୋଇପାରିଛି ।

'oaob.nitrkl.ac.in' images reprocessed

ଆପଣାର ମୌଳିକ ସତ୍ତାର ଭୂମିରେ ଆମେ କଳାକୁ ଭଗବତ୍‌-ପରମ-ଅଭିବ୍ୟକ୍ତିର ସୌନ୍ଦର୍ଯ୍ୟରୂପୀ ବସ୍ତୁବଟିଠାରୁ କଦାପି ଆଦୌ କୌଣସି ଗୁଣରେ କମ୍ ବୋଲି କହିପାରିବା ନାହିଁ। ଏହି ଦୃଷ୍ଟିକୋଣରୁ ବିଗ୍ଭର କରି ଦେଖିଲେ ସମ୍ଭବତଃ ଆମ ସମ୍ମୁଖରେ ଖୁବ୍ କମ୍ କଳାକାର ଯଥାର୍ଥ କଳାକାର ବୋଲି ଦୃଶ୍ୟମାନ ହେବେ; ମାତ୍ର ତଥାପି ଏପରି ଯଥାର୍ଥ ଯୋଗୀ କେତେକ ସଂଖ୍ୟାରେ ଅବଶ୍ୟ ଅଛନ୍ତି, ଏବଂ ସେମାନଙ୍କୁ ଆମେ ନିଶ୍ଚୟ ଜଣେ ଜଣେ ଯୋଗୀ ବୋଲି ବିଗ୍ଭର କରିପାରିବା। କାରଣ, ଆପଣା ଅନ୍ତଃପ୍ରେରଣାର ପ୍ରତୀକ୍ଷା କରିବା ଲାଗି ଓ ତାହାକୁ ଗ୍ରହଣ କରିବା ଲାଗି ଠିକ୍ ଜଣେ ଯୋଗୀ ପରି ଜଣେ କଳାକାରକୁ ମଧ୍ୟ ଗଭୀର ଧ୍ୟାନ ମଧ୍ୟରେ ପ୍ରବେଶ କରିବାକୁ ହୋଇଥାଏ। ପ୍ରକୃତରେ ସୁନ୍ଦର କିଛି ସୃଷ୍ଟି କରି ପାରିବାକୁ ହେଲେ ଜଣେ କଳାକାରକୁ ଆଗ ଆପଣାର ଭିତରକୁ ଗ୍ଭହିଁ ତାହାକୁ ଦେଖିବାକୁ ହୁଏ, ଆପଣାର ଅନ୍ତର୍ଗତ ଚେତନାରେ ତାହାର ସମଗ୍ର ରୂପଟିକୁ ଉପଲବ୍ଧି କରିବାକୁ ହୁଏ; ଯେତେବେଳେ ସେ ଏହିପରି ଭାବରେ ଅନ୍ତରସ୍ଥ ହୋଇ ଯାଇପାରେ, ଦେଖିପାରେ ଓ ତାହାକୁ ଧାରଣ କରି ଦେଖିପାରେ କେବଳ ସେତିକିବେଳେ ଯାଇ ସିଏ ତାହାକୁ ବାହାରେ ମଧ୍ୟ ଅଭିବ୍ୟକ୍ତ କରିଦେଇପାରେ; ଆପଣାର ବୃହତ୍ତର ଅନ୍ତର୍ଗତ ଦୃଷ୍ଟିଟି ବଳରେହିଁ ସିଏ ଯାହାକିଛି ସୃଷ୍ଟି କରିପାରେ। ଏଇଟିକୁ ମଧ୍ୟ ଆମେ ନିଶ୍ଚୟ ଖୋଟିଏ ପ୍ରକାରର ଯୋଗର ସାଧନା ବୋଲି କହିପାରିବା, କାରଣ ଏହି ସାଧନାର ମଧ୍ୟଦେଇ ସିଏ ଅନ୍ତର୍ଗତ ଯାବତୀୟ ଜଗତ ସହିତ ଆପଣାକୁ ଅତ୍ୟନ୍ତ ଅନ୍ତରଙ୍ଗ ଭାବରେ ଯୁକ୍ତ କରି ରଖିପାରେ। ଲେଓନାର୍ଡୋ ଡା ଭିଞ୍ଚିଙ୍କ ଭଳି ଜଣେ ବ୍ୟକ୍ତି କେବଳ ଜଣେ ଯୋଗୀ ଥିଲେ, ଆଉ କିଛି ନ ଥିଲେ। ଏବଂ, ତାଙ୍କୁ ପୃଥିବୀର ସର୍ବଶ୍ରେଷ୍ଠ କଳାକାର ବୋଲି କୁହା ନ ଗଲେ ମଧ୍ୟ, ସିଏ ଯେ ସର୍ବଶ୍ରେଷ୍ଠମାନଙ୍କ ମଧ୍ୟରେ ଅବଶ୍ୟ ଅନ୍ୟତମ ଥିଲେ, ଏକଥା ଦୃଢଭାବରେ କୁହାଯାଇ ପାରିବ। ଏବଂ, ଏକଥା ମଧ୍ୟ ସତ ଯେ ତାଙ୍କର କଳା କେବଳ ଚିତ୍ରକଳା ମଧ୍ୟରେହିଁ ଆପଣାକୁ କଦାପି ସୀମାବଦ୍ଧ କରି ରଖି ନ ଥିଲା।

ସଙ୍ଗୀତକୁ ମଧ୍ୟ ଆମେ ମୂଳତଃ ଏକ ଆଧ୍ୟାତ୍ମିକ କଳା ବୋଲି କହିପାରିବା, ଏବଂ ସଙ୍ଗୀତ ଆପଣାକୁ ଚିରଦିନ ଧର୍ମମୟ ଅନୁଭୂତ ତଥା ଏକ ଅନ୍ତର୍ଗତ ଜୀବନ ସହିତ ଏକାଠି ଗ୍ରଥିତ କରି ରଖିଆସିଛି। ମାତ୍ର, ଏହି ସଙ୍ଗୀତର କ୍ଷେତ୍ରରେ ମଧ୍ୟ ଆମେ ଏହାକୁ ଅତ୍ୟନ୍ତ ନିରାଧାର ଏବଂ ସ୍ୱୟଂ-ସୀମାବଦ୍ଧ ଆଉଏକ କଥାରେ ପରିଣତ କରି ରଖିଛୁ, ଆମେ ତାହାକୁ ଏକ ଗମ୍ଭୀରତାହୀନ ସହଜକଳାରେ ପରିଣତ କରିପକାଇଛୁ। ଏଠାରେ ଅପେରାମାନଙ୍କରେ ବୋଲି ହେଉଥିବା ସଙ୍ଗୀତକୁ ଏକ ଦୃଷ୍ଟାନ୍ତରୂପେ ନିଆଯାଇପାରେ। ଆମେ ସାଧାରଣତଃ କଳାକୃତ ବୋଲି

'oaob.nitrkl.ac.in' images reprocessed

ଯାହାକିଛିର ସମ୍ପର୍କରେ ଆସିଥାଉ, ସେଥିରୁ ଅଧିକ ଭାଗ କେବଳ ଏହି ପ୍ରକାରର ହୋଇ ରହିଥାଏ, ଏବଂ ଖୁବ୍ ବେଶୀ ହେଲେ, ଗୋଟାଏ ଟେକ୍‌ନିକ୍ ଦୃଷ୍ଟିରୁ ବେଶ୍ ଆଗ୍ରହୋଦ୍ଦୀପକ ହୋଇ ରହିଥାଏ । ଅପେରା-ସଙ୍ଗୀତକୁ କଦାପି ଏକ ଉଚ୍ଚତର କଳାତ୍ମକ ଅଭିବ୍ୟକ୍ତିର ମାଧ୍ୟମରୂପେ ଆଦୌ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ମୁଁ ଏଠାରେ ମୋଟେ କହୁ ନାହିଁ । କାରଣ, ବାହ୍ୟ ଆଙ୍ଗିକଟି ଯାହାକିଛି ହୋଇଥାଉ ନା କାହିଁକି, ତାହାକୁ ଏକ ଗଭୀରତର ଉଦ୍ଦେଶ୍ୟ ଲାଗି ନିଶ୍ଚୟ ଅଭିପ୍ରେତ କରି ରଖାଯାଇ ପାରିବ । ସବୁକିଛି ସେହି ବସ୍ତୁଟି ଉପରେହିଁ ନିର୍ଭର କରିବ, ତାହାକୁ ଆମେ କପରି ଭାବରେ ବ୍ୟବହାର କରୁଛୁ ଓ ତାହା ପଛରେ ପ୍ରକୃତରେ କ'ଣ ନିହିତ ହୋଇ ରହିଛି, ସବୁକିଛି ତାହାରି ଉପରେହିଁ ନିର୍ଭର କରିବ । ଏପରି କୌଣସି ବସ୍ତୁ ନାହିଁ, ଯାହାକୁ କି ଆମେ କେବେହେଲେ ଭାଗବତ ଉଦ୍ଦେଶ୍ୟ ସାଧନରେ ବ୍ୟବହାର କରି ନ ପାରିବା । ହଁ, ଏକଥା ମଧ୍ୟ ସମାନ ଭାବରେ ସତ ଯେ ସବୁକିଛି ଆପଣାକୁ ଭାଗବତ ପ୍ରଶସ୍ତ ବୋଲି କହି ଛଳନା ବି କରିପାରିବ ଏବଂ ତଥାପି ପ୍ରକୃତ କ୍ଷେତ୍ରରେ ସେହି ମର୍ମହୀନ ସହଜକଳାର ସ୍ତରର ହୋଇ ରହିଥିବ ।

ଆଧୁନିକ ମହାନ୍ ସଙ୍ଗୀତକାରମାନଙ୍କ ମଧ୍ୟରେ କେତେଜଣ ଏପରି ରହିଛନ୍ତି, ସଙ୍ଗୀତ ସୃଷ୍ଟି କରୁଥିବା ସମୟରେ ଯେଉଁମାନଙ୍କର ଚେତନା ନିଶ୍ଚୟ ଏକ ଉଚ୍ଚତର ଚେତନାର ସଂସ୍ପର୍ଶ ଲାଭ କରିପାରିଥିଲା । ସତେଅବା ଭଗବତ୍ ପ୍ରେରଣା ଲାଭ କରିଥିବା ପରି ସେଜାର୍ ଫ୍ରାଙ୍କ୍ ଅର୍‌ଗାନ୍ ବଜାଉଥିଲେ, ଚୈତ୍ୟ ଜୀବନ ମଧ୍ୟକୁ ତାଙ୍କର ଏକ ଉନ୍ମୋଚନ ଅବଶ୍ୟ ରହିଥିଲା, ଏହି ଉନ୍ମୋଚନଟି ସମ୍ବନ୍ଧରେ ସେ ସର୍ବଦା ସଚେତନ ଥିଲେ ଏବଂ ଅନେକ ପରିମାଣରେ ସେଇଟିକୁହିଁ ବ୍ୟକ୍ତ କରିପାରୁଥିଲେ । ଆପଣାର ନବମ ସିମ୍ଫୋନିର ରଚନା କଲାବେଳେ ବିଥୋଭେନ୍ ଆପଣାର ଦୃଷ୍ଟିଭୂମିରେ ଏକ ଉଚ୍ଚତର ଜଗତ ମଧ୍ୟକୁ ସତେଅବା ଏକ ଉନ୍ମୋଚନର ପ୍ରତ୍ୟକ୍ଷ କରିଥିଲେ, ଏକ ଉଚ୍ଚତର ପୃଥିବୀ ଏହି ପାର୍ଥିବ ଭୂମିକୁ ଅବତରଣ କରି ଆସିବାପରି ଅନୁଭବ କରିଥିଲେ । ଗୂଢ଼ବିଦ୍ୟାର ଜଗତଟି ସହିତ ସଙ୍ଗୀତକାର ଭାଗ୍‌ନର୍‌ଙ୍କର ଏକ ଶକ୍ତିଶାଳୀ ଏବଂ ବଳଯୁକ୍ତ ସଂଯୋଗ ରହିଥିଲା; ଗୂଢ଼ବିଦ୍ୟା ଆଡ଼କୁ ତାଙ୍କର ଏକ ସହଜାତ ପ୍ରବୃତ୍ତି ଥିଲା, ତାଙ୍କ ଭିତରେ ସେହି ବିଦ୍ୟା ପ୍ରତି ଏକ ଭାଗବତ ଆଗ୍ରହ ରହିଥିଲା ଏବଂ ତାହାରି ମାଧ୍ୟମରେହିଁ ସେ ଆପଣାର ସର୍ବଶ୍ରେଷ୍ଠ ପ୍ରେରଣାଗୁଡ଼ିକ ଲାଭ କରିପାରୁଥିଲେ । ମାତ୍ର, ସେ ଯାହାକିଛି କରୁଥିଲେ, ସବୁ କେବଳ ଏକ ପ୍ରାଣିକ ଭୂମିରେହିଁ କରୁଥିଲେ ଏବଂ ତାଙ୍କର ମନ ମଧ୍ୟ ଅଧିକାଂଶ ସମୟରେ ତାଙ୍କ ପ୍ରେରଣା ଜଗତରେ ଆସି ହସ୍ତକ୍ଷେପ କରୁଥିଲା, ତାଙ୍କର ପ୍ରେରଣାକୁ ସତେଅବା ଏକ ଯାନ୍ତ୍ରିକ ବସ୍ତୁରେ ପରିଣତ କରିଦେଉଥିଲା । ସେହି

'oaob.nitrkl.ac.in' images reprocessed

କାରଣରୁ ତାଙ୍କର ରଚନା ଅତିରିକ୍ତ ପରିମାଣରେ ମିଶ୍ରିତ ହୋଇପଡ଼ିଛି, ଅଧିକାଂଶ ସମୟରେ ବଡ଼ ଅସ୍ପଷ୍ଟ ଓ ଭାରାକ୍ରାନ୍ତ ହୋଇ ରହିଛି; ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ସର୍ବଦା ଶକ୍ତିଦୃପ୍ତ ହୋଇ ବି ରହିଛି । ମାତ୍ର, ଯେଉଁଠାରୁ ଆସି ସେ ପ୍ରାଣିକ ଏବଂ ମାନସିକ ସୋପାନଗୁଡ଼ିକୁ ଅତିକ୍ରମ କରିଯାଇଥିଲେ ଏବଂ ଏକ ଉଚ୍ଚତର ଜଗତ ମଧ୍ୟରେ ପ୍ରବିଷ୍ଟ ହୋଇପାରିଥିଲେ, ସେତେବେଳେ ସିଏ ଲାଭ କରିଥିବା ଦୃଷ୍ଟି ପ୍ରକୃତରେ ଅସାଧାରଣ ସୌନ୍ଦର୍ଯ୍ୟର ଅଧିକାରୀ ହୋଇ-ପାରିଥିଲା । ଏଠାରେ ପର୍ସିଫାଲ୍, ଟ୍ରିଷ୍ଟାନର କେତେକ ଅଂଶ ଏବଂ ଇସିଅଲ୍ଡର କେତେକ ଅଂଶ, ବିଶେଷ କରି ତା'ର ସର୍ବଶେଷ ମହାନ୍ ଅଙ୍କଟିର ଉଦାହରଣ ନିଆଯାଇ ପାରିବ ।

ପୁନଶ୍ଚ, ଆଧୁନିକମାନେ ନୃତ୍ୟକୁ ଆଣି କେଉଁଠାରେ ପହଞ୍ଚାଇଲେଣି, ତୁମେ ସେକଥା ମଧ୍ୟ ବିଚାର କରି ଦେଖିପାର । ଏକଦା ନୃତ୍ୟ ଅନ୍ତର୍ଗତ ଜୀବନାନୁଭୂତିର ଏକ ଅନ୍ୟତମ ସର୍ବୋଚ୍ଚ ଅଭିବ୍ୟକ୍ତି ହୋଇରହିଥିଲା । ନୃତ୍ୟ ଧର୍ମଜୀବନ ସହିତ ଏକାନ୍ତ ଗ୍ରଥିତ ହୋଇ ରହିଥିଲା ଏବଂ ପବିତ୍ର ଉପାସନା ଓ ଉତ୍ସବଗୁଡ଼ିକରେ ନୃତ୍ୟର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଥିଲା । ଉତ୍ସବାନୁଷ୍ଠାନ-ମାନଙ୍କରେ ଓ ପରମ ଭଗବତ୍‌ସତ୍ତାଙ୍କର ଉପାସନାରେ ତାହାର ମୁଖ୍ୟ ସ୍ଥାନ ଥିଲା । କେତେକ ଦେଶରେ ତାହା ସୌନ୍ଦର୍ଯ୍ୟର ଏକ ଉଚ୍ଚ ସୀମାକୁ ସ୍ପର୍ଶ କରିପାରିଥିଲା ଏବଂ ଏକ ଅସାଧାରଣ ପରିପୂର୍ଣ୍ଣତା ହାସଲ କରିଥିଲା । ଜାପାନ ଦେଶରେ ଲୋକେ ନୃତ୍ୟକୁ ଧର୍ମଜୀବନର ଏକ ପାରମ୍ପରିକ ଅଙ୍ଗରୂପେ ସଂରକ୍ଷିତ କରି ରଖିଥିଲେ ଏବଂ ସୌନ୍ଦର୍ଯ୍ୟ ଏବଂ କଳାର ଆନ୍ତରିକ ଭାବାନୁଭବ ଜାପାନୀମାନଙ୍କର ଏକ ସ୍ୱାଭାବିକ ସମ୍ପଦ ହୋଇଥିବାରୁ, ସେମାନେ ତାହାକୁ କଦାପି କମ୍ ତାତ୍ପର୍ଯ୍ୟ ଏବଂ କ୍ଷୁଦ୍ରତର ଉଦ୍ଦେଶ୍ୟସାଧନର ଅନ୍ୟ ଏକ ପଦାର୍ଥରୂପେ ଅବନତ ହୋଇ ଆସିବାକୁ ଆଦୌ କୌଣସି ଅବକାଶ ଦେଇ ନ ଥିଲେ । ଭାରତବର୍ଷରେ ମଧ୍ୟ ଠିକ୍ ତାହାହିଁ ଘଟିଛି । ଏକଥା ମଧ୍ୟ ସତ ଯେ ଆମର ଏହି କାଳରେ ମଧ୍ୟ ପ୍ରାଚୀନ ଗ୍ରୀକ୍ ଏବଂ ଅନ୍ୟ କେତେକ ନୃତ୍ୟପରମ୍ପରାକୁ ପୁନର୍ଜୀବିତ କରିବା ଲାଗି କେତେକ ଉଦ୍ୟମ କରାଯାଇଛି । ମାତ୍ର, ଏହିସବୁ ନବପ୍ରବର୍ତ୍ତନରେ ସେହି ପୁରାତନ ଧର୍ମଗତ ଭାବଟିର ଏକାନ୍ତ ଅଭାବ ରହିଛି ଏବଂ ସେଗୁଡ଼ିକୁ ଦେଖିବାବେଳେ ସେଗୁଡ଼ିକ ପ୍ରକୃତ ନୃତ୍ୟ ଅପେକ୍ଷା ବରଂ ଯେପରି ଅଧିକତର ପରିମାଣରେ ତାଳ ଅନୁସାରେ ପରିଚାଳିତ ହେଉଥିବା ଏକ ଜିମ୍‌ନାଷ୍ଟିକ୍ ବୋଲି ମନେ ହେଉଛି ।

ରୁଷିଆର ନୃତ୍ୟଗୁଡ଼ିକ ଏବେ ଭାରି ପ୍ରଖ୍ୟାତି ଲାଭ କରିଛି ସତ, ମାତ୍ର ସେଗୁଡ଼ିକୁ କେବଳ ପ୍ରାଣିକ ଜଗତରହିଁ ଏକ ଅଭିବ୍ୟକ୍ତି ବୋଲି କୁହାଯାଇ ପାରିବ,

'oaob.nitrkl.ac.in' images reprocessed

ଏବଂ ହୁଏତ ଏପରି ମଧ୍ୟ କୁହାଯାଇ ପାରିବ ଯେ ତାହା ମଧ୍ୟରେ ଅତ୍ୟନ୍ତ ଭୟଙ୍କର ଭାବରେ ପ୍ରାଣିକ ସ୍ତରର ହୋଇ ରହିଥିବା କେତେକ ଉପାଦାନ ରହିଛି । ପ୍ରାଣିକ ଜଗତରୁ ଆମକୁ ସାଧାରଣତଃ ଯାହାକିଛି ଉପଲବ୍ଧ ହୋଇଥାଏ, ଏହି କ୍ଷେତ୍ରରେ ମଧ୍ୟ ସେହି ନୃତ୍ୟଗୁଡ଼ିକ ହୁଏତ ଅତ୍ୟନ୍ତ ଆକର୍ଷକ ହୋଇପାରେ ଅଥବା ଅତ୍ୟନ୍ତ ପରିମାଣରେ ବିକର୍ଷକ ବି ହୋଇପାରେ । ମାତ୍ର, ଯାହା ହୋଇଥାଉ ପଛକେ, ସେଗୁଡ଼ିକ ସର୍ବଦା କେବଳ ନିଜରହିଁ ପ୍ରତିନିଧିତ୍ୱ କରନ୍ତି, ଉଚ୍ଚତର ଜୀବନର ଆଦୌ କୌଣସି ପ୍ରତିନିଧିତ୍ୱ କରନ୍ତି ନାହିଁ । ରୁଷିଆ ଦେଶରେ ଯେଉଁ ତତ୍ତ୍ୱ-ରହସ୍ୟର ଉପଲବ୍ଧି ବିକାଶ ଲାଭ କରିଛି, ତାହା ମଧ୍ୟ ସେହି ପ୍ରାଣିକ ଧାରାର ଅନ୍ତର୍ଗତ । ନୃତ୍ୟବିଦ୍ୟାର ଟେକ୍‌ନିକାଲ୍ କାରିଗରି ହିସାବରେ ସେମାନେ ପ୍ରକୃତରେ ଅତ୍ୟନ୍ତ ଧୁରନ୍ଧର; ମାତ୍ର ଟେକ୍‌ନିକ୍‌କୁ ତ କେବଳ ଏକ ସାଧନମାତ୍ରହିଁ କୁହାଯିବ । ତୁମର ସାଧନଟି ଯଦି ଭଲ ହୋଇଥାଏ, ତେବେ ତୁମେ ସେଥିରୁ ଅବଶ୍ୟ ଭଲ ଫଳ ପାଇବ; ମାତ୍ର, ତାହା ଯେପର୍ଯ୍ୟନ୍ତ ଭାଗବତ ସତ୍ୟ ଦ୍ୱାରା ପରିସିକ୍ତ ହୋଇପାରି ନାହିଁ, ତେବେ ତାହା ଯେତେବେଶୀ ଚମତ୍କାର ହୋଇଥିଲେ ମଧ୍ୟ, ସେଥିରେ ସର୍ବୋଚ୍ଚ ସତ୍ୟୋପାଦାନର ଅଭାବ ଅବଶ୍ୟ ରହିଥିବ ଏବଂ ତାହା କଦାପି କୌଣସି ଭାଗବତ ଉଦ୍ଦେଶ୍ୟର ସାଧନ ଲାଗି ନିମିତ୍ତରୂପେ ବ୍ୟବହୃତ ହୋଇପାରିବ ନାହିଁ । ଏହି କ୍ଷେତ୍ରରେ ଅସଲ ଅସୁବିଧାଟି ହେଉଛି ଯେ, ଯେଉଁମାନେ କଳାକାର ବନନ୍ତି, ସେମାନଙ୍କ ଭିତରୁ ଅଧିକାଂଶ ପୂରାପୂରି ଆପଣା ଗୋଡ଼ରେ ଠିଆହୋଇ ପାରିବେ ଓ ତେଣୁ ଭାଗବତ ସତ୍ୟ ଉପରେ ନିର୍ଭର କରି ରହିବା ଲାଗି ସେମାନଙ୍କର ଆଦୌ କୌଣସି ପ୍ରୟୋଜନୀୟତା ପ୍ରକୃତରେ ନାହିଁ ବୋଲି ବିଶ୍ୱାସ କରୁଥାନ୍ତି । ଏହା ପ୍ରକୃତରେ ଅତ୍ୟନ୍ତ ଦୁଃଖଦ ବିଷୟ; କାରଣ ଭାଗବତ ଅଭିବ୍ୟକ୍ତିର କ୍ଷେତ୍ରରେ ମଧ୍ୟ ଅନ୍ୟ ଯେକୌଣସି କଥା ପରି କୌଶଳ ମଧ୍ୟ ଏକ ଆବଶ୍ୟକ ଉପାଦାନ ହୋଇ ରହିଥାଏ । ଈଶ୍ୱରଙ୍କର ଯୋଜନାରେ କୌଶଳ ହେଉଛି ଗୋଟିଏ ଭାଗ; ମାତ୍ର, ଆପଣାକୁ କିପରି ବୃହତ୍ତର ବସ୍ତୁଗୁଡ଼ିକ ପାଖରେ ଅଧୀନ କରି ରଖିବାକୁ ହୁଏ, କୌଶଳ ସେହି ବିଷୟରେ ଅବଶ୍ୟ ଅବଗତ ରହିଥିବା ଉଚିତ ।

ମନର ଆହୁରି ଅନେକ ଉପରକୁ ଏପରି ଗୋଟିଏ ରାଜ୍ୟ ରହିଛି, ଯାହାକୁ କି ଆମେ ପରମ ସମଞ୍ଜସତାର ରାଜ୍ୟ ବୋଲି କହିପାରିବା; ଏବଂ ଯଦି ତୁମେ ସେହି ରାଜ୍ୟଟିରେ ଯାଇ ପ୍ରବିଷ୍ଟ ହୋଇ ପାରିବ, ତେବେ ତୁମେ ପୃଥିବୀରେ ଅଭିବ୍ୟକ୍ତ ହୋଇଥିବା ପ୍ରତ୍ୟେକ ରୂପରେହିଁ ସକଳ ସମଞ୍ଜସତାର ଅସଲ ମୂଳଟିକୁ ଖୋଜି ପାଇପାରିବ । ଉଦାହରଣସ୍ୱରୂପ, ପରସ୍ପରର ପରବର୍ତ୍ତୀ ହୋଇ ଆବିର୍ଭୂତ ହୋଇଥିବା ଦୁଇଜଣ ସଂଗୀତସ୍ରଷ୍ଟାଙ୍କର ସୃଷ୍ଟ ସମ୍ପଦଚୟ ପଛରେ ଗୋଟିଏ ନିର୍ଦ୍ଦିଷ୍ଟ

'oaob.nitrkl.ac.in' images reprocessed

ସଙ୍ଗୀତ ଧାରା ରହିଛି, ଯେଉଁଥିରେକି କେତୋଟି ସଙ୍କୋଚସ୍ତୁସ୍ୱସ୍ଥ ଗୀତଲିପି ନିହିତ ହୋଇ ରହିଛି । ଗୋଟିଏ ହେଉଛି ବାଖ୍‌ଙ୍କର ଗୋଟିଏ ସଙ୍ଗୀତରଚନା, ଆଉ-ଗୋଟିଏ ସଙ୍ଗୀତକାର ବିଥୋଫେନ୍‌ଙ୍କର ସଙ୍ଗୀତରଚନା । କାଗଜରେ ଲେଖା ହୋଇଥିବା ଲିପିଗୁଡ଼ିକ ଅନୁସାରେ ଦୁହେଁ ମୋଟେ ସମାନ ନୁହନ୍ତି । ବାହାର କାନରେ ଶୁଣିଲା ବେଳକୁ ମଧ୍ୟ ସେମାନେ ଆଦୌ ଏକା ବୋଲି ଶୁଭନ୍ତି ନାହିଁ; ମାତ୍ର ମର୍ମଦେଶରେ ଦୁଇଟି ଯାକ ପରସ୍ପରଠାରୁ ଅଭିନ୍ନ ହୋଇ ରହିଛନ୍ତି । ଦୁଇଟିଯାକରେ ଆମେ ଚେତନାର ସେହି ଗୋଟିଏ ଅନୁସ୍ପନ୍ଦନକୁହିଁ ଅନୁଭବ କରିଥାଉ । ତାତ୍ପର୍ଯ୍ୟପୂର୍ଣ୍ଣ ସମସ୍ତସତ୍ତାର ସେହି ଗୋଟିଏ ତରଙ୍ଗହିଁ ଏହି ଉଭୟ ସଙ୍ଗୀତକାରଙ୍କୁ ସ୍ପର୍ଶ କରି ରହିଥିଲା । ବିଥୋଫେନ୍ ଏହାର ଏକ ବୃହତ୍ତର ଭାଗକୁ ଲାଭ କରିଥିଲେ ସତ, ମାତ୍ର ତାଙ୍କ କ୍ଷେତ୍ରରେ ତାଙ୍କ ମନର ନାନା ଉଦ୍‌ଭାବନ ଏବଂ ଅନ୍ତଃବେଶନ ମିଶ୍ରିତ ହୋଇ ରହିଯାଇଥିଲା । ବାଖ୍ ଏଥିରୁ ଅପେକ୍ଷାକୃତ କମ୍ ଲାଭ କରିଥିଲେ ସତ, ମାତ୍ର ସେ ଯାହା ଲାଭ କରିଥିଲେ, ତାହା ଅପେକ୍ଷାକୃତ ଅଧିକ ଶୁଦ୍ଧ ହୋଇ ରହିପାରିଥିଲା । ସେହି ସଙ୍ଗୀତରୁ ଯେଉଁ ଅନୁସ୍ପନ୍ଦନ ଧ୍ୱନିତହୋଇ ଉଠୁଥିଲା, ତାହା ଚେତନାର ଏକ ବିଜୟଦୃପ୍ତ ଉନ୍ମେଷଣା ପରି ହୋଇରହିଥିଲା, ସେହି ଚେତନା ଏକ ବିଜୟମଣ୍ଡିତ ଉଦ୍‌ବେଳନ ଏବଂ ନୂତନ ଜନ୍ମର ସଙ୍କେତ ଦେଇ ଅଚେତନାର ଗର୍ଭ ମଧ୍ୟରୁ ଉତ୍‌ଥିତ ହୋଇ ଆସିଥିଲା ।

ଯଦି ଯୋଗବଳରେ ତୁମେ ଯାବତୀୟ କଳାର ଏହି ଉତ୍ସଟିରେ ଯାଇ ଉପନୀତ ହୋଇପାରିବ, ତେବେ ତୁମେ ଇଚ୍ଛା କଲେ ସକଳ କଳାରେ ନୈପୁଣ୍ୟ ହାସଲ କରିପାରିବ । ଯେଉଁମାନେ ଆଗରୁ ହୁଏତ ସେହି ସ୍ଥାନକୁ ଯାଇପାରିଥିବେ, ସେମାନେ ସେହି ସ୍ଥାନଟିକୁ ଅଧିକ ସୁଖକର ବୋଲି ଅନୁଭବ କରିଥିବେ, ଅଧିକ ଆନନ୍ଦଦାୟକ ବୋଲି ଅନୁଭବ କରିଥିବେ, ଏକ ଉଲ୍ଲାସମୟ ନିଷ୍କ୍ରିୟତା ଦ୍ୱାରା ପରିପୂର୍ଣ୍ଣ ହୋଇ ସେମାନେ ସେହିଠାରେ ରହିବାକୁ ଇଚ୍ଛା କରିଥିବେ, ସେହିଠାରେ ଥିବା ପରମ ସୌନ୍ଦର୍ଯ୍ୟ ଓ ପରମ ଆନନ୍ଦକୁ ଉପଭୋଗ କରିବାକୁ ମନ କରିଥିବେ; ସେମାନେ ତାହାକୁ ଆଉ ଅଭିବ୍ୟକ୍ତ କରିବାକୁ ଇଚ୍ଛା କରି ନ ଥିବେ, ପୃଥିବୀ ପୃଷ୍ଠରେ ତାହାକୁ ମୂର୍ତ୍ତ କରି ଆଣିବାକୁ ମନ କରି ନ ଥିବେ । ମାତ୍ର ଏହି ବର୍ଜନ ଓ ଉପେକ୍ଷାକୁ ଆମେ କଦାପି ସକଳ ସତ୍ୟ ବୋଲି କହିବା ନାହିଁ, ତାକୁ ଆମେ ଯୋଗର ଯଥାର୍ଥ ସତ୍ୟ ବୋଲି ବି କଦାପି କହିବା ନାହିଁ । ଏହାକୁ ଆମେ ବରଂ ଏକ ବିକୃତି ବୋଲି କହିବା, ସନ୍ନ୍ୟାସର ସେହି ଅପେକ୍ଷାକୃତ ଅଧିକ ନକାରାତ୍ମକ ଭାବ ଦ୍ୱାରା ପ୍ରେରିତ ହୋଇ

'oaob.nitrkl.ac.in' images reprocessed

ଯୋଗମାର୍ଗର ସେହି ଗତିଶୀଳ ସ୍ୱାଧୀନତାକୁ ଖର୍ବ କରିପକାଇବା ବୋଲି କହିବା । ପରମ ଦିବ୍ୟସତ୍ତାଙ୍କର ଇଚ୍ଛା ଆପଣାକୁ ନିଷ୍ଟସ୍ଥ ଅଭିବ୍ୟକ୍ତ କରିଦେବ, ତାହା କଦାପି ଆପଣାକୁ ଏକ ନିଷ୍କ୍ରିୟତା ଏବଂ ପୂର୍ଣ୍ଣ ନୀରବତା ମଧ୍ୟରେ ପ୍ରତ୍ୟାହୃତ କରି ରଖିବ ନାହିଁ । ଯଦି ପରମ ଦିବ୍ୟଚେତନା ପ୍ରକୃତରେ ଆପଣାକୁ କଦାପି ଅଭିବ୍ୟକ୍ତ କରୁ ନ ଥିବା କେବଳ ଏକ ଆନନ୍ଦରହିଁ ନିଷ୍କ୍ରିୟତା ହୋଇଥାନ୍ତା, ତେବେ ଆମ ଆଗରେ ସୃଷ୍ଟି ବୋଲି ଯାହା ରହିଛି, ସେଇଟି ମଧ୍ୟ କଦାପି ସମ୍ଭବ ହୋଇ ନଥାନ୍ତା ।

'oaob.nitrkl.ac.in' images reprocessed

୪ ଅଗଷ୍ଟ, ୧୯୬୯

ତ୍ୟାଗ କହିଲେ ଆମେ ଯାହା ବୁଝୁ, ସମର୍ପଣ କ'ଣ ଠିକ୍ ତାହାହିଁ ନୁହେଁ କି ?

ଆମ ଯୋଗରେ ତ୍ୟାଗ ଲାଗି ଆଦୌ କୌଣସି ସ୍ଥାନ ନାହିଁ । ମାତ୍ର 'ତ୍ୟାଗ' ଶବ୍ଦଟିକୁ ତୁମେ ପ୍ରକୃତରେ କେଉଁ ଅର୍ଥରେ ବୁଝୁଛ, ସବୁକଥା ତାହାରି ଉପରେ ନିର୍ଭର କରିବ । ଶବ୍ଦଟିର ବିଶୁଦ୍ଧତର ଅର୍ଥରେ ତାହା ଆପଣାକୁ ଉତ୍ସର୍ଗ କରିଦେବା ଓ ଆପଣାକୁ ଦେଇଦେବାକୁହିଁ ବୁଝାଇବ, ପରମ ଦିବ୍ୟସତ୍ତାଙ୍କ ପାଖରେ ଆପଣାକୁ ପବିତ୍ର କରି ରଖିବାକୁହିଁ ବୁଝାଇବ । ମାତ୍ର ଶବ୍ଦଟି ସାଧାରଣତଃ ବର୍ତ୍ତମାନ ଯେଉଁ ଅର୍ଥରେ ବ୍ୟବହୃତ ହେଉଛି, ତ୍ୟାଗ ପ୍ରକୃତରେ ଏକ ବିନାଶକାରକ ପ୍ରବୃତ୍ତିକୁ ବୁଝାଉଛି । ଏହି ଶବ୍ଦଟି ସାଧାରଣତଃ ଏକ ନକାରାତ୍ମକ ବାତାବରଣ ସୃଷ୍ଟି କରିବାରେ ସାହାଯ୍ୟ କରୁଛି । ଏହି ପ୍ରକାରର ତ୍ୟାଗକୁ ଆମେ କଦାପି ପରିପୂର୍ଣ୍ଣତା ବୋଲି କହିବା ନାହିଁ, ଏଠାରେ ତ୍ୟାଗ କହିଲେ ଆପଣାକୁ କେବଳ କୌଣସି ବସ୍ତୁରୁ ବଞ୍ଚିତ କରି ରଖିବାକୁହିଁ ବୁଝାଇବ, ନିଜକୁ ବଳି ଦେଇଦେବାକୁହିଁ ବୁଝାଇବ । ତୁମେ ଆପଣାର ସମ୍ଭାବନାଗୁଡ଼ିକୁହିଁ ତ୍ୟାଗ କରିବ ବା ବଳି ଦେବ; ନିମ୍ନତମ ଜଡ଼ସ୍ତରଠାରୁ ଆରମ୍ଭ କରି ଉଚ୍ଚତମ ଆଧ୍ୟାତ୍ମିକ ସ୍ତର ପର୍ଯ୍ୟନ୍ତ ତୁମ ବ୍ୟକ୍ତିସତ୍ତାର ସକଳ ସମ୍ଭାବନା ଏବଂ ଉପଲବ୍ଧିକୁ ତୁମେ ତ୍ୟାଗ କରିବ ବା ବଳି ଦେବ । ଏହି ତ୍ୟାଗ ତୁମର ସତ୍ତାର ପରିସରଟିରେ ଏକ ହ୍ରାସ ଘଟାଇବ । ଯଦି ତୁମେ ବାସ୍ତବ ଅର୍ଥରେ ଆପଣାର ଜୀବନକୁ ବଳି ଦେବ, ଆପଣାର ଶରୀରକୁ ବଳି ଦେବ, ତେବେ ତାହାର ଏହି ଅର୍ଥ ହେବ ଯେ ତୁମେ ନିଜ ଜୀବନର ଜଡ଼ସ୍ଥ ଭୂମିରେ ଯାବତୀୟ ସମ୍ଭାବନାକୁହିଁ ବଳି ଦେଉଛ; ଆପଣା ପାର୍ଥିବ ଅସ୍ତିତ୍ୱର ଯାବତୀୟ ଅର୍ଜନକୁ ତୁମେ ତ୍ୟାଗ କରିବାକୁ ଯାଉଛ । ଠିକ୍ ସେହିପରି ଭାବରେ, ତୁମେ ନୈତିକ ଭାବରେ ମଧ୍ୟ ନିଜ ଜୀବନକୁ ବଳି ଦେଇପାରିବ; ସେତେବେଳେ ଆପଣା ଅନ୍ତର୍ଗତ ଅସ୍ତିତ୍ୱର ବିପୁଳତା ଏବଂ ମୁକ୍ତ ପରିପୂର୍ଣ୍ଣତାକୁହିଁ ତୁମେ ପରିହାର କରିବାକୁ ବାହାରିବ । ଆପଣାକୁ ବଳି ଦେବାର ଏହି ବିଗ୍ରହଟି ମଧ୍ୟରେ ସର୍ବଦା ଏକ ବାଧ୍ୟ କରିବାର ଭାବ ରହିଥିବ, ସଙ୍କୋଚନର ଭାବ ରହିଥିବ, ଏକ ଆତ୍ମ-ଅସ୍ୱୀକାରକୁ ଆଣି ଆପଣା ଉପରେ ଲଦିଦେବାର ଭାବ ରହିଥିବ । ଏହା ଏପରି

'oaob.nitrkl.ac.in' images reprocessed

ଗୋଟିଏ ଆଦର୍ଶ, ଯାହାକି ଆତ୍ମାର ଗଭୀରତର ଏବଂ ବୃହତ୍ତର ସ୍ୱତଃସ୍ଫୂର୍ତ୍ତିତାଗୁଡ଼ିକ ଲାଗି ଆଦୌ କୌଣସି ଅବକାଶ ଦିଏ ନାହିଁ । ମାତ୍ର, ସମର୍ପଣର କଥା କହିଲାବେଳେ ଆମେ କଦାପି ଏକଥାକୁ ବୁଝି ନ ଥାଉ, ଆମେ ତଦ୍ୱାରା ଏକ ସ୍ୱତଃସ୍ଫୂର୍ତ୍ତ ଆତ୍ମଦାନକୁହିଁ ବୁଝିଥାଉ । ପରମ ଦିବ୍ୟସତ୍ତାଙ୍କ ପାଖରେ, ଅର୍ଥାତ୍, ଆମେ ଯାହାର କେବଳ ଏକ ଅଂଶମାତ୍ର ଦେଖିବାକୁ ପାଉଛୁ, ସେହିଭଳି ଏକ ବୃହତ୍ତର ପରମ-ଚେତନା ପାଖରେ ତୁମର ସମୁଦାୟ ଆତ୍ମସତ୍ତାଟିକୁ ନେଇ ସମର୍ପିତ କରିଦେବାକୁହିଁ ବୁଝିଥାଉ । ଏହି ସମର୍ପଣ ଆଦୌ କୌଣସି ହ୍ରାସର କାରଣ ହୁଏ ନାହିଁ, ତାହା ତୁମ ଭିତରେ ଏକ ବୃଦ୍ଧିହିଁ ଘଟାଇଥାଏ; ଏହା ତୁମଭିତରେ କିଛିହେଲେ ଊଣା କରିଦିଏ ନାହିଁ, ତୁମର ବ୍ୟକ୍ତିସତ୍ତାକୁ ତାହା କୌଣସି ପ୍ରକାରେ ଦୁର୍ବଳ କରିଦିଏ ନାହିଁ ବା ତାହାର ବିନାଶର କାରଣ ହୁଏ ନାହିଁ; ତୁମର ଆତ୍ମସତ୍ତାକୁ ତାହା ସୁଦୃଢ଼ କରେ, ସେଥିରେ ଅଭିବୃଦ୍ଧି ଘଟାଏ । ସମର୍ପଣ କହିଲେ ମୁକ୍ତ ଭାବରେ ଆପଣାର ସବୁକିଛିକୁ ଦେଇଦେବାକୁହିଁ ବୁଝାଏ, ଏବଂ ଏଥିରେ ସେହିପରି ଏକ ଆତ୍ମଦାନର ସବୁଯାକ ଆନନ୍ଦ ନିହିତ ହୋଇ ରହିଥାଏ । ଆତ୍ମଦାନ ମଧ୍ୟରେ ତ୍ୟାଗର ଆଦୌ କୌଣସି ଭାବ ନ ଥାଏ । ତୁମେ ଯେ କିଛି ନା କିଛି ତ୍ୟାଗ କରିବାକୁ ଯାଉଛ, ତୁମ ଭିତରେ ଏପରି ଗୋଟିଏ ଭାବନା ରହିଥିବା ପର୍ଯ୍ୟନ୍ତ ତୁମର କାର୍ଯ୍ୟଟିକୁ ଆଉ କଦାପି ଏକ ସମର୍ପଣ ବୋଲି କୁହାଯିବ ନାହିଁ । କାରଣ, ତାହାର ଅର୍ଥ ହେବ ଯେ ତୁମେ ଆପଣାକୁ କୃପଣ କରି ରଖୁଛ; ଅର୍ଥାତ୍ ତୁମେ ଯାହାକିଛି ଦେବା ପାଇଁ ଚେଷ୍ଟା କରୁଛ; ତୁମର ସେହି ଦେବା ପଛରେ ଏକ କୁଣ୍ଠା ରହିଛି, କିଛି ଦେଉଛ ବୋଲି ଏକ ସନ୍ତାପିତ ଭାବ ବି ରହିଛି ଓ ଏକ ସଚେତନ ଚେଷ୍ଟା ମଧ୍ୟ ରହିଛି । ଦେବାର ସେହି ସ୍ୱତଃସ୍ଫୂର୍ତ୍ତ ଆନନ୍ଦଟି ତୁମଭିତରେ ନାହିଁ, ଏପରିକି ତୁମେ ଆଦୌ କିଛି ଦେଉଛ ବୋଲି ଏକ ଯଥାର୍ଥ ଅନୁଭୂତି ମଧ୍ୟ ତୁମର ହେବ ନାହିଁ । ଆପଣାର ସତ୍ତାଭିତରେ ସଙ୍କୋଚନର ଏକ ଭାବ ରଖି ଯେତେବେଳେ ତୁମେ କିଛି ହେଲେ କରୁଛ, ସେତେବେଳେ ଅତି ସୁନିଶ୍ଚିତ ଭାବରେ ଜାଣିରଖ ଯେ ତୁମେ ସେହି କାର୍ଯ୍ୟଟିକୁ ଭୁଲ୍ ଭାବରେହିଁ କରୁଛ । ଯଥାର୍ଥ ସମର୍ପଣ ତୁମ ଭିତରେ ଏକ ବୃହତ୍ତ୍ୱ ଆଣିଦେବ; ତାହା ତୁମର ସମର୍ଥତାରେ ଏକ ଅଭିବୃଦ୍ଧି ଘଟାଇବ । ଗୁଣାତ୍ମକ ତଥା ପରିମାଣାତ୍ମକ ଉଭୟ କ୍ଷେତ୍ରରେ ତାହା ଏପରି ଏକ ପ୍ରସାରଣ ଆଣିଦେବ, ଯାହାକି ତୁମେ କେବଳ ଆପଣା ସାମର୍ଥ୍ୟ ଦ୍ୱାରା କଦାପି ନିଜ ଜୀବନରେ ସମ୍ଭବ କରିପାରି ନ ଥାନ୍ତ । ତୁମେ ଆଗରୁ ଯାହାକିଛି ହାସଲ କରିପାରିଥିଲ, ଗୁଣ ଓ ପରିମାଣର ଏହି ଉଭୟ କ୍ଷେତ୍ରରେ ଏହି ନୂତନ ପରିସର-ବୃଦ୍ଧିକୁ ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି କୁହାଯିବ । ଏହାଦ୍ୱାରା ତୁମେ ସମ୍ପୂର୍ଣ୍ଣ ଆଉ ଏକ ଜଗତରେ ପ୍ରବେଶ

'oaob.nitrkl.ac.in' images reprocessed

କରିବ; ତୁମେ ଏପରି ଏକ ପ୍ରଶସ୍ତତା ମଧ୍ୟରେ ପ୍ରବେଶ କରିବ, ଏକ ସମର୍ପଣ ବ୍ୟତୀତ ତୁମେ ଯାହାମଧ୍ୟରେ କି କଦାପି ପ୍ରବେଶ କରିପାରି ନ ଥାନ୍ତ । ଏହି ଘଟଣାକୁ ଝରିଥିବା ଏକ ବିନ୍ଦୁ ସିନ୍ଧୁଭିତରେ ଆସି ପଡ଼ିବା ସହିତ ତୁଳନା କରାଯାଇ ପାରିବ ସେହି ବିନ୍ଦୁ ଯଦି ତଥାପି ଆପଣାର ସ୍ୱତନ୍ତ୍ର ଅସ୍ତିତ୍ୱଟିକୁ ବଜାୟ ରଖିବାକୁ ଚାହୁଁଥାନ୍ତା, ତେବେ ତାହା କେବଳ ଗୋଟିଏ ବିନ୍ଦୁ ହୋଇହିଁ ରହିଯାନ୍ତା, ଆଉ ଅଧିକ କିଛିହେଲେ ହୋଇପାରନ୍ତା ନାହିଁ । ଚତୁର୍ଦ୍ଦିଗରେ ପରିବେଷ୍ଟିତ ବିପୁଳତାଟି ଦ୍ୱାରା ସେହି କ୍ଷୁଦ୍ର ବିନ୍ଦୁଟି କୁଆଡ଼େ ବିସ୍ମୃତ ହୋଇ ରହନ୍ତା; ଏକ ସମର୍ପଣ ସମ୍ଭବ ହୋଇ ନ ଥିବାରୁହିଁ ଏପରି ହୁଅନ୍ତା । ମାତ୍ର, ଏକ ସମର୍ପଣ ଘଟାଇବା ଦ୍ୱାରା ତାହା ସମୁଦ୍ର ସହିତ ଆପଣାକୁ ସମ୍ମିଳିତ କରିଦିଏ, ସମଗ୍ର ସାଗରର ସ୍ୱଭାବ, ସାମର୍ଥ୍ୟ ଏବଂ ବ୍ୟାପ୍ତିଟି ମଧ୍ୟରେ ତାହା ଏକ ଅଂଶଗ୍ରହଣ କରିବାକୁ ଆରମ୍ଭ କରେ ।

ଏହି ଗତିସ୍ପନ୍ଦନଟିରେ ଅସ୍ପଷ୍ଟତା ବା ସନ୍ଦିଗ୍ଧତା କିଛିହେଲେ କେଉଁଠି ନାହିଁ । ଏହା ଅତ୍ୟନ୍ତ ସ୍ପଷ୍ଟ, ଅତ୍ୟନ୍ତ ଶକ୍ତିଶାଳୀ ଓ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ । ଯଦି ଏକ କ୍ଷୁଦ୍ର ମନୁଷ୍ୟ ମନ ପରମ ଦିବ୍ୟ ବିଶ୍ୱ-ମନର ସମ୍ମୁଖରେ ଆସି ଦଣ୍ଡାୟମାନ ହୁଏ ଏବଂ ଆପଣାର ବିଚ୍ଛିନ୍ନତାଟିକୁ ତଥାପି ପରିହାର କରି ନ ପାରେ, ତେବେ ତାହା ଯାହା ଥିଲା, ଠିକ୍ ତାହାହିଁ ହୋଇ ରହିଯିବ, ଏକ ସୀମାବଦ୍ଧ କ୍ଷୁଦ୍ର ବସ୍ତୁ ହୋଇ ରହିବ, ଉଚ୍ଚତର ସତ୍ୟର ସ୍ୱଭାବଟିକୁ ଜାଣିବାରେ ତାହା ନିତାନ୍ତ ଅସମର୍ଥ ହୋଇ ରହିବ, ବା ଏପରିକି ସେହି ସତ୍ୟର ଆଦୌ କୌଣସି ସଂସ୍ପର୍ଶରେହିଁ ଆସିପାରିବ ନାହିଁ । ଉଭୟେ ପରସ୍ପରଠାରୁ ଅଲଗା ହୋଇ ଠିଆ ହୋଇଥିବେ, ଗୁଣାତ୍ମକ ତଥା ପରିମାଣାତ୍ମକ ଉଭୟ ଦୃଷ୍ଟିରୁ ଦୁହେଁ ପରସ୍ପରଠାରୁ ଏକାନ୍ତ ଭିନ୍ନ ହୋଇ ରହିଥିବେ । ମାତ୍ର, ଯଦି ସେହି କ୍ଷୁଦ୍ର ମନୁଷ୍ୟ ମନ ଆପଣାକୁ ସମର୍ପିତ କରି ଦେଇପାରେ, ତେବେ ତାହା ଦିବ୍ୟ ପରମ ବିଶ୍ୱ-ମନ ମଧ୍ୟରେ ଆପଣାକୁ ବିଲୀନ କରିଦେଇ ପାରିବ, ଗୁଣାତ୍ମକ ତଥା ପରିମାଣାତ୍ମକ ଉଭୟ ଦୃଷ୍ଟିରୁ ତାହା ସହିତ ଏକାତ୍ମକ ହୋଇ ରହିପାରିବ । ତଦ୍ୱାରା ତାହା କେବଳ ଆପଣାର ସୀମାବଦ୍ଧତା ଓ ବିକୃତିଗୁଡ଼ିକ ବ୍ୟତୀତ ଆଉ କିଛିହେଲେ ହରାଇବ ନାହିଁ ଏବଂ ତାହାଠାରୁ ଆପଣାର ପରିବ୍ୟାପ୍ତି ଏବଂ ଜ୍ୟୋତିର୍ମୟ ସ୍ପଷ୍ଟତାକୁ ପ୍ରାପ୍ତ କରିପାରିବ । ଏହା ଫଳରେ କ୍ଷୁଦ୍ର ଅସ୍ତିତ୍ୱଟି ଆପଣାର ପ୍ରକୃତିକୁହିଁ ବଦଳାଇ ଦେଇପାରିବ । ଯେଉଁ ବୃହତ୍ତର ସତ୍ୟ ପାଖରେ ତାହା ଆପଣାକୁ ସମର୍ପଣ କରିଦେଇଥିବ, ତାହା ତାହାର ସ୍ୱଭାବଟିକୁ ସ୍ୱୟଂ ଗ୍ରହଣ କରିନେବ । ମାତ୍ର, ଯଦି ତାହା ପ୍ରତିରୋଧ କରିବ, ଯୁଝିବାକୁ ମନ କରିବ, ପରମ ବିଶ୍ୱ-ମନ ବିରୁଦ୍ଧରେ ଯଦି ତାହା ବିଦ୍ରୋହ ଘୋଷଣା କରିବ, ତେବେ ତଦ୍ୱାରା ଏକ ଦ୍ୱନ୍ଦ୍ୱ ଓ ଝଡ଼ାକ୍ରାନ୍ତତା ଅନିବାର୍ଯ୍ୟ ହୋଇପଡ଼ିବ,

'oaob.nitrkl.ac.in' images reprocessed

ଯାହାଫଳରେ କି ଯାହାକିଛି ଦୁର୍ବଳ ଏବଂ କ୍ଷୁଦ୍ର ହୋଇ ରହିଛି, ତାହାକୁ ଅବଶ୍ୟ ସେହି ବୃହତ୍ତର ଶକ୍ତିମତ୍ତା ଏବଂ ବୃହତ୍ତର ବିପୁଳତାର ଗ୍ରାସରେ ଯାଇ ପଡ଼ିବାକୁହିଁ ପଡ଼ିବ । ଯଦି ତାହା ଆପଣାକୁ ସମର୍ପଣ କରି ନ ପାରେ, ତେବେ କେବଳ ଗ୍ରାସରେ ପଡ଼ିବାର ଏବଂ ନିର୍ବାପିତ ହୋଇଯିବାର ଅନନ୍ୟ ଭାଗ୍ୟଟିହିଁ ତା'ଲାଗି ଅପେକ୍ଷା କରି ରହିଥାଏ । ଯେଉଁ ମନୁଷ୍ୟସତ୍ତା ପରମ ଦିବ୍ୟ-ମନର ସଂସ୍ପର୍ଶରେ ଆସେ ଏବଂ ତାହାର ପାଖରେ ଆପଣାକୁ ସମର୍ପିତ କରିଦିଏ, ତାହାର ଆପଣା ମନଟି ମଧ୍ୟ ସଙ୍ଗେସଙ୍ଗେ ପରିଶୁଦ୍ଧ ହୋଇ ଯାଉଥିବାର ସେ ଲକ୍ଷ୍ୟ କରିପାରେ; ତାହାର ସକଳ ଅସ୍ପଷ୍ଟତା ପରିମାର୍ଜିତ ହୋଇଯାଏ, ଏବଂ ସେ ସେହି ପରମ ଦିବ୍ୟ ବିଶ୍ୱ-ମନର ଶକ୍ତି ଓ ଜ୍ଞାନରେ ଅଂଶଗ୍ରହଣ କରିବାକୁ ଆରମ୍ଭ କରେ । ମାତ୍ର, ସମ୍ମୁଖରେ ଠିଆ ହୋଇ ମଧ୍ୟ ଯଦି ସେ ତଥାପି ବିଚ୍ଛିନ୍ନ ହୋଇ ରହିଥାଏ, ଯଦି ସେଇଟି ସହିତ ତା'ର ଆଦୌ କୌଣସି ସଂସ୍ପର୍ଶ ନ ଥାଏ, ତେବେ ସିଏ ଯାହା ଥାଏ ତାହାହିଁ ରହିଯାଏ, ଅମିତ ପରମବ୍ୟାପ୍ତି ଭିତରେ କେବଳ ଏକ କ୍ଷୁଦ୍ର ଜଳବିନ୍ଦୁ ହୋଇ ରହିଯାଏ । ଯଦି ସିଏ ବିଦ୍ରୋହ ଘୋଷଣା କରେ, ତେବେ ସିଏ ଆପଣାର ମନଟିକୁ ହରାଇବସେ; ତାହାର ଶକ୍ତି ହ୍ରାସ ହୋଇଯାଏ ଏବଂ କ୍ରମେ ଅନ୍ତର୍ହିତ ହୋଇଯାଏ । ଏବଂ ମନର କ୍ଷେତ୍ରରେ ଯାହା ଘଟେ, ପ୍ରକୃତିର ଅନ୍ୟାନ୍ୟ ସବୁ କ୍ଷେତ୍ରରେ ମଧ୍ୟ ଠିକ୍ ତାହାହିଁ ଘଟିଥାଏ । ଯେତେ ଯେପରି ତୁମେ ତୁମଠାରୁ ଅତିରିକ୍ତ ପରିମାଣରେ ଅଧିକ ବଳବାନ୍ ଆଉଜଣକ ସହିତ ଲଢ଼ିବାକୁ ବାହାରିଛ, ଏହି କ୍ଷେତ୍ରରେ ଠିକ୍ ସେହିପରି ଏକ ପରିସ୍ଥିତି ସୃଷ୍ଟି ହୁଏ । ତେଣୁ, ତଦ୍ୱାରା କେବଳ ମୁଣ୍ଡଟି ଫାଟିବାହିଁ ସାର ହୁଏ । ଯିଏ ତୁମଠାରୁ ଲକ୍ଷଲକ୍ଷ ଗୁଣ ଅଧିକ ବଳବାନ୍, ତା' ସହିତ ତୁମେ କିପରି ଯୁଦ୍ଧ କରିପାରିବ କହିଲ ? ତେଣୁ, ତୁମେ ଯେତେଥର ବିଦ୍ରୋହ କରି ବାହାର, ତୁମକୁ ସେତେଥର ଧକ୍କା ଖାଇ କଚ୍ଚଡ଼ିହୋଇ ପଡ଼ିବାକୁ ହୋଇଥାଏ, ଏବଂ ପ୍ରତ୍ୟେକ ଧକ୍କାରେ ତୁମକୁ ଆପଣା ବଳର ଗୋଟିଏ ଅଂଶକୁ ହରାଇ ବସିବାକୁ ହୋଇଥାଏ । ନିଜଠାରୁ ଅନେକ ଅଧିକ ପାରଙ୍ଗମ ଆଉଜଣକ ସହିତ ମୁଷ୍ଟିଯୁଦ୍ଧରେ ଅବତୀର୍ଣ୍ଣ ହେଲେ ଯେପରି କେବଳ ମାଡ଼ ପରେ ମାଡ଼ ଖାଇବାକୁହିଁ ପଡ଼େ, ଏବଂ ପ୍ରତ୍ୟେକଟି ମାଡ଼ ଆମକୁ ଯେପରି ଅଧିକରୁ ଅଧିକ ଦୁର୍ବଳ କରି ଦେଉଥାଏ ଏବଂ ଶେଷରେ ହାରିଯାଇ ଭୂଇଁ କାମୁଡ଼ିବାକୁହିଁ ହୁଏ, ଏହି କ୍ଷେତ୍ରରେ ଠିକ୍ ସେହିପରି ଘଟେ । ତେଣୁ ଏହି କ୍ଷେତ୍ରରେ ଇଚ୍ଛାକୃତ ହସ୍ତକ୍ଷେପ ଲାଗି ଆଦୌ କୌଣସି ଆବଶ୍ୟକତା ନ ଥାଏ, — ଏଠାରେ ଯାବତୀୟ କ୍ରିୟା ସତେଅବା ସ୍ୱୟଂକ୍ରିୟ ପରି ହେବାରେ ଲାଗିଥାଏ । ସେହି ପରମ ବିପୁଳତା ସହିତ ଯାଇ ଟକ୍କର ଲଗାଇଲେ ଏହା ବ୍ୟତୀତ ଆଉ କ'ଣ ଘଟନ୍ତା ? ତୁମେ ଯେପର୍ଯ୍ୟନ୍ତ ଆପଣାର କଣଟିରେ ଯାଇ ପଡ଼ିରହିଥାଅ ଏବଂ ତୁମ ସାଧାରଣ ଜୀବନର

'oaob.nitrkl.ac.in' images reprocessed

ଗତିପଥଟିକୁ ଧରି ଯିବାରେ ଲାଗିଥାଅ, ସେତେବେଳ ପର୍ଯ୍ୟନ୍ତ ତୁମ ଦେହରେ କୌଣସି ସ୍ପର୍ଶ ବାଜେ ନାହିଁ, କୌଣସି ଆଘାତ ବି ସହିବାକୁ ପଡ଼େ ନାହିଁ । ମାତ୍ର, ଥରେ ଯେହି ପରମ ଦିବ୍ୟସତ୍ତାଙ୍କର ସଂସ୍ପର୍ଶ ଲାଗିଗଲା ପରେ ତୁମ ଲାଗି କେବଳ ଦୁଇଟି ବାଟ ଉନ୍ମୁକ୍ତ ହୋଇ ରହିଥାଏ । ତୁମେ ତାଙ୍କର ପାଖରେ ଆପଣାକୁ ନେଇ ସମର୍ପିତ କରିଦିଅ ଓ ତାଙ୍କର ମଧ୍ୟରେ ଆପଣାକୁ ସମ୍ମିଳିତ କରିଦିଅ; ଏବଂ ତୁମର ସେହି ସମର୍ପଣ ତୁମ ଜୀବନରେ ଅଭିବୃଦ୍ଧି ଆଣେ, ଅନେକ ଗୌରବକୁ ବି ବହନ କରିଆଣେ; ଅଥବା, ତୁମେ ବିଦ୍ରୋହ ଘୋଷଣା କର, ଏବଂ ତଦ୍ୱାରା ତୁମର ଯାବତୀୟ ସମ୍ଭାବନା କେବଳ ବିନଷ୍ଟ ହୋଇଯାଏ, ତୁମର ସାମର୍ଥ୍ୟଗୁଡ଼ିକ ପ୍ରତ୍ୟାହୃତ ହୋଇ ଯାଉଥାଏ; ଏବଂ ତୁମେ ଯାହାଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥାଅ, ତୁମର ଯାବତୀୟ ଶକ୍ତି ତୁମଠାରୁ ପ୍ରତ୍ୟାହୃତ ହୋଇ ସେହି ପରମ ତତ୍ତ୍ୱର ଗ୍ରାସରେହିଁ ଯାଇ ପଡ଼େ ।

ଲୋକମାନଙ୍କର ମନରେ ସମର୍ପଣ ବିଷୟରେ ଅନେକ ଭୁଲ୍ ଧାରଣା ରହିଛି । ସମର୍ପଣ କହିଲେ ଅଧିକାଂଶ ଲୋକ ଆପଣାର ବ୍ୟକ୍ତିସତ୍ତାର ବିସର୍ଜନ କରିଦେବାକୁହିଁ ବୁଝୁଥିବା ପରି ମନେ ହୁଏ । ମାତ୍ର ସେପରି ବୁଝି ସେମାନେ ଗୁରୁତର ଭୁଲ୍ କରୁଥାନ୍ତି । କାରଣ, ପରମ ଦିବ୍ୟ-ଚେତନାର କୌଣସି ଗୋଟିଏ ବିଭବକୁ ଅଭିବ୍ୟକ୍ତ କରିବା ହେଉଛି ବ୍ୟକ୍ତିଜୀବନର ଉଦ୍ଦେଶ୍ୟ, ଏବଂ ବ୍ୟକ୍ତିର ସ୍ୱକୀୟ ପ୍ରକୃତିର ଅଭିବ୍ୟକ୍ତିହିଁ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ସୃଷ୍ଟି କରିଥାଏ । ତେଣୁ, ପରମ ଦିବ୍ୟ-ସତ୍ତାଙ୍କ ପ୍ରତି ଯଥାର୍ଥ ଦୃଷ୍ଟିକୋଣଟିକୁ ଅବଲମ୍ବନ କରି ଏହି ବ୍ୟକ୍ତିତ୍ୱ ତାହାକୁ ନାନାଭାବେ ଖର୍ବ ଏବଂ ବିକୃତ କରି ପକାଉଥିବା ଆପଣାର ନିମ୍ନତର ପ୍ରକୃତିଟିର ପ୍ରଭାବଗୁଡ଼ିକର କବଳରୁ ଆପଣାକୁ ଶୁଦ୍ଧକରି ରଖିବାକୁ ସମର୍ଥ ହୋଇଥାଏ ଏବଂ ତଦ୍ୱାରା ତାହା ଆହୁରି ଦୃଢ଼ଭାବରେ ସ୍ୱକୀୟ ହୋଇପାରେ, ଅଧିକ ସାର୍ଥକ ଭାବରେ ଆପଣାର ସ୍ୱତନ୍ତ୍ରତାକୁ ପ୍ରକାଶ କରେ, ଅଧିକ ପରିପୂର୍ଣ୍ଣ ହୋଇପାରେ । ବ୍ୟକ୍ତିତ୍ୱର ଯଥାର୍ଥ ସତ୍ୟ ଏବଂ ଯଥାର୍ଥ ଶକ୍ତିମତ୍ତା ଏହାଦ୍ୱାରା ଆହୁରି ଅଧିକ ଦୀପ୍ତିମନ୍ତ ଭାବରେ ସ୍ୱକୀୟ ଓ ସୁସ୍ପଷ୍ଟ ହୋଇ ଅଭିବ୍ୟକ୍ତ ହୋଇଆସେ; ଯାବତୀୟ ଅସ୍ପଷ୍ଟତା ଏବଂ ଅଜ୍ଞାନ ସହିତ ମିଶ୍ରିତ ହୋଇ ରହିଥିଲେ ବ୍ୟକ୍ତିତ୍ୱର ସ୍ୱପ୍ରକୃତିଟି ହୁଏତ ଯେପରି ଭାବରେ ପରିସ୍ଫୁଟ ହୋଇପାରିଥାନ୍ତା, ଏହାଦ୍ୱାରା ତାହା ତା'ଠାରୁ ଆହୁରି ଅଧିକ ଭାବରେ ପରିସ୍ଫୁଟ ହୋଇପାରେ । ନିମ୍ନପ୍ରକୃତିର ଯାବତୀୟ ଆବର୍ଜନା ଏବଂ ସମ୍ମିଶ୍ରଣ ଭିତରେ ମିଶିକରି ରହିଥିଲେ ତାହା ଯେତିକି ପରିସ୍ଫୁଟ ହୋଇଥାନ୍ତା, ତା'ଠାରୁ ଆହୁରି ଅଧିକ ପରିମାଣରେ ପରିସ୍ଫୁଟ ହୋଇପାରେ । ଏହା ଫଳରେ ବ୍ୟକ୍ତିତ୍ୱ ଏକ ଆହୁରି ଅଧିକ ଉଚ୍ଚତା ଉପଲବ୍ଧି କରିବାରେ ସମର୍ଥ ହୁଏ, ଅଧିକ ଗୌରବାନ୍ୱିତ

'oaob.nitrkl.ac.in' images reprocessed

ହୁଏ,— ଆପଣା ସାମର୍ଥ୍ୟରେ ଏକ ଅଭିବୃଦ୍ଧି ଘଟାଏ, ଆପଣାର ସମ୍ଭାବନାଗୁଡ଼ିକୁ ସର୍ବାଧିକ ପରିମାଣରେ ଉପଲବ୍ଧି କରିବାକୁ ସମର୍ଥ ହୁଏ । ମାତ୍ର ଏହି ଉତ୍ତୋଳନକାରୀ ପରିବର୍ତ୍ତନଟିକୁ ସମ୍ଭବ କରିବାକୁ ହେଲେ, ତା'ଭିତରେ ଯାହାକିଛି ତା'ର ଅସଲ ପ୍ରକୃତିଟିକୁ ବିକୃତ କରିପକାଉଛି, ତାହାକୁ ନାନାଭାବେ ସୀମିତ ଏବଂ ଆଚ୍ଛନ୍ନ କରି ରଖୁଛି, ଯାହାକିଛି ତା'ର ଅସଲ ବ୍ୟକ୍ତିତ୍ୱକୁ ନାନା ବେଢ଼ି ଦ୍ୱାରା ବାନ୍ଧି ରଖୁଛି, ତାହାକୁ ଭ୍ରଷ୍ଟ ଏବଂ ଦୂଷିତ କରିପକାଉଛି, ତାକୁ ସେହି ସବୁକିଛିକୁ ବର୍ଜନ କରିପାରିବାକୁ ହେବ । ସାଧାରଣ ମନୁଷ୍ୟଜୀବନର ନିମ୍ନତର ଯାବତୀୟ ଗତିସ୍ପନ୍ଦନର ଯାବତୀୟ ବସ୍ତୁକୁ ତାକୁ ଆପଣା ଭିତରୁ କାଢ଼ି ଫୋପାଡ଼ି ଦେବାକୁ ପଡ଼ିବ । ତା'ର ଚକ୍ଷୁହୀନ ଜଡ଼ପ୍ରାୟ ସାଧାରଣ ନିତ୍ୟନୈମିତ୍ତିକ ଜୀବନର ଯାବତୀୟ ଗତିସ୍ପନ୍ଦନ ମଧ୍ୟରେ ରହିଥିବା ବସ୍ତୁଗୁଡ଼ିକୁ ବାହାରକୁ ଫିଙ୍ଗିଦେବାକୁ ପଡ଼ିବ । ଏବଂ ସର୍ବପ୍ରଥମେ ତାକୁ ଆପଣାର ବାସନା ତ୍ୟାଗ କରିବାକୁ ପଡ଼ିବ । କାରଣ ବାସନା ହେଉଛି ତା'ର ଗତିସ୍ପନ୍ଦନଗୁଡ଼ିକ ମଧ୍ୟରେ ସବୁଠାରୁ ଅଧିକ ପରିମାଣରେ ତମସାବୃତ ଗତିସ୍ପନ୍ଦନ, ସବୁଠାରୁ ଅଧିକ ପରିମାଣରେ ଆଚ୍ଛନ୍ନ କରିପକାଉଥିବା ଗତିସ୍ପନ୍ଦନ । ବାସନାଗୁଡ଼ିକ ହେଉଛନ୍ତି ଦୁର୍ବଳତା ଏବଂ ଅଜ୍ଞାନରହିଁ ଗତିସ୍ପନ୍ଦନ, ଏବଂ ସେଗୁଡ଼ିକ ତୁମକୁ ତୁମର ଦୁର୍ବଳତା ଏବଂ ଅଜ୍ଞାନ ସହିତ ବେଢ଼ି ପକାଇ ବାନ୍ଧି ରଖିଥାନ୍ତି । ଲୋକମାନଙ୍କର ଏପରି ଏକ ଧାରଣା ରହିଥାଏ ଯେ ସେମାନଙ୍କର ବାସନାଗୁଡ଼ିକ ସେମାନଙ୍କ ଭିତରେହିଁ ଜନ୍ମଲାଭ କରିଥାନ୍ତି, ସେମାନେ ଅନୁଭବ କରିଥାନ୍ତି ସତେଯେପରି ସେହି ବାସନାଗୁଡ଼ିକ ସେମାନଙ୍କ ନିଜଭିତରୁହିଁ ନିଷ୍ପନ୍ନ ଓ ଉଦ୍‌ଭୂତ ହୋଇ ଆସିଥାନ୍ତି । ମାତ୍ର ସେମାନଙ୍କର ଏହି ଧାରଣା ହେଉଛି ଏକ ଭୁଲ୍ ଧାରଣା । ଅନ୍ଧକାରାଚ୍ଛନ୍ନ ନିମ୍ନତର ପ୍ରକୃତିର ଯେଉଁ ସାଗରଟି ବିସ୍ତୃତ ହୋଇ ରହିଛି, ବାସନାଗୁଡ଼ିକ ହେଉଛନ୍ତି ସେହି ସାଗରର ତରଙ୍ଗ ଏବଂ ସେଗୁଡ଼ିକ ଗୋଟିଏ ମଣିଷର ଜୀବନରୁ ଆଉଗୋଟିଏ ଜୀବନରେ ଆସି ବାଜିବାରେ ଲାଗିଥାନ୍ତି । ମଣିଷମାନେ ସ୍ୱୟଂ ନିଜ ଭିତରେ କେବେ କୌଣସି ବାସନାକୁ ନିଷ୍ପନ୍ନ କରନ୍ତି ନାହିଁ, ସେମାନେ ଏହି ବାସନାରୂପୀ ତରଙ୍ଗଗୁଡ଼ିକ ଦ୍ୱାରା ଆକ୍ରାନ୍ତହିଁ ହୋଇଥାନ୍ତି । ଯିଏ ସେଗୁଡ଼ିକ ଆଡ଼କୁ ମେଲା ହୋଇ ରହିଥାଏ ଓ ତାହାର ଆବଶ୍ୟକ ରକ୍ଷାପ୍ରାଚୀରଟି ମଜବୁଦ ନ ଥାଏ, ସେହି ବାସନାଗୁଡ଼ିକର ଘେରରେ ପଡ଼ିଯାଏ, ତରଙ୍ଗଗୁଡ଼ିକ ଦ୍ୱାରା ଆନ୍ଦୋଳିତ ହୁଏ । ତା'ର ବାସନା ତାକୁ ଅଭିଭୂତ ଏବଂ ଅଧିକାର କରିପକାଏ, ତାହାକୁ ଆଦୌ କୌଣସି ପ୍ରକାର ବିବେକ ଲାଗି ଅସମର୍ଥ କରିଦିଏ ଏବଂ ତାହାକୁ ସର୍ବଦା ଏହିପରି ଏକ ଭ୍ରମଧାରଣାଟି ଦେଇ ଯାଉଥାଏ ଯେ ବାସନାଗୁଡ଼ିକୁ ଚରିତାର୍ଥ କରିବାହିଁ ହେଉଛି ତା'ର ସ୍ୱଭାବର ଏକ ଅଙ୍ଗ । ମାତ୍ର ବସ୍ତୁତଃ, ବ୍ୟକ୍ତିର ଅସଲ ପ୍ରକୃତିଟି ସହିତ ବାସନାଗୁଡ଼ିକର

'oaob.nitrkl.ac.in' images reprocessed

ଆଦୌ କୌଣସି ସମ୍ପର୍କ ନ ଥାଏ । ଈର୍ଷା ଓ ଦ୍ୱେଷ, ଘୃଣା କିଂବା ହିଂସା,— ଯାବତୀୟ ନିମ୍ନତର ଆବେଗଗୁଡ଼ିକର କ୍ଷେତ୍ରରେ ମଧ୍ୟ ସେଇ ଗୋଟିଏ କଥା । ଏହି ଗତିସ୍ପନ୍ଦନଗୁଡ଼ିକ ମଧ୍ୟ ତୁମକୁ ସେମାନଙ୍କର କବଳିତ କରି ରଖନ୍ତି, ସତେଅବା ତରଙ୍ଗ ପରି ତୁମକୁ ଆକ୍ରମଣ କରନ୍ତି ଓ ଅବଶ କରି ରଖନ୍ତି । ସେଗୁଡ଼ିକ କେବଳ ବିକୃତ କରିପକାନ୍ତି, ସେଗୁଡ଼ିକୁ ଆମେ କଦାପି ଅସଲ ଚରିତ୍ର ଅଥବା ଅସଲ ପ୍ରକୃତିର ଅଙ୍ଗ ବୋଲି କହିପାରିବା ନାହିଁ । ତୁମ ଜୀବନର ଅନ୍ତର୍ଗତ ଅଥବା ଅବିଚ୍ଛିନ୍ନ ଅଂଶ ବୋଲି ସେଗୁଡ଼ିକୁ କଦାପି କୁହାଯାଇ ପାରିବ ନାହିଁ । ମାତ୍ର, ସେଗୁଡ଼ିକ ତୁମକୁ ଘେରି ରହିଥିବା ତମସାଚ୍ଛନ୍ନତାର ସାଗର ମଧ୍ୟରୁ ତୁମ ପାଖକୁ ଆସନ୍ତି; ନିମ୍ନତର ପ୍ରକୃତିର ନାନା ଶକ୍ତି ଯେଉଁଠି ବିଚରଣ କରିବାରେ ଲାଗିଛନ୍ତି, ସେଗୁଡ଼ିକ ତାହାରି ମଧ୍ୟରୁ ଆସିଥାନ୍ତି । ଏହି ବାସନା ଏବଂ ଏହି ଆବେଗଗୁଡ଼ିକର ଆଦୌ କୌଣସି ବ୍ୟକ୍ତିତ୍ୱ ନାହିଁ; ସେଗୁଡ଼ିକ ମଧ୍ୟରେ ଏବଂ ସେଗୁଡ଼ିକର କାର୍ଯ୍ୟ ମଧ୍ୟରେ ଏପରି କୌଣସି ବସ୍ତୁ ନାହିଁ, ଯାହାକୁ କି ଖାସ୍ ତୁମର ଏକ ବିଶେଷ ସ୍ୱଭାବ ବୋଲି କୁହାଯାଇ ପାରିବ । ସେଗୁଡ଼ିକ ସେହି ଗୋଟିଏ ପ୍ରକାରରେହିଁ ଆପଣାକୁ ସମସ୍ତଙ୍କ ମଧ୍ୟରେ ବ୍ୟକ୍ତ କରିଥାନ୍ତି । ଏପରିକି ତୁମ ମନରେ ବି ଯେଉଁସବୁ ତମସାବୃତ ଗତିସ୍ପନ୍ଦନ ହେବାରେ ଲାଗିଥାଏ, ଯେଉଁସବୁ ସଂଶୟ, ପ୍ରମାଦ ଏବଂ ଅଜ୍ଞତାସବୁ ଘନପଟଳ ପରି ତୁମର ବ୍ୟକ୍ତିତ୍ୱକୁ ଆଚ୍ଛନ୍ନ କରି ରଖିଥାନ୍ତି ଏବଂ ସେହି ବ୍ୟକ୍ତିତ୍ୱର ଯାବତୀୟ ସମ୍ପ୍ରସାରଣ ତଥା ପରିପୂର୍ଣ୍ଣତାକୁ ଖର୍ବ କରି ଦେଉଥାନ୍ତି, ସେଗୁଡ଼ିକ ମଧ୍ୟ ସେହି ଗୋଟିଏ ଉତ୍ସରୁ ନିଷ୍ପନ୍ନ ହୋଇ ଆସିଥାନ୍ତି । ତରଙ୍ଗଗୁଡ଼ିକ ପରି ସେଗୁଡ଼ିକ ଖସି ଖସି ଚାଲିଯିବାରେ ଲାଗିଥାନ୍ତି ଓ ଯିଏ ଜାଲରେ ପଡ଼ିବ ବୋଲି ସମ୍ମତ ହୋଇ ରହିଥାଏ ଏବଂ ସେଗୁଡ଼ିକର ହାତରେ ଅନ୍ଧ ଯନ୍ତ୍ରରୂପେ ବ୍ୟବହୃତ ହେବ ବୋଲି ପ୍ରସ୍ତୁତ ହୋଇ ବସିଥାଏ, ସେଗୁଡ଼ିକ ସେହିପରି ଲୋକମାନଙ୍କୁ ଯାଇ କବଳଗତ କରନ୍ତି । ତଥାପି, ପ୍ରତ୍ୟେକ ବ୍ୟକ୍ତି ଏହିପରି ବିଶ୍ୱାସ କରିବାରେ ଲାଗିଥାନ୍ତି ଯେ ଏହିସବୁ ଗତିସ୍ପନ୍ଦନ ହେଉଛି ସେମାନଙ୍କ ଜୀବନର ଗୋଟିଏ ଗୋଟିଏ ଅଙ୍ଗ, ସେଗୁଡ଼ିକ ହେଉଛି ତା' ନିଜର ସ୍ୱାଧୀନ ବ୍ୟକ୍ତିତ୍ୱର ଗୋଟିଏ ଗୋଟିଏ ବହୁମୂଲ୍ୟ ପରିଣାମସ୍ୱରୂପ । ଅନେକ ଲୋକ ଯେଗୁଡ଼ିକୁ ଏବଂ ସେଗୁଡ଼ିକ ଦ୍ୱାରା ଜାତ ହେଉଥିବା ଅସମର୍ଥତାଗୁଡ଼ିକୁ ଜାବୁଡ଼ି ଧରିବାର ଆମେ ତଥାପି ଦେଖିବାକୁ ପାଉ; ସେମାନେ ଯାହାକୁ ଆପଣାର ସ୍ୱାଧୀନତା ବୋଲି କହନ୍ତି, ତାହାର ଲକ୍ଷଣ ବା ଅସଲ ମର୍ମ ବୋଲି ବିଶ୍ୱାସ କରୁଥିବାର ମଧ୍ୟ ଦେଖିବାକୁ ପାଇଥାଉ ।

ଯଦି ତୁମେ ଏହି କଥାଟିକୁ ବୁଝିପାରିଥିବ, ତେବେ ଆଧ୍ୟାତ୍ମିକତା ଏବଂ ନୈତିକତା ମଧ୍ୟରେ ରହିଥିବା ବଡ଼ ପାର୍ଥକ୍ୟଟିକୁ ମଧ୍ୟ ତୁମେ ନିଶ୍ଚୟ ବୁଝିପାରିବ ।

'oaob.nitrkl.ac.in' images reprocessed

ଏହି ଦୁଇଟି କଥାକୁ ପ୍ରାୟ ସର୍ବଦା ପରସ୍ପର ସହିତ ଗୋଳାଆମିଶା କରି ଦିଆଯାଇଥାଏ । ଆଧ୍ୟାତ୍ମିକ ଜୀବନ ଅର୍ଥାତ୍ ଯୋଗମାର୍ଗୀୟ ଜୀବନ ଦିବ୍ୟଚେତନା ମଧ୍ୟକୁ ଅଭିବୃଦ୍ଧି ଲାଭ କରିବାକୁହିଁ ଆପଣାର ଲକ୍ଷ୍ୟରୂପେ ଗ୍ରହଣ କରିଥାଏ ଏବଂ ଆମ ନିଜ ଭିତରେ ଯାହାସବୁ ରହିଛି, ତାହାକୁ ଶୁଦ୍ଧ କରିଦେବା, ପ୍ରଗାଢ଼ କରିବା, ମହିମାନ୍ୱିତ କରିବା ଏବଂ ସେଥିରେ ଏକ ପରିପୂର୍ଣ୍ଣତା ହାସଲ୍ କରିବାକୁହିଁ ତାହାର ପରିଣାମ ରୂପେ ଗ୍ରହଣ କରିଥାଏ । ପରମ ଦିବ୍ୟସତ୍ତାଙ୍କୁ ବ୍ୟକ୍ତ କରି ଆଣିବାରେ ଆଧ୍ୟାତ୍ମିକତା ତୁମକୁ ଏକ ଶକ୍ତିକେନ୍ଦ୍ର ରୂପେ ତିଆରି କରି ରଖେ । ପ୍ରତ୍ୟେକ ବ୍ୟକ୍ତିତ୍ୱର ସ୍ୱଭାବକୁ ତାହା ତାହାର ପରିପୂର୍ଣ୍ଣ ମୂଲ୍ୟସ୍ତରକୁ ଉତ୍ତୋଳିତ କରି ନେଇଯାଏ ଏବଂ ତାହାକୁ ସମ୍ଭାବ୍ୟ ସର୍ବାଧିକ ପରିମାଣରେ ଅଭିବ୍ୟକ୍ତ କରାଇଆଣେ । *କାରଣ, ତାହା ପରମେଶ୍ୱରଙ୍କ ଯୋଜନାର ଏକ ଅଂଶ ହୋଇ ରହିଥାଏ ।*
ଏକ ମାନସିକ ବିରଚନାର ଭୂମିରେହିଁ ଯାବତୀୟ ନୈତିକତାର ଉନ୍ମେଷ ଓ କାରବାର ହେଉଥାଏ ; କ'ଣ ଭଲ ଏବଂ କ'ଣ ମନ୍ଦ, ଏହି ବିଷୟରେ କେତେଟା ଧାରଣାରୁ ନୈତିକତାର ଯାବତୀୟ ଗଣନା ଆରମ୍ଭ ହୁଏ । ଏହିସବୁକୁ ନେଇ ନୈତିକତା ଆପଣାର ସମ୍ମୁଖରେ ଏକ ଆଦର୍ଶ ସ୍ୱରୂପ ନିର୍ମାଣ କରି ରଖିଥାଏ ଏବଂ ସମସ୍ତେ ଯେକୌଣସି ପ୍ରକାରେ ସେହି ପ୍ରରୂପଟି ଅନୁସାରେ ଆପଣାକୁ ତିଆରି କରନ୍ତୁ ବୋଲି ଦାବି କରୁଥାଏ, ବିଭିନ୍ନ କାଳ ଏବଂ ବିଭିନ୍ନ ସ୍ଥାନରେ ଏହି ନୈତିକ ଆଦର୍ଶ ଭିନ୍ନ ଭିନ୍ନ ରୂପ ହୋଇ ରହିଥାଏ, ତାହାର ଗଢ଼ଣ ଏବଂ ତା'ର ସମଗ୍ର ଗୁଚ୍ଛଟି ନାନା ସ୍ଥାନରେ ନାନାପ୍ରକାର ହୋଇ ରହିଥାଏ । ମାତ୍ର ତଥାପି ତାହା ଆପଣାକୁ ଏକ ଅନନ୍ୟ ପ୍ରରୂପ ବୋଲି ଘୋଷଣା କରିବାରେ ଲାଗିଥାଏ, ଏକ ପରମ ଓ ଅବଶ୍ୟ ଅନୁସରଣୀୟ ପ୍ରରୂପ ବୋଲି ଘୋଷଣା କରେ । ଆପଣାର ବାହାରେ ରହିଥିବା ଆଉ କାହାରିକୁ ହେଲେ ତାହା ଆଦୌ ସ୍ୱୀକାର କରିବାକୁ ରାଜି ହୁଏନାହିଁ, ଏପରିକି ଆପଣାର ପରିଧିଟି ଭିତରେ ମଧ୍ୟ ତାହା ଆଦୌ କୌଣସି ପ୍ରକାର ବୈଚିତ୍ର୍ୟ ଲାଗି ଅନୁମତି ଦିଏ ନାହିଁ । ଆଦର୍ଶ ପ୍ରରୂପର ଯେଉଁ ଗୋଟିଏ ଛାଞ୍ଚ ତାହା ପାଖରେ ରହିଥାଏ, ସମସ୍ତଙ୍କୁ ତାହାରି ଅନୁସାରେହିଁ ଆପଣାକୁ ତିଆରି କରିବାକୁ ପଡ଼େ । ପ୍ରତ୍ୟେକ ବ୍ୟକ୍ତିକୁ ଅନ୍ୟମାନଙ୍କ ସହିତ ଏକରୂପ ହୋଇ ଗଢ଼ି ହେବାକୁ ପଡ଼େ । ନିଖୁଣ ଓ ଦୋଷମୁକ୍ତ ଭାବରେ କେବଳ ତାହାହିଁ ହେବାକୁ ପଡ଼ିଥାଏ । ଏସବୁ ହୁଏ; ତାହାର କାରଣ ହେଉଛି ଯେ ନୈତିକତା ବଡ଼ ଅନମନୀୟ ଭାବରେ ଏପରି ଏକ ଅବାସ୍ତବ ପ୍ରକୃତିର ହୋଇ ରହିଥାଏ ଯେ ତାହା ଆପଣାର ମୌଳିକନୀତି ଏବଂ କାର୍ଯ୍ୟାନ୍ୱିତ ହେବାର ଭୂମିରେ ଆଧ୍ୟାତ୍ମିକଜୀବନର ଠିକ୍ ବିପରୀତ ଏକ ଅନ୍ୟ ବସ୍ତୁ ହୋଇ ରହିଥାଏ । ଆଧ୍ୟାତ୍ମିକ ଜୀବନ ସମସ୍ତଙ୍କ ଭିତରେ ରହିଥିବା ସେହି ଏକ ମୂଳସତ୍ୟଟିକୁ ଉଦ୍‌ଘାଟିତ କରିଆଣେ ସତ, ମାତ୍ର ତାହା ଆପଣାର

'oaob.nitrkl.ac.in' images reprocessed

ଅନୁଷ୍ଠାନ ନାନା ଅନେକବିଧତାକୁ ମଧ୍ୟ ପ୍ରକଟ କରି ଆଣିଥାଏ; ଆଧ୍ୟାତ୍ମିକତା ଏକତା ମଧ୍ୟରେହିଁ ଅନେକବିଧତା ଲାଗି କାର୍ଯ୍ୟ କରୁଥାଏ ଏବଂ ସେହି ଅନେକବିଧତା ମଧ୍ୟରେ ପରିପୂର୍ଣ୍ଣତା ଲାଗି ବି କାର୍ଯ୍ୟ କରୁଥାଏ । ଜୀବନର ଯେଉଁ ବିଚିତ୍ରବିଧତା ରହିଛି ଓ ଆତ୍ମଗତ ଜନ୍ମସ୍ଥ ଅସ୍ତିତ୍ୱର ଯେଉଁ ସ୍ୱାଧୀନତା ରହିଛି, ତାହାର ବିରୋଧାଚରଣ କରି ନୈତିକତା ଆମ ଆଗରେ ଏକ କୃତ୍ରିମମାନକୁ ଉତ୍ତୋଳିତ କରି ଧରିଥାଏ । ଏହା ଯାହାକିଛି ସମ୍ଭବ କରିଥାଏ, ତାହା ହେଉଛି କେବଳ ମନଃସ୍ତରର, ତାହା ଅତ୍ୟନ୍ତ ଅନମନୀୟ ଓ ଅତ୍ୟନ୍ତ ସୀମାବଦ୍ଧ; ଏବଂ ନୈତିକତା ସବୁ ମଣିଷଙ୍କୁ ଖାସ୍ ସେହି ମାନଟିକୁ ଅନୁସରଣ କରି ଚଳିବା ଲାଗି ଦାବି କରିବାରେ ଲାଗିଥାଏ । ତାହାର ଏହି ଦାବିଟି ଅନୁସାରେ ସକଳ ବ୍ୟକ୍ତିଙ୍କୁହିଁ ଏକା ପ୍ରକାରର ଗୁଣଗୁଡ଼ିକୁ ଅର୍ଜନ କରିବାକୁ ପଡ଼େ ଏବଂ ସେହି ଗୋଟିଏ ପ୍ରକାରର ଆଦର୍ଶ ଆଚରଣକୁ ହାସଲ କରିବା ଲାଗି କ୍ଳେଶ କରିବାକୁ ପଡ଼ିଥାଏ । ନୈତିକତାକୁ ଏକ ଦିବ୍ୟ ଧାରା ବୋଲି ମୋଟେ କୁହାଯିବ ନାହିଁ, ଏବଂ ପରମ ଦିବ୍ୟସତ୍ତାଙ୍କର ଏକ ସମ୍ପଦ ଅଥବା ସାଧନ ବୋଲି ବି କୁହାଯିବ ନାହିଁ । ନୈତିକତା ମନୁଷ୍ୟରହିଁ ଏକ ଉଥାଣ ଏବଂ ମନୁଷ୍ୟସ୍ତରସ୍ଥ ଗୋଟିଏ ସାଧନ । ଆପଣାର ମୌଳିକ ଉପାଦାନରୂପେ ନୈତିକତା ଭଲ ଓ ମନ୍ଦ ନାମରେ ଏକ ଅନମନୀୟ ବିଭାଜନକୁ ଗ୍ରହଣ କରି ନେଇଥାଏ; ମାତ୍ର ତାହାର ଏହି ଧାରଣାଟି ପଛରେ ଆଦୌ କୌଣସି ଯୁକ୍ତି ନ ଥାଏ, କୌଣସି ସମୀଚୀନତା ନ ଥାଏ । କେବଳ ଆପେକ୍ଷିକ ହୋଇ ରହିଥିବା କେତୋଟି କଥାକୁ ନୈତିକତା ସତ୍ୟ ବୋଲି ଗ୍ରହଣ କରିନଏ ଏବଂ ସେଗୁଡ଼ିକ ଅଲଙ୍ଘ୍ୟ ପରମସତ୍ୟ ରୂପେ ସମସ୍ତଙ୍କ ଉପରେ ଲଦିଦେବାକୁ ଇଚ୍ଛା କରୁଥାଏ । କାରଣ ନୈତିକତା ଏହି କ୍ଷେତ୍ରରେ ଯାହାକୁ ଭଲ ବୋଲି କହେ ଓ ଯାହାକୁ ମନ୍ଦ ବୋଲି କହୁଥାଏ, ସେଗୁଡ଼ାକ ବିଭିନ୍ନ ଜଳବାୟୁ, ବିଭିନ୍ନ କାଳ, ବିଭିନ୍ନ ଯୁଗ ଓ ବିଭିନ୍ନ ଦେଶରେ ସମ୍ପୂର୍ଣ୍ଣ ଅଲଗା ପ୍ରକାରର ହୋଇ ରହିଥିବାର ପରିଦୃଷ୍ଟ ହୋଇଥାଏ । ନୈତିକତାର ଧାରଣାଟି ଆମକୁ ଏତେ ଦୂର ପର୍ଯ୍ୟନ୍ତ ଆସି ବି କହିବାକୁ ଆଗ୍ରହ ପ୍ରକାଶ କରିଥାଏ ଯେ ଜଗତରେ କେତେଗୁଡ଼ିଏ କାମନାକୁ ଭଲ ଓ ଆଉ କେତେଗୁଡ଼ିଏ କାମନାକୁ ମନ୍ଦ ବୋଲି କୁହାଯାଇ ପାରିବ, ଏବଂ ଏହି ରୀତିଟି ଦ୍ୱାରା ପ୍ରେରିତ ହୋଇ ତାହା ଆମକୁ ଗୋଟିକୁ ବର୍ଜନ କରି ଆରଟିକୁ ଗ୍ରହଣ କରି ନେବାର ପରାମର୍ଶ ବି ଦେଇଥାଏ । ମାତ୍ର ଆଧ୍ୟାତ୍ମିକ ଜୀବନ ଆମକୁ କାମନାମାନେ ସବୁକିଛିକୁ ପ୍ରତ୍ୟାଖ୍ୟାନ କରିବା ଲାଗି ଦାବି କରିଥାଏ । ଆଧ୍ୟାତ୍ମିକତାର ବିଧାନଟି ଅନୁସାରେ ଯାହାକିଛି ଆମକୁ ପରମ ଦିବ୍ୟ-ସତ୍ତାଙ୍କଠାରୁ ଦୂରକୁ ଦୂରକୁ ନେଇଯାଉଛି, ଆମକୁ ସେହି ସବୁକିଛି ବର୍ଜନ କରି ଆସିବାକୁ ହେବ । ସେଗୁଡ଼ିକ ଯେ ସ୍ୱତଃ ଖରାପ, ସେଥିଲାଗି ଆମକୁ ସେହି

'oaob.nitrkl.ac.in' images reprocessed

କାମନାଗୁଡ଼ିକୁ ବର୍ଜନ କରିବାକୁ ପଡ଼େ ନାହିଁ, — କାରଣ ଅନ୍ୟଜଣେ ବ୍ୟକ୍ତି ପାଇଁ ଓ ଆଉ ଏକ ପରିବେଶରେ ତାହା ହୁଏତ ମନ୍ଦ ନ ହୋଇ ଭଲ ବି ହୋଇପାରେ, —ମାତ୍ର ସେଗୁଡିକ ଏପରି ଏକ ଆବେଗ ଏବଂ ଶକ୍ତିଗୁଡ଼ିକର ଅଧୀନ ହୋଇ କାର୍ଯ୍ୟ କରୁଥାନ୍ତି, ଯେଉଁଗୁଡ଼ିକ କି ଅନୁଦ୍ଭାସିତ ଏବଂ ଅଜ୍ଞାନମୟ ହୋଇ ରହିଥାନ୍ତି ଓ ତେଣୁ ପରମ ଦିବ୍ୟସତ୍ତାଙ୍କ ଆଡକୁ ଗତି କରିବାର ପଥରେ ଆମ ଲାଗି ଗୋଟିଏ ଗୋଟିଏ ଅନ୍ତରାୟ ହୋଇ ଛିଡ଼ା ହୁଅନ୍ତି । ଭଲ ଅଥବା ମନ୍ଦ ଯାବତୀୟ କାମନାକୁ ଆମେ କେବଳ ଏହି ପ୍ରକରଣଟିର ଅନ୍ତର୍ଭୁକ୍ତ କରିପାରିବା; କାରଣ, କାମନା-ମାନେହିଁ ଏକ ଅନାଲୋକିତ ପ୍ରାଣିକ ସତ୍ତା ଏବଂ ତାହାର ଅଜ୍ଞାନ ମଧ୍ୟରୁ ସମ୍ଭୂତ ହୋଇଥାଏ । ତେଣୁ, ଏ ବାଟରେ ନ ଯାଇ ତୁମକୁ ପରମ ଦିବ୍ୟସତ୍ତାଙ୍କ ସହିତ ଏକ ସଂସ୍ପର୍ଶ ଆଣି ଦେଉଥିବା ଯାବତୀୟ ଗତିସ୍ପନ୍ଦନକୁହିଁ ସ୍ୱୀକାର କରିନେବାକୁ ପଡ଼ିବ । ମାତ୍ର, ସେହି ଗତିସ୍ପନ୍ଦନଗୁଡ଼ିକ ଭଲ ବୋଲି ତୁମେ କଦାପି ସେଗୁଡ଼ିକୁ ସ୍ୱୀକାର କରିବ ନାହିଁ, ମାତ୍ର ସେଗୁଡ଼ିକ ତୁମକୁ ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ନେଇ ଆସି ପାରୁଛନ୍ତି ବୋଲିହିଁ ତୁମେ ସେଗୁଡ଼ିକୁ ଗ୍ରହଣ କରିବ । ତେଣୁ, ଯାହାକିଛି ତୁମକୁ ପରମ ଦିବ୍ୟସତ୍ତାଙ୍କ ଆଡକୁ ନେଇଯାଇ ପାରୁଛନ୍ତି ତୁମେ ସେହି ସବୁ-ଗୁଡ଼ିକୁହିଁ ଗ୍ରହଣ କରିନେବ । ଯାହାକିଛି ପରମ ଦିବ୍ୟସତ୍ତାଙ୍କଠାରୁ ତୁମକୁ ଦୂରକୁ ନେଇ ଯାଉଛନ୍ତି, ତୁମେ ସେଗୁଡିକୁ ବର୍ଜନହିଁ କରିବ । ମାତ୍ର ତୁମେ ସେଥିଲାଗି କଦାପି ସେଇଟିକୁ ଭଲ ଓ ଏଇଟିକୁ ମନ୍ଦ ବୋଲି କହିବ ନାହିଁ ବା ଆପଣାର ଦୃଷ୍ଟିକୋଣଟିକୁ ଅନ୍ୟ ଉପରେ ଲଦିଦେବା ଲାଗି ବି କଦାପି ଚେଷ୍ଟା କରିବ ନାହିଁ । କାରଣ, ତୁମେ ଯାହାକୁ ମନ୍ଦ ବୋଲି କହୁଛ, ତୁମର ପ୍ରତିବେଶୀ ଲାଗି ହୁଏତ ଠିକ୍ ସେହି କଥାହିଁ ପ୍ରକୃତରେ ଭଲ ହୋଇପାରେ ଏବଂ ତୁମର ସେହି ପ୍ରତିବେଶୀ ପରମ ଦିବ୍ୟ ଜୀବନର ଉପଲବ୍ଧି ଲାଗି ହୁଏତ କୌଣସି ଉଦ୍ୟମ କରିବାରେହିଁ ଅଭିପ୍ରାୟ ରଖିଥାଇ ନ ପାରେ ।

ବସ୍ତୁଗୁଡ଼ିକ ବିଷୟରେ ଏକ ନୈତିକ ଦୃଷ୍ଟିକୋଣ ରଖିବା ଏବଂ ସେଗୁଡ଼ିକ ବିଷୟରେ ଏକ ଆଧ୍ୟାତ୍ମିକ ଦୃଷ୍ଟିକୋଣ ରଖିବା, — ଏହି ଦୁଇ ଦୃଷ୍ଟିକୋଣ ମଧ୍ୟରେ ରହିଥିବା ଫରକଟିକୁ ଆମେ ବର୍ତ୍ତମାନ ଏକ ଉଦାହରଣ ଦେଇ ବୁଝିବା । ସାଧାରଣ ସାମାଜିକ ଧାରଣାଗୁଡ଼ିକ ସାଧାରଣତଃ ଭାଗ ଭାଗ କରି ଦୁଇଟି ଶ୍ରେଣୀର ଲୋକଙ୍କର ବିଗ୍ରହ କରିଥାନ୍ତି; — ଗୋଟିଏ ଶ୍ରେଣୀକୁ ସେହି ଅନୁସାରେ ଉଦାରମନା ବୋଲି କୁହାଯାଇଥାଏ ଏବଂ ଆଉଗୋଟିଏ ଶ୍ରେଣୀକୁ ଲୋଭଗ୍ରସ୍ତ ବୋଲି କୁହାଯାଇଥାଏ । ଲୋଭଗ୍ରସ୍ତ ଲୋକକୁ ସମସ୍ତେ ଘୃଣା କରନ୍ତି, ତାକୁ ଯାବତ ଅପବାଦ ଓ ଦୋଷ ଦେବାରେ ଲାଗିଥାନ୍ତି; ଏବଂ ତେଣେ ଉଦାରମନା ବ୍ୟକ୍ତିକୁ ନିଃସ୍ୱାର୍ଥପର ବୋଲି କୁହାଯାଏ, ତାକୁ ସମାଜ ଲାଗି ଅଧିକ ଉପକାରକ ବୋଲି ମଧ୍ୟ

'oaob.nitrkl.ac.in' images reprocessed

କୁହାଯାଏ; ତା'ର ଭଲ ଗୁଣଗୁଡ଼ିକ ସକାଶେ ତାକୁ ସମସ୍ତେ ପ୍ରଶଂସା କରୁଥାନ୍ତି । ମାତ୍ର, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ସେହି ଉଭୟ ଶ୍ରେଣୀର ଦୁଇଜଣଯାକଯାକ ସେହି ଗୋଟିଏ ସ୍ତରରେ ଅବସ୍ଥିତ ଥାଆନ୍ତି; ଗୋଟିଏ ଲୋକର ଉଦାରଚରିତ୍ରତା ଓ ଆଉଗୋଟିଏ ଲୋକର ଲୋଭସକ୍ତତା, — ଏହି ଦୁଇଟିଯାକ ହିଁ ଏକ ଉଚ୍ଚତର ସତ୍ୟ ତଥା ଉଚ୍ଚତର ଦିବ୍ୟ ସାମର୍ଥ୍ୟର ଏକ ବିକୃତ ଧର ହୋଇ ରହିଥାନ୍ତି । ଏପରି ଏକ ଶକ୍ତି ବା ଦିବ୍ୟ ସାମର୍ଥ୍ୟ ରହିଛି, ଯାହାକି ପରିବ୍ୟାପ୍ତ ହେଉଥାଏ, ପରିବ୍ୟାପ୍ତ କରିଦିଏ, ଏବଂ ସର୍ବାଧିକ ପରିମାଣରେ ଜଡ଼ଧର୍ମୀ ହୋଇ ରହିଥିବା ଭୂମିଠାରୁ ଆରମ୍ଭ କରି ସର୍ବାଧିକ ପରିମାଣରେ ଆଧ୍ୟାତ୍ମିକ ହୋଇ ରହିଥିବା ଭୂମି ପର୍ଯ୍ୟନ୍ତ ପ୍ରକୃତିର ଯାବତୀୟ ସ୍ତରରେ ଅତ୍ୟନ୍ତ ବନ୍ଧନହୀନ ଭାବରେ ନାନା ଶକ୍ତିକୁ, ନାନା ବସ୍ତୁକୁ ଓ ଆପଣାର ଅନ୍ୟ ଯାବତୀୟ ସମ୍ପଦକୁ କେବଳ ବିକ୍ଷିପ୍ତ କରିଦେବାରେ ଲାଗିଥାଏ । ଉଦାରମନା ମଣିଷ ଓ ତା'ର ଉଦାରତା ପଛରେ ଏପରି ଗୋଟିଏ ପ୍ରକାରର ଆତ୍ମା ରହିଥାଏ, ଯାହାକି ଏହି ଗତିସ୍ପନ୍ଦନଟିକୁ ଅଭିବ୍ୟକ୍ତ କରି ଦେଉଥାଏ; ସିଏ ପରିବ୍ୟାପ୍ତି ସକାଶେ, ବିସ୍ତୃତ ବିତରଣ ସକାଶେହିଁ ଏକ ଶକ୍ତି ହୋଇ ରହିଥାଏ । ଏବଂ, ଆଉଗୋଟିଏ ବି ଏପରି ଶକ୍ତି ରହିଥାଏ, ଆଉଗୋଟିଏ ଏପରି ଦିବ୍ୟସାମର୍ଥ୍ୟ ରହିଥାଏ, ଯାହାକି ସଂଗ୍ରହ କରିଆଣେ, ଗଦାକରି ରଖେ, ନାନା ଶକ୍ତି, ନାନା ବସ୍ତୁ ଏବଂ ଆପଣାର ଯାବତୀୟ ସମ୍ପଦକୁ କେବଳ ଏକତ୍ର କରି ସଞ୍ଚୟ କରିବାରେ ଲାଗିଥାଏ; ତାହା ନିମ୍ନତର ଭୂମିଗୁଡ଼ିକର ଅଥବା ଉଚ୍ଚତର ଭୂମିଗୁଡ଼ିକର ହୋଇଥାଉ ପଛକେ, ତାହା ସେଗୁଡ଼ିକୁ କେବଳ ଜମା କରି ରଖିବାରେ ଲାଗିଥାଏ । ଯେଉଁ ବ୍ୟକ୍ତିକୁ ଅପବାଦ ଦେଇ ତୁମେ ଲୋଭୀ ବୋଲି କହୁଛ, ସିଏ ପ୍ରକୃତିରେ ଏହିପରି ଏକ ଗତିସ୍ପନ୍ଦନ ଲାଗି ନିମିତ୍ତ ହୋଇ ରହିବାକୁହିଁ ଉଦ୍ଦିଷ୍ଟ ହୋଇ ରହିଥିଲା । ଯେଉଁ ଗତିସ୍ପନ୍ଦନଟି ପରିବ୍ୟାପ୍ତ ହୋଇ-ଯାଉଛି ଏବଂ ପରିବ୍ୟାପ୍ତ କରୁଛି, ସେଇଟିଠାରୁ, ସଞ୍ଚିତ କରି ଏବଂ ସଂକେନ୍ଦ୍ରିତ କରି ରଖୁଥିବା ଗତିସ୍ପନ୍ଦନଟି ଯେକୌଣସି ଗୁଣରେ କମ୍ ଆବଶ୍ୟକ ହୋଇଥାଏ, ସେକଥା କଦାପି କୁହାଯାଇ ପାରିବ ନାହିଁ । ଯଦି ସେଗୁଡ଼ିକୁ ପରମ ଦିବ୍ୟସତ୍ତାଙ୍କ ପାଖରେ ଯଥାର୍ଥ ଭାବରେ ସମର୍ପିତ କରି ଦିଆଯାଏ, ତେବେ ଦୁଇଟିଯାକହିଁ ସମାନ ମାତ୍ରାରେ ଏବଂ ସମାନ ସାର୍ଥକତାର ସହିତ ତାହାର ଦିବ୍ୟକର୍ମର ସାଧନରୂପେ ବ୍ୟବହୃତ ହୋଇପାରିବେ । ମାତ୍ର, ଯେତେବେଳେ ସେମାନେ ଅସମର୍ପିତ ଅବସ୍ଥାରେ ରହିଥାନ୍ତି, ସେତେବେଳେ ଦୁଇଟିଯାକହିଁ ଅଜ୍ଞାନମୟ ନାନା ଆବେଗ-ଦ୍ୱାରା ଚାଳିତ ହେଉଥାନ୍ତି । ଗୋଟିଏ ପଛରୁ ଠେଲି ହୋଇ ସବୁକିଛୁକୁ କେବଳ ଫୋପାଡ଼ି ଦେବାରେ ଲାଗିଥାଏ ଓ ଆରଟି ଆପଣାକୁ କୃପଣ ଭାବରେ ଧରି ରଖିବ ବୋଲି ପଛକୁ ଟାଣିହୋଇ ଆସୁଥାଏ । ମାତ୍ର ଦୁଇଟିଯାକହିଁ ଏପରି ନାନା

'oaob.nitrkl.ac.in' images reprocessed

ଶକ୍ତି ଦ୍ୱାରା ତାଡ଼ିତ ହେବାରେ ଲାଗିଥାନ୍ତି, ଯେଉଁଗୁଡ଼ିକ କି ସେମାନଙ୍କ ସ୍ୱଚେତନା ପାଖରେ ଅତ୍ୟନ୍ତ ଅସ୍ପଷ୍ଟ ହୋଇ ରହିଥାନ୍ତି, ଏବଂ ତେଣୁ ଦୁଇଟି ମଧ୍ୟରୁ କୌଣସି ଗୋଟିକୁ ଗ୍ରହଣ କରିବାରେ ଆଦୌ ସେପରି କିଛି ଫରକ ନ ଥାଏ । ଯୋଗର ଉଚ୍ଚତର ଦୃଷ୍ଟିକୋଣଟିକୁ ପୋଷଣ କରି ଏତେବେଶୀ ପ୍ରଶଂସିତ ଉଦାରମନା ବ୍ୟକ୍ତିକୁ ହୁଏତ କୁହାଯାଇପାରେ, "ଭଗବତତାର ମାନଦଣ୍ଡରେ ମୂଲ୍ୟ କରି ଦେଖିଲେ ଉଦାର ହେବା ଲାଗି ତୁମର ଯାବତୀୟ ବେଗ ଓ ଆବେଗର ପ୍ରକୃତରେ ଆଦୌ କୌଣସି ମହତ୍ତ୍ୱ ଅଥବା ତାତ୍ପର୍ଯ୍ୟ ନାହିଁ; କାରଣ, କେବଳ ଅହଂ ଏବଂ ଅଜ୍ଞାନପ୍ରେରିତ ବାସନାରୁହିଁ ସେଗୁଡ଼ିକର ଉଦ୍ଭବ ହୋଇଛି । ଏବଂ, ଅନ୍ୟପକ୍ଷରେ ଯେଉଁମାନଙ୍କୁ ଲୋଭର ଅପବାଦରେ ଦୋଷୀ କରାଯାଇଥାଏ, ସେମାନଙ୍କ ମଧ୍ୟରେ ତୁମକୁ ହୁଏତ ଧନ ଗଚ୍ଛିତ ଓ ସ୍ତୂପୀକୃତ କରି ରଖିଥିବା ଏପରି ଜଣେ ବ୍ୟକ୍ତି ଦେଖିବାକୁ ମିଳିବ, ଯିଏକି ତା'ର ଆପଣା ପ୍ରକୃତି ଦ୍ୱାରା ଆପଣା ଉପରେ ନ୍ୟସ୍ତ କୌଣସି କାର୍ଯ୍ୟରେ ସମ୍ପୂର୍ଣ୍ଣ ସ୍ଥିର ଏବଂ ସକେନ୍ଦ୍ରିତ ଏକ ସଙ୍କଳ୍ପ ଦ୍ୱାରା ଆପଣାକୁ ନିଯୁକ୍ତ କରି ରଖିଛି, ଏବଂ ଯିଏକି, ସବୁ ଥରେ ଯେକୌଣସି ପ୍ରକାରେ ତା'ର ନିଦକୁ ଭାଙ୍ଗି ଦିଆଯାଏ, ଆପଣାକୁ ପରମ ଦିବ୍ୟସତ୍ତାଙ୍କର ଜଣେ ଅତ୍ୟନ୍ତ ଉପଯୁକ୍ତ ନିମିତ୍ତ ବୋଲି ପ୍ରମାଣିତ କରିଦେଇ ପାରିବ । ମାତ୍ର ଲୋଭାସକ୍ତ ବ୍ୟକ୍ତି ସାଧାରଣତଃ ତା'ର ଅହଂ ଏବଂ କାମନାଟି ଦ୍ୱାରା ପ୍ରେରିତ ହୋଇହିଁ କାର୍ଯ୍ୟ କରୁଥାଏ; ତା'ର ବିପରୀତ ଅନ୍ୟପକ୍ଷର ବ୍ୟକ୍ତିଟି ଯେପରି ପ୍ରେରିତ ହୋଇ ତା' କାର୍ଯ୍ୟ କରୁଥାଏ, ସିଏ ମଧ୍ୟ ସେହିପରି କରୁଥାଏ । ଦ୍ୱିତୀୟ ବ୍ୟକ୍ତିଟି ସେହି ଏକା ଅଜ୍ଞାନର ଅନ୍ୟ ପ୍ରାନ୍ତବିନ୍ଦୁଟିରେହିଁ ଅବସ୍ଥିତ ହୋଇଥାଏ । ସେମାନଙ୍କର ପଶ୍ଚାତରେ ରହିଥିବା ସେମାନଙ୍କଠାରୁ ଅଧିକ ଉଚ୍ଚ କୌଣସି ବସ୍ତୁର ସହିତ ସମ୍ପର୍କ ସ୍ଥାପନ କରିବାକୁ ହେଲେ ଉଭୟଙ୍କୁହିଁ ଆପଣା ଜୀବନରେ ଏକ ବିଶୁଦ୍ଧୀକରଣ ସମ୍ଭବ କରିବାକୁ ହେବ ଏବଂ ଆପଣା ଭିତରେ ଏକ ପରିବର୍ତ୍ତନ ଘଟାଇବାକୁ ହେବ । ତା'ପରେ ଯାଇ ସେମାନେ ସେହି ଉଚ୍ଚତର ବସ୍ତୁଟିକୁ ଆପଣାର ଜୀବନରେ ପ୍ରକଟ କରି ଆଣିପାରିବେ; ଆପଣାର ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ସେମାନେ ଯେଉଁ ମାର୍ଗଟିକୁ ଗ୍ରହଣ କରିବେ, ସେହି ମାର୍ଗରେ ସେମାନେ ସେହି ବସ୍ତୁଟିକୁ ପ୍ରକଟ କରିଦେଇ ପାରିବେ ।

ଠିକ୍ ଏହିପରି ଭାବରେହିଁ ତୁମେ ଅନ୍ୟ ଯାବତୀୟ ପ୍ରକାରର ମଣିଷଙ୍କର ବିଚାର କରିପାରିବ ଓ ସେମାନଙ୍କର ସବୁକିଛି କାର୍ଯ୍ୟର ମୂଳରେ ପରମ ଦିବ୍ୟଶକ୍ତିଙ୍କର କୌଣସି ନା କୌଣସି ଅଭିପ୍ରାୟ ଅବଶ୍ୟ ନିହିତ ରହିଛି ବୋଲି ଜାଣିବାକୁ ସମର୍ଥ ହେବ । ପରମ ଦିବ୍ୟସତ୍ତା ଯାହାକିଛି ଇଚ୍ଛା କରୁଛନ୍ତି, ପ୍ରତ୍ୟେକଟିକୁ ଆମେ ତାହାରହିଁ ଏକ କ୍ଷୁଦ୍ର ସଂସ୍କରଣ ବା ବିଦ୍ରୂପ ବୋଲି ମଧ୍ୟ

'oaob.nitrkl.ac.in' images reprocessed

କହିପାରିବା, ତାହାକୁ ଆମେ ମନଃପ୍ରସୂତ ଅଥବା ପ୍ରାଣିକ ଏପରି ଏକ ବିକୃତି ବୋଲି କହିପାରିବା, ଯାହାରିକି ଏକ ଗଭୀରତର ଆଧ୍ୟାତ୍ମିକ ମୂଲ୍ୟ ଅବଶ୍ୟ ରହିଛି । ଏକ ଅନୁଚିତ ଗତିସ୍ପନ୍ଦନରୁହିଁ ଯାହାକିଛି ବିକୃତି କିଂବା ବିବେକର ଉଦ୍‌ଭବ ଘଟିଥାଏ । ଥରେ ଏହି ମିଥ୍ୟାମୟ ବିକୃତିଟି ଉପରେ ନିୟନ୍ତ୍ରଣ ଅର୍ଜନ କରାଯାଇ ପାରିଲେ ଏବଂ ସମୁଚିତ ଦୃଷ୍ଟିକୋଣଟିକୁ ଆବିଷ୍କାର କରାଯାଇ ପାରିଲେ, ଯାହାକିଛିର ବି ଦିବ୍ୟ ସତ୍ୟମୂଲ୍ୟଟି ଉଦ୍‌ଘାଟିତ ହୋଇ ଆସିପାରିବ । ସେମାନଙ୍କ ଭିତରେ ଯେଉଁ ସତ୍ୟଟି ନିହିତ ହୋଇ ରହିଛି, ତାହାହିଁ ସେମାନଙ୍କର ଅସ୍ତିତ୍ୱଟିକୁ ପ୍ରତିପାଦିତ କରିଦେଉଛି । ସବୁଗୁଡ଼ିକର ସମାନ ମହତ୍ତ୍ୱ ରହିଛି, ସମାନ ଆବଶ୍ୟକତା ରହିଛି । ସେଗୁଡ଼ିକ ପରସ୍ପରଠାରୁ ଯେତେ ଭିନ୍ନ ହୋଇ ରହିଥିଲେ ମଧ୍ୟ ଈଶ୍ୱରୀୟ ପରମ ଅଭିବ୍ୟକ୍ତି ନିମନ୍ତେ ସେଗୁଡ଼ିକ ପ୍ରତ୍ୟେକେ ଗୋଟିଏ ଗୋଟିଏ ଅପରିହାର୍ଯ୍ୟ ସାଧନ ହୋଇ ରହିଛନ୍ତି ।

'oaob.nitrkl.ac.in' images reprocessed

ପ୍ରଶ୍ନ ଓ ଉତ୍ତର

୧୯୩୦-୧୯୩୧

'oaob.nitrkl.ac.in' images reprocessed

ସାଧାରଣ ଜୀବନ ଓ ପ୍ରକୃତ ଆତ୍ମା

ଆମର ଏହି ସାଧାରଣ ନିତ୍ୟନୈମିତ୍ତିକ ଜୀବନ କହିଲେ ବିବିଧ ବାସନା ଏବଂ ପ୍ରଲୁବ୍ଧତାର ଏକ ଦଳଚକ୍ରକୁହିଁ ବୁଝାଇଥାଏ । ସେହିଗୁଡ଼ାକୁ ନେଇ ବ୍ୟସ୍ତ ହୋଇ ରହିଥିବା ପର୍ଯ୍ୟନ୍ତ ଆମ ଜୀବନରେ ଆଦୌ କୌଣସି ସ୍ଥାୟୀ ଅଗ୍ରଗତି ହୋଇ ପାରିବ ନାହିଁ । ତେଣୁ, ଏହି ଚକ୍ରଟି ଭିତରୁ ଊର୍ଦ୍ଧ୍ୱ ବାହାରି ଆସିବାର ଏକ ଉପାୟ ବାହାର କରିବାକୁହିଁ ପଡ଼ିବ । ଏଠାରେ ଉଦାହରଣ ସ୍ୱରୂପ ସାଧାରଣ ଜୀବନର ସେହି ସବୁଠାରୁ ଅଧିକ ସାଧାରଣ ହୋଇ ରହିଥିବା ବ୍ୟସ୍ତତାଟି ବିଷୟରେ ବିଚାର କରାଯାଉ; —ସେମାନେ କ'ଣ ଖାଇବେ, କେତେବେଳେ ଖାଇବେ ଓ ସେମାନେ ପ୍ରକୃତରେ ଯଥେଷ୍ଟ ପରିମାଣରେ ଖାଉଛନ୍ତି କି ନାହିଁ, ଅନେକ ଲୋକ ପ୍ରାୟ ଅନୁକ୍ଷଣ ଏହିସବୁ କଥାକୁ ନେଇ ଯେପରି ଭାବିବାରେ ଲାଗିଥାନ୍ତି, ସେଠାରେ ସେହି କଥାଟିର ବିଚାର କରାଯାଉ । ଖାଇବା ସମ୍ବନ୍ଧରେ ରହିଥିବା ଆମର ଲୋଭଟିକୁ ଜୟକରି ପାରିବାକୁ ହେଲେ, ତୁମକୁ ନିଜର ସତ୍ତାମଧ୍ୟରେ ଏପରି ଏକ ସମତାଭାବର ବିକାଶ କରି ଆଣିବାକୁ ହେବ, ଯାହା ଫଳରେ କି ତୁମେ ଖାଦ୍ୟ ବିଷୟରେ ସମ୍ପୂର୍ଣ୍ଣ ଭାବରେ ଆସକ୍ତିରହିତ ହୋଇ ରହିପାରିବ । ତୁମେ ଖାଇବା ମିଳିଲେ ଖାଇବ, ନ ହେଲେ, ସେହି ବିଷୟରେ ଏତେ ଟିକିଏ ହେଲେ ଚିନ୍ତା ବି ତୁମକୁ କଦାପି ଘାରିବାକୁ ଆସିବ ନାହିଁ । ସବୁଠାରୁ ବଡ଼ କଥା ହେଉଛି ଯେ ତୁମେ କ'ଣ ଖାଇବ ବା ନ ଖାଇବ ସେବିଷୟରେ କୌଣସି ଚିନ୍ତାରେ କଦାପି ବୁଡ଼ି ରହିବ ନାହିଁ । ଏବଂ ଏହି ଚିନ୍ତା କେବେହେଲେ ନକାରାତ୍ମକ ବି ହେବ ନାହିଁ । ସନ୍ନ୍ୟାସୀମାନେ ଯେପରି ଖାଦ୍ୟସଂଯମର ଉପାୟ ଓ ସାଧନଗୁଡ଼ିକ ବିଷୟରେ ଅହରହ ଚିନ୍ତା କରିବାରେ ଲାଗିଥାନ୍ତି, ସେଥିରେ ମଧ୍ୟ ସେମାନେ ପ୍ରାୟ ଠିକ୍ ସେହିପରି ଖାଦ୍ୟ ବିଷୟରେ ଅତିବ୍ୟସ୍ତ ହୋଇ ରହିଥାନ୍ତି, ଯେପରିକି ଅନ୍ୟମାନେ ପରମ ଲୋଭର ସହିତ ସେହି ବିଷୟରେ କେତେନା କେତେ ସ୍ୱପ୍ନ ଦେଖୁଥାନ୍ତି ଓ ତାହାରି ଭିତରେହିଁ ବୁଡ଼ି ରହିଥାନ୍ତି । ତେଣୁ, ଏହାପ୍ରତି ତୁମର ଏକ ଉଦାସୀନତାର ଭାବ ରହିବ : ସେଇଟା ହେଉଛି ସବୁଠାରୁ ବଡ଼ କଥା । ଖାଦ୍ୟ ବିଷୟରେ ଯାବତୀୟ ଭାବନାକୁ ତୁମେ ଆପଣାର ଚେତନା ମଧ୍ୟରୁ ବାହାରକୁ ବାହାର କରିଦିଅ, ତାହାଉପରେ ତୁମେ ଆଦୌ ଏତେ ଟିକିଏ ହେଲେ ମହତ୍ତ୍ୱ ବି ଦିଅ ନାହିଁ ।

'oaob.nitrkl.ac.in' images reprocessed

ଥରେ ଆପଣାର ଚୈତ୍ୟସତ୍ତା ଅର୍ଥାତ୍ ତୁମଭିତରେ ଗଭୀରରେ ରହିଥିବା ଅସଲ ଆତ୍ମାର ସମ୍ପର୍କରେ ଆସିଗଲେ ଏକଥାଟି କରିବା ପ୍ରକୃତରେ ଖୁବ ସହଜ ହୋଇଯାଇ ପାରିବ । ତା' ହୋଇପାରିଲେ, ଏହିସବୁ କଥାର ଯେ କେତେ କମ୍ ମହତ୍ତ୍ୱ ରହିଛି ଏବଂ କେବଳ ସେହି ଦିବ୍ୟ ପରମସତ୍ୟ ଯେ ହେଉଛନ୍ତି ଏକମାତ୍ର ମହତ୍ତ୍ୱପୂର୍ଣ୍ଣ କଥା, ସେତେବେଳେ ତୁମେ ତତ୍‌କ୍ଷଣାତ୍ ତାହା ଅନୁଭବ କରିବାକୁ ଆରମ୍ଭ କରିବ । ଆପଣାର ଚୈତ୍ୟ ଆୟତନଟି ମଧ୍ୟରେ ବାସ କରିବାର ଅର୍ଥ ହେଉଛି ସକଳ ଆସକ୍ତତା ମଧ୍ୟରୁ ଉପରକୁ ଉଠିଯିବା । ସେତେବେଳେ ତୁମର ଆଉ କୌଣସି ବାସନା ତୁମ ପଛରେ ଗୋଡ଼ାଇ ରହିବ ନାହିଁ, କୌଣସି ଚିନ୍ତାର ସନ୍ତାପ ରହିବ ନାହିଁ, କୌଣସି ବାସନା ଜ୍ୱରପରି ଆସି ତୁମକୁ କଦାପି ମାଡ଼ିବସିବ ନାହିଁ । ଏବଂ, ତୁମେ ଏକଥାଟି ମଧ୍ୟ ଅନୁଭବ କରିବାକୁ ଆରମ୍ଭ କରିବ ଯେ, ଯାହାକିଛି ଘଟୁଛି, ତାହା ସର୍ବୋତ୍ତମ ପରିଣାମ ଲାଗିହିଁ ଘଟୁଛି । ସବୁକିଛି ସର୍ବୋତ୍ତମ ପାଇଁ ଯେ ଘଟୁଛି, ତୁମକୁ ସବୁବେଳେ ଏହିପରି ନିଷ୍ପୃହ ଭାବିବାକୁ ଯେ ପଡ଼ିବ, ମୁଁ ଏହାଦ୍ୱାରା ଏପରି କହିବାକୁ ଚାହୁଁଛି ବୋଲି ଭାବି ମୋତେ ତୁମେମାନେ କଦାପି ଭୁଲ୍ ବୁଝିବ ନାହିଁ । ତୁମେ ଯେପର୍ଯ୍ୟନ୍ତ ତୁମର ସାଧାରଣ ଚେତନାଟି ମଧ୍ୟରେ ବିଚରଣ କରୁଛ, ସେପର୍ଯ୍ୟନ୍ତ ତୁମର ସବୁକିଛି ସର୍ବୋତ୍ତମ ପରିଣାମଟି ଲାଗି କଦାପି ଘଟୁ ନାହିଁ । ତୁମେ ଯେତେବେଳେ ଯଥାର୍ଥ ଚେତନାଟିରେ ଅବସ୍ଥାନ ନ କରୁଛ, ସେପର୍ଯ୍ୟନ୍ତ, ତୁମେ ଯେ ଏକାନ୍ତ ଭୁଲ୍ ନାନା ମାର୍ଗ ଭିତରକୁ ଭ୍ରଷ୍ଟ ହୋଇ ଚାଲିଯିବ, ସେହି ଆଶଙ୍କାଟି ସଦାବେଳେ ରହିଛି । ମାତ୍ର ଥରେ ଚୈତ୍ୟ ମଧ୍ୟକୁ ପ୍ରବେଶ କରି ତାହାରି ମଧ୍ୟରେ ସ୍ଥିର ହୋଇ ରହିପାରିଲେ ଏବଂ ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ନେଇ ସମର୍ପଣ କରିଦେଇ ପାରିଲେ, ତା'ପରେ ଯାହାକିଛି ଘଟିବ, ତାହା କେବଳ ସର୍ବୋତ୍ତମ ପରିଣାମ ନିମିତ୍ତହିଁ ଘଟିବ; କାରଣ ସେତେବେଳେ ସବୁକିଛି, ତାହା ଯେଉଁ ଛଦ୍ମ ଭାବରେ ହେଉ ପଛକେ, ନିଶ୍ଚିତ ଭାବରେ ତୁମ ଲାଗି ଏକ ଦିବ୍ୟ ଅନୁସ୍ପନ୍ଦନ ହୋଇ ରହିଥିବ ।

ଆପଣାକୁ ଯଥାର୍ଥ ଭାବରେ ସମର୍ପିତ କରି ରଖିବାର କାର୍ଯ୍ୟଟିହିଁ ହେଉଛି ତା'ର ଆପଣାର ଏକ ଅପରୋକ୍ଷ ପୁରସ୍କାର;—ତାହା ଆପଣା ସହିତ ଏପରି ଏକ ସୁଖାନୁଭୂତି, ଏପରି ଏକ ଆତ୍ମବିଶ୍ୱାସ ଓ ଏପରି ଏକ ନିରାପତ୍ତା—ଭାବକୁ ବହନ କରି ଆଣିବ, ଯାହାକି ଅନ୍ୟ କୌଣସି ଦ୍ୱାରା ଆଦୌ ସମ୍ଭବ ହେବ ନାହିଁ । ମାତ୍ର ଆପଣାକୁ ଏହି ଉତ୍ସର୍ଗ କରି ରଖିବାର କାର୍ଯ୍ୟଟି ଅତ୍ୟନ୍ତ ଦୃଢ଼ ଏବଂ ଅବିଚଳ ଭାବରେ ଚୈତ୍ୟପ୍ରଶସ୍ତ ହୋଇ ନ ପାରିଥିବା ପର୍ଯ୍ୟନ୍ତ ବ୍ୟାଘାତ ଅବଶ୍ୟ ଆସି ପହଞ୍ଚୁଥିବ । ଉଜ୍ଜ୍ୱଳମୁହୂର୍ତ୍ତଗୁଡ଼ିକ ମଧ୍ୟରେ ମଧ୍ୟାନ୍ତର ଭାବରେ କେତେକ ଅନ୍ଧକାରମୟ ମୁହୂର୍ତ୍ତ ମଧ୍ୟ ନିଶ୍ଚୟ ରହିଥିବ । କେବଳ ଚୈତ୍ୟଚେତନାହିଁ ଅବାରିତ

'oaob.nitrkl.ac.in' images reprocessed

ଓ ଅକ୍ଷୁଣ୍ଣ ଭାବରେ ଅଗ୍ରସର ହୋଇ ଚାଲିଥିବ, କେବଳ ଚୈତ୍ୟର ଗତିହିଁ ସତ୍ୟ ଏକ ଆରୋହଣାତ୍ମକ ଗତି ହୋଇ ରହିଥିବ। ଏହା ବ୍ୟତୀତ ଅନ୍ୟ ସବୁଯାକ ଗତ୍ୟାତ୍ମକତା ବାରବାର ବ୍ୟାହତ ଏବଂ ବିଚ୍ଛିନ୍ନ ହୋଇ ପଡ଼ୁଥିବ। ଏବଂ, ତୁମର ଚୈତ୍ୟସତ୍ତା ଓ ଚୈତ୍ୟ ଚେତନାଟିକୁହିଁ ତୁମର ପ୍ରକୃତ ପରିଚୟ ବୋଲି ଅନୁଭବ କରି ନ ପାରିଥିବା ପର୍ଯ୍ୟନ୍ତ ତୁମକୁ ଯଥାର୍ଥରେ ଜଣେ ବ୍ୟକ୍ତି ବୋଲି ବି କଦାପି କୁହାଯିବ ନାହିଁ; କାରଣ ସେହି ଚୈତ୍ୟସତ୍ତାହିଁ ତୁମଭିତରେ ରହିଥିବା ଯଥାର୍ଥ ଆତ୍ମସତ୍ତା। ସେହି ଯଥାର୍ଥ ଆତ୍ମସତ୍ତାର ପରିଚୟ ଲାଭ କରିବା ପୂର୍ବରୁ, ତୁମକୁ କଦାପି ଏକ ସତ୍ତା ବୋଲି କୁହାଯିବ ନାହିଁ, ସେତେବେଳେ ପର୍ଯ୍ୟନ୍ତ ତୁମେ କେବଳ ଏକ ସାଧାରଣ ସ୍ଥାନ ପରି ହୋଇ ରହିଥିବ। ତୁମଭିତରେ ପରସ୍ପର—ବିରୋଧୀ କେତେ କେତେ ଶକ୍ତି ଏକାବେଳେକେ କାର୍ଯ୍ୟକାରୀ ହୋଇ ରହିଛନ୍ତି; ତେଣୁ ଯଦି ତୁମେ କୌଣସି ପ୍ରକୃତ ଅଗ୍ରଗତି କରିବା ଲାଗି ଇଚ୍ଛା କରୁଥାଅ, ତେବେ, ତୁମ ନିଜର ଯେଉଁ ସତ୍ତାଟି ଦିବ୍ୟ ପରମସତ୍ତାଙ୍କ ସହିତ ଅଲକ୍ଷଣ ସଂଯୁକ୍ତ ହୋଇ ରହିଛି, ତୁମେ ସେହି ସତ୍ତାକୁହିଁ ଜାଣିବ। ତେବେ ଯାଇ ପରିବର୍ତ୍ତନ ସମ୍ଭବ ହେବ। ତୁମ ସତ୍ତାର ଆଉ ସବୁଯାକ ଅଂଶ ଅଜ୍ଞାନରେ ଜଡ଼ିତ ହୋଇ ରହିଛନ୍ତି; ଉଦାହରଣ ସ୍ୱରୂପ, ତୁମର ମନ ଅଧିକାଂଶ ସମୟରେ ଭ୍ରମରେ ପଡ଼ି ଏପରି ଭାବିବାରେ ଲାଗିଛି ଯେ ତୁମର ଯାବତୀୟ ବଢ଼ିଆ ଭାବନା ହେଉଛି ଗୋଟିଏ ଗୋଟିଏ ପ୍ରକୃତରେ ଜ୍ୟୋତିର୍ମୟ ଭାବନା। ତୁମର ମନ ପରମେଶ୍ୱରଙ୍କ ସପକ୍ଷରେ ଅଥବା ବିପକ୍ଷରେ ସମାନ ଶକ୍ତିମତ୍ତା ସହିତ କେତେକେତେ ଯୁକ୍ତି ଠିଆ କରିଦେଇ ପାରୁଛି; ସତ୍ୟ ସମ୍ବନ୍ଧରେ ସେହି ମନର ଆଦୌ କୌଣସି ଭ୍ରମ[illegible]କ୍ତ ବୋଧ ନାହିଁ। ତୁମର ପ୍ରାଣିକ ଅଂଶଟି ବାହାରୁ କେଉଁଠି କୌଣସି ଶକ୍ତିର ପ୍ରଦର୍ଶନ ଦେଖିବା ମାତ୍ରକେହିଁ ତାହାରି ଦ୍ୱାରା ପ୍ରଭାବିତ ହୋଇଯାଉଛି ଏବଂ ତାହାରି ମଧ୍ୟରେହିଁ ଈଶ୍ୱରୀୟତାର ଦର୍ଶନ କରିବାକୁ ତତ୍ପର ହୋଇଯାଉଛି। କେବଳ ଚୈତ୍ୟ ଅଂଶଟିରହିଁ ଏକ ଯଥାର୍ଥ ବିବେକ ରହିଛି; କେବଳ ଚୈତ୍ୟସତ୍ତାହିଁ ଅପରୋକ୍ଷ ଭାବରେ ସେହି ସର୍ବୋଚ୍ଚ ପରମ ଉପସ୍ଥିତି ବିଷୟରେ ସଜ୍ଞାନ ହୋଇ ପାରୁଛି। ଅଭ୍ରାନ୍ତ ଭାବରେ ଦିବ୍ୟ ଓ ଅଦିବ୍ୟକୁ ଅଲଗା ଅଲଗା କରି ଚିହ୍ନିପାରୁଛି। ଯଦି ଗୋଟାଏ ମୁହୂର୍ତ୍ତ ସକାଶେ ମଧ୍ୟ ତୁମେ ସେହି ଚୈତ୍ୟସତ୍ତାଟି ସହିତ ସମ୍ପର୍କ ସ୍ଥାପନ କରି ପାରୁଥିବ, ତେବେ ତୁମ ନିଜ ଭିତରେ ଭଗବାନ୍ ପରମସତ୍ତାଙ୍କ ବିଷୟରେ ଏକ ଅବିଚଳିତ ବିଶ୍ୱାସକୁ ବହନ କରି ଜୀବନ ଧାରଣ କରିପାରିବ।

ତୁମେମାନେ ମୋତେ ପଚାରିବ, ଆମର ଯଥାର୍ଥ ସତ୍ତାଟିକୁ ଆମେ ଜାଣି ପାରିବା କିପରି ? ତୁମେ ତାହାରି ଯାଚନା କର, ତାହାରି ଲାଗି ଆକାଙ୍କ୍ଷା ରଖ, ଅନ୍ୟ ସବୁକିଛି ଅପେକ୍ଷା ତାହାକୁହିଁ ଅଧିକ ଚାହିଁ ଶିଖ। ଏଠାରେ ଥିବା ତୁମ-

'oaob.nitrkl.ac.in' images reprocessed

ମାନଙ୍କ ମଧ୍ୟରୁ ଅଧିକାଂଶ ଏହାଦ୍ୱାରା ନିଶ୍ଚୟ ପ୍ରଭାବିତ ହୋଇଛନ୍ତି ସତ, ମାତ୍ର ତାହା କେବଳ ଏକ ପ୍ରଭାବରୁ ଅନେକ ଅଧିକ ହୋଇପାରିବା ଉଚିତ, ତାହା ସହିତ ତୁମର ଏକାତ୍ମକତା ଅନୁଭବ କରିପାରିବା ଉଚିତ । ସେଇଥିରୁହିଁ ପରିପୂର୍ଣ୍ଣତାର ଯାବତୀୟ ବାସନା ଓ ଆକାଂକ୍ଷା ଜନ୍ମଲାଭ କରିଥାଏ । ମାତ୍ର, ତୁମେ ସେହି ଉପସ୍ଥିତି ବିଷୟରେ ଅଜ୍ଞାନ ହୋଇ ରହିଥାଅ, ସେଇଟି ସହିତ ସଜ୍ଞାନ ଭାବରେ ସହଯୋଗ କରି ପାର ନାହିଁ ତା'ର ଆଲୋକଟି ସହିତ ତୁମର ଆଦୌ କୌଣସି ଏକାତ୍ମକତା ସ୍ଥାପିତ ହୋଇ ନ ଥାଏ । ତୁମେମାନେ କଦାପି ଭାବିବ ନାହିଁ ଯେ ଚୈତ୍ୟ-ସତ୍ତାର କଥା କହୁଥିବା ସମୟରେ ମୁଁ ତୁମମାନଙ୍କୁ ତୁମର ସଂବେଗଗୁଡ଼ିକୁ ପ୍ରେରିତ କରୁଥିବା ଅଂଶଟିର କଥା କହୁଛି । ସଂବେଗଗୁଡ଼ାକ ହେଉଛନ୍ତି ଉଚ୍ଚ ପ୍ରାଣିକର ବସ୍ତୁ, ଶୁଦ୍ଧ ଚୈତ୍ୟ ଭାଗର ନୁହନ୍ତି । ଚୈତ୍ୟସତ୍ତା କହିଲେ ଏପରି ଏକ ଦୀପଶିଖାକୁ ବୁଝାଇବ, ଯାହାକି ତୁମଭିତରେ ସର୍ବଦା ପ୍ରଜ୍ୱଳିତ ହୋଇ ରହିଛି, ଦିବ୍ୟ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଆପଣାକୁ ଉର୍ଦ୍ଧ୍ୱୀପ୍ତ କରି ଚାଲିଛି ଏବଂ ସକଳ ବିରୋଧକୁ ପରିହୃତ କରିଦେଇ ପାରିବା ଭଳି ଏକ ଶକ୍ତିର ବୋଧ ତା'ଭିତରେ ରହିଛି । ତାହାରି ସହିତ ଏକ ଏକାତ୍ମକତା ଲାଭ କରି ପାରିଲେ ତୁମେ ଦିବ୍ୟ ସଂସ୍ପର୍ଶ ମଧ୍ୟ ଅନୁଭବଟିକୁ ଲାଭ କରି ପାରିବ;— ସେତେବେଳେ ତୁମେ ଅଭ୍ରାନ୍ତ ଭାବରେ ଏକଥା ମଧ୍ୟ ଅନୁଭବ କରିପାରିବ ଯେ ସାରା ସଂସାର ପ୍ରକୃତରେ ସମ୍ପୂର୍ଣ୍ଣ ଅଜ୍ଞାନ ଭାବରେ ଗୋଡ଼ଗୁଡ଼ାକୁ ଉପରକୁ ଟେକି ନିଜ ମୁଣ୍ଡ ଉପରେହିଁ ବାଟ ଚାଲିବାରେ ଲାଗିଛି !

ଯାହାକୁ ତୁମେ ନିଜର ବ୍ୟକ୍ତିଗତ ସତ୍ତା ବୋଲି କହୁଛ, ତାହାକୁ ନେଇ ତୁମକୁ ତୁମର ଯଥାର୍ଥ ଚୈତ୍ୟ ବ୍ୟକ୍ତିତ୍ୱଟି ସହିତ ଯୋଡ଼ି ଶିଖିବାକୁ ହେବ । ତୁମର ବର୍ତ୍ତମାନ ବ୍ୟକ୍ତିତ୍ୱ ପ୍ରକୃତରେ ଭାରି ବିମିଶ୍ର ହୋଇ ରହିଥିବା ଏକ ବସ୍ତୁ ହୋଇ ରହିଛି; ତା'ଭିତରେ କ୍ରମାଗତ ଭାବରେ କେତେ କ'ଣ ପରିବର୍ତ୍ତନ ହେବାରେ ଲାଗିଛି ଯାହାକି ତଥାପି ଏକ ଅବିଚ୍ଛିନ୍ନତାର ବୋଧ ଆଣି ଦେଉଛି, ଯାବତୀୟ ଅସ୍ଥିରତା ଓ ଅସ୍ଥାୟିତା ମଧ୍ୟରେ ତଥାପି ସ୍ପନ୍ଦନଗତ ଏକ ପ୍ରକାରର ସଦୃଶତା ଅଥବା ସମାନତା ଆଣି ଦେଇଯାଉଛି । ଏହା ପ୍ରାୟ ଏପରି ଗୋଟିଏ ନଦୀ ସଦୃଶ ହୋଇ ରହିଛି, ଯାହାକି କେତେବେଳେ ସେହି ସମାନ ନଦୀ ହୋଇ ରହି ନାହିଁ, ଏବଂ ତଥାପି ଯାହାର କି ଏକ ନିର୍ଦ୍ଦିଷ୍ଟ ଏକକତା ଏବଂ ଅବିଚ୍ଛିନ୍ନତା ଅବଶ୍ୟ ରହିଛି । ତୁମର ନିତ୍ୟନୈମିତ୍ତିକ ସାଧାରଣ ସତ୍ତାଟିକୁ ତୁମେ ନିଜର ଅସଲ ସତ୍ତାଟିର କେବଳ ଏକ ଛାୟା ବୋଲିହିଁ ଜାଣିବ । ସାଧାରଣ ବ୍ୟକ୍ତିସତ୍ତାଟି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ହୋଇ ରହୁଛି; ଏହି ମୁହୂର୍ତ୍ତରେ ମାନସିକ ସ୍ତରରେ ରହୁଛି, ପରବର୍ତ୍ତୀ ମୁହୂର୍ତ୍ତରେ ପ୍ରାଣିକରେ ରହୁଛି ଓ ଅନ୍ୟ ମୁହୂର୍ତ୍ତଗୁଡ଼ିକରେ ଜଡସ୍ଥ ହୋଇ

'oaob.nitrkl.ac.in' images reprocessed

ରହିଯାଉଛି; ଏବଂ ତୁମେ ଯେତେବେଳେ ନିଜର ଚୈତ୍ୟ ପ୍ରକୃତିର ସମ୍ପର୍କରେ ଆସିବ ଏବଂ ତାହାକୁହିଁ ଆପଣାର ଯଥାର୍ଥ ସତ୍ତାରୂପେ ଅନୁଭବ କରିପାରିବ, ସେତିକବେଳେ ଯାଇ ତୁମେ ନିଜର ଅସଲ ବ୍ୟକ୍ତିତ୍ୱକୁ ଉପଲବ୍ଧି କରିପାରିବ। ସେତେବେଳେ ତୁମେ ପ୍ରକୃତରେ ଗୋଟାଏ ହୋଇଯାଇ ପାରିବ, ସେତେବେଳେ ତୁମକୁ ଆଉ କିଛିହେଲେ ଦୋହଲାଇ ଦେଇ ପାରିବେ ନାହିଁ, ତୁମକୁ ବିଚଳିତ କରି ପାରିବେ ନାହିଁ। ସେତେବେଳେ ଯାଇ ତୁମେ ସ୍ଥାୟୀ ଏବଂ ଦୃଢ଼ ଅଗ୍ରଗତି କରିପାରିବ ଏବଂ ଖାଇବାପ୍ରତି ଲାଳସା ପ୍ରଭୃତି କ୍ଷୁଦ୍ର କଥାରେ ଅନେକ ଊର୍ଦ୍ଧ୍ୱରେ ବାସ କରି ପାରିବ।

'oaob.nitrkl.ac.in' images reprocessed

ସମର୍ପଣ, ଆତ୍ମନିବେଦନ ଏବଂ ଉତ୍ସର୍ଗ

ନିଜ ଜୀବନର ଦାୟିତ୍ୱଟିକୁ ପରମେଶ୍ୱରଙ୍କ ହାତରେ ସମର୍ପି ଦେବାର ନିଷ୍ପତ୍ତି ହେଉଛି ସମର୍ପଣ । ଏହି ନିଷ୍ପତ୍ତିଟି କରାଯାଇ ନ ଥିବା ପର୍ଯ୍ୟନ୍ତ ଆଉ କିଛି ହେଲେ ସମ୍ଭବ ହୁଏ ନାହିଁ; ଯଦି ସମର୍ପଣଟି ହୋଇ ନଥାଏ, ତେବେ ଯୋଗସାଧନା କରିବାର ଆଦୌ କୌଣସି ପ୍ରଶ୍ନହିଁ ନ ଥାଏ । ସମର୍ପଣ ପରେ ସବୁକିଛି ଅତ୍ୟନ୍ତ ସ୍ୱାଭାବିକ ଭାବରେ ଆସି ପହଞ୍ଚିଯାଏ, କାରଣ ଏହି ସମର୍ପଣରୁହିଁ ସକଳ ପ୍ରକ୍ରିୟାର ଆରମ୍ଭ ହୁଏ । ତୁମେ ଜ୍ଞାନର ମାଧ୍ୟମରେ ଆପଣାକୁ ସମର୍ପିତ କରିଦେଇ ପାରିବ, ଭକ୍ତିର ମାଧ୍ୟମରେ ବି ସମର୍ପିତ କରିଦେଇ ପାରିବ । କେବଳ ପରମେଶ୍ୱର ହେଉଛନ୍ତି ଏକମାତ୍ର ସତ୍ୟ, ତୁମ ଭିତରେ ହୁଏତ ଏହିପରି ଏକ ସବୁଦ୍ଧ ଚେତନା ଥାଇପାରେ; ପରମେଶ୍ୱରଙ୍କ ବିନା ତୁମେ ଆଦୌ କିଛିହେଲେ କରିପାରିବ ନାହିଁ ବୋଲି ତୁମ ଭିତରେ ଏକ ସନ୍ଦୀପିତ ବିଶ୍ୱାସ ମଧ୍ୟ ଥାଇପାରେ । ବା ତୁମେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ଏପରି ବି ହୁଏତ ଅନୁଭବ କରୁ ଥାଇପାର ଯେ ଏହି ପଥରେ ଚାଲିବା ଦ୍ୱାରାହିଁ ତୁମେ ସୁଖୀ ହୋଇପାରିବ; କେବଳ ସେହି ପରମେଶ୍ୱରଙ୍କର ହୋଇ ରହିବାକୁହିଁ ତୁମର ଏକ ଶକ୍ତିଶାଳୀ ଚୈତ୍ୟ-ଆକାଂକ୍ଷା ଥାଇପାରେ । ତୁମେ "ମୁଁ ମୋର ସମ୍ପତ୍ତି ନୁହେଁ" ବୋଲି କହି ଆପଣା ସତ୍ତାର ଦାୟିତ୍ୱଟିକୁ ପରମସତ୍ୟ ପାଖରେ ନେଇ ସମର୍ପିତ କରି ବି ଦେଇପାର । ତା' ପରେ ଆସେ ଆତ୍ମ ନିବେଦନ : "ମୁଁ ଏଇଠି ଦଣ୍ଡାୟମାନ ରହିଛି; ଭଲମନ୍ଦ, ଅନ୍ଧକାରମୟ ଏବଂ ଆଲୋକିତ ନାନା ଭାବ ଓ ବିଭାବକୁ ବହନ କରିଥିବା ଗୋଟିଏ ଜୀବ ହୋଇ ରହିଛି । ମୁଁ ପ୍ରକୃତରେ ଯାହା, ସମ୍ପୂର୍ଣ୍ଣ ଭାବରେ ସେଇଟିକୁ ଆପଣଙ୍କ ପାଖରେ ନେଇ ନିବେଦନ କରିଦେଉଛି; ମୋର ସକଳ ଉତ୍ଥାନ ଓ ପତନ, ପରସ୍ପର ସହିତ ସତତ ସଂଘାତ ଲଗାଇ ରହିଥିବା ମୋର ଯାବତୀୟ ଆବେଗ, ପ୍ରବେଗ, ବୃତ୍ତି ଓ ପ୍ରବୃତ୍ତି ସହିତ ଆପଣ ମୋତେ ଗ୍ରହଣ କରିନିଅନ୍ତୁ; ଆପଣ ମୋତେ ନେଇ ଯାହା କରିବାକୁ ଚାହୁଁଛନ୍ତି କରନ୍ତୁ ।" ନିଜର ଏହି ଆତ୍ମ-ନିବେଦନଟିର ପ୍ରକ୍ରିୟାଟିରେ, ତୁମଭିତରେ ରହି ଯିଏ ସେହି ପ୍ରଥମ ନିଷ୍ପତ୍ତିଟିକୁ ଗ୍ରହଣ କରିଥିଲା, ତୁମେ ତାହାକୁହିଁ କେନ୍ଦ୍ର କରି ଆପଣାକୁ ଏକାଠି କରିଆଣିବାକୁ

'oaob.nitrkl.ac.in' images reprocessed

ଆରମ୍ଭ କରିଦିଅ, କେନ୍ଦ୍ରସ୍ଥ ସେହି ଚୈତ୍ୟ ଇଚ୍ଛାଟିର ଚତୁର୍ଦ୍ଦିଗରେ ଆପଣାକୁ ଏକଜିତ କରି ଆଣିବାକୁ ଆରମ୍ଭ କରିଦିଅ । ତା'ପରେ ତୁମ ସ୍ୱଭାବରେ ଥିବା ସବୁଯାକ ଅସଙ୍ଗତ ଓ ଅସ୍ଥାୟୀ ଉପାଦାନଗୁଡ଼ିକୁ ଏକ ସମଷ୍ଟିସତ୍ତା ମଧ୍ୟରେ ଏକାଠି ଗୁନ୍ଥି ଆଣିବାକୁ ପଡ଼େ, ସେଗୁଡ଼ିକୁ ଗୋଟି ଗୋଟି କରି ନେଇ କେନ୍ଦ୍ରସ୍ଥ ସତ୍ତାଟି ସହିତ ଯୋଡ଼ିଦେବାକୁ ପଡ଼େ । ଏକ ସ୍ୱତଃପ୍ରେରିତ ପଦକ୍ଷେପ ଦ୍ୱାରା ତୁମେ ଆପଣାକୁ ପରମେଶ୍ୱରଙ୍କ ପାଖରେ ନେଇ ନିବେଦନ କରିଦେଇ ପାରିବ ସତ, ମାତ୍ର, ଏହିପରି ସଂଯୁକ୍ତ ହୋଇପାରିବା ବ୍ୟତୀତ ଆପଣାକୁ ସଂପୂର୍ଣ୍ଣ ଫଳପ୍ରଦ ଭାବରେ ନିବେଦନ କରିଦେବା ମୋଟେ ସମ୍ଭବ ହେବ ନାହିଁ । ତୁମଭିତରେ ଯେତିକି ଅଧିକ ପରିମାଣରେ ସେହି ଏକତ୍ୱଟିକୁ ପ୍ରତିଷ୍ଠା କରି ପାରିଥିବ, ତୁମେ ସେତିକି ଅଧିକ ପରିମାଣରେ ଏହି ଆତ୍ମନିବେଦନର ଉପଲବ୍ଧି କରି ପାରିବ । ଏବଂ, ଆତ୍ମନିବେଦନ ସଂପୂର୍ଣ୍ଣ ହୋଇଗଲେ ଉତ୍ସର୍ଗର ସମୟ ଆସିବ : ଉତ୍ସର୍ଗକୁ ଆମେ ଉପଲବ୍ଧି-ରୂପକ ସମଗ୍ର ପ୍ରକ୍ରିୟାଟିରେ ମୁକୁଟରୂପେ କହିପାରିବା; ଉପଲବ୍ଧିର କ୍ରମରେ ଏଇଟି ହେଉଛି ସର୍ବଶେଷ ସୋପାନ ଏବଂ ତା'ପରେ ପ୍ରକୃତରେ ଆଉ କୌଣସି ବ୍ୟାଘାତ ନ ଥାଏ ଏବଂ ସବୁକିଛୁ ଅବାଧରେ ଅଗ୍ରସର ହୋଇଥାଏ । ମାତ୍ର ତୁମେ କେବେହେଲେ ଏହି କଥାଟିକୁ ଭୁଲିଯିବ ନାହିଁ ଯେ ତୁମେ ଏକାବେଳକେହିଁ ସମଗ୍ର ଭାବରେ ନିଜକୁ ଉତ୍ସର୍ଗୀକୃତ କରିଦେଇ ପାରିବ । ମଝିରେ ମଝିରେ ଦିନେ ବା ଦୁଇଦିନ ଲାଗି ତୁମ ଭିତରେ କୌଣସି ଏକ ନିର୍ଦ୍ଦିଷ୍ଟ ଗତିଶୀଳତା ସମ୍ଭବ ହୋଇଗଲେ ତୁମେ ଅନେକ ସମୟରେ ଏହିପରି ଏକ ଭ୍ରମବିଶ୍ୱାସ ମଧ୍ୟରେ ପଡ଼ି ଯାଇଥାଅ । ତୁମେ ଆଶା କରି ପକାଅ ଯେ ଆଉ ସବୁକିଛୁ ମଧ୍ୟ ଆପଣାଛାଏଁ ତା' ପଛକୁ ପଛକୁ ସମ୍ଭବ ହୋଇଯିବ । ମାତ୍ର, ପ୍ରକୃତ କଥା ହେଉଛି ଯେ ତୁମେ ମିଛଟାରେ ଏତେ ଟିକିଏ ମଧ୍ୟ ଏହିପରି ଏକ ଆତ୍ମ-ସନ୍ତୋଷର କବଳରେ ପଡ଼ିଗଲେ ତାହା ତୁମ ନିଜ ଅଗ୍ରଗତିରେ ପ୍ରତିବନ୍ଧକ ପରି କାର୍ଯ୍ୟ କରିବ । କାରଣ ତୁମର ସତ୍ତା ସର୍ବଦାହିଁ ଏପରି ଅଗଣିତ ନାନା ପରସ୍ପର-ବିବଦମାନ ପ୍ରବୃତ୍ତିଗୁଡ଼ିକ ଦ୍ୱାରା ପୂର୍ଣ୍ଣ ହୋଇ ରହିଥାଏ, ସେହି ପ୍ରବୃତ୍ତିଗୁଡ଼ିକୁ ପ୍ରାୟ ଗୋଟିଏ ଗୋଟିଏ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ବୋଲି କୁହାଯାଇ ପାରିବ । ଯେତେବେଳେ ସେଗୁଡ଼ିକ ମଧ୍ୟରୁ ଗୋଟିଏ ପ୍ରବୃତ୍ତି ନିଜକୁ ନେଇ ଭଗବାନଙ୍କ ପାଖରେ ଅର୍ପଣ କରି ଦେଉଥାଏ, ସେତିକିବେଳେ ଅନ୍ୟମାନେ ଆସି ହାବୁଡ଼ି ଯାଆନ୍ତି ଏବଂ ଆପଣାର ଆନୁଗତ୍ୟଟିକୁ ବାରିତ କରି ରଖନ୍ତି । "ଆମେ ଆପଣାକୁ ମୋଟେ ଅର୍ପଣ କରି ଦେଇ ନାହୁଁ" ବୋଲି ସେମାନେ ଚିତ୍କାର କରନ୍ତି ଏବଂ ଆପଣାର ସ୍ୱାତନ୍ତ୍ର୍ୟ ଏବଂ ଅଭିବ୍ୟକ୍ତି ସକାଶେ କୋଳାହଳ କରିବାରେ ଲାଗିଯାନ୍ତି । ସେତେବେଳେ ସେଗୁଡ଼ିକୁ ତୁମେ ଚୁପ୍ ହୋଇ ରହିବାକୁ କହିବ ଓ ସେମାନଙ୍କ ଆଗରେ ପରମ-

'oaob.nitrkl.ac.in' images reprocessed

ସତ୍ୟକୁ ନେଇ ଧର ରଖିବ । ଅତ୍ୟନ୍ତ ଧୈର୍ଯ୍ୟର ସହିତ ଆପଣା ସତ୍ତାର ଚତୁର୍ଦ୍ଦିଗରେ ବୁଲିଆସି ତୁମେ ଅନ୍ଧକାର ସବୁଆଡ଼ ତନଖି ଦେଖିନେବ, ଆପଣାର ଅନୁକୂଳ ମନୋମୁଦ୍ଧବୃତ୍ତିଗୁଡ଼ିକ ଲଗି ଝାଳ ବସିଥିବା ସେହିସବୁ ଶୃଙ୍ଖଳାହୀନ ଉପାଦାନ-ଗୁଡ଼ିକର ସମ୍ମୁଖୀନ ହେବ । ଏବଂ, ଏହିପରି ଭାବରେ ତୁମେ ଆପଣାର ମାନସିକ, ପ୍ରାଣିକ ତଥା ଭୌତିକ ପ୍ରକୃତିଗୁଡ଼ିକୁ ସମ୍ପୂର୍ଣ୍ଣରୂପେ ବୁଲି ଦେଖିଆସିବା ପରେ, ପରମେଶ୍ୱରଙ୍କ ପାଖରେ ନିଜକୁ ଅର୍ପିତ କରି ରଖିବା ପାଇଁ ଏହି ସବୁଗୁଡ଼ିକୁ ପ୍ରବର୍ତ୍ତାଇ ପାରିବା ପରେ ଏବଂ ତଦ୍ଦ୍ୱାରା ଏକ ସମ୍ପୂର୍ଣ୍ଣ ଓ ଅବିଭକ୍ତ ଉତ୍ସର୍ଗୀକୃତତା ହାସଲ କରି ପାରିବାପରେ ଯାଇ ତୁମେ ଆପଣାର ପ୍ରମାଦଗୁଡ଼ିକୁ ପୂର୍ଣ୍ଣରୂପେ କାଟିଦେଇ ପାରିବ । ତା'ପରେ ତୁମେ ଗୌରବମୟ ଭାବରେ ରୂପାନ୍ତର ବା ଯଥାର୍ଥ ପରିବର୍ତ୍ତନ ଆଡ଼କୁ ଅଗ୍ରସର ହୋଇପାରି ପାରିବ । କାରଣ, ତା'ପରେ ତୁମକୁ ଆଉ ଅନ୍ଧକାର ମଧ୍ୟରୁ ଆଲୋକକୁ ଯିବାକୁ ପଡ଼ିବ ନାହିଁ, ମାତ୍ର ଜ୍ଞାନରୁ ଜ୍ଞାନମଧ୍ୟକୁ, ଆଲୋକରୁ ଆଲୋକମଧ୍ୟକୁ, ସୁଖରୁ ସୁଖମଧ୍ୟକୁ ଅଗ୍ରସର ହୋଇଯିବାକୁ ପଡ଼ିବ ।···ଏକଥାରେ କୌଣସି ସନ୍ଦେହ ନାହିଁ ଯେ ପୂର୍ଣ୍ଣ ଉତ୍ସର୍ଗୀକୃତ ହେବା ଆଦୌ ଏକ ସହଜ ବ୍ୟାପାର ନୁହେଁ, ଏବଂ ଅନଭିଜ୍ଞର ଭାବରେ ଅର୍ଥାତ୍ କେବଳ ଆପଣାର ସ୍ୱାଧୀନ ଚେଷ୍ଟାଟି ଦ୍ୱାରା ସବୁକିଛି କରିବାକୁ ଗଲେ ତୁମକୁ ଏଥିଲାଗି ପ୍ରକୃତରେ ଅନନ୍ତ ସମୟ ଲାଗିଯିବ । ମାତ୍ର, ଯେତେବେଳେ ଭଗବତ୍ ପରମ କରୁଣାମଧ୍ୟ ତୁମ ସହିତ ରହିଥିବ, ସେତେବେଳେ ଘଟନାଟି କଦାପି ଠିକ୍ ସେପରି ହେବନାହିଁ । ପରମ ଦିବ୍ୟସତ୍ତାଙ୍କଠାରୁ ଟିକିଏ ଟିକିଏ ଠେଲା ଖାଇ, — ସିଏ କେତେବେଳେ ଏଆଡ଼କୁ ଟିକିଏ ଠେଲି ଦେଉଥିବେ ତ ଆଉ କେତେବେଳେ ସେଆଡ଼କୁ ମଧ୍ୟ ଟିକିଏ ଠେଲି ଦେଉଥିବେ, —କାର୍ଯ୍ୟଟି ଅପେକ୍ଷାକୃତ ବେଶି ସହଜସାଧ୍ୟ ହୋଇଯିବ । ଅବଶ୍ୟ ଏକଥା ସତ୍ୟ ଯେ କାହା ବେଳକୁ କେତେ ସମୟ ଲାଗିବ, ତାହା ସବଦା ସେହି ସମ୍ପୃକ୍ତ ବ୍ୟକ୍ତିଟି ଉପରେହିଁ ନିର୍ଭର କରିବ । ମାତ୍ର, ଯଦି ତୁମର ସଙ୍କଳ୍ପ ଦୃଢ଼ ହୋଇ ପାରିଥିବ, ତେବେ ସେହି ସମୟଟିକୁ ଅନେକ ପରିମାଣରେ ଅଳ୍ପ କରି ଦିଆଯାଇ ପାରିବ । ତେଣୁ ଏହି କ୍ଷେତ୍ରରେ ସଙ୍କଳ୍ପହିଁ ଆବଶ୍ୟକ, ସେହି ସଙ୍କଳ୍ପ ହେଉଛି ଅସଲ ଚାବିକାଠି ।

'oaob.nitrkl.ac.in' images reprocessed

ବିଷୟ ତ୍ୟାଗ

ଧର୍ମମାନଙ୍କରେ ବିଷୟ ତ୍ୟାଗ ବିଷୟରେ କେତେ କ'ଣ କଥା କୁହାଯାଇଛି । ତୁମକୁ ଧନ ତ୍ୟାଗ କରିବାକୁ ହେବ, ଆସକ୍ତି ତ୍ୟାଗ କରିବାକୁ ହେବ ଓ ବାସନା ତ୍ୟାଗ କରିବାକୁ ହେବ ବୋଲି ନାନା କଥା କୁହାଯାଇଛି । ମାତ୍ର, ଏବିଷୟରେ ମୁଁ ଏହି ସିଦ୍ଧାନ୍ତଟିରେ ଆସି ପହଞ୍ଚିଛି ଯେ, ଯେପର୍ଯ୍ୟନ୍ତ ତୁମକୁ ବାଧହୋଇ କୌଣସି କଥାକୁ ତ୍ୟାଗ କରିବାକୁ ପଡ଼ୁଛି, ସେ ପର୍ଯ୍ୟନ୍ତ ତୁମେ ପ୍ରକୃତ ବାଟକୁ ମୋଟେ ଆସି ପାରି ନାହିଁ । କାରଣ, ବସ୍ତୁଗୁଡ଼ିକ ବର୍ତ୍ତମାନ ଯେପରି ସ୍ଥିତିରେ ରହିଛନ୍ତି, ଯେପର୍ଯ୍ୟନ୍ତ ତୁମେ ସେଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ବୀତଶ୍ରଦ୍ଧ ହୋଇ ପାରି ନାହିଁ ଏବଂ ତେଣୁ ସେଗୁଡ଼ିକର ପରିହାର କରିବାକୁ ହେଲେ ତୁମକୁ ପ୍ରକୃତରେ ଏକ ପ୍ରୟାସ କରିବାକୁ ପଡ଼ୁଛି, ସେପର୍ଯ୍ୟନ୍ତ ଅବଶ୍ୟ କହିବାକୁ ହେବ ଯେ ଅତିମାନସ ଉପଲବ୍ଧି ସକାଶେ ତୁମେ ତଥାପି ପ୍ରସ୍ତୁତ ହୋଇ ପାରି ନାହିଁ । ଯଦି ଅଧିମାନସର ବିରଚନାଗୁଡ଼ିକ,—ଅଧିମାନସ ଯେଉଁ ପୃଥିବୀଟିକୁ ତିଆରି କରି ରଖିଛି ଏବଂ ବର୍ତ୍ତମାନର ଯେଉଁ ବ୍ୟବସ୍ଥାଟି ତାହାକୁ ଏକ ଅବଲମ୍ବନ ଯୋଗାଇ ଦେଉଛି,—ଯଦି ସେଗୁଡ଼ିକୁ ତୁମକୁ ତଥାପି କୌଣସିପ୍ରକାର ସନ୍ତୋଷ ଦେଇପାରୁଛି, ତେବେ ସେହି ଉପଲବ୍ଧିରେ ତୁମେ ପ୍ରକୃତରେ କୌଣସି ଅଂଶ ଗ୍ରହଣ କରି ପାରିବ ନାହିଁ । ଯେତେବେଳେ ଏଭଳି ଗୋଟିଏ ଜଗତ୍ ପ୍ରତି ତୁମର ଆଦୌ କୌଣସି ଶ୍ରଦ୍ଧା ରହିବ ନାହିଁ, ଯେତେବେଳେ ତୁମେ ତାହାକୁ ଅସହ୍ୟ ଏବଂ ଅଗ୍ରାହ୍ୟ ବୋଲି ଅନୁଭବ କରିବ, କେବଳ ସେତିକି ବେଳେ ଯାଇ ତୁମେ ଚେତନାର ଭୂମିରେ ଏକ ପରିବର୍ତ୍ତନ ଲାଗି ଯୋଗ୍ୟ ହୋଇପାରିବ । ତେଣୁ ତ୍ୟାଗ କରିବାର କଥାଟି ଉପରେ ମୁଁ ଆଦୌ କୌଣସି ମହତ୍ତ୍ୱ ଦେଇ ପାରେ ନାହିଁ । ତ୍ୟାଗ କରିବାର ଅର୍ଥ ହେଉଛି ଯେ, ତୁମେ ମୂଲ୍ୟବାନ୍ ବୋଲି ମନେକରୁଥିବା ଗୋଟିଏ କଥାକୁ ତୁମକୁ ଛାଡ଼ିବାକୁ ପଡ଼ୁଛି; ଯାହାକୁ ତୁମେ ପାଖରେ ଧରି ରଖିବାକୁ ଇଚ୍ଛା କରୁଛ, ତୁମକୁ ସେହିଭଳି ଗୋଟିଏ ପଦାର୍ଥକୁ ଛାଡ଼ି ଆସିବାକୁ ହେଉଛି । ପ୍ରକୃତ କ୍ଷେତ୍ରରେ ଏହାର ଠିକ୍ ଓଲଟା ହେବା ଉଚିତ; ତୁମର ସିଧା ଭାବିବା ଉଚିତ ହେଉଛି ଯେ ଏହି ଜଗତ୍ ହେଉଛି ଏକ କୁତ୍ସିତ ଜଗତ୍, ଏଥିରେ ନାନା ନିର୍ବୋଧତା ପୂର୍ଣ୍ଣ ହୋଇ ରହିଛି; ଏହା ଏକ ନୃଶଂସ ଜଗତ୍, ଏଥିରେ ଅସହ୍ୟ ନାନା ଯନ୍ତ୍ରଣା ପୂର୍ଣ୍ଣ ହୋଇ ରହିଛି । ଏବଂ, ତୁମେ ଥରେ ଏହିପରି ଭାବରେ ଭାବିବାକୁ ଆରମ୍ଭ

'oaob.nitrkl.ac.in' images reprocessed

କରିବାପରେ, ତୁମର ଯାବତୀୟ ସ୍ଥୂଳ ଚେତନା, ତୁମର ଯାବତୀୟ ଜାଗତିକ ଚେତନା, ଯାହାକ ଜଗତଟି ଏପରି ହେଉ ବୋଲି ମୋଟେ ଇଚ୍ଛା କରୁ ନାହିଁ, ତାହା ତାହାକୁ ନିଶ୍ଚୟ ବଦଳି ଯିବାକୁହିଁ ଇଚ୍ଛା କରିବ । ସେତେବେଳେ ସେହି ଚେତନା ଚିତ୍କାର କରି ଉଠିବ, "ମୁଁ ଆଉକିଛୁ ଗ୍ରହୁଁ ଛୁ,—ଯାହା ଯଥାର୍ଥ, ଯାହା ସୁନ୍ଦର, ଯାହା ଆନନ୍ଦମୟ, ଜ୍ଞାନମୟ ଏବଂ ଚେତନମୟ, ମୁଁ ସେହିପରି କିଛୁ ଇଚ୍ଛା କରୁଛି" ! ଏଠାରେ ସବୁକିଛୁ ଅନ୍ଧକାରମୟ ଅଚେତନାର ଏକ ସମୁଦ୍ର ଭିତରେ ଖସିବାରେ ଲଗିଛି । ମାତ୍ର, ଯେତେବେଳେ ତୁମେ ଆପଣାର ସକଳ ଗ୍ରହିବା ସହିତ, ଆପଣାର ସକଳ ସଂକଳ୍ପ, ସକଳ ଆକାଙ୍‌କ୍ଷା ଓ ସକଳ ପ୍ରଗାଢ଼ତା ସହିତ ଦିବ୍ୟ ପରମସତ୍ତାଙ୍କୁହିଁ ଇଚ୍ଛା କରିବାକୁ ଲଗିବ, ସେତେବେଳେ ତାହା ନିଶ୍ଚୟ ଆସିବ । ମାତ୍ର, ତାହାକୁ ଆମେ କେବଳ ସଂସାରର ଦୁଃଖ ଦୂର କରିବା ସହିତ ସମତୁଲ କରି କଦାପି ବିଗ୍ୱର କରି ପାରିବା ନାହିଁ । ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଏତେ ବଡ଼ ପାଟି କରି ସରକାର ବଦଳାଯାଉ ବୋଲି କହୁଛନ୍ତି, ଯେଉଁମାନେ ସମାଜର ସଂସ୍କାର ଏବଂ ଲୋକହିତୈଷଣାମୂଳକ ନାନା କାର୍ଯ୍ୟ ନିମନ୍ତେ ପାଟି କରୁଛନ୍ତି; ଏହାରି ଦ୍ୱାରାହିଁ ସେମାନେ ପୃଥିବୀର ଅବସ୍ଥାରେ ଉନ୍ନତିବିଧାନ କରିପାରିବେ ବୋଲି ବିଶ୍ୱାସ କରୁଛନ୍ତି । କିନ୍ତୁ ଆମେ ଏକ ନୂତନ ପୃଥିବୀର ଆକାଙ୍‌କ୍ଷା ରଖିଛୁ, ଏକ ପୃଥିବୀ ଭଳି ପୃଥିବୀର ଆକାଙ୍‌କ୍ଷା ରଖିଛୁ, ଆମେ ପରମ ସତ-ଚିତ୍ତର ଏକ ଅଭିବ୍ୟକ୍ତି ଲଗି ଆକାଙ୍‌କ୍ଷା ରଖିଛୁ । ଏହି ପୃଥିବୀ ନିଶ୍ଚୟ ସମ୍ଭବ ହେବ ; ହଁ, ନିଶ୍ଚୟ ସମ୍ଭବ ହେବ,—ଯେତେ ଶୀଘ୍ର ସମ୍ଭବ ହେବ, ତାହା ସେତେ ଅଧିକ ମଙ୍ଗଳକର ହେବ ।

ଅବଶ୍ୟ ଏକଥା ସତ୍ୟ ଯେ ଏହି ପରିବର୍ତ୍ତନ କେବଳ ଆଭ୍ୟନ୍ତରର କ୍ଷେତ୍ରରେ ଘଟିବ ନାହିଁ । ସମୁଦାୟ ସ୍ଥୂଳ ବାହ୍ୟ ଜୀବନଟିକୁ ମଧ୍ୟ ବଦଳାଇବାକୁ ହେବ । ଭୌତିକ ପୃଥିବୀ ଆମ ଭିତରେ କେବଳ ଚେତନାଗତ ଏକ ପରିବର୍ତ୍ତନ ହେଉ ବୋଲି କଦାପି ଆଶା କରି ରହି ନାହିଁ । ବସ୍ତୁତଃ ଆମକୁ ତାହା କହିବାକୁ ଲଗିଛି : "ତୁମେ ଆନନ୍ଦ ମଧ୍ୟରେ ଆପଣାକୁ ନିମଜ୍ଜିତ କରି ରଖ, ଜ୍ୟୋତିର୍ମୟ ହୁଅ, ଦିବ୍ୟ ଜ୍ଞାନର ଅଧିକାରୀ ହୁଅ, ମାତ୍ର, ସେଗୁଡ଼ାକ ହେଲେ ମୁଁ କଦାପି ବଦଳି ଯିବି ନାହିଁ । ବର୍ତ୍ତମାନ ମୁଁ ଯେଉଁ ନର୍କକୁଣ୍ଡରେ ପରିଣତ ହୋଇ ରହିଛି, ତଥାପି ସେହି ନର୍କକୁଣ୍ଡ ହୋଇ ରହିଥିବ ।" ଚେତନାର ଏକ ଯଥାର୍ଥ ପରିବର୍ତ୍ତନ ବୋଲି ଆମେ ତାହାକୁହିଁ କହିବା, ଯାହାକି ଏହି ପୃଥିବୀର ବାହ୍ୟ ଭୌତିକ ସ୍ଥିତିଗୁଡ଼ିକୁ ମଧ୍ୟ ବଦଳାଇ ଦେଇ ପାରିବ ଏବଂ ତାହାକୁ ସମ୍ପୂର୍ଣ୍ଣ ଏକ ନୂତନ ସୃଷ୍ଟିରେ ପରିଣତ କରିଦେଇ ପାରିବ ।

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତାଙ୍କ ପ୍ରେମ ଲାଗି ଶରୀରସ୍ଥ ଭୂମିରେ ଆକାଙ୍କ୍ଷା

ଏଠି ଯେଉଁ ଫୁଲଟି ରହିଛି, ଆମେ ତାକୁ "ଦିବ୍ୟ ପରମସତ୍ତାଙ୍କ ପ୍ରେମ ଲାଗି ଶରୀରସ୍ଥ ଭୂମିର ଆକାଙ୍କ୍ଷା" ବୋଲି ନାମ ଦେଇଛୁ । "ଶରୀରସ୍ଥ ଭୂମି" କହିଲେ ମୁଁ ଶରୀର ଚେତନାକୁ, ଅର୍ଥାତ୍ ସବୁଠାରୁ ଅଧିକ ସାଧାରଣ ଏବଂ ଅଧିକ ବହିର୍ମୁଖୀ ଚେତନାକୁ ବୁଝୁଛି; ଅଧିକାଂଶ ମନୁଷ୍ୟ ସାଧାରଣତଃ ଯେଉଁ ଚେତନାରେ ରହିଥାନ୍ତି, ସେହି ଚେତନାକୁ ବୁଝୁଛି । ଉଚ୍ଚତର ବସ୍ତୁଗୁଡ଼ିକ ଲାଗି ଆକାଙ୍କ୍ଷା ରଖିବା ଅପେକ୍ଷା ଏହି ଚେତନା ଆରାମ, ଭଲ ଖାଇବା, ଭଲ ପିନ୍ଧିବା ଓ ଉତ୍ତମ ସମ୍ବନ୍ଧମାନ ସ୍ଥାପନ କରିବା ପ୍ରଭୃତି କଥା ଉପରେ ଅଧିକତର ମୂଲ୍ୟ ଦେଇଥାଏ । ଶରୀରସ୍ଥ ଏହି ଭୂମିରେ ଦିବ୍ୟ ପରମ ସତ୍ତାଙ୍କର ପ୍ରେମ ଲାଗି ଆକାଙ୍କ୍ଷା କହିଲେ ଏହାହିଁ ବୁଝାଏ ଯେ, ଦିବ୍ୟ ପରମସତ୍ତା ତାକୁ କିପରି ଭଲ ପାଉଛନ୍ତି, ସେତିକି ଅନୁଭବ କରିବା ବ୍ୟତୀତ ଶରୀରସ୍ଥ ସତ୍ତା ଆଉ କିଛିହେଲେ ମାଗୁ ନ ଥାଏ । ତା'ର ଆପଣାର ନିତ୍ୟନୈମିତ୍ତିକ ଆବଶ୍ୟକତାସବୁ ତୃପ୍ତିବିଧାନ ଯେ ଏକାନ୍ତ ଅଳ୍ପ ଓ ଅଯଥେଷ୍ଟ, ଶରୀର-ସତ୍ତା ତାହା ହୃଦୟଙ୍ଗମ କରିବାକୁ ଆରମ୍ଭ କରେ । ମାତ୍ର, ଏହି କ୍ଷେତ୍ରରେ କୌଣସି ପ୍ରକାରର ସାଲିସ୍ ହୋଇ ପାରିବ ନାହିଁ : ଶରୀରସ୍ଥ ସତ୍ତା ଯଦି ପ୍ରକୃତରେ ଦିବ୍ୟ ପରମସତ୍ତାଙ୍କର ପ୍ରେମର ଆକାଙ୍କ୍ଷୀ ହୋଇ ରହିବାକୁ ଚାହେଁ, ତେବେ ତାକୁ କେବଳ ସେହି ବସ୍ତୁଟିକୁହିଁ ଆକାଙ୍କ୍ଷା କରିବାକୁ ହେବ, ଏବଂ, "ମୁଁ ଦିବ୍ୟ ପରମସତ୍ତାଙ୍କର ପ୍ରେମକୁ ଲାଭ କରିବି, ଏବଂ ତା' ସଙ୍ଗେସଙ୍ଗେ ମୋର ଅନ୍ୟ ବନ୍ଧନଗୁଡ଼ିକରେ ମଧ୍ୟ ଛନ୍ଦିହୋଇ ରହିଥିବି, ଅନ୍ୟ ଆବଶ୍ୟକତା ଏବଂ ଉପଭୋଗଗୁଡ଼ିକୁ ଠିକ୍ ବର୍ତ୍ତମାନ ପରି ଜାବୁଡ଼ି ଧରିଥିବି···" ବୋଲି କଦାପି କହିବ ନାହିଁ ।

ଆପଣାର ଗୋଟିଏ କିଂବା ଅନ୍ୟ ଅଂଶଟିରେ ଯେଉଁଠାରୁ ଏହା ପ୍ରକ୍ଷିପ୍ତ ହେବାରେ ବା ପ୍ରକାଶିତ ହେବାରେ ଲାଗିଥାଏ, ଆକାଙ୍କ୍ଷାର ସେହି ଅସଲ ଉତ୍ପତ୍ତି ହେଉଛି ଚୈତ୍ୟ-କେନ୍ଦ୍ର । ଯେତେବେଳେ ମୁଁ ଶରୀରର ଭୂମିରେ ରହିଥିବା ଆକାଙ୍କ୍ଷାଟିର କଥା କହୁଛି, ସେତେବେଳେ ମୁଁ ଏଇଆ କହିବା ଲାଗି ଇଚ୍ଛା କରୁଛି ଯେ, ତୁମ ମଧ୍ୟରେ ଥିବା ଯେଉଁ ଚେତନା ଭୌତିକ ସ୍ତରର ସୁଖ ଓ ଆରାମର

'oaob.nitrkl.ac.in' images reprocessed

ଅନୁଧାବନ କରୁଛୁ, ତାହା ଆପଣା ଦ୍ୱାରାହିଁ ପ୍ରେରିତ ହୋଇ ଏବଂ ତୁମ ପ୍ରକୃତିର ଉଚ୍ଚତର ଅଂଶଗୁଡ଼ିକ ଦ୍ୱାରା କୌଣସି ପ୍ରକାରେ ବାଧା ନ ହୋଇ ଐକାନ୍ତିକ ଭାବରେ ଦିବ୍ୟ ପରମସତ୍ତାଙ୍କର ପ୍ରେମ ଲାଗି ମଧ୍ୟ ଏକ ଆକାଙ୍‌କ୍ଷା ରଖିଥିବ । ସାଧାରଣତଃ, ତୁମ ଭିତରେ ରହିଥିବା ଉଚ୍ଚତର ଅଂଶଗୁଡ଼ିକର ସାହାଯ୍ୟରେହିଁ ତୁମକୁ ଅସଲ ଆଲୋକଟିକୁ ଦେଖାଇବାକୁ ପଡ଼ିବ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି କଥାଟିକୁ ବାରବାର କରିବାକୁ ପଡ଼ିବ; ତା' ନ ହେଲେ ଶରୀରର ଭୂମିଟି କଦାପି କିଛି ହେଲେ ଶିଖି ପାରିବ ନାହିଁ ଏବଂ ଆପଣାଛାଏଁ ଶିଖିପାରିବା ଲାଗି ତାକୁ ପ୍ରକୃତିର ସାଧାରଣ ଗତିଟି ଅନୁସାରେ ହୁଏତ ଯୁଗ ଯୁଗ ବି ଲାଗିଯିବ । ବସ୍ତୁତଃ, ପ୍ରକୃତିର ସାଧାରଣ ଗତିପଥଟି ଏଇଥିଲାଗି ଉଦ୍ଦିଷ୍ଟ ହୋଇ ରହିଛି ଯେ ଏହା ତୁମକୁ ପରିତୃପ୍ତି-ବିଧାନର ସମ୍ଭାବ୍ୟ ସକଳ ପ୍ରକାରକୁ ଆଣି ଦର୍ଶାଇ ଦେଇଯିବ ଏବଂ ସେଗୁଡ଼ିକୁ ଗୋଟିକ ପରେ ଗୋଟିଏ ଆଣି ନିଃଶେଷିତ କରିଦେଇ ଅବଶେଷରେ ତୁମର ହୃଦ୍‌ବୋଧ କରାଇଦେବ ଯେ ସେଗୁଡ଼ିକ ମଧ୍ୟରୁ କୌଣସିଟି ଦ୍ୱାରାହିଁ ତୁମର ଯଥାର୍ଥ ସନ୍ତୋଷବିଧାନ କଦାପି ହୋଇ ପାରିବ ନାହିଁ । ଏବଂ, ଏହି ସବୁଯାକ ଆକାଙ୍‌କ୍ଷାର ପଛରେ ସବାତଳେ ତାହା ଯେ ପ୍ରକୃତରେ ଏକ ଦିବ୍ୟ ସନ୍ତୋଷବିଧାନହିଁ ଲୋଡ଼ିବାରେ ଲାଗିଛି, ସେଇଟି ସମ୍ବନ୍ଧରେ ମଧ୍ୟ ତାହା ଆମର ଆଖି ଫିଟାଇ ଦେଇ ଯିବ । ଯୋଗସାଧନା ଦ୍ୱାରା ଆମେ ପ୍ରକୃତିର ସେହି ମନ୍ଥର ପ୍ରକ୍ରିୟାଟିକୁହିଁ ତ୍ୱରାନ୍ୱିତ କରି ଦେଇଥାଉ ଏବଂ ଆମର ଏହି ସ୍ଥୂଳ ଚେତନାଟି ମଧ୍ୟ ଯେ ପ୍ରକୃତ ସତ୍ୟଟିକୁ ଦେଖିବାରେ ସମର୍ଥ ହେବ, ତାହାକୁ ଚିହ୍ନି ଶିଖିବ ଏବଂ ପ୍ରକୃତରେ ତାହାର ଆକାଙ୍‌କ୍ଷା କରିପାରିବ, ତାହାର ଉପରେ ଗୁରୁତ୍ୱ ଦେଇଥାଉ । ମାତ୍ର, ଆମେ ତାକୁ ଠିକ୍ କେଉଁ ଉପାୟରେ ଅସଲ ସତ୍ୟଟିକୁ ନେଇ ଦେଖାଇ-ଦେଇ ପାରିବା ? ହଁ, କୌଣସି ଏକ ଅନ୍ଧାର ଘର ଭିତରକୁ ତୁମେ ଯେପରି ଗୋଟିଏ ଆଲୁଅ ନେଇ ଆସିଥାଅ, ଏହି କଥାଟି ଠିକ୍ ସେହିପରିହିଁ କରିବାକୁ ପଡ଼ିବ । ତୁମକୁ ଆପଣାର ଅପେକ୍ଷାକୃତ ଅଧିକ ଶୋଧିତ ଅଂଶଗୁଡ଼ିକ ସାହାଯ୍ୟରେହିଁ ସେହି ଅଂଶଗୁଡ଼ିକର ସବୁଜ ବୁଦ୍ଧି ଏବଂ ଆକାଙ୍‌କ୍ଷାଟି ଦ୍ୱାରାହିଁ ତୁମକୁ ଆପଣାର ସ୍ଥୂଳ ଶାରୀର ଚେତନାର ଅନ୍ଧକାରକୁ ଆଲୋକିତ କରିଦେବାକୁ ପଡ଼ିବ ଏବଂ, ଏହି ନିମ୍ନସ୍ତରସ୍ଥ ନିତ୍ୟନୈମିତ୍ତିକ ବସ୍ତୁଗୁଡ଼ିକ ଲାଗି କାମନାପୂରିତ ହୋଇ ରହିବାଟା ଯେ ପ୍ରକୃତରେ ଏକ କେଡ଼େ ବ୍ୟର୍ଥ କଥା ଓ ତା'ଦ୍ୱାରା ଯେ ଆଦୌ ଯଥାର୍ଥ ସନ୍ତୋଷବିଧାନ ହୋଇ ପାରିବ ନାହିଁ, ଏହି ସତ୍ୟଟିକୁ ତାହା ଉପଲବ୍ଧି ନ କରିଥିବା ପର୍ଯ୍ୟନ୍ତ ଏବଂ ସ୍ୱତଃପ୍ରେରିତ ଭାବରେ ସତ୍ୟାଭିମୁଖୀ ହୋଇ ନ ପାରିବା ପର୍ଯ୍ୟନ୍ତହିଁ ତୁମକୁ ସେହି କଥାଟିକୁ କରିବାକୁ ପଡ଼ୁଥିବ । ଯେତେବେଳେ ତାହା ସତକୁ ସତ ସେହିଭଳି ଅଭିମୁଖୀ ହୋଇପାରିବ, ସେତେବେଳେ ତୁମର ସମସ୍ତ

'oaob.nitrkl.ac.in' images reprocessed

ଜୀବନହିଁ ବଦଳିଯିବ;—ହଁ, ଠିକ୍ ଏହିପରି ଯେ ଘଟିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ମୋ ପିଲାଦିନେ ମୁଁ ଯେତେବେଳେ ମୋ ମାଆଙ୍କ ପାଖରେ ଖାଇବା ବା ସେହିପରି ଅନ୍ୟ କୌଣସି ସାମାନ୍ୟ କଥାକୁ ନେଇ ଅଭିଯୋଗ କରୁଥିଲି, ସେତେବେଳେ, ଏହିସବୁ ତୁଚ୍ଛ ତୁଚ୍ଛ କଥାରେ ମୁଣ୍ଡ ନ ଘୂରାଇ ମୋର ନିଜ କାମଗୁଡ଼ିକୁ କରିବା ଲାଗି ବା ମୋ ପାଠପଢ଼ାରେ ମନ ଦେବା ଲାଗି ମାଆ ମୋତେ ସବୁବେଳେହିଁ ପରାମର୍ଶ ଦେଉଥିଲେ । ମୁଁ ଯେ ଖାଲି ଆରାମ ପାଇବା ଲାଗି ଜନ୍ମ ହୋଇଥିଲି, ଏହିପରି ଏକ ଆତ୍ମସନ୍ତୋଷମୟ ଭାବନା ମୋ ଭିତରେ ପ୍ରକୃତରେ ରହିଛି କି ବୋଲି ସେ ମୋତେ ପ୍ରଶ୍ନ କରୁଥିଲେ, "ତୋ ଜୀବନର ଉଚ୍ଚତମ ଆଦର୍ଶଟିକୁ ଉପଲବ୍ଧି କରିବାକୁହିଁ ତୁ ଜନ୍ମ ହୋଇଛୁ" ବୋଲି ସେ ମୋତେ କହୁଥିଲେ ଏବଂ ମୋତେ ମୋ କାମ କରିବା ଲାଗି ପଠାଇ ଦେଉଥିଲେ । ସିଏ ପ୍ରକୃତରେ ଠିକ୍ କଥାହିଁ କହୁଥିଲେ; ଅବଶ୍ୟ ଏକଥା ସତ ଯେ ଆମ ମାନଦଣ୍ଡଟି ଅନୁସାରେ ବିଚାର କଲେ ଉଚ୍ଚତମ ଆଦର୍ଶ ସମ୍ବନ୍ଧରେ ତାଙ୍କର ଧାରଣା ପ୍ରକୃତରେ ବେଶ୍ କେତେ ତଳେ ଯାଇ ରହିଥିଲା । ଆମେ ସମସ୍ତେହିଁ ସେହି ଉଚ୍ଚତମ ଆଦର୍ଶଟି ଲାଗି ଜନ୍ମଗ୍ରହଣ କରିଛୁ । ତେଣୁ, ଆମ ଆଶ୍ରମରେ ଯେତେବେଳେ ବି ଅଧିକ ଆରାମ ବା ଭୌତିକ ସୁଖବିଧାନ ଲାଗି କରାଯାଉଥିବା କୌଣସି କ୍ଷୁଦ୍ର ଅନୁରୋଧକୁ ରକ୍ଷା ନ କରି କାଟି ଦିଆଯାଏ, ତାହା କେବଳ ତୁମର ଭଲ ପାଇଁହିଁ କରାଯାଏ, ତୁମେ ଏଠାରେ ପ୍ରକୃତରେ ଯେଉଁ କଥାଟି ଲାଗି ରହିଛ, ତାହାର ପରିପୂରଣ ଲାଗି ତୁମକୁ ସାହାଯ୍ୟ କରିବା ପାଇଁହିଁ ତାହା କରାଯାଏ । ତେଣୁ, ସେହି ନାହିଁ କରିଦେବାଟାକୁ ପ୍ରକୃତରେ ଏକ ଉପକାର ରୂପେ ଗ୍ରହଣ କରାଯିବା ଉଚିତ, କାରଣ, ସର୍ବୋଚ୍ଚ ଆଦର୍ଶଟିର ସମ୍ମୁଖରେ ଦଣ୍ଡାୟମାନ ହେବା ଲାଗି ତୁମକୁ ଯେ ଯୋଗ୍ୟ ବୋଲି ବିଚାର କରାଯାଉଛି ଏବଂ ସେହି ଅନୁସାରେ ନିଜକୁ ତିଆରି କରିବା ଲାଗି ବି ଯେ ତୁମେ ଉପଯୁକ୍ତ, ସେତେବେଳେ ସେହି କଥାଟି ପ୍ରତିପାଦିତ ହୋଇଥାଏ ।

'oaob.nitrkl.ac.in' images reprocessed

ଉଦ୍‌ଭିଦ ଭିତରେ ରହିଥିବା ଅଭୀପ୍ସା

ତୁମେ କେବେ ଜଙ୍ଗଲ ଦେଖିଛ ? ଆଲୋକ ଲାଗି ସଂଗ୍ରାମ କରୁଥିବା ଅଗଣିତ ବୃକ୍ଷ ଏବଂ ଉଦ୍ଭିଦ ଭର୍ତ୍ତି ହୋଇ ରହିଥିବା କୌଣସି ଜଙ୍ଗଲ କେବେ ଦେଖିଛ ? ସେମାନେ କିପରି ଖାଲି ଟିକିଏ ସୂର୍ଯ୍ୟକିରଣ ମଧ୍ୟକୁ ଆସିବେ, ସେଥିଲାଗି ଆପଣାକୁ କେତେ ପ୍ରକାରେ ମୋଡ଼ି ଭାଙ୍ଗି ଶହେ ଚେଷ୍ଟା କରୁଥାନ୍ତି, ତୁମେ ଅନାଇ ଦେଖିଛ ? ପ୍ରକୃତରେ ତାହାହିଁ ହେଉଛି ଜଡ଼ର ଭୂମିରେ ଅଭୀପ୍ସାର ଏକ ଅନୁଭୂତି; ଆଲୋକ ଲାଗି ଏକ ପ୍ରବଳ ବାସନା ସହିତ ଆପଣାକୁ ଠେଲିପେଲି ଅଗ୍ରସର କରାଇ ଆଣିବା, ତାହାହିଁ ଉଦ୍ଭିଦମାନଙ୍କର ଅଭୀପ୍ସା । ମଣିଷମାନଙ୍କ ତୁଳନାରେ ଉଦ୍ଭିଦମାନଙ୍କର ଏହି ଅଭୀପ୍ସା ସ୍ଥୂଳସତ୍ତାର ସ୍ତରରେ ଅଧିକହିଁ ରହିଛି । ସେମାନଙ୍କର ସମସ୍ତ ଜୀବନକୁ ପ୍ରକୃତରେ ଆଲୋକ ଲାଗି ଏକ ଉପାସନା ବୋଲି କୁହାଯାଇ ପାରିବ । ଏବଂ, ଆଲୋକକୁହିଁ ଆମେ ଦିବ୍ୟ ପରମସତ୍ତାଙ୍କର ସ୍ଥୂଳ ପ୍ରତୀକ ବୋଲି ଜାଣିବା; ଏବଂ, ଏହି ପୃଥ୍ୱୀ-ପରିବେଶଟି ମଧ୍ୟରେ ସୂର୍ଯ୍ୟ ପ୍ରକୃତରେ ସେହି ସର୍ବୋଚ୍ଚ ପରମ-ଚେତନାରହିଁ ପ୍ରତିନିଧିତ୍ୱ କରନ୍ତି । ଉଦ୍ଭିଦମାନେ ଆପଣାର ସରଳ ଓ ଅନ୍ଧ ଭାବରେ ଏହି କଥାଟିକୁହିଁ ବେଶ୍ ସ୍ପଷ୍ଟ ଭାବରେ ଅନୁଭବ କରିଛନ୍ତି । ଯଦି ତୁମେ ତାହାର ମର୍ମଭେଦ କରିବାର କଳାଟିକୁ ଶିଖିପାରିବ, ତେବେ ସେମାନଙ୍କର ଅଭୀପ୍ସା ଯେ ପ୍ରକୃତରେ କେଡ଼େ ପ୍ରଗାଢ଼, ତୁମେ ସେ କଥାଟିକୁ ନିଶ୍ଚୟ ଜାଣିବାକୁ ପାଇବ । ଜଡ଼ର ଭୂମିରେ ସେମାନେ ମୋର ପ୍ରଭାବଟି ଲାଗି ସବୁଠାରୁ ଅଧିକ ପରିମାଣରେ ଉନ୍ମୁକ୍ତ ହୋଇ ରହିଥାନ୍ତି; ଆପଣା ଚେତନାର ସ୍ଥିତିଟିକୁ ମୁଁ ଗୋଟିଏ ଫୁଲ ମଧ୍ୟକୁ ଯେପରି ସହଜରେ ସଞ୍ଚାରିତ କରିଦେଇ ପାରିବି, ଜଣେ ମଣିଷ ମଧ୍ୟକୁ ଆଦୌ ସେତେ ସହଜରେ ପାରିବି ନାହିଁ । ଫୁଲ ପ୍ରକୃତରେ ଭାରି ଗ୍ରହଣଶୀଳ ହୋଇ ରହିଥାଏ; ଅବଶ୍ୟ ଏକଥା ସତ ଯେ ଆପଣାର ବୁଝିବା ଲାଗି ଆପଣାର ଅନୁଭବଟିକୁ କିପରି ସୂତ୍ର ଦ୍ୱାରା ବ୍ୟକ୍ତ କରିଦେବାକୁ ହୁଏ, ଫୁଲକୁ ସେହି କଥାଟି ମୋଟେ ଜଣା ନ ଥାଏ, କାରଣ ଫୁଲ ଭିତରେ କୌଣସି ମନ କାର୍ଯ୍ୟ କରୁ ନ ଥାଏ । ମାତ୍ର, ତା'ଭିତରେ ସେହି ଶୁଦ୍ଧଚୈତନ୍ୟ ଚେତନାଟି ସତେଅବା ଏକ ସହଜାତ ପ୍ରବୃତ୍ତି ପରି ହୋଇ ରହିଥାଏ । ତେଣୁ ଯେତେବେଳେ ତୁମେମାନେ

'oaob.nitrkl.ac.in' images reprocessed

ମୋତେ କୌଣସି ଫୁଲ୍ ଆଣିଦଅ, ସେତେବେଳେ ତାହାର ସ୍ଥିତି ସର୍ବଦା ତୁମର ସ୍ଥିତିଟିକୁ ଜାଣିବା ଲାଗି ପ୍ରକୃତରେ ଏକ ଦର୍ପଣ ପରି କାର୍ଯ୍ୟ କରେ । ଏପରି ଲୋକ ଅଛନ୍ତି,ଯେଉଁମାନେ କି ମୋତେ କୌଣସି ସଦ୍ୟ ଫୁଲଟିଏ ଆଣିଦେବାରେ କେବେ-ହେଲେ ସଫଳ ହୋଇ ପାରନ୍ତି ନାହିଁ;—ଫୁଲଟି ପ୍ରକୃତରେ ସଦ୍ୟ ଏବଂ ସତେଜ ହୋଇ ରହିଥିଲେ ମଧ୍ୟ ସେମାନଙ୍କ ହାତକୁ ଆସି ତାହା ନିସ୍ତେଜ ହୋଇଯାଏ । ଅନ୍ୟମାନେ ଅବଶ୍ୟ ସର୍ବଦା ମୋ ପାଖକୁ କେବଳ ସତେଜ ଫୁଲ୍ ନେଇହିଁ ଆସିଥାନ୍ତି ଏବଂ ସେମାନଙ୍କ ହାତକୁ ଆସି ଝାଉଁଳା ଫୁଲଗୁଡ଼ାକ ମଧ୍ୟ ସତେଜ ଓ ପ୍ରାଣବନ୍ତ ହୋଇ ଦେଖାଯିବାକୁ ଆରମ୍ଭ କରେ । ଯଦି ତୁମ ଭିତରେ ଶକ୍ତିଶାଳୀ ଅଭୀପ୍ସା ରହିଛି, ତେବେ ତୁମର ପୁଷ୍ପାର୍ପଣ ମଧ୍ୟ ସତେଜ ଏବଂ ପ୍ରାଣବନ୍ତ ହେଉଥିବ । ଏବଂ, ଯଦି ତୁମେ ଯଥେଷ୍ଟ ଗ୍ରହଣଶୀଳ ହୋଇଥିବ, ତେବେ ତୁମେ ମଧ୍ୟ ଅତ୍ୟନ୍ତ ସହଜରେ ମୁଁ ତୁମ ହାତରେ ନେଇ ଦେଉଥିବା ଫୁଲଟିର ସନ୍ଦେଶଟିକୁ ଯଥାର୍ଥରେ ଗ୍ରହଣ କରିବା ଲାଗି ସମର୍ଥ ହୋଇ ପାରିବ । ଫୁଲ୍ ଦେଉଥିବା ବେଳେ ତୁମମାନଙ୍କୁ ମୁଁ ଚେତନାର ବିଭିନ୍ନ ସ୍ଥିତିହିଁ ପ୍ରଦାନ କରୁଥାଏ; ଫୁଲଗୁଡ଼ିକ ସେହି କ୍ଷେତ୍ରରେ କେବଳ ମାଧ୍ୟମରୂପେ କାର୍ଯ୍ୟ କରନ୍ତି ଏବଂ, ସେଗୁଡ଼ିକ ଅଭିଳଷିତ ଚେତନାଟିକୁ ନେଇ ତୁମକୁ ଦେଇ ପାରୁଛନ୍ତି କି ନାହିଁ, ତାହା ସମ୍ପୂର୍ଣ୍ଣ ଭାବରେ ତୁମର ଗ୍ରହଣଶୀଳତା ଉପରେହିଁ ନିର୍ଭର କରୁଥାଏ ।

'oaob.nitrkl.ac.in' images reprocessed

ଦିବ୍ୟ-ଚେତନା ଓ ଦିବ୍ୟ-ଇଚ୍ଛା ସହିତ ମିଳିତ ହେବା

ଅଜ୍ଞାନ ସହିତ ମିଳିତ ହୋଇ ଯେଉଁ ଶକ୍ତି ନାନା ପ୍ରାଣିକ ପ୍ରବଳତାର ଆକାର ଗ୍ରହଣ କରେ, ତାହାହିଁ ଆପଣାର ଶୁଦ୍ଧ ରୂପରେ ଆମକୁ ଯଥାର୍ଥ *ରୂପାନ୍ତରଟି ଆଡ଼କୁ ଅଗ୍ରସର କରାଇ ନେଇଥାଏ । ତେଣୁ, ତୁମେ ସର୍ବଦା* ବନ୍ଧନହୀନ ଭାବରେ ନାନା ବାସନାକୁ ଚରିତାର୍ଥ କରିବାର ପ୍ରବୃତ୍ତିଟିରୁ ଆପଣାକୁ ସତର୍କ କରି ରଖିବ; ସେଗୁଡ଼ିକୁ ଯେ ଅବଶ୍ୟ ପରିତୃପ୍ତ କରିବାକୁ ହେବ, ସେକଥା ତୁମେ କଦାପି ଭାବିବ ନାହିଁ, ଏବଂ ପ୍ରାଣିକ ଶକ୍ତିମାନଙ୍କୁ ନିଶ୍ଚିତ ଭାବରେ ଏକ ମନ୍ଦ ରୂପେହିଁ ପ୍ରତ୍ୟାଖ୍ୟାନ କରିବ । ତୁମେ ଦିବ୍ୟ ପରମସତ୍ତାଙ୍କ ଆଡ଼କୁହିଁ ଆପଣା ସତ୍ତାର ଦ୍ୱାରଗୁଡ଼ିକୁ ପୂର୍ଣ୍ଣରୂପେ ଉନ୍ମୁକ୍ତ କରି ରଖିଥିବ । ଯେଉଁ ମୁହୂର୍ତ୍ତରେ ତୁମେ କିଛି ନା କିଛି ଗୋପନ କରି ରଖିବାକୁ ମନ କରିବ, ସେତେବେଳେ ତୁମେ ନିଜକୁ ସିଧା ମିଥ୍ୟା ଭିତରକୁହିଁ ଟାଣି ନେଇଯିବ । ନିଜ ଭିତରେ କୌଣସି କଥାକୁ ଏତେ ଟିକିଏ ଦବାଇ କରି ରଖିବା ମାତ୍ରକେହିଁ ତାହା ତତ୍‌କ୍ଷଣାତ୍ ତୁମକୁ ଅଚେତନା ମଧ୍ୟକୁ ଟାଣି ନେଇଯିବ । ଯଦି ତୁମେ ପୂର୍ଣ୍ଣ ସଚେତନ ହେବା ଲାଗି ଇଚ୍ଛା କରୁଥାଅ, ତେବେ ତୁମକୁ ନିରନ୍ତର ପରମସତ୍ୟ ଆଗରେହିଁ ଠିଆ ହୋଇ ରହିବାକୁ ପଡ଼ିବ, — ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଉନ୍ମୋଚିତ କରିଦେବାକୁ ହେବ ଏବଂ ସେହି ପରମସତ୍ୟ ଯେପରି ତୁମ ଭିତରକୁ ଅନେକ ଗଭୀରଯାଏ ଦେଖିବାକୁ ସମର୍ଥ ହେବ, ତୁମ ସତ୍ତାର ସବୁଯାକ କଣ ଯେପରି ତା'ର ଦୃଷ୍ଟିଗୋଚର ହୋଇପାରିବ, ସେଥିଲାଗି ତୁମକୁ ସବୁମତେ ଚେଷ୍ଟା କରିବାକୁ ପଡ଼ିବ । କେବଳ ତାହାହିଁ ତୁମ ଭିତରେ ଆଲୋକ ଏବଂ ଚେତନାର ସଞ୍ଚାର କରିଦେଇ ପାରିବ ଏବଂ ଏହି କଥାଗୁଡ଼ିକୁ ଆମେ ଏକାନ୍ତ ସତ୍ୟ ବୋଲି ଜାଣି ରଖିବା । ମାତ୍ର, ଏଥିଲାଗି ତୁମକୁ ପୂର୍ଣ୍ଣ ବିନୟ ଅବଲମ୍ବନ କରିବାକୁ ହେବ, ଅର୍ଥାତ୍, ତୁମେ ବର୍ତ୍ତମାନ ପ୍ରକୃତିରେ ଯେଉଁଠାରେ ରହିଛ ଏବଂ ତୁମ ଜୀବନରେ ଯାହା ଘଟିବାକୁ ଯାଉଛି, ଉଭୟ ମଧ୍ୟରେ ରହିଥିବା ଦୂରତାଟିକୁ ଭଲକରି ଜାଣିବ । ଆପଣାର ଅଶୋଧିତ ସ୍ଥୂଳ ମନଟିକୁ, ସିଏ ପ୍ରକୃତିରେ କିଛି ନ ଜାଣିଥିବା ସମୟରେ ସିଏ ସବୁ ଜାଣିଛି ଓ କିଛି ବିଚାର ବା ନିଷ୍ପତ୍ତି କରି ନ ପାରୁଥିବା ବେଳେ ସିଏ ନିଶ୍ଚୟ ବିଚାର କରିପାରିବ

'oaob.nitrkl.ac.in' images reprocessed

ବୋଲି ଭାବିବାକୁ କେବେହେଲେ ଅନୁମତି ଦେବ ନାହିଁ । ବିନମ୍ର ଅବଲମ୍ବନ କରିବାର ଅର୍ଥ ହେଉଛି ଯେ ତୁମେ ପୂର୍ଣ୍ଣ ହୃଦୟର ସହିତ ଦିବ୍ୟ ପରମସତ୍ତାଙ୍କ ପାଖରେହିଁ ଆପଣାକୁ ଅର୍ପଣ କରିଦେବ, ତାଙ୍କୁହିଁ ସାହାଯ୍ୟ ମାଗିବ ଏବଂ, ସମର୍ପଣ ଦ୍ୱାରା ସେହି ମୁକ୍ତ ଓ ଦାୟିତ୍ୱମୁକ୍ତତାକୁ ହାସଲ କରିବ ଯାହାକି ତୁମର ମନକୁ ସମ୍ପୂର୍ଣ୍ଣ ଭାବରେ ଶାନ୍ତ କରିଦେଇ ପାରିବ । ଆଉ କୌଣସି ଉପାୟରେହିଁ ତୁମେ ଦିବ୍ୟ ପରମଚେତନା ଏବଂ ପରମଇଚ୍ଛା ସହିତ ସମ୍ମିଳିତ ହୋଇପାରିବ ନାହିଁ । ଅବଶ୍ୟ ଏକଥା ସତ ଯେ ତୁମେ କେଉଁ ମାର୍ଗଟି ଦେଇ ସେହି ପରମ ଦିବ୍ୟସତ୍ତାଙ୍କ ପାଖକୁ ଯାଉଛ, ତୁମେ ତାଙ୍କର ଚେତନାଟି ସହିତ ଅଥବା ଇଚ୍ଛା ସହିତ ପ୍ରଥମେ ସମ୍ମିଳିତ ହେବାକୁ ଯାଉଛ, ତାହାରି ଉପରେହିଁ ସବୁକିଛି ନିର୍ଭର କରିବ । ଯଦି ତୁମେ ଯଥେଷ୍ଟ ଗଭୀରକୁ ପ୍ରବେଶ କରିପାରିବ, ତେବେ ତାଙ୍କର ଚେତନାଟି ସହିତହିଁ ପ୍ରଥମେ ସମ୍ମିଳିତ ହେବ; ଅନ୍ୟ ପକ୍ଷରେ, ଯଦି ତୁମେ ବାହ୍ୟଗତ କ୍ରିୟାତ୍ମକତାଟି ମଧ୍ୟରେ ଆପଣାର ପଥଟିକୁ ନିର୍ଣ୍ଣୟ କରିବ, ତେବେ ଖୁବ୍ ସମ୍ଭବ ତୁମେ ତାଙ୍କର ପରମ-ଇଚ୍ଛାଟିକୁହିଁ ପ୍ରଥମେ ଉପଲବ୍ଧି କରିବ । ମାତ୍ର, ଏହି କ୍ଷେତ୍ରରେ ଏପରି ଏକ ସିଧା ସାଧାରଣ ସୂତ୍ର ବାହାର କରିଦେଇ ପାରିବା ଆଦୌ ସମ୍ଭବ ନୁହେଁ । କାରଣ, ସାଧନା ହେଉଛି ସର୍ବଦା ଏକ ନମନୀୟ ଓ ତରଳ ବ୍ୟାପାର ଏବଂ ତେଣେ ଦିବ୍ୟ ପରମଚେତନା ଏବଂ ପରମଇଚ୍ଛା ମଧ୍ୟ ଅତ୍ୟନ୍ତ ଘନିଷ୍ଠ ଭାବରେ ପରସ୍ପର ସହିତ ସଂଲଗ୍ନ ହୋଇ ରହିଥାନ୍ତି । ସେମାନେ ହେଉଛନ୍ତି ସେହି ଗୋଟିଏ ପରମସତ୍ତାରହିଁ ଦୁଇଟି ବିଭାବ । ତୁମକୁ ଅବଶ୍ୟ ଭାରି ସତର୍କ ହୋଇ ଜାଣି ରଖିବାକୁ ପଡ଼ିବ ଯେ କେବଳ ବାହ୍ୟ କ୍ଷେତ୍ରରେ ତୁମର ଭାବନା ଅଥବା କ୍ରିୟା ମଧ୍ୟରେ ଏକ ସାଦୃଶ୍ୟ ରହିଛି ବୋଲିହିଁ ତୁମ ଜୀବନରେ ସେହି ସମ୍ମିଳନ ପ୍ରକୃତରେ ସମ୍ଭବ ହୋଇ ସାରିଲାଣି । ଏହିସବୁ ଯାବତୀୟ ପ୍ରମାଣ ହେଉଛି କେବଳ ଉପରଠାଉରିଆ ପ୍ରମାଣ; କାରଣ ଯେଉଁଠି ଯଥାର୍ଥ ମିଳନ ହୁଏ, ସେଠି ଏକ ପୂର୍ଣ୍ଣ ପରିବର୍ତ୍ତନହିଁ ସଂଘଟିତ ହୋଇଥାଏ, ତୁମ ଏହି ସାଧାରଣ ଚେତନାରେ ଏକ ସମଗ୍ର ଉତ୍‌କ୍ରାନ୍ତିହିଁ ଘଟିଥାଏ । ଏହି ଅନୁଭୂତିଟିକୁ ତୁମେ କଦାପି ଆପଣାର ମନ ଭିତରେ କିଂବା ତୁମର ସାଧାରଣ ସଞ୍ଚାଳନତାଟି ମଧ୍ୟରେ ଲାଭ କରିପାରିବ ନାହିଁ । ତୁମକୁ ସେସବୁ ମଧ୍ୟରୁ ପୁରାପୁରି ବାହାରି ଆସିବାକୁ ପଡ଼ିବ,—ଏବଂ, ତା'ପରେ ଯାଇ, ତା' ପୂର୍ବରୁ କଦାପି ନୁହେଁ, ତୁମେ ଦିବ୍ୟ ପରମଚେତନା ସହିତ ଏକ ସମ୍ମିଳନ ଲାଭ କରିପାରିବ । ଯେତେ-ବେଳେ ସେହି ସମ୍ମିଳନଟି ପ୍ରକୃତରେ ଅନୁଭୂତ ହେବାକୁ ଲାଗିବ, ସେତେବେଳେ ତୁମ ଆପଣାର ଭାବନା ଏବଂ କ୍ରିୟା ସହିତ ମୋ' ଭାବନା ଏବଂ କ୍ରିୟାର କେତେ-ଦୂର କ'ଣ ସାଦୃଶ୍ୟ ରହିଛି, ତାହାରି ଦ୍ୱାରା ସେହି ସମ୍ମିଳନଟିର ପ୍ରମାଣ ପାଇବାର ଭାବନାଟିହିଁ ତୁମକୁ ହାସ୍ୟାସ୍ପଦ ମନେ ହେବ । ଯେଉଁ ବ୍ୟକ୍ତିମାନେ ବର୍ଷବର୍ଷ ଧରି

'oaob.nitrkl.ac.in' images reprocessed

ଏକା ଘରେ ବାସ କରୁଥାନ୍ତି ବା ଦୈନନ୍ଦିନ ସଂପର୍କରେ ପରସ୍ପରର ଅନେକ ନିକଟବର୍ତ୍ତୀ ହୋଇ ରହିଥାନ୍ତି, ସେମାନଙ୍କ ମନଃକ୍ଷେତ୍ରରେ ଗୋଟାଏ ପ୍ରକାରର ସାଧାରଣତା ପରିଲକ୍ଷିତ ହୋଇଥାଏ, — ସେମାନେ ଏକାଭଳି ଚିନ୍ତା କରୁଥାନ୍ତି ଓ ଏକାଭଳି କାର୍ଯ୍ୟ କରୁଥାନ୍ତି । ମାତ୍ର, କେବଳ ଏହିପରି ଏକ ମାନସିକ ସମ୍ପର୍କସ୍ଥାପନ ଦ୍ୱାରା ତୁମେ କଦାପି ଦିବ୍ୟ ପରମସତ୍ତାଙ୍କ ସହିତ ହୋଇଗଲ ବୋଲି ଦାବି କରିପାରିବ ନାହିଁ । ଆପଣାର ଚେତନାରେ ଏକ ସଂପୂର୍ଣ୍ଣ ଉତ୍କ୍ରାନ୍ତି ଘଟାଇବା ସକାଶେ ଆଗ ସମ୍ମତ ହେବାକୁ ପଡ଼ିବ । ତୁମ ଜୀବନରେ ଯେ ଏହି ସମ୍ମିଳନଟି ପ୍ରକୃତରେ ଘଟିଛି, ତାହାର ପ୍ରକୃତ ସଙ୍କେତଟି ହେଉଛି ଯେ, ପରମ ଦିବ୍ୟସତ୍ତାଙ୍କ ସହିତ ତୁମ ଚେତନାର ମଧ୍ୟ ସେହି ଏକାଭଳି ଗୁଣାତ୍ମକତା ରହିଛି, ସେହି ଏକାଭଳି କ୍ରିୟାତ୍ମକତାଟି ରହିଛି ଏବଂ ତୁମର ଚେତନା ପରମ ଜ୍ଞାନର ସେହି ଗୋଟିଏ ଉତ୍ସରୁହିଁ ଉତ୍ସାରିତ ହୋଇ ଆସୁଛି । ଦିବ୍ୟପରମସତ୍ତା ଯେପରି ସ୍ୱଭାବରେ କାର୍ଯ୍ୟ କରୁଛନ୍ତି ବୋଲି ତୁମକୁ ପ୍ରତୀତ ହେଉଛି, ବାହ୍ୟ କ୍ଷେତ୍ରରେ ତୁମେ ମଧ୍ୟ ବେଳେବେଳେ ଠିକ୍ ସେହିପରି କାର୍ଯ୍ୟ କରୁଛ ବୋଲି ତୁମକୁ ଯେ ଲାଗୁଛି, ତାହାକୁ କେବଳ ଏକ ଅନୁରୂପତା ବ୍ୟତୀତ ଆଉ କିଛିହେଲେ କୁହାଯାଇ ପାରିବ ନାହିଁ । ଏବଂ, ଏପରି ତୁଳନାଗୁଡ଼ିକର ସାହାଯ୍ୟରେ ସମ୍ମିଳନଟି ଘଟିଛି ବୋଲି ଦର୍ଶାଇବାକୁ ଯିବାର ଅର୍ଥ ହେଉଛି ଗୋଟାଏ ଅତ୍ୟନ୍ତ କ୍ଷୁଦ୍ର ବିଷୟର ସାହାଯ୍ୟ ନେଇ ଗୋଟିଏ ଅତ୍ୟନ୍ତ ବୃହତ୍ ବିଷୟର ପ୍ରମାଣ କରିବା ଲାଗି ଚେଷ୍ଟା କରିବା । ତୁମେ ଯାହାକିଛି କରୁଛ ସେଥିରେ ଯେ ତୁମେ ପ୍ରତ୍ୟକ୍ଷ ସ୍ୱଭାବରେ ଦିବ୍ୟ ପରମଚେତନାକୁ ଗ୍ରହଣ କରିପାରୁଛ, ତାହାହିଁ ହେଲା ପ୍ରକୃତ ପରୀକ୍ଷା । ଏହି ପରୀକ୍ଷାରେ ଅଦୌ କୌଣସି ଭୁଲ୍ ହେବାର ଆଶଙ୍କା ନାହିଁ, କାରଣ ତାହା ତୁମର ସତ୍ତାକୁ ଏକାବେଳେକେ ବଦଳାଇ ଦେଇପାରୁଛି । ଏକଥା ଅତ୍ୟନ୍ତ ସତ୍ୟ ଯେ ତୁମେ ସଙ୍ଗେସଙ୍ଗେ କଦାପି ଦିବ୍ୟ ପରମ ଚେତନା ମଧ୍ୟରେ ଯାଇ ପ୍ରତିଷ୍ଠିତ ହୋଇପାରିବ ନାହିଁ; ମାତ୍ର, ସେହି ଚେତନା ତୁମ ଭିତରେ ଆସି ପ୍ରତିଷ୍ଠିତ ହେବା ପୂର୍ବରୁ ମଧ୍ୟ ତୁମେ ମଝିରେ ମଝିରେ ତାହାର ଅନୁଭୂତିଟିକୁ ନିଶ୍ଚୟ ଲାଭ କରିପାରିବ । ଦିବ୍ୟ ପରମଚେତନା ଆସୁଥିବ, ଯାଉଥିବ; ମାତ୍ର, ଯେପର୍ଯ୍ୟନ୍ତ ସମ୍ମିଳନଟି ରହିବ, ସେପର୍ଯ୍ୟନ୍ତ ତୁମେ ସଚେତ୍ଅବା ଆଉ ଅନ୍ୟ-କଏଜଣେ ହୋଇ ରହିଥିବ । ସମସ୍ତ ବିଶ୍ୱ ତୁମ ଆଗରେ ନୂତନ ପରି ଦେଖା-ଯାଉଥିବ ଏବଂ ତୁମେ ନିଜେ ଓ ବସ୍ତୁଗୁଡ଼ିକ ସମ୍ବନ୍ଧରେ ତୁମର ଦୃଷ୍ଟି ଏବଂ ବୋଧ ଏକାବେଳେକେ ଅନ୍ୟ ପ୍ରକାରର ହୋଇଯାଉଥିବ । ମାତ୍ର, ଯେପର୍ଯ୍ୟନ୍ତ ତୁମଠାରେ ଏହି ଅନୁଭୂତିର ଅଭାବ ରହିଥିବ, ସେପର୍ଯ୍ୟନ୍ତ ତୁମେ ତାହାର ପ୍ରମାଣଗୁଡ଼ିକ ପାଇଁ ମଧ୍ୟ ମନ କରୁଥିବ : ପ୍ରମାଣ ଏବଂ ପରିଣାମ ହେଉଛି ଗୌଣ କଥା, — ଏହି କ୍ଷେତ୍ରରେ ସମ୍ମିଳନର ପ୍ରକୃତ ଆଧାରଭୂତ ଅର୍ଥ ହେଉଛି ଯେ, ଆପଣାର ଚେତନା

'oaob.nitrkl.ac.in' images reprocessed

ଭୂମିରେ ତୁମେ ସାଧାରଣ ଜଣେ ଯେକୌଣସି ମନୁଷ୍ୟଠାରୁ ଅଧିକହିଁ ଜାଣିଥିବ । ହଁ, ଯଦି ଏକ ଶୁଦ୍ଧ, ସ୍ଥିର ଏବଂ ଗ୍ରହଣଶୀଳ ମନର ଅଧିକାରୀ ହୋଇ ପାରିଥିବା ହେତୁ ତୁମେ ମୋ'ର ଅଭିପ୍ରାୟ ସହିତ ସଙ୍ଗତି ରଖି ଭାବିପାରିବ ତଥା କାର୍ଯ୍ୟ ମଧ୍ୟ କରିପାରିବ, ତେବେ ତଦ୍ୱାରା ତୁମର କେବଳ ଲାଭହିଁ ହେବ । ମାତ୍ର, ମାର୍ଗରେ ଗୋଟାଏ ପାଦ ଆଗକୁ ଯାଉଯାଉ ତୁମେ କଦାପି ତାହାକୁ ସର୍ବଶେଷ ଲକ୍ଷ୍ୟଟି ବୋଲି ଭୁଲ୍ କରି ବସିବ ନାହିଁ । କାରଣ, ଯଥାର୍ଥ ସମ୍ମିଳନ ଏବଂ ମାନସିକ ଗ୍ରହଣଶୀଳତା ମଧ୍ୟରେ ସବୁବେଳେ ଏହିପରି ଏକ ପାର୍ଥକ୍ୟ ରହିଛି ଯେ ମୁଁ ଯାହାକିଛି ସମ୍ପନ୍ନ କରିବାକୁ ଚାହୁଁଛି, ମୋତେ ତାହାକୁ ଏକ ସୂତ୍ର ଆକାରରେ ତୁମର ଶୁଦ୍ଧ ଏବଂ ସ୍ଥିର ମନଟି ଭିତରେ ନେଇ ପ୍ରବିଷ୍ଟ କରାଇଦେବାକୁ ପଡ଼ୁଛି; ମାତ୍ର, ଏକ ପ୍ରକୃତ ସମ୍ମିଳନ ଘଟିଥିବା କ୍ଷେତ୍ରରେ ମୋତେ ଆଦୌ କୌଣସି ସୂତ୍ରାୟନ କରିବାକୁ ପଡ଼େ ନାହିଁ । ମୁଁ ଆବଶ୍ୟକ ଚିତ୍ତ-ଚିନ୍ତାଟିକୁ ନେଇ ତୁମ-ଭିତରେ ରଖିଦେଉଛି ଏବଂ ତା'ପରେ ଅବଶିଷ୍ଟ ସବୁକିଛି ସ୍ୱତଃ କ୍ରିୟାଶୀଳ ହୋଇଯାଇ ପାରୁଛି, କାରଣ ସେତେବେଳେ ମୁଁ ନିଜେହିଁ ତୁମଭିତରେ ବିଦ୍ୟମାନ ରହିଛି ।··· ମୁଁ ନିଶ୍ଚୟ କହିବି ଯେ ଏସବୁ କଳ୍ପନା କରିବା ମଧ୍ୟ ତୁମ ଲାଗି ପ୍ରକୃତରେ ଖୁବ୍ କଷ୍ଟକର ହେବ, କାରଣ, ସେହି ଅନୁଭୂତିଟି ପ୍ରାୟ ଏପରି ଯେ, ତାହାକୁ ଆଦୌ ବର୍ଣ୍ଣନା କରାଯାଇ ପାରିବ ନାହିଁ । ଅବଶ୍ୟ, ଦିବ୍ୟ ପରମଇଚ୍ଛାଟି ସହିତ ତୁମ ଇଚ୍ଛାର ଏକ ସମ୍ମିଳନକୁ କଳ୍ପନା କରିବା ଅପେକ୍ଷାକୃତ ଅଧିକସହଜ, କାରଣ ତୁମେ ନିଶ୍ଚୟ ଏପରି ଏକ ପରମଇଚ୍ଛାର କଳ୍ପନା କରିପାରିବ, ଯାହାକି କୌଣସି ସଂଗ୍ରାମ ନ କରି ମଧ୍ୟ ଆପଣାକୁ ଫଳପ୍ରଦ କରିରଖିଛି ଏବଂ ସଫଳ ଭାବରେ ଆପଣାକୁ ସର୍ବତ୍ର ରୂପାୟିତ କରିଦେଇ ପାରିଛି । ଏବଂ, ଯଦି ତୁମର ସକଳଇଚ୍ଛା ସେହି ପରମଇଚ୍ଛାଟି ସହିତ ସମ୍ମିଳିତ ହେବା ଲାଗି ଏକ ପ୍ରବୃତ୍ତି ଦେଖାଉଛି, ତେବେ ସେହି କ୍ଷେତ୍ରରେ କିଛି ଗୋଟାଏ ବସ୍ତୁ ସମ୍ମିଳନର ନିକଟବର୍ତ୍ତୀ ହେଉଛି ବୋଲି କୁହାଯାଇ ପାରିବ । ଅର୍ଥାତ୍, ତୁମେ ଆପଣାର ସ୍ୱତନ୍ତ୍ର ଅହଂପ୍ରେରିତ ଇଚ୍ଛାଟିକୁ କ୍ରମେ ହରାଇ ବସିବାକୁ ଆରମ୍ଭ କରୁଛ ଏବଂ ତୁମର ସତ୍ତା ଅତ୍ୟନ୍ତ ସ୍ୱାଭାବିକ ଭାବରେ ଦିବ୍ୟ ପରମସତ୍ତାଙ୍କର ନିର୍ଦ୍ଦେଶଟିକୁ ମାନିବା ଲାଗିହିଁ ପିପାସିତ ହୋଇ ରହିଛି; ଏବଂ, ସେହି ସର୍ବୋଚ୍ଚ ପରମ ଇଚ୍ଛାଟି ପ୍ରକୃତରେ କ'ଣ, ସେହି କଥାଟିକୁ ଜାଣିବା ପୂର୍ବରୁହିଁ ତାହା ପରମ ଦିବ୍ୟସତ୍ତା ଯାହା ଚାହାଁନ୍ତି, କେବଳ ଠିକ୍ ତାହାହିଁ ଇଚ୍ଛା କରିପାରୁଛି । ମାତ୍ର, ଏହାର ଅର୍ଥ ହେଉଛି ଯେ ତୁମେ ଆଦୌ କୌଣସି ପ୍ରଶ୍ନର ଉତ୍ଥାପନ ନ କରି ସେହି ଉଚ୍ଚତର ପରମ ପରିଚାଳନାଟିକୁ ଆପଣା ଜୀବନରେ ସ୍ୱୀକାର କରିନେବ । ତୁମ ଭିତରେ ରହିଥିବା ଯେଉଁ ଶକ୍ତି ପ୍ରାଣିକବାସନାରୂପେ ବିକୃତ ହୋଇ ପଡ଼ିଛି ଅଥଚ ମୂଳତଃ ଯାହା ଏକ ଉପଲବ୍ଧି

'oaob.nitrkl.ac.in' images reprocessed

ପାଇଁହିଁ ଉନ୍ମୁଖ ହୋଇ ରହିଛି, ସେହି ଶକ୍ତିକୁ ଭଗବତ୍‌-ପରମଇଚ୍ଛା ସହିତ ସମ୍ମିଳିତ ହୋଇଯିବାକୁହିଁ ପଡ଼ିବ, ଯେପରିକି ସଫିସ୍ଥ ହେବା ଲାଗି ତୁମ ଭିତରେ ରହିଥିବା ସକଳ ଶକ୍ତି ବନ୍ଦ୍ୟାଇ ସିନ୍ଧୁସହିତ ସମ୍ମିଳିତ ହୋଇଗଲା ପରି ସେଇଠି ସହିତ ସମ୍ମିଳିତ ହୋଇଯିବ । ତେଣୁ, ତାହାର ନିଜ ଭିତରେ କ'ଣସବୁ ଦୁର୍ବଳତା ବା ଚଞ୍ଚଳତା ରହିଛି, ତାହା ଆଉ ଆଦୌ କୌଣସି ପ୍ରସଙ୍ଗ ହୋଇରହିବ ନାହିଁ; ମାତ୍ର, ଅଧିକରୁ ଅଧିକ ପରିମାଣରେ ତାହା ଭଗବତ୍‌-ପରମଇଚ୍ଛାର ସର୍ବୋଚ୍ଚ ଗୁଣାତ୍ମକତାରେହିଁ ସମ୍ମିଳିତ ହୋଇଯାଉଥିବ, ସର୍ବଶକ୍ତିମନ୍ତାରେ ପରିଣତ ହୋଇ ଯାଉଥିବ !

'oaob.nitrkl.ac.in' images reprocessed

ସହିଷ୍ଣୁତା, ପ୍ରଶଂସା ପାଇବାକୁ ପ୍ରାଣୀକର ଇଚ୍ଛା, -- ଯଥାର୍ଥରେ ଦୀକ୍ଷିତ ପ୍ରାଣିକର ନାନା ଲକ୍ଷଣ

ସହିଷ୍ଣୁତାହିଁ ତୁମର ସର୍ବମୂଳ ସାଧନ ହୋଇରହୁ : ତୁମଭିତରେ ଅବସ୍ଥିତ ପ୍ରାଣିକଶକ୍ତି ଯେପରି ଆଦୌ କୌଣସି ଅଭିଯୋଗ ନ କରେ, ମାତ୍ର, ସେହି ମହାନ୍ ଉପଲବ୍ଧି ଟି ଲାଗି ଆବଶ୍ୟକ ହେଉଥିବା ସବୁକିଛୁ ସର୍ତ୍ତକୁ ତାହା ଯେପରି ସ୍ୱୀକାର କରିନିଏ, ତୁମେ ତାହାକୁ ଏହିପରି ଏକ ଶିକ୍ଷା ଦିଅ । ଆମ ଶରୀରକୁ ଆମେ ପ୍ରକୃତରେ ଏକ ଭାରି ସହିଷ୍ଣୁ ଭୃତ୍ୟ ବୋଲି ଜାଣିବା, ସତେ ଅବା କୌଣସି ଭାର ବହନ କରୁଥିବା ପଶୁଭଳି ଅତ୍ୟନ୍ତ ପୋଷ୍ୟ ଭାବରେ ତାହା ଯାବତୀୟ ପରିବେଶର କଠୋରତାକୁ ସହ୍ୟ କରି ନେଇଥାଏ । ସେହି ପ୍ରାଣିକ ସତ୍ତାଟାହିଁ ସର୍ବଦା ଆପତ୍ତି କରିବାରେ ଲାଗିଥାଏ ଓ ଅସ୍ୱସ୍ତି ବୋଧ କରୁଥାଏ । ଶାରୀର ସତ୍ତାକୁ ତାହା ଅଗଣିତ ନାନାପ୍ରକାର ଦାସତ୍ୱ ଏବଂ ଯନ୍ତ୍ରଣାର ଅଧୀନ କରିରଖେ । ଆପଣାର ନିଜର ଖିଆଲ ଏବଂ ମରଜି ଅନୁସାରେ ବିଚରା ଦେହଟାକୁ ତାହା କେତେ ପ୍ରକାରେ ମୋଡ଼ୁଥାଏ, ଭାଙ୍ଗୁଥାଏ ଏବଂ ସିଏ ଯାହାକିଛି ଖିଆଲ କରୁଛି, ସବୁକିଛି ଠିକ୍ ସେହି ଅନୁସାରେ ଅବଶ୍ୟହେଉ ବୋଲି ବୁଦ୍ଧିହୀନ ଭାବରେ ଦାବି କରିବାରେ ଲାଗିଥାଏ । ମାତ୍ର, ପ୍ରକୃତ ସହିଷ୍ଣୁତାର ଅସଲ ଅର୍ଥଟି ହେଉଛି ଯେ ଆମର ପ୍ରାଣିକଟାକୁହିଁ ଆପଣାର ଶ୍ରଦ୍ଧା ଏବଂ ଅଶ୍ରଦ୍ଧାଗୁଡ଼ିକୁ ପରିତ୍ୟାଗ କରିବାକୁ ପଡ଼ିବ ଏବଂ ପରିସ୍ଥିତି ଯେତେ କଷ୍ଟକର ହେଲେ ମଧ୍ୟ ତଥାପି ତା'ମଧ୍ୟରେ ଏକ ସମତାଭାବ ରକ୍ଷା କରିବାକୁପଡ଼ିବ । ଯେତେବେଳେ କେହି ତୁମପ୍ରତି କର୍କଶ ଆଚରଣ କରିବ ବା ତୁମର ଦୁଃଖ ଦୂର କରିପାରିବା ପଦାର୍ଥଟି ତୁମପାଖରେ ନ ଥିବ, ସେତେବେଳେ ସେହି କାରଣରୁ ବିଚଳିତ ହୋଇ ପଡ଼ିବା ପରିବର୍ତ୍ତେ ତୁମକୁ ତଥାପି ପ୍ରସନ୍ନ ହୋଇ ରହିବାକୁ ପଡ଼ିବ, କୌଣସି ପ୍ରକାର ପରିସ୍ଥିତିରେ ମଧ୍ୟ ତୁମେ ଏତେ ଟିକିଏ ବି ଆନ୍ଦୋଳିତ ହୋଇ ପଡ଼ିବ ନାହିଁ, ଏବଂ ଯେତେବେଳେ ହେଉନା କାହିଁକି, ଯଦି ନାନା ଆଡ଼ମ୍ବରପୂର୍ଣ୍ଣ ଅତିପ୍ରଦର୍ଶନ ସହିତ ଆପଣାର ସାନ ନାନା ଅଭିଯୋଗର ଶୋଭାଯାତ୍ରା କରି ବାହାରିବା ସକାଶେ ପ୍ରାଣିକ ଭିତରେ ଏକ

'oaob.nitrkl.ac.in' images reprocessed

ପ୍ରବୃତ୍ତି ପ୍ରକାଶ ପାଇବ, ତୁମେ ସେତେବେଳେ ମୁହୂର୍ତ୍ତିକ ପାଇଁ ଅଟକ ଠିଆହେବ ଏବଂ ଏହି ସଂସାରରେ ଅନ୍ୟ ଅନେକଙ୍କର ତୁଳନାରେ ତୁମେ ପ୍ରକୃତରେ କେତେ ସୁଖୀ ହୋଇ ରହିଛ, ସେଇ କଥାଟି ଭାବିବାକୁ ଲାଗିବ । ଗୋଟାଏ ମୁହୂର୍ତ୍ତ ପାଇଁ ବିଚାର କରିବ, ବିଗତ ମହାଯୁଦ୍ଧରେ ଯେଉଁ ସୈନ୍ୟମାନେ ଯୁଦ୍ଧକ୍ଷେତ୍ରରେ ଲଢ଼ାଇ କରିଥିଲେ, ସେମାନଙ୍କୁ କେତେ କଷ୍ଟ ମଧ୍ୟଦେଇ ଯିବାକୁ ହୋଇଥିଲା । ଯଦି ତୁମକୁ ମଧ୍ୟ ସେହିପରି ଘୋର ବିପଦଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିଥାନ୍ତା, ତେବେ ତୁମର ଏହି ଅସନ୍ତୋଷ ଗୁଡ଼ାକରେ ବିଚଳିତ ହୋଇ ପଡ଼ିବା ଯେ ପ୍ରକୃତରେ କେତେ ନିର୍ବୋଧତା, ତୁମେ ସେକଥା ନିଶ୍ଚୟ ହୃଦୟଙ୍ଗମ କରି ପାରିଥାନ୍ତ । ଏବଂ, ମୁଁ ତଥାପି କଦାପି ଚାହୁଁ ନାହିଁ ଯେ ତୁମମାନଙ୍କୁ କୌଣସି ବିପଦର ସମ୍ମୁଖୀନ ହେବାକୁ ପଡ଼ୁ; ମୁଁ କେବଳ ଏତିକି ଚାହୁଁଛି ଯେ ତୁମେ ଆପଣା ଜୀବନର ସାମାନ୍ୟ କଷ୍ଟ ଓ ଆଘାତଗୁଡ଼ିକୁ ସହ୍ୟ କରିବା ଲାଗି ସମର୍ଥ ହେବ ।

ସହ୍ୟ କରିବାର ଶକ୍ତି ବ୍ୟତୀତ କୌଣସି ବଡ଼ କଥାକୁ କେବେହେଲେ ହାସଲ କରାଯାଇ ପାରେ ନାହିଁ । ଯଦି ତୁମେ ମହାନ୍ ବ୍ୟକ୍ତିମାନଙ୍କର ଜୀବନଚରିତକୁ ଅଧ୍ୟୟନ କରିବ, ତେବେ, ପ୍ରାଣିକ ସ୍ତରର ଯାବତୀୟ ଦୁର୍ବଳତା ସମ୍ମୁଖରେ ସେମାନେ ନିଜକୁ କିପରି ଖଣ୍ଡେଖଣ୍ଡେ ଝଟକମଟକ ପଥର ପରି ରଖିଛନ୍ତି, ତୁମେ ସେକଥା ଅବଶ୍ୟ ଦେଖିବାକୁ ପାଇବ । ଏପରିକି ବର୍ତ୍ତମାନ ମଧ୍ୟ, ପ୍ରାଣିକ ସ୍ତରରେ ସହିଷ୍ଣୁତା ଅବଲମ୍ବନ କରିବାର ମାଧ୍ୟମରେ ଶାରୀରିକ ସ୍ତରଟି ଉପରେ ବିଜୟ ହାସଲ କରିବାକୁହିଁ ଆମ ସଭ୍ୟତାର ଅସଲ ଅର୍ଥ ବୋଲି ବୁଝାଯାଇ ପାରିବ । ଜଣେ ଖେଳୁଆଡ଼ର ମନୋଭାବ, ଦୁଃସାହସିକତା ଏବଂ ସାହସର ସହିତ ବିପଦ-ଗୁଡ଼ିକର ସମ୍ମୁଖୀନ ହେବା ପ୍ରଭୃତି ଯେଉଁ ଯାବତୀୟ କଥାର ନିଦର୍ଶନ ଜୀବନର ଯାବତୀୟ କ୍ଷେତ୍ରରେ ଦେଖିବାକୁ ମିଳିଥାଏ, ସେଗୁଡ଼ିକୁ ଆମେ ସହିଷ୍ଣୁତାର ଏହି ଆଦର୍ଶଟିରହିଁ ଗୋଟିଏ ଗୋଟିଏ ଅଂଶ ବୋଲି କହିପାରିବା । ବିଜ୍ଞାନର କ୍ଷେତ୍ରରେ ମଧ୍ୟ, ଯେକୌଣସି ନୂତନ ସିଦ୍ଧି ପଛରେ ରହିଥିବା କେତେକେତେ କଠୋର ପରୀକ୍ଷା ଏବଂ କଷ୍ଟସ୍ୱୀକାର ଉପରେହିଁ ସକଳ ଅଗ୍ରଗତି ନିର୍ଭର କରି ରହିଥାଏ । ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଆମ ଆଶ୍ରମରେ ଆମେ ଯେଉଁ ବିରାଟ କାର୍ଯ୍ୟଟିର ସାଧନକୁ ହାତକୁ ନେଇଛୁ, ସେଥିରେ ଆମ ଲାଗି ମଧ୍ୟ ସହିଷ୍ଣୁତାର କୌଣସି କମ୍ ଆବଶ୍ୟକତା ରହିଛି ବୋଲି ମୋଟେ ବୁଝାଯାଇ ପାରିବ ନାହିଁ । ତୁମକୁ ନିଶ୍ଚିତ ଭାବରେ ଏହାହିଁ କରିବାକୁ ହେବ ଯେ ତୁମର ପ୍ରାଣିକ କୌଣସି ପ୍ରକାର ପ୍ରତିବାଦ କରିବାକୁ ଆରମ୍ଭ କରିବା ମାତ୍ରକେ ତୁମେ ତାକୁ ଭଲ କରି ପ୍ରହାରଟିଏ ଦେବା ଲାଗି ସମର୍ଥ ହେବ । କାରଣ, ଯେତେବେଳେ ଶରୀରର କ୍ଷେତ୍ରରେ କିଛି ଘଟୁଥିବ, ସେତେବେଳେ ବିଚାର କରିବାର ଏବଂ ସତର୍କତା ଅବଲମ୍ବନ

'oaob.nitrkl.ac.in' images reprocessed

କରିବାର ହୁଏତ କିଛି ଅବକାଶ ରହିଥିବ । ମାତ୍ର, ପ୍ରାଣିକର କ୍ଷେତ୍ରରେ, ଆଚ୍ଛା କରି ଗୋଟିଏ "ପ୍ରହାର" ଦେବା ହେଉଛି ପ୍ରକୃତ ଉପାୟ । ପ୍ରାଣିକ କୌଣସି ଅଭିଯୋଗ କଲେ ବା ହାହାରବ ମଚାଇଲେହିଁ ତୁମେ ତାକୁ ଏକ ପ୍ରହାର ଦେବ; କାରଣ ପରମ ଆଲୋକ ଏବଂ ପରମ ସତ୍ୟ ଲାଗି ବାସନା ନ ରଖି ଯେଉଁ କ୍ଷୁଦ୍ର ଚେତନା ପ୍ରାଣୀସୁଲଭ ଜୀବନର ନାନା ସୁଖ ଏବଂ ଆରାମ ଉପରେ ଏତେଗୁଡ଼ାଏ ମହତ୍ତ୍ୱ ଆରୋପ କରିବାରେ ଲାଗିଥାଏ, ତା'ର କବଳରୁ ବାହାରି ଆସିବା ଲାଗି ପ୍ରହାର ଦେବା ବ୍ୟତୀତ ଆଉ କୌଣସି ଉପାୟ ନାହିଁ ।

ସବୁଠାରୁ ଅଧିକ ସମୟରେ ଦେଖିବାକୁ ମିଳିଥାଏ ଯେ ପ୍ରାଣିକ ପ୍ରଶଂସା ପାଇବା ଲାଗି ଦାବି କରିବାରେ ଲାଗିଥାଏ । ପ୍ରାଣିକ କାହାଠାରୁ ସମାଲୋଚନା ଶୁଣିବାକୁ ମୋଟେ ଭଲ ପାଏ ନାହିଁ, ତା'ର ମହତ୍ତ୍ୱ ଓ ସମ୍ମାନକୁ ହାନି କଲାଭଳି ତାକୁ କେହି କୌଣସି ବ୍ୟବହାର କରୁ ବୋଲି ସେ ଆଦୌ ଇଚ୍ଛା କରେ ନାହିଁ । ମାତ୍ର, ତାହାକୁ ପ୍ରକୃତରେ ସକଳ ପ୍ରକାର ପ୍ରତିଘାତ ଲାଗି ସର୍ବଦା ପ୍ରସ୍ତୁତ ରହିବାକୁ ହେବ ଏବଂ ଦୃଢ଼ ସ୍ଥୈର୍ଯ୍ୟର ସହିତ ସେଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ । ପ୍ରଶଂସା ଲାଗି ମଧ୍ୟ ତାହା ଆଦୌ କୌଣସି ଦୃଷ୍ଟି ଦେବ ନାହିଁ; ଆତ୍ମସନ୍ତୋଷର ପ୍ରତ୍ୟେକଟି କିମ୍ବା ଯେ ମିଥ୍ୟାରୂପୀ ଦେବତାମାନଙ୍କର ବେଦୀ ପାଖରେ ଏକ ବଳି ଦେଇ ଆସିବା ସହିତ ସମାନ, ସେକଥାକୁ ସେ କେବେହେଲେ ଭୁଲିଯିବ ନାହିଁ । ପ୍ରାଣସ୍ତରର ଯେଉଁ ଶକ୍ତିମାନଙ୍କ ସହିତ ଆମ ପ୍ରାଣିକର ଖିଅଟି ଲାଗି ରହିଥାଏ, ସେହି ଶକ୍ତିମାନେ ଅବସ୍ଥାନ କରୁଥିବା ସୂକ୍ଷ୍ମ ଜଗତଟିର ସତ୍ତାମାନେ ସେମାନଙ୍କର ଉପାସକ ଓ ସ୍ତାବକମାନଙ୍କର ପୂଜା ଉପରେ ନିର୍ଭର କରିହିଁ ସମୃଦ୍ଧ ହେବାରେ ଲାଗିଥାନ୍ତି ଏବଂ ତେଣୁ ସେମାନେ ଅନୁକ୍ଷଣ ନାନା ନୂତନ ପୂଜାମାର୍ଗ ଓ ଧର୍ମକୁ ପ୍ରେରିତ କରି ଆଣୁଥାନ୍ତି, ଯେପରିକି ସେମାନଙ୍କର ପୂଜାପଦ୍ଧତିର ଆଡ଼ମ୍ବରମାନ କେବେହେଲେ ଶେଷ ହୋଇ ଯିବ ନାହିଁ । ସେହିପରି, ତୁମ ନିଜ ଜୀବନରେ ମଧ୍ୟ, ତୁମର ପ୍ରାଣିକ ସତ୍ତା ଏବଂ ତା'ପଛରେ ଯେଉଁ ପ୍ରାଣିକ ଶକ୍ତିସବୁ କାର୍ଯ୍ୟ କରୁଥାନ୍ତି, ସେମାନେ ଅନ୍ୟମାନଙ୍କର ତୋଷାମଦଗୁଡ଼ାକୁ ଆହାର କରିହିଁ ବଞ୍ଚି ରହିଥା'ନ୍ତି ଅର୍ଥାତ୍ ଆପଣାର ଅଜ୍ଞାନଟିକୁ ମୋଟା ଏବଂ ଆହୁରି ମୋଟା କରିବାରେ ଲାଗିଥାନ୍ତି । ମାତ୍ର, ତୁମକୁ ଏହି କଥାଟିକୁ ଅବଶ୍ୟ ସ୍ମରଣ ରଖିବାକୁ ପଡ଼ିବ ଯେ ଠିକ୍ ତୁମରି ସହିତ ସମାନ ଏକ ଅଜ୍ଞାନ ସ୍ତରରେ ରହିଥିବା ପ୍ରାଣୀମାନେ ତୁମକୁ ଯେଉଁସବୁ ପ୍ରଶଂସାବାକ୍ୟ ଶୁଣାଇବାରେ ଲାଗିଥାନ୍ତି, ସେଗୁଡ଼ିକରେ ପ୍ରକୃତରେ ଆଦୌ କୌଣସି ମୂଲ୍ୟ ନ ଥାଏ । ତୁମ ଉଦ୍ଦେଶ୍ୟରେ କରାଯାଉଥିବା ସମାଲୋଚନାଗୁଡ଼ାକର ଯେପରି କୌଣସି ମୂଲ୍ୟ ନ ଥାଏ, ଏହି ପ୍ରଶଂସାଗୁଡ଼ାକର ବି ସେହିପରି ଆଦୌ କୌଣସି ମୂଲ୍ୟ ନ ଥାଏ । ସେହି ପ୍ରଶଂସାଗୁଡ଼ିକ ଯେକୌଣସି ଛଳନାମୟ ଉତ୍ସରୁ

'oaob.nitrkl.ac.in' images reprocessed

ଉଦ୍‌ଭୂତ ହୋଇ ଆସିଥାନ୍ତି ପଛକେ, ସେଗୁଡ଼ିକୁ ଆମେ କେବଳ ବ୍ୟର୍ଥ ଏବଂ ଶୂନ୍ୟଗର୍ଭ ବୋଲିହିଁ କହିପାରିବା । ଅବଶ୍ୟ, ଦୁର୍ଭାଗ୍ୟବଶତଃ ଏକଥା ସତ ଯେ ଆମର ପ୍ରାଣିକ ସବୁଠାରୁ ସସ୍ତାପଣ୍ଣ ଯେକୌଣସି ଆହାର ଲାଗି ମଧ୍ୟ ଲାଳସୀ ହୋଇ ରହିଥାଏ ଏବଂ ଏତେ ଅଧିକ ପରିମାଣରେ ଲୋଭଗ୍ରସ୍ତ ହୋଇ ପଡ଼ିଥାଏ ଯେ ତାହା ଅଯୋଗ୍ୟତାର ଅବତାରମାନଙ୍କଠାରୁ ମଧ୍ୟ ପଦେ ପ୍ରଶଂସା ଶୁଣିବ ବୋଲି ଆକୁଳତା ପ୍ରକାଶ କରୁଥାଏ । ଏଠାରେ ମୋର ପାରିସ୍ ସହରରେ ଅନୁଷ୍ଠିତ ହେଉଥିବା ବାର୍ଷିକ କଳା-ପ୍ରଦର୍ଶନୀ କଥା ମନେ ପଡ଼ୁଛି । ସେହି ଅବସରରେ ଫ୍ରାନ୍‌ସର ରାଷ୍ଟ୍ରପତି ଛବିଗୁଡ଼ିକୁ ଦେଖିବା ଲାଗି ଆସନ୍ତି; ଏବଂ କୋଉଟି ଭୂଦୃଶ୍ୟର ଚିତ୍ର ଏବଂ କୋଉଟି ଏକ ରୂପଚିତ୍ର, ସେହି କଥାକୁ ସେ ଏତେ ପାଣ୍ଡିତ୍ୟ ଆବିଷ୍କାର କରିବାରେ ଲାଗିଥାନ୍ତି । କଳା ବିଷୟରେ ସତେଯେପରି ତାଙ୍କର ଏକ ଅତ୍ୟନ୍ତ ଘନିଷ୍ଠ ଅନ୍ତରାନୁସନ୍ଧାନସମର୍ଥ ଜ୍ଞାନ ରହିଛି, ସେହିପରି ଦେଖାଇ ହୋଇ ସେ ନୀରସ ସମୀକ୍ଷାମୂଳକ ସାମାନ୍ୟୋକ୍ତିମାନ କରିବାରେ ଲାଗିଥାନ୍ତି । ତାଙ୍କର ସେହି ମନ୍ତବ୍ୟଗୁଡ଼ିକ ଯେ କିପରି ମୂଲ୍ୟହୀନ ଓ ତାହା ଯେ କେତେ ଅଜ୍ଞାନତାର ପରିଚୟ ଦେଉଛି, ସ୍ୱୟଂ ଚିତ୍ରକାରମାନେ ସେହି କଥାଟିକୁ ଖୁବ୍ ଭଲ ଭାବରେ ଜାଣିଥାନ୍ତି, ଏବଂ ତଥାପି, ଆପଣାର ପ୍ରତିଭାକୁ ପ୍ରମାଣିତ କରିବା ଲାଗି ରାଷ୍ଟ୍ରପତିଙ୍କର ମନ୍ତବ୍ୟଟିକୁ ଉଦ୍ଧାର କରିବାର କୌଣସି ଅବସରକୁହିଁ ସେମାନେ କଦାପି ଭୁଲି ଯାଆନ୍ତି ନାହିଁ । କାରଣ, ବସ୍ତୁତଃ ମନୁଷ୍ୟସମୂହ ଭିତରେ ପ୍ରାଣିକତା ଏତେଦୂର ପ୍ରବଳ ହୋଇ ରହିଛି, ପ୍ରଶଂସା ଓ ଖ୍ୟାତି ଶୁଣିବା ଲାଗି ତାହା ପ୍ରକୃତରେ ଏତେଦୂର କ୍ଷୁଧାତୁର ହୋଇ ରହିଛି !

ଯାହା ପରମସତ୍ୟର ମତ, ତାହାହିଁ ହେଉଛି ପ୍ରକୃତ ମହତ୍ତ୍ୱପୂର୍ଣ୍ଣ, ତାହାରି ପ୍ରକୃତ ମୂଲ୍ୟ ରହିଛି । ଯଦି ଏପରି କେହି ବ୍ୟକ୍ତି ଆଆନ୍ତି ଯାହାଙ୍କର କି ଦିବ୍ୟ ପରମସତ୍ତା ସହିତ ସମ୍ପର୍କ ରହିଛି ଓ ସିଏ ତାହାକୁ ଅଭିବ୍ୟକ୍ତ ବି କରି ପାରୁଛନ୍ତି, ତେବେ ସିଏ ଯେଉଁ ମତାମତ ଦେଉଥିବେ, ସେଗୁଡ଼ିକୁ ଆଉ ଆମେ କେବଳ ପ୍ରଶଂସା କିଂବା ସମାଲୋଚନା ବୋଲି ଆଦୌ ବିଚାର କରି ପାରିବା ନାହିଁ । ଦିବ୍ୟ ପରମସତ୍ତା ତୁମ ବିଷୟରେ ପ୍ରକୃତରେ କ'ଣ ଭାବୁଛନ୍ତି, ତୁମର ଯାବତୀୟ ଗୁଣକୁ ସେ କିପରି କ'ଣ ମୂଲ୍ୟ ଦେଇ ଦେଖୁଛନ୍ତି, ତୁମର ଯାବତୀୟ ଉଦ୍ୟମକୁ ସେ ପ୍ରକୃତରେ କିପରି ବିଚାର କରୁଛନ୍ତି, ଆମେ ତାହାକୁ ସେହି ଦୃଷ୍ଟିରୁ ବିଚାର କରିବା । ପରମ ସତ୍ୟର ବଚନ ବ୍ୟତୀତ ତୁମେ ଆଉ କୌଣସି କଥାକୁହିଁ ସମ୍ମାନ ଦେଖାଇବ ନାହିଁ, ଏହାହିଁ ତୁମର ଅଭିଳାଷ ହୋଇ ରହିଥିବା ଉଚିତ । ଏବଂ, ଏହିପରି ଭାବରେ ଆପଣାର ବିବେକ ମାନଟିକୁ ଉଚ୍ଚୋଳିତ କରି ରଖି ପାରିବା ଲାଗି ତୁମକୁ ଅଗ୍ନିକୁ, ଅର୍ଥାତ୍ ଆତ୍ମା ମଧ୍ୟରେ ଜଳୁଥିବା ସେହି ରୂପାନ୍ତରକାମୀ ଶିଖାକୁ ସର୍ବଦା

'oaob.nitrkl.ac.in' images reprocessed

ପ୍ରଜ୍ୱଳିତ କରି ରଖିବାକୁ ହେବ । ଏହି କଥାଟି ପ୍ରକୃତରେ ଉଲ୍ଲେଖଯୋଗ୍ୟ ଯେ, ଯେତେବେଳେ ସେହି ଅଗ୍ନି ପ୍ରଜ୍ୱଳିତ ହୋଇଉଠେ, ତୁମେ ତତ୍କ୍ଷଣାତ୍, ଆଗରୁ ତୁମକୁ ଯାହା ଏତେବେଶୀ ଗୌରବର ବୋଧ ଆଣି ଦେଉଥିଲା, ସେହି ଯାବତୀୟ ଶସ୍ତା ପ୍ରଶଂସାକୁ ତୁମେ ହେୟଜ୍ଞାନ କରିବାକୁ ଆରମ୍ଭ କରିବ, ଏବଂ ସେହିସବୁ ପ୍ରଶଂସା ପ୍ରତି ରହିଥିବା ତୁମର ପ୍ରୀତିକୁ ଯେ ତୁମ ଅରୂପାନ୍ତରିତ ପ୍ରକୃତିର ଏକ ନିମ୍ନସ୍ତରୀୟ ଗତିସଞ୍ଚାର ବୋଲି କହିବାକୁ ହେବ, ତୁମେ ସେହି କଥାଟିକୁ ମଧ୍ୟ ବୁଝିବାକୁ ଲାଗିବ । ତୁମର ସମ୍ମୁଖରେ ସମ୍ଭାବ୍ୟ ଉନ୍ନତିସାଧନର କେତେକେତେ ବ୍ୟାପକ କ୍ଷେତ୍ର ଯେ ପ୍ରସାରିତ ହୋଇ ରହିଛି, ଅଗ୍ନି ତୁମକୁ ସେକଥାଟିକୁ ଦେଖି ପାରିବା ଲାଗି ତୁମର ଆଖି ଖୋଲିଦେବ, ତୁମକୁ ତୁମର ବର୍ତ୍ତମାନ ଅଯଥେଷ୍ଟତା ସମ୍ବନ୍ଧରେ ନିବିଡ଼ ଭାବରେ ସଚେତନ କରାଇଦେବ । ଅନ୍ୟମାନଙ୍କଠାରୁ ଗୁଣଗାନ ଶୁଣିଲେ ତେଣିକି ତୁମକୁ ଏତେବେଶୀ ବିରକ୍ତ ଲାଗିବ ଯେ, ଏକଦା ତୁମେ ଯେଉଁମାନଙ୍କୁ ହୁଏତ ଆପଣାର ବନ୍ଧୁବୋଲି ସ୍ୱୀକାର କରିଥିଲ, ବର୍ତ୍ତମାନ ସେମାନଙ୍କ ପ୍ରତି ତୁମେ ଏକ ଛିନ୍ନଭାବ ଅନୁଭବ କରିବ । ଏବଂ, ଅପର ପକ୍ଷରେ ଯାବତୀୟ ସମାଲୋଚନା ପରମ ସତ୍ୟ ଲାଗି ତୁମର ଯେଉଁ ଗର୍ବଶୂନ୍ୟ ଅଭୀପ୍ସା ରହିଛି, ତାହାରି ଲାଗିହିଁ ଏକ ସ୍ୱାଗତଯୋଗ୍ୟ ଇନ୍ଧନ ଯୋଗାଇଦେଇ ଯାଉଥିବ । ତେଣିକି ତୁମକୁ ଆଉ କୌଣସି କଥା ନିରସ ଲାଗିବ ନାହିଁ ଓ ଅନ୍ୟମାନଙ୍କର ଶତ୍ରୁତା ମଧ୍ୟ ତୁମକୁ କୌଣସି ପ୍ରକାରେ କ୍ଷୁବ୍ଧ ବି କରିଦେବ ନାହିଁ । କାରଣ, ତୁମେ ତେଣିକି ସେଗୁଡ଼ିକୁ ଆଦୌ କୌଣସି ପ୍ରକାରେ ବ୍ୟସ୍ତ ହୋଇ ନ ପଡ଼ି ଅନ୍ତତଃ ପ୍ରତ୍ୟାଖ୍ୟାନବା ଉପେକ୍ଷ କରିଦେଇ ପାରିବ । ଖୁବ୍ ବେଶୀହେଲେ ତୁମେ ତାହାକୁ ତୁମର ବର୍ତ୍ତମାନ ପୁନରୁଜ୍ଜୀବନ-ବଞ୍ଚିତ ଅବସ୍ଥାଟି ବିଷୟରେ ସଜ୍ଞାନ ହେବା ଲାଗି ତଥାପି ଆଉ ଗୋଟିଏ ପ୍ରମାଣରୂପେହିଁ ଗ୍ରହଣ କରିବ, ପରମ ଦିବ୍ୟସତ୍ତାଙ୍କ ପାଖରେ ନିଜକୁ ସମର୍ପିତ କରିଦେଇ ଆପଣାର ସୀମାଗୁଡ଼ିକୁ ଅତିକ୍ରମ କରି ଯିବା ପାଇଁ ତାହା ତୁମକୁ ଯଥେଷ୍ଟ ଉତ୍ସାହ ଦେଇଯିବ ।

ଅଗ୍ନିର ପ୍ରଭାବ ଦ୍ୱାରା ଯେ ତୁମର ପ୍ରାଣିକ ଅଂଶଟି ପ୍ରକୃତରେ ଏକ ନୂତନ ଭାବରେ ଦୀକ୍ଷିତ ହେଉଛି, ତାହାର ଆଉ ଗୋଟିଏ ସଙ୍କେତ ହେଉଛି ଯେ ତୁମେ ପ୍ରସନ୍ନ ବଦନରେ ଏଣିକି ଆପଣାର ଯାବତୀୟ ଅସୁବିଧା ଏବଂ ବାଧାର ସମ୍ମୁଖୀନ ହେବା ଲାଗି ସମର୍ଥ ହେବ । ତା'ପରେ ତୁମକୁ ଆଉ ହୁଣ୍ଡାଅଖା ଓ ପାଉଁଶ ଉପରେ ବସି ଆପଣାର ଭୁଲ୍‌ଗୁଡ଼ିକ ଉପରେ ରୋଦନ କରିବାକୁ ପଡ଼ିବ ନାହିଁ ଅଥବା ବର୍ତ୍ତମାନ ମୁହୂର୍ତ୍ତରେ ତୁମେ ଯଥେଷ୍ଟ ଅଗ୍ରଗତି କରି ପାରି ନାହଁ ବୋଲି ଆପଣାକୁ ଏକାବେଳେକେ ତଳେ ଆସି ପଡ଼ି ଯାଇଥିବା ପରି ଆଦୌ ଅନୁଭବ କରିବ ନାହିଁ । ତୁମେ କେବଳ ସହାସ୍ୟରେ ଯାବତୀୟ ବ୍ୟର୍ଥତାଭାବକୁ ଆପଣା ଭିତରୁ ନିକାଳିଦେଇ

'oaob.nitrkl.ac.in' images reprocessed

ପାରିବ । ସେତେବେଳେ ଶହ ଶହ ଭୁଲ୍ କରି ମଧ୍ୟ ତୁମେ ସେଥିରେ ବିଚଳିତ ହୋଇ ପଡ଼ିବ ନାହିଁ : ପ୍ରସନ୍ନ ମନରେ ତୁମେ ପ୍ରକୃତରେ ଭୁଲ୍ କରି ପକାଇଛ ବୋଲି ହୃଦୟଙ୍ଗମ କରିପାରିବ ଏବଂ ଭବିଷ୍ୟତରେ ତୁମେ ଆଉଥରେ ସେହି ଭୁଲ୍‌ଟିକୁ କରିବ ନାହିଁ ବୋଲି ଠିକ୍ ସେହିପରି ପ୍ରସନ୍ନ ଭାବରେହିଁ ନିଜ ପାଖରେ ସଂକଳ୍ପ କରିନେବ । ପ୍ରତିକୂଳ ଶକ୍ତିଗୁଡ଼ିକହିଁ ଯାବତୀୟ ନୈରାଶ୍ୟ ତଥା ବିଷାଦର ଜନକରୂପେ କାର୍ଯ୍ୟ କରିଥାନ୍ତି ଏବଂ ତୁମକୁ ଏକ ବିଷାଦପୂର୍ଣ୍ଣ ମ୍ରିୟମାଣ ମୁଦ୍ରା ଭିତରେ ଆଣି ନିକ୍ଷିପ୍ତ କରିଦେଇ ପାରିଲେହିଁ ସେମାନେ ସବୁଠାରୁ ଅଧିକ ଆନନ୍ଦିତ ହୋଇଥାନ୍ତି । ବିନୟ ଗୋଟାଏ କଥା, ଏବଂ ବିଷାଦ ବା ନୈରାଶ୍ୟ ସମ୍ପୂର୍ଣ୍ଣ ଭାବରେ ଆଉଗୋଟାଏ କଥା । ପ୍ରଥମଟିକୁ ଏକ ଦିବ୍ୟ ଗତ୍ୟାତ୍ମକତା ବୋଲି କୁହାଯିବ, ମାତ୍ର ଦ୍ୱିତୀୟଟିକୁ ଅନ୍ଧକାରମୟ ଅପଶକ୍ତିମାନଙ୍କର ଏକ ଅତ୍ୟନ୍ତ ଅଶୋଧିତ ଅଭିବ୍ୟକ୍ତି ବୋଲି କୁହାଯାଇ ପାରିବ । ତେଣୁ, ତୁମେ ସହାସ୍ୟ ବଦନରେହିଁ ନିଜର ଅସୁବିଧା-ଗୁଡ଼ିକର ସମ୍ମୁଖୀନ ହୁଅ, ରୂପାନ୍ତରର ମାର୍ଗରେ ଯେଉଁ ପ୍ରତିବନ୍ଧକଗୁଡ଼ିକ ତୁମର ମାର୍ଗ-ଅବରୋଧ କରି ରହିଛନ୍ତି, ତୁମେ ଠିକ୍ ସେହିପରି ସହାସ୍ୟ ବଦନରେହିଁ ସେଗୁଡ଼ିକର ବିରୋଧ କର । ଶତ୍ରୁର ମୁହଁ ଉପରେ ହସିଦେଇ ପାରିବାହିଁ ହେଉଛି ଶତ୍ରୁକୁ ବିନାଶ କରିବାର ସର୍ବୋତ୍ତମ ଉପାୟ । ତୁମେ ହୁଏତ ଦିନ ଦିନ ଧରି ତା' ସହିତ ଧସ୍ତାଧସ୍ତି କରୁଥିବ ଓ ତା' ସହିତ ଯୁଝିବାରେ ଲାଗିଥିବ, ମାତ୍ର ତଥାପି ତାହା ଅକ୍ଷୁଣ୍ଣବୀର୍ଯ୍ୟରେ ତୁମ ଆଗରେ ଠିଆହୋଇ ରହିଥିବ ! ମାତ୍ର ଥରେ ତାକୁ ଅନାଇ ହସିଦେବାକୁ ଚେଷ୍ଟା କର, ଦେଖିବ ସିଏ ଆଉ ସେଠି କଦାପି ରହିବ ନାହିଁ, ସଙ୍ଗେ ସଙ୍ଗେ ଦଉଡ଼ି ପଳାଇବ । ତୁମେ ପୂର୍ଣ୍ଣ ଆତ୍ମ-ବିଶ୍ୱାସର ସହିତ ଏହିପରି ହସି ପାରୁଥିବ ଏବଂ ଦିବ୍ୟ ପରମସତ୍ତାଙ୍କ ଉପରେ ଅଟଳ ବିଶ୍ୱାସ ରଖିଥିବ, —ତାହାହିଁ ତୁମକୁ ଯେଉଁ ଅପାର ବଳ ଆଣି ଦେଇଯିବ, ତୁମେ ତାହାରି ଦ୍ୱାରା ସବୁକୁ ପ୍ରତିହତ କରିଦେଇ ପାରିବ,— ତଦ୍ଦ୍ୱାରା ଶତ୍ରୁର ବ୍ୟୂହ କୁଆଡ଼େ ଛିନ୍ନଛତ୍ର ହୋଇଯିବ, ଶତ୍ରୁଶିବିରରେ ଆତଙ୍କ ଖେଳାଇଦେବ ଓ ତୁମକୁ ବିଜୟମଣ୍ଡିତ କରାଇ ଆଗକୁ ମଧ୍ୟ ନେଇଯିବ ।

ଯଥାର୍ଥ ଭାବରେ ଦୀକ୍ଷିତ ପ୍ରାଣିକ ଭାଗଟି ଉପଲବ୍ଧିର ପ୍ରତିଶ୍ରୁତିରେ ମଧ୍ୟ ଏକ ଆନନ୍ଦ ଅନୁଭବ କରିଥାଏ । ସେହି ପ୍ରତିଶ୍ରୁତି ସହିତ ଯେତେଯାହା ବାଧା ଓ ଅସୁବିଧା ଜଡ଼ିତ ହୋଇ ରହିଥାଏ, ସେଗୁଡ଼ିକୁ ସେ ପ୍ରସନ୍ନ ହୋଇ ଗ୍ରହଣ କରିଥାଏ; ପରମ ସତ୍ୟର ଆସ୍ୱାଦ ପାଇଲେ ଏବଂ ତା'ର ନିମ୍ନତର ପ୍ରକୃତିଟି ମଧ୍ୟରେ ରହିଥିବା ମିଥ୍ୟାର ଖେଳଟି ଆସି ପଦାରେ ପଡ଼ିଗଲେ ତାହା ହୁଏତ ସବୁଠାରୁ ଅଧିକ ଖୁସି ଅନୁଭବ କରେ । ଯିଏ ନିଜ ଜୀବନରେ କୌଣସି ଗୋଟାଏ ବୋଝ ବହନ କରୁଥିବା ପରି ସେ କଦାପି ଯୋଗସାଧନା କରୁ ନ ଥାଏ, ମାତ୍ର

ତାହାକୁ ସେ ଏକ ସୁଖକର କର୍ତ୍ତବ୍ୟ ରୂପେହିଁ ଗ୍ରହଣ କରିଥାଏ । ଆପଣାର ପରିବର୍ତ୍ତନ ଲାଗି ଆବଶ୍ୟକ ହେଉଥିବା ସବୁକିଛିକୁ ସେ ହସି ହସି ବରଣ କରିନିଏ । ସିଏ ଅଭିଯୋଗ କରେ ନାହିଁ, ବା ଆପତ୍ତି କରେ ନାହିଁ, ପ୍ରସନ୍ନ ରହି ସବୁ ସହ୍ୟ କରେ; କାରଣ କେବଳ ଦିବ୍ୟ ପରମସତ୍ତାଙ୍କ ସକାଶେହିଁ ସେ ତାହା କରୁଥାଏ । ଶେଷରେ ବିଜୟପ୍ରାପ୍ତି ଯେ ସୁନିଶ୍ଚିତ ହୋଇ ରହିଛି, ସେହି ବିଷୟରେ ତା'ର ଏକ ଅଟଳ ବିଶ୍ୱାସ ରହିଥାଏ । ଶ୍ରୀଅରବିନ୍ଦ ଯେଉଁ ପରମ ପରିବର୍ତ୍ତନର ସୂତ୍ରପାତ କରାଇଛନ୍ତି, ଶେଷରେ ତାହାହିଁ ଯେ ସଫଳତା ପ୍ରାପ୍ତ ହେବ, ସେହି ବିଷୟରେ ଆପଣାର ବିଶ୍ୱାସର କ୍ଷେତ୍ରରେ ସିଏ ଗୋଟାଏ ମୁହୂର୍ତ୍ତ ଲାଗି ମଧ୍ୟ କଦାପି ଏପାଖ-ସେପାଖ ହୁଏ ନାହିଁ । କାରଣ ତାହା ପ୍ରକୃତରେ ସତ୍ୟ; ଆମେ ହାତକୁ ନେଇଥିବା କାର୍ଯ୍ୟଟିର ସାଧନ ବିଷୟରେ ଆଦୌ କୌଣସିଠାରେହିଁ ଏତେ ଟିକିଏ ସନ୍ଦେହର କୌଣସି ଅବକାଶ ନାହିଁ । ଏହାକୁ ଆଉ କେବଳ ଗୋଟାଏ ପରୀକ୍ଷା ବୋଲି କଦାପି କୁହାଯିବ ନାହିଁ, କାରଣ ପରମ ଅତିମାନସର ଏକ ଅନିବାର୍ଯ୍ୟ ପରିପ୍ରକାଶ ରୂପେହିଁ ତାହା ଘଟିବ । ଯଥାର୍ଥ ଭାବରେ ଦୀକ୍ଷିତ ପ୍ରାଣିକ ଭାଗଟିକୁ ବିଜୟଲାଭ ବିଷୟରେ ଏକ ନିଶ୍ଚିତ ପୂର୍ବସୂଚନାହିଁ ମିଳିଯାଇଥାଏ; ତାହା ଅଗ୍ରଗତି ଲାଗି ଏପରି ଏକ ଇଚ୍ଛାକୁ କାର୍ଯ୍ୟକାରୀ କରି ରଖିଥାଏ ଯାହାକି କଦାପି ନିରସ୍ତ ହୁଏ ନାହିଁ । ଆପଣା ଭିତରେ ତାହା ସର୍ବଦା ଶକ୍ତି ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ପରି ଅନୁଭବ କରୁଥାଏ, ଯାହାକି ଦିବ୍ୟ ପରମସତ୍ତାଙ୍କର ବିଜୟ ଲାଭ କରିବା ବିଷୟରେ ରହିଥିବା ତା'ର ନିଶ୍ଚିତ ବିଶ୍ୱାସରୁହିଁ ଜନ୍ମଲାଭ କରିଥାଏ । ସେହି ପରମସତ୍ତାଙ୍କ ବିଷୟରେ ତାହା ଆପଣା ଭିତରେ ସର୍ବଦା ସଚେତନ ହୋଇ ରହିଥାଏ; ତା'ଭିତରେ ରହି ପ୍ରକୃତରେ ସେଇ ଯେ ଆବଶ୍ୟକ ସବୁକିଛି କରୁଛନ୍ତି ଓ ସେଇ ଯେ ଶତ୍ରୁମାନଙ୍କର ପ୍ରତିରୋଧ କରି ପରିଶେଷରେ ସେମାନଙ୍କ ଉପରେ ବିଜୟ ହାସଲ କରିବାର ଅମୋଘ ଶକ୍ତିଟିକୁ ଆଣି ତା'ଭିତରେ ଭରି ଦେଉଛନ୍ତି, ସେବିଷୟରେ ତାହା ସର୍ବଦା ସଜ୍ଞାନ ହୋଇ ରହିଥାଏ । ତେଣୁ ସେ ହତାଶା ଅନୁଭବ କରିବ କାହିଁକି, ଅଭିଯୋଗ କରିବାକୁ ଯିବ ବା କାହିଁକି ? ଉପସ୍ଥିତ ରୂପାନ୍ତରଟି ଅବଶ୍ୟ ଘଟିବାକୁ ଯାଉଛି : କେହି ତାହାକୁ ଅଟକାଇ ରଖିପାରିବ ନାହିଁ, ପରମ ସର୍ବଶକ୍ତିମାନଙ୍କର ପୂର୍ବନିର୍ଦ୍ଦିଷ୍ଟ ଇଚ୍ଛାଟିକୁ କେହି ଅନ୍ୟଥା କରିଦେଇ ପାରିବ ନାହିଁ । ତେଣୁ ଆପଣାର ସକଳ ଆତ୍ମଦର୍ଶିତ୍ୱ ଏବଂ ଦୁର୍ବଳତାକୁ ପଛରେ ପକାଇ ଦେଇଆସ, ଏହି ଦୀର୍ଘ ସମରକୁ ଏକ ସ୍ଥାୟୀ ବିଜୟଲାଭରେ ପରିଣତ କରିଦେଇପାରିବାର ସେହି ମହାନ୍ ଦିନଟି ଆସି ଉପସ୍ଥିତ ହେବା ପର୍ଯ୍ୟନ୍ତ ତୁମେ ସାହସର ସହିତ ଇତ୍ୟବସରରେ ସବୁକିଛି ସହ୍ୟ କରିବ ବୋଲି ଅବଶ୍ୟ ସଂକଳ୍ପବଦ୍ଧ ହୁଅ ।

'oaob.nitrkl.ac.in' images reprocessed

ମିଥ୍ୟା ଉପରେ ବିଜୟ

ଦୁର୍ଭାଗ୍ୟ ମନୁଷ୍ୟଜାତିଟା ଉପରେ ଆଜ ମିଥ୍ୟାର କେତେ କେତେ ଅଧିପତିଙ୍କର ପ୍ରାୟ ଏକ ସଂପୂର୍ଣ୍ଣ ଶାସନ ଜାରି ହୋଇରହିଛି । କେବଳ ନିମ୍ନତର ସ୍ତରରେ ରହିଥିବା ପ୍ରାଣୀଗଣ ନୁହେଁ, କେବଳ ସେହି ନିମ୍ନସ୍ତରୀୟ ପ୍ରାଣିକ ସତ୍ତାହିଁ ନୁହେଁ, ମଣିଷର ସମୁଦାୟ ମନଟିହିଁ ସେହି ଅଧିପତିମାନଙ୍କୁ ସ୍ୱୀକାର କରି ରହିଛି । ଅଗଣିତ ନାନା ଉପାୟରେ ଓ ମାର୍ଗରେ ସେମାନଙ୍କର ପୂଜା ଚାଲିଛି, କାରଣ ଆପଣା ଚରୁରତା ଏବଂ ଧୂର୍ତ୍ତତାର କ୍ଷେତ୍ରରେ ସେମାନେ ପ୍ରକୃତରେ ଅତି ଦକ୍ଷ ଓ ଅତି ସୂକ୍ଷ୍ମ ହୋଇ ରହିଛନ୍ତି ଏବଂ କେତେପ୍ରକାର ପ୍ରଲୋଭନକାରୀ କୌଶଳ ପ୍ରୟୋଗ କରି ସେମାନେ ଆପଣାର ଅଭିପ୍ରାୟଗୁଡ଼ିକୁ ସିଦ୍ଧ କରି ବାହାରିଛନ୍ତି । ଫଳରେ, ମନୁଷ୍ୟମାନେ ତାହାକୁ ସତେଅବା ଏକ ସମ୍ପଦ ବୋଲି ମଣି ସେମାନଙ୍କର ମିଥ୍ୟାଟି ଭିତରେ ଲାଗି ରହିଛନ୍ତି, ଜୀବନର ସୁନ୍ଦରତମ ବସ୍ତୁ-ଗୁଡିକ ଅପେକ୍ଷା ଏହି ମିଥ୍ୟାକୁ ସେମାନେ ସତେଅବା ଅଧିକ ଶ୍ରଦ୍ଧା କରିବାରେ ଲାଗିଛନ୍ତି । ସେହି ମିଥ୍ୟାଟିର ନିରାପତ୍ତା ବିଷୟରେ ଆଶଙ୍କାଯୁକ୍ତ ହୋଇ ସେମାନେ ତାହାକୁ ଆପଣାର କେଉଁ ନିଗୂଢ଼ ଗହ୍ୱର ଭିତରେ ନେଇ ପୋତି କରି ରଖିଛନ୍ତି; ମାତ୍ର, ସେଇଟିକୁ ସେଠୁ ବାହାରକରି ଆଣି ଦିବ୍ୟ ପରମସତ୍ତାଙ୍କ ପାଖରେ ସମର୍ପଣ କରି ନ ଦେବା ପର୍ଯ୍ୟନ୍ତ ସେମାନେ କଦାପି ଯଥାର୍ଥ ସୁଖର ଅଧିକାରୀ ହୋଇ ପାରିବେ ନାହିଁ ।

ବସ୍ତୁତଃ, ସେହି ମିଥ୍ୟାଟିକୁ ପଦାକୁ ବାହାର କରିଆଣି ତାହାକୁ ପରମ ଆଲୋକଟିର ସମ୍ମୁଖରେ ଦେଖାଇପାରିଲେ ତାହାହିଁ ଏକ ମହତ୍ତ୍ୱପୂର୍ଣ୍ଣ ନୂତନ-ଦୀକ୍ଷା ଗ୍ରହଣ କରି କାର୍ଯ୍ୟ କରିବ ଏବଂ ଚରମ ବିଜୟଟି ଲାଗି ବାଟ ଫିଟାଇ ଦେବ । କାରଣ, ପ୍ରତ୍ୟେକଟି ମିଥ୍ୟାର ଗଣ୍ଠି ଖୋଲିଦେଇ ତାହାକୁ ମୁକୁଳାଇ ଦେଖାଇ ପାରିବା ମଧ୍ୟ ନିଶ୍ଚିତ ଭାବରେ ଏକ ବିଜୟ; ଆମେ ଯେତେବେଳେ ଆମର କୌଣସି ଭୁଲ୍‌କୁ ଭୁଲ୍ ବୋଲି ସ୍ୱୀକାର କରିପାରୁଥିବା, ତଦ୍ୱାରା ପରମ ଅନ୍ଧକାର ମଧ୍ୟରେ ରାଜତ୍ୱ କରୁଥିବା କୌଣସି ଗୋଟିଏ ଅଧିପତିର ବିଶ୍ୱସ୍ତ ନିପାତ ଘଟୁଥିବ । ଏହି ସ୍ୱୀକାରଟି ହୁଏତ କେବଳ ଆପଣା ପାଖରେହିଁ ଏକ ସ୍ୱୀକାରରୂପେ ସଂଘଟିତ ହୋଇପାରେ, ମାତ୍ର ତାହା ସଂପୂର୍ଣ୍ଣ ସାଧୁତା ଦ୍ୱାରା ପ୍ରେରିତ ହୋଇଥିବା ଆବଶ୍ୟକ ଏବଂ ଏପରି ଏକ ମାମୁଲି ଦୁଃଖପ୍ରକାଶହିଁ ହେବା ଉଚିତ ନୁହେଁ ଯାହାକୁ କି ପର-ମୁହୂର୍ତ୍ତରେ ପାସୋରି ଦିଆଯାଇ ପାରିବ ଏବଂ ତା'ପଛରେ ଏପରି କୌଣସି ବଳ

'oaob.nitrkl.ac.in' images reprocessed

ନ ଥିବ ଯାହାକି ସେହି ଭୁଲ୍‌ର ଆଉ ପୁନରାବୃତ୍ତି ନ କରିବାକୁ ଏକ ଅଲଙ୍ଘ୍ୟ ସଂକଳ୍ପ ଦ୍ୱାରା ନିବଦ୍ଧ ହୋଇ ନ ଥିବ । ଅଥବା, ଗୁରୁଙ୍କ ମଧ୍ୟରେ ମୂର୍ତ୍ତି ରୂପ ଧାରଣ କରି ରହିଥିବା ଦିବ୍ୟ ପରମସତ୍ତାଙ୍କ ପାଖରେ ମଧ୍ୟ ଏହି ସ୍ୱୀକାରଟିକୁ କରାଯାଇ-ପାରେ । ଗୁରୁଙ୍କ ପାଖରେ ପ୍ରତ୍ୟକ୍ଷ ଭାବରେ ବ୍ୟକ୍ତିଗତ ସ୍ୱୀକାରୋକ୍ତିଟିକୁ କରି ପାରିଲେ ତୁମର ସଂକଳ୍ପ କେବଳ ତୁମରି ସଂକଳ୍ପ ହୋଇ କଦାପି ରହିବ ନାହିଁ; କାରଣ, ଯଦି ତୁମ ଭିତରେ ପ୍ରକୃତ ଆନ୍ତରିକତା ରହିଥିବ, ତେବେ କେବଳ ତୁମରି ପକ୍ଷରେହିଁ ପରମସତ୍ତାଙ୍କର ଆଦେଶ ଉଦ୍ଦିଷ୍ଟ ହୋଇ ରହିଥିବ । ଏହାର ତାତ୍ପର୍ଯ୍ୟ ବିଷୟରେ ତୁମକୁ ଏକ ଧାରଣା ଦେବାକୁ ଯାଇ ମୁଁ ଶ୍ରୀଅରବିନ୍ଦଙ୍କ ସହିତ ପଣ୍ଡିଚେରୀଠାରେ ପ୍ରଥମବାର ସାକ୍ଷାତ କରିବା ସମୟର ମୋର ଏକ ଅଭିଜ୍ଞତାକୁ ଏଠାରେ ତୁମମାନଙ୍କ ପାଖରେ ବର୍ଣ୍ଣନା କରି କହିବ । ମୁଁ ଆପଣାକୁ ଗଭୀର ଭାବରେ ଅଭିନିବିଷ୍ଟ କରାଇ ରଖିଥିଲି, ଅଧିମାନସର ସୋପାନରୁହିଁ ସବୁକିଛୁ ଉପରେ ଦୃଷ୍ଟିପାତ କରୁଥିଲି; ଯେଉଁସବୁ ବସ୍ତୁର ପ୍ରକାଶ ଘଟିବ ବୋଲି ଅଭିପ୍ରେତ ହୋଇ ରହିଥିଲା ଅଥଚ କୌଣସି କାରଣରୁ ତଥାପି ପ୍ରକାଶିତ ହୋଇପାରୁ ନଥିଲା, ମୁଁ ସେହି ବସ୍ତୁଗୁଡ଼ିକ ଉପରେ ଦୃଷ୍ଟିପାତ କରୁଥିଲି । ମୁଁ ଯାହାସବୁ ଦେଖିଲି, ଶ୍ରୀଅରବିନ୍ଦଙ୍କ ଆଗରେ ତାହା ବର୍ଣ୍ଣନା କରି କହିଲି, ଏବଂ ସେହିସବୁ ବସ୍ତୁର ପ୍ରକୃତରେ ଅଭିବ୍ୟକ୍ତ ଘଟିବ କି ନାହିଁ, ତାଙ୍କୁ ସେକଥା ପଚାରିଲି । ସିଏ କେବଳ "ହଁ" ବୋଲି କହିଲେ । ଏବଂ ମୁଁ ତତ୍‌କ୍ଷଣାତ୍ ଅଧିମାନସ ଆସି ଧରଣୀକୁ ସ୍ପର୍ଶ କରିଥିବାର ଏବଂ ଉପଲବ୍ଧ ହେବାକୁ ଆରମ୍ଭ କରିଥିବାର ଦେଖିବାକୁ ପାଇଲି ! ଯାହା ସତ୍ୟ, ଜୀବନରେ ପ୍ରଥମଥର ପାଇଁ ମୁଁ ତାହାକୁ ବାସ୍ତବରେ ପରିଣତ କରିବାର ଯଥାର୍ଥ ଶକ୍ତିଟିକୁ ପ୍ରତ୍ୟକ୍ଷ କରିଥିଲି । ଠିକ୍ ସେହିପରି, ଯେତେବେଳେ ତୁମେ ସମ୍ପୂର୍ଣ୍ଣ ଆନ୍ତରିକତା ସହିତ ଅଗ୍ରସର ହୋଇ ଆସିପାରିବ ଏବଂ "ମୁଁ ଏହି ମିଥ୍ୟାଟିର ହାତରୁ ନିଷ୍କୃତି ଲାଭ କରିବାକୁ ଇଚ୍ଛା କରୁଛି" ବୋଲି କହିପାରିବ, ସେତେବେଳେ ଠିକ୍ ସେହି ଶକ୍ତି ତୁମଭିତରେ ମଧ୍ୟ ଉପସ୍ଥିତ ସତ୍ୟଟିର ଉପଲବ୍ଧିକୁ ସମ୍ଭବ କରାଇ ଆଣିବ ଏବଂ ତୁମେ ତାଙ୍କଠାରୁ "ହଁ" ବୋଲି ଉତ୍ତର ପାଇଯିବ ।

'oaob.nitrkl.ac.in' images reprocessed

ଯୋଗମାର୍ଗରେ ଅସୁବିଧା

ତୁମ ଅସୁବିଧାଟିର ସ୍ୱଭାବଟିରୁ ତୁମେ ହାସଲ କରିବାକୁ ଚାହୁଁଥିବା ବିଜୟଟିର ସ୍ୱତନ୍ତ୍ର ସ୍ୱଭାବଟିରହିଁ ସୂଚନା ମିଳୁଛି; ଯୋଗମାର୍ଗରେ ତୁମେ ଯେଉଁ ବିଜୟଟିର ନିଦର୍ଶନ ହୋଇ ରହିବ, ତାହାରି ସୂଚନା ମିଳୁଛି । ଏହିପରି ଭାବରେ, ଯଦି ତୁମ ଭିତରେ ଏକ ସ୍ୱାର୍ଥପରତା ଅବାରିତ ହୋଇ ରହିଥାଏ, ତେବେ ଭବିଷ୍ୟତରେ ଆପଣାର ପ୍ରଧାନତମ ଉପଲବ୍ଧି ହିସାବରେ ତୁମେ ଯେ ଏକ ବିଶ୍ୱମୟତାର ଉପଲବ୍ଧି କରିବାକୁ ଯାଉଛ, ସେଥିରୁ ତାହାର ସୂଚନା ମିଳିବ । ଏବଂ, ଯେତେବେଳେ ତୁମ ଭିତରେ ସ୍ୱାର୍ଥପରତାର ଏକ ଭାବ ରହିଛି, ସେଥିରୁ ଅବଶ୍ୟ ସୂଚନା ମିଳୁଛି ଯେ ଏହି ଅସୁବିଧାଟିକୁ ତା'ର ବିପରୀତ ଏକ ବସ୍ତୁରେ ପରିଣତ କରିବାର ଶକ୍ତିଟି ମଧ୍ୟ ତୁମ ଭିତରେ ରହିଛି, ତୁମ ଜୀବନରେ ପୂର୍ଣ୍ଣ ପ୍ରଶସ୍ତତା ଲାଗି ବିଜୟ ହାସଲ କରିବାର ଶକ୍ତି ତୁମଠାରେ ରହିଛି ।

ଯେତେବେଳେ ତୁମେ କୌଣସି ବସ୍ତୁର ଉପଲବ୍ଧି କରି ବାହାରିଛ, ସେତେବେଳେ ତୁମ ଭିତରେ ହୁଏତ ଏପରି ଏକ ଲକ୍ଷଣ ରହିଥିବ ଯାହାକି ଠିକ୍ ସେହି ବସ୍ତୁର ଉପଲବ୍ଧି ଲାଗି ଗୋଟାସୁଦ୍ଧା ବିରୋଧ ପ୍ରକଟ କରୁଥିବ । ସେହି ଅଭାବ ଅଥବା ଅସୁବିଧାଟିର ସମ୍ମୁଖୀନ ହୋଇ ତୁମେ ହୁଏତ "ଆରେ, ମୁଁ କ'ଣ ପ୍ରକୃତରେ ଏହିପରି ? ତାହା ସତରେ କେଡ଼େ ଦୁଃଖର କଥା !" ବୋଲି କହିବାରେ ଲାଗିଥିବ । ମାତ୍ର, ସେହି କ୍ଷେତ୍ରରେ ବାସ୍ତବ ଅବସ୍ଥାଟି ଉପରେ ସମୁଚିତ ଭାବରେ ଅବଲୋକନ କରିବା ହେଉଛି ତୁମର କର୍ତ୍ତବ୍ୟ । ଯେତେବେଳେ ତୁମେ ନିଜେ ନିଜକୁ କହିବ, "ମୋର ଅସୁବିଧାଟି, ସର୍ବଶେଷରେ ମୋର ଯାହା ପ୍ରକାଶ କରିବାକୁ ଅଛି ସେଇଟିକୁ ପରିଷ୍କାର ଭାବରେ ମୋତେ ଦେଖାଇ ଦେଇ ଯାଉଛି । ମେରୁଟିର ଅପର ପାର୍ଶ୍ୱରେ ଯାହା ରହିଛି, ମୋର ଏହି ଅଭାବଟିର ସମ୍ପୂର୍ଣ୍ଣ ବିପରୀତ ବସ୍ତୁ ବୋଲି ଯାହାକୁ କୁହାଯାଇ ପାରିବ, —ମୋର ପ୍ରକୃତରେ ତାହାହିଁ ଲକ୍ଷ୍ୟ ।"

ସାଧାରଣ ଜୀବନର କ୍ଷେତ୍ରରେ ମଧ୍ୟ, ଆମକୁ ଠିକ୍ ଏହିପରି ବିପରୀତ-ଗୁଡ଼ିକର ଅନୁଭୂତି ଉପଲବ୍ଧ ହୋଇଥାଏ । ଯିଏ ସାଧାରଣତଃ ଜଣେ ଭୀତ ସ୍ୱଭାବର ଲୋକ ହୋଇ ରହିଥାଏ ଏବଂ ପରିସ୍ଥିତିଗୁଡ଼ିକର ସମ୍ମୁଖୀନ ହେବା ଲାଗି ଯାହାର ସାଧାରଣତଃ ସାହସ ନ ଥାଏ, ସେହି ବ୍ୟକ୍ତିହିଁ ନିଜକୁ ସବୁଠାରୁ ଅଧିକ

'oaob.nitrkl.ac.in' images reprocessed

ସହ୍ୟ କରିବାର ଓ ସବୁଠାରୁ ଅଧିକର ସମ୍ମୁଖୀନ ହେବାର ଯୋଗ୍ୟ ବୋଲି ପ୍ରମାଣ କରିଥାଏ !

ଯେଉଁ ବ୍ୟକ୍ତି ନିଜ ଭିତରେ ଦିବ୍ୟ ପରମ ସତ୍ତାଙ୍କ ଲାଗି ଅଭୀପ୍ସା ରଖିଛି, ଏବଂ ଅନ୍ୟ ଦିଗରେ ଯେଉଁ ବାଧା ନିରନ୍ତର ତା'ଆଗରେ ଦଣ୍ଡାୟମାନ ହୋଇ ରହିଛି—ଦିବ୍ୟ ପରମ ସତ୍ତାଙ୍କୁ ଲାଭ କରିବା ନିମନ୍ତେ ତାହା ହେଉଛି ତା'ର ଦ୍ୱାର ସ୍ୱରୂପ ଏବଂ ଏହି ବାଧାଗୁଡ଼ିକ ତା'ର ବ୍ୟକ୍ତିଗତ ପ୍ରକୃତି ଅନୁସାରେ ଆସିଥାଏ । ଭଗବତ୍ ପରମ ଉପଲବ୍ଧି ନିମନ୍ତେ ଆମେ ତାହାକୁହିଁ ତାହାର ନିର୍ଦ୍ଦିଷ୍ଟ ପଥ ବୋଲି ଜାଣିବା ।

ପୁନଶ୍ଚ, ଆମେ ଏହି ସତ୍ୟଟିକୁ ମଧ୍ୟ ଜାଣି ରଖିବା ଯେ, ଯଦି କୌଣସି ବ୍ୟକ୍ତିର ପଥରେ ଶହେଟା ଅସୁବିଧା ରହିଛି, ତେବେ ତାହାର ପ୍ରକୃତ ଅର୍ଥ ହେଉଛି ଯେ ତାହାର ଉପଲବ୍ଧି ପ୍ରକୃତରେ ଏକ ଅଦ୍ଭୁତ ଓ ବିରାଟ ଉପଲବ୍ଧି ହେବାକୁ ଯାଉଛି । ହଁ, ଏଥିଲାଗି କେବଳ ଗୋଟିଏ ମାତ୍ର ସର୍ତ୍ତ ରହିଥିବ ଯେ ତା' ଭିତରେ ଆବଶ୍ୟକ ଧୈର୍ଯ୍ୟ ଏବଂ ସହନଶକ୍ତି ରହିଥିବ ଏବଂ ସେହି ଅସୁବିଧା ଓ ଅଭାବଗୁଡ଼ିକ ବିରୁଦ୍ଧରେ ସେ ନିଜର ଅଭୀପ୍ସାକାଙ୍କ୍ଷା ଅଗ୍ନିଶିଖାଟିକୁ ସର୍ବଦା ପ୍ରଜ୍ୱଳିତ କରି ରଖିଥିବ ।

ଏବଂ, ମନେ ରଖିବାକୁ ହେବ : ତୁମର ଅସୁବିଧା ଓ ବାଧାଗୁଡ଼ିକର ଅନୁପାତରେହିଁ ସାଧାରଣତଃ ତୁମେ ଦିବ୍ୟ ପରମସତ୍ତାଙ୍କର କରୁଣାର ଅଧିକାରୀ ହୋଇପାରିବ ।

'oaob.nitrkl.ac.in' images reprocessed

ପ୍ରାଣିକରେ ପରିବର୍ତ୍ତନ ଘଟାଇବା, ପୁନର୍ଜନ୍ମ ଏବଂ ବ୍ୟକ୍ତିଗତ ଉତ୍ତରଜୀବନ

ତୁମର ପ୍ରାଣିକ ବଦଳିଯିବା ଲାଗି ଯେ ସମ୍ମତ ହେବ, ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ନୂତନ ପରିବର୍ତ୍ତନଟିକୁ କିପରି ଗ୍ରହଣ କରିବାକୁ ହୁଏ, ପ୍ରାଣିକ ତାହା ଅବଶ୍ୟ ଶିକ୍ଷା କରିବ । ପ୍ରାଣିକକୁ ପ୍ରାଣିକ ହୋଇ ରହିଥିବା ସକାଶେ ନିନ୍ଦିତ କରି ଦେଖିବାର ଆଦୌ କୌଣସି କାରଣ ନାହିଁ । ବସ୍ତୁତଃ, ଯାବତୀୟ ଶକ୍ତି, ଯାବତୀୟ ଗତିଶୀଳତା ଓ ଆଗକୁ ଯିବାର ଯାବତୀୟ ପ୍ରଚୋଦନା,—ସବୁ ସେହି ପ୍ରାଣିକରୁହିଁ ଆସିଥାଏ । ସେସବୁର ଅନୁପସ୍ଥିତିରେ ତୁମେ ହୁଏତ ଶାନ୍ତ, ବିବେକୀ ଏବଂ ଅନାସକ୍ତ ହୋଇ ରହିପାରିବ ସତ, ମାତ୍ର ସେପରି ଅବସ୍ଥାରେ ତୁମେ ଗୋଟାସୁଦ୍ଧା ଅଚଳ ହୋଇ ରହିଥିବ ଏବଂ ସମ୍ପୂର୍ଣ୍ଣ ସୃଜନସାମର୍ଥ୍ୟହୀନ ହୋଇ ରହିବ । ସେତେବେଳେ ତୁମର ଶରୀର ସତେଅବା ଗୋଟାଏ ପଥର ପରି ଜୀବନହୀନ ହୋଇ ରହିଥିବ, କାରଣ ପ୍ରାଣିକରୁ ତା'ଭିତରକୁ ଆଉ କୌଣସି ଶକ୍ତି ସଞ୍ଚାରିତ ହେଉ ନ ଥିବ । ପ୍ରାଣିକକୁ ବାଦ୍ ଦେଲେ ତୁମେ କଦାପି କିଛି ହେଲେ ଉପଲବ୍ଧି କରିପାରିବ ନାହିଁ । ମାତ୍ର ଯେକୌଣସି ଶକ୍ତିଶାଳୀ ଘୋଡ଼ା ପରି ପ୍ରାଣିକ ମଧ୍ୟ ଦୁର୍ଦ୍ଦାନ୍ତ ହୋଇପଡ଼ିବାର ଏକ ଆଶଙ୍କା ସବୁବେଳେ ରହିଥିବ ଏବଂ ତେଣୁ ତା'ପାଇଁ ଏକ ଉତ୍ତମ ନିୟନ୍ତ୍ରଣର ଆବଶ୍ୟକତା ମଧ୍ୟ ରହିଥିବ । ତୁମକୁ ଆପଣାର ଲଗାମଗୁଡ଼ିକୁ ଓ ବେତଟିକୁ କଷିକରି ଧରିବାକୁ ହେବ, ଯେପରିକି ସେହି ଶକ୍ତିଶାଳୀ ପଶୁଟିକୁ ସ୍ୱିବାମାତ୍ରକେହିଁ ଆୟତ୍ତରେ ରଖିପାରିବ । ଅବଶ୍ୟ ଏକଥା ସତ ଯେ ରୂପାନ୍ତରିତ ହେବାଲାଗି ପ୍ରାଣିକ ଥରେ ସମ୍ମତ ହୋଇଗଲେ ଆଉ ଲଗାମ କଷି ଧରିବାର ଅଥବା ବେତ ଧରି ପ୍ରହାରଲାଗି ଉଦ୍ୟତ ହୋଇ ରହିବାର ମଧ୍ୟ ଆଉ କୌଣସି ପ୍ରୟୋଜନ ନ ଥିବ । ସେତେବେଳେ ତୁମେ ଅବାଧରେ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୋଇ ଯାଇପାରିବ; ବାଟରେ ଯେଉଁସବୁ ପ୍ରତିବନ୍ଧକ ଆସୁଥିବ, ସେଗୁଡ଼ିକୁ ତୁମେ ଅବଲୀଳାକ୍ରମେ ଡେଇଁଯାଇ ପାରୁଥିବ । ତା' ନ ହେଲେ, ପ୍ରତିବନ୍ଧକ ଆସିଲେ ପ୍ରାଣିକ ହୁଏତ ଝୁଣ୍ଟିକରି ଯାଇ ତା' ଉପରେ ପଡ଼ିଯିବ ଅଥବା ସେହି ପ୍ରତିବନ୍ଧକଗୁଡ଼ିକୁ ଡେଇଁଯିବା ଲାଗି ଏକାନ୍ତ ସଙ୍କୋଚ ପ୍ରକାଶ କରୁଥିବ । କୌଣସି ପ୍ରତିବନ୍ଧକ ନ ଥିଲେ

'oaob.nitrkl.ac.in' images reprocessed

ପ୍ରକୃତରେ ଖୁବ ଭଲ ହୋଇଥାନ୍ତା ବୋଲି ଭାବିଲେ ତଦ୍ଦ୍ୱାରା ଆଦୌ କୌଣସି ଫଳ ମିଳିବ ନାହିଁ । ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ଆମେ ବାଛି ନେଇଥିବାର ଗୋଟିଏ ଅଂଶ ବୋଲି ହିଁ ଗ୍ରହଣ କରିବା, ଏବଂ ଯଦି ଏହି ଜୀବନରେ ଆମେ ସେଗୁଡ଼ିକର ସମ୍ମୁଖୀନ ହୋଇ ସେଗୁଡ଼ିକୁ ପାରି ହୋଇ ନ ପାରିବା, ତେବେ ଅନ୍ୟ ନାନା ଭୂମିରେ ଏବଂ ଅନ୍ୟ ଜନ୍ମଗୁଡ଼ିକରେ ଆମକୁ ଶହେଗୁଣ ଅଧିକ ପ୍ରବଳ କେତେକେତେ ବାଧାକୁ ଅତିକ୍ରମ କରିବାକୁ ପଡ଼ିବ । ତେଣୁ, ସର୍ବୋତ୍ତମ କଥାଟି ହେଉଛି ଯେ ତୁମେ ଆପଣା ମନରେ ଏକ ଦୃଢ଼ ଓ ସ୍ଥିର ନିଷ୍ପତ୍ତି କରିନେବ ଏବଂ ତୁମେ ଏଇଟି ଶରୀରଧାରଣ କରି ରହିଥିବା ସମୟରେ ଆପଣାର ପ୍ରାଣିକକୁ ଦଉଡ଼ିବା ଲାଗି ତାଲିମ କରିନେବ । ଏବଂ, ଯଦି ସମ୍ଭବ ହୁଏ, ସେହି ଦଉଡ଼ରେ ଜୟଲାଭ କରିବା ଲାଗି ମଧ୍ୟ ତୁମେ ତାହାକୁ ପ୍ରସ୍ତୁତ କରିନେବ । ଏବଂ, ଯଦି ସମ୍ଭବ ହୁଏ, ସେହି ଦଉଡ଼ରେ ଜୟ ଲାଭ କରିବା ଲାଗି ମଧ୍ୟ ତୁମେ ତାହାକୁ ପ୍ରସ୍ତୁତ କରିନେବ । ଯଦି ତୁମର ଭୌତିକ ମଧ୍ୟ ଆପଣାକୁ ଯଥୋଚିତ ଭାବରେ ସଂଶୋଧିତ କରି ନେବାକୁ ସମର୍ଥ ହୁଏ ଏବଂ ପ୍ରାଣିକକୁ ମଧ୍ୟ ତାହାର ପରିବର୍ତ୍ତନରେ ବି ସହାୟତା କରେ, ତେବେ ତୁମେ ନିଶ୍ଚୟ ଜୟଲାଭ କରିବ । ମାତ୍ର, ତାହା ନ କରି ଯଦି ସେହି ମନ ସତେଅବା ଗୋଟାଏ ଚୋରର ଭୂମିକାରେ ଯାଇ ଅବତୀର୍ଣ୍ଣ ହୁଏ ଏବଂ ସିଏ ଜଣକର ଦେହକୁ ମାଡ଼ି ଧରିଥିଲା ବେଳେ ତା'ର ସହାପରାଧୀ ଅନ୍ୟ ଚୋରଟି ଯଦି ସେହି ବ୍ୟକ୍ତିର ଧନସମ୍ପତ୍ତି ଲୁଟି ନେବାରେ ଲାଗିଥାଏ, ତେବେ କୌଣସି ବିଜୟ ସମ୍ଭବ ହେବ ନାହିଁ ।

ଏଠାରେ ଏହି ଜନ୍ମରେ ତୁମର ପ୍ରାଣିକ ଭାଗଟି ଯଥାର୍ଥ ଭାବରେ ପରିବର୍ତ୍ତିତ ହୋଇପାରିଛି କି ନାହିଁ, ମୃତ୍ୟୁପରେ ତୁମ ସତ୍ତ୍ୱର କି ଦଶା ହେବ, ଏହି କଥାଟି ତାହାରି ଉପରେ ନିର୍ଭର କରିବ । ଯଦି ତୁମେ କେବଳ ଅସଂଗଠିତ ନାନା ଆବେଗ ଓ ବାସନାର ଗୋଟାଏ ଝାଟୁଆମୁଣି ପରି ହୋଇ ରହିଥିବ, ତେବେ, ଯେତେ-ବେଳେ ମୃତ୍ୟୁ ସମୟରେ ତୁମର ଚେତନା ଆପଣାକୁ ଅନ୍ତସ୍ଥଳକୁ ଅପସାରିତ କରିନେବ, ସେତେବେଳେ ତୁମ ଭିତରେ ରହିଥିବା ବିଭିନ୍ନ ବ୍ୟକ୍ତିତ୍ୱ ଖଣ୍ଡ ଖଣ୍ଡ ହୋଇ ଅଲଗା ହୋଇଯିବେ ଏବଂ ଆପଣା ଲାଗି ଗୋଟିଏ ଗୋଟିଏ ଅନୁକୂଳ ବାତାବରଣ ବାଛି ନେବା ଲାଗି ଏଣେତେଣେ ଧାଇଁବାକୁ ଆରମ୍ଭ କରିବେ । ଗୋଟିଏ ଭାଗ ହୁଏତ ଏପରି ଜଣେ ବ୍ୟକ୍ତିର ମଧ୍ୟରେ ଯାଇ ପ୍ରବେଶ କରିବ, ଯାହା ସହିତ ତାହାର ଏକ ସାଦୃଶ୍ୟ ରହିଥିବ । ଆଉ ଗୋଟିଏ ଭାଗ ହୁଏତ କୌଣସି ଇତରପ୍ରାଣୀ ମଧ୍ୟରେ ଯାଇ ପ୍ରବେଶ କରିବ; ଏବଂ, ଯେଉଁ ଭାଗଟି ଭଗବତ୍-ପରମ ଉପସ୍ଥିତି ବିଷୟରେ ସଚେତନ ହୋଇ ରହିଥିଲା, ତାହା କେନ୍ଦ୍ରସ୍ଥ ଚୈତ୍ୟ ସତ୍ତାଟି ସହିତ ଯୋଡ଼ିହୋଇ ରହିଥିବ । ମାତ୍ର, ଯଦି ତୁମେ ପୂର୍ଣ୍ଣ ରୂପେ ସଂଗଠିତ

'oaob.nitrkl.ac.in' images reprocessed

ହୋଇପାରିଥିବ ଏବଂ ଆପଣାକୁ ଜଣେ ଏକକ ବ୍ୟକ୍ତିରୂପେ ନିର୍ମାଣ କରିପାରିଥିବ, ଯଦି ତୁମେ ଆପଣା ବିବର୍ତ୍ତନର ଲକ୍ଷ୍ୟ ସ୍ଥଳରେ ଯାଇ ପହଞ୍ଚିବା ଲାଗି ଦୃଢ଼ସଙ୍କଳ୍ପ ହୋଇ ରହିଥିବ, ତେବେ ମୃତ୍ୟୁ ପରେ ମଧ୍ୟ ତୁମେ ନିଶ୍ଚୟ ସଚେତନ ହୋଇ ରହିବ ଏବଂ ଏକ ଅବିଚ୍ଛିନ୍ନତା ରକ୍ଷା କରିପାରିବ ।

ପୁନର୍ଜନ୍ମ ବିଷୟରେ କହିବାକୁ ଯାଇ ଆମକୁ ଏହି କଥାଟି ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ସବୁ ବ୍ୟକ୍ତିଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇ ପାରିବା ଭଳି ଆମ ପାଖରେ ଆଦୌ କୌଣସି ସାଧାରଣ ନିୟମ ନାହିଁ । ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ଯାଇ ଆଉ ଥରେ ଜନ୍ମ ହୁଅନ୍ତି । ମାତାପିତାଙ୍କ କ୍ଷେତ୍ରରେ ଅନେକ ସମୟରେ ଏହି କଥାଟି ଘଟିଥାଏ ଯେ, ସେମାନଙ୍କ ଅସ୍ତିତ୍ୱର ଗୋଟିଏ ଅଂଶ ସେମାନଙ୍କର ପିଲାମାନଙ୍କ ମଧ୍ୟରେ ଯାଇ ପ୍ରବିଷ୍ଟ ହୁଏ । ପିଲାମାନେ ଯଦି ତାଙ୍କ ମାଆବାପାଙ୍କ ପ୍ରତି ଖୁବ୍ ଅନୁରକ୍ତ ହୋଇ ରହିଥାନ୍ତି, ତେବେ ଏହିପରି ଘଟେ । ଆଉମାନେ ଅଛନ୍ତି, ଯେଉଁମାନେ କି ପୁନର୍ଜନ୍ମ ଲାଭ କରିବାକୁ ଶତାବ୍ଦୀ ଶତାବ୍ଦୀ ବା ଏପରିକି ହଜାର ହଜାର ବର୍ଷ ଲାଗିଯାଏ । ସେମାନେ ଯେଉଁ ପରିବେଶଟିକୁ ଅନୁକୂଳ ବୋଲି ବିଚାର କରୁଥାନ୍ତି, ସେହିପରି ଏକ ପରିବେଶ ପରିପକ୍ୱ ହେବା ପର୍ଯ୍ୟନ୍ତ ସେମାନେ ଅପେକ୍ଷା କରି ରହିଥାନ୍ତି । ଯଦି କୌଣସି ବ୍ୟକ୍ତି ଯୋଗର କ୍ଷେତ୍ରରେ ସଚେତନ ହୋଇ ରହିଥାଏ, ତେବେ ସେ ନିଜେହିଁ ତା'ର ପରବର୍ତ୍ତୀ ଜନ୍ମର ଦେହଟିକୁ ପ୍ରକୃତରେ ପ୍ରସ୍ତୁତ କରି ଦେଇପାରେ । ସେହି ଶରୀରଟି ଜନ୍ମଗ୍ରହଣ କରିବା ପୂର୍ବରୁ ସିଏ ତାହାକୁ ଏକ ନିର୍ଦ୍ଦିଷ୍ଟ ଆକାର ଦିଏ, ଏକ ନିର୍ଦ୍ଦିଷ୍ଟ ଆକାର ଦେଇ ଗଢ଼େ, ଯେପରିକି ସିଏ ନିଜେହିଁ ତା'ଦେହଟିର ପ୍ରକୃତ ରଚୟିତା ହୋଇ କାର୍ଯ୍ୟ କରେ । ନୂତନ ଶିଶୁଟିର ମାତା ପିତା ସେହି କ୍ଷେତ୍ରରେ ତା'ଜନ୍ମର କେବଳ ବାହ୍ୟ କାରଣ ହୋଇ ରହିଥାନ୍ତି, ସମ୍ପୂର୍ଣ୍ଣ ଭାବରେ ଭୌତିକ କାରଣ ହୋଇ ରହନ୍ତି ।

ଏଠାରେ ପ୍ରସଙ୍ଗକ୍ରମେ ମୋତେ ଏହିପରି ଏକ ମନ୍ତବ୍ୟ କରିବାକୁ ପଡ଼ିବ ଯେ ପୁନର୍ଜନ୍ମ ବିଷୟରେ ଅନେକ ସ୍ଥଳରେ ଏକ ସାଧାରଣ ଭ୍ରାନ୍ତ ଧାରଣା ରହି ଆସିଛି । ଲୋକମାନେ ଏପରି ବିଶ୍ୱାସ କରିଥାନ୍ତି ଯେ ସ୍ୱୟଂ ସେହିମାନେହିଁ ମୃତ୍ୟୁ ଅନ୍ତେ ପୁନର୍ବାର ଜନ୍ମଗ୍ରହଣ କରିବାକୁ ଆସନ୍ତି । ମାତ୍ର ଏଇଟା ହେଉଛି ଏକ ଅତି ସୁସ୍ପଷ୍ଟ ଭ୍ରାନ୍ତ ଧାରଣା । ଅବଶ୍ୟ ଏକଥା ସତ ଯେ, ସେମାନଙ୍କର ସତ୍ତାର କେତୋଟି ଅଂଶ ଅନ୍ୟମାନଙ୍କ ସହିତ ଏକତ୍ର ଯାଇ ମିଶିଯାଏ ଏବଂ ତେଣୁ ନୂତନ ଅନ୍ୟ ଶରୀରଗୁଡ଼ିକର ମାଧ୍ୟମରେ ସେଗୁଡ଼ିକ କାର୍ଯ୍ୟ କରିବାକୁ ଲାଗେ । ମାତ୍ର ସେମାନଙ୍କ ସମ୍ପୂର୍ଣ୍ଣ ସତ୍ତା କଦାପି ପୁନର୍ଜନ୍ମ ଗ୍ରହଣ କରେ ନାହିଁ; ତାହାର ଅତି ସରଳ କାରଣଟି

'oaob.nitrkl.ac.in' images reprocessed

ହେଉଛି ଯେ, ସେମାନେ ଆପଣାର "ଆତ୍ମସତ୍ତା" କହିଲେ ଅତ୍ୟନ୍ତ ନିଶ୍ଚିତ ଭାବରେ କୌଣସି ପ୍ରକୃତ ବ୍ୟକ୍ତିରୂପାୟିତ ଏକକ ଅସ୍ତିତ୍ୱକୁ ମୋଟେ ବୁଝନ୍ତି ନାହିଁ, ସେମାନେ ତଦ୍ୱାରା ଆପଣାର ବହିରଙ୍ଗ ବ୍ୟକ୍ତିତ୍ୱଟିକୁହିଁ ବୁଝିଥାନ୍ତି, ବାହ୍ୟ ନାମ ଓ ରୂପଟିକୁ ନେଇ ଗଢ଼ା ହୋଇଥିବା ବ୍ୟକ୍ତିତ୍ୱଟିକୁହିଁ ବୁଝିଥାନ୍ତି । ତେଣୁ 'କ' 'ଖ' ହୋଇ ପୁନର୍ଜନ୍ମ ଲାଭ କଲା ବୋଲି କହିଲେ ତାହା ଏକ ଭୁଲ୍ କଥା ହେବ : ଏକ ବ୍ୟକ୍ତିତ୍ୱ ହିସାବରେ 'କ' ହେଉଛି ଜୀବଧର୍ମଗତ ଦୃଷ୍ଟିରୁ 'ଖ'ଠାରୁ ସ୍ୱତନ୍ତ୍ର, ଏବଂ ତେଣୁ ସିଏ 'ଖ'ରୂପେ ପୁନର୍ବାର ଜନ୍ମଗ୍ରହଣ କରିଛି ବୋଲି କଦାପି କୁହାଯାଇ ପାରିବ ନାହିଁ । ହଁ, ତୁମେ ଏପରି କହିଲେ ଅବଶ୍ୟ ଠିକ୍ କଥା କହିବ ଯେ ସେହି ଗୋଟିଏ ପ୍ରକାରର ଚେତନାର ଧାରା ଆପଣାର ଅଭିବ୍ୟକ୍ତି ଲାଗି 'କ' ଏବଂ 'ଖ'ଙ୍କୁ ବ୍ୟବହାର କରିଛି । କାରଣ, ଏହି କ୍ଷେତ୍ରରେ କେବଳ ଚୈତ୍ୟସତ୍ତାହିଁ ଅପରିବର୍ତ୍ତନୀୟ ହୋଇ ରହିପାରୁଛି; ମାତ୍ର ଚୈତ୍ୟ ସତ୍ତାଟିକୁ ଆମେ କଦାପି ବହିରଙ୍ଗ ବ୍ୟକ୍ତିତ୍ୱଟି ସହିତ ସମତୁଲ କରି ବିଚାର କରିପାରିବା ନାହିଁ । ଚୈତ୍ୟ ସତ୍ତା କହିଲେ ସର୍ବଦା ଭିତରେ ରହିଥିବା ଏକ ଗମ୍ଭୀର ବସ୍ତୁକୁ ବୁଝାଇବ, ଏପରି ଏକ ବସ୍ତୁକୁ ବୁଝାଇବ ଯାହାକି ବାହ୍ୟ ନାମ ଏବଂ ବାହ୍ୟ ରୂପଟିଠାରୁ ଏକାବେଳେକେ ଅଲଗା ।

ସବୁ ମଣିଷ ସେମାନଙ୍କର ଶରୀରର ମୃତ୍ୟୁ ପରେ ଆପଣାର ପୂର୍ବ ପରିଚୟଟିକୁ ତଥାପି ରଖିଥାନ୍ତି କି ନାହିଁ, ତୁମେ ସେହି କଥାଟିକୁ ଜାଣିବା ଲାଗି ଇଚ୍ଛା କରିଛ । ହଁ, ମାତ୍ର ଏହି କଥାଟି ଆହୁରି ଅନେକ କଥା ଉପରେ ମଧ୍ୟ ନିର୍ଭର କରେ । ସାଧାରଣ ବହୁସଂଖ୍ୟକ ମନୁଷ୍ୟ ଆପଣାର ଦେହଟା ସହିତ ଏତେ ନିବିଡ଼ ଭାବରେ ଏକାତ୍ମକ ହୋଇ ରହିଥାନ୍ତି ଯେ, ଶରୀରର ଅବସାନ ଘଟିବା ସଙ୍ଗେ ସଙ୍ଗେ ସେମାନଙ୍କର ପ୍ରକୃତିରେ କିଛିହେଲେ ଅବଶେଷ ରହେ ନାହିଁ । ଏକାବେଳେକେ କିଛି ରହେ ନାହିଁ ବୋଲି କହିଲେ ଅବଶ୍ୟ ସତକଥା କୁହାହେବ ନାହିଁ; ପ୍ରାଣିକ ଏବଂ ମାନସିକ ଉପାଦାନଗୁଡ଼ିକ ସର୍ବଦାହିଁ ରହିଥାଏ, ମାତ୍ର ତାହା ସ୍ଥୂଳ ବ୍ୟକ୍ତିତ୍ୱଟିଠାରୁ ଅଲଗା ହୋଇ ରହିଥାଏ । ଯାହା ରହେ, ସେଥିରେ ବାହ୍ୟ ବ୍ୟକ୍ତିତ୍ୱଟିର କୌଣସି ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳେ ନାହିଁ, କାରଣ ବାହ୍ୟ ବ୍ୟକ୍ତିତ୍ୱ ବୋଲି ଆମେ ଯେଉଁଟିକୁ ଜାଣିଛୁ, ସେଇଟି କେବଳ କେତେଗୁଡ଼ାଏ ଆବେଗ ଏବଂ ବାସନାରହିଁ ଏକ ଗୋଳାମିଶା ପଦାର୍ଥ ହୋଇ ରହିଥିଲା ଏବଂ ସେଇଥିରେହିଁ ତାହା ବେଶ୍ ସନ୍ତୁଷ୍ଟ ହୋଇ ରହିଥିଲା । ତାହା ଏକ ଅସ୍ଥାୟୀ ଜୀବଧର୍ମୀଗତ ଏକତାର ବହିଃରୂପ ହୋଇ ରହିଥିଲା, ଏବଂ ଶାରୀରିକ ବିଭିନ୍ନ କ୍ରିୟାତ୍ମକତା ମଧ୍ୟରେ ଏକ ସଂବଦ୍ଧତା ଏବଂ ସମନ୍ୱୟ ଲାଗିରହିଥିବା ହେତୁ ତାହା ଆମକୁ ଏକ ଏକତା ପରି ଦୃଶ୍ୟମାନ ହେଉଥିଲା । ଏବଂ ଯେତେବେଳେ

'oaob.nitrkl.ac.in' images reprocessed

ସେହିସବୁ କାର୍ଯ୍ୟ ବନ୍ଦ ହୋଇଗଲା, ସେତେବେଳେ ସେମାନଙ୍କ ମଧ୍ୟରେ ପ୍ରତିଷ୍ଠିତ ରହିଥିବା ତଥାକଥିତ ଏକତା ମଧ୍ୟ ସ୍ୱଭାବତଃ ନଷ୍ଟ ହୋଇଗଲା । କେବଳ, ଯଦି ବିଭିନ୍ନ ଅଂଶଗୁଡ଼ିକ ଉପରେ ଏକ ମାନସିକ ଶୃଙ୍ଖଳାକୁ ପ୍ରତିଷ୍ଠିତ କରାଯାଇ ପାରିଥିବ ଏବଂ ସେହି ଅଂଶଗୁଡ଼ିକ ମଧ୍ୟ ଯଦି ଏକ ସାଧାରଣ ମାନସିକ ଆଦର୍ଶକୁ ମାନି କାର୍ଯ୍ୟ କରି ଶିଖିଥିବେ, ତେବେଯାଇ ସେହି କ୍ଷେତ୍ରରେ କୌଣସି ନା କୌଣସି ପ୍ରକାରର ବ୍ୟକ୍ତିସ୍ୱଭାବାପନ୍ନତା ସମ୍ଭବ ହୋଇପାରିବ, ଯାହାକି ଆପଣା ପାର୍ଥିବ ଜୀବନର ସ୍ମୃତିଟିକୁ ତଥାପି ବଜାୟ ରଖିପାରିବ ଏବଂ ତେଣୁ ସଚେତନ ଭାବରେ ତିଷ୍ଠି ରହି ପାରିବ । କଳାକାର, ଦାର୍ଶନିକ ଓ ସେହିପରି ଅନ୍ୟାନ୍ୟ ବିକଶିତ ବ୍ୟକ୍ତିମାନେ, ଯେଉଁମାନେ କି ଆପଣାର ପ୍ରାଣିକ ସତ୍ତାକୁ ସଂଗଠିତ କରି ପାରିଛନ୍ତି, ତାହାକୁ ଏକ ବ୍ୟକ୍ତିଗତ ସ୍ୱତନ୍ତ୍ରତା ପ୍ରଦାନ କରିଛନ୍ତି ଏବଂ କେତେକ ପରିମାଣରେ ତାହାକୁ ସମୁଚିତ ଭାବରେ ପରିବର୍ତ୍ତିତ ବି କରି ପାରିଛନ୍ତି, ସେମାନେ ବିଲୁପ୍ତ ହୋଇ ନ ଯାଇ ତଥାପି ରହନ୍ତି, କାରଣ ଆପଣାର ବାହ୍ୟ ଚେତନା ମଧ୍ୟକୁ ସେମାନେ ସ୍ୱଭାବତଃ ମୃତ୍ୟୁର ଅତୀତ ହୋଇ ରହିଥିବା ଚୈତ୍ୟ ସତ୍ତାର କେତେ ରଶ୍ମ୍ୟାଂଶକୁ ଆହରଣ କରି ପାରିଥାନ୍ତି । ଏବଂ, କେନ୍ଦ୍ରସ୍ଥ ଭଗବତ୍ ପରମ-ଇଚ୍ଛାର ଚତୁର୍ଦ୍ଦିଗରେ ସତ୍ତାଟିକୁ ଅଧିକରୁ ଅଧିକ ପରିମାଣରେ ସମୁଚିତ କରି ନିର୍ମାଣ କରିବାହିଁ ସେହି ଚୈତ୍ୟ ସତ୍ତାର ଉଦ୍ଦେଶ୍ୟ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ପୁନରୁଜ୍ଜୀବନ

ଆମର ପୁରାତନ ଚେତନା ଆମଠାରୁ ତଳକୁ ଖସିପଡ଼ିବ, ଏହାହିଁ ହେଉଛି ଆମ ଲାଗି ପୁନରୁଜ୍ଜୀବନର ପ୍ରକୃତ ଅର୍ଥ । ମାତ୍ର, ଏହାକୁ କେବଳ ଏକ ପୁନର୍ଜନ୍ମ ବୋଲି କୁହାଯାଇ ପାରିବ ନାହିଁ, ଅତୀତ ସହିତ ସମସ୍ତ ସମ୍ପର୍କକୁ ଛିଡ଼ାଇଦେଇ ଚାଲି ଆସୁଥିବା ହଠାତ୍ ସଂଘଟିତ କେବଳ ଏକ ପରିବର୍ତ୍ତନ ବୋଲି ମଧ୍ୟ କୁହାଯିବ ନାହିଁ । କାରଣ, ଏହି କ୍ଷେତ୍ରରେ, ତୁମର ସେହି ପୁରୁଣା ଜୀବନଟିର ଅବସାନ ଘଟିବା ଅର୍ଥାତ୍ ତୁମର ସେହି ଜନ୍ମଗତ ବାହ୍ୟ ପ୍ରକୃତିଟିର ଅବସାନ ଘଟାଇବା ଏବଂ ଏକାବେଳେକେ ଏକ ନୂତନ ଜୀବନ ଆରମ୍ଭ କରିବା,—ଏହି ଦୁଇଟି ମଧ୍ୟରେ ନିଶ୍ଚୟ ଏକ ନିର୍ଦ୍ଦିଷ୍ଟ ଅବିଚ୍ଛିନ୍ନତା ରହିଥିବ । ପୁନରୁଜ୍ଜୀବନର ଅନୁଭୂତିଟି ମଧ୍ୟରେ ପୁରାତନ ସତ୍ତାଟିକୁ ପରିତ୍ୟାଗ କରିଦେବାର କାର୍ଯ୍ୟଟି ଘନିଷ୍ଠ ଭାବରେ ତାହାର ମଧ୍ୟରୁ ନୂତନ ଚେତନା ଏବଂ ନୂତନ ବଳ ଉତ୍ଥିତ ହୋଇ ଆସିବାର କାର୍ଯ୍ୟଟି ସହିତ ଖିଅ ଲାଗି ରହିଥିବ, ଯେପରିକି, ଯାହାକୁ ଆମେ ଫୋପାଡ଼ି ଦେଇ ଆସିଲୁ, ତାହାମଧ୍ୟରେ ରହିଥିବା ସର୍ବୋତ୍ତମ ଉପାଦାନଗୁଡ଼ିକ ଏକ ନୂତନ ସୃଜନର ଭୂମିରେ ଯାହା ବର୍ତ୍ତମାନ ଆସିଲା, ତାହାର ସହିତ ସଂଯୁକ୍ତ ହୋଇଯାଇ ପାରିବ । ପୁନରୁଜ୍ଜୀବନର ଯଥାର୍ଥ ତାତ୍ପର୍ଯ୍ୟ ହେଉଛି ଯେ, ଯେଉଁ ଅଚେତନା ମଧ୍ୟରେ ଦିବ୍ୟ ପରମଚେତନା ଆପଣାକୁ ପ୍ରବିଷ୍ଟ କରାଇ ରଖିଥିଲେ ଓ ଆପଣାକୁ ହଜାଇ ଦେଇଥିଲେ, ସିଏ ବର୍ତ୍ତମାନ ତାହାର ମଧ୍ୟରୁ ଜାଗ୍ରତ ହୋଇ ଉଠିଲେ; ମୃତ୍ୟୁ, ଅନ୍ଧକାରମୟ ରାତ୍ରି ଏବଂ ଅସ୍ପଷ୍ଟତାର ଜଗତ ମଧ୍ୟକୁ ଅବତରଣ କରି ଆସିଥିଲେ ମଧ୍ୟ ଦିବ୍ୟ ପରମଚେତନା ଆଉଥରକ ପାଇଁ ଆପଣାର ଯଥାର୍ଥ ସତ୍ୟଟି ବିଷୟରେ ସଜ୍ଞାନ ଓ ସଚେତନ ହୋଇ ଉଠିଲେ । ଆମର ଏହି ପୃଥିବୀର ଅନ୍ଧାର ଯେତିକି ଗାଢ଼ ଓ ବହଳ, ଅସ୍ପଷ୍ଟତାର ସେହି ଜଗତରେ ଅବସ୍ଥାନ କରୁଥିବା ଅନ୍ଧାର ତାହାଠାରୁ ଅଧିକ ଗାଢ଼ ଓ ଅଧିକ ବହଳ । ଯଦି ତା'ଭିତରେ ଆପଣାକୁ ନିମଜ୍ଜିତ କରି ରଖିସାରିବା ପରେ କେହି ପୁନର୍ବାର ଉପରକୁ ଉଠିଆସେ, ତେବେ ତାକୁ ଦୁର୍ଭେଦ୍ୟତମ ଅନ୍ଧକାର ରାତ୍ରି ମଧ୍ୟ ପ୍ରକୃତରେ ଖୁବ ପରିଷ୍କାର ଓ ଆଲୋକିତ ପରି ଲାଗିବ; କୌଣସି ପ୍ରକାର ଅସ୍ପଷ୍ଟତା ନ ଥିବା ପରମ ଦିବ୍ୟଚେତନା ବା ସେହି ଅଧିମାନସ ସ୍ତରର ଆଲୋକ ମଧ୍ୟରୁ ଫେରିଆସି ଏହି ପୃଥିବୀରେ ପ୍ରବେଶ କଲେ ଏହି ପୃଥିବୀର ସୂର୍ଯ୍ୟ ସତେଅବା ଏକ କୃଷ୍ଣବର୍ଣ୍ଣ ପିଣ୍ଡ ପରି ପ୍ରତୀତ ହେବେ । ମାତ୍ର,

'oaob.nitrkl.ac.in' images reprocessed

ସେହି ଚରମ ଘନତମ ଅନ୍ଧକାର ଭିତରେ ମଧ୍ୟ ସର୍ବୋଚ୍ଚ ପରମ ଆଲୋକ ପ୍ରଚ୍ଛନ୍ନ ହୋଇ ରହିଥାଏ । ତୁମ ଭିତରେ ସେହି ମହାନ୍ ଆଲୋକ ଓ ମହାନ୍ ଚେତନା ଜାଗ୍ରତ ହୋଇଛନ୍ତି, ଏବଂ ଏହାର ଦ୍ୱାରହିଁ ତୁମ ଜୀବନରେ ସେହି ମହାନ୍ ପୁନରୁଜ୍ଜୀବନଟି ସଂଘଟିତ ହେବ ।

'oaob.nitrkl.ac.in' images reprocessed

ପୁନର୍ବାର ଦେହଗ୍ରହଣ
ପୂର୍ବତନ ଜୀବନଗୁଡ଼ିକର ସ୍ମୃତି

ସାଧାରଣ ଧାରଣା ଅନୁସାରେ ଯାହାକୁ ପୁନର୍ବାର ଦେହଗ୍ରହଣ ବୋଲି ବୁଝାଯାଇଥାଏ, ତାହାର ସମସ୍ୟାଟିକୁ ଯଥାର୍ଥ ଭାବରେ ବୁଝିପାରିବାକୁ ହେଲେ, ତୁମକୁ ଜାଣି ରଖିବାକୁ ହେବ ଯେ ଏହି କ୍ଷେତ୍ରରେ ବିଚାର କରିବା ଲାଗି ଦୁଇଟି କଥା ରହିଛି । ପ୍ରଥମ କଥାଟି ହେଉଛି, ଏଠାରେ ଦିବ୍ୟ ଚେତନାର ଧାରାଟି ଅବସ୍ଥିତ ରହିଛି, ଯାହାକି ଊର୍ଦ୍ଧ୍ୱରୁ ଆପଣାକୁ ରୂପାୟିତ କରି ଆଣିବା ଲାଗି ଇଚ୍ଛା କରୁଛି, ଏବଂ ସେଥିଲାଗି ତା'ର ରୂପାୟଣର କ୍ଷେତ୍ରରୂପେ ଅବସ୍ଥିତ ରହିଥିବା ଏହି ଜଗତ୍‌ବ୍ରହ୍ମାଣ୍ଡ ମଧ୍ୟରେ ବିଶେଷ ଭାବରେ ତାହାର ଅନୁରୂପ ନାନା ରୂପର ଏକ ଅନୁକ୍ରମକୁ ମଧ୍ୟ ତାହା କାୟମ କରି ରଖିଛି । ଏବଂ ଦ୍ୱିତୀୟତଃ, ଏହି କ୍ଷେତ୍ରରେ ଏକ ଚୈତ୍ୟ ସତ୍ତା ବି ରହିଛି, ଯାହାକି ତଳୁ ଉପରକୁ ଆରୋହଣ କରି ଯିବାରେ ଲାଗିଛି । ଚୈତ୍ୟସତ୍ତାକୁ ଆମେ ସେହି ପରମ ଦିବ୍ୟସତ୍ତାଙ୍କର ବୀଜଟିଏ ବୋଲି ଜାଣିବା ଯାହାକି କାଳର ପଥରେ କ୍ରମବିକଶିତ ହୋଇ ଉଠିଉଠି ଯାଉଛି ଏବଂ ଶେଷରେ ଊର୍ଦ୍ଧ୍ୱରୁ ଆସୁଥିବା ସେହି ପରମଶକ୍ତିଟି ସହିତ ସମ୍ମିଳିତ ହୋଇଯାଉଛି ଏବଂ ଅତିମାନସ ପରମସତ୍ୟର ବ୍ୟଞ୍ଜନାଟିକୁ ଗ୍ରହଣ କରିନେଉଛି । ଏହି ଚୈତ୍ୟ ଚେତନାକୁ ଆମେ ମନୁଷ୍ୟର ଅନ୍ତର୍ଗତ ଅସଲ ସତ୍ତା ବୋଲି ଜାଣିବା, ତାହାକୁ ଆମେ ସେହି ଉପାଦାନଟି ବୋଲି ଜାଣିବା, ଯେଉଁଥିରୁ କି ତା'ର ଅସଲ ଆତ୍ମାଟିର ଅର୍ଥାତ୍ ପ୍ରକୃତ ଜୀବଟିର ନିର୍ମାଣ ହୋଇପାରିବ; ବ୍ୟକ୍ତିର ଅଭୀପ୍ସା ପ୍ରତି ଆପଣାର ଅନୁମୋଦନ ଜଣାଇ ଯେତେବେଳେ ଅତିମାନସ ତାହାକୁ ଏକ ଯଥାସଙ୍ଗତ ବ୍ୟକ୍ତିତ୍ୱ ପ୍ରଦାନ କରିବା ପାଇଁ ଅବତରଣ କରି ଆସିବ ସେତିକି ବେଳେହିଁ ସେହି ଜୀବଟିର ରଚନା ହେବ । ମଣିଷର ବାହ୍ୟସତ୍ତାରୂପେ ଆମେ ଯେଉଁଟିକୁ ଦେଖୁଛୁ,—ତାହାର ମାନସିକ, ପ୍ରାଣିକ ଏବଂ ଦୈହିକ ସତ୍ତା,—ଏଗୁଡ଼ିକ ତ ବିଶ୍ୱ-ପ୍ରକୃତିର ଉପାଦାନଟିରୁହିଁ ନିର୍ମିତ ହୋଇଛି । ଏହି ଉପାଦାନଟି ଏକ ଅସ୍ପଷ୍ଟ ଉପାଦାନ ଏବଂ ତାହା ଯାବତୀୟ ପ୍ରକାରର ଶକ୍ତିଗତ କ୍ରିୟାପ୍ରତିକ୍ରିୟାରୁହିଁ ସମ୍ଭବ ହୋଇ ପାରିଛି । ବାହାରର ଯେଉଁ ଖୋଳଟି ପଛରେ ଚୈତ୍ୟସତ୍ତା ଅବସ୍ଥିତ ରହିଥାଏ, ତାହା ସେହି ବିଭିନ୍ନ ରୂପଗୁଡ଼ିକର ଅନୁଭବ ମଧ୍ୟରୁ ସତେଅବା ନିର୍ଯ୍ୟାସଟିକୁ ଆପଣା ଲାଗି ଆହରଣ କରିନିଏ ସତ, ମାତ୍ର ସେଗୁଡ଼ିକ ସହିତ ସତତ

'oaob.nitrkl.ac.in' images reprocessed

ସମ୍ପର୍କରେ ନ ଥିବାରୁ ତାହା ସମଗ୍ରତଃ ସେହି ଜୀବନଗୁଡ଼ିକର ସ୍ମୃତିଟିକୁ ସ୍ୱୟଂ ଧାରଣ କରି ରଖିପାରେ ନାହିଁ । ସେଗୁଡ଼ିକୁ ତାହା କେବଳ ଏକ ପୃଷ୍ଠଭୂମି ଯୋଗାଇ ଦେଇଥାଏ । ତେଣୁ, କେବଳ ଚୈତ୍ୟର ସମ୍ପର୍କରେ ଆସିଲେହିଁ ଆମେ କଦାପି ସେହି ଅତୀତ ଜୀବନଗୁଡ଼ିକର ସ୍ମୃତିକୁ ଲାଭ କରିପାରିବା ନାହିଁ । ସାଧାରଣତଃ, ଏହି କ୍ଷେତ୍ରରେ, ଯାହାକିଛିକୁ ଏହିସବୁ ସ୍ମୃତି ବୋଲି ଅଭିହିତ କରାଯାଇଥାଏ, ଅଧିକାଂଶ ସ୍ଥଳରେ ସେଗୁଡ଼ିକୁ ହୁଏତ ଏକ ଇଚ୍ଛାକୃତ ପ୍ରତାରଣା ଅଥବା ସେହି ଭିତରୁ ଗୃହୀତ ହୋଇ ଆସୁଥିବା କେତେକ ଅନିସ୍ପମିତ ଇଙ୍ଗିତ ମଧ୍ୟରୁ ଜନ୍ମଲାଭ କରୁଥିବା ଏକ କଳ୍ପନା ବୋଲି କୁହାଯାଇ ପାରିବ । ଅନେକ ବ୍ୟକ୍ତି ଏପରି ବି ଅଛନ୍ତି, ଯେଉଁମାନେ କି, କେବେ କେଉଁ ଇତରପ୍ରାଣୀ ହୋଇ ସଂସାରରେ ଜନ୍ମ ହୋଇଥିଲେ, ସେକଥାସବୁ ବି ମନେ ରଖିଥାନ୍ତି ବୋଲି ଦାବି କରନ୍ତି । ସେମାନେ କହନ୍ତି ଯେ ସେମାନେ ପୃଥିବୀର ଅମୁକ ବା ଅମୁକ ଅଂଶରେ ଅମୁକ ବା ଅମୁକ ନାମଧେୟ ଏକ ବାନରର ଜୀବନଯାପନ କରୁଥିଲେ । ମାତ୍ର, ଯଦି ଏହି କ୍ଷେତ୍ରରେ କିଛି ବି ନିଶ୍ଚିତ ଭାବରେ କୁହାଯାଇପାରେ, ସେହି କଥାଟି ହେଉଛି ଯେ, ବାନରର କେବେହେଲେ ଚୈତ୍ୟକ୍ଷେତ୍ରୀୟ ଚେତନା ସହିତ ଆଦୌ କୌଣସି ସମ୍ପର୍କ ନ ଥାଏ ଏବଂ ତେଣୁ ବାନର ଆପଣା ଅନୁଭୂତିର ଏତେ ଟିକିଏ ଅଂଶକୁ ମଧ୍ୟ ଚୈତ୍ୟସତ୍ତା ମଧ୍ୟକୁ ପ୍ରସାରିତ କରିଦେଇପାରେ ନାହିଁ । ବାନରର ପ୍ରାଣୀ-ଦେହଟି ବିନଷ୍ଟ ହୋଇଗଲିବା ସଙ୍ଗେସଙ୍ଗେ ତାହାର ବାହ୍ୟ ବାନର ପ୍ରକୃତିର ଯାବତୀୟ ଛାପ ମଧ୍ୟ ନଷ୍ଟ ହୋଇଯାଇଥାଏ । ସେହି ଛାପଗୁଡ଼ିକ ତଥାପି ଆମର ମନେ ରହିଛି ବୋଲି ଛଳନା କରିବାର ଅର୍ଥ ହେଉଛି ବର୍ତ୍ତମାନ ଆମେ ବିଚାର କରୁଥିବା ସମସ୍ୟାଟିର ପ୍ରକୃତ କଥାଗୁଡ଼ିକ ବିଷୟରେ ଆପଣାର ନିପଟ ଅଜ୍ଞାନତାକୁହିଁ ପ୍ରକଟ କରିବା । ଏପରିକି, ମନୁଷ୍ୟ-ଜୀବନର କ୍ଷେତ୍ରଟିରେ ମଧ୍ୟ, ଯେତେବେଳେ ଜଣେ ବ୍ୟକ୍ତିର ଚୈତ୍ୟ ଭାଗଟି ପୁରୋଭୂମିକୁ ଆସି ପାରିଥାଏ, କେବଳ ସେତିକିବେଳେହିଁ ତାହା ନିର୍ଦ୍ଦିଷ୍ଟ କେତେକ ସ୍ମୃତିକୁ ସଂରକ୍ଷିତ କରି ରଖିଥାଏ ଓ ସେଗୁଡ଼ିକୁ ଆପଣା ଭିତରେ ବହନ କରୁଥାଏ । ମାତ୍ର ଏକଥା କଦାପି ସତ ନୁହେଁ ଯେ ତାହା ଜୀବନର ଟିକିନିଖି ସବୁଯାକ କଥାକୁ ମନେ ରଖିଥାଏ । ଅବଶ୍ୟ, ଯଦି ତାହା ଅନୁକ୍ଷଣ ପୁରୋଭାଗରେ ରହିଥାଏ ଏବଂ ବାହ୍ୟ ସତ୍ତାଟି ସହିତ ଅଭିନ୍ନ ହୋଇ ପାରିଥାଏ, ତେବେ ହୁଏତ ଅନ୍ୟପ୍ରକାର ଘଟିପାରେ । କାରଣ, ଜୀବର ଦେହଟିକୁ ମୃତ୍ୟୁ ଅଧିକାର କରିନେବା ପରେ ସାଧାରଣତଃ ଭୌତିକ ମନ ଓ ଭୌତିକ ପ୍ରାଣିକ ମଧ୍ୟ ଅନ୍ତର୍ହିତ ହୋଇଯାଆନ୍ତି । ସେଗୁଡ଼ିକର ପୂର୍ଣ୍ଣ ବିଘଟନ ଘଟେ ଏବଂ ସେଗୁଡ଼ିକ ବିଶ୍ୱମୟ ପ୍ରକୃତି ମଧ୍ୟକୁ ବାହୁଡ଼ି ଯାଇଥାନ୍ତି; ସେମାନଙ୍କ ଅନୁଭୂତିରୁ ଆଉ କିଛିହେଲେ ଅବଶେଷ ରହିଯାଏ ନାହିଁ । କେବଳ ଚୈତ୍ୟଭାଗଟି

'oaob.nitrkl.ac.in' images reprocessed

ସହିତ ସେଗୁଡ଼ିକର ଏକ ସମ୍ମିଳନ ଘଟିପାରିଲେ ଯାଇ ସେଗୁଡ଼ିକ ଆଉ ଦୁଇ ଖଣ୍ଡ ହୋଇ ନ ରହି ଗୋଟିଏ ଚେତନାରେହିଁ ପରିଣତ ହୋଇପାରନ୍ତି; ସେତେବେଳେ ସମସ୍ତ ସତ୍ତା କେନ୍ଦ୍ରରେ ରହିଥିବା ଭଗବତ୍‌-ପରମଇଚ୍ଛାକୁ ବେଷ୍ଟନକରି ଏକତ୍ରୀଭୂତ ହୋଇଯାଆନ୍ତି ଏବଂ ସେହି ଏକତ୍ରୀଭୂତ ସତ୍ତା ଊର୍ଦ୍ଧ୍ୱସ୍ଥ ଦିବ୍ୟ ଚେତନାଧାରାଟି ସହିତ ମଧ୍ୟ ସଂଯୁକ୍ତ ହୋଇ ରହିଥାଏ । ମାତ୍ର, ଏସବୁ କଥା ପ୍ରକୃତରେ ଘଟି ନ ଥିବା ପର୍ଯ୍ୟନ୍ତ ଆମେ ସେହି ଚେତନାର ଅନ୍ତର୍ଗତ କୌଣସି ଜ୍ଞାନକୁ ଆଦୌ ଗ୍ରହଣ କରିପାରୁ ନାହିଁ ଏବଂ ସେହି ଚୈତ୍ୟସତ୍ତା ଆପଣା ଅଭିବ୍ୟକ୍ତିର ଧୀର ଅନୁକ୍ରମରେ ଯେଉଁସବୁ ରୂପ ଏବଂ ଜୀବନଗୁଡ଼ିକୁ ଧାରଣ କରି ଆସିଥାଏ, ଆମେ ସେଗୁଡ଼ିକ ବିଷୟରେ ଆଦୌ କୌଣସି ସଜ୍ଞାନତା ହାସଲ କରିପାରୁ ନାହିଁ । ଏହି କଥାଟି ସମ୍ଭବ ହେବା ପୂର୍ବରୁ **ଆପଣାର** ପୂର୍ବତନ ଜନ୍ମ ଏବଂ ସେଗୁଡ଼ିକର ବିଭିନ୍ନ ଘଟନା ସମ୍ବନ୍ଧରେ କିଛି କହିବାର ପ୍ରକୃତରେ ଆଦୌ କୌଣସି ଅର୍ଥହିଁ ହେବ ନାହିଁ । ଏହି ଯେଉଁ **ବ୍ୟକ୍ତିସତ୍ତାକୁ** ଅତି ମୂଲ୍ୟବାନ୍ ପରି ଦେଖାଇ ବର୍ଣ୍ଣନା କରାଯାଉଛି, ତାହା ବସ୍ତୁତଃ ବର୍ତ୍ତମାନର ଏହି ଅସ୍ଥାୟୀ ବାହ୍ୟ ପ୍ରକୃତିଟି ବ୍ୟତୀତ ଆଉ ଆଦୌ କିଛିହେଲେ ନୁହେଁ, ଯାହାକି ତା'ର ପଶ୍ଚାତରେ ରହିଥିବା ଏକାଧିକ ଅନ୍ୟ ରୂପ-ଧାରଣଗୁଡ଼ିକ ସହିତ ଆଦୌ କୌଣସି ସମ୍ବନ୍ଧହିଁ ନାହିଁ । ଆମର ବର୍ତ୍ତମାନ ଜୀବନଟି ପରି ସେଗୁଡ଼ିକର ପଶ୍ଚାତରେ ମଧ୍ୟ ଆମର ଯଥାର୍ଥ ସତ୍ତାଟି ଦଣ୍ଡାୟମାନ ରହିଛି । କେବଳ ସେହି ଅତିମାନସ ଚେତନାହିଁ ସେହି ସବୁଯାକ ପୂର୍ବତନ ଜନ୍ମକୁ ସଂଯୋଗ କରୁଥିବା ଗୋଟିଏ ସୂତ୍ରରେ ଏକାଠି ଗୁନ୍ଥି ରଖିଥିଲା ପରି ଧାରଣ କରି ରହିଛି ଏବଂ କେଣ୍ଟ କେବଳ ସେହି ଚୈତ୍ୟ ଚେତନାହିଁ ଆମକୁ ସେଗୁଡ଼ିକ ସମସ୍ତଙ୍କ ବିଷୟରେ ଯଥାର୍ଥ ବାର୍ତ୍ତାଟିକୁ ଆଣି ଦେଇପାରିବ ।

'oaob.nitrkl.ac.in' images reprocessed

ଚୈତ୍ୟ ଉପସ୍ଥିତି ଏବଂ ଚୈତ୍ୟ ସତ୍ତା--ଜାତିଗତ ଶ୍ରେଷ୍ଠତରତାର ପ୍ରକୃତ ଉତ୍ସ

ଜୀବମାନଙ୍କର ଜଗତରେ କ୍ରମୋର୍ଦ୍ଧ୍ୱ ସ୍ତବକରେ ଯେଉଁ ବିବର୍ତ୍ତନଟି ଚାଲିଛି, ତାହାର କ୍ଷେତ୍ରରେ ଚୈତ୍ୟ ସତ୍ତା ବୋଲି ନ କହି ଚୈତ୍ୟ ଉପସ୍ଥିତି ବୋଲି କହିଲେ ତାହା ଅଧିକ ନିର୍ଭୁଲ ହେବ । କାରଣ ଏହି ଚୈତ୍ୟ ଉପସ୍ଥିତିହିଁ କ୍ରମଶଃ ଚୈତ୍ୟ ସତ୍ତାରେ ପରିଣତ ହୋଇଥାଏ । ବିବର୍ତ୍ତନଶୀଳ ପ୍ରତ୍ୟେକଟି ରୂପରେ ଏହି ଉପସ୍ଥିତିଟି ବିଦ୍ୟମାନ ରହିଥାଏ, ମାତ୍ର ତାହା ସେତେବେଳେ କୌଣସି ବ୍ୟକ୍ତିସତ୍ତାର ସ୍ୱାତନ୍ତ୍ର୍ୟ ଧାରଣ କରି ନ ଥାଏ । ତାହା ଅଭିବୃଦ୍ଧି ଲାଗି ସମର୍ଥ ହୋଇ ରହିଥାଏ ଏବଂ ବିବର୍ତ୍ତନର ଧାରାଟିକୁ ଅନୁସରଣ କରିବାରେ ଲାଗିଥାଏ । ଏହାକୁ ଆମେ ଊର୍ଦ୍ଧ୍ୱରୁ ସଂଘଟିତ ହେଉଥିବା ସବୃତଟିର ଅବତରଣ ବୋଲି କଦାପି କହିପାରିବା ନାହିଁ । ପରମ ଦିବ୍ୟଚେତନାର ଯେଉଁ ଅଗ୍ନିକଣାଟି ଏକ ଅଭିବୃଦ୍ଧିଶୀଳ ସତ୍ତାର କେନ୍ଦ୍ରରୂପେ କାର୍ଯ୍ୟ କରିବାକୁ ଅଭିପ୍ରେତ ହୋଇ ରହିଥାଏ, ତାହା ଆପଣାକୁ ତାହାର ଚାରିପାଖରେହିଁ କ୍ରମେ ଆକୃତ କରିଆଣିଥାଏ ଏବଂ ଶେଷରେ ଏକ ସ୍ୱତନ୍ତ୍ର ବ୍ୟକ୍ତିରୂପ ଲାଭ କଲାପରେ ତାହାହିଁ ଚୈତ୍ୟସତ୍ତାରେ ପରିଣତ ହୁଏ । ଏହି ଅଗ୍ନିକଣାଟିକୁହିଁ ଆମେ ଏକ ସ୍ଥାୟୀ ବସ୍ତୁ ବୋଲି ଜାଣିବା ଏବଂ ଉକ୍ତ ସ୍ୱତନ୍ତ୍ର ବ୍ୟକ୍ତିସତ୍ତାଟିକୁ ରୂପାୟିତ କରିବା ପାଇଁ ତାହା ଆପଣାର ଚାରିପାଖରେ ଯାବତୀୟ ପ୍ରକାରର ଉପାଦାନକୁ ଆଣି ଠୁଳ କରିବାରେ ଲାଗିଥାଏ । ଚୈତ୍ୟ ବ୍ୟକ୍ତିତ୍ୱଟି ପୂର୍ଣ୍ଣ ବିକଶିତ ହୋଇ ସାରିବା ପରେ ଯାଇ ଚୈତ୍ୟ ସତ୍ତାର ରୂପାୟନ ହୁଏ; ସେହି ଶାଶ୍ୱତ ଦିବ୍ୟ ଅଗ୍ନିକଣାଟିର ଚାରିପାଖରେ ତାହାର ନିର୍ମାଣଟି ପୂର୍ଣ୍ଣ ହୋଇ ସାରିଲେ ଯାଇ ତାହା ହୋଇଥାଏ । ଯଦି ଏବଂ ଯେତେବେଳେ ଊର୍ଦ୍ଧ୍ୱରୁ ଏକ ସତ୍ତା ବା ବ୍ୟକ୍ତିତ୍ୱ ସହିତ ତାହାର ଏକ ସମ୍ମିଳନ ଘଟେ, ସେତେବେଳେ ଯାଇ ତାହା ପୂର୍ଣ୍ଣତା ପ୍ରାପ୍ତ ହୁଏ, ଆପଣାର ପୂର୍ଣ୍ଣତାକୁ ଉପଲବ୍ଧି କରେ ।

ମନୁଷ୍ୟସ୍ତରର ତଳକୁ ଆଉ କୌଣସି ସ୍ତରରେ କ୍ୱଚିତ୍ କୌଣସି ବ୍ୟକ୍ତିଗତ ରୂପାୟଣ ହୋଇଥାଏ । ଅଳ୍ପ ହେଉ ବା ବହୁତ ହେଉ, ସେଠାରେ କେବଳ ଏହି

ଉପସ୍ଥିତିଟିହିଁ ବିଦ୍ୟମାନ ରହିଥାଏ । ମାତ୍ର, ଦିବ୍ୟ ପରମଚେତନାର ଅଗ୍ନିକଣାଟିକୁ କେନ୍ଦ୍ର କରି ତା'ର ଚାରିପାଖରେ ଏକ ଶରୀରର ବିକାଶ ହେବା ଦ୍ୱାରା ଯେତେବେଳେ ପୃଥିବୀପୃଷ୍ଠରେ ମନୁଷ୍ୟଜାତିର ଉଦ୍‌ଭବ ହୋଇଥିଲା, ସେତେବେଳେ ଏହି ଉତ୍ତରୋତ୍ତର ଅଭିବୃଦ୍ଧିର ଧାରାରେ କେତେକ ମନୁଷ୍ୟ-ଜୀବ ଯଥେଷ୍ଟ ପରିମାଣରେ ପରିପୂର୍ଣ୍ଣତା ଲାଭ କରିପାରିଥିଲେ ଏବଂ ଆପଣାର ଗ୍ରହଣଶୀଳତା ତଥା ଉନ୍ମୋଚନଶକ୍ତି ଦ୍ୱାରା ଊର୍ଦ୍ଧ୍ୱରୁ ଆସୁଥିବା କେତେକ ନିର୍ଦ୍ଦିଷ୍ଟ ସତ୍ତାଙ୍କ ସହିତ ଆପଣାକୁ ନେଇ ସଂଯୁକ୍ତ କରି ଦେଇଥିଲେ । ଏହା ଫଳରେ ଏକ ପ୍ରକାରର ଦିବ୍ୟ ମାନବତ୍ୱ ସମ୍ଭବ ହେଲା, ଯାହାକୁ କି ଆମେ ହୁଏତ ଏକ ବିଶିଷ୍ଟ ବର୍ଗର ମାନବଗୋଷ୍ଠୀ ବୋଲି କହିପାରିବା । ଏହି ଗୋଷ୍ଠୀଟି ଆପଣାକୁ ଆପଣା ମଧ୍ୟରେ ସୀମାବଦ୍ଧ କରି ରଖିପାରିଥିଲେ ତାହା ହୁଏତ ଏକ ଅସାଧାରଣ ଏବଂ ଅତିମାନବିକ ଗୋଷ୍ଠୀରୂପେ ଏହି ଜଗତରେ ରହିପାରିଥାନ୍ତା । ବସ୍ତୁତଃ ପୃଥିବୀର ବହୁ ଜାତି ଆପଣାକୁ ଠିକ୍ ସେହି ଜାତିଟି ବୋଲି ଦାବି କରିଛନ୍ତି; ଆର୍ଯ୍ୟମାନେ, ସେମିଟିକ୍‌ମାନେ ଏବଂ ଜାପାନୀମାନେ ମଧ୍ୟ ଆପଣା ଆପଣା ସୁଯୋଗ ସମୟରେ ଆପଣାକୁ ଗୋଟିଏ ଗୋଟିଏ ନିର୍ବାଚିତ ଶ୍ରେଷ୍ଠ ଜାତି ବୋଲି ବିଚାର କରିଛନ୍ତି । ମାତ୍ର ପ୍ରକୃତ କଥା ହେଉଛି ଯେ ବିଭିନ୍ନ ମନୁଷ୍ୟଜାତି ସତେଯେପରି ଗୋଟିଏ ସମତଳରେ ପରସ୍ପର ସହିତ ଏକାଠି ମିଶି ଯାଇଛନ୍ତି, ଗୋଷ୍ଠୀ ଗୋଷ୍ଠୀ ଭିତରେ କେତେକେତେ ମିଶ୍ରଣ ଓ ସମ୍ମିଶ୍ରଣ ଘଟିଯାଇଛି । କାରଣ, ଯେତେବେଳେ କୌଣସି ବିଶିଷ୍ଟତର ଜାତିକୁ ଦୀର୍ଘତର କାଳ ଲାଗି ସ୍ଥାୟୀ କରି ରଖିବାର ପ୍ରୟୋଜନ ଆସି ଦେଖାଦେଇଛି, ସେତେବେଳେ ସେହି ଜାତି ଅନ୍ୟ ମନୁଷ୍ୟଗୋଷ୍ଠୀମାନଙ୍କ ସହିତ ଆପଣାକୁ ନେଇ ମିଶାଇ ଦେଇଛି; ହୁଏତ କୁହାଯାଇ ପାରିବ ଯେ ପ୍ରାୟ ପଶୁସ୍ତରସ୍ଥ ମନୁଷ୍ୟଜାତି ସହିତ ତାହା ଆପଣାକୁ ନେଇ ମିଶାଇ ଦେଇଛି । ତେଣୁ ତାହାର ମୂଳରେ ମଧ୍ୟ ଏକ ହ୍ରାସ ଘଟିଛି ଏବଂ ଫଳତଃ ତାହା ଏକ ଅଧଃପତନର ସମ୍ମୁଖୀନ ହୋଇଛି । ପୃଥିବୀର ନାନା ପ୍ରାଚୀନ ଗ୍ରନ୍ଥରେ ଆମେ ସେହି ଅଧଃପତନର ଆଖ୍ୟାନମାନ ଦେଖିବାକୁ ପାଉଥାଉ । ସେସବୁଥିରେ ସ୍ୱର୍ଗରାଜ୍ୟରୁ ବାହାରି ଆସିବା ବା କୌଣସି ଏକ ସ୍ୱର୍ଣ୍ଣ-ଯୁଗର ଅବସାନ ଘଟିବା ପ୍ରଭୃତିର ବର୍ଣ୍ଣନା ଦିଆଯାଇ ଥାଏ । ଚେତନାର ଦୃଷ୍ଟିରୁ ବିଚାର କଲେ ଏହି କ୍ଷେତ୍ରରେ ଏକ କ୍ଷତି ଘଟିଥିଲା, ମାତ୍ର ଭୌତିକ ବାହ୍ୟ ବଳର ଦୃଷ୍ଟିରୁ ଆଦୌ କୌଣସି କ୍ଷତି ହୋଇ ନ ଥିଲା । କାରଣ ତଦ୍ୱାରା ସାଧାରଣ ମାନବସମାଜ ଅତୁଳ ଭାବରେ ଲାଭବାନ୍ ହୋଇଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ କେତେକ ସତ୍ତା ବିମିଶ୍ରିତ ହୋଇଯିବା ପାଇଁ ଏକାନ୍ତ ଅନିଚ୍ଛୁକ ହୋଇ ରହିଥିଲେ, ସେମାନେ ଆପଣାର ବିଶିଷ୍ଟତାକୁ ହରାଇ ବସିବାକୁ ଏକାନ୍ତ ଅନିଚ୍ଛୁକ ହୋଇ ରହିଥିଲେ । ଏବଂ, ପ୍ରକୃତରେ ଠିକ୍ ଏଇଥିରୁହିଁ

'oaob.nitrkl.ac.in' images reprocessed

ଏକ ଜାତିଗତ ଗର୍ବବୋଧ ପ୍ରବୃତ୍ତି ଲାଭ କରିଥିଲା; ଆପଣାର ଜାତିକୁ ଅନ୍ୟାନ୍ୟ ଜାତିଗୁଡ଼ିକରୁ ଅଲଗା କରି ରଖିବାର ମନୋଭାବଟି ଦେଖା ଦେଇଥିଲା । ଭାରତବର୍ଷର ବ୍ରାହ୍ମଣମାନେ ଯେ ଆପଣାକୁ ଏକ ବିଶେଷ ସ୍ୱତନ୍ତ୍ର ଜାତି ହିସାବରେ ଦେଖୁଥିଲେ, ଆମେ ତାହାକୁ ଏହି ତାତ୍ପର୍ଯ୍ୟଟି ଅନୁସାରେ ବୁଝିବାକୁ ଚେଷ୍ଟା କରିବା । ମାତ୍ର ବର୍ତ୍ତମାନ ଏପରି କଦାପି କୁହାଯାଇ ପାରିବ ନାହିଁ ଯେ ମନୁଷ୍ୟଜାତି ଭିତରେ ଏବେ ଏପରି କୌଣସି ଗୋଟିଏ ଅଂଶ ରହିଛି ଯାହାକି ଗୋଟାସୁଦ୍ଧା ପଶୁସ୍ତରସ୍ଥ ହୋଇ ରହିଛି । ଊର୍ଦ୍ଧ୍ୱରୁ ସଂଘଟିତ ହୋଇଥିବା ଅବତରଣ ସବୁ ଜାତିଙ୍କୁ ସ୍ପର୍ଶ କରିଛି, ଏବଂ ବ୍ୟାପକ ଭାବରେ ପାରସ୍ପରିକ ସମ୍ମିଶ୍ରଣ ଘଟିବା ଫଳରେ ସଂବୃତିର ପରିଣାମଟି ମଧ୍ୟ ମାନବଜାତି ମଧ୍ୟରେ ବିସ୍ତୃତ ଓ ବ୍ୟାପକ ହୋଇପାରିଛି ।

ପ୍ରତ୍ୟେକ ମଣିଷଙ୍କର ଗୋଟିଏ ଚୈତ୍ୟ ସତ୍ତା ରହିଛି ବୋଲି ଅବଶ୍ୟ ଆଦୌ କୁହାଯାଇ ପାରିବ ନାହିଁ; ପ୍ରତ୍ୟେକ ଇତରପ୍ରାଣୀଙ୍କର ଚୈତ୍ୟସତ୍ତା ନାହିଁ ବୋଲି ଯେପରି କୁହାଯାଇ ପାରିବ ନାହିଁ, ଠିକ୍ ସେହିପରି । ମଣିଷର ସଂସର୍ଗରେ ବାସ କରିଥିବା ଅନେକ ଇତର ପ୍ରାଣୀଙ୍କ ମଧ୍ୟରେ ଏହାର କିଞ୍ଚିତ୍ ଆବିର୍ଭାବ ଘଟିଛି, ଏବଂ ଅନେକ ସମୟରେ ଆମେ ଏପରି କେତେ ମଣିଷଙ୍କର ସମ୍ପର୍କରେ ଆସିଥାଉ, ଯେଉଁମାନେ କି ରୂଛା ଗୋଟିଏ ଗୋଟିଏ ପଶୁ ବ୍ୟତୀତ ଆଉ କିଛି ପରି ମୋଟେ ମନେ ହୁଅନ୍ତି ନାହିଁ, ଏହି କ୍ଷେତ୍ରରେ ମଧ୍ୟ ଅନେକ ପରିମାଣରେ ଏକ ସମସ୍ତରୀକରଣ ଘଟିଛି । ମାତ୍ର, ସମଗ୍ରତଃ କହିବାକୁ ଗଲେ, ଚୈତ୍ୟ ସତ୍ତା କହିଲେ ଯଥାର୍ଥରେ ଯାହା ବୁଝାଇବା ଉଚିତ, ମନୁଷ୍ୟର ସ୍ତରରେ ଯାଇ ତାହାର ଆରମ୍ଭ ହୋଇଥାଏ ; ସେହି କାରଣରୁହିଁ କାଥୋଲିକ ଧର୍ମମତ କେବଳ ମନୁଷ୍ୟରହିଁ ଏକ ଆତ୍ମା ରହିଛି ବୋଲି ଘୋଷଣା କରିଛି । କେବଳ ମନୁଷ୍ୟ ମଧ୍ୟରେହିଁ ଚୈତ୍ୟ ସତ୍ତା ସେତିକି ଦୂରଯାଏ ବିକାଶ ଲାଭ କରିବାର ସମ୍ଭାବନାଟି ମହଜୁଦ ରହିଛି, ଯାହା ଫଳରେ କି ତାହା ପରିଶେଷରେ ଅବତୀର୍ଣ୍ଣ ହୋଇ ଆସୁଥିବା ଏକ ସତ୍ତା ଅର୍ଥାତ୍ ଊର୍ଦ୍ଧ୍ୱରୁ ଆସୁଥିବା ଏକ ଦିବ୍ୟତା ସହିତ ସଂଯୁକ୍ତ ଓ ମିଳିତ ହୋଇପାରିବ ।

'oaob.nitrkl.ac.in' images reprocessed

ବିଶ୍ୱାସ

ବାହ୍ୟ ଚେତନାର ଯାବତୀୟ ବୋଧ ହୁଏତ ଚୈତ୍ୟର ଯାବତୀୟ ବୋଧକୁ ଅସ୍ୱୀକାର କରିପାରେ । ମାତ୍ର, କେବଳ ସେହି ଚୈତ୍ୟରହିଁ ଯଥାର୍ଥ ଜ୍ଞାନ ରହିଛି, ସତେଅବା ଏକ ସହଜାତ ପ୍ରବୃତ୍ତି ଭଳି ଯଥାର୍ଥ ସବୋଧିଗତ ଜ୍ଞାନ ରହିଛି । ଚୈତ୍ୟସତ୍ତା କହୁଛି, "ମୁଁ ପ୍ରକୃତରେ ଜାଣିଛି; ମୁଁ ତାହାର କୌଣସି କାରଣ ଦର୍ଶାଇ ପାରିବି ନାହିଁ ସତ, ମାତ୍ର ମୁଁ ପ୍ରକୃତରେ ଜାଣିଛି ।" କାରଣ, ତାହାର ଜ୍ଞାନ ଆଦୌ ଏକ ମାନସିକ ଜ୍ଞାନ ନୁହେଁ, ସେହି ଜ୍ଞାନ ବାହ୍ୟ ଅନୁଭବକୁ ଆଶ୍ରୟ କରି ରହି ନ ଥାଏ କିଂବା ତାହାକୁ ସତ୍ୟ ବୋଲି ପ୍ରମାଣିତ କରିହୁଏ ନାହିଁ । ପ୍ରମାଣ ପାଇପାରିଲେ ଯେ ଚୈତ୍ୟ କୌଣସି କଥାକୁ ସତ୍ୟ ବୋଲି ବିଶ୍ୱାସ କରେ, ସେକଥା ଆଦୌ ନୁହେଁ । ବିଶ୍ୱାସ କହିଲେ ସେହି ଆତ୍ମାର କ୍ଷେତ୍ରରେହିଁ ଏକ କ୍ରିୟାତ୍ମକତାକୁ ବୁଝାଏ; ଆତ୍ମାର ଜ୍ଞାନ ସର୍ବଦା ସ୍ୱତଃପ୍ରେରିତ ଏବଂ ଅପରୋକ୍ଷ ହୋଇ ରହିଥାଏ । ଏପରିକି, ଯଦି ସାରା ପୃଥିବୀ ଅସ୍ୱୀକାର କରୁଥାଏ ଏବଂ ତା'ର ବିରୁଦ୍ଧରେ ହଜାରଟା ପ୍ରମାଣ ବି ଆଣି ବାଢ଼ି ଦେଉଥାଏ, ତଥାପି ଆପଣାର ଏକ ଅନ୍ତର୍ଗତ ଜ୍ଞାନ ଦ୍ୱାରା ପ୍ରେରିତ ହୋଇହିଁ ତାହାକୁ ସତ୍ୟ ବୋଲି ଜାଣେ, ଏକ ଅପରୋକ୍ଷ ଅନୁଭବ ଦ୍ୱାରା ତାହାକୁ ସତ୍ୟ ବୋଲି ଜାଣେ ଯାହାକି ଯେକୌଣସି ଅନ୍ୟପ୍ରମାଣ ସମ୍ମୁଖରେ ମଧ୍ୟ ଆପଣାକୁ ବଳବତ୍ତର ରଖିପାରେ । ଏହି ବୋଧଟି ହେଉଛି ଏକାତ୍ମକ ହୋଇ ରହିବା ଦ୍ୱାରା ଉପଲବ୍ଧ ବୋଧ । ଚୈତ୍ୟର ଜ୍ଞାନ ଏକ ବାସ୍ତବିକ ଓ ସାକାର ଜ୍ଞାନ, ତାହା ଏକାବେଳେକେ ନିଦା । ତୁମେ ସେହି ଜ୍ଞାନକୁ ନିଜର ମାନସିକ, ନିଜର ପ୍ରାଣିକ ଏବଂ ନିଜର ଭୌତିକ ଭୂମିଗୁଡ଼ିକୁ ମଧ୍ୟ ନେଇଆସି ପାରିବ । ଏବଂ ସେତେବେଳେ ତୁମର ଏକ ସମଗ୍ର ବିଶ୍ୱାସ ଅର୍ଜନ ହୋଇପାରିଲା ବୋଲି କୁହାଯିବ । ସେହି ବିଶ୍ୱାସ ପର୍ବତକୁ ମଧ୍ୟ ଟଳାଇଦେଇ ପାରିବ । ମାତ୍ର, ସେଥିଲାଗି, ତୁମର ସତ୍ତା ଭିତରେ ଏପରି କୌଣସି ଉପାଦାନ ନ ଥିବ, ଯାହାକି ବାହାରକୁ ବାହାରିଆସି "ନା, — ଏକଥା ମୋଟେ ସେପରି ନୁହେଁ" ବୋଲି କହିବାକୁ ମନ କରୁଥିବ ବା ଏକ ପରୀକ୍ଷା ଲାଗି ତୁମକୁ କହୁଥିବ । ଏତେଟିକିଏ ଅର୍ଦ୍ଧବିଶ୍ୱାସ ଦ୍ୱାରା ମଧ୍ୟ ତୁମେ ସବୁକିଛିକୁ ନଷ୍ଟ କରିଦେଇ ପାରିବ । ଆମର ବିଶ୍ୱାସ ପୂର୍ଣ୍ଣ ଏବଂ ଅବିଚଳ ନ ହୋଇ ପାରିଲେ ପରମ ସର୍ବୋଚ୍ଚ ସତ୍ତା ପ୍ରକାଶିତ ହୋଇପାରିବେ କିପରି ? ଯଥାର୍ଥ ବିଶ୍ୱାସ ସର୍ବଦାହିଁ ଏକ ଅବିଚଳ ବିଶ୍ୱାସ ହୋଇ

'oaob.nitrkl.ac.in' images reprocessed

ରହିଥାଏ । ତାହା ସ୍ୱଭାବତଃ ଅବିଚଳ ହୋଇ ରହିଥାଏ, କାରଣ ତା' ନ ହେଲେ ତାକୁ ମୋଟେ ବିଶ୍ୱାସ ବୋଲି କୁହାଯିବ ନାହିଁ । ମାତ୍ର, ହୁଏତ ଏପରି ବି ଘଟିପାରେ ଯେ ଆମର ମନ, ପ୍ରାଣିକ ଅଥବା ଶରୀର ଚୈତ୍ୟ କ୍ରିୟାତ୍ମକତାକୁ ଅନୁସରଣ କରିପାରନ୍ତି ନାହିଁ । ଜଣେ ବ୍ୟକ୍ତି ହୁଏତ ଜଣେ ଯୋଗୀ ପାଖକୁ ଆସିପାରେ ଏବଂ ତା'ର ହୁଏତ ହଠାତ୍ ଏହି ବିଶ୍ୱାସଟି ହୋଇପାରେ ଯେ ସେଇ ତାକୁ ତା'ର ଲକ୍ଷ୍ୟଆଡ଼େ ପଥପ୍ରଦର୍ଶନ କରି ନେଇଯାଇ ପାରିବେ । ତାଙ୍କ ପାଖରେ ପ୍ରକୃତରେ ଜ୍ଞାନ ରହିଛି କି ନାହିଁ, ସେ ବିଷୟରେ ସେ କିଛି ଜାଣି ନ ଥାଏ । ତା' ଭିତରେ ସେ କେବଳ ଏକ ଚୈତ୍ୟ ସ୍ପନ୍ଦନ ଅନୁଭବ କରେ ଏବଂ ସିଏ ଆପଣାର ଗୁରୁଙ୍କୁ ଆସି ଭେଟି ପାରିଛି ବୋଲି ଜାଣେ । ମନଦେଇ ଗୁଡ଼ାଏ ବିଚାର କରିବାରେ ତା'ର ବିଶ୍ୱାସ ନ ଥାଏ, ଅଥବା ଗୁଡ଼ାଏ ଅଲୌକିକ କଥା ଦେଖିବା ଲାଗି ମଧ୍ୟ ସେ ଅପେକ୍ଷା କରି ରହେ ନାହିଁ । ଏବଂ, କେବଳ ଏହାକୁହିଁ ପ୍ରକୃତ ବିଶ୍ୱାସ ବୋଲି କୁହାଯିବ । ଯୁକ୍ତି କରିବାକୁ ଆରମ୍ଭ କଲେ ତୁମେ ଆପଣାର ଭାଗ୍ୟଟିକୁ ହରାଇ ବସିବ । ଚୈତ୍ୟ ଅନୁସ୍ପନ୍ଦନ ପଛରେ ବୁଦ୍ଧିର ସମର୍ଥନ ରହିଛି କି ନାହିଁ, କେତେକ ମଣିଷ ବସି ସେକଥା ବି ବିଚାର କରିବାକୁ ମନ କରିଥାନ୍ତି ।

ଯାହାକୁ ଲୋକେ କୌଣସି ପ୍ରକାର ସନ୍ଦେହ ନ ରଖି ବିଶ୍ୱାସ କରିବା ବୋଲି କହୁଥାନ୍ତି, ସେଇଟି ଦ୍ୱାରା କେହି କଦାପି ପଥ ହୁଡ଼ିଯାଆନ୍ତି ନାହିଁ । ଲୋକମାନେ ଅନେକ ସମୟରେ କହନ୍ତି, "ଆରେ, ଅମୁକ ବା ସମୁକ ବ୍ୟକ୍ତି ଉପରେ ମୁଁ ବିଶ୍ୱାସ କଲି ଏବଂ ସିଏ ମୋତେ ପ୍ରତାରିତ କଲା ।" ମାତ୍ର ସେହି କ୍ଷେତ୍ରରେ ଅସଲ ଦୋଷ ସେହି ଲୋକଟିଠାରେ ନ ଥାଏ; ସିଏ ବିଶ୍ୱାସ କଲା, ତାହାରିଠାରେହିଁ ଦୋଷ ରହିଥାଏ । ତା'ଠାରେ କୌଣସି ଦୁର୍ବଳତା ରହିଥାଏ, ଯାହା ସକାଶେ କି ସିଏ ବାଟ ହୁଡ଼ିଯାଏ । ଯଦି ଆପଣାର ବିଶ୍ୱାସଟିକୁ ସିଏ ଅତୁଟ ରଖିଥାନ୍ତା, ତେବେ ସେ ସେହି ବ୍ୟକ୍ତିକୁ ମଧ୍ୟ ବଦଳାଇ ଦେଇପାରିଥାନ୍ତା । ସିଏ ଆପେ ଅଟଳ ହୋଇ ବିଶ୍ୱାସ-ଚେତନାଟି ମଧ୍ୟରେ ରହିପାରିଲା ନାହିଁ ବୋଲି ସିଏ ପ୍ରତାରିତ ହେଲା ଏବଂ ସେହି ବ୍ୟକ୍ତି ଯେପରି ହୁଅନ୍ତୁ ବୋଲି ସେ ଅଭିଳାଷ ରଖିଥିଲା, ସେହି ବ୍ୟକ୍ତି ପ୍ରକୃତରେ ତାହା ହୋଇପାରିଲା ନାହିଁ । ଯଦି ତା' ଭିତରେ ପୂର୍ଣ୍ଣ ବିଶ୍ୱାସ ରହିଥାନ୍ତା, ତେବେ ସେହି ବ୍ୟକ୍ତିକୁ ସେ ବଦଳିଯିବା ପାଇଁ ବାଧ୍ୟ କରିଥାନ୍ତା । ବିଶ୍ୱାସ ଦ୍ୱାରାହିଁ ସବୁବେଳେ କେତେକେତେ ଅଲୌକିକ ଓ ଅସମ୍ଭବ କଥା ସମ୍ଭବ ହୁଏ । ଜଣେ ବ୍ୟକ୍ତି ଆଉ ଜଣେ ବ୍ୟକ୍ତି ପାଖକୁ ଯାଏ ଏବଂ ସେହିଠାରେ ଏହି ଭଗବତ୍-ପରମ-ଉପସ୍ଥିତିର ଏକ ସଂସ୍ପର୍ଶ ଲାଭ କରେ । ଏହି ସଂସ୍ପର୍ଶଟିକୁ ଯଦି ସେ ଶୁଦ୍ଧ ଓ ସ୍ଥାୟୀ କରି ରଖିପାରେ,

'oaob.nitrkl.ac.in' images reprocessed

ତେବେ ତାହାହିଁ ଜଡ଼ସ୍ଥରୁ ଆନ୍ତର ଜଡସ୍ଥ ଏକ ଆଧାର ମଧ୍ୟରେ ପରମ ଦିବ୍ୟ-ଚେତନାକୁ ପ୍ରକାଶିତ ହେବା ଲାଗି ବାଧ୍ୟ କରି ଆଣିଥାଏ । ମାତ୍ର, ତୁମର ସ୍ଥିତିର ମାନଟି ଉପରେ ସବୁକିଛୁ ନିର୍ଭର କରୁଥାଏ, ତୁମର ନିଷ୍ଠା ଏବଂ ଆନ୍ତରିକତା ଉପରେ ସବୁ ନିର୍ଭର କରୁଥାଏ । ଏବଂ, ଚୈତ୍ୟର ଚେତନା ସ୍ତରରେ ତୁମେ ଯେତିକି ପ୍ରସ୍ତୁତ ହୋଇ ରହିଥାଅ, ଠିକ୍ ସେହି ପରିମାଣରେହିଁ ତୁମେ ପ୍ରକୃତ ଗୁରୁ ଏବଂ ପ୍ରକୃତ ଗୁରୁଙ୍କ ପାଖକୁ ପରିଚାଳିତ ହୋଇଯିବା ଲାଗି ସମର୍ଥ ହୁଅ । ଚୈତ୍ୟ ଏବଂ ଚୈତ୍ୟ ସ୍ତରର ବିଶ୍ୱାସ ସର୍ବଦା ନିଷ୍ଠାବନ୍ତ ହୋଇ ରହିଥାଏ; ମାତ୍ର, ଯଦି ତୁମର ବାହ୍ୟ ସତ୍ତାଟିର କ୍ଷେତ୍ରରେ କେଉଁଠି ନିଷ୍ଠାର ଅଭାବ ରହିଥାଏ ଏବଂ ଯଦି ତୁମେ ଆଧ୍ୟାତ୍ମିକ ଜୀବନ ପରିବର୍ତ୍ତେ ପ୍ରକୃତରେ ବ୍ୟକ୍ତିଗତ ନାନା କ୍ଷମତା ହାସଲ କରିବା ଲାଗିହିଁ ଇଚ୍ଛା ରଖିଥାଅ, ତେବେ ତୁମେ ତାହାରି ଦ୍ୱାରାହିଁ ବେଶ୍ ପଥଚ୍ୟୁତ ହୋଇଯାଇ ପାରିବ । ତେଣୁ, ତୁମର ବିଶ୍ୱାସ ନୁହେଁ, କେବଳ ତାହାହିଁ ତୁମକୁ ବାଟରୁ ହଟାଇ ନିଏ । ଆପେ ଶୁଦ୍ଧ ହୋଇ ରହିଥିଲେ ମଧ୍ୟ ସତ୍ତା ଭିତରେ ବିଶ୍ୱାସ ନିମ୍ନତର ନାନା କୈତ୍ୟାତ୍ମକତା ସହିତ ଆସି ମିଶିଯିବାର ଆଶଙ୍କା ସବୁବେଳେ ରହିଥାଏ ଏବଂ ତାହାର ଫଳରେହିଁ ତୁମେ ପଥଚ୍ୟୁତ ହୁଅ ।

'oaob.nitrkl.ac.in' images reprocessed

ଯଥାର୍ଥ ଦୃଷ୍ଟିକୋଣର ଶକ୍ତି

ସବୁବେଳେ କ'ଣ କେବଳ ସର୍ବୋତ୍ତମହିଁ ଘଟିଥାଏ ?···ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଇଛି ଯେ, ଯାହା ଘଟିଲା, ତାହା ଘଟିବାକୁହିଁ ଥିଲା । ଏହା କଦାପି ଅନ୍ୟପ୍ରକାରର ହୋଇପାରି ନ ଥାନ୍ତା । ସାରବସ୍ତୁ, ଯେଉଁ ନିୟନ୍ତ୍ରଣ ବାଦଟି ଦ୍ୱାରା ପରିଚାଳିତ ହେଉଛି, ଏହା ତାହାରି ଦ୍ୱାରାହିଁ ଘଟିଲା । ମାତ୍ର, ଘଟଣାଟି ଘଟିସାରିବା ପରେ ଯାଇ ଆମେ ପ୍ରକୃତରେ ଏପରି କହିପାରୁଛୁ । ଆଗରୁ କହିପାରୁ ନାହୁଁ । କାରଣ, ସର୍ବୋତ୍ତମ ଭାବରେ କ'ଣ ଘଟିପାରିବ, ସେହି ସମସ୍ୟାଟି ହେଉଛି ଗୋଟିଏ ବ୍ୟକ୍ତିଗତ ସମସ୍ୟା । ଏଠାରେ ବ୍ୟକ୍ତି କହିଲେ ଗୋଟିଏ ଜାତିକୁ ବୁଝାଇପାରେ, ଜଣେ ମଣିଷକୁ ମଧ୍ୟ ବୁଝାଇପାରେ; ଏବଂ ସବୁକିଛି ବ୍ୟକ୍ତିଗତ ଦୃଷ୍ଟିକୋଣଟି ଉପରେହିଁ ନିର୍ଭର କରେ । ଯେଉଁ ପରିସ୍ଥିତିଟି ପ୍ରକୃତରେ ଘଟିବାକୁ ଯାଉଛି, ଯଦି ତାହାରି ସମ୍ମୁଖରେ ତୁମେ ସମ୍ଭବ ସବୁଠାରୁ ଉଚ୍ଚ ଦୃଷ୍ଟିକୋଣଟିକୁ ଗ୍ରହଣ କରିପାର, ଅର୍ଥାତ୍, ଯଦି ତୁମେ ଆପଣାର ଚେତନାକୁ ତୁମର ପହଞ୍ଚ ମଧ୍ୟରେ ରହିଥିବା ସର୍ବୋଚ୍ଚ ଚେତନାଟି ସହିତ ଖିଅ ଲଗାଇ ରଖିପାର, ତେବେ ତୁମେ ପୂର୍ଣ୍ଣ ଭାବରେ ନିଶ୍ଚିତ ହୋଇପାରିବ ଯେ ତୁମର ଜୀବନରେ କେବଳ ସର୍ବୋତ୍ତମହିଁ ସଂଘଟିତ ହେବ । ମାତ୍ର, ସେହି ଚେତନାଟିର ଭୂମିରୁ ଖସିଆସି ଯଦି ତୁମେ ଏକ ନିମ୍ନତର ସ୍ଥିତିରେ ବାସ କରିବାକୁ ଆରମ୍ଭ କର, ତେବେ ତୁମର ଜୀବନରେ ସର୍ବୋତ୍ତମଟି ଆଉ କେବେହେଲେ ଘଟିପାରିବ ନାହିଁ । ତାହାର ଅତି ସହଜ କାରଣଟି ହେଉଛି ଯେ ତୁମେ ବର୍ତ୍ତମାନ ତୁମର ସର୍ବୋତ୍ତମ ଚେତନାଟିରେ ଆଉ ମୋଟେ ରହିପାରିଲ ନାହିଁ । ମୁଁ ତ ଆହୁରି ଆଗକୁ ଯାଇ ଏକଥା ବି କହିବି ଯେ ପ୍ରତ୍ୟେକ ବ୍ୟକ୍ତିର ପ୍ରତ୍ୟକ୍ଷ ପ୍ରଭାବଟିର ଆୟତନ ମଧ୍ୟରେ, ଯଥାର୍ଥ ଦୃଷ୍ଟିକୋଣଟି ଯେ କେବଳ ପ୍ରତ୍ୟେକ ପରିସ୍ଥିତିକୁ ଆମ ଲାଗି ଏକ ଅନୁକୂଳ ପରିସ୍ଥିତିରେ ପରିଣତ କରିଦେଇ ପାରିବ ତା' ନୁହେଁ, ତାହା ଖାସ୍ ପରିସ୍ଥିତିଟିକୁହିଁ ବଦଳାଇଦେଇ ପାରିବ । ଉଦାହରଣସ୍ୱରୂପ, ଯେତେବେଳେ ଜଣେ ବ୍ୟକ୍ତି ତୁମକୁ ପ୍ରାଣରୁ ମାରିଦେବାକୁ ଆସୁଛି, ସେତେବେଳେ ଯଦି ତୁମେ ତୁମର ସାଧାରଣ ଚେତନାଟି ମଧ୍ୟକୁ ଖସିଆସ, କାତର ହୋଇପଡ଼ ଏବଂ ନିଜର ସ୍ଥିର ବୁଦ୍ଧିକୁ ହରାଇବସ, ତେବେ ସେହି ବ୍ୟକ୍ତି ଯେଉଁ ମତଲବରେ ତୁମପାଖକୁ ଆସିଥିଲା, ସେଇଟିକୁ ସିଦ୍ଧ କରିବାରେ ସିଏ ହୁଏତ ସଫଳ ହୋଇଯାଇ ପାରିବ । ମାତ୍ର, ଯଦି ତୁମେ ଟିକିଏ ଉପରକୁ ଉଠିଯାଇ ପାରିବ ଏବଂ ଭିତରେ

'oaob.nitrkl.ac.in' images reprocessed

ଭସ୍ମ ଥିଲେ ମଧ୍ୟ ଯଦି ତୁମେ ତଥାପି ଭଗବାନଙ୍କର ସାହାଯ୍ୟ ଭିକ୍ଷା କରିପାରିବ, ତେବେ ସେହି ବ୍ୟକ୍ତିର ଆଘାତ ହୁଏତ ଲକ୍ଷ୍ୟଭ୍ରଷ୍ଟ ହୋଇଯିବ; ହୁଏତ ତୁମକୁ ଯେଉଁ ଆଘାତ ଲାଗିବ, ତାହା ଅତି ସାମାନ୍ୟ । ଏବଂ, ଯଦି ତୁମେ ଯଥାର୍ଥ ଦୃଷ୍ଟିକୋଣଟିକୁ ରଖି ପାରିଥିବ ଏବଂ ଆପଣାର ଚାରିପାଖରେ ସର୍ବଦା ଭଗବତ୍-ଉପସ୍ଥିତିଟି ବିଷୟରେ ପୂର୍ଣ୍ଣଭାବରେ ସଚେତନ ରହିପାରିଥିବ, ତେବେ ତୁମର କୌଣସି କ୍ଷତି କରିବା ଲାଗି ସେହି ବ୍ୟକ୍ତି ଆଙ୍ଗୁଠିଟିଏ ବି ଉଠାଇପାରିବ ନାହିଁ ।

ଏହି ସତ୍ୟଟିକୁ ଆମେ ରୂପାନ୍ତରର ସମସ୍ତ ସମସ୍ୟାଟି ଲାଗି ଏକ ଚାବିକାଠି ବୋଲିହିଁ ଜାଣିବା । ଭଗବତ୍-ପରମ-ଉପସ୍ଥିତି ସହିତ ତୁମେ ନିରନ୍ତର ଯୋଗ ଲଗାଇ ରଖିବ, ତାହାକୁ ଅବତୀର୍ଣ୍ଣ କରାଇ ଆଣିବା ଲାଗି ତୁମେ ସତତ ଚେଷ୍ଟା କରୁଥିବ,—ଏବଂ, ତା'ହେଲେ, ତୁମ ଜୀବନରେ କେବଳ ସର୍ବୋତ୍ତମହିଁ ଘଟିବ । ଅବଶ୍ୟ ଏକଥା ସତ ଯେ, ଚାରିଦିଗ୍‌ମାନଙ୍କେ ଏହି ପୃଥିବୀ କଦାପି ବଦଳିଯାଇ ପାରିବ ନାହିଁ, ମାତ୍ର ତା'ପକ୍ଷରେ ଯେତେ ଆଗକୁ ଯିବା ସମ୍ଭବ, ତାହା ସେତିକି ଅଧିକ ବେଗରେ ନିଶ୍ଚୟ ଆଗକୁ ଯାଇପାରିବ । ତୁମେମାନେ ଏକଥା କଦାପି ଭୁଲିଯିବ ନାହିଁ ଯେ ଯୋଗମାର୍ଗରେ ତୁମେ ନିଷ୍ଠାର ସହିତ ସିଧା ଚାଲିଯାଇ ପାରୁଥିଲେ ଯାଇ ଏପରି ଘଟିବ । ମାତ୍ର, ଯଦି ତୁମେ ପଥଚ୍ୟୁତ ହୋଇଯାଉଥିବ, ଆପଣାର ବାଟଟିକୁ ଭୁଲିଯାଉଥିବ ଏବଂ ନିଜର ଖିଆଲ୍ ଅନୁସାରେ ଅଥବା ବଡ଼ ଅସହାୟ ଭାବରେ ଏଣେତେଣେ ହେବାରେ ଲାଗିଥିବ, ଯଦି ଘୋର ଜଙ୍ଗଲ ଭିତରେ ପଶିଥିଲା ପରି ହେଉଥିବ, ତେବେ ତାହା କଦାପି ହୋଇପାରିବ ନାହିଁ ।

ଯଦି ତୁମ ଭିତରୁ ପ୍ରତ୍ୟେକେ ଆପଣା ଆପଣାର ସର୍ବୋତ୍ତମଟିକୁ ସମ୍ପନ୍ନ କରିପାରିବେ, ତେବେ ସେହି କ୍ଷେତ୍ରରେ ଯଥାର୍ଥ ସହଯୋଗଟି ସମ୍ଭବ ହୋଇ ପାରିବ ଏବଂ ତଦ୍ଦ୍ୱାରା ଅଧିକ ତ୍ୱରାନ୍ୱିତ ଭାବରେ ଫଳମାନ ମିଳିବ । ଯଥାର୍ଥ ଦୃଷ୍ଟିକୋଣର ଶକ୍ତି ବିଷୟରେ ମୋ'ପାଖରେ ଅଗଣିତ ଦୃଷ୍ଟାନ୍ତ ରହିଛି । ଯଥାର୍ଥ ଦୃଷ୍ଟିକୋଣଟିକୁ ରଖିପାରିଥିବା ମାତ୍ର ଜଣେ ବ୍ୟକ୍ତି କିପରି ବହୁତ କେତେକେତେ ଲୋକଙ୍କୁ ବିପର୍ଯ୍ୟୟରୁ ରକ୍ଷା କରି ପାରିଛି, ସେକଥା ମୁଁ ନିଜେ କେତେଥର ଦେଖିଛି । ମାତ୍ର, ଏହା ଏପରି ଏକ ଦୃଷ୍ଟିକୋଣ ହୋଇଥିବା ଉଚିତ, ଯାହାକି ଅତି ଉପରକୁ ଉଠିଯାଇ ଆଉକୋଉଠି ଅବସ୍ଥାନ କରୁ ନ ଥିବ ଏବଂ ଶରୀରଟାକୁ ତା'ର ଚତୁର୍ଦ୍ଦିଗର ପ୍ରତିକ୍ରିୟାଗୁଡ଼ାକ ଭିତରେ ଛାଡ଼ିଦେଇ ଯାଇ ନ ଥିବ । ଯଦି ତୁମେ ସେହିପରି ଅତି ଉଚ୍ଚରେ ଯାଇ ରହିଥିବ ଏବଂ "ଯାହା ଭଗବାନଙ୍କର ଇଚ୍ଛା, ତାହାହିଁ ହେଉ" ବୋଲି କହୁଥିବ, ତେବେ ତୁମକୁ ତଥାପି ସେହି ଘାତକଟି ହାତରେ ପ୍ରାଣ ହରାଇବାକୁ ପଡ଼ିବ । କାରଣ, ତୁମର ଶରୀର ହୁଏତ ବେଶ୍

'oaob.nitrkl.ac.in' images reprocessed

ଦିବ୍ୟତାରହିତ ହୋଇ ରହିଥିବ, ଭୟରେ ଗୋଟାସୁଦ୍ଧା ଥରିବାରେ ଲାଗିଥିବ । ତେଣୁ, ପ୍ରକୃତ କଥା ହେଉଛି ଯେ ଆମେ ଖାସ୍ ଶରୀର ଭିତରେ ମଧ୍ୟ ଯଥାର୍ଥ ଚେତନାଟିକୁ ଧାରଣ କରି ରଖିଥିବା, ଆମ ଭିତରେ ଆଦୌ କୌଣସି ଭୟ ନ ଥିବ ଏବଂ ଭଗବତ୍ ଶାନ୍ତି ପରିପୂର୍ଣ୍ଣ ହୋଇ ରହିଥିବ । ତେବେଯାଇ ଭୟର ଆଉ କୌଣସି ଆଶଙ୍କା ନ ଥିବ । ତେବେ, କେବଳ ମନୁଷ୍ୟମାନଙ୍କର ଆକ୍ରମଣକୁ ଯେ ପ୍ରତିହତ କରି ଦିଆଯାଇ ପାରିବ ତା'ନୁହେଁ, ମାତ୍ର ଅନ୍ୟପଶୁମାନଙ୍କୁ ଏବଂ ଏପରିକି ପ୍ରକୃତି ମଧ୍ୟରେ ରହିଥିବା ଉପାଦାନଗୁଡ଼ିକୁ ମଧ୍ୟ ପ୍ରଭାବିତ କରାଯାଇ ପାରିବ । ଏଠାରେ ମୁଁ ତୁମମାନଙ୍କୁ ସାନ ଉଦାହରଣଟିଏ ଦେବି । ସେଉଁଦିନ ରାତିରେ ଭାରି ଝଡ଼ ହେଲା ତୁମମାନଙ୍କର ମନେଥିବ; ସେଦିନ ଚାରିଆଡ଼ କେତେ ଶବ୍ଦରେ କମ୍ପି ଉଠୁଥିଲା ଏବଂ ଏଠି ଚାରିଆଡ଼େ ମେଘବର୍ଷା ହେଉଥିଲା । ମୁଁ ଭାବିଲି ମୁଁ ଶ୍ରୀଅରବିନ୍ଦଙ୍କର କୋଠରିକୁ ଯାଇ ଝରକାଗୁଡ଼ିକୁ ବନ୍ଦ କରିବାରେ ତାଙ୍କୁ ସାହାଯ୍ୟ କରିବି । ମୁଁ ସେଠାକୁ ଯାଇ କବାଟ ଖୋଲିଲି, ଦେଖିଲି ସେ ଶାନ୍ତ ହୋଇ ଆପଣାର ଡେସ୍କ୍ ପାଖରେ ବସିଛନ୍ତି ଓ କ'ଣ ଲେଖିବାରେ ଲାଗିଛନ୍ତି । ସେହି କୋଠରିଟି ମଧ୍ୟରେ ଏପରି ଏକ ଚଞ୍ଚଳତାହୀନ ଶାନ୍ତି ବିଦ୍ୟମାନ ରହିଥିଲା ଯେ ବାହାରେ ଗୋଟାଏ ଭୟଙ୍କର ଝଡ଼ ଚାଲିଛି ବୋଲି କେହି ସ୍ୱପ୍ନରେ ବି କଳ୍ପନା କରିପାରି ନ ଥାନ୍ତା । ଘରର ଝରକାଗୁଡ଼ିକ ପୂରା ମେଲାହୋଇ ରହିଥିଲା ଏବଂ ଘରଭିତରକୁ ବର୍ଷାର ଗୋଟିଏ ବିନ୍ଦୁ ପାଣି ବି ପ୍ରବେଶ କରୁ ନ ଥିଲା ।

'oaob.nitrkl.ac.in' images reprocessed

କଳ୍ପନା-ଶକ୍ତି

କଳ୍ପନାକୁ ଯଥାର୍ଥ ଭାବରେ ମାନସିକ ବିରଚନାର ଶକ୍ତି ବୋଲି ବୁଝାଯିବ । ଯେତେବେଳେ ଏହି ଶକ୍ତିଟିକୁ ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟରେ ନିୟୋଜିତ କରାହୁଏ, ସେତେବେଳେ ତାହା କେବଳ ବିରଚନକ୍ଷମ ହୋଇ ରହେ ନାହିଁ, ତାହା ସୃଜନକ୍ଷମ ବି ହୋଇପାରେ । ଅବଶ୍ୟ ଏକଥା ସତ୍ୟ ଯେ ଅବାସ୍ତବ ବିରଚନା ବୋଲି କେଉଁଠାରେ କିଛି ସମ୍ଭବ ହୁଏ ନାହିଁ, କାରଣ କଳ୍ପିତ ପ୍ରତ୍ୟେକ ପ୍ରତିରୂପକୁ ମାନସିକ ଭୂମିରେ ରହିଥିବା ଏକ ବାସ୍ତବ ସତ୍ୟ ବୋଲି ନିଶ୍ଚୟ ବୁଝାଯାଇ ପାରିବ । ଉଦାହରଣସ୍ୱରୂପ, କୌଣସି ଉପନ୍ୟାସର କଥାବସ୍ତୁ ମଧ୍ୟ ମାନସିକ ଭୂମି ଉପରେ ବାସ୍ତବରୂପେ ଅବସ୍ଥାନ କରୁଥାଏ, ଭୌତିକ ଭୂମିରୁ ଅତ୍ୟନ୍ତ ସ୍ୱତନ୍ତ୍ର ଭାବେ ତାହା ଅବସ୍ଥାନ କରୁଥାଏ । ସେହି ଦୃଷ୍ଟିରୁ ଆମ ପ୍ରତ୍ୟେକଙ୍କୁ ମଧ୍ୟ କେତେକ ପରିମାଣରେ ଜଣେ ଜଣେ ଉପନ୍ୟାସକାର ବୋଲି ବୁଝାଯାଇ ପାରିବ, କାରଣ ସେହି ସୋପାନରେ ନାନା ରୂପର ରଚନା କରିବାର ସାମର୍ଥ୍ୟ ଆମ ପ୍ରତ୍ୟେକଙ୍କ ଭିତରେ ରହିଛି । ଏବଂ, ବସ୍ତୁତଃ, ଆମ ଜୀବନର ଅନେକାଂଶ ପରିମାଣହିଁ ଆମ କଳ୍ପନାଶକ୍ତି ଦ୍ୱାରା ନିଷ୍ପନ୍ନ ସାମଗ୍ରୀଗୁଡ଼ିକ ଦ୍ୱାରା ଗଠିତ ହୋଇ ରହିଥାଏ । ଯେତେବେଳେ ତୁମେ ଏକ ଅସ୍ୱାସ୍ଥ୍ୟକର ମାର୍ଗରେ ନିଜର କଳ୍ପନାଗତ ନାନା ବିରଚନା ମଧ୍ୟରେ ରହିଯାଇଥାଅ, ନିଜର ନାନା ଭୟ, ତୁମେ ଆଶଙ୍କା କରୁଥିବା ନାନା ଦୁର୍ଘଟନା ଏବଂ ଦୁର୍ଭାଗ୍ୟର କେତେ କେତେ ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତରେ ରହିଥାଅ, ସେତେବେଳେ ତୁମେ ନିଜ ଭବିଷ୍ୟତରହିଁ ହାନି କରିବାରେ ଲାଗିଥାଅ । ମାତ୍ର, ଅନ୍ୟପକ୍ଷରେ, ତୁମର କଳ୍ପନାରାଜ୍ୟରେ ତୁମେ ଯେତିକି ଆଶାବାଦୀ ହୋଇ ରହିଥାଅ, ଆପଣାର ଲକ୍ଷ୍ୟଟିକୁ ହାସଲ କରିବାର ସମ୍ଭାବନାଟି ମଧ୍ୟ ତୁମଲାଗି ସେତିକି ଅଧିକ ହୋଇ ରହିଥାଏ । ଶ୍ରୀଯୁକ୍ତ କୁଏ ଏହି ଶକ୍ତିଶାଳୀ ସତ୍ୟଟିର ପରିଚୟ ପାଇଥିଲେ ଏବଂ ସେହି ଉପାୟରେ ଶହ ଶହ ଲୋକଙ୍କୁ ଆରୋଗ୍ୟ କରିଦେଇ ପାରିଥିଲେ । ସେମାନେ ସେମାନଙ୍କର ଦୁଃଖ ଭିତରୁ ବାହାରକୁ ବାହାରି ଆସିପାରିଛନ୍ତି, ଲୋକମାନଙ୍କୁ କେବଳ ଏତିକି କଳ୍ପନା କରିବା ଲାଗି ଶିଖାଇଦେଇହିଁ ସେ ତାହା କରି ପାରିଥିଲେ । ଥରେ ସେ ଜଣେ ଭଦ୍ରମହିଳାଙ୍କ ବିଷୟରେ କହୁଥିଲେ । ମହିଳାଙ୍କର ମୁଣ୍ଡରୁ ବାଳ ଉପୁଡ଼ି-ଯାଉଥାଏ । ମହିଳା ପ୍ରତ୍ୟେକ ଦିନ ଆପଣାକୁ ଏହି କଥାଟି ବିଶ୍ୱାସ କରିବାକୁ

'oaob.nitrkl.ac.in' images reprocessed

ପ୍ରବର୍ତ୍ତାଇଲେ ଯେ ତାଙ୍କର ବାଳ ଉପୁଡ଼ିବା କ୍ରମଶଃ କମ୍ ହୋଇଆସୁଛି ଓ ମୁଣ୍ଡରେ ନୂଆ ବାଳ ବି ଉଠିବାକୁ ଆରମ୍ଭ କଲାଣି । ଏହିପରି ଭାବରେ ଅନୁକ୍ଷଣ କଳ୍ପନା କରିବା ଦ୍ୱାରା ତାଙ୍କର ବାଳ ପ୍ରକୃତରେ ବଢ଼ିବାକୁ ଆରମ୍ଭ କଲା ଏବଂ ଆପଣାକୁ ଏହିପରି ଅଧିକ ପ୍ରବର୍ତ୍ତାଇବା ଫଳରେ ତାହା କ୍ରମେ ଏକ ଲୋଭନୀୟ ଦୈର୍ଘ୍ୟ ବି ହାସଲ କରିପାରିଲା । ଯୋଗସାଧନାରେ ମଧ୍ୟ ମାନସିକ ବିରଚନର ଉପାୟଟି ଅତ୍ୟନ୍ତ ଉପଯୋଗୀରୂପେ କାମ ଦେଇଥାଏ । ଯେତେବେଳେ ଦିବ୍ୟ ପରମଇଚ୍ଛାଟି ସହିତ ମନର ଖିଅଟିକୁ ଲଗାଇ ଦିଆଯାଏ, ସେତେବେଳେ ମନ ଏବଂ ଉଚ୍ଚତର ଆଲୋକ ମଧ୍ୟରେ ବ୍ୟବଧାନ ପରି ହୋଇ ରହିଥିବା ସ୍ତରଗୁଡ଼ିକର ମଧ୍ୟଦେଇ ଅତିମାନସ ସତ୍ୟ ମଧ୍ୟ ତଳକୁ ଅବତୀର୍ଣ୍ଣ ହୋଇ ଆସିବାକୁ ଆରମ୍ଭ କରେ । ଏବଂ, ମନର ସ୍ତରଟିରେ ପହଞ୍ଚି, ଯଦି ତାହା ମନଠାରେ ବିରଚନାର ଏକ ଶକ୍ତି ବଳବତ୍ତର ହୋଇ ରହିଥିବାର ଦେଖିବାକୁ ପାଏ, ତେବେ ତାହା ଶରୀରସ୍ଥ ହୁଏ ଏବଂ ତୁମ ଭିତରେ ଏକ ସୃଜନଶୀଳା ଶକ୍ତି ହୋଇ ରହେ । ତେଣୁ ମୁଁ ତୁମମାନଙ୍କୁ କହିରଖୁଛି, ତୁମେମାନେ କଦାପି ଦୁଃଖରେ ବ୍ୟଥିତ ହୋଇପଡ଼ ନାହିଁ, କଦାପି ନିରାଶ ହୁଅ ନାହିଁ; ତୁମର କଳ୍ପନାଶକ୍ତି ସର୍ବଦା ଆଶାଯୁକ୍ତ ହୋଇ ରହିଥାଉ, ପ୍ରସନ୍ନ ଭାବରେ ନମନୀୟ ହୋଇ ରହିଥାଉ, ଅନ୍ତର୍ଗତ ସେହି ପରମ-ସତ୍ୟର ଦାବିଟି ଆଗରେ ସଦାପ୍ରସ୍ତୁତ ହୋଇ ରହିଥାଉ, ଯେପରିକି ସେହି ସତ୍ୟର ସୃଜନଶୀଳ ଆଲୋକଟିକୁ ଧାରଣ କରିପାରିବା ପାଇଁ ତୁମେ ଆବଶ୍ୟକ ଅନୁକୂଳ ଗଠନଗୁଡ଼ିକ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବ ।

କଳ୍ପନା ହେଉଛି ଗୋଟିଏ ଛୁରୀ ପରି ଏବଂ ତାକୁ ଆମେ ଭଲ ଓ ମନ୍ଦ ଉଭୟରେହିଁ ବ୍ୟବହାର କରିପାରିବା । ତୁମର ଜୀବନରେ ଯେ ଏକ ପୂର୍ଣ୍ଣ ପରିବର୍ତ୍ତନ ଘଟିବାକୁ ଯାଉଛି, ଏହିପରି ଏକ ଭାବନା ଏବଂ ଅନୁଭୂତି ମଧ୍ୟରେ ସର୍ବଦା ଅବସ୍ଥାନ କରିପାରୁଥିଲେ ତୁମେ ଯୋଗର ପ୍ରତିଷ୍ଠାଟିର ମଧ୍ୟ ନିଶ୍ଚୟ ସହାୟତା କରିପାରିବ । ମାତ୍ର ଯଦି, ଅନ୍ୟପକ୍ଷରେ, ତୁମେ ନୈରାଶ୍ୟ ଭିତରେ ମୁଣ୍ଡ ଝୁଙ୍କିଦେବ ଏବଂ ତୁମେ ଯୋଗ୍ୟ ହୋଇ ପାରିଲ ନାହିଁ ବା ଉପଲବ୍ଧି ଲାଗି ଅସମର୍ଥ ହୋଇ ରହିଲ ବୋଲି ବେଦନ କରିବାରେ ଲାଗିଥାଅ, ତେବେ ତୁମେ ତଦ୍ୱାରା ନିଜର ସତ୍ତାଟିକୁ ନିଜେହିଁ ବିଷାକ୍ତ କରି ପକାଉଥିବ । ଠିକ୍ ଏହି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସତ୍ୟଟି ସକାଶେହିଁ ମୁଁ ଅବିଶ୍ରାନ୍ତ ଭାବରେ ବାରବାର ତୁମମାନଙ୍କୁ କହିବାରେ ଲାଗିଛି ଯେ, ଯାହାକିଛି ଘଟୁ ପଛକେ, ତୁମେ ତଥାପି କୌଣସି ପରିସ୍ଥିତିରେ ମଧ୍ୟ ନୈରାଶ୍ୟ ପାଖରେ ନତମସ୍ତକ ହୁଅ ନାହିଁ । ଆମେ ଯାହାସବୁ କରୁଛୁ, ଦିନେ ତାହାହିଁ ସଫଳତା ଲାଭ କରିବ,—ତୁମେମାନେ ଏହି ଆଶାବାଦ ଓ ଏହି ଦୃଢ଼ ବିଶ୍ୱାସଟି ସହିତ ଆପଣାର ଜୀବନଟିକୁ ବଞ୍ଚି ଶିଖ । ଅନ୍ୟ ଭାଷାରେ

'oaob.nitrkl.ac.in' images reprocessed

କହିଲେ, ଶ୍ରୀଅରବିନ୍ଦଙ୍କଠାରେ ତୁମର ଯେଉଁ ବିଶ୍ୱାସ ରହିଛି, ତାହାର ଦ୍ୱାରାହିଁ ତୁମର କଳ୍ପନାଶକ୍ତି ପରିଚାଳିତ ଏବଂ ଗଠିତ ହେବାରେ ଲାଗିଥାଉ। କାରଣ, ଶ୍ରୀଅରବିନ୍ଦଙ୍କର ଇଚ୍ଛା ଅବଶ୍ୟ ପୂର୍ଣ୍ଣ ହେବ, ରୂପାନ୍ତର ଲାଗି ଶ୍ରୀଅରବିନ୍ଦ ଯେଉଁ କାର୍ଯ୍ୟ କରୁଛନ୍ତି, ପରିଶେଷରେ ତାହାହିଁ ଚୂଡ଼ାନ୍ତ ବିଜୟ ହାସଲ କରିବ ଏବଂ, ସିଏ ଯାହାକୁ ଅତିମାନସପୃଥିବୀ ବୋଲି କହୁଛନ୍ତି, ତାହାହିଁ ଏହି ପୃଥିବୀ ଉପରେ ଆବିର୍ଭୂତ ହେବ ଏବଂ ଏଇଠି ଏହି ବର୍ତ୍ତମାନ ମୁହୂର୍ତ୍ତରେହିଁ ଆମେ ଯେ ତାହାର ଉପଲବ୍ଧି ଅବଶ୍ୟ କରିବୁ, ଶ୍ରୀଅରବିନ୍ଦଙ୍କ ଉପରେ ବିଶ୍ୱାସ ରଖିବା କହିଲେ ପ୍ରକୃତରେ ଠିକ୍ ସେହି ଆଶାବାଦ ଏବଂ ଦୃଢ଼ବିଶ୍ୱାସକୁ ବୁଝାଏ ନାହିଁ କି ?

ନିଃସ୍ୱାର୍ଥ ଶ୍ରଦ୍ଧା

ଦିବ୍ୟ ପରମସତ୍ତାଙ୍କ ପ୍ରକାଶିତ କରି ଦେଉଥିବା ଯେକୌଣସି କଥାକୁ ସ୍ୱୀକୃତି ଦେବା ଲାଗି ଲୋକମାନେ ଏତେ ବେଶୀ ଅନିଚ୍ଛୁକ ହୋଇ ରହିଥାନ୍ତି ଯେ, ସେମାନେ କିଛି ନା କିଛି ଦୋଷ ବାହାର କରି ଦେଖାଇ ଦେବାକୁ, ଆପାତତଃ କେଉଁଠି ଗୋଟାଏ ତ୍ରୁଟି ଅଛି ବୋଲି କହିଦେବାକୁ ସର୍ବଦାହିଁ ଟାକି ରହିଥାନ୍ତି । ଯାହା ଉଚ୍ଚ, ସେମାନେ ତାହାକୁ ସେହିମାନଙ୍କ ସ୍ତରକୁ ଖସାଇ ନେଇଆସିବା ଲାଗି ପ୍ରସ୍ତୁତ ହୋଇ ରହିଥାନ୍ତି । ସେମାନଙ୍କୁ କେହି ଟପି ଚାଲିଯିବାର ଦେଖିଲେ ସେମାନେ ପ୍ରକୃତରେ ପ୍ରଚଣ୍ଡ ହୋଇ ଉଠନ୍ତି ଏବଂ କେଉଁଠି ବାହାରକୁ କୌଣସି "ଦୋଷ" ବା "ଖୁଣ" କାଢ଼ି ଦେଖାଇଦେଇ ପାରିଲେ ସେମାନେ ସେଥିରୁ ଖୁବ୍ ଆତ୍ମପ୍ରସାଦ ଲାଭ କରନ୍ତି । ମାତ୍ର ସେମାନେ ଗୋଟିଏ କଥା ଭୁଲି ଯାଇଥାନ୍ତି ଯେ, ଏହି ଜଗତରେ ଭଗବାନ୍-ପରମସତ୍ତାଙ୍କର ଉପସ୍ଥିତି ଘଟିବାବେଳେ ଯେତେବେଳେ ସେମାନେ ନିଜର ସମ୍ମୁଖରେହିଁ ତାଙ୍କୁ ଦେଖିବାକୁ ପାଇବେ, ସେତେବେଳେ, ଆପଣାର ଅଶୋଧିତ ଭୌତିକ ମନଟି ଦ୍ୱାରା ସଞ୍ଚାଳିତ ହୋଇ ସେମାନେ କେବଳ ଅଶୋଧିତ ବସ୍ତୁଗୁଡ଼ିକ ବ୍ୟତୀତ ଆଉ କଦାପି କିଛିହେଲେ ଦେଖି ପାରିବେ ନାହିଁ । ଯାହା ଦେଖିବା ବିଷୟରେ ସେମାନେ ନିଜେ ଅସମର୍ଥ ହୋଇ ରହିଛନ୍ତି ଅଥବା ଯାହା ଦେଖିବାକୁ ସେମାନଙ୍କର ଅନିଚ୍ଛାହିଁ ରହିଛି, ତାହାକୁ ଦେଖିବା ଲାଗି ସେମାନେ ପ୍ରକୃତରେ ଆଶା ବା କରିପାରିବେ କିପରି ? ଭଗବାନ୍-ପରମସତ୍ତାଙ୍କର ଯାବତୀୟ କାର୍ଯ୍ୟର କେବଳ ଉପରିସ୍ଥ ବାହ୍ୟବଟାର ବିଚାର କରୁଥିବା ପର୍ଯ୍ୟନ୍ତ ସେମାନେ ତାଙ୍କ ବିଷୟରେ କେବଳ ଭ୍ରମ ମୂଲ୍ୟାୟନହିଁ କରୁଥିବେ, କାରଣ, ଏହି କଥାଟି ବୁଝିବା ଲାଗି ସେମାନେ କେବେହେଲେ ସମର୍ଥ ହେବେ ନାହିଁ ଯେ, ମନୁଷ୍ୟର କାର୍ଯ୍ୟକଳାପ-ଗୁଡ଼ିକ ସହିତ ଯାହାର ଏକ ସାଦୃଶ୍ୟ ଥିଲପରି ବୋଧ ହେଉଛି, ତାହା ବସ୍ତୁତଃ ତାହାଠାରୁ ଏକାନ୍ତ ଭିନ୍ନ ଏବଂ ତାହା ଏପରି ଏକ ଉତ୍ସରୁ ନିଷ୍କ୍ରାନ୍ତ ହୋଇ ଆସୁଛି, ଯାହାକୁ କି ମନୁଷ୍ୟକ୍ଷେତ୍ରର ଅନ୍ତର୍ଗତ ବୋଲି କଦାପି କୁହାଯିବ ନାହିଁ ।

ପୃଥିବୀରେ ଆପଣାର କାର୍ଯ୍ୟଟିକୁ ସମ୍ପନ୍ନ କରିବା ଲାଗି ଏଠାରେ ଆପଣାକୁ ଅଭିବ୍ୟକ୍ତ କରୁଥିବା ଦିବ୍ୟ ପରମସତ୍ତା, ମଣିଷମାନେ ଯେଉଁପରି କାର୍ଯ୍ୟ କରନ୍ତି ଠିକ୍ ସେହିପରି ନାନା କାର୍ଯ୍ୟ କରୁଥାନ୍ତି ସତ, ମାତ୍ର ପ୍ରକୃତରେ ସେ ସେହି କାର୍ଯ୍ୟଗୁଡ଼ିକୁ ଆଦୌ କରୁ ନ ଥାନ୍ତି । ତେଣୁ ଆପାତ ଏବଂ ବାହ୍ୟ ଘଟଣା ଏବଂ କାର୍ଯ୍ୟଗୁଡ଼ିକର

'oaob.nitrkl.ac.in' images reprocessed

ମାନଦଣ୍ଡରେ ଆମେ କଦାପି ସେଗୁଡ଼ିକୁ ତଉଲି ସେଗୁଡ଼ିକର ମୂଲ୍ୟ ନିରୂପଣ କରିପାରିବା ନାହିଁ । ମାତ୍ର ମଣିଷମାନେ ସେମାନଙ୍କର ନିଜର ଅଳ୍ପତା ଏବଂ ଅପୂର୍ଣ୍ଣତାଗୁଡ଼ିକ ସହିତ ଘୋର ପ୍ରେମରେ ପଡ଼ିକରି ରହିଥାନ୍ତି ଏବଂ କୌଣସି ଉଚ୍ଚତର ବାସ୍ତବତା ବା ସତ୍ୟ ପାଖରେ ନତମସ୍ତକ ହେବାକୁ କିଂବା ତାହାକୁ ଆପଣାର ସ୍ୱୀକୃତି ଜଣାଇବାକୁ ମୋଟେ ସହ୍ୟ କରିପାରନ୍ତି ନାହିଁ । ଦୋଷ ନିଖୋଜିବାର ଏହି ଯେଉଁ ବାସନା, ଆପଣା ଭିତରେ ଗୋଟାଏ ବସ୍ତୁ ଯାହାକୁ ଏକ ଉଚ୍ଚତର ସତ୍ୟ ବୋଲି ସ୍ୱୀକାର କରିବା ଲାଗି ସୂଚନା ଦେଉଛି, ତାହାକୁହିଁ ସମାଲୋଚନା ଏବଂ ସନ୍ଦେହ କରିବାର ଏହି ଯେଉଁ ପ୍ରବଳ ଖଳ ଆଗ୍ରହ, ତାହାହିଁ ମନୁଷ୍ୟର ସ୍ୱଭାବଗତ । ଏହା ଆମକୁ କେବଳ ମନୁଷ୍ୟାୟିତ ହୋଇ ରହିଥିବା ସ୍ୱଭାବଟିକୁ ସୂଚିତ କରି ଦେଉଥାଏ । ମାତ୍ର, ଅନ୍ୟ ପକ୍ଷରେ, ଯାହା ସତ୍ୟ, ଯାହା ସୁନ୍ଦର ଓ ଯାହା ଭବ୍ୟ, ଯେଉଁଠାରେ ତାହାରହିଁ ପ୍ରଶଂସା କରିବା ଲାଗି ଏକ ସ୍ୱତଃପ୍ରେରିତ ପ୍ରବୃତ୍ତି ରହିଥାଏ, ସେଠାରେ କେତେକାଂଶରେ ଦିବ୍ୟତାରହିଁ ଅଭିବ୍ୟକ୍ତି ଘଟିଥାଏ । ତୁମକୁ ଏହି କଥାଟିକୁ ଏକାନ୍ତ ନିଶ୍ଚିତ ବୋଲି ଜାଣି ରଖିବାକୁ ହେବ ଯେ, ଯେତେବେଳେ, ତୁମେ ଯାହାକୁ ଦିବ୍ୟ ଉତ୍ସରୁ ନିଷ୍ପନ୍ନ ହୋଇ ଆସୁଥିବା ପରି ଅନୁଭବ କରୁଛ, ତୁମର ହୃଦୟ ଯେତେବେଳେ ତାହାରି ଉପାସନା କରିବା ଲାଗି ଉଲ୍ଲସିତ ହୋଇଉଠେ, ସେତେବେଳେ ତୁମର ସ୍ଥୂଳ ଚେତନାଟି ତୁମର ଚୈତ୍ୟସତ୍ତା ଅର୍ଥାତ୍ ତୁମ ଭିତରେ ଅବସ୍ଥିତ ଥିବା ଆତ୍ମାରହିଁ ସଂସ୍ପର୍ଶ ଲାଭ କରିଥାଏ ।

ତୁମେ ଯାହାକୁ ପ୍ରକୃତରେ ଦିବ୍ୟ ଉତ୍ସରୁ ନିଷ୍ପନ୍ନ ହୋଇ ଆସୁଥିବା ପରି ଅନୁଭବ କରୁଛ, ତାହାର ସମ୍ମୁଖରେ ଆସି ଦଣ୍ଡାୟମାନ ହୋଇଯାଉଥିବାର ମୁହୂର୍ତ୍ତଗୁଡ଼ିକରେ ତୁମର ପ୍ରାଣ ଆନନ୍ଦାଶ୍ରୁ ଦ୍ୱାରା ଆକୁଳ ହୋଇ ଉଠିବା ଉଚିତ । ଏକ ଅଧମ ପ୍ରାଣୀହିଁ ସେତେବେଳେ ଯେଉଁଠି ଥାଏ ସେହିଠାରେ ଅଟକି ରହିଥାଏ ଏବଂ ଭାବୁଥାଏ : "ହଁ, ଏହା ଯେ ପ୍ରକୃତରେ ଏକ ମହାନ୍ ବସ୍ତୁ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ; ମାତ୍ର, ଯଦି ତାହା ମୋ ଭାଗ୍ୟରେ ମଧ୍ୟ ଉପଲବ୍ଧ ହୋଇପାରନ୍ତା, ମୁଁ ନିଜେ ଯଦି ଏହି ଗୁଣଟିର ଅଧିକାରୀ ହୋଇ ସୁଖରେ କାଳାତିପାତ କରି ପାରୁଥାନ୍ତି, ଏହି ଉଚ୍ଚତର ଅଭିବ୍ୟକ୍ତିର ଏକ ସାଧନରୂପେ ଯଦି ମୁଁ ନିଜେ ଅବତୀର୍ଣ୍ଣ ହୋଇଥାନ୍ତି, ତେବେ ଯାଇ ତାହାର ପ୍ରଶଂସାଗାନ କରିବା ଲାଗି ଆଦୌ କୌଣସି ଅର୍ଥ ରହନ୍ତା !" ଦିବ୍ୟ ପରମସତ୍ତା ଯେଉଁଠାରେ ମନ କରିବେ ଓ ଯେପରି ଉପାୟରେ ଚାହିଁବେ, ସେଠାରେ ଓ ସେହି ଉପାୟରେ ତାଙ୍କର ପ୍ରକାଶ ଘଟିବା ଯଦି ଅସଲ କଥା ହେଲା, ତେବେ ତୁମେ ଆପଣାର ଅହଂଟାକୁ ନେଇ ଏପରି ମୁଣ୍ଡ ଗରମ କରି ବସିଥିବ କାହିଁକି ? ଦିବ୍ୟ ପରମ

'oaob.nitrkl.ac.in' images reprocessed

ସତ୍ତାଙ୍କର ଏହି ଅଭିବ୍ୟକ୍ତି ଦ୍ୱାରା ତୁମେ ମଧ୍ୟ ଆପଣାକୁ ପରିପୂର୍ଣ୍ଣ ହୋଇଉଠିବା ପରି ଅନୁଭବ କରିପାରିବା ଉଚିତ, ତୁମେ ଆପଣାର ଏହି କ୍ଷୁଦ୍ର ଅଳ୍ପସମର୍ଥ ବ୍ୟକ୍ତି-ଆୟତନଟିର ସଙ୍କୀର୍ଣ୍ଣ ସୀମାଗୁଡ଼ିକୁ ଭାଙ୍ଗିଦେଇ ପାରିବା ଉଚିତ ଏବଂ ଏକ ନିଃସ୍ୱାର୍ଥ ଆନନ୍ଦରେ ଉପରକୁ ଉଠିଯାଇ ପାରିବା ଉଚିତ । ତୁମର ଆତ୍ମା ଯେ ପ୍ରକୃତରେ ଜାଗ୍ରତ ହୋଇ ଉଠିଛି ଏବଂ ସତ୍ୟର ଆଘ୍ରାଣ ଲାଭ କରିଛି, ଏହି ଆନନ୍ଦହିଁ ତାହାର ଯଥାର୍ଥ ସଙ୍କେତ ହୋଇ ରହିବ । କେବଳ ସେତିକିବେଳେ ଯାଇ ତୁମେ ଅବତୀର୍ଣ୍ଣ ହୋଇ ଆସୁଥିବା ସତ୍ୟଟି ଲାଗି ଆପଣାକୁ ଉନ୍ମୁକ୍ତ କରି ରଖିପାରିବ ଏବଂ ତାହାର ଦ୍ୱାରା ଆପଣାକୁ ନୂତନ କରି ଗଢ଼ିପାରିବ । ମୋର ଏପରି ଅନେକ ଅବସର ମନେ ପଡ଼ୁଛି, ଯେତେବେଳେ କି ମୁଁ, ଏପରିକି ସାନ ପିଲାମାନେ, ଅତି ସାନସାନ ଶିଶୁମାନେ ବି ଯେତେବେଳେ ଏପରି କିଛି କରୁଥିଲେ ଯାହା ଭିତରେ କି ଦିବ୍ୟ ସୌନ୍ଦର୍ଯ୍ୟ ଓ ସରଳତାର ଆସ୍ୱାଦ ମିଳିଯାଉଥିଲା, ସେତେବେଳେ ମୋର ଆଖି ଅଶ୍ରୁପୂର୍ଣ୍ଣ ହୋଇ ଆସୁଥିଲା । ତୁମେମାନେ ମଧ୍ୟ ସେହି ଆନନ୍ଦକୁ ଅନୁଭବ କର ଏବଂ ତେବେ, ଦିବ୍ୟ ପରମସତ୍ତା ଯେ ତୁମ ଭିତରେ ବିଦ୍ୟମାନ ରହିଛନ୍ତି, ତୁମେମାନେ ସେହି ସତ୍ୟଟିରୁ ଲାଭବାନ୍ ହେବାକୁ ସମର୍ଥ ହେବ ।

'oaob.nitrkl.ac.in' images reprocessed

ପଶ୍ଚାତ୍-ପଦକ୍ଷେପ

ତୁମମାନଙ୍କ ଭିତରୁ ଅଧିକାଂଶ ଆପଣା ସତ୍ତାର ଖାଲି ଉପରିଭାଗଟାରେହିଁ ଜୀବନ ବଞ୍ଚିବାରେ ଲାଗିଥାଅ, ତୁମେ ସବୁ କେବଳ ବାହ୍ୟ ପ୍ରଭାବଗୁଡ଼ିକର ସ୍ପର୍ଶ ଲାଗି ନିଜକୁ ଉନ୍ମୁକ୍ତ କରି ରଖିଥାଅ । ତୁମେସବୁ ସତେଅବା ନିଜ ଶରୀରର ବାହାରେ ପ୍ରକ୍ଷେପିତ ହୋଇହିଁ ଜୀବନଯାପନ କରୁଥାଅ; ଏବଂ ସେହିପରି ଭାବରେ ଆପଣାକୁ ପ୍ରକ୍ଷେପିତ କରି ରଖିଥିବା ଆଉଏକ ଅପ୍ରୀତିକର ସତ୍ତା ସହିତ ତୁମର ସାକ୍ଷାତ୍ ହେଲେ ତୁମେ ତତ୍‌କ୍ଷଣାତ୍ ବିଚଳିତ ହୋଇଉଠ । ପଶ୍ଚାତ୍‌ପଦକ୍ଷେପ ବିଷୟରେ ତୁମର ଆଦୌ କୌଣସି ଅଭ୍ୟାସ ନ ଥାଏ ବୋଲି ଏହି କ୍ଷେତ୍ରରେ ଯାବତୀୟ ଅସୁବିଧାର ସୃଷ୍ଟି ହୋଇଥାଏ । ତୁମକୁ ସର୍ବଦା ପଛକୁ ଆପଣା ମଧ୍ୟକୁ ଘୁଞ୍ଚି ଆସିବାକୁ ପଡ଼ିବ, ଆପଣା ମଧ୍ୟରେ ଅନେକ ଗଭୀରକୁ ଯାଇ ଶିଖିବାକୁ ହେବ; ଏହିପରି ଗୋଟିଏ ଗୋଟିଏ ପଶ୍ଚାତ୍-ପଦକ୍ଷେପ ଗ୍ରହଣ କରିପାରୁଥିଲେ ତୁମେ ଆପଦଶୂନ୍ୟ ହୋଇ ରହିଥିବ । ବାହାର ପୃଥିବୀରେ ଯେଉଁସବୁ ଶକ୍ତି ତୁଚ୍ଛ ଉପରିଭାଗଟାରେ ବିଚରଣ କରିବାରେ ଲାଗିଥାନ୍ତି, ତୁମେ କଦାପି ସେମାନଙ୍କର କବଳରେ ପଡ଼ିଯିବ ନାହିଁ । ଏପରିକି, କ'ଣ ଗୋଟାଏ କରିବା ପାଇଁ ଭାରି ତରତର ହେଉଥିଲେ ମଧ୍ୟ ତୁମକୁ ଅନ୍ତତଃ କିଛି ସମୟ ଲାଗି ପଛକୁ ଘୁଞ୍ଚି ଆସିବାକୁ ହେବ । ତେବେ ତୁମେ ଅତ୍ୟନ୍ତ ବିସ୍ମୟର ସହିତ ଏହି କଥାଟିକୁ ଆବିଷ୍କାର କରିପାରିବ ଯେ ତୁମର କାର୍ଯ୍ୟଟି ଏହିପରି କରିବା ଦ୍ୱାରା ଅଧିକ ତ୍ୱରାନ୍ୱିତ ଭାବରେ ଓ ଅଧିକ ସଫଳତାର ସହିତ ସମ୍ପାଦିତ ହୋଇପାରୁଛି । ଯଦି ତୁମ ଉପରେ କେହି ରାଗିଛନ୍ତି, ତେବେ ତୁମେ କଦାପି ତାଙ୍କର ରୋଷସ୍ପନ୍ଦନର ଜାଲି ଭିତରେ ଯାଇ ଛନ୍ଦିହୋଇଯିବ ନାହିଁ, ତୁମେ କେବଳ କେତେପାଦ ପଛକୁ ଘୁଞ୍ଚି ଆସିବ; ତେବେ ଦେଖିବାକୁ ପାଇବ ଯେ ତାଙ୍କର ରାଗ ମଧ୍ୟ କୌଣସି ପ୍ରକାର ସମର୍ଥନ ଅଥବା ଅନୁସ୍ପନ୍ଦନ ନ ପାଇବାରୁ ପ୍ରକୃତରେ କୁଆଡ଼େ ଅନ୍ତର୍ହିତ ହୋଇଯିବ । ତେଣୁ ତୁମେ ସବୁବେଳେ ନିଜର ଶାନ୍ତିଟିକୁ ଅବ୍ୟାହତ ରଖିଥିବ, ସେହି ଶାନ୍ତିଟି ହରାଇ ବସିବାକୁ ଯେତେ ପ୍ରଲୋଭନ ଆସି ପହଞ୍ଚୁଥିବ, ତୁମେ ସେହି ପ୍ରଲୋଭନଗୁଡ଼ିକର ପ୍ରତିରୋଧ କରିବାରେ ଲାଗିଥିବ । କେତେପାଦ ପଛକୁ ଘୁଞ୍ଚି ନ ଆସି ତୁମେ କେବେହେଲେ କୌଣସି ନିଷ୍ପତ୍ତି ନେବ ନାହିଁ, କେତେପାଦ ପଛକୁ ଘୁଞ୍ଚି ନ ଆସି କେବେହେଲେ ତୁମ ପାଟିରୁ କିଛିହେଲେ କଥା ବାହାରିବାକୁ ଦେବ ନାହିଁ ।

'oaob.nitrkl.ac.in' images reprocessed

କେତେ ପାଦ ପଛକୁ ଘୁଞ୍ଚି ନ ଆସି ଆପଣାକୁ କଦାପି ହୁଡ଼ାଇ ନେଇ କ'ଣ ଗୋଟାଏ କରିପକାଇବ ନାହିଁ । ଯାହାକିଛି ଏହି ନିତ୍ୟନୈମିତ୍ତିକ ଜଗତର ଘଟଣା ହୋଇ ରହିଥାଏ, ସେସବୁ ମୋଟେ ସ୍ଥାୟୀ ହୁଏ ନାହିଁ, ସେଗୁଡ଼ିକ ଆପୁଆପୁ ପୁଣି ପଳାଇବାରେ ଲାଗିଥାଏ । ତେଣୁ, ସେଗୁଡ଼ାକୁ ନେଇ ବିଚଳିତ ହୋଇପଡ଼ିବାଭଳି ଆଦୌ କୌଣସି କଥା ସେସବୁ ଭିତରେ ନ ଥାଏ । ଯାହା ସ୍ଥାୟୀ, ଶାଶ୍ୱତ, ଅମର ଏବଂ ଅନନ୍ତ,—ଆମର ତାହାହିଁ ସମ୍ପତ୍ତି ହୋଇ ରହିବା ଉଚିତ, ତାହାରି ଉପରେ ଆମର ବିଜୟ ହାସଲ କରିବା ଉଚିତ, ଆପଣାର କରି ତାହାକୁହିଁ ସାଇତି ରଖିବା ଉଚିତ । ଏଇଟି ହେଉଛି ଦିବ୍ୟ ପରମ ଆଲୋକ, ଦିବ୍ୟ ପରମ ପ୍ରେମ ଓ ଦିବ୍ୟ ପରମ ଜୀବନ;—ଏହାହିଁ ସର୍ବୋଚ୍ଚ ପରମ ଶାନ୍ତି, ପରିପୂର୍ଣ୍ଣ ଆନନ୍ଦ, ପୃଥିବୀ ଉପରେ ସମ୍ପୂର୍ଣ୍ଣ ବିଜୟଲାଭ, ଯାହାକି ଆମକୁ ସେହି ସମ୍ପୂର୍ଣ୍ଣ ଅଭିବ୍ୟକ୍ତିରୂପୀ ଶିଖର ଦେଶକୁ ପରିଚାଳିତ କରି ନେଇଯିବ । ଯେତେବେ-ବେଳେ ବସ୍ତୁଗୁଡ଼ିକର ସାପେକ୍ଷତା ସମ୍ବନ୍ଧରେ ତୁମର ଯଥାର୍ଥ ବୋଧଟି ଆସିଯିବ, ସେତେବେଳେ ଯାହାକିଛି ଘଟିଲେ ମଧ୍ୟ ତୁମେ ପଛକୁ ଘୁଞ୍ଚିଆସି ପାରୁଥିବ ଏବଂ ପଛକୁ ଘୁଞ୍ଚିଆସି ଅନାଇ ପାରୁଥିବ । ସେତେବେଳେ ତୁମେ ସ୍ଥିର ରହି ପାରୁଥିବ ଏବଂ ଦିବ୍ୟ ପରମଶକ୍ତିଙ୍କୁ ଆବାହନ କରି ଏକ ଉତ୍ତର ପାଇବା ଲାଗି ଅପେକ୍ଷା କରିପାରୁଥିବ । ତେବେ ଯାଇ କ'ଣ କରିବାକୁ ହେବ, ସେହି କଥାଟିକୁ ତୁମେ ନିର୍ଭୁଲ୍ ଭାବରେ ଜାଣିପାରିବ । ତେଣୁ ମନେ ରଖିଥାଅ, ଅତ୍ୟନ୍ତ ଶାନ୍ତ ଓ ସ୍ଥିରହୋଇ ରହି ନ ଥିବା ପର୍ଯ୍ୟନ୍ତ ତୁମେ କଦାପି ଯଥାର୍ଥ ଉତ୍ତରଟିକୁ ପାଇପାରିବ ନାହିଁ । ତେଣୁ, ସେହି ଅନ୍ତର୍ଗତ ଶାନ୍ତିରହିଁ ଅଭ୍ୟାସ କର, ଅନ୍ତତଃ ଏକ ଅଳ୍ପାୟତନ କ୍ଷେତ୍ରରେ ତାହାର ଅଭ୍ୟାସ କରିବାକୁ ଆରମ୍ଭ କର ଏବଂ ତାହା ତୁମର ଏକ ସ୍ୱଭାବରେ ପରିଣତ ହେବା ପର୍ଯ୍ୟନ୍ତ ସେହି ଅଭ୍ୟାସଟିକୁ ଅବ୍ୟାହତ ରଖିଥାଅ ।

'oaob.nitrkl.ac.in' images reprocessed

ଜ୍ଞାନ : ବୈଜ୍ଞାନିକର ଓ ଯୋଗୀର

ଆମର ଏହି ସାଧାରଣ ଭୂମିର ଚେତନାର ସର୍ବୋଚ୍ଚ ଶିଖରରେ ବିଜ୍ଞାନ ରହିଛି । ଏହି ପୃଥିବୀରେ ଯାହାକିଛି ରହିଛି, ବିଜ୍ଞାନ ତାହାକୁ ସତ୍ୟ ବୋଲି ଗ୍ରହଣ କରେ; କୌଣସି ବସ୍ତୁ ଯେ ରହିଛି, ତାହାକୁହିଁ ବିଜ୍ଞାନ ତାହାର ସତ୍ୟଟିକୁ ପ୍ରତିପାଦିତ କରିବାର ଏକମାତ୍ର କାରଣ ବୋଲି ଗ୍ରହଣ କରେ । ବିଜ୍ଞାନ ଯାହାକୁ ପ୍ରକୃତି ବୋଲି କହେ, ତାହାକୁହିଁ ସର୍ବଶେଷ ସତ୍ୟବୋଲି ମାନିଥାଏ ଏବଂ ତାହାର ଯାବତୀୟ କ୍ରିୟାକୁ ବ୍ୟାଖ୍ୟା କରିପାରିବା ପାଇଁ ଏକ ସିଦ୍ଧାନ୍ତର ନିର୍ମାଣ କରିବାହିଁ ବିଜ୍ଞାନର ଲକ୍ଷ୍ୟ ହୋଇ ରହିଥାଏ । ତେଣୁ, ଆମର ଭୌତିକ ମନ ଯେତେ ଦୂର ଯାଇପାରିବ, ବିଜ୍ଞାନ ଠିକ୍ ସେତିକି ଦୂରଯାଏ ଅନ୍ୱେଷଣ କରିପାରେ ଏବଂ ଯାହାକୁ ସିଏ ସତ୍ୟ ବୋଲି ଅନୁମାନ କରୁଥାଏ, ତାହାରି ପଛରେ ରହିଥିବା କେତୋଟି କାରଣ ଖୋଜି ବାହାର କରିବାକୁ ଚେଷ୍ଟା କରେ । ତା'ପାଇଁ ଯାହା ବାସ୍ତବ ପୃଥିବୀ ବୋଲି ଦେଖାଯାଏ, ସିଏ ତାହାରି ବିଷୟରେ କେତେଟା ସତ୍ୟ ବାହାର କରିବାକୁ ଚେଷ୍ଟା କରେ । ମାତ୍ର ବସ୍ତୁତଃ ତାହା "ପରିଣାମଗୁଡ଼ିକ" ସହିତ "କାରଣଗୁଡ଼ିକୁ" ଖାପ ଖୁଆଇ ନେବାକୁ ଚେଷ୍ଟା କରେ; କାରଣ, ଯାହା ଅଛି, ବିଜ୍ଞାନ ତାହାକୁହିଁ ଆଗରୁ ସତ୍ୟ ବୋଲି ଗ୍ରହଣ କରି ନେଇଥାଏ ଏବଂ ତା'ପରେ ମାନସିକ କାରଣମାନ ଯୋଗାଇଦେଇ ତାହାକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରୁଥାଏ । ମାତ୍ର, ଅନ୍ୟପକ୍ଷରେ, ଯୋଗସ୍ଥ ଚେତନା ଏହି ସଂସାରଟାକୁହିଁ ସର୍ବଶେଷ ସଂସାର ବୋଲି ଆଦୌ ଗ୍ରହଣ କରେ ନାହିଁ । ମନରୁ ଅଧିମାନସକୁ ଉତ୍ତୀର୍ଣ୍ଣ ହୋଇ ଏବଂ ତା'ପରେ ଅତିମାନସ ଭିତରେ ପ୍ରବେଶ କରି ତାହା ସର୍ବପ୍ରଥମ ସତ୍ୟଗୁଡ଼ିକର ଦିବ୍ୟ ଜଗତଟି ମଧ୍ୟରେ ପ୍ରବେଶ କରେ ଏବଂ ସେଠାରେ ଅବସ୍ଥିତ ରହି ଏହି ନିମ୍ନ ଦେଶ ଉପରେ ଦୃଷ୍ଟିପାତ କରି ସେହିସବୁ ସତ୍ୟ ଏଠାରେ କ'ଣ କିପରି ହୋଇ ରହିଛନ୍ତି, ତାହାହିଁ ଦେଖିବାକୁ ଲାଗେ । ସେହି ସତ୍ୟଗୁଡ଼ିକ ଏଠାରେ କେତେ ବିକୃତ ହୋଇ ପଡ଼ିଆନ୍ତି, କେତେ ସମ୍ପୂର୍ଣ୍ଣ ଭାବରେ ମିଥ୍ୟାରେ ପରିଣତ ହୋଇଯାଇଥାନ୍ତି ! ତେଣୁ ବାସ୍ତବସତ୍ୟର ଏହି ତଥାକଥିତ ଜଗତକୁ ଯୋଗୀ ଏକ ମିଥ୍ୟା ବୋଲି ମଣେ ଏବଂ ତାହାକୁହିଁ ସେ କଦାପି ଏକମାତ୍ର ପ୍ରକୃତ ସତ୍ୟ ବୋଲି ସ୍ୱୀକାର କରେ ନାହିଁ । ସେହି ସତ୍ୟଗୁଡ଼ିକ ଏଠାରେ ପ୍ରକୃତରେ ଯେପରି ହୋଇ ରହିଆନ୍ତି, ସେଗୁଡ଼ିକ ବାସ୍ତବ କ୍ଷେତ୍ରରେ ମୋଟେ ସେପରି

'oaob.nitrkl.ac.in' images reprocessed

ହୋଇ ରହି ନ ଥାନ୍ତି, ସେଗୁଡ଼ିକର ପ୍ରାପ୍ତି ବିପର୍ଯ୍ୟସ୍ତ ହୋଇ ରହିଥାନ୍ତି । ମାତ୍ର ବୈଜ୍ଞାନିକ ଠିକ୍ ସେହିଗୁଡ଼ିକୁହିଁ ଏକାନ୍ତ ମୌଳିକ ବୋଲି ଗ୍ରହଣ କରିଥାଏ ।

ବସ୍ତୁଗୁଡ଼ିକରେ ପରିବର୍ତ୍ତନ ଆଣିବା ଆମର ଲକ୍ଷ୍ୟ । ବୈଜ୍ଞାନିକ କହେ ଯେ, ଜଗତରେ ଯାହାକିଛି ରହିଛି, ତାହା ହେଉଛି ସ୍ୱାଭାବିକ ଓ ତେଣୁ ମର୍ମତଃ ସେଗୁଡ଼ିକର ମୋଟେ କୌଣସି ପରିବର୍ତ୍ତନ ହୋଇପାରିବ ନାହିଁ । ମାତ୍ର, ପ୍ରକୃତ କଥା କହିବାକୁ ଗଲେ, ବୈଜ୍ଞାନିକ ଯେଉଁ ପ୍ରାକୃତିକ ନିୟମଗୁଡ଼ିକର କଥା କହୁଥାଏ, ସେଗୁଡ଼ିକୁ ସେ ତା'ର ମନ ଦ୍ୱାରାହିଁ ନିର୍ମାଣ କରିଥାଏ । ଏବଂ, ପ୍ରକୃତି ଯେପରି ଅଛି ବୋଲି ଦେଖାଯାଉଛି, ତାହାକୁହିଁ ସତ୍ୟର ଭୂମିରୂପେ ଗ୍ରହଣ କରି ନେଉଥିବାରୁ, ବସ୍ତୁଗୁଡ଼ିକ ତା' ସକାଶେ ଆଦୌ ସମ୍ପୂର୍ଣ୍ଣ ଭାବରେ ବଦଳି ପାରନ୍ତି ନାହିଁ, ସେଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ କଦାପି ବଦଳିପାରିବେ ନାହିଁ ବୋଲି ବି ସେ ସ୍ୱୀକାର କରିନେଇଥାଏ । ମାତ୍ର ଆମେ ଯେପରି ଭାବରେ ଏସବୁ କ୍ଷେତ୍ରରେ ଦୃଷ୍ଟିପାତ କରିଥାଉ, ଏହି ସବୁକିଛିକୁ ବଦଳାଇ ଦିଆଯାଇ ପାରିବ, କାରଣ ଆମେ ଜାଣିଛୁ ଯେ ଏହାର ଊର୍ଦ୍ଧ୍ୱରେ ମଧ୍ୟ ଆଉଗୋଟିଏ ଭୂମି ରହିଛି, ଊର୍ଦ୍ଧ୍ୱରୁ ଏକ ଦିବ୍ୟ ସତ୍ୟ ଏହି ଜଗତରେ ନିଜକୁ ଅଭିବ୍ୟକ୍ତ କରିବା ସକାଶେ ଅପେକ୍ଷମାଣ ହୋଇ ରହିଛି । ଏଠାରେ ଅପରିବର୍ତ୍ତନୀୟ ନିୟମ ବୋଲି ପ୍ରକୃତରେ କିଛିହେଲେ ନାହିଁ; ଆପଣା'ର ନିର୍ମଳ ସିଦ୍ଧାନ୍ତାଗ୍ରହମୁକ୍ତ ମୁହୂର୍ତ୍ତଗୁଡ଼ିକରେ ବିଜ୍ଞାନ ମଧ୍ୟ ଏହିସବୁ ନିୟମ କେବଳ ମନଃପ୍ରସୂତ ଗୋଟିଏ ଗୋଟିଏ ବିରଚନା ବୋଲି ସ୍ୱୀକାର କରିଥାଏ । ଏହି ଜଗତରେ କେବଳ ଘଟଣାମାନ ଘଟିଥାଏ; ଏବଂ ଯଦି ଆମର ମନ ଯଥାର୍ଥ ପରିସ୍ଥିତିକୁ ଅନୁଧ୍ୟାନ କରି ଅଧ୍ୟୟନ କରିବାକୁ ଚେଷ୍ଟା କରିବ, ତେବେ ତାହା ଏକଥା ନିଶ୍ଚୟ ଜାଣିବାକୁ ପାଇବ ଯେ ଜଗତରେ ଘଟୁଥିବା କୌଣସି ଦୁଇଟି ଘଟଣା କଦାପି ଗୋଟାସୁଦ୍ଧା ଏକାଭଳି ନୁହନ୍ତି । ନିୟମଗୁଡ଼ିକ ମନର ସୁବିଧା ସକାଶେହିଁ ତିଆରି ହୋଇଥାନ୍ତି; ମାତ୍ର ଅତିମାନସ ଅଭିବ୍ୟକ୍ତିର ପ୍ରକ୍ରିୟାଟି ହେଉଛି ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଆମେ ତ ହୁଏତ ଏପରି କହିପାରିବା ଯେ ଏହା ହେଉଛି ମନର ଠିକ୍ ବିପରୀତ । ଅତିମାନସ ଉପଲବ୍ଧିର ସୋପାନରେ, ପ୍ରତ୍ୟେକ ବସ୍ତୁ ଆପଣା ଭିତରେ ଏପରି ଏକ ସତ୍ୟକୁ ବହନ କରି ରହିଥିବ ଯାହାକି ପ୍ରତ୍ୟେକ ମୁହୂର୍ତ୍ତରେ ଆପଣାକୁ ପ୍ରକଟ କରି ଆଣିବାରେ ଲାଗିଥିବ ଓ ଯାହା ଘଟିଛି କିଂବା ଯାହା ପରେ ଘଟିବାକୁ ଯାଉଛି, ତାହା ତଦ୍ୱାରା କୌଣସି ପ୍ରକାରେ ବାଧ୍ୟ ହୋଇ ରହିବ ନାହିଁ । ଅତୀତକୁ ଆଣି ଯେପରି ଭାବରେ ବର୍ତ୍ତମାନ ସହିତ ଯୋଡ଼ି ଦିଆଯାଇଥାଏ ଏବଂ ଯାହାଫଳରେ ପ୍ରକୃତି ମଧ୍ୟରେ ସଚେଅବା ଏକ ଅପରିବର୍ତ୍ତନୀୟ ନିୟନ୍ତ୍ରଣବାଦ କାର୍ଯ୍ୟ କରୁଥିବା ପରି ଅନୁମିତ ହୋଇଥାଏ, ତାହା

'oaob.nitrkl.ac.in' images reprocessed

ହେଉଛି ସମ୍ପୂର୍ଣ୍ଣତଃ ମନରହିଁ ଏକ କଳ୍ପନାଶ୍ରିତ । ଜଗତ ବୋଲି ବର୍ତ୍ତମାନ ଯାହାକିଛି ରହିଛି, ତାହା ଯେ ଅବଶ୍ୟମ୍ଭାବୀ ଓ ତାହାକୁ ଯେ ଆଦୌ ଅନ୍ୟପ୍ରକାର କରିଯାଇ ପାରିବ ନାହିଁ, ସେଥିରୁ ଆମେ କଦାପି ଏପରି ଏକ ପ୍ରମାଣରେ ଉପନୀତ ହୋଇପାରିବା ନାହିଁ ।

ଯାହାକିଛି ଯେତେବେଳେ ଘଟୁଛି, ତାହାକୁ ଯେ ଭଗବାନ୍ ପ୍ରତ୍ୟକ୍ଷ ଭାବରେ କରୁଛନ୍ତି, ଯୋଗୀର ଉପଲବ୍ଧି ଜ୍ଞାନ ସେହି ଭୟଙ୍କର ସିଦ୍ଧାନ୍ତ ବିଷୟରେ ମଧ୍ୟ ଆମକୁ ଏକ ଉତ୍ତର ଆଣି ଯୋଗାଇ ଦେଇଥାଏ । କାରଣ, ଅଧିମାନସ ସୋପାନକୁ ଆପଣାକୁ ଉତ୍ତୋଳିତ କରିନେବା ସଙ୍ଗେସଙ୍ଗେ ତୁମେ ଏହି ସତ୍ୟଟିକୁ ଉପଲବ୍ଧି କରିବାକୁ ଆରମ୍ଭ କର ଯେ ଏହି ସଂସାର ହେଉଛି ଏକ ମିଥ୍ୟା ସଂସାର ଏବଂ ଏଥିରେ ଅନେକ ବିକୃତି ଆସି ପ୍ରବେଶ କରି ଯାଇଛି । ଏଠାରେ ଅଧିମାନସ ସତ୍ୟ ଆପଣାକୁ ଅଭିବ୍ୟକ୍ତ କରିବା ଲାଗି ଆଦୌ ଅବକାଶ ପାଇ ନାହିଁ । ତେବେ ଏହି ଜଗତକୁ ଆମେ ଦିବ୍ୟ ପରମସତ୍ତାଙ୍କର ଏକ ଯଥାର୍ଥ ଅଭିବ୍ୟକ୍ତି ବୋଲି କିପରି କହିପାରିବା ? ଯେତେବେଳେ ଏହି ଜଗତରେ ଅଧିମାନସର ପ୍ରତିଷ୍ଠା ହେବ ଓ ଅଧିମାନସହିଁ ଜଗତର ଶାସନ କରିବ, କେବଳ ସେତିକବେଳେ ଯାଇ ଅଧିମାନସ ପରମଇଚ୍ଛା ଏଠାରେ ଯଥାର୍ଥତଃ ପ୍ରକଟ ହୋଇଛି ବୋଲି କୁହାଯାଇ ପାରିବ । ମାତ୍ର, ଏହା ସଙ୍ଗେସଙ୍ଗେ ସଂସାରକୁ ମିଥ୍ୟା ବୋଲି ଅନୁଭବ କରିବା ବିଷୟରେ ଯେଉଁ ବିପଜ୍ଜନକ ଅତିରଞ୍ଜନଟି ମଧ୍ୟ କରିଯାଇ ଥାଏ, ଆମକୁ ସେବିଷୟରେ ମଧ୍ୟ ସାବଧାନ ରହିବାକୁ ପଡ଼ିବ । ଯେଉଁମାନେ ଉଚ୍ଚତର ଚେତନାକୁ ଉତ୍ତୀର୍ଣ୍ଣ ହୋଇଯାଇଥାନ୍ତି, ସେଇମାନେହିଁ ଜଗତକୁ ଏକ ମିଥ୍ୟା ବୋଲି ଅନୁଭବ କରନ୍ତି । ଶଙ୍କରାଚାର୍ଯ୍ୟ ଓ ତାଙ୍କ ସଦୃଶ ଅନ୍ୟମାନଙ୍କ କ୍ଷେତ୍ରରେ ଏହିକଥାଟି ଘଟିଥିଲା ଯେ ସେମାନେ ଯଥାର୍ଥ ସତ୍ୟଚେତନାର ଯେଉଁ ଦୃଷ୍ଟି ଲାଭ କରିଥିଲେ, ତାହା ଏହି ଜଗତର ମିଥ୍ୟାତ୍ୱକୁ ଏକ ସୁତୀକ୍ଷ୍ଣ ବିପରୀତ-ସତ୍ୟ ବୋଲି ଦେଖାଇବାକୁ ପ୍ରବୃତ୍ତ ହୋଇଥିଲା । ସେମାନେ ଏହି ବିଶ୍ୱଜଗତକୁ ଏକ ମିଥ୍ୟା ବୋଲି ଘୋଷଣା କରିଥିଲେ; ସେମାନେ ଏହାକୁ ଅନସ୍ତିତ୍ୱଜର୍ଜର ଏକ ମାୟା ବୋଲି ବି ଘୋଷଣା କରିଥିଲେ; ଏବଂ ସେହି ମାୟାକୁ ସମ୍ପୂର୍ଣ୍ଣ ଭାବରେ ପରିହାର କରି ଆସିବାକୁ ପଡ଼ିବ ବୋଲି ପରାମର୍ଶ ଦେଇଥିଲେ । ଅନ୍ୟ ପକ୍ଷରେ, ଆମେ ମଧ୍ୟ ଏହି ଜଗତର ମିଥ୍ୟାକୁ ଉପଲବ୍ଧି କରିପାରୁଛୁ; ମାତ୍ର ଆମେ ଏକଥା ମଧ୍ୟ ଉପଲବ୍ଧି କରୁଛୁ ଯେ ଏହି ଜଗତକୁ ଆମେ ଏକ ମାୟା ବୋଲି କହି ଛାଡ଼ି ଚାଲିଆସିବା ନାହିଁ, ଆମେ ଏହି ଜଗତର ପରିବର୍ତ୍ତନ ଘଟାଇବା, ଏକ ନୂତନ ଜଗତ ଲାଗି ଭୂମି ପ୍ରସ୍ତୁତ କରିବା । ଆମେ କେବଳ ଏତିକ କଥାକୁ ସତ୍ୟ ବୋଲି ସ୍ୱୀକାର କରୁଛୁ ଯେ ଏହି ଜଗତରେ

'oaob.nitrkl.ac.in' images reprocessed

ପ୍ରକୃତ ସତ୍ୟ ଠିକ୍ ଭାବେ ଉକୁଟି ପାରି ନାହିଁ, ଦିବ୍ୟ ସତ୍ୟଟିକୁ ବିକାର ଦ୍ୱାରା ଗ୍ରସ୍ତ କରିପକାଇବାକୁ ଏଥି କ୍ଷେତ୍ରରେ ଆଉ ଅନ୍ୟକିଛୁ ଆସି ପ୍ରବେଶ କରି ଯାଇଛି; ମାତ୍ର ଜଗତ ବସ୍ତୁତଃ ସେହି ଦିବ୍ୟ ସତ୍ୟକୁ ପ୍ରକାଶ କରି ଆଣିବା ସକାଶେହିଁ ଅଭିପ୍ରେତ ହୋଇ ରହିଛି । ଏବଂ ତାହାକୁହିଁ ପ୍ରକାଶ କରିବାକୁ ଆମେ ବସ୍ତୁତଃ ଆମର ଯୋଗ ବୋଲି ଗ୍ରହଣ କରି ନେଇଛୁ ।

'oaob.nitrkl.ac.in' images reprocessed

ଦୈବାତ୍ ଘଟୁଥିବା ଘଟଣା

"ଦୈବାତ୍ ଘଟୁଥିବା ଘଟଣା" କହିଲେ ଆମେ ପ୍ରକୃତରେ କ'ଣ ବୁଝୁ ? ଯାହା ଦୈବାତ୍ ବା ହଠାତ୍ ଘଟୁଛି, ତାହାକୁ ପ୍ରକୃତରେ ଶୃଙ୍ଖଳା ଓ ସମଞ୍ଜସତାର ବିପରୀତ ବୋଲି ବୁଝାଯିବ । ଏହି ବ୍ରହ୍ମାଣ୍ଡରେ ଅସଲ ସମଞ୍ଜସତା କେବଳ ଗୋଟିଏ ରହିଛି, ତାହା ହେଉଛି ଅତିମାନସର ସମଞ୍ଜସତା । ତାହା ହେଉଛି ପରମସତ୍ୟର ଶାସନ, ଦିବ୍ୟ ପରମବିଧାନର ଅଭିବ୍ୟକ୍ତି । ତେଣୁ, ଅତିମାନସର କ୍ଷେତ୍ରରେ ଦୈବାତ୍ ଘଟଣାର ଆଦୌ କୌଣସି ସ୍ଥାନ ନାହିଁ । ମାତ୍ର, ନିମ୍ନତର ପ୍ରକୃତିର ସ୍ତରକୁ ଆସି ସେହି ସର୍ବୋଚ୍ଚ ପରମସତ୍ୟ ଅସ୍ପଷ୍ଟତା ଦ୍ୱାରା ଗ୍ରସ୍ତ ହୋଇ ରହୁଛି । ତେଣୁ, ସେହି କ୍ଷେତ୍ରରେ ସେହି ଲକ୍ଷ୍ୟଗତ ଓ କର୍ମଗତ ଦିବ୍ୟ ଏକତ୍ୱଟି ପ୍ରକୃତରେ ଅନୁପସ୍ଥିତ ରହୁଛି, ଯେଉଁ ଏକତ୍ୱଟି ବ୍ୟତୀତ କୌଣସି ଶୃଙ୍ଖଳା କଦାପି ସମ୍ଭବ ହୋଇପାରିବ ନାହିଁ । ଏହି ଏକତ୍ୱଟି ରହି ନ ଥିବା ସମୟରେ ନିମ୍ନତର ପ୍ରକୃତିର କ୍ଷେତ୍ରଟି ଯାହା ଦ୍ୱାରା ଶାସିତ ହୁଏ, ଆମେ ତାହାକୁହିଁ ହୁଏତ ଦୈବାତ୍ ଘଟଣା ବା ଆକସ୍ମିକତା ବୋଲି କହିପାରିବା । ଅର୍ଥାତ୍, ତାହା ଏପରି ଏକ କ୍ଷେତ୍ରରେ ପରିଣତ ହୋଇ ରହେ, ଯେଉଁଥିରେ କି ନାନାବିଧ ପରସ୍ପର-ସଂଘାତୀ ଶକ୍ତି ଏକତ୍ର ଗୋଳମିଶା ହୋଇ ରହିଥାନ୍ତି ଏବଂ ସେମାନଙ୍କର ଆଦୌ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନ ଥାଏ । ନାନା ଶକ୍ତିର ଏହି ଏକତ୍ର ଧାବମାନତା ମଧ୍ୟରୁ ଯାହା କିଛି ପରିଣାମରୂପେ ନିଷ୍ପନ୍ନ ହୋଇ ଆସିଥାଏ, ତାହା କେବଳ ବିଭ୍ରାନ୍ତ, ଅସଂଗତ ଏବଂ ମିଥ୍ୟାରହିଁ ଏକ ପରିଣାମ ହୋଇ ରହେ, — ଦୈବାତ୍ ଘଟଣା ବା ଆକସ୍ମିକତାରୁ ନିଷ୍ପନ୍ନ ଏକ ଘଟଣା ହୋଇ ରହିଥାଏ । ଘଟଣାଗୁଡ଼ିକରେ କାର୍ଯ୍ୟ କରୁଥିବା କାରଣଗୁଡ଼ିକ ବିଷୟରେ ଆମର ଅଜ୍ଞାନତାକୁ ଘୋଡ଼ାଇ ରଖିବା ଲାଗିହିଁ ଯେ ଆମେ ଆକସ୍ମିକତାକୁ ଏକ କଳ୍ପନାରୂପେ ବ୍ୟବହାର କରିଥାଉ, କେବଳ ତାହା ନୁହେଁ; ମାତ୍ର, ଭଗବତ୍-ପରମସତ୍ୟର ସ୍ଥିର ଏକାଗ୍ରତାର ଅଭାବ ରହିଥିବା ଏହି ନିମ୍ନତର ପ୍ରକୃତିର ଯାବତୀୟ ଅନିଶ୍ଚିତ ସଂଘର୍ଷର ବର୍ଣ୍ଣନାରୂପେ ମଧ୍ୟ ଏହା ବେଶ୍ କାର୍ଯ୍ୟ କରିଥାଏ । ଆମର ଏହି ପୃଥିବୀ ଆପଣାର ଦିବ୍ୟ ଉତ୍ପତ୍ତି ବିଷୟରେ ବିସ୍ମୃତ ହୋଇ ରହିଛି ଏବଂ କେବଳ ଅହଂ ଦ୍ୱାରା ପ୍ରେଷିତ ଓ ପ୍ରେରିତ କେତେ-କେତେ ଶକ୍ତିର ଏକ ରଣ କ୍ଷେତ୍ରରେ ପରିଣତ ହୋଇ ରହିଛି; ମାତ୍ର ତା'ଲାଗି ପରମସତ୍ୟ ଉଦ୍ଦେଶ୍ୟରେ ଆପଣାକୁ ଉନ୍ମୋଚିତ କରିଦେବାର ସମ୍ଭାବନାଟି ତଥାପି ବିଦ୍ୟମାନ ରହିଛି; ଆପଣାର ଅଭୀପ୍ସା ଦ୍ୱାରା ସେହି ପରମସତ୍ୟଙ୍କୁ ନିମ୍ନକୁ ଆବାହନ

'oaob.nitrkl.ac.in' images reprocessed

କରିଆଣି ଆକସ୍ମିକତାର ଏହି ଅନିଶ୍ଚିତ ଘୂର୍ଣ୍ଣନ ମଧ୍ୟରେ ଏକ ପରିବର୍ତ୍ତନ ଆଣିବାର ସମ୍ଭାବନା ଏବେ ମଧ୍ୟ ବଳବତ୍ତର ରହିଛି । ଲୋକମାନେ ଯାହାକୁ ଘଟନାବଳୀର ଏକ ଯାନ୍ତ୍ରିକ ପୂର୍ବାପରତା ବୋଲି କହିଥାନ୍ତି, — ଆପଣାର ମନୋଗତ ସହଜସୂଜ୍ଞାତ୍ମକ, ଅନୁଭୂତ ଏବଂ ସାଧାରଣ ସୂତ୍ରୀକରଣର ଅଭ୍ୟସ୍ତତା ଫଳରେ ସେମାନେ ସେପରି କହନ୍ତି, — ସେଗୁଡ଼ିକ ପ୍ରକୃତରେ ଅତିସୂକ୍ଷ୍ମ ନାନା ଶକ୍ତି ଦ୍ୱାରା ପରିଚାଳିତ ହେବାରେ ଲାଗିଥାନ୍ତି, ଯେଉଁମାନେ କି ପ୍ରତ୍ୟେକେ କେବଳ ନିଜ ଇଚ୍ଛାର ପୂର୍ତ୍ତି ଲାଗି ତତ୍ପର ହୋଇ ରହିଥାନ୍ତି । ଏହି ଅଦିବ୍ୟ ଶକ୍ତିଗୁଡ଼ିକ ପାଖରେ ପୃଥିବୀ ବର୍ତ୍ତମାନ ଏତେବେଶୀ ଅଧୀନ ହୋଇ ରହିଛି ଯେ କେବଳ ଏଥିଲାଗି ସଂଗ୍ରାମ କରିବା ବ୍ୟତୀତ ଅନ୍ୟ କୌଣସି ବାଟରେ ପରମସତ୍ୟର ସେହି ରାଜସ୍ୱତ୍ୱଟିକୁ ହାସଲ କରିବା ଲାଗି ଆଉ କୌଣସି ସମ୍ଭାବନା ନାହିଁ । ପରମସତ୍ୟ ଲାଗି ଆଜି ପୃଥିବୀର କୌଣସି ଅଧିକାରତ୍ୱହିଁ ନାହିଁ, ମିଥ୍ୟା ଏବଂ ବିକାରଗ୍ରସ୍ତତାକୁ ପରିତ୍ୟାଗ କରି ତାହା ସେହି ଅଧିକାରଟିକୁ ପୁନର୍ବାର ଫେରି ପାଇପାରିବ । ପରମ ଦିବ୍ୟସତ୍ତା ପ୍ରତ୍ୟେକ ବସ୍ତୁର ମୂଳ ଉତ୍ସ ହୋଇଥିବାରୁ ସେଗୁଡ଼ିକର ବର୍ତ୍ତମାନ ଓ ପ୍ରତ୍ୟକ୍ଷ କାର୍ଯ୍ୟକାରିତାଗୁଡ଼ିକ ମଧ୍ୟ ସିଧା ସେହି ଉତ୍ସରୁହିଁ ପ୍ରେରିତ ହୋଇ ଆସୁଛି, ସେହି ମିଥ୍ୟାର ଏକ ମହତ୍ତ୍ୱପୂର୍ଣ୍ଣ ଉପସତ୍ୟ ରୂପେ ଏହି ସହଜ ଧାରଣାଟି ମଧ୍ୟ ଆମଭିତରେ ବଦ୍ଧମୂଳ ହୋଇ ରହିଛି । ମାତ୍ର ପ୍ରକୃତ ସତ୍ୟଟି ହେଉଛି ଯେ, ଏଠାରେ ଏହି ନିମ୍ନତର ପ୍ରକୃତିର ସୋପାନରେ ଦିବ୍ୟ ପରମସତ୍ତା ଏକ ବିଶ୍ୱମୟ ଅଜ୍ଞାନତାର ପରଦା ମଧ୍ୟରେ ଆବୃତ ହୋଇ ରହିଛନ୍ତି, ଏବଂ ଏହି ପୃଥିବୀରେ ଯାହାସବୁ ଘଟୁଛି, ତାହା କଦାପି ସିଧା ଦିବ୍ୟ ଜ୍ଞାନର ସୋପାନଟିରୁ ନିର୍ଦ୍ଦେଶିତ ହୋଇ ଆସୁ ନାହିଁ । ସବୁକିଛି ସମାନ ଭାବରେ ସେହି ଦିବ୍ୟ ପରମସତ୍ତାଙ୍କର ଇଚ୍ଛାଟିକୁହିଁ ପ୍ରକଟ କରିଦେଉଛନ୍ତି, ଏକ ଭାରି ସୁବିଧାଜନକ ସିଦ୍ଧାନ୍ତରୂପେ ପ୍ରତିକୂଳ ପ୍ରଭାବଗୁଡ଼ିକ ଆମ ଆଗରେ ତାହାକୁ ବାଢ଼ି ରଖିଛନ୍ତି । ଏହି ସୃଷ୍ଟି ଯେତେଦୂର ସମ୍ଭବ ଅଧିକ ଦୃଢ଼ ଏବଂ ଅପରିବର୍ତ୍ତନୀୟ ଭାବରେ ବର୍ତ୍ତମାନର ଏହି ବିଶୃଙ୍ଖଳା ଏବଂ କୁତ୍ସିତତାକୁ ଜାବୁଡ଼ି କରି ରହିଥାଉ ବୋଲି ସେହି ପ୍ରଭାବଗୁଡ଼ିକ ପ୍ରକୃତରେ ଭାରି ଇଚ୍ଛା କରୁଛନ୍ତି । ଏହି କ୍ଷେତ୍ରରେ ଆମେ କ'ଣ କରିବା ବୋଲି ତୁମେ ମୋତେ ପଚାରୁଛ । କ'ଣ କରିବା ?—ଆମେ ସେହି ପରମ ଆଲୋକକୁ ନିମ୍ନକୁ ଆବାହନ କରି ଆଣିବା, ରୂପାନ୍ତରର ଶକ୍ତିଟି ସମ୍ମୁଖରେ ଆପଣାକୁ ଉନ୍ମୋଚିତ କରି ରଖିବା ।' ଅଗଣିତ କେତେକେତେ ଥର ତୁମମାନଙ୍କୁ ସେହି ଦିବ୍ୟ ଶାନ୍ତି ପ୍ରଦତ୍ତ ହୋଇ ରହିଛି ଏବଂ ପ୍ରତ୍ୟେକ ଥର ତୁମେ ସେଇଟିକୁ ହରାଇ ବସିଛ । କାରଣ, ତୁମ ଭିତରେ ଏପରି ଏକ ଉପାଦାନ ତଥାପି ରହିଛି, ଯାହାକି ଆପଣାର କ୍ଷୁଦ୍ର ଅହଂପ୍ରେରିତ ଅଭ୍ୟସ୍ତତା ଓ ହୀନ ଚର୍ଯ୍ୟାଟିକୁ ପରିହାର

'oaob.nitrkl.ac.in' images reprocessed

କରିପାରିବା ଲାଗି ଆଦୌ ସମ୍ମତ ହୋଇ ନାହିଁ । ଯଦି ତୁମେ ଅନୁକ୍ଷଣ ସତର୍କ ହୋଇ ନ ରହ, ତେବେ ତୁମର ପ୍ରକୃତି ଅବତରଣକାରୀ ସେହି ପରମସତ୍ୟ ଦ୍ୱାରା ପୂର୍ଣ୍ଣ ହୋଇ ରହିବା ପରେ ମଧ୍ୟ ପୁନର୍ବାର ସେହି ପୁରାତନ ମୃତ୍ୟୁଧର୍ମୀ ଅଭ୍ୟସ୍ତତା-ଗୁଡ଼ିକ ମଧ୍ୟକୁ ବାହୁଡ଼ି ଚାଲିଆସିବ । ଏହି ସଂଗ୍ରାମଟି ହେଉଛି ପୁରାତନ ଏବଂ ନୂତନ ମଧ୍ୟରେ ଲାଗିଥିବା ଏକ ସଂଗ୍ରାମ, ଏବଂ ଏହାହିଁ ହେଉଛି ଆମ ଯୋଗର ସାରତମ କଥା । ମାତ୍ର, ତୁମମାନଙ୍କ ସମକ୍ଷରେ ଯେଉଁ ସର୍ବୋଚ୍ଚ ପରମବିଧାନ ଏବଂ ପରମ ଶୃଙ୍ଖଳାକୁ ଆଣି ଉଦ୍‌ଘାଟିତ କରି ଦିଆଯାଇଛି, ଯଦି ତୁମେ ନିଷ୍ଠିତ ଭାବରେ ତାହାରି ଉଦ୍ଦେଶ୍ୟରେ ଆସ୍ଥାବାନ୍‌ ହୋଇ ପାରିବ, ତେବେ, ଯେତେ ଧୀର ଗତିରେ ହେଲେ ମଧ୍ୟ, ବର୍ତ୍ତମାନ ଆକସ୍ମିକତାର ରାଜତ୍ୱାଧୀନ ହୋଇ ରହିଥିବା ତୁମ ସତ୍ତାର ବିଭିନ୍ନ ଅଂଶ କ୍ରମେ ସେହି ନୂତନ ଦୀକ୍ଷାରେ ଦୀକ୍ଷିତ ହୋଇ ଆସିବେ, ସେଗୁଡ଼ିକ କ୍ରମେ ଦିବ୍ୟତା ମଧ୍ୟରେ ପ୍ରବେଶ କରିବେ ।

'oaob.nitrkl.ac.in' images reprocessed

ଦେଶ ଓ କାଳର ବିଭିନ୍ନ ପ୍ରକାର— ପ୍ରାଣିକ ସ୍ତରରେ ନିର୍ଭର୍ଯ୍ୟତା

ଦେଶ ଓ କାଳର ଆରମ୍ଭ ଓ ଶେଷ କଦାପି ମନୋଗତ ଚେତନା ମଧ୍ୟରେ ସୀମାବଦ୍ଧ ହୋଇ ରହି ନାହିଁ । ଦେଶ ଓ କାଳ ସମଗ୍ର ବିଶ୍ୱ-ଅସ୍ତିତ୍ୱରହିଁ ମୂର୍ତ୍ତି ରୂପ ହୋଇ ରହିଛନ୍ତି । କେବଳ, ବିଭିନ୍ନ ସ୍ତରରେ ସେମାନେ ଭିନ୍ନଭିନ୍ନ ରୂପ ହୋଇ ରହିଛନ୍ତି । ପ୍ରତ୍ୟେକ ଜଗତର ସ୍ୱକୀୟ ଦେଶ ଓ ସ୍ୱକୀୟ କାଳ ରହିଛି ।

ତେଣୁ, ଏହି ଭୌତିକ ଜଗତରେ ଦେଶ ଓ କାଳ ବୋଲି ଆମେ ଯାହା ପ୍ରତ୍ୟକ୍ଷ କରୁଛୁ, ମନୋଗତ ଜଗତର ଦେଶ ଓ କାଳ ସେଇଟି ସହିତ ମୋଟେ ଖାପ ଖାଇବେ ନାହିଁ । ମନୋଗତ ରାଜ୍ୟରେ ଆମେ ଆମର ଖୁସି ଓ ଇଚ୍ଛାନୁସାରେ ଆଗକୁ ଯାଇପାରିବା ଓ ପଛକୁ ଯାଇପାରିବା । କୌଣସି ଜଣେ ବ୍ୟକ୍ତିଙ୍କ ବିଷୟରେ ଭାବିଲାମାତ୍ରକେ ଆମେ ସଙ୍ଗେ ସଙ୍ଗେ ତାଙ୍କର ସାହଚର୍ଯ୍ୟ ଲାଭ କରିପାରିବା । ଏବଂ ଆଉଜଣେ ବ୍ୟକ୍ତିଙ୍କର ଯେତେ ନିକଟବର୍ତ୍ତୀ ହୋଇ ରହିଥିଲେ ମଧ୍ୟ, ତୁମର ଭାବନା ମଧ୍ୟରେ ତୁମେ ଆଉ କାହା ବିଷୟରେ ଭାବୁଥିବା ପର୍ଯ୍ୟନ୍ତ ତୁମେ ସେହି ବ୍ୟକ୍ତିଙ୍କଠାରୁ ପ୍ରକୃତରେ ବହୁଦୂରବର୍ତ୍ତୀ ହୋଇ ରହିଥିବ । ମନୋଗତ ରାଜ୍ୟର ଗତ୍ୟାତ୍ମକତା ହେଉଛି ଏକ ପ୍ରତ୍ୟକ୍ଷ ଗତ୍ୟାତ୍ମକତା, ତେଣୁ ସେହି ରାଜ୍ୟର ଦେଶକାଳଗତ ପରିସ୍ଥିତିଗୁଡ଼ିକ ମଧ୍ୟ ଅତ୍ୟନ୍ତ ବନ୍ଧନହୀନ ହୋଇ ରହିଥାନ୍ତି । ମାତ୍ର, ପ୍ରାଣିକ ଜଗତର ସ୍ତରରେ, ତୁମକୁ ଆପଣାର ଇଚ୍ଛାଶକ୍ତିକୁ କାର୍ଯ୍ୟରେ ଲଗାଇବାକୁ ହୁଏ : ସେଠାରେ ମଧ୍ୟ ଦୂରତାର କ୍ଷେତ୍ରରେ ଅପେକ୍ଷାକୃତ କମ୍ କଟକଣା ରହିଥାଏ, ମାତ୍ର ଗତ୍ୟାତ୍ମକତାରେ କୌଣସି ପ୍ରତ୍ୟକ୍ଷତା ନ ଥାଏ । କାରଣ, ଆପଣାର ଇଚ୍ଛାକୁ ଆଗ ସନ୍ନିସ୍ଥ କରିବାକୁ ହୋଇଥାଏ ।

ବିଭିନ୍ନ ସୋପାନର ଦେଶକାଳଗତ ଏହି ବିଭିନ୍ନତାକୁ ଜାଣିଲେ ତାହା-ଦ୍ୱାରା ଯୋଗସାଧନାରେ ଅନେକ ବ୍ୟାବହାରିକ ଉପକାର ମିଳିଥାଏ । କାରଣ, ଆମେ ଯେତେବେଳେ ଆମର ପ୍ରାଣିକ ଏବଂ ମନୋଗତ ସ୍ତରରେ ଅବସ୍ଥିତ ରହିଥାଉ, ସେତେବେଳେ ଯଥାର୍ଥ ପ୍ରକାରେ କାର୍ଯ୍ୟ ନ କରିବାରୁହିଁ ଆମକୁ ନାନା ପ୍ରମାଦରେ ପଡ଼ିବାକୁ ହୋଇଥାଏ । ଉଦାହରଣସ୍ୱରୂପ, ସ୍ୱପ୍ନ ଦେଖୁଥିବା ସମୟରେ ତୁମକୁ ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ତୁମେ ଯେତେବେଳେ ପ୍ରାଣିକ

'oaob.nitrkl.ac.in' images reprocessed

ଜଗତର ଦେଶ ଓ କାଳ ମଧ୍ୟରେହିଁ ବିଚରଣ କରୁଛ; ତେଣୁ, ସଚେତଯେପରି ତୁମେ ତଥାପି ଆପଣାର ସ୍ଥୂଳ ଶରୀରଟି ମଧ୍ୟରେ ରହିଛ, ସେପରି ଅନୁମାନ କରି ତୁମେ କଦାପି କୌଣସି କାର୍ଯ୍ୟ କରିବାର ଚେଷ୍ଟା କରିବ ନାହିଁ । ସେହି କ୍ଷେତ୍ରର ବସ୍ତୁସ୍ଥିତି ବିଷୟରେ ଯଦି ତୁମର ଯଥାର୍ଥ ଜ୍ଞାନ ରହିଥାଏ, ତେବେ ସେଠାରେ ତୁମକୁ କେତେ ଭୟ ଦେଖାଉଥିବା ଓ ତୁମକୁ ନାନା ଅପ୍ରୀତିକର ଦୁଃସ୍ୱପ୍ନ ମଧ୍ୟରେ ଆଣି ପକାଇ ଦେଉଥିବା ପ୍ରାଣିକ ସତ୍ତ୍ୱମାନଙ୍କର ମଧ୍ୟ ତୁମେ ଅଧିକ ଫଳପ୍ରଦ ଭାବରେ ସମ୍ମୁଖୀନ ହୋଇପାରିବ । ଏହି ପ୍ରାଣିକ ଦେଶ ଓ କାଳର କ୍ଷେତ୍ରରେ କ୍ରିୟାଶୀଳତାର ଏହିପରି ଏକ ବିଶେଷ ଲକ୍ଷଣ ରହିଛି ଯେ, ଏହି ସତ୍ତ୍ୱମାନେ ଇଚ୍ଛା ଅନୁସାରେ ନାନା ପ୍ରକାଣ୍ଡ ଆକାର ଧାରଣ କରିପାରନ୍ତି ଏବଂ ତୁମ ଭିତରେ ଏକ ଭୟର ସ୍ପନ୍ଦନ ଆଣି ସୃଷ୍ଟି କରନ୍ତି । ଏହି ଭୟସୃଷ୍ଟିକୁହିଁ ସର୍ବପ୍ରଧାନ ଅସ୍ତ୍ରରୂପେ ବ୍ୟବହାର କରି ସେମାନେ ତୁମକୁ ଆକ୍ରମଣ କରନ୍ତି, ତୁମକୁ ଅଧିକାର କରି ନିଅନ୍ତି । ମାୟା ଓ ଭ୍ରମ ସୃଷ୍ଟି କରି ଭୟ ଦେଖାଇବାରେ ଯେ ସେମାନଙ୍କର କେତେ କ୍ଷମତା ରହିଛି, ତୁମକୁ ସେହି କଥାଟି ସବୁବେଳେ ମନେ ରଖିବାକୁ ହେବ ଏବଂ ତା'ପରେ ଆପଣା ମଧ୍ୟରୁ ସକଳ ଭୟକୁ ପରିତ୍ୟାଗ କରିବାକୁ ପଡ଼ିବ । ଥରେ ସାହସର ସହିତ ଏବଂ ଅବିଚଳିତ ଭାବରେ ସେମାନଙ୍କର ସମ୍ମୁଖୀନ ହୋଇପାରିଲେ ଏବଂ ସିଧା ସେମାନଙ୍କର ଆଖିକୁ ଅନାଇ ପାରିଲେ ସେମାନେ ଆପଣା କ୍ଷମତାର ତିନିଚତୁର୍ଥ ଅଂଶକୁ ସଙ୍ଗେ ସଙ୍ଗେ ହରାଇ ବସିଥାନ୍ତି । ଏବଂ ତା'ପରେ, ଯଦି ତୁମେ ଆମକୁ ସାହାଯ୍ୟ ଲାଗି ଡାକିପାର, ତେବେ ଅବଶିଷ୍ଟ ଶେଷ ଚତୁର୍ଥ ବି ଅପସରି ଯାଏ ଓ ତାହାଫଳରେ ସେମାନେ ତୁମପାଖରୁ ପଳାୟନ କରିଥାନ୍ତି ଅଥବା ବିନଷ୍ଟ ହୋଇଯାଇଥାନ୍ତି । ମୋ'ର ଜଣେ ବନ୍ଧୁ ଥିଲେ ଯିଏକି ତାଙ୍କର ପ୍ରାଣିକ ଶରୀରରୁ ବାହାରିଯାଇ ପାରୁଥିଲେ । ସିଏ ଥରେ ଅଭିଯୋଗ କରି କହିଲେ ଯେ ରାତିରେ ସବୁବେଳେ ଗୋଟାଏ ବାଘ ଆସି ତାଙ୍କ ଆଗରେ ହାଜର ହୋଇଯାଉଥିଲା ଓ ତଦ୍ୱାରା ରାତିଟାଯାକ ସିଏ ଭାରି ଡହଳବିକଳ ହୋଇ କଟାଉଥିଲେ । ମୁଁ ତାଙ୍କୁ କହିଲି, ଆପଣ ନିଜ ମନରୁ ସବୁ ଭୟ ଦୂର କରିଦିଅନ୍ତୁ ଏବଂ ବାଘ ଆସିବାମାତ୍ରକେ ଆପଣ ତା'ପାଖକୁ ସିଧା ଅଗ୍ରସର ହୋଇ ଯାଆନ୍ତୁ, ତା' ମୁହଁକୁ ସିଧା କଟମଟ କରି ଅନାଇ ରୁହନ୍ତୁ; ଅବଶ୍ୟ ଆବଶ୍ୟକ ମନେ କଲେ ସାହାଯ୍ୟ ଲାଗି ପ୍ରାର୍ଥନା କରନ୍ତୁ । ମୁଁ ଯାହା କହିଥିଲି, ସିଏ ଠିକ୍ ସେଇଆ କଲେ ଏବଂ ବାଘଟି ସଙ୍ଗେ ସଙ୍ଗେ ଗୋଟିଏ ଛୁଆ ବିଲେଇରେ ପରିଣତ ହୋଇଗଲା ।

ଗୋଟାଏ ପ୍ରାଣିକ ସତ୍ତ୍ୱର ଆଖି ଭିତରକୁ ନିର୍ଭୟ ହୋଇ ଅନାଇପାରିଲେ ତାହାର ଠିକ୍ ମ୍ୟାଜିକ୍ ପରି ଯେ ଫଳ ଫଳିଥାଏ, ସେବିଷୟରେ ତୁମମାନଙ୍କର

'oaob.nitrkl.ac.in' images reprocessed

ପ୍ରକୃତରେ ଅଦୌ କୌଣସି ଧାରଣା ନାହିଁ । ଏହି ପୃଥିବୀପୃଷ୍ଠରେ ମଧ୍ୟ, ଆମେ ସାଧାରଣତଃ ଜନ୍ତୁରୂପେ ପ୍ରତ୍ୟକ୍ଷ କରୁଥିବା ପ୍ରାଣିକ ଶକ୍ତିସମୂହ ଏହି ସକଳ ରୂପଧାରଣର ଠିକ୍ ଏହିପରି ଭାବରେ ସମ୍ମୁଖୀନ ହୋଇପାରିଲେ, ତୁମେ ଅତ୍ୟନ୍ତ ସହଜରେ ସେଗୁଡ଼ିକ ଉପରେ ନିଶ୍ଚିତ ପ୍ରଭୁତ୍ୱ ଲାଭ କରିପାରିବ । ଏପରିକି ଗୋଟାଏ ସତ ବାଘ ମଧ୍ୟ ଏହିପରି ଭାବରେ ତୁମ ପାଖରୁ ଦଉଡ଼ି ପଳାଇଯିବ । ତୁମେ ଏତେ ଟିକିଏ ଭୀତ ହୋଇ, ଏତେଟିକିଏ ନ ଥରି ଯଦି ତା' ଆଡ଼କୁ ସିଧା କଟମଟ କରି ଅନାଇ ପାରିବ, ତେବେ ତାହା ହୋଇପାରିବ । ଗୋଟାଏ ସାପ ତୁମ ଆଡ଼କୁ ଅନାଇ ରହିଥିବା ବେଳେ ଯଦି ତୁମେ ଏତେଟିକିଏ ବି ଭୀତ ନ ହୋଇ ତା'ଆଡ଼କୁ ସ୍ଥିର ହୋଇ ଅନାଇ ରହିପାରିବ, ତେବେ ସାପ ମଧ୍ୟ ତୁମକୁ କଦାପି କାମୁଡ଼ିପାରିବ ନାହିଁ । ମାତ୍ର, ତୁମେ ସାପ ଆଡ଼କୁ ଅନାଇ ରହିଥିବ, କିନ୍ତୁ ଏଣେ ତୁମର ଆଣ୍ଠୁ ଦୁଇଟା ଠକଠକ ହୋଇ ବାଜୁଥିବ, ସେପରି ମୋଟେ ହୋଇପାରିବ ନାହିଁ । ତୁମ ଭିତରେ ମଧ୍ୟ କୌଣସିଠାରେ ଭୟଜନିତ କୌଣସି ଆକୁଳତା ବା ଚଞ୍ଚଳତା ନ ଥିବ; ତୁମକୁ ମୋହିତ କରି ଭୟବିହ୍ୱଳ କରିପକାଇବା ପାଇଁ ଯେତେବେଳେ ସାପ ଫଣା ଦୋହଲାଇ ତୁମଆଡ଼କୁ ଅନାଇଥିବ, ସେତେ-ବେଳେ ତା'ଆଡ଼କୁ ଦୃଷ୍ଟିପାତ କରି ତୁମେ ମଧ୍ୟ ଭିତରେ ସ୍ଥିର ଏବଂ ସମାହିତ ହୋଇ ରହିପାରୁଥିବ । ମଣିଷର ଆଖିଭିତରେ ଏପରି ଏକ ଆଲୁଅ ରହିଛି, ଯେଉଁ ବିଷୟରେ କି ଇତର ପ୍ରାଣୀମାନେ ନିର୍ଭୁଲ ଭାବରେ ସଜ୍ଞାନ ହୋଇ ରହିଆନ୍ତି ଏବଂ ସେହି ଆଲୁଅଟିକୁ ସେମାନଙ୍କ ଆଡ଼କୁ ଯଥାର୍ଥ ପ୍ରକାରେ ପ୍ରେରିତ କରି ରଖିପାରିଲେ, ସେମାନେ ସେହି ଆଲୁଅକୁ ମୋଟେ ସହ୍ୟ କରିପାରନ୍ତି ନାହିଁ । ମଣିଷର ଆଖିରେ ଏପରି ଏକ ଚାହାଣି ରହିଥାଏ, ଯାହାକି ସେମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଶକ୍ତିହୀନ କରିପକାଏ, ସେହି ଚାହାଣି ଆପଣାକୁ ଅବିଚଳିତ ଏବଂ ଭୟମୁକ୍ତ କରି ରଖିପାରିଲେ ଯାଇ ତାହା ହୁଏ ।

ତେଣୁ, ମୋଟକଥା ହେଉଛି, ତୁମେ ଦୁଇଟି କଥା ସବୁବେଳେ ମନେ ରଖିଥିବ : ତୁମେ କେତେବେଳେ ବି ଏତେଟିକିଏ ଭୟ କରିବ ନାହିଁ ଏବଂ ଆପଣାର ବଳ ଯେପରି ଶତବଳ ହୋଇପାରିବ, ସେଥିଲାଗି ପ୍ରତ୍ୟେକ ପରିସ୍ଥିତିରେ ଯଥାର୍ଥ ସହାୟତାଟିର ଆବାହନ କରି ପାରୁଥିବ ।

'oaob.nitrkl.ac.in' images reprocessed

ଭଗବତ୍-ଏକତ୍ୱ ଦ୍ୱାରା ଉପଲବ୍ଧ ଜ୍ଞାନ--ପୃଥିବୀରେ ଭଗବତ୍-ଇଚ୍ଛାର କାର୍ଯ୍ୟ

କୌଣସି ବସ୍ତୁ ଯାହାକିଛି ହୋଇଥାଉ ପଛକେ, ଏକାତ୍ମକତା ଦ୍ୱାରା ସେଇଟି ବିଷୟରେ ସଜ୍ଞାନ ହୋଇପାରିବାର ସାମର୍ଥ୍ୟଟିକୁହିଁ ଚେତନା ବୋଲି ବୁଝାଯିବ । ମାତ୍ର ଦିବ୍ୟଚେତନା କେବଳ ସଜ୍ଞାନହିଁ ହୋଇ ରହି ନ ଥାଏ, ତାହା ଜାଣେ ଏବଂ ସମ୍ପନ୍ନ ବି କରିଏ । କାରଣ କେବଳ ସଜ୍ଞାନତାକୁ ଆମେ କଦାପି ଜ୍ଞାନ ବୋଲି କହିବା ନାହିଁ । ଉଦାହରଣସ୍ୱରୂପ, କୌଣସି ଏକ ସ୍ପନ୍ଦନ ବିଷୟରେ ସଜ୍ଞାନ ହେବାର ଅର୍ଥ ନୁହେଁ ଯେ ତୁମେ ସେଇଟି ବିଷୟରେ ସବୁକିଛି ଜାଣି-ପାରିଲ । ଆମର ଚେତନା ଯେତେବେଳେ ଦିବ୍ୟ ଚେତନାଟି ମଧ୍ୟରେ ଅଂଶଗ୍ରହଣ କରିବାକୁ ସମର୍ଥ ହୁଏ, ସେତିକିବେଳେ ଯାଇ ଏକାତ୍ମକତା ଅର୍ଜନ କରି ଆମ ଚେତନା ସେହି ବସ୍ତୁଟି ବିଷୟରେ ପୂର୍ଣ୍ଣ ଜ୍ଞାନଲାଭ କରେ । ସାଧାରଣତଃ ଏପରି ଘଟିଥାଏ ଯେ, ଆମର ଏକାତ୍ମକତା ଆମକୁ ଜ୍ଞାନ ପରିବର୍ତ୍ତେ ଅଜ୍ଞାନ ମଧ୍ୟକୁ ନଲାଇ ନେଇଯାଏ; କାରଣ ଚେତନା ଯେଉଁଟି ସହିତ ଏକାତ୍ମକତା ଅର୍ଜନ କରିଥାଏ ସିଏ ନିଜେ ବି ତାହାରି ଭିତରେ କୁଆଡ଼େ ହଜିଯାଏ ଏବଂ ତା'ପରେ ଯଥାର୍ଥ କାରଣ-ଗୁଡ଼ିକୁ, ସହବର୍ତ୍ତୀ ଗୁଣଗୁଡ଼ିକୁ ଏବଂ ପରିଣାମଗୁଡ଼ିକୁ ଯଥାର୍ଥ ଭାବରେ ଠଉରାଇନେଇ ପାରିବାକୁ ତାହା ମୋଟେ ସମର୍ଥ ହୋଇପାରେ ନାହିଁ । ଏହିପରି ଭାବରେ କ୍ରୋଧର ଏକ ସଂଚରଣ ସହିତ ତୁମେ ଯାଇ ଆପଣାକୁ ସମ୍ପର୍କବଦ୍ଧ କରି ରଖିଥାଅ ଏବଂ ତୁମର ସମଗ୍ର ସତ୍ତାଟି ସେତେବେଳେ କ୍ରୋଧର କେବଳ ଏକ ସ୍ପନ୍ଦନ-ମୟତାରେହିଁ ପରିଣତ ହୋଇ ରହେ, ତାହା ଏକାବେଳେକେ ଅନ୍ଧ ହୋଇ ରହିଥାଏ, ଉଗ୍ର ଓ ପ୍ରଚଣ୍ଡ ହୋଇ ରହିଥାଏ ଏବଂ ଆଉ ସବୁକିଛି ବିଷୟର ଗୋଟାସୁଦ୍ଧା ଆଖିବୁଜି ବସିଥାଏ । ତୁମେ ଯେତେବେଳେ ଆପଣାକୁ ପ୍ରତ୍ୟାହୃତ କରି ରଖିପାର, ନାନା ଆବେଗ-ସମାକୁଳ ବିକ୍ଷୁବ୍ଧତା ମଧ୍ୟରେ ତୁମେ ଯେତେ-ବେଳେ ନିଜକୁ ଅଲିପ୍ତ କରି ରଖିପାର, କେବଳ ସେତିକିବେଳେ ଯାଇ ତୁମେ ଜ୍ଞାନସମର୍ଥ ଏକ ଚକ୍ଷୁ ଦ୍ୱାରା ପରିସ୍ଥିତିକୁ ଦେଖିବାକୁ ମଧ୍ୟ ସମର୍ଥ ହୁଅ । ତେଣୁ, ସତ୍ତ୍ୱର ସାଧାରଣ ସ୍ଥିତିରେ ଯଦି ଯଥାର୍ଥ ଜ୍ଞାନଲାଭ କରିବାକୁ ହୁଏ, ତେବେ

'oaob.nitrkl.ac.in' images reprocessed

ତୁମକୁ ବସ୍ତୁଟି ପାଖରୁ ଆପଣାକୁ ପ୍ରତ୍ୟାହୃତ କରି ଆଣିବାକୁ ପଡ଼ିବ, ସେଇଟିଠାରୁ ତଟସ୍ଥ ରହି ତାହାର ଅବଲୋକନ କରିବାକୁ ହେବ । ମାତ୍ର ଦିବ୍ୟ ଚେତନା ଆପଣାର ବସ୍ତୁଟି ସହିତ ଆପଣାକୁ ଯେପରି ଭାବରେ ଏକାତ୍ମକ କରି ରଖିଥାଏ, ସେ ତଦ୍ଦ୍ୱାରା ତାହାକୁ ପରିପୂର୍ଣ୍ଣ ଭାବରେ ଜାଣିପାରେ, କାରଣ ତାହା ସବୁବେଳେ ମର୍ମସ୍ଥ ଅସଲ ସତ୍ୟଟି ସହିତ ଅଥବା ପ୍ରତ୍ୟେକ ବିଷୟ ମଧ୍ୟରେ ଅନ୍ତର୍ନିହିତ ଅସଲ ବିଧାନଟି ସହିତ ଏକାତ୍ମକତା ଲାଭ କରିଥାଏ । ଏବଂ, ସେହି କ୍ଷେତ୍ରରେ ତାହା ଯେ କେବଳ ଜାଣେ, ସେତିକି ନୁହେଁ, ମାତ୍ର ସେହି ଜ୍ଞାନଟିକୁ ଲାଭ କରି ତାହା ଯାହା ଘଟୁ ବୋଲି ଇଚ୍ଛା କରୁଥାଏ, ତାହାହିଁ ଘଟାଇପାରେ । ତେଣୁ, ତା' କ୍ଷେତ୍ରରେ ଚେତନ ହେବା କହିଲେ ଫଳପ୍ରଦ ହେବାକୁହିଁ ବୁଝାଏ; —ତାହାର ପ୍ରତ୍ୟେକଟି କ୍ରିୟାତ୍ମକତା ସର୍ବ-ଶକ୍ତିମତ୍ତାର ଗୋଟିଏ ଗୋଟିଏ ଝଲକ ହୋଇ ରହିଥାଏ, ଯାହାକି ଆଲୋକିତ କରିଦେବା ସଙ୍ଗେ ସଙ୍ଗେ ତାହାର ସତ୍ୟ ପ୍ରକୃତି ଯେଉଁ ଲକ୍ଷ୍ୟଟିର ନିର୍ଦ୍ଦେଶ ଦେଉଥାଏ, ତାହା ପରିଶେଷରେ ସେହି ଲକ୍ଷ୍ୟଟି ଅଭିମୁଖରେ ଉପଯୁକ୍ତ ପଥଟିକୁ ଉଦ୍‌ଭାସିତ କରିଦେଇ ଅଗ୍ରସର ହୋଇଯାଏ ।

ତୁମର ସାଧାରଣ ଚେତନାଟି ଅଚେତନା ସହିତ ଅତ୍ୟନ୍ତ ପରିମାଣରେ ବିମିଶ୍ରିତ ହୋଇ ରହିଛି; ତାହା ନାନା କୁଣ୍ଠା ପ୍ରକାଶ କରିବାରେ ଲାଗିଛି, ସନ୍ତପ୍ତ ହୋଇ ରହିଛି, ତାହାକୁ ଘେରିଥିବା ଅବରୁଦ୍ଧ କରି ରଖାଯାଇଛି । ମାତ୍ର, ଅନ୍ୟ ପକ୍ଷରେ, ତୁମେ ସର୍ବୋଚ୍ଚ ପରମସତ୍ତ୍ୱଙ୍କ ସହିତ ଏକାତ୍ମ ହେବା ଦ୍ୱାରା ସେହି ପରମ ସ୍ୱଭାବଟି ମଧ୍ୟରେ ବି ଅଂଶଗ୍ରହଣ କରିପାରୁଛ, ଏବଂ ଯେକୌଣସି ବସ୍ତୁକୁ ଜାଣିବା ଲାଗି ଇଚ୍ଛୁକ ହେବାମାତ୍ରକେହିଁ ତୁମେ ଆବଶ୍ୟକ ପୂର୍ଣ୍ଣ ଜ୍ଞାନଟିକୁ ଲାଭ କରିପାରୁଛ ଏବଂ ସେଇଟି ସହିତ ଯଥାର୍ଥ ଏକାତ୍ମକତା ଅର୍ଜନ କରି ପାରୁଛ । ମାତ୍ର ତାହାର ଅର୍ଥ ନୁହେଁ ଯେ ତୁମକୁ ସେଥିଲାଗି ଦିବ୍ୟ ଚେତନାର ସମୁଦାୟ ଭଣ୍ଡାରଟି ସହିତ ଜ୍ଞାନଯୁକ୍ତ ହୋଇ ରହିବାକୁ ପଡ଼ିବ । ତୁମର କ୍ରିୟାତ୍ମକତାଗୁଡ଼ିକ ଯଥାର୍ଥ କ୍ରିୟାତ୍ମକତାରେ ପରିଣତ ହୋଇଯିବ ସତ, ମାତ୍ର ସେଥିଲାଗି ତୁମକୁ ଦିବ୍ୟ ପରମସତ୍ତ୍ୱଙ୍କର ସକଳ କ୍ରିୟାତ୍ମକତାରୂପୀ ଯାବତୀୟ ସମ୍ପଦଗୁଡ଼ିକର କଦାପି ଅଧିକାରୀ ହୋଇ ରହିବାକୁ ପଡ଼ିବ ନାହିଁ । ତଥାପି, ଆପଣାର ନିଜ ଆତ୍ମଚେତନଟି ମଧ୍ୟରେ, ତୁମେ ନିର୍ଭୁଲ ଭାବରେ ସବୁକିଛି ଦେଖିବା ଲାଗି ସମର୍ଥ ହେବ, ବସ୍ତୁ-ଗୁଡ଼ିକର ଯଥାର୍ଥ ସତ୍ୟ ଅନୁସାରେ ସେଗୁଡ଼ିକୁ ଦେଖିବାକୁ ସମର୍ଥ ହେବ । ଯୋଗର ପରିଭାଷା ଅନୁସାରେ ଯାହାକୁ ଏକାତ୍ମତା ଦ୍ୱାରା ଉପଲବ୍ଧ ଜ୍ଞାନ ବୋଲି କୁହାଯାଏ, ଏହାକୁ ଆମେ ନିଶ୍ଚିତ ଭାବରେ ତା'ଠାରୁ ଅଧିକ ବୋଲି କହିବା । କାରଣ, ଅନେକ ସାଧନାମାର୍ଗ ଯେଉଁଭଳି ଏକାତ୍ମତାର୍ଜନର ଶିକ୍ଷା ଦେଇଥାନ୍ତି, ତାହା ତୁମ ଗୋଚରଭୂମିର ସୀମାଗୁଡ଼ିକୁ ଅଧିକ ବିସ୍ତୃତ କରିଦେଇଥାଏ ସତ, ମାତ୍ର ତଦ୍ଦ୍ୱାରା

'oaob.nitrkl.ac.in' images reprocessed

ତୁମେ କଦାପି ବସ୍ତୁଟିର ଅନ୍ତର୍ଭେଦ କରିପାରି ନ ଥାଅ । ସଚେତଅବା ତାହା ବସ୍ତୁଟିର ଭିତରେ ରହି ବସ୍ତୁଟିକୁ ଦେଖୁଥାଏ ସତ, ମାତ୍ର ସେତେବେଳେ ତାହା ବସ୍ତୁଟିର କେବଳ ବସ୍ତୁଧର୍ମୀ ବାସ୍ତବଟିକୁହିଁ ଦେଖୁଥାଏ । ଉଦାହରଣସ୍ୱରୂପ, ଯେତେବେଳେ ତୁମେ କୌଣସି ଗୋଟିଏ ଗଛ ସହିତ ଏକାତ୍ମ ହୋଇଯାଅ, ସେହି ଗଛ ଆପଣା ବିଷୟରେ ଯେଉଁ ସ୍ତରରେ ସଜ୍ଞାନ ହୋଇପାରୁଛି, ସେତେବେଳେ ତୁମେ କେବଳ ସେହି ସ୍ତରଟି ବିଷୟରେହିଁ ସଜ୍ଞାନ ହୋଇଥାଅ, ମାତ୍ର, ତଥାପି ତୁମେ ସେହି ଗଛଟି ବିଷୟରେ ସକଳ ଜ୍ଞାନକୁ କଦାପି ଅର୍ଜନ କର ନାହିଁ । ଏପରି ହେବାର ଅତି ସହଜ କାରଣଟି ହେଉଛି ଯେ ସ୍ୱୟଂ ଗଛଟି ମଧ୍ୟ ସେହିପରି ଏକ ଜ୍ଞାନର ଆଦୌ ଅଧିକାରୀ ହୋଇ ରହି ନ ଥାଏ । ତୁମେ ଗଛଟିର ଅନ୍ତର୍ଗତ ଅନୁଭୂତିଟିରେ ଏକ ଅଂଶ ଗ୍ରହଣ କରିଥାଅ ସତ, ମାତ୍ର ଗଛଟି ଯେଉଁ ସତ୍ୟଟିର ପ୍ରତିନିଧିତ୍ୱ କରୁଛି, ସେହି ସତ୍ୟଟିକୁ ତୁମେ କଦାପି ବୁଝିପାର ନାହିଁ । ନିଜର ସ୍ୱଭାବସ୍ଥ ଆତ୍ମସତ୍ତାଟି ସମ୍ବନ୍ଧରେ ସଚେତନ ହେବାମାତ୍ରକେ ତୁମେ ଯେପରି ପ୍ରଚ୍ଛନ୍ନ ଭାବରେ ଯେଉଁ ଦିବ୍ୟ ସତ୍ୟସତ୍ତାଟିକୁ ବହନକରି ରହିଛ, ସେଇଟି ବିଷୟରେ ତୁମେ ଆଦୌ ସଚେତନ ହୋଇଯାଅ ନାହିଁ, ଠିକ୍ ସେହିପରି । ମାତ୍ର, ଅନ୍ୟ ପକ୍ଷରେ, ଯଦି ତୁମେ ଦିବ୍ୟ ଚେତନା ସହିତ ଏକାତ୍ମକତା ଅର୍ଜନ କରି ରଖିଥାଅ, ତେବେ, ଗଛଟି ଯାହା ଯେପରି ଅନୁଭବ କରୁଛି, ସେଇଟିକୁ ଜାଣିବା ସଙ୍ଗେ ସଙ୍ଗେହିଁ ତୁମେ ତା' ପଛରେ ରହିଥିବା ସତ୍ୟଟିକୁ ମଧ୍ୟ ଜାଣିବା ଲାଗି ସମର୍ଥ ହୁଅ; ଅର୍ଥାତ୍, ସଂକ୍ଷେପରେ କହିଲେ ତୁମେ ସବୁକିଛି ଜାଣିବା ଲାଗି ସମର୍ଥ ହୁଅ, କାରଣ ଦିବ୍ୟ ଚେତନା ମଧ୍ୟରେ ସବୁକିଛି ଜାଣିବାର ପୂର୍ଣ୍ଣ ସମର୍ଥତା ବିଦ୍ୟମାନ ରହିଛି ।

ଏହି ଏକାତ୍ମକତାଟିକୁ ଅର୍ଜନ କରିବା ଲାଗି ବସ୍ତୁତଃ ଅନେକ ଉପାୟ ରହିଛି । ଆମେ ଅଭୀପ୍ସା ଦ୍ୱାରା ତାହାକୁ ଅର୍ଜନ କରିପାରିବା, ସମର୍ପଣ ଦ୍ୱାରା ବି କରିପାରିବା ବା ଅନ୍ୟ କୌଣସି ଉପାୟରେ ବି କରିପାରିବା । ନିଷ୍ଠା ଏବଂ ଅଧ୍ୟବସାୟ ସହିତ ଆମେ ଯେଉଁ ଉପାୟଟିକୁ କାମରେ ଲଗାଇବା, ଆମେ ସେଇଟି ଦ୍ୱାରା ତାହା କରିପାରିବା । ପରମ ଦିବ୍ୟସତ୍ତାଙ୍କ ପାଖରେ ଯାଇ ପହଞ୍ଚିବା ଲାଗି ତୁମେ ଯେଉଁ ସଂକଳ୍ପଟି କରିଛ, ତାହାରି ପଛରେହିଁ ତୁମର ସମଗ୍ର ପ୍ରକୃତି ସେହି ଅନୁସାରେ ଅଗ୍ରସର ହେବା ଲାଗି ତୁମକୁ ଯେଉଁ ପ୍ରରୋଚନା ଦେଉଥାଏ, ତାହାହିଁ ଅଭୀପ୍ସା । ଅନ୍ୟ ପକ୍ଷରେ, ଆପଣାର ଅହଂର ନାନାବିଧ ସୀମାକୁ ତ୍ୟାଗ କରି ପାରିବାକୁ ଆମେ ସମର୍ପଣ ବୋଲି ବ୍ୟାଖ୍ୟା କରିପାରିବା । ଦିବ୍ୟ ପରମସତ୍ତାଙ୍କ ପାଖରେ ନିଜକୁ ନେଇ ସମର୍ପିତ କରିଦେବାର ଅର୍ଥ ହେଉଛି ଆପଣାର ସଂକୀର୍ଣ୍ଣ ସୀମାଗୁଡ଼ିକୁ ପରିତ୍ୟାଗ କରିବା, ସେହି ପରମସତ୍ତାଙ୍କର ଆକ୍ରମଣଟି ଲାଗି ଆପଣାର ଦ୍ୱାରକୁ ଉନ୍ମୁକ୍ତ କରି ରଖିବା ଏବଂ ତାଙ୍କର ଲୀଳା ପାଇଁ ନିଜକୁ ଗୋଟିଏ

'oaob.nitrkl.ac.in' images reprocessed

କେନ୍ଦ୍ରରେ ପରିଣତ କରିଦେବା । ମାତ୍ର, ତୁମକୁ ଏହି କଥାଟି ମଧ୍ୟ ସ୍ମରଣ ରଖିବାକୁ ପଡ଼ିବ ଯେ ଯୋଗୀମାନେ ଯେଉଁ ବିଶ୍ୱଚେତନାକୁ ସେମାନଙ୍କର ଏତେବଡ଼ ଏକ ପ୍ରିୟ ବସ୍ତୁ ବୋଲି ଘୋଷଣା କରିଥାନ୍ତି, ତାହାକୁହିଁ ସମତୁଲ କରି ଆମେ ଦିବ୍ୟ ପରମସତ୍ତା ବୋଲି କଦାପି କହିପାରିବା ନାହିଁ । ତୁମେ ଇଚ୍ଛା କଲେ ଅନୁପ୍ରସ୍ଥ ଭାବରେ ଆପଣାର ସୀମାଗୁଡ଼ିକୁ ବେଶ୍ ଭାଙ୍ଗି ପ୍ରଶସ୍ତ କରିଦେଇପାର; ମାତ୍ର ସେହି ପ୍ରଶସ୍ତତାବୋଧ ଏବଂ ବିଶ୍ୱମୟ ବିବିଧତାକୁ ଯଦି ଦିବ୍ୟ ପରମସତ୍ତାଙ୍କର ସମବାଚୀ ବୋଲି ଗ୍ରହଣ କରିବସ, ତେବେ ତଦ୍ୱାରା ତୁମେ ଭାରି ଭୁଲ୍ କରି ବସିବ । ବିଶ୍ୱଗତ ପ୍ରଶସ୍ତତା ଆଡ଼କୁ ସମ୍ଭାବ୍ୟ ସବୁକିଛି ନିଶ୍ଚୟାତ୍ମକତା ତଥାପି ମିଥ୍ୟା ଏବଂ ସତ୍ୟର ଏକ ମିଶ୍ରଣହିଁ ହୋଇ ରହିଥିବ ଏବଂ ତେଣୁ ସେହିଠାରେ ଅଟକି ରହିଥିବା ଯାଏ ଆମେ କେବଳ ଅପୂର୍ଣ୍ଣହିଁ ହୋଇ ରହିଥିବା । କାରଣ, ବିଶ୍ୱାତୀତ ପରମସତ୍ୟର ଉପଲବ୍ଧି ନ କରି ମଧ୍ୟ ତୁମେ ତଥାପି ବିଶ୍ୱଗତ ଚେତନାରେ ବେଶ୍ ଅଂଶଗ୍ରହଣ କରିପାର । ମାତ୍ର ଅନ୍ୟପକ୍ଷରେ, ପରମ ଦିବ୍ୟସତ୍ତାଙ୍କର ସମୀପବର୍ତ୍ତୀ ହେବା ଦ୍ୱାରା ଆମେ ବିଶ୍ୱଗତ ଉପଲବ୍ଧିର ବି ଅଧିକାରୀ ହୋଇପାରିବା ଏବଂ ତଥାପି ମିଥ୍ୟାଭିତରୁ ମୁକ୍ତ ହୋଇ ରହିଥିବା ।

ବିଶ୍ୱଗତ ପରମସତ୍ତାଙ୍କ ପାଖରେ ହେଉ ଅଥବା ବିଶ୍ୱାତୀତ ପରମସତ୍ତାଙ୍କ ପାଖରେ ହେଉ, ଜଣେ ବ୍ୟକ୍ତି ହିସାବରେ ଆମେ ନିଜର ସୀମାଗୁଡ଼ିକୁ ଯେପରି ଭଲ ପାଇବାରେ ଲାଗିଥାଉ, ତାହାହିଁ ଯଥାର୍ଥରେ ଯାବତୀୟ ସମର୍ପଣ ଲାଗି ପ୍ରତିବନ୍ଧକ ହୋଇ ରହିଥାଏ । ଏହି ଭଲ ପାଇବା ହେଉଛି ଏକ ସ୍ୱଭାବଗତ ଭଲ ପାଇବା, କାରଣ ପ୍ରତ୍ୟେକ ବ୍ୟକ୍ତିସତ୍ତା ଯେପରି ଭାବରେ ଗଠିତ ହୋଇଛି, ତଦ୍ୱାରା ତାହା ମଧ୍ୟରେ ଯାବତୀୟ ସୀମା ଭିତରେ ଆବଦ୍ଧ ଓ ସକେନ୍ଦ୍ରିତ ହୋଇ ରହିବାର ଏକ ପ୍ରବୃତ୍ତି ମଧ୍ୟ ବଦ୍ଧମୂଳ ହୋଇ ରହିଛି । କାରଣ, ସେଇଟି ବ୍ୟତୀତ ଆଉ ବିଚ୍ଛିନ୍ନତାର କୌଣସି ବୋଧ ମୋଟେ ସମ୍ଭବ ହୋଇପାରନ୍ତା ନାହିଁ । ସବୁକିଛି ମିଶାମିଶି ହୋଇପଡ଼ନ୍ତା; ଚେତନାର ମନୋମୟ ଏବଂ ପ୍ରାଣିକ ଯାବତୀୟ ନିଶ୍ଚୟାତ୍ମକତାରେ ଯାହା ଅନେକ ସମୟରେ ହେଉଛି, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ତାହାହିଁ ହୁଅନ୍ତା । ମନ ଓ ପ୍ରାଣ ପରି ଶରୀରର ଭୂମି ଆଦୌ ଏତେ ତରଳ ହୋଇ ନ ଥିବାରୁ ବିଶେଷ କରି ସେହି ଶରୀରହିଁ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ସତ୍ତାଟିକୁ ବଜାୟ ରଖିପାରୁଛି । ମାତ୍ର, ଏହି ବିଚ୍ଛିନ୍ନତାଟି ଥରେ ପ୍ରତିଷ୍ଠିତ ହୋଇଗଲେ, ସେହି କ୍ଷେତ୍ରରେ ତାହାକୁ ହରାଇ ପକାଇବାର ଏକ ଭୟ ମଧ୍ୟ ଆସି ପହଞ୍ଚି ଯାଉଛି । ଏହି ପ୍ରବୃତ୍ତିଟିକୁ ଅନେକ ଦୃଷ୍ଟିରୁ ଏକ ସୁସ୍ଥ ଓ ସ୍ୱାଭାବିକ ପ୍ରବୃତ୍ତି ବୋଲି ନିଶ୍ଚୟ କୁହାଯିବ, ମାତ୍ର ଦିବ୍ୟ ପରମସତ୍ତାଙ୍କ ପରିପ୍ରେକ୍ଷୀରେ ଆଦୌ ଅନୁକୂଳ ବୋଲି କୁହାଯିବ ନାହିଁ । କାରଣ, ଦିବ୍ୟ ପରମସତ୍ତାଙ୍କର ସେହି କ୍ଷେତ୍ରରେ ତୁମେ ପ୍ରକୃତରେ ଆପଣାର

'oaob.nitrkl.ac.in' images reprocessed

ବ୍ୟକ୍ତିସତ୍ତ୍ୱଟିକୁ ଆଦୌ ହରାଇବଅ ନାହିଁ ; ତୁମେ କେବଳ ଆପଣାର ଅହଂଭାବନାଟିକୁ ପରିତ୍ୟାଗ କରିଆସ ଏବଂ ଜଣେ ଯଥାର୍ଥ ବ୍ୟକ୍ତିରେ ପରିଣତ ହୁଅ; ତୁମେ ଏକ ଦିବ୍ୟ ବ୍ୟକ୍ତିତ୍ୱରେ ପରିଣତ ହୁଅ । ଜଡ଼ସ୍ଥ ସ୍ଥୂଳ ଚେତନାର ଯେଉଁ ଗଢ଼ଣଟିକୁ ସାଧାରଣତଃ ତୁମର ଆତ୍ମସତ୍ତା ବୋଲି ଅନୁମାନ କରି ଯାଇଥାଏ, ତୁମର ଦିବ୍ୟ ବ୍ୟକ୍ତିତ୍ୱ କଦାପି ସେହି ବ୍ୟକ୍ତିତ୍ୱ ପରି ଅସ୍ଥାୟୀ ନୁହେଁ । ଦିବ୍ୟ ଚେତନାର ଗୋଟିଏ ମାତ୍ର ସ୍ପର୍ଶ ଆସି ବାଜିବାମାତ୍ରକେ ତୁମେ ଯେ ତାହା ମଧ୍ୟରେ ପ୍ରବେଶ କରି ଆଦୌ କିଛିହେଲେ ହରାଉ ନାହିଁ, ତୁମେ ସଙ୍ଗେ ସଙ୍ଗେ ତାହାହିଁ ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କର । ବରଂ, ଅନ୍ୟ ପକ୍ଷରେ, ତଦ୍ଦ୍ୱାରା ତୁମେ ଏପରି ଏକ ଯଥାର୍ଥ ବ୍ୟକ୍ତିଗତ ସ୍ଥାୟିତ୍ୱ ଅର୍ଜନ କରିବାରେ ସମର୍ଥ ହୁଅ, ଯାହାକି ଶରୀରର ଶରୀରର ମୃତ୍ୟୁ ଘଟିବା ପରେ ମଧ୍ୟ ତଥାପି ଅକ୍ଷୁଣ୍ଣ ରହିପାରେ, ପ୍ରାଣିକ-ମନୋଗତ ବିବର୍ତ୍ତନର ଯାବତୀୟ ପରିବର୍ତ୍ତନ ସତ୍ତ୍ୱେ ତଥାପି ଅତୁଟ ହୋଇ ରହିପାରେ । ଏହି ସକଳ-ପରିବର୍ତ୍ତନକାରୀ ସ୍ପର୍ଶଟି ଲାଭ କରି ନ ପାରିଥିଲା ପର୍ଯ୍ୟନ୍ତ ତୁମେ କେବଳ ଭୟଶଙ୍କିତ ହୋଇ ସର୍ବଦା ଭ୍ରମିବାରେ ଲାଗିଥାଅ; ମାତ୍ର, ସେହି ସ୍ପର୍ଶଟି ଲାଭ କରିପାରିବା ପରେ ତୁମେ ଏପରି ଏକ ସାମର୍ଥ୍ୟ ହାସଲ କର ଯାହାକି ତୁମର ଶାରୀରିକ ସତ୍ତାଟିକୁ ମଧ୍ୟ ନମନୀୟ ଓ ପରିବର୍ତ୍ତନ-ସମର୍ଥ କରି ରଖିପାରେ, ଅଥଚ ସେହି ସତ୍ତାଟିର ବ୍ୟକ୍ତିଗତ ବୈଶିଷ୍ଟ୍ୟ ଆଦୌ ନଷ୍ଟ ହୋଇଯାଏ ନାହିଁ । ବର୍ତ୍ତମାନ ଅବସ୍ଥାରେ ମଧ୍ୟ ଶରୀର ଯେ ଗୋଟାସୁଦ୍ଧା ଅନମନୀୟ ଅବସ୍ଥାରେ ରହିଛି, ସେକଥା ଆଦୌ ନୁହେଁ, ଏକ ପ୍ରକାରର ସହାନୁଭୂତି ବଳରେ ତାହା ଅନ୍ୟମାନଙ୍କର ଯାବତୀୟ ସଚେତନ କ୍ରିୟାକୁ ଅନୁଭବ କରିବାକୁ ସମର୍ଥ ହେଉଛି, ସେହି ସହାନୁଭୂତି ବଳରେ ଅନ୍ୟମାନଙ୍କର ଆନନ୍ଦ ଏବଂ ନିରାନନ୍ଦରେ ତାହା ଆପଣାର ସ୍ନାୟୁଗତ ପ୍ରତିକ୍ରିୟାମାନ ବି ପ୍ରକାଶ କରିପାରୁଛି । ତାହା ତୁମର ଅନ୍ତରସ୍ଥ କ୍ରିୟାତ୍ମକତାଗୁଡ଼ିକୁ ମଧ୍ୟ ପ୍ରକାଶ କରିପାରୁଛି;—ଏକଥା ତ ସମସ୍ତେ ଖୁବ୍ ଭଲଭାବରେ ଜାଣିଛନ୍ତି ଯେ ଆମର ମୁଖମଣ୍ଡଳ ସର୍ବଦା ଆମ ମନର ଏକ ଦର୍ପଣ ଓ ଏକ ସୂଚକ ପରି ହୋଇ ରହିଥାଏ । ମାତ୍ର, କେବଳ ଦିବ୍ୟଚେତନା ଦ୍ୱାରାହିଁ ଆମ ଶରୀର ଏପରି ଅନୁସ୍ପନ୍ଦନ-ସମର୍ଥ ହୋଇପାରିବ, ଯାହା ଦ୍ୱାରା କି ସେ ଅତିମାନସ ଅବିନାଶିତାର ଯାବତୀୟ କ୍ରିୟାତ୍ମକତାକୁ ପ୍ରତିଫଳିତ ମଧ୍ୟ କରିଦେଇ ପାରିବ । ସେତେବେଳେ ତାହା ଯଥାର୍ଥ ଆତ୍ମାର ଏକ ଅଭିବ୍ୟକ୍ତି ହୋଇ ରହିପାରିବ; ଏବଂ ଦିବ୍ୟ ଗୁଣାତ୍ମକତାର ଅଧିକାରୀ ହୋଇ ଏପରି ଏକ ସର୍ବୋଚ୍ଚ ବ୍ୟକ୍ତିସ୍ୱଭାବସମ୍ପନ୍ନତାର ପରାକାଷ୍ଠାକୁ ଉଠିଯାଇ ପାରିବ, ଯାହାକି ଏହି ସ୍ଥୂଳ ଶାରୀରିକ ସ୍ତରରେ ମଧ୍ୟ ମୃତ୍ୟୁ ଓ ବିନାଶର ଅନିବାର୍ଯ୍ୟତାର ଆହୁରି ଉପରକୁ ଉଠିଯାଇ ପାରିବ ।

'oaob.nitrkl.ac.in' images reprocessed

ଶେଷରେ ମୁଁ ଏହି ବିଷୟରେ ଗୋଟିଏ କଥା ପ୍ରତି ତୁମମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଇଚ୍ଛା କରୁଛି, କାରଣ ଏହା ଅଧିକାଂଶ ସମୟରେ ଯଥାର୍ଥ ଏକତ୍ୱସ୍ଥାପନ ଲାଗି ଏକ ପ୍ରତିବନ୍ଧକ ହୋଇ ରହିଥାଏ । ଭଗବତ୍‌ପରମଇଚ୍ଛା ଏହି ପୃଥିବୀରେ ସର୍ବଦା ଉନ୍ମୁକ୍ତ ଭାବରେ କାର୍ଯ୍ୟ କରୁଛି ବୋଲି ଅନୁମାନ କରିବାକୁ ପ୍ରକୃତରେ ଏକ ଭ୍ରମ ବୋଲି କୁହାଯିବ । ଏହି ପୃଥିବୀରେ ଯାହାକିଛି ଯେତେବେଳେ ଘଟୁଛି, ଆମେ ସେଗୁଡ଼ିକୁ କଦାପି ଦିବ୍ୟ ବୋଲି କହିପାରିବା ନାହିଁ । ଅଭିବ୍ୟକ୍ତିର ସ୍ତରକୁ ଆସି ସର୍ବୋଚ୍ଚ ପରମ ଇଚ୍ଛା ପ୍ରକୃତରେ ବିକୃତ ହୋଇପଡ଼ୁଛି, କାରଣ ଆଧାରରୂପେ ତାହାକୁ ପ୍ରକାଶିତ କରି ଆଣୁଥିବା ନିମ୍ନତର ଶକ୍ତିଗୁଡ଼ିକ ନାନା ଅନ୍ୟଭାବେ ପରସ୍ପର ସହିତ ଗୁନ୍ଥାହୋଇ ରହିଛନ୍ତି । ସେହି ମାଧ୍ୟମଗୁଡ଼ିକହିଁ ପରମଇଚ୍ଛାର ଅସଲ ପ୍ରେରଣାଟିକୁ ମିଥ୍ୟାମିଶ୍ରିତ କରିପକାଉଛନ୍ତି ଏବଂ ତାହାକୁ ଏକ ଅଦିବ୍ୟ ପରିଣାମ ମଧ୍ୟରେ ଜଡ଼ିତ କରି ରଖୁଛନ୍ତି । ଯାହାକିଛି ଏହି ପୃଥିବୀରେ ଘଟୁଛି, ଯଦି ସବୁଯାକ ବସ୍ତୁତଃ ନିଖୁଣ ଭାବରେ ସେହି ପରମଇଚ୍ଛାରହିଁ ଅଭିବ୍ୟକ୍ତ ହୋଇ ରହିଥାନ୍ତା, ତେବେ ସଂସାରରେ କୌଣସି ବିକୃତି ବା କପରି ସମ୍ଭବ ହୁଅନ୍ତା ? ···ଭଗବତ୍-ପରମଇଚ୍ଛା କଦାପି ବିଶ୍ୱମୟ ଏହି ଅଜ୍ଞାନକୁ ସୃଷ୍ଟି କରି ନାହିଁ ବୋଲି କହିଲେ ତାହା ଆଦୌ ଠିକ୍ ହେବ ନାହିଁ । ସେହି ପରମ ଇଚ୍ଛା ହେଉଛି ଏକ ସର୍ବଶକ୍ତିମତୀ ଇଚ୍ଛା, ଏବଂ ତାହାମଧ୍ୟରେ ଯାବତୀୟ ସମ୍ଭାବନା ଏକାବେଳେକେ ଅନ୍ତର୍ହିତ ହୋଇ ରହିଛି । ଆପଣାର ଉର୍ଦ୍ଧ୍ୱଗତ ଦୃଷ୍ଟିରେ ଯେଉଁ କଥାଟି ଲାଗି ଏକ ପ୍ରଚ୍ଛନ୍ନ ଆବଶ୍ୟକତା ରହିଛି ବୋଲି ତାହା ଦେଖିବାକୁ ପାଉଛି, ସେହି ଇଚ୍ଛା ତାହାକୁହିଁ କାର୍ଯ୍ୟକାରୀ କରିଦେଉଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପରମ ଦିବ୍ୟସତ୍ତା ହେଉଛନ୍ତି ଏହି ପୃଥିବୀର ସର୍ବମୂଳ ପ୍ରଥମ କାରଣ; ମାତ୍ର ଏକଥା ମଧ୍ୟ ସତ ଯେ, ଯଦି ଏହି କଥାଟିକୁ ଆମେ ଆମର ମନର ଭୂମିଟି ଉପରେ ଆମ ନିଜର କ୍ଷୁଦ୍ର ନୀତିଗତ ମୂଲ୍ୟକଳନାର ତରାଜୁ ଉପରେ ବିଚାର କରିବାକୁ ଯିବା, ତେବେ ତାହା କଦାପି ଉଚିତ ହେବ ନାହିଁ । ମାତ୍ର ଏହି ବ୍ରହ୍ମାଣ୍ଡସୃଷ୍ଟିର ପରିବେଶଟି ଥରେ ସ୍ଥିରୀକୃତ ହୋଇଯିବା ପରେ ଏବଂ ପରମ ଦିବ୍ୟସତ୍ତାଙ୍କର ଏକାନ୍ତ ବିପରୀତ ବୋଲି ପ୍ରତୀତ ହେଉଥିବା ସେହି ଯାବତୀୟ ବସ୍ତୁମଧ୍ୟରୁ ତାଙ୍କର ଏକ ନିମ୍ନୋତ୍ତର ପରିପ୍ରକାଶର ଭୂମିସ୍ୱରୂପ ଅବଚେତନ ମଧ୍ୟରେ ତାଙ୍କର ସଂବୃତ ହୋଇ ରହିବାକୁ ସ୍ୱୀକାର କରିନେବା ପରେ ସେହି କ୍ଷେତ୍ରରେ ଉଚ୍ଚତର ଓ ନିମ୍ନତର ମଧ୍ୟରେ ଗୋଟାଏ ପ୍ରକାରର ବିଭାଜନ ସଂଘଟିତ ହୋଇଥିଲା । ପରମ ସତ୍ୟ ଏବଂ ପରମ ମିଥ୍ୟାର ଏକ ସମର ଏହି ପୃଥିବୀର ଇତିହାସ ହୋଇ ରହିଲା ଏବଂ ସେଥିର ଯାବତୀୟ ଟିକିନିଖି ଆଉ କଦାପି ଦିବ୍ୟ ପରମସତ୍ତାଙ୍କର ନିମ୍ନୋତ୍ତର ନିଷ୍ପତ୍ତିର ପ୍ରତ୍ୟକ୍ଷ ପ୍ରତିରୂପ ହୋଇ ରହିଲା ନାହିଁ; ନିମ୍ନତରପ୍ରକୃତି ମଧ୍ୟରୁ

'oaob.nitrkl.ac.in' images reprocessed

ଯେଉଁ ପ୍ରତିରୋଧ ଆସି ପହଞ୍ଚିଲା, ତାହା ତାହାର ଫଳରେ ବରଂ ନାନା ବିକୃତିରେ ପରିଣତ ହୋଇଗଲା । ଯଦି ସେହି କ୍ଷେତ୍ରରେ ଏପରି କୌଣସି ବିରୋଧ ନ ଥାନ୍ତା, ତେବେ ଏହି ପୃଥିବୀରେ ଆଉ ଏପରି କିଛୁ ହୋଇ ରହନ୍ତା ନାହିଁ ଯାହା ଉପରେ କି ବିଜୟ ହାସଲ କରିବାକୁ ପଡନ୍ତା; କାରଣ ପୃଥିବୀ ପୂର୍ଣ୍ଣତଃ ସମନ୍ତ୍ରସତାଯୁକ୍ତ ହୋଇ ରହିଥାନ୍ତା, ଏଥିରେ ଆଉ କୌଣସି ଦ୍ୱନ୍ଦ୍ୱ ବା ସଂଘାତ ରହି ନ ଥାନ୍ତା ଏବଂ ତାହା ଗୋଟିଏ ପରିପୂର୍ଣ୍ଣତା ମଧ୍ୟରୁ ଆଉ ଗୋଟିଏ ପରିପୂର୍ଣ୍ଣତା ମଧ୍ୟକୁ ସତତ କେବଳ ଏକ ମଧ୍ୟଭୂମିରୂପେହିଁ କାର୍ଯ୍ୟ କରୁଥାନ୍ତା । ପୃଥିବୀ ଆଉ ନାନା ବାଧା ଆପଦର ଏବଂ ଏକାବେଳେକେ ନାନା ସମ୍ଭାବନାର ଏକ ସ୍ଥଳ ହୋଇ କଦାପି ରହି ନ ଥାନ୍ତା, ଯେଉଁଥିରେ କି ପରମେଶ୍ୱରଙ୍କୁ ପ୍ରକୃତରେ ଏକ ବିରୋଧର ସମ୍ମୁଖୀନ ହେବାକୁ ପଡୁଥାନ୍ତା, ପ୍ରକୃତରେ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥାନ୍ତା ଏବଂ ସର୍ବଶେଷ ବିଜୟଟି ଆଡକୁ ଅଗ୍ରସର ହୋଇଯିବାର ପଥରେ ଅନେକ ସମୟରେ ପ୍ରକୃତରେ ଅସ୍ଥାୟୀ ଭାବରେ ପରାଜୟ ବି ସ୍ୱୀକାର କରିବାକୁ ପଡୁଥାନ୍ତା । ସମସ୍ତ ନାଟକଟିରେ ଏହିପରି ଏକ ବାସ୍ତବତା ରହିଥିବାରୁ ତାହା ପ୍ରକୃତରେ କେବଳ ଏକ ସାବଲୀଳ ମଜାଖେଳରେ ପରିଣତ ହୋଇପାରୁ ନାହିଁ । ଅଜ୍ଞାନ ମଧ୍ୟରେ ପ୍ରତିକୂଳ ନାନା ଶକ୍ତିର ସଂସ୍ପର୍ଶରେ ଆସିବା ମାତ୍ରକେ ସର୍ବୋଚ୍ଚ ପରମ ଇଚ୍ଛାକୁ ପ୍ରକୃତରେ ନାନାଭାବେ ବିକୃତି ମଧ୍ୟରେ ଜଡିତ ହୋଇ ପଡିବାକୁ ହେଉଛି । ତେଣୁ, ଏହି ପୃଥିବୀରେ ଏକ ପରିବର୍ତ୍ତନ ଘଟାଇ ଏଠାରେ ଏକ ଅନ୍ୟ ବ୍ୟବସ୍ଥାର ପ୍ରତିଷ୍ଠା କରିବା ଉପରେ ଆମେ ଯେଉଁ ଉଦ୍ୟମ କରୁଛୁ, ସେହି ଉଦ୍ୟମଟି ଯେପରି ଆଦୌ କୌଣସି ପ୍ରକାରେ ଶିଥିଳ ହୋଇ ନ ଯାଏ ! ଆମେ ଅନୁକ୍ଷଣ ଜାଗ୍ରତ ରହି ସେହି ପରମେଶ୍ୱରଙ୍କରହିଁ ସହଯୋଗ କରିବା ଉଚିତ ଏବଂ, ଯାହାକିଛି ଘଟୁଛି, ତାହାହିଁ ସର୍ବଦା ସର୍ବୋତ୍ତମ ବୋଲି କଦାପି ଶାନ୍ତ ଭାବରେ ଭାବିବାରେ ଲାଗିଥିବା ଉଚିତ ନୁହେଁ । ତେଣୁ, ବ୍ୟକ୍ତିଗତ ଦୃଷ୍ଟିକୋଣଟି ଉପରେହିଁ ସବୁକିଛୁ ନିର୍ଭର କରୁଛି । ଯଦି ଘଟିବାକୁ ଯାଉଥିବା ଘଟନାଚକ୍ରଟିର ସମ୍ମୁଖରେ ତୁମେ ନିଜର ଦୃଷ୍ଟିକୋଣଟିକୁ ସର୍ବୋଚ୍ଚ କରି ରଖିପାର, ଅର୍ଥାତ୍, ଯଦି ଆପଣାର ଚେତନାକୁ ତୁମେ ନିଜ ପହୁଞ୍ଚ ଭିତରେ ରହିଥିବା ଉଚ୍ଚତମ ଚେତନାଟି ସହିତ ସ୍ପର୍ଶ କରାଇ ରଖିପାର, ତେବେ, ଏହି କ୍ଷେତ୍ରରେ ଯାହା ଘଟିବ, ତାହା ଯେ ଅବଶ୍ୟ ସର୍ବୋତ୍ତମ ହେବ, ତୁମେ ସେ ବିଷୟରେ ଏକାନ୍ତ ସୁନିଶ୍ଚିତ ହୋଇ ରହିପାର । ମାତ୍ର, ଚେତନାର ସେହି ଭୂମିଟିରୁ ତଳକୁ ଖସିପଡିବା ମାତ୍ରକେ ଏବଂ ଏକ ନିମ୍ନତର ସ୍ଥିତିକୁ ଚାଲି ଆସିବା ମାତ୍ରକେ, ଯାହା ଘଟିବ ତାହା ଯେ କଦାପି ସର୍ବୋତ୍ତମ ହେବ ନାହିଁ, ତାହା ଏକ ସୁନିଶ୍ଚିତ କଥା । କାରଣ ସେତେବେଳେ ତୁମେ ଆପଣାର ସର୍ବୋତ୍ତମ ଚେତନାର ସ୍ତରରେ କଦାପି ରହି ନ ଥିବ ।

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ଯେପରି କହିଛନ୍ତି, "ଯାହା ଘଟିବାର ଥିଲା ତାହାହିଁ ଘଟିଲା ସତ, ମାତ୍ର ଏହାଠାରୁ ଆହୁରି ଅଧିକ ଭଲ ମଧ୍ୟ ଘଟିପାରିଥାନ୍ତା"। କାରଣ, ସେଉଁ ବ୍ୟକ୍ତିଟିର ଜୀବନରେ ତାହା ଘଟିଲା, ସିଏ ଆପଣା ଚେତନାର ଉଚ୍ଚତମ ଭୂମିଟିରେ ଆଦୌ ଅବସ୍ଥିତ ନ ଥିଲା। ଫଳରେ ସେହି କ୍ଷେତ୍ରରେ ଅନ୍ୟ କୌଣସି ପରିଣାମହିଁ ସମ୍ଭବ ହୋଇ ନ ଥାନ୍ତା। ମାତ୍ର, ଯଦି ସିଏ ଦିବ୍ୟ ପରମସତ୍ତାଙ୍କର ଏକ ଅବତରଣ ସମ୍ଭବ କରିଥାନ୍ତା, ତେବେ ପରିସ୍ଥିତି ସାଧାରଣତଃ ଅନିବାର୍ଯ୍ୟ ହୋଇ ରହିଥିଲେ ମଧ୍ୟ ତାହାର ପରିଣାମ ତଥାପି ଅନ୍ୟପ୍ରକାର ହୋଇପାରିଥାନ୍ତା। ତେଣୁ, ଭଗବତ୍ ପରମଇଚ୍ଛାର ପ୍ରେରଣାକୁ ତୁମେ ଆପଣା ଭିତରେ କିପରି ଗ୍ରହଣ କରୁଛ, ସବୁକିଛି ତାହାରି ଉପରେ ନିର୍ଭର କରୁଛି।

ଯଥାର୍ଥ ପ୍ରାମାଣିକତାର ପରିପୂର୍ଣ୍ଣ ମହିମାରେ ଏହି ପରମ-ଇଚ୍ଛାକୁ ଭେଟି-ପାରିବା ପୂର୍ବରୁ ତୁମକୁ ପ୍ରକୃତରେ ଅନେକ ଉଚ୍ଚକୁ ଉଠିଯାଇ ପାରିବାକୁ ହେବ। ସେହି ଇଚ୍ଛାଟିର ଉଦ୍ଦେଶ୍ୟରେ ଆପଣାର ନିମ୍ନତର ପ୍ରକୃତିଟିକୁ ଉନ୍ମୁକ୍ତ ନ କରିଦେବା ପର୍ଯ୍ୟନ୍ତ ସେହି ଇଚ୍ଛା ତୁମ ଭିତରେ ପରମ ସତ୍ୟର ସ୍ତରରେ କଦାପି ଅଭିବ୍ୟକ୍ତ ହୋଇପାରିବ ନାହିଁ। ତେଣୁ, ପରମ ଦିବ୍ୟରୁ ଅଦିବ୍ୟକୁ ଅଲଗା କରି ଠଉରାଇ ପାରିବାକୁ ହେଲେ ଏହି କ୍ଷେତ୍ରରେ ନିତ୍ସେ ବର୍ଣ୍ଣନା କରିଯାଇଥିବା ସାମୟିକ ସଫଳତାର ସେହି ଗୋଟିଏମାତ୍ର ମାନଦଣ୍ଡଟିକୁ ପ୍ରୟୋଗ କଲେ ମୋଟେ ଚଳିବ ନାହିଁ। ତେଣୁ ସେପରି କରିବାରୁ ତୁମକୁ ନିରସ୍ତ ହେବାକୁହିଁ ପଡ଼ିବ। କାରଣ, ଜୀବନକୁ ଆମେ ଏପରି ଗୋଟାଏ ରଣକ୍ଷେତ୍ର ବୋଲି ଜାଣିବା, ଯେଉଁଥିରେ କି, ନିମ୍ନତର ପ୍ରକୃତି ପ୍ରତିକୂଳ ଶକ୍ତିଗୁଡ଼ିକର ପକ୍ଷ ନ ନେଇ ଦିବ୍ୟ ପରମସତ୍ତାଙ୍କର ପ୍ରେରଣା ଲାଗି ଗ୍ରହଣଶୀଳ ହୋଇ ରହିପାରିଥିଲେ ଯାଇ ସେହି ପରମସତ୍ତାଙ୍କର ପୂର୍ଣ୍ଣ ବିଜୟ ଓ ସଫଳତା ସମ୍ଭବ ହୋଇପାରିବ। ଏବଂ ସେତେବେଳେ ମଧ୍ୟ ଅସଲ ପରୀକ୍ଷାଟି ବାହ୍ୟଭୂମିର କୌଣସି ପରୀକ୍ଷା ନ ହୋଇ ସେହି ଭିତରର ଏକ ପରୀକ୍ଷା ହୋଇ ରହିଥିବ। ବାହ୍ୟ ପ୍ରତିଷ୍ଠାସର କୌଣସି ଇଙ୍ଗିତ ବା ସଙ୍କେତରୁ ଆମେ ଦିବ୍ୟ ସତ୍ତାଙ୍କର କିମ୍ବା ବା ଗତିର ଆଦୌ କୌଣସି ପରିମାପନ କରିପାରିବା ନାହିଁ। କାରଣ କେବଳ ଏକ ନିର୍ଦ୍ଦିଷ୍ଟ ପ୍ରକାରର ସ୍ପନ୍ଦନରୁହିଁ ତାଙ୍କର ଉପସ୍ଥିତିର ପ୍ରମାଣ ମିଳିପାରିବ। ଏହି କ୍ଷେତ୍ରରେ ବାହ୍ୟ କୌଣସି ପରୀକ୍ଷା କୌଣସି କାମର ହେବ ନାହିଁ; କାରଣ, ବାହାରକୁ ଯାହା ହୁଏତ ଏକ ବିଫଳତା ବୋଲି ଦେଖା ଯାଉଥିବ, ବସ୍ତୁତଃ ଦିବ୍ୟ ମୂଲ୍ୟକଳନାର ସୋପାନରେ ତାହା ଏକ ବିଜୟ ହୋଇ ରହିଥିବ। ତେଣୁ, ତୁମେ ଆପଣାକୁ ସମର୍ପଣ କରିଦେବ, ପରମେଶ୍ୱରଙ୍କର ସେହି ମହାନ୍ କରୁଣା ପାଖରେ ଆପଣାକୁ ସମର୍ପଣ କରିଦେବ; କାରଣ, କେବଳ ସେହି କରୁଣା ଅର୍ଥାତ୍ ପରମପ୍ରେମର ପ୍ରତିମୂର୍ତ୍ତି ରୂପ ମଧ୍ୟରେହିଁ ସେ ସର୍ବପ୍ରଥମ ସତ୍ୟଟିର

'oaob.nitrkl.ac.in' images reprocessed

ପ୍ରତିଷ୍ଠା ହୋଇଯିବା ପରେ ବ୍ରହ୍ମାଣ୍ଡକୁ ଉଦ୍ବେଳିତ କରିନେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି । ସେହି ଭଗବତ୍-ପରମପ୍ରେମ ମଧ୍ୟରେହିଁ ପ୍ରକୃତ ରୂପାନ୍ତରର ସର୍ବୋଚ୍ଚ ଶକ୍ତି ନିହିତ ହୋଇ ରହିଛି । ପରମେଶ୍ୱରଙ୍କର କରୁଣା ଓ ଶ୍ରଦ୍ଧା ମଧ୍ୟରେ ସେହି ଶକ୍ତି ପ୍ରକୃତିରେ ନିହିତ ହୋଇ ରହିଛି, କାରଣ କେବଳ ଏକ ରୂପାନ୍ତର ଘଟାଇବା ସକାଶେହିଁ ସିଏ ଆପଣାକୁ ବନ୍ଦୀ ଲାଗି ପ୍ରଦତ୍ତ କରି ରଖିଛନ୍ତି ଏବଂ ସର୍ବତ୍ର ଆପଣାକୁ ପ୍ରକଟ କରି ରଖିଛନ୍ତି । କେବଳ ମଣିଷ ଭିତରକୁ ଯେ ସେ ଆପଣାକୁ ପ୍ରେରିତ କରି ରଖିଛନ୍ତି, ତା' ନୁହେଁ, ମାତ୍ର, ସମସ୍ତ ପୃଥିବୀକୁ ସର୍ବମୂଳ ପରମସତ୍ୟଟି ପାଖକୁ ଫେରାଇ ଆଣିବା ଲାଗି ସେ ଗାଢ଼ତମ ଅନ୍ଧକାର ମଧ୍ୟରେ ଆଚ୍ଛନ୍ନ ହୋଇ ରହିଥିବା ସମସ୍ତ ଅଣୁ ଭିତରେ ମଧ୍ୟ ପ୍ରବିଷ୍ଟ ହୋଇ ରହିଛନ୍ତି । ଏହି ଅବତରଣଟିକୁହିଁ ଖ୍ରୀଷ୍ଟୀୟ ଶାସ୍ତ୍ରରେ ପରମଯଜ୍ଞ ବା ତ୍ୟାଗସ୍ୱୀକାର ରୂପେ ଅଭିହିତ କରାଯାଇଛି । ମାତ୍ର, କେବଳ ମଣିଷର ଦୃଷ୍ଟିରୁ ଦେଖିଲେ ଏହାକୁ ଏକ ଉତ୍ସର୍ଗ ବୋଲି କୁହାଯାଇ ପାରିବ । କେବଳ ମଣିଷର ମନହିଁ ସବୁବେଳେ କଳ୍ପନା କରିଥାଏ ଯେ ଅମୁକ ନା ସମୁକ କାର୍ଯ୍ୟଟିକୁ କରିଦେଲେ ତାହା ତା'ପକ୍ଷରେ ଗୋଟାଏ ଭାରି ବଡ଼ ତ୍ୟାଗ-ସ୍ୱୀକାର କରିବା ପରି ହେବ । ମାତ୍ର, ଦିବ୍ୟ ପରମସତ୍ତାଙ୍କ କ୍ଷେତ୍ରରେ ଆଦୌ କୌଣସି ହ୍ରାସ ବା କ୍ଷୟର କଳ୍ପନା କରାଯାଇ ପାରିବ ନାହିଁ, ତାଙ୍କର ସେହି ଅନନ୍ତହୀନ ମର୍ମସତ୍ୟଟି କଦାପି କୌଣସି ପ୍ରକାରେ ଊଣା ହେବ ନାହିଁ । ଯେକୌଣସି ଯଜ୍ଞ, 'ତ୍ୟାଗ' ବା 'କଷ୍ଟସ୍ୱୀକାର' କଲେ ମଧ୍ୟ ସେପରି ମୋଟେ କଦାପି ଘଟିବ ନାହିଁ । ···ତୁମେ ଯେଉଁ ମୁହୂର୍ତ୍ତରେ ଦିବ୍ୟ ପରମପ୍ରେମ ଲାଗି ଆପଣାକୁ ଉନ୍ମୋଚିତ କରିଦେଇ ପାରିବ, ସେହି ମୁହୂର୍ତ୍ତରେ ତୁମେ ତାହାର ସେହି ପରମ ରୂପାନ୍ତରର ସାମର୍ଥ୍ୟଟିକୁ ଗ୍ରହଣ କରିନେଇ ପାରିବ । ମାତ୍ର, ପରିମାଣ ଦ୍ୱାରା ତୁମେ କଦାପି ସେଇଟିର କଳନା କରିପାରିବ ନାହିଁ । ତେଣୁ ସବୁଠାରୁ ବଡ଼ କଥା ହେଉଛି ଯେ ଏହି କ୍ଷେତ୍ରରେ ଏକ ସଂସ୍ପର୍ଶ ଅବଶ୍ୟ ଘଟିଥିବ; କାରଣ ତୁମେ ଏହି କଥାଟିକୁ ଅବଶ୍ୟ ଆବିଷ୍କାର କରିନେଇ ପାରିବ ଯେ ତାଙ୍କ ସହିତ ଏକ ଯଥାର୍ଥ ସଂସ୍ପର୍ଶ ସମ୍ଭବ ହୋଇ-ପାରିଲେ ତାହାହିଁ ତୁମର ସମୁଦାୟ ସତ୍ତାଟିକୁ ପରିପୂର୍ଣ୍ଣ କରିଦେବା ଲାଗି ନିଶ୍ଚୟ ଯଥେଷ୍ଟ ହେବ ।

'oaob.nitrkl.ac.in' images reprocessed

ଅତିମାନସ ଏବଂ ଅଧିମାନସ

ଏକ ଅନନ୍ୟ ସ୍ତରରେ ଏହି ପୃଥିବୀର ରୂପାନ୍ତରସାଧନ, ତାହାହିଁ ଶ୍ରୀଅରବିନ୍ଦଙ୍କର କାର୍ଯ୍ୟ ।

ମନ ଉପରକୁ ସଚେତନ ସତ୍ତାର ଆହୁରି ଏକାଧିକ ସ୍ତର ଅବସ୍ଥିତ ରହିଛି । ସେହି ସ୍ତରଗୁଡ଼ିକ ମଧ୍ୟରୁ ଯଥାର୍ଥ ଦିବ୍ୟ ସ୍ତରଟିକୁ ଶ୍ରୀଅରବିନ୍ଦ ଅତିମାନସ ବୋଲି କହିଛନ୍ତି, ପରମ ସତ୍ୟର ସ୍ତର ବୋଲି କହିଛନ୍ତି । ମାତ୍ର ତା' ତଳକୁ ରହିଥିବା ଏକ ମଧ୍ୟବର୍ତ୍ତୀ ଜଗତକୁ ସେ ଅଧିମାନସ ବୋଲି ନାମ ଦେଇଛନ୍ତି, ତାହାକୁ ବିଶ୍ୱାଧିଗତ ଦେବତାମାନଙ୍କର ପୃଥିବୀ ବୋଲି ବର୍ଣ୍ଣନା କରିଛନ୍ତି । ଏବଂ, ଅଧିମାନସର ଏହି ସୋପାନଟି ଏପର୍ଯ୍ୟନ୍ତ ଆମର ପୃଥିବୀଟିକୁ ଶାସନ କରି ଆସିଛି; ଆପଣାର ସନ୍ଦୀପିତ ଚେତନା ଦ୍ୱାରା ପ୍ରେରିତ ହୋଇ ମନୁଷ୍ୟ ସେହି ଉଚ୍ଚତମ ସୋପାନ ପର୍ଯ୍ୟନ୍ତ ଯାହାକିଛି ଉପଲବ୍ଧି କରିପାରିଛି । ସିଏ ତାହାକୁହିଁ ସର୍ବୋଚ୍ଚ ଭଗବତ୍-ସତ୍ତା ବୋଲି ବିଶ୍ୱାସ କରି ଆସିଛି, ଏବଂ ଯେଉଁମାନେ ସେହି ସୋପାନଟିରେ ଯାଇ ପହଞ୍ଚି ପାରିଛନ୍ତି, ସେମାନେ ଯେ ଯଥାର୍ଥରେ ସେହି ପରମ ତଦ୍‌ଗତତାର ସ୍ତରରେ ଯାଇ ଉପନୀତ ହୋଇଛନ୍ତି, ସେହି ବିଷୟରେ ଗୋଟାଏ ମୁହୂର୍ତ୍ତି ଲାଗି ମଧ୍ୟ କୌଣସି ସନ୍ଦେହ ପ୍ରକାଶ କରି ନାହାନ୍ତି । କାରଣ, ସାଧାରଣ ମନୁଷ୍ୟଚେତନା ଲାଗି ଏହି ଅଧିମାନସ ସୋପାନର ଐଶ୍ୱର୍ଯ୍ୟ ଏବଂ ମହିମାଗୁଡ଼ିକ ପ୍ରକୃତରେ ଏତେବେଶୀ ବିଶାଳ ଓ ବିରାଟ ବୋଲି ପ୍ରତିଭାତ ହୋଇଥାଏ ଯେ ତା'ର ଆଖି ସେଇଥିରେ ସତେଅବା ଏକାବେଳେକେ ଝଲସିଯାଏ ଏବଂ ସିଏ ଅବଶେଷରେ ଏହିଠାରେହିଁ ଯଥାର୍ଥ ପରମ ସତ୍ୟର ଉପଲବ୍ଧି କଲି ବୋଲି ବିଶ୍ୱାସ କରିବାକୁ ଆରମ୍ଭ କରେ । ମାତ୍ର ପ୍ରକୃତ କଥା ହେଉଛି ଯେ ଅଧିମାନସ ଯଥାର୍ଥ ଭଗବତ୍-ସତ୍ତାର ସ୍ତରଟିର ତୁଳନାରେ ଅନେକ ନିମ୍ନରେହିଁ ଅବସ୍ଥିତ ରହିଛି । ଅଧିମାନସକୁ ଆମେ କଦାପି ପରମସତ୍ୟର ଯଥାର୍ଥ ନିବାସ ବୋଲି କହିପାରିବା ନାହିଁ । ଆମେ ଏଇଟିକୁ କେବଳ ବିରଚକମାନଙ୍କର ସୋପାନ ବୋଲି କହିବା, ଏହାକୁ ଆମେ ସେହିସବୁ ସୃଜନକାରୀ ଶକ୍ତିମତ୍ତା ଓ ଦେବତାମାନଙ୍କର ସୋପାନ ବୋଲି କହିବା, ଯେଉଁମାନଙ୍କ ପାଖରେ କି ଆବହମାନକାଳରୁ ମନୁଷ୍ୟମାନେ ନତମସ୍ତକ ହୋଇ ରହିଆସିଛନ୍ତି । ଏବଂ ଯଥାର୍ଥ ଭଗବତ୍‌ସତ୍ତାଙ୍କର ଯେ ଏପର୍ଯ୍ୟନ୍ତ ଅଭିବ୍ୟକ୍ତି ଘଟି ନାହିଁ ଓ ସିଏ ଯେ ଏହି ପୃଥିବୀ-ପ୍ରକୃତିରେ ଏପର୍ଯ୍ୟନ୍ତ ଏକ ରୂପାନ୍ତର ସମ୍ଭବ କରି ନାହାନ୍ତି, ତା'ର ପ୍ରକୃତ କାରଣ ହେଉଛି ଯେ ଆମେ ଅଧିମାନସକୁହିଁ ଅତିମାନସ

'oaob.nitrkl.ac.in' images reprocessed

ବୋଲି ଭ୍ରମ କରି ଆସିଛୁ । ବିଶ୍ୱାଧିଗତ ଦେବତାମାନେ ପ୍ରକୃତରେ ପରମ ଋତଚିତ୍ ମଧ୍ୟରେ ଆଦୌ ବାସ କରୁ ନ ଥାନ୍ତି; ସେମାନେ କେବଳ ତାହାକୁ ସ୍ପର୍ଶ କରି ରହିଥାନ୍ତି ଏବଂ ତାହାର ବହୁବିଧ ମହିମାଗୁଡ଼ିକ ମଧ୍ୟରୁ ପ୍ରତ୍ୟେକେ ଗୋଟିଏ ଗୋଟିଏ ମହିମାର ପ୍ରତିନିଧିତ୍ୱ କରୁଥାନ୍ତି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅତିମାନସ ମଧ୍ୟ ପୃଥିବୀର ଇତିହାସରେ ଆପଣାର କାର୍ଯ୍ୟ କରିଛି, ମାତ୍ର ସର୍ବଦା ଅଧିମାନସର ମାଧ୍ୟମରେହିଁ ତାହା ଯାହା କିଛି କରିଛି । ମାତ୍ର, ଅତିମାନସ ପରମଚେତନାର ପରମଶକ୍ତିର ଏକ ପ୍ରତ୍ୟକ୍ଷ ଅବତରଣ ସଂଘଟିତ ହୋଇପାରିଲେ ଯାଇ ପରମ ଚିଦ୍‌ଗତତାର ସୋପାନଟି ଅନୁସାରେ ଜୀବନର ଏକ ପରିପୂର୍ଣ୍ଣ ପୁନଃସୃଜନ ସମ୍ଭବ ହୋଇପାରିବ । କାରଣ, ଅଧିମାନସର କ୍ଷେତ୍ରରେ ମଧ୍ୟ ନାନା ସମ୍ଭାବନାର ଏପରି ଗୋଟିଏ ଲୀଳା ଆରମ୍ଭ ହୋଇ ଗଲଣି, ଯେଉଁଥିରେ କି ଆମେ ବର୍ତ୍ତମାନ ବାସ କରୁଥିବା ମନ, ପ୍ରାଣ ତଥା ଦେହର ଏହି ନିମ୍ନତର ତ୍ରିବିଧ ଜଗତର ଏକ ଆରମ୍ଭର ବି ସୂଚନା ମିଳିଗଲଣି । ଏବଂ ଯେଉଁ ଯେଉଁ ସମସ୍ତରେ ଏହି ଲୀଳାଟି ଗ୍ୱଲୁ ରହିଛି ଏବଂ ପରମ ଚିଦ୍‌ଗତତାର ସେହି ଅନ୍ତର୍ନିହିତ ପରମସତ୍ୟର ସ୍ୱତଃପ୍ରେରିତ ଏବଂ ଅଭ୍ରାନ୍ତ ନିଶ୍ଚିତ୍ମକତାର ସୂତ୍ରପାତ ହୋଇ ନାହିଁ, ସେହିସବୁ ସମସ୍ତରେ ବିକାର ଏବଂ ଅଜ୍ଞାନର ବୀଜଟି ଅବଶ୍ୟ ଅବସ୍ଥିତ ରହିଛି । ଅଧିମାନସର ସ୍ତରଟି ଯେ ଅଜ୍ଞାନରହିଁ ଏକ ସ୍ତର, ସେକଥା କେହି କହୁ ନାହିଁ, ମାତ୍ର ଅଧିମାନସ ସର୍ବଦା ଉଚ୍ଚତର ଏବଂ ନିମ୍ନତର ମଧ୍ୟରେ ଏକ ମଧ୍ୟବର୍ତ୍ତୀ ସୀମାରେଖା ପରି ହୋଇ ରହିଛି; କାରଣ, ନାନା ସମ୍ଭାବନାର ଏହି ଯାବତୀୟ ଲୀଳା, ବିଶ୍ଳଜିତ ନ ହେଲେ ମଧ୍ୟ ଭିନ୍ନ ଭିନ୍ନ ରୁଚି ଏବଂ ଅଭିପ୍ରାୟର ଏହି ଲୀଳା ଯେ ବସ୍ତୁଗୁଡ଼ିକର ଯଥାର୍ଥ ସତ୍ୟଟିରୁ ଆମକୁ ଚ୍ୟୁତ କରି ନେଇଯିବ, ତାହାର ଏକ ପୂର୍ଣ୍ଣ ସମ୍ଭାବନା ବଳବତ୍ତର ରହିଛି ।

ତେଣୁ, ମନୁଷ୍ୟଜାତିକୁ ଦିବ୍ୟ ପ୍ରକୃତିର ସ୍ତରକୁ ରୂପାନ୍ତରିତ କରି ଆଣିବା ଲାଗି ଅଧିମାନସର ଆଦୌ କୌଣସି କ୍ଷମତା ନାହିଁ; ତା'ର ସେହି କ୍ଷମତା ରହିପାରିବ ବି ନାହିଁ । ସେଥିଲାଗି ଅତିମାନସ ହେଉଛି ମୁଖ୍ୟ ପ୍ରଭାବଶାଳୀ କର୍ତ୍ତା । ଏବଂ, ଜୀବନକୁ ଏକ ଆଧ୍ୟାତ୍ମିକ ସ୍ତରରେ ଆଣି ପ୍ରତିଷ୍ଠିତ କରିବା ଲାଗି ଅତୀତରେ ଯେତେଯେତେ ଉଦ୍ୟମ ହୋଇଛି, ସେଗୁଡ଼ିକଠାରୁ ଆମ ଯୋଗମାର୍ଗଟିର ପ୍ରକୃତରେ ଏହି ପାର୍ଥକ୍ୟଟି ରହିଛି ଯେ, ଅଧିମାନସର ସକଳ ଐଶ୍ୱର୍ଯ୍ୟ ସତ୍ତ୍ୱେ ତାହା ଯେ ଆଦୌ ସର୍ବୋଚ୍ଚ ସ୍ତର ନୁହେଁ, ଆମେ ତାହା ଭଲ କରି ଜାଣିଛୁ, ମନ ଏବଂ ଯଥାର୍ଥରେ ଦିବ୍ୟ ସର୍ବୋଚ୍ଚ ସ୍ତରଟି ମଧ୍ୟରେ ଆମେ ଅଧିମାନସକୁ କେବଳ ଏକ ମଧ୍ୟବର୍ତ୍ତୀ ସ୍ତର ବା ପଦକ୍ଷେପ ବୋଲି ଜାଣିଛୁ ।

'oaob.nitrkl.ac.in' images reprocessed

ଯଥାର୍ଥ ବିନୟ
ଅତିମାନସ ନମ୍ରତା
ଆଧ୍ୟାତ୍ମିକ ପୁନର୍ଜନ୍ମ

ମୋତେ ଯେହେତୁ ଏହି ବିଷୟରେ ଅନେକଥର ପ୍ରଶ୍ନ ପଚରା ଯାଇଛି, ଆଜି ମୁଁ ସେଥିଲାଗି ସଂକ୍ଷିପ୍ତ ଭାବରେ ବିନୟ, ଅତିମାନସ ନମ୍ରତା ଏବଂ ଆଧ୍ୟାତ୍ମିକ ପୁନର୍ଜନ୍ମ ବିଷୟରେ ତୁମମାନଙ୍କୁ କିଛି କହିବି ବୋଲି ଭାବୁଛି । ବିନୟ ବା ନମ୍ରତାକୁ ଆମେ ଆମ ଚେତନାର ସେହି ପ୍ରକୃତି ବୋଲି ଜାଣିବା, ଯେଉଁଥିରେ କି, ତୁମର ଉପଲବ୍ଧି ଯାହା ହୋଇଥାଉ ପଛକେ, ଅନନ୍ତ ପରମସତ୍ତ୍ୱଙ୍କୁ ତୁମେ ତଥାପି ତୁମର ସମ୍ମୁଖରେ ଉପସ୍ଥିତ ରହିଥିବା ପରି ଅନୁଭବ କରୁଥିବ । ଆଗରୁ ନିଃସ୍ୱାର୍ଥପର ପ୍ରଶଂସାର ଯେଉଁ ଅତିବିରଳ ଗୁଣଟି ବିଷୟରେ ମୁଁ ତୁମମାନଙ୍କୁ କହିଛି, ସେଇଟିକୁ ମଧ୍ୟ ଆମେ ନମ୍ରତାର ଆଉ ଗୋଟିଏ ବିକାଶ ବୋଲି ଜାଣିବା । କାରଣ ଯିଏ ଗୋଟାପୁଣି ଉଦ୍ଧତ ହୋଇ ରହିଥିବ, କେବଳ ସିଏହିଁ ଗୁଣର ପ୍ରଶଂସା କରିବାକୁ ଅସମ୍ମତ ହେବ ଏବଂ ଆପଣାର କ୍ଷୁଦ୍ର କୃତିତ୍ୱଗୁଡ଼ାକୁ ନେଇ ପରମ ଆତ୍ମସନ୍ତୋଷ ଅନୁଭବ କରିବାରେ ଲାଗିଥିବ । ଆପଣା ସମ୍ମୁଖରେ ଯେଉଁ ଅନନ୍ତ ସତ୍ତ୍ୱ ବିରାଜିତ ରହିଛନ୍ତି, ସେଇଟି ବିଷୟରେ ସିଏ ଏକାବେଳେକେ ବିସ୍ମୃତ ହୋଇ ରହିଥିବ । ତୁମ ଭିତରେ ସାରବସ୍ତୁ ଅଥବା ଦିବ୍ୟତା ବୋଲି କିଛି ନ ଥିଲାବେଳେ ଯେ ତୁମେ କେବଳ ନମ୍ର ହେବ, ସେକଥା ମୋଟେ ନୁହେଁ, ମାତ୍ର ତୁମେ ଯେତେ-ବେଳେ ଆତ୍ମରୂପାନ୍ତରର ମାର୍ଗରେ ଅଗ୍ରସର ହୋଇ ଯାଉଥିବ, ସେତେବେଳେ ମଧ୍ୟ ତୁମକୁ ନମ୍ର ରହିବାକୁ ପଡ଼ିବ । ଏକଥା ହୁଏତ ପରସ୍ପର-ବିରୋଧୀ ବୋଲି ବୋଧ ହୋଇପାରେ, ପରମ ଦିବ୍ୟସତ୍ତ୍ୱ ଗୋଟାଏ ପକ୍ଷରେ ହେଉଛନ୍ତି ସର୍ବପରିପୂର୍ଣ୍ଣତାଯୁକ୍ତ ଏବଂ ଆଉ ଗୋଟାଏ ପକ୍ଷରେ ଏକାନ୍ତ ନମ୍ରତାଯୁକ୍ତ;—ଏତେ ନମ୍ରତାଯୁକ୍ତ ଯେ ଆଉକୌଣସି ବସ୍ତୁ ସେତେଦୂର ନମ୍ରତାଯୁକ୍ତ କଦାପି ହୋଇ ପାରିବ ନାହିଁ । ସିଏ ଆତ୍ମପ୍ରଶଂସାରେ ଆପଣାର କ୍ଷଣେମାତ୍ର ସମୟ ବି କେବେହେଲେ ଦିଅନ୍ତି ନାହିଁ : ଏବଂ, ଏଣେ ସିଏ ହେଉଛନ୍ତି ଏହି ସବୁକିଛି; ତଥାପି, ଯାହାକିଛି ତାଙ୍କଠାରୁ ଏବେ ମଧ୍ୟ ବିଲଗ ହୋଇ ରହିଛି, ସିଏ ଆପଣାକୁ ତାହାରି ଭିତରେ ଆବିଷ୍କାର କରିବା ଲାଗି ସତତ ପଥସନ୍ଧାନ କରୁଥାନ୍ତି । ଏବଂ ଠିକ୍ ସେହି କାରଣରୁ ସିଏ

'oaob.nitrkl.ac.in' images reprocessed

ଆପଣାର ସତ୍ତା ମଧ୍ୟରେ ଏତେ ବୃହଦ୍‌କାୟ ଭାବରେ ତାଙ୍କଠାରୁ ବର୍ଜିତ ହୋଇ ଦିଶୁଥିବା ଏହି ସବୁକିଛୁର ସର୍ଜନା କରିଛନ୍ତି, ଏହି ପ୍ରାତିଭାସିକ ଜଗତକୁ ସୃଷ୍ଟି କରିଛନ୍ତି । ଯିଏ ଆପଣାକୁ ଏପରି ଏକ ରୂପାୟତନ ମଧ୍ୟରେ ଆଣି ପ୍ରବିଷ୍ଟ କରାଇଛନ୍ତି, ଯେଉଁଥିରେ କି ସେ କାଳର ଭୂମି ଉପରେ ଅନ୍ତହୀନ ଭାବରେ ଶାଶ୍ୱତ ଚେତନା ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଧାରଣ କରି ରହିଥିବା ସାରବସ୍ତୁଟିର ଅନନ୍ତ ଉପାଦାନଗୁଡ଼ିକୁ ଆବିଷ୍କାର ଓ ଉଦ୍‌ଘାଟିତ କରିବାରେ ଲାଗିଥିବେ ।

ବାହ୍ୟତଃ ଜଡ଼ ସବୁଠାରୁ ଅଧିକ ପରିମାଣରେ ଅଦିବ୍ୟ ହୋଇ ରହିଛି, ଏବଂ ସେହି ଜଡର ସୋପାନରେ ଏକ ରୂପାନ୍ତର-ସାଧନ ଘଟାଇବାକୁହିଁ ପରମେଶ୍ୱରଙ୍କର ଏହି ଅନିର୍ବଚନୀୟ ବିନମ୍ରତାର ଏକ ସର୍ବୋତ୍ତମ ଓ ସର୍ବବୃହତ୍ ବିଜୟ ବୋଲି କୁହାଯାଇ ପାରିବ । ପରିଶେଷରେ ଏହିପରି ଜଡ ଯେତେବେଳେ ରୂପାନ୍ତରିତ ହୋଇଯିବ, ସେତେବେଳେ ଅତିମାନସ ନମ୍ରତା ତାହାର ଗୋଟିଏ ସ୍ୱଭାବଗତ ଗୁଣ ହୋଇ ରହିବ । ଏଠାରେ ଯେଉଁ ଅତିମାନସ ଶରୀରର ସଂରଚନା ହେବ, ତାହାର ଚାରୋଟି ଧର୍ମ ରହିବ । ସେଗୁଡ଼ିକ ହେଉଛି : ତାହା ଅତ୍ୟନ୍ତ ହାଲୁକା ହେବ, ତାହା ଅନ୍ତହୀନ ଅନୁକୂଳତାର ସମର୍ଥ ହେବ, ନମନୀୟ ହେବ ଏବଂ ପ୍ରଭାସ୍ୱର ହେବ । ସ୍ଥୂଳ ଭୌତିକ ଶରୀର ଯେତେବେଳେ ସମ୍ପୂର୍ଣ୍ଣ ଭାବରେ ଏକ ଦିବ୍ୟ ଶରୀରରେ ପରିଣତ ହେବ, ସେତେବେଳେ ତାହା ସତେଅବା ସର୍ବଦା ପବନ ଉପରେ ଚାଲୁଥିବା ପରି ଅନୁଭବ କରିବ, ସେତେବେଳେ ସେଥିରେ କୌଣସି ଗୁରୁଭାରଯୁକ୍ତତା ରହିବ ନାହିଁ, କୌଣସି ତମଃ ରହିବ ନାହିଁ ବା ଅଚେତନା ବି ରହିବ ନାହିଁ । ଅନୁକୂଳତାର କ୍ଷେତ୍ରରେ ତା'ର ସାମର୍ଥ୍ୟର କୌଣସି ସୀମା ରହିବ ନାହିଁ; ତାହାକୁ ସେତେବେଳେ ଯେକୌଣସି ପରିବେଶରେ ରଖି ଦିଆଗଲେ ମଧ୍ୟ, ତାହା ଅନାୟାସରେ ତତ୍‌କ୍ଷଣାତ୍ ତା' ଉପରେ କରାଯାଉଥିବା ଦାବି ଅନୁସାରେ ଯଥାସମର୍ଥ ହୋଇ କାର୍ଯ୍ୟ କରିପାରିବ; କାରଣ, ଯେଉଁ ଜଡ଼ତା ଏବଂ ଅସମର୍ଥତା ସାଧାରଣତଃ ଜଡ଼କୁ ଚିନ୍ମୟତା ଲାଗି ଏକ ବୋଝ କରି ରଖିଥାଏ, ତାହାର ପୂର୍ଣ୍ଣ ଚେତନାଯୁକ୍ତତା ସେତେବେଳେ ସେହି ଜଡତା ଏବଂ ଅସମର୍ଥତାକୁ ଏକାବେଳକେ ଦୂର କରିଦେବ । ଯେତେଯେତେ ପ୍ରତିକୂଳ ଶକ୍ତି ଆସି ସେହି ଶରୀର ମଧ୍ୟରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବ, ଅତିମାନସ ନମ୍ରତା ସେହିସବୁ ଶକ୍ତିର ଯାବତୀୟ ଆକ୍ରମଣର ସମ୍ମୁଖୀନ ହେବା ଲାଗି ସେତେବେଳେ ଶରୀରକୁ ସମର୍ଥକରି ରଖିବ । ଶରୀର ସେହି ଆକ୍ରମଣଗୁଡ଼ିକ ଆଗରେ ସେତେବେଳେ କୌଣସି ପ୍ରକାର ତନ୍ଦ୍ରାନୁକ୍ତ ପ୍ରତିରୋଧ କରିବାକୁ କୌଣସି ଚେଷ୍ଟା କରିବ ନାହିଁ, ମାତ୍ର, ତାହା ଅନ୍ୟ ପକ୍ଷରେ ଏତେ ଅଧିକ ପରିମାଣରେ ନମନଶୀଳ ହୋଇଥିବ

'oaob.nitrkl.ac.in' images reprocessed

ଯେ ତାହା ଶକ୍ତିଗୁଡ଼ିକୁ ଅତଳାନ୍ତ ହୋଇଯିବା ଲାଗି ବାଟ ଛାଡ଼ିଦେବ ଏବଂ ସେହି ଉପାୟରେହିଁ ସେଗୁଡ଼ିକର ଶକ୍ତିକୁ ଚୂର୍ଣ୍ଣ କରିଦେବ । ତେଣୁ, ତାକୁ ଆଉ କୌଣସି କ୍ଷତିକାରକ ପରିଣାମ ଭୋଗ କରିବାକୁ ପଡ଼ିବ ନାହିଁ ଏବଂ ସାଂଘାତିକ ଯେତେ ଭୟଙ୍କର ଆକ୍ରମଣଗୁଡ଼ିକ ମଧ୍ୟ ତାହାକୁ ତଥାପି ଅକ୍ଷତ ଛାଡ଼ି ଦେଇଯିବ । ସର୍ବ-ଶେଷରେ, ଶରୀର ସେତେବେଳେ ଆଲୋକର ଏକ ଉପାଦାନରେ ପରିଣତ ହେବ, ତାହାର ପ୍ରତ୍ୟେକ କୋଷରୁ ଅତିମାନସ ମହିମୋଜ୍ଜ୍ୱଳତା ବିକୀର୍ଣ୍ଣ ହେବାରେ ଲାଗିଥିବ । ଆପଣାର ସୂକ୍ଷ୍ମ ଦୃଷ୍ଟିଟିକୁ ଉନ୍ମୋଚିତ କରି ପାରିବାଭଳି ଯେଉଁମାନଙ୍କର ଯଥେଷ୍ଟ ବିକାଶ ହୋଇଛି, କେବଳ ସେହିମାନେ ନୁହନ୍ତି, ଜଣେ ସାଧାରଣ ମଣିଷ ମଧ୍ୟ ଏହି ଆଲୋକମୟତାକୁ ଅନୁଭବ କରିପାରିବ । ତାହା ସେତେବେଳେ ସମସ୍ତଙ୍କ ଲାଗି ଏକ ସୁସ୍ପଷ୍ଟ ସତ୍ୟରେ ପରିଣତ ହୋଇଯିବ, ରୂପାନ୍ତରର ଏକ ସ୍ଥାୟୀ ପ୍ରମାଣରେ ପରିଣତ ହୋଇଯିବ, ଯାହାକି ଘୋରରୁ ଘୋରତମ ସଂଶୟ-ବାଦୀଙ୍କୁ ମଧ୍ୟ ହୃଦ୍‌ବୋଧ ଦେଇଯିବ ।

ଏହି ଶାରୀରିକ ରୂପାନ୍ତରକୁହିଁ ଆମେ ସର୍ବୋଚ୍ଚ ଆଧ୍ୟାତ୍ମିକ ପୁନର୍ଜନ୍ମ ବୋଲି କହିବା,—ସେତେବେଳେ ସାଧାରଣ ଅତୀତର ସବୁକିଛି ଉପାଦାନ ସମ୍ପୂର୍ଣ୍ଣ ଭାବରେ ପରିତ୍ୟକ୍ତ ହୋଇ ରହିବ । କାରଣ, ଆଧ୍ୟାତ୍ମିକ ପୁନର୍ଜନ୍ମର ଅର୍ଥ ହେଉଛି ଯେ ଆମେ ସତତ ଆମ ଅତୀତର ଯାବତୀୟ ସମିତି ତଥା ପରିସ୍ଥିତିଗୁଡ଼ିକୁ ପଛରେ ପକାଇଦେଇ ଚାଲି ଆସୁଥିବା ଏବଂ ଜୀବନ-ବଞ୍ଚିବାର ପଥରେ ଏପରି ଅଗ୍ରସର ହୋଇ ଯାଉଥିବା, ଯେପରିକି ପ୍ରତ୍ୟେକଟି କ୍ରମାଗ୍ର ମୁହୂର୍ତ୍ତରେ ଆମେ ସତେଅବା ଏକ ନୂତନ ଜୀବନ ଆରମ୍ଭ କରିବାକୁ ଯାଉଥିବା ପରି ମନେ ହେଉଥିବ । ଯାହାକୁ ଆମେ ଏପର୍ଯ୍ୟନ୍ତ କର୍ମ ବୋଲି କହି ଆସିଛୁ, ସେତେବେଳେ ତାହା ସେଥିରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ଆସିବ, ଅତୀତର ଯାବତୀୟ କ୍ରିୟାର ପ୍ରବାହ ତାକୁ ଆଉ କୌଣସି ପ୍ରକାରେ ବେଢ଼ିପକାଇ ରଖିବ ନାହିଁ । ଅନ୍ୟ ଭାଷାରେ କହିବାକୁ ଗଲେ, କାର୍ଯ୍ୟ ଏବଂ କାରଣ ଭିତରେ ବାନ୍ଧିହୋଇ ପ୍ରକୃତିର କ୍ଷେତ୍ରରେ ବର୍ତ୍ତମାନ ଯେତେଯାହା କ୍ରିୟାତ୍ମକତା ରହିଛି, ସେତେବେଳେ ତାହା ସେହି କ୍ରିୟାତ୍ମକତାର ନିୟନ୍ତ୍ରଣ ମଧ୍ୟରୁ ମୁକ୍ତ ହୋଇ ଆସିବ । ଆମ ଚେତନାର ଭୂମିରେ ଅତୀତର ବନ୍ଧନଟିକୁ ଆମେ ଏହିପରି ସଫଳ ଭାବରେ କାଟିଦେଇ ଆସିବା ପରେ, ଆମର ଯାବତୀୟ ଯେଉଁସବୁ ଭୁଲ୍, ପ୍ରମାଦ, ଦୋଷ ଏବଂ ଅଘଟର ସ୍ମୃତି ବର୍ତ୍ତମାନ ଆମର ସ୍ମୃତିରେ ତଥାପି ଜୀବନ୍ତ ହୋଇ ରହିଛି, ଏପରିକି ସତେଅବା ଜୋକ ପରି ଆମକୁ କାମୁଡ଼ି ଧରି ଆମର ରକ୍ତକୁ ଶୋଷଣ କରିବାକୁ ଲାଗିଛି, ସେଗୁଡ଼ାକ କୁଆଡ଼େ ଖସିପଡ଼ିବ ଏବଂ ପଛକୁ ପଡ଼ିରହିବ ଏବଂ ଆମକୁ ଏକ ଆନନ୍ଦମୟ ପରିମୁକ୍ତତା ମଧ୍ୟରେ ଛାଡ଼ି ଦେଇଯିବ । ଏହି ମୁକ୍ତିକୁ କେବଳ ଆମ ଭାବନାସ୍ତରର ଏକ ମୁକ୍ତ

'oaob.nitrkl.ac.in' images reprocessed

ବୋଲି କଦାପି କହିହେବ ନାହିଁ; ଏହି ମୁକ୍ତି ହେଉଛି ଏକ ସୂକ୍ଷ୍ମଗର୍ଭ ମୁକ୍ତି, ବ୍ୟାବହାରିକ କ୍ଷେତ୍ରର ମୁକ୍ତି, ଏହା ହେଉଛି ଏକ ବାସ୍ତବ ଘଟଣା । ଯେତେବେଳେ ଆମେ ଯଥାର୍ଥରେ ମୁକ୍ତ ହୋଇଯିବା, ଅତୀତ କିଛିହେଲେ ଆମକୁ ବାନ୍ଧି ରଖିପାରିବ ନାହିଁ, ଆମକୁ ଆଉ କିଛିହେଲେ ଆକ୍ରାନ୍ତ କରି ରଖିବ ନାହିଁ; ଦାୟିତ୍ୱ ବିଷୟରେ ଯେତେବେଳେ ଆମର ଆଉ କୌଣସି ଅତି-ସଚେତନତା ରହିବ ନାହିଁ, ଆଦୌ କୌଣସି ଅତିତ୍ରସ୍ତତା ରହିବ ନାହିଁ । ଯଦି ଆମେ ପ୍ରକୃତରେ ଆମ ଅତୀତର ପ୍ରଭାବରୁ ମୁକ୍ତ ହେବାକୁ ଇଚ୍ଛା କରୁଥାଉ, ସେଗୁଡ଼ିକୁ ନିଷ୍ପ୍ରଭାବ କରିଦେଇ ତାହା ମଧ୍ୟରୁ ଆହୁରି ଆଗକୁ ବାହାରି ଆସିବାକୁ ପ୍ରକୃତରେ ଚାହୁଁଥାଉ, ତେବେ କେବଳ ଅନୁତାପ ବା ସେହିପରି ଆଉକିଛି ଦ୍ୱାରା ଆମେ ତାହା କଦାପି କରିପାରିବା ନାହିଁ; ସେହି ଅରୂପାନ୍ତରିତ ଅତୀତଟା ଯେ କେବେ ଆମ ପାଖରେ ରହିଥିଲା, ଆମକୁ ସେଥିଲାଗି ସେହି କଥାଟିକୁ ଏକାବେଳକେ ଭୁଲିଯିବାକୁ ପଡ଼ିବ ଏବଂ ଏପରି ଏକ ସମାଲୋକିତ ଚେତନା ମଧ୍ୟରେ ଆସି ପ୍ରବେଶ କରିବାକୁ ପଡ଼ିବ ଯାହାକି ପୂର୍ବର ସମସ୍ତ ଖୁଣ୍ଟଠାରୁ ଏକାବେଳକେ ମୁକ୍ତ ହୋଇ ରହିଥିବ । ପୁନର୍ଜନ୍ମ ଲାଭ କରିବାର ପ୍ରକୃତ ଅର୍ଥ ହେଉଛି ଯେ ସର୍ବପ୍ରଥମେ ଆମେ ତଦ୍ଦ୍ୱାରା ଆମର ଚୈତ୍ୟ ଚେତନାଟିର ମଧ୍ୟରେ ଯାଇ ପ୍ରବେଶ କରୁ, ଯେଉଁଠାରେ କି ଆମେ ଦିବ୍ୟ ପରମସତ୍ତାଙ୍କ ସହିତ ସଂଯୁକ୍ତ ହୋଇ ରହିଥାଉ ଏବଂ ଚିରଦିନ ଲାଗି ଆମ ପୂର୍ବକର୍ମର ଯାବତୀୟ ପ୍ରତିକ୍ରିୟାରୁ ମୁକ୍ତ ହୋଇ ରହିଥାଉ । ସେହି ଚୈତ୍ୟସତ୍ତାଟି ସମ୍ବନ୍ଧରେ ସଜ୍ଞାନ ହୋଇପାରିବା ପୂର୍ବରୁ ଆମେ ସେହି କଥାଟିକୁ କେବେହେଲେ କରିପାରିବା ନାହିଁ । ମାତ୍ର, ଦିବ୍ୟ ପରମସତ୍ତାଙ୍କ ନିକଟରେ ସଦା ସମର୍ପିତ ହୋଇ ରହିଥିବା ଆମ ଭିତରର ଏହି ଯଥାର୍ଥ ଆତ୍ମାଟି ବିଷୟରେ ଆମେ ଥରେ ସୁନିଶ୍ଚିତ ଭାବରେ ସଚେତନ ହୋଇଯାଇ ପାରିଲେ, ଆମର ସବୁଯାକ ବନ୍ଧନ କୁଆଡ଼େ ଅନ୍ତର୍ହିତ ହୋଇଯିବ । ତା'ପରେ ଅବିଚ୍ଛିନ୍ନ ଭାବରେ ଜୀବନର ଏକ ନୂତନ ପର୍ବ ଆରମ୍ଭ ହୋଇଯାଏ ଏବଂ ସେତେବେଳେ ଅତୀତ ଆଉ ଆମକୁ ଆଦୌ କାମୁଡ଼ି ଧରି ନ ଥାଏ । ଆଧ୍ୟାତ୍ମିକ ସତ୍ୟର ସେହି ସର୍ବଶେଷ ଉଚ୍ଚତାଟି ସମ୍ବନ୍ଧରେ ତୁମମାନଙ୍କୁ ଏକ ଧାରଣା ଦେବାକୁ ଯାଇ ମୁଁ ହୁଏତ କହିପାରିବ ଯେ ସେତେବେଳେ ଆମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ସମସ୍ତ ବିଶ୍ୱର ସବୁକିଛି ବିଷୟ ପ୍ରକୃତରେ ଅନ୍ତର୍ହିତ ହୋଇ ଯାଉଥିବା ପରି ମନେ ହେଉଥିବ ଏବଂ ପ୍ରତ୍ୟେକ ମୁହୂର୍ତ୍ତରେହିଁ ତାହା ନବସୃଷ୍ଟ ହୋଇ ଆସୁଥିବା ପରି ଲାଗୁଥିବ ।

'oaob.nitrkl.ac.in' images reprocessed

ଅତିମାନସ ଉପଲବ୍ଧି

ଅତିମାନସ ଉପଲବ୍ଧି ପ୍ରକୃତରେ କେଉଁ ପ୍ରକାରର ହେବ, ସେହି କଥାଟିକୁ ଜାଣିବାକୁ ହେଲେ, ଅତିମାନସ ଚେତନା ଯେ ପ୍ରକୃତରେ କ'ଣ, ଆମକୁ ପ୍ରଥମେ ଏକଥାଟିକୁ ଅବଶ୍ୟ ଜାଣିବାକୁ ହେବ । କୌଣସି ନା କୌଣସି ଉପାୟରେ ଅଗ୍ରସର ହୋଇ ଯେଉଁମାନେ ସେହି ଚେତନାଟିର ସଂସ୍ପର୍ଶରେ ଆସିଛନ୍ତି, ସେମାନେ ସେହି ଭାବୀ ଉପଲବ୍ଧିଟିର କିଛିତ୍ ଝଲକ ଓ ଆଭାସ ଅବଶ୍ୟ ଲାଭ କରିଛନ୍ତି । ମାତ୍ର, ଯେଉଁମାନେ ସେହି ସ୍ପର୍ଶକୁ ଲାଭ କରି ନାହାନ୍ତି, ସେମାନେ ମଧ୍ୟ ତଥାପି ସେହି ଉପଲବ୍ଧିଟି ଲାଗି ଏକ ଅଭୀପ୍ସା ପୋଷଣ କରିପାରିବେ; ଅତିମାନସ ଜ୍ଞାନର ଅଧିକାରୀ ହେବା ଲାଗି ଅଭୀପ୍ସା ପୋଷଣ କରିବା ଭଳି ସେମାନେ ଏକଥାଟିକୁ ମଧ୍ୟ କରିପାରିବେ । ଯଥାର୍ଥ ଜ୍ଞାନ ଲାଭ କରିବା ହେଉଛି ଏକାତ୍ମକତା ଅର୍ଜନ କରି ଏକ ସଜ୍ଞାନତାର ଅଧିକାରୀ ହେବା । ଅତିମାନସ ଜଗତଟି ସହିତ ତୁମେ ଥରେ ଏକ ସଂସ୍ପର୍ଶରେ ଆସିଯାଇ ପାରିଲେ ଯାଇ ତୁମେ ତାହାର ଅବତରଣ ବିଷୟରେ କୌଣସି କଥା କହିପାରିବ; ତା'ପୂର୍ବରୁ କଦାପି ନୁହେଁ । ତୁମେ ତା'ପୂର୍ବରୁ କେବଳ ଏତିକି ମାତ୍ର କହିପାରିବ ଯେ ପୃଥିବୀ ଉପରେ ଗୋଟିଏ ନୂତନ ସୃଷ୍ଟି ସମ୍ଭବ ହେବ; ତୁମେ ନିଜର ବିଶ୍ୱାସ ବଳରେ ଏପରି କହୁଥିବ, କାରଣ ତାହାର ପ୍ରକୃତ ସ୍ୱରୂପ ଏବଂ ସ୍ୱଭାବଟି ବିଷୟରେ ତୁମକୁ ଆଦୌ କିଛି ଗୋଚର ହୋଇ ନ ଥିବ । ଏବଂ, ଯଦି ତୁମକୁ କେହି ଉପଲବ୍ଧିର ଏକ ବ୍ୟାଖ୍ୟା କରିବା ଲାଗି ଆସି କହେ, ତେବେ ଆପଣାର ବ୍ୟକ୍ତିଗତ ମତଟିକୁ ଦେଇ ତୁମେ ହୁଏତ ଏଭଳି ଉତ୍ତର ଦେଇପାରିବ ଯେ, ଯେତେବେଳେ ତୁମର ଏହି ସାଧାରଣ ମନୁଷ୍ୟ-ଚେତନା ଏକ ଦିବ୍ୟ ଏବଂ ଅତିମାନସ ଚେତନାକୁ ରୂପାନ୍ତରିତ ହୋଇଯିବ, ସେତେବେଳେ ତାହାକୁହିଁ ତୁମର ଯଥାର୍ଥ ଉପଲବ୍ଧି ବୋଲି କୁହାଯିବ ।

ଚେତନା ହେଉଛି ପ୍ରକୃତରେ ଗୋଟିଏ ଶିଢ଼ି ପରି : ପ୍ରତ୍ୟେକ ମହାନ୍ ଯୁଗରେ ଏପରି ଜଣେ ଜଣେ ମହାନ୍ ସତ୍ତ୍ୱଙ୍କର ଆବିର୍ଭାବ ହୋଇଛି, ଯିଏ କି ସେହି ଶିଢ଼ିରେ ଆଉଗୋଟିଏ ଅଧିକ ପାହାଚକୁ ଆଣି ଯୋଡ଼ି ଦେଇଛନ୍ତି ଏବଂ ଏପରି ଗୋଟିଏ ସ୍ଥାନରେ ଯାଇ ପହଞ୍ଚି ପାରିଛନ୍ତି, ଯେଉଁଠାରେ କି ସାଧାରଣ ଚେତନା ଆଦୌ କେବେହେଲେ ପହଞ୍ଚିପାରି ନ ଥିଲା । ଏକଥା ନିଶ୍ଚୟ ସମ୍ଭବ ଯେ ଜଣେ ବ୍ୟକ୍ତି ଏକ ଉଚ୍ଚ ସୋପାନକୁ ଉଠିଯାଇ ପାରିବ ଏବଂ ସମ୍ପୂର୍ଣ୍ଣ ଭାବରେ ସ୍ଥୂଳ

'oaob.nitrkl.ac.in' images reprocessed

ଚେତନାଟି ମଧ୍ୟରୁ ବାହାରକୁ ଚାଲିଯାଇ ପାରିବ । ମାତ୍ର, ସେତେବେଳେ ଶିଡ଼ିଟି ଆଉ ଆମ ହାତରେ ରହିବ ନାହିଁ । ମାତ୍ର, ବିଶ୍ୱର ମହାନ୍ ପ୍ରତ୍ୟେକଟି ଯୁଗରେ ଯେତେବେଳେ ଯେଉଁ ମହାନ୍ ଉପଲବ୍ଧି ସମ୍ଭବ ହୋଇଛି, ସେତେବେଳେ ଶିଡ଼ିଟିରେ ଗୋଟିଏ ଅଧିକ ସୋପାନକୁ ଆଣି ଯୋଡ଼ି ଦିଆଯାଇଛି ସତ, କିନ୍ତୁ ସ୍ଥୂଳ ଭୂମିଟି ସହିତ ତଦ୍ୱାରା କୌଣସି ସମ୍ପର୍କ ଛିନ୍ନ ହୋଇଯାଇ ନାହିଁ; ସର୍ବୋଚ୍ଚ ସୋପାନରେ ଉପନୀତ ହେବାର ସାମର୍ଥ୍ୟଟି ଉପଲବ୍ଧ ହୋଇଛି ଏବଂ ଯୁଗପତ୍ ଭାବରେ ସର୍ବୋଚ୍ଚଟି ସହିତ ସର୍ବନିମ୍ନଟିକୁ ମଧ୍ୟ ଯୋଡ଼ିକରି ରଖାଯାଇଛି । ଏପରି ଏକ ଶୂନ୍ୟତାକୁ କଦାପି ବଳବତ୍ତର ହୋଇ ରହିବାକୁ ଦିଆଯାଇ ନାହିଁ, ଯଦ୍ୱାରା କି ବିଭିନ୍ନ ଭୂମି ତଥା ସୋପାନ ମଧ୍ୟରେ ରହିଥିବା ଯାବତୀୟ ସମ୍ପର୍କ ଛିନ୍ନ ହୋଇଯାଇଛି । ଆମେ ଉପରକୁ ଯିବା, ତଳକୁ ବି ଯିବା ଓ ଉପରଟି ସହିତ ତଳଟିକୁ ସଂଯୁକ୍ତ କରି ରଖିବା, — ଏହାହିଁ ହେଉଛି ଉପଲବ୍ଧିର ସମୁଦାୟ ରହସ୍ୟ; ଏବଂ ଅବତାରମାନେ ଠିକ୍ ସେହି କାର୍ଯ୍ୟଟିକୁହିଁ କରିଥାନ୍ତି । ପ୍ରତ୍ୟେକ ଥର ଅବତାର ଶିଡ଼ିଟିରେ ଆଉ ଗୋଟିଏ ଅଧିକ ସୋପାନକୁ ଆଣି ଯୁକ୍ତ କରି ଦେଇଥାନ୍ତି ଏବଂ ତେଣୁ ପ୍ରତ୍ୟେକ ଥର ଏହି ପୃଥିବୀ ଉପରେ ଏକ ନୂତନ ସୃଷ୍ଟିର ସୃଜନ ହୋଇଥାଏ । ··· ବର୍ତ୍ତମାନ ସେହିପରି ଭାବରେ ଏହି ଶିଡ଼ିଟିରେ ଯେଉଁ ଅଧିକା ସୋପାନଟିକୁ ଆଣି ଯୁକ୍ତ କରି ଦିଆଯାଇଛି, ଶ୍ରୀଅରବିନ୍ଦ ସେଇଟିକୁ ଅତିମାନସ ବୋଲି କହିଛନ୍ତି । ତାହା ଫଳରେ, ଚେତନା ବର୍ତ୍ତମାନ ଅତିମାନସ ଜଗତରେ ପ୍ରବିଷ୍ଟ ହେବାକୁ ସମର୍ଥ ହେବ ସତ, ମାତ୍ର ତଥାପି ଆପଣାର ବ୍ୟକ୍ତିରୂପଟିକୁ ବଜାୟ କି ରଖିପାରିବ, ଆପଣାର ବ୍ୟକ୍ତିସ୍ୱଭାବଟିକୁ ଅକ୍ଷୁଣ୍ଣ ରଖିବ ଏବଂ ତା'ପରେ ଏକ ନୂତନ ସୃଷ୍ଟିର ପ୍ରତିଷ୍ଠା ଲାଗି ଅବତରଣ କରି ଆସିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ସର୍ବଶେଷ ଅବତାର କଦାପି ନୁହେଁ, କାରଣ ସତ୍ତାର ଅନ୍ତରେ ଅନେକ ଆୟତନ ଓ ପ୍ରସ୍ଥମାନ ଅବଶ୍ୟ ବିଦ୍ୟମାନ ରହିଛି । ମାତ୍ର ବର୍ତ୍ତମାନ ଆମେ ଏହି ଅତିମାନସିକ ସୋପାନଟିର ଅବତରଣ ଲାଗିହିଁ କାର୍ଯ୍ୟ କରୁଛୁ, ଏହି ପୃଥିବୀକୁ ଏକ ନୂତନ ଭାବରେ ସଂଗଠିତ କରିବାକୁ ଏବଂ ତାହାକୁ ଏକ ଯଥାର୍ଥ ଦିବ୍ୟ ବ୍ୟବସ୍ଥା ମଧ୍ୟକୁ ଫେରାଇ ଆଣିବାକୁ କାର୍ଯ୍ୟ କରୁଛୁ । ଏହାକୁ ମର୍ମତଃ ପ୍ରକୃତରେ ଏକ ବ୍ୟବସ୍ଥାକୁହିଁ ସୃଷ୍ଟି କରିବା ବୋଲି କୁହାଯିବ, ପ୍ରତ୍ୟେକ ବସ୍ତୁକୁ ତା'ର ଯଥାର୍ଥ ସ୍ଥାନରେ ଆଣି ସ୍ଥାପିତ କରିବାର ଏକ କାର୍ଯ୍ୟ ବୋଲିହିଁ କୁହାଯିବ; ଏବଂ ଏହି କାର୍ଯ୍ୟଟି ପଛରେ ବର୍ତ୍ତମାନ ମୁଖ୍ୟତଃ ଯେଉଁ ଶକ୍ତି କ୍ରିୟାଶୀଳା ହୋଇ ରହିଛନ୍ତି, ସିଏ ହେଉଛନ୍ତି ମହାସରସ୍ୱତୀ, ପରିପୂର୍ଣ୍ଣ ସଂଗଠନର ଦେବୀ ।

ଯେଉଁ ଅବିଚ୍ଛିନ୍ନତା ଆମକୁ ଉପର ତଥା ତଳ ଉଭୟ ଦିଗକୁ ଯିବାର ବାଟ ବତାଇ ଦିଏ ଏବଂ ଯାହା ଊର୍ଦ୍ଧ୍ୱରେ ରହିଛି, ତାହାକୁ ମୂର୍ତ୍ତି ରୂପ ଦେବା ଲାଗି

'oaob.nitrkl.ac.in' images reprocessed

ଆମକୁ ଅନୁମତି ଦିଏ, ସେହି ଅବିଚ୍ଛିନ୍ନତାକୁ ସମ୍ଭବ କରିବାର କାର୍ଯ୍ୟ ହେଉଛି ଚେତନାର ଭୂମିରେ ସଂଘଟିତ ହେଉଥିବା ଏକ କାର୍ଯ୍ୟ । ଯେଉଁ ଅବତାର ସେହି କାର୍ଯ୍ୟଟିକୁ କରିବେ ବୋଲି ପ୍ରେରିତ ହୋଇ ଆସିଥାନ୍ତି, ସିଏ ହୁଏତ ଗୋଟିଏ ବନ୍ଦୀଶାଳାରେ ବନ୍ଦ ହୋଇ ରହିଥାନ୍ତୁ ଓ କାହାରିକୁ ନ ଦେଖନ୍ତୁ ବା ବାହାରକୁ ମୋଟେ ନ ବାହାରନ୍ତୁ ପଛକେ, ସିଏ ତଥାପି ସେହି କାର୍ଯ୍ୟଟିକୁ ସାଧନ କରିବେ, କାରଣ ସେହି କାର୍ଯ୍ୟଟି ହେଉଛି ଚେତନାଭୂମିର ଏକ କାର୍ଯ୍ୟ, ଅତିମାନସକୁ ଜଡ଼ସ୍ଥ ସତ୍ତ୍ୱ ସହିତ ଆଣି ଯୋଡ଼ିବାର ଏକ କାର୍ଯ୍ୟ । ତାଙ୍କୁ ସମସ୍ତେ ଅବତାର ବୋଲି ଚିହ୍ନନ୍ତୁ, ସେକଥାର ମଧ୍ୟ ଆଦୌ କୌଣସି ଆବଶ୍ୟକତା ନାହିଁ, ଏହି ସଚେତନ ସଂଯୋଗଟିକୁ ସ୍ଥାପନ କରିପାରିବା ଲାଗି ତାଙ୍କ ହାତରେ କୌଣସି ବାହ୍ୟ କ୍ଷମତା ରହିବାର ମଧ୍ୟ ଆବଶ୍ୟକତା ନାହିଁ । ମାତ୍ର, ଥରେ ସେହି ସଂଯୋଗଟି ସ୍ଥାପିତ ହୋଇଯିବା ପରେ, ବାହ୍ୟ ଜଗତଟି ଉପରେ ମଧ୍ୟ ଅବଶ୍ୟ ତା'ର ପ୍ରଭାବ ପଡ଼ିବ, ଏକ ନୂତନ ସୃଜନ ରୂପରେ ତାହାର ପ୍ରଭାବ ପଡ଼ିବ; ହୁଏତ ଏକ ଆଦର୍ଶ ନଗରୀରୁ ତାହା ଆରମ୍ଭ ହେବ ଏବଂ ଏକ ପରିପୂର୍ଣ୍ଣତାଯୁକ୍ତ ସମଗ୍ର ପୃଥିବୀରେ ତାହାର ପରିସମାପ୍ତି ହେବ ।

'oaob.nitrkl.ac.in' images reprocessed

ଅତିମାନସ ଅବତରଣ

ଯେଉଁ ଫୁଲଟିକୁ ଆମେ "ସଫଳ ଭବିଷ୍ୟ" ବୋଲି ନାମ ଦେଇଛୁ, ତୁମକୁ ସେହି ଫୁଲଟି ଦିଆଯିବା ସମୟରେ ତା'ର ପ୍ରକୃତ ତାତ୍ପର୍ଯ୍ୟ କ'ଣ, ତୁମେମାନେ ସେକଥା ଜାଣିଛ କି ? ଏହା ଏକ ଆଶାର ସଙ୍କେତ ଦେଇଥାଏ,—ନାହିଁ, ଏକ ପ୍ରତିଶ୍ରୁତିରହିଁ ସଙ୍କେତ ଦେଇଥାଏ;—ତୁମେ ଯେ ଅତିମାନସ ଜଗତର ଅବତରଣରେ ଅଂଶଗ୍ରହଣ କରିବ, ଫୁଲଟିରୁ ତାହାର ପ୍ରତିଶ୍ରୁତି ମିଳିଥାଏ । କାରଣ ସେହି ଅବତରଣଟି ଘଟିବା ଦ୍ୱାରାହିଁ ଆମ କାର୍ଯ୍ୟଟିର ପରିପୂର୍ଣ୍ଣତା ଘଟିବ । ସେହି ଅବତରଣଟିର ପୂର୍ଣ୍ଣ ମହିମା ଏପର୍ଯ୍ୟନ୍ତ ବି ପ୍ରକଟ ହୋଇ ନାହିଁ, କାରଣ ତାହା ହୋଇଥିଲେ ଜୀବନର ସମଗ୍ର ବାହ୍ୟରୂପଟି ମଧ୍ୟ ପ୍ରକୃତରେ ଭିନ୍ନ ପ୍ରକାରର ହୋଇଥାନ୍ତା । ଅତ୍ୟନ୍ତ ଧୀର ଗତିରେହିଁ ଅତିମାନସ ଆପଣାର ପ୍ରଭାବ ଆଣି ପକାଉଛି; ବର୍ତ୍ତମାନ ସତ୍ତାର ଏ ଅଂଶଟି ଓ ଏହାପରେ ସତ୍ତାର ସେ ଅଂଶଟି ତା' ଦିବ୍ୟତାର ସ୍ପର୍ଶଟିକୁ ଅନୁଭବ କରୁଛି, ତାହାର ବେଗ ଭିତରେ ଆସି ପ୍ରବେଶ କଲାପରି ଅନୁଭବ କରୁଛି । ମାତ୍ର, ଯେତେବେଳେ ତାହା ଆପଣାର ଅମ୍ପ ସତ୍ତ୍ୱମୟ ସକଳ ଶକ୍ତିରେ ପ୍ରକୃତରେ ଅବତରଣ କରି ଆସିବ, ସେତେବେଳେ ଏକ ଅତ୍ୟୁଚ୍ଚ ଆଧାରଗତ ପରିବର୍ତ୍ତନ ସମସ୍ତ ପ୍ରକୃତିକୁ ଆଲୋଡିତ କରିବାକୁ ଆରମ୍ଭ କରିବ । ତାହାର ସେହି ସମ୍ପୂର୍ଣ୍ଣ ବିଜୟର ମୁହୂର୍ତ୍ତଟିର ଆମେ ଅଧିକରୁ ଅଧିକ ନିକଟବର୍ତ୍ତୀ ହେବାରେ ଲାଗିଛୁ । ପୃଥିବୀର ଯାବତୀୟ ପରିବେଶ ପ୍ରସ୍ତୁତ ହୋଇଗଲେ ସେହି ସମ୍ପୂର୍ଣ୍ଣ ଅବତରଣଟି ସମ୍ଭବ ହେବ ଏବଂ ତାହା ଆପଣା ଆଗରେ ସବୁକିଛିକୁ ବହନ କରି ଆସିବ । ତାହାର ଉପସ୍ଥିତି ବିଷୟରେ କୌଣସି ଭ୍ରମ କରିବାର ଅବକାଶ ରହିବ ନାହିଁ, ତା'ର ଶକ୍ତି ସେତେବେଳେ କୌଣସି ପ୍ରତିରୋଧକୁ ସହ୍ୟ କରିବ ନାହିଁ । ସେତେବେଳେ କୌଣସି ସନ୍ଦେହ ଓ କୌଣସି ଅତୃପ୍ତି ତୁମକୁ ଉତ୍ପୀଡ଼ିତ କରିବା ଲାଗି କଦାପି ରହିବ ନାହିଁ । କାରଣ ସେତେବେଳେ ପରମ ଦିବ୍ୟସତ୍ତା ପ୍ରକଟ ରୂପରେ ବିଦ୍ୟମାନ ରହିଥିବେ, ଆପଣାର ସମଗ୍ର ପରିପୂର୍ଣ୍ଣତାରେ ଅନାବୃତ ହୋଇ ରହିଥିବେ । ଏହାଦ୍ୱାରା ମୁଁ ଅବଶ୍ୟ ଏକଥା କହିବାକୁ ଚାହୁଁ ନାହିଁ ଯେ ସମୁଦାୟ ପୃଥିବୀ ତତ୍କ୍ଷଣାତ୍ ତାହାର ଉପସ୍ଥିତିଟିକୁ ଅନୁଭବ କରିବାକୁ ସମର୍ଥ ହେବ ବା ତତ୍କ୍ଷଣାତ୍ ରୂପାନ୍ତରିତ ବି ହୋଇଯିବ । ମାତ୍ର ମୁଁ ତଥାପି ଏକଥା ଅବଶ୍ୟ କହୁଛି ଯେ ମନୁଷ୍ୟସମୂହର ଏକ ଅଂଶ ତାହାର ଅବତରଣକୁ ଜାଣିବ ଓ ସେଥିରେ ଅଂଶଗ୍ରହଣ କରିବ । ହୁଏତ, ଏଠାରେ ଥିବା ଆମର ଏହି ସାନ ପୃଥିବୀଟି

'oaob.nitrkl.ac.in' images reprocessed

ତାହାକୁ ଜାଣିବ ଓ ସେଥିରେ ଅଂଶଗ୍ରହଣ କରିବ । ସେହିଠାରୁ ସେହି ରୂପାନ୍ତର-ଦାୟିନୀ କରୁଣା ଅତ୍ୟନ୍ତ ଫଳପ୍ରସୂ ଭାବରେ ବିକୀର୍ଣ୍ଣ ହେବାକୁ ଆରମ୍ଭ କରିବ । ଏବଂ, ସାଧକମାନଙ୍କ ଲାଗି ଏହା ପ୍ରକୃତରେ ଏକ ମହାନ୍ ସୌଭାଗ୍ୟର କଥା ଯେ, ପୁନର୍ଜୀବନ ଲାଭ କରିବାକୁ ଅନିଚ୍ଛୁକ ହୋଇ ରହିଥିବା ମନୁଷ୍ୟ ପ୍ରକୃତି ତା'ର ପଥରେ ଯେତେ ପ୍ରତିବନ୍ଧକ ଆଣି ଥୋଇଥିଲେ ମଧ୍ୟ ତଥାପି ସେମାନଙ୍କ ଲାଗି ସେହି ସଫଳ ଭବିଷ୍ୟତଟି ଅବଶ୍ୟ ମୂର୍ତ୍ତିରୂପ ହୋଇ ଉଠିବ, ଅବଶ୍ୟ ଜନ୍ମଲାଭ କରିବ ।

'oaob.nitrkl.ac.in' images reprocessed

ଧମ୍ମପଦର ଟୀକା

'oaob.nitrkl.ac.in' images reprocessed

ଯମକ

ପ୍ରତିଶୁକ୍ରବାର ଦିନ ମୁଁ 'ଧମ୍ମପଦ'ର କେତୋଟି ପଦ ତୁମମାନଙ୍କ ଆଗରେ ପଢିବି । ତା'ପରେ ଆମେ ସମସ୍ତେ ସେହି ପଦଟି ଉପରେ ଧ୍ୟାନସ୍ଥ ରହିବା । ତୁମମାନଙ୍କୁ ମାନସିକ ନିୟନ୍ତ୍ରଣ ଶିଖାଇବା ଲାଗି ମୁଁ ଏହିପରି ଭାବିଛି । ଯଦି ମୁଁ ଆବଶ୍ୟକ ମନେ କରେ, ତେବେ ତୁମମାନଙ୍କ ଲାଗି ପଦଟିର ବ୍ୟାଖ୍ୟା ବି କରିଦେବି

ଧମ୍ମପଦର ଆରମ୍ଭରେ କେତୋଟି ଯୁଗ୍ମ ପଦ ରହିଛି ।
ପ୍ରଥମ ପଦଟି ହେଉଛି :

> ଯାବତୀୟ ବସ୍ତୁ ମଧ୍ୟରେ ମନ ହେଉଛି ମୌଳିକତମ ଉପାଦାନ । ମନହିଁ ପ୍ରଧାନତମ । ସେହି ମନରୁହିଁ ସବୁ-କିଛିର ଉଦ୍‌ଗମ ହୋଇଛି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏଠାରେ ସ୍ଥୂଳ ଅର୍ଥାତ୍ ଭୌତିକ ଜୀବନ ବିଷୟରେ କୁହାଯାଇଛି । ବିଶ୍ୱସମରର କଥା ଆଦୌ କୁହାଯାଇ ନାହିଁ ।

> ଶଗଡ ଟାଣୁଥିବା ବଳଦ ଆଗେ ଆଗେ ଯାଏ ଏବଂ ତା' ଖୁରକୁ ଅନୁସରଣ କରି ଶଗଡର ଚକ ବି ଯିବାରେ ଲାଗିଥାଏ । ଠିକ୍ ସେହିପରି ଏକ ମଳିନ ଓ ମନ୍ଦ ମନ ନେଇ ଯେଉଁ ମନୁଷ୍ୟ କଥା କହେ ଅଥବା କୌଣସି କାର୍ଯ୍ୟ କରେ, ଦୁଃଖହିଁ ତା'ର ଅନୁସରଣ କରୁଥାଏ ।

ଅର୍ଥାତ୍, ବର୍ତ୍ତମାନର ପୃଥିବୀରେ ସାଧାରଣ ମନୁଷ୍ୟଜୀବନ ଯେପରି ଅବସ୍ଥାରେ ରହିଛି, ତାହା ପ୍ରକୃତରେ ମନର ଶାସନରେହିଁ ଚାଲୁଛି । ତେଣୁ, ନିଜ ମନ ଉପରେ ନିୟନ୍ତ୍ରଣ ହାସଲ କରିବା ହେଉଛି ସବୁଠାରୁ ବଡ କଥା । ତେଣୁ ସେଥିଲାଗି ଆମକୁ କ୍ରମ-ମାତ୍ରାରେ ଏକ ଶୃଙ୍ଖଳାର ଅନୁସରଣ କରିବାକୁ ହେବ, ଅର୍ଥାତ୍, ଧମ୍ମପଦର ଭାଷାରେ କହିଲେ "ସଂଘର" ଶୃଙ୍ଖଳା ଅନୁସରଣ କରିବାକୁ ପଡିବ । ତେବେଯାଇ ମନର ବିକାଶସାଧନ ସମ୍ଭବ ହେବ, ମନ ଉପରେ ନିୟନ୍ତ୍ରଣ ସମ୍ଭବ ହେବ ।

'oaob.nitrkl.ac.in' images reprocessed

ସାଧାରଣତଃ କ୍ରମାନୁବର୍ତ୍ତୀ ହୋଇ ଏହି କ୍ଷେତ୍ରରେ ଚାରୋଟି କ୍ରିୟାତ୍ମକତା ରହିଥାଏ । ସେଗୁଡ଼ିକ କୁଏତ ପରଶେଷରେ ଯୁଗପତ୍ ଭାବରେ ମଧ୍ୟ ପରିଦୃଷ୍ଟ ହୋଇପାରନ୍ତି ! ପ୍ରଥମ କ୍ରିୟାଟି ହେଉଛି ଆପଣାର ଭାବନାଗୁଡ଼ିକୁ ଅବଲୋକନ କରିବା, ଦ୍ୱିତୀୟ କ୍ରିୟାଟି ହେଉଛି ଆପଣାର ଭାବନାଗୁଡ଼ିକ ବିଷୟରେ ସତର୍କ ରହିବା; ତୃତୀୟରେ ଆପଣାର ଭାବନାଗୁଡ଼ିକ ଉପରେ ନିୟନ୍ତ୍ରଣ ହାସଲ କରିବା ଏବଂ ଚତୁର୍ଥରେ ସେହି ଭାବନାଗୁଡ଼ିକ ଉପରେ ପ୍ରଭୁତ୍ୱ ଅର୍ଜନ କରିବା । ଅବଲୋକନ କରିବା, ସତର୍କ ରହିବା, ନିୟନ୍ତ୍ରଣରେ ରଖିବା ଏବଂ ପ୍ରଭୁତ୍ୱ ଅର୍ଜନ କରିବା । ଏକ ମନ୍ଦ ଓ ଅନର୍ଥକାରୀ ମନର କବଳରୁ ରକ୍ଷା ପାଇବା ସକାଶେ ଆମକୁ ଏହି ସବୁଯାକ କଥାକୁ କରିବାକୁ ପଡ଼ିବ, କାରଣ ଆମକୁ କୁହାଯାଇଛି ଯେ ଯେଉଁ ମନୁଷ୍ୟ ଏକ ମନ୍ଦ ଓ ମଳିନ ମନ ରଖି କଥା କହେ ବା କୌଣସି କାର୍ଯ୍ୟ କରେ, ଶଗଡ଼ର ଚକ ଶଗଡ଼ ଟାଣୁଥିବା ବଳଦର ଖୁରାକୁ ଅନୁସରଣ କଲାପରି ଦୁଃଖ ସେହି ମନୁଷ୍ୟର ଅନୁସରଣ କରିବାରେ ଲାଗିଥାଏ ।

ଏହି କଥାଟି ଆମ ପ୍ରଥମ ଧ୍ୟାନର ବସ୍ତୁ ହୋଇ ରହିବ ।

୩୦ ଅଗଷ୍ଟ, ୧୯୫୭

> ମନହିଁ ପ୍ରଧାନତମ । ସେହି ମନରୁହିଁ ସବୁକିଛିର ଉଦ୍‌ଗମ ହୋଇଛି । ପ୍ରତ୍ୟେକ ବସ୍ତୁରେ ସର୍ବମୌଳିକ ଉପାଦାନଟି ହେଉଛି ମନ । ଯଦି ଜଣେ ବ୍ୟକ୍ତି ଏକ ବିଶୁଦ୍ଧୀକୃତ ମନରେହିଁ ସବୁକିଛି କହିପାରିବ ଏବଂ ସବୁକିଛି କରିପାରିବ ତେବେ ସେ ସୁଖୀ ହୋଇପାରିବ । ତା' ନିଜ ଦେହର ଛାଇପରି ତା'ର ସୁଖ ତା' ସହିତ ଅବିଚ୍ଛିନ୍ନ ଓ ଅନ୍ତନକଟ ହୋଇ ରହିଥାଏ ।

ଆମେ ଗତଥର ଯାହା ପଢ଼ିଥିଲେ, ଏହାକୁ ତାହାର ଏକ ପୂରକବାକ୍ୟ ବୋଲି ଜାଣିବା । ଧମ୍ମପଦ ଏକ ଅଶୁଦ୍ଧ ମନ ସହିତ ଏକ ବିଶୁଦ୍ଧୀକୃତ ମନର ତୁଳନା କରିଛି । ଆମେ ଆଗରୁ କହିଛୁ ଯେ ମନର ବିଶୁଦ୍ଧୀକରଣ ପାଇଁ କ୍ରମାନୁବର୍ତ୍ତୀ ଚାରୋଟି ପର୍ଯ୍ୟାୟ ରହିଛି । ବିଶୁଦ୍ଧୀକୃତ ଏକ ମନକୁ ଆମେ ସ୍ୱଭାବତଃ ଏପରି ଏକ ମନ ବୋଲି ଜାଣିବା ଯାହାକି କୌଣସି ପ୍ରକାର ଅନୁଚିତ ଭାବନାକୁ ଆପଣା ଭିତରକୁ ଆସିବାକୁ ଦିଏ ନାହିଁ; ଏବଂ, ଆମେ ଏକଥା ମଧ୍ୟ ଦେଖିପାରିଛୁ ଯେ ଏହି ଫଳଟିକୁ ଲାଭ କରିପାରିବାକୁ ହେଲେ ଭାବନାର କ୍ଷେତ୍ରରେ ଯେଉଁ ପରିପୂର୍ଣ୍ଣ ନିୟନ୍ତ୍ରଣଶକ୍ତି ରହିଥିବା ନିତାନ୍ତ ଆବଶ୍ୟକ, ତାହା ହେଉଛି ମୁଁ କହିଥିବା

'oaob.nitrkl.ac.in' images reprocessed

ସ୍ୱପ୍ନବ୍ରିଯାକ ଅବସ୍ଥାକ୍ରମରେ ସର୍ବଶେଷ ଉପଲବ୍ଧି । ପ୍ରଥମ ଅବସ୍ଥାଟି ହେଉଛି, ଆମେ ଆମର ମନଟି ଉପରେ ଦୃଷ୍ଟିପାତ କରଶିଖିବା ।

ଏକଥାଟିକୁ ସାଧି କରିବା ଯେ ଏକ ଭାରି ସହଜ କଥା, ତୁମେ ସେପରି ମୋଟେ ବିଶ୍ୱାସ କରିବ ନାହିଁ । କାରଣ, ନିଜର ଭାବନା ଉପରେ ଦୃଷ୍ଟିପାତ କରିପାରିବାକୁ ହେଲେ ତୁମକୁ ସର୍ବପ୍ରଥମେ ନିଜକୁ ସେଗୁଡ଼ିକଠାରୁ ଅଲଗା କରି ରଖିବାକୁ ହେବ । ସାଧାରଣ ଅବସ୍ଥାଟିରେ, ଜଣେ ସାଧାରଣ ମନୁଷ୍ୟ ଆପଣାକୁ ତା'ର ଭାବନାଗୁଡ଼ିକଠାରୁ ଆଦୌ ଅଲଗା କରି ଦେଖିପାରେ ନାହିଁ । ସିଏ କ'ଣ ଯେ ସବୁ ଭାବୁଛି, ସେ ବିଷୟରେ ତା'ର କୌଣସି ଜ୍ଞାନ ନ ଥାଏ । ସିଏ ଭାବିବାରେ ଅଭ୍ୟସ୍ତ ଥିବାରୁହିଁ ଭାବିବାରେ ଲଗିଥାଏ । "ତୁମେ କେଉଁ ବିଷୟରେ ଭାବୁଛ ?" ବୋଲି ଯଦି ତାକୁ କେହି ହଠାତ୍ ପଚାରିଦିଏ, ତେବେ ସେ ସେବିଷୟରେ ମୋଟେ କିଛି ଜାଣି ନ ଥାଏ । ଅର୍ଥାତ୍, ଶହେରେ ପଞ୍ଚାନବେ କ୍ଷେତ୍ରରେ ସିଏ ତୁଏତ ଉତ୍ତର ଦେଇଥାଏ, "କେଜାଣି ?" ସେହି କ୍ଷେତ୍ରରେ ଭାବନାର ଗତ୍ୟାତ୍ମକତା ଏବଂ ସତ୍ତାର ଚେତନା ମଧ୍ୟରେ ଏକ ସମ୍ପୂର୍ଣ୍ଣ ଅଭିନ୍ନତାର ପ୍ରତିଷ୍ଠା ହୋଇ ରହିଥାଏ ।

ତେଣୁ, ଆପଣାର ଭାବନାଗୁଡ଼ିକ ଉପରେ ଦୃଷ୍ଟିପାତ କରିପାରିବାକୁ ହେଲେ ସର୍ବପ୍ରଥମ କାର୍ଯ୍ୟରୂପେ ଆମେ ଆଗ ଟିକିଏ ପଛକୁ ଫେରିଆସିବା ଓ ନିଜର ଭାବନାଟିକୁ ଅନାଇ ଦେଖିବା; ଆପଣାର ଭାବନାଗୁଡ଼ିକଠାରୁ ନିଜକୁ ଏପରି ଅଲଗା କରି ରଖିବା ଯେପରିକି ଚେତନାର କ୍ରିୟା ଏବଂ ଭାବନାର କ୍ରିୟା ଦୁହେଁ ପରସ୍ପର ସହିତ ମୋଟେ ଗୋଳିଆମିଶା ହୋଇପଡ଼ିବେ ନାହିଁ । ତେଣୁ, ଆମେ ଆମ ଭାବନା ଉପରେ ଦୃଷ୍ଟିପାତ କରିବାକୁ ସମର୍ଥ ହେବା ବୋଲି କୁହାଯାଉଥିବା ବେଳେ ତୁମେ ଯେପରି କଦାପି ବିଶ୍ୱାସ କରିବାକୁ ନ ଲାଗ ଯେ ଏହା ହେଉଛି ଏକ ଅତ୍ୟନ୍ତ ସହଜ କଥା । ଏଇଟି ହେଉଛି ସର୍ବପ୍ରଥମ ପଦକ୍ଷେପ । ମୋ'ର ପ୍ରସ୍ତାବ ହେଉଛି ଯେ ଆଜି ଆମର ସାନ୍ଧ୍ୟ ଧ୍ୟାନରେ ଆମେ ଏଇଟିରହିଁ ପ୍ରୟାସ କରିବା, ଆପଣାର ଭାବନାଟିରୁ ଆପଣାକୁ ଅଲଗା କରିଆଣି ତା'ଉପରେ ଦୃଷ୍ଟିପାତ କରିବାକୁ ଚେଷ୍ଟା କରିବା ।

୭ ସେପ୍ଟେମ୍ବର ୧୯୫୭

"ସିଏ ମୋତେ ଅପମାନ ଦେଲା, ମୋତେ ମାରିଲା, ମୋର ଅସମ୍ମାନ କଲା, ସିଏ ମୋର ସବୁକିଛି ଲୁଟି ନେଇଗଲା," — ଯେଉଁମାନେ ଏହିଭଳି ଭାବନାଗୁଡ଼ିକ

'oaob.nitrkl.ac.in' images reprocessed

ଲାଗି ନିଜ ଭିତରେ ପ୍ରଶ୍ରୟ ଦିଅନ୍ତି, ସେମାନେ ଆପଣାର
ଘୃଣାକୁ କେବେହେଲେ ଶାନ୍ତ କରିପାରନ୍ତି ନାହିଁ ।

ଧମ୍ମପଦ ଆମକୁ ସର୍ବପ୍ରଥମେ ଏହି କଥାଟି କହୁଛି ଯେ ଅସଦ୍‌ଭାବନାରୁ ଦୁଃଖ ଏବଂ ସଦ୍‌ଭାବନାରୁ ସୁଖ ଜାତ ହୋଇଥାଏ । ଆମେ ଅସଦ୍‌ଭାବନା ବୋଲି କାହାକୁ କହିବା, ବର୍ତ୍ତମାନ ତାହାର କେତେକ ଉଦାହରଣ ଦିଆଯାଉଛି, ଏବଂ ଆମେ କିପରି ଦୁଃଖକୁ ଏଡ଼ି ବାଟ ଚାଲି ପାରିବା, ଧମ୍ମପଦ ଆମକୁ ତାହାର ଉପାୟ ବତାଇ ଦେଉଛି । ଏଠାରେ ପ୍ରଥମ ଉଦାହରଣଟି ଦିଆଯାଇଛି ଏବଂ ମୁଁ ତାହାର ପୁନରାବୃତ୍ତି କରୁଛି : "ସିଏ ମୋ'ର ଅପମାନ କଲା, ମୋତେ ମାରିଲା, ମୋ'ର ସମ୍ମାନ ନେଲା, ମୋ'ର ସବୁକିଛି ଲୁଟି ନେଲା;" ଏବଂ ତା'ପରେ କୁହାଯାଇଛି : "ଯେଉଁମାନେ ଏଭଳି ଭାବନାଗୁଡ଼ିକୁ ଆପଣା ଭିତରେ ପ୍ରଶ୍ରୟ ଦିଅନ୍ତି, ସେମାନେ ଆପଣାର ଘୃଣାକୁ କେବେହେଲେ ଶାନ୍ତ କରିପାରନ୍ତି ନାହିଁ ।

ଆମେ ଆମ ମାନସିକ ଶୃଙ୍ଖଳାଟିର ସାଧନାଟିକୁ ଆରମ୍ଭ କରିଛୁ, ମାନସିକ କ୍ରମବିକାଶର ଚାରୋଟି ସ୍ତରର ଆଧାର ଉପରେ ଆମେ ସେହି ସାଧନା ଆରମ୍ଭ କରିଛୁ । ଆମେ ଦେଖିଛୁ ଯେ ସେହି ସାଧନାରେ କ୍ରମାନୁବର୍ତ୍ତୀ ଚାରୋଟି କିଆ ରହିଛି । ତୁମମାନଙ୍କର ନିଶ୍ଚୟ ମନେଥିବ ଯେ ସେହି ଚାରୋଟି ସ୍ତରକୁ ଆମେ ନିମ୍ନଲିଖିତ ରୂପେ ବର୍ଣ୍ଣନା କରିଛୁ : ପ୍ରଥମେ ଅବଲୋକନ କରିବା, ଦ୍ୱିତୀୟରେ ସେଗୁଡ଼ିକର ତତ୍ତ୍ୱାବଧାନ କରିବା, ସେଗୁଡ଼ିକ ଉପରେ ନିୟନ୍ତ୍ରଣ ହାସଲ କରିବା ଏବଂ ସେଗୁଡ଼ିକ ଉପରେ ପ୍ରଭୁତ୍ୱ ଅର୍ଜନ କରିବା । ଏବଂ ଆମର ଗତ ସର୍ବଶେଷ ଆଲୋଚନାଟି ମଧ୍ୟରେ ଆମେ,— ମୁଁ ଆଶାକରୁଛି,— ଆମେ ନିଜର ଭାବନାଗୁଡ଼ିକୁ ନିଜଠାରୁ ଅଲଗା କରିନେବାକୁ ମଧ୍ୟ ଶିକ୍ଷା କରିଛୁ, ଯେପରିକି ଜଣେ ମନୋଯୋଗ-ସମ୍ପନ୍ନ ଅବଲୋକନକାରୀ ହିସାବରେ ଆମେ ସେଗୁଡ଼ିକ ଉପରେ ଦୃଷ୍ଟିପାତ କରିପାରିବା ।

ସେହିସବୁ ଭାବନା ଉପରେ କିପରି ତତ୍ତ୍ୱାବଧାନ କରିବାକୁ ହେବ, ଆଜି ଆମେ ସେହି ଉପାୟଟିକୁ ଶିକ୍ଷା କରିବା । ଆପଣାର ଭାବନାଗୁଡ଼ିକ ଉପରେ ତୁମେ ଏକ ବଙ୍କା ବଗିରପଥ ପରି ଦୃଷ୍ଟିପାତ କରିପାରିବାକୁ ଚେଷ୍ଟା କର, ଯେପରିକି ତୁମେ ଭଲ ଓ ମନ୍ଦ ଭାବନା ମଧ୍ୟରେ ରହିଥିବା ଫରକଟିକୁ ବାରିନେଇ ପାରିବ, ଉପକାରୀ ଓ ଅପକାରୀ ଭାବନାଗୁଡ଼ିକୁ ଅଲଗାକରି ଦେଖିପାରିବ, ତୁମ ଲାଗି ବିଜୟ ହାସଲ କରାଇ ପାରୁଥିବା ରଚନାତ୍ମକ ଭାବନା ଏବଂ ଆମ ଲାଗି ସେହି ବିଜୟକୁ ଦୂରବର୍ତ୍ତୀ କରିନେଇ ଯାଉଥିବା ପରାଜୟବାଦୀ ଭାବନା ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଉପଲବ୍ଧି କରିପାରିବା । ବର୍ତ୍ତମାନ ଆମକୁ ଏହି ବସ୍ତୁବିବେକଟିକୁ

'oaob.nitrkl.ac.in' images reprocessed

ହାସଲ କରିବାକୁ ପଡ଼ିବ; ଆଜି ସୂତ୍ରରେ ତାହାହିଁ ଆମ ଧ୍ୟାନର ବିଷୟ ହୋଇ ରହିବ ।

ଧମ୍ମପଦ ଏବିଷୟରେ ଆମକୁ ଅନେକ ଉଦାହରଣ ଦେବ ବୋଲି ମୁଁ ତୁମକୁ ଆଗରୁ କହିଛି । ମାତ୍ର ଉଦାହରଣଗୁଡ଼ିକୁ ଆମେ କେବଳ କେତେଗୁଡ଼ିଏ ଉଦାହରଣ ବୋଲିହିଁ ଜାଣିବା । କେଉଁଗୁଡ଼ିକ ସଦ୍‌ଭାବନା ଓ କେଉଁଗୁଡ଼ିକ ସଦ୍‌ଭାବନା ନୁହନ୍ତି, ସେକଥା ବିଚାର କରି ଜାଣିବାର ଉପାୟଟି ଆମ ନିଜକୁହିଁ ଶିଖିବାକୁ ପଡ଼ିବ । ଏବଂ, ସେହି ସାମର୍ଥ୍ୟଟିକୁ ଅର୍ଜନ କରିପାରିବାକୁ ହେଲେ, ମୁଁ ଯେପରି କହିଛି, ଜଣେ ବିଜ୍ଞ ବିଚାରପତି ପରି ତୁମକୁ ସବୁକିଛି ଉପରେ ଦୃଷ୍ଟିପାତ କରିପାରିବାକୁ ହେବ; ଅର୍ଥାତ୍‌, ଯଥାସମ୍ଭବ ଅଧିକରୁ ଅଧିକ ପକ୍ଷପାତଶୂନ୍ୟ ହୋଇ ତାହା କରି ପାରିବାକୁ ପଡ଼ିବ । ଏହି କଥାଟିକୁ ଆମେ ନିଷ୍ଟୟ ଗୋଟିଏ ଅପରିହାର୍ଯ୍ୟ ସର୍ତ୍ତ ବୋଲି ଜାଣିବା ।

୧୩ ସେପ୍‌ଟେମ୍ବର ୧୯୫୭

> "ସିଏ ମୋର ଅପମାନ କଲା, ମୋତେ ମାରିଲା, ମୋର ସମ୍ମାନ ନେଲା, ସିଏ ମୋର ସବୁକିଛି ଲୁଟି ନେଇଗଲା,"
> —ଯେଉଁମାନେ ଏହିଭଳି ଭାବନାଗୁଡ଼ିକୁ ମନରେ କୌଣସି ପ୍ରଶ୍ରୟ ଦିଅନ୍ତି ନାହିଁ, ସେମାନେ କୌଣସି ଘୃଣାର କବଳରେ ପଡ଼ନ୍ତି ନାହିଁ ।"

ଆରଦିନ ଆମେ ଯାହା ପଢ଼ିଥିଲୁ, ଏଇଟି ହେଉଛି ତା'ର ପୂରକବାକ୍ୟ । ମାତ୍ର, ମନେ ରଖିବା ଉଚିତ ଯେ ଏଠାରେ କେବଳ ବିଦ୍ୱେଷରହିଁ ଉଦ୍ରେକ କରୁଥିବା ଭାବନାଗୁଡ଼ିକ ସମ୍ବନ୍ଧରେ ଏକଥା କୁହାଯାଇଛି । କାରଣ, ଈର୍ଷା ପରି ବିଦ୍ୱେଷ ମଧ୍ୟ ଏପରି ଗୋଟିଏ ଅବଗୁଣ, ଯାହାକି ସବୁଠାରୁ ଅ·କ ସଚରାଚର ଭାବରେ ମନୁଷ୍ୟ ଲାଗି ଦୁଃଖର କାରଣ ହୋଇଥାଏ ।

କିନ୍ତୁ ତୁମେ ନିଜର ବିଦ୍ୱେଷ ଭାବକୁ ପ୍ରକୃତରେ କିପରି ଏଡ଼ି ପାରିବ ? ଏକ ବୃହତ୍‌ ଏବଂ ଉଦାର ହୃଦୟ ହେଉଛି ଏଥିଲାଗି ସର୍ବୋତ୍ତମ ଉପାୟ; ମାତ୍ର ସେହି ହୃଦୟଟି ସବୁ ମଣିଷଙ୍କ ପାଖରେ ମୋଟେ ନ ଥାଏ । ତେଣୁ, ସାଧାରଣ ଭାବରେ, ଆପଣାର ଭାବନାଗୁଡ଼ିକୁ ନିୟନ୍ତ୍ରଣରେ ରଖି ପାରୁଥିଲେ ଏହି କ୍ଷେତ୍ରରେ ହୁଏତ ଅଧିକ ଉପଯୋଗୀ ହୋଇପାରିବ ।

ଆମ ମାନସିକ ଶୃଙ୍ଖଳାର୍ଜନର ସାଧନାରେ ଭାବନାର ନିୟନ୍ତ୍ରଣ ହେଉଛି ତୃତୀୟ ସୋପାନ । ଆମ ଚେତନାରୂପୀ ବିଜ୍ଞ ବିଚାରପତି ଉପଯୋଗୀ ଏବଂ

'oaob.nitrkl.ac.in' images reprocessed

ଅନାବଶ୍ୟକୀୟ ଭାବନାଗୁଡ଼ିକୁ ପରିସରଠାରୁ ବାହାର ଦେଖିବା ଲାଗି ଥରେ ସମର୍ଥ ହୋଇଗଲେ ଆମ ଭିତରେ ରହିଥିବା ପ୍ରହରୀଟି ଆସି ପହଞ୍ଚିଯିବ ଏବଂ କେବଳ ଅନୁମୋଦିତ ଭାବନାଗୁଡ଼ିକୁ ଭାବିବା ଲାଗିହିଁ ଅନୁମତି ଦେବ, ଯାବତୀୟ ଅବାଞ୍ଛିତ ଉପାଦାନ ଲାଗି ତାହା ମୋଟେ ବାଟ ଛାଡ଼ିଦେବ ନାହିଁ ।

ଏକ ଅନୁଜ୍ଞାକାରୀ ମୁଦ୍ରାରେ ସେହି ପ୍ରହରୀ ପ୍ରତ୍ୟେକଟି ଅସଦ୍‌ଭାବନାକୁ ବାଟରୁ ଅଟକାଇ ରଖିବ, ତାହାକୁ ଆମ ଭିତରେ ପ୍ରବେଶ କରିବାକୁ ଦେବ ନାହିଁ ଏବଂ ତାହାକୁ ଯଥାସମ୍ଭବ ଅଧିକରୁ ଅଧିକ ଦୂରକୁ ଠେଲି ଦେଉଥିବ ।

ପ୍ରବେଶ କରିବାକୁ ଦେବା ଓ ପ୍ରବେଶ କରିବାକୁ ନ ଦେବାର ଏହି କ୍ରିୟାଟିକୁହିଁ ଆମେ ଭାବନାର 'ନିୟନ୍ତ୍ରଣ ବୋଲି ଜାଣିବା ଏବଂ ଆଜି ରାତିରେ ଏହାହିଁ ଆମର ଧ୍ୟାନର ବିଷୟ ହୋଇ ରହିବ ।

୨୦ ସେପ୍‌ଟେମ୍ବର ୧୯୫୭

> କାରଣ, ପ୍ରକୃତ କଥା ହେଉଛି ଯେ, ଏହି ପୃଥିବୀରେ ଘୃଣା ଦ୍ୱାରା ଘୃଣାକୁ ଶାନ୍ତ କରି ହେବ ନାହିଁ; କେବଳ ଶ୍ରଦ୍ଧା ଦ୍ୱାରାହିଁ ଘୃଣାର ଶାନ୍ତ ହୋଇପାରିବ । ଏହା ଶାଶ୍ୱତ ବିଧାନ ।

ଏଇଟି ହେଉଛି ଧମ୍ମପଦ ଗ୍ରନ୍ଥର ଗୋଟିଏ ପ୍ରଖ୍ୟାତତମ ବାକ୍ୟ ଏବଂ ଅଧିକାଂଶ ସମୟରେହିଁ ଏହାର ଉଦ୍ଧାର କରାଯାଇଥାଏ । ଏଇଟିହିଁ "ପୃଥିବୀରେ ସବୁଠାରୁ ଅଧିକାଂଶ କ୍ଷେତ୍ରରେ ଅନୁସୃତ ହୋଇଥାଏ" ବୋଲି କହିପାରିଥିଲେ ମୁଁ କେଡ଼େ ଖୁସି ହୋଇଥାନ୍ତି ! ମାତ୍ର, ଭାରି ଦୁର୍ଭାଗ୍ୟର କଥା ଯେ ମୁଁ ସେକଥାଟି କହିଲେ ତାହା ଆଦୌ ସତ ହେବ ନାହିଁ । କାରଣ, ଲୋକମାନେ ଏହି ବାକ୍ୟଟି ବିଷୟରେ କେତେ କ'ଣ କହିଥାନ୍ତି, ମାତ୍ର ସେହି ବାକ୍ୟଟିର ଅନୁସରଣ କରନ୍ତି ନାହିଁ ।

ମାତ୍ର, ଏହି ସମସ୍ୟାଟିର ତଥାପି ଆଉ ଗୋଟିଏ ଏପରି ଦିଗ ରହିଛି, ଯେଉଁଟି ବିଷୟରେ ଅପେକ୍ଷାକୃତ କମ୍ ଆଲୋଚନା ହୋଇଥାଏ ସତ, ମାତ୍ର, ପୃଥିବୀର ବିଭିନ୍ନ ବସ୍ତୁରେ ଏକ ପରିବର୍ତ୍ତନ ଅବଶ୍ୟ ଘଟୁ ବୋଲି ଯଦି ତୁମେ ଇଚ୍ଛା କରୁଥାଅ, ଯେଉଁଟିକୁ ସମ୍ଭବତଃ ନିଶ୍ଚୟ ଅଧିକ ଜରୁରୀ ବୋଲି ବୋଧ ହେବାକୁ ଲାଗିବ, ସେହି ସମସ୍ୟାଟି ଉପରେ ଲୋକେ ପ୍ରକୃତରେ ଭାରି କମ୍ ଚିନ୍ତା କରିଥାନ୍ତି । ମୋର ଏହି କଥାଟି ଶୁଣି ତୁମେମାନେ ପ୍ରକୃତରେ ବିସ୍ମିତ ହୋଇଯିବ । କଥାଟି ହେଉଛି : ପୃଥିବୀର ପରିବର୍ତ୍ତନ ଲାଗି ଯଦି ଘୃଣାର ପ୍ରତିବଦଳରେ ଆମକୁ ଶ୍ରଦ୍ଧାର

'oaob.nitrkl.ac.in' images reprocessed

ଆଚରଣ କରିବାକୁ ପଡିବ, ତେବେ ପୃଥିବୀଯାକ ଈଶ୍ୱରଙ୍କର ଯେଉଁ ପରମ ଶ୍ରଦ୍ଧାଟି ଆମ ଲାଗି ମହଜୁଦ ହୋଇ ରହିଛି, ତାହାର ପ୍ରତିବଦଳରେ ମଧ୍ୟ ଶ୍ରଦ୍ଧାର ଆଚରଣ କରିବା ପ୍ରକୃତରେ ତା'ଠାରୁ ଅଧିକ ସ୍ୱାଭାବିକ ହୁଅନ୍ତା ନାହିଁ କି ?

ମଣିଷମାନଙ୍କର ଜୀବନ, କର୍ମ ଏବଂ ହୃଦୟ ବର୍ତ୍ତମାନ ଯେପରି ଅବସ୍ଥାରେ ରହିଛି, ଯଦି ଆମେ ତାହାର ବିଚାର କରି ବସିବା, ତେବେ, ଭଗବତ୍-ପରମ କରୁଣା ଏହି ପୃଥିବୀ ଉପରେ ଆଣି ଅଜାଡି ଦେଉଥିବା ସେହି ବିପୁଳ ମହାନ୍ ଶ୍ରଦ୍ଧାଟିର ପ୍ରତିବଦଳରେ ଏଠି ଯେଉଁସବୁ ଘୃଣା, ଦ୍ୱେଷ ଏବଂ ଖୁବ୍ କମ୍‌ରେ କହିଲେ, ଯେଉଁ ଉଦାସୀନତାର ଆଚରଣ କରି କରାଯାଉଛି, ସେଥିରେ ଆମେ କାହିଁକି ବିସ୍ମିତ ହୋଇ ନ ପଡ଼ିବା ? କାରଣ, ସେହି ମହାର୍ଘ ଶ୍ରଦ୍ଧାର ବୈପୁଲ୍ୟ ଏହି ପୃଥିବୀକୁ ଦିବ୍ୟ ଆଲୋକଟି ଅଭିମୁଖରେ ପରିଚାଳିତ କରି ନେଇଯିବାକୁହିଁ ଏଠାରେ କାର୍ଯ୍ୟକାରୀ ହୋଇ ରହିଛି, ମାତ୍ର ମନୁଷ୍ୟର ହୃଦୟରେ ତାହାର ଅନୁଷ୍ଠାନଟି ପ୍ରକୃତରେ କେଡ଼େ ଦରିଦ୍ର ସ୍ତରରେ ନ ରହିଛି ! ମାତ୍ର, ମଣିଷମାନଙ୍କର ତ କେବଳ ଦୁଷ୍ଟ ପ୍ରତି ସମ୍ବେଦନା ରହିଛି, ହୀନ ଓ ବିକୃତ ପ୍ରତି ସମ୍ବେଦନା ରହିଛି, ଅସଫଳ ବ୍ୟକ୍ତିମାନଙ୍କ ପ୍ରତି ଓ ଅସଫଳତାଗୁଡିକ ପ୍ରତିହିଁ ସମ୍ବେଦନା ରହିଛି ! ବସ୍ତୁତଃ, ତାହା ଦୁଷ୍ଟତା ଏବଂ ଅସଫଳତା ଲାଗିହିଁ ଏକ ପ୍ରୋତ୍ସାହନ ରୂପେ କାର୍ଯ୍ୟ କରୁଛି ।

ସମସ୍ୟାଟିର ଏହି ଦିଗଟି ଉପରେ ଯଦି ଆମେ ଆଉ ଟିକିଏ ଅଧିକ ଚିନ୍ତା କରିବାକୁ ଚେଷ୍ଟା କରିବା, ତେବେ, ଘୃଣାର ପ୍ରତିବଦଳରେ ଶ୍ରଦ୍ଧାର ଆଚରଣ କରିବାର ଆବଶ୍ୟକତା ଉପରେ ଏତେ ବେଶୀ ଜୋର୍ ଦେବାକୁ ଆମର ହୁଏତ ଆଦୌ ଏତେବେଶୀ ଆବଶ୍ୟକତା ରହିବ ନାହିଁ; କାରଣ, ମଣିଷର ହୃଦୟ ଭିତରକୁ ଯେଉଁ ପରମଶ୍ରଦ୍ଧା ଅବାରିତ ଭାବରେ ଅଜାଡି ହୋଇ ପଡିବାରେ ଲାଗିଛି, ପ୍ରକୃତ ବୋଧ ଏବଂ ସମ୍ବେଦନଯୁକ୍ତ ଏକ ଶ୍ରଦ୍ଧାର ସ୍ୱତଃସଞ୍ଚିତ କୃତଜ୍ଞତା ଭାବଟି ଦ୍ୱାରା ପ୍ରେରିତ ହୋଇ ସେହି ହୃଦୟ ଯଦି ସକଳ ନିଷ୍ଠାର ସହିତ ତାହା ପ୍ରତି ଆପଣାର ଅନୁମୋଦନ ଜଣାଇପାରନ୍ତା, ତେବେ ପୃଥିବୀର ସବୁକିଛି ଅତିଶୀଘ୍ର ନିଶ୍ଚୟ ବଦଳିଯାଇ ପାରନ୍ତା ।

୨୭ ସେପ୍ଟେମ୍ବର ୧୯୫୭

ଆମେ ସମସ୍ତେ ଯେ ଦିନେ ନା ଦିନେ ମରିବା, ଏ ବିଷୟଟିକୁ ନ ଜାଣିଲା ପରି ହୋଇଥିବା ବହୁସଂଖ୍ୟକ ଲୋକ ଅଛନ୍ତି । ଏବଂ, ଯେଉଁମାନେ ସେହି କଥାଟି

'oaob.nitrkl.ac.in' images reprocessed

ହେତୁ ରଖିଛନ୍ତି; ସେମାନେ ଆପଣାର ଯାବତୀୟ କଳହର ସମାଧାନ କରି ନେଇଥାନ୍ତି ।

ତୁମର ମୃତ୍ୟୁ ହୁଏତ ପରମୁହୂର୍ତ୍ତିଟିରେହିଁ ଆସି ପହଞ୍ଚିଯିବ, ସଙ୍ଗେ ସଙ୍ଗେ ଓ ଆପଣାଛାଏଁ ଆସି ପହଞ୍ଚିଯିବ ବୋଲି ତୁମେ ଯେତେବେଳେ ଭାବିବ, ସେତେ-ବେଳେ ତୁମଭିତରେ ଜାଗତିକ ଯାବତୀୟ ବିଷୟ ପ୍ରତି ଏକ ନିର୍ଲିପ୍ତ ଭାବ ଆସିବ । ଯାହା ପ୍ରକୃତରେ ଏହି ଭୌତିକ ଜୀବନଟି ଉପରେ ମୋଟେ ନିର୍ଭରଶୀଳ ହୋଇ ରହି ନାହିଁ ଓ ଏହି ଶରୀରଟିକୁ ଛାଡ଼ି ଚାଲିଯିବା ପରେ କେବଳ ଯେଉଁ ଗୋଟିଏ ଜିନିଷହିଁ ତୁମର ସମ୍ପଦ ହୋଇ ରହିଥିବ, ତୁମେ ତେଣିକି ନ୍ୟାୟତଃ କେବଳ ତାହାରି ବିଷୟରେହିଁ ଭାବିବ, ଅର୍ଥାତ୍, ତୁମେ କେବଳ ଶାଶ୍ୱତ ଜୀବନ ବିଷୟରେ ଭାବିବାକୁ ଆରମ୍ଭ କରିବ । ବୁଦ୍ଧ "ଦିବ୍ୟସତ୍ତା" ବୋଲି କୌଣସି ଶବ୍ଦ ବ୍ୟବହାର କରି ନ ଥିଲେ ସତ, ମାତ୍ର ଆମେ ମୂଳତଃ ତାହାକୁ ସେହି ଗୋଟିଏ କଥା ବୋଲି ଜାଣିବା ।

ପ୍ରାଚୀନ କାଳରେ ଯେଉଁ ଦୀକ୍ଷାଗ୍ରହଣର ପରମ୍ପରା ରହିଥିଲା, ସେଥିରେ, ଠିକ୍ ପରବର୍ତ୍ତୀ ମୁହୂର୍ତ୍ତିଟିରେ ମଧ୍ୟ ଯେ ହୁଏତ ମୋ'ର ମୃତ୍ୟୁ ହୋଇ ଯାଇପାରେ, ଏପରି ଚିନ୍ତା କରିବାର ଶୃଙ୍ଖଳାଟିକୁ ଏକ ନିର୍ଦ୍ଦିଷ୍ଟ ଅବଧି ସକାଶେ ମାନି ଚାଲିବାକୁ ହେଉଥିଲା; କାହିଁକି ମାନିବାକୁ ହେଉଥିଲା, ମୁଁ ଅଳ୍ପସମୟ ଆଗରୁ ତୁମମାନଙ୍କୁ ସେକଥା କହିଛି । ମୃତ୍ୟୁ ପ୍ରତି ରହିଥିବା ଆମର ଭୟଟିକୁ ଆମେ ଯେପରି ଜୟ କରିପାରିବା ଏବଂ ମୃତ୍ୟୁ ଯେ ଦିନେ ନା ଦିନେ ଆସି ପହଞ୍ଚିବ, ସେହି ଘଟଣାଟି ସହିତ ନିଜକୁ ଅଭ୍ୟସ୍ତ କରିନେବା ଲାଗି ମଧ୍ୟ ସେହି ଶୃଙ୍ଖଳାଟିକୁ ମାନିବାକୁ ପଡ଼ୁଥିଲା । ସେହି ଯୁଗରେ ଏବଂ ବୁଦ୍ଧଦେବ ଯେତେବେଳେ ଧମ୍ମପଦର ପ୍ରବଚନ କରିଥିଲେ, ସେହି ଯୁଗରେ ମଧ୍ୟ ଏହି ପୃଥିବୀରେହିଁ ଏକ ଅମୃତତ୍ୱ ଲାଭ କରିବାର ସମ୍ଭାବନା ବିଷୟରେ କେବେ କିଛି ଉଲ୍ଲେଖ କରାଯାଉ ନ ଥିଲା, କାରଣ ସେହିପରି ଏକ ସମ୍ଭାବନା ବହୁଦୂର ଏପରି ଏକ ଭବିଷ୍ୟତର ଗର୍ଭରେ ଲୁକ୍କାୟିତ ହୋଇ ରହିଥିଲା ଯେ ସେବିଷୟରେ କୌଣସି ଚର୍ଚ୍ଚା କରିବାକୁ ମଧ୍ୟ କେହି ଉପଯୋଗୀ ବୋଲି ଅନୁଭବ କରୁ ନ ଥିଲେ ।

ଏହି ସମ୍ଭାବନାଟି ବର୍ତ୍ତମାନ ଅନେକ ନିକଟବର୍ତ୍ତୀ ହୋଇ ଆସିଛି ଏବଂ ଆମକୁ ସେଥିଲାଗି ଆବଶ୍ୟକ ପ୍ରସ୍ତୁତିମାନ କରିବାକୁ ହେବ, ଶ୍ରୀଅରବିନ୍ଦ ଆଜି ଆମକୁ ଏହି କଥାଟି କହୁଛନ୍ତି । ମାତ୍ର ସେଥିଲାଗି ନିଜକୁ ପ୍ରସ୍ତୁତ କରିବାର ବି ସର୍ବମୂଳ ସର୍ତ୍ତ ହେଉଛି ଯେ ଆମେ ଆପଣା ଭିତରୁ ମୃତ୍ୟୁ ଲାଗି ରହିଥିବା ଆମର ସକଳ ଭୟକୁ ବିଲୁପ୍ତ କରିଦେବା ।

'oaob.nitrkl.ac.in' images reprocessed

ତୁମେମାନେ ମୃତ୍ୟୁକୁ ଭୟ କରବ ନାହିଁ, ମୃତ୍ୟୁର କାମନା ମଧ୍ଯ କରବ ନାହିଁ ।

ତୁମେମାନେ ତାହାର ଊର୍ଦ୍ଧ୍ୱରେ ରହିବ, ପୂର୍ଣ୍ଣ ଓ ଶାନ୍ତ ଅବଚଳତା ସହିତ ତାହାର ଊର୍ଦ୍ଧ୍ୱରେ ରହିବ; ମୃତ୍ୟୁକୁ ଭୟ କରବ ନାହିଁ ବା ମୃତ୍ୟୁର କାମନା ବି କରବ ନାହିଁ ।

୪ ଅକ୍ଟୋବର ୧୯୫୭

> ପ୍ରବଳ ପବନ ଆସି ଯେପରି ଦୁର୍ବଳମୂଳ ଗୋଟିଏ ଗଛକୁ ଉତ୍ପାଟିତ କରିନିଏ, ଠିକ୍ ସେହିପରି ଯେଉଁ ବ୍ୟକ୍ତି ଆପଣାକୁ ସତତ ସୁଖର ପଛରେ ଧାବମାନ କରି ରଖିହିଁ ଜୀବନଯାପନ କରୁଥାଏ, ଯେଉଁବ୍ୟକ୍ତିର ନିଜ ଇନ୍ଦ୍ରିୟ-ଗୁଡ଼ିକ ଉପରେ କୌଣସି ନିୟନ୍ତ୍ରଣ ନ ଥାଏ, ଆପଣାର ରସନା ଓ ଲାଳସାଗୁଡ଼ିକର ପ୍ରକୋପକୁ ହ୍ରାସ କରିବାର ଉପାୟ ଯାହାକୁ ଜଣା ନ ଥାଏ, ଏବଂ ଯିଏ ଆଳସ୍ୟ ଭିତରେ ବୁଡ଼ିରହି କେବଳ ଶକ୍ତିକ୍ଷୟ କରିବାରେ ଲାଗିଥାଏ, ମାର ଆସି ସେହି ବ୍ୟକ୍ତିର ସର୍ବସ୍ୱ ଅପହରଣ କରିନିଏ, ତାହାକୁ ମୂଳଚ୍ୟୁତ କରିଦେଇଯାଏ ।

ବୌଦ୍ଧ ସାହିତ୍ୟରେ ମାର ଅନର୍ଥଶକ୍ତିର ପ୍ରତିନିଧିତ୍ୱ କରେ; ଯାହାକିଛି ଆଧ୍ୟାତ୍ମିକ ଜୀବନର ବିରୋଧୀ ଏବଂ ପ୍ରତିକୂଳ, ସେହିସବୁର ପ୍ରତିନିଧିତ୍ୱ କରିଥାଏ । କେତେକ କ୍ଷେତ୍ରରେ ମାର କହିଲେ ମୃତ୍ୟୁକୁ ମଧ୍ୟ ବୁଝାଇଥାଏ;—ଏଠାରେ ଆମେ ଶାରୀରିକ ମୃତ୍ୟୁ ଅର୍ଥରେ ଏହି କଥାଟିକୁ ଯେତେ ନ ବୁଝିବା, ସତ୍ୟର ମୃତ୍ୟୁ ବା ଆଧ୍ୟାତ୍ମିକ ସତ୍ତାର ମୃତ୍ୟୁ ଅର୍ଥରେ ତାହାଠାରୁ ଅଧିକହିଁ ବୁଝିବା ।

ଏଠାରେ, ଏହାର ଅର୍ଥ ଏହିପରି ହେବ ଯେ ଯେତେବେଳେ ଜଣେ ବ୍ୟକ୍ତି ଆପଣାର ଇନ୍ଦ୍ରିୟଗୁଡ଼ିକ ଉପରେ ଓ ଆପଣାର ବାସନା ଉପରେ ଆଦୌ କୌଣସି ନିୟନ୍ତ୍ରଣ ରଖେ ନାହିଁ ଏବଂ ବାହ୍ୟ ଭୌତିକ ପରିତୃପ୍ତିଗୁଡ଼ିକୁ ସତେଅବା ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ମଣି ସେଇଥିରେହିଁ ତତ୍ପର ହୋଇ ରହିଥାଏ, ସେତେବେଳେ, ପ୍ରତିକୂଳ ଶକ୍ତିମାନଙ୍କର ଆକ୍ରମଣର ପ୍ରତିରୋଧ କରିବା ଲାଗି ଯେଉଁ ଇଚ୍ଛାଶକ୍ତିଟି ଆବଶ୍ୟକ, ତା'ପାଖରେ ସେହି ଇଚ୍ଛାଶକ୍ତି ମଧ୍ୟ ଉପସ୍ଥିତ ନ ଥାଏ; ଯାହାକିଛି ଆମକୁ ତଳଆଡ଼କୁ ଟାଣି ନେଇଯାଏ ଏବଂ ଆଧ୍ୟାତ୍ମିକ

'oaob.nitrkl.ac.in' images reprocessed

ସତ୍ୟଟିଠାରୁ ଭ୍ରଷ୍ଟ କରିନିଏ, ସେଗୁଡ଼ିକର ପ୍ରତିରୋଧ କରିବା ଲାଗି ତା'ର ଆଉ କୌଣସି ଇଚ୍ଛାଶକ୍ତି ନ ଥାଏ ।

"ଏଠାରେ ଧମ୍ମପଦରେ ନୈତିକ ଦୃଷ୍ଟିକୋଣଟି ଉପରେ ଆଦୌ ସେତେ ବେଶୀ ମହତ୍ତ୍ୱ ଦେଇ ଏକଥାଟି କୁହାଯାଇ ନାହିଁ । ଲୋକମାନଙ୍କ ଭିତରେ ନ୍ୟାୟ ବିଷୟରେ ସାଧାରଣତଃ ଯେଉଁ ଅନ୍ଧ ଧାରଣାଟି ରହିଥାଏ ଏବଂ ଭଲ ଓ ମନ୍ଦ ବିଷୟରେ ଯେଉଁ ଖିଆଲ ଅନୁମାନସବୁ ଥାଏ, ସେହି ଦୃଷ୍ଟିରୁ ଲୋକମାନେ ଏହି କଥାଟିକୁ ଯେପରି ବୁଝିଥାନ୍ତି, ଧମ୍ମପଦ ସେହି ଦିଗଟି ଉପରେ ସେତେବେଶୀ ମହତ୍ତ୍ୱ ଦେଇ ଏହି କଥାଟିକୁ ଆଦୌ କହି ନାହିଁ । ଆଧ୍ୟାତ୍ମିକ ଦୃଷ୍ଟିରୁ ଆମେ ଯଥାର୍ଥରେ ତାହାକୁହିଁ ମନ୍ଦ ବୋଲି କହିବା, ଯାହାକିଛି ଆମକୁ ଲକ୍ଷ୍ୟଠାରୁ ଦୂରକୁ ନେଇ ଯାଉଥାଏ, ଯାହାକି ଅନେକ ସମୟରେ ଆମକୁ ଆମ ଜୀବନର ଗଭୀରତମ ଉଦ୍ଦେଶ୍ୟଟିଠାରୁ ମଧ୍ୟ ଆମକୁ ଛିନ୍ନ କରି ନେଇଯାଏ, ଆମ ସତ୍ତାର ଅସଲ ସତ୍ୟଟିଠାରୁ ଆମକୁ ଛିନ୍ନ କରିନିଏ ଏବଂ ଆମକୁ ସେହି ସତ୍ୟଟିର ଉପଲବ୍ଧି କରିବାରେ ଅସମର୍ଥ କରି ରଖେ ।

ଆମେ କଥାଟିକୁ ସେହି ଅର୍ଥରେହିଁ ବୁଝିବା ।

୧୧ ଅକ୍ଟୋବର ୧୯୬୭

> ଦୃଢ ହୋଇ ପ୍ରତିଷ୍ଠିତ ରହିଥିବା କୌଣସି ପର୍ବତର ପ୍ରବଳ ପବନ କିଛି କରିପାରେ ନାହିଁ । ଠିକ୍ ସେହିପରି ଯେଉଁ ବ୍ୟକ୍ତି ବାହ୍ୟ ସୁଖର ଅନୁଧାବନ କରି କଦାପି ଜୀବନ ବଞ୍ଚୁ ନ ଥାଏ, ଯିଏ ଆପଣାର ଲାଳସାଗୁଡ଼ିକୁ ସଂଯତ ରଖି ଜାଣିଥାଏ, ନିଜ ଇନ୍ଦ୍ରିୟଗୁଡ଼ିକ ଯାହାର ଉତ୍ତମ ନିୟନ୍ତ୍ରଣରେ ରହିଥାନ୍ତି, ଯାହା ଭିତରେ ଅଟଳ ବିଶ୍ୱାସ ରହିଥାଏ ଏବଂ ଯିଏ ଆପଣା ଶକ୍ତିର ଅପଚୟ କରେ ନାହିଁ, ତା'ଉପରେ ମାର ଆଦୌ କୌଣସି ଶାସନ ଚଳାଇପାରେ ନାହିଁ ।

ଏଠାରେ ଧମ୍ମପଦରେ ବିଶ୍ୱାସ ଶବ୍ଦଟିକୁ ଯେଉଁ ଅର୍ଥରେ ବ୍ୟବହାର କରାଯାଇଛି, ତଦ୍ୱାରା ତାହା କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସୂତ୍ର, ସମ୍ପ୍ରଦାୟ ଅଥବା ଧର୍ମମତରେ ବିଶ୍ୱାସ କରିବାକୁ ବୁଝାଉ ନାହିଁ; ଏପରିକି ବିଶ୍ୱାସ କହିଲେ ଏଠାରେ ନିଜ ଗୁରୁଙ୍କର ଶିକ୍ଷାଗୁଡ଼ିକ ଉପରେ ରହିଥିବା ବିଶ୍ୱାସକୁ ବୁଝାଉ ନାହିଁ । ତାହା ନିଜ ଭିତରେ ରହିଥିବା ସମ୍ଭାବନାଗୁଡ଼ିକ ଉପରେ ବିଶ୍ୱାସ ରଖିବାକୁହିଁ ବୁଝାଉଛି;

'oaob.nitrkl.ac.in' images reprocessed

ବାଧା ଓ ପ୍ରତିବନ୍ଧକ ଯାହା ଆସୁ ପଛକେ, ଆମଠାରେ ଯାହାକିଛି ଅପୂର୍ଣ୍ଣତା ରହିଥାଉ ପଛକେ ଓ ଏପରିକି ସତ୍ତା ଭିତରେ ନାସ୍ତିଧର୍ମୀ ଯାହାକିଛି ଉପାଦାନ ରହିଥାଉ ପଛକେ, ଆମେ ଯେ ଆମ ପରିପୂର୍ଣ୍ଣତାର ଉପଲବ୍ଧି କରିବା ଲାଗିହିଁ ଜନ୍ମ ହୋଇଛୁ ଏବଂ ସେହି ଉପଲବ୍ଧିଟି ଯେ ଆମ ପକ୍ଷରେ ଅବଶ୍ୟ ସମ୍ଭବ ହେବ, ଏଠାରେ ବିଶ୍ୱାସ କହିଲେ ସେହି ସୁନିଶ୍ଚିତତାକୁ ବୁଝାଉଛି ।

ଆମର ଇଚ୍ଛାଶକ୍ତିରେ ଆଦୌ କୌଣସି କୁଣ୍ଠା ନ ଥିବ, ଆମର ଉଦ୍ୟମ ଅନିରନ୍ତ ଭାବରେ ଲାଗି ରହିଥିବ ଏବଂ ଆମ ବିଶ୍ୱାସ କୌଣସି ପ୍ରକାରେ ବିଚଳିତ ହୋଇପଡ଼ୁ ନ ଥିବ । ତେବେ, ଆମ ଲାଗି ଯାହାକିଛି ଉପଲବ୍ଧି କରିବାକୁ ରହିଛି ତାହାକୁ ଉପଲବ୍ଧି କରିବା ପାଇଁ ଆମକୁ ଆଉ କଦାପି ବର୍ଷ ବର୍ଷ ସମୟ ଲାଗିଯିବ ନାହିଁ; ଆମେ ତାହାକୁ ଅଳ୍ପ କେତୋଟି ମାସରେହିଁ ଉପଲବ୍ଧି କରିପାରିବା, ଏପରିକି, କେତେକ କ୍ଷେତ୍ରରେ ମାତ୍ର କେତୋଟି ଦିନରେ ଏବଂ ଯଦି ଯଥେଷ୍ଟ ପରିମାଣରେ ପ୍ରଗାଢ଼ତା ରହିଥାଏ, ମାତ୍ର କେତେକ ଘଣ୍ଟାରେ ମଧ୍ୟ ତାହାର ଉପଲବ୍ଧି କରିପାରିବା । ତାହାର ଅର୍ଥ ହେଉଛି ଯେ, ତୁମେ ନିଜ ଭିତରେ ଅବିଚଳିତ ଭାବରେ ଗୋଟିଏ ସ୍ଥାନରେ ଠିଆ ହୋଇ ରହିଥିବ ଏବଂ ତୁମର ଉପଲବ୍ଧିଟି ଉପରେ ଆକ୍ରମଣ କରିବାକୁ ଆସୁଥିବା କୌଣସି ମନ୍ଦ ଇଚ୍ଛାର ତୁମ ଉପରେ ପ୍ରକୃତରେ ଆଉ କୌଣସି ବଳ ରହିବ ନାହିଁ । ପ୍ରବଳ ପବନର ପର୍ବତ ଉପରେ ଯେପରି କୌଣସି ବଳ ନ ଥାଏ, ଠିକ୍ ସେହିପରି ।

ତା'ପରେ ତୁମ ବାଟରେ ଆଉ କୌଣସି ବାଧା ନ ଥିବ, ତା'ପରେ ତୁମର ବାଟଚାଲିବା ଅସାଧାରଣ ଭାବରେ ଆଗ୍ରହସନ୍ଦୀପିତ ହେବାକୁ ଆରମ୍ଭ କରିବ ।

୧୮ ଅକ୍ଟୋବର ୧୯୫୭

> ଭିତରେ ଅଶୁଦ୍ଧ ହୋଇ ରହିଥିବ ଓ ଉପରେ ଗୈରିକ ବସ୍ତ୍ର ପିନ୍ଧିବ । ତେଣେ ଆତ୍ମସଂଯମ ବୋଲି କିଛି ନ ଥିବ, କୌଣସିଠାରେ ଅନୁଗତ୍ୟ ନ ଥିବ । ଏପରି ବ୍ୟକ୍ତିକୁ ଭିକ୍ଷୁର ଗୈରିକ ବସ୍ତ୍ର ପରିଧାନ କରିବା ଲାଗି ପ୍ରକୃତରେ ଅଯୋଗ୍ୟ ବୋଲିହିଁ କୁହାଯିବ ।

ଆକ୍ଷରିକ ଅର୍ଥରେ ବୌଦ୍ଧ ଭିକ୍ଷୁମାନଙ୍କର ବସ୍ତ୍ରକୁହିଁ ଗୈରିକ ବସ୍ତ୍ର ବୋଲି କୁହାଯାଉଥିଲା । ଏବଂ ତା'ପରେ ତାହା ସନ୍ନ୍ୟାସମାର୍ଗର ସମସ୍ତଙ୍କ ଲାଗିହିଁ ପରିଧାନ ରୂପେ ବ୍ୟବହୃତ ହେଲା । ମାତ୍ର ଏଠାରେ ଧମ୍ମପଦ ପ୍ରକୃତରେ କେବଳ କୌଣସି ବସ୍ତ୍ର-ପରିଧାନ ବିଷୟରେ କିଛି କହୁ ନାହିଁ । କାରଣ, ଏପରି

'oaob.nitrkl.ac.in' images reprocessed

ଲୋକମାନଙ୍କର ଆଦୌ କୌଣସି ଅଭାବ ନାହିଁ, ଯେଉଁମାନେ କି ଗୈରିକ ବସ୍ତ୍ର ପରିଧାନ କରନ୍ତି, ମାତ୍ର ତଥାପି କଦାପି କଳଙ୍କଶୂନ୍ୟ ହୋଇ ନ ଥାନ୍ତି, ତଥାପି ଅପବିତ୍ର ହୋଇ ରହିଥାନ୍ତି । ଗୈରିକ ବସ୍ତ୍ରକୁ ଆଧ୍ୟାତ୍ମିକ ଜୀବନ ଲାଗି ନିଜକୁ ସମର୍ପଣ କରିଥିବାର ଏକ ପ୍ରତୀକରୂପେ ବ୍ୟବହାର କରାଯାଇଥାଏ; ଯାହାକିଛିକୁ ଆଧ୍ୟାତ୍ମିକ ଜୀବନଟି ଉପରେ ଐକାନ୍ତିକ ଭାବରେ ଅଭିନିବିଷ୍ଟ ହୋଇ ରହିବା ବୋଲି କୁହାଯାଇ ପାରିବ ନାହିଁ; ସେହି ସବୁକିଛିକୁ ତ୍ୟାଗ କରିଥିବାର ବାହ୍ୟ ସଙ୍କେତ ରୂପେ ସେହି ବସ୍ତ୍ରକୁ ବ୍ୟବହାର କରାଯାଇଥାଏ ।

"ଅଶୁଦ୍ଧତା" କହିଲେ ବୌଦ୍ଧଧର୍ମରେ ଯାହାସବୁକୁ ବୁଝାଏ, ତାହା ହେଉଛି ପ୍ରଧାନତଃ ଅହଂବାଦ ଏବଂ ଅଜ୍ଞାନ; କାରଣ, ବୌଦ୍ଧଧର୍ମର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଅଜ୍ଞାନ ହେଉଛି ସବୁଠାରୁ ବଡ଼ କଳଙ୍କ । ଏଠାରେ ଅଜ୍ଞାନର ଅର୍ଥ ବାହ୍ୟ ବସ୍ତୁଗୁଡ଼ିକର ଅଜ୍ଞାନ ନୁହେଁ, ପ୍ରକୃତିର ବିଧାନଗୁଡ଼ିକ ବିଷୟରେ ଅଜ୍ଞାନ ନୁହେଁ, ଏପରିକି ତୁମେ ସ୍କୁଲରେ ଯେଉଁ କଥାଗୁଡ଼ିକୁ ଶିକ୍ଷା କର, ସେ ବିଷୟରେ ମଧ୍ୟ ଅଜ୍ଞାନ ନୁହେଁ । ଏହି ଅଜ୍ଞାନ ହେଉଛି ବସ୍ତୁଗୁଡ଼ିକର ଗଭୀରତମ ସତ୍ୟଟି ବିଷୟରେ ଅଜ୍ଞାନ, ଜୀବନର ଅସଲ ବିଧାନ ଅର୍ଥାତ୍ ଅସଲ ଧର୍ମଟି ବିଷୟରେ ଅଜ୍ଞାନ ।

ଉଲ୍ଲେଖ କରି ରଖିବା ଉଚିତ ଯେ ଏଠାରେ ଯେଉଁ ଦୁଇଟି ଅଭାବ ଉପରେ ବିଶେଷ ଜୋର୍ ଦିଆଯାଇଛି, ତାହା ହେଉଛି ଆତ୍ମସଂଯମର ଅଭାବ ଏବଂ ଆନୁଗତ୍ୟର ଅଭାବ । ଆନୁଗତ୍ୟର ଅର୍ଥ ନିଷ୍ଠା, ଆନ୍ତରିକତା; ଧମ୍ମପଦ କପଟତାକୁହିଁ ସବୁଠାରୁ ଅଧିକ କଠୋର ଭାବରେ ନିନ୍ଦା କରିଛି । ତୁମେ ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ଇଚ୍ଛା କରୁଛ ବୋଲି ଛଳନା କରିବାରେ ଲାଗିଥିବ ମାତ୍ର ପ୍ରକୃତରେ ତାହା କରୁ ନ ଥିବ; ତୁମେ ସତ୍ୟର ସନ୍ଧାନ କରିବାକୁ ଇଚ୍ଛା କରୁଛ ବୋଲି ଛଳନା କରୁଥିବ, ମାତ୍ର ତାହା ପ୍ରକୃତରେ କରୁ ନ ଥିବ; ଦିବ୍ୟ ଜୀବନ ଲାଗି ତୁମେ ନିଜକୁ ଯେ ଉତ୍ସର୍ଗ କରିଦେଇଛ, ତାହାର ବାହ୍ୟ ସଙ୍କେତଗୁଡ଼ାକର ପ୍ରଦର୍ଶନ କରିବାରେ ଲାଗିଥିବ, — ଏଠାରେ ଗୈରିକବସ୍ତ୍ରର ପ୍ରତୀକଟି ଦ୍ୱାରା ତାହାକୁ ସୂଚାଇ ଦିଆଯାଇଛି,—ମାତ୍ର ତେବେ ଆପଣା ଭିତରେ ଆପଣାକୁହିଁ କେନ୍ଦ୍ର କରି ଆପଣାକୁ କାମୁଡ଼ି ପଡ଼ି ରହିଥିବ, ଆପଣାର ସ୍ୱାର୍ଥ ଏବଂ ଆପଣାର ପ୍ରୟୋଜନଗୁଡ଼ିକୁହିଁ ତୁମେ ଜାବୁଡ଼ି ଧରିଥିବ;—ଧମ୍ମପଦ ଏହି କପଟତାଟିରହିଁ ସବୁଠାରୁ ଅଧିକ ନିନ୍ଦା କରିଛି ।

ଆତ୍ମସଂଯମ ଉପରେ ଧମ୍ମପଦ ଯେ ଏତେ ଗୁରୁତ୍ୱ ଦେଇ କହିଛି, ସେକଥାଟିକୁ ମଧ୍ୟ ଆମେ ବେଶ୍ ଆଗ୍ରହର ସହିତ ସ୍ମରଣ ରଖିବା, କାରଣ ବୌଦ୍ଧଧର୍ମର ଶିକ୍ଷାରେ ଯାବତୀୟ ବସ୍ତୁର କ୍ଷେତ୍ରରେ ଅତିରିକ୍ତତାର ସର୍ବଦା ନିନ୍ଦା

'oaob.nitrkl.ac.in' images reprocessed

କରାଯାଇଛି । ବୁଦ୍ଧ ସର୍ବଦା ମଧ୍ୟମ-ମାର୍ଗଟି ଉପରେହିଁ ଜୋର୍ ଦେଉଥିଲେ । ଆମେ କଦାପି ଅତିରକ୍ତ ଭାବରେ ଏପାଖଟାରେ ରହିବା ନାହିଁ କିଂବା ଅତିରକ୍ତ ଭାବରେ ସେପାଖକୁ ବି ଚାଲିଯିବା ନାହିଁ, ଏଇଟା ବା ସେଇଟା ଉପରେ କେବେହେଲେ କୌଣସି ଅତିରଞ୍ଜିତ ମହତ୍ତ୍ୱ ଆରୋପ କରିବା ନାହିଁ । ସବୁ ବସ୍ତୁର କ୍ଷେତ୍ରରେ ଆମ ଜୀବନରେ ପରିମିତତା ରହିଥିବ, ଭାରସାମ୍ୟ ରହିଥିବ, ନିଷ୍ପତ୍ତିଗୁଣର ଭାରସାମ୍ୟ ରହିଥିବ ।

ତେଣୁ ଯେଉଁ ଗୁଣଗୁଡ଼ିକ ଆଧ୍ୟାତ୍ମିକ ଜୀବନଯାପନ ଦିଗରେ ତୁମକୁ ଉପଯୁକ୍ତ କରାଇ ଆଣନ୍ତି, ସେଗୁଡ଼ିକର କ୍ଷେତ୍ରରେ ଏକ ଅନ୍ତର୍ଗତ ଭାରସାମ୍ୟ ରହିଥିବା ଉଚିତ, ତୁମର କର୍ମରେ ଏକ ଭାରସାମ୍ୟ ରହିଥିବା ଉଚିତ । କୌଣସି କଥାରେ ବି ଅତିରକ୍ତତା ରହିବା ଉଚିତ ନୁହେଁ, ଆନ୍ତରିକତା ରହିଥିବା ଉଚିତ, ସାଧୁତା ଏବଂ ଆନୁଗତ୍ୟ ରହିଥିବା ଉଚିତ ।

ଭାରସାମ୍ୟ, ସନ୍ତୁଳନ, ଆନୁଗତ୍ୟ, ସାଧୁତା : ଏହାହିଁ ଆମ ଧ୍ୟାନର ବିଷୟ ହେବ ।

୮ ନଭେମ୍ବର ୧୯୫୭

> ମାତ୍ର ଯିଏ କରିବାର ସକଳ ଅଶୁଦ୍ଧତାକୁ ତ୍ୟାଗ କରିପାରିଛି, ନୈତିକତାର ନିର୍ଦ୍ଦେଶଗୁଡ଼ିକ ବିଷୟରେ ଯିଏ ଏକନିଷ୍ଠ ହୋଇରହିଛି, ଆପଣାର ଲାଳସା-ଗୁଡ଼ିକରେ ଯିଏ ସଂଯମ ରଖିପାରିଛି ଏବଂ ଯାହାର ଆନୁଗତ୍ୟ ଅଛି, ସିଏହିଁ ଯଥାର୍ଥରେ ଗୈରିକବସ୍ତ୍ର ପରିଧାନ କରିବାର ଉପଯୁକ୍ତ ।

ତୁମେମାନେ ଏଇଟିକୁ ଗୋଟିଏ ନୈତିକ ସୂତ୍ରରୂପେ ଗ୍ରହଣ କର ବୋଲି ମୁଁ ଆଦୌ ଇଚ୍ଛା କରୁ ନାହିଁ । ଏହି କଥାଟିର ନିଶ୍ଚୟ ଏକ ଗଭୀରତର ଏବଂ ଯଥାର୍ଥତର ମର୍ମାର୍ଥ ରହିଛି, କାରଣ ଯଥାର୍ଥରେ ଆଧ୍ୟାତ୍ମିକ ଯାବତୀୟ ଶିକ୍ଷାରେ, ନୈତିକତା କହିଲେ ମାନସିକ ଅବଧାରଣାର କ୍ଷେତ୍ରରେ ଯାହା ବୁଝାଇଥାଏ, ତାହାର ପ୍ରକୃତରେ ଆଦୌ କୌଣସି ସ୍ଥାନ ନାହିଁ ।

"ଶୁଦ୍ଧତା" ବେଳକୁ ମଧ୍ୟ ଠିକ୍ ସେଇଆ । ନୈତିକ ଦୃଷ୍ଟିରୁ ଆମେ ଶୁଦ୍ଧତା କହିଲେ ଯାହା ବୁଝିଥାଉ, ଯଥାର୍ଥରେ ଏକ ଆଧ୍ୟାତ୍ମିକ ଶିକ୍ଷାରେ ଶୁଦ୍ଧତା କହିଲେ ଯେଉଁସବୁ କଥାକୁ ବୁଝାଇଥାଏ, ସେଥିରେ ଏହାର ପ୍ରକୃତରେ କିଛିହେଲେ ନ ଥାଏ । ବିଶେଷ କରି, ବୌଦ୍ଧଧର୍ମର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ,

'oaob.nitrkl.ac.in' images reprocessed

ଶୁଦ୍ଧତା ହେଉଛି ଅଜ୍ଞାନର ଅନୁପସ୍ଥିତି । ଏହି ବିଷୟରେ ମୁଁ ଗତଥର ମନ୍ତ୍ରୀମାନଙ୍କୁ କହିଥିଲି । ଏବଂ ଅଜ୍ଞାନର ପ୍ରକୃତ ଅର୍ଥ ହେଲା ଅନ୍ତର୍ଗତ ବିଧାନଟିକୁ ଉପେକ୍ଷା କରିବା, ସତ୍ତାର ସତ୍ୟଟିକୁ ଉପେକ୍ଷା କରିବାରେ ଲାଗିଥିବା । ଏବଂ ଆନୁଗତ୍ୟର ଅର୍ଥ ହେଉଛି ଯେ ଆମେ କୌଣସି ଭ୍ରମକୁ ଆଦୌ ସତ୍ୟ ବୋଲି ଗ୍ରହଣ କରିବା ନାହିଁ; କ୍ଷଣକ୍ଷଣକେ ବଦଳି ଯାଉଥିବା ଓ କ୍ଷଣକ୍ଷଣକେ ପଳାଇ ଯାଉଥିବା ପ୍ରତିଭାସଗୁଡ଼ାକୁ କଦାପି ସତ୍ତାର ଅନ୍ତର୍ଗତ ଓ ଯଥାର୍ଥ ସ୍ଥାୟୀପରିଚୟ ବୋଲି ଭ୍ରମ କରିବା ନାହିଁ ।

ତେଣୁ, ଆମେ ଏପରି କହିପାରିବା ଯେ, ଯେଉଁମାନେ ଆଧ୍ୟାତ୍ମିକ ଜୀବନର ସାଧନା କରିବାକୁ ଇଚ୍ଛା କରିବେ, ଆତ୍ମସଂଯମ, ଆତ୍ମ-ସ୍ୱାମିତ୍ୱ, ପରିମିତତା, ବାସନା-ମୁକ୍ତତା, ସତ୍ତାଗତ ଅନ୍ତର୍ଗତ ସତ୍ୟ ତଥା ତା'ର ଆତ୍ମ-ଅଭିବ୍ୟକ୍ତିର ବିଧାନଟିର ସତତ ଅନୁସନ୍ଧାନ, -- ଏହିସବୁହିଁ ପ୍ରଯୋଜନତଃ ସେମାନଙ୍କର ଉଦ୍ୟମ ହୋଇ ରହିବା ଉଚିତ ।

ତେଣୁ ନିଜ ପାଖରେ ବିଶ୍ୱସ୍ତ ହୋଇ ରହିବା, ନିଜ ଲକ୍ଷ୍ୟଟିର ଅନୁଗତ ହୋଇ ରହିବା, ବିଶୃଙ୍ଖଳାକାରୀ କୌଣସି ଆବେଗରେ ଭାସି ଚାଲି ନ ଯିବା, ସତତ ପରିବର୍ତ୍ତନଶୀଳ ପ୍ରତିଭାସଗୁଡ଼ାକୁ ଅସଲ ସତ୍ୟ ବୋଲି ଭ୍ରମ ନ କରିବା,— ଆଧ୍ୟାତ୍ମିକତାର ମାର୍ଗରେ ଅଗ୍ରଗତି କରିପାରିବାକୁ ହେଲେ ଆମକୁ ଏହିସବୁ ଗୁଣକୁ ଅର୍ଜନ କରିବାକୁହିଁ ପଡ଼ିବ ।

୧୫ ନଭେମ୍ବର ୧୯୫୭

> ଯେଉଁମାନେ ମିଥ୍ୟାକୁ ସତ୍ୟ ଓ ସତ୍ୟକୁ ମିଥ୍ୟା ବୋଲି ଭ୍ରମ କରିବାରେ ଲାଗିଥାନ୍ତି, ସେମାନେ କେବେହେଲେ ସର୍ବୋଚ୍ଚ ଲକ୍ଷ୍ୟଟିରେ ଯାଇ ପହଞ୍ଚିପାରିବେ ନାହିଁ, କାରଣ, ବୃଥା ବାସନା ଏବଂ ମିଥ୍ୟା ଧାରଣାଗୁଡ଼ିକ ଦ୍ୱାରା ସେମାନେ ପଥଭ୍ରଷ୍ଟ ହୋଇଯିବାରେହିଁ ଲାଗିଥିବେ ।

ଏଇଟି ସହିତ ଆମେ ଟିପପଣୀ ଭାବରେ ହୁଏତ ଆଉ ଗୋଟିଏ କଥା ଯୋଡ଼ିଦେଇ ପାରିବା; କାରଣ, ଯଦି ଆମେ ମିଥ୍ୟାକୁ ସତ୍ୟ ଏବଂ ସତ୍ୟକୁ ମିଥ୍ୟା ବୋଲି ଗ୍ରହଣ କରିବାରେ ସନ୍ତୋଷ ଲାଭ କରୁଥିବା, ତେବେ ନ୍ୟାୟତଃ, କୌଣସି ନା କୌଣସି କାରଣରୁ ଅଥବା କୌଣସି ସାହାଯ୍ୟ ବଳରେ, ପ୍ରକୃତରେ ଯାହା ସତ୍ୟ ଓ ଯାହା ପ୍ରକୃତରେ ମିଥ୍ୟା, ତାହା ଜାଣିବାକୁ ସମର୍ଥ ହେବା ମାତ୍ରକେହିଁ

'oaob.nitrkl.ac.in' images reprocessed

ଆମେ ହୁଏତ ସତ୍ୟକୁ ଗ୍ରହଣ ଓ ମିଥ୍ୟାକୁ ବର୍ଜନ ମଧ୍ୟ କରିପାରିବା । ମାତ୍ର ଦୁର୍ଭାଗ୍ୟବଶତଃ ଆମେ ଅନେକ ସମୟରେ ଆମ ଭୁଲ୍ ବା ମିଥ୍ୟାଟିକୁହିଁ ଭଲପାଇ ବସିଥାଉ; ଯାହା ପ୍ରକୃତରେ ସତ୍ୟ, ତାହାକୁ ସତ୍ୟ ବୋଲି ଚିହ୍ନିବାରେ ଆମର ସତ୍ତା ଭିତରେ କୌଣସିଠାରେ ଏକ ଅନିଚ୍ଛୁକତା ଆମକୁ କାମୁଡ଼ି ଧରିଥାଏ ।

ମୋର ଏହିପରି ଅଭିଜ୍ଞତା ରହିଛି : ତୁମେ ଯେତେବେଳେ ପ୍ରକୃତରେ ସତ୍ୟକୁ ଜାଣିବା ଲାଗି ଇଚ୍ଛା କରୁଥାଅ, ସେତେବେଳେ ତୁମେ ପ୍ରକୃତରେ ସତ୍ୟକୁ ଜାଣିପାର । ଭୁଲ୍‌ଟିକୁ ଦେଖାଇ ଦେବାକୁ ଏବଂ ସତ୍ୟଟିକୁ ଚିହ୍ନାଇ ଦେବାକୁ ତୁମ ଭିତରେ ଏକ ବସ୍ତୁ ସର୍ବଦାହିଁ ମହଜୁଦ ରହିଥାଏ । ଏବଂ, ଯଦି ତୁମେ ଏକାଗ୍ରତା ସହିତ ଆପଣାକୁ ନିରୀକ୍ଷଣ କରି ଦେଖିପାର, ତୁମେ ଏକଥାଟି ଖୁବ ସହଜରେ ଜାଣିବାକୁ ପାଅ ଯେ ତୁମେ ସତ୍ୟଟିର ଆବିଷ୍କାର କରିବା ଲାଗି ଇଚ୍ଛା କରୁ ନ ଥାଅ ବୋଲିହିଁ ତୁମେ ମିଥ୍ୟାକୁ ଅଧିକ ସ୍ପୃହଣୀୟ ବୋଲି ଭାବୁଥାଅ ।

ଟିକିନିଖି କ୍ଷୁଦ୍ରତମ ବ୍ୟାପାରଗୁଡ଼ିକର କ୍ଷେତ୍ରରେ, — ଏଠାରେ ମୁଁ ଜୀବନର ବଡ଼ ବଡ଼ କଥାଗୁଡ଼ିକ ବିଷୟରେ କିଛି କହୁ ନାହିଁ, ଆମକୁ ଯେଉଁ ବଡ଼ ବଡ଼ ନିଷ୍ପତ୍ତିମାନ ଗ୍ରହଣ କରିବାକୁ ହୁଏ, ସେବିଷୟରେ ଆଦୌ କିଛି କହୁ ନାହିଁ,—ଆମର କ୍ଷୁଦ୍ରତମ ବ୍ୟାପାରଗୁଡ଼ିକର କ୍ଷେତ୍ରରେ ମଧ୍ୟ, ଯେତେବେଳେ ସତ୍ୟ ଲାଗି ଆମର ଅଭୀପ୍ସା ଏବଂ ଯଥାର୍ଥ ଜୀବନ ଲାଗି ଇଚ୍ଛା ଆମ ଭିତରେ ସମ୍ପୂର୍ଣ୍ଣ ନିଷ୍ଠାଯୁକ୍ତ ହୋଇ ରହିଥାଏ, ତେବେ ପ୍ରକୃତ ସଙ୍କେତଟି ସବୁବେଳେ ମିଳିଯାଏ । ଏବଂ, ଏକ ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ, ବୌଦ୍ଧ ସାଧନାମାର୍ଗର ପଦ୍ଧତିଟିକୁ ଅନୁସରଣ କରି ଯଦି ତୁମେ ଆପଣା ଭିତରେ ଆପଣା ସତ୍ତାର ସ୍ୱଗତିଟିର କାରଣଗୁଡ଼ିକର ସନ୍ଧାନ କରି ବାହାରିବ, ତେବେ ତୁମେ ସବୁବେଳେ ଏହି ଗୋଟିଏ କଥା ଜାଣିବାକୁ ପାଇବ ଯେ କେବଳ କୌଣସି ନା କୌଣସି ବାସନା ହେତୁ ତୁମେ ମିଥ୍ୟା ଭିତରେ ଏପରି ଛନ୍ଦି ହୋଇ ରହିଯାଇଛ । ତୁମ ଭିତରେ କୌଣସି ଏକ ନିର୍ଦ୍ଦିଷ୍ଟ ମାର୍ଗରେ ଅନୁଭବ କରିବାକୁ, କାର୍ଯ୍ୟ କରିବାକୁ ବା ଭାବିବାକୁ ଗୋଟିଏ ଅଭିରୁଚି ବା ବାସନା ପ୍ରକୃତରେ ରହିଛି ବୋଲି ତୁମେ ସେହି ଭୁଲ୍‌ଟିକୁ କରିବାରେ ଲାଗିଛ । କ'ଣ ପ୍ରକୃତରେ ସତ୍ୟ, ତୁମେ ସେ କଥାଟିକୁ ଜାଣି ନାହିଁ ବୋଲି ଯେ ଏପରି ହେଉଛି, ସେକଥା ଆଦୌ ନୁହେଁ । ତୁମେ ନିର୍ଭୁଲ ଭାବରେ ସେହି କଥାଟିକୁ ଜାଣିପାରୁ ନାହଁ କାରଣ ତୁମେ ଏକ ଅସ୍ପଷ୍ଟ, ସାଧାରଣ ଏବଂ ଅନିର୍ଦ୍ଦିଷ୍ଟ ଭାବରେହିଁ "ମୁଁ ସତ୍ୟକୁ ଚାହୁଁଛି" ବୋଲି କହିବାରେ ଲାଗିଛ । ମାତ୍ର, ଯଦି ତୁମେ ନିଜର କୌଣସି ବିଶେଷ କଥା ଉପରେ, ସାନ ସାନ ପ୍ରତ୍ୟେକଟି କଥା ଉପରେ ବିଚାର କରିବ ଏବଂ ସେଇଟି ଉପରେ ହାତ ରଖି ସେଇଟିକୁ ଦେଖିବାକୁ

'oaob.nitrkl.ac.in' images reprocessed

ଚେଷ୍ଟା କରିବ, ତେବେ ତୁମେ ନିଶ୍ଚୟ ଏକଥାଟି ଆବିଷ୍କାର କରିପାରିବ ଯେ ତୁମେ ପ୍ରକୃତରେ ନିଜ ଆଖିକୁ ବନ୍ଦ କରି ରଖିଛ ଓ କିଛୁ ଦେଖିବ ନାହିଁ ବୋଲି ନିଷ୍ପତ୍ତି କରିଛ । ତୁମେ ଭାରି ଅନିଶ୍ଚିତ ଓ ଭାରି ଅସ୍ପଷ୍ଟ ଗୋଟାଏ କିଛୁକୁ ଆପଣା ଆଗରେ ଲଟକାଇ ରହିଛ; ତାହାର ପଛକୁ ପ୍ରକୃତରେ କ'ଣ ଅଛି, ସେଇଟିକୁ ଦେଖିବ ନାହିଁ ବୋଲି ତୁମେ ସେଇଟିକୁ ସେପରି ଲଟକାଇ ରଖିଛ ।

ତୁମ ଭିତରେ ଯେତେବେଳେ ନିଷ୍ଠା ଓ ଆନ୍ତରିକତା ରହିଥିବ, ସେତେବେଳେ ତୁମେ ନିଶ୍ଚୟ ଦେଖିବାକୁ ପାଇବ ଯେ ତୁମକୁ ଯଥାର୍ଥ ଉତ୍ତରଟିକୁ ଆଣିଦେଇଯିବାକୁ ଅସଲ ସହାୟତା, ଅସଲ ମାର୍ଗଦର୍ଶନ ଏବଂ ଅସଲ କରୁଣାଟି ମହଜୁଦ ହୋଇ ରହିଛି । ଏବଂ ତା'ପରେ ତୁମେ କଦାପି ଦୀର୍ଘକାଳ ଲାଗି ଭୁଲ୍ ଭିତରେ ପଡ଼ି ରହିବ ନାହିଁ ।

ଅଗ୍ରଗତି ଲାଗି ଅଭୀପ୍ସାର କ୍ଷେତ୍ରରେ ଏହି ନିଷ୍ଠା, ସତ୍ୟକୁ ଲୋଡ଼ିବାରେ ଏହି ଆନ୍ତରିକତା ଓ ଯଥାର୍ଥରେ ଶୁଦ୍ଧ ହୋଇପାରିବାର ପ୍ରୟୋଜନରେ ଏହି ଅନ୍ତର୍ଗତ ଆସ୍ଥା,—ଏଠାରେ, ଆଧ୍ୟାତ୍ମିକ ଜୀବନର କ୍ଷେତ୍ରରେ 'ଶୁଦ୍ଧ' କହିଲେ ଯାହା ବୁଝାଏ, ଶବ୍ଦଟିକୁ ସେହି ଅର୍ଥରେହିଁ ବ୍ୟବହାର କରାଯାଇଛି,—ଏହି ଆନ୍ତରିକତା ଓ ନିଷ୍ଠା ହେଉଛି ଯାବତୀୟ ଅଗ୍ରଗତିର ପ୍ରକୃତ ଚାବିକାଠି । ଏବଂ, ଏଇ ଆନ୍ତରିକତା ରହିଥିଲେ ତୁମେ ନିଶ୍ଚୟ ଜାଣିବ, ତୁମେ ନିଶ୍ଚୟ ପାରିବ ।

ସର୍ବଦା ଏହି ସତ୍ତା ଭିତରେ କୌଣସିଠାରେ ଏପରି କିଛି ରହିଥାଏ ଯାହାକି ଆପଣାକୁ ପ୍ରତାରିତ କରି ରଖିବା ଲାଗି ଅଧିକ ପସନ୍ଦ କରେ । ତା' ନ ହେଲେ, ଯଥାର୍ଥ ଆଲୋକଟି ଅବଶ୍ୟ ରହିଥାଏ, ବାଟ ଦେଖାଇବା ଲାଗି ସଦାପ୍ରସ୍ତୁତ ହୋଇ ରହିଥାଏ; ମାତ୍ର, ସେଇଟିକୁ ଦେଖିବ ନାହିଁ ବୋଲି ତୁମେ ନିଜେ ଆଖିକୁ ବନ୍ଦ କରି ବସିଥାଅ ।

୨୨ ନଭେମ୍ବର ୧୯୫୭

> ଯେଉଁମାନେ ସତ୍ୟକୁ ସତ୍ୟ ଓ ମିଥ୍ୟାକୁ ମିଥ୍ୟା ବୋଲି ଜାଣନ୍ତି, ସେହିମାନେହିଁ ସର୍ବୋଚ୍ଚ ଲକ୍ଷ୍ୟକୁ ଲାଭ କରନ୍ତି; କାରଣ ସେମାନେ କେବଳ ଯଥାର୍ଥ ବାସନାଗୁଡ଼ିକର ଅନୁଧାବନ କରନ୍ତି, ଯଥାର୍ଥ ମତଗୁଡ଼ିକୁ ପୋଷଣ କରୁଥାନ୍ତି ।

ଯାହା ଠିକ୍, ତାହାକୁ, ଯାହା ଭୁଲ୍, ତା'ଠାରୁ ଅଲଗା କରି ଜାଣିପାରିବା ଯେ ଆଦୌ ଯଥେଷ୍ଟ ନୁହେଁ, ଆମେ ସେହି କଥାଟିକୁ ଗତଥର ଦେଖିଥିଲୁ । ହଠାତ୍ ଦୃଷ୍ଟିପାତ କରିବାମାତ୍ରକେ ହୁଏତ ଏଇଟି ସବୁଠାରୁ କଠିନ ବିଷୟଟି ପରି

'oaob.nitrkl.ac.in' images reprocessed

ବୋଧ ହେଉଥାଏ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯଦି ଏହି କଥାଟିକୁ ପ୍ରତ୍ୟେକ ଲୋକକୁ କେବଳ ନିଜ ଚେଷ୍ଟା ଦ୍ୱାରା ଜାଣିବାକୁ ପଡ଼ୁଥାନ୍ତା, ତେବେ ସେଥିଲାଗି ନିଶ୍ଚୟ ଏକ ଦୀର୍ଘ ଆୟୁଷ ଦରକାର ପଡ଼ନ୍ତା । ଏହିପରି ଭାବରେ ହୁଏତ ତୁମର ସାରା ଜୀବନଟି ବିତିଯାଆନ୍ତା ଓ ନାନା ଅଗଣିତ ଅଭିଜ୍ଞତା ମଧ୍ୟଦେଇ ଅତିକ୍ରମ କରିବାକୁ ପଡ଼ନ୍ତା; ଏବଂ ତାହାର ଫଳରେ ତୁମେ ଶନୈଃ ଶନୈଃ କ'ଣ ଠିକ୍ ଓ କ'ଣ ଭୁଲ ସେକଥା ଜାଣିବାକୁ ସମର୍ଥ ହୁଅନ୍ତ ।

ତେଣୁ, ଅପେକ୍ଷାକୃତ ଅଧିକ ସହଜ କଥା ହେଉଛି ଯେ ତୁମେ ଏପରି ଜଣେ ବ୍ୟକ୍ତିଙ୍କଠାରେ ଆସ୍ଥା ରଖିଥିବ, ଯିଏକି ତୁମ ପୂର୍ବରୁ ପ୍ରକୃତରେ ସେହି କାର୍ଯ୍ୟଟିକୁ କରିଛନ୍ତି । ତାଙ୍କୁ ତୁମେ କେବଳ, "ଏଇଟି କ'ଣ ଠିକ୍ ? ଏଇଟି କ'ଣ ଭୁଲ୍" ବୋଲି ପଚାରିବ । ନିଃସନ୍ଦେହ ଭାବରେ ସେପରି କଲେ ତୁମକୁ ଏକ ବଡ଼ ସୁବିଧା ମିଳିବ, ମାତ୍ର ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ ଏହା ସର୍ବଦା ଆଦୌ ଯଥେଷ୍ଟ ହୁଏ ନାହିଁ । କାରଣ, ସବୁକଥା କୌଣସି ଏକ ନିର୍ଦ୍ଦିଷ୍ଟ ମାର୍ଗରେ ଘଟୁ ବୋଲି ଯଦି ତୁମ ଭିତରେ ଏକ ବାସନା ରହିଥାଏ, ତୁମେ ଯାହାକୁ ଅଧିକ ପସନ୍ଦ କରୁଛ, ତାହାହିଁ ଠିକ୍ ହେବା ଉଚିତ ବୋଲି ଯଦି ତୁମର ବାସନା ରହିଥାଏ, ତେବେ କୌଣସି ସୁପରାମର୍ଶ ଶୁଣିବା ଲାଗି ତୁମେ ହୁଏତ ନିଜକୁ ପ୍ରସ୍ତୁତ କରି ରଖିପାରିବ ନାହିଁ ।

"କାରଣ କେବଳ ସେହିମାନେ ଯଥାର୍ଥ ବାସନାଗୁଡ଼ିକର ଅନୁଧାବନ କରନ୍ତି" ବୋଲି ଶେଷ ବାକ୍ୟଟିରେ ଯାହା କୁହାଯାଇଛି, ତାହା ଏକ ଅତି ସାଧାରଣ କଥା ବୋଲି ମନେ ହେଉଛି ସିନା, ସମ୍ଭବତଃ ତାହାହିଁ ହେଉଛି ସମସ୍ୟାଟିର ସବୁଠାରୁ ବଳି ଅଧିକ କଷ୍ଟକର ଅଂଶ ।

ଏହି ପୁସ୍ତକଟିରେ, ଏହି ଶିକ୍ଷାବାକ୍ୟଗୁଡ଼ିକରେ ଏପରି ଅନେକ ସାନ ସାନ ବାକ୍ୟ ରହିଛି, ଯେଉଁଗୁଡ଼ିକ କି ଉପରୁ ଭାରି ସରଳ ପରି ମନେହେଉଛି । ଯଦି ଯଥେଷ୍ଟ ଚିନ୍ତା ନ କରି ତୁମେ ସେଗୁଡ଼ିକୁ ପଢ଼ିବ, ତେବେ ମନେ ମନେ କହିବାକୁ ଲାଗିବ, "କିନ୍ତୁ ଏକଥାଗୁଡ଼ାକୁ କିଏ ନ ଜାଣିଛି କହିଲ ! ଏହା ତ ଅତ୍ୟନ୍ତ ସ୍ପଷ୍ଟ ଯେ ଯାହା ସତ୍ୟ, ତୁମେ ତାହାକୁ ସତ୍ୟ ବୋଲି ଚିହ୍ନିବ ଓ ଯାହା ମିଥ୍ୟା ତାହାକୁ ମିଥ୍ୟା ବୋଲି ମଧ୍ୟ ଚିହ୍ନିବ । ତେବେ ଏହାକୁ ବିଶେଷ ଭାବରେ କହିବାରେ ଆଉ କି ଅର୍ଥ ରହିଲା ?" ମାତ୍ର, ପ୍ରଥମତଃ ସତ୍ୟକୁ, ଯାହା ସତ୍ୟ ନୁହେଁ, ତା'ଠାରୁ ପୃଥକ୍ କରି ଜାଣିବା ଆଦୌ ଏଡ଼େ ସହଜ କଥା ନୁହେଁ । ଦ୍ୱିତୀୟତଃ, କୌଣସି ଏକ ନିର୍ଦ୍ଦିଷ୍ଟ କଥାକୁ ସତ୍ୟ ବୋଲି ସ୍ୱୀକାର କରିବା ମଧ୍ୟ ଆଦୌ ସହଜ ନୁହେଁ; ଏବଂ ସର୍ବୋପରି, କୌଣସି ଏକ ନିର୍ଦ୍ଦିଷ୍ଟ କଥାକୁ ମିଥ୍ୟା ବୋଲି ଜାଣିବା ହୁଏତ ତା'ଠାରୁ ଆହୁରି ଅଧିକ କଷ୍ଟକର ।

'oaob.nitrkl.ac.in' images reprocessed

ପ୍ରକୃତ କଥା ହେଉଛି ଯେ, ଯାହା ମିଥ୍ୟା, ତାହାକୁ ନିର୍ଭୁଲ ଭାବରେ ମିଥ୍ୟା ବୋଲି ହିଁ ଜାଣିବାକୁ ହେଲେ ଆମର ଅଭୀପ୍ସା ମଧ୍ୟରେ ଏପରି ଏକ ଆନ୍ତରିକତା ରହିଥିବା ଦରକାର ଏବଂ ଆମ ଇଚ୍ଛାଶକ୍ତିରେ ମିଥ୍ୟାମୁକ୍ତ ହୋଇ ରହିବାକୁ ଏପରି ଏକ ଦୃଢ଼ ସଂକଳ୍ପ ରହିଥିବା ଦରକାର ଯେ, "ସତ୍ୟକୁ ସତ୍ୟ ବୋଲି ଓ ମିଥ୍ୟାକୁ ମିଥ୍ୟା ବୋଲି ଜାଣିବା" ବିଷୟରେ ଏହି ଯେଉଁ ବାକ୍ୟାଂଶଟି ବ୍ୟବହାର କରାଯାଇଛି, ସେଥିପାଇଁ ମଧ୍ୟ ଆମର ପ୍ରଭୂତ ଉପଲବ୍ଧି ରହିଥିବା ଆବଶ୍ୟକ । ଏବଂ, "ସେମାନେ ସର୍ବୋଚ୍ଚ ଲକ୍ଷ୍ୟଟିକୁ ପ୍ରାପ୍ତ ହୁଅନ୍ତି" ବୋଲି ଉପସଂହାରରେ ଯାହା କୁହାଯାଇଛି, ତାହାକୁ ଆମେ ଏକ ମହାନ୍ ପ୍ରତିଶ୍ରୁତି ବୋଲି ଜାଣିବା

ଆମଭିତରେ ଆଦୌ କୌଣସି ବାସନା ରହିବା ଉଚିତ ନୁହେଁ ବୋଲି କେତେକ ଧର୍ମରେ ଶିକ୍ଷା ଦିଆଯାଇଛି । ସେହିସବୁ ଧର୍ମରେ ପରମ ଚିନ୍ମୟତାର ନିଶ୍ଚଳତା ମଧ୍ୟରେ ପ୍ରବେଶ କରିବା ଲାଗି ଜୀବନ ଭିତରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାହାର କରିନେବାକୁହିଁ ଲକ୍ଷ୍ୟ ବୋଲି ଧରିଯାଇଛି । ସେହି ନିଶ୍ଚଳତା ମଧ୍ୟରେ ଆଉ କୌଣସି କର୍ମସକ୍ରିୟତା ନ ଥିବ, କୌଣସି ଗତିଶୀଳତା ବି ନ ଥିବ, କୌଣସି ସାକାରତା ନ ଥିବ କି ବାହ୍ୟ ବାସ୍ତବତା ବି ନ ଥିବ । ତାହାକୁ ପ୍ରାପ୍ତ କରିବାକୁ ହେଲେ ସବୁଯାକ ବାସନାକୁ କାଟିଦେବାକୁ ପଡ଼ିବ. ଅର୍ଥାତ୍, ଭଗବାନ ଲାଗି ଯାବତୀୟ ଇଚ୍ଛାକୁ ପଛରେ ରଖି ବାହାରି ଯିବାକୁ ପଡ଼ିବ । ଅର୍ଥାତ୍, ସେହି କ୍ଷେତ୍ରରେ ଭଗବାନହିଁ ଏକ ଅବାସ୍ତବ ଏବଂ ବାହ୍ୟ ବସ୍ତୁରେ ପରିଣତ ହୋଇଯିବ । ମାତ୍ର, ଆପଣାର ଯୋଗ ସମ୍ବନ୍ଧୀୟ ଧାରଣାଟି ମଧ୍ୟରେ ତୁମେ ଭଗବାନ ଲାଗି ଏକ ସ୍ଥାନ ରଖିଥିବ ଏବଂ ସକଳ ବିଶ୍ୱବ୍ରହ୍ମାଣ୍ଡହିଁ ଏକ ଜଗନ୍ମୋହନ ଭଗବାନଙ୍କୁ ଅନୁସରଣ କରୁଛି ବୋଲି ଯଦି ତୁମେ ସ୍ୱୀକାର କରୁଥିବ, ତେବେ ତୁମକୁ କେବଳ ଆପଣା ବାସନାର ଉପସ୍ଥିତିଟିକୁହିଁ ବଦଳାଇ ଦେବାକୁ ପଡ଼ିବ । ବାହ୍ୟ, କୃତ୍ରିମ, ଅହଙ୍କାର ଏବଂ ଅହଂପ୍ରେରିତ ବସ୍ତୁଗୁଡ଼ିକ ଆଡ଼କୁ ନିଜର ବାସନାଟିକୁ ଧାବିତ କରି ନ ରଖି ତୁମେ ତାହାକୁ ଉପଲବ୍ଧିର ଏକ ଶକ୍ତିରୂପେ ସତ୍ୟଆଡ଼କୁ ନିର୍ଦ୍ଦେଶିତ ଅଭୀପ୍ସାଟି ସହିତ ନେଇ ସମ୍ମିଳିତ କରିଦେବ ।

"ସେମାନେ ଉଚିତ ବାସନାଗୁଡ଼ିକର ଅନୁଧାବନ କରନ୍ତି" ବୋଲି ଯାହା ମାତ୍ର କେତୋଟି ଶବ୍ଦରେ କୁହାଯାଇଛି, ସେଥିରୁ ଆମକୁ ଏହି ପ୍ରମାଣଟି ମିଳିଯାଉଛି ଯେ ବୁଦ୍ଧଙ୍କର ଶିକ୍ଷାଗୁଡ଼ିକ ମର୍ମତଃ ପୃଥିବୀ-ପୃଷ୍ଠର ଉପଲବ୍ଧିଗୁଡ଼ିକରୁ ବିମୁଖ ହୋଇ ଚାଲିଯିବା ଲାଗି ଆଦୌ କୌଣସି ପ୍ରବୃତ୍ତି ରଖି ନ ଥିଲା, ମାତ୍ର, ଏହି ପୃଥିବୀର ଧାରଣାଗୁଡ଼ିକ ମଧ୍ୟରେ ଯାହା ମିଥ୍ୟା ଓ ପୃଥିବୀରେ ଯାବତୀୟ ପ୍ରକାରର କର୍ମ ଯେପରି ଭାବରେ ଅନୁସୃତ ହେଉଛି, ତାହା କେବଳ ସେହିଗୁଡ଼ିକ ପ୍ରତିହିଁ ବିମୁଖତା

'oaob.nitrkl.ac.in' images reprocessed

ଦେଖାଇ ଥିଲେ । ତେଣୁ, ଆମେ ଏହି ଜୀବନରୁ ନିଷ୍କୃତି ଲାଭ କରିବା ବୋଲି ଯେତେବେଳେ ବୁଦ୍ଧ ଆମକୁ ଉପଦେଶ ଦେଇଛନ୍ତି, ସେତେବେଳେ ସେ ତଦ୍ୱାରା ଅଭିବ୍ୟକ୍ତ ରୂପେ ଯାହା ପ୍ରକଟ ହୋଇପାରିବ, ସେପରି ଏକ ଜୀବନରୁ ପଳାଇ ଯିବାକୁ ଆଦୌ କହୁ ନାହାନ୍ତି । ମାତ୍ର, ପୃଥିବୀରେ ସାଧାରଣତଃ ଯେଉଁ ଭ୍ରମମୟ ଜୀବନର ଯାପନ କରାଯାଉଛି, ସେ ଆମକୁ ସେଇଟିରୁହିଁ ନିଷ୍କୃତି ଲାଭ କରିବାକୁ ପରାମର୍ଶ ଦେଇଛନ୍ତି ।

ଶ୍ରୀଅରବିନ୍ଦ ଆମକୁ କହୁଛନ୍ତି ଯେ ପରମସତ୍ୟରେ ଯାଇ ପହଞ୍ଚିବା ଲାଗି ଏବଂ ସେହି ପରମସତ୍ୟର ଉପଲବ୍ଧି କରିବାର ଶକ୍ତିକୁ ହାସଲ କରିବା ଲାଗି ତୁମକୁ ଆଧ୍ୟାତ୍ମିକ ଚେତନାକୁ ନେଇ ଉତ୍ତରୋତ୍ତର ଅଗ୍ରଗତିଶୀଳ ଏକ ମାନସିକ ଚେତନା ସହିତ ଯୁକ୍ତ କରିଦେବାକୁ ହେବ ।

ଏବଂ, ଏହି ଅଳ୍ପ କେତୋଟି କଥା ନିଃସନ୍ଦେହ ଭାବରେ ପ୍ରମାଣ କରି ଦେଉଛନ୍ତି ଯେ ବୌଦ୍ଧ ଧର୍ମଶିକ୍ଷାର ମୂଳ ଧାରଣାଟି ପ୍ରକୃତରେ ଏହିପରି ହୋଇ ରହିଥିଲା ।

୬ ଡିସେମ୍ବର ୧୯୫୭

> କଣା ଘରର କଣା ବାଟ ଦେଇ ଯେପରି ବୃଷ୍ଟି ଜଳ ଘର ଭିତରକୁ ପଶି ଆସେ, ପ୍ରବଳ ବାସନାଗୁଡ଼ିକ ମଧ୍ୟ ଭାବସାମ୍ୟହୀନ ଏକ ମନ ଭିତରକୁ ଠିକ୍ ସେହିପରି ଭାବରେ ପ୍ରବେଶ କରିଥାନ୍ତି ।

ଚୀନ, ଜାପାନ ଏବଂ ବ୍ରହ୍ମଦେଶରେ ଯାବତୀୟ ପ୍ରକାରର ଅଗଣିତ ସାନ ସାନ ବୌଦ୍ଧ ସମ୍ପ୍ରଦାୟମାନ ରହିଛନ୍ତି । ଏବଂ ପ୍ରତ୍ୟେକ ସମ୍ପ୍ରଦାୟ ଆପଣା ଆପଣାର ସ୍ୱତନ୍ତ୍ର ମାର୍ଗ ଓ ପଦ୍ଧତିମାନ ଅନୁସରଣ କରୁଛନ୍ତି । ମାତ୍ର ସେଗୁଡ଼ିକ ମଧ୍ୟରୁ ଯେଉଁ ପଦ୍ଧତିଗୁଡ଼ିକ ସବୁଠାରୁ ଅଧିକ ପରିମାଣରେ ବ୍ୟାପ୍ତ ହୋଇ ରହିଛି, ସେଗୁଡ଼ିକ ଆମକୁ ପ୍ରାୟ ସମ୍ପୂର୍ଣ୍ଣ ଭାବରେହିଁ ମନକୁ ସ୍ଥିର କରିବା ବିଷୟରେ ନାନା ଉପାୟ ବତାଇଥାନ୍ତି ।

ସେମାନେ ଦିନବେଳେ ଅଳ୍ପ କେତେ ଘଣ୍ଟା ଓ ଏପରିକି ରାତିରେ ମଧ୍ୟ ଅଳ୍ପ କେତେଘଣ୍ଟା ବସନ୍ତି ଓ ମନକୁ ସ୍ଥିର ରଖିବାର ଅଭ୍ୟାସ କରନ୍ତି । ଏହାକୁହିଁ ସେମାନେ ଯାବତୀୟ ଉପଲବ୍ଧି ଲାଗି ଅସଲ ଚାବିକାଠି ବୋଲି ମାନନ୍ତି । ସେମାନେ ଏପରି ଏକ ନିଶ୍ଚଳ ମନର ଅଧିକାରୀ ହୋଇପାରିବାକୁ ଇଚ୍ଛା କରୁଥାନ୍ତି, ଯାହାକି କୌଣସି ପ୍ରକାର ବିକ୍ଷେପରେ ନ ପଡ଼ି ଏକାଧିକ ଘଣ୍ଟା ସ୍ଥିର ହୋଇ ରହିପାରିବ । ଏପରି କରିବା ଯେ ଗୋଟାଏ ଭାରି ସହଜ କଥା, ତୁମେ

'oaob.nitrkl.ac.in' images reprocessed

ଅବଶ୍ୟ କଦାପି ଏପରି ଭାବିବ ନାହିଁ । ମାତ୍ର ଏପରି ସ୍ଥିର ହେବା ପଛରେ ସେମାନଙ୍କର ଆଦୌ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନ ଥାଏ, ସେମାନେ କୌଣସି ଭାବନା ଉପରେ ଆପଣାକୁ ଅଭିନିବିଷ୍ଟ କରନ୍ତି ନାହିଁ, ଏହା ଦ୍ୱାରା ଆପଣାର ବୋଧଶକ୍ତିରେ ଉନ୍ନତି ଘଟାଇବାର ପ୍ରୟାସ କରନ୍ତି ନାହିଁ, ଅଧିକ ଜ୍ଞାନ ଲାଭ କରିବା ଲାଗି ବା ସେହିପରି ଆଉକିଛି ଅନ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ସେମାନେ ଏହି ଅଭ୍ୟାସଟିକୁ କରନ୍ତି ନାହିଁ । କେବଳ ଏକ ନିଶ୍ଚଳ ମନର ଅଧିକାରୀ ହେବାକୁହିଁ ସେମାନେ ଏହା କରିଥାନ୍ତି ଏବଂ ଏହି ସାମର୍ଥ୍ୟଟି ଅର୍ଜନ କରିବା ଲାଗି ଅନେକ ସମୟରେ ସେମାନଙ୍କୁ ବର୍ଷ ବର୍ଷ ସମୟ ଲାଗି ଯାଇଥାଏ । ଆପଣା ମନକୁ ନୀରବ କରିପାରିବାକୁ ଅର୍ଥାତ୍ ମନକୁ ସଂପୂର୍ଣ୍ଣ ଭାବରେ ସ୍ଥିର ଓ ନୀରବ ରଖିବାକୁହିଁ ସେମାନଙ୍କୁ ବର୍ଷ ବର୍ଷ ଧରି ଅଭ୍ୟାସ କରିବାକୁ ହୋଇଥାଏ । ଧମ୍ମପଦରେ ଯେପରି କୁହାଯାଇଛି, ଯଦି ଆମର ମନ ଭାରସାମ୍ୟହୀନ ହୋଇ ରହିଥାଏ, ତେବେ, ମନ ଭିତରେ ଯାବତୀୟ ଧାରଣା ଓ ଭାବନା ଗୋଟାକ ପରେ ଗୋଟାଏ ଆସି ସତତ ଭିଡ଼ କରିବାରେ ଲାଗିଥାନ୍ତି, ସେଗୁଡ଼ିକର ସେହି ଆସିବାରେ ଓ ଭିଡ଼ କରିବାରେ ଆଦୌ କୌଣସି ଶୃଙ୍ଖଳା ନ ଥାଏ; ପରସ୍ପର ବିପରୀତ ଓ ବିରୋଧୀ କେତେ କେତେ ଭାବନା ଆସୁଥାନ୍ତି ଓ ଯାଉଥାନ୍ତି ଏବଂ ସେଗୁଡ଼ିକ କେତେ କ'ଣ ବିଷୟକୁ ନେଇ କେତେ କ'ଣ ଫିକର ଭିତରେ ପଡ଼ି ରହିଥାନ୍ତି । ସେମାନେ ସମସ୍ତେ ଆସି ମୁଣ୍ଡଟା ଭିତରେ ଭିଡ଼କରି ରହିଥାନ୍ତି, ଘରଲ ଭିତରେ ସତେ ଯେପରି କେତେ କେତେ କଣା କରିଦେବାରେ ଲାଗିଥାନ୍ତି, ଏବଂ ତାହାରି ଫଳରେ, ଏହିସବୁ କଣା ଦେଇ ଯାବତୀୟ ପ୍ରକାରର ଅବାଞ୍ଛନୀୟ ନାନା ଗତ୍ୟାତ୍ମକତା ଆସି ଚେତନା ଭିତରେ ପ୍ରବେଶ କରିବାରେ ଲାଗିଥାନ୍ତି; କଣା ଘରଲର କଣା ଦେଇ ଯେପରି ବର୍ଷାପାଣି ଘର ଭିତରକୁ ପଶିଯାଏ, ଠିକ୍ ସେହିପରି ।

ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ମୁଁ ଭାବୁଛି ଯେ ଆମେ ପ୍ରକୃତରେ ପ୍ରତ୍ୟେକ ବ୍ୟକ୍ତିକୁ ମଧ୍ୟ ଏହି ଅଭ୍ୟାସଟିକୁ କରିବା ଲାଗି ପରାମର୍ଶ ଦେଇପାରିବା । ସେମାନେ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ରଖିଥିବେ, ଯେତେ-ବେଳେ କି ଆପଣାର ମନକୁ ସ୍ଥିର, ଅବିଚଳିତ ଏବଂ ନିଶ୍ଚଳ କରି ରଖିପାରିବେ । ଏବଂ, ଆମେ ଏହି କଥାଟିକୁ କଦାପି ଅସ୍ୱୀକାର କରିପାରିବା ନାହିଁ ଯେ ଆମ ମନର ବିକାଶ ଯେତିକି ଅଧିକ ହୋଇଥିବ, ଆମେ ସେତିକି ଅଧିକ ସତ୍ୱର ଭାବରେ ଏହି କ୍ଷେତ୍ରରେ ସଫଳ ହୋଇପାରିବା; ଏବଂ ଆମର ମନ ଯେତେ ଅଧିକ ପରିମାଣରେ ଏକ ଅବିକଶିତ ସ୍ତରରେ ରହିଥିବ, ଏହି କାର୍ଯ୍ୟଟି ଆମ ଲାଗି ସେତେ ଅଧିକ କଷ୍ଟକର ହେବ ।

'oaob.nitrkl.ac.in' images reprocessed

ଯେଉଁମାନେ ଏହି କ୍ଷେତ୍ରରେ ସବାତଳେ ରହିଛନ୍ତି, ନିଜର ମନକୁ ଯେଉଁମାନେ ଆଦୌ କୌଣସି ତାଲିମ ଦେଇ ନାହାନ୍ତି, ସେମାନଙ୍କ ଲାଗି କିଛି ଭାବିବାକୁ ହେଲେ ମଧ୍ୟ କଥା କହିବା ଦରକାର ପଡ଼ିଥାଏ । ଅନେକ ସମୟରେ ଏପରି ବି ହୁଏ ଯେ ଭାବନାକୁ ଭାବନା ସହିତ ଯୋଡ଼ି ପାରିବା ପାଇଁ ସେମାନଙ୍କ ଆପଣା କହୁଥିବା କଥାର ଧ୍ୱନିର ସାହାଯ୍ୟ ନେବାକୁ ପଡ଼ିଥାଏ । ତେଣୁ ଆଗ କଥାରେ କିଛି ନ କହିଲେ, ସେମାନେ ପ୍ରକୃତରେ ଆଦୌ କିଛି ହେଲେ ଭାବିପାରନ୍ତି ନାହିଁ । ସେମାନଙ୍କ ସ୍ତରଠାରୁ କିଞ୍ଚିତ୍ ଉପରକୁ ଆହୁରି ଏପରି ଲୋକମାନେ ବି ଥାଆନ୍ତି, ଯେଉଁମାନେ କି କିଛି ଭାବିବା ଲାଗି ସମର୍ଥ ହେବା ସକାଶେ ଆପଣାର ଶବ୍ଦଗୁଡ଼ାକୁ ମୁଣ୍ଡ ଭିତରେ ବୁଲାଇବାରେ ଲାଗିଥାନ୍ତି; ସେହି ଶବ୍ଦଗୁଡ଼ିକୁ କଥାରେ ପ୍ରକାଶ କରି ନ କହୁଥିଲେ ମଧ୍ୟ ସେମାନେ ସେହିପରି କରିବାରେ ଲାଗିଥାନ୍ତି । ଯେତେବେଳେ ଶବ୍ଦର କୌଣସି ସାହାଯ୍ୟ ନ ନେଇହିଁ ଭାବିବା ଜଣେ ବ୍ୟକ୍ତି ପକ୍ଷରେ ସମ୍ଭବ ହୁଏ, ସେତେବେଳେ ତାହାର ଭାବିବା ଯଥାର୍ଥରେ ଆରମ୍ଭ ହୁଏ ବୋଲି କୁହାଯାଇ ପାରିବ । ଅର୍ଥାତ୍, ସେତେବେଳେ ସେହି ବ୍ୟକ୍ତି ସିଧା ବିଷୟଗୁଡ଼ିକ ସହିତ ଯୋଗସୂତ୍ର ସ୍ଥାପନ କରିପାରେ ଓ ସେଗୁଡ଼ିକୁ କେତେ କେତେ ବିଚିତ୍ର ଶବ୍ଦ ଓ ବାକ୍ୟାଂଶ ଦେଇ ପ୍ରକାଶ କରିବାକୁ ସମର୍ଥ ହୁଏ । ଏହାଠାରୁ ଅବଶ୍ୟ ଆହୁରି ଉଚ୍ଚତର ସ୍ତରମାନ ରହିଛି; ଆହୁରି ଅନେକ ଉଚ୍ଚତର ସ୍ତରମାନ ରହିଛି; ମାତ୍ର, ଯେଉଁମାନେ ଶବ୍ଦଗୁଡ଼ିକର ସାହାଯ୍ୟ ନ ନେଇ ଭାବି ଶିଖନ୍ତି, ସେମାନେ ଯଥାର୍ଥରେ ଏକ ବୌଦ୍ଧିକ ସୋପାନରେ ଆସି ପହଞ୍ଚିବାକୁ ଆରମ୍ଭ କରନ୍ତି ଏବଂ ସେମାନଙ୍କ ଲାଗି ଆପଣାର ମନକୁ ସ୍ଥିର କରି ଆଣିବା ଅପେକ୍ଷାକୃତ ଅନେକ ଅଧିକ ସହଜ ହୋଇଯାଏ । ଅର୍ଥାତ୍, କୌଣସି ଏକ ସାଧାରଣ ସ୍ଥାନରେ ଏଣେତେଣେ ସତତ ଭିଡ଼ ଲଗାଇ ବୁଲୁଥିବା ଯାତ୍ରୀମାନଙ୍କ ପରି ପରସ୍ପର ସହିତ ଆସି ଗହଁଠାଇ ହୋଇ ଯାଉଥିବା ଶବ୍ଦଗୁଡ଼ାକର ଯାବତୀୟ ଉତ୍ତ କୋଳାହଳକୁ ସେମାନେ ବନ୍ଦ କରିଦେଇ ପାରନ୍ତି, ସେମାନେ ନୀରବ ହୋଇ କୌଣସି ଏକ ବିଷୟକୁ ନେଇ ଯଥାର୍ଥରେ ଭାବିପାରନ୍ତି ।

ମୁଁ ଏହି କଥାଟି ଉପରେ ଏତେବେଶୀ ଜୋର୍ ଦେଇ କହୁଛି, କାରଣ, ଏପରି ବେଶ୍ କେତେକ ଲୋକ ଅଛନ୍ତି, ଯେଉଁମାନେ କି, ଗୂଢ଼ବିଦ୍ୟାର ସାହାଯ୍ୟରେ ସେମାନଙ୍କର ମନରେ ଯଦି ଏକ ସ୍ଥିରତା ଆଣି ପହଞ୍ଚାଇ ଦିଆଯାଏ, ତେବେ ସେମାନେ ସଙ୍ଗେ ସଙ୍ଗେ ଆତଙ୍କିତ ହୋଇପଡ଼ନ୍ତି ଏବଂ ଆପଣାର ବୁଦ୍ଧିଶକ୍ତିକୁ ହରାଇ ବସିବେ ବୋଲି ଭୟ କରିବାରେ ଲାଗିଯାନ୍ତି । ସ୍ଥିର ହେବା ଦ୍ୱାରା ସେମାନଙ୍କର ଭାବନାଶକ୍ତି ଏହିପରି ଭାବରେ ବନ୍ଦ ହୋଇଗଲେ ସେମାନେ ହୁଏତ

'oaob.nitrkl.ac.in' images reprocessed

ଏକାବେଳେକେ ବୁଦ୍ଧି-ଶକ୍ତିହୀନ ହୋଇପଡ଼ିବେ ବୋଲି ଭୟ କରୁଥାନ୍ତି । ଅନ୍ତହୀନ ଭାବରେ ଭାବନା ପରେ ଭାବନାର ସୂତାକୁ ବାହାର କରିବାରେ ଲାଗିଥିବା ଅପେକ୍ଷା ଭାବନାକୁ ସ୍ଥଗିତ କରିଦେଇ ପାରିବା ହେଉଛି ଏକ ଅନେକ ଅଧିକ ଉଚ୍ଚତର ସ୍ତରର ଉପଲବ୍ଧି ଏବଂ ସେଥିଲାଗି ଏକ ଅନେକ ଅଧିକ ବିକାଶ ମଧ୍ୟ ଆବଶ୍ୟକ ହୋଇଥାଏ ।

ତେଣୁ, କେବଳ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ନୁହେଁ, ପ୍ରତ୍ୟେକ ଦୃଷ୍ଟିକୋଣରୁ ମଧ୍ୟ, କିଛି ସମୟ ସକାଶେ ନୀରବ ହୋଇ ରହିବାର ଅଭ୍ୟାସ କରିବା ଦ୍ୱାରା ତାହା ସର୍ବଦା ନିଶ୍ଚୟ ଲାଭପ୍ରଦ ହୋଇଥାଏ । ପ୍ରତିଦିନ ଅନ୍ତତଃ ଦୁଇଥର ଏପରି ଅଭ୍ୟାସ କରାଯାଇପାରେ, ମାତ୍ର ସେହି ନୀରବତା ଯଥାର୍ଥ ନୀରବତା ହୋଇଥିବା ଦରକାର; ପାଟିଟାକୁ ବନ୍ଦ କରି ରଖିଲେ ଯେଉଁ ନୀରବତା ହାସଲ ହୁଏ, କେବଳ ସେତିକିମାତ୍ର ନ ହୋଇଥିବା ଦରକାର ।

ବର୍ତ୍ତମାନ ଆମେ କେତେ କ୍ଷଣ ଲାଗି ଚାଲ ସମ୍ପୂର୍ଣ୍ଣ ଭାବରେ ନୀରବ ହୋଇ ରହିବାକୁ ଚେଷ୍ଟା କରିବା ।

(ଧ୍ୟାନ)

୧୩ ଡିସେମ୍ବର ୧୯୫୭

> ଯେଉଁ ଘରର ଚାଳ ଭଲ ଓ ମଜଭୁତ, ସେଘରେ ବର୍ଷାପାଣି କଦାପି ପ୍ରବେଶ କରିପାରେ ନାହିଁ । ଠିକ୍ ସେହିପରି ଯେଉଁମନ ଆପଣାର ଭାରସାମ୍ୟ ରଖିଥାଏ, ପ୍ରବଳ ବାସନାମାନ ତା'ଭିତରକୁ କଦାପି ପ୍ରବେଶ କରିପାରନ୍ତି ନାହିଁ ।

(ସେତିକିବେଳେ ବର୍ଷା ଆରମ୍ଭ ହେଲା) ଦେଖିଲ ! ଆକାଶର ମନ ନିଶ୍ଚୟ ଆପଣାର ଭାରସାମ୍ୟ ହରାଇ ବସିଛି (ସମସ୍ତେ ହସି ଉଠିଲେ) । ତେଣୁ ବର୍ଷା ହେଉଛି ।

ତେଣୁ ମୁଁ ଭାବୁଛି, ଆକାଶର ପ୍ରକୃତିରେ କୌଣସି ଭାରସାମ୍ୟ ନାହିଁ ଏବଂ ତୁମେମାନେ ବର୍ତ୍ତମାନ ଘରକୁ ଚାଲିଗଲେହିଁ ତାହା ଅଧିକ ଭଲ ହେବ । (ଆହୁରି ଜୋର୍‌ରେ ବର୍ଷା ହେଲା) ବର୍ତ୍ତମାନ ଆଉ କିଛି କରିବା ସମ୍ଭବ ନୁହେଁ ।

ଭାରସାମ୍ୟଟି ପୁନର୍ବାର ଫେରି ଆସିବାର କୌଣସି ସୂଚନା ମିଳୁ ନାହିଁ । ତେଣୁ, ତୁମେମାନେ ବର୍ତ୍ତମାନ ଘରକୁ ଯାଇ ଏକ ଭାରସାମ୍ୟଯୁକ୍ତ ମନ ରହିବାର ଆବଶ୍ୟକତା ବିଷୟରେ ଧ୍ୟାନ କରିବ । ବାସ୍, ଆଜି ସେତିକି ଥାଉ ।

୨୦ ଡିସେମ୍ବର ୧୯୫୭

'oaob.nitrkl.ac.in' images reprocessed

ଇହଲୋକ ଏବଂ ପରଲୋକ, ଏହି ଦୁଇଟିଯାକ ଲୋକରେ ମନ୍ଦ ଆଚରିଲା ଲୋକଙ୍କୁ ଦୁଃଖ ଭୋଗ କରେ । ଆପଣାର ମନ୍ଦକର୍ମଗୁଡ଼ିକର ସ୍ମରଣ କରୁ କରୁ ସେ ଶୋଚନା କରୁଥାଏ ଓ ଦୁଃଖ ପାଉଥାଏ ।

ଏ କଥାଟି ଅତ୍ୟନ୍ତ ସ୍ପଷ୍ଟ ଭାବରେ ବୁଝିହେବ ଯେ ଯେତେବେଳେ ତୁମେ କୁତ୍ସିତ ଓ ହୀନ ଭାବରେ କୌଣସି କାର୍ଯ୍ୟ କରିବ, ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେହିଁ ତୁମେ ଦୁଃଖ ଅନୁଭବ କରିବ । ମାତ୍ର, ଆପଣାର କାର୍ଯ୍ୟଗୁଡ଼ିକର କୁତ୍ସିତତା ବିଷୟରେ ସଚେତନ ହୋଇ ତୁମେ ଯେତେବେଳେ ଦୁଃଖ ଅନୁଭବ କରୁଥିବ, ମୁଁ ଭାବୁଛି ଯେ ସେତେବେଳେ ମଧ୍ୟ ତୁମେ ଏକ ଅତ୍ୟନ୍ତ ବିକଶିତ ସ୍ତରରେ ଆସି ପହଞ୍ଚି ସାରିଥିବ; କାରଣ, ଆପେ କରୁଥିବା ମନ୍ଦ ଆଚରଣଗୁଡ଼ିକ ବିଷୟରେ ସଚେତନ ହେବା ଲାଗି ମଧ୍ୟ ଅନେକ ପରିମାଣରେ ଚେତନା ରହିଥିବା ଆବଶ୍ୟକ ହେବ; ଏବଂ, ଆପେ କରୁଥିବା ମନ୍ଦ ଆଚରଣଗୁଡ଼ିକ ବିଷୟରେ ସଚେତନ ହେବାକୁହିଁ ଆଉ ଆଗକୁ ସେହି ଆଚରଣଟି ନ କରିବା ଦିଗରେ ନିଆଯାଇ ସାରିଥିବା ଏକ ପ୍ରଥମ ପଦକ୍ଷେପ ବୋଲି ଅବଶ୍ୟ କୁହାଯାଇ ପାରିବ ।

ସାଧାରଣତଃ ଲୋକେ ଆପେ କରୁଥିବା କାର୍ଯ୍ୟଗୁଡ଼ିକର କୁତ୍ସିତତା ବିଷୟରେ ସଂପୂର୍ଣ୍ଣ ଭାବରେ ଅନ୍ଧ ହୋଇ ରହିଥାନ୍ତି । ଅଜ୍ଞାନ ହେତୁହିଁ ସେମାନେ ମନ୍ଦ କାର୍ଯ୍ୟ କରନ୍ତି, ଅଚେତନା ଏବଂ କ୍ଷୁଦ୍ରତା ହେତୁ କରନ୍ତି; ଅଚେତନା ଏବଂ ଅଜ୍ଞାନ ଦ୍ୱାରା ପରିଚାଳିତ ହେଲେ ଅନେକ ଲୋକ ଯେପରି ଗୋଟାସୁଦ୍ଧା ଆପଣାକୁହିଁ ସାବୁତ ଧରି ରଖିବାକୁ ଚାହାନ୍ତି, ତାହାରି ହେତୁହିଁ ସେମାନେ ମନ୍ଦ କାର୍ଯ୍ୟ କରନ୍ତି । ଲୋକମାନଙ୍କ ଭିତରେ ଅନେକ ସମୟରେ ଆପଣାକୁ ରକ୍ଷା କରିବାର ଯେଉଁ ଅନ୍ଧକାରଚ୍ଛନ୍ନ ପ୍ରବୃତ୍ତିଟି ପ୍ରାୟ ସହଜାତ ହୋଇ ରହିଥାଏ, ଯାହାର କବଳରେ ପଡ଼ିଥିବା ବେଳେ ସେମାନେ ନିଜର ହିତସାଧନ କରିବା ପାଇଁ ଯେପରି ସମସ୍ତ ସଂସାରକୁ ବି ଛାଡ଼ିବା ପାଇଁ ପ୍ରସ୍ତୁତ ହୋଇଯାଆନ୍ତି, ସେହି ହେତୁହିଁ ସେମାନେ ମନ୍ଦ କାର୍ଯ୍ୟ କରିଥାନ୍ତି । ଏବଂ ଜଣେ ବ୍ୟକ୍ତି ଯେତେ ଅଧିକ କ୍ଷୁଦ୍ର ହୋଇ ରହିଥାଏ, ଆପଣାର କ୍ଷୁଦ୍ରତା ପାଖରେ କରାଯାଉଥିବା ତା'ର ଏହି ବଳିଦାନଟି ତାକୁ ପ୍ରାୟ ସେତିକି ଅଧିକ ସ୍ୱାଭାବିକ ବୋଲି ମନେ ହୁଏ ।

ସେ ଯାହା କରୁଛି, ତାହା ଯେ ଏକ କୁତ୍ସିତ କାର୍ଯ୍ୟ, ଏକଥା ଦେଖିପାରିବାକୁ ହେଲେ ଜଣେ ବ୍ୟକ୍ତିକୁ ଆପଣାର ମାର୍ଗରେ ଅନେକ ଉଚ୍ଚରେ ଯାଇ ପହଞ୍ଚିଥିବା ଦରକାର । ତା'ଭିତରେ ସୌନ୍ଦର୍ଯ୍ୟ, ସୌମ୍ୟତା ଓ ଉଦାରତାର

'oaob.nitrkl.ac.in' images reprocessed

ଅଭାବ ରହିଛି ବୋଲି ଜାଣିବାକୁ ଓ ସେହି ଜ୍ଞାନ ଦ୍ୱାରା ଆକ୍ରାନ୍ତ ହୋଇ ପାରିବାକୁ ହେଲେ, ସେହିସବୁ ଗୁଣଗୁଡ଼ିକ କହିଲେ ପ୍ରକୃତରେ କ'ଣ ବୁଝାଏ, ଜଣେ ବ୍ୟକ୍ତିର ଅନ୍ତର ଭିତରେ ତାହାର ଗୋଟାଏ ପ୍ରକାରର ପୂର୍ବଜ୍ଞାନ ଅବଶ୍ୟ ରହିଥିବା ଉଚିତ ।

ମୁଁ ଭାବୁଛି ଯେ, ଯେଉଁମାନେ, କ'ଣ ସୁନ୍ଦର ଓ କ'ଣ ସୌମ୍ୟ ସେକଥା ଜାଣି ପାରିଛନ୍ତି ଓ ଜାଣିଶୁଣି ଇଚ୍ଛାକୃତ ଭାବରେ ମନ୍ଦ କାର୍ଯ୍ୟ କରୁଛନ୍ତି, ଧମ୍ମପଦ ଏଠାରେ ସେହିମାନଙ୍କ ବିଷୟରେ ଆଲୋଚନା କରିଛି । ସେହିମାନଙ୍କ ଲାଗି ଜୀବନ ପ୍ରକୃତରେ ଭାରି ଯନ୍ତ୍ରଣାଦାୟକ ହୋଇ ପଡ଼ିଥାଏ । ଯାହା କରିବା ଉଚିତ ନୁହେଁ ବୋଲି ଯିଏ ଭଲକରି ଜାଣିଛି, ସିଏ ଯେପରି ସେହି କଥାଟିକୁ ବାରବାର କରିବାରେ ଲାଗିଥାଏ, ତଦ୍ୱାରା ତା'ର ସବୁ ଶାନ୍ତି ନଷ୍ଟ ହୁଏ, ତା'ର ସବୁ ସମ୍ଭାବ୍ୟ ସ୍ଥିରତା ନଷ୍ଟ ହୋଇଯାଏ ଏବଂ ସିଏ ଯେଉଁ କଲ୍ୟାଣର ଅଧିକାରୀ ହୋଇପାରନ୍ତା, ସିଏ ସେଥିରୁ ମଧ୍ୟ ବଞ୍ଚିତ ହୁଏ । ଯିଏ ମିଥ୍ୟା କହେ, ତା'ର ମିଥ୍ୟା ହୁଏତ କେବେ ଧରାପଡ଼ିଯିବ ବୋଲି ସେ ଭୟରେ ସତତ ଭାରି ଅସ୍ୱସ୍ତିଯୁକ୍ତ ହୋଇ ରହିଥାଏ । ଯିଏ କୌଣସି ମନ୍ଦ କାର୍ଯ୍ୟ କରିଛି, ସମ୍ଭବତଃ ସେଥିଲାଗି ତାକୁ ଦଣ୍ଡ ଦିଆଯିବ ବୋଲି ସେ ସତତ ଭାରି ବ୍ୟସ୍ତ ଏବଂ ଶଙ୍କାଯୁକ୍ତ ହୋଇ ରହିଥାଏ । ଯିଏ ଠକିବାକୁ ଚେଷ୍ଟା କରୁଥାଏ, ତା'ର ଠକାମି କାଳେ ଧରା ପଡ଼ିଯିବ ବୋଲି ଭାବି ଭାବି ତା'ର ଆଉ କୌଣସି ଶାନ୍ତି ରହେ ନାହିଁ ।

ପ୍ରକୃତ କଥା ହେଉଛି, ଏପରି ଶୁଦ୍ଧ ଭାବରେ କେବଳ ନିଜର ସ୍ୱାର୍ଥ ଦୃଷ୍ଟିରୁ ବିଚାର କରି ଦେଖିଲେ ମଧ୍ୟ, ଭଲ କରିବା, ନ୍ୟାୟପରାୟଣ ହେବା, ସିଧା ଓ ସାଧୁ ହେବା ହେଉଛି, ସ୍ଥିର ଏବଂ ଶାନ୍ତ ହୋଇ ରହିବାର ଏବଂ ଆପଣାର ଶଙ୍କା ଓ ବ୍ୟସ୍ତତାଗୁଡ଼ାକୁ ସର୍ବନିମ୍ନ ସ୍ତରଯାଏ ହ୍ରାସ କରି ଆଣିବାର ସର୍ବୋତ୍କୃଷ୍ଟ ଉପାୟ । ଏବଂ ତା'ପରେ, ଯଦି ଜଣେ ଆସକ୍ତିମୁକ୍ତ ହୋଇ ରହିପାରିବ, ବ୍ୟକ୍ତିଗତ ଅଭିପ୍ରାୟ ସାଧନ ଏବଂ ଅହଂ ଭାବନାରୁ ମୁକ୍ତ ରହିପାରିବ, ତେବେ ଯଥାର୍ଥରେ ସୁଖୀ ହୋଇ ରହିବା ତା'ପକ୍ଷରେ ଅବଶ୍ୟ ସମ୍ଭବ ହୋଇଯିବ ।

ତୁମେ କରୁଥିବା କାର୍ଯ୍ୟଗୁଡ଼ିକ ଯେଉଁ ବାତାବରଣଟିକୁ ସୃଷ୍ଟି କରୁଛନ୍ତି, ତୁମେ ସେହି ବାତାବରଣଟିକୁହିଁ ଆପଣା ସହିତ, ଆପଣାର ଚତୁର୍ଦ୍ଦିଗରେ ଏବଂ ଆପଣା ଭିତରେ ବହନ କରି ଚାଲିଛ । ଏବଂ, ତୁମେ ଯାହାସବୁ କରୁଛ, ଯଦି ତାହା ସୁନ୍ଦର ହୋଇଥାଏ, ସୌଷମ୍ୟଯୁକ୍ତ ହୋଇଥାଏ, ତେବେ ତୁମର ବାତାବରଣଟି ମଧ୍ୟ ଭଲ, ସୁନ୍ଦର ଓ ସୌଷମ୍ୟଯୁକ୍ତ ହେବ; ମାତ୍ର, ଅନ୍ୟ ପକ୍ଷରେ ଯଦି ତୁମେ ଏକ କୁତ୍ସିତ ସ୍ୱାର୍ଥପରତା, ବିବେକହୀନ ଆତ୍ମ-ସ୍ୱାର୍ଥମୟତା ଏବଂ ନୃଶଂସ ମନ୍ଦ-ଇଚ୍ଛା ମଧ୍ୟରେ ବାସ କରୁଥାଅ, ତେବେ ତୁମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ

'oaob.nitrkl.ac.in' images reprocessed

ତୁମେ ଠିକ୍ ସେହିଗୁଡ଼ିକୁହିଁ ନିଃଶ୍ୱାସରେ ଗ୍ରହଣ କରୁଥିବ, ଏବଂ ତା'ର ଅର୍ଥ ହେଉଛି ଯେ ତୁମେ ଦୁଃଖ ଭୋଗ କରୁଥିବ ସତତ ଅସ୍ୱସ୍ତି ମଧ୍ୟରେ ପଡ଼ି ରହିଥିବ । କୁତ୍ସିତତାହିଁ ତୁମର ଭାଗ୍ୟ ହୋଇ ରହିବ ଏବଂ ତାହା ନିଜର ସେହି କୁତ୍ସିତତା ଲାଗି ସର୍ବଦା ହତାଶାପୀଡ଼ିତ ହୋଇ ରହିଥିବ ।

ଏବଂ, ତୁମର ଏପରି ମଧ୍ୟ କଦାପି ବିଶ୍ୱାସ କରିବା ଉଚିତ ନୁହେଁ ଯେ, ଏହି ଶରୀରକୁ ଛାଡ଼ି ଚାଲିଯିବା ଦ୍ୱାରା ତୁମେ ଏହି ବାତାବରଣଟି ମଧ୍ୟରୁ ମୁକ୍ତ ହୋଇଯିବ । ବରଂ, ତାହାର ଠିକ୍ ଓଲଟା ଘଟିବ । ଶରୀରକୁ ଆମେ ଅଚେତନାର ଏପରି ଏକ ଆବରଣ ବୋଲି ଜାଣିଛୁ, ଯାହାକି ଆମ ଦୁଃଖଭୋଗର ପ୍ରଗାଢ଼ତାଟିକୁ କିଛିଟା ହ୍ରାସ ହୋଇଯିବାରେ ସାହାଯ୍ୟ କରୁଥାଏ । ସ୍ଥୂଳତମ ପ୍ରାଣିକ ଜୀବନର ସୋପାନରେ ଯେତେବେଳେ ଶରୀରର ଏହି ସୁରକ୍ଷାଟି ତୁମ ପାଖରେ ନ ଥିବ, ସେତେବେଳେ ତୁମର ଦୁଃଖଭୋଗ ଆହୁରି ଉତ୍କଟ ଓ ଆହୁରି ଯନ୍ତ୍ରଣାମୟ ହୋଇପଡ଼ିବ । ଏବଂ, ଯାହାର ପରିବର୍ତ୍ତନ କରିବାକୁ ହେବ ତାହାର ପରିବର୍ତ୍ତନ କରାଇବାକୁ, ଯାହାର ସଂଶୋଧନ କରିବାକୁ ହେବ, ତାହାର ସଂଶୋଧନ କରାଇବାକୁ, ଏବଂ ଆପଣାକୁ ଏକ ଉଚ୍ଚତର, ଅଧିକ ସୁଖମୟ ଏବଂ ଅଧିକ ଦୀପ୍ତିଯୁକ୍ତ ଜୀବନ-ଚେତନା ମଧ୍ୟକୁ ଉନ୍ନୋଚିତ କରିଦେବାକୁ ମଧ୍ୟ ତୁମ ଲାଗି ସେତେବେଳେ ଆଉ କୌଣସି ସୁଯୋଗ ନ ଥିବ ।

ତେଣୁ ଏହିଠାରେହିଁ ଆପଣାର କାର୍ଯ୍ୟଟି କରିବା ପାଇଁ ତୁମର ସବୁ ଚେଷ୍ଟା ଉଦ୍ଦିଷ୍ଟ ହୋଇ ରହିବା ଉଚିତ, କାରଣ କେବଳ ଏହିଠାରେହିଁ ତୁମେ ଯଥାର୍ଥ ଭାବରେ ତାହା କରିପାରିବ ।

ମୃତ୍ୟୁଠାରୁ ତୁମେ ଆଦୌ କୌଣସି ପ୍ରତ୍ୟାଶା ରଖିବ ନାହିଁ । ଜୀବନ ହେଉଛି ତୁମର ମୁକ୍ତିପଥ ।

ଏହି ଜୀବନରେହିଁ ତୁମକୁ ଆପଣାର ରୂପାନ୍ତର ଘଟାଇବାକୁ ପଡ଼ିବ । ଏହି ପୃଥିବୀରେହିଁ ତୁମେ ଯାହାକିଛି ଅଗ୍ରଗତି କରିବ ଏବଂ ଏହି ପୃଥିବୀରେହିଁ ତୁମର ଯାହାକିଛି ଉପଲବ୍ଧି ହେବ । ଏହି ଶରୀରରେହିଁ ତୁମେ ଅସଲ ବିଜୟଟିକୁ ହାସଲ କରି ପାରିବ ।

୨୭ ଡିସେମ୍ବର ୧୯୫୭

ଯିଏ ଭଲ କାର୍ଯ୍ୟ କରେ, ସିଏ ଉଭୟ ଜଗତରେହିଁ ହୃଷ୍ଟ ହୁଏ, ଇହ ଏବଂ ପର ଉଭୟ ଲୋକରେ ସୁଖ ପାଏ । ଆପଣାର ଉତ୍ତମ କାର୍ଯ୍ୟଗୁଡ଼ିକର ସ୍ମରଣ କରି ସେ ଅଧିକରୁ ଅଧିକ ସୁଖୀ ହେବାରେ ଲାଗିଥାଏ ।

'oaob.nitrkl.ac.in' images reprocessed

> ମନ୍ଦ କରିବା ଲୋକ ଇହ ଏବଂ ପର ଉଭୟ ଲୋକରେ ଦୁଃଖଭୋଗ କରେ । "ମୁଁ ଗର୍ହିତ କାର୍ଯ୍ୟ କରିଛି," ଏହି ଭାବନାଟି ତାକୁ ଉତ୍ପୀଡ଼ିତ କରିବାରେ ଲାଗିଥାଏ । ଏବଂ ତାକୁ ରସାତଳକୁ ନେଇଯାଉଥିବା ମାର୍ଗଟିରେ ସେ ଯେତିକ ଯେତିକ ଆଗକୁ ଯିବାରେ ଲାଗିଥାଏ, ତାହାର ଉତ୍ପୀଡ଼ିତ ହେବା ମଧ୍ୟ ସେତିକ ସେତିକ ଅଧିକ ହୋଇ ଯାଉଥାଏ ।
>
> ଭଲ କାର୍ଯ୍ୟ କରିବା ଲୋକ ଇହ ଏବଂ ପର ଉଭୟ ଜଗତରେ ସୁଖ ପାଏ । ମୁଁ ଉଚିତ କାର୍ଯ୍ୟ କରିଛି," ଏହି ଭାବନାଟି ତାକୁ ଆନନ୍ଦ ଦେବାରେ ଲାଗିଥାଏ, ଏବଂ ସ୍ୱର୍ଗସୁଖର ରାଜ୍ୟକୁ ନେଇ ଯାଉଥିବା ମାର୍ଗଟିର ସେ ଯେତିକ ଅନୁସରଣ କରୁଥାଏ, ତା'ର ସୁଖ ମଧ୍ୟ ସେତିକ ସେତିକ ଅଧିକ ହୋଇ ଯାଉଥାଏ ।

ବୌଦ୍ଧଧର୍ମରେ ଏକ ନରକ ଏବଂ ଏକ ସ୍ୱର୍ଗକୁ ଯେ ସ୍ୱୀକାର କରାଯାଇଛି, ଏହିସବୁ କଥାରୁ ଆମକୁ ପ୍ରାୟ ସେହିପରି ବୋଧ ହୋଇପାରେ । ମାତ୍ର, ସେପରି ବୁଝିଲେ ତାହା କେବଳ ଉପରଠାଉରିଆ କରି ବୁଝିବାପରି ହିଁ ହେବ । କାରଣ ଏକ ଗଭୀରତର ଅର୍ଥରେ ବୁଝିବା ଲାଗି ଚେଷ୍ଟା କରି ଦେଖିଲେ ଆମେ ନିଶ୍ଚୟ ଜାଣିପାରିବା ଯେ ବୁଦ୍ଧଙ୍କର ବିଚାରରେ ଏପରି ଆଦୌ କୌଣସି ବିଷୟ ନ ଥିଲା । ସିଏ ଯେଉଁ ଭାବନାଟି ଉପରେ ସର୍ବଦା ଗୁରୁତ୍ୱ ଦେଉଥିଲେ, ସେଇଟି ହେଉଛି ଯେ, ପ୍ରତ୍ୟେକ ବ୍ୟକ୍ତି ଯେଉଁ ଜଗତଟିରେ ବାସ କରୁଥାଏ, ଆପଣାର ଆଚରଣ ଏବଂ ଆପଣାର ଚେତନାଗତ ସୋପାନଟି ଦ୍ୱାରାହିଁ ସିଏ ସେହି ଜଗତକୁ ନିଜେ ସୃଷ୍ଟି କରିଥାଏ । ସିଏ ଯେଉଁ ଜଗତରେ ବାସ କରୁଥାଏ, ତାହାକୁ ସେ ଆପଣା ଭିତରେହିଁ ବହନ କରିବାରେ ଲାଗିଥାଏ ଏବଂ ଶରୀରତ୍ୟାଗ ପରେ ମଧ୍ୟ ସିଏ ସେହି ଜଗତଟି ମଧ୍ୟରେ ନିଶ୍ଚୟ ବାସ କରିବ । କାରଣ, ବୁଦ୍ଧଦେବଙ୍କର ଶିକ୍ଷା ଅନୁସାରେ, ଶରୀରସ୍ଥ ଜୀବନ ଓ ଶରୀରର ବାହାରେ ରହିଥିବା ଜୀବନ ମଧ୍ୟରେ ପ୍ରକୃତରେ ଆଦୌ କୌଣସି ପାର୍ଥକ୍ୟ ନାହିଁ ।

କେତେକ ବ୍ୟକ୍ତି ବିଶ୍ୱାସ କରନ୍ତି ଓ କେତେକ ପରମ୍ପରା ଏହିପରି ଏକ ଶିକ୍ଷା ଦେଇଥାନ୍ତି ଯେ ଶରୀରକୁ ତ୍ୟାଗ କରି ଚାଲିଯିବା ହେଉଛି ପ୍ରକୃତରେ ଏକ ସୌଭାଗ୍ୟର କଥା, ଏବଂ ଶରୀରଟିକୁ ତ୍ୟାଗ କରିଦ୍ୱା ସହିତହିଁ ତୁମର ସବୁଯାକ

'oaob.nitrkl.ac.in' images reprocessed

କଷ୍ଟ ଓ ଅଡ଼ୁଆ କୁଆଡ଼େ ଅନ୍ତର୍ହିତ ହୋଇଯିବ । କେତେକ ଧର୍ମରେ ଯେପରି କୁହାଯାଇଛି, ତୁମେ ଯଦି ବର୍ତ୍ତମାନ କେତୋଟି ବିଧି ଏବଂ ସଂସ୍କାରକୁ ମାନି ପାରିବ, ତେବେ ତାହା ଅବଶ୍ୟ ସମ୍ଭବ ହେବ । ଏବଂ, ଶରୀର ତ୍ୟାଗ କରିବା ପରେ ଏକ ଅଧିକ ସୁଖମୟ ରାଜ୍ୟକୁ ଯାଇ ପାରିବାର ଅନୁମତିପତ୍ର ହାସଲ କରିବାକୁ ହେଲେ ଧର୍ମଗତ କେତୋଟି ସଂସ୍କାର ଓ ବିଧିକୁ ମାନିବା ଯେ କିପରି ଅତ୍ୟାବଶ୍ୟକ, ତାହାର ଉପରେ ଏତେବେଶୀ ଗୁରୁତ୍ୱ ଦିଆଯାଇ ଆସିଛି । କେତେକ ଲୋକ ଏପରିକି ଏପରି ବି କଳ୍ପନା କରିଥାନ୍ତି ଯେ ଶରୀର ଛାଡ଼ି ଚାଲିଯିବା ମାତ୍ରକେ ତୁମର ଯାବତୀୟ ଦୁଃଖ ଓ କଷ୍ଟଭୋଗକୁ ତୁମେ ଏଇଠି ପଛରେ ପକାଇଦେଇ ଚାଲିଯାଅ । ମାତ୍ର, ସେକଥା ଆଦୌ ଠିକ୍ ନୁହେଁ ଏବଂ ଧମ୍ମପଦ ଏଠାରେ ଠିକ୍ ସେହି କଥାଟିହିଁ କହୁଛି । ଏଠାରେ ତାହା ଯାହାକୁ ରସାତଳ ବୋଲି ବର୍ଣ୍ଣନା କରୁଛି, ତାହାକୁ ଆମେ ଯଥାର୍ଥରେ ମନୋଭୂମିଗତ କେତୋଟି ସୋପାନକୁହିଁ ବୁଝିବା ଏବଂ ମନ୍ଦ କାର୍ଯ୍ୟ କଲାବେଳେ ତୁମେ ଚେତନାର ସେହିସବୁ ସୋପାନରେ ଯାଇ ପ୍ରବିଷ୍ଟ ହୋଇଥାଅ । ଅର୍ଥାତ୍, ଯାହାକିଛି ସୁନ୍ଦର, ଶୁଭ୍ର ଏବଂ ସୁଖମୟ, ଯେତେବେଳେ ତୁମେ ବିଚ୍ୟୁତ ହୋଇ ସେଥିମଧ୍ୟରୁ ଅନ୍ୟତ୍ର କେଉଁଠାକୁ ଚାଲିଯାଅ, ଯେତେବେଳେ ତୁମେ କୁତ୍ସିତତା ଏବଂ ଦୁଷ୍ଟତା ମଧ୍ୟରେ ବାସ କର, ସେତେବେଳେ ତୁମେ ଚେତନାର ସେହିସବୁ ସୋପାନରେ ଯାଇ ପ୍ରବେଶ କର । ଦୁଷ୍ଟତାର ଏକ ବାତାବରଣ ଭିତରେ ବାସ କରିବାଠାରୁ ବଳି ଆଉ ଅଧିକ ହତୋତ୍ସାହିତ କରିଦେଉଥିବା ବିଷୟ ପୁଣି କ'ଣ ଅଛି ?

ପ୍ରାୟ ଏକ ପିଲାଳିଆ ଢଙ୍ଗରେ ଧମ୍ମପଦରେ ଏଠାରେ ଯାହା କୁହାଯାଇଛି, ଆମେ ତାହାକୁ ମର୍ମତଃ ଏକ ପ୍ରକୃତ କଥା ବୋଲି କହିବା । "ମୁଁ ପ୍ରକୃତରେ କେଡ଼େ ଭଲ ଲୋକ, ମୁଁ ପ୍ରକୃତରେ କେଡ଼େ ସୁନ୍ଦର ଲୋକ !" ବୋଲି ଯେଉଁମାନେ ଭାବନ୍ତି ଓ ତେଣୁ ସୁଖ ଅନୁଭବ କରୁଥାନ୍ତି, ଅବଶ୍ୟ ଏଠାରେ ସେମାନଙ୍କ ବିଷୟରେ ଆଦୌ ଏକଥାଟି କୁହାଯାଇ ନାହିଁ । ସେପରି ଭାବିବା ପ୍ରକୃତରେ ଏକ ପିଲାମି । ମାତ୍ର, ଯେତେବେଳେ ତୁମେ ଭଲ ଥାଅ, ଯେତେବେଳେ ଉଦାର, ସୌମ୍ୟ ଏବଂ ଆସକ୍ତିମୁକ୍ତ ଓ ଦୟାଯୁକ୍ତ ହୋଇ ରହିଥାଅ, ସେତେବେଳେ ତୁମେ ନିଜ ଭିତରେ ଓ ନିଜର ଚତୁର୍ଦିଗରେ ଏକ ନିର୍ଦ୍ଦିଷ୍ଟ ବାତାବରଣ ସୃଷ୍ଟି କରିଥାଅ ଏବଂ ସେହି ବାତାବରଣ ତୁମ ଲାଗି ପ୍ରକୃତରେ ଏକ ସନ୍ଦୀପିତ ମୁକ୍ତସଞ୍ଚରଣର କ୍ଷେତ୍ର ହୋଇ ରହିଥାଏ । ସେତେବେଳେ ତୁମେ କେଡ଼େ ସହଜରେ ନିଃଶ୍ୱାସ ନେଇ ପାରୁଥାଅ, ସୂର୍ଯ୍ୟାଲୋକ ମଧ୍ୟରେ ସତେଅବା ଗୋଟିଏ ଫୁଲ ପରି ଫୁଟି ଉଠିଥିବା ପରି ଅନୁଭବ କରୁଥାଅ । ଆପଣା ଭିତରେ କୌଣସି ପ୍ରକାର ଯନ୍ତ୍ରଣାର ପ୍ରତିତାଡ଼ନ ନ ଥାଏ, କୌଣସି ତିକ୍ତତା ନ ଥାଏ,

'oaob.nitrkl.ac.in' images reprocessed

କୌଣସି ବିଦ୍ରୋହ ନ ଥାଏ, କୌଣସି ଦୁଃଖକ୍ଲେଶର ଲେଶ ବି ନ ଥାଏ । ତୁମର ବାତାବରଣଟି ସ୍ୱତଃସ୍ଫୂର୍ତ୍ତି ଏବଂ ସ୍ୱାଭାବିକ ଭାବରେ ଆଲୋକମୟ ହୋଇ ରହିଥାଏ ଏବଂ ତୁମେ ନିଃଶ୍ୱାସରେ ଗ୍ରହଣ କରୁଥିବା ପବନ ମଧ୍ୟ ଆନନ୍ଦମୟ ହୋଇ ରହିଥାଏ । ଏବଂ, ତୁମେ ଠିକ୍ ଏହି ପବନଟିକୁହିଁ ନିଜର ଶରୀର ଭିତରେ ଏବଂ ଶରୀରର ବାହାରେ ଗ୍ରହଣ କରୁଥାଅ, ଜାଗରଣ ଏବଂ ସୁପ୍ତି ଉଭୟ ଅବସ୍ଥାରେ, ଏହି ଜୀବନରେ ଓ ଜୀବନ ସେପାଖରେ ରହିଥିବା ଆପଣାର ଗତିପଥଟିରେ, ଏହି ପାର୍ଥିବ ଜୀବନର ବାହାରେ ତୁମର ନୂତନ ଜୀବନଟିକୁ ଲାଭ କରିବା ପର୍ଯ୍ୟନ୍ତହିଁ ତୁମେ ସେହି ପବନକୁ ନିଶ୍ୱାସରେ ଗ୍ରହଣ କରୁଥାଅ ।

ଆମର ପ୍ରତ୍ୟେକଟି ଅନୁଚିତ କାର୍ଯ୍ୟ ଚେତନା ଉପରେ ଏପରି ଏକ ପବନର ଆଘାତ ଆଣି ସୃଷ୍ଟି କରେ, ଯାହାକି ଶୁଷ୍କ କରିଦିଏ ଓ ମ୍ଳାନ କରି ପକାଏ; ଏପରି ଏକ ଶୀତଳତାର ସୃଷ୍ଟି କରେ ଯାହାକି ଜମାଟ ବନ୍ଧାଇଦିଏ ବା ଏପରି ଏକ ନିଆଁକୁ ଜଳାଇଦିଏ, ଯାହାକି ଗୋଟାସୁଦ୍ଧା ପୋଡ଼ି ପକାଏ ।

ଉତ୍ତମ ଏବଂ ଦୟାଯୁକ୍ତ ପ୍ରତ୍ୟେକ କାର୍ଯ୍ୟ ଆଲୋକକୁ ବହନ କରିଆଣେ, ଶାନ୍ତି ବହନ କରିଆଣେ, ଆନନ୍ଦକୁ ବହନ କରି ନେଇଆସେ; ତାହା ଏପରି ଏକ ସୂର୍ଯ୍ୟାଲୋକକୁ ବହନ କରି ନେଇଆସେ, ଯେଉଁଥିରେ କି ଫୁଲଗୁଡ଼ିକର ପ୍ରସ୍ଫୁଟନ ସମ୍ଭବ ହୋଇଯାଏ ।

୩ ଜାନୁଆରୀ ୧୯୫୮

କୌଣସି ବ୍ୟକ୍ତି ହୁଏତ କେତେ ନା କେତେ ପବିତ୍ର ଧର୍ମଗ୍ରନ୍ଥରୁ କେତେ କ'ଣ ଆବୃତ୍ତି କରି କହି ଦେଇପାରେ, ମାତ୍ର ଯଦି ସେ ସେହି ଅନୁସାରେ କାର୍ଯ୍ୟ କରୁ ନ ଥାଏ, ତେବେ ସେହି ନିର୍ବୋଧ ବ୍ୟକ୍ତିକୁ ଆମେ ଅନ୍ୟମାନଙ୍କର ଗୋରୁମାନଙ୍କୁ ସଂଖ୍ୟାରେ ଗଣିବାରେ ଲାଗିଥିବା ଜଣେ ଗାଈଆଳ ସହିତ ତୁଳନା କରି-ପାରିବା । ପୁଣ୍ୟଧାମ ତଥାଗତଙ୍କର ଶିଷ୍ୟମାନଙ୍କ ଜୀବନରେ ସେ କୌଣସି ଅଂଶ ଗ୍ରହଣ କରିପାରିବ ନାହିଁ । ମାତ୍ର, ଯିଏ ହୁଏତ ପବିତ୍ର ଧର୍ମଗ୍ରନ୍ଥଗୁଡ଼ିକରୁ ମାତ୍ର ଏକ ସ୍ୱଳ୍ପ ଅଂଶର ଆବୃତ୍ତି କରିପାରେ, କିନ୍ତୁ ତଥାପି ଯଦି ବାସନାମୁକ୍ତ ହୋଇ, ସକଳ ଅସଦିଚ୍ଛା ଏବଂ ସକଳ ଭ୍ରମକୁ ପରିତ୍ୟାଗ କରି ସେ ସେଗୁଡ଼ିକର

'oaob.nitrkl.ac.in' images reprocessed

> ଶିକ୍ଷାକୁ ନିଜ ଜୀବନରେ ଆଚରଣ କରେ, ତେବେ ତାହାଙ୍କଠାରେ ଯଥାର୍ଥ ଜ୍ଞାନ ରହିଛି ବୋଲି କହିବାକୁ ହେବ । ତା'ର ମନ ସମ୍ପୂର୍ଣ୍ଣ ଭାବରେ ବନ୍ଧନମୁକ୍ତ ହୋଇ ରହିଥିବ, ସିଏ ଆଉ କୌଣସିଥିରେ ଲିପ୍ତ ରହି ନ ଥିବ, ସିଏ ଏହି ସଂସାରରେ ବା ଆଉ କୌଣସି ସଂସାରରେ ବାନ୍ଧିହୋଇ ନ ଥିବ; — ତଥାଗତଙ୍କର ଶିଷ୍ୟମାନଙ୍କର ଜୀବନରେ କେବଳ ସେଇ ଅଂଶଗ୍ରହଣ କରିପାରିବ ।

ଏହି କଥାଟିକୁ ଏତେ ଅଧିକ ସମୟରେ ଏତେ ଥର କରି କୁହାଯାଇଛି ଯେ, କଥାର ଗୋଟାଏ ଏଡ଼େବଡ଼ ପର୍ବତ ଆଣି ଥୋଇଦେବା ଅପେକ୍ଷା ଏତେ ଟିକିଏ ହେଲେ ମଧ୍ୟ କୌଣସି ସତ୍ୟକୁ ଆଣି ନିଜ ଜୀବନରେ ପ୍ରୟୋଗ କରିବା ଯେ ଅନନ୍ତ ଗୁଣରେ ଅଧିକ ମୂଲ୍ୟବାନ୍, ସେକଥାରେ ପୁଣି ଗୁରୁତ୍ୱ ଦେଇ କହିବା ପ୍ରକୃତରେ ଅନାବଶ୍ୟକ ବୋଲି ବୋଧ ହେବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, କୌଣସି ଏକ ତତ୍ତ୍ୱର ବ୍ୟାଖ୍ୟାରେ ଜଣେ ବ୍ୟକ୍ତି ଆପଣାର ଯେତେ ଶକ୍ତି ଖରଚ କରୁଛି, ଆପଣା ମଧ୍ୟରେ ରହିଥିବା କୌଣସି ଦୁର୍ବଳତା ଅଥବା ଦୋଷକୁ ଜୟ କରିବାରେ ସେହି ଶକ୍ତିକୁ ଲଗାଇ ପାରିଲେ ତାହା ନିଶ୍ଚୟ ଅନେକ ଅଧିକ ଶ୍ରେୟସ୍କର ହେବ ।

ତେଣୁ, ଏହି ସୂକ୍ତଗୁଡ଼ିକ ପକ୍ଷରେ ଆପଣାର ସ୍ୱୀକୃତି ଜ୍ଞାପନ କରି ଆମେ ଯାବତୀୟ ବାସନାମତ୍ତତା, ଅସଦିଚ୍ଛା ଏବଂ ଭ୍ରମକୁ ପ୍ରତ୍ୟାଖ୍ୟାନ କରିବାର ସର୍ବୋତ୍ତମ ଉପାୟଗୁଡ଼ିକ ବିଷୟରେହିଁ ବିଚାର କରିବା ।

ଯେତେବେଳେ ଆମେ ପ୍ରତିଭାସକୁ ସତ୍ୟ ବୋଲି ଗ୍ରହଣ କରୁଥିବା ଏବଂ କ୍ଷଣସ୍ଥାୟୀ ବସ୍ତୁଗୁଡ଼ିକୁ ଏକମାତ୍ର ଅନୁଧାବନଯୋଗ୍ୟ ବସ୍ତୁ ବୋଲି ଅର୍ଥାତ୍ ଶାଶ୍ୱତ ସତ୍ୟ ବୋଲି ବିଶ୍ୱାସ କରୁଥିବା, ସେତିକିବେଳେହିଁ ଆମେ ଭ୍ରମ ମଧ୍ୟରେ ଆଚ୍ଛନ୍ନ ହୋଇ ରହିଥିବା ।

ଅତ୍ୟନ୍ତ ଆଗ୍ରହର ସହିତ ଏଠାରେ ଉଲ୍ଲେଖ କରାଯାଇ ପାରିବ ଯେ, କେବଳ ଏହି ଗୋଟିଏ ସଂସାରର ବନ୍ଧନ ମଧ୍ୟରୁ ନୁହେଁ, ଆମକୁ ଯାବତୀୟ ସକଳ ସଂସାରର ବନ୍ଧନରୁ ଯେ ମୁକ୍ତ ହୋଇ ଆସିବାକୁ ପଡ଼ିବ, ଧମ୍ମପଦ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଆମକୁ ସେହି କଥାଟିକୁ କହିଦେଇଛି ।

'oaob.nitrkl.ac.in' images reprocessed

କାରଣ ଯେଉଁମାନେ ଯଥାର୍ଥ ଉଷ୍ଣାହର ସହିତ ବୌଦ୍ଧ ମାର୍ଗର ଅନୁସରଣ କରୁଥାନ୍ତି, ସେମାନେ ଆମକୁ କହୁଥାନ୍ତି ଯେ, ସେଗୁଡ଼ିକର ଜୀବମାର୍ଗକୁ ମାନିଚଳିବା ଦ୍ୱାରା ତୁମେ ଯେ ମୃତ୍ୟୁ ପରେ ସେମାନଙ୍କର କଳ୍ପିତ ସ୍ୱର୍ଗଟିରେ କେତେ କେତେ ଚମତ୍କାର ସୁବିଧାମାନ ହାସଲ କରିବ, ସାଧାରଣ ଧର୍ମମତଗୁଡ଼ିକ ତୁମମାନଙ୍କୁ ଏହିପରି ପ୍ରଲୋଭନ ଦେଖାଇ ପାଶବଦ୍ଧ କରି ରଖିଥାନ୍ତି । ମାତ୍ର, ଅନ୍ୟପକ୍ଷରେ, ବୌଦ୍ଧ ଧର୍ମରେ କୌଣସି ନରକର କଥା କୁହାଯାଇ ନାହିଁ ଅଥବା କୌଣସି ସ୍ୱର୍ଗର କଥା ବି କୁହାଯାଇ ନାହିଁ । ଚିରନ୍ତନ ଶାସ୍ତି ଭୋଗର ଭୟ ଦେଖାଇ ବୌଦ୍ଧଧର୍ମ ତୁମକୁ ଆତଙ୍କିତ କରିବାକୁ ଆସେ ନାହିଁ ଅଥବା ସ୍ୱର୍ଗ ଭୋଗ କରିବାର କୌଣସି ଆନନ୍ଦମୟ ପ୍ରତିଶ୍ରୁତି ଦ୍ୱାରା ତୁମକୁ ପ୍ରଲୁବ୍ଧ ବି କରେ ନାହିଁ ।

କେବଳ ଶୁଦ୍ଧ ପରମସତ୍ୟ ମଧ୍ୟରେହିଁ ତୁମେ ଆପଣାର ଯାବତୀୟ ପ୍ରଶ୍ନାପର ତୁଷ୍ଟିବିଧାନ ଲାଭ କରିପାରିବ, ସେହିଠାରେହିଁ ତତ୍ଜନିତ ସକଳ ପୁରସ୍କାର ତୁମକୁ ଉପଲବ୍ଧ ହେବ ।

୧୦ ଜାନୁଆରୀ ୧୯୫୮

'oaob.nitrkl.ac.in' images reprocessed

ଅପ୍ରମାଦ

ସାବଧାନତାହିଁ ଅମରତ୍ୱ ଆଡ଼କୁ (ବା ନିର୍ବାଣ ଆଡ଼କୁ) ନେଇଯାଏ । ହେଳାର ପଥଟି ମୃତ୍ୟୁର କାରଣ ହୁଏ । ଯେଉଁମାନେ ସର୍ବଦା ସାବଧାନ ଥାଆନ୍ତି, ସେମାନେ କଦାପି ମୃତ୍ୟୁମୁଖରେ ପଡ଼ନ୍ତି ନାହିଁ । ଯେଉଁମାନେ ହେଳାକୁ ପ୍ରଶ୍ରୟ ଦିଅନ୍ତି, ସେମାନେ ପ୍ରକୃତରେ ମରିକରିହିଁ ରହିଥାନ୍ତି ।

ତୁମେମାନେ ବୁଝିପାରୁଥିବ ଯେ ଏଠାରେ ନିର୍ବାଣ ଶବ୍ଦଟିକୁ ସମ୍ପୂର୍ଣ୍ଣ ବିଲୁପ୍ତିର ଅର୍ଥରେ ମୋଟେ ବ୍ୟବହାର କରାଯାଇ ନାହିଁ; ମାତ୍ର ବର୍ତ୍ତମାନର ଏହି ପାର୍ଥିବ ଜୀବନରେ ଆମେ ଜୀବନ ଓ ମୃତ୍ୟୁକୁ ଯାହା ବୋଲି ଜାଣିଛୁ, ତାହାର ସମ୍ପୂର୍ଣ୍ଣ ବିପରୀତ ଏକ ଶାଶ୍ୱତ ଜୀବନର ଅର୍ଥରେ ଏଠାରେ ନିର୍ବାଣ ଶବ୍ଦଟିକୁ ବ୍ୟବହାର କରାଯାଇଛି । ବର୍ତ୍ତମାନର ପାର୍ଥିବ ଜୀବନରେ ତ ଜୀବନ ଏବଂ ମୃତ୍ୟୁକୁ ଆମେ ପରସ୍ପରର ବିପରୀତ ବୋଲି ଜାଣିଛୁ । ବର୍ତ୍ତମାନ ଆମେ ଜୀବନକୁ ମୃତ୍ୟୁର ବିପରୀତ ବୋଲି ଜାଣିଛୁ ଓ ମୃତ୍ୟୁକୁ ଜୀବନର ବିପରୀତ ବୋଲି ଜାଣିଛୁ । ଏଠାରେ ଆଦୌ ସେହି ଜୀବନଟିର କଥା କୁହାଯାଇ ନାହିଁ; ଏଠାରେ ଏକ ଚିରନ୍ତନ ଜୀବନର କଥା କୁହାଯାଇଛି, ଯାହାକି ଜୀବନ ଓ ମୃତ୍ୟୁ ଦୁଇଟିଯାକର ଆହୁରି ସେପାଖରେ ରହିଛି, ଏଠାରେ ଅସଲ ଓ ଯଥାର୍ଥ ଜୀବନର କଥା କୁହାଯାଇଛି ।

ସାବଧାନ ରହିବାର ଅର୍ଥ ହେଉଛି ଜାଗ୍ରତ ହୋଇ ରହିବା, ସତର୍କ ରହିବା, ନିଷ୍ଠାଯୁକ୍ତ ହୋଇ ରହିବା । କେବେହେଲେ ଯେପରି ଅସତର୍କ ହୋଇ ରହିଥିବା କାରଣରୁ ଆମେ ଆଦୌ କୌଣସି ପ୍ରମାଦରେ ନ ପଡ଼ିବା । ଯେତେବେଳେ ତୁମେ ସାଧନା କରିବାକୁ ଇଚ୍ଛା କରିବ, ସେତେବେଳେ ତୁମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଦୁଇଟି ପଦକ୍ଷେପ ମଧ୍ୟରୁ ଏଇଟିକୁ ବା ସେଇଟିକୁ ନେବାର ଆହ୍ୱାନ ଆସି ପହଞ୍ଚୁଥିବ । ହୁଏତ ତୁମକୁ ତୁମ ଲକ୍ଷ୍ୟ ପାଖରେ ଯାଇ ପହଞ୍ଚିବାର ଏକ ପଦକ୍ଷେପ ନେବାକୁ ହେବ, ଅଥବା ଶୋଇ ପଡ଼ିବାର ବା ଏପରିକି ପଛକୁ ଫେରିଯିବାର ଏକ ପଦକ୍ଷେପ ନେବାକୁ ହେବ ଏବଂ ଏହି ଦ୍ୱିତୀୟ ପଦକ୍ଷେପଟି ନେଲାବେଳେ ତୁମେ ନିଜକୁ କହୁଥିବ, "ବର୍ତ୍ତମାନ ଥାଉ, ମୁଁ ପରେ ବି ତ

'oaob.nitrkl.ac.in' images reprocessed

କେତେବେଳେ ଅନ୍ୟ ପଦକ୍ଷେପଟିକୁ ନେଇ ପାରିବ !"—ନିଜର ବାଟଟି ଉପରେ ବସିରହି ଆପଣା ବାଟକୁ ଆପେ ଓଗାଳି ତୁମେ ସେହି କଥାଟିକୁ କହୁଥିବ ।

ତୁମକୁ ଯାହାକିଛୁ ପଛକୁ ଟାଣୁଛି, କେବଳ ତାହାର ପ୍ରତିରୋଧ କରିବାକୁହିଁ ସାବଧାନ ରହିବା ବୋଲି କଦାପି ବୁଝାଯିବ ନାହିଁ । ମାତ୍ର, ଆଗକୁ ଯିବାର କୌଣସି ଗୋଟିଏ ସୁଯୋଗ ଯେପରି ତୁମ ହାତରୁ ଖସି ନ ଯାଏ, କୌଣସି ଏକ ଦୁର୍ବଳତାକୁ ଭସ୍ମ କରିବାର, କୌଣସି ଏକ ପ୍ରଲୋଭନର ପ୍ରତିରୋଧ କରିବାର, କୌଣସି ଏକ ନୂତନ ଶିକ୍ଷା ପାଇବାର, ନିଜ ଜୀବନରେ କୌଣସି ସଂଶୋଧନ ଆଣିବାର ବା କୌଣସି ଏକ କଥା ଉପରେ ଆପଣାର ନିୟନ୍ତ୍ରଣ ସମ୍ଭବ କରି ପାରିବାର କୌଣସି ଗୋଟିଏ ସୁଯୋଗ ଯେପରି ତୁମ ହାତରୁ ଖସି ନ ଯାଏ, ସାବଧାନତା କହିଲେ ସେଇଥିଲାଗିହିଁ ସଦାସତର୍କ ରହିବାକୁହିଁ ବୁଝାଇବ । ସାବଧାନ ରହିଥିଲେ, ଯାହା ହାସଲ୍ କରିବାକୁ ତୁମକୁ ହୁଏତ କେତେ ବର୍ଷ ସମୟ ଲାଗିଥାନ୍ତା, ତାହାକୁ ତୁମେ ଅଳ୍ପ କେତୋଟି ଦିନରେ ଅବଶ୍ୟ ହାସଲ୍ କରିପାରିବ । ସାବଧାନତା ଅବଲମ୍ବନ କରିପାରିଲେ ତୁମେ ନିଜ ଜୀବନର ପ୍ରତ୍ୟେକଟି ପରିସ୍ଥିତି, ପ୍ରତ୍ୟେକଟି କାର୍ଯ୍ୟ ଏବଂ ପ୍ରତ୍ୟେକଟି ଗତ୍ୟାତ୍ମକତାକୁ ଲକ୍ଷ୍ୟର ନିକଟତର ହେବା ଲାଗି ଏକ ଅବସର ରୂପେ ନିଶ୍ଚୟ ବଦଳାଇ ଦେଇପାରିବ ।

ସାବଧାନତା ବା ଅତନ୍ଦ୍ରତା ଦୁଇ ପ୍ରକାରର—ସକ୍ରିୟ ଏବଂ ଅକ୍ରିୟ । ଏପରି ଏକ ଅତନ୍ଦ୍ରତା ରହିଛି, ଯାହାକି, ତୁମେ କୌଣସି ଭୁଲ୍ କରି ପକାଇବା ପୂର୍ବରୁ ତୁମକୁ ଏକ ଚେତାବନୀ ଦେଇ ଯାଇଥାଏ; ଯଦି ତୁମେ ଭୁଲ୍ ବାଟଟିକୁ ଗ୍ରହଣ କରିବାକୁ ଯାଉଛ, ଯଦି ତୁମେ ଦୁର୍ବଳ ହୋଇ ଯାଉଛ ବା କୌଣସି ପ୍ରକାରେ ପ୍ରଲୁବ୍ଧ ହେବା ପାଇଁ ନିଜକୁ ପ୍ରଶ୍ରୟ ଦେଉଛ, ତେବେ ତାହା ତୁମକୁ ସେହି ବିଷୟରେ ସତର୍କ କରି ଦେଇଯାଏ । ଏବଂ, ଏହା ବ୍ୟତୀତ ଏକ କ୍ରିୟାଶୀଳ ବା ସକ୍ରିୟ ଅତନ୍ଦ୍ରତା ମଧ୍ୟ ରହିଛି, ଯାହାକି ସର୍ବଦା ଅଗ୍ରଗତିର ଏକ ଅବସର ଖୋଜୁଥାଏ, ଆହୁରି ଅଧିକ ଦ୍ରୁତତର ଭାବରେ ଆଗକୁ ଯାଇପାରିବା ସକାଶେ ପ୍ରତ୍ୟେକ ସ୍ଥିତିର ସଦ୍‌ବ୍ୟବହାର କରିବାକୁ ତାହା ବାଟ ଖୋଜିବାରେ ଲାଗିଥାଏ ।

ଆପଣାକୁ କୌଣସି ପତନରୁ ନିବୃତ୍ତ କରି ରଖିବା ଏବଂ ଅଧିକ ଦ୍ରୁତତର ଭାବରେ ଆଗକୁ ଯାଇପାରିବା,—ଏହି ଦୁଇଟି ମଧ୍ୟରେ ଏକ ପାର୍ଥକ୍ୟ ରହିଛି ।

ଏବଂ ଦୁଇଟିଯାକରହିଁ ଏକାନ୍ତ ଆବଶ୍ୟକତା ରହିଛି ।

ଯିଏ କୌଣସି ସାବଧାନତା ଅବଲମ୍ବନ କରୁ ନାହିଁ, ସିଏ ପ୍ରକୃତରେ ମରି ସାରିଲଣି ବୋଲି ଜାଣିବାକୁ ହେବ । ନିଜର ଅସ୍ତିତ୍ୱ ଓ ନିଜ ଜୀବନର ଅସଲ

'oaob.nitrkl.ac.in' images reprocessed

ଲକ୍ଷ୍ୟଟି ସହିତ ତାହାର ପ୍ରକୃତରେ ଆଉ କୌଣସି ଯୋଗ ନାହିଁ ବୋଲି ବୁଝିବାକୁ ହେବ ।

ଏହିପରି ଭାବରେହିଁ ତୁମର ମୁହୂର୍ତ୍ତିଗୁଡ଼ିକ ଚାଲିଯାଏ, ପରିସ୍ଥିତିଗୁଡ଼ିକ ଚାଲିଯାଏ, ଜୀବନଟାହିଁ ବୃଥା ଅତିବାହିତ ହୋଇଯାଏ । ଏସବୁଥିରୁ ତୁମକୁ ଆଦୌ କିଛୁ ମିଳେ ନାହିଁ ଏବଂ ଏପରି ଏକ ଗର୍ତ୍ତ ମଧ୍ୟରେ ତୁମର ନିଦ ଭାଙ୍ଗେ, ଯେଉଁଥିମଧ୍ୟରୁ ବାହାରି ପାରିବା ପ୍ରକୃତରେ ଭାରି କଷ୍ଟକର ହୋଇପଡ଼େ ।

୧୭ ଜାନୁଆରି ୧୯୫୮

ଅତନ୍ଦ୍ରତାର ଅର୍ଥକୁ ଉତ୍ତମରୂପେ ହୃଦୟଙ୍ଗମ କରି ସାଧୁ ଓ ମୁନିମାନେ ଆନନ୍ଦର ସହିତ ତାହାରି ମଧ୍ୟରେ ଅବସ୍ଥାନ କରୁଥାନ୍ତି ଓ ପରମ ମହାନ୍ ଆତ୍ମାଗୁଡ଼ିକର ସାନ୍ନିଧ୍ୟରେ ରହି ସୁଖଭୋଗ କରନ୍ତି ।

ଏହି ଶିକ୍ଷାବାକ୍ୟଟି ମଧ୍ୟରେ ଆମେ ଗୋଟିଏ କଥାକୁ ନିଶ୍ଚୟ ଲକ୍ଷ୍ୟ କରି ରଖିବା; ସେହି କଥାଟି ହେଉଛି : ତୁମକୁ ଏହିସବୁ ବାକ୍ୟରେ ଆଦୌ କୁହାଯାଉ ନାହିଁ ଯେ ଉତ୍ତମ ଜୀବନଯାପନ କରିବାକୁ ହେଲେ ଅଥବା ଉତ୍ତମ ଭାବନାଗୁଡ଼ିକୁ ଭାବିବାକୁ ହେଲେ ତୁମକୁ କୌଣସି ଏକ ସଂଗ୍ରାମ କରିବାକୁ ହେବ ଅଥବା ଏକ ତ୍ୟାଗ ସହ୍ୟ କରିବାକୁ ପଡ଼ିବ । ବରଂ ଓଲଟା କଥାଟାହିଁ ସତ ଯେ, ଉତ୍ତମ ଜୀବନଯାପନ ଏପରି ଏକ ଜୀବନକୁ ସମ୍ଭବ କରିଆଣେ, ଯାହାକି ଯାବତୀୟ ଦୁଃଖର ଉପଶମ କରିଦିଏ । ସେହି ଯୁଗରେ, ବୁଦ୍ଧଦେବଙ୍କ ଯୁଗରେ ଆଧ୍ୟାତ୍ମିକ ଜୀବନଯାପନକୁ ଏକ ଆନନ୍ଦ, ଏକ ପରମ ସୁଖ ବୋଲି ଗ୍ରହଣ କରାଯାଉଥିଲା, ତାହାକୁ ସବୁଠାରୁ ବଡ଼ ଏକ ସୁଖସ୍ଥିତି ବୋଲି ଅନୁଭବ କରାଯାଉଥିଲା । ସେହି ସ୍ଥିତି ମନୁଷ୍ୟକୁ ପୃଥିବୀର ଯାବତୀୟ କଷ୍ଟରୁ, ଯାବତୀୟ ଦୁଃଖ ଏବଂ ଯାବତୀୟ ସନ୍ତାପରୁ ମୁକ୍ତ କରି ଦେଉଥିଲା; ତାହା ମନୁଷ୍ୟକୁ ସୁଖ ଆଣି ଦେଉଥିଲା, ସନ୍ତୋଷ ଓ ତୃପ୍ତି ଆଣି ଦେଉଥିଲା ।

ଆଧୁନିକ ଯୁଗର ବସ୍ତୁବାଦୀ ଦୃଷ୍ଟିହିଁ ଆଧ୍ୟାତ୍ମିକ ଉଦ୍ୟମକୁ ଏକ କଠିନ ସଂଘର୍ଷ ଏବଂ ଏକ ତ୍ୟାଗସହନରେ ପରିଣତ କରି ଦେଇଛି, ଏବଂ ସେହି ଉଦ୍ୟମଟି ଜୀବନର ତଥାକଥିତ ସମସ୍ତ ଆନନ୍ଦକୁ ବର୍ଜନ କରି ଆସିବା ବୋଲି ବୁଝାଉଛି ।

ସ୍ଥୂଳ ଜଗତ, ସ୍ଥୂଳ ସୁଖଲାଭ, ସ୍ଥୂଳ ଆନନ୍ଦପ୍ରାପ୍ତି ଏବଂ ଭୌତିକ ସମ୍ପତ୍ତିର ଅଧିକାର, ବର୍ତ୍ତମାନ ଏହିସବୁକୁ ଯେ ଐକାନ୍ତିକ ଭାବରେ ଏତେ ଜୋର୍ ଦେଇ ଏକମାତ୍ର ସତ୍ୟ ବୋଲି କୁହାଯାଉଛି, ତାହାରି ପରିଣାମସ୍ୱରୂପହିଁ ମନୁଷ୍ୟର

'oaob.nitrkl.ac.in' images reprocessed

ସଭ୍ୟତାରେ ଏହି ଯାବତୀୟ ଜଡ଼ବାଦିତାର ଆବିର୍ଭାବ ହୋଇଛି । ମାତ୍ର, ପ୍ରାଚୀନ କାଳରେ କେହି ଏପରି ଭାବି ମଧ୍ୟ ପାରୁ ନ ଥିଲେ । ଓଲଟି ପ୍ରତ୍ୟାହାର, ଅଭିନିବେଶ, ଜଡ଼ଗତ ଯାବତୀୟ ସନ୍ତାପରୁ ମୁକ୍ତ ଏବଂ ଆଧ୍ୟାତ୍ମିକ ଆନନ୍ଦ ଲାଗି ନିଜକୁ ସମର୍ପଣ କରି ରଖିବା,—ଏହିଗୁଡ଼ିକୁହିଁ ସେତେବେଳେ ଅସଲ ସୁଖ ବୋଲି ବିଚାର କରାଯାଉଥିଲା ।

ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ ଏକଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି ଯେ ମନୁଷ୍ୟଜାତି ପ୍ରକୃତରେ କୌଣସି ଅଗ୍ରଗତି କରି ନାହିଁ, ଏବଂ ଯେଉଁମାନେ ଏହି ନିରାଟ ବସ୍ତୁବାଦୀ ସଭ୍ୟତାର କେନ୍ଦ୍ରଗୁଡ଼ିକରେ ଜନ୍ମଗ୍ରହଣ କରି ସଂସାରକୁ ଆସିଥିଲେ, ସେମାନଙ୍କର ଅବଚେତନ ମଧ୍ୟରେ ଏହି ଅତି ଭୟଙ୍କର ଧାରଣାଟି ସତେଅବା ଘର କରି ରହିଛି ଯେ ଜଡ଼ ବୋଲି କୁହା ନ ଯାଉଥିବା ଯାବତୀୟ କଥା କହିଲେ ତାହା କଷ୍ଟସହ ଏକ ଅଦ୍ଭୁତ ତ୍ୟାଗଭାବକୁ ବୁଝାଇବ, ତାହା ପାଇଁ ଏକ ଅତ୍ୟନ୍ତ ପରାକ୍ରମଶାଳୀ ପ୍ରଚେଷ୍ଟାକୁହିଁ ବୁଝାଇବ । ଏହି ସାନ ସନ ଯାବତୀୟ ଜଡ଼ସ୍ଥ ପରିତର୍ପଣ ଜଡ଼ଗତ ସୁଖ, ଜଡ଼ଗତ ଅନୁଭବ, ଜଡ଼ଗତ ଚିନ୍ତା ଭିତରେ ସକାଳୁ ସନ୍ଧ୍ୟା ଏବଂ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ କୌଣସି ପ୍ରକାରେ ଆପଣାକୁ ସମ୍ପୃକ୍ତ ଓ ଗ୍ରଥିତ କରି ନ ରଖିବା,—ଏହାକୁହିଁ ଏକ ଚମତ୍କାର ଜୀବନଦୃଷ୍ଟିର ପ୍ରମାଣ ବୋଲି ବର୍ତ୍ତମାନ ବୁଝାଉଛି । ଆମେ ସେହି ବିଷୟରେ ସଜ୍ଞାନ ହୋଇ ରହି ନାହୁଁ ସତ, ମାତ୍ର, "ଯାହାକୁ ତୁମେ ସ୍ପର୍ଶ କରି ପାରୁଛ, ତାହା ଯେ ସତ୍ୟ ତୁମେ ଏବିଷୟରେ ନିଶ୍ଚିତ ହୋଇ ପାରୁଛ; ଯାହାକୁ ଆଖି ଦ୍ୱାରା ଦେଖି ପାରୁଛ, ତାହା ଯେ ସତ୍ୟ ତୁମେ ଏବିଷୟରେ ନିଶ୍ଚିତ ହୋଇ ପାରୁଛ; ତୁମେ ଯାହା ଭୋଜନ କରୁଛ, ତାହା ପ୍ରକୃତରେ ଭୋଜନ କଲ ବୋଲି ତୁମେ ନିଶ୍ଚିତ ଭାବରେ ଜାଣିପାରୁଛ । ଏବଂ, ଏସବୁ ବ୍ୟତୀତ, ଆଉ ଯାହାକିଛି ରହିଲା, ସେଗୁଡ଼ାକ ଯେ କେବଳ ଶୁଷ୍କ ସ୍ୱପ୍ନହିଁ ନୁହେଁ, ସେଗୁଡ଼ାକୁ ସ୍ୱୀକାର କରି ଆମେ ଯେ କେତେଟା ମିଥ୍ୟା ଲାଗି ସତ୍ୟକୁ ବର୍ଜନ କରି ନ ଦେଉଛୁ, କେବଳ ଗୋଟାଏ ଛାଇ ଲାଗି ଯଥାର୍ଥ ଉପାଦାନଟିକୁ ଛାଡ଼ି ନ ଆସୁଛୁ, ସେକଥା କିଏ ଅସ୍ୱୀକାର କରିପାରିବ ?" —ଏହି ପ୍ରକାରର ଏକ ଧାରଣା ଉପରେ ଆଧୁନିକ ସଭ୍ୟତାର ସବୁକିଛି ଦଣ୍ଡାୟମାନ ରହିଛି । ସେହି ଧାରଣାଟି ତୁମକୁ କହିବାରେ ଲାଗିଛି, "ଏସବୁଥିରୁ ତୁମେ ପ୍ରକୃତରେ କି ଲାଭ ପାଇବ କହିଲ ? ହଁ, କେତେଟା ସ୍ୱପ୍ନହିଁ ତୁମକୁ ବେଶ୍ ମିଳିଯିବ । ମାତ୍ର, ତୁମର ପକେଟରେ ଯେତେବେଳେ କେତୋଟି ମୁଦ୍ରା ରହିଛି, ସେତିକବେଳେ ସିନା ସେଗୁଡ଼ିକ ସେଠାରେ ରହିଛି ବୋଲି ତୁମେ ନିଶ୍ଚିତ ଭାବରେ ଜାଣିବ !"

'oaob.nitrkl.ac.in' images reprocessed

ଏବଂ ସେହି ଧାରଣାଟି ସବୁଠାରେ ରହିଛି, ସତ୍ରିକଟ୍ଟର ତଳେ ଲୁକ୍କାୟିତ ହୋଇ ରହିଛି । ଉପରର ପ୍ରଚ୍ଛଦସକୁ ଏତେ ଟିକିଏ ମାତ୍ର ଉଖାଣିଦେବା ମାତ୍ରକେ ତୁମେ ନିଶ୍ଚୟ ଦେଖିବାକୁ ପାଇବ ଯେ ତାହା ତୁମର ଚେତନା ଭିତରେ ମଧ୍ୟ ରହିଛି; ଏବଂ, ସତେକି ତୁମ ଭିତରେ ତୁମ କାନ ପାଖରେ କିଏ ଯେପରି ଆସି ଏହି କଥାଟିକୁ ଫୁସ୍ ଫୁସ୍ କରି କହୁଥିବାର ତୁମେ ବେଶ୍ ଶୁଣିପାରୁଛ, "ତୁମେ ଖୁବ୍ ସାବଧାନ ଥିବ, ଏପରି କୌଣସି ପ୍ରତାରଣାରେ କି ପଡ଼ିବ ନାହିଁ ।" ଏହା ପ୍ରକୃତରେ ଏକ ଖୁବ୍ ଦୁଃଖର କଥା, ଖୁବ୍ ଶୋଚନାଦାୟକ କଥା ।

ବିବର୍ତ୍ତନର ପ୍ରକ୍ରିୟାଟି ଯେ ଏକ କ୍ରମାଗ୍ରସର ମାର୍ଗରେ ଗତିକରୁଛି ଏବଂ ଏକ ଆରୋହଣକାରୀ ଅଗ୍ରଗତିର କୁଣ୍ଡଳୀକୁ ଅନୁସରଣ କରି ତାହା ସଂଘଟିତ ହେଉଛି, ଆମକୁ ସେହି କଥାଟିକୁ କୁହାଯାଇଛି । ଏହି କଥାଟିରେ ମୋର ଆଦୌ କୌଣସି ସନ୍ଦେହ ନାହିଁ ଯେ ଆଧୁନିକ ନଗରମାନଙ୍କରେ ଯାହାକୁ ସୁଖ ଓ ଆରାମ ବୋଲି କୁହାଯାଉଛି, ବିବର୍ତ୍ତନର ସୋପାନରେ ଆମେ ତାହାକୁ ଗୁହାବାସୀ ଆଦିମ ମାନବର ସୁଖ ଓ ଆରାମ ଅପେକ୍ଷା ନିଶ୍ଚୟ ଅନେକ ଉଚ୍ଚତର ମାତ୍ରାର ବୋଲି କହିପାରିବା । ମାତ୍ର ପୁରାତନ ବର୍ଣ୍ଣନାମାନଙ୍କରେ ଅନାଗତ ଦୃଷ୍ଟିର ଏକ ଶକ୍ତି ବିଷୟରେ ମଧ୍ୟ ସର୍ବଦା କୁହା ଯାଇଥିଲା, ଭବିଷ୍ୟ ଦୃଷ୍ଟିର ଏକ ସାମର୍ଥ୍ୟ ବିଷୟରେ କୁହାଯାଉଥିଲା, ଅନ୍ତର୍ଦୃଷ୍ଟି ବଳରେ ଭବିଷ୍ୟତରେ ଘଟିବାକୁ ଯାଉଥିବା ଘଟଣାଗୁଡ଼ିକୁ ଆଗରୁ ଘୋଷଣା କରି କହିଦେଇ ହେବ ବୋଲି କୁହାଯାଉଥିଲା । ଏକ ଅଧିକ ସୂକ୍ଷ୍ମ ସତ୍ୟସ୍ତରର ସହିତ ଜୀବନରେ ଯେ ଘନିଷ୍ଠତା ଅର୍ଜନ କରାଯାଇ ପାରିବ, ସେହି ଯୁଗର ସାଧାରଣ ଓ ସରଳ ମନୁଷ୍ୟମାନଙ୍କ ଲାଗି ତାହା ପ୍ରକୃତରେ ଅଧିକ ମୂର୍ତ୍ତ ହୋଇ ରହିଥିବା ଏକ ସତ୍ୟରୂପେ ଦୃଶ୍ୟମାନ ହେଉଥିଲା ।

ଏତେ ଅଧିକ ପରିମାଣରେ ନାନା ସୁଖ ଓ ଆରାମରେ ପରିପୂର୍ଣ୍ଣ ହୋଇ ରହିଥିବା ସେହି ସୁନ୍ଦର ସହରମାନଙ୍କରେ ଯେତେବେଳେ କେହି କୌଣସି କଥାର ନିନ୍ଦା କରିବାକୁ ଇଚ୍ଛା କରେ, ସେତେବେଳେ ସିଏ କ'ଣ କହିଥାଏ କହିଲ ? ସିଏ କହିଥାଏ, "ଏଇଟା ହେଉଛି କେବଳ ଏକ ସ୍ୱପ୍ନ, କେବଳ କଳ୍ପନା ।"

ଏବଂ, ପ୍ରକୃତରେ କହିବାକୁ ଗଲେ, ଯଦି କୌଣସି ବ୍ୟକ୍ତି ତା'ର ଅନ୍ତର୍ବୋଧର ଗୋଚର ଭୂମିରେ ଆପଣାର ଜୀବନଟିକୁ ବଞ୍ଚିଥାଏ, ତେବେ ଲୋକମାନେ ବେଶ୍ କିଛିଟା ବିସ୍ମୟ ପ୍ରକାଶ କରି ତା'ଆଡ଼କୁ କିହାନ୍ତି ଓ ସେ ପ୍ରକୃତରେ ପ୍ରକୃତିସ୍ଥ ଅଛି କି ନାହିଁ, ସେହି ବିଷୟରେ ସନ୍ଦେହ ପ୍ରକାଶ କରନ୍ତି । ସିଏ ଅଧିକ ଧନଲାଭର ବାସନା ରଖି କୌଣସି ଚେଷ୍ଟା କରୁ ନ ଥାଏ ବା ଆପଣାର ଆରାମ ଓ ସୁଖଟିକୁ ଆହୁରି ଅଧିକ ବୃଦ୍ଧି କରିବା ଲାଗି କୌଣସି ଉଦ୍ୟମ

'oaob.nitrkl.ac.in' images reprocessed

କରେ ନାହିଁ, ଆପଣା ଲାଗି ଏକ ଉତ୍ତମ ନିରାପଦ ସ୍ଥାନର ଯୋଗାଡ଼ କରିବାକୁ ବା ଏକ ମହତ୍ତ୍ୱପୂର୍ଣ୍ଣ ନାମଜାଦା ବ୍ୟକ୍ତି ହେବାକୁ କୌଣସି ଚେଷ୍ଟାରେ ଲାଗି ନ ଥାଏ, ତାକୁ ଅନ୍ୟମାନେ ପ୍ରକୃତରେ ଗଭୀର ଅବିଶ୍ୱାସ ସହିତ ଦେଖିବାକୁ ଆରମ୍ଭ କରନ୍ତି;— ସେହି ଲୋକ ପ୍ରକୃତରେ ଆପଣାର ସ୍ୱାଭାବିକ ମାନସିକ ଅବସ୍ଥାରେ ରହିଛି କି ନାହିଁ, ଲୋକେ ସେବିଷୟରେ ସନ୍ଦେହ ପ୍ରକାଶ କରନ୍ତି ।

ଏବଂ, ଏହିସବୁ କଥା ବାତାବରଣଟିର ଉପାଦାନ ସହିତ ଏପରି ଜଡ଼ିତ ହୋଇ ରହିଥାଏ ଯେ, ତୁମେ ନିଶ୍ୱାସରେ ଗ୍ରହଣ କରୁଥିବା ବାୟୁଟିର ତାହା ଏପରି ଏକ ଅଂଶ ପରି ହୋଇଯାଇଥାଏ ଏବଂ ଅନ୍ୟମାନଙ୍କ ପାଖରୁ ଆମ ଭିତରକୁ ଆସୁଥିବା ଭାବନାଗୁଡ଼ିକ ଅନୁସାରେ ତାହା ଏପରି ଅନୁକୂଳିତ ହୋଇ ରହିଥାଏ ଯେ ତାହା ତୁମକୁ ସତେଅବା ଚୋଟାସୁଦ୍ଧା ସ୍ୱାଭାବିକ ବୋଲି ମନେ ହେଉଥାଏ । ଏହା ଯେ ଏକ ଏଡ଼େ ପ୍ରକାଣ୍ଡ ତୁଚ୍ଛ ପ୍ରମାଦଗ୍ରସ୍ତ କଥା, ସେକଥା ତୁମେ ଅନୁଭବହିଁ କରିପାର ନାହିଁ ।

ଆପଣା ବିଷୟରେ ଟିକିଏ ଅଧିକ ପରିମାଣରେ ସଚେତନ ହୋଇପାରିବା, ପ୍ରତିଭାସଗୁଡ଼ାକର ଆରହର ସେପାଖକୁ ରହିଥିବା ଜୀବନଟି ସହିତ ସମ୍ବନ୍ଧ ସ୍ଥାପନ କରିବା,—ଏଗୁଡ଼ାକ ଲୋକମାନଙ୍କୁ କଦାପି ସବୁଠାରୁ ବଡ଼ ଇଷ୍ଟ ବୋଲି ମନେ ହୁଏ ନାହିଁ । ଯେତେବେଳେ ସେମାନେ ଆରାମରେ ଗୋଟାଏ ଚଉକି ଉପରେ ବସି ଯାଇଥାନ୍ତି, ଆଗରେ ଦ୍ରବ୍ୟ ବୈପୁଲ୍ୟ ଯୁକ୍ତ ଆହାର ଥୁଆ ହୋଇରହିଥାଏ, ଯେତେବେଳେ ସୁସ୍ୱାଦୁ ନାନା ଭୋଜନ ଦ୍ୱାରା ତୁମେ ନିଜ ଉଦରଟିର ଭରଣ କରୁଥାଅ, ସେଗୁଡ଼ାକ ସେତେବେଳେ ତୁମକୁ ନିଶ୍ଚୟ ଅଧିକ ମୂର୍ତ୍ତ ଓ ଅଧିକ ପ୍ରକୃତ ବୋଲି ମନେ ହୋଇଥାଏ, ଅଧିକ ଆଗ୍ରହୋଦ୍ଦୀପକ ବୋଲି ମନେ ହୋଇଥାଏ । ଏବଂ, ବିତିଯାଇଥିବା ଦିନଟି ଉପରେ ଯେତେବେଳେ ତୁମେ ସିଂହାବଲୋକନ କର, ଯଦି ତୁମେ ଆପଣା ଭିତରେ ସେହି ଦିନଟିର ହିସାବ ନେଇ ଦେଖ, ଏହି ଦିନଟି ମଧ୍ୟରେ ତୁମର କେତେ କ'ଣ ବସ୍ତୁଗତ ସୁଯୋଗ ଉପଲବ୍ଧ ହୋଇପାରିଲା, ତୁମକୁ କେତେ କ'ଣ ସୁଖ ମିଳିଲା, ସେକଥା ବିଚାର କରି ଦେଖ, ଯଦି ତୁମକୁ ସେହି ଦିନ କୌଣସି ଏକ ନିର୍ଦ୍ଦିଷ୍ଟ ଭୌତିକ ପରିତୃପ୍ତି ଉପଲବ୍ଧ ହୋଇଥାଏ, ତେବେ ସେହି ଦିନଟି ତୁମର ବେଶ୍ ଭଲରେ କଟିଲା ବୋଲି ତୁମେ ପ୍ରକୃତରେ କେଡ଼େ ପ୍ରସନ୍ନ ଅନୁଭବ କର । ମାତ୍ର, ସେହି ଦିନଟି ମଧ୍ୟରେ ଯଦି ତୁମକୁ ଜୀବନରୁ ଏକ ଉତ୍ତମଶିକ୍ଷା ମିଳିଥାଏ, ତୁମେ ଗୋଟାଏ ନିର୍ବୋଧ ମଣିଷ ବୋଲି କହି ତୁମ ନାକରେ ଯଦି ସେଦିନ ଗୋଟାଏ ମୁଥ ଆସି ବସିଥାଏ, ତେବେ ସେଦିନ ତୁମେ ଭଗବାନ୍ଙ୍କ ପରମ କରୁଣା ପାଖରେ ଆଦୌ କୌଣସି ପ୍ରକାରେ ନିଜର

'oaob.nitrkl.ac.in' images reprocessed

କୃତଜ୍ଞତା ପ୍ରକାଶ କରିପାର ନାହିଁ; ତୁମେ ଯେତେବେଳେ କହୁଥାଅ, "ଆରେ, ଏଜୀବନରେ ସବୁ କି ରହିଛି !"

ଯେତେବେଳେ ମୁଁ ସେହି ପୁରାତନ ଗ୍ରନ୍ଥଗୁଡ଼ିକୁ ପଢ଼ୁଥାଏ, ସେତେବେଳେ ମୋ ଭିତରେ ପ୍ରକୃତରେ ଏହିପରି ଏକ ଭାବ ଜନ୍ମିଥାଏ ଯେ, ଜୀବନଯାପନ କରିବାର ଅନ୍ତର୍ଗତ ଦୃଷ୍ଟିରୁ ବିଚାର କରି ଦେଖିଲେ, ଯଥାର୍ଥ ଜୀବନର ଦୃଷ୍ଟିରୁ ବିଚାର କରି ଦେଖିଲେ ଆମେ ସତକୁ ସତ ଅତ୍ୟନ୍ତ ଭୟଙ୍କର ଭାବରେ ତଳକୁ ଖସିଆସିଛୁ ଏବଂ କେତୋଟି ବିଚକ୍ଷଣ ଯନ୍ତ୍ରକୌଶଳର ଅଧିକାରୀ ହେବା ନିମିତ୍ତ, ଶାରୀରିକ ଆଳସ୍ୟ ଲାଗି ବେଶ୍ କେତୋଟି ପୋଷ୍ୟ ଦ୍ରବ୍ୟ ଲାଭ କରିବା ନିମିତ୍ତ, ଜୀବନ ବଞ୍ଚିବାର ଶ୍ରମକୁ ଊଣା କରି ଦେଉଥିବା କେତୋଟି ସାଧନ ଏବଂ ସାମଗ୍ରୀକୁ ହାସଲ କରିବା ନିମିତ୍ତ ଆମେ ଅନ୍ତର୍ଗତ ଜୀବନର ଅସଲ ସତ୍ୟଟିକୁ ପ୍ରକୃତରେ ତ୍ୟାଗ କରି ଚାଲିଆସିଛୁ । ଆମର ସେହି ବୋଧଟି ପ୍ରକୃତରେ ନଷ୍ଟ ହୋଇ ଯାଇଛି, ଏବଂ, ଜୀବନର ପ୍ରକୃତ ଅର୍ଥ କ'ଣ, ବଞ୍ଚିବାର ପ୍ରକୃତ ଉଦ୍ଦେଶ୍ୟ କ'ଣ, ଯେଉଁ ଲକ୍ଷ୍ୟରେ ଯାଇ ପହଞ୍ଚିବା ଆମ ସମସ୍ତଙ୍କର ଅବଶ୍ୟ ଧ୍ୟେୟ ହୋଇ ରହିବା ଉଚିତ, ଓ ତୁମେ ନିଜେ ସେକଥା ଚାହୁଁଥାଅ ବା ନ ଚାହୁଁଥାଅ, ଯେଉଁ ଲକ୍ଷ୍ୟଟିର ଅଭିମୁଖରେ ସମଗ୍ର ଜୀବନ ଅଗ୍ରସର ହୋଇଯାଉଛି, ସେହି ବିଷୟରେ କିଛି ଶିଖିବା ସକାଶେ ଭାବିବାକୁ ମଧ୍ୟ ବର୍ତ୍ତମାନ ବେଶ୍ ପରିଶ୍ରମ କରିବାକୁ ପଡ଼ୁଛି । ଲକ୍ଷ୍ୟ ଆଡ଼କୁ ଗୋଟାଏ ପାହୁଣ୍ଡ ଆଗକୁ ପକାଇବା ଲାଗି ମଧ୍ୟ ଆଜି କେତେ ଶ୍ରମ ଓ ଉଦ୍ୟମ କରିବାକୁ ପଡ଼ୁଛି ! ଏବଂ, ଯେତେବେଳେ ବାହ୍ୟ ପରିସ୍ଥିତିଗୁଡ଼ିକ କୌଣସି କାରଣରୁ ସୁଖକର ହୋଇ ରହି ନ ପାରୁଛି, କେବଳ ସେତିକିବେଳେ ଯାଇ ଆମର ସାଧାରଣତଃ ସେହି ବିଷୟରେ କିଛି ଭାବିବାକୁ ଇଚ୍ଛା ହେଉଛି ।

ଏପରି ଗୋଟିଏ ସମୟ ଥିଲା, ଯେତେବେଳେ ମେଣ୍ଢାଜଗୁଆଳ କୌଣସି ସ୍କୁଲକୁ ପାଠପଢ଼ି ଯାଇ ନ ଥିଲା, ସିଏ ରାତିରେ ତାରାମୟ ଆକାଶ ତଳେ ଆପଣାର ମେଣ୍ଢାପଲଟିକୁ ପହରା ଦେଉଥିଲା, ଭବିଷ୍ୟତରେ କ'ଣ ଘଟିବାକୁ ଯାଉଛି, ସେ ସେକଥାଟିକୁ ତାରାମାନଙ୍କ ଆଡ଼କୁ ଅନାଇ ଜାଣିପାରୁଥିଲା, ଯେତେବେଳେ ସେ ପ୍ରକୃତିର ମଧ୍ୟଦେଇ ଆପଣାକୁ ପ୍ରକାଶିତ କରି ଦେଉଥିବା ଏକ ବସ୍ତୁ ସହିତ ସଂଯୋଗ ସ୍ଥାପନ କରିପାରୁଥିଲା, ଏବଂ ଯେତେବେଳେ ସେ ଗଭୀର ସୌନ୍ଦର୍ଯ୍ୟ ଓ ଏକ ସରଳ ଜୀବନ ବହନ କରି ଆଣୁଥିବା ସେହି ଯଥାର୍ଥ ଶାନ୍ତିକୁ ଆପଣାର ଅନ୍ତର ଭିତରେ ଅନୁଭବ କରି ପାରୁଥିଲା ଏବଂ ଆମେ ବର୍ତ୍ତମାନ ସେହି ସମୟଟି ପାଖରୁ ପ୍ରକୃତରେ କେତେ ଦୂରକୁ ଚାଲି ନ ଯାଇଛୁ !

ଏହା ଏକ ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ ଗୋଟିଏ କଥା ଲାଭ କରିବାକୁ ହେଲେ ଏବେ ଆଉ ଗୋଟିଏ କଥାକୁ ଛାଡ଼ି ଆସିବାକୁ ପଡ଼ୁଛି । ଯେତେବେଳେ

'oaob.nitrkl.ac.in' images reprocessed

ମୁଁ ଅନ୍ତର୍ଗତ ଜୀବନ ବିଷୟରେ କହୁଛି, ସେତେବେଳେ ମୁଁ ଆଧୁନିକ ଉଦ୍ଭାବନଗୁଡ଼ିକର ଆଦୌ କୌଣସି ବିରୋଧ କରୁ ନାହିଁ; ନା, ମୁଁ ସେଗୁଡ଼ିକର କୌଣସି ବିରୋଧ କରୁ ନାହିଁ । ମାତ୍ର, ଏହିସବୁ ଉଦ୍ଭାବନ ଆମକୁ ପ୍ରକୃତରେ କେତେ ବେଶୀ କୃତ୍ରିମ ଓ କେତେ ବେଶୀ ବୋଧଶକ୍ତିହୀନ କରି ନ ପକାଇଛନ୍ତି ! ଆମେ ପ୍ରକୃତ ସୌନ୍ଦର୍ଯ୍ୟର ବୋଧଟିକୁ କେତେ ବେଶୀ ହରାଇ ନ ପକାଇଛୁ ଏବଂ ନିରର୍ଥକ ନାନା ପ୍ରୟୋଜନର ଭାରରେ ଆମେ ଆପଣାକୁ କେତେବେଶୀ ଭାରାକ୍ରାନ୍ତ କରି ନ ରଖିଛୁ !

କୁଣ୍ଡଳୀଟିର ବନ୍ଦ ଉପରେ ସମ୍ଭବତଃ ବର୍ତ୍ତମାନ ସେହି ଆରୋହଣଟିକୁ ପୁନର୍ବାର ଅବ୍ୟାହତ କରି ରଖିବାର ସମୟ ଆସି ପହଞ୍ଚିଛି; ଏବଂ, ଜଡ଼ ବିଷୟରେ ଏହି ଯେଉଁ ଯାବତୀୟ ଜ୍ଞାନ ବର୍ତ୍ତମାନ ଆମ ଲାଗି ଉପଲବ୍ଧ ହୋଇପାରିଛି, ତାହା ଆମକୁ ଆମର ଆଧ୍ୟାତ୍ମିକ ଅଗ୍ରଗତିଟି ଲାଗି ନିଶ୍ଚୟ ଅପେକ୍ଷାକୃତ ଏକ ଅଧିକ ଦୃଢ଼ ଭିତ୍ତିଟିଏ ଆଣି ଯୋଗାଇଦେଇ ପାରିବ । ଜଡ଼ ପ୍ରକୃତିର ଗୁପ୍ତ ଗର୍ତ୍ତଟି ଭିତରୁ ଆମେ ଯାହାସବୁ ଉଦ୍‌ଘାଟନ କରିବାରେ ସମର୍ଥ ହୋଇଛୁ, ତାହାହିଁ ଆମକୁ ସେହି ଦୁଇଟିଯାକ ପ୍ରାନ୍ତକୁ ଆଣି ଯୋଡ଼ିଦେବାକୁ ମଧ୍ୟ ସମର୍ଥ କରିବ ଏବଂ ତଦ୍ୱାରା ଆମେ ଜଡ଼ପରମାଣୁର ହୃଦୟ ଭିତରେ ନିହିତ ହୋଇ ରହିଥିବା ସର୍ବୋଚ୍ଚ ପରମସତ୍ୟଙ୍କର ପୁନରାବିଷ୍କାର କରିପାରିବା ।

୧୪ ଜାନୁଆରୀ ୧୯୫୮

ଯେଉଁମାନେ ବୁଦ୍ଧିମାନ୍, ଯେଉଁମାନଙ୍କର ଧ୍ୟାନବୃତ୍ତି ରହିଛି, ଯେଉଁମାନେ ଅଧ୍ୟବସାୟୀ ଓ ଯେଉଁମାନେ ଆଦୌ ନିରସ୍ତ ହୋଇ ନ ଯାଇ ଆପଣା ସହିତ ସଂଗ୍ରାମ କରିବାରେ ଲାଗିଛନ୍ତି, ସେହିମାନେହିଁ ନିର୍ବାଣର ଉପଲବ୍‌ଧି କରିବେ, ଅର୍ଥାତ୍ ସର୍ବୋଚ୍ଚ ସୁଖର ଉପଲବ୍‌ଧି କରିବେ ।

ଯିଏ ଆପଣାର ଉତ୍ସାହଟିକୁ ଅବ୍ୟାହତ ରଖିପାରିବ, ଆପଣାର କର୍ମଗୁଡ଼ିକରେ ଶୁଦ୍ଧ ରହିପାରିବ, ପ୍ରଜ୍ଞାର ସହିତ କାର୍ଯ୍ୟ କରିବ, ଆପଣାର ତୀବ୍ର ବାସନାଗୁଡ଼ିକୁ ଆୟତ୍ତରେ ରଖିବ ଏବଂ ବିଧାନ ମାନି (ଅର୍ଥାତ୍ ମାର୍ଗ ଅନୁସାରେ) ଚାଲିବ, ତାହାରି ଯଶହିଁ ଉତ୍ତରୋତ୍ତର ବୃଦ୍ଧି ପାଇବାରେ ଲାଗିଥିବ ।

'oaob.nitrkl.ac.in' images reprocessed

ଏଠାରେ ଯଶ ବିଷୟରେ ଯେଉଁ ପ୍ରତିଶ୍ରୁତି ଦିଆଯାଇଛି, ତାହା ବୌଦ୍ଧମାର୍ଗୀୟ ଶିକ୍ଷାର ପ୍ରକୃତ ଉପଯୁକ୍ତ ବୋଲି ମୋ'ର ଆଦୌ ମନେ ହେଉ ନାହିଁ । ହୁଏତ ଆଉ କୌଣସି ଅର୍ଥରେ ଏପରି ଗୋଟିଏ କଥା କୁହା ଯାଇଥିଲା । ଏବଂ, ନୀତି ଅନୁସାରେ ବଞ୍ଚିବାକୁ ହେଲେ, ପ୍ରକୃତରେ କେଉଁ ନୀତିର କଥା କୁହାଯାଉଛି, ସେକଥାଟିକୁ ମଧ୍ୟ ଭଲକରି ଜାଣିବାକୁ ହେବ । କାରଣ, ସାଧାରଣତଃ ସମାଜରେ ଯାହାକୁ ନୈତିକତା ବୋଲି ସ୍ୱୀକାର କରି ଯାଇଥାଏ, ଯଦି ଏଠାରେ ସେହି ନୈତିକତାକୁ ଲକ୍ଷ୍ୟ ରଖା ଯାଇଛି, ତେବେ ସେଇଟା ମୋତେ ଆଦୌ ଏକ ଲୋଭନୀୟ ପ୍ରତିଶ୍ରୁତି ବୋଲି ବୋଧ ହେଉ ନାହିଁ । ଯେଉଁମାନେ ସାଂସାରିକ ସକଳ ଦୁର୍ବଳତାକୁ ପରିତ୍ୟାଗ କରି ଆସିବା ଲାଗି ନିଷ୍ପତ୍ତି କରିଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେମାନେ ସାମାଜିକ ନୈତିକତାର ବୋଲି ମାନି ଚାଲିବାକୁ କଦାପି ଖାତିର କରିବେ ନାହିଁ । ସୁନାମ କିଂବା ସୁଖ୍ୟାତି ଅର୍ଜନ କରିବାକୁ ମଧ୍ୟ ସେମାନେ ଆଦୌ କୌଣସି ଅପେକ୍ଷା ରଖିବେ ନାହିଁ ।

ଆପଣାର ଉତ୍ସାହକୁ ଅବ୍ୟାହତ ଓ ଅବିଚ୍ଛିନ୍ନ ରଖିବା ପ୍ରକୃତରେ ଖୁବ ଭଲ କଥା, ନିଜର ଯାବତୀୟ କାର୍ଯ୍ୟରେ ଶୁଦ୍ଧ ରହିବା, ସେଇଟି ମଧ୍ୟ ସର୍ବଦା ଅପରିହାର୍ଯ୍ୟ । ବିଜ୍ଞତା ସହିତ କାର୍ଯ୍ୟ କରିବା ମଧ୍ୟ ପରିପୂର୍ଣ୍ଣତାର ଦ୍ୟୋତକ । ଅବଶ୍ୟ ଏକଥା ସତ ଯେ ବହୁସଂଖ୍ୟକ ଅବସରରେ ଜଣେ ବ୍ୟକ୍ତି ହୁଏତ ତାହା କରିବା ଲାଗି ସମର୍ଥ ହେବ ନାହିଁ । ନିଜର ତୀବ୍ର ବାସନାଗୁଡ଼ିକୁ ଆୟତ୍ତରେ ରଖିବା ଯେ ସର୍ବପ୍ରଥମ କଥା, ସେ ବିଷୟରେ କଦାପି କାହାରି ଦ୍ୱିରୁକ୍ତି ରହିବ ନାହିଁ । ମାତ୍ର ଶେଷରେ ଯେଉଁ କଥାଟିକୁ କୁହାଯାଇଛି !

ଅବଶ୍ୟ ମୁଁ ଦେଖିପାରୁଛି ଯେ ଏଠାରେ 'ଧର୍ମ' କୁ ଇଂରାଜୀରେ 'Law' ବୋଲି ଅନୁବାଦ କରାଯାଇଛି ଏବଂ ଯଶକୁହିଁ 'Renown' ବୋଲି କୁହାଯାଇଛି । ଅଧିକ ଯଥାର୍ଥ ଭାବରେ ଧର୍ମ କହିଲେ ଅନ୍ତର୍ଗତ ସତ୍ୟଟିକୁହିଁ ବୁଝାଇବା ଉଚିତ ଏବଂ ଯଶ କହିଲେ ଆଧ୍ୟାତ୍ମିକ ଗୌରବକୁ ବୁଝାଇବା ଉଚିତ । ତେଣୁ ଆମେ ପାଠଟିକୁ ଏପରି ଭାବରେ ବ୍ୟାଖ୍ୟା କରିପାରିବା : "ଯେଉଁ ବ୍ୟକ୍ତି ଆପଣାର ଉତ୍ସାହକୁ ଅବ୍ୟାହତ ରଖିପାରିବ, ନିଜର କର୍ମରେ ଶୁଦ୍ଧ ରହିବ, ବିଜ୍ଞତା ସହିତ କାର୍ଯ୍ୟ କରିବ, ନିଜ ତୀବ୍ର ବାସନାଗୁଡ଼ିକୁ ଆୟତ୍ତରେ ରଖିବ ଏବଂ ଅନ୍ତର୍ଗତ ସତ୍ୟଟି ଅନୁସାରେ ଜୀବନ ବଞ୍ଚିବ, ତାହାର ଆଧ୍ୟାତ୍ମିକ ଗୌରବ ସତତ ବୃଦ୍ଧି ପାଇବାରେ ଲାଗିଥିବ ।"

'oaob.nitrkl.ac.in' images reprocessed

କଥାଟିକୁ ଏହିପରି ଭାବରେ ବୁଝିଲେ ନିଶ୍ଚୟ ତାହାକୁ ଏକ ଅତ୍ୟନ୍ତ ଭଲ କଥା ବୋଲି ବୁଝାଯିବ । ସେହି କଥାଟିରେ ସମ୍ମତି ଜଣାଇବାହିଁ ଆମର ସର୍ବୋତ୍କୃଷ୍ଟ କର୍ତ୍ତବ୍ୟ ହେବ ।

୩୧ ଜାନୁଆରୀ ୧୯୫୮ ଓ ୭ ଫେବୃଆରୀ ୧୯୫୮

ନିଜର ଉଦ୍ୟମ ଦ୍ୱାରା, ଅତନ୍ଦ୍ରତା ଦ୍ୱାରା, ଶୃଙ୍ଖଳା ଏବଂ ଆତ୍ମସ୍ୱାମିତ୍ୱର ଶକ୍ତି ଦ୍ୱାରା ବୁଦ୍ଧିମାନ୍ ବ୍ୟକ୍ତି ଆପଣା ଲାଗି ଏପରି ଏକ ଦ୍ୱୀପର ସୃଷ୍ଟି କରି ରଖିବ, ଯାହାକୁ କି କୌଣସି ବନ୍ୟାଜଳ ବୁଡ଼ାଇ ପାରିବ ନାହିଁ ।

ଯେଉଁମାନେ ନିର୍ବୋଧ, ଯେଉଁମାନଙ୍କର ବୁଦ୍ଧି ନାହିଁ, ସେମାନେ ନିଜକୁ ଆତ୍ମ-ଅବହେଳାର ହାତରେହିଁ ଛାଡ଼ି ଦେଇଥାନ୍ତି । ପ୍ରକୃତ ମୁନି ଅତନ୍ଦ୍ରତାକୁହିଁ ଆପଣାର ସବୁଠାରୁ ଅଧିକ ମୂଲ୍ୟବାନ୍ ସମ୍ପଦ ରୂପେ ଜଗି ରହିଥାଏ ।

ଆପଣାକୁ କୌଣସି ଯତ୍ନହୀନତାର କବଳରେ କଦାପି ପଡ଼ିବାକୁ ଦିଅ ନାହିଁ, ଇନ୍ଦ୍ରିୟସୁଖର ଫାଶ ଭିତରେ ବି ପଡ଼ିବାକୁ ଦିଅ ନାହିଁ । ଯିଏ ସର୍ବଦା ଅତନ୍ଦ୍ର ହୋଇ ରହିଛି ଏବଂ ଧ୍ୟାନର ବୃତ୍ତି ରଖିଛି, ସେହି ବ୍ୟକ୍ତିହିଁ ଅପାର ସୁଖର ଅଧିକାରୀ ହୋଇପାରିବ ।

ଯେଉଁ ବୁଦ୍ଧିମାନ୍ ବ୍ୟକ୍ତି ଆପଣାର ଅତନ୍ଦ୍ରତା ବଳରେ ଯାବତୀୟ ଆତ୍ମଅବହେଳାକୁ ଅପସାରିତ କରିଦେଇ ପାରିଛି, ସିଏ ନିଶ୍ଚୟ ପ୍ରଜ୍ଞାର ଶିଖରଦେଶକୁ ଆରୋହଣ କରି ପାରିବ । ସେହି ଶିଖରଦେଶରେ ଥାଇହିଁ ସେ ଦୁଃଖଗ୍ରସ୍ତ ବହୁସଂଖ୍ୟକ ବ୍ୟକ୍ତିମାନଙ୍କ ଉପରେ ଏପରି ଭାବରେ ଦୃଷ୍ଟିପାତ କରିବ, ପର୍ବତ ଉପରେ ଥିବା ଜଣେ ବ୍ୟକ୍ତି ନିମ୍ନରେ ଭୂଇଁ ଉପରେ ରହିଥିବା ଆଉ-ଜଣେ ବ୍ୟକ୍ତି ଉପରେ ଯେପରି ଦୃଷ୍ଟିପାତ କରିଥାଏ ।

'oaob.nitrkl.ac.in' images reprocessed

ଯେଉଁମାନେ ଆତ୍ମ-ଅବହେଳା ହାତରେ ନିଜକୁ ଛାଡ଼ି ଦେଇଛନ୍ତି, ସେହିମାନଙ୍କ ଭିତରେ ଯିଏ ଅତନ୍ଦ୍ର ହୋଇ ରହିଥାଏ, ଯେଉଁମାନେ ନିଦ୍ରାମଗ୍ନ ଅଛନ୍ତି, ଯିଏ ସେହିମାନଙ୍କ ଭିତରେ ପୂର୍ଣ୍ଣଜାଗ୍ରତ ରହିଥାଏ, ସେହି ବୁଦ୍ଧିମାନ୍ ବ୍ୟକ୍ତି କୌଣସି ବେଗବାନ୍ ଅଶ୍ୱ କ୍ଲାନ୍ତଗ୍ରସ୍ତ ଆଉଗୋଟିଏ ଅଶ୍ୱକୁ ପଛରେ ପକାଇ ଆଗକୁ ଚାଲିଯିବା ପରି ସତତ ଅଗ୍ରସର ହୋଇ ଯାଇଥାଏ ।

ଅତନ୍ଦ୍ରତା ପ୍ରଶଂସନୀୟ, ଆତ୍ମ-ଅବହେଳା ନିନ୍ଦାର ଯୋଗ୍ୟ । ଅତନ୍ଦ୍ରତା ଗୁଣରୁହିଁ ଇନ୍ଦ୍ର ଦେବତାମାନଙ୍କ ମଧ୍ୟରେ ସର୍ବୋଚ୍ଚ ସ୍ଥାନ ଲାଭ କରି ପାରିଲେ ।

ଯେଉଁ ଭିକ୍ଷୁ ଅତନ୍ଦ୍ରତାରେ ସୁଖ ଲାଭ କରେ ଓ ଆତ୍ମ-ଅବହେଳାକୁ ପରିହାର କରିଥାଏ, ସିଏ ବୃହତ୍ ଓ କ୍ଷୁଦ୍ର ସବୁକଣ୍ଠିକୁ ଗ୍ରାସ କରି ମାଡ଼ି ଚାଲିଥିବା ଅଗ୍ନି ପରି ଅଗ୍ରସର ହୋଇଯିବାରେ ଲାଗିଥାଏ ।

ଯେଉଁ ଭିକ୍ଷୁ ଅତନ୍ଦ୍ରତାରେ ଆନନ୍ଦ ପାଏ ଏବଂ ଆତ୍ମ-ଅବହେଳାକୁ ପରିତ୍ୟାଗ କରିଥାଏ, ତା'ର ଆଉ କଦାପି ପତନ ହେବ ନାହିଁ । ସିଏ ସର୍ବଦାହିଁ ନିର୍ବାଣର ନିକଟବର୍ତ୍ତୀ ହେବାରେ ଲାଗିଥିବ ।

ମୁଁ ତୁମମାନଙ୍କୁ ସମ୍ପୂର୍ଣ୍ଣ ପରିଚ୍ଛେଦଟି ପଢ଼ି ଶୁଣାଇଲି, କାରଣ ମୋତେ ଲାଗିଲା ଯେ ଏଠାରେ ପଦଗୁଡ଼ିକ ମଧ୍ୟରେ ଏପରି ଏକ ସମଗ୍ରତା ରହିଛି ଯାହାକି ଏକ ବିଶେଷ ପରିବେଶର ସୃଷ୍ଟି କରୁଛି । ସେଗୁଡ଼ିକୁ ଆମେ ଏକାଠି ବିଚାରକୁ ନେବା, ଗୋଟି ଗୋଟି କରି ଅଲଗା ବୁଝିବାକୁ ଚେଷ୍ଟା କରିବା ନାହିଁ, ପ୍ରକୃତରେ ତାହାହିଁ ଅଭିପ୍ରେତ ହୋଇ ରହିଛି । ମାତ୍ର ମୁଁ ଅତ୍ୟନ୍ତ ଦୃଢ଼ ଭାବରେ ତୁମମାନଙ୍କୁ ଏହି ପରାମର୍ଶ ଦେବି ଯେ ଏଠାରେ ଯେଉଁ ଶବ୍ଦଗୁଡ଼ିକର ବ୍ୟବହାର କରାଯାଇଛି, ତୁମେମାନେ ସେଗୁଡ଼ିକୁ ସେମାନଙ୍କର ସାଧାରଣ ଆକ୍ଷରିକ ଅର୍ଥରେ ବୁଝିବାକୁ ଆଦୌ ଚେଷ୍ଟା କରିବ ନାହିଁ ।

ସେହିପରି ଭାବରେ, ଉଦାହରଣ ସ୍ୱରୂପ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି ଯେ, ସମସ୍ତେ ତୁମର ପ୍ରଶଂସା କରିବେ ବୋଲି ତୁମେ ଅତନ୍ଦ୍ରତା ଅବଲମ୍ବନ କରିବ ଓ

'oaob.nitrkl.ac.in' images reprocessed

ଯେପରି କେହି ତୁମର ନିନ୍ଦା ନ କରିବେ, ସେଥିଲାଗି କଦାପି ଆତ୍ମ-ଅବହେଳାକୁ ପ୍ରଶ୍ରୟ ଦେବ ନାହିଁ ବୋଲି ଯାହା କୁହାଯାଇଛି, ସେହି ତାତ୍ପର୍ଯ୍ୟରେ ମୂଳ ଭାବନାଟିକୁ କଦାପି ପ୍ରକାଶ କରାଯାଇ ନ ଥିଲା । ପୁନଶ୍ଚ, ଏଠାରେ ଯେଉଁ ଉଦାହରଣ ଦିଆଯାଇଛି, ସେଥିରୁ ମଧ୍ୟ ତାହାର ପ୍ରମାଣ ମିଳୁଛି; କାରଣ ଅନ୍ୟମାନଙ୍କଠାରୁ ପ୍ରଶଂସା ପାଇବେ ବୋଲି ଯେ ହିନ୍ଦୁ-ପରମ୍ପରାରେ ବର୍ଣ୍ଣିତ ଦେବରାଜ ଇନ୍ଦ୍ର ଅତନ୍ଦ୍ରତାର ସାଧନା କରିଥିଲେ, ସେକଥା କଦାପି ନୁହେଁ । ଅତି ପିଲାଳିଆ ଢଙ୍ଗରେ କହିଲେ ଯାଇ ସେପରି କୁହାଯାଇ ପାରିବ । ତଥାପି, ଯଦି ତୁମେମାନେ ଏହି ସବୁଯାକ ପଦର ମର୍ମାର୍ଥକୁ ଏକାଠି ବିଚାର କରି ଦେଖିବ, ତେବେ ନିଶ୍ଚୟ ଜାଣିବାକୁ ପାଇବ ଯେ ଆପଣାର ପୁନରାବୃତ୍ତି ଏବଂ ଗୁରୁତ୍ୱ-ଆରୋପଣ ଦ୍ୱାରା ସେଗୁଡ଼ିକ ମଧ୍ୟରେ ଏପରି ଏକ ଶକ୍ତିକୁ ଅଭିବ୍ୟକ୍ତ କରିଦିଆ ଯାଇଛି, ଯାହା ଅଭିବ୍ୟକ୍ତ ଲାଗି ଉଦ୍ଦିଷ୍ଟ ଅସଲ କଥାଟିକୁ ପ୍ରକୃତରେ ଅଭିବ୍ୟକ୍ତ କରିଆଣୁଛି । ଏହା ତୁମକୁ ଏପରି ଏକ ମନୋଗତ ଦୃଷ୍ଟିକୋଣର ଭୂମିରେ ଆଣି ଅବସ୍ଥାପିତ କରିଦେଉଛି, ଯାହାର କି, ଯଦି ତୁମେ ସେହି ଶୃଙ୍ଖଳାଟିର ଅନୁସରଣ କରିବ, ତେବେ ତାହାର ଅତ୍ୟନ୍ତ ଉପଯୋଗିତା ରହିଛି ଏବଂ ଏକ ଅତ୍ୟନ୍ତ ଫଳଦାୟକ ପ୍ରଭାବ ମଧ୍ୟ ପଡ଼ିପାରୁଛି ।

ବିଶେଷ କରି ଶେଷ ଦୁଇଟି ପଦ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଭାବରେ ଉକ୍ତ ହୋଇଛି । ଭିକ୍ଷୁ ଅଗ୍ନିପ୍ରସାର ଏକ ଜ୍ୱଳମାନ ଶିଖା ପରି ଅଗ୍ରସର ହୋଇ ଯାଉଛି ଏବଂ ଆତ୍ମ-ଅବହେଳାକୁ ବର୍ଜନ କରୁଛି ।

ଆତ୍ମ-ଅବହେଳାକୁ ପ୍ରଶ୍ରୟ ଦେବାର ପ୍ରକୃତ ଅର୍ଥ ହେଉଛି ଆପଣାର ଇଚ୍ଛାଶକ୍ତିଟିକୁ ଶିଥିଳ କରି ପକାଇବା; ଏହାଦ୍ୱାରା ବ୍ୟକ୍ତି ଆପଣାର ଲକ୍ଷ୍ୟଟି ବିଷୟରେ ବିସ୍ମୃତ ହୋଇପଡ଼େ ଏବଂ ଏପରି ଯାବତୀୟ ପ୍ରକାରର ନାନା କାର୍ଯ୍ୟ କରିବାରେ ସମୟ ଅତିବାହିତ କରେ, ଯାହାକି ଉପଲବ୍ଧ ହେବାକୁ ରହିଥିବା ଲକ୍ଷ୍ୟଟି ଆଡ଼କୁ ଅଗ୍ରସର ହେବାରେ କୌଣସି ସହାୟତା ନ କରି ତୁମକୁ ତୁମ ରାସ୍ତା ଉପରେ ଅଟକାଇ ରଖିଦିଏ ଏବଂ ଅନେକ ସମୟରେ ତୁମକୁ ଲକ୍ଷ୍ୟପଥରୁ ବିଚ୍ୟୁତ କରି ପକାଏ । ତେଣୁ, ଭିକ୍ଷୁ ମଧ୍ୟରେ ଅଗ୍ନିପ୍ରସାର ଯେଉଁ ବହ୍ନିଟି ପ୍ରଜ୍ୱଳିତ ରହିଥାଏ, ସେ ତାହାର ବଳରେହିଁ ଯାବତୀୟ ଆତ୍ମ-ଅବହେଳାକୁ ପରିହାର କରିଆସେ । ସମୟ ଯେ ଅପେକ୍ଷାକୃତ ବଡ଼ ସ୍ୱଳ୍ପ, ପ୍ରତ୍ୟେକ ମୁହୂର୍ତ୍ତରେ ସେ ସେହି କଥାଟିକୁ ମନେ ରଖିଥାଏ । ବାଟ ଚାଲିବାବେଳେ ଯେ ଆଦୌ କୌଣସି ସମୟ ନଷ୍ଟ କରିବା ଉଚିତ ହେବ ନାହିଁ, ତ୍ୱରା ସହିତ ଯେ ଚାଲିବାକୁ ପଡ଼ିବ, ଗୋଟିଏ ବି ମୁହୂର୍ତ୍ତ ନଷ୍ଟ ନ କରି ଯେ ଯଥାସମ୍ଭବ ଶୀଘ୍ର ବାଟ ଚାଲିଯିବାକୁ ହେବ, ସେ ଏକଥା

'oaob.nitrkl.ac.in' images reprocessed

ସର୍ବଦା ସ୍ମରଣ ରଖିଥାଏ । ଏବଂ ଯେଉଁ ବ୍ୟକ୍ତି ଅତନ୍ଦ୍ର ରହିଥାଏ, ସିଏ କେବେହେଲେ ନିଜର ସମୟକୁ ନଷ୍ଟ କରେ ନାହିଁ, ସିଏ ଆପଣାର ସ୍ଥାନ ଓ ବଡ଼ ସକଳ ବନ୍ଧନ ଗୋଟିଗୋଟି କରି ଖସି ପଡ଼ୁଥିବାର ପ୍ରତ୍ୟକ୍ଷ କରେ; ତା'ର ସବୁକିଛୁ ବାଧା ଅନ୍ତର୍ହିତ ହୋଇଯାଏ, ତା'ର ଅତନ୍ଦ୍ରତା ପାଇଁହିଁ ତାହା ହୁଏ । ଏବଂ ଯଦି ସେ ଏହି ଦୃଷ୍ଟିକୋଣଟିରେ ଅବିଚଳିତ ହୋଇ ରହିପାରେ, ସେଇଥିରୁହିଁ ଆପଣାର ସମୁଦାୟ ସନ୍ତୋଷ ପାଇପାରୁଥାଏ, ତେବେ କିୟତ୍‌କାଳ ପରେ ଅତନ୍ଦ୍ର ରହିପାରିବା ଜନିତ ତା'ର ଏହି ସୁଖାନୁଭୂତିଟି କ୍ରମଶଃ ଅଧିକରୁ ଅଧିକ ଦୃଢ଼ ହେବାରେ ଲାଗିଥାଏ; ଶେଷକୁ ତାହା ଏତେବେଶୀ ଦୃଢ଼ ହୋଇଯାଏ ଯେ କେବେ ଅତନ୍ଦ୍ରତା ହାତଛଡ଼ା ହୋଇଗଲେ ସେ ପ୍ରକୃତରେ ସେଥିଲାଗି ଅତ୍ୟନ୍ତ ଦୁଃଖହିଁ ଅନୁଭବ କରେ ।

ଏହା ଏକ ପ୍ରକୃତ କଥା ଯେ, ବାଟ ଚାଲିବା ସମୟରେ ଆଦୌ କୌଣସି ସମୟ କଦାପି ନଷ୍ଟ ନ କରିବାକୁ ଏକ ଚେଷ୍ଟା କରିସାରିବା ପରେ, କୌଣସି ବ୍ୟକ୍ତିର ଯଦି କେତେବେଳେ କୌଣସି ସମୟ ନଷ୍ଟ ହୋଇଯାଏ, ତେବେ ସେଥିରୁ ସେ ପ୍ରକୃତରେ ଯନ୍ତ୍ରଣା ପାଏ ଓ ସେଥିରେ ସେ ଆଦୌ କୌଣସି ପ୍ରକାରର ସୁଖ ନିହିତ ଥିବାର ଦେଖିବାକୁହିଁ ପାଏ ନାହିଁ । ତୁମେ ଯେତେବେଳେ ଥରେ ଏହି ସ୍ଥିତିରେ ଆସି ପହଞ୍ଚିଯାଅ, ଅଗ୍ରଗତି ଏବଂ ରୂପାନ୍ତର ଲାଗି ଏହି ପ୍ରୟାସଟି ଯଦି ତୁମ ଜୀବନର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟରେ ପରିଣତ ହୋଇ ଯାଇପାରେ, ଯେତେବେଳେ ସେହି ବିଷୟଟି ସହିତହିଁ ତୁମର ସମସ୍ତ ଭାବନା ସତତ ସଂଯୁକ୍ତ ହୋଇ ରହିଥାଏ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତୁମେ ଚିରନ୍ତନ ଜୀବନର ଯଥାର୍ଥ ଦିଗରେହିଁ ଯାଉଥାଅ, ଆପଣା ସତ୍ତାଗତ ଯଥାର୍ଥ ସତ୍ୟଟି ଆଡ଼କୁ ଅଗ୍ରସର ହେବାରେ ଲାଗିଥାଅ ।

ନିଃସନ୍ଦେହ ଭାବରେ ଅନ୍ତର୍ଗତ ଅଭିବୃଦ୍ଧିର କ୍ଷେତ୍ରରେ ଏପରି ଗୋଟିଏ ମୁହୂର୍ତ୍ତ ବି ରହିଥାଏ, ଯେତେବେଳେ କି, ଅଭିନିବେଶିତ ହୋଇ ରହିବା ଲାଗି, ସତ୍ୟର ମନନ, ଅନ୍ୱେଷଣ ଏବଂ ତାହାର ପ୍ରକୃଷ୍ଟ ପ୍ରକାଶନ ମଧ୍ୟରେ ନିମଜ୍ଜିତ ହୋଇ ରହିବା ଲାଗି,—ବୌଦ୍ଧପନ୍ଥୀମାନେ ତାହାକୁ ଧ୍ୟାନ ବୋଲି କହିଛନ୍ତି,— ଆଦୌ କୌଣସି ଚେଷ୍ଟା ବା ଉଦ୍ୟମ କରିବା ପରିବର୍ତ୍ତିରେ ତୁମେ ଅନ୍ୟପକ୍ଷରେ ଏକ ପ୍ରକାର ସ୍ୱସ୍ତି, ସହଜତା, ନିଷ୍କଳତା ଓ ଆନନ୍ଦମୟତା ଅନୁଭବ କରିବାକୁ ଆରମ୍ଭ କର; ଏବଂ, ଯେଉଁ ବସ୍ତୁଗୁଡ଼ିକୁ ଆଦୌ ଅସଲ ବସ୍ତୁ ବୋଲି କହି ହେବ ନାହିଁ, ସେହିଗୁଡ଼ିକୁ ନେଇ ବ୍ୟସ୍ତ ରହିବା ଲାଗି ଯେତେବେଳେ ସେହି ଅନୁଭୂତିଟି ମଧ୍ୟରୁ ବାହାରି ଆସିବାକୁ ପଡ଼ିଲେ, ଯେଉଁ ବସ୍ତୁଗୁଡ଼ିକୁ ନେଇ ବ୍ୟସ୍ତ ରହିଲେ

'oaob.nitrkl.ac.in' images reprocessed

କେବଳ ସମସ୍ତ ନଷ୍ଟ ହେଲପରହିଁ ବୋଧ ହେଉଥାଏ, ସେହିଗୁଡ଼ିକୁ ନେଇ ଉତ୍ସୁର ରହିବାକୁ ଅସଲ ଅନୁଭୂତିଟି ମଧ୍ୟରୁ ବାହାରି ଆସିବାକୁ ପଡ଼ିଲେ, ତାହା ପ୍ରକୃତରେ ଅତ୍ୟନ୍ତ ଯନ୍ତ୍ରଣାଦାୟକ ହୋଇଥାଏ । ସେହି ଅବସ୍ଥାରେ ବାହ୍ୟ କାର୍ଯ୍ୟକଲାପମାନ ଯାହା ନିତାନ୍ତ ଆବଶ୍ୟକ, ସେହିପରି ଏକ ସ୍ତରକୁ ହ୍ରାସ ହୋଇଆସେ; କେବଳ ଯାହାକିଛି ଦିବ୍ୟ ପରମସତ୍ତାଙ୍କର ସେବାରୂପେ କରି ଯାଉଥାଏ, ତାହାର ସ୍ତରକୁହିଁ ହ୍ରାସ ହୋଇଆସେ । ଯାହାକିଛି ନିରର୍ଥକ, ଅନୁପଯୋଗୀ ଏବଂ ଖାସ୍ ଯେଉଁଗୁଡ଼ିକରେ ସମସ୍ତ ଓ ପ୍ରୟାସ କେବଳ ନଷ୍ଟ ହେବ ବୋଲିହିଁ ଦିଶୁଥାଏ, ସେଗୁଡ଼ିକ ଆଉ ସେତେବେଳେ କୌଣସି ତୃପ୍ତି ଦେଇ ପାରନ୍ତି ନାହିଁ, ସେଗୁଡ଼ିକ ଓଲଟି ଏକ ପ୍ରକାରର ଅସ୍ୱସ୍ତି ଏବଂ କ୍ଳାନ୍ତିହିଁ ସୃଷ୍ଟି କରନ୍ତି । ତୁମେ ଯେତେବେଳେ ଆପଣାର ଲକ୍ଷ୍ୟଟିରେ ଅଭିନିବେଶିତ ହୋଇ ରହିଥାଅ, କେବଳ ସେତିକିବେଳେହିଁ ତୁମକୁ ଯାହାକିଛି ଭଲ ଲାଗେ ।

ସେତେବେଳେ ତୁମେ ଯଥାର୍ଥରେ ଆପଣା ମାର୍ଗରେ ରହିଥାଅ ।

୧୪ ଫେବୃଆରି ୧୯୬୫

'oaob.nitrkl.ac.in' images reprocessed

ଚିତ୍ତ

ବାଣୁଆ ଯେପରି ତା'ର ବାଣଗୁଡ଼ିକୁ ସିଧା କରେ, ଠିକ୍ ସେହିପରି ଜଣେ ବୁଦ୍ଧିମାନ୍ ବ୍ୟକ୍ତି ମଧ୍ୟ ତା'ର ଭାବନାଗୁଡ଼ିକୁ ସିଧା କରିବାରେ ଲାଗିଥାଏ। ତା'ର ଯେଉଁ ଭାବନାଗୁଡ଼ିକ ଅସ୍ଥିର ଓ ଚଞ୍ଚଳ ହୋଇ ରହିଥାନ୍ତି, ଯେଉଁଗୁଡ଼ିକୁ ସିଧା କରି ରଖିବା କଷ୍ଟକର ହେଉଥାଏ, ଯେଉଁଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିବା ସହଜରେ ସମ୍ଭବ ହେଉ ନ ଥାଏ, ସେ ସେହିଗୁଡ଼ିକୁ ସିଧା କରିବାରେ ଲାଗିଥାଏ।

ପାଣିରୁ ବାହାରକୁ ବାହାରିଗଲେ ମାଛ ଯେପରି ଛଟପଟ ହେବାରେ ଲାଗେ, ମାରର ରାଜ୍ୟକୁ ପଛରେ ପକାଇ ଆସି ଆମର ମନଟି ମଧ୍ୟ ଠିକ୍ ସେହିପରି ଫଡଫଡ ହେଉଥାଏ, ନିଶ୍ୱାସ ବନ୍ଦ ହୋଇଗଲା ପରି ଅନୁଭବ କରୁଥାଏ।

ମନ ଉପରେ ନିୟନ୍ତ୍ରଣ ଆଣିବା ବଡ଼ କଷ୍ଟକର। ମନ ସବୁବେଳେ ଅସ୍ଥିର। ତାହା ସର୍ବଦା ହିଁ କୌଣସି ନା କୌଣସି ସୁଖ ଖୋଜି ବୁଲିବାରେ ଲାଗିଥାଏ। ତେଣୁ ମନ ଉପରେ ଶାସନ ରଖିବା ଏକାନ୍ତ କର୍ତ୍ତବ୍ୟ। ଯେଉଁ ମନ ନିୟନ୍ତ୍ରଣ ମଧ୍ୟରେ ଥାଏ, ତାହା ହିଁ ସୁଖର କାରଣ ହୁଏ।

ମୁନି ସର୍ବଦା ନିଜ ଭାବନାଗୁଡ଼ିକର ମାଲିକ ହୋଇ ରହିଥିବ। କାରଣ ଭାବନାଗୁଡ଼ିକ ଅତି ସୂକ୍ଷ୍ମ, ସେମାନଙ୍କୁ ଧରି ରଖିବା ବଡ଼ କଷ୍ଟସାଧ୍ୟ ଏବଂ ସେମାନେ ସର୍ବଦା ସୁଖ ଖୋଜି ଧାଇଁବାରେ ଲାଗିଥାନ୍ତି। ଯେଉଁ ମନ

'oaob.nitrkl.ac.in' images reprocessed

ଉପରେ ଉତ୍ତମ ପହରା ରହିଥାଏ, ତାହାହିଁ ସୁଖର କାରଣ ହୁଏ ।

ମନ କେତେ କୁଆଡ଼େ ବୁଲିବାରେ ଲାଗିଥାଏ, ଏକୁଟିଆ ଅଶରୀରୀ ହୋଇ ହୃଦୟଗୁମ୍ଫାର କେଉଁ ଗଭୀରରେ ଲୁଚି ରହିଥାଏ । ଯେଉଁ ବ୍ୟକ୍ତି ସେହି ମନକୁ ନିୟନ୍ତ୍ରଣରେ ରଖିବାକୁ ସଫଳ ହୁଏ, କେବଳ ସେଇ ଆପଣାକୁ ମାରର ଜାଲରୁ ମୁକ୍ତ କରିବାରେ ସଫଳ ହୁଏ ।

ଯାହାର ମନ ଅସ୍ଥିର, ଯିଏ ଯଥାର୍ଥ ବିଧାନ ବିଷୟରେ ଅଜ୍ଞାନ ହୋଇ ରହିଛି ଏବଂ ଯାହାର ବିଶ୍ୱାସରେ ସ୍ଥିରତା ଆସି ନାହିଁ, ତା'ର ବୁଦ୍ଧି କେବେହେଲେ ବିକାଶ ଲାଭ କରିପାରିବ ନାହିଁ ।

କୌଣସି ବ୍ୟକ୍ତିର ଭାବନାଗୁଡ଼ିକ ଯଦି କେବେହେଲେ ଉତ୍ତେଜିତ ହୋଇ ନ ପଡ଼ୁଥାନ୍ତି, ତା'ର ମନ ଯଦି ବାସନା ଦ୍ୱାରା ସନ୍ତପ୍ତ ହୋଇରହି ନ ଥାଏ, ଯଦି ଭଲ ତଥା ମନ୍ଦ ବିଷୟରେ ତା'ଭିତରେ ଆଉ କୌଣସି ପ୍ରକାର ଚିନ୍ତା ନ ଥାଏ, ଏହି ପୂର୍ଣ୍ଣ ଜାଗ୍ରତ ମଣିଷ ଭୟ କ'ଣ ଆଦୌ ଜାଣେ ନାହିଁ ।

ଏହି ଶରୀର ଯେକୌଣସି ମାଟିପାତ୍ର ପରି ଯେ କ୍ଷଣ-ଭଙ୍ଗୁର, ତାହା ଜାଣିପାରି ତୁମେ ଏକ ଅସ୍ତ୍ରସଜ୍ଜିତ ନଗରୀ ପରି ଆପଣାର ମନକୁ ସୁରକ୍ଷିତ କରି ରଖିବ । ତା'ପରେ ତୁମେ ବୁଦ୍ଧିର ଖଡ଼୍‌ଗ ପ୍ରୟୋଗ କରି ମାର ଉପରେ ଆକ୍ରମଣ କରିବ, ଏବଂ ବିଜୟୀରୂପେ ଯାହା କିଛି ହାସଲ କରିବ, ଅତ୍ୟନ୍ତ ଯତ୍ନଶୀଳ ଭାବରେ ତାହାକୁ ଜଗି ରହିଥିବ ।

ତୁମର ଶରୀର ଅଚିରେ ମାଟି ଉପରେ ପଡ଼ି ରହିଥିବ, ପରିତ୍ୟକ୍ତ ହୋଇ ପଡ଼ି ରହିଥିବ, ପୁରୁଣା କାଠଖଣ୍ଡେ ପରି ନିର୍ଜୀବ ହୋଇ ପଡ଼ିଥିବ ।

'oaob.nitrkl.ac.in' images reprocessed

ଜଣେ ଶତ୍ରୁ ଆଉଜଣେ ଶତ୍ରୁର ଯେତେ କ୍ଷତି ଘଟାଏ, ଜଣେ ଘୃଣାକାରୀ ଆଉଜଣେ ଘୃଣାକାରୀର ଯେତେ କ୍ଷତି ଘଟାଏ, ଭୁଲ ପଥରେ ଧାବିତ ଏକ ମନ ଦ୍ୱାରା ତା'ଠାରୁ ଆହୁରି ଅନେକ ଅଧିକ କ୍ଷତି ଘଟିଥାଏ ।

ଏକ ସୁନିର୍ଦ୍ଦେଶିତ ମନ ଦ୍ୱାରା ତୁମର ଯେତେ ମଙ୍ଗଳ ହୋଇପାରିବ, ତୁମର ମାଆ, ବାପା କିଂବା ଅନ୍ୟକେହି ଜ୍ଞାତିକୁଟୁମ୍ବ ତୁମର କଦାପି ଏତେବେଶୀ କଲ୍ୟାଣ କରି ପାରିବେ ନାହିଁ ।

ଯେଉଁମାନଙ୍କର ନିଜ ମନ ଉପରେ ପ୍ରଭୁତ୍ୱ ଆସିପାରି ନାହିଁ, ଏହି କେତୋଟି ପଦ ସେହିମାନଙ୍କର ଆବଶ୍ୟକତା ଲାଗି ଉଦ୍ଦିଷ୍ଟ ହୋଇ ରହିଛି । ଆପଣାର ବଞ୍ଚିବା, ଚିନ୍ତା କରିବା ଏବଂ ପ୍ରତିକ୍ରିୟା ବ୍ୟକ୍ତ କରିବାର ପୁରୁଣା ରୀତିଗୁଡ଼ିକ ପ୍ରତି ଜଣେ ବ୍ୟକ୍ତିର ଯେଉଁ ଆସକ୍ତି ରହିଥାଏ, ଏପରିକି ସେଗୁଡ଼ିକୁ ପରିହାର କରି ବାହାରି ଯିବା ପାଇଁ ଚେଷ୍ଟା କରୁଥିବା ବେଳେ ମଧ୍ୟ ତା'ର ସେଗୁଡ଼ିକ ପ୍ରତି ଯେଉଁ ଆସକ୍ତି ରହିଥାଏ, ଉକ୍ତ ପଦଗୁଡ଼ିକରେ ତାହାରି ବିଷୟରେ କୁହାଯାଇଛି । ନିଜର ପ୍ରୟାସ ଦ୍ୱାରା ତୁମେ ଯେମିତି ବାହାରକୁ ବାହାରି ଆସି ଯିବାକୁ ସମର୍ଥ ହୁଅ, ତୁମେ ସେମିତି ସଙ୍ଗେସଙ୍ଗେ ସତେଅବା ପାଣିଭିତରୁ ବାହାରକୁ ବାହାରି ଆସିଥିବା ମାଛଟିଏ ପରି ଅନୁଭବ କରିବାକୁ ଲାଗ ଏବଂ ଅଣନିଃଶ୍ୱାସୀ ହୋଇପଡ଼; କାରଣ ନିଜର ଅନ୍ଧକାରାଚ୍ଛନ୍ନ ନାନା ବାସନାର ସ୍ୱ-ଉପାଦାନଟି ମଧ୍ୟରେ ତୁମେ ଆଉ ସେତେବେଳେ ଅବସ୍ଥାନ କରୁ ନ ଥାଅ ।

ଏପରିକି, ଯେତେବେଳେ ତୁମେ ଏକ ସଂକଳ୍ପ କରିଥାଅ, ସେତେବେଳେ ମଧ୍ୟ ତୁମର ମନ ଅସ୍ଥିର ହୋଇ ରହିଥାଏ । ତାହା ଭାରି ସୂକ୍ଷ୍ମ ହୋଇ ରହିଥାଏ, ତାହାକୁ ଆଦୌ ଧରି ରଖିହେଉ ନ ଥାଏ । ବାହାରୁ ସିଏ ତାହା କରୁଥିବା ପରି ମୋଟେ ମନେ ହେଉ ନ ଥିଲେ ମଧ୍ୟ ତାହା ସତତ ଆପଣା ପରିତର୍ପଣକୁହିଁ ଖୋଜି ବୁଲୁଥାଏ । ଏବଂ ତାହାର ଅଭିପ୍ରାୟଗୁଡ଼ିକ ହୃଦୟର କେଉଁ ତଳେ ଯାଇ ଲୁଚି ରହିଥାଏ ଏବଂ ତେଣୁ ସେଗୁଡ଼ିକର ଅସଲ ପ୍ରକୃତିଟିକୁ ମୋଟେ ଠଉରାଇ ହୁଏ ନାହିଁ ।

ଏବଂ, ତେଣୁ ତୁମେ ଶରୀରର ଦୁର୍ବଳତାଟିକୁ କଦାପି ପାସୋରି ପକାଇବ ନାହିଁ ଓ ମନକୁ ମଧ୍ୟ ତା' ନିଜର ଦୁର୍ବଳତାଗୁଡ଼ିକର ବିରୁଦ୍ଧରେ ବନ୍ଦୀସ୍ଥାନ କରିବାରେ ଲାଗିଥିବ । ପ୍ରଜ୍ଞାର ଖଡ଼୍ଗ ଧରି ତୁମକୁ ପ୍ରତିକୂଳ ଶକ୍ତିଗୁଡ଼ିକ ବିରୁଦ୍ଧରେ

'oaob.nitrkl.ac.in' images reprocessed

ସଂଗ୍ରାମ କରିବାକୁ ହେବ ଏବଂ ଏହିପରି ଭାବରେ ହାସଲ କରାଯାଇଥିବା ବିଜୟଗୁଡ଼ିକୁ ଯତ୍ନର ସହିତ ସାଇତି ରଖିବ, ଯେପରିକି ଏହି ଶତ୍ରୁମାନେ ତୁମଠାରୁ ତୁମର ଅଗ୍ରଗତିଟିକୁ କଦାପି ଲୁଟିନେଇ ପାରିବେ ନାହିଁ। କାରଣ ତୁମେ ସେମାନଙ୍କୁ ଗୋଟିଏ ଗୋଟିଏ ଅତି ଭୟଙ୍କର ତସ୍କର ବୋଲି ମଧ୍ୟ ଜାଣି ରଖିଥିବ।

ଏବଂ, ଯେଉଁମାନେ ମରଣକୁ ଭୟ କରୁଥାନ୍ତି, ଏହା ମଧ୍ୟରେ ସେମାନଙ୍କ ସକାଶେ ମଧ୍ୟ ସଂକ୍ଷିପ୍ତ ପଦଟିଏ ରହିଛି, ସେମାନଙ୍କୁ ସେହି ଭୟ ଭିତରୁ ମୁକ୍ତ କରି ଆଣିବାକୁ ତାହା ଲେଖାଯାଇଛି। ସର୍ବାଶେଷରେ ନିଜ ପରିବାର ପ୍ରତି ଆସକ୍ତ ହୋଇ ରହିଥିବା ବ୍ୟକ୍ତିମାନଙ୍କ ପାଇଁ ଗୋଟିଏ ସ୍ଥାନ ପଦ ରହିଛି ଏବଂ ସେଥିରେ ଏହି ଆସକ୍ତି ମଧ୍ୟରେ ନିହିତ ହୋଇ ରହିଥିବା ବ୍ୟର୍ଥତାଟିକୁ ଦର୍ଶାଇ ଦିଆଯାଇଛି।

ଏବଂ ଶେଷରେ ଏକ ଚେତାବନୀ ବି ଦିଆଯାଇଛି : ଅପଥରେ ଧାବିତ, ଅଯଥେଷ୍ଟଭାବରେ ନିୟନ୍ତ୍ରିତ ଏକ ଭାବନା ଆମର ଯେଉଁ କ୍ଷତି କରିଥାଏ, ଜଣେ ଶତ୍ରୁ ଆଉ ଜଣେ ଶତ୍ରୁକୁ ଏବଂ ଜଣେ ଘୃଣାକାରୀ ଆଉଜଣେ ଘୃଣାକାରୀର ମଧ୍ୟ ଆଦୌ ସେତେବେଶୀ କ୍ଷତି କରିପାରେ ନାହିଁ। ଅର୍ଥାତ୍, ଏହି ପୃଥିବୀରେ ଯେଉଁମାନଙ୍କ ଭିତରେ ସର୍ବୋତ୍ତମ ଅଭିପ୍ରାୟମାନ ବି ରହିଛି, ସେମାନେ ମଧ୍ୟ ବିଜ୍ଞତାସମ୍ପନ୍ନ ଭାବରେ ଯଦି ଆପଣାର ଭାବନା ଉପରେ ନିୟନ୍ତ୍ରଣ ନ ରଖନ୍ତି, ତେବେ ସେମାନେ ନିଜ ଲାଗି ଓ ନିଜର ପ୍ରିୟଜନମାନଙ୍କ ଲାଗି ଯେଉଁ କ୍ଷତି ଭିଆଇଥା'ନ୍ତି, ଜଣେ ଶତ୍ରୁ ଆଉଜଣେ ଶତ୍ରୁର ବା ଜଣେ ଘୃଣାକାରୀ ଆଉଜଣେ ଘୃଣାକାରୀର ମଧ୍ୟ କଦାପି ସେତେବେଶୀ କ୍ଷତି କରିପାରେ ନାହିଁ।

ଏହି ମନର ଆପଣାକୁ ପ୍ରତାରିତ କରିବା ଲାଗି ମଧ୍ୟ ଅମିତ ସାମର୍ଥ୍ୟ ରହିଛି। ଆପଣାର ବାସନା ଓ ଅଭିରୁଚିଗୁଡ଼ିକୁ ତାହା ଯାବତୀୟ ପ୍ରକାରର ଚମତ୍କାର ଅଭିପ୍ରାୟ ଦ୍ୱାରା ଆବୃତ କରି ରଖିଥାଏ; ଅତ୍ୟନ୍ତ ସୁ-ଅନୁକୂଳ ନାନା ପ୍ରତୀତିର ଅନ୍ତରାଳରେ ନିଜର କୌଶଳ, ଅଭିଯୋଗ ଏବଂ ଅତୃପ୍ତିଗୁଡ଼ିକୁ ତାହା ଲୁଚାଇ ରଖିଥାଏ।

ସେହି ସବୁକିଛିକୁ ଜୟ କରିପାରିବା ଲାଗି ତୁମ ପାଖରେ ଜଣେ ପ୍ରକୃତ ଯୋଦ୍ଧାର ଉପଯୁକ୍ତ ଦୃଢ଼ତା ରହିଥିବା ଆବଶ୍ୟକ; ଏପରି ଏକ ସାଧୁତା, ସ୍ପଷ୍ଟବାଦିତା ଏବଂ ନିଷ୍ଠା ରହିଥିବା ଦରକାର ଯାହାକି କୌଣସି ପରିସ୍ଥିତିରେ ମଧ୍ୟ ହଟି ରହିଯିବ ନାହିଁ।

୨୮ ଫେବୃଆରୀ ୧୯୫୮

'oaob.nitrkl.ac.in' images reprocessed

ପୁଷ୍ପ

ମାୟାର ଏହି ସଂସାରକୁ କିଏ ଜୟ କରିବ, ଏହି ଯମରାଜ୍ୟ ଓ ଦେବତାମାନଙ୍କର ଜଗତ ଉପରେ କିଏ ବିଜୟ ହାସଲ କରିବ ? ଜଣେ କୁଶଳୀ ମାଳୀ ଯେପରି ବିରଳତମ ଫୁଲଗୁଡ଼ିକର ଆବିଷ୍କାର କରିଥାଏ, ସେହିପରି ଧର୍ମ ବା ଯଥାର୍ଥ ବିଧାନର ପଥଟିକୁ କିଏ ଆବିଷ୍କାର କରିବ ?

ଯଥାର୍ଥ ମାର୍ଗରେ ଅଗ୍ରସର ହେଉଥିବା ଶିଷ୍ୟ ମାୟାର ଏହି ସଂସାର ଉପରେ ବିଜୟ ହାସଲ କରିବ, ଯମର ଏହି ରାଜ୍ୟ ଓ ଦେବତାମାନଙ୍କର ଜଗତଟିକୁ ସେହି ଜୟ କରିବ । କୁଶଳୀ ମାଳୀ ବିରଳତମ ଫୁଲଗୁଡ଼ିକର ଆବିଷ୍କାର କଲାପରି ସେ ଯଥାର୍ଥ ବିଧାନର ପଥଟିକୁ ନିଶ୍ଚୟ ଆବିଷ୍କାର କରିବ ।

ଆପଣାର ଶରୀରକୁ ପାଣି ଉପରର ଫେଣ ବୋଲି ଜାଣି ଓ ମରୀଚିକା ପରିହିଁ ଏକ ମାୟା ବୋଲି ଜାଣି, ଯଥାର୍ଥ ମାର୍ଗରେ ରହିଥିବା ଶିଷ୍ୟ ମାରର ପୁଷ୍ପଶରକୁ ଭାଙ୍ଗି ଚୂନା କରିଦେବ ଏବଂ ଏତେ ଉପରକୁ ଉଠିଯାଇ ପାରିବ ଯେ ଯମର ସେଠାରେ କୌଣସି ଅକ୍ତିଆର ନ ଥିବ ।

ଭୟଙ୍କର ବନ୍ୟାପ୍ଲାବନ ଯେପରି ଏକ ନିଦ୍ରାମଗ୍ନ ଗ୍ରାମକୁ ଭସାଇ ନେଇଯାଏ, ଠିକ୍ ସେହିପରି କେବଳ ଇନ୍ଦ୍ରିୟ-ସୁଖର ପୁଷ୍ପଗୁଡ଼ିକର ଲାଳସା ରଖିଥିବା ଜଣେ ବ୍ୟକ୍ତିକୁ ମୃତ୍ୟୁ ଅପସରାଇ ନେଇ ଯାଇଥାଏ ।

'oaob.nitrkl.ac.in' images reprocessed

ଇନ୍ଦ୍ରିୟସୁଖର ପୁଷ୍ପଗୁଡ଼ିକରହିଁ ଅନ୍ୱେଷଣ କରିବୁଲୁଥିବା ଜଣେ ବ୍ୟକ୍ତି ନିଜର ପରିତୃପ୍ତି ସାଧନ କରିପାରିବା ପୂର୍ବରୁହିଁ ସବୁକିଛିକୁ ଧ୍ୱଂସ କରୁଥିବା ମୃତ୍ୟୁ ତାହାକୁ ଗ୍ରାସ କରିପକାଏ ।

ମହୁମାଛି ଯେପରି ଫୁଲରୁ ଫୁଲକୁ ଉଡ଼ି ମଧୁ ସଂଗ୍ରହ କରୁଥାଏ ମାତ୍ର ଫୁଲଗୁଡ଼ିକର ରଙ୍ଗ ଓ ସୁବାସ ଲାଗି ଆଦୌ କୌଣସି କ୍ଷତି ଘଟାଏ ନାହିଁ, ଠିକ୍ ସେହିପରି ଜଣେ ମୁନିର ମଧ୍ୟ ତା' ଗ୍ରାମରେ ଦ୍ୱାର ଦ୍ୱାର ହୋଇ ବୁଲିବା ଉଚିତ ।

ଅନ୍ୟମାନେ କ'ଣ କରୁଛନ୍ତି ବା କରି ନାହାନ୍ତି, ସେଥିଲାଗି ତୁମେ ସେମାନଙ୍କର ଆଦୌ କୌଣସି ସମାଲୋଚନା କରିବ ନାହିଁ । ତୁମେ ନିଜେ କ'ଣ କରୁଛ ବା କରି ନାହିଁ, ତୁମେ ସେହି ବିଷୟଟିକୁହିଁ ସର୍ବଦା ସ୍ମରଣ ରଖିଥିବ !

ଠିକ୍ ଯେପରି କୌଣସି ସୁନ୍ଦର ଫୁଲ କେତେ ଉଜ୍ଜ୍ୱଳ ଦେଖାଯାଉଥାଏ, ମାତ୍ର ତା' ଭିତରେ ଆଦୌ କୌଣସି ସୁବାସ ନ ଥାଏ, ସେହିପରି, ନିଜର କଥା ଅନୁସାରେ କାର୍ଯ୍ୟ ନ କରୁଥିବା ଜଣେ ବ୍ୟକ୍ତିର କଥାଗୁଡ଼ାକ ମଧ୍ୟ ସେହିପରି ସୁନ୍ଦର ହୋଇ ରହିଥାଏ ।

ଯେଉଁ ଫୁଲ ଆପଣା ସୌନ୍ଦର୍ଯ୍ୟରେ ଉଜ୍ଜ୍ୱଳ ହୋଇ ରହିଥାଏ ଓ ତାହାର ସୁବାସ ମଧ୍ୟ ଥାଏ, ଆପଣାର କଥା ଅନୁସାରେ କାର୍ଯ୍ୟ କରୁଥିବା ବ୍ୟକ୍ତିର କଥା ମଧ୍ୟ ଠିକ୍ ସେହି ଫୁଲଟି ପରି ଉଜ୍ଜ୍ୱଳ ଏବଂ ସୁବାସଯୁକ୍ତ ହୋଇ ରହିଥାଏ ।

ଆମେ ଗଦାଏ ଫୁଲରୁ ଯେପରି ଅନେକ ଫୁଲହାର ଗୁନ୍ଥିଦେଇ ପାରିବା, ସେହିପରି ଆପଣାର ଉତ୍ତମ

'oaob.nitrkl.ac.in' images reprocessed

କାର୍ଯ୍ୟଗୁଡ଼ିକ ଦ୍ୱାରା ଜଣେ ମନୁଷ୍ୟ ବ ଅନେକ ପୁଣ୍ୟ ସଂଗ୍ରହ କରିପାରିବ ।

ଫୁଲର ସୁଗନ୍ଧ କଦାପି ପବନର ପ୍ରତିକୂଳ ଆଡ଼କୁ ଗତି କରିପାରେ ନାହିଁ । ଚନ୍ଦନ ଓ ଧୂପର ଏପରିକି ମଲ୍ଲୀଫୁଲର ଗନ୍ଧ ମଧ୍ୟ ସେହିପରି ପବନର ପ୍ରତିକୂଳ ଆଡ଼କୁ ଗତି କରିପାରେ ନାହିଁ । ମାତ୍ର ବୁଦ୍ଧିର ସୁମଧୁର ଗନ୍ଧଟି ପବନର ପ୍ରତିକୂଳ ଦିଗରେ ମଧ୍ୟ ଯାଇଥାଏ । ବୁଦ୍ଧିମାନ୍ ବ୍ୟକ୍ତିର ଚତୁର୍ଦ୍ଦିଗକୁହିଁ ତା' ପୁଣ୍ୟର ସୁଗନ୍ଧ ବ୍ୟାପ୍ତ ହୋଇଯାଏ ।

ମନୁଷ୍ୟର ବୁଦ୍ଧିରୂପକ ଗୁଣରେ ଯେଉଁ ସୁଗନ୍ଧ ରହିଛି, ଅନ୍ୟ କୌଣସି ସୁଗନ୍ଧକୁ, ଏପରିକି ଚନ୍ଦନ, ଧୂପ, ପଦ୍ମ ବା ମଲ୍ଲୀ ପ୍ରଭୃତି କାହାରି ସୁଗନ୍ଧକୁହିଁ ତାହା ସହିତ ତୁଳନା କରାଯାଇ ପାରିବ ନାହିଁ ।

ଜଣେ ପୁଣ୍ୟବାନ୍ ବ୍ୟକ୍ତି ଯେଉଁ ସୁବାସଟିକୁ ବିତରଣ କରୁଥାଏ, ତାହା ତୁଳନାରେ ଧୂପ ବା ଚନ୍ଦନର ସୁବାସକୁ ଖରି ଅଳ୍ପଶକ୍ତି ବୋଲି କୁହାଯାଇ ପାରିବ । ପୁଣ୍ୟବାନ୍ ବ୍ୟକ୍ତିର ସୁବାସ ଉଚ୍ଚତମ ଦେବ୍ୟତା ଯାଏ ମଧ୍ୟ ଉଦ୍ବେଳିତ କରିନେଇ ପାରିବ ।

ଯେଉଁମାନେ ପୂର୍ଣ୍ଣ ଶୁଦ୍ଧତାର ଜୀବନ ଯାପନ କରନ୍ତି ଏବଂ ଆପଣାର ସମଗ୍ର ଜ୍ଞାନଟି ଦ୍ୱାରା ଯେଉଁମାନେ ବିମୋଚିତ ହୋଇ ରହିଥାନ୍ତି, ମାର କଦାପି ସେମାନଙ୍କର ମାର୍ଗଟିର ପତ୍ତା ବ ପାଇ ପାରିବ ନାହିଁ ।

ସୁନ୍ଦର କଇଁଫୁଲ ରାସ୍ତାକଡ଼ରେହିଁ ଫୁଟି ରହିଥାଏ : ଠିକ୍ ସେହିପରି, ଜ୍ଞାନପ୍ରାପ୍ତ ଜଣେ ବୁଦ୍ଧଶିଷ୍ୟ ଏହି ଅନ୍ଧ ଏବଂ ଅଜ୍ଞାନଗ୍ରସ୍ତ ଜନସମୂହଙ୍କ ମଧ୍ୟରୁହିଁ ପ୍ରସ୍ଫୁଟିତ ହୋଇ ବାହାରି ଆସିଥାଏ ।

'oaob.nitrkl.ac.in' images reprocessed

ଏଗୁଡ଼ିକ ମଧ୍ୟରେ କେତେକ ଅତ୍ୟନ୍ତ ବିଜ୍ଞତାପୂର୍ଣ୍ଣ ପରାମର୍ଶ ରହିଛି । ଉଦାହରଣସ୍ୱରୂପ, ଅନ୍ୟମାନେ କ'ଣ କରୁଛନ୍ତି ବା କେଉଁସବୁ ଭୁଲର ଆଚରଣ କରୁଛନ୍ତି, ସେବିଷୟରେ କୌଣସି ପ୍ରକାର ମୁଣ୍ଡ ନ ଖେଳାଇ ଆଗ ନିଜ ଭୁଲଗୁଡ଼ିକୁ ଓ ଅବହେଳାଗୁଡ଼ିକୁ ଦେଖିବା ଓ ସେଗୁଡ଼ିକର ସଂଶୋଧନ କରିବାର ପରାମର୍ଶଟିକୁ ବିଚାର କରାଯାଇପାରେ । ଆଉଗୋଟିଏ ବିଜ୍ଞତାପୂର୍ଣ୍ଣ ପରାମର୍ଶ ହେଉଛି, ଯାହାକୁ ତୁମେ କାର୍ଯ୍ୟରେ ପରିଣତ ନ କରିବ, ଗୁଡ଼ାଏ ବାଗ୍ମିତା ଦେଖାଇ ସେଗୁଡ଼ାକୁ କଦାପି କହି ବୁଲିବାକୁ ମନ କରିବ ନାହିଁ । ଅର୍ଥାତ୍, କମ୍ କଥା କହିବ ଓ ଭଲଭାବରେ କାର୍ଯ୍ୟ କରିବ । ଯେଉଁ କଥାଗୁଡ଼ାକ କେବଳ କଥାରେହିଁ ସୀମିତ ହୋଇ ରହିଥିବ, ସେଗୁଡ଼ାକୁ ଆମେ କେବଳ ଗନ୍ଧହୀନ ଫୁଲ ସହିତ ତୁଳନା କରିପାରିବା ।

ଏବଂ ଶେଷରେ, ତୁମେ କାଳେ ଆପଣାର ଭୁଲଗୁଡ଼ିକ ଦ୍ୱାରା ହତୋତ୍ସାହିତ ହୋଇପଡ଼ିବ, ସେଥିଲାଗି ଧମ୍ମପଦ ତୁମ ଲାଗି ଏହି ସାନ୍ତ୍ୱନାଦାୟକ ଚିନ୍ତାଟିକୁ ମଧ୍ୟ ପ୍ରଦାନ କରୁଛି : ରାସ୍ତାକଡ଼ରେ ଥିବା ଅଳିଆ ଭିତରେ ମଧ୍ୟ ଗୋଟିଏ ଅତିଶୁଦ୍ଧ କଇଁଫୁଲ ବେଶ୍ ଫୁଟିଉଠିପାରେ । ଅର୍ଥାତ୍, କୌଣସି କଥାକୁ ଆମେ କଦାପି ଏତେବେଶୀ ଅଯୋଗ୍ୟ ବୋଲି କହିପାରିବା ନାହିଁ, ଯାହାକି ଶୁଦ୍ଧତମ ଉପଲବ୍ଧିକୁ ମଧ୍ୟ ହୁଏତ ସମ୍ଭବ କରାଇ ନ ପାରିବ ।

ଅତୀତ ଯେପରି ହୋଇଥାଉ ପଛକେ, ଯେତେ ଯାହା ଭୁଲ ହୋଇ ଯାଇଥାଉ ପଛକେ, ଜଣେ ବ୍ୟକ୍ତି ଯେତେ ଯାହା ଅଜ୍ଞାନ ଭିତରେ ବଞ୍ଚି ଆସିଥାଉ ପଛକେ, ତା'ଭିତରେ ଗଭୀର ଦେଶରେ ଅବଶ୍ୟ ସେହି ସର୍ବୋଚ୍ଚ ଶୁଦ୍ଧତାଟି ବିଦ୍ୟମାନ ରହିଛି, ଯାହାକି ଆପଣାକୁ ଏକ ଅଦ୍ଭୁତ ଉପଲବ୍ଧି ରୂପେ ଉକୁଟାଇ ଆଣିପାରିବ ।

ତେଣୁ ଅସଲ କଥା ହେଉଛି ଯେ ଆମେ ତାହାର ବିଷୟରେହିଁ ଚିନ୍ତା କରିବା, ତାହାର ଉପରେ ନିଜକୁ ଅଭିନିବେଶିତ କରି ରଖିବା; କେଉଁଠି କ'ଣସବୁ ଅସୁବିଧା, ବାଧା କିଂବା ପ୍ରତିବନ୍ଧକ ରହିଛି, ସେଗୁଡ଼ାକୁ ନେଇ ବ୍ୟସ୍ତ ହୋଇ ରହିବା ନାହିଁ ।

ତୁମେ ଯାହା ହେବାକୁ ଚାହୁଁଛ, ତାହାର ଉପରେହିଁ ଆପଣାକୁ ଅଭିନିବେଶିତ କରିରଖ; ତୁମେ କ'ଣ ହେବାକୁ ନ ଚାହୁଁଛ, ସେଗୁଡ଼ାକୁ ଯଥାସମ୍ଭବ ସମ୍ପୂର୍ଣ୍ଣ ଭାବରେହିଁ ଭୁଲିଯିବାକୁ ଚେଷ୍ଟା କର ।

୭ ମାର୍ଚ୍ଚ ୧୯୫୮

'oaob.nitrkl.ac.in' images reprocessed

ନିର୍ବୋଧ ବ୍ୟକ୍ତି

ଯିଏ ଶୋଇପାରେ ନାହିଁ, ତା'ପାଇଁ ରାତି ଦୀର୍ଘ ହୋଇଯାଏ; ଯିଏ କ୍ଲାନ୍ତହୋଇ ପଡ଼ିଛି, ଚାଲିବା ବାଟଟା ମଧ୍ୟ ତା'ଲାଗି ଦୀର୍ଘ ହୋଇଯିବା ପରି ଲାଗେ । ଯେଉଁ ନିର୍ବୋଧ ବ୍ୟକ୍ତି ଯଥାର୍ଥ ବିଧାନ ବିଷୟରେ କିଛି ଜାଣି ନ'ଥାଏ, ତାକୁ ପୁନର୍ବାର ଜନ୍ମଗ୍ରହଣ କରିବାର ଏକ ଦୀର୍ଘ ଚକ୍ର ମଧ୍ୟଦେଇ ଯିବାକୁ ପଡ଼ିଥାଏ ।

ଆପଣାଠାରୁ ଅଧିକ ଅଗ୍ରଗତି କରିଥିବା ବା ଆପଣାର ସମକକ୍ଷ ଯଦି ଗୋଟିଏ ବୋଲି ବି କେହି ସାଥୀ ନ ମିଳନ୍ତି, ତେବେ ଆମକୁ ସାହସର ସହିତ ଏକାକୀ ଯିବାକୁ ହେବ । କାରଣ ଜଣେ ନିର୍ବୋଧ ବ୍ୟକ୍ତିକୁ ସାଙ୍ଗ କଲେ ସେଥିରୁ ଆଦୌ କୌଣସି ଭଲ ଫଳ ମିଳିବ ନାହିଁ ।

"ଏ ପୁଅଟି ମୋର, ଏ ସମ୍ପତ୍ତି ମୋର"—ନିର୍ବୋଧ ବ୍ୟକ୍ତି ଏହିପରି ଭାବ ପୀଡ଼ିତ ହୋଇ ରହିଥାଏ । ଯିଏ ନିଜକୁ ମଧ୍ୟ ନିଜର ଅଧିକାରକୁ ଆଣିପାରି ନାହିଁ, ତାକୁ ପୁଅ ଉପରେ ଓ ସମ୍ପତ୍ତି ଉପରେ ଅଧିକାରୀ ବୋଲି ପ୍ରକୃତରେ କିପରି କୁହାଯିବ ?

ଯେଉଁ ନିର୍ବୋଧ ବ୍ୟକ୍ତି ନିଜର ନିର୍ବୋଧତାକୁ ସ୍ୱୀକାର କରି ପାରୁଛି, ତାକୁ ଅନ୍ତତଃ, ସେହି ଦୃଷ୍ଟିରୁ ନିଶ୍ଚିତ ବିଜ୍ଞ ବୋଲି କୁହାଯିବ । ମାତ୍ର ଯେଉଁ ନିର୍ବୋଧ ବ୍ୟକ୍ତି ଆପଣାକୁ ଜଣେ ବିଜ୍ଞ ଓ ବୁଦ୍ଧିମାନ୍ ବ୍ୟକ୍ତି ବୋଲି ମନେ କରୁଥାଏ, ତାହାକୁ ପ୍ରକୃତରେ ନିର୍ବୋଧ ବୋଲି କହିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ଯେପରି ଆମେ ବ୍ୟବହାର କରୁଥିବା ଚାମଚ ଆମ ବ୍ୟଞ୍ଜନର ସ୍ୱାଦ ବିଷୟରେ କିଛି ଜାଣେ ନାହିଁ, ଠିକ୍ ସେହିପରି ଜୀବନ ସାରା କୌଣସି ବୁଦ୍ଧିମାନ ବ୍ୟକ୍ତିର ପରିକର ହୋଇ ରହିଲେ ମଧ୍ୟ ଜଣେ ନିର୍ବୋଧ ବ୍ୟକ୍ତି ତଥାପି ସତ୍ୟ ବିଷୟରେ ଅଜ୍ଞାନ ହୋଇହିଁ ରହିଥିବ ।

ଜଣେ ବୁଦ୍ଧିମାନ୍ ବ୍ୟକ୍ତି ଗୋଟାଏ ମୁହୂର୍ତ୍ତ ପାଇଁ ମଧ୍ୟ ଯଦି ଜଣେ ବିଜ୍ଞ ବ୍ୟକ୍ତିର ପରିଚର୍ଯ୍ୟା କରିବାର ସୁଯୋଗ ଲାଭ କରେ, ତେବେ ସେ ଅଚିରେ ସତ୍ୟଟିକୁ ନିଶ୍ଚୟ ବୁଝିବାକୁ ସମର୍ଥ ହେବ; ବ୍ୟଞ୍ଜନର ସ୍ୱାଦଟିକୁ ଆମର ଜିଭ ଯେପରି ସଙ୍ଗେସଙ୍ଗେ ଅନୁଭବ କରିପାରେ, ଠିକ୍ ସେହିପରି ।

ଯେଉଁ ନିର୍ବୋଧମାନେ ଅଜ୍ଞାନଗ୍ରସ୍ତ ହୋଇ ରହିଥାନ୍ତି, ସେମାନେ ନିଜେହିଁ ନିଜର ବୃହତ୍ତମ ଶତ୍ରୁ ହୋଇ ରହିଥାନ୍ତି । ଆପଣାର ଅନୁଚିତ କର୍ମଗୁଡ଼ିକରୁ ସେମାନଙ୍କୁ କେବଳ ତିକ୍ତ ଫଳହିଁ ଲାଭ କରିବାକୁ ହୋଇଥାଏ ।

ଆପଣାର ଯେଉଁ ମନ୍ଦ କର୍ମ ପାଇଁ ଆମେ ପରେ ଅନୁତାପ କରିଥାଉ, ତାହା ଆମ ଲାଗି କେବଳ ନାନା ଶୋଚନାକୁହିଁ ବହନ କରିଆଣେ । ତାହାର ପରିଣାମରେ କେବଳ ଅଶ୍ରୁପାତହିଁ ଲାଭ ହୋଇଥାଏ, କେବଳ ଶୋକ କରିବାକୁହିଁ ପଡ଼ିଥାଏ ।

ଯେଉଁ ଉତ୍ତମ କାର୍ଯ୍ୟ ଲାଗି ଆମକୁ କୌଣସି ଅନୁତାପ କରିବାକୁ ପଡ଼େ ନାହିଁ, ତାହା ଆମକୁ କେବେହେଲେ କୌଣସି ଶୋଚନା ଆଣି ଦିଏ ନାହିଁ, ଏବଂ ତାହାର ଫଳସ୍ୱରୂପ ଆମକୁ କେବଳ ସନ୍ତୋଷ ଏବଂ ପରିତୋଷହିଁ ଲାଭ ହୋଇଥାଏ ।

'oaob.nitrkl.ac.in' images reprocessed

ମନ୍ଦ କାର୍ଯ୍ୟର ପରିଣାମଗୁଡ଼ିକ ଫଳ ନ ଥିଲା ପର୍ଯ୍ୟନ୍ତ ନିର୍ବୋଧ ବ୍ୟକ୍ତି ତାହାକୁ ସତେଅବା ମଧୁ ପରି ମିଷ୍ଟ ବୋଲି କଳ୍ପନା କରିବାରେ ଲାଗିଥାଏ । ମାତ୍ର ଯେତେ-ବେଳେ ଫଳଗୁଡ଼ିକ ଫଳିବାକୁ ଆରମ୍ଭ କରେ, ସେତେବେଳେ ତାକୁ କେବଳ ଦୁଃଖହିଁ ଭୋଗ କରିବାକୁ ପଡ଼େ ।

ହୁଏତ ମାସ ମାସ ଧରି ଜଣେ ନିର୍ବୋଧ ବ୍ୟକ୍ତି କୁଶାଗ୍ରରେ ଆହାର ଗ୍ରହଣ କରିପାରେ; ମାତ୍ର ତଥାପି ଆମେ ତାକୁ ସତ୍ୟକୁ ଉପଲବ୍ଧି କରିଥିବା ଆଉଜଣେ ବ୍ୟକ୍ତିର ଏକଷୋଡ଼ଶାଂଶର ଯୋଗ୍ୟ ବୋଲି ବି କହିପାରିବା ନାହିଁ ।

କୌଣସି ଅନୁଚିତ କାର୍ଯ୍ୟର ଫଳ ସଙ୍ଗେସଙ୍ଗେ କଦାପି ଫଳିଯାଏ ନାହିଁ; ଦୁଧ ଯେପରି ସଙ୍ଗେସଙ୍ଗେ ଦହି ହୋଇ ଫାଟିଯାଏ ନାହିଁ, ଠିକ୍ ସେହିପରି । ମାତ୍ର ପାଉଁଶତଳେ ଯେପରି ନିଆଁ ଢାଙ୍କି ହୋଇ ରହିଥାଏ, ଖରାପ କାର୍ଯ୍ୟଟିର ତଳେ ମଧ୍ୟ ତା'ର ଖରାପ ଫଳଟି ସେହିପରି କୁହୁଳିବାରେ ଲାଗିଥାଏ ।

ଜଣେ ନିର୍ବୋଧ ବ୍ୟକ୍ତି ହୁଏତ ଯେତିକ ବୃଥା ଜ୍ଞାନ ଆହରଣ କରିବାକୁ ସମର୍ଥ ହୋଇଥାଏ, ସେହି ଜ୍ଞାନ ତାକୁ ତା'ରି ଧ୍ୱଂସଆଡ଼କୁହିଁ ବହନ କରି ନେଇଯାଏ, କାରଣ ତାହା ତା'ର ମୁଣ୍ଡକୁ ଛିନ୍ନ କରିଦିଏ ଏବଂ ତା'ର ଯୋଗ୍ୟତାର ସ୍ୱଭାବଟିକୁ ମଧ୍ୟ ନଷ୍ଟ କରିଦିଏ ।

ନିର୍ବୋଧ ଯିଏ ମିଥ୍ୟା ଖ୍ୟାତିର ଲାଳସା ପୋଷଣ କରି ରହିଥାଏ, ଭିକ୍ଷୁମାନଙ୍କ ମଧ୍ୟରେ ସେ ଉଚ୍ଚ ମର୍ଯ୍ୟାଦା ପାଇବ ବୋଲି ଲୋଭ ରଖିଥାଏ ! ଭିକ୍ଷୁନିବାସରେ ତା'ର କର୍ତ୍ତୃତ୍ୱ ରହିବ ଏବଂ ଜନସାଧାରଣଙ୍କଠାରୁ ତାକୁ ସମ୍ମାନ ମିଳିବ ବୋଲି ସେ ବ୍ୟାକୁଳ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

> "ମୁଁ ଯାହା କରିଛି, ସାଧାରଣ ବ୍ୟକ୍ତିମାନେ ଓ ସାଧୁ-ମାନେ ମୋତେ ସେଥିଲାଗି ଗଭୀର ସମ୍ମାନ ଦେଖାନ୍ତୁ, ସେମାନେ ମୋ'ର ଆଦେଶ ପାଳନ କରନ୍ତୁ ।" —ନିର୍ବୋଧ ବ୍ୟକ୍ତି ସର୍ବଦା ଏହି ଆଶା କରି ବସିଥାଏ ଏବଂ ତା'ର ଗର୍ବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥାଏ ।
>
> ଗୋଟିଏ ମାର୍ଗରେ ତୁମକୁ ସାଂସାରିକ ନାନା ଲାଭ ମିଳିବ, ଏକାବେଳେକେ ଆଉଗୋଟିଏ ମାର୍ଗରେ ଗଲେ ତୁମକୁ ନିର୍ବାଣ ମିଳିବ । ଭିକ୍ଷୁ ସେହି କଥାଟିକୁ ଭଲକରି ଜାଣିଥାଏ ଓ ତେଣୁ ସେ ଆଉ ମର୍ଯ୍ୟାଦା ପାଇବାର କୌଣସି ଆଶା ରଖେ ନାହିଁ, ବରଂ ନୀରବତାର ଅନୁଶୀଳନ କରିବାରେ ଲାଗିଥାଏ ।

ଯେଉଁ କପଟୀମାନେ ପ୍ରଜ୍ଞାର ବାହ୍ୟ ରୂପ ଓ ପ୍ରତୀକସବୁଗୁଡ଼ାକୁ ଗ୍ରହଣ କରିଥାନ୍ତି ଓ ହୃଦୟ ଭିତରେ ତେଣେ ଯାବତୀୟ ବାସନା, ଉଚ୍ଚ ଆଶା ଓ ଦେଖାଇ ହେବାର ଆବଶ୍ୟକତାକୁ ପୋଷଣ କରି ରଖିଥାନ୍ତି, ଜୀବନରେ ପ୍ରକୃତରେ ଯେଉଁ ବସ୍ତୁଟି ଲାଗି ବଞ୍ଚିବା ଉଚିତ, ସେଇଟିକୁ ଛାଡ଼ି ଯେଉଁମାନେ ଏହି ଉଚ୍ଚ ଆଶା ଓ ଏହିସବୁ ବାସନା ଲାଗି ଜୀବନ ବଞ୍ଚୁଥାନ୍ତି, ଏଠାରେ ସିଧା ସେଇମାନଙ୍କୁ ଉଦ୍ଦେଶ୍ୟ କରି ଏସବୁ କଥା କୁହାଯାଇଛି । ଯଥାର୍ଥ ଚେତନାର ଉପଲବ୍ଧି, ପରମ ଦିବ୍ୟସତ୍ତାଙ୍କ ପାଖରେ ସମଗ୍ର ଆତ୍ମ-ଦାନ ଏବଂ ଯଥାର୍ଥ ପ୍ରଜ୍ଞା ଏବଂ ଆତ୍ମସ୍ୱାର୍ଥର ବିସ୍ମରଣରୁ ଯେଉଁ ଶାନ୍ତି, ଆଲୋକ ଏବଂ ଆନନ୍ଦ ପ୍ରାପ୍ତ ହୋଇଥାଏ, ସେଗୁଡ଼ିକୁ ଛାଡ଼ି ସେମାନେ ଉଚ୍ଚ ଆଶା ଓ ବାସନାଗୁଡ଼ିକ ଲାଗି ବଞ୍ଚିବାରେ ଲାଗିଥାନ୍ତି ।

ଏହି ପଦଗୁଡ଼ିକରେ ପ୍ରତ୍ୟେକ ସ୍ଥାନରେ ଆମେ ନିର୍ବୋଧ ଶବ୍ଦଟି ବଦଳରେ ଅହଂ ଶବ୍ଦଟିକୁ ବି ଆଣି ଲଗାଇ ପାରିବା । ଯିଏ ନିଜ ଅହଂଟି ଭିତରେ ବାସ କରୁଛି, ଅହଂଟି ପାଇଁ ବଞ୍ଚୁଛି, ଆପଣା ଅହଂର ପରିତର୍ପଣ କରିବାର ଆଶାରେ ଯିଏ ନିଜର ଜୀବନଟିକୁ ବଞ୍ଚୁଛି, ଆମେ ତାହାକୁହିଁ ନିର୍ବୋଧ ବୋଲି କହିବା । ଏହି ଅହଂକୁ ଅତିକ୍ରମ କରି ଉପରକୁ ଉଠିଯାଇ ନ ପାରିଲେ, ଅହଂର ବିଦ୍ୟମାନ ରହିବା ଲାଗି ଯେଉଁଠି ଆଦୌ କୌଣସି କାରଣ ନ ଥିବ, ସେହିପରି ଏକ ଚେତନାର ସ୍ଥିତିକୁ ଉଠିଯାଇ ନ ପାରିଲେ, ତୁମେ କଦାପି ନିଜର ଲକ୍ଷ୍ୟଟିକୁ ହାସଲ କରିପାରିବ ନାହିଁ ।

'oaob.nitrkl.ac.in' images reprocessed

ବ୍ୟକ୍ତି-ଚେତନାର ଗଠନ ପାଇଁ ଏକଦା ଯେ ଅହଂର ଏକ ଅପରିହାର୍ଯ୍ୟ ପ୍ରୟୋଜନ ରହିଥିଲା, ପ୍ରକୃତରେ ସେହିପରି ମନେ ହେଉଛି ସତ, ମାତ୍ର ଏକଥା ମଧ୍ୟ ସତ ଯେ ସେହି ଅହଂଟି ସମସ୍ତ ଯାବତୀୟ ପ୍ରତିବନ୍ଧକ, କଷ୍ଟଭୋଗ ଏବଂ ଅସୁବିଧାର ମଧ୍ୟ ଜନ୍ମ ହୋଇଥିଲା । ଆଜି ଯାହାସବୁ ଆମକୁ ପ୍ରତିକୂଳ ଏବଂ ଦିବ୍ୟତାର ବିରୋଧୀ ବୋଲି ବୋଧ ହେଉଛି, ସେହି ସବୁକିଛି ଜନ୍ମଲାଭ କରିଥିଲା । ମାତ୍ର ଅନ୍ତରର ଶୁଦ୍ଧୀକରଣ ଲାଗି ଏବଂ ଅହଂର କବଳରୁ ମୁକ୍ତିଲାଭ କରିବା ଲାଗି ଏହି ପ୍ରତିକୂଳ ଶକ୍ତିଗୁଡ଼ିକର ମଧ୍ୟ ଆବଶ୍ୟକତା ରହିଥିଲା । ଆମର ଅହଂଟି ଏକାଧାରରେ ସେଗୁଡ଼ିକର କାର୍ଯ୍ୟର ପରିଣାମ ହୋଇ ରହିଛି ଓ ସେଗୁଡ଼ିକୁ ଦୀର୍ଘସ୍ଥାୟୀ କରି ରଖିବାର କାରଣ ମଧ୍ୟ ହୋଇ ରହିଛି । ଯେତେବେଳେ ଅହଂ ଅନ୍ତର୍ହିତ ହୋଇଯିବ, ସେତେବେଳେ ପ୍ରତିକୂଳ ଶକ୍ତିଚୟ ମଧ୍ୟ ଅନ୍ତର୍ହିତ ହୋଇଯିବେ, ସେତେବେଳେ ଏହି ଜଗତରେ ସେମାନଙ୍କର ସ୍ଥିତି ରହିବା ଲାଗି ଆଉ କୌଣସି କାରଣ ରହିବ ନାହିଁ ।

ଅନ୍ତର ଭିତରେ ମୁକ୍ତି ହାସଲ ହେବା ସଙ୍ଗେ ସଙ୍ଗେ, ଏକ ସମଗ୍ର ନିଷ୍ଠା ଏବଂ ପରିପୂର୍ଣ୍ଣ ଶୁଦ୍ଧତା ଆସିଯିବା ସଙ୍ଗେ ସଙ୍ଗେ ଯାବତୀୟ ଦୁଃଖ ଅନ୍ତର୍ହିତ ହେବ, କାରଣ ତା'ର ସର୍ବଶେଷ ଲକ୍ଷ୍ୟଟି ଆଡ଼କୁ ଅଗ୍ରଗତି କରି ଦିବା ଲାଗି ସେତେବେଳେ ଚେତନା ସକାଶେ ମଧ୍ୟ ସେହି ଦୁଃଖଭୋଗର କୌଣସି ଆବଶ୍ୟକତା ନ ଥିବ ।

ତେଣୁ ପ୍ରକୃତ ବିଜ୍ଞତା ହେଉଛି ଯେ, ଆମେ ଆମର ସେହି ଅନ୍ତର୍ଗତ ରୂପାନ୍ତରଟି ସକାଶେ ପୂର୍ଣ୍ଣ ଶକ୍ତିକୁ ଲଗାଇ କାର୍ଯ୍ୟ କରିବା, ଯେପରିକି ଭୂମେ ତଦ୍ଦ୍ୱାରା ଏପରି ଏକ ସଂଘର୍ଷ ମଧ୍ୟରୁ ବିଜୟୀ ହୋଇ ବାହାରି ପାରିବ, ଯାହାର ଫଳବା ଫଳଗୁଡ଼ିକ ହୁଏତ ଫଳ ସାରିଥିବ ସତ, ମାତ୍ର ସ୍ଥିତି ରହିବା ଲାଗି ଯାହାର ଆଉ କୌଣସି ଆବଶ୍ୟକତା ନ ଥିବ ।

୧୪ ମାର୍ଚ୍ଚ ୧୯୫୮

'oaob.nitrkl.ac.in' images reprocessed

ପଣ୍ଡିତ

ଏକ ଗୁପ୍ତ ସମ୍ପଦକୁ କାଢ଼ି ଦେଖାଇ ଦେଉଥିବା ପରି ଯେଉଁ ମୁନି ଆମର ଦୋଷଗୁଡ଼ିକୁ ଆମକୁ ଦେଖାଇ ଦିଅନ୍ତି, ଆମେ ସେହି ମୁନିଙ୍କରହିଁ ସାହଚର୍ଯ୍ୟ ଲୋଡ଼ିବା ; ଏପରି ଏକ ବ୍ୟକ୍ତିଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିବାହିଁ ସର୍ବୋତ୍ତମ, କାରଣ ସେ ଆମର କଦାପି କୌଣସି କ୍ଷତି କରିପାରିବେ ନାହିଁ । ସିଏ ଆମ ଲଗି କେବଳ ଭଲ କଥାହିଁ ଆଣିଦେବେ ।

ସିଏ ଆମକୁ ଭଲ ପାଖକୁ ଟାଣି ଆଣୁଥାନ୍ତି ଓ ମନ୍ଦ କାର୍ଯ୍ୟ କରିବାରୁ ନିବର୍ତ୍ତାଇ ରଖିଥାନ୍ତି, ସେହିଁ ପ୍ରଶଂସା ପାଆନ୍ତି । ଯେକୌଣସି ନ୍ୟାୟପରାୟଣ ବ୍ୟକ୍ତି ତାଙ୍କୁ ସମ୍ମାନ କରୁଥାଏ ଓ ଅନ୍ୟାୟ ଆଚରଣ କରୁଥିବା ବ୍ୟକ୍ତିମାନେ ତାଙ୍କୁ ଘୃଣା କରୁଥାନ୍ତି ।

ହୀନଚରିତ୍ର ବ୍ୟକ୍ତିମାନଙ୍କର ସାହଚର୍ଯ୍ୟ ବା ବନ୍ଧୁତାକୁ କଦାପି ଲୋଡ଼ିବା ଯିବ ନାହିଁ । ଆମେ ଯୋଗ୍ୟ ବ୍ୟକ୍ତିମାନଙ୍କ ସହିତହିଁ ସମ୍ପର୍କ ରଖିବା, ସର୍ବୋତ୍ତମ ଶ୍ରେଷ୍ଠ ବ୍ୟକ୍ତିମାନଙ୍କ ସହିତହିଁ ବନ୍ଧୁତା ସ୍ଥାପନ କରିବା ।

ସିଏ ସଦ୍ଧର୍ମର ଉତ୍ସରୁହିଁ ସିଧା ସତ୍‌ଶିକ୍ଷାଗୁଡ଼ିକୁ ଆହରଣ କରୁଥାଏ, ସିଏ ପ୍ରସନ୍ନ ଓ ଶାନ୍ତ ମନରେ ସୁଖୀ ହୋଇ ବାସ କରେ । ବୁଦ୍ଧଙ୍କର ମହାନ୍ ଶିଷ୍ୟମାନେ ଯେଉଁ ସଦ୍ଧର୍ମର ଶିକ୍ଷା ଦେଇ ଯାଇଅଛନ୍ତି, ମୁନି ସର୍ବଦା ସେହି ଶିକ୍ଷାଗୁଡ଼ିକରୁହିଁ ଆନନ୍ଦ ଲାଭ କରିଥାଏ ।

ଯେଉଁମାନେ ଜଳର ନିଷ୍କାସନ ଲାଗି ରାସ୍ତା କାଟିଦିଅନ୍ତି, ସେମାନେ ଜଳ ଯେଉଁଠାକୁ ଯାଉ ବୋଲି ଇଚ୍ଛା କରନ୍ତି, ତାକୁ ସେଠାକୁ ନେଇଯାଇ ପାରନ୍ତି । ଯେଉଁମାନେ ବାଣ ତିଆରି କରନ୍ତି, ସେମାନେ ବାଣକୁ ସିଧା କରି ତିଆରି କରନ୍ତି । ବଢ଼େଇ ତା'ର କାଠକୁ ନିର୍ଦ୍ଦିଷ୍ଟ ଆକାର ଦିଏ ; ମୁନି ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖେ ।

'oaob.nitrkl.ac.in' images reprocessed

ଏକ ଦୃଢ଼ପ୍ରତିଷ୍ଠିତ ପ୍ରସ୍ତରଖଣ୍ଡକୁ ପବନ କଦାପି ଟଳାଇପାରେ ନାହିଁ । ଠିକ୍ ସେହିପରି କୌଣସି ପ୍ରଶଂସା ବା ନିନ୍ଦା ଦ୍ୱାରା ମଧ୍ୟ ମୁନି କଦାପି ଟଳିଯାଏ ନାହିଁ ।

ଯେଉଁ ମୁନି ସଦ୍ଧର୍ମର ଶିକ୍ଷାଗୁଡ଼ିକ ମଧ୍ୟରେ ଆପଣାକୁ ନିମଜ୍ଜିତ କରି ରଖିଥାଏ, ସିଏ ସତେଅବା ଏକ ସୁଗଭୀର, ସ୍ଥିର ଏବଂ ସ୍ୱଚ୍ଛ ହ୍ରଦ ପରି ପରିପୂର୍ଣ୍ଣ ଭାବରେ ଆପଣାକୁ ଶାନ୍ତାବସ୍ଥାପ୍ରାପ୍ତ କରି ରଖିଥାଏ । ଯଥାର୍ଥ ମୁନି ଯେକୌଣସି ସ୍ଥାନରେ ମଧ୍ୟ ଯାବତୀୟ ସୁଖକୁ ତ୍ୟାଗ କରି ରହିଥାଏ । ତାକୁ ଦୁଃଖ ବା ସୁଖ, କୌଣସି ଗୋଟିଏ କଥା ବି ଆଦୌ ବିଚଳିତ କରିପାରନ୍ତି ନାହିଁ ।

ଜଣେ ମୁନି ନିଜ ପାଇଁ ଅଥବା ଅନ୍ୟମାନଙ୍କ ପାଇଁ ବି ସନ୍ତାନ, ସମ୍ପତ୍ତି ଅଥବା ଭୂମିର କଦାପି ବାସନା ରଖି ନ ଥାଏ । କୌଣସି ଅନ୍ୟାୟ ଉପାୟରେ ନିଜ ଲାଗି ସଫଳତା ହାସଲ କରିବାକୁ ସେ କଦାପି ଲକ୍ଷ୍ୟ କରି ରଖି ନ ଥାଏ । ସେହି ଲୋକହିଁ ଗୁଣବାନ ହୁଏ, ବିଜ୍ଞ ହୁଏ, ନ୍ୟାୟପରାୟଣ ମଧ୍ୟ ହୁଏ ।

ଅତି ଅଳ୍ପସଂଖ୍ୟକ ଲୋକ ସେପାରିକୁ ଅତିକ୍ରମ କରି ଯାଇପାରନ୍ତି । ଅଧିକାଂଶ ମଣିଷ ଏଇ ପାଖପଟାରେହିଁ ରହିଥାନ୍ତି ଏବଂ ଏହି ପାଖପଟାରେହିଁ କେବଳ ଫଳଫଳ ହେଉଥାନ୍ତି, ଦଉଡ଼ାଧାପଡ଼ା କରିବାରେ ଲାଗିଥାନ୍ତି ।

ମାତ୍ର ଯେଉଁମାନେ ସଦ୍ଧର୍ମର ଆଚରଣ ଦ୍ୱାରା ଜୀବନ ବଞ୍ଚୁଥାନ୍ତି ସେମାନେ ମୃତ୍ୟୁରାଜ୍ୟର ସେପାଖକୁ ଅତିକ୍ରମ କରିଯାଇପାରନ୍ତି । ବାଟଟି ଯେତେ ଦୁର୍ଗମ ଓ କଷ୍ଟସାଧ୍ୟ ହୋଇଥିଲେ ମଧ୍ୟ ସେମାନେ ତାହା କରିପାରନ୍ତି ।

ଜୀବନର ଅନ୍ଧକାରମୟ ପଥଗୁଡ଼ିକୁ ମୁନି ପଛରେ ପକାଇ ଚାଲିଯିବ, ମାତ୍ର ସିଏ ଆଲୋକର ପଥଟିକୁହିଁ ଅନୁସରଣ କରୁଥିବ । ଅନିକେତ ଜୀବନ ଲାଗି ସିଏ ନିଜର ଗୃହ ଛାଡ଼ି ବାହାରିଯିବ ଏବଂ ସମ୍ପୂର୍ଣ୍ଣ ନିର୍ଜନ ଭାବରେ ସେହି ଦୁର୍ଲଭ ଆନନ୍ଦଟିକୁହିଁ ଅନ୍ୱେଷଣ କରିବାରେ ଲାଗିଥିବ ।

ଇନ୍ଦ୍ରିୟଗତ ଯାବତୀୟ ବାସନା ଏବଂ ଲିପ୍ସାତାକୁ ତ୍ୟାଗ କରି ମୁନି ଆପଣାକୁ ମନୋଗତ ଯାବତୀୟ ମଳିନତାରୁ ମୁକ୍ତ କରି ରଖିବ ।

'oaob.nitrkl.ac.in' images reprocessed

ଜ୍ଞାନର ଯାବତୀୟ ସୋପାନରେ ଯାହାର ମନ ସୁପ୍ରତିଷ୍ଠ ହୋଇ ରହିଛି, ଯାବତୀୟ ବସ୍ତୁ ଓ ସୁଖାନୁଭୂତିରୁ ମୁକ୍ତ କରି ଯିଏ ସେଗୁଡ଼ିକରୁ ନିଜକୁ ଅଲିପ୍ତ କରି ରଖିଛି, ନିଜର ଲାଳସାଗୁଡ଼ିକ ଉପରେ ଯିଏ ପ୍ରଭୁତ୍ୱ ଅର୍ଜନ କରିପାରିଛି, ଆମେ ତାହାକୁହିଁ ଜଣେ ଧୀମନ୍ତ ପୁରୁଷ ବୋଲି କହିବା, ଏବଂ ଏହି ଜଗତରେ ଥିବା ସମୟରେ ମଧ୍ୟ ସିଏ ନିର୍ବାଣ ଲାଭ କରି ପାରିବ ।

ଏଗୁଡ଼ିକ ଭିତରେ ଗୋଟିଏ ବିଶେଷ ଭାବରେ ଉପଯୁକ୍ତ ବାକ୍ୟ ରହିଛି । ସେହି ବାକ୍ୟଟିକୁ ଆମେ ସର୍ବପ୍ରଥମେ ପାଠ କରୁଛୁ, "ଯେଉଁ ମୁନି ଆମକୁ ଯେତେଅବା ଏକ ଗୁପ୍ତ ସମ୍ପଦ ଦେଖାଇ ଦେଉଥିବା ପରି ଆମର ଦୋଷଗୁଡ଼ିକୁ ଦେଖାଇଦିଏ, ଆମେ ତାହାର ସାହଚର୍ଯ୍ୟହିଁ ଲୋଡ଼ିବା ।"

ମନୁଷ୍ୟ ଜାତିର ଅଗ୍ରଗତିରେ ତାକୁ ସାହାଯ୍ୟ କରିବା ଲାଗି ଯେତେଯେତେ ଗ୍ରନ୍ଥ ରହିଛି, ସେଗୁଡ଼ିକରେ ସବୁଥିରେ ସର୍ବଦା କୁହାଯାଇଛି ଯେ, ଯେଉଁମାନେ ତୁମକୁ ତୁମର ଭୁଲଗୁଡ଼ିକୁ ଦେଖାଇ ଦେଇଥାନ୍ତି, ତୁମେ ସେମାନଙ୍କ ପ୍ରତି କୃତଜ୍ଞ ହୋଇ ରହିବ ଏବଂ ସେମାନଙ୍କର ସାହଚର୍ଯ୍ୟ ଲୋଡ଼ିବ । ମାତ୍ର, ସେହି କଥାଟିକୁ ଏଠାରେ ଯେପରି ଆକାର ଦେଇ କୁହାଯାଇଛି, ସେଇଟି ବିଶେଷ ଭାବରେ ଉପଯୁକ୍ତ ହୋଇଛି । ତୁମର କୌଣସି ଭୁଲ ଯେତେବେଳେ ତୁମକୁ ଦେଖାଇ ଦିଆଯାଏ, ସେତେବେଳେ ତୁମକୁ ଯେପରି ଏକ ମୂଲ୍ୟବାନ୍ ସମ୍ପଦର ସନ୍ଧାନ ଆଣି ଦେଇ ଦିଆଯାଏ । ଅର୍ଥାତ୍, ତୁମେ ଯେତେଥର ନିଜ ଭିତରେ କୌଣସି ଏକ ଭୁଲକୁ ଦେଖି ପାରିବାକୁ ସମର୍ଥ ହୁଅ, ତୁମର କୌଣସି ଗୋଟିଏ ଅସମର୍ଥତା, ବୋଧଶକ୍ତିର ଅଭାବ, ଦୁର୍ବଳତା ବା ଅନାନ୍ତରିକତାକୁ ଦେଖି ପାରିବାକୁ ସମର୍ଥ ହୁଅ, ତୁମକୁ ଅଗ୍ରଗତି କରିବାକୁ ଦେଉ ନ ଥିବା କୌଣସି ଏକ ବସ୍ତୁକୁ ଦେଖିବାକୁ ସମର୍ଥ ହୁଅ, ସେତେବେଳେ, ତୁମେ ଯେପରି ଏକ ଅଭୂତ ଧନର ଆବିଷ୍କାର କରିପାରିଛ, ସେହି କ୍ଷେତ୍ରରେ ସେହିପରି ଏକ ଘଟନା ଘଟିଥାଏ ।

ତୁମେ ଯେତେବେଳେ ଦୁଃଖିତ ହୋଇପଡ଼ି "ମୋ ଭିତରେ ତଥାପି ଆହୁରି ଗୋଟିଏ ଦୋଷ ରହିଛି" ବୋଲି କଦାପି କହିବ ନାହିଁ; ବରଂ, ଯେତେଯେପରି ତୁମେ ଏକ ଅମୂଲ୍ୟ ସମ୍ପଦର ଅଧିକାରୀ ହେଲ, ତୁମେ ସେଥିଲାଗି କେବଳ ହର୍ଷହିଁ ପ୍ରକାଶ କରିବ; କାରଣ, ଯାହାସବୁ ତୁମକୁ ଆଗକୁ ଯିବାକୁ ନିରୁଦ୍ଧ କରି ରଖିଛି, ବର୍ତ୍ତମାନ ତୁମେ ସେହିପରି ଗୋଟିଏ ବସ୍ତୁକୁ ଧରିପାରିଛ । ଏବଂ ଥରେ ତାକୁ ହାତରେ ଧରି ପାରିବାକୁ ସମର୍ଥ ହେଲେ ତୁମେ ତାହାକୁ ଟାଣିଆଣି, କାଢି ବାହାର କରିଦିଅ । କାରଣ ଯୋଗର ସାଧନା କରୁଥିବା

'oaob.nitrkl.ac.in' images reprocessed

ବ୍ୟକ୍ତିମାନେ ବିଗ୍ଭର କରିଥାନ୍ତି ଯେ, କୌଣସି କଥା ତୁମ ଭିତରେ ରହିବା ଉଚିତ ନୁହେଁ ବୋଲି ତୁମେ ଯେଉଁ ମୁହୂର୍ତ୍ତରେହିଁ ଜାଣିବାକୁ ପାଇବ, ତାହାକୁ କାଢ଼ି ବାହାର କରିଦେବା ପାଇଁ, ପରିତ୍ୟାଗ କରିବା ପାଇଁ ଏବଂ ନଷ୍ଟ କରିଦେବା ପାଇଁ ଉପଯୁକ୍ତ ଶକ୍ତିଟି ମଧ୍ୟ ସେତେବେଳେ ତୁମ ଭିତରେ ନିଶ୍ଚୟ ଆସିଯାଇଥିବ ।

କୌଣସି ଏକ ଦୋଷର ଆବିଷ୍କାର କରିବାକୁ ପ୍ରକୃତରେ ଏକ ସମ୍ପଦର ଅର୍ଜନ ବୋଲି କୁହାଯିବ । ତୁମ ଭିତରେ ଅନ୍ଧକାରର ଯେଉଁ କ୍ଷୁଦ୍ର କଣାଟିଏ ରହିଥିଲା ଏବଂ ଯାହାକୁ ତୁମେ ନିଜ ଭିତରୁ କାଢ଼ି ବାହାର କରିଦେଇ ପାରିଲ, ତାହାର ଶୂନ୍ୟ ସ୍ଥାନଟିକୁ ପୂରଣ କରିବା ଲାଗି ତୁମ ଭିତରକୁ ସେତେବେଳେ ଆଲୋକର ଏକ ବନ୍ୟାହିଁ ମାଡ଼ି ଆସିଲା, ଏହି କ୍ଷେତ୍ରରେ ଠିକ୍ ସେହିପରି ଘଟିବ ।

ଯେତେବେଳେ ତୁମେ ଯୋଗସାଧନା କରୁଥିବ, ତୁମେ ସେତେବେଳେ ଏହି ଦୁର୍ବଳତା, ଏହି ହୀନତା ଓ ଇଚ୍ଛାଶକ୍ତିର ଅଭାବକୁ କଦାପିଗ୍ରହଣ କରିନେବ ନାହିଁ । ଏହାର ଅର୍ଥ ହେଉଛି ଯେ ଜ୍ଞାନ ସହିତ ଉପଯୁକ୍ତ ଶକ୍ତିଟି ଆମପାଖକୁ ତତ୍‌କ୍ଷଣାତ୍ କଦାପି ଆସିଯାଏ ନାହିଁ । ଗୋଟିଏ କଥା ଆମ ଭିତରେ ରହିବା ଉଚିତ ନୁହେଁ ବୋଲି ଜାଣିବା ଏବଂ ତାହାକୁ ତଥାପି ନିଜ ଭିତରେ ରହିବାକୁ ଦେବା, ଏହା ଏପରି ଏକ ଦୁର୍ବଳତାର ସୂଚନା ଦେଇଥାଏ ଯେ କୌଣସି ଯଥାର୍ଥ ସାଧନା ମାର୍ଗ ସେଇଟିକୁ ଆଦୌ ଉଚିତ ବୋଲି ଗ୍ରହଣ କରନ୍ତି ନାହିଁ । କାରଣ, ଏହା ଇଚ୍ଛାଶକ୍ତିର ଏକ ଅଭାବରହିଁ ପରିଚୟ ଦିଏ ଓ ପ୍ରାୟ ଏକ ନିଷ୍ଠାହୀନତାରେ ପରିଣତ ହୋଇଯାଏ । କୌଣସି ଏକ କଥା ତୁମ ଭିତରେ ରହିବା ଉଚିତ ନୁହେଁ ବୋଲି ତୁମେ ଜାଣିପାରିଲ ଏବଂ ଯେତେବେଳେ ତୁମେ ସେହି କଥାଟିକୁ ଜାଣିଲ, ସେତେବେଳେ ତାହାର ଅର୍ଥ ହେଉଛି ଯେ ସେଇଟି ତୁମଭିତରେ ରହିବା ଉଚିତ ନୁହେଁ ବୋଲି ତୁମେ ନିଜେ ଏକ ନିଷ୍ପତ୍ତି ଗ୍ରହଣ କଲ । କାରଣ, ଜ୍ଞାନ ଏବଂ ଶକ୍ତି ପ୍ରକୃତରେ ପରସ୍ପରଠାରୁ ଆଦୌ ଭିନ୍ନ ବସ୍ତୁ ନୁହନ୍ତି;— ଅର୍ଥାତ୍, ତୁମେ ଆପଣା ଜୀବନର କୌଣସି ଅଂଶରେ ଅନର୍ଥକାରୀ ଇଚ୍ଛାର ଏହି ଗ୍ଭଇଟିକୁ କଦାପି ରହିବାକୁ ଦେବ ନାହିଁ । ଅଗ୍ରଗତି ଲାଗି ତୁମ ଭିତରେ ଯେଉଁ ଅସଲ କେନ୍ଦ୍ରସ୍ଥ ଇଚ୍ଛାଟି ରହିଛି, ଏହା ତାହାର ବିରୁଦ୍ଧାଚରଣ କରୁଛି; ତାହା ତୁମକୁ ଶକ୍ତିହୀନ କରି ପକାଉଛି; ତୁମକୁ ଯାହାକୁ ଅବଶ୍ୟ ବିନଷ୍ଟ କରିଦେବାକୁ ହେବ, ତାହାରି ସମ୍ମୁଖରେହିଁ ସେହି ଇଚ୍ଛା ତୁମକୁ ପ୍ରକୃତରେ ସାହସହୀନ ଓ ବଳହୀନ କରି ରଖୁଛି ।

ଅଜ୍ଞାନବଶତଃ କରିପକାଉଥିବା ଅପରାଧ ଆଦୌ ଅପରାଧ ନୁହେଁ । ବର୍ତ୍ତମାନ ପୃଥିବୀ ଯେଉଁ ସ୍ଥିତିରେ ରହିଛି, ସେଥିରେ ଥିବା ସାଧାରଣ ମନ୍ଦଶକ୍ତିର ଏକ ଅଂଶରୂପେ ଆମେ ଏହାକୁ ଜାଣିବା । ମାତ୍ର, ଯେତେବେଳେ ତୁମେ ଜାଣି

'oaob.nitrkl.ac.in' images reprocessed

ଜାଣି ଅପସାର୍ଧ କରୁଛ, ତାହା ପ୍ରକୃତରେ ଏକ ଖୁବ ଗମ୍ଭୀର ବିଷୟ । ତାହାର ଅର୍ଥ ହେବ ଯେ, ଫଳ ଭିତରେ କୌଣସି ଥାନରେ ଯେପରି ପୋକଟିଏ ଲୁଚି ରହିଥାଏ, ଠିକ୍ ସେହିପରି ତୁମଭିତରେ ମଧ୍ୟ ଏପରି କୋଉଠି ଅନଷ୍ଟକାରୀ ଇଚ୍ଛାର ଏକ ଉପାଦାନ ନିଶ୍ଚୟ ଲୁକ୍‌କାୟିତ ହୋଇ ରହିଛି, ଯାହାକୁ କି ଖୋଜି ବାହାର କରିବାକୁ ହେବ, ଯେକୌଣସି ପ୍ରକାରେ ନଷ୍ଟ କରି ପକାଇବାକୁ ପଡ଼ିବ । କାରଣ, ଏହି କ୍ଷେତ୍ରରେ ଏପରି କୌଣସି ଏକ ଦୁର୍ବଳତା ରହିଗଲେ ତାହା ଏପରି ନାନା ଅସୁବିଧାର ବୀଜ ହୋଇ ରହିବ, ଯାହାର କି ପରେ ଆଉ କୌଣସି ସଂଶୋଧନ ସମ୍ଭବ ହେବ ନାହିଁ ।

ତେଣୁ, ଯେତେବେଳେ କୌଣସି ବ୍ୟକ୍ତି ଅଥବା କୌଣସି ପରିସ୍ଥିତି ତୁମକୁ ସଚେତନ କରିଦେଇ ତୁମଭିତରେ ରହିଥିବା ମାତ୍ର ଆଗରୁ ତୁମେ ଜାଣି ନ ଥିବା କୌଣସି ଗୋଟିଏ ଦୋଷ ଦେଖାଇ ଦେଇଯାଏ, ତେବେ ତୁମର ସେଥିଲାଗି ସର୍ବପ୍ରଥମେ ଆନନ୍ଦହିଁ ଅନୁଭବ କରିବା ଉଚିତ । ସେତେବେଳେ କୌଣସି ପ୍ରକାର ଶୋକ ନ କରି ତୁମର ଖୁସୀହିଁ ହେବା ଉଚିତ ଓ ତଜ୍ଜନିତ ଆନନ୍ଦଟି ଫଳରେ ସେହି ଅବାଞ୍ଛିତ ବସ୍ତୁଟିକୁ କାଟି ବାହାର କରିଦେବା ନିମିତ୍ତ ତୁମଭିତରେ ଉପଯୁକ୍ତ ବଳ ମଧ୍ୟ ଉପଲବ୍ଧ ହୋଇପିବା ଉଚିତ ।

୨୧ ମାର୍ଚ୍ଚ ୧୯୫୮

'oaob.nitrkl.ac.in' images reprocessed

ଅର୍ହତ୍

ଯାହାର ବାଟ ସରିଛି, ତାହାର ଆଉ କୌଣସି ଦୁଃଖ ନାହିଁ; ଯାହାର କୌଣସି ଚିନ୍ତା ନାହିଁ, ଯିଏ ସବୁ କ୍ଷେତ୍ରରେ ଆପଣାକୁ ମୁକ୍ତ କରି ଆଣିପାରିଛି, ସବୁ ବନ୍ଧନକୁ ତୁଟାଇ ଦେଇଛି, ତା' ଜୀବନରେ କୌଣସି ଦୁଃଖ ନାହିଁ ।

ହଂସମାନେ ଯେପରି ହ୍ରଦରୁ ହ୍ରଦକୁ ଉଡ଼ିଗଲା ବେଳେ ଗୋଟିଏ ଘର ଛାଡ଼ି ଆଉ ଗୋଟିଏ ଘରକୁ ନିଶ୍ଚିନ୍ତରେ ଚାଲିଯାଆନ୍ତି, ସାବଧାନ ବ୍ୟକ୍ତିମାନେ ସେହିପରି ଉଦ୍ୟମ କରୁଥାନ୍ତି ଓ ଗୋଟିଏ ଘରୁ ଆଉ ଗୋଟିଏ ଘରକୁ ଚାଲିଯାଆନ୍ତି ।

ଯେଉଁମାନେ କିଛି ଜମା କରନ୍ତି ନାହିଁ, ଯେଉଁମାନେ ମିତାହାର କରନ୍ତି, ଯେଉଁମାନେ ସକଳ ବସ୍ତୁର ନିଃସାରତାକୁ ହୃଦୟଙ୍ଗମ କରିଥାନ୍ତି ଓ ନିରୁପାଧିକ ମୁକ୍ତି ଉପଲବ୍ଧି କରିଥାନ୍ତି, ନଭୋ-ମଣ୍ଡଳରେ କୌଣସି ପକ୍ଷୀର ବାଟକୁ ଯେପରି ଖୋଜି ବାହାର କରିହୁଏ ନାହିଁ, ସେମାନଙ୍କର ପଥକୁ ମଧ୍ୟ ସେହିପରି ଖୋଜି ସହଜରେ ବାହାର କରିଯାଇପାରେ ନାହିଁ ।

ଯାହାର ସକଳ ବାସନା ନିର୍ବାପିତ ହୋଇଯାଇଛି ଏବଂ ଯିଏ ସକଳ ବସ୍ତୁର ନିଃସାରତାକୁ ହୃଦୟଙ୍ଗମ କରିସାରିଛି, ନିଜର ଆହା'ର ବିଷୟରେ ଯାହାର ଚିନ୍ତା ନାହିଁ, ଯିଏ ନିରୁପାଧିକ ମୁକ୍ତିକୁ ଉପଲବ୍ଧି କରିଛି, ନଭୋମଣ୍ଡଳରେ କୌଣସି ପକ୍ଷୀର ପଥ ପରି ସେହି ବ୍ୟକ୍ତିର ପଥକୁ ମଧ୍ୟ ଖୋଜି ବାହାର କରିଯାଇପାରେ ନାହିଁ ।

ଜଣେ ରଥୀ ତା'ର ଅଶ୍ୱମାନଙ୍କୁ ନିୟନ୍ତ୍ରଣରେ ରଖିଥିବା ପରି ଯିଏ ଆପଣାର ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣରେ ରଖିଛି, ଯିଏ ଆପଣା ଭିତରୁ ସକଳ ପ୍ରକାର ଗର୍ବକୁ ବହିଷ୍କୃତ କରିପାରିଛି ଓ ସକଳ ବିକାରରୁ ମୁକ୍ତିଲାଭ କରିଛି, ସିଏ ଦେବତାମାନଙ୍କଠାରୁ ବି ସମ୍ମାନର ଅଧିକାରୀ ହୋଇଥାଏ ।

'oaob.nitrkl.ac.in' images reprocessed

ଯିଏ ଆପଣାର କର୍ତ୍ତବ୍ୟଗୁଡ଼ିକର ସମ୍ପାଦନ କରେ, ଯିଏ ବସୁଧା ପରି ଅଟଳ ହୋଇ ରହିଥାଏ । ଯିଏ ସ୍ୱର୍ଗର ସ୍ତମ୍ଭ ପରି ଦୃଢ଼ ରହିଥାଏ, ନିର୍ମଳଜଳ ହ୍ରଦ ପରି ଶୁଦ୍ଧ ହୋଇ ରହିଥାଏ, ଏବଂ ତା'ଲାଗି ଜନ୍ମଚକ୍ରର ଦଣ୍ଡଭୋଗ ମଧ୍ୟ ସମାପ୍ତ ହୋଇଯାଇଥାଏ ।

ଯଥାର୍ଥ ଜ୍ଞାନ ଦ୍ୱାରା ଯିଏ ଆପଣାକୁ ଯାବତୀୟ ବନ୍ଧନରୁ ମୁକ୍ତ କରିନେଇ ପାରିଛି ଏବଂ ଏକ ପରିପୂର୍ଣ୍ଣ ଶାନ୍ତ ଅବସ୍ଥାକୁ ପ୍ରାପ୍ତ ହୋଇ ପାରିଛି, ତାହାର ଭାବନା, ଯାବତୀୟ କଥା ଏବଂ ଯାବତୀୟ କାର୍ଯ୍ୟ ପ୍ରକୃତରେ ଶାନ୍ତ ହୋଇପାରିଛି ।

ଯିଏ ଅଳପକରେ କୌଣସିଥିରେ ବିଶ୍ୱାସ କରିପକାଏ ନାହିଁ, ମାତ୍ର ଯାହା ଭିତରେ ସେହି ପରମ ଅସମ୍ଭୂତର ବୋଧଟି ନିହିତ ହୋଇ ରହିଥାଏ, ଯିଏ ସକଳ ବନ୍ଧନକୁ କାଟିଆସି ପାରିଛି, ଏବଂ ପୁନର୍ଜନ୍ମ ଲାଭ କରିବାର ସକଳ ଅବସରକୁ ବିନଷ୍ଟ କରିଦେଇ ପାରିଛି, ସେଇ ହେଉଛି ନରମାନଙ୍କର ମଧ୍ୟରେ ସର୍ବୋତ୍ତମ ।

ଗ୍ରାମ ହେଉ ବା ଅରଣ୍ୟ ହେଉ, ସମତଳ ଭୂମି ହେଉ ଅଥବା ପର୍ବତ ହେଉ, ଯେଉଁଠାରେ ସିଦ୍ଧମାନେ ବାସ କରୁଥାନ୍ତି, ସେହି ସ୍ଥାନ ସର୍ବଦା ଆନନ୍ଦମୟ ହୋଇ ରହିଥାଏ ।

ଯେଉଁ ଅରଣ୍ୟଗୁଡ଼ିକୁ ଜନସମୂହ ଛାଡ଼ି ଚାଲି ଯାଇଛନ୍ତି, ସେଗୁଡ଼ିକୁ ପ୍ରକୃତରେ ଆନନ୍ଦମୟ ସ୍ଥାନ ବୋଲି କୁହାଯିବ । ସକଳ ଭାବ୍ ବାସନାରୁ ମୁକ୍ତ ହୋଇପାରିଥିବା ଜଣେ ସିଦ୍ଧ ବ୍ୟକ୍ତି ସେହିଠାରେହିଁ ସୁଖଲାଭ କରିପାରିବ, କାରଣ ସୁଖକୁ ଲୋଡ଼ିବା କେବେ-ହେଲେ ତା'ର ଲକ୍ଷ୍ୟ ହୋଇ ରହି ନ ଥାଏ ।

ଏଠାରେ ଗୋଟିଏ ଭାରି ଆଗ୍ରହୋଦ୍ଦୀପକ ବାକ୍ୟ ରହିଛି : "ଯିଏ ଅଳପ-କରେ କୌଣସିଥିରେ ବିଶ୍ୱାସ କରିପକାଏ ନାହିଁ ଓ ଯାହା ଭିତରେ ପରମ ଅସମ୍ଭୂତର ବୋଧଟି ରହିଥାଏ···"

ଯେଉଁ ବ୍ୟକ୍ତି ଅଳପକରେ କୌଣସିଥିରେ ବିଶ୍ୱାସ କରିପକାଏ ନାହିଁ,— ଏହି କଥାଟିରୁ ଯାବତୀୟ ପ୍ରକାରର ଅର୍ଥ କରାଯାଇ ପାରିବ । ପ୍ରଥମେ ମନେ ହେବ ଯେ ଏଠାରେ ଏପରି ଜଣେ ବ୍ୟକ୍ତି ବିଷୟରେ କୁହାଯାଇଛି, ଯିଏକି ସ୍ୱୟଂ ସେହି ଅଭିଜ୍ଞତାଟି ଲାଭ ନ କରିବା ପର୍ଯ୍ୟନ୍ତ କୌଣସି ଅଦୃଶ୍ୟ ବସ୍ତୁକୁ ବିଶ୍ୱାସ କରେ ନାହିଁ । ତା'ଠାରୁ ଭିନ୍ନ ଅନ୍ୟ କିସମର ଲୋକମାନେ ବି ଅଛନ୍ତି,

'oaob.nitrkl.ac.in' images reprocessed

ଯେଉଁମାନେ କି, ଉଦାହରଣସ୍ୱରୂପ କୌଣସି ଏକ ବିଶେଷ ଧର୍ମକୁ ଅବଲମ୍ବନ କରି ରହିଥାନ୍ତି, ଏବଂ ସେହିଗୁଡ଼ାକ ସେମାନଙ୍କୁ ଶିଖା ହୋଇଥାଏ ବୋଲିହିଁ ନାନା ପ୍ରକାର ଧର୍ମସିଦ୍ଧାନ୍ତରେ ବିଶ୍ୱାସ କରୁଥାନ୍ତି । ମାତ୍ର ସେହି ବ୍ୟକ୍ତି ମଧ୍ୟରେ "ଅସମ୍ଭୂତର ବୋଧ"ଟି ମଧ୍ୟ ରହିଥାଏ, ଅର୍ଥାତ୍, ଅଦୃଶ୍ୟ ବସ୍ତୁଗୁଡ଼ିକ ସହିତ ତା'ର ସଂସ୍ପର୍ଶ ଲାଭ ହୋଇଥାଏ ଏବଂ ଏକାତ୍ମକତା ଦ୍ୱାରା ସେ ସେମାନଙ୍କର ପରିଚୟଟିକୁ ମଧ୍ୟ ପାଇଥାଏ । ପ୍ରଥମତଃ, ଧମ୍ମପଦ ଆମକୁ ଏହି କଥାଟିକୁ କହୁଛି ଯେ, ମନୁଷ୍ୟମାନଙ୍କ ମଧ୍ୟରେ ଯିଏ ସର୍ବଶ୍ରେଷ୍ଠ, ତାକୁ ଯାହାସବୁ ଶିଖା ଦିଆଯାଏ, ତା'ର ସେଗୁଡ଼ିକ ଉପରେ ଆଦୌ କୌଣସି ବିଶ୍ୱାସ ନ ଥାଏ; ମାତ୍ର ଅଦୃଶ୍ୟ ବସ୍ତୁଗୁଡ଼ିକ ଉପରେ ତା'ର ଏକ ବ୍ୟକ୍ତିଗତ ଅନୁଭବ ରହିଥାଏ । ସକଳ ପ୍ରକାର ବିଶ୍ୱାସରୁ ସେ ନିଜକୁ ମୁକ୍ତ କରି ରହିଥାଏ, ମାତ୍ର ଅଦୃଶ୍ୟ ବସ୍ତୁଗୁଡ଼ିକ ବିଷୟରେ ତା'ର ବ୍ୟକ୍ତିଗତ ଅନୁଭବ ରହିଥାଏ ।

ଏହି କଥାଟିର ଆଉ ଅନ୍ୟ ଏକ ବ୍ୟାଖ୍ୟା ମଧ୍ୟ କରାଯାଇପାରେ : ପ୍ରତିଭାସ-ଗୁଡ଼ିକ ଉପରେ, ବସ୍ତୁଗୁଡ଼ିକ ବାହାର ଆଖିରେ ଯେପରି ଦେଖାଯାନ୍ତି, ଯିଏ ସେଗୁଡ଼ିକ ଉପରେ ବିଶ୍ୱାସ କରେ ନାହିଁ, ସେଗୁଡ଼ିକୁ ଯିଏ କଦାପି ସତ୍ୟ ବୋଲି ଗ୍ରହଣ କରେ ନାହିଁ, ଯିଏ ଏଗୁଡ଼ିକୁ ବିଭ୍ରାନ୍ତିକାରୀ ପ୍ରତିଭାସ ବୋଲିହିଁ ଜାଣିଥାଏ, ଯିଏ କଦାପି ସହଜରେ ବିଶ୍ୱାସପ୍ରବଣ ହୁଏ ନାହିଁ । ଏହି ପ୍ରତିଭାସଗୁଡ଼ିକ ପଛରେ ଯେ ଏକ ସତ୍ୟ ରହିଛି ଓ ବ୍ୟକ୍ତିଗତ ଅନୁଭବ ଏବଂ ଏକାତ୍ମକତା ଦ୍ୱାରା ସେ ସେହି ସତ୍ୟଟିର ସାକ୍ଷାତ କରିବାକୁ ପାରିବ, ଯିଏ ସେହି କଥାଟିକୁ ଅବଶ୍ୟ ଜାଣିଥାଏ ।

ଏବଂ ଏହି କଥାଟିରୁ ଆମ ମୁଣ୍ଡରେ ନାନା ବସ୍ତୁର ଭାବନା ଆସି ଉଦୟ ହୋଇଥାଏ । ଏପରି ଅଗଣିତ ଅନେକ ବସ୍ତୁ ରହିଛି, ଯେଉଁଗୁଡ଼ିକ ସମ୍ବନ୍ଧରେ କି ଆମର ଆଦୌ କୌଣସି ବ୍ୟକ୍ତିଗତ ଜ୍ଞାନ ନ ଥାଏ, ମାତ୍ର ସେଗୁଡ଼ିକୁ ସେହିପରିହିଁ ଜାଣିବାକୁ ଆମେ ଶିକ୍ଷା ପାଇଥାଉ ବୋଲି ଆମେ କେବଳ ସେଗୁଡ଼ିକରେ ବିଶ୍ୱାସ କରୁଥାଉ । କିମ୍ବା, ସେଗୁଡ଼ିକ ସେହିପରି ବୋଲି ଭାବିବାରେ ଆମେ ଅଭ୍ୟସ୍ତ ହୋଇ ଯାଇଥାଉ ବୋଲି ମଧ୍ୟ ସେଗୁଡ଼ିକରେ ବିଶ୍ୱାସ କରୁଥାଉ; ଆମ ଚତୁର୍ଦ୍ଦିଗରେ ବାସ କରୁଥିବା ଲୋକମାନେ ସେଗୁଡ଼ିକ ସେହିପରି ବୋଲି ବିଶ୍ୱାସ କରୁଥାନ୍ତି ବୋଲି ଆମେ ମଧ୍ୟ ସେଗୁଡ଼ିକ ସେହିପରି ବୋଲି ବିଶ୍ୱାସ କରୁଥାଉ । ଏହିସବୁ ଯେଉଁ ବସ୍ତୁ ଉପରେ ଆମେ ବିଶ୍ୱାସ କରୁଥାଉ, କେବଳ ବିଶ୍ୱାସ କରୁ ନ ଥାଉ, ମାତ୍ର ସତେଅବା ଏକ ଅବିବାଦାସ୍ପଦ କର୍ତ୍ତୃତ୍ୱ ସହିତ "ଏଇଟା ପ୍ରକୃତିରେ ଏହିପରି," "ସେହି କଥାଟା ନିଃସନ୍ଦେହ ଭାବରେ ସେହିପରି", "ଏହି କଥାଟି, ଏଇଟା ହେଉଛି ବିଲକୁଲ

ଏହିପରି" ବୋଲି ଦାବି ମଧ୍ୟ କରୁଥାଉ, ଯେତେବେଳେ ଆମେ ସେହି ଯାବତୀୟ ବସ୍ତୁ ଉପରେ ଦୃଷ୍ଟିପାତ କରିବା,...ଅବଶ୍ୟ ପ୍ରକୃତ କଥା ହେଉଛି ଯେ ଆମେ ସେବିଷୟରେ ପ୍ରକୃତରେ କିଛିହେଲେ ଜାଣି ନ ଥିବା; ସେଗୁଡ଼ିକ ସେହିପରି ବୋଲି ବିଶ୍ୱାସ କରିବାରେ ଅଭ୍ୟସ୍ତ ହୋଇ ରହିଥିବାରୁହିଁ ଆମେ ସେଗୁଡ଼ିକ ସେହିପରି ବୋଲି କହୁଥିବା । ତୁମେମାନେ ଏପରି କେଉଁସବୁ ବିଷୟ ଜାଣିଛ କହିଲ, ଯେଉଁଗୁଡ଼ିକୁ କି ତୁମେମାନେ ନିଜେ ଅନୁଭବ କରିଛ, ଯେଉଁଗୁଡ଼ିକ ସହିତ ତୁମର ପ୍ରତ୍ୟକ୍ଷ ସମ୍ପର୍କ ଘଟିଛି ଏବଂ ଯେଉଁ ବିଷୟରେ ତୁମେ ନିଷ୍ଠାର ସହିତ ଅନ୍ତତଃ "ମୋ'ର ଦୃଢ଼ ବିଶ୍ୱାସ ଯେ ଏହି କଥାଟି ପ୍ରକୃତରେ ଏଇଆ, କାରଣ ମୁଁ ନିଜେ ତାହାକୁ ଅନୁଭବ କରିଛି" ବୋଲି କହିପାରିବ ? ଏପରି କଥାର ସଂଖ୍ୟା ଆଦୌ ଖୁବ୍ ବେଶୀ ହେବ ନାହିଁ ।

ଅସଲ କଥା ହେଉଛି ଯେ, ଯଦି ତୁମେ ପ୍ରକୃତରେ ଜ୍ଞାନଲାଭ କରିବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଧ୍ୟୟନରୁହିଁ ଆରମ୍ଭ କରିବାକୁ ପଡ଼ିବ : ଆମକୁ ଯେଉଁସବୁ ବିଷୟରେ ଶିକ୍ଷା ଦିଆଯାଇଛି, ତୁମେ ସେଗୁଡ଼ିକୁ ତନ୍ନତନ୍ନ କରି ପରୀକ୍ଷା କରି ଦେଖିବ; ଯେଉଁଗୁଡ଼ିକୁ ତୁମେ ଅତ୍ୟନ୍ତ ସାଧାରଣ ଓ ଅତ୍ୟନ୍ତ ମାମୁଲି ବୋଲି ଭାବୁଛ, ସେଗୁଡ଼ିକୁ ମଧ୍ୟ ଭଲ କରି ପରୀକ୍ଷା କରି ଦେଖିବ । ଧମ୍ମପଦରେ କାହିଁକି "ମନୁଷ୍ୟମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ" ବୋଲି କୁହାଯାଇଛି, ତା'ପରେ ଯାଇ ତୁମେ ସେହି କଥାଟିକୁ ହୃଦୟଙ୍ଗମ କରିପାରିବ । କାରଣ, ମୁଁ ଭାବୁଛି ଯେ ଅଧିକସଂଖ୍ୟକ ଲୋକ ଆଦୌ ଏହି ପ୍ରୟୋଗଟିକୁ କରି ଦେଖି ନାହାନ୍ତି ।

କେବଳ ଅଭ୍ୟାସରେ ପଡ଼ି ଯେ ଆମେ ବିଭିନ୍ନ ବିଷୟ ଉପରେ ବିଶ୍ୱାସ କରୁଛୁ ଓ ସେହିଗୁଡ଼ିକ ଠିକ୍ ସେହିପରି ବୋଲି ଦାବି କରୁଛୁ, ଆମେ ବିଶ୍ୱାସ କରୁଥିବା ଓ ସେଗୁଡ଼ିକ ଠିକ୍ ସେହିପରି ବୋଲି ଦାବି କରୁଥିବା ବିଷୟଗୁଡ଼ିକୁ ଆମେ ଯେତେବେଳେ ସୁମାରି କରି ବସିବା, ସେତେବେଳେ ତାହା ନିଶ୍ଚୟ ଏକ ଭାରି ଆଗ୍ରହୋଦ୍ଦୀପକ ଆବିଷ୍କାର ବୋଲି ପ୍ରମାଣିତ ହୋଇଯିବ ।

ତେବେ ବର୍ତ୍ତମାନ ତୁମେମାନେ ନିଜ ଓ ଆପଣାର ଭାବନା ଏବଂ ଚେତନା ଭିତରକୁ ଦୃଷ୍ଟିପାତ କରିବ । ଯେଉଁସବୁ ବସ୍ତୁର କୌଣସି ପ୍ରମାଣ ନ ପାଇଥିଲେ ମଧ୍ୟ ତୁମେ ସେଗୁଡ଼ିକୁ ଠିକ୍ ବୋଲି ଦାବି କରି ଆସୁଛ, ସେହିଗୁଡ଼ିକୁ ଖୋଜି ବାହାର କରିବ । ତେବେ ଯାଇ ଜାଣିବ !

୨୮ ମାର୍ଚ୍ଚ ୧୯୫୫

'oaob.nitrkl.ac.in' images reprocessed

ସହସ୍ର

ହଜାରେ ଶବ୍ଦ କୁହାଯାଉଥିବ, ମାତ୍ର ତା'ଭିତରେ ଏତେ ଟିକିଏ ହେଲେ ଅର୍ଥ ନ ଥିବ;—ତା'ଅପେକ୍ଷା ବରଂ ଗୋଟିଏ ଶବ୍ଦ କହିବା ଅଧିକ ଭଲ, ଯାହାକି ଶୁଣିବା ଲୋକର ମନରେ ଶାନ୍ତି ଆଣିଦେଇ ପାରିବ ।

ହଜାରେ ପଦ ଗୀତ ରଚନା କରାଯାଇଥିବ, ମାତ୍ର ତା'ଭିତରେ ଏତେ ଟିକିଏ ହେଲେ ଅର୍ଥ ନ ଥିବ;—ତା'ଅପେକ୍ଷା ବରଂ କେବଳ ଗୋଟିଏ ପଦ ଅନେକ ଅଧିକ ଭଲ, ଯାହାକି ଶୁଣିବା ଲୋକର ମନରେ ଶାନ୍ତି ଆଣି ଦେଇପାରିବ ।

ହଜାରେ ପଦ ଶ୍ଳୋକ ଆବୃତ୍ତି କରିବାରେ ଲାଗିଥିବ; ମାତ୍ର ସେଥିରୁ ଆଦୌ କୌଣସି ଅର୍ଥ ବାହାରୁ ନ ଥିବ;—ତା'ଅପେକ୍ଷା ଧର୍ମନିଷ୍ଠିତ ବରଂ ଗୋଟିଏ ପଦ ଶ୍ଳୋକ ଅନେକ ଭଲ, ଯାହାକି ଶୁଣିବା ଲୋକର ମନରେ ଶାନ୍ତି ଆଣି ଦେଉଥିବ ।

ଯିଏ ଯୁଦ୍ଧ କରି ହଜାରେ ଲୋକଙ୍କ ଉପରେ ବିଜୟ ଲାଭ କରୁଛି, ତାକୁ ଆମେ ସର୍ବୋତ୍ତମ ଯୋଦ୍ଧା ବୋଲି କଦାପି କହିବା ନାହିଁ; ଯିଏ ଆପଣା ଉପରେ ବିଜୟ ଲାଭ କରିପାରିଛି, ସେଇ ହେଉଛି ସର୍ବୋତ୍ତମ ଯୋଦ୍ଧା ।

ଆମେ ନିଜ ଉପରେ ଯେଉଁ ବିଜୟଟିକୁ ହାସଲ କରିଥାଉ, ଅନ୍ୟ ସବୁ ମଣିଷଙ୍କ ଉପରେ ବିଜୟ ହାସଲ କରିବାଠାରୁ ତାହା ହେଉଛି ଅଧିକ ମୂଲ୍ୟବାନ୍ ।

କୌଣସି ଦେବ, କୌଣସି ଗନ୍ଧର୍ବ ବା ମାର କିଂବା ବ୍ରହ୍ମାଙ୍କର ଶକ୍ତି ନାହିଁ ଯେ ସିଏ ସେହି ବିଜୟକୁ ପରାଜୟରେ ପରିଣତ କରିଦେଇ ପାରିବେ ।

ଜଣେ ବ୍ୟକ୍ତି ମାସ ମାସ ଧରି ଶହେ ବର୍ଷ ପର୍ଯ୍ୟନ୍ତ ହଜାର ହଜାର ବଳି ଓ ସମିଧ ଦାନ କରିପାରେ ସତ, ମାତ୍ର, କେବଳ ଗୋଟିଏ ଥର ପାଇଁ ଯଦି ସେ ପ୍ରଜ୍ଞା ଦ୍ୱାରା ପରିପୂର୍ଣ୍ଣ ଜଣେ ମହାତ୍ମାଙ୍କ

'oaob.nitrkl.ac.in' images reprocessed

ପାଖରେ ନିଜର ଶ୍ରଦ୍ଧାନିବେଦନ କରିପାରେ, ତେବେ ତାହାର ସେହି ଗୋଟିଏ କାର୍ଯ୍ୟହିଁ ସେହି ଅଗଣିତ ଅନ୍ୟ ସବୁଯାକ ସମିଧ ଓ ଦାନଠାରୁ ନିଶ୍ଚୟ ଅନେକ ଅଧିକ ମୂଲ୍ୟବାନ୍ ହେବ ।

ହୁଏତ ଦୀର୍ଘ ଏକଶତ ବର୍ଷ ପର୍ଯ୍ୟନ୍ତ ବି ଜଣେ ବ୍ୟକ୍ତି ଅଗ୍ନିକୁଣ୍ଡରେ ଅଗ୍ନିକୁ ଜଳାଇ ରଖିପାରେ; ମାତ୍ର, ଯଦି ସିଏ ଆପଣାର ପ୍ରକୃତି ଉପରେ ପୂର୍ଣ୍ଣ ବିଜୟ ହାସଲ କରିଥିବା ଜଣେ ମହାନ୍ ବ୍ୟକ୍ତିଙ୍କ ପାଖରେ ଥରେମାତ୍ର ନିଜର ଶ୍ରଦ୍ଧାନିବେଦନ କରିପାରେ, ତେବେ ସେହି ନିବେଦନକୁ ତା'ର ଯାବତୀୟ ଦୀର୍ଘ ଭକ୍ତିପ୍ରଦର୍ଶନଠାରୁ ନିଶ୍ଚୟ ଅନେକ ଅଧିକ ମୂଲ୍ୟବାନ୍ ବୋଲି କୁହାଯିବ ।

ପୁଣ୍ୟ ଅର୍ଜନ କରିବାର ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତି ଏହି ପୃଥିବୀରେ ବର୍ଷ ତମାମ ବଳି ଓ ଅର୍ଘ୍ୟରୂପେ ହୁଏତ କେତେ କ'ଣ ବସ୍ତୁ ପ୍ରଦାନ କରିପାରିବ; ମାତ୍ର ଜଣେ ନ୍ୟାୟପରାୟଣ ବ୍ୟକ୍ତିଙ୍କ ପାଖରେ ଯେଉଁ ଶ୍ରଦ୍ଧାଟି ଅର୍ପଣ କରାଯାଏ, ତା' ତୁଳନାରେ ଏହାର ଏକଚତୁର୍ଥାଂଶ ମୂଲ୍ୟ ବି କଦାପି ରହିବ ନାହିଁ ।

ଯିଏ ଗୁରୁଜନମାନଙ୍କୁ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରେ, ତାହାର ଚାରୋଟି ବିଷୟ ବୃଦ୍ଧି ପାଇଥାଏ : ଦୀର୍ଘ ଜୀବନ, ସୌନ୍ଦର୍ଯ୍ୟ, ସୁଖ ଏବଂ ବଳ ।

ଯଦି ଉତ୍ତମ ଆଚରଣ ଏବଂ ଧ୍ୟାନ ଦ୍ୱାରା ଗୋଟିଏ ଦିନ ବି ଅତିବାହିତ କରିପାରିବ, ତେବେ ଅନୈତିକତା ଏବଂ ଅପଚୟରେ ଅତିବାହିତ ହୋଇଥିବା ଶହେଟି ବର୍ଷଠାରୁ ମଧ୍ୟ ତାହା ନିଶ୍ଚୟ ଅଧିକ ମୂଲ୍ୟବାନ୍ ହେବ ।

ଯଦି ପ୍ରଜ୍ଞା ଏବଂ ଧ୍ୟାନର ଅନୁଶୀଳନରେ ତୁମେ ଗୋଟିଏ ଦିନ ବି ଅତିବାହିତ କରିପାରିବ, ତାହା ନିର୍ବୋଧତା ଓ ନାନା ଅପଚୟରେ ଅତିବାହିତ ହୋଇଥିବା ଶହେଟି ବର୍ଷଠାରୁ ମଧ୍ୟ ନିଶ୍ଚୟ ଅଧିକ ମୂଲ୍ୟବାନ୍ ହେବ ।

ଯଦି ବଳ ଏବଂ ଶକ୍ତିର ପ୍ରେରଣା ସହିତ ତୁମେ ଗୋଟିଏମାତ୍ର ଦିନ ଅତିବାହିତ କରିପାରିବ, ତାହା ଆଳସ୍ୟ ଏବଂ ଜଡ଼ତା ମଧ୍ୟରେ ଅତିବାହିତ ଶହେଟି ବର୍ଷ ତୁଳନାରେ ମଧ୍ୟ ନିଶ୍ଚୟ ଅଧିକ ମୂଲ୍ୟବାନ୍ ହେବ ।

'oaob.nitrkl.ac.in' images reprocessed

ପ୍ରତ୍ୟେକ ବସ୍ତୁ କ୍ଷଣେ ଆବିର୍ଭୂତ ହୋଇ କ୍ଷଣକ ମଧ୍ୟରେ ପୁନର୍ବାର ଅନ୍ତର୍ହିତ ହୋଇଯାଉଛନ୍ତି, ଏହି ବୋଧଟି ସହିତ ଯଦି ତୁମେ ଗୋଟିଏ ବି ଦିନ ଅତିବାହିତ କରିପାରିବ, ତେବେ, ସେମାନେ ଯେ ସେପରି ଆବିର୍ଭୂତ ଓ ଅନ୍ତର୍ହିତ ହୋଇ ଯାଉଛନ୍ତି, ସେବିଷୟରେ ଅଜ୍ଞାନ ରହି ଅତିବାହିତ ହୋଇଯାଉଥିବା ଶହେଟି ବର୍ଷ ତୁଳନାରେ ତାହା ନିଶ୍ଚୟ ଅଧିକ ମୂଲ୍ୟବାନ୍ ହେବ ।

ଅମରତ୍ୱ ଲାଭ କରିବାର ମାର୍ଗଟି ବିଷୟରେ ମନନ କରି ଯଦି ତୁମେ ଗୋଟିଏ ମାତ୍ର ଦିନ ଅତିବାହିତ କରିପାରିବ, ତେବେ, ଅମରତ୍ୱ ଲାଭ କରିବାର ମାର୍ଗଟି ବିଷୟରେ ଅଜ୍ଞ ରହି ଜୀବନର ଅତିବାହିତ ହୋଇ ଯାଉଥିବା ଶହେଟି ବର୍ଷଠାରୁ ତାହା ନିଶ୍ଚୟ ଅଧିକ ମୂଲ୍ୟବାନ୍ ହେବ ।

ସର୍ବୋଚ୍ଚ ପରମ ସତ୍ୟଟିର ମନନରେ ଯଦି ତୁମେ ଗୋଟିଏ ମାତ୍ର ଦିନ ଅତିବାହିତ କରିପାରିବ, ତେବେ, ପରମ ସତ୍ୟ ବିଷୟରେ ଅଜ୍ଞ ରହି ଜୀବନରେ ଅତିବାହିତ ହୋଇ ଯାଉଥିବା ଶହେଟି ବର୍ଷ ତୁଳନାରେ ତାହାକୁ ନିଶ୍ଚୟ ଅଧିକ ମୂଲ୍ୟବାନ୍ ବୋଲି କୁହାଯିବ ।

ଗୋଟିଏ ଶୀର୍ଷକ ମଧ୍ୟରେ ଏଠାରେ ଯାବତୀୟ ବିବିଧ ପ୍ରକାରର ବିଷୟକୁ ଏକାଠି ରଖିଦିଆଯାଇଛି । ଏହାକୁ ଆମେ ବିଗୁରର ଏକ ଗୁଚ୍ଛ ଅପେକ୍ଷା ହୁଏତ ଅଧିକ ସଂଗତି ସହିତ ଗୁଡ଼ିଏ ଶବ୍ଦର ଗୋଟିଏ ଗୁଚ୍ଛ ବୋଲି କହିପାରିବା । ମାତ୍ର, ଏଗୁଡ଼ିକ ମଧ୍ୟଦେଇ ଅସଲ ଗୋଟିଏ କଥା କହିବାକୁ ଚେଷ୍ଟା କରାଯାଇଛି; ସେଇଟି ହେଉଛି ଯେ, ବାହାରେ ବର୍ଷ ବର୍ଷ ପର୍ଯ୍ୟନ୍ତ ଗୁଡ଼ାଏ ଭକ୍ତିର ପ୍ରଦର୍ଶନ କରିବା ଅପେକ୍ଷା ଗୋଟାଏ ମୁହୂର୍ତ୍ତ ଲାଗି ମଧ୍ୟ ନିଷ୍ଠାପର ହେବା ଅଧିକ ଭଲ ଏବଂ, ବାହ୍ୟ ଯାବତୀୟ ବିଜୟ ତୁଳନାରେ ନିଜ ଉପରେ ଏକ ମାନସିକ ଏବଂ ଆଧ୍ୟାତ୍ମିକ ବିଜୟ ହାସଲ କରିପାରିବା ପ୍ରକୃତରେ ଅନେକ ଅଧିକ ମହତ୍ତ୍ୱପୂର୍ଣ୍ଣ ।

ଏଗୁଡ଼ିକ ଭିତରେ ଆହୁରି ଗୋଟିଏ ଆଗ୍ରହୋଦ୍ଦୀପକ କଥା ମଧ୍ୟ ରହିଛି, ଏବଂ ସେଇଟି ହେଉଛି ଯେ ଆପଣା ଉପରେ ବିଜୟଲାଭ ହେଉଛି ଏକମାତ୍ର ବିଜୟ, ଯାହାକି ଯେକୌଣସି ଦୈବଶକ୍ତି, ପ୍ରକୃତି-ଶକ୍ତି ତଥା ଅନର୍ଥ ଶକ୍ତିର କବଳରୁ ମୁକ୍ତ ଏବଂ ନିରାପଦ ହୋଇ ରହିପାରିବ । ଯଦି ତୁମେ କେବଳ ଗୋଟିଏ କ୍ଷେତ୍ରରେହିଁ ଆତ୍ମପ୍ରଭୁତ୍ୱ ଅର୍ଜନ କରି ପାରିଥିବ, ତେବେ, ଅଧିମାନସ ସ୍ତରର ଦେବତାମାନେ ହୁଅନ୍ତୁ ଅଥବା ଏହି ପୃଥିବୀରେ ରହିଥିବା ଅଦିବ୍ୟ ପ୍ରତିକୂଳ-ଶକ୍ତିମାନେ

'oaob.nitrkl.ac.in' images reprocessed

ହୋଇଥାନ୍ତି ପଛକେ, ସେମାନେ କଦାପି ତାହା ଉପରେ ଆଦୌ କୌଣସି ହସ୍ତକ୍ଷେପ କରିବାକୁ ସମର୍ଥ ହେବେ ନାହିଁ ।

ପଦଗୁଡ଼ିକର ପ୍ରଥମ ବାକ୍ୟଟିରେ କୁହାଯାଇଛି ଯେ ଯେଉଁ ଗୋଟିଏ ଶବ୍ଦହିଁ ତୁମକୁ ଯଥାର୍ଥ ଶାନ୍ତି ଆଣି ଦେଇପାରୁଛି, ନିରର୍ଥକ ହଜାରେ କଥାଠାରୁ ତାହାକୁ ନିଶ୍ଚୟ ଅଧିକ ମୂଲ୍ୟଯୁକ୍ତ ବୋଲିହିଁ କୁହାଯିବ । ଏହି କଥାଟିକୁ ତ ଯେକୌଣସି ଲୋକ ବୁଝି ପାରିବ; ମାତ୍ର, ତା' ସହିତ ଏହି ଅନ୍ୟ କଥାଟିକୁ ବି କୁହାଯାଇଛି ଯେ, ଯେଉଁ ଶବ୍ଦଟି ତୁମକୁ ଯଥାର୍ଥରେ ଶାନ୍ତି ଆଣି ଦେଇପାରୁଛି, ତାହା ହଜାର ହଜାର ଏପରି ଅନେକ ଅନ୍ୟ ଶବ୍ଦଠାରୁ ଅଧିକ ମୂଲ୍ୟବାନ୍, ଯାହାକି ତୁମର ମନଟିକୁ ବେଶ୍ କ୍ରିୟାଶୀଳ କରି ରଖିପାରୁଛି ସତ, ମାତ୍ର ତୁମ ସତ୍ତାର ମନୋଗତ ଭୂମି ଉପରେ ତାହାର ଆଦୌ କୌଣସି ହେଲେ ପ୍ରଭାବ ପଡ଼ୁ ନାହିଁ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ନିଜର ଅଚେତନା ଏବଂ ଜଡ଼ତା ଉପରେ ବିଜୟ ଲାଭ କରିବାରେ ତୁମର ସହାୟତା କରି ପାରୁଥିବା ଗୋଟିଏ ଶବ୍ଦକୁ ଯେତେବେଳେ ତୁମେ ଖୋଜି ପାଇପାରିଛ, ତେବେ ଚୂଡ଼ାନ୍ତ ଫଳଟିକୁ ଲାଭ କରିପାରିବା ପର୍ଯ୍ୟନ୍ତ, ଅନ୍ୟ ଆଉ କୌଣସି ଶବ୍ଦର ସନ୍ଧାନରେ ବାହାରିବା ପର୍ଯ୍ୟନ୍ତ ସେହି ଶବ୍ଦ ଅଥବା ଶବ୍ଦସମଷ୍ଟିରୁ ଉତ୍ପନ୍ନ ହେଉଥିବା ଯାବତୀୟ ସକଳ ପ୍ରଭାବଯୁକ୍ତତା ଦ୍ୱାରା ତୁମେ ଅବଶ୍ୟ ଲାଭବାନ୍ ହେବାକୁ ଚେଷ୍ଟା କରିବ ।

ତୁମେ ଯଦି କୌଣସି ପ୍ରକାରେ ଗୋଟିଏ ଯଥାର୍ଥ ବସ୍ତୁର ପରିଚୟରେ ଆସିଥାଅ; ତେବେ ସେହି ବସ୍ତୁଟିରୁ ଉତ୍ପନ୍ନ ପ୍ରଭାବଗୁଡ଼ିକୁ ଯଥାସମ୍ଭବ ତାହାର ଶେଷ ସୀମା ପର୍ଯ୍ୟନ୍ତହିଁ ଅନୁଧାବନ କରିବ; ନିଜର ମସ୍ତିଷ୍କ ଭିତରେ ଏକାବେଳକେ ଅନେକ ତଥ୍ୟକୁ ବସ୍ତୁରକୁ ପୁରାଇ କରି ରଖିବା ଅପେକ୍ଷା ତାହା ଅଧିକ ମହତ୍ତ୍ୱପୂର୍ଣ୍ଣ ହେବ । ଯଦି ଅନୁକୂଳ ସମୟଟିରେ ଆମେ ପ୍ରତ୍ୟେକଟି ବସ୍ତୁରକୁ ନିଜ ଭିତରକୁ ଆସିବାକୁ ଅନୁମତି ଦେଇପାରୁଥିବା, ତେବେ ସେହି ସବୁଯାକ ବସ୍ତୁର ହିଁ ଏତ ଆପଣା ଆପଣା ସମୟରେ ଆମ ଲାଗି ନିଶ୍ଚୟ ଉପଯୋଗୀ ହୋଇପାରିବେ । ବିଶେଷ କରି, ତୁମକୁ ଏକ ଅନ୍ତର୍ଗତ ବିଜୟ ହାସଲ କରିବାରେ ସମର୍ଥ କରାଇ ପାରୁଥିବା ସେହି ଗତିଶୀଳ ବସ୍ତୁରଗୁଡ଼ିକ ମଧ୍ୟରୁ କୌଣସି ଗୋଟିକର ପ୍ରଭାବଫଳକୁ ମଧ୍ୟ ଯଦି ତୁମେ ତା'ର ସମ୍ଭାବ୍ୟ ସର୍ବଶେଷ ସୀମାଟି ପର୍ଯ୍ୟନ୍ତ ବହନ କରିନେଇ ଯାଇପାରିବ, ତେବେ ସେଗୁଡ଼ିକ ଆପଣା ଆପଣା ସମୟରେ ଆମ ଲାଗି ନିଶ୍ଚୟ ଉପଯୋଗୀ ହୋଇପାରିବେ । ଅର୍ଥାତ୍, ଯାହା ତୁମ ଲାଗି ସମ୍ପୂର୍ଣ୍ଣ ଭାବରେ କେବଳ ଏକ ତତ୍ତ୍ୱ ଏବଂ ସିଦ୍ଧାନ୍ତ ହୋଇ ରହିଛି, ନିଜ ଭିତରେ ସେଇଟାକୁ ଆଦୌ ଜମା କରି ନ ରଖି, ତୁମେ ଯାହାକୁ ପ୍ରକୃତରେ ଜାଣିଛ, ତାହାର ଅନୁଶୀଳନ କରିବାହିଁ

'oaob.nitrkl.ac.in' images reprocessed

ତୁମର ଏକମାତ୍ର ଲକ୍ଷ୍ୟ ନ ହେଲେ ମଧ୍ୟ ଅନ୍ତତଃ ସର୍ବପ୍ରଧାନ ଲକ୍ଷ୍ୟ ହୋଇ ଅବଶ୍ୟ ରହିବା ଉଚିତ ।

ତେବେ, ଆମେ ଏହିପରି ଭାବରେ ଉପସଂହାର କରି ଆଣିବା : ତୁମେ ଯାହା ଜାଣିଛ, ସମଗ୍ର ଭାବରେ ତାହାର ଅନୁଶୀଳନ କର ; କେବଳ ତେବେଯାଇ ତୁମେ ଆପଣାର ତତ୍ତ୍ୱଜ୍ଞାନରେ ଏକ ଫଳଦାୟକ ଅଭିବୃଦ୍ଧି ସମ୍ଭବ କରିପାରିବ ।

୧୧ ଏପ୍ରିଲ, ୧୯୫୮

'oaob.nitrkl.ac.in' images reprocessed

ମନ୍ଦ

ଯାହା ଉତ୍ତମ, ତୁମେ ତ୍ୱରାନ୍ୱିତ ହୋଇ ତାହାର ଆଡ଼କୁ ଚାଲ; ଯାହାକିଛି ମନ୍ଦଚିନ୍ତାକୁ ପଛରେ ପକାଇ ବାହାରି ଆସ । କାରଣ ଉତ୍ସାହ ନ ଥାଇ ଯଦି କୌଣସି ଭଲ କାର୍ଯ୍ୟ କରାଯାଏ, ତେବେ ତାହା ମନ୍ଦରେହିଁ ଆନନ୍ଦଲାଭ କରୁଥିବା ତୁମ ମନର ପରିଚୟଟିକୁ ଦେଇଯାଉଥିବ ।

ଯଦି ଜଣେ ବ୍ୟକ୍ତି ମନ୍ଦ କାର୍ଯ୍ୟଟିଏ କରୁଛି, ତେବେ ତା'ର ଆଉ ସେଥିରେ ଅଧିକ ଅଗ୍ରସର ହେବା ଆଦୌ ଉଚିତ ନୁହେଁ, ସେଥିରେ ତା'ର କୌଣସି ଆନନ୍ଦ ପ୍ରକାଶ କରିବା ବି ଉଚିତ ନୁହେଁ । କାରଣ, ଯଦି ମନ୍ଦ ଜମା ହେବାରେ ଲାଗିଥାଏ, ତେବେ ତାହା କେବଳ ଦୁଃଖ ଦ୍ୱାରାହିଁ ପୂର୍ଣ୍ଣ ହୋଇ ରହିଥିବ ।

ଯଦି ଜଣେ ବ୍ୟକ୍ତି ଭଲ କାର୍ଯ୍ୟଟିଏ କରୁଛି, ତେବେ ତା'ର ତାହାକୁ ଅବ୍ୟାହତ ଭାବରେହିଁ କରୁଥିବା ଉଚିତ ଏବଂ ସେଥିରେ ଆନନ୍ଦ ଅନୁଭବ କରିବା ଉଚିତ । ଯେତେବେଳେ ଭଲର ବୃଦ୍ଧି ହେବାରେ ଲାଗିଥାଏ, ସେତେବେଳେ ତାହା କେବଳ ସୁଖରହିଁ କାରଣ ହୋଇଥାଏ ।

ଆପଣାର ମନ୍ଦ କାର୍ଯ୍ୟଟି ସମ୍ପୂର୍ଣ୍ଣ ଭାବରେ ପରିପକ୍ୱ ନ ହୋଇଥିବା ଯାଏ, ମନ୍ଦ କାର୍ଯ୍ୟ କରୁଥିବା ବ୍ୟକ୍ତି ହୁଏତ ସେଥିରୁ ବେଶ୍ ସନ୍ତୋଷ ଅନୁଭବ କରୁଥିବ । ମାତ୍ର, ମନ୍ଦଟି ଯେତେବେଳେ ପରିପକ୍ୱ ହୋଇଯିବ, ସେତେବେଳେ ତାହାକୁ ଦୁଃଖହିଁ ଭୋଗ କରିବାକୁ ପଡ଼ିବ ।

ଭଲ କାର୍ଯ୍ୟଟି ଯେତେବେଳ ଯାଏ ପରିପକ୍ୱ ହୋଇ ନ ଥିବ, ଭଲ କରୁଥିବା ବ୍ୟକ୍ତି ହୁଏତ କିଛିଟା ଦୁଃଖ ବି ଅନୁଭବ କରୁଥିବ । ମାତ୍ର ତାହା ଯେତେବେଳେ ପରିପକ୍ୱତା ଲାଭ କରିବ, ସେତେବେଳେ ସେହି ଉତ୍ତମ ବ୍ୟକ୍ତି ଅବଶ୍ୟ ସୁଖର ପରିଚୟ ପାଇବ ।

“ତାହା ମୋତେ ସ୍ପର୍ଶ କରିବ ନାହିଁ,” କହି ତୁମେ ମନ୍ଦକୁ କଦାପି ହାଲୁକା ଭାବରେ ଗ୍ରହଣ କରିବ ନାହିଁ । ବିନ୍ଦୁ ବିନ୍ଦୁ ପାଣି ଦ୍ୱାରାହିଁ

'oaob.nitrkl.ac.in' images reprocessed

ଗୋଟିଏ ମାଠିଆ ପୂର୍ଣ୍ଣ ହୋଇଯାଏ । ଠିକ୍ ସେହିପରି ଜଣେ ନିର୍ବୋଧ ବ୍ୟକ୍ତି ଅଳ୍ପ ଅଳ୍ପ କରିହିଁ ଆପଣାକୁ ଦୁଷ୍ଟତା ଦ୍ୱାରା ପୂର୍ଣ୍ଣ କରି ଆଣିବାରେ ଲାଗିଥାଏ ।

"ତାହା ମୋତେ ସ୍ପର୍ଶ କରିବ ନାହିଁ" ବୋଲି କହି ତୁମେ ଭଲକୁ ବି କଦାପି ହାଲୁକା ଭାବରେ ଗ୍ରହଣ କରିବ ନାହିଁ । ବିନ୍ଦୁ ବିନ୍ଦୁ ପାଣି ଦ୍ୱାରାହିଁ ଗୋଟିଏ ମାଠିଆ ପୂର୍ଣ୍ଣ ହୋଇଥାଏ । ଠିକ୍ ସେହିପରି ଜଣେ ମୁନି ଅଳ୍ପ ଅଳ୍ପ କରିହିଁ ଆପଣାକୁ ଭଲ ଦ୍ୱାରା ପୂର୍ଣ୍ଣ କରିବାରେ ଲାଗିଥାଏ ।

ଯେଉଁ ବଣିକ ଅନେକ ମୂଲ୍ୟବାନ୍ ସାମଗ୍ରୀ ନେଇ ଯାଉଥାଏ ଓ ଯାହା ସହିତ କେବଳ ଅଳ୍ପ କେତେଜଣ ସଙ୍ଗୀ ରହିଥାନ୍ତି, ସିଏ ସର୍ବଦା ବିପଜ୍ଜନକ ରାସ୍ତାଗୁଡ଼ିକୁ ଏଡ଼ି ଏଡ଼ିହିଁ ବାଟ ଚାଲୁଥାଏ । ଏବଂ, ଯେଉଁ ବ୍ୟକ୍ତି ନିଜର ଜୀବନକୁ ଭଲ ପାଉଥାଏ, ସିଏ ବିଷ ବିଷୟରେ ସର୍ବଦା ସାବଧାନ ହୋଇ ରହିଥାଏ । ମନ୍ଦ ବିଷୟରେ ମଧ୍ୟ ଆମର ଠିକ୍ ଏହିପରିହିଁ କାର୍ଯ୍ୟ କରିବା ଉଚିତ ।

ଯେଉଁ ହାତରେ କୌଣସି କ୍ଷତ ନାହିଁ, ତାହା ସମ୍ପୂର୍ଣ୍ଣ ବିପଦଶୂନ୍ୟ ଭାବରେହିଁ ହାତରେ ବିଷକୁ ଧରିପାରେ । ତୁମେ ଠିକ୍ ସେହିପରି ଭାବରେହିଁ କାର୍ଯ୍ୟ କରିବ । କାରଣ, ଧର୍ମପରାୟଣ ବ୍ୟକ୍ତିକୁ କୌଣସି ମନ୍ଦ କଦାପି ସ୍ପର୍ଶ କରିପାରିବ ନାହିଁ ।

ଯଦି ତୁମେ ଶୁଦ୍ଧ, ନିର୍ଦ୍ଦୋଷ ଏବଂ ଅସହାୟ କୌଣସି ବ୍ୟକ୍ତିର ଅପମାନ କର, ତେବେ ସେହି ଅପମାନ ଓଲଟି ଆସି ପ୍ରକୃତରେ ତୁମରି ଉପରେହିଁ ପଡ଼ିବ । ତୁମେ ତୁମ ଆଡ଼କୁ ବହୁଥିବା ପବନକୁ ବାଲି ଫୋପାଡ଼ିଲେ ଯେପରି ହୁଏ, ଠିକ୍ ସେହିପରି ।

ପୁନର୍ଜନ୍ମ ଲାଭ କରି କେତେ ଲୋକ ଏହି ସଂସାରକୁ ଆସନ୍ତି ଏବଂ ଆଉରି କେତେ ନରକ ବା ନର୍କକୁ ଯାଆନ୍ତି । ନ୍ୟାୟପରାୟଣ ବ୍ୟକ୍ତିମାନେ ସ୍ୱର୍ଗଲୋକଗୁଡ଼ିକୁ ପ୍ରାପ୍ତ ହୁଅନ୍ତି । ମାତ୍ର ଯେଉଁମାନେ ନିଜକୁ ସକଳ ବାସନାରୁ ମୁକ୍ତ କରି ରଖିଥାନ୍ତି, ସେମାନେ ପ୍ରକୃତରେ ନିର୍ବାଣ ଲାଭ କରନ୍ତି ।

ଆକାଶରେ ନୁହେଁ, ସମୁଦ୍ରର ଗଭୀରରେ ନୁହେଁ ବା କୌଣସି ପର୍ବତଗୁମ୍ଫାରେ ନୁହେଁ,—ଏହି ପୃଥିବୀ ଉପରେ ଏଭଳି କୌଣସି

'oaob.nitrkl.ac.in' images reprocessed

ସ୍ଥାନ ନାହିଁ ଯେଉଁଠାରେ କି କୌଣସି ବ୍ୟକ୍ତିକୁ ତା'ର ମନ୍ଦ କାର୍ଯ୍ୟଗୁଡ଼ିକଠାରୁ ଆଶ୍ରୟ ମିଳିପାରିବ ।

ଆକାଶରେ ନୁହେଁ, ସମୁଦ୍ରର ଗର୍ଭରେ ନୁହେଁ ବା କୌଣସି ପର୍ବତଗୁମ୍ଫାରେ ନୁହେଁ, ଏହି ପୃଥିବୀ ଉପରେ ଏଭଳି କୌଣସି ସ୍ଥାନ ନାହିଁ ଯେଉଁଠାରେ କି କୌଣସି ବ୍ୟକ୍ତି ମରଣଠାରୁ ଲୁଚି ରହିଯାଇ ପାରିବ ।

ଲୋକମାନଙ୍କର ମନକୁ ବିଭିନ୍ନ ସମୟରେ ଯେଉଁ ଭାବନାମାନ ଆସିଥାଏ, ସେମାନେ ସେଗୁଡ଼ିକ ସହିତ ଭାରି ହାଲୁକା ଭାବରେ ବ୍ୟବହାର କରିଥାନ୍ତି । ଏବଂ, ଏହା ଫଳରେ ବାତାବରଣଟି ଯାବତୀୟ ପ୍ରକାରର ଏପରି ନାନା ଭାବନାରେ ପୂର୍ଣ୍ଣ ହୋଇ ରହିଥାଏ, ଯାହାକୁ କି ନିର୍ଦ୍ଦିଷ୍ଟ କୌଣସି ଜଣେ ବ୍ୟକ୍ତିର ଭାବନା ବୋଲି ଆଦୌ କହିହେବ ନାହିଁ । ସେହି ଭାବନାଗୁଡ଼ିକ ଅନବରତ ଓ ଅବାଧରେ ଜଣେ ବ୍ୟକ୍ତିଠାରୁ ଆଉ ଜଣେ ବ୍ୟକ୍ତି ମଧ୍ୟକୁ ଭ୍ରମି ବୁଲିବାରେ ଲାଗିଥାନ୍ତି, ଅତ୍ୟନ୍ତ ଅବାଧରେ ଘୂରି ବୁଲୁଥାନ୍ତି । କାରଣ ସଂସାରରେ ଏପରି ଲୋକ ଅନେକ କମ୍ ଅଛନ୍ତି ଯେଉଁମାନେ କି ନିଜର ଭାବନାଗୁଡ଼ିକୁ ନିୟନ୍ତ୍ରଣରେ ରଖିଥାନ୍ତି ।

ଆପଣାର ଭାବନାଗୁଡ଼ିକୁ କିପରି ନିଜର ନିୟନ୍ତ୍ରଣରେ ରଖାଯାଇ ପାରିବ, ଯଦି ତୁମେ ସେଥିଲାଗି ବୌଦ୍ଧିସାଧନାର ମାର୍ଗଟି ଗ୍ରହଣ କରିବାକୁ ଯିବ, ତେବେ ତୁମେ ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ଆବିଷ୍କାରମାନ କରିପାରିବ । ତୁମେ ନିଜର ଭାବନାଗୁଡ଼ିକ ଉପରେ ଦୃଷ୍ଟିପାତ କରିବାକୁ ଚେଷ୍ଟା କରିବ । ସେଗୁଡ଼ିକୁ ଅବାଧରେ ଆସିବାକୁ ଓ ଯିବାକୁ ନ ଦେଇ, ଏପରିକି ବେଳେବେଳେ ସେଗୁଡ଼ିକ ଯେପରି ତୁମର ମୁଣ୍ଡଭିତରେ ପ୍ରବେଶ କରନ୍ତି ଏବଂ ବେଶ୍ ଏକ ଅନୁଚିତ ଉପାୟରେ ସେଠାରେ ଆପଣାକୁ ପ୍ରତିଷ୍ଠିତ କରି ରଖିଥାନ୍ତି, ସେଗୁଡ଼ିକୁ ସେପରି ମଧ୍ୟ କରିବାକୁ ନ ଦେଇ ତୁମେ ସେଗୁଡ଼ିକ ଉପରେ କେବଳ ଦୃଷ୍ଟିପାତ କରିବ, ସେଗୁଡ଼ିକୁ ଅବଲୋକନ କରିବ, ଏବଂ ତେବେ ଅତ୍ୟନ୍ତ ବିସ୍ମୟର ସହିତ ଦେଖିବାକୁ ପାଇବ ଯେ ମାତ୍ର କେତୋଟି କ୍ଷଣ ମଧ୍ୟରେହିଁ ତୁମର ମୁଣ୍ଡ ଭିତରଦେଇ କ୍ରମାନ୍ୱୟରେ କେତେକେତେ ଅସମ୍ଭବ ଭାବନାମାନ ଗତି କରିବାରେ ଲାଗିଛନ୍ତି, ଯେଉଁଗୁଡ଼ିକୁ କି କେବଳ କ୍ଷତିକାରକ ବୋଲିହିଁ କୁହାଯାଇ ପାରିବ ।

ତୁମେ ଭାବୁଥିବ, ତୁମେ ପ୍ରକୃତରେ କେତେ ଭଲ, କେତେ ଦୟାବାନ୍, ତୁମର ମନଟି ପ୍ରକୃତରେ କେତେ ଭଲ ଏବଂ ତାହା ସର୍ବଦା କେବଳ ଭଲ ଅନୁଭୂତି ଦ୍ୱାରାହିଁ ପୂର୍ଣ୍ଣ ହୋଇ ରହିଛି । ତୁମେ କାହାରି କୌଣସି କ୍ଷତି କରିବାକୁ

'oaob.nitrkl.ac.in' images reprocessed

ଦେଖୁଁ ନାହିଁ, ସମସ୍ତଙ୍କଠାରେ ହିଁ କେବଳ ଭଲ ଦେଖୁଁଛ । ଏକ ଆତ୍ମସନ୍ତୋଷର ଭାବ ସହିତ ତୁମେ ନିଜକୁ ଏହିସବୁ କଥା କହିବାରେ ଲାଗିଥିବ । ମାତ୍ର ଆପେ ଚିନ୍ତା କରିବା ସମୟରେ ଯଦି ତୁମେ ନିଷ୍ଠାର ସହିତ ଆପଣା ଆଡ଼କୁ ଅନାଇ ଦେଖିବ, ତେବେ ତୁମେ ଦେଖିବାକୁ ପାଇବ ଯେ, ତୁମ ମୁଣ୍ଡ ଭିତରେ ତୁମେ ଏପରି ଗୁଡ଼ିଏ ଭାବନାକୁ ଜମା କରି ରଖିଛ, ଯାହାକୁ କି ବେଳେବେଳେ ପ୍ରକୃତରେ ଭୟଙ୍କର ବୋଲି କୁହାଯାଇ ପାରିବ ଏବଂ ଯେଉଁଗୁଡ଼ିକ ବିଷୟରେ କି ତୁମେ ଆଗରୁ ଆଦୌ ସଜ୍ଞାନ ହୋଇ ରହି ନ ଥିଲ ।

ଉଦାହରଣ ସ୍ୱରୂପ, ଯେତେବେଳେ କୌଣସି ଗୋଟିଏ କଥା ଭଲ ନ ଲାଗିଲା, ସେତେବେଳେ ତୁମର ମନରେ ପ୍ରକୃତରେ କ'ଣ ପ୍ରତିକ୍ରିୟାମାନ ହୋଇଥାଏ କହିଲ ? ତୁମେ ସେତେବେଳେ ତୁମର ବନ୍ଧୁ, ଆତ୍ମୀୟ ଓ ପରିଚିତ ସମସ୍ତଙ୍କୁ ଭର୍ତ୍ସନା କରି କାଳ ହାତରେ ସମର୍ପି ଦେବାକୁ ଇଚ୍ଛା କର । ସେମାନଙ୍କୁ ସକଳ ଦୁଃଖ ଭୋଗିବାକୁ ପଡ଼ୁ ବୋଲି ଅପକାମନାମାନ କରିବାରେ ଲାଗିଥାଅ ଏବଂ ସେ ବିଷୟରେ ସଜ୍ଞାନ ହୋଇ ବି ରହି ନ ଥାଅ । ଏବଂ, ତୁମେ କହିବାରେ ଲାଗିଥାଅ, "ଏଥିରୁ ସେମାନେ ବର୍ତ୍ତମାନ ନିଶ୍ଚୟ ଏହି ଶିକ୍ଷାଟିକୁ ଲାଭ କରିବେ !" ଏବଂ, କାହାର ସମାଲୋଚନା କଲାବେଳେ ତୁମେ କହୁଥାଅ, "ଆପଣାର ଭୁଲ ବିଷୟରେ ତାକୁ ଅବଶ୍ୟ ସଚେତ କରିଦେବା ଉଚିତ ।" ଏବଂ, ଯେତେବେଳେ ଯଦି କେହି ତୁମର ଧାରଣାଟି ଅନୁସାରେ କାର୍ଯ୍ୟ ନ କଲା, ସେତେବେଳେ ତୁମେ କହୁଥାଅ, "ସେ ନିଶ୍ଚୟ ଏଥିଲାଗି ଦଣ୍ଡ ପାଇବ !" ଏହିପରି କେତେ କ'ଣ କହୁଥାଅ ।

ତୁମେ ଏସବୁ ବିଷୟରେ କିଛୁ ଜାଣି ପାର ନାହିଁ, କାରଣ ନିଜେ କିଛୁ ଭାବିଲାବେଳେ ତୁମେ ମୋଟେ ଆପଣା ଆଡ଼କୁ ଅନାଇ ଦେଖ ନାହିଁ । ବେଳେ-ବେଳେ ଏସବୁ ଟିକିଏ ଅତ୍ୟଧିକ ଭାବରେ କଠିନ ଓ ଉତ୍କଟ ହୋଇପଡ଼ିଲେ ତୁମେ ହୁଏତ ସେବିଷୟରେ କିଛୁ ଜାଣିବାକୁ ପାଅ । ମାତ୍ର, ବିଷୟଟି ତୁମ ଭିତରଦେଇ କେବଳ ଚାଲିଯିବାରେ ଲାଗିଥିଲେ ତୁମେ ସେଇଟି ଆଡ଼କୁ କୁତିନ୍ଦୁ ଦୃଷ୍ଟିପାତ ବି କରିଥାଅ । ସେଇଟି ଆସେ, ପ୍ରବେଶ କରେ ଓ ପୁଣି ଚାଲିଯାଏ । ତା'ପରେ ତୁମେ ଏହି କଥାଟି ଜାଣିବାକୁ ଆରମ୍ଭ କର ଯେ, ଯଦି ତୁମେ ପ୍ରକୃତରେ ଶୁଦ୍ଧ ହେବାକୁ ଇଚ୍ଛା କରିବ ଓ ସମ୍ପୂର୍ଣ୍ଣ ଭାବରେ ସତ୍ୟର ପକ୍ଷରେହିଁ ରହିବ, ତେବେ ସେଥିଲାଗି ସତର୍କତା ଦରକାର ହେବ, ନିଷ୍ଠା ଦରକାର ହେବ ଏବଂ ଏକ ଆତ୍ମ-ନିରୀକ୍ଷଣ ମଧ୍ୟ ଦରକାର ହେବ । ଏକ ଆତ୍ମସଂଯମ ଦରକାର ହେବ । ଏସବୁ ସାଧାରଣତଃ କଦାପି ଦେଖିବାକୁ ମିଳେ ନାହିଁ । ସେତେବେଳେ ତୁମେ ଏହି

କଥାଟି ଉପଲବ୍ଧି କରିବାକୁ ଆରମ୍ଭ କର ଯେ, ଯଥାର୍ଥରେ ନିଷ୍ଠାପର ହୋଇ ପାରିବା ପ୍ରକୃତରେ ବଡ଼ କଷ୍ଟକର ।

ତୁମେ ଆପଣାର ବଡ଼େଇ କରି କହୁଥାଅ ଯେ ତୁମ ଭିତରେ ଭଲ ଭାବନା ଓ ଭଲ ଅଭିପ୍ରାୟ ବ୍ୟତୀତ ପ୍ରକୃତରେ ଆଉ କିଛିହେଲେ ନାହିଁ, ଏବଂ, ତୁମେ ଯେତେବେଳେ ଯାହାକିଛି କରୁଛ, ତାହା କେବଳ ଯାହା ଭଲ, ତାହାରି ପାଇଁହିଁ କରୁଛ । ହିଁ, ଯେତେବେଳ ଯାଏ ତୁମେ ସଚେତନ ରହିଛ ଓ ତୁମର ନିୟନ୍ତ୍ରଣ-ଶକ୍ତି ରହିଛି, ସେପର୍ଯ୍ୟନ୍ତ ତାହା ଅବଶ୍ୟ ସତ । ମାତ୍ର ଯେତେବେଳେ ତୁମେ ଅତ୍ୟନ୍ତ ମନୋଯୋଗୀ ହୋଇ ରହିପାରୁ ନାହଁ, ସେତେବେଳେ ତୁମ ଭିତରେ ଯାବତୀୟ ପ୍ରକାରର କଥା ଆସି ଘଟିବାରେ ଲାଗୁଛି । ତୁମେ ସେଗୁଡ଼ିକ ବିଷୟରେ ଆଦୌ ସଚେତନ ରହିପାରୁ ନାହଁ ଏବଂ ସେହି ଘଟନାଗୁଡ଼ିକୁ ମଧ୍ୟ କଦାପି ସୁନ୍ଦର ବୋଲି କହିହେବ ନାହିଁ ।

ଯଦି ନିଜର ଗୃହଟିକୁ ତୁମେ ସମ୍ପୂର୍ଣ୍ଣ ଭାବରେ ନିର୍ମଳ ରଖିବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ଏକ ଦୀର୍ଘ ସମୟ ପର୍ଯ୍ୟନ୍ତ ସତର୍କ ରହିବାକୁ ପଡ଼ିବ । ଏବଂ, ବିଶେଷ କରି, ଏପରି ଆଦୌ ବିଶ୍ୱାସ କରିବାକୁ ପଡ଼ିବ ନାହିଁ ଯେ ତୁମେ ସତେଅବା ଏକା ଡିଆଁକେ ଆସି ଲକ୍ଷ୍ୟସ୍ଥଳରେ ପହଞ୍ଚିଗଲଣି । ଭଲ ଓ ଉଚିତର ପକ୍ଷରେ ରହିବ ବୋଲି ଥରେ କେବେ ଏକ ନିଷ୍ପତ୍ତି ଗ୍ରହଣ କରିଥିଲ ବୋଲି ତୁମେ ଯେ ଏକାଥରକେ ଲକ୍ଷ୍ୟରେ ଆସି ପହଞ୍ଚିଗଲ, ସେକଥା ମୋଟେ ନୁହେଁ । ଏଇଟି ଯେ ଏକ ଅତ୍ୟନ୍ତ ଅସଲ ଓ ମହତ୍ତ୍ୱପୂର୍ଣ୍ଣ କଥା, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ମାତ୍ର, ତା'ପରେ ମଧ୍ୟ ଆହୁରି ଅନେକ ଦିନ ପର୍ଯ୍ୟନ୍ତ ତୁମକୁ ଆପଣା ଉପରେ ଅତ୍ୟନ୍ତ ସତର୍କ ଦୃଷ୍ଟି ରଖିବାକୁ ପଡ଼ିବ, ଯେପରିକି ତୁମର ସଂକଳ୍ପ ପୁଣି ଆଉ ଥରକ ଲାଗି ମିଥ୍ୟା ବୋଲି ସାବ୍ୟସ୍ତ ହୋଇଯିବ ନାହିଁ ।

୪ ଏପ୍ରିଲ, ୧୯୫୮

'oaob.nitrkl.ac.in' images reprocessed

ଦଣ୍ଡ

ଦଣ୍ଡର ହାବୁଡ଼ରେ ପଡ଼ିଲେ ସମସ୍ତେ ଥରିବାକୁ ଆରମ୍ଭ କରନ୍ତି । ମରଣକୁ ସମସ୍ତେ ଭୟ କରନ୍ତି । ତେଣୁ ଆମେ ଅନ୍ୟମାନଙ୍କୁ ଠିକ୍ ଆମରିପରି ଦେଖିବା ଏବଂ କାହାକୁହେଲେ ଆଘାତ କରିବା ନାହିଁ । ଆଉଜଣେ ଆମକୁ ଆଘାତ କରୁ, ସେଥିଲାଗି କୌଣସି ଅବସର ସୃଷ୍ଟି କରିବା ନାହିଁ ।

ଦଣ୍ଡର ହାବୁଡ଼ରେ ପଡ଼ିଲେ ସମସ୍ତେ ଥରିବାକୁ ଆରମ୍ଭ କରନ୍ତି । ଜୀବନକୁ ସମସ୍ତେ ଅତିପ୍ରିୟ ମଣନ୍ତି । ତେଣୁ ଆମେ ଅନ୍ୟମାନଙ୍କୁ ଠିକ୍ ଆମରିପରି ଦେଖିବା ଏବଂ କାହାକୁହେଲେ ଆଘାତ କରିବା ନାହିଁ । ଆଉଜଣେ ଆମକୁ ଆଘାତ କରୁ, ସେଥିଲାଗି ଆଦୌ କୌଣସି ଅବସର କଦାପି ସୃଷ୍ଟି କରିବା ନାହିଁ ।

ସୁଖ ଲାଗି ବ୍ୟଗ୍ର ହୋଇ ରହିଥିବା ପ୍ରାଣୀମାନଙ୍କୁ ଯିଏ ଆପଣାର ସୁଖ ଲାଗି ଆଘାତ କରିବାକୁ ଯାଏ, ସିଏ ଆପଣାର ମୃତ୍ୟୁ ପରେ ମଧ୍ୟ ସେହି ସୁଖକୁ କଦାପି ଲାଭ କରେ ନାହିଁ ।

ସୁଖ ଲାଗି ବ୍ୟଗ୍ର ହୋଇ ରହିଥିବା ପ୍ରାଣୀମାନଙ୍କୁ ଯିଏ ଆପଣାର ସୁଖ ଲାଗି କଦାପି ଆଘାତ କରିବାକୁ ଯାଏ ନାହିଁ, ସିଏ ତା'ର ମୃତ୍ୟୁ ପରେ ନିଶ୍ଚୟ ତାହା ଲାଭ କରିପାରିବ ।

ତୁମେ କାହାକୁ କଟୁ କଥା କହିବ ନାହିଁ, କାରଣ ସେଗୁଡ଼ିକ ଓଲଟି ଆସି ତୁମରି ଉପରେହିଁ ପଡ଼ିବେ । ଦ୍ୱେଷ ଦ୍ୱାରା ପ୍ରେରିତ ହୋଇ ଯେଉଁ ଶବ୍ଦଗୁଡ଼ିକର ପ୍ରୟୋଗ କରାଯାଏ, ତଦ୍ୱାରା କେବଳ ଦୁଃଖହିଁ ମିଳିଥାଏ । ଏବଂ, ଯିଏ ସେହି ଦ୍ୱେଷପ୍ରେରିତ ଶବ୍ଦଗୁଡ଼ିକ ପ୍ରୟୋଗ କରେ, ସେଗୁଡ଼ିକ ଲେଉଟିଆସି କେବଳ ତାହାରି ଉପରେହିଁ ପଡ଼ିଥାନ୍ତି ।

ଗୋଟାଏ ଭଙ୍ଗା ଘଣ୍ଟାପରି ଯଦି ତୁମେ ନୀରବ ହୋଇ ରହିପାରିବ, ତେବେ ତୁମରି ନିର୍ବାଣପ୍ରାପ୍ତି ହୋଇଗଲାଣି ବୋଲି କହିବାକୁ ହେବ । କାରଣ, ସେତେବେଳେ ତୁମଭିତରେ ଆଉ କୌଣସି ହିଂସା ରହି ନ ଥିବ ।

'oaob.nitrkl.ac.in' images reprocessed

ଗାଈଆଳ ଯେପରି ଆପଣାର ଗୋଠକୁ ପାଞ୍ଚଣ ଧରି ପଡ଼ିଆକୁ ଅଡ଼ାଇନିଏ, ଠିକ୍ ସେହିପରି ବାର୍ଦ୍ଧକ୍ୟ ଏବଂ ମୃତ୍ୟୁ ଜୀବନକୁ ଜୀବନ୍ତ ସତ୍ତା ମଧ୍ୟରୁ ବାହାରକୁ ଅଡ଼ାଇ ନେଇଯାଏ ।

ନିର୍ବୋଧ ବ୍ୟକ୍ତି ନ ଜାଣି ଭୁଲ୍ କାର୍ଯ୍ୟ କରିବାରେ ଲଗିଥାଏ । ନିଆଁ ଯେପରି ସବୁକିଛିକୁ ଆପଣାର ଗ୍ରାସରେ ପକାଇଦିଏ, ସିଏ ମଧ୍ୟ ସେହିପରି ଆପଣାର କାର୍ଯ୍ୟ ଦ୍ୱାରାହିଁ ଉତ୍ପୀଡ଼ିତ ହେଉଥାଏ, ତାହାର ଗ୍ରାସରେହିଁ ପଡ଼ିଯାଏ ।

ଯିଏ କାହାର କୌଣସି ଅନିଷ୍ଟ କରେ ନାହିଁ, ଯିଏ ତାହାର ଅନିଷ୍ଟ କରିବାକୁ ଯାଏ, ଯିଏ କାହାର କୌଣସି ଅପମାନ କରେ ନାହିଁ, ଯିଏ ତାହାର ଅପମାନ କରିବାକୁ ଯାଏ, ସିଏ ନିମ୍ନଲିଖିତ ଦଶଗୋଟି ଦଶାରୁ ଅତିରେ ନିଶ୍ଚୟ କୌଣସି ଗୋଟିକୁ ହେଲେ ଭୋଗ କରିବ :

ତାକୁ ତୀବ୍ର ଯନ୍ତ୍ରଣା ସହ୍ୟ କରିବାକୁ ହେବ, ଭୟଙ୍କର କ୍ଷତି ଏବଂ ବିକଟ ଆଘାତ ଭୋଗ କରିବାକୁ ହେବ, ସାଂଘାତିକ ଭାବରେ ଅସୁସ୍ଥ ହୋଇ ପଡ଼ିବ, ପାଗଳ ହୋଇଯିବ ।

ବା କର୍ତ୍ତାମାନଙ୍କ ସହିତ ତା'ର ଦ୍ୱନ୍ଦ୍ୱ ଲାଗିବ, ସିଏ ତୀବ୍ର ଅପବାଦ ଓ କୁତ୍ସାର ଶରବ୍ୟ ହେବ, ତାକୁ ଆପଣାର ପ୍ରିୟଜନମାନଙ୍କୁ ହରାଇବାକୁ ପଡ଼ିବ ବା ଆପଣାର ସମ୍ପତ୍ତି ମଧ୍ୟ ହରାଇବାକୁ ପଡ଼ିବ ।

ଅଥବା, ତା'ର ବାସସ୍ଥାନଟି ଅଗ୍ନି ଦ୍ୱାରା ଭସ୍ମୀଭୂତ ହୋଇଯିବ; ଏବଂ ତା' ଶରୀରର ବିଲୟ ଘଟିବା ସମୟରେ ତାକୁ ନରକରେ ଯାଇ ପୁନର୍ଜନ୍ମ ନେବାକୁ ପଡ଼ିବ ।

ଉଲଗ୍ନ ହେଲେ ହେବ ନାହିଁ, ଜଟା ବଢ଼ିଲେ ହେବ ନାହିଁ; ଦେହରେ ମାଟି ବୋଳି ମଇଳା ହୋଇ ରହିଲେ ବି ହେବ ନାହିଁ । ଉପବାସ ଦ୍ୱାରା ହେବ ନାହିଁ, ଭୂଇଁ ଉପରେ ଶୋଇଲେ କିଂବା ଶରୀରସାରା ଭସ୍ମ ଲେପନ କଲେ ହେବ ନାହିଁ; ବୈରାଗୀ ହୋଇ ଆସନବ୍ୟାୟାମ କଲେ ବି ହେବ ନାହିଁ । ଯେଉଁ ବ୍ୟକ୍ତି ଆପଣା ଭିତରୁ ଯାବତୀୟ ସଂଶୟର ଛେଦ କରି ନ ପାରିଛି, ଏହି କୌଣସି ବାଟରେ ମଧ୍ୟ ସିଏ କଦାପି ଶୁଦ୍ଧ ହୋଇପାରିବ ନାହିଁ ।

'oaob.nitrkl.ac.in' images reprocessed

ସିଏ ଯେତେ ଆଡମ୍ବର ସହକାରେ ଯାହା ସିଦ୍ଧଥାଉ ପଛକେ, ଯଦି ଜଣେ ବ୍ୟକ୍ତି ମାନସିକ ଶାନ୍ତିର ଅନୁଶୀଳନ କରୁଥାଏ, ଯଦି ସେ ସ୍ଥିର, ଅନାସକ୍ତ ଓ ଶୁଦ୍ଧ ହୋଇଥାଏ, ଯଦି ସେ ନିଜେ ନିଜର ନିୟନ୍ତ୍ରଣକାରୀ ହୋଇପାରିଥାଏ, ଯଦି ସେ କେବେହେଲେ କୌଣସି ପ୍ରାଣୀର କୌଣସି ଅନିଷ୍ଟ ନ କରୁଥାଏ, ତେବେ ତାଙ୍କୁ ନିଶ୍ଚୟ ଜଣେ ବ୍ରାହ୍ମଣ ବୋଲି କୁହାଯିବ । ସେଇ ହେଉଛି ଯତି, ସେଇ ଭିକ୍ଷୁ ।

ସମ୍ପୂର୍ଣ୍ଣ ସ୍ୱଭାବରେ ମଣି ହୋଇଥିବା ଘୋଡ଼ାକୁ ଯେପରି ମୋଟେ ଚାବୁକ ମାରିବାକୁ ପଡ଼େ ନାହିଁ, ଠିକ୍ ସେହିପରି ଏହି ପୃଥିବୀରେ ଏପରି କେହି ଜଣେ ବ୍ୟକ୍ତି ଅଛି କି, ଯିଏ କି ସବୁ ଅପବାଦକୁ ସେପାଖକୁ ଗ୍ଭଲିଯାଇଛି, ଯିଏ ଆଦୌ କୌଣସି ପ୍ରକାରେ ନିନ୍ଦ୍ୟ ହୋଇ ରହି ନାହିଁ ?

ଶକ୍ତିମାନ୍ ଅଶ୍ୱ ପରି ତୁମେ ଆପଣା ଲକ୍ଷ୍ୟଟିକୁ ହାସଲ କରିବା ଲାଗି ସଦା ସତ୍ୱର ଏବଂ ଉତ୍ସାହିତ ହୋଇ ରହିଥିବ । ବିଶ୍ୱାସ ଓ ପୁଣ୍ୟ ଦ୍ୱାରା, ଶକ୍ତି, ଧ୍ୟାନବୃତ୍ତି, ସତ୍ୟାନୁସନ୍ଧାନ, ଜ୍ଞାନ ତଥା ଆଚରଣରେ ପରିପୂର୍ଣ୍ଣତା ଏବଂ ଅଟଳ ନିର୍ଭର ଦ୍ୱାରା ତୁମେ ନିଜ ଭିତରେ ସକଳ କଷ୍ଟଭୋଗକୁ ବିନଷ୍ଟ କରିଦିଅ ।

ଯେଉଁମାନେ ଜଳ ଲାଗି ବାଟ ତିଆରି କରି ଦିଅନ୍ତି, ସେମାନେ ଜଳକୁ ଯେଉଁଆଡ଼େ ଇଚ୍ଛା ସିଆଡ଼େ ନେଇଯାଇ ପାରନ୍ତି । ଯେଉଁମାନେ ବାଣ ତିଆରି କରନ୍ତି, ସେମାନେ ବାଣକୁ ସିଧା କରି ତିଆରି କରନ୍ତି । ବଢ଼େଇମାନେ କାଠକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେଇ ଗଢନ୍ତି; ମୁନି ଆପଣାକୁ ଆପଣାର ନିୟନ୍ତ୍ରଣ ଭିତରେ ରଖିବାକୁ ଚେଷ୍ଟା କରୁଥାଏ ।

ଏଗୁଡ଼ିକୁ ପଢ଼ିଲେ ମନେ ହେଉଥିବ ଯେତେ ଯେପରି ଏଗୁଡ଼ାକ ପ୍ରଧାନତଃ ଆଦିମ ସେହି କାଳର ଲୋକମାନଙ୍କ ପାଇଁ ଲେଖାହୋଇଥିଲା । ତୁମେ ଯଦି କାହାର କିଛି ଅନିଷ୍ଟ କଲ, ତେବେ ଗୋଟି ଗୋଟି କରି ଯେଉଁ ବିପଦମାନ ତୁମ ଉପରେ ଆସି ପଡ଼ିବ ବୋଲି କୁହାଯାଇଛି, ତାହା ବେଶ୍ ଆମୋଦଦାୟକ ହୋଇଛି ।

'oaob.nitrkl.ac.in' images reprocessed

ବୁଦ୍ଧଦେବ ଯେଉଁ କଥାଗୁଡ଼ିକୁ କହିଥିଲେ, ସେହିଗୁଡ଼ିକୁହିଁ ଏଠାରେ ପ୍ରକୃତରେ ଲିପିବଦ୍ଧ କରି ରଖାଯାଇଛି ବୋଲି ଯଦି ଗ୍ରହଣ କରାଯାଏ, ତେବେ ଏପରି ନିଶ୍ଚୟ ମନେ ହେବ ଯେ ତାଙ୍କୁ ଯେତେବେଳେ ଯେଉଁଭଳି ଲୋକମାନଙ୍କୁ ପ୍ରବଚନ କରିବାକୁ ପଡ଼ୁଥିଲା, ସେ ସେହି ଅନୁସାରେ ଆପଣା ପ୍ରବଚନଗୁଡ଼ିକର ଶବ୍ଦବିନ୍ୟାସକୁ ମଧ୍ୟ ବଦଳାଇ ଦେଉଥିଲେ । କୌଣସି ଔପଚାରିକ ଶିକ୍ଷା ନ ଥିବା ସାଧାରଣ ଗ୍ରାମ୍ୟ ଲୋକମାନଙ୍କୁ ଯଦି ତାଙ୍କୁ ପ୍ରବଚନ ଦେବାକୁ ପଡ଼ୁଥିଲା, ତେବେ ସେ ଅତ୍ୟନ୍ତ ନିତ୍ୟବ୍ୟବହାର୍ଯ୍ୟ ସ୍ଥୂଳ ଭାଷାରେହିଁ କଥା କହୁଥିଲେ, ସାଧାରଣ ଜୀବନରୁ ବ୍ୟାବହାରିକ ଓ ମୂର୍ତ୍ତି ନାନା ଉପମା ଦେଇ କଥାଗୁଡ଼ିକୁ କହୁଥିଲେ, ଯେପରିକି ସେହି ଲୋକମାନେ ତାଙ୍କ କଥାକୁ ଭଲ ଭାବରେ ବୁଝି ପାରିବେ । ଉପରେ ପ୍ରଦତ୍ତ ବାକ୍ୟଗୁଡ଼ିକ ଭିତରେ ଅତ୍ୟନ୍ତ ପରିମାଣରେ ଏକ ସ୍ତରଭେଦ ରହିଛି । ସେଥିରୁ କେତେଗୁଡ଼ିଏ ଭାରି ବିଖ୍ୟାତ ହୋଇ ଯାଇଛନ୍ତି; ଏଠାରେ ଉଦାହରଣ ସ୍ୱରୂପ ଶେଷ ବାକ୍ୟଟିକୁ ଗ୍ରହଣ କରାଯାଇପାରେ, ଯେଉଁଥିରେ କୁହାଯାଇଛି ଯେ ଜଣେ କାରିଗର ଯାହା କରିବାକୁ ଇଚ୍ଛା କରୁଛି, ସେହି ଅନୁସାରେହିଁ ଆପଣାର ବସ୍ତୁଟିକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେଇ ତିଆରି କରିଥାଏ । ଏବଂ, ଶେଷରେ ଯେଉଁ ପ୍ରଭାବଶାଳୀ ଉପସଂହାରଟି ଦିଆଯାଇଛି : ମୁନି ଆପଣାକୁ ଆପଣାର ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରୁଥାଏ ।

ଏଥିରୁ ପ୍ରକୃତରେ ଏହିପରି ଏକ ଧାରଣା ହୋଇଯାଏ ଯେ ସେହି ଯୁଗଟିର ତୁଳନାରେ ମଣିଷର ମାନସିକ ସ୍ତର ବର୍ତ୍ତମାନ ଅନେକ ବାଟ ଅଗ୍ରସର କରିଆସିଛି । ଏବେ ଭାବନା ଅଧିକ ଜଟିଳ ହୋଇଛି, ମନସ୍ତତ୍ତ୍ୱଗତ ବିଶ୍ଳେଷଣ ଅଧିକ ଗଭୀର ହୋଇଛି,—ଏତେଦୂର ଏସବୁ ହୋଇଛି ଯେ ଏହିସବୁ ଯୁକ୍ତି ପ୍ରାୟ ଅତ୍ୟନ୍ତ ପିଲାଳିଆ ଯୁକ୍ତି ପରି ମନେ ହେଉଛି । ମାତ୍ର ଯେତେବେଳେ ଆମେ ସେଗୁଡ଼ିକୁ ଜୀବନର ଆଚରଣରେ ଆଣି ଲଗାଇବାକୁ ମନ କରିବା, ସେତେବେଳେ ଯାଇ ଉପଲବ୍ଧି କରିପାରିବା ଯେ ଆମେ ଏବେ ମଧ୍ୟ ପ୍ରାୟ ସେହି ଗୋଟିଏ ସ୍ତରରେ ରହିଛୁ । ଏବଂ, ଯଦି ଭାବନାର କ୍ଷେତ୍ରରେ ଏକ ଅଗ୍ରଗତି ହୋଇଛି ବୋଲି କୁହାଯାଏ, ତେବେ ଜୀବନର କ୍ଷେତ୍ରରେ ସେହି ଭାବନାର ଆଚରଣ ଅଧିକ ଭଲ ହେବା ପରିବର୍ତ୍ତେ ବରଂ ଅଧିକ ନିମ୍ନ ସ୍ତରକୁହିଁ ଚାଲିଯାଇଛି । ଏବଂ ଏଠାରେ ଆମେ ଏକ ଶିଶୁସୁଲଭ ସରଳତା ରହିଥିବାର ବେଶ୍ ଲକ୍ଷ୍ୟ କରିପାରିବା, ଯାହାକୁ କି ଆମେ ଅଧିକତର ନିଶ୍ଚିତତା ସହିତ ସୁସ୍ଥତାଯୁକ୍ତ ବୋଲି କହିପାରିବା; କିମ୍ବା ତାର ଏପରି ଏକ ଅନୁପସ୍ଥିତି ପ୍ରତ୍ୟକ୍ଷ କରିବା, ଯାହାକି ବର୍ତ୍ତମାନ ମନୁଷ୍ୟଜାତିର ଜୀବନରୁ ଏକାବେଳକେ ଅନ୍ତର୍ହିତ ହୋଇଯାଇଛି ।

'oaob.nitrkl.ac.in' images reprocessed

ସେସବୁ କାଳରେ ଏପରି ଏକ ନୈତିକ ସୁସ୍ଥତା ବିଦ୍ୟମାନ ରହିଥିଲା, ଯାହାକି ବର୍ତ୍ତମାନ ସମ୍ପୂର୍ଣ୍ଣରୂପେ ଅନ୍ତର୍ହିତ ହୋଇଯାଇଛି । ଏହିସବୁ ଯୁକ୍ତି ଶୁଣିବା ବେଳକୁ ତୁମମାନଙ୍କୁ ହୁଏତ ହସ ମାଡ଼ୁଥିବ, ମାତ୍ର ଏଠାରେ ଶିକ୍ଷା ଦିଆଯାଇଥିବା କଥାଗୁଡ଼ିକୁ ଯଦି ଜୀବନରେ ଆଚରଣ କରିଯାଏ, ତେବେ ତାହା ସେ ଯୁଗ ତୁଳନାରେ ବର୍ତ୍ତମାନ ଆହୁରି ଅଧିକ କଷ୍ଟକର ହୋଇପଡ଼ିବ । ବର୍ତ୍ତମାନ ତ ଗୋଟାଏ ପ୍ରକାରର କପଟତା, ଛଳନା, ଧୂର୍ତ୍ତି ଦ୍ୱିବିଧବକତା ସତେଅବା ମଣିଷର ମନକୁ ଗୋଟାସୁଦ୍ଧା ଅଧିକାର କରିନେଉଥିବା ପରି ବୋଧ ହେଉଛି, ବିଶେଷ କରି ତା'ର ବଞ୍ଚିବାର ପ୍ରଣାଳୀଟିକୁ ଅଧିକାର କରିନେଇଛି ଏବଂ ଏକ ଅତ୍ୟନ୍ତ ଅନିଷ୍ଟକାରକ ଭାବରେ ମନୁଷ୍ୟମାନେ ଆପଣାକୁ ପ୍ରତାରିତ କରି ରଖିବାର ଉପାୟଟିକୁହିଁ ବେଶ୍ ଶିଖିଯାଇଛନ୍ତି ।

ସେହି ଯୁଗରେ ଜଣେ "କାହାରି କ୍ଷତି କର ନାହିଁ, କ୍ଷତି କଲେ ଦଣ୍ଡ ପାଇବ" ବୋଲି ହୁଏତ ବେଶ୍ କହି ପାରୁଥିଲା । ମଣିଷମାନଙ୍କର ହୃଦୟ ଏବଂ ମନ ଭାରି ସରଳ ଥିଲା ଏବଂ ଜଣେ "ନାହିଁ, କାହାରି ଅନିଷ୍ଟ ନ କରିବା ପ୍ରକୃତରେ ଭଲ, କାରଣ ମୁଁ କାହାରି ଅନିଷ୍ଟ କଲେ ମୋତେ ସେଥିଲାଗି ଦଣ୍ଡ ଭୋଗିବାକୁ ପଡ଼ିବ" ବୋଲି ମଧ୍ୟ କହିପାରୁଥିଲା । ମାତ୍ର, ବର୍ତ୍ତମାନ ତ ଗୋଟାଏ ବ୍ୟଙ୍ଗପୂର୍ଣ୍ଣ ହସ ହସି ତୁମେ ହୁଏତ କହି ବସିବ, "ହେଲା ଏବେ, ତେବେ ମୁଁ ଦଣ୍ଡରୁ ରକ୍ଷା ପାଇବାର ଗୋଟାଏ ବାଟ ବି ବାହାର କରିଦେଇ ପାରିବି !"

ମାନସିକ ସାମର୍ଥ୍ୟରେ ବୃଦ୍ଧି ଘଟିଥିଲା ପରି ମନେ ହେଉଛି, ମନର ଶକ୍ତି ଅଧିକ ବିକଶିତ ହୋଇଥିଲା ପରି ବୋଧ ହେଉଛି, ମଣିଷମାନେ ବସ୍ତୁଗୁଡ଼ିକୁ ନେଇ ଅଧିକ ଚତୁର ଭାବରେ ଖେଳ ପାରିବାକୁ ବେଶ୍ ସମର୍ଥ ହୋଇଛନ୍ତି, ସେମାନଙ୍କର ହୁଏତ ଯାବତୀୟ ମନୋଗତ ତତ୍ତ୍ୱ ଓ ସିଦ୍ଧାନ୍ତ ଉପରେ ଚମତ୍କାର ମାନସିକ କର୍ତ୍ତୃତ୍ୱ ବି ରହିଛି; ମାତ୍ର ତାହା ସହିତ ଏଣେ, ସେକାଳରେ ଯେଉଁ ମଣିଷମାନେ ପ୍ରକୃତିର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ବାସ କରୁଥିଲେ ଏବଂ ବସ୍ତୁର-ଗୁଡ଼ିକୁ ନେଇ କପରି ଖେଳ ଖେଳିବାକୁ ହୁଏ ସେକଥା ଏତେ ଅଧିକ ପରିମାଣରେ ଆଦୌ ଜାଣି ନ ଥିଲେ, ଏକାଳର ମଣିଷମାନେ ସେମାନଙ୍କର ସେହି ସରଳ ଏବଂ ସୁସ୍ଥ ନିଷ୍କପଟତାଟିକୁ ପ୍ରକୃତରେ ହରାଇ ବସିଛନ୍ତି । ଏହିପରି ଭାବରେ ମନୁଷ୍ୟ-ସମାଜ ସମଗ୍ରତଃ ବର୍ତ୍ତମାନ ଏକ ଅତ୍ୟନ୍ତ ବିପଜ୍ଜନକ ମୋଡ଼ ଉପରେ ଆସି ପହଞ୍ଚିଛି ବୋଲି ବୋଧ ହେଉଛି । ଯେଉଁମାନେ ଏହି ସାଧାରଣ ଜୀବନବିକୃତିଟିର ଏକ ସମାଧାନ ବାହାର କରିବାକୁ ଚେଷ୍ଟା କରୁଛନ୍ତି, ସେମାନେ ଆମେ ପୂର୍ବକାଳର ସେହି ସରଳତା ମଧ୍ୟକୁ ପୁନର୍ବାର ଫେରିଯିବା ବୋଲି ପ୍ରଚାର କରୁଛନ୍ତି ସତ, ମାତ୍ର

'oaob.nitrkl.ac.in' images reprocessed

ତାହା ଯେ ଏକାନ୍ତ ଅସମ୍ଭବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ତୁମେ ଇଚ୍ଛା କଲେ ମଧ୍ୟ କଦାପି ପଛକୁ ଫେରିଯାଇ ପାରିବ ନାହିଁ ।

ଆମକୁ ଆହୁରି ଆଗକୁ ଯିବାକୁ ପଡ଼ିବ, ଅଗ୍ରଗତି ହିଁ କରିବାକୁ ହେବ ଏବଂ ଉଚ୍ଚତର ଶିଖରଗୁଡ଼ିକର ଆରୋହଣ କରିବାକୁ ପଡ଼ିବ । ସୁଖ ଏବଂ ବ୍ୟକ୍ତିଗତ ମଙ୍ଗଳସାଧନାର ଯେଉଁ ଶୁଷ୍କ ଅନ୍ୱେଷଣ ବର୍ତ୍ତମାନ ଚାଲିଛି, ଆମକୁ ତା'ର ଆହୁରି ସେପାଖକୁ ଯିବାକୁ ହେବ । କୌଣସି ଦଣ୍ଡର ଭୟ ଦ୍ୱାରା ପ୍ରେରିତ ହୋଇ ଯେ ଆମେ ସେକଥା କରିବା, ତାହା ଆଦୌ ନୁହେଁ; ଏପରିକି ମୃତ୍ୟୁ ପରେ ମଧ୍ୟ ଦଣ୍ଡ ଭୋଗିବାର ଭୟରେ ଆମେ ତାହା କରିବା ନାହିଁ । ଆମ ଭିତରେ ସୌନ୍ଦର୍ଯ୍ୟର ଏକ ନୂତନ ବୋଧ ବିକଶିତ ହେବ, ସତ୍ୟ ଏବଂ ଆଲୋକ ଲାଗି ଆମ ଭିତରେ ଏକ ନୂତନ ତୃଷ୍ଣା ଜାଗ୍ରତ ହେବ,—ଏବଂ ତାହାରି ଦ୍ୱାରା ଅନୁପ୍ରେରିତ ହୋଇହିଁ ଆମେ ତାହା କରିବା । ଆପଣାକୁ ଅଧିକ ପ୍ରଶସ୍ତ କରିଦେଇ ପାରିଲେ, ଆପଣାକୁ ଆଲୋକିତ କରିଦେଇ ପାରିଲେ ଏବଂ ଅଗ୍ରଗତି ଲାଗି ସେହି ଉତ୍ସାହମୟ ଆକାଙ୍କ୍ଷା ଦ୍ୱାରା ଉଦ୍ଦୀପ୍ତ ହୋଇ ଉଠିଲେ ଯେଉଁ ଯଥାର୍ଥ ବୋଧଟି ସମ୍ଭବ ହୋଇଥାଏ, ତାହାରି ଦ୍ୱାରାହିଁ ଆମେ ସମଗ୍ର ଶାନ୍ତି ତଥା ସ୍ଥାୟୀ ସୁଖ ଉଭୟକୁ ଲାଭ କରିପାରିବା ।

ତେଣୁ ଉପରକୁ ଉଠିଯିବାକୁ ହେବ, ଆପଣାକୁ ପ୍ରଶସ୍ତ କରିଦେବାକୁ ହେବ; — ହଁ, ଉପରକୁ ଉଠିଯିବାକୁ ହେବ···ଏବଂ ପ୍ରଶସ୍ତ କରିଦେବାକୁ ହେବ ।

୧୮ ଏପ୍ରିଲ, ୧୯୫୮

'oaob.nitrkl.ac.in' images reprocessed

ଜରା

ଏହି ପୃଥିବୀ ଯେତେବେଳେ ଅନୁକ୍ଷଣ ଖାଲି ଜଳିବାରେହିଁ ଲାଗିଛି, ତେବେ ଏହି ଆନନ୍ଦ କାହିଁକି ? ତୁମେ, ଯିଏକି କେବଳ ନାନା ତୃଷ୍ଣା ଦ୍ୱାରାହିଁ ସମାଚ୍ଛନ୍ନ ହୋଇ ରହିଛ, ତୁମେ କାହିଁକି ଆଲୋକର ଅନୁସନ୍ଧାନ କରୁ ନାହଁ କହିଲ ?

ତେବେ ସଜ୍ଜିତ ହୋଇ ରହିଥିବା ଏହି ଯାନ ଦେହଟି ଆଡ଼କୁ ଦୃଷ୍ଟିପାତ କର, ନାନା ଛିଦ୍ରିଷ୍ଟ ଉପାଦାନର ଏହି ପିଣ୍ଡଟି ଆଡ଼କୁ ଅନାଇ ଦେଖ । କେତେ କେତେ ଅଶକ୍ତତା ଏବଂ ବୃଥା ବାସନା ଦେଇ ଗଢ଼ା ହୋଇଥିବା ପିଣ୍ଡଟି ଭିତରେ ପ୍ରକୃତରେ ସ୍ଥାୟୀ ଏବଂ ସ୍ଥିର ବୋଲି ଆଉ କ'ଣ ରହିଛି କହିଲ ?

ଏହି କ୍ଷଣଭଙ୍ଗୁର ଶରୀର ନାନା ଦୁଃଖଭୋଗ, ନାନା ଜର୍ଜରତା ଏବଂ ବିକାରଗ୍ରସ୍ତତାରହିଁ ଏକ ନୀଡ଼ ହୋଇ ରହିଛି । କାରଣ, କେବଳ ସେହି ମୃତ୍ୟୁରେହିଁ ଜୀବନର ଅନ୍ତ ହୋଇଯାଉଛି ।

ଶୁଖିଲା ରସ୍ତାରେ ସବୁଆ ସବୁଆ ଲାଉ ପରି ଏଣେତେଣେ ହୋଇ ପଡ଼ିଥିବା ଏହି ଧଳା ଧଳା ହାଡ଼ କେତେଖଣ୍ଡ ବିଷୟରେ ଭାବିବାରେ ବ୍ୟସ୍ତ ରହି ତୁମେ ପ୍ରକୃତରେ କେଉଁ ସୁଖ ପାଉଛ କହିଲ ?

ମାଂସ ଏବଂ ରକ୍ତର ଆବରଣ ତଳେ ହାଡ଼ର ତିଆରି ଏହି ଯେଉଁ ଦୁର୍ଗଟି ରହିଛି, ସେଥିରେ କେବଳ ଗର୍ବ ଓ ଦ୍ୱେଷ, ବିଲୟ ଏବଂ ମୃତ୍ୟୁହିଁ ପ୍ରତିଷ୍ଠିତ ହୋଇ ରହିଛନ୍ତି ।

ରାଜାମାନଙ୍କର କେଡ଼େ ଆଡ଼ମ୍ବର ସହିତ ସଜାହୋଇ ରହିଥିବା ରଥମାନ ମଧ୍ୟ ଶେଷକୁ ପୁରୁଣା ଓ ଦଦରା ହୋଇଯାଉଛି । ଆମର ଏହି ଶରୀର ବିଷୟରେ ମଧ୍ୟ ଠିକ୍ ସେହିକଥା କୁହାଯାଇ ପାରିବ । ଏହି ଶରୀର ମଧ୍ୟ ବୟସକ୍ରମେ ପୁରୁଣା ଓ ଦଦରା ହୋଇଯିବ । ମାତ୍ର ଯଥାର୍ଥ ଧର୍ମବିଧାନ କେବେହେଲେ ପୁରୁଣା ହେବ ନାହିଁ ଏବଂ ତେଣୁ ଜଣେ ମୁନିଙ୍କ ହାତରୁ ତାହା ଆଉଜଣେ ମୁନିଙ୍କ ପାଖକୁ ହସ୍ତାନ୍ତରିତ ବ ହୋଇ ପାରିବ ।

'oaob.nitrkl.ac.in' images reprocessed

ଅଜ୍ଞାନ ଭିତରେ ବୁଢ଼ା ହୋଇଥିବା ବ୍ୟକ୍ତି ଠିକ୍ ଗୋଟାଏ ବଳଦ ପରି ବୁଢ଼ା ହେବାରେ ଲାଗିଥାଏ ; ତା' ଦେହର ଓଜନ ବଢ଼ୁଥାଏ ସିନା, ମାତ୍ର ବୁଦ୍ଧିରେ ଆଦୌ କୌଣସି ବୃଦ୍ଧି ହେଉ ନ ଥାଏ ।

ଏହି ଗୃହଟିର ନିର୍ମାତାଙ୍କର ସନ୍ଧାନ କରି ମୁଁ କେତେକେତେ ଜନ୍ମର ଚକଟି ମଧ୍ୟଦେଇ ବୃଥା ଭ୍ରମିବାରେ ଲାଗିଲି । ଏବଂ ଜନ୍ମ-ଗୁଡ଼ିକର ଏହି ଚକଟି ପ୍ରକୃତରେ କେତେ ବେଶୀ ଯନ୍ତ୍ରଣାଦାୟକ ନ ହେଲା !

ହେ ନିର୍ମାତା, ଶେଷକୁ ମୁଁ ତୁମର ସାକ୍ଷାତ୍ ଲାଭ କରିପାରିଛି । *ମୋର ଏହି ଶରୀରରୂପୀ ଗୃହଟିକୁ ତୁମେ ଆଉ କଦାପି ଗଢ଼ିବାକୁ* ଯିବ ନାହିଁ । ଏହି ଗୃହର ସବୁଯାକ ଖୁଅ ଓ ଶେଣି କେବଳ ଛିନ୍ନଭିନ୍ନ ହୋଇ ପଡ଼ିଛି ଓ ଛାତର ମଥାନଟି ମଧ୍ୟ ତଳକୁ ଅଜାଡ଼ି ହୋଇ ପଡିଲଣି । ମୋ'ର ବନ୍ଧନମୁକ୍ତ ମନ ଯାବତୀୟ ବାସନାର କ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ନିର୍ବାପନର ଉପଲବ୍ଧି କରିପାରିଛି ।

ଯେଉଁମାନେ ଆତ୍ମନିୟନ୍ତ୍ରଣର ଏକ ଜୀବନକୁ ବଞ୍ଚିପାରି ନାହାନ୍ତି ଏବଂ ଆପଣାର ଯୌବନ ଅବସ୍ଥାରେ ଯେଉଁମାନେ ଯଥାର୍ଥ ସମ୍ପଦଗୁଡ଼ିକର କପରି ସଂଚୟ କରିବାକୁ ହୁଏ, ସେ ବିଷୟରେ କିଛି ଜ୍ଞାନଲାଭ କରି ନାହାନ୍ତି, ସେମାନେ ଆହାର ଲାଗି କୌଣସି ମତ୍ସ୍ୟ ନ ପାଇ ହ୍ରଦ କୂଳରେ ମରିଯାଉଥିବା ବୁଢ଼ା ବଗମାନଙ୍କ ପରିହିଁ ବିନଷ୍ଟ ହୋଇଯାଆନ୍ତି ।

ଯେଉଁମାନେ ଆତ୍ମ-ନିୟନ୍ତ୍ରଣର ଏକ ଜୀବନକୁ ବଞ୍ଚିପାରି ନାହାନ୍ତି ଏବଂ, ଆପଣାର ଯୌବନ ସମୟରେ, ଯେଉଁମାନେ ଯଥାର୍ଥ ସମ୍ପଦଗୁଡ଼ିକର କପରି ସଂଗ୍ରହ କରିବାକୁ ହୁଏ, ସେବିଷୟରେ କୌଣସି ଜ୍ଞାନଲାଭ କରିପାରି ନାହାନ୍ତି, ସେମାନଙ୍କୁ ଆମେ ଗୁଣ ଛୁଡ଼ିଯାଇଥିବା ଧନୁର ସମତୁଲ ବୋଲିହିଁ ଜାଣିବା । ଆପଣାର ହୃତ ଶକ୍ତି ବିଷୟରେ ସେମାନେ କେବଳ ଶୋଚନାହିଁ କରୁଥାଆନ୍ତି ।

ଗୋଟିଏ କଥାକୁ ଆମେ ନିଶ୍ଚିତ ଭାବରେ ଜାଣିରଖିବା, ଯେଉଁଟିକୁ କି ଏଠାରେ ଆଦୌ ପରିଷ୍କାର ଭାବରେ ବୁଝାଯାଇ ନାହିଁ । ମାତ୍ର ମୁଁ ସେହି କଥାଟିକୁ ଅବଶିଷ୍ଟ ସବୁଗୁଡ଼ିକ ସହିତ ସମାନ ଭାବରେ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାରୁଛି । ସେହି

'oaob.nitrkl.ac.in' images reprocessed

କଥାଟି ହେଉଛି, ବୟସ ବଢ଼ିଲେ ଯେଉଁ ବାର୍ଦ୍ଧକ୍ୟ ଆସି ପହଞ୍ଚେ, ତାହା ଅପେକ୍ଷା ଅଧିକ ବିପଜ୍ଜନକ ଏବଂ ଅଧିକ ବାସ୍ତବସତ୍ୟଯୁକ୍ତ ଆଉ ଏକ ବାର୍ଦ୍ଧକ୍ୟ ମଧ୍ୟ ରହିଛି : ସେଇଟି ହେଉଛି ବୃଦ୍ଧିଲାଭ କରିବାର ଅସମର୍ଥତା, ଆଗକୁ ଯିବାର ଅସମର୍ଥତା ।

ତୁମର ଆଗକୁ ଯିବା ଯେମିତି ବନ୍ଦ ହୋଇଯାଏ, ଜୀବନରେ କୌଣସି ଅଗ୍ରଗତି ନ କରି ତୁମେ ଯେମିତି ଅଧ ବାଟରେ ଅଟକି ରହିଯାଅ, ଆପଣାକୁ ଆହୁରି ଅଧିକ ଭଲ କରି ତିଆରି କରିବାର ତୁମ ପ୍ରୟାସଟି ଯେମିତି ବନ୍ଦ ହୋଇଯାଏ, ଅଧିକ ଅର୍ଜନ କରିବା ଓ ଅଧିକ ଅଭିବୃଦ୍ଧି ଘଟାଇବା ଯେମିତି ବନ୍ଦ ହୋଇଯାଏ, ଆପଣାର ଜୀବନରେ ଅଧିକରୁ ଅଧିକ ପରିବର୍ତ୍ତନ ସମ୍ଭବ କରିବା ଯେମିତି ବନ୍ଦ ହୋଇଯାଏ, ସେତେବେଳେ ତୁମେ ପ୍ରକୃତରେ ବୁଢ଼ା ହେବାକୁ ଆରମ୍ଭ କର, ଅର୍ଥାତ୍ ତୁମେ ସମ୍ପୂର୍ଣ୍ଣ ବିଘଟନ ଅଭିମୁଖରେ ତଳକୁ ତଳକୁ ଖସି ଗଳିଯିବାରେ ଲାଗିଥାଅ ।

ଏମିତି ଅନେକ ଯୁବାବସ୍ଥାର ବ୍ୟକ୍ତି ଅଛନ୍ତି ଯେଉଁମାନେ କି ବୁଢ଼ା ହୋଇଗଲେଣି ଏବଂ ଏପରି ଅନେକ ବୃଦ୍ଧ ବି ଅଛନ୍ତି, ଯେଉଁମାନଙ୍କର ଯୁବାବସ୍ଥା ଏବେ ବି ରହିଛି । ଯଦି ଅଗ୍ରଗତି କରିବାର ଏହି ବହ୍ନିଶିଖାଟିକୁ ତୁମେ ପ୍ରକୃତରେ ଆପଣା ଭିତରେ ବହନ କରୁଥାଅ, ନିଜ ଜୀବନରେ ଆହୁରି ଅଧିକରୁ ଅଧିକ ପରିବର୍ତ୍ତନ ଘଟାଇବାର ଶିଖାଟିକୁ ନିଜ ଭିତରେ ପ୍ରଜ୍ୱଳିତ କରି ରଖିଥାଅ, ଏକ ସୁନିଶ୍ଚିତ ଏବଂ ସୁସାବଧାନ ଏକ ପଦକ୍ଷେପ ସହିତ ଆଗକୁ ଯାଇପାରିବା ଲାଗି ତୁମେ ସବୁକିଛିକୁ ପଛରେ ପକାଇ ଚାଲି ଯିବା ଲାଗି ପ୍ରସ୍ତୁତ ହୋଇ ଯଦି ବାହାରିଥାଅ, ଯଦି ଏକ ନୂତନ ଅଗ୍ରଗତି ନିମିତ୍ତ ତୁମେ ଆପଣାକୁ ସର୍ବଦା ଉନ୍ମୁକ୍ତ କରି ରଖିଥାଅ, ଏକ ନୂତନ ଅଭିବୃଦ୍ଧି ଏବଂ ନୂତନ ପରିବର୍ତ୍ତନ ଲାଗି ଉନ୍ମୁକ୍ତ କରି ରଖିଥାଅ, ତେବେ ତୁମେ ଏକ ଚିରନ୍ତନ ତାରୁଣ୍ୟର ଅଧିକାରୀ ହୋଇ ରହିଛ ବୋଲି ଅବଶ୍ୟ କୁହାଯିବ । ମାତ୍ର, ଅନ୍ୟ ପକ୍ଷରେ, ଯେତିକି ହାସଲ ହୋଇ ପାରିଛି, ସେତିକିରେ ସନ୍ତୁଷ୍ଟ ହୋଇ ତୁମେ ଯଦି ପଛକୁ ବସି ରହିବା ଲାଗି ମନ କରୁଥାଅ, ତୁମେ ତୁମର ଲକ୍ଷ୍ୟରେ ଯାଇ ପହଞ୍ଚି ସାରିଲଣି ଏବଂ ଏଥର ଆପଣା ପ୍ରୟାସଗୁଡ଼ିକର ଫଳଟିକୁ ଉପଭୋଗ କରିବା ବ୍ୟତୀତ ତୁମର ଆଉ କିଛି ହେଲେ କରିବାର ନାହିଁ ବୋଲି ଯଦି ତୁମ ଭିତରେ ଏପରି କୌଣସି ଅନୁଭୂତି ଆସୁଥାଏ, ତେବେ କହିବାକୁ ହେବ ଯେ ତୁମ ଶରୀରର ଅଧେ ଅଂଶହିଁ ଇତିମଧ୍ୟରେ ସମାଧିମନ୍ଦିରରେ ପୀଠସ୍ଥ ହୋଇ ରହିସାରିଲଣି । ତାହାହିଁ ଜର୍ଜରତା ଓ ବାର୍ଦ୍ଧକ୍ୟ, ପ୍ରକୃତରେ ତାହାକୁହିଁ ଅସଲ ମୃତ୍ୟୁ ବୋଲି କୁହାଯିବ ।

'oaob.nitrkl.ac.in' images reprocessed

ଯାହାକିଛି ସମ୍ପାଦିତ ହୋଇସାରିଛି, ସମ୍ପାଦନ କରିବାକୁ ବାକି ରହିଥିବା କାର୍ଯ୍ୟଗୁଡ଼ିକର ତୁଳନାରେ ତାହା ପ୍ରକୃତରେ କିଛି ନୁହେଁ ।

ତେଣୁ ଆଉ ପଛକୁ ଅନାଇ ରହ ନାହିଁ । ଆଗକୁହିଁ ଦୃଷ୍ଟିପାତ କର; ସର୍ବଦା ସେହି ଆଗକୁହିଁ ଅନାଅ ଏବଂ ନିରନ୍ତର କେବଳ ଆଗକୁହିଁ ଯିବାରେ ଲାଗିଥାଅ ।

୨୫ ଏପ୍ରିଲ୍, ୧୯୫୮

'oaob.nitrkl.ac.in' images reprocessed

ଅତ୍ତଂ

ଯଦି କୌଣସି ବ୍ୟକ୍ତି ଆପଣାକୁ ଆପଣାର ପ୍ରିୟ ବୋଲି ଭାବୁଥାଏ, ତେବେ ନିଜ ଉପରେ ତା'ର ଉତ୍ତମ ପହରା ରହିଥିବା ଉଚିତ। ଆପଣା ଜୀବନର ତିନି ଅବସ୍ଥା (ଯୌବନ, ପ୍ରୌଢ଼ାବସ୍ଥା ଓ ବାର୍ଦ୍ଧକ୍ୟ) ରୁ ଗୋଟିକର ମଧ୍ୟଦେଇ ଜଣେ ମୁନିକୁ ଆପଣା ଉପରେ ପହରା ଦେବାକୁ ପଡ଼ିବ।

ସର୍ବପ୍ରଥମେ ଆପଣାକୁ ଯଥାର୍ଥ ମାର୍ଗରେ ଆଣି ପ୍ରତିଷ୍ଠିତ କରିବାକୁ ପଡ଼ିବ। ତା'ପରେ ଯାଇ ସେ ଅନ୍ୟମାନଙ୍କୁ ମଧ୍ୟ ସେହି ବିଷୟରେ ପରାମର୍ଶ ଦେଇପାରିବ। ଏହିପରି ଭାବରେ ଜଣେ ମୁନି ସକଳ ପ୍ରକାର ଅପବାଦର ଊର୍ଦ୍ଧ୍ୱରେହିଁ ରହିଥାଏ।

ଜଣେ ବ୍ୟକ୍ତି ଅନ୍ୟମାନଙ୍କୁ ଯେଉଁ ବିଷୟରେ ଶିକ୍ଷା ଦେଉଛି, ଯଦି ସେ ସ୍ୱୟଂ ତାହାର ଆଚରଣ କରୁଥାଏ ଏବଂ ସ୍ୱୟଂ ସେହି ବିଷୟରେ ନିପୁଣ ହୋଇ ରହିଥାଏ, ତେବେଯାଇ ସେ ଅନ୍ୟମାନଙ୍କୁ ଉତ୍ତମ ରୂପେ ପଥପ୍ରଦର୍ଶନ କରିପାରିବ। କାରଣ, ପ୍ରକୃତ କଥା କହିବାକୁ ଗଲେ, ନିଜ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ସମ୍ଭବ କରିବା ହେଉଛି ଖୁବ କଷ୍ଟକର।

ପ୍ରକୃତ କଥା କହିବାକୁ ଗଲେ, ତୁମେ ନିଜେହିଁ ନିଜର ମାଲିକ ଓ ନିୟନ୍ତ୍ରଣକର୍ତ୍ତା; କାରଣ ତୁମକୁ ଛାଡ଼ି ଏହି କ୍ଷେତ୍ରରେ ପ୍ରକୃତରେ ଆଉ କିଏ ନିୟନ୍ତ୍ରଣକାରୀ ହୋଇ ପାରିବ? ନିଜ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରିପାରିଲେ ତଦ୍ୱାରା ଯେଉଁ ନିୟନ୍ତ୍ରଣଶକ୍ତି ସମ୍ଭବ ହୋଇଥାଏ, ତାହା ହାସଲ କରିବା ପ୍ରକୃତରେ କଷ୍ଟକର।

ଜଣେ ନିବୋଧ ବ୍ୟକ୍ତି ସ୍ୱୟଂ ଯେଉଁ ମନ୍ଦ କାର୍ଯ୍ୟଟିକୁ କରିଥାଏ, ଯେଉଁ ମନ୍ଦକାର୍ଯ୍ୟଟି ତା' ନିଜଠାରୁ ନିଷ୍ପନ୍ନ ହୋଇଥାଏ ଏବଂ ସର୍ବପ୍ରଥମେ ତାହାର ଭିତରେହିଁ ଆରମ୍ଭ ହୋଇଥାଏ, ହୀରା କୌଣସି ଏକ କଠିନ ମୋତିକୁ ଖଣ୍ଡ ଖଣ୍ଡ କରି ଚୂନା କରିଦେବା ଭଳି ସେହି ମନ୍ଦ କାର୍ଯ୍ୟଟି ତାକୁ ପ୍ରକୃତରେ ଖଣ୍ଡ ଖଣ୍ଡ କରି ଚୂନା କରିଦିଏ।

'oaob.nitrkl.ac.in' images reprocessed

ଶାଲଗଛକୁ ଆଶ୍ରୟ କରି ଲତା ଯେପରି ମାଡ଼େ, ଠିକ୍ ସେହିପରି, ଯିଏ ଆପଣା ମନ୍ଦକୃତିର ଜାଲ ଭିତରେ ଫାଶ ପଡ଼ି ରହିଥାଏ, ସିଏ ଆପଣାର ଅନେକ କ୍ଷତି କରିଥାଏ । ତା'ର ଶତ୍ରୁ ତା'ର ଯେଉଁ କ୍ଷତି କରିବ ବୋଲି ଇଚ୍ଛା କରିଥାଏ, ସିଏ ନିଜେହିଁ ନିଜର ସେହି କ୍ଷତିଟିକୁ କରିଥାଏ ।

ନିଜର ନିଜେ କ୍ଷତି ଘଟାଇବା ଓ ଅନର୍ଥ କରିବା ବଡ଼ ସହଜ ପଥ, ମାତ୍ର ଯାହା ଭଲ ଓ ଲାଭଦାୟକ, ତାହା କରିପାରିବା ପ୍ରକୃତରେ କେତେ କଷ୍ଟକର !

ଆପଣାର ଅବିବେଚିତ ମତଗୁଡ଼ିକ ସକାଶେ ଯେଉଁ ନିର୍ବୋଧ ବ୍ୟକ୍ତି ପ୍ରବୀଣମାନଙ୍କର ଶିକ୍ଷାଗୁଡ଼ିକୁ ବର୍ଜନ କରେ, ଉଦାର ତଥା ନ୍ୟାୟପରାୟଣ ବ୍ୟକ୍ତିମାନଙ୍କର ଶିକ୍ଷାକୁ ପ୍ରତ୍ୟାଖ୍ୟାନ କରେ, ସିଏ ତା'ର ଆପଣା ବିନାଶକୁହିଁ ସ୍ୱୟଂ ଡାକି ନେଇଆସେ; ବାଉଁଶ ଗଛର ଫଳ ଯେପରି ବାଉଁଶ ଗଛକୁ ମାରିଦିଏ, ଠିକ୍ ସେହିପରି ।

ମନ୍ଦ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ଆପଣାରହିଁ କ୍ଷତି କରିଥାଏ । ମନ୍ଦକୁ ଏଡ଼ିବା ଦ୍ୱାରା ମନୁଷ୍ୟ ଆପଣାକୁ ଶୁଦ୍ଧ ରଖିବାରେ ସମର୍ଥ ହୁଏ । ତେଣୁ ଶୁଦ୍ଧତା ଓ ଅଶୁଦ୍ଧତା ଦୁଇଟିଯାକ ଆମ ନିଜ ଉପରେହିଁ ନିର୍ଭର କରୁଛି । ଜଣେ ବ୍ୟକ୍ତି ଆଉ ଜଣେ ବ୍ୟକ୍ତିକୁ କଦାପି ଶୁଦ୍ଧ କରିଦେଇ ପାରିବ ନାହିଁ ।

ଯେଉଁଥିରେ ଆପଣାର ସର୍ବୋଚ୍ଚ ହିତ ହେବ, ସିଏ ଯେତେ ବଡ଼ ହୋଇଥାଉ ପଛକେ, ଆଉଜଣକର ଅନୁଗମନ କରିବ ବୋଲି କେହି ଯେପରି ସେଇଟି ପ୍ରତି କୌଣସି ଅବହେଳା ନ ଦେଖାଏ ! ତା' ଆପଣା ଆଚରଣର ସର୍ବୋତ୍ତମ ମାର୍ଗଟିକୁ ପରିଷ୍କାର ଭାବରେ ଜାଣି ସିଏ କଦାପି ସେଥିରୁ ବିଚ୍ୟୁତ ହୋଇଯିବ ନାହିଁ ।

ଏଠାରେ ଅହଂ ଅପେକ୍ଷା ଅହଙ୍କାର ବିଷୟରେହିଁ ଅଧିକ ଚର୍ଚ୍ଚା ହୋଇଥିଲି ପରି ମନେ ହେଉଛି ।

ଅହଂକାରର ସଂଶୋଧନ କରିପାରିବା ହେଉଛି ଅପେକ୍ଷାକୃତ ଅଧିକ ସହଜ । କାରଣ, ଅହଂକାର କହିଲେ ଯେ କ'ଣ ବୁଝାଏ, ସେକଥା ପ୍ରତ୍ୟେକ ବ୍ୟକ୍ତି ଜାଣିଛନ୍ତି । ଯଦି ଜଣେ ବ୍ୟକ୍ତି ସେହି କଥାଟିକୁ ପ୍ରକୃତରେ ଇଚ୍ଛା କରୁଥାଏ ଏବଂ ତାହା କରିବା ଲାଗି ଦୃଢ଼ସଂକଳ୍ପ ହୋଇଥାଏ, ତେବେ ତାହାକୁ ଭାରି ସହଜରେ

'oaob.nitrkl.ac.in' images reprocessed

ଆବିଷ୍କାର କରାଯାଇ ପାରିବ ଏବଂ ଖରି ସହଜରେ ତାହାର ସଂଶୋଧନ ବି କରାଯାଇ ପାରିବ ।

ମାତ୍ର, ଅହଂର ପତ୍ତା ପାଇବା ଅପେକ୍ଷାକୃତ ଅଧିକ କଷ୍ଟକର, କାରଣ, ଅହଂ କହିଲେ ଯେ ପ୍ରକୃତରେ କ'ଣ ବୁଝାଏ, ତାହା ହୃଦୟଙ୍ଗମ କରି ପାରିବାକୁ ହେଲେ ବସ୍ତୁତଃ ତା'ଭିତରୁ ପୂର୍ବରୁହିଁ ଆପଣାକୁ ବାହାର କରି ଆଣିବାକୁ ପଡ଼ିଥାଏ । ତା' ନ ହେଲେ ଅହଂକୁ ଖୋଜି ପାଇବା ଆଦୌ ସମ୍ଭବ ହୁଏ ନାହିଁ । ତୁମେ ତ ସ୍ୱୟଂ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ, ସବୁଠାରୁ ଅଧିକ ବହିଃସ୍ତରୀୟଠାରୁ ଆରମ୍ଭ କରି ସବୁଠାରୁ ଅଧିକ ଅନ୍ତଃସ୍ତରୀୟ ପର୍ଯ୍ୟନ୍ତ, ଜଡ଼-ସୋପାନରୁ ଆଧ୍ୟାତ୍ମିକ ପର୍ଯ୍ୟନ୍ତ ତୁମେ ଗୋଟାପୁଣା ସେହି ଅହଂର ଛାଞ୍ଚରେ ପଡ଼ିହିଁ ତିଆରି ହୋଇଥାଅ, ସେହି ଅହଂଟି ଭିତରେହିଁ ବୁଡ଼ି ରହିଥାଅ । ସେହି ଅହଂ ସବୁଟି ଭିତରେ ଏପରି ମିଶିକରି ରହିଥାଏ ଯେ, ତାହା ଯେ ପ୍ରକୃତରେ କ'ଣ ସେବିଷୟରେ ତୁମେ ଆଦୌ ସଜ୍ଞାନ ହୋଇ ରହି ନ ଥାଅ ।

ଆପଣାକୁ ଜଣେ ବ୍ୟକ୍ତିରୂପେ ପ୍ରତିଷ୍ଠା କରିବାରେ ଅହଂ ଆମର ସହାୟତା କରିଥାଏ, ସେହି ଅହଂହିଁ ଆମେ ଏକ ଦିବ୍ୟ ସତ୍ତାରେ ପରିଣତ ହେବାରେ ଏକ ଅନ୍ତରାୟ ହୋଇ ଠିଆ ହୋଇଥାଏ । ହଁ, ଏହା ପ୍ରକୃତରେ ସେହିପରି ହୋଇଥାଏ । ସେହି ଦୁଇଟିଯାକ କଥାକୁ ଏକାଠି କରିଦେଲେ ଆମେ ଯାହା ପାଇବା, ତାହାକୁହିଁ ଅହଂର ସ୍ୱଭାବ ବୋଲି ଜାଣିବା । ଏହି ପୃଥିବୀର ସଂଗଠନ ଯେପରି ଭାବରେ ହୋଇଛି, ଅହଂ ବ୍ୟତୀତ ଏଠି ବ୍ୟକ୍ତି ବୋଲି ଆଉ କିଛିହେଲେ ରହନ୍ତା ନାହିଁ ଏବଂ ଏଣେ ଅହଂ ରହିଥିବା ପର୍ଯ୍ୟନ୍ତ ପୃଥିବୀ କଦାପି ଏକ ଦିବ୍ୟ ପୃଥିବୀରେ ପରିଣତ ହୋଇପାରିବ ନାହିଁ ।

ତେଣୁ ଆମେ ନ୍ୟାୟତଃ ଏହିପରି ଏକ ସିଦ୍ଧାନ୍ତରେ ଆସି ପହଞ୍ଚି ପାରିବା, "ତେବେ ଆମେ ପ୍ରଥମେ ନିଜକୁ ଗୋଟିଏ ଗୋଟିଏ ସଚେତନ ବ୍ୟକ୍ତିରୂପେ ତିଆରି କରିବା, ତା'ପରେ ଅହଂକୁ ବିଦାୟ ଦେଇ ଦିବ୍ୟ ହୋଇଯିବା ।" ମାତ୍ର, ଏଥିରେ କେବଳ ଏତିକି କଥା ରହିଛି ଯେ, ଯେତେବେଳେ ଆମେ ଗୋଟିଏ ଗୋଟିଏ ସଚେତନ ବ୍ୟକ୍ତିରେ ପରିଣତ ହୋଇଯିବା, ସେତେବେଳେ ଆପଣାର ଅହଂଟିକୁ ନେଇ ବଞ୍ଚିବାରେ ଆମେ ଏତେଦୂର ଅଭ୍ୟସ୍ତ ହୋଇଯିବା ଯେ ସେତେବେଳେ ସେଇଟିକୁ ଆଉ ଅଲଗା କରି ଦେଖିବା ଲାଗି ଆମର କୌଣସି ବିବେକ ରହିବ ନାହିଁ ଏବଂ ସେଇଟି ଯେ ପ୍ରକୃତରେ ଆମ ଭିତରେ ରହିଛି, ସେହି କଥାଟି ବିଷୟରେ ସଜ୍ଞାନ ହେବା ଲାଗି ମଧ୍ୟ ଅନେକ ଶ୍ରମ ଦରକାର ହେବ ।

'oaob.nitrkl.ac.in' images reprocessed

ଅନ୍ୟପକ୍ଷରେ, ଅହଂକାର କ'ଣ, ସେକଥା ପ୍ରତ୍ୟେକ ଲୋକ ଜାଣିଛନ୍ତି । ଯେତେବେଳେ ତୁମେ ସବୁକିଛିକୁ କେବଳ ନିଜ ଆଡ଼କୁହିଁ ଟାଣି ଆଣୁଥାଅ ଏବଂ ଅନ୍ୟ ମଣିଷମାନଙ୍କ ବିଷୟରେ ତୁମର ଆଦୌ କୌଣସି ଆଗ୍ରହ ନ ଥାଏ, ସେତେବେଳେ ତୁମର ସେହି ଅବସ୍ଥାଟିକୁ ଅହଂକାର ବା ଅହଂବାଦିତା ବୋଲି କୁହାଯିବ । ତୁମେ ଯେତେବେଳେ ନିଜକୁହିଁ ପୃଥିବୀଟା ଯାକର କେନ୍ଦ୍ର ରୂପେ ଆଣି ଅବସ୍ଥାପିତ କରି ରଖିଥାଅ ଏବଂ କେବଳ ତୁମ ନିଜ ସହିତ କୌଣସି ନା କୌଣସି ପ୍ରକାରେ ସମ୍ବନ୍ଧିତ ରହିହିଁ ଅନ୍ୟ ଯାବତୀୟ ବସ୍ତୁର କୌଣସି ହେଲେ ଅସ୍ତିତ୍ୱ ରହିଥାଏ, ସେତେବେଳେ ତାହାକୁହିଁ ଅହଂବାଦିତା ବୋଲି କୁହାଯିବ । ମାତ୍ର ଏଇଟା ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ମୁଁ ଯେ ପ୍ରକୃତରେ ଅହଂକେନ୍ଦ୍ରୀ ହୋଇ ରହିଛି, ସେକଥା ଆଦୌ ନ ଦେଖିପାରିବା ସକାଶେ ମୋତେ ପ୍ରକୃତରେ ଅନ୍ଧ ହୋଇ ରହିବାକୁ ପଡ଼ିବ । ଅଳ୍ପବହୁତେ ପ୍ରତ୍ୟେକ ମଣିଷ ଅହଂବାଦୀ ଓ ସ୍ୱାର୍ଥକେନ୍ଦ୍ରିତ ହୋଇ ରହିଥାନ୍ତି ଏବଂ ଏହି ଅହଂବାଦକୁ ଅନ୍ତତଃ କେତେକ ପରିମାଣରେ ଅବଶ୍ୟମ୍ଭାବୀ ବୋଲି ସାଧାରଣତଃ ଗ୍ରହଣ କରି ନିଆଯାଇଥାଏ । ମାତ୍ର ସେହି ସାଧାରଣ ଜୀବନରେ ମଧ୍ୟ, ଯେତେବେଳେ କୌଣସି ବ୍ୟକ୍ତି ଟିକିଏ ଅଧିକବେଶୀ ପରିମାଣରେ ଅହଂବାଦୀ ହୋଇପଡ଼େ, ସେତେବେଳେ ଅନ୍ୟମାନଙ୍କ ଆଡ଼ୁ ତାକୁ ବେଶ୍ କିଛି ଆଘାତ ପାଇବାକୁ ହୁଏ; କାରଣ, ଯେହେତୁ ପ୍ରତ୍ୟେକ ଲୋକଙ୍କର ଅହଂବାଦ ରହିଥାଏ, ତେଣୁ ଅନ୍ୟମାନଙ୍କର ଅହଂବାଦୀ ହେବାରେ ପ୍ରକୃତରେ କାହାରିକୁ ବି ଆଦୌ ଭଲ ଲାଗେ ନାହିଁ ।

ଏହାକୁ ସମସ୍ତେ ସ୍ୱାଭାବିକ ବୋଲି ମାନି ନେଇଥାନ୍ତି, ତାହା ସାଧାରଣ ନୈତିକତାର ଏକ ଅଂଶ ହୋଇ ରହିଥାଏ । ହଁ, ମଣିଷ ଅଳ୍ପ କିଛି ପରିମାଣରେ ସ୍ୱାର୍ଥବାଦୀ ବା ଅହଂବାଦୀ ହେଲେ ବେଶ୍ ଚଳିବ, ମାତ୍ର ସେ ଯେପରି ଖୁବ୍‌ବେଶୀ ସେଭଳି ହୋଇ ନ ପଡ଼େ, ଏହା ଏତେ ବେଶୀ ହେବା ଉଚିତ ନୁହେଁ ଯେପରିକି ତାହା ସମସ୍ତଙ୍କ ଆଖିରେ ପଡ଼ି ଯାଉଥିବ । ମାତ୍ର ଅନ୍ୟପକ୍ଷରେ, ଅହଂ ବିଷୟରେ କେହି ପ୍ରାୟ କିଛିହେଲେ କହନ୍ତି ନାହିଁ । କାରଣ ସେଇଟି ବିଷୟରେ କେହି କିଛି ଜାଣି ନ ଥାନ୍ତି । ଏହା ତୁମର ଏକ ଏପରି ଅନ୍ତରଙ୍ଗ ସହଚର ହୋଇ ରହିଥାଏ ଯେ, ତାହାର ଅସ୍ତିତ୍ୱଟି ବିଷୟରେ ମଧ୍ୟ ତୁମର ହୁଏତ କୌଣସି ବୋଧ ହୁଏ ନାହିଁ । ମାତ୍ର, ସେହି ଅହଂଟି ଯେତେବେଳ ପର୍ଯ୍ୟନ୍ତ ରହିଥିବ, ତୁମର ଚେତନା ସେତେବେଳ ଯାଏ କଦାପି ଏକ ଦିବ୍ୟ ଚେତନାରେ ପରିଣତ ହୋଇପାରିବ ନାହିଁ ।

ଏହି ଅହଂ ସକାଶେହିଁ ତୁମେ ଅନ୍ୟମାନଙ୍କଠାରୁ ଅଲଗା ବୋଲି ସଚେତନ ହୋଇଥାଅ । ଯଦି ଅହଂ ନ ଥାନ୍ତା, ତେବେ ତୁମେ ଅନ୍ୟମାନଙ୍କଠାରୁ ଅଲଗା

'oaob.nitrkl.ac.in' images reprocessed

ଜଣେ ସ୍ୱତନ୍ତ୍ର ବ୍ୟକ୍ତି ବୋଲି ନିଜକୁ କଦାପି ଅନୁଭବ କରିପାରନ୍ତି ନାହିଁ । ତେବେ ତୁମେ କେବଳ ଗୋଟିଏ ସମଗ୍ରରହିଁ ଏକ କ୍ଷୁଦ୍ର ଅଂଶ ବୋଲିହିଁ ତୁମର ଅନୁଭବ ହୁଅନ୍ତା । ଏକ ବୃହତ୍ତ ସମଗ୍ରର ଏକ ଅତି କ୍ଷୁଦ୍ର ଅଂଶ ବୋଲିହିଁ ଅନୁଭବ ହେଉଥାନ୍ତା । ମାତ୍ର, ତୁମ ଭିତରୁ ପ୍ରତ୍ୟେକେ ଅତ୍ୟନ୍ତ ସୁନିଶ୍ଚିତ ଭାବରେହିଁ ନିଜେ ଜଣେ ସ୍ୱତନ୍ତ୍ର ବ୍ୟକ୍ତି ବୋଲି ବେଶ୍ ସଚେତନ ହୋଇ ରହିଛ । ହଁ, ପ୍ରକୃତରେ ତୁମର ଅହଂହିଁ ତୁମକୁ ସେହି ଅନୁଭବ ଓ ସେହି ସଚେତନତାଟିକୁ ଆଣିଦେଇ ପାରୁଛି । ତୁମେ ଏହିପରି ଭାବରେ ଯେପର୍ଯ୍ୟନ୍ତ ସଚେତନ ହୋଇ ରହିଛ, ସେପର୍ଯ୍ୟନ୍ତ ତାହାହିଁ କହିଦେଉଛି ଯେ ତୁମ ଭିତରେ ଏକ ଅହଂ ଅବଶ୍ୟ ବିଦ୍ୟମାନ ରହିଛି ।

ସବୁକିଛିର ଅନ୍ତଃସାରରେ ତୁମେହିଁ ଯେ ରହିଛ, ଯେତେବେଳେ ତୁମର ଏହିପରି ଏକ ସଜ୍ଞାନତା ହେବାକୁ ଲାଗେ, ତୁମେ ନିଜକୁ ଯାହା ବୋଲି ଜାଣିଛ, ତାହା ଯେ ସେହି ଏକମାତ୍ର ବ୍ୟକ୍ତିର ହଜାର ହଜାର ଅନ୍ୟ ବିନ୍ଦୁଗୁଡ଼ିକ ମଧ୍ୟରେ ରହିଥିବା କେବଳ ଗୋଟିଏ ଅତ୍ୟନ୍ତ କ୍ଷୁଦ୍ର ବିନ୍ଦୁ ବୋଲି ତୁମେ ଯେତେବେଳେ ଜାଣିବାକୁ ଆରମ୍ଭ କର, ଯେତେବେଳେ ତୁମେ ନିଜକୁହିଁ ସର୍ବତ୍ର ଓ ସକଳ ବସ୍ତୁରେ ବିଦ୍ୟମାନ ରହିଥିବାର ଅନୁଭବ କର, କେଉଁଠି କୌଣସି ଭିନ୍ନତା ବା ବିଚ୍ଛିନ୍ନତା ରହିଛି ବୋଲି ତୁମର ଆଦୌ କୌଣସି ଅନୁଭବ ହୁଏ ନାହିଁ, ତେବେ ତୁମେ ସେତିକିବେଳେ ଜାଣିବ ଯେ ତୁମେ ଅହଂର ସଂହାର ବାଟରେ ପ୍ରକୃତରେ ଯଥାର୍ଥ ମାର୍ଗରେ ଅଗ୍ରସର ହେବାରେ ଲାଗିଛ ।

ଏପରିକି କ୍ରମେ ଏହିପରି ଏକ ସମୟ ଆସି ପହଞ୍ଚେ, ଯେତେବେଳେ ଆପଣାକୁ ସ୍ୱତନ୍ତ୍ର କିଛି ବୋଲି ଭାବି "ଏଇଟା ମୁଁ ନୁହେଁ" ବୋଲି କହିବା ମଧ୍ୟ ଅସମ୍ଭବ ହୋଇପଡ଼େ । କାରଣ, ଏହିପରି ଭାବରେ ଏହି କଥାଟିକୁ କହିବା, ଅର୍ଥାତ୍, ଏହି ସବୁକିଛି କହିଲେ ଯେ କେବଳ ତୁମକୁ ବୁଝାଉଛି, ତୁମେ ବୋଲି କହିଲେ ଯେ ସବୁକିଛିକୁ ବୁଝାଉଛି, ତୁମେ ଯେ କେବଳ ସେହି ଦିବ୍ୟ ପରମସତ୍ତାଙ୍କ ବ୍ୟତୀତ ଆଉ କିଛି ନୁହଁ ବା ଦିବ୍ୟ ପରମସତ୍ତା ମଧ୍ୟ ତୁମ ବ୍ୟତୀତ ଆଉ କିଛି ହେଲେ ନୁହନ୍ତି, ଏଥିରୁ ଏହି ପ୍ରମାଣଟି ତଥାପି ମିଳିଯାଇ ଥାଏ ଯେ ଅହଂର ଏବେ ବି ସମ୍ପୂର୍ଣ୍ଣ ବିଲୟ ଘଟି ନାହିଁ, ତଥାପି କିଛିନା କିଛି ରହିଯାଇଛି ।

ଏପରି ଏକ ମୁହୂର୍ତ୍ତ ଆସେ,--ସେହି ମୁହୂର୍ତ୍ତଟି ହଠାତ୍ ଏକ ଝଲକରୂପେ ଆସେ ଏବଂ କ୍ୱଚିତ୍ ସ୍ଥାୟୀ ହୋଇ ରହେ, — ଯେତେବେଳେ କି ସେହି ପରମ ସର୍ବମୟହିଁ ସବୁକିଛି ଭାବୁଛନ୍ତି ବୋଲି ଅନୁଭବ ହୋଇଥାଏ, ସିଏହିଁ ସବୁକିଛି ଜାଣୁଛନ୍ତି, ଦେଖୁଛନ୍ତି ଓ ଅନୁଭବ କରୁଛନ୍ତି, ଜୀବନ ବୋଲି କେବଳ ସିଏହିଁ

'oaob.nitrkl.ac.in' images reprocessed

ବିଦ୍ୟମାନ ଅଛନ୍ତି ବୋଲି ଅନୁଭବ ହୋଇଥାଏ । ସେତେବେଳେ ଏପରିକି··· ଏପରିକି ଏହି ଖବରଟି ମଧ୍ୟ ଆଦୌ ନ ଥାଏ ଯେ ତୁମେ ସେହି ବିନ୍ଦୁଟିରେ ଆସି ପହଞ୍ଚି ଗଲଣି ।

ସେତେବେଳେ ତ ତାହା ଅତ୍ୟନ୍ତ ସ୍ୱାଭାବିକ ଭାବେ ଘଟିବ;—ମାତ୍ର ସେହି ସମୟଟି ଆସି ପହଞ୍ଚିବା ପର୍ଯ୍ୟନ୍ତ କେଉଁଠି କେଉଁଠି ଅହଂର ଅବଶ୍ୟ ଏକ ଅବଶେଷ ରହିଥିବ; ସାଧାରଣତଃ ତୁମ ଭିତରେ ଏହି ଅଂଶଟିହିଁ ସବୁଟି ଉପରେ କେବଳ ଦୃଷ୍ଟିପାତ କରୁଥାଏ, ସାକ୍ଷୀରୂପେ ଅବସ୍ଥିତ ରହି କେବଳ ଦୃଷ୍ଟିପାତହିଁ କରୁଥାଏ ।

ତେଣୁ ତୁମ ଭିତରୁ ଅହଂର ବିଲୟ ଘଟିସାରିଲଣି ବୋଲି ତୁମେ କଦାପି ଏକ ସତ୍ୟରୂପେ ଗ୍ରହଣ କରିନେବ ନାହିଁ ! ଏପରି ଗ୍ରହଣ କରିନେଲେ ତାହା କଦାପି ଯଥାର୍ଥ ହେବ ନାହିଁ । ହଁ, ତୁମକୁ କେବଳ ଏତିକି କହିବାକୁ ହେବ ଯେ ଅହଂର ସମ୍ପୂର୍ଣ୍ଣ ବିଲୟ ଅଭିମୁଖରେ ତୁମେ କ୍ରମେ ଅଗ୍ରସର ହେବାରେ ଲାଗିଛ । କେବଳ ତାହାହିଁ କହିବା ଠିକ୍ ହେବ ।

ତୁମମାନଙ୍କର ଜୀବନରେ ଏହି କଥାଟି ପ୍ରକୃତରେ ଘଟିସାରିଲଣି ବୋଲି ମୁଁ ମୋଟେ ବିଶ୍ୱାସ କରିପାରୁ ନାହିଁ, — ସେପରି ପ୍ରକୃତରେ ଘଟିଲଣି କି ? ନା — ଏପର୍ଯ୍ୟନ୍ତ ଘଟି ନାହିଁ । ମାତ୍ର, ଅତିମାନସ କହିଲେ ପ୍ରକୃତରେ ଯେ କ'ଣ ବୁଝାଏ, ଯଦି ତୁମେମାନେ ସେହି କଥାଟିକୁ ଯଥାର୍ଥରେ ଜାଣିବାକୁ ଇଚ୍ଛା କରୁଥାଅ, ତେବେ ଅହଂର ବିଲୁପ୍ତି ଅପରିହାର୍ଯ୍ୟ । ଯଦି ତୁମେ ଅତିମାନବତାର ଉପଲବ୍ଧି କରିବା ସକାଶେ ଆପଣାକୁ ଜଣେ ଆକାଙ୍‌କ୍ଷୀ କରି ରଖିଥାଅ, ତେବେ ଅହଂର ସମ୍ପୂର୍ଣ୍ଣ ପରିହାରହିଁ ତୁମର ସଂକଳ୍ପ ହୋଇରହିବା ଉଚିତ, ଅହଂର ସୀମାଗୁଡ଼ିକୁ ଅତିକ୍ରମ କରିଯିବାହିଁ ତୁମର ସଂକଳ୍ପ ହୋଇଯିବା ଉଚିତ । କାରଣ, ସେହି ଅହଂଟିକୁ ତୁମେ ଯେପର୍ଯ୍ୟନ୍ତ ତୁମଭିତରେ ରଖିଥିବ, ସେପର୍ଯ୍ୟନ୍ତ ଅତିମାନସ ତୁମ ଲାଗି କେବଳ ଏକ ଅଜ୍ଞାତ ଏବଂ ଅଗମ୍ୟ ବସ୍ତୁ ହୋଇ ରହିଥିବ ।

ମାତ୍ର, ଯଦି ଉଦ୍ୟମ ଦ୍ୱାରା, ସାଧନା ଦ୍ୱାରା, ଅଧିକରୁ ଅଧିକ ପ୍ରଭୁତ୍ୱ ଅର୍ଜନ କରି ତୁମେ ଆପଣାର ଅହଂଟି ଉପରେ ନିୟନ୍ତ୍ରଣ ହାସଲ କରିପାରିବ ଏବଂ ତାହାକୁ ଅତିକ୍ରମ କରି ଚାଲିଯାଇ ପାରିବ, ଏପରିକି ତୁମ ଜୀବନର କ୍ଷୁଦ୍ରତମ ଅଂଶଟିରେ ମଧ୍ୟ ତୁମେ ଯଦି ସେକଥା ସମ୍ଭବ କରି ପାରିବ, ତେବେ ତାହା ତୁମଭିତରେ ସତେଅବା ଗୋଟିଏ ଝରକା ଖୋଲିଗଲା ପରିହିଁ କାର୍ଯ୍ୟ କରିବ; ଏବଂ ସେହି ଝରକାଟିର ବାଟଦେଇ ସାବଧାନ ହୋଇ ଅନାଇ ପାରିଲେ ତୁମେ ଅତିମାନସର ଏକ ଝଲକ ନିଶ୍ଚୟ ପାଇପାରିବ । ସେହି ଝଲକଟି ପାଇବା ସମୟରେ ତୁମକୁ

'oaob.nitrkl.ac.in' images reprocessed

ତାହା ଏତେ ଅଧିକ ସୁନ୍ଦର ହୋଇ ପରିଦୃଶ୍ୟମାନ ହେବ ଯେ ତୁମେ ସଙ୍ଗେ ସଙ୍ଗେ ଆଉ ସବୁକିଛିରୁ ନିଷ୍କୃତି ଲାଭ କରି ଓ ସବୁକିଛିକୁ ପଛରେ ପକାଇ ତାହାରି ଆଡ଼କୁହିଁ ଅଗ୍ରସର ହୋଇଯିବାକୁ ବ୍ୟାକୁଳ ହୋଇପଡ଼ିବ, ଏପରିକି ସେହି ଅହଂଟିକୁ ମଧ୍ୟ ପଛରେ ପକାଇ ବାହାରି ଆସିବ !

ଏଠାରେ ତୁମେ ସ୍ମରଣ ରଖିଥିବ ଯେ ଅଧିମାନସର ଏକ ଝଲକ ପାଇବ ବୋଲିହିଁ ମୁଁ ତୁମକୁ ତୁମ ଅହଂ ପାଖରୁ ସଂପୂର୍ଣ୍ଣ ଭାବରେ ମୁକ୍ତ ହୋଇ ବାହାରି ଆସିବା ଲାଗି ମୋଟେ କହୁ ନାହିଁ । କାରଣ, ତେବେ ସେହି କାର୍ଯ୍ୟଟି ପ୍ରାୟ ଅସମ୍ଭବ ହୋଇହିଁ ରହିବ । ନାହିଁ ନାହିଁ,—କେଉଁଠାରେ ଏତେ ଟିକିଏ ବି ହେଲେ ମଧ୍ୟ, ଯଦି ତୁମ ମନ ଏବଂ ପ୍ରାଣିକର କ୍ଷେତ୍ରରେ ତୁମେ ତାହା ସମ୍ଭବ କରିପାରିବ, ତେବେ ତାହା ପ୍ରକୃତରେ ଅତ୍ୟନ୍ତ ଭଲ ହେବ;—ତୁମ ମନର କେଉଁଠାରେ ଗୋଟିଏ ଅତି କ୍ଷୁଦ୍ର କଣରେ ବା ତୁମ ସତ୍ତ୍ୱର ଆଉ କେଉଁଠି ଏତେଟିକିଏ କଣରେ ହୋଇଥାଉ ପଛକେ, ଯଦି ତୁମେ ଦୈବାତ୍ ନିଜ ଅହଂର ସୀମାଭିତରୁ ମୁକ୍ତ ହୋଇ ବାହାରିଆସି ପାରିବ,—ନା, ନା, ଦୈବାତ୍ ନୁହେଁ, ଯଦି ପୁନଃପୁନଃ ଉଦ୍ୟମଶୀଳ ହୋଇ ତୁମେ ନିଜ ଚୈତ୍ୟସତ୍ତ୍ୱ ସହିତ ଏକ ସମ୍ବନ୍ଧସ୍ଥାପନ କରିପାରିଥିବ, ତେବେ ଦ୍ୱାରଟି ପ୍ରକୃତରେ ପ୍ରଶସ୍ତ ହୋଇ ଖୋଲିଯିବ । ସେହି ଚୈତ୍ୟର ମଧ୍ୟଦେଇ ତୁମେ ସଙ୍ଗେସଙ୍ଗେ ଅଧିମାନସର ଏକ ଅତ୍ୟନ୍ତ ସ୍ପଷ୍ଟ ଏବଂ ଅତ୍ୟନ୍ତ ସୁନ୍ଦର ଦୃଷ୍ଟି ଲାଭ କରିପାରିବ । ହଁ, ତାହାକୁ ଆମେ ଏକ ଦୃଷ୍ଟି ବୋଲିହିଁ କହିବା, ଉପଲବ୍ଧି ବୋଲି କଦାପି କହିପାରିବା ନାହିଁ । ତାହାହିଁ ହେଉଛି ମୁକ୍ତିର ସେହି ବୃହତ୍ ଦ୍ୱାର । ମାତ୍ର, ଏହି ସୌନ୍ଦର୍ଯ୍ୟମୟ ଚୈତ୍ୟ ଉପଲବ୍ଧି ପର୍ଯ୍ୟନ୍ତ ଏତେଦୂର ନ ଯାଇ ମଧ୍ୟ, ଯଦି ତୁମେ ସଫଳ ଭାବରେ ତୁମ ମନ ଅଥବା ତୁମ ପ୍ରାଣିକର କେତେକ ଅଂଶକୁ ମୁକ୍ତ କରି ଆଣିପାରିବ, ତେବେ ତଦ୍ଦ୍ୱାରା ଦ୍ୱାରଟିରେ ଗୋଟିଏ ପ୍ରକାରର ରନ୍ଧ୍ର ଖୋଲିଯିବ, ସେହି ଅସଲ ରନ୍ଧ୍ରଟି ଖୋଲିଯିବ । ଏହି ଅସଲ ରନ୍ଧ୍ରଟିର ମଧ୍ୟଦେଇ ତୁମେ ଏକ ଝଲକ ପାଇପାରିବ, କ୍ଷୁଦ୍ର ଝଲକଟିଏ ପାଇପାରିବ । ଏବଂ, ସେତିକି ମଧ୍ୟ ବେଶ୍ ଆକର୍ଷକ ଓ ଆଗ୍ରହୋଦ୍ଦୀପକ ହୋଇ ରହିଥିବ ।

'oaob.nitrkl.ac.in' images reprocessed

ସଂସାର

ମନ୍ଦ ପଥରେ ଯାଅ ନାହିଁ । ମାନସିକ ଆଳସ୍ୟକୁ କଦାପି ପ୍ରଶ୍ରୟ ଦିଅ ନାହିଁ । ଭୁଲ୍ ମତଗୁଡ଼ିକୁ ନିଜର ମତ ବୋଲି ଗ୍ରହଣ କର ନାହିଁ, ଯେଉଁମାନେ ସଂସାର ଭିତରେ ନାକେଇ ଏଣେତେଣେ ହେବାରେ ଲାଗିଥାନ୍ତି, ତୁମେ ସେମାନଙ୍କ ଭିତରେ କଦାପି ଜଣେ ହୁଅ ନାହିଁ ।

ଉଠ, ଜାଗ, ହେଳା ପରିହାର କର । ପ୍ରଜ୍ଞାର ଶିକ୍ଷାକୁ ମାନ । ଯିଏ ମୁନି, ସିଏ ଇହ ଓ ପର ଉଭୟ ଲୋକରେ ସୁଖ ଲାଭ କରେ ।

ପ୍ରଜ୍ଞାର ଶିକ୍ଷାଗୁଡ଼ିକୁ ଅନୁସରଣ କର । ମନ୍ଦ ଓ ଅନର୍ଥର ଶିକ୍ଷାକୁ ବର୍ଜନ କର । ଯିଏ ମୁନି, ସିଏ ଇହ ଏବଂ ପର ଉଭୟ ଲୋକରେ ସୁଖ ଲାଭ କରିଥାଏ ।

ଏହି ସଂସାରକୁ ଯିଏ ବୁଦ୍‌ବୁଦ୍ ପରି ଦେଖେ, ଅଥବା ମରୀଚିକା ପ୍ରାୟ ଦେଖେ, ଯମ ମଧ୍ୟ ତାହାର ଧର୍ତ୍ତି ପାଏ ନାହିଁ ।

ଆସ, ଏହି ସଂସାରକୁ ତୁମେ ଜଣେ ରାଜାର ନାନା ଉଜ୍ଜ୍ୱଳ ବର୍ଣ୍ଣରେ ରଙ୍ଗା ହୋଇଥିବା ରଥ ପରି ପ୍ରତ୍ୟକ୍ଷ କର । ତାହା ଜଣେ ନିର୍ବୋଧ ବ୍ୟକ୍ତିକୁ ଖୁବ ଆକର୍ଷଣ କରିଥାଏ ସତ, ମାତ୍ର ପ୍ରକୃତରେ କହିବାକୁ ଗଲେ ସେଥିରେ ଆକର୍ଷଣ କଲାଭଳି ଆଦୌ କିଛି ନ ଥାଏ ।

ଆଗରୁ ଅନେକ ଆତ୍ମ-ଅବହେଳା କରିଥିଲେ ମଧ୍ୟ ଯିଏ ପୁନର୍ବାର ସାବଧାନ ହେବାକୁ ଆରମ୍ଭ କରେ, ମେଘଉହାଡ଼ରୁ ମୁକ୍ତ ହୋଇ ଆସୁଥିବା ଚନ୍ଦ୍ରମା ପରି ସେ ପୃଥିବୀକୁ ଆଲୋକିତ କରିଦିଏ ।

ତୁମେ ଆଗରୁ କରିଥିବା ମନ୍ଦ କାର୍ଯ୍ୟଗୁଡ଼ିକୁ ତୁମର ଯେଉଁ ଉତ୍ତମ କାର୍ଯ୍ୟଗୁଡ଼ିକ ପୋଛି ନେଇଯାଏ, ତୁମେ ତଦ୍ଦ୍ୱାରା ମେଘ ଉହାଡ଼ରୁ ମୁକ୍ତ ହୋଇ ଆସୁଥିବା ଚନ୍ଦ୍ରମା ପରି ପୃଥିବୀକୁହିଁ ଆଲୋକିତ କରିଦିଅ ।

ଏହି ସଂସାର ଘନ ଅନ୍ଧକାର ଦ୍ୱାରା ଆବୃତ ହୋଇ ରହିଛି ଏବଂ ଅତ୍ୟନ୍ତ ଅଳ୍ପସଂଖ୍ୟକ ବ୍ୟକ୍ତି ତାହା ମଧ୍ୟରେ ଆପଣାର ଯଥାର୍ଥ ପଥ

'oaob.nitrkl.ac.in' images reprocessed

ପାଇଥାନ୍ତି । ଜାଲମୁକ୍ତ ଏକ ବିହଙ୍ଗ ପରି ସେମାନେ ସ୍ୱର୍ଗ ଆଡ଼କୁ ଧାବମାନ ହେବାକୁ ଲାଗନ୍ତି ।

ହଂସମାନେ ସୂର୍ଯ୍ୟଙ୍କର ପଥକୁ ଅନୁସରଣ କରୁଥାନ୍ତି । ଯେଉଁ-ମାନଙ୍କୁ ଗୂଢ଼ବିଦ୍ୟାର ସାମର୍ଥ୍ୟମାନ ଜଣାଥାଏ, ସେମାନେ ପବନ-ମାର୍ଗରେ ଉଡ଼ିପାରନ୍ତି । ମାର ଏବଂ ତାହାର ମନ୍ଦରୂପୀ ସେନାଟିକୁ ପରାଭୂତ କରି ମୁନିଗଣ ଏହି ସଂସାରରୁ ବିଦାୟ ନିଅନ୍ତି ।

ଯିଏ ବିନୟ ବା ଧର୍ମବିଧାନର ଗୋଟିଏ ନିୟମକୁ ମଧ୍ୟ ଲଂଘନ କରେ, ତା'ପାଇଁ କୌଣସି ମନ୍ଦକାର୍ଯ୍ୟ କରିବା ଆଦୌ ଅସମ୍ଭବ ନୁହେଁ । ଯିଏ ମିଥ୍ୟାବଚନ କହେ ଓ ଉଚ୍ଚତର ସଂସାରଟିକୁ ଘୃଣା କରୁଥାଏ, ସିଏ ପ୍ରକୃତରେ ସବୁକିଛି ମନ୍ଦର ଆଚରଣ ବେଶ୍ କରିପାରେ ।

ପ୍ରକୃତ କଥା କହିବାକୁ ଗଲେ, କୃପଣମାନେ କଦାପି ଦେବଲୋକକୁ ପ୍ରାପ୍ତ ହୋଇପାରନ୍ତି ନାହିଁ ଏବଂ ନିର୍ବୋଧମାନେ ବି ଦାନ କରିବାରୁ ଲାଭ କରାଯାଉଥିବା ସୁଖଟି ବିଷୟରେ ଆଦୌ କିଛି ଜାଣନ୍ତି ନାହିଁ । ମାତ୍ର ମୁନି ଦାନ କରି ଆନନ୍ଦ ପାଏ ଏବଂ ତେଣୁ ପରଲୋକରେ ସୁଖ ଲାଭ କରିଥାଏ ।

ଏହି ସଂସାର ଉପରେ ରାଜତ୍ୱ କରିବା ଅପେକ୍ଷା, ସ୍ୱର୍ଗକୁ ଗମନ କରିବା ଅପେକ୍ଷା ଏବଂ ସବୁଯାକ ଭୁବନ ଉପରେ ରାଜା ହୋଇ ବସିବା ଅପେକ୍ଷା ଊର୍ଦ୍ଧ୍ୱଗାମୀ ସ୍ରୋତଟି ମଧ୍ୟରେ ପ୍ରବେଶ କରିବା ପ୍ରକୃତରେ ଅଧିକ ଶ୍ରେୟସ୍କର ।

ଏହି ବାକ୍ୟାଂଶଗୁଡ଼ିକ ଭିତରେ ଗୁରିଗୋଟି ଏପରି ଉପଦେଶ ରହିଛି, ଯାହାକୁ କି ମୁଁ ଆମର ଧ୍ୟାନ ଲାଗି ସଂଗୃହୀତ କରି ରଖିବାକୁ ଇଚ୍ଛା କରିବି । "ମାନସିକ ଆଳସ୍ୟକୁ କଦାପି ପ୍ରଶ୍ରୟ ଦିଅ ନାହିଁ ।" "ଭୁଲ ମତଗୁଡ଼ିକୁ ନିଜର ମତ ବୋଲି ଗ୍ରହଣ କର ନାହିଁ ।" ଦୁର୍ଭାଗ୍ୟବଶତଃ ଆମେ ପ୍ରାୟ ସବୁବେଳେହିଁ ସେହି କଥାଟିକୁ କରିଥାଉ । ଏବଂ, "ଉଠ, ଜାଗ, ହେଳା ପରିହାର କର ।"

ଏହି ପୃଥିବୀ ଏପରି ଭାବରେ ତିଆରି ହୋଇଛି ଯେ, ଅନ୍ତତଃ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଏପରି ଭାବରେ ତିଆରି ହୋଇଛି ଯେ,—ଅବଶ୍ୟ ଆମେ ସମସ୍ତେ ଆଶା କରିବା ଯେ ତାହା ଆଉ ବେଶୀଦିନ ପର୍ଯ୍ୟନ୍ତ କଦାପି ସେପରି ହୋଇ

'oaob.nitrkl.ac.in' images reprocessed

ରହିବ ନାହିଁ,—ପୃଥିବୀ ଏପରି ଭାବରେ ତିଆରି ହୋଇଛି ଯେ, ଯେଉଁ ବ୍ୟକ୍ତି ପ୍ରକୃତରେ ସଂସ୍କୃତିଯୁକ୍ତ ନୁହେଁ, ଯେତେବେଳେ ତାକୁ ବିଷୟଗୁଡ଼ିକର ସମ୍ପର୍କରେ ଅଣାଯାଉଛି, ସେତେବେଳେ ସେ ସର୍ବଦାହିଁ ଭୁଲ୍ ବିଷୟଗୁଡ଼ିକୁ ବାଛିନେବାରେ ଲାଗିଛି ।

ଯେଉଁ ପିଲା ପ୍ରକୃତ ଶିକ୍ଷା ପାଇ ନାହିଁ, ସିଏ ସବୁବେଳେ କୁସଙ୍ଗକୁହିଁ ବାଛି ନେଇଥାଏ । ଏହି କଥାଟିକୁ ମୁଁ ସତତ ଅନୁଭବ କରୁଛି, ମୂର୍ତ୍ତ ଭାବରେହିଁ ଅନୁଭବ କରୁଛି । ଯଦି ତୁମେ କୌଣସି ପିଲାକୁ ଏକ ବିଶେଷ ବାତାବରଣ ଭିତରେ ଆଣି ରଖୁଛ, ଏବଂ ଯଦି, ତା'ର ଅତ୍ୟନ୍ତ ପିଲା ବୟସରୁ ତା' ଭିତରେ ଏକ ବିଶେଷ ବାତାବରଣ ଓ ଏକ ବିଶେଷ ଶୁଦ୍ଧତାର ମୂଳଦୁଆ ପକାଇ ପାରୁଛ, ହୁଏତ ତା' ଜୀବନରେ ଭୁଲ୍ ବାଟଟିକୁ ଗ୍ରହଣ ନ କରିବାର ଏକ କମ୍ ସମ୍ଭାବନା ରହିବ । ମାତ୍ର, ପୃଥିବୀ ବର୍ତ୍ତମାନ ଯେଉଁଭଳି ଅଛି, ତୁମେ ଯଦି ସେହି ପୃଥିବୀରୁ ଗୋଟିଏ ପିଲାକୁ ଆଣି ଭଲ ଏବଂ ମନ୍ଦ ଉଭୟ ଉପାଦାନ ବିଦ୍ୟମାନ ରହିଥିବା ଏକ ସମାଜରେ ରଖିବ, ତେବେ ସିଏ ହୁଏତ ସିଧା ଏପରି ବ୍ୟକ୍ତିମାନଙ୍କର ସଂସର୍ଗକୁ ଚାଲିଯିବ, ଯେଉଁମାନେ କି ତାକୁ ନଷ୍ଟ କରିଦେଇ ପାରିବେ, ତାକୁ ଯାବତୀୟ ଭୁଲ୍ କଥାହିଁ ଶିକ୍ଷା ଦେବେ; ଅର୍ଥାତ୍ ସିଏ ସିଧା ଖରାପ ସଂସର୍ଗ ଭିତରକୁହିଁ ଚାଲିଯିବ ।

ଯେଉଁ ବ୍ୟକ୍ତିର ଆଦୌ କୌଣସି ବୁଦ୍ଧିଗତ କୃଷ୍ଟି ସମ୍ଭବ ହୋଇ ନାହିଁ, ଯଦି ତୁମେ କୌଣସି ପ୍ରକାର ବାଛବିଚାର ନ କରି ତା' ଆଗରେ ବିମିଶ୍ରିତ ହୋଇ ରହିଥିବା କେତୋଟି ବିଷୟକୁ ଆଣି ଥୋଇଦେବ ଏବଂ ତା' ଭିତରୁ ତା'ର ପସନ୍ଦ ଅନୁସାରେ ବାଛି ନେବାକୁ କହିବ, ତେବେ ସେ ସର୍ବଦା ନିର୍ବୋଧ ବିଷୟଗୁଡ଼ିକୁହିଁ ବାଛିବାକୁ ଯିବ । କାରଣ, ଶ୍ରୀଅରବିନ୍ଦ ଆମକୁ ଯେପରି କହି ଯାଇଛନ୍ତି, ଏହି ପୃଥିବୀ ହେଉଛି ଏକ ମିଥ୍ୟାମୟ ପୃଥିବୀ, ଏହା ଏକ ଅଜ୍ଞାନମୟ ପୃଥିବୀ, ଏବଂ, ଯଦି ଆମେ ଯଥାର୍ଥକୁ ଅଯଥାର୍ଥରୁ ଏବଂ ସୁପ୍ରଭାବକୁ କୁପ୍ରଭାବରୁ ଅଲଗା କରି ଚହ୍ନିବା ଲାଗି ସମର୍ଥ ହେବାକୁ ଇଚ୍ଛା କରିବା, ତେବେ ସେଥିଲାଗି ଏକ ପ୍ରୟାସ ଆବଶ୍ୟକ ହେବ, ଏକ ଅଭୀପ୍ସା ଲୋଡ଼ା ହେବ । ସେଥିଲାଗି ଆମକୁ ଆମର ଅନ୍ତର୍ଗତତମ ସତ୍ତାର ସଂସ୍ପର୍ଶରେ ଆସିବାକୁ ପଡ଼ିବ, ତାହାର ଏକ ସଚେତନ ଏବଂ ସନ୍ଦୀପିତ ସଂସ୍ପର୍ଶରେ ଆସିବାକୁ ପଡ଼ିବ । ମାତ୍ର, ଯଦି ଆମେ ଏଠାରେ ଆପଣାକୁ ସେମିତି ଛାଡ଼ି ଦେଇଥିବା, ତେବେ କେବଳ ଏକ ଗର୍ତ୍ତ ଭିତରେ ଯାଇ ପଡ଼ିବାକୁହିଁ ପଡ଼ିବ ।

ବିଷୟଗୁଡ଼ିକ ଏଠି ଠିକ୍ ଏହିପରି ହୋଇ ରହିଛି, କାରଣ, ଯାହା ଏହି ସଂସାରକୁ ଶାସନ କରୁଛି,—ନାଇଁ, ଆମେ ଏଠାରେ ଅତୀତ କାଳର ପ୍ରୟୋଗ-

'oaob.nitrkl.ac.in' images reprocessed

କରିହିଁ କଥାଟିକୁ କହିବା, ଯେପରିକି ତଦ୍ଦ୍ୱାରା ଏକ ସତ୍ୟକଥା ବୁଝାଯିବ,—ଯାହା ଏହି ସଂସାରକୁ ଶାସନ କରୁଥିଲା, ତାହା ହେଉଛି ମିଥ୍ୟା, ତାହା ହେଉଛି ଅଜ୍ଞାନ ।

ବସ୍ତୁତଃ, ବର୍ତ୍ତମାନ ମଧ୍ୟ ସ୍ଥିତି ସେହିପରି ହୋଇ ରହିଛି । ସେବିଷୟରେ ଆମର ଆଦୌ କୌଣସି ଭ୍ରମ ରହିବା ଉଚିତ ନୁହେଁ । ମାତ୍ର, ସମ୍ଭବତଃ, ଏକ ମହାନ୍ ପ୍ରୟାସ ଏବଂ ଅତ୍ୟନ୍ତ ସାବଧାନତା ଦ୍ୱାରା ଆମେ ଏହି ପୃଥିବୀକୁ ଅନ୍ୟ ପ୍ରକାରର କରିଦେଇ ପାରିବା···ଶୀଘ୍ର କରି ଦେଇ ପାରିବା—ସେହି "ଶୀଘ୍ର" ଅର୍ଥରେହିଁ "ସମ୍ଭବତଃ" ଶବ୍ଦଟିର ବ୍ୟବହାର କରାଯାଇଛି ।

ତାହା ଯେ ଦିନେ ନା ଦିନେ ଆସିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । କିନ୍ତୁ ଆମେ ତାହା ଶୀଘ୍ର ଆସୁ ବୋଲି ଇଚ୍ଛା କରୁଛୁ, ଏବଂ ଠିକ୍ ସେହି କାରଣରୁହିଁ ଶେଷ ଦୁଇଟି ପରାମର୍ଶ ମୋତେ ପ୍ରକୃତରେ ଏତେ ଭଲ ଲାଗୁଛି : "ଉଠ, ଜାଗ, ଅବହେଳାକୁ ପରିହାର କର !"

୯ ମଇ ୧୯୫୮

'oaob.nitrkl.ac.in' images reprocessed

ବୁଦ୍ଧ

ଯାହାଙ୍କର ବିଜୟକୁ କେହି କଦାପି ଅତିକ୍ରମ କରିଯାଇ ନାହାନ୍ତି, କେହି ଯାହାଙ୍କ ବିଜୟର କଦାପି ସମକକ୍ଷ ହୋଇ ନାହାନ୍ତି,—ତାଙ୍କ ପାଖରେ ଯାଇ ପହଞ୍ଚିବା ଲାଗି ପୁଣି ଏକ ମାର୍ଗ କେଉଁଠି ଅଛି ? ସିଏ ହେଉଛନ୍ତି ସକଳ ମାର୍ଗର ଅତୀତ, ସିଏ ଅନନ୍ତନିବାସୀ ବୁଦ୍ଧ ।

ଯେଉଁ ବ୍ୟକ୍ତି ମଧ୍ୟରେ ଲୋଭ ନାହିଁ କି ବାସନା ନାହିଁ, ତାଙ୍କୁ ପୁଣି କିପରି ବିପଥଗାମୀ କରିହେବ ? ସିଏ ସକଳ ପଥର ଅତୀତ, ତାଙ୍କ ପାଖରେ ଯାଇ ପହଞ୍ଚିବା ଲାଗି ପଥ କେଉଁଠୁ ଆସିବ ? ସେହି ଅନନ୍ତ-ନିବାସୀ ବୁଦ୍ଧଙ୍କ ପାଖକୁ ଯିବା ଲାଗି ପଥ ପୁଣି କେଉଁଠୁ ଆସିବ ?

ଯେଉଁ ମୁନିମାନଙ୍କର ଜୀବନ ଧ୍ୟାନଗତ ହୋଇ ରହିଛି, ତ୍ୟାଗ ଏବଂ ନିକାଞ୍ଚନତା ମଧ୍ୟରେ ଯେଉଁ ବୁଦ୍ଧ ଏବଂ ସଦାସତର୍କ ବ୍ୟକ୍ତିମାନେ ଆନନ୍ଦର ସହିତ ବାସ କରୁଛନ୍ତି, ଦେବତାମାନେ ମଧ୍ୟ ସେହି ମୁନିମାନଙ୍କୁ ଈର୍ଷା କରିଥାନ୍ତି ।

ମନୁଷ୍ୟଜନ୍ମର ଅଧିକାର ପାଇବା ଅବଶ୍ୟ କଷ୍ଟକର । ଏହି ମରଣଶୀଳ ଜୀବନଟିକୁ ବଞ୍ଚିବା ମଧ୍ୟ କଷ୍ଟକର । ସଦ୍ଧର୍ମର ଉପଦେଶ-ଗୁଡ଼ିକୁ ଶ୍ରବଣ କରିବାର ସୌଭାଗ୍ୟ ଲାଭ କରିବା ମଧ୍ୟ କଷ୍ଟକର । ଏବଂ, ଏହି ସଂସାରରେ ବୁଦ୍ଧମାନଙ୍କର ଆବିର୍ଭାବ ଘଟିବା ମଧ୍ୟ କଷ୍ଟକର ।

ମନ୍ଦକୁ ନିବୃତ୍ତ ରହିବ; ଭଲର ଅନୁଶୀଳନ କରିବ ଏବଂ ଆପଣାର ମନକୁ ଶୁଦ୍ଧ ରଖିବ । ଏହାହିଁ ହେଉଛି ବୁଦ୍ଧମାନଙ୍କର ଶିକ୍ଷା ।

ଯେତେ ପ୍ରକାରର ବୈରାଗ୍ୟ-ସାଧନା ରହିଛି, ତନ୍ମଧ୍ୟରେ ଧୈର୍ଯ୍ୟ ଶ୍ରେଷ୍ଠତମ; ସବୁ ସ୍ଥିତି ମଧ୍ୟରେ ନିର୍ବାଣର ସ୍ଥିତି ସର୍ବୋତ୍ତମ,—ବୁଦ୍ଧମାନେ ସେହିକଥା କହିଯାଇଛନ୍ତି । ଯିଏ ଅନ୍ୟମାନଙ୍କର ଅନିଷ୍ଟ କରେ, ସିଏ କଦାପି ସନ୍ନ୍ୟାସୀ ନୁହେଁ; ଯିଏ ଅନ୍ୟମାନଙ୍କର

'oaob.nitrkl.ac.in' images reprocessed

ଉତ୍ପୀଡ଼ନ କରେ, ତାହାକୁ କଦାପି ଜଣେ ଯଥାର୍ଥ ବୈରାଗୀ ବୋଲି କୁହାଯାଇ ପାରିବ ନାହିଁ ।

କାହାର ଅପମାନ କରିବ ନାହିଁ, କାହାର ଅନିଷ୍ଟ କରିବ ନାହିଁ, ସଦ୍ଧର୍ମର ବିଧାନଟି ଅନୁସାରେ ସାଧନାର ଅଭ୍ୟାସ କରିବ, ମିତାହାରୀ ହେବ, ଏକାନ୍ତରେ ବାସ କରିବ ଏବଂ ଆପଣାକୁ ଉଚ୍ଚତର ଚେତନାଟି ମଧ୍ୟରେ ନିମଜ୍ଜିତ କରି ରଖିଥିବ,—ବୁଦ୍ଧଗଣ ଆମକୁ ଏହି ଶିକ୍ଷା ଦେଇ ଯାଇଛନ୍ତି ।

ସୁବର୍ଣ୍ଣର ବର୍ଷା ହେଲେ ମଧ୍ୟ ବାସନାର ତୃଷା ତଥାପି ମେଣ୍ଟିବ ନାହିଁ । କାରଣ, ସେହି ତୃଷା କଦାପି ମେଣ୍ଟିବାରହିଁ ନୁହେଁ । ସେହି ତୃଷ୍ଣା ହେଉଛି ସବୁ ଦୁଃଖର ମୂଳ । ମୁନି ଏହି କଥାଟିକୁ ଭଲକରି ଜାଣିଥାଏ ।

ସ୍ୱର୍ଗର ସୁଖସମ୍ଭୋଗମାନ ବି ଜଣେ ମୁନିକୁ ସ୍ୱାଦହୀନ ଲାଗିଥାଏ । ଯିଏ ବୁଦ୍ଧଙ୍କର ଶିଷ୍ୟ, ସିଏ କେବଳ ଯାବତୀୟ ବାସନାର ନିର୍ବାପନରେହିଁ ଆନନ୍ଦ ଲାଭ କରିଥାଏ ।

ଭୟ ଦ୍ୱାରା ତାଡ଼ିତ ହୋଇ ଲୋକମାନେ ନାନା ସ୍ଥାନରେ ଆଶ୍ରୟ ଲୋଡ଼ି ଯାଆନ୍ତି; କିଏ ପର୍ବତକୁ ପଳାଏ, କିଏ ଜଙ୍ଗଲକୁ ଚାଲିଯାଏ, କିଏ ବୃକ୍ଷତୋଟା ଏବଂ ଆଉ କିଏ ଦେବାଳୟକୁ ମଧ୍ୟ ଯାଇଥାଏ ।

ମାତ୍ର ଏପରି କରିବା ଦ୍ୱାରା କଦାପି ନିରାପଦ ଆଶ୍ରୟ ମିଳେ ନାହିଁ । ଏହି ଆଶ୍ରୟ କଦାପି ସର୍ବୋଚ୍ଚ ଆଶ୍ରୟ ନୁହେଁ । ଏହିସବୁ ସ୍ଥାନକୁ ଆଶ୍ରୟ ନେବାକୁ ଆସି କୌଣସି ବ୍ୟକ୍ତି ତା'ର ଦୁଃଖଗୁଡ଼ିକରୁ ନିଷ୍କୃତି ପାଇପାରେ ନାହିଁ ।

ପରିପୂର୍ଣ୍ଣ ଜ୍ଞାନଦୃଷ୍ଟିର ସହିତ ଯେଉଁ ବ୍ୟକ୍ତି ବୁଦ୍ଧ, ଧମ୍ମ ଏବଂ ସଂଘର ଆଶ୍ରୟ ଗ୍ରହଣକରେ, କେବଳ ସେଇ ଚତୁର୍ବିଧ ଆର୍ଯ୍ୟସତ୍ୟର ଦର୍ଶନ ଲାଭ କରିଥାଏ ।

ସେହି ଚାରୋଟି ସତ୍ୟ ହେଉଛି—ଦୁଃଖ, ଦୁଃଖର ନିଦାନ, ଦୁଃଖର ନିରାକରଣ ଏବଂ ସେହି ନିରାକରଣର କାରଣରୂପେ ଉତ୍ତମ ଅଷ୍ଟବିଧ ମାର୍ଗ ।

'oaob.nitrkl.ac.in' images reprocessed

ପ୍ରକୃତରେ ଏହାହିଁ ହେଉଛି ନିଶ୍ଚିତ ଆଶ୍ରୟ, ଏହାହିଁ ସର୍ବଶ୍ରେଷ୍ଠ ଆଶ୍ରୟ । ଯିଏ ଏହି ଆଶ୍ରୟଟିକୁ ଗ୍ରହଣ କରେ, କେବଳ ସେଇ ସକଳ ଦୁଃଖକ୍ଲେଶରୁ ମୁକ୍ତହୁଏ ।

ଜଣେ ବୁଦ୍ଧଙ୍କର ସାକ୍ଷାତ୍ ଲାଭ କରିବା କଷ୍ଟକର । ସବୁ ସ୍ଥାନରେ କଦାପି ବୁଦ୍ଧଙ୍କର ଜନ୍ମ ହୁଏ ନାହିଁ । ଏବଂ ଯେଉଁଠାରେ ଏଭଳି ଜଣେ ମୁନି ଜନ୍ମଲାଭ କରନ୍ତି, ତଦ୍ଦ୍ୱାରା ତାଙ୍କ ଚତୁର୍ଦିଗରେ ରହିଥିବା ଆଉ ସମସ୍ତେ ବି ସୁଖରେ ବାସ କରନ୍ତି ।

ବୁଦ୍ଧଗଣଙ୍କର ଜନ୍ମଲାଭ ସୁଖଦାୟକ, ସଦ୍ଧର୍ମର ଶିକ୍ଷାଗୁଡ଼ିକ ସୁଖଦାୟକ । ସଂଘର ସୌହାର୍ଦ୍ଦ୍ୟାବସ୍ଥା ସୁଖଦାୟକ । ଯେଉଁମାନେ ଏଗୁଡ଼ିକରେ ଏକତ୍ୱସୂତ୍ରରେ ବାନ୍ଧହୋଇ ରହିଛନ୍ତି, ସେମାନଙ୍କର ସାଧନା ସୁଖଦାୟକ ।

ବୁଦ୍ଧ ହୁଅନ୍ତୁ ବା ତାଙ୍କର ଶିଷ୍ୟବର୍ଗ ହୁଅନ୍ତୁ, ଯେଉଁମାନେ ସମ୍ମାନର ଯୋଗ୍ୟ, ସେମାନଙ୍କୁ ଯେଉଁମାନେ ସମ୍ମାନ ଦେଖାନ୍ତି, ସେମାନେ ଲାଭ କରୁଥିବା ପୁଣ୍ୟର କଳନା ନାହିଁ । ଯେଉଁମାନେ ସକଳ ବାସନା ଓ ପ୍ରମାଦରୁ ମୁକ୍ତ ହୋଇ ଆସିଛନ୍ତି, ଯେଉଁମାନେ ସକଳ ପ୍ରତିବନ୍ଧକକୁ ପାର ହୋଇଯାଇଛନ୍ତି ଏବଂ ଦୁଃଖ ଓ ଶୋକର ସେପାଖକୁ ଅତିକ୍ରମ କରିଯାଇଛନ୍ତି, ସେମାନଙ୍କୁ ଯେଉଁମାନେ ସମ୍ମାନ କରନ୍ତି, ସେମାନେ ଲାଭ କରୁଥିବା ପୁଣ୍ୟର ପ୍ରକୃତରେ କୌଣସି କଳନା ନାହିଁ ।

ଏଠାରେ ଚତୁର୍ବିଧ ଆର୍ଯ୍ୟସତ୍ୟ ଏବଂ ଦୁଃଖର ଉପଶମ କରାଉଥିବା ଅଷ୍ଟଧା ମାର୍ଗର କଥା କୁହାଯାଇଛି । ପାଠଟିରେ ବିସ୍ତୃତ ଭାବରେ ଏହିସବୁ କଥା କୁହାଯାଇଛି :

ଚତୁର୍ବିଧ ଆର୍ଯ୍ୟସତ୍ୟ ହେଉଛି :

୧. ଏହି ଜୀବନ, — ଏଠାରେ ସାଧାରଣ ଅର୍ଥରେ ଜୀବନର କଳ୍ପନା କରାଯାଇଛି, ଅଜ୍ଞାନ ଏବଂ ମିଥ୍ୟାମୟ ଜୀବନର କଳ୍ପନା କରାଯାଇଛି, — ଏହି ଜୀବନ ଅବିଚ୍ଛେଦ୍ୟ ଭାବରେ ଦୁଃଖ ସହିତ ଗୁନ୍ଥାହୋଇ ରହିଛି : ଏହା ଶରୀର ତଥା ମନ ଉଭୟ ସ୍ତରର ଦୁଃଖ ସହିତ ଗୁନ୍ଥାହୋଇ ରହିଛି ।

୨. ବାସନା ବା ତୃଷ୍ଣା ହେଉଛି ସେହି ଦୁଃଖର କାରଣ; ଏହି ବିଚ୍ଛିନ୍ନତା-ଧର୍ମୀ ଜୀବନର ଅସଲ ସ୍ୱଭାବଟି ବିଷୟରେ ରହିଥିବା ଅଜ୍ଞାନହିଁ ତୃଷ୍ଣାର କାରଣ ହୋଇଥାଏ ।

'oaob.nitrkl.ac.in' images reprocessed

୩. ଦୁଃଖରୁ ନିଷ୍କୃତି ପାଇବା ଲାଗି ଗୋଟିଏ ଉପାୟ ରହିଛି, ଯନ୍ତ୍ରଣାର ଅନ୍ତ ଲାଗି ଗୋଟିଏ କାରଣ ରହିଛି ।

୪. ଅଷ୍ଟଧା ମାର୍ଗର ଶୃଙ୍ଖଳାଟିକୁ ଅଭ୍ୟାସ କରିବା ଦ୍ୱାରହିଁ ଏହି ନିଷ୍କୃତି ସମ୍ଭବ ହୋଇଥାଏ । ସେହି ମାର୍ଗ କ୍ରମଶଃ ଆମର ମନକୁ ଅଜ୍ଞାନ ମଧ୍ୟରୁ ଶୁଦ୍ଧ କରି ବାହାର କରି ଆଣେ । ତେଣୁ, ଏହି ଚତୁର୍ଥ ସତ୍ୟଟିକୁ ଅଷ୍ଟଧା ମାର୍ଗର ପ୍ରଣାଳୀଟି ବୋଲି କୁହାଯାଇଥାଏ ।

ସେହି ଯଥାର୍ଥ ମାର୍ଗରେ ନିମ୍ନଲିଖିତ ଆଠଗୋଟି ପର୍ଯ୍ୟାୟର ସାଧନା ଓ ଶିକ୍ଷା ନିହିତ ହୋଇ ରହିଛି :

୧. ଯଥାର୍ଥ ଦର୍ଶନ : ବସ୍ତୁଗୁଡ଼ିକ ପ୍ରକୃତରେ ଯେପରି, ସେଗୁଡ଼ିକୁ ଠିକ୍ ସେହିପରି ଦେଖିବା, ଅର୍ଥାତ୍, ଶୁଦ୍ଧ ଭାବରେ ଦେଖିବା, ନିର୍ଭୁଲ ଭାବରେ ଦେଖିବା ଏବଂ ସର୍ବୋତ୍ତମ ଭାବରେ ଦେଖିବା ।

ଆମେ ଜୀବନକୁ ତିନୋଟି ଅବସ୍ଥାର ଲକ୍ଷଣ ଦେଇ ବୁଝିବା : ଦୁଃଖ, କ୍ଷଣସ୍ଥାୟିତ୍ୱ, ଏକ ନିର୍ଦ୍ଦିଷ୍ଟ ଆତ୍ମକେନ୍ଦ୍ରର ଅଭାବ । ଧମ୍ମପଦରେ ଏହିପରି କୁହାଯାଇଛି । ମାତ୍ର ତାହା ପ୍ରକୃତରେ ଠିକ୍ ସେହିପରି ନୁହେଁ । ଆମେ ଏହାକୁ ବରଂ ମନୋମୟ ଭୂମିର ସମସ୍ତତାଟି ଉପରେ ଏକ ନିର୍ଦ୍ଦିଷ୍ଟ, ଦୀର୍ଘସ୍ଥାୟୀ ଏବଂ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଭାବ ବୋଲି କହିପାରିବା । ଠିକ୍ ଏହି କାରଣରୁହିଁ, ଉଦାହରଣସ୍ୱରୂପ, ସାଧାରଣ ଅବସ୍ଥାରେ ଆମେ ଆମର ଅତୀତ ଜନ୍ମଗୁଡ଼ିକୁ ଆଦୌ ସ୍ମରଣ କରିପାରୁ ନାହିଁ ବା ଆପଣାର ସମୁଦାୟ ଯାବତୀୟ ଜୀବନଟି ମଧ୍ୟରେ ଏକ ସଚେତନ ଅବିଚ୍ଛିନ୍ନତା ରହିଥିବାର ବୋଧଟିକୁ ଲାଭ କରିପାରୁ ନାହିଁ ।

ତେଣୁ, ଯଥାର୍ଥ ଦର୍ଶନ ହେଉଛି ପ୍ରଥମ କଥା; ଏବଂ ଯଥାର୍ଥ ଦେଖିବାର ଅର୍ଥ ହେଉଛି ଯେ ଆମେ ଏହି ସାଧାରଣ ଜୀବନଟି ସହିତ ଦୁଃଖ ସର୍ବଦା ଜଡ଼ିତ ହୋଇ ରହିଛି ବୋଲି ଦେଖିବାକୁ ପାଇବା; ବସ୍ତୁମାତ୍ରକେ ସବୁକିଛି ଯେ ଅତି କ୍ଷଣସ୍ଥାୟୀ ଏବଂ ବ୍ୟକ୍ତିଗତ ଚେତନାର କ୍ଷେତ୍ରରେ ଯେ ଆଦୌ କୌଣସି ଅବିଚ୍ଛିନ୍ନତା ନାହିଁ, ସେହି କଥାଟିକୁ ଦେଖିବାକୁ ପାଇବା ।

୨. ଯଥାର୍ଥ ଅଭିପ୍ରାୟ ବା ଯଥାର୍ଥ ବାସନା : ମାତ୍ର ଏଠାରେ ସେହି ଗୋଟିଏ ଶବ୍ଦ "ବାସନା"କୁ ବ୍ୟବହାର କରିବା ଆଦୌ ଉଚିତ ହୋଇ ନାହିଁ, କାରଣ, ଆମ ଭିତରେ ଯେ ଆଦୌ କୌଣସି ବାସନା ରହିବା ଉଚିତ ନୁହେଁ, ଠିକ୍ ଏ ଆଗରୁ ଆମକୁ ସେକଥା କୁହାଯାଇଛି । ଏହାକୁ ଆମେ ବରଂ

'oaob.nitrkl.ac.in' images reprocessed

"ଯଥାର୍ଥ ଆକାଙ୍କ୍ଷା" ବୋଲି କହିବା । "ବାସନା" ସ୍ଥାନରେ ଆମେ ଏଠି "ଆକାଙ୍କ୍ଷା" ଶବ୍ଦଟିକୁ ବସାଇଦେବା ।

"ସକଳ ଆସକ୍ତିରୁ ମୁକ୍ତ ହୋଇ ରହିବା ଏବଂ ଅସ୍ତିତ୍ୱରେ ରହିଥିବା ଯାବତୀୟ ବସ୍ତୁ ପ୍ରତି ସଦୟ ଭାବନାମାନ ପୋଷଣ କରିବା" । ସତତହିଁ ସଦୟତାର ଏକ ସ୍ଥିତିରେହିଁ ଜୀବନ ବଞ୍ଚିବା । ସମସ୍ତଙ୍କ ଲାଗି ସର୍ବୋତ୍ତମର ଇଚ୍ଛା ରଖିବା, ସର୍ବଦାହିଁ ସେହିପରି ଇଚ୍ଛା ରଖିବା ।

୩. କାହାକୁ କୌଣସି ଆଘାତ ଦେଉ ନ ଥିବା ଯଥାର୍ଥବଚନ : ତୁମେ ନିରର୍ଥକ ଭାବରେ ଆଦୌ କୌଣସି କଥା କହିବ ନାହିଁ ଏବଂ ସୁବିବେକ ସହିତ ଦ୍ୱେଷଯୁକ୍ତ ସକଳ କଥାକୁ ଏଡ଼ାଇ ରହିଥିବ ।

୪. ଯଥାର୍ଥ ଆଚରଣ — ଶାନ୍ତିଯୁକ୍ତ ଓ ସାଧୁ : ଯାବତୀୟ ଦୃଷ୍ଟି-କୋଣରୁ, କେବଳ ଭୌତିକ ସ୍ତରରେ ନୁହେଁ, ନୈତିକ ଏବଂ ମାନସିକ ସ୍ତରରେ ମଧ୍ୟ ଯଥାର୍ଥ ଆଚରଣ । ମାନସିକ ସ୍ତରରେ ସାଧୁତା ଅର୍ଜନ କରିବା ହେଉଛି ଏକ ଅତ୍ୟନ୍ତ କଷ୍ଟସାଧ୍ୟ ବିଷୟ ।

୫. ଯଥାର୍ଥ ଜୀବନ-ପ୍ରଣାଳୀ : କୌଣସି ପ୍ରାଣୀ ପ୍ରତି କେବେହେଲେ କୌଣସି ଅନିଷ୍ଟ କିଂବା ବିପଦ ଘଟାଇବ ନାହିଁ : ଏହି କଥାଟିକୁ ବୁଝିବା ଅପେକ୍ଷାକୃତ ଅଧିକ ସହଜ । ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଯାବତୀୟ ସାଧାରଣ ବୁଦ୍ଧିକୁ ଉପେକ୍ଷା କରି ଏହି ନୀତିଟିକୁ ଏକ ଅତିଶୟତାରେ ମଧ୍ୟ ପରିଣତ କରି ଦେଇଥାନ୍ତି । ଉଦାହରଣସ୍ୱରୂପ, କାଳେ ଜୀବାଣୁମାନେ ପାଟିରେ ପଶି ଗିଳିହୋଇଯିବେ, ସେଥିପାଇଁ କେତେକ ବ୍ୟକ୍ତି ପାଟି ଉପରେ ଗୋଟିଏ ରୁମାଲ ବାନ୍ଧିଥାନ୍ତି; କାଳେ କୌଣସି ପୋକ ଉପରେ ସେମାନଙ୍କର ଗୋଡ଼ ପଡ଼ିଯିବ, ସେଥିଲାଗି ସେମାନେ ସେମାନଙ୍କର ଆଗରେ ଥିବା ରାସ୍ତାକୁ ଓଳାଇ ପରିଷ୍କାର କରି ରଖିଥାନ୍ତି । ମୋତେ ଏସବୁ କଥା ଟିକେ ଅତିବେଶୀ ହୋଇଗଲା ପରି ଲାଗୁଛି, କାରଣ, ସମୁଦାୟ ଜୀବନଟି ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛି, ତାହା ବିନାଶ ଦ୍ୱାରାହିଁ ଗଠିତ ହୋଇ ରହିଛି । ମାତ୍ର ଯଦି ତୁମେ କଥାଗୁଡ଼ିକୁ ଉଚିତ ଅର୍ଥରେ ବୁଝିବ, ତେବେ ତାହାର ଏହି ଅର୍ଥ ହେବ ଯେ ଆମେ ଅନିଷ୍ଟ ଘଟାଇବାର ଯାବତୀୟ ସମ୍ଭାବନାକୁ ଏଡ଼ିବା ଲାଗି ଚେଷ୍ଟା କରିବା, ଆମେ ଇଚ୍ଛାକୃତ ଭାବରେ କୌଣସି ପ୍ରାଣୀ ଲାଗି ଅନିଷ୍ଟ ବା ପ୍ରମାଦ ଘଟାଇବା ନାହିଁ । ଏଠାରେ ତୁମେ ପ୍ରାଣୀମାନଙ୍କ ସମସ୍ତଙ୍କୁ ମଧ୍ୟ ଅନ୍ତର୍ଗତ କରି ରଖିପାରିବ; ଏବଂ ବିଶ୍ୱ-ବ୍ରହ୍ମାଣ୍ଡରେ

'oaob.nitrkl.ac.in' images reprocessed

ଯେଉଁଠି ଯେତେଯାହା ଜୀବନ ଧରି ରହିଛି, ଯଦି ତୁମେ ଏହି ସାବଧାନତା ଏବଂ ଦୟାଳୁତାକୁ ସମସ୍ତଙ୍କ ଲାଗି ପ୍ରସାରିତ କରିଦେଇ ପାରିବ, ତେବେ ତାହା ତୁମର ଅନ୍ତଗତ ଅଭିବୃଦ୍ଧି ଲାଗି ପ୍ରକୃତରେ ଅତ୍ୟନ୍ତ ଅନୁକୂଳ ହେବ ।

୬. **ଯଥାର୍ଥ ପ୍ରୟାସ :** ନିରର୍ଥକ ବସ୍ତୁଗୁଡ଼ିକ ଲାଗି ତୁମେ ଆଦୌ କୌଣସି ନିରର୍ଥକ ପ୍ରୟାସ କରିବ ନାହିଁ । ବରଂ, ଅଜ୍ଞାନ ଉପରେ ବିଜୟୀ ହୋଇପାରିବା ଲାଗି ତୁମେ ଆପଣା ପ୍ରୟାସର ସକଳ ଶକ୍ତିକୁ ସଞ୍ଚିତ କରି ରଖିବ, ଆପଣାକୁ ମିଥ୍ୟାର କବଳରୁ ମୁକ୍ତ କରିବା ଲାଗି ତାହାକୁ ସଂଯୁକ୍ତ କରି ରଖିଥିବ । ତେବେ ଦେଖିବ, ତୁମେ ଯଥେଷ୍ଟ ପ୍ରୟାସ କରିସାରିଲଣି ବୋଲି ଆଉ କେବେହେଲେ କହିପାରିବ ନାହିଁ ।

୭. ସପ୍ତମ ମାର୍ଗଟି ଧମ୍ମଟିରହିଁ ଅଧିକ ଦୃଢ଼ଭାବରେ ସମର୍ଥନ କରୁଛି : **ଯଥାର୍ଥ ସାବଧାନତା :** ତୁମର ମନ ସର୍ବଦା ସକ୍ରିୟ ଏବଂ ସତର୍କତାସମ୍ପନ୍ନ ହୋଇ ରହିଥିବ । ତୁମେ କଦାପି ଏକ ଅର୍ଦ୍ଧସୁପ୍ତିର ଅବସ୍ଥାରେ ପଡ଼ି ରହିବ ନାହିଁ । ଅର୍ଦ୍ଧଚେତନାର ଏକ ଅବସ୍ଥାରେ କଦାପି ରହିବ ନାହିଁ । ସାଧାରଣତଃ, ଜୀବନର କ୍ଷେତ୍ରରେ ଏହିପରି ହୋଇଥାଏ ଯେ, ପରିସ୍ଥିତି ଯେତେବେଳେ ଯେଉଁପରି ଆସେ, ତୁମେ ନିଜକୁ ତାହାରି ହାତରେହିଁ ସେହିପରି ଛାଡ଼ି ଦେଇଥାଅ । ଏହି କଥାଟିକୁ ସମସ୍ତେ କରିଥାନ୍ତି । ମଝିରେ ମଝିରେ ତୁମର ନିଦ ଭାଙ୍ଗିଗଲେ ତୁମେ ନିଜର ସମୟକୁ କେବଳ ନଷ୍ଟ କରିଦେଲି ବୋଲି ଉପଲବ୍ଧି କରିବାକୁ ଲାଗ । ତା'ପରେ ପୁଣି ଏକ ବୃହତ୍ ପ୍ରୟାସ ଆରମ୍ଭ କରିଦିଅ, ଏବଂ ପୁଣି ଗୋଡ଼ ଖସି ପଡ଼ିଯାଅ, ଗୋଟିଏ ମୁହୂର୍ତ୍ତ ନ ଯାଉଣୁହିଁ ପୁଣି ଆଳସ୍ୟ ମଧ୍ୟରେ ଆସି ପଡ଼ିଯାଅ । ତୁମେ ଯାହା କରୁଛ, ସେଥିରେ କୌଣସି ତୀବ୍ରତା ବା ପ୍ରଚଣ୍ଡତା ନ ଥାଉ ପଛକେ, ଅଧିକ ପରିମାଣରେ ବରଂ ଏକ ସନ୍ତତତା ରହିଥିବା ଉଚିତ ।

(୮) ଏବଂ, ସର୍ବାଶେଷରେ, **ଯଥାର୍ଥ ମନନ :** ବସ୍ତୁଗୁଡ଼ିକର ଅସଲ ସତ୍ୟଟି ଉପରେହିଁ ଆମର ଅହଂମୁକ୍ତ ଭାବନାଟି ଅଭିନିବେଶିତ ହୋଇ ରହିଥିବ; ଅନ୍ତରତମ ସତ୍ୟ ଏବଂ ହାସଲ କରିବାକୁ ରହିଥିବା ଲକ୍ଷ୍ୟଟି ଉପରେ ତାହା ସକେନ୍ଦ୍ରିତ ହୋଇ ରହିଥିବ ।

ଜୀବନର ଗତିପଥରେ କେତେଥର ଆମେ ଗୋଟାଏ ପ୍ରକାରର ଶୂନ୍ୟତାର ଭାବ ଅନୁଭବ ନ କରୁ ? ବେଳେବେଳେ ଏପରି ଏକ ବେଳ ଆସେ, ଯେତେବେଳେ କିଛି କରିବାକୁ ନ ଥାଏ । ତାହା ଅଳ୍ପ କେତେ ଦଣ୍ଡ ପାଇଁ ଆସିଥାଏ, ପୁଣି ବେଳେବେଳେ ଅଧିକ ସ୍ଥାୟୀ ଭାବରେ ବି ଆସିଥାଏ । ଏବଂ ସେତେବେଳେ ତୁମେ କ'ଣ କର କହିଲ ? ସଙ୍ଗେ ସଙ୍ଗେ ତୁମେ ମନକୁ ବାହାରେଇ ଅନ୍ୟଆଡ଼େ

'oaob.nitrkl.ac.in' images reprocessed

କେଇଯିବାକୁ ଚେଷ୍ଟାକର ଏବଂ ସମୟତିକୁ କଟାଇ ଦେବା ପାଇଁ ତୁମେ କୌଣସି ନା କୌଣସି ଏକ ନିର୍ବୋଧତାର ଉଦ୍‌ଭାବନ କରି ବସ । ଏଇଟା ଏକ ସାଧାରଣ କଥା । ସାନମାନଙ୍କଠାରୁ ଆରମ୍ଭ କରି ବଡଙ୍କ ପର୍ଯ୍ୟନ୍ତ ସମସ୍ତେ, ସେମାନଙ୍କୁ ଉପରେ କେତେବେଳେ ହେଲେ ବି ନୀରସ ବା ବିରକ୍ତ ନ ଲାଗିବ, ସେଇଥି ଲାଗି ଚେଷ୍ଟା କରି ଆପଣାର ଅଧିକାଂଶ ସମୟ କଟାଇ ଦିଅନ୍ତି । ନୀରସତାହିଁ ସେମାନଙ୍କର ସବୁଠାରୁ ଅଧିକ ପ୍ରେସ୍ଟ ଘୃଣାର ବସ୍ତୁ ହୋଇ ରହିଥାଏ, ଏବଂ ସେହି ନୀରସତାରୁ ରକ୍ଷା ପାଇବାକୁ ଯାଇ ସେମାନେ ନିର୍ବୋଧ ଭାବରେ କିଛି ନା କିଛି କରିବାରେ ଲାଗିଥାନ୍ତି ।

ହଁ, ଏହା ଅପେକ୍ଷା ଆଉଏକ ଅଧିକ ଭଲ ଉପାୟ ମଧ୍ୟ ରହିଛି ଏବଂ ଆମେ ସେଇଟିକୁ ମନେ ରଖିବା ।

ଯେତେବେଳେ ତୁମ ପାଖରେ କିଛି ସମୟ ଅଛି, ତାହା ଗୋଟାଏ ଘଣ୍ଟା ହୋଇଥାଉ କିଂବା କୋଡ଼ିଏଟି ମିନିଟ୍ ବି ହୋଇଥାଉ ପଛକେ, ସେତେବେଳେ ତୁମେ ନିଜକୁ କହିବ, "ଯାହାହେଉ, ଆପଣାକୁ ଅଭିନିବେଶିତ କରି ରଖିବାକୁ, ସଂଗୃହୀତ କରି ଆଣିବାକୁ, ମୋର ଜୀବନୋଦ୍ଦେଶ୍ୟଟିକୁ ପୁନର୍ବାର ବାନ୍ଧି ପାରିବାକୁ ଓ ପରମ ସତ୍ୟ ତଥା ପରମ ଶାଶ୍ୱତଙ୍କ ପାଖରେ ଆପଣାକୁ ନିବେଦନ କରିଦେବାକୁ ମୋତେ ବର୍ତ୍ତମାନ ଏତକ ସମୟ ମିଳିଲା !" ବହିଃପରିସ୍ଥିତିଗୁଡ଼ିକ ଦ୍ୱାରା ଉତ୍ପୀଡ଼ିତ ନ ହେଉଥିବା ଏହି ପ୍ରତ୍ୟେକଟି ସମୟରେ ଯଦି ତୁମେ ମନେ ରଖି ଏତକ କରି ପାରିବ, ତେବେ ତୁମେ ଦେଖିବାକୁ ପାଇବ ଯେ ଯଥାର୍ଥ ମାର୍ଗଟି ଉପରେ ତୁମେ ପ୍ରକୃତରେ ଅତ୍ୟନ୍ତ ବେଗର ସହିତ ଅଗ୍ରଗତି କରିବାରେ ଲାଗିଛ । ଗପ କରିବାରେ, ନିରର୍ଥକ ନାନା କଥା କରିବାରେ, ଚେତନାକୁ ନିମ୍ନକୁ ନେଇ ଆସୁଥିବା ନାନା ବିଷୟ ପାଠ କରିବାରେ,—ଏଠାରେ ମୁଁ ଏହି କାର୍ଯ୍ୟ କେବଳ ସର୍ବୋତ୍କୃଷ୍ଟ ଉଦାହରଣଗୁଡ଼ିକର କଥା କହୁଛି, ଏଠାରେ ଆହୁରି ଅଧିକ ମାରାତ୍ମକ ସେହି ଅନ୍ୟ ଅଜ୍ଞାନବୋଧତାଗୁଡ଼ିକ ବିଷୟରେ ଆଦୌ କହୁ ନାହିଁ,—ଆପଣାର ମୁଣ୍ଡଟାକୁ ଏଣୁତେଣୁ ନାନା ବିଷୟରେ ବ୍ୟସ୍ତ କରି ନ ରଖି, ଅତ୍ୟନ୍ତ ସ୍ୱଳ୍ପ ହୋଇ ରହିଥିବା ସମୟଟିକୁ ଆହୁରି ଅଧିକ ସ୍ୱଳ୍ପ କରିବାକୁ ଯିବାର ଚେଷ୍ଟା ନ କରି,—ଯଦ୍ୱାରା ତୁମେ ଜୀବନର ଶେଷ ଭାଗକୁ ଆସି ଆପଣା ଅବସରଟିର ତିନିଚତୁର୍ଥାଂଶ ସମୟକୁ କେବଳ ନଷ୍ଟହିଁ କରି ଆସିଲ ବୋଲି ଉପଲବ୍ଧି କରିବାକୁ ଆରମ୍ଭ କର, —ସେତେବେଳେ ତୁମେ ଦୁଇଗୁଣ ସମୟ ଖଟାଇବାକୁ ଇଚ୍ଛାକର, ମାତ୍ର ତାହା ଆଦୌ ସମ୍ଭବ ହୁଏ ନାହିଁ,—ସେସବୁ କୌଣସି ଚେଷ୍ଟା ନ କରି ମିତାଭାଷୀ ଓ ଭାରସାମ୍ୟଯୁକ୍ତ ହେବା, ଧୈର୍ଯ୍ୟଶୀଳ ଏବଂ ସ୍ଥିର ହେବାହିଁ ଅନେକ ଅଧିକ

'oaob.nitrkl.ac.in' images reprocessed

ଶ୍ରେୟସ୍କର । ତୁମକୁ ଯେଉଁ ଅବସରଟି ଦିଆଯାଇଛି, ତାହାକୁ କଦାପି ହାତଛଡ଼ା କରି ନ ଦେବା ହେଉଛି ଅଧିକ ଯଥାର୍ଥ । ଅର୍ଥାତ୍, ତୁମ ଆଗରେ ଯେଉଁ ଖାଲି ସମୟଟି ରହିଥିବ, ତୁମେ ତାହାକୁ ଯଥାର୍ଥ ଉଦ୍ଦେଶ୍ୟଟିର ସାଧନରେହିଁ ବ୍ୟବହାର କରିବ ।

ଯେତେବେଳେ ତୁମର କିଛି କରିବାକୁ ନ ଥାଏ, ତୁମେ ଯେତେବେଳେ ଅସ୍ଥିର ହୋଇପଡ଼, ଏଣେତେଣେ ଦଉଡ଼ିବାରେ ଲଗିଯାଅ, ବନ୍ଧୁମାନଙ୍କ ସାକ୍ଷାତ୍ କରିବାକୁ ଯାଅ, କୁଆଡ଼େ ବୁଲି ବାହାରିଯାଅ;—ସର୍ବୋତ୍କୃଷ୍ଟ ଉଦାହରଣଗୁଡ଼ିକ ଦେବାକୁ ଗଲେ, ତୁମେ ଏହିପରି କିଛିଗୋଟାଏ କର । ଯେଉଁଗୁଡ଼ାକ କରିବା ଆଦୌ ଉଚିତ ନୁହେଁ, ଏଠାରେ ମୁଁ ସେଗୁଡ଼ିକ ବିଷୟରେ ଆଦୌ କିଛି କହୁ ନାହିଁ । ସେସବୁ କୌଣସି କଥା ନ କରି ତୁମେ ଆକାଶକୁ ମୁହଁ କରି ନୀରବ ହୋଇ ବସିବ, ନ ହେଲେ ସାମନାରେ ସମୁଦ୍ର ଥିବ କି ଗଛମାନେ ଥିବେ, ଯେଉଁଠି ଯାହା ସମ୍ଭବ ହେବ, ସେକଥା ବି ହୋଇପାରେ (ଏଠାରେ ତ ସେଗୁଡ଼ିକ ସବୁଯାକ ରହିଛି) । ଏବଂ ତା'ପରେ ତୁମେ ଏଗୁଡ଼ିକ ମଧ୍ୟରୁ ଗୋଟିକର ଉତ୍ତର ପାଇବା ଲାଗି ଚେଷ୍ଟା କରିବ,—ତୁମେ କାହିଁକି ନିଜ ଜୀବନଟିକୁ ବଞ୍ଚୁଛ, ତାହା ବୁଝିବାକୁ ଚେଷ୍ଟା କରିବ; ତୁମକୁ କିପରି ଭାବରେ ଅବଶ୍ୟ ବଞ୍ଚିବାକୁ ହେବ, ସେହି କଥାଟିକୁ ଶିକ୍ଷା କରିବ; ତୁମେ ପ୍ରକୃତରେ କ'ଣ କରିବାକୁ ଇଚ୍ଛା କରୁଛ ଓ ତୁମର କ'ଣ କରିବା ଉଚିତ, ଗଭୀର ଭାବରେ ସେହି ବିଷୟରେ ଚିନ୍ତା କରିବ; ତୁମେ ଯେଉଁ ଅଜ୍ଞାନ ଏବଂ ଦୁଃଖ ମଧ୍ୟରେ ଜୀବନ ବଞ୍ଚିବାକୁ ବାଧ୍ୟ ହେଉଛ, ସେଥିରୁ ନିଷ୍କୃତି ଲାଭ କରିବାକୁ ହେଲେ ସର୍ବୋତ୍କୃଷ୍ଟ ଉପାୟଟି ଯେ କ'ଣ, ତୁମେ ସେହି ବିଷୟଟି ଉପରେ ଚିନ୍ତା କରିବ ।

'oaob.nitrkl.ac.in' images reprocessed

ସୁଖ

ଶତ୍ରୁତା କରୁଥିବା ମନୁଷ୍ୟମାନଙ୍କ ଭିତରେ, ଆମେ ଯେଉଁମାନେ ଘୃଣାରହିତ ହୋଇ ବାସ କରିବା, ସେହିମାନେହିଁ ସୁଖୀ ହେବା । ଯେଉଁ ଲୋକେ ଘୃଣା କରୁଆନ୍ତି, ସେହିମାନଙ୍କ ଭିତରେ ରହି ମଧ୍ୟ ଆମେ ଘୃଣାମୁକ୍ତ ହୋଇ ବାସ କରିବା ।

ଯେଉଁମାନେ ଦୁଃଖଭୋଗ କରୁଛନ୍ତି, ସେମାନଙ୍କ ଭିତରେ ଦୁଃଖମୁକ୍ତ ହୋଇ ରହିଥିବା ଆମ୍ଭମାନଙ୍କୁହିଁ ସୁଖୀ ବୋଲି କହିବାକୁ ହେବ । ଦୁଃଖଭୋଗ କରୁଥିବା ଲୋକମାନଙ୍କ ମଧ୍ୟରେ ରହି ମଧ୍ୟ ଆମେ ଦୁଃଖମୁକ୍ତ ହୋଇ ବାସ କରିବା ।

ଯେଉଁମାନେ ଲୋଭରେ ପରିପୂର୍ଣ୍ଣ ହୋଇଛନ୍ତି, ସେମାନଙ୍କ ଭିତରେ ଲୋଭରୁ ମୁକ୍ତ ହୋଇ ରହିଥିବା ଆମ୍ଭେମାନେହିଁ ସୁଖୀ । ଲୋଭାସକ୍ତ ଲୋକମାନଙ୍କ ମଧ୍ୟରେ ରହି ମଧ୍ୟ ଆମେ ଲୋଭମୁକ୍ତ ହୋଇ ବାସ କରିବା ।

ଆମର ଯେଉଁମାନଙ୍କର କିଛି ନାହିଁ, ଆମେ ପ୍ରକୃତରେ ସୁଖୀ । ଦୀପ୍ତୋଜ୍ଜ୍ୱଳ ଦେବତାମାନଙ୍କ ପରି ଆମେ ଆନନ୍ଦକୁହିଁ ଆହାର ରୂପେ ଗ୍ରହଣ କରିବା ।

ବିଜୟରୁ ଶତ୍ରୁମାନେ ଜନ୍ମଲାଭ କରନ୍ତି, ଏବଂ ଯିଏ ପରାଜିତ ହୁଏ, ତାକୁ ମଧ୍ୟ ଦୁଃଖରେ କାଳ କାଟିବାକୁ ହୁଏ । ଶାନ୍ତ ବ୍ୟକ୍ତି ସହର୍ଷ ବାସ କରୁଆଏ, ସେ ବିଜୟ ଓ ପରାଜୟ ଉଭୟ ପ୍ରତି ବିମୁଖ ହୋଇ ରହିଥାଏ ।

କାମଠାରୁ ବଳି ଅଗ୍ନି ନାହିଁ, ଘୃଣାଠାରୁ ବଳି ବଡ଼ ଦୁର୍ଭାଗ୍ୟ ନାହିଁ । ବଞ୍ଚି ରହିବାଠାରୁ ବଳି ବଡ଼ ଦୁଃଖଭୋଗ ନାହିଁ ଏବଂ ନିର୍ବାଣଠାରୁ ବଳି ବଡ଼ ଆନନ୍ଦ ନାହିଁ ।

କ୍ଷୁଧା ହେଉଛି ସବୁଠାରୁ ବଡ ରୋଗ, ବଞ୍ଚିବା ହେଉଛି ସବୁଠାରୁ ବଡ଼ ଦୁଃଖ । ଯିଏ ଏହି କଥାଟିକୁ ବୁଝିଛି, ସେଇ ନିର୍ବାଣକୁ ମଧ୍ୟ ସର୍ବୋଚ୍ଚ ପରମସୁଖ ବୋଲି ଜାଣିଛି ।

'oaob.nitrkl.ac.in' images reprocessed

ସ୍ୱାସ୍ଥ୍ୟ ହେଉଛି ସର୍ବୋତ୍ତମ ସମ୍ପଦ, ସନ୍ତୋଷ ହେଉଛି ବୃହତ୍ତମ ସମ୍ପତ୍ତି । ବିଶ୍ୱାସୀ ବନ୍ଧୁହିଁ ସର୍ବୋତ୍ତମ ସାଥୀ ଏବଂ ନିର୍ବାଣହିଁ ସର୍ବୋତ୍ତମ ସୁଖ ।

ଜଣେ ବ୍ୟକ୍ତି ଯେତେବେଳେ ଏକାନ୍ତତାର ମଧୁର ସ୍ୱାଦଟିକୁ ଲାଭ କରେ, ସେତିକିବେଳେ ଯାଇ ସେ ଦୁଃଖ ଏବଂ ମନ୍ଦରୁ ମୁକ୍ତିଲାଭ କରେ । କାରଣ ସେତେବେଳେ ସେ ସଦ୍ଧର୍ମ ପ୍ରତି ରହିଥିବା ତା'ର ଶ୍ରଦ୍ଧାରୂପକ ମଧୁରରସପାନରେ ଅଂଶଗ୍ରହଣ କରେ ।

ସାଧୁମାନଙ୍କର ଚିନ୍ତା କରିବା ଭଲ, ସେମାନଙ୍କ ସଂସର୍ଗରେ ବାସ କରିବା ସଦା ସୁଖକର । ନିର୍ବୋଧ ବ୍ୟକ୍ତିମାନଙ୍କର ମୁହଁଦର୍ଶନକୁ ଏଡ଼ି ରହିବା ଦ୍ୱାରାହିଁ ସର୍ବଦା ସୁଖ ଲାଭ କରିଯାଇପାରେ ।

ମୂର୍ଖମାନଙ୍କ ସହିତ ବାରଂବାର ସଙ୍ଗତି ରଖିବା ଦ୍ୱାରା ଦୁଃଖଭୋଗହିଁ ଦୀର୍ଘସ୍ଥାୟୀ ହୁଏ । ନିର୍ବୋଧମାନଙ୍କର ସଙ୍ଗତି ଶତ୍ରୁ ସହିତ ସଙ୍ଗତି ପରି ଦୁଃଖଦାୟକ ହୋଇଥାଏ । ମୁନିଜନମାନଙ୍କର ସଂସର୍ଗରେ ବାସ କରିବା ଦ୍ୱାରା ନିଜର ଜ୍ଞାତିମାନଙ୍କ ସହିତ ବାସ କରିବାର ସୁଖ ଉପଲବ୍ଧ ହୋଇଥାଏ ।

ତେଣୁ ଯେଉଁ ସାଧୁ ଓ ମୁନି ଧୀରତା ଓ ପ୍ରଜ୍ଞା ଅର୍ଜନ କରିଛନ୍ତି, ଯିଏ ବହୁଶ୍ରୁତ, ସମର୍ପିତ ଏବଂ ଉଦାର, ତୁମେ ତାଙ୍କର ସାହଚର୍ଯ୍ୟ ଲୋଡ଼ିବାକୁ ଯିବ । ତୁମେ ଏହିଭଳି ଜଣେ ଉତ୍ତମ ଓ ପ୍ରଜ୍ଞାବାନ୍ ବ୍ୟକ୍ତିଙ୍କର ଦୃଷ୍ଟାନ୍ତକୁ ଅନୁସରଣ କରିବ । ଯେପରି ଚନ୍ଦ୍ରମା ନକ୍ଷତ୍ର-ମାନଙ୍କର ପଥ ଅନୁସରଣ କରେ, ଠିକ୍ ସେହିପରି ।

ଏଗୁଡ଼ିକ ମଧ୍ୟରୁ ଗୋଟିଏ ପ୍ରକୃତରେ ଭାରି ସୁନ୍ଦର । ଆମେ ଏହିପରି ଭାବରେ ବି ସେଇଟିର ଅନୁବାଦ କରିପାରିବା : "ଯାହାର ନିଜ ସମ୍ପତ୍ତି ବୋଲି କିଛି ନାହିଁ, ସେଇ ପ୍ରକୃତରେ ସୁଖୀ । ସେହି ବ୍ୟକ୍ତିହିଁ ଦୀପ୍ତିମାନ୍ ଦେବତାମାନଙ୍କର ଆନନ୍ଦରେ ଅଂଶଗ୍ରହଣ କରିପାରିବ ।" ଆପଣାର ସମ୍ପତ୍ତି ବୋଲି ଆମର କିଛି ନ ରହିବାର ଅର୍ଥ ନୁହେଁ ଯେ ଆମେ ଆଦୌ କୌଣସି ବସ୍ତୁ ବ୍ୟବହାର କରିବା ନାହିଁ, ତାହାର ଅର୍ଥ ନୁହେଁ ଯେ ଆମ ପାଖରେ ଆଦୌ କୌଣସି ବସ୍ତୁହିଁ ରହିବ ନାହିଁ । "ଯାହାର ସମ୍ପତ୍ତି ବୋଲି କିଛି ନାହିଁ, ସେଇ ପ୍ରକୃତରେ ସୁଖୀ ।" ସିଏ ହେଉଛି ଏପରି ଜଣେ ମଣିଷ, ଯାହା ଭିତରେ କୌଣସି ସମ୍ପତ୍ତିବୋଧ ନାହିଁ; ଯେଉଁସବୁ ବସ୍ତୁ ତା'ପାଖକୁ ଯେତେବେଳେ ଆସୁଥିବ, ସେ ସେତେବେଳେ

'oaob.nitrkl.ac.in' images reprocessed

ସେଗୁଡ଼ିକୁ ବ୍ୟବହାର କରୁଥିବ; ସେହି ବସ୍ତୁଗୁଡ଼ିକ ଯେ ତା' ନିଜର ନୁହନ୍ତି, ସେକଥା ସେ ଭଲକରି ଜାଣିଥିବ, ସେଗୁଡ଼ିକୁ ସେ ପରମେଶ୍ୱରଙ୍କର ବୋଲିହିଁ ଜାଣିଥିବ । ଏବଂ, ସେହି କାରଣରୁହିଁ, ଯେତେବେଳେ ସେହି ବସ୍ତୁଗୁଡ଼ିକ ତା'ପାଖରୁ ଚାଲିଯିବେ, ସେତେବେଳେ ସେ ଆଦୌ କୌଣସି ଦୁଃଖ କରିବ ନାହିଁ । ସିଏ ଏହି କଥାଟିକୁ ଅତ୍ୟନ୍ତ ସ୍ୱାଭାବିକ ବୋଲି ଜାଣିବ ଯେ, ଯେଉଁ ପରମେଶ୍ୱର ତାକୁ ଏହି ବସ୍ତୁଗୁଡ଼ିକ ଆଣି ଦେଇଥିଲେ, ସେଗୁଡ଼ିକୁ ଅନ୍ୟମାନେ ଉପଭୋଗ କରିବେ ବୋଲିହିଁ ସେ ସେଗୁଡ଼ିକୁ ତା'ଠାରୁ ଅନ୍ୟତ୍ର ନେଇଗଲେ । ଏହିଭଳି ଜଣେ ବ୍ୟକ୍ତି ବସ୍ତୁଗୁଡ଼ିକୁ ବ୍ୟବହାର କରୁଥିବା ସମୟରେ ଯେତିକି ଆନନ୍ଦ ଅନୁଭବ କରେ, ସେଗୁଡ଼ିକ ତା' ପାଖରେ ନ ଥିବା ସମୟରେ ମଧ୍ୟ ଠିକ୍ ସେତିକି ଆନନ୍ଦ ଅନୁଭବ କରୁଥାଏ । ଯେତେବେଳେ ସେଗୁଡ଼ିକ ତୁମ ପାଖରେ ଥା'ନ୍ତି, ସେତେବେଳେ ତୁମେ ସେଗୁଡ଼ିକୁ ପରମ କରୁଣାର ଦାନ ବୋଲିହିଁ ଗ୍ରହଣ କରିଥା'ଅ, ଏବଂ ଯେତେବେଳେ ସେଗୁଡ଼ିକ ତୁମ ପାଖରୁ ଚାଲି ଯାଆନ୍ତି, ସେତେବେଳେ ତୁମେ ସେଗୁଡ଼ିକରୁ ବଞ୍ଚିତ ହେବାର ଆନନ୍ଦରେ ହିଁ ବାସ କରିବାକୁ ଲାଗ । କାରଣ, କୌଣସି ବସ୍ତୁ ଯେ ତୁମର ସମ୍ପତ୍ତି, ଏହି ବୋଧଟି ହେତୁ ହିଁ ତୁମେ ବସ୍ତୁଗୁଡ଼ିକ ମଧ୍ୟରେ ଲାଗି ରହିବାକୁ ଇଚ୍ଛା କର, ତୁମେ ସେଗୁଡ଼ିକର ଦାସ ହୋଇ ରହ । ତା' ନହେଲେ ତୁମେ ସର୍ବଦା ହିଁ ପ୍ରସନ୍ନ ଭାବରେ ଜୀବନ ଅତିବାହିତ କରି ପାରୁଥାନ୍ତ; ଏବଂ ଅବିରତ ଭାବରେ ବସ୍ତୁସବୁ ଆସୁଥାନ୍ତେ ଓ ପୁଣି ଚାଲି ଯାଉଥାନ୍ତେ ସତ, ମାତ୍ର ଉଭୟ ସ୍ଥିତିରେ ହିଁ ସେମାନେ ତୁମକୁ ପୂର୍ଣ୍ଣତାର ହିଁ ଏକ ବୋଧ ଆଣି ଦେଉଥାନ୍ତେ; ତୁମ ପାଖରେ ଥିଲାବେଳେ ତୁମକୁ ପୂର୍ଣ୍ଣତାର ଏକ ବୋଧ ଆଣି ଦିଅନ୍ତେ ଏବଂ ତୁମ ପାଖରୁ ଚାଲିଗଲେ ତୁମକୁ ସେଗୁଡ଼ିକରୁ ବଞ୍ଚିତ ହେବାର ଏକ ନିର୍ଲିପ୍ତ ଆନନ୍ଦ ମଧ୍ୟ ଦିଅନ୍ତେ ।

ଆନନ୍ଦ ! ଆନନ୍ଦର ଅର୍ଥ ହେଉଛି ପରମସତ୍ୟ ମଧ୍ୟରେ ବାସ କରିବା, ପରମ ଶାଶ୍ୱତଙ୍କ ସହିତ ସଂଯୁକ୍ତ ରହି ଜୀବନ ଅତିବାହିତ କରିବା; ଯଥାର୍ଥ ଜୀବନ ଏବଂ କଦାପି ମ୍ରିୟମାଣ ହୋଇଯାଉ ନ ଥିବା ସେହି ପରମ ଆଲୋକଟି ସହିତ ସଂଯୁକ୍ତ ରହି ଜୀବନ ଅତିବାହିତ କରିବା । ଆନନ୍ଦର ଅର୍ଥ ହେଉଛି ମୁକ୍ତ ରହିବା, ଯଥାର୍ଥ ମୁକ୍ତିର ଅଧିକାରୀ ହୋଇ ମୁକ୍ତ ରହିବା,—ସତତ ଏବଂ ପରିବର୍ତ୍ତନହୀନ ଭାବରେ ଭଗବତ୍-ପରମ ଇଚ୍ଛା ସହିତ ଯୁକ୍ତ ହୋଇ ରହିଲେ ଯେଉଁ ମୁକ୍ତିର ଉପଲବ୍ଧି ହୁଏ, ସେହି ମୁକ୍ତିଟିକୁ ଲାଭ କରିବା ।

ଆମର ଏହି ଜଡ଼ସ୍ଥ ଜୀବନର ଯାବତୀୟ ସଂକୀର୍ଣ୍ଣତା, କ୍ଷୁଦ୍ରତା, ଅଯଥାର୍ଥତା ଏବଂ ଅସତ୍ୟଜନିତ କୌଣସି ପ୍ରକାର ଉତ୍ଥାନପତନ ସହିତ ଯେଉଁମାନେ ବାନ୍ଧି-ହୋଇ ରହି ନାହାନ୍ତି, ସେହିମାନେହିଁ ଦେବତା ।

'oaob.nitrkl.ac.in' images reprocessed

ଯେଉଁମାନେ ପରମ ଆଲୋକ ଆଡ଼କୁ ମୁହଁ କରି ଜୀବନ ବଞ୍ଚୁଛନ୍ତି, ଯେଉଁମାନେ ଭଗବତ୍-ପରମସାମର୍ଥ୍ୟ ଓ ପରମ ଜ୍ଞାନ ମଧ୍ୟରେ ଅବସ୍ଥିତ ରହିଛନ୍ତି, ସେହିମାନେହିଁ ଦେବତା । ଦେବତା କହିଲେ ବୁଦ୍ଧ ତାହାହିଁ ବୁଝୁଛନ୍ତି; ଧର୍ମରେ ଯେଉଁମାନଙ୍କ କଥା କୁହାଯାଇଛି, ଏଠାରେ ଦେବତା କହିଲେ ସେ ତାହା ଆଦୌ ବୁଝୁ ନାହାନ୍ତି । ଯେଉଁ ସତ୍ତ୍ୱମାନଙ୍କର ସ୍ୱଭାବ ଦିବ୍ୟ ସ୍ୱଭାବରେ ପରିଣତ ହୋଇଛି, ହୁଏତ ମନୁଷ୍ୟ ଶରୀରରେ ବାସ କରୁଥିଲେ ମଧ୍ୟ ଯେଉଁମାନେ ଅଜ୍ଞାନ ଏବଂ ମିଥ୍ୟାରୁ ମୁକ୍ତ ହୋଇ ରହିଛନ୍ତି, ସେହିମାନେ ହେଉଛନ୍ତି ଦେବତା ।

ଯେତେବେଳେ ତୁମ ପାଖରେ ନିଜର ସମ୍ପତ୍ତି ବୋଲି କିଛି ନ ରହିବ, ତୁମେ ସେତେବେଳେ ଏହି ବିଶ୍ୱଭୁବନ ପରିବ୍ୟାପ୍ତ ହୋଇହିଁ ଜୀବନ ବଞ୍ଚିପାରିବ ।

୨୮ମଇ ୧୯୫୮

ପ୍ରିୟ ଅପ୍ରିୟ

ଯାହା ଆଦୌ ଲାଭଦାୟକ ନୁହେଁ, ଯିଏ ଆପଣାକୁ ସମ୍ପୂର୍ଣ୍ଣ ଭାବରେହିଁ ସେହିଗୁଡ଼ିକ ହାତରେ ଦେଇ ଦେଇଥାଏ, ଯାହା ପ୍ରକୃତରେ ଲାଭଦାୟକ, ଯିଏ ଆପଣାକୁ ସେଗୁଡ଼ିକ ଲାଗି ତତ୍ପର ରଖି ନ ଥାଏ, ସମ୍ଭୋଗ ଲାଗି ଯିଏ ଯଥାର୍ଥ ଜ୍ଞାନକୁ ପରିହାର କରିଥାଏ, ଆତ୍ମଜ୍ଞାନର ମାର୍ଗକୁ ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କ ପ୍ରତି ସେ ନିଶ୍ଚୟ ଦ୍ୱେଷ ଅନୁଭବ କରିବ ।

ତେଣୁ ସମ୍ଭୋଗର ପଛରେ ଧାଆଁ ନାହିଁ; ଯାହା ସୁଖଦାୟକ ନୁହେଁ, ସେଥିରୁ ଆହୁରି ଅଧିକ ନିବୃତ୍ତ ହୋଇ ରହ । କାରଣ ଯାହା ସୁଖକର ସେଥିରୁ ବଞ୍ଚିତ ହୋଇ ରହିବାରୁହିଁ ଦୁଃଖ ଜାତ ହୁଏ; ଏବଂ, ଯାହା ଅସୁଖକର, ତାହାକୁ ଦେଖିବାରୁ ମଧ୍ୟ ସମାନ ଭାବରେ ଦୁଃଖ ଜାତ ହୋଇଥାଏ ।

ତେଣୁ ତୁମେ କୌଣସି ବସ୍ତୁକୁ ମଧ୍ୟ ପ୍ରିୟ ବୋଲି ଭାବିବ ନାହିଁ । କାରଣ ତୁମେ ଯାହାକୁ ଭଲ ପାଉଛ, ସେଇଟି ତୁମ ପାଖରୁ ଚାଲିଗଲେ ତୁମେ ଦୁଃଖ ଅନୁଭବ କରିବ । ଯେଉଁମାନଙ୍କର ଭିତରେ ପ୍ରିୟ-ଅପ୍ରିୟ କୌଣସି ଭାବ ନ ଥାଏ, ସେମାନଙ୍କ ଲାଗି କୌଣସି ବନ୍ଧନ ମଧ୍ୟ ନ ଥାଏ ।

ଯାହା ତୁମକୁ ପ୍ରିୟ ବୋଲି ଲାଗୁଥାଏ, ତାହାହିଁ ତୁମ ଦୁଃଖର କାରଣ ହୁଏ । ଯାହାକୁ ତୁମେ ପ୍ରିୟ ବୋଲି ଭାବୁଥାଅ, ତାହାହିଁ ତୁମ ଭୟର କାରଣ ହୁଏ । ତେଣୁ ଯିଏ ଆପଣାକୁ ଯାବତୀୟ ପ୍ରିୟ ବସ୍ତୁରୁ ମୁକ୍ତ ରଖିଛି, ଯିଏ କୌଣସି ଦୁଃଖ ଅନୁଭବ କରୁ ନାହିଁ, ତା'ର ପୁଣି ଭୟ କରିବାର କ'ଣ ରହିଲା ?

ପ୍ରେମରୁ ଶୋକ ଜାତ ହୁଏ, ପ୍ରେମରୁ ଭୟ ଜାତ ହୁଏ । ଯିଏ ପ୍ରେମରୁ ମୁକ୍ତ, ଯିଏ କୌଣସି ଦୁଃଖ ଅନୁଭବ କରେ ନାହିଁ, ସିଏ ପୁଣି କାହିଁକି କେଉଁ ବସ୍ତୁକୁ ଭୟ କରିବ ?

ଆସକ୍ତିରୁ ଶୋକ ଉତ୍ପନ୍ନ ହୁଏ, ଆସକ୍ତିରୁ ଭୟ ଉତ୍ପନ୍ନ ହୁଏ । ଯିଏ ଆପଣାକୁ ଆସକ୍ତିରୁ ମୁକ୍ତ କରି ନେଇଛି, ଯିଏ କୌଣସି ଦୁଃଖ

'oaob.nitrkl.ac.in' images reprocessed

ଅନୁଭବ କରୁ ନାହିଁ, ତା'ର ଆଉ ଭୟ କରିବାର ପୁଣି କ'ଣ ବସ୍ତୁ ରହିଲା ?

କାମନାରୁ ଦୁଃଖର ଜନ୍ମ, କାମନାରୁହିଁ ଭୟର ଜନ୍ମ । ଯିଏ କାମନାରୁ ମୁକ୍ତ ହୋଇ ପାରିଛି, ଯିଏ କୌଣସି ଦୁଃଖ ଅନୁଭବ କରୁ ନାହିଁ, ସିଏ ପୁଣି କାହିଁକି କେଉଁ ବସ୍ତୁକୁ ଭୟ କରିବ ?

ତୃଷ୍ଣାରୁ ଦୁଃଖ ଜାତ ହୁଏ, ତୃଷ୍ଣାରୁ ଭୟ ଜାତ ହୁଏ । ଯିଏ ତୃଷ୍ଣାରୁ ମୁକ୍ତ ହୋଇ ପାରିଛି, ଯିଏ କୌଣସି ଦୁଃଖ ଅନୁଭବ କରୁ ନାହିଁ, ତେବେ ସିଏ କାହିଁକି ଆଉ କୌଣସି ବସ୍ତୁକୁ ଭୟ କରିବ ?

ଯିଏ ଯଥାର୍ଥ ଭାବରେ ଯାବତୀୟ କାର୍ଯ୍ୟକରେ, ଯାହାର ଯଥାର୍ଥ ଦୃଷ୍ଟି ରହିଛି, ଯିଏ ଧର୍ମଜ୍ଞ ଏବଂ ଯିଏ ଯଥାର୍ଥ ସତ୍ୟଟିକୁ ଜାଣିଛି ତଥା ଆପଣାର କର୍ତ୍ତବ୍ୟ କରୁଛି, ସେହି ବ୍ୟକ୍ତିକୁହିଁ ସମସ୍ତେ ଭଲ ପାଆନ୍ତି ।

ଯିଏ ସେହି ଅନିର୍ବଚନୀୟ ପରମଶାନ୍ତି ଲାଗି ଅଭିପ୍ସା ରଖିଥାଏ, ଯାହାର ମନ ଜାଗ୍ରତ, ବାସନାର ଜାଲ ଭିତରେ ଯାହାର ମନ ଛନ୍ଦି ହୋଇ ରହି ନ ଥାଏ, ସେହି ବ୍ୟକ୍ତିକୁହିଁ "ଉଦ୍ଧ୍ୱ ସ୍ରୋତ" ବୋଲି କୁହାଯାଏ ।

ଘରୁ ଦୀର୍ଘକାଳ ଅନୁପସ୍ଥିତ ରହିବା ପରେ ନିରାପଦ ଭାବରେ ପୁଣି ଘରକୁ ଫେରି ଆସୁଥିବା ଜଣେ ବ୍ୟକ୍ତିକୁ ଯେପରି ତା'ର ଆତ୍ମୀୟ ଓ ସ୍ୱଜନମାନେ ସ୍ୱାଗତ କରିଥାନ୍ତି, ଯଥାର୍ଥରେ ନିଜର ଯାବତୀୟ କାର୍ଯ୍ୟକୁ ସମ୍ପାଦନ କରୁଥିବା ଜଣେ ବ୍ୟକ୍ତିର କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ହୋଇଥାଏ । ଏହି ଜଗତରୁ ବିଦାୟ ନେଇ ଯେତେ-ବେଳେ ସେ ଅନ୍ୟ ଜଗତକୁ ଯାଏ, ସେତେବେଳେ ତା'ର ଉତ୍ତମ କର୍ମମାନ ତାହାର ଆପଣା ଲୋକ ପରି ତାକୁ ସ୍ୱାଗତ କରି ନେଇଥାନ୍ତି ।

ଜ୍ଞାନଯୁକ୍ତ ହେବା ଲାଗି ଆମକୁ ସାଧାରଣତଃ ଯେଉଁସବୁ କାରଣ ଦର୍ଶାଯାଇଥାଏ, ସେଗୁଡ଼ିକ ମୋତେ ସର୍ବଦା ଖୁବ ଦୁର୍ବଳ କାରଣ ବୋଲି ମନେ ହୋଇଥାଏ : "ତୁମେ ଏହି କଥାଟି କରିବ ନାହିଁ, କାରଣ ଏଥିରୁ ତୁମକୁ ଦୁଃଖ ଭୋଗିବାକୁ ପଡ଼ିବ; ତୁମେ ସେହି କାମଟିକୁ ମୋଟେ କରିବ ନାହିଁ, କାରଣ ତାହା

ତୁମର ମନରେ ଭୟ ଆଣିଦେବ"...ଏସବୁ ଦ୍ୱାରା ଆମର ଚେତନା ଅଧିକରୁ ଅଧିକ ଶୁଷ୍କ ହେବାରେ ଲାଗିଥାଏ, ତାହା କଠିନ ହୋଇଯାଏ, କାରଣ ତାହା ଦୁଃଖକୁ ଭୟ କରୁଥାଏ, କଷ୍ଟ ପାଇବ ବୋଲି ଭୟ କରୁଥାଏ ।

ମୁଁ ଭାବୁଛି, ଏପରି କହିଲେ ହୁଏତ ଅଧିକ ଭଲ ହେବ ଯେ, ଚେତନାର ଏପରି ଗୋଟିଏ ଅବସ୍ଥା ରହିଛି,—ଏହି ଚେତନାଟିକୁ ଆମେ ଅଭୀପ୍ସା ଏବଂ ଏକ ଅବିଶ୍ରାନ୍ତ ଅନ୍ତଃପ୍ରୟାସ ଦ୍ୱାରା ଅର୍ଜନ କରି ପାରିବା,—ଯେଉଁ ଅବସ୍ଥାରେ କି ଆନନ୍ଦ ଅମିଶ୍ରିତ ଥାଏ ଓ ଆଲୋକର ଆଦୌ କୌଣସି ଗ୍ରାସ୍ୟ ନ ଥାଏ, ଯେଉଁଠାରେ କି ଭୟର ଯାବତୀୟ ସମ୍ଭାବନା ଅନ୍ତର୍ହିତ ହୋଇ ଯାଇଥାଏ । ସେହି ଅବସ୍ଥାରେ ରହିଥିବା ବେଳେ ବ୍ୟକ୍ତି କଦାପି ତା' ନିଜ ଲାଗି ଜୀବନଟିକୁ ବଞ୍ଚୁ ନ ଥାଏ, ମାତ୍ର, ଯେତେବେଳେ ସେ ଯାହାକିଛି କରୁଥାଏ, ଯାହାକିଛି ଅନୁଭବ କରେ, ତାହାର ସବୁକିଛିହିଁ ସର୍ବୋଚ୍ଚ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଏକ ସମର୍ପଣ ହୋଇ ରହିଥାଏ; ପରମ ବିଶ୍ୱାସ ଏବଂ ଆସ୍ଥାର ସହିତ ସିଏ ସେହି ସମର୍ପଣଟିକୁ କରେ, ଆପଣା ଲାଗି ଯାବତୀୟ ଦାୟିତ୍ୱରୁ ନିଜକୁ ମୁକ୍ତ କରି ରଖିଥାଏ, ନିଜର ସବୁଯାକ ବୋଝକୁ ସେ କେବଳ ତାଙ୍କରି ହାତରେହିଁ ଦେଇ ଦେଇଥାଏ ଏବଂ ସେତେବେଳେ ତାହା ଆଉ ଆଦୌ ଏକ ବୋଝ ହୋଇ ରହେ ନାହିଁ ।

"ମୋର କୌଣସି କାର୍ଯ୍ୟ ଲାଗି ମୁଁ ନିଜେ ଦାୟୀ ନୁହେଁ ବୋଲି ଅନୁଭବ କରିବା, ନିଜ ବିଷୟରେ ଆଉ କୌଣସି କଥା ନ ଭାବିବା,—ଏଥିରୁ ସର୍ବଦା ଏକ ଅନିର୍ବଚନୀୟ ଆନନ୍ଦ ମିଳିଥାଏ । ଜଣେ ବ୍ୟକ୍ତି ଯେତେବେଳେ କେବଳ ନିଜ କଥାହିଁ ଭାବୁଥାଏ, କ'ଣ କରିବା ଉଚିତ ଓ କ'ଣ କରିବା ଉଚିତ ନୁହେଁ, କ'ଣ କଲେ ଭଲ ହେବ ବା କ'ଣ କଲେ ମନ୍ଦ ହେବ, କ'ଣ ବର୍ଜନ କରିବାକୁ ହେବ ଓ କ'ଣ ଅନୁଧାବନ କରିବାକୁ ହେବ, ଯେତେବେଳେ ସେ ସେହି ବିଷୟରେ ଚିନ୍ତା କରିବାରେ ଲାଗିଥାଏ, ସେତେବେଳେ ତାହା ପ୍ରକୃତରେ କେଡ଼େ ଶୁଷ୍କ, ନୀରସ ସ୍ୱାଦହୀନ ବୋଧ ନ ହୁଏ ! ସେଗୁଡ଼ାକ ସେହି ବ୍ୟକ୍ତିକୁ ପ୍ରକୃତରେ କେଡ଼େ ସନ୍ତାପିତ ଓ ଅବଶ କରି ରଖି ନ ଥାନ୍ତି ! ମାତ୍ର ଯେତେବେଳେ ଜଣେ ବ୍ୟକ୍ତି ଏପରି ବଞ୍ଚୁଥାଏ, ଉନ୍ମୁକ୍ତ ହୋଇ ବଞ୍ଚୁଥାଏ, ସୂର୍ଯ୍ୟର ସମ୍ମୁଖରେ ଗୋଟିଏ ଫୁଲ ଆପଣାକୁ ଉନ୍ମୋଚିତ କରି ଆଣିଥିବା ପରି ସିଏ ଯେତେବେଳେ ସର୍ବୋଚ୍ଚ ପରମ ଚେତନା, ପରମ ଜ୍ଞାନ, ପରମ ଆଲୋକ ଏବଂ ପ୍ରେମ ସମ୍ମୁଖରେ ନିଜକୁ ଉନ୍ମୁକ୍ତ କରି ଦେଇଥାଏ, ଯିଏ ସବୁ ଜାଣନ୍ତି, ସବୁ କରିପାରନ୍ତି, ଯିଏ ତୁମର ଯାବତୀୟ ଦାୟିତ୍ୱକୁ ବହନ କରନ୍ତି ଏବଂ ତୁମର ଆଉ ଚିନ୍ତା କରିବାର କିଛି ନ ଥାଏ, ସେତେବେଳେ ତାହାକୁହିଁ ସେହି ଆଦର୍ଶ ଅବସ୍ଥା ବୋଲି କୁହାଯିବ ।

'oaob.nitrkl.ac.in' images reprocessed

ଏବଂ, ଏହି କଥାଟି ହୋଇପାରେ ନାହିଁ କାହିଁକି ?

କାରଣ, ଆମେ ସେଇଟି ବିଷୟରେ ଆଦୌ ଗ୍ଭବୁ ନାହିଁ, ସେଇଟି କରିବାକୁ ଆମେ ଏକାବେଳେକେ ଭୁଲିଯାଉ, ଏବଂ ପୁରାତନ ଅଭ୍ୟାସଗୁଡ଼ିକ ଫେରିଆସି ଆମକୁ ଗ୍ରାସ କରି ପକାନ୍ତି । ଏବଂ ସର୍ବୋପରି, ପଶ୍ଚାଦ୍ଦେଶରେ, ଅଚେତନ ମଧ୍ୟରେ, ବା ଏପରିକି ଅବଚେତନ ମଧ୍ୟରେ କୌଣସିଠାରେ ଲୁକ୍କାୟିତ ହୋଇ ଏପରି ଏକ ଘାତକ ଅରିସ୍ଥ ବସି ରହିଥାଏ, ଯିଏକି ତୁମର କାନପାଖରେ ଆସି କହୁଥାଏ : "ଆରେ, ତୁ ଯଦି ସାବଧାନ ନ ହେବୁ, ତେବେ ତୋତେ କୌଣସି ନା କୌଣସି ଦୁର୍ଭାଗ୍ୟ ଭୋଗିବାକୁ ପଡ଼ିବ । ଯଦି ତୁ ନିଜକୁ ନ ଜଗିବୁ, ତେବେ ତା'ଫଳରେ କ'ଣ ଯେ ଘଟିବ, ସେକଥା ତୁ ନିଜେ ମଧ୍ୟ ଜାଣି ପାରିବୁ ନାହିଁ ।"—ଏବଂ ତୁମେ ପ୍ରକୃତରେ ଏଡ଼େ ବୋକା, ଏଡ଼େ ବୋକା, ଏତେ ନିରୀହ ଓ ଏତେ ଓଲୁ ହୋଇଯାଅ ଯେ ତୁମେ ତାହାର ସେହି କଥାଟିକୁ କାନଦେଇ ଶୁଣ, ନିଜ ବିଷୟରେ ଚତୁର ଓ ସତର୍କ ହେବାକୁ ଆରମ୍ଭ କର ଏବଂ ତା'ପରେ ସବୁକିଛି ନଷ୍ଟଭ୍ରଷ୍ଟ ହୋଇଯାଏ ।

ତେଣୁ, ଆପଣାର କୋଷଗୁଡ଼ିକ ମଧ୍ୟକୁ ଏତେଟିକିଏ ପ୍ରକୃତ ଜ୍ଞାନ ଓ ଏତେଟିକିଏ ସାଧାରଣ ବୁଦ୍ଧି ସଞ୍ଚାରିତ କରି ପାରିବାକୁ ଏବଂ ତୁମର ଯେ ଆଦୌ ଚିନ୍ତା କରିବା ଉଚିତ ନୁହେଁ, ଆଉଥରେ ସେହି ଶିକ୍ଷାଟି ଲାଭ କରିବାକୁ ତୁମକୁ ପୁନର୍ବାର ସବୁକଥା ମୂଳରୁହିଁ ଆରମ୍ଭ କରିବାକୁ ହୋଇଥାଏ ।

'oaob.nitrkl.ac.in' images reprocessed

କ୍ରୋଧ

ତୁମେ କ୍ରୋଧ ଛାଡ଼ିବ, ଅଭିମାନ ଛାଡ଼ିବ, ସବୁଯାକ ବନ୍ଧନ ଛିନ୍ନ କରିଦେବ । କୌଣସି ନାମ ଅଥବା ରୂପରେ ଯାହାର ଆସକ୍ତି ନାହିଁ, ଯାହାପାଖରେ ଆପଣାର ସମ୍ପତ୍ତି ବୋଲି କିଛି ନାହିଁ, ତାହାକୁହିଁ ଦୁଃଖରୁ ମୁକ୍ତି ମିଳିଥାଏ ।

ଉତ୍ଥିତ ହୋଇ ଆସୁଥିବା କ୍ରୋଧକୁ ଯିଏ ଅଟକାଇ ରଖିପାରେ, ମାର୍ଗଭ୍ରଷ୍ଟ ହୋଇ ଯାଉଥିବା କୌଣସି ରଥକୁ ଅଟକାଇ ରଖିଦେଲା ପରି ଯିଏ ତାହା କରିପାରେ, ତାହାକୁହିଁ ଯଥାର୍ଥ ସାରଥି ବୋଲି କୁହାଯାଇ ପାରିବ । ଅନ୍ୟମାନେ କେବଳ ଲଗାମଟାକୁହିଁ ଧରିଥାନ୍ତି, କେବେହେଲେ ସାରଥି ହୋଇ ପାରନ୍ତି ନାହିଁ ।

ଅକ୍ରୋଧ ଦ୍ୱାରା କ୍ରୋଧର ସମ୍ମୁଖୀନ ହୁଅ, ସାଧୁତା ଦ୍ୱାରା ଅସାଧୁତାର ସମ୍ମୁଖୀନ ହୁଅ; ନିଜର ଅକୃପଣତା ଦ୍ୱାରା କୃପଣକୁ ଜୟ କର ଏବଂ ସତ୍ୟ ଦ୍ୱାରା ମିଥ୍ୟାବାଦୀକୁ ଜୟ କର ।

ସତ୍ୟ କହ, କ୍ରୋଧୀ ହୁଅ ନାହିଁ; ତୁମ ପାଖରେ ଯେଉଁ କିଞ୍ଚିତ୍ ଧନ ରହିଛି, ତାକୁ ମାଗୁଥିବା ଆଉଜଣେ ଲୋକକୁ ଦେଇଦିଅ । ଏହି ତିନୋଟି ଗୁଣ ଦ୍ୱାରା ମଣିଷ ଦେବତାମାନଙ୍କର ନିକଟବର୍ତ୍ତୀ ହୋଇପାରିବ ।

ଯେଉଁ ମୁନିଗଣ ଅହିଂସା ଆଚରଣ କରନ୍ତି, ଯେଉଁମାନେ ଆପଣାର ଇନ୍ଦ୍ରିୟଗୁଡ଼ିକୁ ସର୍ବଦା ନିୟନ୍ତ୍ରଣରେ ରଖିଥାନ୍ତି, ସେହିମାନେହିଁ ସେହି ଅବିନାଶୀ ଦୁଃଖରହିତ ଅବସ୍ଥାଟିକୁ ଲାଭ କରନ୍ତି ।

ଯେଉଁମାନେ ସଦା ଜାଗରୂକ ହୋଇ ରହିଥାନ୍ତି ଓ ଆପଣାକୁ ଶୃଙ୍ଖଳା ମଧ୍ୟରେ ରଖିବା ଲାଗି ଅହରହ ପ୍ରୟାସ କରୁଥାନ୍ତି, ଯେଉଁମାନଙ୍କର ଚିତ୍ତ ସର୍ବଦା ଆକାଙ୍କ୍ଷିତ ହୋଇ ରହିଥାଏ, ସେମାନଙ୍କର ସକଳ ଅଶୁଦ୍ଧତା ସର୍ବକାଳ ଲାଗିହିଁ ଅନ୍ତର୍ହିତ ହୋଇଯାଏ ।

'oaob.nitrkl.ac.in' images reprocessed

ଯେଉଁମାନେ ଚୁପ୍ ରହୁଥାନ୍ତି, ଯେଉଁମାନେ ଗୁଡ଼ାଏ କଥା କହନ୍ତି ଓ ଆଉ ଯେଉଁମାନେ ଅଳ୍ପ କମ୍ କଥା କହନ୍ତି, ସେମାନେ ସମସ୍ତେ ନିନ୍ଦା ପାଆନ୍ତି । ଏଇଟା ଆଜିର କଥା ନୁହେଁ, ବହୁ ପୁରାତନ କାଳରୁହିଁ ଏହିପରି ହୋଇ ଆସିଛି । ଏହି ସଂସାରରେ କେହି ବି ନିନ୍ଦାରୁ ରକ୍ଷା ପାଏ ନାହିଁ ।

ଜଣେ ବ୍ୟକ୍ତିକୁ କେବଳ ନିନ୍ଦା ମିଳୁଛି ବା ଜଣେ ବ୍ୟକ୍ତିକୁ କେବଳ ପ୍ରଶଂସା ମିଳୁଛି, ଏକଥା କସ୍ମିନ୍ କାଳେ ଘଟି ନାହିଁ, ଭବିଷ୍ୟତରେ ବି ଘଟିବ ନାହିଁ ଏବଂ ବର୍ତ୍ତମାନ ମଧ୍ୟ ଘଟୁ ନାହିଁ ।

ତାହାକୁ ଦୀର୍ଘକାଳ ପରୀକ୍ଷା କରି ଦେଖିବା ପରେ ବିଜ୍ଞ ଲୋକ-ମାନେ ଯଦି ଜଣେ ବ୍ୟକ୍ତିର ପ୍ରଶଂସା କରନ୍ତି, ତା'ର ବୁଦ୍ଧି, ଦୋଷ-ଶୂନ୍ୟତା, ଜ୍ଞାନ ଏବଂ ଗୁଣବତ୍ତା ସକାଶେ ଯଦି ସେମାନେ ତା'ର ପ୍ରଶଂସା କରୁଥାନ୍ତି, ତେବେ ସୁବର୍ଣ୍ଣ ପରି ଶୁଦ୍ଧ ହୋଇ ରହିଥିବା ତାହାର ନିନ୍ଦା କରିବାକୁ ପୁଣି ଆଉ କିଏ ସାହସ କରିବ ? ସେହି ବ୍ୟକ୍ତିକୁ ଦେବତାମାନେ ପ୍ରଶଂସା କରନ୍ତି, ଏପରିକି ବ୍ରହ୍ମା ମଧ୍ୟ ତା'ର ପ୍ରଶଂସା କରନ୍ତି ।

ଶରୀରର ପ୍ରକୋପଣି ବିଷୟରେ ତୁମେ ସର୍ବଦା ସାବଧାନ ହୋଇ-ରହିଥିବ । ନିଜ କାର୍ଯ୍ୟଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିଥିବ, ଦୁରାଚରଣଗୁଡ଼ିକୁ ପରିତ୍ୟାଗ କରି ଯାବତୀୟ କର୍ମରେ ନିର୍ଦ୍ଦୋଷ ଆଚରଣରହିଁ ଅଭ୍ୟାସ କରୁଥିବ ।

ନିଜେ କହୁଥିବା କଥାର ପ୍ରକୋପଣି ବିଷୟରେ ସାବଧାନ ହୋଇ ରହିଥିବ । ନିଜର ବାକ୍ୟ ଉପରେ ସଂଯମ ରଖିଥିବ ଏବଂ କହିବାର କ୍ଷେତ୍ରରେ ସକଳ ଅନୁଚିତ ମାର୍ଗକୁ ପରିତ୍ୟାଗ କରି ତୁମେ ଆପଣାର କଥାରେ ସଦାଚରଣର ଅଭ୍ୟାସ କରିବ ।

ମନର ପ୍ରକୋପ ବିଷୟରେ ସାବଧାନ ରହିଥିବ । ନିଜର ଭାବନାକୁ ନିୟନ୍ତ୍ରଣରେ ରଖିବ । ଭାବନାର ଯାବତୀୟ ଅନୁଚିତ ମାର୍ଗକୁ ପରିତ୍ୟାଗ କରି ତୁମେ ଭାବନାରେ ସଦାଚରଣର ଅଭ୍ୟାସ କରିବ ।

ଯେଉଁ ମୁକ୍ତିଲିପ୍ସୁ ଧୀର ବ୍ୟକ୍ତିମାନଙ୍କର ଯାବତୀୟ କର୍ମ ସେମାନଙ୍କର ନିୟନ୍ତ୍ରଣରେ ରହିଥାଏ, ଯେଉଁମାନଙ୍କର ବାଣୀ ସେମାନଙ୍କର ନିୟନ୍ତ୍ରଣରେ ରହିଥାଏ ଏବଂ ଭାବନା ଉପରେ ମଧ୍ୟ ଯେଉଁମାନଙ୍କର

'oaob.nitrkl.ac.in' images reprocessed

ନିୟନ୍ତ୍ରଣ ରହିଥାଏ, ସେହିମାନଙ୍କୁହିଁ ଯଥାର୍ଥରେ ସଂଯତ ବୋଲି କୁହାଯାଇ ପାରିବ ।

ମୁଁ ତ କହିବି ଯେ ତୁମମାନଙ୍କ ଭିତରୁ ପ୍ରତ୍ୟେକେ, — ନା, ମୋଟେ ଦୀର୍ଘ ସମୟ ପାଇଁ ନୁହେଁ, ଦିନକୁ କେବଳ ଗୋଟିଏ ଘଣ୍ଟା ପାଇଁ, — ଯାହା ଏକାନ୍ତ ଅପରିହାର୍ଯ୍ୟ, ତା'ଛଡ଼ା ଆଉ କିଛିହେଲେ କହିବ ନାହିଁ । ଗୋଟିଏ ବୋଲି ଅଧିକ ଶବ୍ଦ କହିବ ନାହିଁ, ଗୋଟିଏ କମ୍ ଶବ୍ଦ ବି କହିବ ନାହିଁ ।

ନିଜ ଜୀବନରୁ ଗୋଟିଏ ଘଣ୍ଟା ନିଅ, ଯେତେବେଳେ ସବୁଠାରୁ ଅଧିକ ସୁବିଧାଜନକ ହେଉଛି, ସେତିକବେଳେ ଘଣ୍ଟାଟିଏ ନିଅ; ସେହି ସମୟଟିରେ *ଆପଣାକୁ ଅତ୍ୟନ୍ତ ନିରନ୍ତରକର୍ତ୍ତୀ ଭାବରେ ନିରୀକ୍ଷଣ କର ଏବଂ ଯେତିକି ଏକାନ୍ତ* ଅପରିହାର୍ଯ୍ୟ, କେବଳ ସେତିକି ଶବ୍ଦ ଉଚ୍ଚାରଣ କର ।

ପ୍ରଥମେ ତୁମେ ଏପରି ଏକ ଅସୁବିଧାର ସମ୍ମୁଖୀନ ହେବ ଯେ, କେଉଁ କଥା ଏକାନ୍ତ ଅପରିହାର୍ଯ୍ୟ ଓ କେଉଁ କଥା ନୁହେଁ, ସେବିଷୟ ତୁମେ ନିର୍ଭୁଲ୍ ଭାବରେ ଠିକ୍ କରି ପାରୁ ନ ଥିବ । ସେହିଥିରୁହିଁ ତୁମର ଏକ ଅଧ୍ୟୟନ ଆରମ୍ଭ ହୋଇଯିବ ଏବଂ ପ୍ରତ୍ୟେକ ଦିନ ତୁମେ ଏହି ଦିଗରେ ଅଗ୍ରସର ହେବାରେ ଲାଗିବ ।

ଦ୍ୱିତୀୟତଃ, ତୁମେ ଏକଥା ମଧ୍ୟ ଦେଖିବାକୁ ପାଇବ ଯେ ଯେପର୍ଯ୍ୟନ୍ତ ତୁମେ ପାଟି ଫିଟାଇ କିଛି କଥା ନ କହିବ, ସେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନୀରବ ରହିବା ପ୍ରକୃତରେ ମୋଟେ କଷ୍ଟକର ହେବ ନାହିଁ । ମାତ୍ର, ତୁମେ ପାଟି ଖୋଲି ଯେମିତି କଥା କହିବାକୁ ଆରମ୍ଭ କରିବ, ସେତେବେଳେ, ଏପରି ସର୍ବଦା ବା ପ୍ରାୟ ସର୍ବଦାହିଁ ଘଟିଥାଏ, ତୁମେ ଦୁଇତିନିଟା ଅଥବା ଦଶକୋଡ଼ିଏଟା ଏପରି ନିରର୍ଥକ କଥା କହି ପକାଇବ, ଯାହା କହିବା ଲାଗି କି ଆଦୌ କୌଣସି ଆବଶ୍ୟକତା ନ ଥିଲା ।

ଆଗାମୀ ଶୁକ୍ରବାର ପର୍ଯ୍ୟନ୍ତ ମୁଁ ଏହି କଥାଟିକୁ ତୁମମାନଙ୍କର ଅଭ୍ୟାସ ଲାଗି ଦେଉଛି । ତୁମେମାନେ ସେଥିରେ କେତେଦୂର ସଫଳ ହେବ, ସେକଥା ଦେଖାଯିବ । ସପ୍ତାହକ ପରେ ତୁମେ ଶୁକ୍ରବାର ଦିନ ମୋତେ ସଂକ୍ଷେପରେ ଏକ ବିବରଣୀ ଦେବ, ଏବଂ ତୁମେମାନେ ପ୍ରକୃତରେ କେତେ ସଫଳତା ହାସଲ କରିଛ, ମୋତେ ସେକଥା କହିବ । ଯେଉଁମାନେ ସେହି କଥାଟିକୁ ଅଭ୍ୟାସ କରିଥିବେ, ସେହିମାନେ ଏହି ବିବରଣୀଟିକୁ ଦେବେ । ବାସ୍, ଆଜି ସେତିକି ଥାଉ ।

୭ ଜୁନ୍ ୧୯୫୮

'oaob.nitrkl.ac.in' images reprocessed

ଅଶୁଦ୍ଧତା

ବର୍ତ୍ତମାନ ତୁମେ ଗୋଟିଏ ପାଚିଲା ପତ୍ରପରି ହୋଇ ରହିଛ; ଯମ-ଦୂତମାନେ ତୁମ ଲାଗି ଅପେକ୍ଷା କରୁଛନ୍ତି । ତୁମର ଯିବାବେଳ ଆସି ପହଞ୍ଚିଗଲାଣି ଏବଂ ସେହି ଯାତ୍ରା ଲାଗି ତୁମେ ଆଦୌ କୌଣସି ପ୍ରକାରେ ପ୍ରସ୍ତୁତ ହୋଇ ନାହଁ !

ତୁମେ ଅତିଶୀଘ୍ର ନିଜକୁ ଗୋଟିଏ ଦୀପରେ ପରିଣତ କରିଦିଅ, କଠିନ ପ୍ରୟାସ କର ଓ ଜ୍ଞାନଲାଭ କର । ଯେତେବେଳେ ତୁମ ଭିତରେ ଆଉ କୌଣସି ଅଶୁଦ୍ଧତା ନ ରହିବ ଏବଂ ତୁମେ ଗୋଟାପୁରା ପରିଷ୍କାର ହୋଇଯିବ, ସେତେବେଳେ ତୁମେ ଦିବ୍ୟ ଆର୍ଯ୍ୟଭୂମିକୁ ପ୍ରାପ୍ତ କରିପାରିବ ।

ବର୍ତ୍ତମାନ ତୁମର ଦିନ ସରି ଆସିଲାଣି, ତୁମେ ତ ଏବେ ଯମ ସମ୍ମୁଖରେ ପହଞ୍ଚି ଗଲଣି । କିନ୍ତୁ ବାଟରେ ଆଶ୍ରୟ ନେବାକୁ ତୁମ ଲାଗି ଆଦୌ କୌଣସି ସ୍ଥାନ ନାହିଁ, ଯାତ୍ରା ଲାଗି ହାତରେ କୌଣସି ସାଧନ ବି ନାହିଁ ।

ତେଣୁ ଆଉ ବିଳମ୍ବ ନ କରି ନିଜକୁ ତୁମେ ଗୋଟିଏ ଦୀପରେ ପରିଣତ କରିଦିଅ, କଠିନ ପ୍ରୟାସ କର ଓ ଜ୍ଞାନଲାଭ କର । ଯେତେବେଳେ ତୁମ ଭିତରେ ଆଉ ଆଦୌ କୌଣସି ଅଶୁଦ୍ଧତା ନ ରହିବ ଏବଂ ତୁମେ ଗୋଟାପୁରା ପରିଷ୍କାର ହୋଇଯିବ, ସେତେବେଳେ ତୁମକୁ ଆଉ ପୁନର୍ବାର ଆଦୌ ଜନ୍ମ ନେବାକୁ ପଡ଼ିବ ନାହିଁ, ଆଉ କୌଣସି ବାର୍ଦ୍ଧକ୍ୟ ଦ୍ୱାରା ଜର୍ଜର ହେବାକୁ ପଡ଼ିବ ନାହିଁ ।

ବଣିଆ ଯେପରି ମଇଳା ବାହାର କରି ରୁପାକୁ ସଫା କରିଦିଏ, ଠିକ୍ ସେହିପରି ମୁହୂର୍ତ୍ତି ମୁହୂର୍ତ୍ତି କରି ଓ ଅଳପ ଅଳପ ଭାବରେ ବିଜ୍ଞ ବ୍ୟକ୍ତି ଆପଣାକୁ ଆପଣାର ଯାବତୀୟ ଅଶୁଦ୍ଧତାରୁ ମୁକ୍ତ କରି ନେଇଥାଏ ।

ଯେତେବେଳେ ଲୁହାରେ କଳଙ୍କି ଲାଗେ, ସେତେବେଳେ ତଦ୍ଵାରା ତାହା ଲୁହାକୁହିଁ ଖାଇଯାଏ । ଠିକ୍ ସେହିପରି ବ୍ୟକ୍ତିର ମନ୍ଦ କର୍ମ-ଗୁଡ଼ିକ ତା' ନିଜକୁହିଁ ଖାଇଯାଏ ଏବଂ ତା'ର ବିନାଶ ଘଟାଏ ।

'oaob.nitrkl.ac.in' images reprocessed

ଜପ ଓ ଆବୃତ୍ତି ନ କଲେ ମନ୍ତ୍ରରେ ମଳ ଧରିଯାଏ । ମରାମତି ନ କଲେ ଘର ଆଉ ମଜଭୁତ ହୋଇ ରହେ ନାହିଁ । ଆଳସ୍ୟ ଦ୍ୱାରା ଶରୀରର ସୌନ୍ଦର୍ଯ୍ୟ ନଷ୍ଟ ହୁଏ । ଅସାବଧାନ ହେବା ଦ୍ୱାରା ପ୍ରହରୀର ପ୍ରମାଦ ଆସି ପଡ଼ଇଛି ।

ଚରିତ୍ରହୀନତା ନାରୀର କଳଙ୍କ । କୃପଣତା ଦାନୀର କଳଙ୍କ । ମନ୍ଦକାର୍ଯ୍ୟର ଆଚରଣ ଇହ ତଥା ପର ଉଭୟ ଲୋକ ଲାଗି କଳଙ୍କ ।

ମାତ୍ର ସବୁଠାରୁ ବଡ଼ କଳଙ୍କ ହେଉଛି ଅବିଦ୍ୟା । ତେଣୁ ହେ ଭିକ୍ଷୁମାନେ, ତୁମେ ନିଜକୁ କେବଳ ସେହି ଗୋଟିଏ କଳଙ୍କରୁହିଁ ମୁକ୍ତ କରି ରଖିଥାଅ ଏବଂ ତେବେ ତୁମେ ତଦ୍ଦ୍ୱାରା ଅନ୍ୟ ଯାବତୀୟ କଳଙ୍କରୁ ମୁକ୍ତ ହୋଇ ରହିପାରିବ ।

ଯିଏ କାକ ପରି ନିର୍ଲଜ୍ଜ, ଯିଏ ଦ୍ୱେଷୀ ଓ ଯିଏ ଉଦ୍ଧତ, ଯିଏ ଆପଣା ଦର୍ପଣରେ ସବୁକିଛି ଦେଖୁଥାଏ ଓ ଯିଏ ମଳିନ ହୋଇ ରହିଥାଏ, ଜୀବନ ବଞ୍ଚିବାକୁ ସିଏ ଖୁବ ସହଜ ବୋଲି ଭାବୁଥାଏ ।

ମାତ୍ର, ଯିଏ ବିନମ୍ର ସହିତ ଶୁଦ୍ଧତାର ଅନ୍ୱେଷଣ କରୁଥାଏ, ଯିଏ ନିରହଙ୍କାର ଓ ନିର୍ଲିପ୍ତ ହୋଇ ରହିଥାଏ ଓ ଯାହାର ବିଚାର ନିର୍ମଳ ଥାଏ, ଜୀବନକୁ ସେ ଏକ କଠିନ ପ୍ରୟାସ ବୋଲି ଗ୍ରହଣ କରି ନେଇଥାଏ ।

ଯିଏ ହିଂସା କରେ, ମିଥ୍ୟା କହେ, ଚୋରି କରେ, ଅନ୍ୟର ସ୍ତ୍ରୀକୁ ଲୋଭ କରେ ଓ ମଦ୍ୟପାନ କରେ, ସିଏ ଏହି ସଂସାରରେ ମଧ୍ୟ ନିଜ ମୂଳଟିକୁ ନିଜେ ଉପାଡ଼ିବାରେ ଲାଗିଥାଏ ।

ଏଣୁ, ଜାଣି ରଖିଥାଅ ଯେ ମନ ଉପରେ ନିୟନ୍ତ୍ରଣ ଅର୍ଜନ କରିବା ପ୍ରକୃତରେ ବଡ଼ କଷ୍ଟକର । ତେଣୁ ଲୋଭ ଏବଂ ଅଧର୍ମ ତୁମକୁ ଯେପରି ଚିରଦିନ ଲାଗି କଦାପି ଦୁଃଖଗ୍ରସ୍ତ କରି ନ ରଖେ !

ଲୋକେ ଆପଣା ଆପଣାର ଶ୍ରଦ୍ଧା ଏବଂ ପ୍ରସନ୍ନତା ଅନୁସାରେ ଦାନ କରିଥାନ୍ତି । ଆଉଜଣେ ତୁମକୁ ଆଣି ଦେଉଥିବା ଆହାର ଓ ପାନୀୟରେ ଯଦି ତୁମେ ଅସନ୍ତୋଷ ପ୍ରକଟ କରୁଥାଅ, ତେବେ ଦିନ ବା ରାତି କେତେବେଳେହିଁ ତୁମକୁ ଚିତ୍ତଶାନ୍ତି ମିଳିବ ନାହିଁ ।

'oaob.nitrkl.ac.in' images reprocessed

ମାତ୍ର ଯିଏ ଆପଣାର ଏହି ଅସନ୍ତୋଷ ଭାବଟିକୁ ମୂଳରୁ ଉପାଡ଼ି ନଷ୍ଟ କରି ଦେଇଥାଏ, ତାକୁ ଦିନ ଓ ରାତି ଉଭୟ ସମୟରେହିଁ ଚିତ୍ତଶାନ୍ତି ଉପଲବ୍ଧ ହୋଇଥାଏ ।

ଲୋଭଠାରୁ ବଳି ବଡ଼ ଅଗ୍ନି ନାହିଁ, ଘୃଣାଠାରୁ ବଳି ବଡ଼ ଗ୍ରହ ନାହିଁ । ମୋହଠାରୁ ବଳି ବଡ ଜାଲ ନାହିଁ ଏବଂ ତୃଷ୍ଣା ସମାନ ନଦୀ ବି କେଉଁଠି ହେଲେ ନାହିଁ ।

ଆଉଜଣକର ଦୋଷ ଦେଖିବା ଖୁବ ସହଜ, ମାତ୍ର ନିଜର ଦୋଷଟିକୁ ଠାବ କରିପାରିବା ଖୁବ କଷ୍ଟକର । ଅନ୍ୟମାନଙ୍କର ଦୋଷକୁ ତ ଆମେ କୁଲା ଚଲାଇ ଚାରିପାଖର ଉଡ଼ାଇବାରେ ଲାଗିଥାଉ; ମାତ୍ର, ଜଣେ ଧୂର୍ତ୍ତ ଜୁଆ ଖେଳାଳି ପରି ନିଜର ଦୋଷଗୁଡ଼ାକୁ ଲୁଚାଇ ରଖିବାରେ ତତ୍ପର ଥାଉ ।

ଯିଏ ସବୁବେଳେ ଅନ୍ୟମାନଙ୍କର ଦୋଷର ସମାଲୋଚନା କରୁଥାଏ ଏବଂ ସେଗୁଡ଼ିକୁ ଦେଖି ଚିଡ଼ିବାରେ ଲାଗିଥାଏ, ସିଏ ସ୍ୱୟଂ ଦୋଷମୁକ୍ତ ହେବା ପରିବର୍ତ୍ତେ ନିଜର ପାପଗୁଡ଼ିକହିଁ ବଢ଼ାଇବାରେ ଲାଗିଥାଏ ।

ଆକାଶରେ କୌଣସି ମାର୍ଗ ନାହିଁ, ମାର୍ଗର ବାହାରେ କୌଣସି ଶ୍ରମଣ ମଧ୍ୟ ନାହାନ୍ତି । ଲୋକେ ବୃଥା ବସ୍ତୁଗୁଡ଼ିକରେ ଆନନ୍ଦ ଲଭ କରୁଥାନ୍ତି । ତଥାଗତମାନେ ଏହି ପ୍ରତିବନ୍ଧକଗୁଡ଼ିକୁ ପାର ହୋଇ-ଯାଇଛନ୍ତି ।

ଆକାଶରେ କୌଣସି ମାର୍ଗ ନାହିଁ, ମାର୍ଗର ବାହାରେ କୌଣସି ଶ୍ରମଣ ମଧ୍ୟ ନାହାନ୍ତି । କୌଣସି ସଂସ୍କାର ସ୍ଥାୟୀ ହୋଇ ରହିବ ନାହିଁ ଏବଂ ବୁଦ୍ଧଗଣ ଚିରକାଳ ଲାଗି ବିକାରମୁକ୍ତ ଓ ସ୍ଥିର ହୋଇ ରହିଥିବେ ।

ବାକ୍‌ସଂଯମ ବିଷୟରେ ତୁମେମାନେ ଯେଉଁ ବିବରଣୀ ଲେଖି ଅଣିଛ, ସେଗୁଡ଼ିକ ମୁଁ ପଢ଼ିଛି । ତୁମମାନଙ୍କ ଭିତରୁ କେତେଜଣ ପ୍ରକୃତରେ ଖୁବ ନିଷ୍ଠାର ସହିତ ଚେଷ୍ଟା କରିଛନ୍ତି । ଏଥିରେ ଯେଉଁ ଫଳ ମିଳିଛି, ସେଥିରେ ମୁଁ ପ୍ରକୃତରେ ଖୁସୀ । ମୁଁ ଭାବୁଛି, ଏପରି ଏକ ପ୍ରୟାସ ଲାଗିରହିଥିଲେ ତାହା ସମସ୍ତଙ୍କ ଲାଗି ଭଲ ଫଳ ଦେବ ।

ଜଣେ ମୋତେ ଏପରି ଏକ କଥା ଲେଖିଛନ୍ତି ଯାହାକି ସମ୍ପୂର୍ଣ୍ଣ ସତ । କଥାଟି ହେଉଛି ଯେ ପ୍ରୟାସଟିକୁ ଥରେ ଆରମ୍ଭ କରିବା ପରେ ତାକୁ ବନ୍ଦ

'oaob.nitrkl.ac.in' images reprocessed

କରିଦେବାର ଆଉ କୌଣସି କାରଣ ନ ଥାଏ । ଦିନକୁ ଘଣ୍ଟାଏ କରି ପ୍ରଥମେ ତାହା ଆରମ୍ଭ ହୁଏ, ମାତ୍ର ତା'ପରେ ତାହା ଏକ ଆବଶ୍ୟକତାରେ ପରିଣତ ହୋଇଯାଏ, ଏକ ଅଭ୍ୟାସରେ ପରିଣତ ହୁଏ ଏବଂ ଖୁବ୍ ସ୍ୱାଭାବିକ ଭାବରେ ଲାଗି ରହିଥାଏ ।

ଯଦି ତୁମର ଅଭ୍ୟାସଟି ଦ୍ୱାରା ଏହି ଫଳଟି ମିଳିପାରିଲା, ତେବେ ତାହାକୁ ପ୍ରକୃତରେ ଏକ ଚମତ୍କାର କଥା ବୋଲି କୁହାଯାଇ ପାରିବ ।

ଆଜି ସନ୍ଧ୍ୟାରେ ମୁଁ ଯାହା ପଢ଼ିଲି, ଆମେ ସେଥିରୁ ତିନୋଟି କଥା ବାଛିପାରିବା । ପ୍ରଥମ କଥାଟି ହେଉଛି, ଏକ ଫଳ ଲାଭ କରିବାକୁ ହେଲେ ତୁମକୁ ଆପଣାର କାର୍ଯ୍ୟରେ ଅବିଶ୍ରାନ୍ତ ଭାବରେ ଲାଗି ରହିବାକୁ ପଡ଼ିବ । ଉଦାହରଣସ୍ୱରୂପ, ଧମ୍ମପଦରେ କୁହାଯାଇଛି ଯେ ଯଦି ତୁମେ କୌଣସି ମନ୍ତ୍ର ନେଇଛ, ମାତ୍ର ଯଥେଷ୍ଟ ଭାବରେ ତାହାର ଅଭ୍ୟାସ କରୁ ନାହଁ, ତେବେ ସେପରି ମନ୍ତ୍ର ନେବାରେ ଆଦୌ କୌଣସି ଲାଭ ହେବ ନାହିଁ, ଏବଂ ଯଦି ତୁମେ ଅମନୋଯୋଗୀ ହୋଇପଡ଼ିବ, ତେବେ ସାବଧାନତାର ଯାବତୀୟ ଫଳକୁ ତୁମେ ହରାଇ ବସିବ; ଏବଂ ଅର୍ଜନ କରିଥିବା ଉତ୍ତମ ଅଭ୍ୟାସଗୁଡ଼ିକୁ ଯଦି ତୁମେ ନିୟମିତ କରି ନ ରଖିବ, ତେବେ ତୁମ ଲାଗି ସେଗୁଡ଼ିକ ମଧ୍ୟ ବୃଥା ହୋଇଯିବେ । ଏସବୁର ଅର୍ଥ ହେଉଛି ଯେ ତୁମକୁ ସର୍ବଦା ଅଧ୍ୟବସାୟ କରିବାକୁ ପଡ଼ିବ । ଗତଥର ମୁଁ ତୁମମାନଙ୍କୁ ଯେଉଁ କଥାଟିର ଅଭ୍ୟାସ କରିବାକୁ କହିଥିଲି, ବର୍ତ୍ତମାନ ସେଇଟିରହିଁ ଉଦାହରଣ ଦେବି । ମୁଁ ଏହିପରି ଏକ ଧାରଣା ରଖି ତୁମମାନଙ୍କୁ ସେଇଟିକୁ କରିବା ଲାଗି କହିଥିଲି ଯେ ଯଦି ତୁମେ ନିୟମିତ ଭାବରେ ତାହାର ଅଭ୍ୟାସ କରିବ, ତେବେ ନିଜର ଅସୁବିଧା-ଗୁଡ଼ିକ ଉପରେ ବିଜୟ ହାସଲ କରିବାରେ ତାହା ତୁମକୁ ଖୁବ୍ ସାହାଯ୍ୟ କରିବ ।

ତୁମମାନଙ୍କ ଭିତରୁ କେହିଜଣେ ମୋତେ ଯଥାର୍ଥ ଭାବରେ କହିଛନ୍ତି ଯେ, ଏହି ଅର୍ଦ୍ଧ-ନୀରବତାଟିର ବା ଅନ୍ତତଃ କଥାରେ ଏକ ସଂଯମ ଆଣିବାର ଏହି ଅଭ୍ୟାସଟିକୁ ପାଳନ କରୁକରୁ ଯୁଗପତ୍ ଭାବରେ ନିଜ ଚରିତ୍ରରେ ଥିବା କେତେ-କେତେ ପ୍ରମାଦ ଉପରେ ମଧ୍ୟ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏକ ନିୟନ୍ତ୍ରଣଶକ୍ତି ସମ୍ଭବ ହୋଇ ଯାଇଥାଏ ଏବଂ ତଦ୍ୱାରା କେତେକେତେ ସଂଘର୍ଷ ଏବଂ ଭୁଲ୍ ବୁଝାମଣାରୁ ବି ରକ୍ଷା ମିଳେ । ଏହା ସତ କଥା ।

ଆଜିର ପାଠରୁ ଆଉ ଯେଉଁ କଥାଟି ଆମେ ମନେ ରଖିବା, ସେଇଟି ହେଉଛି ଅଶୁଦ୍ଧତା ବିଷୟରେ । ଏଠାରେ ଧମ୍ମପଦ ଅସତ୍ ଇଚ୍ଛା ଏବଂ ମନ୍ଦ କାର୍ଯ୍ୟର ଉଦାହରଣ ଦେଇଛି । ସେଥିରେ ମନ୍ଦ କାର୍ଯ୍ୟକୁ ଇହ ଏବଂ ପର ଉଭୟ ଲୋକ ଲାଗି ଏକ କଳଙ୍କ ବୋଲି କୁହାଯାଇଛି । ପରବର୍ତ୍ତୀ ପଦଟିରେ କୁହାଯାଇଛି ଯେ,

'oaob.nitrkl.ac.in' images reprocessed

ଅବିଦ୍ୟାଠାରୁ ବଳି ବଡ ଅଶୁଦ୍ଧତା କିଛି ନାହିଁ; ଅର୍ଥାତ୍ ଏଠାରେ ଅବିଦ୍ୟାକୁହିଁ ଅସଲ ଏବଂ ମୂଳ ଦୋଷ ବୋଲି ବିଚାର କରାଯାଇଛି । କୌଣସି କାଳବିଳମ୍ବ ନ କରି ସେଇଟିର ସଂଶୋଧନ କରିବାକୁ ହେବ ବୋଲି ମଧ୍ୟ ପରାମର୍ଶ ଦିଆଯାଇଛି । କେବଳ କୌଣସି ବିଷୟରେ ଜ୍ଞାନର ଅଭାବକୁ ଅବିଦ୍ୟା ବୋଲି କୁହାଯିବ ନାହିଁ, ବିଭିନ୍ନ ବସ୍ତୁ ସମ୍ବନ୍ଧରେ ଏକ ଉପରଠାଉରିଆ ଭାବରେ ଜାଣିବାକୁ ମଧ୍ୟ ଅବିଦ୍ୟା କୁହାଯିବ ନାହିଁ । ଆମ ଜୀବନଟିକୁ ବଞ୍ଚିବା ପଛରେ ଯେଉଁ ମୂଳ କାରଣଟି ନିହିତ ହୋଇ ରହିଛି, ଆମ ଜୀବନରେ ଯେଉଁ ସତ୍ୟଟି ଆବିଷ୍କାର କରିବାକୁ ରହିଛି, ତାହାକୁ ପାସୋରି ପକାଇବାହିଁ ଅବିଦ୍ୟା ।

ଆଉ ଗୋଟିଏ ଗୁରୁତ୍ୱ କଥା ଥିଲି ନା ? · ହଁ, ତୁମ ଭିତରେ ଏପରି ଏକ ଭୁଲ୍ ଧାରଣା ରହିବା ମୋଟେ ଉଚିତ ନୁହେଁ ଯେ, ଯଦି ତୁମେ ଯଥାର୍ଥ ମାର୍ଗଟି ଉପରେ ଲକ୍ଷ୍ୟ ରଖିବ, ଯଦି ବିନୟ ଅବଲମ୍ବନ କରିବ, ଶୁଦ୍ଧତାର ଅନ୍ୱେଷଣ କରିବ, ଯଦି ନିରାସକ୍ତ ହୋଇ ରହିବ, ଯଦି ଏକାନ୍ତ ଭାବରେ ନିଜର ଜୀବନଟିକୁ ଯାପନ କରିବାକୁ ଇଚ୍ଛା କରୁଥିବ ଏବଂ ଯଦି ତୁମର ବିଚାର ନିର୍ମଳ ରହିଥିବ, ତେବେ ତୁମ ଲାଗି ସବୁକଥା ଭାରି ସହଜ ହୋଇଯିବ । ସେକଥା ଆଦୌ ସତ ନୁହେଁ ! ତୁମେ ଯେତେବେଳେ ଅନ୍ତର ଭିତରେ ତଥା ବାହାରେ ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେବାକୁ ଆରମ୍ଭ କରିବ, ଠିକ୍ ସେତିକବେଳେ ତୁମର ଅସୁବିଧା-ଗୁଡ଼ିକ ମଧ୍ୟ ଆରମ୍ଭ ହୋଇଯିବ ।

ଅନେକ ସମୟରେ ଲୋକମାନେ ଏପରି କହୁଥିବାର ମୁଁ ଶୁଣିଛି, "ବର୍ତ୍ତମାନ ମୁଁ ଯେତେବେଳେ ପ୍ରକୃତରେ ଭଲ ହେବାକୁ ଚେଷ୍ଟା କରୁଛି, ଠିକ୍ ସେତିକବେଳେ ପ୍ରତ୍ୟେକ ବ୍ୟକ୍ତି ମୋ'ପ୍ରତି ଭାରି କର୍କଶ ହେବାରେ ଲାଗିଛନ୍ତି !" ହଁ, ହେଉଛନ୍ତି, କାରଣ, ଏକ ସ୍ୱାର୍ଥପ୍ରଣୋଦିତ ଉଦ୍ଦେଶ୍ୟ ରଖି ଭଲ ହେବା ଯେ ଆଦୌ ଉଚିତ ନୁହେଁ, ତୁମକୁ ପ୍ରକୃତରେ ସେହି ଶିକ୍ଷାଟିକୁ ଦେବା ଲାଗିହିଁ ଏପରି ହେଉଛି । ଅନ୍ୟ-ମାନେ ମୋ'ପ୍ରତି ଭଲ ହେବେ ବୋଲି ଯେ ମୋତେ ଭଲ ହେବାକୁ ପଡ଼ିବ, ସେକଥା ମୋଟେ ନୁହେଁ । ଭଲ ହେବା ପାଇଁହିଁ ମୋତେ ଭଲ ହେବାକୁ ପଡ଼ିବ ।

ସେହି ଗୋଟିଏ ଶିକ୍ଷାହିଁ ଆମକୁ ସବୁବେଳେ ମିଳୁଛି : ଆମେ ଯେତେ ପାରିବା, ଯଥାସମ୍ଭବ ଯାହା ପାରିବା, ଆମକୁ ସେତେବେଶୀ କରିବାକୁ ହେବ । ମାତ୍ର ସେଥିଲାଗି କୌଣସି ଫଳର ପ୍ରତ୍ୟାଶା ରଖିବା ନାହିଁ, ଫଳ ଉପରେ ଆଖି ରଖି ଆମେ କେବେହେଲେ କିଛି କରିବା ନାହିଁ । ଗୋଟିଏ ଭଲ କାମ କରି ସେଥିଲାଗି ଏକ ପୁରସ୍କାର ଆଶା କରିବା, ଏହି ଭଲ କାମଟି କଲେ ତଦ୍ୱାରା ଜୀବନ

'oaob.nitrkl.ac.in' images reprocessed

ଅଧିକ ସହଜ ହୋଇଯିବ ବୋଲି ଭାବି ଭଲ କାମଟିଏ କରିବା, — ଆମର ଏହି ଦୃଷ୍ଟିଭଙ୍ଗି ଆମ ଭଲ କାର୍ଯ୍ୟଟିରୁ ଯାବତୀୟ ମୂଲ୍ୟକୁ ଅପହରଣ କରି ନେଇଥାଏ ।

ଭଲ ହେବାକୁ ଭଲ ପାଇ ତୁମେ ଭଲ ହେବ, ନ୍ୟାୟକୁ ଭଲ ପାଇ ନ୍ୟାୟପରାୟଣ ହେବ, ବିଶୁଦ୍ଧତାକୁ ଭଲ ପାଇହିଁ ତୁମେ ବିଶୁଦ୍ଧ ହେବ । ଆସକ୍ତି-ମୁକ୍ତତାକୁ ଭଲ ପାଇ ତୁମେ ଆସକ୍ତିମୁକ୍ତ ହେବ—ତେବେ ନିଶ୍ଚିତ ଭାବରେ ଆପଣାର ମାର୍ଗରେ ଅଗ୍ରସର ହୋଇପାରିବ ।

୧୩ ଜୁନ୍ ୧୯୫୮

'oaob.nitrkl.ac.in' images reprocessed

ଧର୍ମଜ୍ଞ

ମନଇଚ୍ଛା ହଠାତ୍ କିଛି ନିଷ୍ପତ୍ତି କରି ପକାଉଥିବା ବ୍ୟକ୍ତିକୁ ଧର୍ମଜ୍ଞ କୁହାଯିବ ନାହିଁ । ଯିଏ ଯଥାର୍ଥରେ ବିଜ୍ଞ, ସେ ନ୍ୟାୟକୁ ଅନ୍ୟାୟଠାରୁ ଅଲଗା କରି ଦେଖିପାରେ । ଯିଏ ଧର୍ମ ଓ ସମତା ସହିତ ସମ୍ପୂର୍ଣ୍ଣ ଜ୍ଞାନ ଦ୍ୱାରା ପରିଚାଳିତ ହୋଇ ଅନ୍ୟମାନଙ୍କର ବିଚାର କରେ, ବିଧାନର ତତ୍ତ୍ୱାବଧାରକ ସେହି ବ୍ୟକ୍ତିଙ୍କୁହିଁ ଧର୍ମଜ୍ଞ ବୋଲି କୁହାଯାଇ ପାରିବ ।

ଯିଏ ସବୁଠାରୁ ଅଧିକ କଥା କହେ, ସିଏ କଦାପି ପଣ୍ଡିତ ନୁହେଁ । ଯିଏ କ୍ଷେମଯୁକ୍ତ, ସୁହୃତ୍ ଏବଂ ନିର୍ଭୟ ହୋଇ ରହିଥାଏ, ଆମେ ତାହାକୁହିଁ ଜଣେ ପଣ୍ଡିତ ବୋଲି କହିବା ।

ଗୁଡ଼ାଏ କଥା କହି ତୁମେ କେବେ ଧର୍ମଧର ହୋଇ ପାରିବ ନାହିଁ । ମାତ୍ର, ଯେତେ ଅଳ୍ପ ହେଲେ ମଧ୍ୟ, ଯିଏ ଧର୍ମର ଅଧ୍ୟୟନ କରିଥାଏ ଓ ମନର ଭୂମିରେ ତାହାକୁ ଉପଲବ୍ଧି କରିଥାଏ, ସେଇ ପ୍ରକୃତରେ ଧର୍ମଧର । ସିଏ କଦାପି ଧର୍ମର ଅବହେଳା କରେ ନାହିଁ ।

ବାଳ ଧଳା ହୋଇଗଲେ କୌଣସି ବ୍ୟକ୍ତି ସ୍ଥବିର ହୋଇଯାଏ ନାହିଁ । ତା'ର ବୟସ ଅଧିକ ହୋଇଥାଏ ସତ, ମାତ୍ର ତାହାକୁ ବୃଥାହିଁ ଜଣେ ବୃଦ୍ଧ ବୋଲି କୁହାଯାଇ ପାରିବ ।

ମାତ୍ର ଯିଏ ସତ୍ୟ, ଧର୍ମ, ଅହିଂସା ଏବଂ ସଂଯମର ଉପଲବ୍ଧି କରିଛି, ଆପଣାକୁ ସକଳ ଅଶୁଦ୍ଧତାରୁ ମୁକ୍ତ କରି ପାରିଛି, ଯିଏ ଯଥାର୍ଥ ଜ୍ଞାନ ଅର୍ଜନ କରିଛି, ସେଇ ହେଉଛି ପ୍ରକୃତରେ ସ୍ଥବିର ।

ଯିଏ ଈର୍ଷା କରୁଥିବ, ସ୍ୱାର୍ଥପର ହୋଇଥିବ ଓ ପ୍ରତାରଣା କରୁଥିବ, ସେ ଉତ୍ତମ ବକ୍ତା ହୋଇଥିଲେ ମଧ୍ୟ ଅଥବା ତା'ର ରୂପ ସୁନ୍ଦର ହୋଇଥିଲେ ମଧ୍ୟ ସେହି ବ୍ୟକ୍ତି କଦାପି ସାଧୁ ହୋଇ ପାରିବ ନାହିଁ । ମାତ୍ର, ଯେଉଁ ବ୍ୟକ୍ତିମାନଙ୍କ ମଧ୍ୟରୁ ଏହିସବୁ ଦୋଷ ସମ୍ପୂର୍ଣ୍ଣ ଭାବରେ ଉତ୍ପାଟିତ ଓ ବିନଷ୍ଟ ହୋଇଯାଇ ପାରିଛି, ଆମେ ଯଥାର୍ଥରେ ସେହି ବ୍ୟକ୍ତିଙ୍କୁହିଁ ସାଧୁ ବୋଲି କହିବା ।

'oaob.nitrkl.ac.in' images reprocessed

ଯାହାର ଜୀବନରେ କୌଣସି ଶୃଙ୍ଖଳା ନାହିଁ ଓ ଯିଏ ସତ୍ୟର ଆଚରଣ କରୁ ନାହିଁ, ତା'ର ମୁଣ୍ଡିତ ମସ୍ତକରୁହିଁ ସେ କଦାପି ଜଣେ ଶ୍ରମଣ ହୋଇଯିବ ନାହିଁ । ଏତେ ବାସନା ଓ ଲୋଭ ଦ୍ୱାରା ପୂର୍ଣ୍ଣ ହୋଇ ରହି ସେ କିପରି ଜଣେ ଶ୍ରମଣ ହୋଇପାରିବ ?

ଯିଏ କ୍ଷୁଦ୍ର ଓ ବୃହତ୍ ସକଳ ପାପରୁ ନିଜକୁ ମୁକ୍ତ କରି ପାରିଛି, ଆମେ ତାହାକୁହିଁ ପ୍ରକୃତରେ ଶ୍ରମଣ ବୋଲି କହିବା; କାରଣ ସେଇ ଯାବତୀୟ ଅଶୁଦ୍ଧତାରୁ ଆପଣାକୁ ଶୁଦ୍ଧ କରି ଆଣିପାରିଛି ।

ନିଜର ଖାଦ୍ୟ ସଂଗ୍ରହ କରିବା ଲାଗି ଭିକ୍ଷା କରି ବୁଲୁଛି ବୋଲି ଜଣେ ବ୍ୟକ୍ତିକୁ କଦାପି ଭିକ୍ଷୁ ବୋଲି କୁହାଯିବ ନାହିଁ । ବ୍ରତଗୁଡ଼ିକର ପାଳନହିଁ ଭିକ୍ଷୁ ହେବା ଲାଗି ଆଦୌ ଯଥେଷ୍ଟ ନୁହେଁ ।

ମାତ୍ର ଯିଏ ପାପ ଏବଂ ପୁଣ୍ୟରୁ ଊର୍ଦ୍ଧ୍ୱକୁ ଚାଲିଯାଇ ପାରିଛି, ଯିଏ ଶୁଦ୍ଧ ଜୀବନ ଯାପନ କରୁଛି, ଯଥାର୍ଥ ବୋଧ ସହିତ ଯେଉଁବ୍ୟକ୍ତି ସଂସାରରେ ବିଚରଣ କରୁଛି, ଆମେ ତାହାକୁହିଁ ଜଣେ ଭିକ୍ଷୁ ବୋଲି କହି ପାରିବା ।

ମୌନ ରହିଲେହିଁ ଜଣେ କଦାପି ମୁନି ହୋଇଯାଏ ନାହିଁ; ଅଜ୍ଞାନ ଓ ନିର୍ବୋଧ ହୋଇ ରହିଥିବା ପର୍ଯ୍ୟନ୍ତ ତା'ର ଦ୍ୱାରାହିଁ ସେ କଦାପି ମୁନି ହୁଏ ନାହିଁ । ମାତ୍ର, ପାପ ଓ ପୁଣ୍ୟ ଉଭୟକୁ ସତେଅବା ଗୋଟିଏ ତରାଜୁରେ ଓଜନ କରି ନିଜ ଲାଗି ଯିଏ ଗୋଟିଏ ମାର୍ଗ ବାଛିନିଏ, ସେଇ ପ୍ରକୃତରେ ମୁନି ।

ଯିଏ ବିଶ୍ୱରମଗ୍ନତା ଦ୍ୱାରା ଏହି ଜଗତ ଏବଂ ଅନ୍ୟମାନଙ୍କର ସୀମା ନିର୍ଦ୍ଧାରଣ କରନ୍ତି ସେହି ହେଉଛନ୍ତି ମୁନି ।

ଯିଏ ପ୍ରାଣୀମାନଙ୍କ ପ୍ରତି ହିଂସା ଆଚରଣ କରେ, ତାକୁ ଆମେ କଦାପି ଆର୍ଯ୍ୟ ବୋଲି କହିବା ନାହିଁ । ସକଳ ପ୍ରାଣୀଙ୍କ ପ୍ରତି ଅହିଂସା ଆଚରୁଥିବା ବ୍ୟକ୍ତିହିଁ ପ୍ରକୃତରେ ଆର୍ଯ୍ୟ ।

ଶୀଳବାନ୍ ହେଲେ, ବ୍ରତଗୁଡ଼ିକର ପାଳନ କଲେ, ଅଧିକ ଜ୍ଞାନ ଅର୍ଜନ କଲେ, ଧ୍ୟାନରେ ବସୁଥିଲେ, ଏକାନ୍ତ ଜୀବନ ଯାପନ କଲେ ଅଥବା "ସଂସାରସ୍ଥ ବ୍ୟକ୍ତିମାନେ ଯେଉଁ ମୁକ୍ତିସୁଖଟିକୁ ଲାଭ କରି ନାହାନ୍ତି, ମୁଁ ସେଇଟିକୁ ଲାଭ କରିଛି" ବୋଲି ଭାବିଲେହିଁ ଜଣେ ବ୍ୟକ୍ତି କଦାପି ଭିକ୍ଷୁ ହୋଇଯିବ ନାହିଁ । ତେଣୁ ହେ ଭିକ୍ଷୁମାନେ,

'oaob.nitrkl.ac.in' images reprocessed

ସକଳ ବାସନାର ନିର୍ବାପନ ନ ହୋଇ ଥିବା ପର୍ଯ୍ୟନ୍ତ ତୁମେମାନେ ସର୍ବଦା ସତର୍କ ରହିଥିବ ।

ଆମେ ଏହି ଶେଷଟି ବିଷୟରେ ଆଲୋଚନା କରିବା । ଏଇଟି ବେଶ୍ ଆଗ୍ରହୋଦ୍ଦୀପକ ।

"ଶୀଳବାନ୍ ହେଲେ, ବ୍ରତଗୁଡ଼ିକର ପାଳନ କଲେ, ଅଧିକ ଜ୍ଞାନ ଅର୍ଜନ କଲେ, ଧ୍ୟାନରେ ବସୁଥିଲେ, ଏକାନ୍ତ ଜୀବନ ଯାପନ କଲେ ଅଥବା ଅମୁକ ନା ସମୁକ ଭାବିଲେ" ତୁମେ କଦାପି ପ୍ରକୃତ ଆନନ୍ଦ ଲାଭ କରିପାରିବ ନାହିଁ । ଯାବତୀୟ ବାସନାରୁ ମୁକ୍ତ ହୋଇ ପାରିଲେ ଯାଇ ତାହା ହେବ । ସକଳ ବାସନାରୁ ମୁକ୍ତ ହେବା ନିଶ୍ଚିତ ଭାବରେ ଆଦୌ ସହଜ ନୁହେଁ, ଅନେକ ସମୟରେ ଏଥିଲାଗି ସାରା ଜୀବନଗୋଟାକର ସମୟ ଲାଗି ଯାଇଥାଏ । ମାତ୍ର, ସତକଥା କହିବାକୁ ଗଲେ, ଏଇଟା ହେଉଛି ପ୍ରକୃତରେ ଏକ ନକାରାତ୍ମକ ମାର୍ଗ । ଅବଶ୍ୟ ଏକଥା ଠିକ୍ ଯେ, ବିକାଶର ଗୋଟିଏ ନିର୍ଦ୍ଦିଷ୍ଟ ସୋପାନରେ ଏକ ଶୃଙ୍ଖଳାରୂପେ ଏହାର ଏକ ଅତ୍ୟାବଶ୍ୟକତା ନିଶ୍ଚୟ ରହିଛି । ଆପଣାକୁ ପ୍ରତାରଣା କରିବାକୁ ଇଚ୍ଛା କରୁ ନ ଥିଲେ, ସାଧନାରେ ଏହି ଶୃଙ୍ଖଳାର ଏକ ଅପରିହାର୍ଯ୍ୟତା ମଧ୍ୟ ରହିଛି । କାରଣ, ତୁମକୁ ସର୍ବପ୍ରଥମେ ମୁଖ୍ୟ ବାସନାଗୁଡ଼ିକରୁ ଆପଣାକୁ ମୁକ୍ତ କରି ଆଣିବାକୁ ପଡ଼ିଥାଏ; ସେଗୁଡ଼ିକ ନିଶ୍ଚିତ ଭାବରେ ସ୍ପଷ୍ଟରୂପେ ଦେଖା ଯାଉଥାନ୍ତି ଓ ତୁମକୁ ଏତେ ଅସୁବିଧାରେ ନେଇ ପକାଇ ଦେଉଥାନ୍ତି ଯେ ସେମାନଙ୍କ ବିଷୟରେ ତୁମ ଭିତରେ ଆଦୌ କୌଣସି ଭ୍ରାନ୍ତିହିଁ ନ ଥାଏ । ତା'ପରେ କେତେଗୁଡ଼ିଏ ସୂକ୍ଷ୍ମ ବାସନାଙ୍କର ପାଳି ପଡ଼େ; ସେଗୁଡ଼ିକ ତୁମ ଆଗରେ କରିବାକୁ ରହିଥିବା ନାନା କର୍ତ୍ତବ୍ୟର ରୂପ ଧାରଣ କରି ରହିଥାନ୍ତି, ସେହି କାର୍ଯ୍ୟଗୁଡ଼ିକୁ ତୁମେ ଆବଶ୍ୟକ ବୋଲି ଭାବୁଥାଅ, ଏପରିକି ବେଳେବେଳେ ସେଗୁଡ଼ିକ ସତେଅବା ଗୋଟିଏ ଗୋଟିଏ ଅନ୍ତଃନିର୍ଦ୍ଦେଶ ରୂପେ ତୁମ ଆଗରେ ଆସି ଦେଖା ଦିଅନ୍ତି । ସେଗୁଡ଼ିକୁ ଆବିଷ୍କାର କରି ସେଗୁଡ଼ିକ ଉପରେ ବିଜୟ ହାସଲ କରିବାକୁ ସମୟ ଲାଗେ ଓ ଅନେକ ନିଷ୍ଠାର ପ୍ରୟୋଜନ ହୋଇଥାଏ । ଶେଷକୁ ଏପରି ଏକ ସମୟ ଆସେ, ଯେତେବେଳେ କି ଜଡ଼ ଜଗତରେ ଏହି ତୁଚ୍ଛ ବାସନାଗୁଡ଼ିକରୁ ତୁମେ ମୁକ୍ତ ହୋଇ ଆସିଲଣି ବୋଲି ବୋଧ ହୋଇଥାଏ, ବାହ୍ୟ ବସ୍ତୁଗୁଡ଼ିକର କ୍ଷେତ୍ରରେ, ସଂବେଗର ଜଗତରେ, ଅନୁଭୂତି ଏବଂ ଭାବର ସୋପାନରେ, ମନୋଜଗତର ନାନା ଧାରଣାର କ୍ଷେତ୍ରରେ ତୁମେ ସେଗୁଡ଼ିକରୁ ବେଶ୍ ମୁକ୍ତ ହୋଇ ଆସିଲଣି ବୋଲି ମନେ ହେବାକୁ ଲାଗେ; ଏବଂ ତା'ପରେ ତୁମେ ସେଗୁଡ଼ିକୁ ପୁନର୍ବାର ଆଧ୍ୟାତ୍ମିକ ଜଗତରେ ବି ଦେଖିବାକୁ ଆରମ୍ଭ କର । ସେହି କ୍ଷେତ୍ରରେ ସେଗୁଡ଼ିକ ଅଧିକ ବିପଜ୍ଜନକ ଏବଂ ଅଧିକ ସୂକ୍ଷ୍ମ ହୋଇ ରହିଥାନ୍ତି, ଅଧିକ ଗଭୀରକୁ ପ୍ରବେଶ କରିଥାନ୍ତି, ଅଧିକ ଅଦୃଶ୍ୟ--

'oaob.nitrkl.ac.in' images reprocessed

ପ୍ରାପ୍ତ ହୋଇ ରହିଥାନ୍ତି ଏବଂ ଏପରି ଏକ ସାଧୁସୁଲଭ ମୁଖା ପିନ୍ଧିଥାନ୍ତି ଯେ, ସେଗୁଡ଼ିକୁ ବାସନା ବୋଲି କହିବାକୁ ମଧ୍ୟ ତୁମର ମନ ଯାଏ ନାହିଁ ।

ଏବଂ, ଯେତେବେଳେ ସେଗୁଡ଼ିକରୁ ମଧ୍ୟ ମୁକ୍ତି ମିଳିଯାଏ, ସେଗୁଡ଼ିକୁ ଆବିଷ୍କାର କରି, ଆପଣା ଭିତରୁ ବାହାର କରିଦେଇ ସେଗୁଡ଼ିକରୁ ଯେତେବେଳେ ମୁକ୍ତି ମିଳିଯାଏ, ସେତେବେଳେ ମଧ୍ୟ ଆମେ ତଥାପି ସମଗ୍ର କାର୍ଯ୍ୟଟିର ନକାରାତ୍ମକ ପାଖଟିକୁ ମଧ୍ୟ କରିଛୁ ବୋଲିହିଁ କହିବାକୁ ହେବ ।

ବୁଦ୍ଧଦେବ କହିଛନ୍ତି ବା ତାଙ୍କର ବାଣୀରୂପେ ଏକଥା କୁହାଯାଇଛି ଯେ ସକଳ ବାସନାରୁ ମୁକ୍ତ ହୋଇପାରିଲେ ଆମେ ଅନନ୍ତ ଆନନ୍ଦର ରାଜ୍ୟରେ ଯାଇ ପ୍ରବେଶ ଲାଭ କରିଥାଉ । ଏହି ଆନନ୍ଦ ହୁଏତ କହିଁକି ପରିମାଣରେ ବେଶ୍ ଶୁଷ୍କ ବି ହୋଇପାରେ, ଏବଂ, ସେକଥା ଯାହା ହୋଇଥାଉ ପଛକେ, ଏହି ମାର୍ଗଟି ପ୍ରକୃତରେ ସତ୍ୱରତମ ମାର୍ଗ ବୋଲି ମୋର ଆଦୌ ବୋଧ ହେଉ ନାହିଁ ।

ଯଦି ଆମେ ପ୍ରଥମରୁହିଁ ଅତ୍ୟନ୍ତ ମୂର୍ତ୍ତ ଭାବରେ ସମସ୍ୟାଟିକୁ ଯାଇ ଧରି ପାରିବା, ସାହସ ଏବଂ ସଂକଳ୍ପର ସହିତ ତାହା ମଧ୍ୟକୁ ଡେଇଁ ପଡ଼ିବା ଏବଂ, ବାସନାଗୁଡ଼ିକୁ ବାହାର କରିବା ଲାଗି ଏକ ଦୀର୍ଘ, ଶ୍ରମସାଧ୍ୟ, ଦୁଃଖଦାୟକ ଓ ନୈରାଶ୍ୟମୟ ଅନ୍ୱେଷଣ ଆରମ୍ଭ କରିବା ପରିବର୍ତ୍ତେ ଯଦି ଆମେ ସରଳ, ସମଗ୍ର ଓ ସର୍ତ୍ତହୀନ ଭାବରେ ଆପଣାକୁ ଦେଇ ଦେଇପାରିବା, ସର୍ବୋଚ୍ଚ ପରମ ସତ୍ୟ ଏବଂ ସର୍ବୋଚ୍ଚ ଇଚ୍ଛା ପାଖରେ ଯଦି ଆମେ ଆପଣାକୁ ସମର୍ପଣ କରିଦେଇ ପାରିବା, ଆପଣାକୁ ଯଦି ସମ୍ପୂର୍ଣ୍ଣ ଭାବରେ ତାଙ୍କରି ହାତରେ ଛାଡ଼ିଦେଇ ପାରିବା, ସମଗ୍ର ସତ୍ତା ତଥା ସେହି ସତ୍ତାର ଯାବତୀୟ ଉପାଦାନଗୁଡ଼ିକର ଏକ ଉତ୍‌ପ୍ଲାବନ ସହିତ ଯଦି ଆମେ ତାହା କରିପାରିବା, ଯଦି ଏସବୁ ମଧ୍ୟରେ କୌଣସି ପ୍ରକାର ଲାଭକ୍ଷତିର ଗଣନା ରହି ନ ଥିବ, ତେବେ ଅହଂର କବଳରୁ ମୁକ୍ତ ହୋଇପାରିବା ଲାଗି ତାହାହିଁ ସତ୍ୱରତମ ମାର୍ଗ ବୋଲି ପ୍ରମାଣିତ ହେବ, ତାହାହିଁ ସବୁଠାରୁ ଅଧିକ ମୂଲଭୂତ ହେବ । ଏହି କଥାଟିକୁ ସାଧି କରିବାକୁ ଅନେକ ଲୋକ ଅତ୍ୟନ୍ତ କଷ୍ଟକର ବୋଲି କହିବେ; ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ମାର୍ଗଟିରେ ଯେଉଁ ହୃଷ୍ଟତା, ଉତ୍ସାହ, ଉଦ୍ଦୀପ୍ତତା, ଆଲୋକ ଓ ସୌନ୍ଦର୍ଯ୍ୟ ନିହିତ ହୋଇ ରହିଛି, ଯେଉଁ ଉଦ୍ଦୀପ୍ତ ଏବଂ ସୃଜନଶୀଳ ଜୀବନର ଏକ ଆବେଦନ ରହିଛି, ଅନ୍ୟ ମାର୍ଗଟିରେ ଆମେ ତାହାକୁ ଆଦୌ ପାଇବା ନାହିଁ ।

ଏକଥା ମଧ୍ୟ ସତ ଯେ ବାସନାର ବିଲୋପ ହୋଇଗଲେ ଅହଂକୁ ଖୋରାକ ଦେଇ ରଖିବା ଲାଗି ପ୍ରକୃତରେ ଆଉ ବେଶୀକିଛି ନ ଥାଏ ଏବଂ ସେତେବେଳେ ଏହିପରି ଏକ ବୋଧ ଜନ୍ମିଥାଏ ଯେ ଚେତନାଟି ପ୍ରକୃତରେ ଅତ୍ୟନ୍ତ କଠିନ

'oaob.nitrkl.ac.in' images reprocessed

ହୋଇଯାଏ ଏବଂ ଅହଂ ସେଥିହୋଇ ଧୂଳିରେ ପରିଣତ ହୋଇଗଲେ ନିଜ ଆତ୍ମ-ସତ୍ତାର ମଧ୍ୟ ଗୋଟିଏ ଅଂଶ ସେହି ଧୂଳି ଉପରକୁ ଖସିପଡ଼େ । ଏବଂ ସେତିକି-ବେଳେ ବ୍ୟକ୍ତି ନିର୍ବାଣ ମଧ୍ୟରେ ପ୍ରବେଶ କରିବା ଲାଗି ବି ଯୋଗ୍ୟ ହୋଇଯାଏ । ନିର୍ବାଣକୁ ଏଠାରେ ସମ୍ପୂର୍ଣ୍ଣ ନିର୍ବାପନର ଅର୍ଥରେହିଁ ବ୍ୟବହାର କରାଯାଇଛି ।

ମାତ୍ର, ଯେତେବେଳେ ଆମର ଅହଂସତ୍ତାଟି ସର୍ବୋଚ୍ଚ ପରମସତ୍ତାଙ୍କର ମହିମା ମଧ୍ୟରେ ଅନ୍ତର୍ହିତ ହୋଇଯାଏ, ଆମେ ତାହାକୁହିଁ ପ୍ରକୃତ ନିର୍ବାଣ ବୋଲି ବିଗ୍ୟର କରୁଛୁ । ଏବଂ, ଏହି ମାର୍ଗଟିକୁ ମଧ୍ୟ ମୁଁ ଏକ ସକାରାତ୍ମକ ମାର୍ଗ ବୋଲି କହିବି । ଏହାକୁ ମୁଁ ଏପରି ଏକ ସମଗ୍ର, ସମ୍ପୂର୍ଣ୍ଣ, ପରିପୂର୍ଣ୍ଣତାଯୁକ୍ତ ଅକପଟ ଆତ୍ମଦାନ ବୋଲି କହିବି, ଯେଉଁଥିରେକି କୌଣସି ସର୍ତ୍ତ ବା ସଉଦା ଲାଗି ଆଦୌ କୌଣସି ସ୍ଥାନ ନ ଥାଏ ।

ଆମେ ଅଲଗା କରି ନିଜ ବିଷୟରେ କିଛି ଭାବିବା ନାହିଁ, ଅଲଗା ହୋଇ ନିଜର ଜୀବନଟିକୁ ବଞ୍ଚିବା ନାହିଁ, କୌଣସି କଥାରେ ଆପଣାକୁହିଁ କାରଣ ବୋଲି ଗ୍ରହଣ କରିବା ନାହିଁ, ଯାହା ସବୁଠାରୁ ଅଧିକ ସୁନ୍ଦର, ଯାହା ଜ୍ୟୋତିର୍ମୟ, ଆନନ୍ଦମୟ, ଶକ୍ତିମୟ, କରୁଣାମୟ ଓ ଅନ୍ତହୀନ, ଆମେ କେବଳ ତାହାରି କଥା ଭାବିବା,—କେବଳ ଏହି କଥାଟିରେହିଁ ଏପରି ଏକ ଗଭୀର ଆନନ୍ଦ ନିହିତ ରହିଛି ଯେ, ଆମେ ତାହା ସହିତ ଅନ୍ୟ କୌଣସି କଥାର ମଧ୍ୟ ତୁଳନା କରିପାରିବା ନାହିଁ ।

ଏହି ଗୋଟିଏ କଥାହିଁ ଆମ ସାଧନାର ଯୋଗ୍ୟ··· ଆମ ପ୍ରୟାସର ଯୋଗ୍ୟ । ଆଉ ଯାହାକିଛି ରହିଲା, ସେଗୁଡ଼ିକୁ କେବଳ କାଳକ୍ଷେପଣ ବୋଲିହିଁ କୁହାଯିବ ।

ଦୁଇଟି ମଧ୍ୟରେ ଆମେ ଏହିପରି ଏକ ଅନ୍ତର ରହିଛି ବୋଲି ଜାଣିବା : ଗୋଟିକୁ ଆମେ ବୁଲି ବୁଲି, ଅତ୍ୟନ୍ତ ଧୀର ଓ ଅତ୍ୟନ୍ତ ଶ୍ରମଯୁକ୍ତ ଭାବରେ ପାହାଚ ପାହାଚ ହୋଇ ଗୋଟିଏ ପାହାଡ଼ ଉପରକୁ ଆରୋହଣ କରିବା ସହିତ ତୁଳନା କରିବା, ଯେଉଁଟି ସକାଶେ କି ଶହ ଶହ ବର୍ଷ ଲାଗିଯିବ; ଏବଂ ଆର ମାର୍ଗଟିରେ ଗଲେ, ଆମେ ଆମର ଅଦୃଶ୍ୟ ଡେଣାଗୁଡ଼ିକୁ ମେଲାଇ ଦେବା ଏବଂ ସିଧା ଉଡ଼ିଯାଇ ପର୍ବତର ଶିଖର ଉପରେ ପହଞ୍ଚିଯିବା ।

୨୦ ଜୁନ୍ ୧୯୫୮

'oaob.nitrkl.ac.in' images reprocessed

ମାର୍ଗ

ସକଳ ମାର୍ଗ ମଧ୍ୟରେ ଅଷ୍ଟାଙ୍ଗିକ ମାର୍ଗ ହେଉଛି ଶ୍ରେଷ୍ଠମାର୍ଗ, ସକଳ ସତ୍ୟ ମଧ୍ୟରେ ଚତୁର୍ବିଧ ଆର୍ଯ୍ୟସତ୍ୟ ହେଉଛି ଶ୍ରେଷ୍ଠ ସତ୍ୟ, ଆସକ୍ତିରୁ ମୁକ୍ତିଲାଭ କରିବା ହେଉଛି ଅବସ୍ଥାମାନଙ୍କ ମଧ୍ୟରେ ସର୍ବୋତ୍ତମ, ନରମାନଙ୍କ ମଧ୍ୟରେ ବୁଦ୍ଧହିଁ ଶ୍ରେଷ୍ଠ ।

ଏହାହିଁ ଯଥାର୍ଥ ମାର୍ଗ; ଦୃଷ୍ଟିରେ ପରିଶୁଦ୍ଧତା ଅର୍ଜନ କରିବା ଲାଗି ଅନ୍ୟ କୌଣସି ମାର୍ଗହିଁ ନାହିଁ । ତୁମେ ଏହି ମାର୍ଗରେହିଁ ଚାଲ, ଦେଖିବ, ସ୍ୱୟଂ ମାରହିଁ ଅଡୁଆରେ ପଡ଼ିଯିବ ।

ଏହି ମାର୍ଗରେ ଅଗ୍ରସର ହୋଇ ପାରିଲେ ତୁମେ ନିଜର ଯାବତୀୟ ଦୁଃଖର ଅନ୍ତ କରିପାରିବ । ଜୀବନରୁ କଣ୍ଟକ ଦୂର କରିବାର ଉପାୟଟିକୁ ଶିକ୍ଷା କରିହିଁ ମୁଁ ଏହି ମାର୍ଗଟିକୁ ପରିଚିତ କରାଇଛି ।

ଉଦ୍ୟମ ତୁମ ନିଜ ଭିତରୁହିଁ ହେବା ଉଚିତ । ତଥାଗତମାନେ ମାର୍ଗଟିକୁ କେବଳ ବତାଇଦେଇ ପାରିବେ । ଯେଉଁମାନେ ଧ୍ୟାନବୃତ୍ତିର ସହିତ ଏହି ମାର୍ଗଟିରେ ଅଗ୍ରସର ହେବେ, ସେହିମାନେହିଁ ମାରର ବନ୍ଧନରୁ ମୁକ୍ତିଲାଭ କରିବେ ।

"ଯାବତୀୟ ସଂସ୍କାର କେବଳ କ୍ଷଣସ୍ଥାୟୀ", — ଯେତେବେଳେ ଉପଲବ୍ଧି ଦ୍ୱାରା ତୁମେ ଏହି ସତ୍ୟଟିର ପରିଚୟ ପାଇବ, ସେତେବେଳେ ତୁମେ ଦୁଃଖମୁକ୍ତ ହୋଇପାରିବ । ଏହାହିଁ ହେଉଛି ଶୁଦ୍ଧତାର ମାର୍ଗ ।

"ଯାବତୀୟ ସଂସ୍କାର ଦୁଃଖରହିଁ ଅଧୀନ", — ଯେତେବେଳେ ଉପଲବ୍ଧି ଦ୍ୱାରା ତୁମେ ଏହି ସତ୍ୟଟିର ପରିଚୟ ପାଇବ, ସେତେ-ବେଳେ ତୁମେ ଦୁଃଖମୁକ୍ତ ହେବ । ଏହାହିଁ ଶୁଦ୍ଧତାର ମାର୍ଗ ।

"ଯାବତୀୟ ବସ୍ତୁ ଅନାତ୍ମ ଓ ନିଃସାର", — ଯେତେବେଳେ ଉପଲବ୍ଧି ଦ୍ୱାରା ତୁମେ ଏହି ସତ୍ୟଟିର ପରିଚୟ ପାଇବ, ସେତେ-ବେଳେ, ତୁମେ ଦୁଃଖମୁକ୍ତ ହେବ । ଏହାହିଁ ଶୁଦ୍ଧତାର ମାର୍ଗ ।

'oaob.nitrkl.ac.in' images reprocessed

ଯୁବା ଏବଂ ବଳବାନ୍ ହୋଇଥିଲେ ମଧ୍ୟ ଯିଏ କାର୍ଯ୍ୟ କରିବାର ସମୟ ଆସି ପହଞ୍ଚିଥିବାବେଳେ କାର୍ଯ୍ୟ କରେ ନାହିଁ, ଯିଏ ପ୍ରକୃତରେ ଆଳସ୍ୟ ମଧ୍ୟରେ ରହିଥାଏ । ଏବଂ ତା'ର ମନ ନାନା ବୃଥା ଭାବନା ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥାଏ । ଯିଏ ଆଳସ୍ୟ ଭିତରେ ଏତେବେଶୀ ମଜ୍ଜିକରି ରହିଛି, ଯିଏ କଦାପି ପ୍ରଜ୍ଞାର ମାର୍ଗଟିକୁ ଲାଭ କରିପାରିବ ନାହିଁ ।

ବାଣୀରେ ସଂଯମ ଅବଲମ୍ବନ କରିବା, ମନକୁ ନିଜର ନିୟନ୍ତ୍ରଣରେ ରଖିବା, ମନ୍ଦ କର୍ମରୁ ନିବୃତ୍ତ ହୋଇ ରହିବା; — ସର୍ବପ୍ରଥମେ କାର୍ଯ୍ୟର ଏହି ତିନୋଟି କ୍ଷେତ୍ରରେ ଶୁଦ୍ଧତା ଅର୍ଜନ କରିବାକୁ ପଡ଼ିବ; ତେବେଯାଇ ଆମେ ମହାଜ୍ଞାନମାନଙ୍କ ଦ୍ୱାରା ପ୍ରଦର୍ଶିତ ପଥଟିକୁ ଲାଭ କରିପାରିବା ।

ଧ୍ୟାନରୁ ପ୍ରଜ୍ଞା ଜାତ ହୁଏ, ଧ୍ୟାନ ବ୍ୟତୀତ ପ୍ରଜ୍ଞାର କ୍ଷୟ ହୁଏ । ଅଗ୍ରଗତି ଏବଂ ଅଧଃପତନର ଏହି ଦୁଇ ବାଟକୁ ଉତ୍ତମରୂପେ ଜାଣି, ଯେଉଁ ମାର୍ଗ ତା'ର ପ୍ରଜ୍ଞାକୁ ବୃଦ୍ଧି କରିବ, ସେହି ମାର୍ଗଟିକୁହିଁ ଅବଶ୍ୟ ଗ୍ରହଣ କରିବ ।

କେବଳ ଗୋଟିଏ ବୃକ୍ଷକୁ ନୁହେଁ, ତୁମେ ବାସନାର ସମୁଦାୟ ଅରଣ୍ୟଟିକୁହିଁ କାଟି ପକାଅ; କାରଣ ଏହି ଅରଣ୍ୟରୁହିଁ ଭୟର ଜନ୍ମ ହୋଇଥାଏ । ହେ ଭିକ୍ଷୁଗଣ, ଗଛ ଓ ଅଗଛର ଏହି ଅରଣ୍ୟଟିକୁ କାଟି ପକାଅ ଏବଂ ସକଳ ବାସନାରୁ ମୁକ୍ତ ହୁଅ ।

ଜଣେ ପୁରୁଷର ଜଣେ ସ୍ତ୍ରୀ ପ୍ରତି ଯେଉଁ ବାସନା ରହିଥାଏ, ଜଣେ ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ସେହି ବାସନାଟିକୁ ନିଜ ଭିତରୁ ଉତ୍ପାଟିତ କରି ନ ଦେଇଛି, ସେପର୍ଯ୍ୟନ୍ତ ତା'ର ମନ ବନ୍ଧନଗ୍ରସ୍ତ ହୋଇ ରହିଥିବ, ମା'ଆର କ୍ଷୀରକୁ ଆଦରି ରହିଥିବା ବାଛୁରି ପରି ନିର୍ଭରଶୀଳ ହୋଇ ରହିଥିବ ।

ଶରଦ୍‌ଋତୁରେ ଫୁଟୁଥିବା କଇଁଫୁଲକୁ ଜଣେ ଆପଣା ହାତରେ ଉତ୍ପାଟିତ କରି ଆଣିଲା ପରି ତୁମେ ନିଜ ଭିତରେ ଥିବା ଆତ୍ମପ୍ରୀତିକୁ ମଧ୍ୟ ଉତ୍ପାଟିତ କରିଆଣ । ନିର୍ବାଣରୂପୀ ଶାନ୍ତିର ସନ୍ଧାନ କରୁଥିବା ଯେଉଁ ମାର୍ଗଟିକୁ ସୁଗତ (ବୁଦ୍ଧ) ଦେଖାଇଦେଇ ଯାଇଛନ୍ତି, ତୁମେ କେବଳ ସେହି ମାର୍ଗଟିର ଅନୁସରଣ କର ।

'oaob.nitrkl.ac.in' images reprocessed

"ମୁଁ ବର୍ଷାଋତୁରେ ଏଠି ରହିବି, ଶୀତଦିନେ ସେଠି ରହିବି ଏବଂ ଗ୍ରୀଷ୍ମଋତୁରେ ଆଉଗୋଟିଏ ଅନ୍ୟ ଜାଗାରେ ରହିବି,"—ନିର୍ବୋଧ ବ୍ୟକ୍ତି ଏହିସବୁ କଥା ଭାବିବାରେ ଲାଗିଥାଏ । ତା'ଜୀବନରେ ଯେ ହୁଏତ କ'ଣ ଘଟିବାକୁ ଯାଉଛି, ସେବିଷୟରେ ସେ କିଛି ଜାଣି ନ ଥାଏ ।

ଏବଂ, ନିଜର ସନ୍ତାନସନ୍ତତି ଏବଂ ଗୃହପାଳିତ ପଶୁଙ୍କ ପ୍ରତି ଆସକ୍ତ ହୋଇ ରହିଥିବା ଏହି ମନୁଷ୍ୟକୁ ମୃତ୍ୟୁ ଆସି କବଳଗତ କରେ; ନିଦ୍ରାମଗ୍ନ କୌଣସି ଗ୍ରାମକୁ ବନ୍ୟା ଭସାଇନେଲା ପରି ମୃତ୍ୟୁ ତାକୁ କୁଆଡ଼େ ମନ କୁଆଡ଼େ ବହି ନେଇଯାଏ ।

ଆମକୁ ଆମ ସନ୍ତାନସନ୍ତତି ରଖିବେ ନାହିଁ, ବାପା ବା ଆମର ପରିବାର ବି ଆମର ରକ୍ଷା କରି ପାରିବେ ନାହିଁ । ମୃତ୍ୟୁ ଆସି ଆମକୁ ଧରୁଥିବା ସମୟରେ ଆମର ଜ୍ଞାତିକୁଟୁମ୍ବ କେହି ଆମର ରକ୍ଷା କରି ପାରିବେ ନାହିଁ ।

ଏହି କଥାଟିକୁ ଉତ୍ତମରୂପେ ଜାଣି ବୁଦ୍ଧିମାନ୍ ବ୍ୟକ୍ତି ନିଜକୁ ସଦାଚରଣ ଦ୍ୱାରହିଁ ପରିଶୃଙ୍ଖଳିତ କରେ ଏବଂ ନିର୍ବାଣ ଉପଲବ୍ଧି କରିବାର ମାର୍ଗଟିକୁ ଗ୍ରହଣ କରିବାରେ ଆଦୌ ଡେରିକରେ ନାହିଁ ।

ଏଠାରେ କେତୋଟି ଅତ୍ୟନ୍ତ ଉପଯୋଗୀ ପରାମର୍ଶ ଦିଆଯାଇଛି । ବାଣୀରେ ସଂଯମ ରହିବ, ମନ ନିୟନ୍ତ୍ରଣରେ ରହିବ, ମନ୍ଦ କାର୍ଯ୍ୟରୁ ନିବୃତ୍ତ ହୋଇ ରହିବ ।' ଏହା ପ୍ରକୃତରେ ଖୁବ ଭଲକଥା ।

ଏଠାରେ ଆଉଗୋଟିଏ ଖୁବ ମୂଳଭୂତ କଥା କୁହାଯାଇଛି, ମାତ୍ର ଏଇଟି ମଧ୍ୟ ଖୁବ ଉତ୍ତମ କଥା : "ଜଣେ ପୁରୁଷର ଜଣେ ସ୍ତ୍ରୀ ପ୍ରତି ଯେଉଁ କାମନା ରହିଥାଏ, ସେହି କାମନାକୁ ମନ ଭିତରୁ ସମ୍ପୂର୍ଣ୍ଣ ଭାବରେ ଉତ୍ପାଟିତ କରି ନ ଦେଇଥିବା ପର୍ଯ୍ୟନ୍ତ ମନ ବନ୍ଧନଗ୍ରସ୍ତ ହୋଇ ରହିଥାଏ; ମାଆର କ୍ଷୀରକୁ ଆଦରି ବାଛୁରି ଯେପରି ନିର୍ଭରଶୀଳ ହୋଇ ରହିଥାଏ, ଠିକ୍ ସେହିପରି" ।

ଏବଂ ଶେଷରେ : "ଶରଦ୍ଋତୁରେ ଫୁଟିଥିବା ଗୋଟିଏ କଇଁଫୁଲକୁ ଜଣେ ଯେପରି ହାତ ବଢ଼ାଇ ଉତ୍ପାଟିତ କରିଆଣେ, ନିଜ ଭିତରେ ରହିଥିବା ଆତ୍ମପ୍ରୀତିକୁ ମଧ୍ୟ ତୁମେ ସେହିପରି ଭାବରେ ଉତ୍ପାଟିତ କରିଦେବ ।" ଆମର ଧ୍ୟାନ ଲାଗି ଏଗୁଡ଼ିକ ଉତ୍ତମ ବିଷୟ ।

'oaob.nitrkl.ac.in' images reprocessed

ବୃଦ୍ଧିଗତ ଦୃଷ୍ଟିରୁ ଦେଖିଲେ ଯେଉଁମାନେ ମାର୍ଗର ଠିକ୍ ଆରମ୍ଭରେହିଁ ରହିଛନ୍ତି, ଏହିସବୁ ପରାମର୍ଶ ସେହିମାନଙ୍କୁ ଲକ୍ଷ୍ୟ କରି ଦିଆ ଯାଇଥିବା ପରି ବୋଧ ହେଉଛି । ଆମେ ବେଶ୍ କଳ୍ପନା କରି ପାରିବା ଯେ ଅତିସରଳମନା କେତେକ ଗ୍ରାମ୍ୟ ଲୋକଙ୍କର ଏକ ସଭାରେ ଜଣେ ସେମାନଙ୍କୁ କହୁଛି, "ତୁମେମାନେ ମନ-ଦେଇ ଶୁଣ, ଏତେସବୁ ଯୋଜନା କରି ଆଦୌ କୌଣସି ଫଳ ହେବ ନାହିଁ; କାରଣ ତୁମ ଜୀବନରେ କାଲି କ'ଣ ଘଟିବ, ତୁମେ ସେବିଷୟରେ ବି ଆଦୌ କିଛି ଜାଣି ନାହଁ । ତୁମେ ଧନସଞ୍ଚୟ କରିବାରେ ଲାଗିଛ, ନିଜର ପରିବାର ସହିତ ବେଶ୍ ନିଶ୍ଚିନ୍ତ ହୋଇ ରହିଛ, ଆଗାମୀ କାଲି ଏବଂ ତା'ପରଦିନ ପାଇଁ କେତେସବୁ ଯୋଜନା କରିବାରେ ଲାଗିଛ । ମୃତ୍ୟୁ ଯେ ଏହିସବୁ କିଛିକୁ ଲକ୍ଷ୍ୟ କରି ଦେଖୁଛି ଏବଂ ସିଏ ଯେକୌଣସି ମୁହୂର୍ତ୍ତରେ ବି ତୁମ ପାଖରେ ଆସି ହାଜିର୍ହୋଇ ପାରିବ, ତୁମେ ସେଇଟି ବିଷୟରେ ମୋଟେ ସଜାଗ ହୋଇପାରୁ ନାହଁ ।"

ତଥାପି, ବୁଦ୍ଧିଗତ ବିକାଶର କ୍ରମରେ ଆଉଟିକିଏ ଅଧିକ ବିକଶିତ ଏପରି ଏକ ସ୍ତର ରହିଛି, ଯେଉଁଠାରେ କି ଏସବୁ କଥାକୁ ଯାଇ କହିବାର ଆଦୌ କୌଣସି ପ୍ରୟୋଜନ ନ ଥାଏ,—ସେତେବେଳେ ସେହି କଥାଟିକୁ ଜୀବନରେ ବଞ୍ଚିବାକୁ ହୋଇଥାଏ । ବସ୍ତୁଗୁଡ଼ିକ ଯେ ଏକାନ୍ତ ଅସ୍ଥାୟୀ, ତୁମେ ଏହିପରି ଏକ ଚେତନା ମଧ୍ୟରେ ନିଜର ଜୀବନଟିକୁ ବଞ୍ଚ, କେବେହେଲେ ଲିପ୍ତ ହୋଇପଡ଼ ନାହିଁ, ତେବେଯାଇ ତୁମେ ଏହି ବିଶ୍ୱ ସହିତ ସମତାଳ ହୋଇ ଅଗ୍ରଗତି କରିବା-ଲାଗି ଆପଣାକୁ ମୁକ୍ତ ରଖି ପାରିବ ଏବଂ ସେହି ଶାଶ୍ୱତ ଛନ୍ଦଟି ଅନୁସାରେ ଅଭିବୃଦ୍ଧି ହାସଲ କରି ପାରିବ । ଏହି କଥାଟିକୁ ବେଶ୍ ବୁଝି ହେଉଛି । ମାତ୍ର ଅସଲ କଥା ହେଉଛି ଆମେ ଜୀବନରେ ମଧ୍ୟ ସେହି କଥାଟିର ଅଭ୍ୟାସ କରିବା । ଏଠାରେ ଆମକୁ ଏପରି ଏକ ଧାରଣା ମିଳୁଛି ଯେ ଏହିସବୁ କଥା ଏଭଳି ଲୋକମାନଙ୍କୁ କୁହାହୋଇଥିଲା, ଯେଉଁମାନେ କି ସେସବୁ ବିଷୟରେ ଆଗରୁ କେବେହେଲେ ଚିନ୍ତା କରି ନ ଥିଲେ ଏବଂ ସେମାନଙ୍କ ଭିତରେ ଏକ ସକ୍ରିୟ ଶକ୍ତିର ପୂର୍ଣ୍ଣ ସାମର୍ଥ୍ୟ ସହିତ ରୁଦ୍ଧ ହୋଇ ରହିଥିଲା ।

ସେକଥା ଯାହା ହେଉ ପଛକେ, ଉପରକୁ ଦେଖା ଯାଉଥିବା ଯାବତୀୟ ପ୍ରତିଭାସ ସତ୍ତ୍ୱେ ମନୁଷ୍ୟଜାତି ତଥାପି ଆଗକୁ ଆଗକୁ ଯାଉଛି; ବିଶେଷତଃ ମନର କ୍ଷେତ୍ରରେ ସିଏ ନିଶ୍ଚୟ ଅଗ୍ରଗତି କରିଛି । ଏପରି ଅନେକ କଥା ରହିଛି, ଯାହାକୁ କହିବା ଲାଗି ଆଉ ଆଦୌ କୌଣସି ପ୍ରୟୋଜନ ନାହିଁ । ...ତା' ନ ହେଲେ, ଆମକୁ ହୁଏତ ଏପରି ଦେଶଗୁଡ଼ିକୁ ଯିବାକୁ ପଡ଼ିବ, ଯେଉଁଗୁଡ଼ିକ କି ଅତ୍ୟନ୍ତ ଆଦିମ ଅବସ୍ଥାରେ ରହିଛନ୍ତି, ଏବଂ ତା'ହେଲେ ମଧ୍ୟ ...ବିଶ୍ୱରଗୁଡ଼ିକ ବର୍ତ୍ତମାନ

'oaob.nitrkl.ac.in' images reprocessed

ସର୍ବତ୍ର ବ୍ୟାପିଗଲାଣି, ମନର ଅନେକ ପ୍ରତ୍ୟେକ ସ୍ଥାନରେ ଯାଇ ପଡ଼ିଲାଣି ଏବଂ ଏପରିକି ଅତ୍ୟନ୍ତ ଅପ୍ରତ୍ୟାଶିତ ସ୍ଥାନଗୁଡ଼ିକରେ ମଧ୍ୟ ଗ୍ରହଣଶୀଳତା ଏବଂ ଗମ୍ଭୀର ବୋଧଶକ୍ତିର କେତେକେତେ ଦୃଷ୍ଟାନ୍ତ ଦେଖିବାକୁ ମିଳିଲାଣି ।

ଆମର ପ୍ରକୃତରେ ଏପରି ଏକ ଧାରଣା ହେଉଛି ଯେ ଗତ ଶତାବ୍ଦୀରେ ଗୋଟିଏ ଆଲୋକ ଆସି ସମସ୍ତ ପୃଥିବୀ ଉପରେ ବ୍ୟାପ୍ତ ହୋଇ ଯାଇଛି, ଏବଂ ତାହା ଫଳରେ, କେତେକ ନିର୍ଦ୍ଦିଷ୍ଟ ବିଷୟ, ଯେଉଁଗୁଡ଼ିକ କି ଏକଦା ଗୋଟିଏ ଗୋଟିଏ ଶକ୍ତିଶାଳୀ ବିଷୟ ହୋଇ ରହିଥିଲେ ଓ ମନୁଷ୍ୟମାନଙ୍କ ମଧ୍ୟରେ ଥିବା ଚେତନାକୁ ଗୋଟିଏ ଗୋଟିଏ ନୂତନ ବିଷୟରୂପେ ଚହଲାଇ ଦେଇଥିଲେ, ସେଗୁଡ଼ିକ ବର୍ତ୍ତମାନ ଯେପରି ଆପଣାର ସମସ୍ତ ସଙ୍ଗତକୁ ହରାଇ ବସିଛନ୍ତି, ସେଗୁଡ଼ିକ ବର୍ତ୍ତମାନ ପୁରୁଣା ହୋଇ ଯାଇଛନ୍ତି । ଏବଂ ଏକ ନୂତନ ଆଲୋକ କ୍ରିୟା କରିବାରେ ଲାଗିଛି ।

ପ୍ରକୃତ କ୍ଷେତ୍ରରେ ଏହି ଅଗ୍ରଗତି ଆଦୌ ଖୁବ୍ ଅଧିକ ପରିମାଣରେ ହୋଇ ନାହିଁ, ଏପରିକି, କେତେକ ଦୃଷ୍ଟିରୁ ଏକ ପଶ୍ଚାଦ୍‌ଗତି ମଧ୍ୟ ଘଟିଛି । ମାତ୍ର ମନର କ୍ଷେତ୍ରରେ, ବୋଧର କ୍ଷେତ୍ରରେ, ବସ୍ତୁଗୁଡ଼ିକୁ ବୁଦ୍ଧିଗତ ଦୃଷ୍ଟିରେ ଦେଖିବାର କ୍ଷେତ୍ରରେ, ପ୍ରକୃତରେ ଏକ ବୃହତ୍ ପରିବର୍ତ୍ତନ ସଂଘଟିତ ହୋଇଛି ।

ଏପରି ମନେ ହେଉଛି ଯେ ଆମେ ଏକ ଅଧିକ ତ୍ୱରାନ୍ୱିତ ପଦକ୍ଷେପରେ ଆମର ବାଟରେ ଆଗକୁ ଯିବାରେ ଲାଗିଛୁ, ଏବଂ ଏହି ଯେଉଁସବୁ ବସ୍ତୁ ଏକଦା ସର୍ବପ୍ରଥମ ମହତ୍ତ୍ୱର ବସ୍ତୁ ହୋଇ ରହିଥିଲେ, ନୂତନ ଆବିଷ୍କାରଗୁଡ଼ିକର ଆଲୋକରେ ସେଗୁଡ଼ିକ ପ୍ରାୟ ଅତି ମାମୁଲି ପରି ଦୃଶ୍ୟ ହେବାକୁ ଲାଗିଲେଣି । ଜୀବନ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛି, ତାହାକୁ ପ୍ରକୃତରେ ଖରାପ ବୋଲି କହିବାକୁ ହେବ; ବର୍ତ୍ତମାନ ଘୃଣିଆଡ଼େ ଅରାଜକତା ଓ ଘୃଣିଆଡେହିଁ ଅଜ୍ଞାନ;—ଏକଥାଟିକୁ ଆମେ ସମସ୍ତେ ଜାଣିଛୁ, ନୁହେଁ କି ? ସବୁକିଛି କେଡ଼େ ମାମୁଲି ଆଉ ବୈଚିତ୍ର୍ୟହୀନ ବୋଲି ମନେ ନ ହେଉଛି !

ମାତ୍ର, ଏକ ସମଗ୍ର ଉପଲବ୍ଧି ଓ ଏକ ସମଗ୍ର ରୂପାନ୍ତର ଦ୍ୱାରା, ଯାବତୀୟ ବସ୍ତୁ ମଧ୍ୟରେ ଶୃଙ୍ଖଳା ଏବଂ ସୌଷମ୍ୟର ପ୍ରତିଷ୍ଠା କରି ପାରୁଥିବା ଏକ ନୂତନ ଆଲୋକର ମଧ୍ୟଦେଇ ଜଣେ ମନୁଷ୍ୟ ଯେ ଏହି ବର୍ତ୍ତମାନଟି ମଧ୍ୟରୁ ବାହାରିଆସି ପାରିବ, ବର୍ତ୍ତମାନ ଆଶାର ଏହିପରି ଏକ ସନ୍ଦେଶହିଁ ଦେବାକୁ ପଡ଼ିବ । ଏହି ସନ୍ଦେଶଟି ହେଉଛି ପ୍ରକୃତ ସନ୍ଦେଶ, ଏକ ଗତିଶୀଳ ସନ୍ଦେଶ ।

ଏକ ନୂତନ ଜୀବନର ନିର୍ମାଣ କରିବାକୁହିଁ ପଡ଼ିବ ।

'oaob.nitrkl.ac.in' images reprocessed

ତେବେ, ଯେଉଁସବୁ ପ୍ରତିବନ୍ଧକ ଏତେ ଅଲଂଘ୍ୟ ବୋଲି ବୋଧ ହେଉଥିଲା, ସେଗୁଡ଼ିକ ଆପେ ଆପେ ଭୁଶୁଡ଼ି ପଡ଼ିବ ।

ଯେତେବେଳେ ତୁମେ ଆଲୋକ ଏବଂ ଆନନ୍ଦ ମଧ୍ୟରେ ବାସ କରିବାକୁ ସମର୍ଥ ହେବ, ସେତେବେଳେ ତୁମେ ଆଗର ସେହି ଗ୍ରସ୍ତାଚ୍ଛନ୍ନତା ଏବଂ ଦୁଃଖକୁ କାମୁଡ଼ି ପଡ଼ି ରହିବାକୁ ପ୍ରକୃତରେ ଇଚ୍ଛା କରିବ କି ?

୨୭ ଜୁନ୍ ୧୯୫୮

'oaob.nitrkl.ac.in' images reprocessed

ପ୍ରକୀର୍ଣ୍ଣକ

କୌଣସି ସାମାନ୍ୟ ସୁଖକୁ ପରିତ୍ୟାଗ କଲେ ଯଦି ତାକୁ ଏକ ବୃହତ୍ତର ସୁଖ ପ୍ରାପ୍ତ ହୋଇଥାଏ, ତେବେ ବୁଦ୍ଧିମାନ୍ ଲୋକର କର୍ତ୍ତବ୍ୟ ହେଉଛି ଯେ ସେ ବୃହତ୍ତରଟିକୁ ପାଇବା ଲାଗି ସାମାନ୍ୟ ସୁଖଟିକୁ ପରିତ୍ୟାଗ କରିବ ।

ଯଦି ଘୃଣା ଦ୍ୱାରା ପରିଚାଳିତ ହୋଇ ସେ ଅନ୍ୟମାନଙ୍କର କ୍ଷତି କରିବା ଦ୍ୱାରାହିଁ ନିଜ ସୁଖର ବିଧାନ କରିବାରେ ପ୍ରବୃତ୍ତ ହେଉଥାଏ, ତେବେ ତାକୁ ସେହି ଘୃଣାରହିଁ ଦାସ ହୋଇ ରହିବାକୁ ପଡ଼େ ।

ଯାହା କରିବା ଉଚିତ ତାହାର ଅବହେଳା କରିବା ଏବଂ ଯାହା ଅବହେଳାର ଯୋଗ୍ୟ, ତାହାକୁହିଁ କର୍ତ୍ତବ୍ୟ ମଣି କରିବା, — ତଦ୍ୱାରା କେବଳ ନିଜର ଔଦ୍ଧତ୍ୟହିଁ ବୃଦ୍ଧି ପାଏ, ଅକର୍ତ୍ତବ୍ୟହିଁ ବୃଦ୍ଧିପାଏ ।

ଶରୀରର ଯଥାର୍ଥ ସ୍ୱଭାବଟି ବିଷୟରେ କଦାପି ବିସ୍ମୃତ ହୋଇ ନ ଯିବା, ଅକର୍ତ୍ତବ୍ୟର ଇଚ୍ଛା ନ ରଖିବା, ଅଧ୍ୟବସାୟ ସହିତ ନିରନ୍ତର କର୍ତ୍ତବ୍ୟକୁହିଁ କରିବା,—ଯଥାର୍ଥ ବୋଧ କହିଲେ ଏହାକୁହିଁ ବୁଝାଇଥାଏ । ଏବଂ ଏହିପରି ଭାବରେହିଁ ସକଳ ଅଶୁଦ୍ଧତା ଅନ୍ତର୍ହିତ ହୋଇଯାଏ ।

ଆପଣାର ପିତା (ଅହଂ)କୁ, ମାତା (ତୃଷ୍ଣା)କୁ ଏବଂ ଦୁଇ ଯୋଦ୍ଧା ନୃପତି (ଭ୍ରାନ୍ତ ଦୃଷ୍ଟି ରାଜି)ଙ୍କୁ ହତ୍ୟା କରି, ସମଗ୍ର ସାମ୍ରାଜ୍ୟ (ଇନ୍ଦ୍ରିୟପୁଞ୍ଜକର) ତଥା ତାହାର ସମସ୍ତ ଅଙ୍ଗର ବିନାଶସାଧନ କରି ପ୍ରକୃତ ବ୍ରାହ୍ମଣ ଅଘମୁକ୍ତ ହୋଇ ବାସ କରୁଥାଏ ।

ପିତା, ମାତା, ଦୁଇ ଯୋଦ୍ଧା ନୃପତି ଏବଂ ବ୍ୟାଘ୍ର (ମାନସିକ ନାନା ପ୍ରତିବନ୍ଧକ)କୁ ହତ୍ୟା କରି ପ୍ରକୃତ ବ୍ରାହ୍ମଣ ଅଘମୁକ୍ତ ହୋଇ ବାସ କରୁଥାଏ ।

ଗୌତମଙ୍କ ଶିଷ୍ୟବର୍ଗ ଜାଗରୁକ ଏବଂ ପ୍ରକୃତରେ ଜାଗ୍ରତ ହୋଇ ରହିଥାନ୍ତି, କାରଣ ସେମାନଙ୍କର ଦୃଷ୍ଟି ନିରନ୍ତର ବୁଦ୍ଧ, ଧର୍ମ ଓ ସଂଘରହିଁ ଅଭିନିବେଶିତ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ଗୌତମଙ୍କର ଶିଷ୍ୟବର୍ଗ ଜାଗରୂକ ଏବଂ ପ୍ରକୃତରେ ଜାଗ୍ରତ ହୋଇ ରହିଥାନ୍ତି, କାରଣ ସେମାନଙ୍କର ଦୃଷ୍ଟି ସଦ୍ଧର୍ମରେହିଁ ଅଭିନିବେଶିତ ହୋଇ ରହିଥାଏ ।

ଗୌତମଙ୍କର ଶିଷ୍ୟବର୍ଗ ଜାଗରୂକ ଏବଂ ପ୍ରକୃତରେ ଜାଗ୍ରତ ହୋଇ ରହିଥାନ୍ତି, କାରଣ ସେମାନଙ୍କର ଦୃଷ୍ଟି ନିରନ୍ତର ସଂଘରେହିଁ ଅଭିନିବେଶିତ ହୋଇ ରହିଥାଏ ।

ଗୌତମଙ୍କର ଶିଷ୍ୟବର୍ଗ ଜାଗରୂକ ଏବଂ ପ୍ରକୃତରେ ଜାଗ୍ରତ ହୋଇ ରହିଥାନ୍ତି, କାରଣ ସେମାନେ ନିରନ୍ତର କାୟର ଯଥାର୍ଥ ସ୍ୱରୂପଟି ବିଷୟରେ ସଜ୍ଞାନ ହୋଇ ରହିଥାନ୍ତି ।

ଗୌତମଙ୍କର ଶିଷ୍ୟବର୍ଗ ଜାଗରୂକ ଏବଂ ପ୍ରକୃତରେ ଜାଗ୍ରତ ହୋଇ ରହିଥାନ୍ତି, କାରଣ ସେମାନେ ନିରନ୍ତର କରୁଣାରେହିଁ ଆନନ୍ଦ ଲାଭ କରୁଥାନ୍ତି ।

ଗୌତମଙ୍କର ଶିଷ୍ୟବର୍ଗ ଜାଗରୂକ ଏବଂ ପ୍ରକୃତରେ ଜାଗ୍ରତ ହୋଇ ରହିଥାନ୍ତି, କାରଣ ସେମାନେ ନିରନ୍ତର ଧ୍ୟାନରେହିଁ ସୁଖ ଲାଭ କରୁଥାନ୍ତି ।

ସଂସାରକୁ ପରିତ୍ୟାଗ କରିବା ଖୁବ କଠିନ; ସଂସାରକୁ ଉପଭୋଗ କରିବା ମଧ୍ୟ ସମାନ ଭାବରେ କଠିନ । ଗୃହସ୍ଥର ଜୀବନ ବଡ଼ କଷ୍ଟକର, ବଡ଼ ଦୁଃଖପୂର୍ଣ୍ଣ । ଯେଉଁମାନେ ଆମ ସହିତ ସମାନ ନୁହଁନ୍ତି, ସେମାନଙ୍କ ସହିତ ଏକତ୍ର ବାସ କରିବା ଖୁବ ଦୁଃଖମୟ; ଜନ୍ମର ଚକ୍ରରେ ବୁଲିବାରେ ଲାଗିଥିବା ମଧ୍ୟ ଖୁବ ଦୁଃଖମୟ । ତେଣୁ, ତୁମେ କଦାପି ଦୁଃଖର ଅନୁଧାବନ କରିବ ନାହିଁ, ଲକ୍ଷ୍ୟହୀନ ଭାବରେ କଦାପି ଭ୍ରମି ବୁଲିବ ବି ନାହିଁ ।

ଯେଉଁ ବ୍ୟକ୍ତି ମଧ୍ୟରେ ଶ୍ରଦ୍ଧା ଓ ସଜ୍ଜନତା ପୂର୍ଣ୍ଣ ହୋଇ ରହିଛି, ଯାହାପାଖରେ ଗୌରବ ଅଛି ଓ ସମ୍ପଦ ଅଛି, ସିଏ ଯେଉଁଆଡ଼େ ଯାଏ, ସବୁଠାରେହିଁ ସମ୍ମାନ ଲାଭ କରେ ।

ହିମାଳୟର ତୁଷାର-ଶିଖର ଗୁଡ଼ିକ ପରି ସଜ୍ଜନତାସମ୍ପନ୍ନ ବ୍ୟକ୍ତି ଦୂରଦୂରକୁ ଶୋଭା ପାଉଥାଏ । ମାତ୍ର, ଅନ୍ୟପକ୍ଷରେ, ଯେଉଁମାନେ ଦୁଷ୍ଟ, ସେମାନେ ଅନ୍ଧାରରାତ୍ରରେ ମାରିହେଉଥିବା ଶରପରି ଆଦୌ ଦୃଶ୍ୟ ହୁଅନ୍ତି ନାହିଁ ।

> ଯେଉଁ ବ୍ୟକ୍ତି ଏକାକୀ ଭୋଜନ କରେ, ଏକାକୀ ଶୁଏ, ଏକାକୀ ଗମନ କରେ ଏବଂ ଆପଣାକୁ ଆପଣାର ନିୟନ୍ତ୍ରଣରେ ରଖିବାରେ ଅବଶ୍ରାନ୍ତ ହୋଇ ରହିଥାଏ, ଅରଣ୍ୟବାସର ଏକାନ୍ତ ଜୀବନ ତାକୁ ଅବଶ୍ୟ ସୁଖକର ବୋଧ ହେବ ।

ତଥାପି ତୁମେ ଆଦୌ କୌଣସି ଭ୍ରମରେ ପଡ଼ଯିବ ନାହିଁ । କାରଣ ମୋର ବିଶ୍ୱାସ, ଏଗୁଡ଼ିକ ପ୍ରକୃତ ତଥ୍ୟ ନୁହନ୍ତି, ଏଗୁଡ଼ିକ ସବୁଯାକ ଗୋଟିଏ ଗୋଟିଏ କଳ୍ପନା । କାରଣ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଏକାକୀ ଭୋଜନ କଲେ, ଏକାକୀ ଶୋଇଲେ ବା ସମ୍ପୂର୍ଣ୍ଣ ଏକାକୀ ହୋଇ ଅରଣ୍ୟରେ ବାସ କଲେ ତାହା ତୁମକୁ ତଦ୍‌ଗତ ମୁକ୍ତି ଆଣିଦେବାକୁ କଦାପି ଯଥେଷ୍ଟ ହେବ ନାହିଁ ।

ଏହି କଥାଟି ମଧ୍ୟ ଲକ୍ଷ୍ୟ କରାଯାଇଛି ଯେ ଯେଉଁମାନେ ଏକୁଟିଆ ହୋଇ ଜଙ୍ଗଲରେ ବାସ କରନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ଘରପାଖରେ ରହିଥିବା ସକଳ ପ୍ରାଣୀ ଏବଂ ବୃକ୍ଷଙ୍କ ସହିତ ବନ୍ଧୁତା ସ୍ଥାପନ କରନ୍ତି । ମାତ୍ର, ସମ୍ପୂର୍ଣ୍ଣ ଏକାକୀ ହୋଇ ରହିବା ଦ୍ୱାରା ଯେ ତୁମକୁ ଏକ ଅନ୍ତର୍ଗତ ଧ୍ୟାନମୟତାରେ ପ୍ରବିଷ୍ଟ ହେବା ଲାଗି ଓ ସର୍ବୋଚ୍ଚ ପରମସତ୍ୟ ସହିତ ସଂଯୁକ୍ତ ହୋଇ ବାସ କରିବା ଲାଗି ଏକ ସାମର୍ଥ୍ୟ ଉପଲବ୍ଧ ହୋଇଥାଏ, ସେକଥା କଦାପି ନୁହେଁ । ହଁ, ଯେତେବେଳେ ତୁମ ପାଖରେ ଆଉ ଅନ୍ୟକିଛି କରିବାକୁ ନ ଥାଏ, ସେତେବେଳେ ପରିସ୍ଥିତି ଦ୍ୱାରା ବାଧ୍ୟ ହେଉଥିବାରୁ ତୁମେ ହୁଏତ ଅପେକ୍ଷାକୃତ ଅଧିକ ସହଜରେ ତାହା କରିପାର; ମାତ୍ର ଏଥିରେ ମୋର ଆଦୌ ପୂର୍ଣ୍ଣ ବିଶ୍ୱାସ ହେଉ ନାହିଁ । କିଛି କରିବାକୁ ନ ଥିଲାବେଳେ ମଧ୍ୟ ମଣିଷ ଆପଣା ଲାଗି କିଛି ନା କିଛି ବେଶ୍ ଉଦ୍ଭାବନ କରିନେଇ ପାରେ; ଏବଂ, ଜୀବନ ବିଷୟରେ ମୋ' ନିଜର ଯେଉଁ ଅଭିଜ୍ଞତା ରହିଛି, ସେଥିରୁ ମୋର ମନେ ହେଉଛି ଯେ, ନାନା ପ୍ରତିବନ୍ଧକର ଭିତରେ ରହି ମଧ୍ୟ ଯଦି ଜଣେ ସଫଳ ଭାବରେ ନିଜର ପ୍ରକୃତିଟିକୁ ନିଜ ବଶରେ ରଖିପାରିବ, ଯଦି ସେ ଆପଣା ଭିତରେ ସେହି ଶାଶ୍ୱତ ପରମ ଉପସ୍ଥିତିଟି ସହିତ ସମ୍ପୂର୍ଣ୍ଣ ଏକାକୀ ହୋଇ ଅବସ୍ଥାନ କରିବାକୁ ଉଦ୍ୟମ କରିବ, ଏବଂ ପରମ କରୁଣା ଆମକୁ ଯେଉଁ ପରିବେଶଟି ଆଣି ଦେଇଛନ୍ତି, ତାହାରି ଭିତରେ ରହିଥିବ, ତେବେ ତଦ୍ୱାରା ଯେଉଁ ଉପଲବ୍ଧି ସମ୍ଭବ ହେବ, ତାହାକୁ ପ୍ରକୃତରେ ଅନନ୍ତ ଗୁଣରେ ଅଧିକ ଯଥାର୍ଥ, ଅଧିକ ଗଭୀର ଏବଂ ଅଧିକ ଦୀର୍ଘସ୍ଥାୟୀ ବୋଲି କୁହାଯାଇ ପାରିବ ।

ଅସୁବିଧାଗୁଡ଼ିକୁ ଜୟ କରିବା ସକାଶେ ଯଦି ଆମେ ସେଗୁଡ଼ିକ ପାଖରୁ ଆଉ କୁଆଡ଼େ ପଳାଇଯିବା, ତଦ୍ୱାରା କଦାପି କୌଣସି ସମାଧାନ ସମ୍ଭବ ହେବ

'oaob.nitrkl.ac.in' images reprocessed

ନାହିଁ । ଏପରି କରିବାରେ ଯେ ଭାରି ଆକର୍ଷଣ ରହିଛି, ସେଥିରେ କୌଣସି ସନ୍ଦେହ ନାହିଁ । ଯେଉଁମାନେ ଆଧ୍ୟାତ୍ମିକ ଜୀବନର ସନ୍ଧାନରେ ବାହାରିଥାନ୍ତି, ସେମାନଙ୍କ ଭିତରେ ଏପରି ଏକ ଉପାଦାନ ରହିଥାଏ, ଯାହାକି କହୁଥାଏ, "ବାଃ, ଗୋଟିଏ ଗଛମୂଳେ ସମ୍ପୂର୍ଣ୍ଣ ଏକାକୀ ହୋଇ ବସିବା, ସେହିଠାରେ ଧ୍ୟାନମଗ୍ନ ହୋଇ ରହିବା, କିଛି କହିବା ବା କିଛି କରିବା ଲାଗି ଆଦୌ ପ୍ରଲୁବ୍ଧ ନ ହେବା, —ସେଇଟି ପ୍ରକୃତରେ କେଡ଼େ ଚମତ୍କାର କଥାହିଁ ନ ହେବ !" ସେହି ଉପାଦାନଟି ଏପରି କହେ, କାରଣ ସେହି କ୍ଷେତ୍ରରେ ଏହି ଦିଗରେହିଁ ଏକ ଶକ୍ତିଶାଳୀ ପ୍ରବୃତ୍ତି ରହିଥାଏ । ମାତ୍ର ଏହା ଅତୀବ ଭ୍ରମାତ୍ମକ ।

ଯେଉଁ ଧ୍ୟାନ ହଠାତ୍ ଆସେ, ସେହିଗୁଡ଼ିକ ହେଉଛି ସର୍ବୋତ୍ତମ ଧ୍ୟାନ । କାରଣ ଏକ ଅନିବାର୍ଯ୍ୟ ପ୍ରୟୋଜନର ରୂପରେ ସେଗୁଡ଼ିକ ତୁମକୁ ଗୋଟାସୁଦ୍ଧା ଅଧିକାର କରି ନେଇଥାନ୍ତି । ସେତେବେଳେ ଅଭିନିବିଷ୍ଟ ହୋଇ ରହିବା, ଧ୍ୟାନସ୍ଥ ହେବା ଏବଂ ଯାବତୀୟ ପ୍ରତିଛାୟାର ସେପାଖକୁ ଦୃଷ୍ଟିପାତ କରିବା ବ୍ୟତୀତ ତୁମର ଆଉ କୌଣସି ଗତ୍ୟନ୍ତର ନ ଥାଏ । ଏବଂ ସେହି ଧ୍ୟାନାବସ୍ଥା ଯେ ତୁମକୁ କେବଳ ଅରଣ୍ୟର ଏକାନ୍ତତା ମଧ୍ୟରେହିଁ ଅଧିକାର କରିବାକୁ ଆସିବ, ତାହାର ଆଦୌ କୌଣସି କାରଣ ନାହିଁ । ଯେତେବେଳେ ତୁମ ଭିତରେ କେଉଁଠି କିଛି ପ୍ରସ୍ତୁତ ହୋଇଯାଏ, ଯେତେବେଳେ ପ୍ରକୃତ ସମୟଟି ଆସିଥାଏ ଏବଂ ଯେତେବେଳେ ଯଥାର୍ଥ ଆବଶ୍ୟକତାଟି ରହିଥାଏ, ଯେତେବେଳେ ପରମ କରୁଣା ତୁମର ସହିତ ଅବସ୍ଥାନ କରୁଥାନ୍ତି, ସେତିକବେଳେ ତାହା ଘଟିଥାଏ ।

ମୁଁ ଭାବୁଛି ଯେ ମନୁଷ୍ୟସମାଜ ନିଶ୍ଚୟ କେତେକ ପରିମାଣରେ ଏକ ଅଗ୍ରଗତି କରିଛି ଏବଂ ଏହି ଜୀବନରେହିଁ ଆମେ ପ୍ରକୃତ ବିଜୟଟିକୁ ଅବଶ୍ୟ ହାସଲ କରିପାରିବା ।

ଯାବତୀୟ ପରିସ୍ଥିତିରେ କିପରି ପରମ ଶାଶ୍ୱତ ଏବଂ ପରମ ଅନନ୍ତଙ୍କ ସହିତ ଏକାକୀ ବାସ କରିବାକୁ ହୁଏ, ତୁମେ ସେହି ଉପାୟଟିକୁହିଁ ଜାଣିବ । ଯାବତୀୟ କର୍ମକଳାପ ଭିତରେ ରହି ମଧ୍ୟ ପରମ ସର୍ବୋଚ୍ଚ ସତ୍ତାଙ୍କୁହିଁ ସାଥୀରୂପେ ଲାଭ କରି କିପରି ମୁକ୍ତ ରହିବାକୁ ହୁଏ, ତୁମେ ସେହି କଥାଟିକୁ ଜାଣିବ । ବସ୍ତୁତଃ ତାହାହିଁ ହେଉଛି ଯଥାର୍ଥ ବିଜୟ ।

୧୪ ଜୁଲାଇ ୧୯୫୮

'oaob.nitrkl.ac.in' images reprocessed

ନରକ

ଅସତ୍ୟବାଦୀ ନରକକୁ ଯାଏ; ଯିଏ କୌଣସି କାମ କରି "ମୁଁ ଏହି କାମ କରି ନାହିଁ" ବୋଲି କହେ, ସିଏ ମଧ୍ୟ ନରକକୁ ଯାଏ। ଉଭୟେ ମୃତ୍ୟୁ ପରେ ସମାନ ଦଶା ଲାଭ କରନ୍ତି, କାରଣ ଦୁହେଁଯାକ ମନ୍ଦ କର୍ମ କରିଥାନ୍ତି।

ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଦେହ ଉପରେ କଷାୟବସ୍ତ୍ର ଧାରଣ କରିଥାନ୍ତି ସତ, ମାତ୍ର ଅତ୍ୟନ୍ତ ଅସଂଯମୀ ହୋଇ ରହିଥାନ୍ତି, ପାପସ୍ୱଭାବ ହୋଇ ରହିଥାନ୍ତି। ନିଜର କୃତପାପ ସକାଶେ ସେମାନେ ମରି ନରକରେହିଁ ଜନ୍ମଗ୍ରହଣ କରନ୍ତି।

ଅସଂଯମମୟ ଜୀବନଯାପନ କରୁଥିବା ଜଣେ ବ୍ୟକ୍ତି ପକ୍ଷରେ ଭିକ୍ଷା ଦ୍ୱାରା ଜୀବନଧାରଣ କରିବା ଅପେକ୍ଷା ଅଗ୍ନି ଦ୍ୱାରା ତପ୍ତ ହୋଇ ରହିଥିବା ଲୌହପିଣ୍ଡକୁହିଁ ବରଂ ଆହାର କରିବା ଉଚିତ।

ଅନ୍ୟର ନାରୀ ଉପରେ ଲୋଭଦୃଷ୍ଟି ପକାଉଥିବା ବିବେକଶୂନ୍ୟ ବ୍ୟକ୍ତି ଚାରିପ୍ରକାରର ଦଣ୍ଡ ଉପଭୋଗ କରିଥାଏ: ସିଏ ଲଜ୍ଜା ପାଏ, ତାକୁ ରାତିରେ ନିଦ ହୁଏ ନାହିଁ, ସେ ନିନ୍ଦାପବାଦ ଶୁଣେ ଓ ମୃତ୍ୟୁ ପରେ ନରକକୁ ଯାଏ।

ତେଣୁ ଏଠାରେ ତା'ର କେବଳ ଅପୁଣ୍ୟ ଲାଭ ହୁଏ, ପରଜନ୍ମରେ ସେ ହୀନ ଯୋନିକୁ ଲାଭ କରେ, ଭୟଭୀତ ହୋଇ ରତି କରୁଥିବା ହେତୁ ତଜ୍ଜନିତ ସୁଖ ମଧ୍ୟ ବଡ଼ କ୍ଷଣସ୍ଥାୟୀ ହୋଇ ରହିଥାଏ ଏବଂ ରାଜଦରବାରରେ ମଧ୍ୟ ସେ କଠୋର ଦଣ୍ଡ ପାଏ। ତେଣୁ ଆଉ ଜଣଙ୍କର ପତ୍ନୀ ଉପରେ କଦାପି ଲୋଭଦୃଷ୍ଟି ପକାଇବା ଉଚିତ ନୁହେଁ।

ଅସାବଧାନ ଭାବରେ କୁଶଘାସକୁ ଧରିଲେ ତାହା ଯେପରି ହାତକୁ କାଟିଦିଏ, ଠିକ୍ ସେହିପରି ଭାବରେ ଭୁଲ୍ ଭାବରେ ବୃତ୍ତି ବୈରାଗ୍ୟର ଅଭ୍ୟାସ କଲେ ନରକଗତିହିଁ ହୋଇଥାଏ।

'oaob.nitrkl.ac.in' images reprocessed

ଯନ୍ତୁଶୀଳ ହୋଇ କୌଣସି କର୍ତ୍ତବ୍ୟ କରିବା, ଭୁଲ୍ ଭାବରେ କୌଣସି ନିୟମର ପାଳନ କରିବା ଏବଂ ଭୟ ଦ୍ୱାରା ପ୍ରେରିତ ହୋଇହିଁ ଧର୍ମପରାୟଣ ଜୀବନଯାପନ କରିବା,—ଏହିସବୁ କୌଣସି ଗୋଟିଏଥିରୁ ମଧ୍ୟ କଦାପି ସୁଫଳ ମିଳି ନ ଥାଏ ।

ଯଦି ତୁମକୁ କୌଣସି ଏକ କାର୍ଯ୍ୟ କରିବାକୁ ହେବ, ତେବେ ତୁମେ ତାହାକୁ ଉତ୍ସାହର ସହିତହିଁ କରିବ । ଯତ୍ନରହିତ ଅଭ୍ୟାସ ରଖିଥିବା ବୈରାଗୀ କେବଳ ନାନା ବାସନାର ଅନେକ ଧୂଳି ଉଡ଼େଇବାରେହିଁ ସାହାଯ୍ୟ କରିଥାଏ ।

ମନ୍ଦ କାର୍ଯ୍ୟଟିକୁ କରିବା ଅପେକ୍ଷା ତାହାକୁ ଆଦୌ ନ କରି ଛାଡ଼ି ଦେବାହିଁ ଉଚିତ । କାରଣ, ଯିଏ ସେହି କାର୍ଯ୍ୟଟିକୁ କରିବ, ତଦ୍ଦ୍ୱାରା ସେ ଅବଶ୍ୟ ଯାତନା ଭୋଗ କରିବ । କୌଣସି ଭଲ କାର୍ଯ୍ୟ କରିବା ସର୍ବଦାହିଁ ଅଧିକ ଭଲ, କାରଣ ତଦ୍ଦ୍ୱାରା ପରେ କୌଣସି ଅନୁତାପ କରିବାକୁ ପଡ଼େ ନାହିଁ ।

ସୀମାନ୍ତସ୍ଥ କୌଣସି ନଗରକୁ ଯେପରି ଭିତର ଓ ବାହାର ଉଭୟ ପଟରୁ ସୁରକ୍ଷିତ ରଖିବାକୁ ପଡ଼େ, ଠିକ୍ ସେହିପରି ଭାବରେ ନିଜକୁ ମଧ୍ୟ ସୁରକ୍ଷିତ ରଖିବାକୁ ପଡ଼ିବ । ଏହି କାର୍ଯ୍ୟରେ ଜାଗ୍ରତ ଜୀବନର କୌଣସି ଗୋଟିଏ ମୁହୂର୍ତ୍ତ ମଧ୍ୟ ଯେପରି କଦାପି ନଷ୍ଟ ହୋଇ ନ ଯାଏ । କାରଣ ଯେଉଁମାନେ ଏହି ଅବସରଟିକୁ ହରାଇ ବସନ୍ତି, ତାହା ଗୋଟିଏ ମୁହୂର୍ତ୍ତ ପାଇଁ ତ ହେଲେ ସୁଦ୍ଧା ସେମାନଙ୍କୁ ଏଥିପାଇଁ ନର୍କରେ ଅବଶ୍ୟ ଯାତନା ଭୋଗକରିବାକୁ ପଡ଼ିବ ।

ଲଜ୍ଜାର କୌଣସି କାରଣ ନ ଥିଲେ ମଧ୍ୟ ଯେଉଁମାନେ ଲଜ୍ଜା ଅନୁଭବ କରନ୍ତି, ଏବଂ, ଅନ୍ୟ ପକ୍ଷରେ ଲଜ୍ଜା ଅନୁଭବ କରିବାର କାରଣ ରହିଥିଲେ ମଧ୍ୟ ଯେଉଁମାନେ ତଥାପି କୌଣସି ଲଜ୍ଜା ଅନୁଭବ କରନ୍ତି ନାହିଁ, ଏହି ଉଭୟ ପ୍ରକାରର ଭ୍ରାନ୍ତ ବ୍ୟକ୍ତି ଅବଶ୍ୟ ଏକ ଦୁର୍ଦ୍ଦଶାମୟ ଗତିକୁ ପ୍ରାପ୍ତ ହୁଅନ୍ତି ।

ଯାହାକୁ ଭୟ କରିବା ଉଚିତ ନ ହେଲେ ମଧ୍ୟ ଯେଉଁମାନେ ସେହି ବସ୍ତୁଟିକୁ ଭୟ କରିବାରେ ଲାଗିଥାନ୍ତି, ଏବଂ ଯାହାକୁ ଭୟ କରିବା ଉଚିତ, ଯେଉଁମାନେ ତାକୁ ଭୟ କରୁ ନ ଥାନ୍ତି, ଏହି ଉଭୟ

'oaob.nitrkl.ac.in' images reprocessed

ପ୍ରକାରର ଭ୍ରାନ୍ତ ବ୍ୟକ୍ତି ଅବଶ୍ୟ ଏକ ଦୁର୍ଦ୍ଦଶାମୟ ଗନ୍ତିକୁ ପ୍ରାପ୍ତ ହୁଅନ୍ତି ।

କୌଣସି ସ୍ଥାନରେ ମନ୍ଦ ନ ଥିଲେ ମଧ୍ୟ ଯେଉଁମାନେ ସେଠାରେ ମନ୍ଦ ଦେଖୁଥାନ୍ତି ଓ ଯେଉଁଠାରେ ମନ୍ଦ ଥାଏ, ଯେଉଁମାନେ ସେଠାରେ ସେହି ମନ୍ଦଟିକୁ ଦେଖିପାରନ୍ତି ନାହିଁ, ଏହି ଉଭୟ ପ୍ରକାରର ଭ୍ରାନ୍ତ ବ୍ୟକ୍ତି ଅବଶ୍ୟ ଏକ ଦୁର୍ଦ୍ଦଶାମୟ ଗନ୍ତିକୁ ପ୍ରାପ୍ତ ହୁଅନ୍ତି !

ଯେଉଁମାନେ ଦୋଷକୁ ଦୋଷ ଓ ଅଦୋଷକୁ ଅଦୋଷ ବୋଲି ଜାଣିବାକୁ ସମର୍ଥ ହୁଅନ୍ତି, ଯଥାର୍ଥ ବନ୍ତୁର ରହିଥିବା ଏହି ବ୍ୟକ୍ତି-ମାନେ ଅବଶ୍ୟ ସୁଖର ଅଧିକାରୀ ହୁଅନ୍ତି ।

ଏହି ସକଳ ନୀତିଶିକ୍ଷାଗୁଡ଼ିକର କ୍ଷେତ୍ରରେ ଯେପରି ହୋଇଥାଏ, ସେଗୁଡ଼ିକୁ ବୁଝିବା ଲାଗି ଆମ ଆଗରେ ସର୍ବଦା ଏକାଧିକ ମାର୍ଗହିଁ ସବୁବେଳେ ରହିଛି । ଏଗୁଡ଼ିକୁ ବୁଝିବାର ବାହ୍ୟ ମାର୍ଗଟି ପ୍ରକୃତରେ ଅତ୍ୟନ୍ତ ଶରୀରଗତ ମାର୍ଗ । ଯାବତୀୟ ନୈତିକ ସିଦ୍ଧାନ୍ତରେ ସବୁବେଳେ ସେହି ଗୋଟିଏ କଥାହିଁ କୁହା-ଯାଇଥାଏ । ଉଦାହରଣସ୍ୱରୂପ, ନରକ କହିଲେ କେତେକ ଲୋକ ଏକ ପ୍ରକାରର ନରକକୁ ବୁଝିଥାନ୍ତି, ଯେଉଁଠାରେ କି ବ୍ୟକ୍ତିକୁ ନିଜର କୃତ ପାପକର୍ମ ସକାଶେ ଦଣ୍ଡ ଭୋଗିବାକୁ ହୋଇଥାଏ । ମାତ୍ର ଏହାକୁ ଆମେ ଆଉଗୋଟିଏ ଅର୍ଥରେ ମଧ୍ୟ ବୁଝିପାରିବା । ବାହ୍ୟ କୌଣସି ନୈତିକ ନିୟମ ନୁହେଁ ବା ସମାଜର କୌଣସି ସିଦ୍ଧାନ୍ତ ନୁହେଁ, ଯେତେବେଳେ ଜଣେ ବ୍ୟକ୍ତି ତା' ସତ୍ତ୍ୱାର ଅନ୍ତର୍ଗତ ବିଧାନଟିର, ଅର୍ଥାତ୍ ଆମ ଚେତନାର ଯାବତୀୟ କ୍ରିୟାଶୀଳତା ଏବଂ ଆମ ଶରୀରର ଯାବତୀୟ କାର୍ଯ୍ୟର ଶାସନ କରୁଥିବା ଆମ ପ୍ରତ୍ୟେକଙ୍କ ମଧ୍ୟରେ ରହିଥିବା ସେହି ନିର୍ଦ୍ଦିଷ୍ଟ ସତ୍ୟଟିର ବିରୁଦ୍ଧାଚରଣ କରି କୌଣସି କାର୍ଯ୍ୟ କରେ, ସେତେବେଳେ ସେ ଆପଣାର ଚତୁର୍ଦ୍ଦିଗରେ ଯେଉଁ ବିଶେଷ ପ୍ରକାରର ବାତାବରଣଟିକୁ ସୃଷ୍ଟି କରିଥାଏ, ତାହାହିଁ ହେଉଛି ନରକର ପ୍ରକୃତ ଅର୍ଥ । ଏହି ଅନ୍ତର୍ଗତ ବିଧାନ ଓ ସତ୍ତ୍ୱାଗତ ସତ୍ୟ କହିଲେ ପ୍ରତ୍ୟେକ ମନୁଷ୍ୟ ଭିତରେ ଥିବା ଦିବ୍ୟ ପରମ ଉପସ୍ଥିତିଟିକୁହିଁ ବୁଝାଇ-ଥାଏ ଏବଂ ସେହି ଉପସ୍ଥିତିହିଁ ଆମ ଜୀବନର କର୍ତ୍ତା ଏବଂ ମାର୍ଗଦର୍ଶକ ହୋଇ ରହିଥିବା ଉଚିତ ।

ଏହି ଅନ୍ତର୍ଗତ ବିଧାନଟିକୁ ଶୁଣି ପାରିବା ଯେତେବେଳେ ତୁମର ଅଭ୍ୟାସରେ ପଡ଼ିଯାଏ, ଯେତେବେଳେ ତୁମେ ତାହାରି ନିର୍ଦ୍ଦେଶ ମାନ ଓ ତାହାରି ଅନୁସରଣ କର, ଯେପରି ସେଇ ତୁମକୁ ବାଟ ଦେଖାଇ ଆଗକୁ ନେଇଯାଇ

'oaob.nitrkl.ac.in' images reprocessed

ପାରିବ, ତୁମେ ସେହି ଚେଷ୍ଟାଟିକୁ କରିବାରେ ଯେତିକି ଅଧିକରୁ ଅଧିକ ସମର୍ଥ ହୁଅ, ତୁମର ଚତୁଃପାର୍ଶ୍ୱରେ ସେତିକି ଅଧିକରୁ ଅଧିକ ପରିମାଣରେ ତୁମେ ସତ୍ୟ, ଶାନ୍ତି ଏବଂ ସୌଷମ୍ୟର ଏକ ବାତାବରଣକୁ ବି ସୃଷ୍ଟି କରିଥାଅ, ଯାହାର ପ୍ରତିକ୍ରିୟା ପରିବେଷ୍ଟନୀ ଏବଂ ବସ୍ତୁଗୁଡ଼ିକ ଉପରେ ମଧ୍ୟ ଯାଇ ପଡ଼େ, ଅର୍ଥାତ୍ ତୁମେ ଯେଉଁ ବାତାବରଣଟି ମଧ୍ୟରେ ବାସ କରୁଛ, ତାହାର ଉପରେ ତା'ର ପ୍ରତିକ୍ରିୟା ପଡ଼ିଥାଏ । ଯେତେବେଳେ ତୁମେ ନ୍ୟାୟ, ସତ୍ୟ, ସୌଷମ୍ୟ, କରୁଣା, ଉପଯୁକ୍ତ ବୋଧ, ପରିପୂର୍ଣ୍ଣ ସଦିଚ୍ଛାକୁ ବହନକରି ନିଜର ଜୀବନଟିକୁ ବଞ୍ଚୁଥାଅ, ସେତେବେଳେ ସେହି ଅନ୍ତର୍ଗତ ଦୃଷ୍ଟିଟି ଯେତିକି ଅଧିକ ପରିମାଣରେ ଆନ୍ତରିକ ଏବଂ ସମଗ୍ର ହେବାରେ ଲାଗିଥାଏ, ତାହା ସେତିକି ସେତିକି ତୁମର ବାହ୍ୟ ବାତାବରଣଟି ଉପରେ ମଧ୍ୟ ଆପଣାର ପ୍ରତିକ୍ରିୟା ପକାଉଥାଏ । ତାହା ଫଳରେ ଯେ ଜୀବନର ଅସୁବିଧାଗୁଡ଼ିକ କମ୍ ହୋଇଯାଏ, ସେକଥା ଆଦୌ ନୁହେଁ, ମାତ୍ର ତାହା ତୁମର କଷ୍ଟ ଓ ଅସୁବିଧାଗୁଡ଼ିକୁ ଏକ ନୂତନ ଅର୍ଥ ଓ ତାତ୍ପର୍ଯ୍ୟ ଆଣି ଦେଇଥାଏ ଏବଂ ତାହାର ଫଳରେ ତୁମେ ନୂତନ ବଳ ଓ ନୂତନ ବୋଧଶକ୍ତି ସହିତ ସେଗୁଡ଼ିକର ସମ୍ମୁଖୀନ ହେବାକୁ ସମର୍ଥ ହୁଅ । ମାତ୍ର, ଅନ୍ୟପକ୍ଷରେ, ଯେଉଁ ବ୍ୟକ୍ତି କେବଳ ନିଜ ଆବେଗଗୁଡ଼ାକ ପଛରେ ଦଉଡ଼ୁଥାଏ, ବାସନାଗୁଡ଼ାକର ବୋଲ ମାନୁଥାଏ, ବିବେକ ଲାଗି ଯାହାପାଖରେ ଆଦୌ କୌଣସି ସମୟ ନ ଥାଏ, ଯିଏ ଖାଲି ଅନ୍ୟର ଦୋଷ ଦେଖାଇ ଜୀବନ ବଞ୍ଚିବାରେ ଲାଗିଥାଏ, ଅନ୍ୟମାନଙ୍କ ଉପରେ ତା' ଜୀବନର କି ଫଳ ଫଳୁଛି ବା ତା କୃତ କର୍ମଗୁଡ଼ିକ ଦ୍ୱାରା ଅଳ୍ପବହୁତ କେଉଁ ଅନିଷ୍ଟକାରୀ ପରିଣାମମାନ ଘଟୁଛି, ସେବିଷୟରେ ଯିଏ ଆଦୌ କୌଣସି ଚିନ୍ତା କରୁ ନ ଥାଏ, ସିଏ ତା' ନିଜ ଲାଗି ଏକ କୁତ୍ସିତତା, ସ୍ୱାର୍ଥପରତା, ଦ୍ୱନ୍ଦ୍ୱ ଏବଂ ଅସଦିଚ୍ଛାରହିଁ ଏକ ବାତାବରଣର ସୃଷ୍ଟି କରିବାରେ ଲାଗିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ବାତାବରଣ ତା'ର ଚେତନା ଉପରେ ମଧ୍ୟ ଅଧିକରୁ ଅଧିକ ପରିମାଣରେ କାର୍ଯ୍ୟ କରୁଥାଏ ଏବଂ ତା' ଜୀବନ ମଧ୍ୟରେ ଏପରି ଏକ ତିକ୍ତତା ଆଣି ଦିଏ, ଯାହାକି ପରିଶେଷରେ ଏକ ଚରମତମ ଉତ୍ପୀଡ଼ନରେହିଁ ପରିଣତ ହୋଇଯାଏ ।

ଅବଶ୍ୟ ଏହାର ଆଦୌ ଏପରି ଅର୍ଥ ହେବ ନାହିଁ ଯେ ଏହିପରି ଜଣେ ବ୍ୟକ୍ତି ଯାହାକିଛି କରିବାକୁ ଯିବ, ସେଥିରେ ସେ ମୋଟେ ସଫଳ ହେବ ନାହିଁ; ଅର୍ଥାତ୍, ଯିଏ ଯାହା ପାଇବ ବୋଲି ବାସନା ରଖିଛି, ସେହି ବସ୍ତୁଟିକୁ ସେ ଆଦୌ ପାଇବ ନାହିଁ । ଯେତେବେଳେ ତା' ସତ୍ତାର ଅନ୍ତର୍ଗତତମ ପ୍ରଦେଶରେ ନିଷ୍ଠା ଓ ଆନ୍ତରିକତାର ଏପରି ସ୍ଫୁଲିଙ୍ଗଟିଏ ରହିଥିବ ଯାହାକି ତଥାପି ନିର୍ବାପିତ ନ ହୋଇ ଜିଇଁ ରହିଥିବ ଏବଂ ସେହି ବ୍ୟକ୍ତିଟିକୁ ଏହି ଦୁର୍ଭାଗ୍ୟଟିକୁ ଭୋଗ କରିବା ଲାଗି

ଉପଯୁକ୍ତ କର ଅଶ୍ୱୟବ, କେବଳ ସେତେବେଳେହିଁ ବାହ୍ୟ ଯାବତୀୟ ସୁବିଧା ଓ ଅନୁକୂଳତା ଅନ୍ତର୍ହିତ ହୋଇଯିବ ।

ଯେତେବେଳେ କୌଣସି ମନ୍ଦଲୋକକୁ ତୁମେ ଦୁର୍ଭାଗ୍ୟଗ୍ରସ୍ତ ଏବଂ ଦସ୍ୟୁଗ୍ରସ୍ତ ମନଃପରିସ୍ଥିତିରେ ଦେଖିବ, ସେତେବେଳେ ତୁମେ ସଙ୍ଗେ ସଙ୍ଗେ ତାହାର ସମ୍ମାନ କରିବ । କାରଣ, ସେଥିରୁ ତୁମକୁ ଏହି ପ୍ରମାଣଟି ମିଳିବ ଯେ ଅନ୍ତର୍ଗତ ଦୀପ୍ତିର ଶିଖାଟି ତା' ଭିତରେ ତଥାପି ସମ୍ପୂର୍ଣ୍ଣରୂପେ ନିର୍ବାପିତ ହୋଇଯାଇ ନାହିଁ ଏବଂ ସେହି ବ୍ୟକ୍ତି ମଧ୍ୟରେ ତଥାପି ଏପରି କିଛି ରହିଛି, ଯାହାକି ତା'ର କୃତ ମନ୍ଦକର୍ମଗୁଡ଼ିକ ସକାଶେ ଆପଣାର ପ୍ରତିକ୍ରିୟା ବ୍ୟକ୍ତ କରିପାରୁଛି ।

ପରିଶେଷରେ, ଏଥିରୁ ଆମେ ସ୍ପଷ୍ଟ ଏକଥାଟିକୁ ମଧ୍ୟ ଜାଣିବାକୁ ପାଉଛୁ ଯେ ତୁମେ ଉପରୁ ଦେଖି କଦାପି, କଦାପି କୌଣସି କଥାର ବିଚାର କରିବ ନାହିଁ । ଏବଂ, ବାହ୍ୟ ପରିସ୍ଥିତିଗୁଡ଼ାକରୁହିଁ ଯେଉଁସବୁ ନିର୍ଣ୍ଣୟ ଓ ବିଚାର କରାଯାଇଥାଏ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେଗୁଡ଼ିକ ସର୍ବଦା ଭୁଲ୍ ବିଚାର ବୋଲିହିଁ ପ୍ରମାଣିତ ହୋଇଥାଏ ।

ଯାହା ଯଥାର୍ଥରେ ସତ୍ୟ, ତାହାର ଏକ ଦର୍ଶନ ଲାଭ କରିବାକୁ ହେଲେ ଆମକୁ ଆପଣାର କ୍ଷେତ୍ରରେ ଅନ୍ତତଃ ଗୋଟିଏ ପାଦ ପଛକୁ ଫେରି ଆସିବାକୁ ହେବ, ଆପଣାର ସତ୍ତା ମଧ୍ୟରେ ଆଉଟିକିଏ ଅଧିକ ଗଭୀରକୁ ପ୍ରବେଶ କରିବାକୁ ପଡ଼ିବ ଏବଂ, ଯାବତୀୟ ପ୍ରତୀୟମାନର ପଛରେ ନାନା ଶକ୍ତିର ଯେଉଁ କ୍ରୀଡ଼ାଟି ଲାଗି ରହିଛି, ସେଇଟିକୁ ପ୍ରକୃତରେ ଦେଖି ପାରିବାକୁ ହେବ । ଶକ୍ତିସବୁର କ୍ରୀଡ଼ାଟି ପଛରେ ଯେଉଁ ଦିବ୍ୟ ପରମ ଉପସ୍ଥିତି ସଦା ବିଦ୍ୟମାନ ରହିଛି, ସେଇଟିକୁ ମଧ୍ୟ ପ୍ରତ୍ୟକ୍ଷ କରିପାରିବାକୁ ହେବ ।

୨୫ ଜୁଲାଇ ୧୯୫୮

'oaob.nitrkl.ac.in' images reprocessed

ହସ୍ତୀ

ଯୁଦ୍ଧକ୍ଷେତ୍ରରେ ଥିବା ହାତୀ ଯେପରି ଧନୁରୁ ଛୁଟିଆସୁଥିବା ତୀରଟିକୁ ସହିନିଏ, ମୁଁ ଠିକ୍ ସେହିପରିହିଁ ଧୈର୍ଯ୍ୟର ସହିତ ସକଳ ଅପମାନକୁ ସହ୍ୟ କରିବି । କାରଣ, ଏହି ସଂସାରରେ ଯେ ମନ୍ଦମନା ଲୋକ ଅନେକ ଅଛନ୍ତି, ସେକଥା ପ୍ରକୃତରେ ସତ ।

କେବଳ ପୋଷାହାତୀକୁହିଁ ଯୁଦ୍ଧକ୍ଷେତ୍ରକୁ ନିଆଯାଏ, ଏବଂ ରାଜାହିଁ ସେହି ହାତୀଟି ଉପରେ ବସିଥାନ୍ତି । ଯିଏ ଧୈର୍ଯ୍ୟର ସହିତ ଅପମାନକୁ ସହ୍ୟ କରେ, ନରସମାଜରେ ଆମେ ତାହାକୁହିଁ ସର୍ବୋତ୍ତମ ବୋଲି କହିବା ।

ଯଥାର୍ଥରେ ବଶ ହୋଇଥିବା ଖଚର ଉତ୍ତମ, ଉତ୍ତମରୂପେ ବଶ ହୋଇଥିବା ସିନ୍ଧୀ ଘୋଡ଼ା ଏବଂ ବଡ଼ଶୁଣ୍ଢବାଲା ହାତୀ ମଧ୍ୟ ଉତ୍ତମ । ମାତ୍ର, ଯେଉଁ ବ୍ୟକ୍ତି ସ୍ୱୟଂ ନିଜକୁ ନିଜର ନିୟନ୍ତ୍ରଣକୁ ଆଣିପାରନ୍ତି, ସିଏ ସେମାନଙ୍କଠାରୁ ଅଧିକ ଉତ୍ତମ ।

ଏହି ପଶୁମାନଙ୍କ ମଧ୍ୟରୁ କୌଣସିଟି ଉପରେ ଆରୋହଣ କରି କେହି କଦାପି ଅନାବିଷ୍କୃତ ମାର୍ଗଟିର ଉପଲବ୍ଧି କରିପାରେ ନାହିଁ । ନିଜ ଉପରେ ନିୟନ୍ତ୍ରଣ ହାସଲ କରିବା ଦ୍ୱାରାହିଁ ତାହା ସମ୍ଭବ ହୁଏ । ହଁ, ପ୍ରକୃତରେ ସେହି ନିୟନ୍ତ୍ରଣ ଓ କର୍ତ୍ତୃତ୍ୱ ଅର୍ଜନ ଦ୍ୱାରା ସମ୍ଭବ ହୁଏ ।

ହସ୍ତିନୀ ସହିତ ସଙ୍ଗମର ଋତୁ ଆସିଲେ ହସ୍ତୀ ଧନପାଳକକୁ ନିୟନ୍ତ୍ରଣରେ ରଖିବା ଖୁବ କଷ୍ଟକର ହୋଇପଡ଼େ । ଯେତେବେଳେ ତାକୁ ଜଞ୍ଜିରରେ ବାନ୍ଧି ରଖା ହୋଇଥାଏ, ସେତେବେଳେ ସେ ଆହାର ଗ୍ରହଣ କରିବାକୁ ବି ନାସ୍ତି କରିଥାଏ । ଅରଣ୍ୟକୁ ଯାଇ ପୁନର୍ବାର ବନ୍ୟହସ୍ତୀ ହୋଇ ରହିବା ଲାଗି ସେ ସେତେବେଳେ ବ୍ୟାକୁଳହିଁ ହେଉଥାଏ ।

ଯେତେବେଳେ କୌଣସି ମନୁଷ୍ୟ ଅଳସୁଆ ଏବଂ ପେଟୁ ହୋଇ ବସିଥାଏ, ସବୁବେଳେ ଶୋଇବ ବୋଲି ହେଉଥାଏ ଏବଂ ମୋଟା

'oaob.nitrkl.ac.in' images reprocessed

ଘୂର୍ଣ୍ଣିର ପଙ୍କ ଭିତରେ ଏପାଖ ସେପାଖ ହୋଇ ଗଡ଼ିଲାପରି ଏପାଖ ସେପାଖ ଗଡ଼ୁଥାଏ, — ସେତେବେଳେ ଏହି ନିର୍ବୋଧ ବ୍ୟକ୍ତିର ଭାଗ୍ୟରେ ବାରବାର ଜନ୍ମଗ୍ରହଣ କରିବାର ଦଶାଟି ଲେଖା ହୋଇ ରହେ ।

ଏକଦା ଏହି ମନ ଇଚ୍ଛାନୁଯାୟୀ ହୋଇ ଏଣେତେଣେ ବୁଲିବାରେ ଲାଗିଥିଲା । ମାତ୍ର ବର୍ତ୍ତମାନ ମୁଁ ତାହାକୁ ନିଜର କର୍ତ୍ତୃତ୍ୱକୁ ଆଣିବି । ମତ୍ତ ହାତୀକୁ ମାହୁନ୍ତ ଯେପରି ଅଙ୍କୁଶ ଦ୍ୱାରା କର୍ତ୍ତୃତ୍ୱକୁ ଆଣିଥାଏ, ଠିକ୍ ସେହିପରି ।

ସାବଧାନତାରେହିଁ ଆନନ୍ଦ ଅନୁଭବ କର, ଅତ୍ୟନ୍ତ ସାବଧାନତା ସହିତ ନିଜର ମନଟିକୁ ଜଗି ରହିଥାଅ । ପଙ୍କଭିତରେ ପଡ଼ିଯାଇଥିବା ହାତୀ ପରି ଆପଣାକୁ ମନଭିତରୁ ବାହାର କରି ନେଇଯାଅ ।

ଯଦି ତୁମକୁ ଜଣେ ବିବେକୀ ଏବଂ ସୁଚରିତ୍ର ବନ୍ଧୁ ମିଳେ, ଯଦି ସେ ବୁଦ୍ଧିମାନ୍ ହୋଇଥାଏ, ତା'ର ଆପଣା ଉପରେ ଯଦି ନିୟନ୍ତ୍ରଣ ରହିଥାଏ, ଯଦି ସେ ସାଂସାରିକ ବାଧାକୁ ଅତିକ୍ରମ କରିପାରୁଥାଏ, ତେବେ ହରଷିତ ମନରେ ଓ ସାହସର ସହିତ ତାହାର ସହିତ ଏକତ୍ର ଯାତ୍ରା କରିବାକୁ କଦାପି କୁଣ୍ଠାବୋଧ କର ନାହିଁ ।

ଉତ୍ତମ ଜୀବନଯାପନ କରୁଥିବା, ବୁଦ୍ଧିମାନ୍, ନିଜ ଉପରେ ନିୟନ୍ତ୍ରଣ ରଖି ପାରୁଥିବା କୌଣସି ବନ୍ଧୁ ଯଦି ତୁମକୁ ନ ମିଳେ, ତେବେ ବିଜିତ ରାଜ୍ୟଟିକୁ ତ୍ୟାଗ କରି ଚାଲିଯାଉଥିବା ଜଣେ ରାଜା ପରି ବା ଅରଣ୍ୟରେ ଏକାକୀ ବୁଲୁଥିବା ହାତୀ ପରି ତୁମେ ମଧ୍ୟ ଏକାକୀ ଆପଣାର ମାର୍ଗରେ ଚାଲିଯାଅ ।

ଏକାକୀ ବାସ କରିବା ନିଶ୍ଚୟ ଅତି ଭଲ, କାରଣ ଜଣେ ନିର୍ବୋଧ ବ୍ୟକ୍ତିକୁ କଦାପି ନିଜର ସଙ୍ଗୀରୂପେ ଗ୍ରହଣ କରାଯାଇ ପାରିବ ନାହିଁ । ଅରଣ୍ୟର ହସ୍ତୀ ପରି ନିର୍ଲିପ୍ତ ହୋଇ ଓ କୌଣସି ମନ୍ଦ ଆଚରଣ ନ କରି ଏକାକୀ ବାସ କରିବା ନିଶ୍ଚୟ ଅଧିକ ଭଲ ।

ପ୍ରୟୋଜନ ସମୟରେ ସାଙ୍ଗରେ ସାଥୀ ରହିଲେ ଅବଶ୍ୟ ଭଲ । ଆପଣା ପାଖରେ ଯେତିକି ଅଛି, ସେତିକିରେ ସନ୍ତୁଷ୍ଟ ହୋଇ ରହିବା ମଧ୍ୟ ଭଲ । ଯଦି ତୁମେ ପୁଣ୍ୟ ଅର୍ଜନ କରିଥାଅ, ତେବେ

'oaob.nitrkl.ac.in' images reprocessed

ମରଣ କାଳକୁ ତାହା ଅତ୍ୟନ୍ତ ଭଲ । ଯାବତୀୟ ଦୁଃଖକୁ ପଛରେ ପକାଇଦେଇ ଯିବା ପ୍ରକୃତରେ ଭଲ ।

ଏହି ସଂସାରରେ ନିଜର ଜନନୀକୁ ସମ୍ମାନ କରିବା ପ୍ରକୃତରେ ଆନନ୍ଦଦାୟକ । ନିଜର ଜନକଙ୍କୁ ସମ୍ମାନ କରିବା ମଧ୍ୟ ଆନନ୍ଦଦାୟକ । ସନ୍ନ୍ୟାସୀ ଓ ଭିକ୍ଷୁମାନଙ୍କର ସମ୍ମାନ କରିବା ଆନନ୍ଦଦାୟକ । ବ୍ରାହ୍ମଣମାନଙ୍କୁ ସମ୍ମାନ କରିବା ମଧ୍ୟ ଆନନ୍ଦଦାୟକ ।

ଜୀବନ ତମାମ ଶୁଦ୍ଧ ହୋଇ ବାସ କରିବା ଆନନ୍ଦଦାୟକ । ଅଟଳ ବିଶ୍ୱାସ ରଖି ବଞ୍ଚିବା ଆନନ୍ଦଦାୟକ । ପ୍ରଜ୍ଞା ଅର୍ଜନ କରିବା ଆନନ୍ଦଦାୟକ । ଯାବତୀୟ ମନ୍ଦରୁ ନିବୃତ୍ତ ହୋଇ ରହିବା ଆନନ୍ଦଦାୟକ ।

ପ୍ରଥମ ପଦଟିରେ କେତେକ ଅତ୍ୟନ୍ତ ପ୍ରଜ୍ଞାପୂର୍ଣ୍ଣ ପରାମର୍ଶ ଦିଆଯାଇଛି । ଯୁଦ୍ଧ ଲାଗି ସୁପ୍ରଶିକ୍ଷିତ ହସ୍ତୀ ଟିଏ ଅସି ବାଜିବା ମାତ୍ରେ ଯୁଦ୍ଧକ୍ଷେତ୍ରରୁ କଦାପି ପଳାଇଯିବାକୁ ଆରମ୍ଭ କରେ ନାହିଁ । ସିଏ ତଥାପି ଆଗକୁ ଯାଉଥାଏ ଓ ଯାବତୀୟ ଯନ୍ତ୍ରଣାକୁ ସହ୍ୟ କରୁଥାଏ, ଖାଲି ପଣ ପ୍ରତିରୋଧ କରିବାର ମନୋଭାବରେ ତା'ର ଆଦୌ କୌଣସି ପରିବର୍ତ୍ତନ ହୁଏ ନାହିଁ । ଯେଉଁମାନେ ଯଥାର୍ଥ ମାର୍ଗଟିରେ ଅଗ୍ରସର ହେବା ଲାଗି ଇଚ୍ଛା କରିବେ, ସେମାନେ ସ୍ୱଭାବତଃ ଅସଦିଚ୍ଛାର ନାନା ପ୍ରକାରର ନାନା ଆକ୍ରମଣରେ ସମ୍ମୁଖୀନ ହେବେ । ସେହି ଅସଦିଚ୍ଛାଗୁଡ଼ିକ କଦାପି କିଛିହେଲେ ବୁଝନ୍ତି ନାହିଁ ଏବଂ, ସେମାନେ ଯାହା ବୁଝି ନ ପାରନ୍ତି, ତାହାକୁ ସାଧାରଣତଃ ଘୃଣାହିଁ କରିଥାନ୍ତି ।

ଅନ୍ୟ ବ୍ୟକ୍ତିମାନେ ଈର୍ଷାପରାୟଣ ହୋଇ ଯେଉଁସବୁ ନିର୍ବୋଧ କଥାମାନ କହୁଥିବେ, ଯଦି ସେଗୁଡ଼ିକରେ ତୁମେ ବ୍ୟସ୍ତ ହୋଇପଡ଼ିବ ବା ଏସବୁକୁ ନିରୁତ୍ସାହିତ ହୋଇଯିବ, ତେବେ ତୁମେ ତଦ୍ୱାରା ଆପଣାର ମାର୍ଗରେ କଦାପି ଖୁବ୍ ଦୂରକୁ ଅଗ୍ରଗତି କରି ପାରିବ ନାହିଁ । ତୁମର ସ୍ୱତ୍ୱ ପ୍ରକୃତରେ ଝଗଡ଼ା ଅଥବା ତୁମକୁ କେବଳ ଦୁର୍ନାମ ଦେଖିବାକୁ ଚାହୁଁଛି ବୋଲି ଯେ ଏହିସବୁ କଥାର ଦାଉ ତୁମକୁ ସହ୍ୟ କରିବାକୁ ପଡ଼ୁଛି, ସେକଥା କଦାପି ନୁହେଁ; ମାତ୍ର, ଓଲଟି, ତୁମକୁ ଏସବୁର ସମ୍ମୁଖୀନ ହେବାକୁ ପଡ଼ୁଛି, କାରଣ ଦିବ୍ୟ ପରମ ଚେତନା ଏବଂ ଦିବ୍ୟ ପରମ କରୁଣା ତୁମର ସଂକଳ୍ପଟିକୁ ପ୍ରକୃତରେ ଗମ୍ଭୀର ଭାବରେ ଯାଞ୍ଚ କରୁଛନ୍ତି ଏବଂ ତୁମର ପରିସ୍ଥିତିଗୁଡ଼ିକୁ ତୁମର ବାଟରେ ଏକ ପରଶପଥର ହୋଇ ରହିବା ଲାଗି ଉଦ୍ଦିଷ୍ଟ କରି ରଖିଛନ୍ତି । ତୁମର ସଂକଳ୍ପ ପଛରେ ପ୍ରକୃତରେ କୌଣସି ଆନ୍ତରିକତା ରହିଛି କି ନାହିଁ ଏବଂ ଯାବତୀୟ ବାଧାର ସମ୍ମୁଖୀନ ହୋଇ

ପାଇବା ଲାଗି ତୁମ ପାଖରେ ଯଥେଷ୍ଟ ବଳ ରହିଛି କି ନାହିଁ, ତାହାର ପରୀକ୍ଷା କରିବାକୁହିଁ ସିଏ ସେପରି ଘଟଣାଗୁଡ଼ିକୁ ଘଟିବାକୁ ଦେଇଛନ୍ତି ।

ତେଣୁ, ଯଦି କେହି ତୁମକୁ ବିଦ୍ରୂପ କରୁଛି ବା କୌଣସି ଅପ୍ରୀତିକର କଥା କହୁଛି, ସେହି କ୍ଷେତ୍ରରେ ତୁମେ ସର୍ବପ୍ରଥମେ ଆପଣା ଭିତରକୁ ଦୃଷ୍ଟିପାତ କରିବ; ତୁମ ଭିତରେ କୌଣସି ଦୁର୍ବଳତା ବା ଅପୂର୍ଣ୍ଣତା ରହିଥିବାରୁ ଏପରି ଏକ ଘଟଣା ଘଟିଛି କି ନାହିଁ, ତୁମେ ସେହି କଥାଟିକୁ ନିରୀକ୍ଷଣ କରି ଦେଖିବ । ଆପଣାର ଯଥାର୍ଥ ଜୀବନମୂଲ୍ୟ ବୋଲି ତୁମେ ଯାହାକୁ ଭାବୁଛ, ଲୋକମାନେ ତାହାକୁ ଅନୁମୋଦନ କଲେ ନାହିଁ ବୋଲି ତୁମେ କଦାପି ନିରାଶ, କ୍ଷୁବ୍ଧ କିମ୍ବା ଦୁଃଖୀ ହୋଇ ପଡ଼ିବ ନାହିଁ । ବରଂ, ତୁମେ ସେଥିଲାଗି ଭଗବତ୍-ପରମ-କରୁଣା ପାଖରେ କୃତଜ୍ଞ ହୋଇ ରହିବ; ତୁମ ଭିତରେ ଯେଉଁ ଦୁର୍ବଳତା, ଅପୂର୍ଣ୍ଣତା ବା ବିକୃତି ରହିଥିଲା, ସେଇଟିକୁ ଜାଣିବା ଲାଗି ଓ ଅବଶ୍ୟ ତାହାର ସଂଶୋଧନ କରିବା ଲାଗି ସେ ତୁମକୁ ଅଙ୍ଗୁଳିନିର୍ଦ୍ଦେଶ କରି ଦେଖାଇଦେଲେ ବୋଲି ତୁମେ ତାଙ୍କ ପାଖରେ କୃତଜ୍ଞ ହୋଇ ରହିବ ।

ତେଣୁ, କୌଣସି ପ୍ରକାରେ ଦୁଃଖୀ ହୋଇ ନ ପଡ଼ି, ତୁମ ବିରୁଦ୍ଧରେ ଅଭିପ୍ରେତ ଏହି ଅନିଷ୍ଟଟି ଲାଗି ତୁମେ ସମ୍ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ଅନୁଭବ କରିବ ଏବଂ ସେଥିରୁ ଏକ ସୁଯୋଗ ମଧ୍ୟ ଲାଭ କରି ପାରିବ ।

ଏବଂ, ଯଦି ତୁମେ ପ୍ରକୃତରେ ଏହି ମାର୍ଗରେ ଯିବାକୁ ଏବଂ ଯୋଗସାଧନା କରିବାକୁ ଇଚ୍ଛା କରୁଥାଅ, ତେବେ ତୁମେ ଅନ୍ୟମାନଙ୍କର ପ୍ରଶଂସା କିମ୍ବା ସମ୍ମାନ ଲାଭ କରିବା ଲାଗି ତାହା କଦାପି କରିବ ନାହିଁ । ଏହାକୁ ତୁମ ସତ୍ତାର ଏକ ଅନିବାର୍ଯ୍ୟ ଆବଶ୍ୟକତା ବୋଲି ଅନୁଭବ କରିହିଁ ତୁମେ ତାହା କରିବ; ଅନ୍ୟ କୌଣସି ବାଟରେ ଯେବେ ତୁମେ କଦାପି ସୁଖୀ ହୋଇ ପାରିବ ନାହିଁ ବୋଲି ଭଲ କରି ଜାଣି ତୁମେ ତାହା କରିବ । ଲୋକମାନେ ତୁମର କାର୍ଯ୍ୟଟିକୁ ପସନ୍ଦ କରୁଛନ୍ତି ବା ପସନ୍ଦ କରୁ ନାହାନ୍ତି, ସେତେବେଳେ ତାହାର ଆଦୌ କୌଣସି ମହତ୍ତ୍ୱହିଁ ରହିବ ନାହିଁ । ତୁମେ ହୁଏତ ପୂର୍ବରୁହିଁ ନିଜକୁ କହି ରଖିଥିବ ଯେ, ସାଧାରଣ ମନୁଷ୍ୟମାନଙ୍କଠାରୁ ତୁମେ ଯେତିକି ଅଧିକ ଆଗକୁ ବଢ଼ିଯିବ, ଜୀବନଧାରାର ସେହି ସାଧାରଣ ସ୍ତରଟି ଠାରୁ ତୁମର ସ୍ତର ସେତିକି ଉନ୍ନତ ହୋଇଯିବ, ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ ଲୋକମାନେ ତୁମର ସେତିକି ସେତିକି କମ୍ ପ୍ରଶଂସା କରିବେ, କାରଣ ସେତେବେଳେ ସେମାନେ ତୁମକୁ ମୋଟେ ବୁଝି ପାରୁ ନ ଥିବେ । ଏବଂ, ମୁଁ ପୁନର୍ବାର କହୁଅଛି, ତାହାର ଆଦୌ କୌଣସି ମହତ୍ତ୍ୱ ନାହିଁ ।

'oaob.nitrkl.ac.in' images reprocessed

ତୁମେ ଆଉ ଅନ୍ୟ କିଛି ହେଲେ କରି ପାରିବ ନାହିଁ ବୋଲି ହିଁ ଆପଣାର ମାର୍ଗରେ ଅଗ୍ରସର ହୋଇ ଯାଉଥିବ, ତାହାହିଁ ପ୍ରକୃତ ନିଷ୍ଠା । ତୁମେ ଅନ୍ୟ କିଛିହେଲେ କରି ପାରିବ ନାହିଁ ବୋଲିହିଁ ଭଗବାନଙ୍କ ପାଖରେ ଆପଣାକୁ ଅର୍ପି ସମର୍ପଣ କରିଦେଲ, ଆପଣାର ଜୀବନରେ ଏକ ରୂପାନ୍ତର ଘଟାଇ ବାହାରିଲ ଏବଂ ଆଲୋକ ମଧ୍ୟକୁ ବାହାରି ଆସିଲ, ତାହାହିଁ ପ୍ରକୃତ ନିଷ୍ଠା, ପ୍ରକୃତ ଆନ୍ତରିକତା । କାରଣ କେବଳ ଏହାହିଁ ତୁମ ଜୀବନର ଉଦ୍ଦେଶ୍ୟ ।

ଯେତେବେଳେ ପ୍ରକୃତରେ ସେହିପରି ହେବ, ତେବେ ତୁମେ ନିଃସନ୍ଦେହ ଭାବରେ ଯେ ଯଥାର୍ଥ ମାର୍ଗରେ ରହିଛ, ସେବିଷୟରେ ତୁମେ ସୁନିଶ୍ଚିତ ରହିପାରିବ ।

୧ ଅଗଷ୍ଟ ୧୯୫୮

'oaob.nitrkl.ac.in' images reprocessed

ତୃଷ୍ଣା

ଜଣେ ପ୍ରମତ୍ତମନା ମନୁଷ୍ୟର ତୃଷ୍ଣା ସତେଅବା ଲତା ପରି ମାଡ଼ିମାଡ଼ି ଚାଲି ଯାଉଥାଏ । ଅରଣ୍ୟର ବାନର ଯେପରି ଫଳର ଅନ୍ୱେଷଣରେ ଏଣେତେଣେ ବୁଲୁଥାଏ, ସେହି ମନୁଷ୍ୟ ସେହିପରି ଗୋଟିଏ ଜୀବନରୁ ଆଉ ଗୋଟିଏ ଜୀବନକୁ ଡେଇଁ ଚାଲିବାରେ ଲାଗିଥାଏ ।

ସଂସାରର ଯେଉଁ ମନୁଷ୍ୟକୁ ସେ ଜାବୁଡ଼ି ଧରିଥିବା ବାସନାଗୁଡ଼ିକ କବଳଗତ କରି ରଖିଥାନ୍ତି, ବର୍ଷାଋତୁ ପରେ ଘାସ ହୁ' ହୁ' ହୋଇ ମାଡ଼ିଗଲା ପରି ତା'ର ଦୁଃଖଗୁଡ଼ାକ ବୃଦ୍ଧି ପାଇବାରେ ଲାଗିଥାନ୍ତି ।

ଏହି ସଂସାରର ଯେଉଁ ମନୁଷ୍ୟ ଯେତେ କଷ୍ଟ ହେଲେ ମଧ୍ୟ ତାକୁ ଜାବୁଡ଼ି ଧରିଥିବା ବାସନାଗୁଡ଼ିକୁ ପାର ହୋଇ ଯିବାକୁ ସମର୍ଥ ହୁଏ, ପଦ୍ମପତ୍ରରୁ ପାଣି ଖସିପଡ଼ିଲା ପରି ତା'ର ଯାବତୀୟ ଦୁଃଖ ମଧ୍ୟ ଦୂରୀକୃତ ହୋଇଯାଏ ।

ଯେଉଁମାନେ ଏଠାରେ ସମବେତ ହୋଇଛନ୍ତି, ମୁଁ ସେମାନଙ୍କର ସମସ୍ତଙ୍କର କଲ୍ୟାଣ ଲାଗି କହୁଛି : ଘାସଗଛକୁ ଉତ୍ପାଟିତ କରି ଆଣିଲା ପରି ତୁମେ ତୁମର ଯାବତୀୟ ବାସନାକୁ ଉତ୍ପାଟିତ କରିଆଣ । ବନ୍ୟାଜଳ ନଳଗଛକୁ ଯେପରି ଦଳିତ କରିପକାଏ ତୁମକୁ ସେହିପରି ବାରବାର ଦଳିତ କରି ପକାଇବାକୁ ତୁମେ ମାରକୁ କଦାପି ସୁଯୋଗ ଦିଅ ନାହିଁ ।

ଗଛଟିଏ ତଳେ ପଡ଼ିଯିବା ପରେ ମଧ୍ୟ ଯଦି ତା'ର ଚେରଗୁଡ଼ିକ ଠିକ୍ ରହିଥାନ୍ତି, ତେବେ ତାହା ଯେପରି ପୁନର୍ବାର ପତ୍ର ଧରି କଅଁଳି ଉଠିଥାଏ, ଠିକ୍ ସେହିପରି, ସମସ୍ତ ତୃଷ୍ଣା ଉତ୍ପାଟିତ ହୋଇ ନ ପାରିଥିଲା ପର୍ଯ୍ୟନ୍ତ ତୁମକୁ ବାରବାରହିଁ ଦୁଃଖ ଭୋଗିବାକୁ ପଡ଼ୁଥିବ ।

ଯେଉଁ ବିପଥଗାମୀ ମନୁଷ୍ୟ ତୃଷ୍ଣାର ଛତିଶିଟି ଯାକ ପ୍ରବଳ ସ୍ରୋତକୁ ପ୍ରତିରୋଧ କରି ନ ପାରେ, ସୁଖ ଲାଗି ରହିଥିବା

'oaob.nitrkl.ac.in' images reprocessed

ତା'ର ଉଗ୍ର କଳ୍ପନାରୂପୀ ବନ୍ୟା ତାକୁ କୁଆଡ଼େ ମନ କୁଆଡ଼େ ଭସାଇ ନେଇଯାଏ ।

ଏହିସବୁ ସ୍ରୋତ ସବୁଠାରେହିଁ ବହିବାରେ ଲଗିଥାନ୍ତି ଏବଂ ତୃଷ୍ଣାର ଲତାଟି ତଦ୍ଦ୍ୱାରା ଅଙ୍କୁରିତ ହୋଇ ବଢ଼ିବାରେ ଲଗିଥାଏ । ଯେଉଁଠି ତାହାର ଅଙ୍କୁରୋଦ୍‌ଗମ ହେଉଛି ବୋଲି ତୁମେ ଦେଖିବାକୁ ପାଇବ, ଆପଣାର ପ୍ରଜ୍ଞାଶକ୍ତି ଦ୍ୱାରା ତାହାର ଚେରଗୁଡ଼ିକୁ ତୁମେ ଅବଶ୍ୟ କାଟି ପକାଇବ ।

କ୍ଷଣିକ ବସ୍ତୁଗୁଡ଼ିକର ଉପଭୋଗ ଦ୍ୱାରା ଆପଣାର ମନକୁ ଅକୃଷ୍ଟ ହେବାକୁ ଦେଇ ସୁଖର ତୃଷ୍ଣାରେ ଜର୍ଜର ମନୁଷ୍ୟମାନେ ଜନ୍ମ ଏବଂ ଜରାର ଅଧୀନ ଓ ବଶ ହୋଇ ରହିଥାନ୍ତି ।

ଜାଲ ଭିତରେ ଠେକୁଆ ଦଉଡ଼ୁଥିବା ପରି ତୃଷ୍ଣା ଦ୍ୱାରା ତାଡ଼ିତ ହୋଇ ଲୋକମାନେ ଏଣେତେଣେ ଦଉଡ଼ିବାରେ ଲଗିଥାନ୍ତି । ଆସକ୍ତିର ଜଞ୍ଜିରରେ ବନ୍ଧା ହୋଇ ସେମାନେ ବାରବାର ଦୁଃଖ ମଧ୍ୟକୁ ଟାଣିହୋଇ ଆସନ୍ତି ।

ଜାଲ ଭିତରେ ପଡ଼ିଥିବା ଗୋଟିଏ ଠେକୁଆ ପରି ତୃଷ୍ଣା ଦ୍ୱାରା ତାଡ଼ିତ ବ୍ୟକ୍ତିମାନେ ଏଣେତେଣେ ଦଉଡ଼ିବାରେ ଲଗିଥାନ୍ତି । ତେଣୁ ହେ ଭିକ୍ଷୁମାନେ, ଆସକ୍ତିର କବଳରୁ ମୁକ୍ତ ହେବାକୁ ଇଚ୍ଛା କରି ତୁମେମାନେ ତୃଷ୍ଣାରହିଁ ବିନାଶ କରିବ ।

ତୃଷ୍ଣାର କବଳରୁ ମୁକ୍ତ ହୋଇ ଯେଉଁ ବ୍ୟକ୍ତି ପୁନର୍ବାର ଯାଇ ତାହାର କବଳରେ ପଡ଼େ, ତାହାକୁ ଆମେ ସେହିପରି ଏକ ମୁକ୍ତ ମନୁଷ୍ୟ ବୋଲି ବର୍ଣ୍ଣନା କରିବା, ଯିଏକି ବାରବାର ବନ୍ଧନ ମଧ୍ୟକୁ ଫେରି ଯାଉଥାଏ ।

ପ୍ରଜ୍ଞାଶୀଳ ବ୍ୟକ୍ତିମାନେ ଯାହାକୁ ଦୃଢ଼ ବନ୍ଧନ ବୋଲି କହିଥାନ୍ତି, ତାହା ଲୁହାରେ, କାଠରେ କିଂବା ଦଉଡ଼ିରେ କଦାପି ତିଆରି ହୋଇ ନ ଥାଏ । ମାତ୍ର, ମଣିମୁକ୍ତା ଓ ଅଳଙ୍କାର ପ୍ରତି ଯେଉଁ ଲାଳସା ରହିଥାଏ, ନିଜର ସ୍ତ୍ରୀପୁତ୍ରଙ୍କ ପ୍ରତି ଯେଉଁ ଲାଳସା ରହିଥାଏ, ତାହାକୁ ଅତିଶୟ ଅନେକ ଅଧିକ ଦୃଢ଼ ଓ ଅଟଳ ବନ୍ଧନ ବୋଲି କୁହାଯାଇ ପାରିବ ।

'oaob.nitrkl.ac.in' images reprocessed

ପ୍ରଜ୍ଞାଶୀଳ ବ୍ୟକ୍ତିମାନେ କହିଥାନ୍ତି ଯେ ତାହା ତୁମକୁ ତଳକୁ ତଳକୁହିଁ ଟାଣି ନେଇଯାଏ; ତାହା ବେଶ୍ ଢିଲା ପରି ମନେ ହେଉଥିଲେ ମଧ୍ୟ ତଥାପି ସେଥିରୁ ନିଷ୍କୃତି ମିଳିବା ଖୁବ ଦୁଃସାଧ୍ୟ ହୋଇପଡ଼େ । ପ୍ରଜ୍ଞାଶୀଳ ବ୍ୟକ୍ତିମାନେ ଏଇଟିକୁ ମଧ୍ୟ କାଟି ପକାନ୍ତି । ଇନ୍ଦ୍ରିୟର ଯାବତୀୟ ଭୋଗଇଚ୍ଛାକୁ ପରିତ୍ୟାଗ କରି ଓ ତୃଷ୍ଣାରୁ ମୁକ୍ତ ହୋଇ ସେମାନେ ଏକ ଅନିକେତ ଜୀବନଯାପନ କରନ୍ତି ।

ଯେଉଁମାନେ ଆପଣାର ବାସନାଗୁଡ଼ିକ ସହିତ ବାନ୍ଧିହୋଇ ରହିଥାନ୍ତି, ନିଜ ଜାଲରେ ଛନ୍ଦି ହୋଇଯାଇଥିବା ବୁଢ଼ିଆଣୀ ପରି ସେମାନେ ଫେରିଯାଇ ପୁଣି ସେହି ସ୍ରୋତଟି ମଧ୍ୟରେ ପଡ଼ିବାରେ ଲାଗିଥାନ୍ତି । ପ୍ରଜ୍ଞାଶୀଳ ବ୍ୟକ୍ତିମାନେ ଏଇଟିକୁ ମଧ୍ୟ କାଟିଦିଅନ୍ତି । ଇନ୍ଦ୍ରିୟର ଯାବତୀୟ ଭୋଗ ଇଚ୍ଛାକୁ ପରିତ୍ୟାଗ କରି ଓ ତୃଷ୍ଣାରୁ ମୁକ୍ତ ହୋଇ ସେମାନେ ଏକ ଅନିକେତ ଜୀବନଯାପନ କରନ୍ତି ।

ତୁମେ ଅତୀତର ବନ୍ଧନରୁ ମୁକ୍ତ ହୋଇ ରହିବ, ତୁମେ ଭବିଷ୍ୟତର ବନ୍ଧନରୁ ମୁକ୍ତ ହୋଇ ବି ରହିବ । ତୁମେ ବର୍ତ୍ତମାନର ବନ୍ଧନରୁ ମୁକ୍ତ ହୋଇ ରହିବ । ତୁମେ ଜୀବନର ନଦୀଟିକୁ ପାରି ହୋଇ ଅନ୍ୟ ତଟଟିକୁ ଚାଲିଯିବ । ଏବଂ, ଯେତେବେଳେ ତୁମର ମନ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇଯିବ, ସେତେବେଳେ ତୁମେ ଆଉ କଦାପି ଜନ୍ମ ଏବଂ ମୃତ୍ୟୁର କବଳରେ ପଡ଼ିବାକୁ ଆସିବ ନାହିଁ ।

ଯିଏ ମନ୍ଦଭାବନା ଦ୍ୱାରା ତାଡ଼ିତ ହୋଇ ରହିଥାଏ, ଯାହାର ବାସନାଗୁଡ଼ିକହିଁ ତାକୁ କାବୁ କରି ରଖିଥାନ୍ତି, ଯିଏ କେବଳ ସୁଖହିଁ ଖୋଜି ଚାଲିଥାଏ, ତା'ର ତୃଷ୍ଣା ଅନବରତ ବୃଦ୍ଧି ପାଇବାରେ ଲାଗିଥାଏ, ଆପଣାର ବନ୍ଧନଗୁଡ଼ିକୁ ସେ ପ୍ରକୃତରେ ଆହୁରି ମଜଭୁତ କରିବାରେ ଲାଗିଥାଏ ।

ମନ୍ଦ ଭାବନାଗୁଡ଼ିକର ଦମନ କରିବାରେ ଯିଏ ଆନନ୍ଦ ପାଏ, ଯିଏ ସାବଧାନ ରହିଥାଏ ଓ ଅଶୁଭତାଗୁଡ଼ିକୁ ଅଶୁଭତା ବୋଲି ଜାଣିପାରେ, ସିଏ ନିଶ୍ଚୟ ଆପଣା ତୃଷ୍ଣାଗୁଡ଼ିକର ବିଲୋପସାଧନ କରିପାରିବ, ମାରର ଯାବତୀୟ ବନ୍ଧନକୁ ସେ ନିଶ୍ଚୟ କାଟି ଦେଇପାରିବ ।

'oaob.nitrkl.ac.in' images reprocessed

ଯେଉଁ ବ୍ୟକ୍ତି ଲକ୍ଷ୍ୟରେ ଯାଇ ପହଞ୍ଚିପାରିଛି, ଯାହା ଭିତରେ କୌଣସି ଭୟ ନାହିଁ ଏବଂ ଯିଏ ତୃଷ୍ଣା ଏବଂ ଅଶୁଦ୍ଧତାରୁ ନିଜକୁ ମୁକ୍ତ କରି ଆଣିପାରିଛି, ଯିଏ ଜୀବନର କଣ୍ଟାଗୁଡ଼ିକରୁ ମୁକ୍ତ ହୋଇ ପାରିଛି । ଏହି ଜନ୍ମଟିହିଁ ହେଉଛି ତା'ର ଅନ୍ତିମ ଜନ୍ମ ।

ଯିଏ ତୃଷ୍ଣାମୁକ୍ତ ଓ ନିରାସକ୍ତ ହୋଇପାରିଛି, ଯିଏ ଶବ୍ଦ ଓ ସେଗୁଡ଼ିକର ଅର୍ଥ ଯଥାର୍ଥ ଭାବରେ ଜାଣିଛି, ଅକ୍ଷରର ସନ୍ନିପାତଗୁଡ଼ିକ ଜାଣିଛି, ସେ ଏଥର ତା'ର ଅନ୍ତିମ ଦେହଟିକୁ ଧାରଣ କରିଛି ବୋଲି କୁହାଯାଇ ପାରିବ । କେବଳ ତାହାକୁହିଁ ଆମେ ମହାପ୍ରାଜ୍ଞ ବୋଲି କହିପାରିବା ।

ମୁଁ ସବୁକିଛିକୁ ପରାଭୂତ କରିଛି, ମୁଁ ସବୁକିଛି ଜାଣିଛି; ସକଳ ସଂସ୍କାରରୁ ମୁକ୍ତ ହୋଇଛି ଓ ସବୁକିଛିକୁ ତ୍ୟାଗ କରିଛି । ତୃଷ୍ଣାକୁ ନିର୍ବାପିତ କରି ମୁକ୍ତିଲାଭ କରିଛି । ମୁଁ ସ୍ୱୟଂ ସବୁକିଛିକୁ ବୁଝିଛି; ତେବେ ମୁଁ ମୋର ଗୁରୁ ବୋଲି ଆଉ କାହାକୁ କହିବି ?

ଧର୍ମର ଦାନ ସବୁଠାରୁ ବଡ଼ଦାନ, ଧର୍ମର ରସ ସବୁ ରସଠାରୁ ଉତ୍ତମ । ଧର୍ମିଷ୍ଠ ହେବାର ଆନନ୍ଦ ସବୁଠାରୁ ବଡ଼ ଆନନ୍ଦ । ତୃଷ୍ଣାର କବଳରୁ ମୁକ୍ତ ହୋଇପାରିଲେହିଁ ସକଳ ଦୁଃଖକୁ ଜୟ କରାଯାଏ ।

ଦୁର୍ବୁଦ୍ଧି ବ୍ୟକ୍ତିକୁ ଭୋଗ ନଷ୍ଟ କରିଦିଏ; ମାତ୍ର ଯିଏ ଅନ୍ୟ ତଟଟି ଲାଗି ଆକାଂକ୍ଷୀ ହୋଇ ରହିଛି, ଭୋଗ ତାହାର ଆଦୌ କିଛି କରି ପାରେ ନାହିଁ । ଭୋଗର କାମନା କରି ଦୁର୍ବୁଦ୍ଧି ବ୍ୟକ୍ତି ଆପଣାର ବିନାଶ କରିଏ, ଅନ୍ୟମାନଙ୍କୁ ମଧ୍ୟ ବିନାଶ ମଧ୍ୟକୁ ଟାଣିନିଏ ।

ବାଳୁଙ୍ଗା କ୍ଷେତ ଲାଗି ଅଭିଶାପ, ବାସନା ହେଉଛି ମନୁଷ୍ୟସମାଜ ଲାଗି ଅଭିଶାପ । ତେଣୁ, ବାସନାମୁକ୍ତ ବ୍ୟକ୍ତିମାନଙ୍କୁ ଯାହାକିଛି ପ୍ରଦତ୍ତ ହୁଏ, ତାହା ପ୍ରକୃତରେ ମହାନ୍ ଫଳ ଫଳାଇଥାଏ ।

ବାଳୁଙ୍ଗା କ୍ଷେତର ସର୍ବନାଶ କରେ, ଘୃଣା ଓ ଦ୍ୱେଷ ମନୁଷ୍ୟ-ସମାଜର ସର୍ବନାଶ କରେ । ତେଣୁ, ଦ୍ୱେଷମୁକ୍ତ ବ୍ୟକ୍ତିମାନଙ୍କୁ ଯାହାକିଛି ପ୍ରଦତ୍ତ ହୁଏ, ତାହା ପ୍ରକୃତରେ ମହାନ୍ ଫଳ ଫଳାଇଥାଏ ।

'oaob.nitrkl.ac.in' images reprocessed

ବାଲୁଙ୍ଗା କ୍ଷେତର ସର୍ବନାଶ କରେ, ମୋହ ମନୁଷ୍ୟସମାଜର ସର୍ବନାଶ କରେ । ତେଣୁ ମୋହମୁକ୍ତ ବ୍ୟକ୍ତିମାନଙ୍କୁ ଯାହାକିଛି ପ୍ରଦତ୍ତ ହୁଏ, ତାହା ପ୍ରକୃତରେ ବିପୁଳଫଳଯୁକ୍ତ ହୋଇଥାଏ ।

ବାଲୁଙ୍ଗା କ୍ଷେତର ସର୍ବନାଶ କରେ, ବାସନାମାନ ମନୁଷ୍ୟସମାଜର ସର୍ବନାଶ କରନ୍ତି । ତେଣୁ ବାସନାମୁକ୍ତ ବ୍ୟକ୍ତିମାନଙ୍କୁ ଯାହାକିଛି ପ୍ରଦତ୍ତ ହୁଏ, ତାହା ପ୍ରକୃତରେ ବିପୁଳଫଳଯୁକ୍ତ ହୋଇଥାଏ ।

ଏହି ଶେଷ ପଦଟିକୁ ଆମେ ଧ୍ୟାନ ଲାଗି ନିର୍ବାଚନ କରିବା ।

୮ ଅଗଷ୍ଟ ୧୯୫୮

ଭିକ୍ଷୁ

ଆଖିକୁ ସଂଯତ ରଖିବା ଉଚିତ, କାନକୁ ସଂଯତ ରଖିବା ଉଚିତ, ନାସିକାକୁ ସଂଯତ ରଖିବା ଉଚିତ, ଜିହ୍ୱାକୁ ମଧ୍ୟ ସଂଯତ ରଖିବା ଉଚିତ ।

ଆପଣାର ଯାବତୀୟ କର୍ମ, ଯାବତୀୟ ବଚନ ଏବଂ ଆପଣାର ମନକୁ ସଂଯତ ରଖିବା ଉଚିତ । ସକଳ ବସ୍ତୁର କ୍ଷେତ୍ରରେ ସଂଯମ ରହିଥିବା ଉଚିତ । ଯେଉଁ ଭିକ୍ଷୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ସଂଯତ କରିପାରିଛି, ସେ ଯାବତୀୟ ଦୁଃଖରୁ ଅବଶ୍ୟ ମୁକ୍ତିଲାଭ କରେ ।

ଯାହାର ହସ୍ତ, ପଦ ଏବଂ ଜିହ୍ୱା ଆପଣା ବଶରେ ରହିଛନ୍ତି, ଯିଏ ନିଜକୁ ସମ୍ପୂର୍ଣ୍ଣ ଭାବେ ନିଜର ନିୟନ୍ତ୍ରଣକୁ ଆଣି ପାରିଛି, ଧ୍ୟାନସ୍ଥ ହେବାରୁ ଯିଏ ଆନନ୍ଦଲାଭ କରୁଛି, ସଦା ସ୍ଥିର ରହି ଯିଏ ଏକାନ୍ତ ଜୀବନଯାପନ କରୁଛି, ତାହାକୁହିଁ ଆମେ ଜଣେ ଭିକ୍ଷୁ ବୋଲି କହିପାରିବା ।

ଯେଉଁ ଭିକ୍ଷୁ ନିଜର ଜିହ୍ୱା ଉପରେ ନିୟନ୍ତ୍ରଣ ଆଣିପାରିଛି, ଯାହାର ବାକ୍ୟ ସଂଯତ, ଯିଏ ବିନମ୍ରୀ, ଯିଏ ସନ୍ଦୀପ୍ତ ଭାବରେ ସଦ୍ଧର୍ମର ବ୍ୟାଖ୍ୟା କରିପାରେ, ତାହାର ବଚନ ଯଥାର୍ଥରେ ମଧୁର ।

ଯେଉଁ ଭିକ୍ଷୁ ଧର୍ମ ଅନୁସାରେ ବଞ୍ଚୁଛି, ଯିଏ ଧର୍ମରେ ଆନନ୍ଦଲାଭ କରୁଛି, ଧର୍ମର ଚିନ୍ତନ କରୁଛି, ଯିଏ ଅତ୍ୟୁତ୍ତମ ଭାବରେ ଧର୍ମ ସହିତ ପରିଚିତ ହୋଇପାରିଛି, ସିଏ କେବେହେଲେ ଧର୍ମରୁ ସ୍ଖଳିତ ହୋଇଯିବ ନାହିଁ ।

ଭିକ୍ଷୁ ଆପଣାର ଅର୍ଜ୍ଜିତକୁ (ଜ୍ଞାନଲାଭ ଓ ସଜ୍ଜନତାର କ୍ଷେତ୍ରରେ) କଦାପି ହୀନିକା ଭାବରେ ବିଚାର କରିବ ନାହିଁ । ଅନ୍ୟମାନଙ୍କର ଅର୍ଜ୍ଜନରେ ସେ ଈର୍ଷାନ୍ୱିତ ବି ହେବ ନାହିଁ । କାରଣ ଭିକ୍ଷୁ ଈର୍ଷାପରାୟଣ ହେଲେ କଦାପି ଏକାଗ୍ର ହୋଇପାରିବ ନାହିଁ ।

ଜଣେ ଭିକ୍ଷୁ ହାସଲ କରିଥିବା ଅର୍ଜ୍ଜନ ଯେତେ ଅଳ୍ପ ହୋଇଥିଲେ ମଧ୍ୟ ସେ ତାହାକୁ କଦାପି ତୁଚ୍ଛ ବୋଲି ଜ୍ଞାନ କରିବ ନାହିଁ । ଯଦି

'oaob.nitrkl.ac.in' images reprocessed

ତା'ର ଜୀବନ ଶୁଦ୍ଧ ହୋଇଥାଏ ଏବଂ ତା'ର ପ୍ରଯତ୍ନ ଅବିଚ୍ଛିନ୍ନ ଭାବରେ ଲାଗି ରହିଥାଏ, ତେବେ ଦେବତାମାନେ ମଧ୍ୟ ସେଥିଲାଗି ତାହାର ଅବଶ୍ୟ ପ୍ରଶଂସା କରିବେ ।

ଯିଏ ନାମ ଓ ରୂପରୁ ନିର୍ଲିପ୍ତ ହୋଇ ରହିପାରିଛି, "ଏହି ବସ୍ତୁଟି ମୋ'ର" ବୋଲି ଯିଏ କେବେହେଲେ ଭାବୁ ନାହିଁ, ଯାହା ନାହିଁ, ତାହାକୁ ନେଇ ଯିଏ କଦାପି ଶୋଚନା କରୁ ନାହିଁ, ଆମେ ପ୍ରକୃତରେ ତାହାକୁହିଁ ଭିକ୍ଷୁ ବୋଲି କହିବା ।

ଯେଉଁ ଭିକ୍ଷୁ ମୈତ୍ରୀରେ ବିହାର କରୁଥାଏ ଏବଂ ବୁଦ୍ଧଙ୍କର ଉପଦେଶରେ ଶ୍ରଦ୍ଧାବାନ୍ ହୋଇ ରହିଥାଏ, ସେହି ଭିକ୍ଷୁହିଁ ଅବଶ୍ୟ ନିର୍ବାଣର ଶାନ୍ତିକୁ ଉପଲବ୍ଧି କରିପାରିବ । ଯେଉଁଠାରେ ସକଳ ସଂସ୍କାରର ପ୍ରଶମନ ହୋଇଯାଇଛି, ସେ ସେହି ସୁଖଟିକୁ ଲାଭ କରିବ ।

ହେ ଭିକ୍ଷୁ, ତୁମେ ଏହି ନୌକାଟିକୁ ଖାଲି କରିଦିଅ । ଏହାର ବୋଝ ହାଲୁକା ହୋଇଗଲେ ତୁମ ଶରୀରରୂପୀ ଏହି ନୌକା ଅଧିକ ହାଲୁକା ହୋଇ ଭାସିପାରିବ ଏବଂ ବାସନା ତଥା ଦ୍ୱେଷରୁ ମୁକ୍ତ ହୋଇ ତୁମେ ନିର୍ବାଣ ମଧ୍ୟରେ ପ୍ରବେଶ କରିପାରିବ ।

ତୁମେ ଏହି ପାଞ୍ଚୋଟି ବନ୍ଧନକୁ (ଅହଂରେ ବିଶ୍ୱାସ, ସଂଶୟ, ବୃଥା ବିଧି ଓ ଧର୍ମାନୁଷ୍ଠାନଗୁଡ଼ିକରେ ବିଶ୍ୱାସ, ତୃଷ୍ଣା ଏବଂ ଅସଦିଚ୍ଛା) ଛିନ୍ନ କରିଦିଅ । ଏହି ପାଞ୍ଚୋଟି ଅନ୍ୟ ବନ୍ଧନକୁ (ରୂପମୟ ଜଗତରେ ବାସ କରିବାର ବାସନା, ସୂକ୍ଷ୍ମ ଜଗତରେ ବାସ କରିବାର ବାସନା, ଗର୍ବ, ଅସ୍ଥିରତା ଏବଂ ଅଜ୍ଞାନ) ମଧ୍ୟ ଛିନ୍ନ କରିଦିଅ । ଏହି ପାଞ୍ଚୋଟିର (ବିଶ୍ୱାସ, ଶକ୍ତି, ଏକାଗ୍ରତା, ଧ୍ୟାନ ଓ ପ୍ରଜ୍ଞା) ଅନୁଶୀଳନ କର । ଯେଉଁ ଭିକ୍ଷୁ ଏହିପରି ଭାବରେ ପାଞ୍ଚଗୁଣ ଅଧିକ ମୁକ୍ତ ହୋଇ ରହିଥାଏ, ତାହାକୁହିଁ "ବନ୍ୟାକୁ ଉତ୍ତୀର୍ଣ୍ଣ ହୋଇଯାଇଛି" ବୋଲି କୁହାଯାଏ ।

ହେ ଭିକ୍ଷୁମାନେ, ଧ୍ୟାନାବସ୍ଥିତ ହୋଇ ରହ, ଅବହେଳାରୁ ମୁକ୍ତ ହୋଇ ରହ । ତୁମମାନଙ୍କର ମନ ଯେପରି କଦାପି ଇନ୍ଦ୍ରିୟସୁଖଗୁଡ଼ିକର ଅଭିମୁଖୀ ନ ହୁଏ ! କାରଣ, ଯଦି ଅବହେଳାବଶତଃ ତୁମେ ଏକ ତପ୍ତ ଲୌହପିଣ୍ଡକୁ ଗିଳି ପକାଇବ, ତେବେ ତୁମକୁ

'oaob.nitrkl.ac.in' images reprocessed

ଅନୁଶୋଚନା କରିବାକୁହିଁ ପଡ଼ିବ ଏବଂ "ଓଃ, କେଡ଼େ ଯନ୍ତ୍ରଣା ହେଉଛି" ବୋଲି ଚିତ୍କାର କରୁଥିବ ।

ଜ୍ଞାନହୀନ ବ୍ୟକ୍ତିର ଚିତ୍ତ ଏକାଗ୍ର ହୋଇପାରେ ନାହିଁ; ଏକାଗ୍ର ହୋଇ ନ ପାରିଲେ ଜ୍ଞାନ ବି ହୁଏ ନାହିଁ । ଯେଉଁ ବ୍ୟକ୍ତି ଏକାଗ୍ରତା ଓ ଜ୍ଞାନ ଉଭୟର ଅଧିକାରୀ ହୋଇ ପାରିଛି, କେବଳ ତାହାକୁହିଁ ନିର୍ବାଣର ନିକଟବର୍ତ୍ତୀ ବୋଲି କୁହାଯିବ ।

ଯେଉଁ ଭିକ୍ଷୁ ଏକାନ୍ତ ଗୃହରେ ବାସ କରେ, ଶାନ୍ତଚିତ୍ତ ହୋଇ ରହିଥାଏ ଏବଂ ସମ୍ୟକ୍‌ଧର୍ମର ପରିଚୟ ଲାଭ କରିଥାଏ, ସେ ଲୋକୋତ୍ତର ଆନନ୍ଦର ଅଧିକାରୀ ହୋଇଥାଏ ।

ସଂସ୍କାରଧୀନ ସକଳ ବସ୍ତୁର ଆବିର୍ଭାବ ଓ ଅନ୍ତର୍ଦ୍ଧାନ ବିଷୟରେ ସେ ଯେତେଥର ନିଜକୁ ଅଭିନିବିଷ୍ଟ କରି ରଖୁଥାଏ, ସେତେଥରହିଁ ସେ ଅମରତ୍ୱ ଲାଭ କରିଥିବା ବ୍ୟକ୍ତିମାନଙ୍କର ସୁଖ ଓ ଆନନ୍ଦଟିର ଉପଲବ୍ଧି କରେ ।

ପ୍ରଜ୍ଞାଶୀଳ ବ୍ୟକ୍ତି ଲାଗି ଏହି ବସ୍ତୁଗୁଡ଼ିକ ହେଉଛି ତା' ଧର୍ମଜୀବନର ଆଧାରସ୍ୱରୂପ : ଇନ୍ଦ୍ରିୟଗୁଡ଼ିକ ଉପରେ ପ୍ରଭୁତ୍ୱ-ଅର୍ଜନ, ସନ୍ତୋଷ, ଭିକ୍ଷୁ-ନିୟମଗୁଡ଼ିକର ପାଳନ ଏବଂ ସତତ ଶୁଦ୍ଧ ଜୀବନ ଯାପନ କରୁଥିବା ସୁହୃଦ୍‌ମାନଙ୍କର ସାହଚର୍ଯ୍ୟ ।

ଭିକ୍ଷୁ ଅମାୟିକ ହେବ, ଆଚରକୁଶଳ ହେବ, ଦୟାଶୀଳ ହେବ । ଏହିପରି ଜୀବନରେ, ପରିପୂର୍ଣ୍ଣ ଆନନ୍ଦର ସହିତ ସିଏ ସକଳ ଦୁଃଖର ବିଲୋପ ସାଧନ କରିବ ।

ଯୁଇଫୁଲର ଗଛ ବାସି ଫୁଲଗୁଡ଼ିକୁ ଯେପରି ତଳକୁ ଝରାଇ ପକାଏ, ଭିକ୍ଷୁ ମଧ୍ୟ ଆପଣାର ବାସନା ଏବଂ ଘୃଣାକୁ ସେହିପରି ଆପଣାଠାରୁ ଝାଡ଼ି ତଳକୁ ଫିଙ୍ଗିଦେବ ।

ଭିକ୍ଷୁ କର୍ମରେ ସ୍ଥିର ରହିବ, ବଚନରେ ସ୍ଥିର ରହିବ, ମନରେ ସ୍ଥିର ଓ ପ୍ରଶାନ୍ତ ରହିବ, ତା'ର ମନରେ କୌଣସି ପ୍ରକାର ପାର୍ଥିବ ବାସନା ନ ଥିବ । ତେବେଯାଇ ତାକୁ ଉପଶାନ୍ତ ବୋଲି କୁହାଯାଇ ପାରିବ ।

ଭିକ୍ଷୁ ସ୍ୱୟଂ ଆପଣାକୁ ପ୍ରେରିତ କରିବ, ସ୍ୱୟଂ ଆପଣାର ପରୀକ୍ଷା

'oaob.nitrkl.ac.in' images reprocessed

କରି ପାରୁଥିବ; ଏହିପରି ଭାବରେ ସଦାଜାଗ୍ରତ ଏବଂ ଆତ୍ମ-ସଂଯତ ରହି ସେ ସୁଖରେ ବାସ କରିପାରିବ ।

ପ୍ରକୃତରେ ବିଚାର କରି ଦେଖିଲେ, ମନୁଷ୍ୟ ନିଜେ ହେଉଛି ନିଜର ରକ୍ଷାକାରୀ, ନିଜେ ନିଜର ଅସଲ ଆଶ୍ରୟ । ଅଶ୍ୱବ୍ୟାପାରୀ ଯେପରି ଭଲ ଅଶ୍ୱକୁ ମଣ କରି ରଖିଥାଏ, ତେଣୁ, ତୁମେ ମଧ୍ୟ ଆପଣାକୁ ନିୟନ୍ତ୍ରଣରେ ରଖି ଜାଣିବ ।

ବୁଦ୍ଧଙ୍କର ଉପଦେଶଗୁଡ଼ିକ ଦ୍ୱାରା ପ୍ରେରିତ ହୋଇ ଯେଉଁ ଭିକ୍ଷୁ ଆନନ୍ଦ ଏବଂ ବିଶ୍ୱାସରେ ପରିପୂର୍ଣ୍ଣ ହୋଇ ରହିଥିବ, ସିଏ ପରିପୂର୍ଣ୍ଣ ଶାନ୍ତିର ଅଧିକାରୀ ହୋଇ ପାରିବ, ସେଇ ସକଳ ସଂସାରର ପ୍ରଶମନ କରିପାରିବ ।

ଯେଉଁ ତରୁଣ ଭିକ୍ଷୁ ଆପଣାକୁ ବୁଦ୍ଧଙ୍କର ଉପଦେଶଗୁଡ଼ିକ ଲାଗି ସମର୍ପଣ କରି ରଖିଥିବ, ସିଏ ମେଘମୁକ୍ତ ଚନ୍ଦ୍ରମା ପରି ଏହି ସଂସାରକୁ ଆଲୋକିତ କରିଦେଇ ପାରିବ ।

ଏଠାରେ ଗୋଟିଏ ପରାମର୍ଶ ଦିଆଯାଇଛି ଯେ ଆମେ ସର୍ବଦା ଦୟାଶୀଳ ହେବା । ଏହି ବିଷୟରେ ଲୋକମାନେ ସାଧାରଣତଃ ଯେଉଁ ପ୍ରକାରର ଉପଦେଶ ଦେଇଥାନ୍ତି, ଆମେ ସେଇଟି ସହିତ ଏଇଟିକୁ କଦାପି ସମତୁଲ୍ୟ କରିଦେବା ନାହିଁ । ଏଇଟିରେ ପ୍ରକୃତରେ ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ କଥା କୁହାଯାଇଛି । ଏହି ବିଷୟରେ ମୋର ମତ ହେଉଛି : ତୁମେ ସର୍ବଦା ଦୟାଶୀଳ ହୋଇ ରହିବ ଏବଂ ତୁମେ ତଦ୍ୱାରା ଦୁଃଖରୁ ମୁକ୍ତ ହୋଇ ପାରିବ । ତୁମେ ସର୍ବଦା ସନ୍ତୁଷ୍ଟ ଏବଂ ସୁଖୀ ହୋଇ ରହିବ, ଏବଂ ତା'ହେଲେ ତୁମେ ଆପଣାର ସେହି ସ୍ଥିର ସୁଖାନୁଭୂତିକୁ ଚତୁର୍ଦ୍ଦିଗକୁ ବିକୀର୍ଣ୍ଣ କରିଦେଇ ପାରିବ ।

ଏହି କଥାଟି ବିଶେଷ ଭାବରେ ମନେ ରଖିବା ଉଚିତ ଯେ, ଯାହାର ଦୃଷ୍ଟି ସର୍ବଦା ଛିଦ୍ରାନ୍ୱେଷୀ ହୋଇ ରହିଥାଏ, ଋକ୍ଷ ଏବଂ ଅସହିଷ୍ଣୁତାପୂର୍ଣ୍ଣ ହୋଇ ରହିଥାଏ, ଆପଣାର ଶରୀରରେ ସିଏ ସର୍ବଦା କଣ୍ଟକାଯୁକ୍ତ ହୋଇ ରହିଥାଏ, ତା'ର ପାକସ୍ଥଳୀ ଓ ହଜମଯନ୍ତ୍ରଗୁଡ଼ିକ ମଧ୍ୟ ତଦ୍ଦ୍ୱାରା ଅତ୍ୟନ୍ତ ପ୍ରଭାବିତ ହୋଇଥାନ୍ତି । ହଜମପ୍ରକ୍ରିୟାଟିରେ ବ୍ୟାଘାତ ଜନ୍ମାଉଥିବା ଏତେବଡ଼ କାରଣ ହୁଏତ ଆଉ କିଛିହେଲେ ନାହିଁ । ଏବଂ, ଏହି କଥାଟି ପ୍ରକୃତରେ ଏକ ଦୁଷ୍ଟଚକ୍ର ପରି କାର୍ଯ୍ୟ କରିଥାଏ : ତୁମର ହଜମପ୍ରକ୍ରିୟାଟିରେ ଯେତିକି ଗଡ଼ବଡ଼ ହୁଏ, ତୁମେ ସେତିକି ନିର୍ଦ୍ଦୟ ହୋଇ ପଡ଼ୁଥାଅ; ତୁମେ ସେତିକି ଛିଦ୍ରାନ୍ୱେଷୀ ହୁଅ; ଜୀବନ, ଯାବତୀୟ

'oaob.nitrkl.ac.in' images reprocessed

ବସ୍ତୁ ଓ ସାବଜୀୟ ମନୁଷ୍ୟଙ୍କ ବିଷୟରେ ସେତକ ଅସନ୍ତୋଷ ପୂର୍ଣ୍ଣ ହୋଇ ରହିଥାଏ । ତେଣୁ ତୁମକୁ ଏଥିରୁ ବାହାରିବାର ଆଉ କୌଣସି ଉପାୟହିଁ ମିଳେ ନାହିଁ । *ଏବଂ, ଏହି କ୍ଷେତ୍ରରେ ଆରୋଗ୍ୟର କେବଳ ଗୋଟିଏ ଉପାୟହିଁ ରହିଛି :* ତୁମକୁ ଇଚ୍ଛା କରିହିଁ ଏହି ଦୃଷ୍ଟିକୋଣଟିକୁ ପରିତ୍ୟାଗ କରିବାକୁ ପଡ଼ିବ; ଏହି ଦୃଷ୍ଟିକୋଣଟିକୁ ଆପଣାଠାରୁ ସମ୍ପୂର୍ଣ୍ଣ ଭାବରେ ନିଷିଦ୍ଧ କରି ରଖିବ, ଏବଂ ସତତ ଆତ୍ମ-ନିୟନ୍ତ୍ରଣ ଦ୍ୱାରା ଏକ ସାର୍ବଜନୀନ ଦୟାଭାବର ଦୃଷ୍ଟିକୋଣକୁ ଇଚ୍ଛାକୃତ ଭାବରେ ନିଜଉପରେ ଆଣି ଲାଦି ରଖିବାକୁ ଚେଷ୍ଟା କରିବ । ତୁମେ ଏହି ଚେଷ୍ଟାଟିକୁ ଆରମ୍ଭ କରିଦିଅ, ଏବଂ ତୁମେ ଯେ ଆଗ ଅପେକ୍ଷା ଅନେକ ଅଧିକ ଭଲ ଅନୁଭବ କରିବାକୁ ଆରମ୍ଭ କରିବ, ସେକଥା ତୁମେ ନିଶ୍ଚୟ ଜାଣିପାରିବ ।

୨୨ ଅଗଷ୍ଟ ୧୯୫୮

'oaob.nitrkl.ac.in' images reprocessed

ବ୍ରାହ୍ମଣ

ହେ ବ୍ରାହ୍ମଣ, ତୁମେ ଉଦ୍ୟତ ହୁଅ, ତୃଷ୍ଣାର ସ୍ରୋତଟିକୁ ଛିନ୍ନ କରିଦିଅ, ଯାବତୀୟ ଇନ୍ଦ୍ରିୟସୁଖକୁ ପରିହାର କର । ସଂସ୍କାରଗୁଡ଼ିକୁ କ୍ଷୟ କରିବାର ଉପାୟଟିକୁ ଜାଣି ତୁମେ ପରମ ଅକୃତର ମଧ୍ୟ ପରିଚୟ ଲାଭ କରିବ ।

ଚିତ୍ତସଂଯମ ଏବଂ ଭାବନା, ଏହି ଦୁଇଟିଯାକ କ୍ଷେତ୍ରରେ ଯେତେବେଳେ ଜଣେ ବ୍ରାହ୍ମଣ ଶିଖରସ୍ତରକୁ ଉଠି ଯାଇପାରେ, ସେତେବେଳେ ତାହାର ସକଳ ବନ୍ଧନ ତଳକୁ ଖସିପଡ଼େ ଏବଂ ସେ ଯଥାର୍ଥ ଜ୍ଞାନର ଅଧିକାରୀ ହୁଏ ।

ଯାହା ଲାଗି ଅନ୍ତଃ ନ ଥାଏ କି ବହିଃ ନ ଥାଏ, ଏଇଟା ନ ଥାଏ କି ସେଇଟା ନ ଥାଏ, ଯିଏ ଭୟ ତଥା ଯାବତୀୟ ବନ୍ଧନରୁ ମୁକ୍ତ ହୋଇ ଯାଇଥାଏ, ମୁଁ ତାହାକୁହିଁ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯିଏ ଧ୍ୟାନରତ ବୃତ୍ତି ରଖିଥାଏ ଓ ଅଶୁଦ୍ଧତାରୁ ମୁକ୍ତ ହୋଇ ଆସିଥାଏ, ଯିଏ କଳଙ୍କହୀନ, ଯିଏ ଆପଣାର କର୍ତ୍ତବ୍ୟ ସମ୍ପାଦନ କରିଛି ଏବଂ ସର୍ବୋଚ୍ଚ ଲକ୍ଷ୍ୟଟିରେ ଯାଇ ପହଞ୍ଚି ପାରିଛି, ତାହାକୁହିଁ ମୁଁ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଦିନବେଳେ ସୂର୍ଯ୍ୟ ଆଲୋକ ଦିଅନ୍ତି, ରାତିରେ ଚନ୍ଦ୍ର ଆଲୋକ ଦିଅନ୍ତି । ଆପଣା ଅସ୍ତ୍ରଶସ୍ତ୍ରର ଦୀପ୍ତିରେହିଁ ଅସ୍ତ୍ରଧାରୀ ଦୀପ୍ତିମନ୍ତ ହୋଇ ରହିଥାଏ । ବ୍ରାହ୍ମଣ ଧ୍ୟାନରେହିଁ ଦୀପ୍ତ ହୁଏ । ବୁଦ୍ଧ ଅବିଶ୍ରାନ୍ତ ଭାବରେ ଦିବା ଓ ରାତି ଆଲୋକ ବିକିରଣ କରୁଥାନ୍ତି ।

ଯିଏ ମନ୍ଦକୁ ବର୍ଜନ କରି ଆସିଛି, ସେଇ ବ୍ରାହ୍ମଣ । ଯାହାର ଆଚରଣ ଶୃଙ୍ଖଳିତ, ସେଇ ଭିକ୍ଷୁ । ଯିଏ ସକଳ ଅଶୁଦ୍ଧତାକୁ ନିଜ ଭିତରୁ ବାହାର କରିଦେଇ ପାରିଛି, ସେଇ ହେଉଛି ପ୍ରକୃତ ବୈରାଗୀ ।

କେହି ଯେପରି ଜଣେ ବ୍ରାହ୍ମଣକୁ ପ୍ରହାର କରିବ ନାହିଁ ଏବଂ ଜଣେ ବ୍ରାହ୍ମଣ ମଧ୍ୟ କଦାପି ଓଲଟା ପ୍ରହାର କରିବ ନାହିଁ । ଯିଏ

'oaob.nitrkl.ac.in' images reprocessed

ବ୍ରାହ୍ମଣଙ୍କୁ ପ୍ରହାର କରେ, ସେଇ ସର୍ବଦା ନିନ୍ଦ୍ୟ । ଯେଉଁ ବ୍ରାହ୍ମଣ ଓଲଟା ପ୍ରହାର କରେ, ସିଏ ମଧ୍ୟ ନିନ୍ଦ୍ୟ ।

ଜୀବନର ଯାବତୀୟ ସମ୍ଭୋଗରୁ ଆପଣାର ମନକୁ ନିବୃତ୍ତ କରି ରଖିବା ହେଉଛି ଜଣେ ବ୍ରାହ୍ମଣର ସର୍ବୋତ୍ତମ କର୍ତ୍ତବ୍ୟ । ଆପଣାର ମନ୍ଦ ଅଭିପ୍ରାୟଗୁଡ଼ିକୁ ବାହାର କରି ଦେଉଥିବା ସଙ୍ଗେ ସଙ୍ଗେହିଁ ବ୍ରାହ୍ମଣ ଆପଣାର ଦୁଃଖଗୁଡ଼ିକର ବି ଉପଶମ କରି ଦେଉଥିବ ।

ସିଏ କର୍ମ, ବାକ୍ୟ କିଂବା ଭାବନାରେ କୌଣସି ମନ୍ଦର ଆଚରଣ କରେ ନାହିଁ, ଏହି ତିନୋଟି କ୍ଷେତ୍ରରେ ସିଏ ନିଜକୁ ସଂଯତ କରି ରଖିଥାଏ, ମୁଁ ତାହାକୁହିଁ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ତୁମେ ଯାହାଙ୍କଠାରୁ ବୁଦ୍ଧଙ୍କ ଦ୍ୱାରା ଉପଦିଷ୍ଟ ହୋଇଥିବା ଧର୍ମଟିର ଶିକ୍ଷା ଲାଭ କରୁଛ, ଜଣେ ବ୍ରାହ୍ମଣ ଯଜ୍ଞକୁ ଯେପରି ସମ୍ମାନ ଦେଖାଏ ଓ ନମସ୍କାର କରେ, ତୁମେ ତାଙ୍କୁ ମଧ୍ୟ ସେହିପରି ସମ୍ମାନ ଦେଖାଇବ, ସେହିପରି ନମସ୍କାର କରିବ ।

ଜଟା ବଢ଼ାଇଲେ, ଉଚ୍ଚ ବଂଶରେ ଜାତ ହୋଇଥିଲେ ବା ଉଚ୍ଚ ଗୋତ୍ରର ହୋଇଥିଲେ ମଧ୍ୟ କେହି କଦାପି ବ୍ରାହ୍ମଣ ହୋଇ ପାରିବ ନାହିଁ । ଯାହା ଭିତରେ ସତ୍ୟ ଥିବ, ଧର୍ମପରାୟଣତା ରହିଥିବ, ତାହାକୁହିଁ ଆମେ ଶୁଦ୍ଧ ବୋଲି କହିବା, ପ୍ରକୃତ ବ୍ରାହ୍ମଣ ବୋଲି କହିବା ।

ହେ ନିର୍ବୋଧ, ଗୁଡ଼ାଏ ଜଟା ବଢ଼ାଇ ତୁମର କି ଲାଭ ହେଉଛି ? ତୁମେ ଯେଉଁ ମୃଗଚର୍ମ ପରିଧାନ କରିଛ, ତାହାର ବା କି ମୂଲ୍ୟ ଅଛି ? ତୁମ ଭିତରେ ତ ଚେଣେ କେତେ କ'ଣ କାମନାର ଗୋଟାଏ ଜଙ୍ଗଲ ବ୍ୟାପିକରି ରହିଛି ! ବାହାରକୁ ଯାହା ତୁମେ ଶୁଦ୍ଧତାର ଏକ ମୂର୍ତ୍ତି ପରି ଦେଖାଯାଉଛ !

ଯେଉଁ ବ୍ୟକ୍ତି ଚିରି ଓ ପୁରୁଣା ଲୁଗା ପିନ୍ଧେ, ଖୁବ ରୋଗିଣା ଓ ପତଳା ଦିଶୁଥାଏ, ଯାହାର ଚମ ଉପରୁ ଶିରାଗୁଡ଼ିକ ସ୍ପଷ୍ଟ ଦେଖା ଯାଉଥାନ୍ତି, ସିଏ ଅରଣ୍ୟ ମଧ୍ୟରେ ଏକାନ୍ତ ଭାବରେ ଧ୍ୟାନରତ ହୋଇ ରହିଥାଏ, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

'oaob.nitrkl.ac.in' images reprocessed

ମାତ୍ର, ଯଦି ସେ ବ୍ରାହ୍ମଣକୁଳରେ ଏବଂ ବ୍ରାହ୍ମଣୀ ମାଆର ଗର୍ଭରୁ ଜନ୍ମ ହୋଇଥାଏ, ଅଥଚ ଧନଦର୍ପରେ ଫୁଲିକରି ରହିଥାଏ, ତାକୁ ମୁଁ କଦାପି ପ୍ରକୃତ ବ୍ରାହ୍ମଣ ବୋଲି କହିବି ନାହିଁ । ଯିଏ ଅପରିଗ୍ରହୀ, ଯିଏ କୌଣସି ବସ୍ତୁରେ ବି ଲିପ୍ତ ହୋଇରହି ନାହିଁ, ତାହାକୁହିଁ ମୁଁ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯିଏ ସକଳ ବନ୍ଧନକୁ ଛିନ୍ନ କରିଦେଇ ପାରିଛି, ଯାହାର ଆଉ କୌଣସି କଥାକୁ ମଧ୍ୟ ଭୟ ନାହିଁ, ଯିଏ ସକଳ ବନ୍ଧନକୁ ଅତିକ୍ରମ କରି ଆସିଛି ଓ ଆପଣାକୁ ମୁକ୍ତ କରିଦେଇଛି, ତାହାକୁହିଁ ମୁଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯିଏ ମନର ଶାସନଦଣ୍ଡକୁ ଭାଙ୍ଗିଦେଇ ପାରିଛି, ଆସକ୍ତିର ସବୁଯାକ ଦଉଡ଼ିକୁ କାଟି ଆସିଛି, ଯାବତୀୟ ମନ୍ଦ ପ୍ରବୃତ୍ତିର କଡ଼ାଗୁଡ଼ିକ ସମେତ ଯିଏ ସଂଶୟର ଶିକୁଳିଟିକୁ ଛିଣ୍ଡାଇ ଦେଇଛି ଏବଂ ଅଜ୍ଞାନର ଯୁଆଳିକୁ ଫିଙ୍ଗିଦେଇ ଯିଏ ସନ୍ଦୀପିତ ହୋଇପାରିଛି, ତାହାକୁହିଁ ମୁଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯାହାର ମନରେ ଆଦୌ କୌଣସି ବିଦ୍ୱେଷ ନାହିଁ, ଯିଏ ଗାଳି, ପ୍ରହାର ଓ ସକଳ ପ୍ରକାର ବନ୍ଧନକୁ ମଧ୍ୟ ସହ୍ୟ କରୁଛି, ଯାହାଲାଗି ଧୈର୍ଯ୍ୟହିଁ ସର୍ବୋତ୍ତମ ବଳ ହୋଇ ରହିଛି, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯିଏ କ୍ରୋଧମୁକ୍ତ, ଆପଣାର ଧର୍ମରେ ଯାହାର ଅଟଳ ବିଶ୍ୱାସ ରହିଛି, ଯେଉଁ ସଚ୍ଚରିତ୍ର ବ୍ୟକ୍ତି ବାସନାରୁ ମୁକ୍ତ ହୋଇ ଆସିଛି, ଯିଏ ନିଜ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରିପାରିଛି ଏବଂ ବର୍ତ୍ତମାନ ସର୍ବଶେଷ ଥର ପାଇଁ ସଂସାରରେ ଦେହ ଧରି ବାସ କରୁଛି, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ପଦ୍ମପତ୍ର ଉପରେ ରହିଥିବା ଜଳବିନ୍ଦୁ ପରି ଯିଏ ଯାବତୀୟ ଇନ୍ଦ୍ରିୟଗତ ସୁଖରୁ ଅସଂଲଗ୍ନ ହୋଇ ରହିଛି, ଛୁଞ୍ଚିମୁନ ଉପରେ ଯେପରି ସୋରିଷଟିଏ ମୋଟେ ରହିପାରେ ନାହିଁ, ଯିଏ ଇନ୍ଦ୍ରିୟସୁଖର କ୍ଷେତ୍ରରେ ସେହିପରି ହୋଇ ରହିଛି, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

'oaob.nitrkl.ac.in' images reprocessed

ଯେଉଁ ବ୍ୟକ୍ତି ଏହି ଜନ୍ମରେହିଁ ଦୁଃଖର କ୍ଷୟସାଧନ କରିପାରିଛି, ଆପଣା ଉପରୁ ସକଳ ବୋଝକୁ ଉତାରି ଦେଇ ଯିଏ ଆସକ୍ତିର ଯୁଆଳିରୁ ନିଜକୁ ମୁକ୍ତ କରି ଆଣିପାରିଛି, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯେଉଁ ବୁଦ୍ଧିମାନ୍ ପୁରୁଷ ଗଭୀର ପ୍ରଜ୍ଞାର ଅଧିକାରୀ ହୋଇପାରିଛି, ସତ୍-ମାର୍ଗକୁ ଅସତ୍-ମାର୍ଗରୁ ଅଲଗା କରି ବାଛିନେଇ ପାରୁଛି, ଯିଏ ପରମ ଲକ୍ଷ୍ୟଟିକୁ ପ୍ରାପ୍ତ ହୋଇଛି, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯିଏ ଗୃହସ୍ଥ କିଂବା ସନ୍ନ୍ୟାସୀ କାହାରି ସଙ୍ଗରେ ବି ଲିପ୍ତ ହୋଇ ରହି ନ ଥାଏ, ଯିଏ ଅନିକେତ ଏବଂ ଯାହାର ଅତ୍ୟନ୍ତ ସ୍ୱଳ୍ପ ଆବଶ୍ୟକତାହିଁ ରହିଥାଏ, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯିଏ ଦୁର୍ବଳ ବା ବଳବାନ୍ କୌଣସି ଜୀବର ଆଦୌ କୌଣସି ଅନିଷ୍ଟ କରେ ନାହିଁ, ଯିଏ ଜୀବହତ୍ୟା କରେ ନାହିଁ କିଂବା କରାଏ ନାହିଁ, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଅବନ୍ଧୁମାନଙ୍କ ମଧ୍ୟରେ ବି ଯିଏ ବନ୍ଧୁଭାବାପନ୍ନ ହୋଇ ରହିଥାଏ, ଯିଏ ହିଂସାପ୍ରିୟମାନଙ୍କ ଭିତରେ ବି ସ୍ଥିର ଓ ଶାନ୍ତ ହୋଇ ରହିଥାଏ ଓ ସ୍ୱାର୍ଥପରମାନଙ୍କ ଭିତରେ ବି ସ୍ୱାର୍ଥରହିତ ହୋଇ ରହିଥାଏ, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯାହାଠାରୁ ସକଳ ବାସନା, ସକଳ ଘୃଣା, ସକଳ ଗର୍ବ ଓ ସକଳ ଛଳନାମୟତା ଦୂରୀଭୂତ ହୋଇ ପାରିଛି, ଛୁଞ୍ଚିମୁନ ଉପରୁ ସୋରିଷର ଗୋଟିଏ ଦାନା ତଳକୁ ଖସି ପଡ଼ିଲାପରି ଏହିସବୁ ଅଗୁଣ ଯାହାଠାରୁ ତଳକୁ ଝସି ପଡ଼ିଛି, ତାହାକୁହିଁ ମୁଁ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯିଏ କେବଳ ମଧୁର ବାଣୀହିଁ କହେ, ଯାହା ଶିକ୍ଷଣୀୟ, ଯଥାର୍ଥ ଏବଂ ଯାହା କାହାରିକୁ କୌଣସି ଆଘାତ ଦିଏ ନାହିଁ, ଯିଏ କେବଳ ସେହିପରି ବାଣୀହିଁ କହେ, ମୁଁ ତାହାକୁହିଁ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

'oaob.nitrkl.ac.in' images reprocessed

ତାକୁ ଯେତକ ଦିଆ ହୁଏ, କେବଳ ସେତକ ବ୍ୟତୀତ ଏହି ସଂସାରର ଯିଏ ଆଉ ଅଧିକ କିଛିହେଲେ ଗ୍ରହଣ କରେ ନାହିଁ, ତାହା ଅଳ୍ପ ହୋଇଥାଉ ବା ଅଧିକ ହୋଇଥାଉ, ବଡ଼-ସାନ, ଭଲ-ମନ୍ଦ, ଯାହା ହୋଇଥାଉ ପଛକେ, ଯିଏ କେବଳ ସେତକ ମାତ୍ର ଗ୍ରହଣ କରେ, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଇହ କିଂବା ପର କୌଣସି ଧାମରେ ବି ଯାହାର କୌଣସି ବାସନା ନାହିଁ, ଯିଏ ତୃଷ୍ଣାରହିତ ଏବଂ ମୁକ୍ତ ହୋଇପାରିଛି, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯାହା ଭିତରୁ ବାସନାର ଅନ୍ତ ହୋଇଯାଇଛି, ଯିଏ ପରିପୂର୍ଣ୍ଣ ଜ୍ଞାନର ଉପଲବ୍ଧି କରିଛି, ସମସ୍ତ ସଂଶୟକୁ ଛେଦନ କରି ଯିଏ ଅମରତ୍ୱର ଗଭୀରତାଗୁଡ଼ିକୁ ସ୍ପର୍ଶ କରିପାରିଛି, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯିଏ ଏହି ସଂସାରରେ ଭଲ ଓ ମନ୍ଦ ଦୁଇଟିଯାକର ବନ୍ଧନକୁ ଛିନ୍ନ କରିଦେଇ ପାରିଛି, ଏବଂ ଯିଏ ଯାବତୀୟ ଦୁଃଖ, ଦୂଷିତତା ଏବଂ ଅଶୁଦ୍ଧିରୁ ମୁକ୍ତ ହୋଇ ଆସିଛି, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯେଉଁ ବ୍ୟକ୍ତି ଚନ୍ଦ୍ରମା ପରି କଳଙ୍କହୀନ, ଶୁଦ୍ଧ, ସ୍ୱଚ୍ଛ ଏବଂ ପ୍ରଶାନ୍ତ ହୋଇପାରିଛି, ଯାହା ମଧ୍ୟରୁ ସାଂସାରିକ ବାସନାର ଯାବତୀୟ ତୃଷା ଦୂର ହୋଇଯାଇଛି, ମୁଁ ତାହାକୁହିଁ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯିଏ ଜନ୍ମଚକ୍ରର ଘୂର୍ଣ୍ଣନ ଭିତରୁ ବାହାରିଯାଇ ପାରିଛି, ଏହି ଦୁର୍ଦ୍ଦମନୀୟ ପଥ ଓ କଣ୍ଟକାକୀର୍ଣ୍ଣ ମାର୍ଗରୁ ବାହାରକୁ ବାହାରିଯାଇଛି, ଯିଏ ଅପରପାରରେ ଯାଇ ପହଞ୍ଚି ପାରିଛି, ଯିଏ ଧ୍ୟାନରେ ବୁଡ଼ି ରହିଛି ଓ ବାସନା ତଥା ସଂଶୟରୁ ମୁକ୍ତ ହୋଇ ପାରିଛି, ଯିଏ ସକଳ ବସ୍ତୁରୁ ଅଲଗ ରହି ଶାନ୍ତ ହୋଇପାରିଛି, ମୁଁ ତାହାକୁହିଁ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯାହା ଭିତରେ ସକଳ ବାସନାର ଧ୍ୱଂସସାଧନ ହୋଇପାରିଛି, ଏବଂ ଯାବତୀୟ ଜାଗତିକ ବାସନା ପରିତ୍ୟାଗ କରି ଯିଏ ଗାର୍ହସ୍ଥ୍ୟ-

'oaob.nitrkl.ac.in' images reprocessed

ଜୀବନକୁ ଛାଡ଼ି ଆପଣାକୁ ଅନିକେତ କରିଦେଇଛି, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବ ।

ଯାହାର ଜୀବନରୁ ସକଳ ତୃଷ୍ଣା ନିର୍ବାପିତ ହୋଇଯାଇଛି, ଏବଂ ଯାବତୀୟ ଜାଗତିକ ବାସନାକୁ ବର୍ଜନ କରି ଯିଏ ଗାର୍ହସ୍ଥ୍ୟଜୀବନକୁ ଛାଡ଼ି ଚାଲିଯାଇଛି, ଯିଏ ସମୂଳର ସକଳ ତୃଷ୍ଣାକୁ ନଷ୍ଟଇଦେଇ ପାରିଛି, ମୁଁ ତାହାକୁହିଁ ପ୍ରକୃତ ବ୍ରାହ୍ମଣ ବୋଲି କହିବ ।

ଯିଏ ଜଗତର ସକଳ ବନ୍ଧନକୁ ଛିନ୍ନ କରିଛି ଏବଂ ସ୍ୱର୍ଗର ଯାବତୀୟ ବନ୍ଧନକୁ ମଧ୍ୟ ପାର ହୋଇ ଚାଲିଯାଇଛି, ଅର୍ଥାତ୍ ଯିଏ ସକଳ ପାଶରୁ ମୁକ୍ତ ହୋଇ ପାରିଛି, ମୁଁ ତାହାକୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବ ।

ଯିଏ ଭଲ ଲାଗିବା ଓ ଭଲ ନ ଲାଗିବା ଉଭୟକୁ ପରିତ୍ୟାଗ କରିଛି, ଉପେକ୍ଷା ଭାବର ଅନୁଶୀଳନ କରି ଯିଏ ସକଳ ଆସକ୍ତି ଏବଂ ସକଳ ଶୃଙ୍ଖଳରୁ ମୁକ୍ତହୋଇ ଆସିଛି, ଏହିପରି ଭାବରେହିଁ ଯିଏ ସବୁଯାକ ଭୁବନକୁ ଜୟ କରିଛି, ସେହି ବୀରକୁହିଁ ମୁଁ ପ୍ରକୃତରେ ଜଣେ ବ୍ରାହ୍ମଣ ବୋଲି କହିବ ।

ପ୍ରତ୍ୟେକ ସତ୍ତ୍ୱର ଜନ୍ମ ତଥା ମୃତ୍ୟୁ ବିଷୟରେ ଯାହାର ପରିପୂର୍ଣ୍ଣ ପ୍ରକୃତ ଜ୍ଞାନ ରହିଛି, ଯିଏ ସକଳ ପାଶରୁ ମୁକ୍ତହୋଇ ପାରିଛି, ସେହି ସୁଗତ ଏବଂ ବୁଦ୍ଧଙ୍କୁହିଁ ମୁଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବ ।

ଯାହାର ଭବିଷ୍ୟଗତି ଦେବତା, ଗନ୍ଧର୍ବ ଏବଂ ମନୁଷ୍ୟମାନଙ୍କ ଅଗୋଚର ହୋଇ ରହିଛି, ଯିଏ ବାସନାମୁକ୍ତ ଓ ଶୁଦ୍ଧ ହୋଇ ପାରିଛି, ସେହି ଅର୍ହତ୍‌ଙ୍କୁହିଁ ମୁଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବ ।

ଯିଏ ସମ୍ପୂର୍ଣ୍ଣଭାବେ ଅପରିଗ୍ରହୀ ହୋଇପାରିଛି, ଯାହାର ଅତୀତ, ବର୍ତ୍ତମାନ ବା ଭବିଷ୍ୟ ବୋଲି ଆଦୌ କିଛି ନାହିଁ, ଯାହାର କୌଣସି ସମ୍ପତ୍ତି ନାହିଁ ଓ ଯିଏ ଅନ୍ୟ କୌଣସି ବସ୍ତୁକୁହିଁ ଜାବୁଡ଼ି ଧରି ନାହିଁ, ମୁଁ ତାହାଙ୍କୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବ ।

'oaob.nitrkl.ac.in' images reprocessed

ଯିଏ ଶ୍ରେଷ୍ଠ, ଯିଏ ପ୍ରବର, ଯିଏ ବୀର ଓ ମହର୍ଷି, ଯିଏ ବିଜେତା, ସ୍ଥିର, ଶୁଦ୍ଧ ଓ ବୁଦ୍ଧ, ମୁଁ ତାହାଙ୍କୁହିଁ ଜଣେ ପ୍ରକୃତ ବ୍ରାହ୍ମଣ ବୋଲି କହିବି ।

ଯିଏ ଆପଣାର ପୂର୍ବତନ ଯାବତୀୟ ଜନ୍ମର କଥାକୁ ଜାଣିଛି, ଯିଏ ସ୍ୱର୍ଗ ଏବଂ ନରକର ଯାବତୀୟ ଦେଶ ଓ ପ୍ରଦେଶକୁ ପ୍ରତ୍ୟକ୍ଷ କରିପାରୁଛି, ଯାହାର ଆଉ ପୁନର୍ଜନ୍ମ ହେବ ନାହିଁ, ଯିଏ ପରିପୂର୍ଣ୍ଣ ଅଭିଜ୍ଞାଲାଭ କରିଛି, ଯେଉଁ ମନୀଷୀ ସକଳ ଉପଲବ୍ଧିକୁ ଲାଭ କରିଛି, ମୁଁ ପ୍ରକୃତରେ ତାହାଙ୍କୁହିଁ ଜଣେ ଯଥାର୍ଥ ବ୍ରାହ୍ମଣ ବୋଲି କହିଥାଏ ।

ଏହିପରି ସ୍ୱରରେହିଁ ଧମ୍ମପଦ ଗ୍ରନ୍ଥର ଉପସଂହାର କରାଯାଇଛି, ଏବଂ, ସେହି ଗ୍ରନ୍ଥରୁ ଗୋଟିଏ ଉପମା ବ୍ୟବହାର କରି କହିବାକୁ ଗଲେ, ଏଥିରେ ଆମକୁ ଯେଉଁସବୁ ଶିକ୍ଷା ଦିଆଯାଇଛି, ଯଦି ଆମେ ସେଥିରୁ ଷୋଡ଼ଶକଣାଟିଏ ପରି ଏତେ-ଟିକିଏ ମଧ୍ୟ ଜୀବନରେ ଅଭ୍ୟାସ କରିପାରିବା, ତେବେ ଆମର ସମୟ ଆଦୌ ନଷ୍ଟ ହୋଇ ନାହିଁ ବୋଲି କୁହାଯାଇ ପାରିବ ।

ମାତ୍ର ଏଠାରେ ଧମ୍ମପଦରେ ଗୋଟିଏ କଥା ମୋଟେ କୁହାଯାଇ ନାହିଁ : ଏଥିରେ ଯେପରି ନିର୍ବାଣଲାଭ ଏବଂ ତଜ୍ଜନିତ ମୁକ୍ତିର ନିର୍ଦ୍ଦିଷ୍ଟ ଲକ୍ଷ୍ୟଟିକୁ ଆଗରେ ରଖିଦିଆ ଯାଇଛି, ସେପରି କୌଣସି ଐକାନ୍ତିକ ଗୋଟିଏ ଉଦ୍ଦେଶ୍ୟ ରଖି ଆମେ ଆତ୍ମ-ପରିପୂର୍ଣ୍ଣତାର ସାଧନାରେ ଅଗ୍ରସର ହୋଇଯିବା ବେଳେ ଆମେ କଦାପି ପରମ ଉପେକ୍ଷା ଏବଂ ପରମ ମୁକ୍ତିର ସ୍ଥଳରେ ଯାଇ ପହଞ୍ଚିବା ନାହିଁ । ମାତ୍ର, ଏହିପରି ଅଗ୍ରସର ହେବାହିଁ ଜାଗତିକ ଜୀବନର ଯଥାର୍ଥ ବିଧାନ ଏବଂ ଉଦ୍ଦେଶ୍ୟ ହୋଇ ରହିଥିବାରୁ, ତାହା ଏହି ବିଶ୍ୱଗତ ଜୀବନର ଅସଲ ସତ୍ୟ ହୋଇ ରହିଥିବାରୁ ଏବଂ, ଫଳ ଯାହା ହେଉ ପଛକେ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ସ୍ୱରରେ ତୁମେ ସେହି ବିଧାନ ଏବଂ ଉଦ୍ଦେଶ୍ୟଟି ସହିତ ନିଜକୁ ସୁସମାଯୁକ୍ତ କରି ରଖୁଥିବାରୁହିଁ ତୁମେ ସେହି ମୁକ୍ତିଟିକୁ ଲାଭ କରିବ ।

ଭଗବତ୍-ପରମକରୁଣା ଉପରେ ଗଭୀର ଆସ୍ଥା ରହିଥିବ, ଭଗବତ୍-ପରମ ଇଚ୍ଛା ପାଖରେ ଏକ ସମ୍ପୂର୍ଣ୍ଣ ସମର୍ପଣ ରହିଥିବ ଏବଂ ପରମେଶ୍ୱରଙ୍କ ଯୋଜନାଟିରେ ଆମର ସମ୍ପୂର୍ଣ୍ଣ ଅବଲମ୍ବନ ରହିଥିବ; — ତେବେଯାଇ ଫଳ କ'ଣ ହେବ ସେବିଷୟରେ କୌଣସି ଚିନ୍ତା ନ କରି ଆମେ ସମ୍ମୁଖରେ କରିବା ଲାଗି ରହିଥିବା କାର୍ଯ୍ୟଟିକୁ ସାଧନ କରିପାରିବା । ସେହି ହେଉଛି ପରିପୂର୍ଣ୍ଣ ମୁକ୍ତି ।

'oaob.nitrkl.ac.in' images reprocessed

ଦୁଃଖର ବିଲୋପସାଧନ କହିଲେ ଯଥାର୍ଥରେ ତାହାକୁହିଁ ବୁଝାଇବ । ସେତେବେଳେ ତୁମର ଚେତନା ଏକ ଶାଶ୍ୱତ ଆନନ୍ଦରେ ଭରପୂର ହୋଇ ରହିଥିବ ଏବଂ ତୁମେ ଗ୍ରହଣ କରୁଥିବା ପ୍ରତ୍ୟେକ ପଦକ୍ଷେପ ତୁମ ସମ୍ମୁଖରେ ମହିମମୟ ଗୋଟିଏ ଗୋଟିଏ ବସ୍ତୁସ୍ୱକୁ ଉଦ୍‌ଘାଟିତ କରିଦେବାରେ ଲାଗିଥିବ ।

ମନୁଷ୍ୟର ପ୍ରଗତି ଲାଗି ବୁଦ୍ଧ ଯେଉଁସବୁ ସତ୍ୟକୁ ଆଣି ଦେଇଛନ୍ତି, ଆମେ ସେଥିଲାଗି ତାଙ୍କ ପାଖରେ କୃତଜ୍ଞ ରହିବା । ଏବଂ, ଆରମ୍ଭରେ ମୁଁ ତୁମମାନଙ୍କୁ ଯେପରି କହିଥିଲି, ସିଏ ଆମକୁ ଯେଉଁସବୁ ସୁନ୍ଦର କଥାଗୁଡ଼ିକର ଶିକ୍ଷାଦେଇ ଯାଇଛନ୍ତି, ଆମେ ତାହାର ଅନ୍ତତଃ କିଛିଅଂଶକୁ ମଧ୍ୟ ଉପଲବ୍ଧି କରିବାର ଚେଷ୍ଟା କରିବା; ମାତ୍ର ଆମର ଏହି ଚେଷ୍ଟାର ଅନ୍ତିମ ଲକ୍ଷ୍ୟ ଏବଂ ତହିଁରୁ ଲବ୍ଧ ଯାବତୀୟ ଫଳକୁ ଆମେ ସକଳ ବୋଧର ଅତୀତ ସେହି ସର୍ବୋଚ୍ଚ ପରମ ପ୍ରଜ୍ଞାର ହାତରେହିଁ ଛାଡ଼ି ଦେଇଥିବା ।

୫ ସେପ୍‌ଟେମ୍ବର ୧୯୫୮

'ପ୍ରଶ୍ନ ଓ ଉତ୍ତର ୧୯୨୯'ର

ପରିଶିଷ୍ଟ

['ପ୍ରଶ୍ନ ଓ ଉତ୍ତର ୧୯୨୯' ପୁସ୍ତକର ଅନ୍ତର୍ଗତ କେତୋଟି ବାକ୍ୟାଂଶ ଏବଂ ପରିଚ୍ଛେଦ ଉପରେ ଶ୍ରୀଅରବିନ୍ଦଙ୍କର ବ୍ୟାଖ୍ୟା]

'oaob.nitrkl.ac.in' images reprocessed

'ପ୍ରଶ୍ନ ଓ ଉତ୍ତର ୧୯୨୯'ର ପରିଶିଷ୍ଟ

> ମାଆ ପଚାରିଛନ୍ତି, "ତୁମେ କାହିଁକି ଯୋଗସାଧନା କରିବାକୁ ଇଚ୍ଛା କରୁଛ ? ତୁମେ ଅଧିକ କ୍ଷମତା ଅର୍ଜନ କରିବା ଲାଗି କ'ଣ ତାହା ଇଚ୍ଛା କରୁଛ କି ?" ଏଠାରେ "କ୍ଷମତା" କହିଲେ ଅନ୍ୟମାନଙ୍କ ପାଖକୁ ଆପଣାର ଅଭିଜ୍ଞତାଟିକୁ ସଞ୍ଚାରିତ କରିଦେବାର କ୍ଷମତାକୁ ବୁଝାଉଛି କି ? ଏହାକୁ ପ୍ରକୃତରେ ଠିକ୍ କେଉଁ ଅର୍ଥରେ ବ୍ୟବହାର କରାଯାଇଛି ?

କ୍ଷମତା ହେଉଛି ଏକ ସାଧାରଣ ଶବ୍ଦ—ନିଜର ଅନୁଭୂତିଟିକୁ ଅନ୍ୟମାନଙ୍କ ପାଖକୁ ସଞ୍ଚାରିତ କରିପାରିବା ମଧ୍ୟରେ ତାହା କଦାପି ସୀମାବଦ୍ଧ ହୋଇ ରହି ନାହିଁ । ବିଭିନ୍ନ ବସ୍ତୁକୁ, ବ୍ୟକ୍ତିମାନଙ୍କୁ, ଘଟଣାବଳୀକୁ ଓ ଶକ୍ତିଚୟକୁ ନିଜର ଅଧିକାର କରି ରଖିବା, ସର୍ବାଧିକ ସାଧାରଣ ଭାବରେ କ୍ଷମତାକୁ ଏହିକୁହିଁ ବ୍ୟବହାର କରାଯାଇଥାଏ ।

> ମାଆ କହିଛନ୍ତି, "ପ୍ରକୃତରେ ଅଭିନିବେଶରହିଁ ଆବଶ୍ୟକତା ରହିଛି, — ସେହି ଦିବ୍ୟ ପରମସତ୍ତ୍ୱଙ୍କଠାରେ ଆମେ ନିଜକୁ ଅଭିନିବେଶିତ କରି ରଖିବା, ଯେପରିକି ତାଙ୍କର ପରମ ଇଚ୍ଛା ଏବଂ ପରମ ଅଭିପ୍ରାୟ ପାଖରେ ଆମେ ସମଗ୍ର ଓ ସମ୍ପୂର୍ଣ୍ଣ ଭାବରେ ଆପଣାକୁ ଉତ୍ସର୍ଗୀକୃତ କରିଦେଇ ପାରିବା ।" (୭ ଏପ୍ରିଲ) ଦିବ୍ୟ ପରମସତ୍ତ୍ୱଙ୍କ ଇଚ୍ଛା କ'ଣ ତାଙ୍କ ଅଭିପ୍ରାୟଠାରୁ ପ୍ରକୃତରେ ଅଲଗା ?

ଦୁଇଟିଯାକ ଶବ୍ଦର ଅର୍ଥ ସମାନ ନୁହେଁ । ଅଭିପ୍ରାୟ କହିଲେ ମତଲବକୁ ବୁଝାଏ, ଆଗରେ ଯେଉଁ ଉଦ୍ଦେଶ୍ୟଟିକୁ ରଖି ଦିବ୍ୟ ପରମସତ୍ତ୍ୱ କାର୍ଯ୍ୟ କରୁଛନ୍ତି, ତାହାକୁ ବୁଝାଏ । ଇଚ୍ଛା ତା' ତୁଳନାରେ ଏକ ଅଧିକ ବ୍ୟାପକ ଶବ୍ଦ ।

'oaob.nitrkl.ac.in' images reprocessed

> "ହୃଦୟରେ ଆପଣାକୁ ଅଭିନିବେଶିତ କରି ରଖିବ" । (ମଦର୍‌)
> ଅଭିନିବେଶିତ କରି ରଖିବାର ଅର୍ଥ କ'ଣ ? ଧ୍ୟାନର ବା
> ଅର୍ଥ କ'ଣ ?

ଅଭିନିବେଶର ଅର୍ଥ ହେଉଛି ଚେତନାକୁ ଗୋଟିଏ କେନ୍ଦ୍ରକୁ ସଂଗୃହୀତ କରି ଆଣିବା ଏବଂ ତାହାକୁ ନିର୍ଦ୍ଦିଷ୍ଟ ଗୋଟିଏ ବସ୍ତୁ, ନିର୍ଦ୍ଦିଷ୍ଟ ଗୋଟିଏ ବିଷୟ କିଂବା ଗୋଟିଏ ଅବସ୍ଥାରେ ସକେନ୍ଦ୍ରିତ କରି ରଖିବା । ଧ୍ୟାନ ହେଉଛି ଗୋଟିଏ ସାଧାରଣ ଶବ୍ଦ ଏବଂ ଏଥିରେ ନାନା ପ୍ରକାର ଅନ୍ତର୍ଗତ କ୍ରିୟାଶୀଳତାକୁ ଅନ୍ତର୍ଭୁକ୍ତ କରାଯାଇ ପାରିବ ।

> "ସେଠାରେ ଏକ ଅଗ୍ନି ପ୍ରଜ୍ୱଳିତ ହୋଇ ରହିଛି...ତାହାକୁହିଁ ତୁମେ ତୁମ ଭିତରେ ରହିଥିବା ଦେବୀତା ବୋଲି ଜାଣିବ । ତାହାହିଁ ତୁମର ଅସଲ ସତ୍ତା । ତୁମେ ତାହାର ବାଣୀକୁ ଶୁଣିବ, ତାହାର ନିର୍ଦ୍ଦେଶ ଅନୁସାରେ କାମ କରିବ ।" (ମଦର୍‌)

> ମୋ ଭିତରେ ରହିଥିବା ଏହି ଅଗ୍ନିକୁ ମୁଁ କେବେହେଲେ ଦେଖି ନାହିଁ । ତଥାପି, ମୁଁ ଅନୁଭବ କରୁଛି ଯେ ମୋ ଭିତରେ ଦେବୀତା ଅବସ୍ଥିତ ରହିଛି । ତାହାର ବାଣୀକୁ ଶୁଣିପାରୁଥିବା ପରି ମୁଁ ଅନୁଭବ କରୁଛି ଏବଂ ତାହାର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବା ଲାଗି ପ୍ରାଣପଣେ ଚେଷ୍ଟା କରୁଛି । ମୋ'ର ଏହି ଅନୁଭବଟିକୁ ମୁଁ ସନ୍ଦେହ କରିବି କି ?

ନା,—ତୁମେ ଯାହା ଅନୁଭବ କରୁଛ, ତାହା ସମ୍ଭବତଃ ମନର ବାଟ-ଦେଇ ତୁମ ଚୈତ୍ୟସତ୍ତାରୁ ଆସୁଥିବା ଏକ ସୂଚନା ପରି ମନେ ହେଉଛି । ଚୈତ୍ୟ-ଅଗ୍ନିଟି ବିଷୟରେ ପ୍ରତ୍ୟକ୍ଷ ଭାବରେ ସଚେତନ ହୋଇ ପାରିବା ଲାଗି ତୁମର ସୂକ୍ଷ୍ମ ଇନ୍ଦ୍ରିୟାନୁଭବ ଏବଂ ସୂକ୍ଷ୍ମଦୃଷ୍ଟି ଯଥେଷ୍ଟ ପରିମାଣରେ ସକ୍ରିୟ ହୋଇ ରହିଥିବା ଉଚିତ ଅଥବା ତୁମ ଚେତନାର କ୍ଷେତ୍ରରେ ତୁମର ଚୈତ୍ୟସତ୍ତା ଏକ ପ୍ରକଟ ହୋଇଥିବା ଶକ୍ତିରୂପେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରି ପାରୁଥିବା ଉଚିତ ।

> "ପୂର୍ବତନ କୌଣସି ନା କୌଣସି ଜୀବନରେ ଆମେ ସମସ୍ତେ ନିଶ୍ଚୟ ପରସ୍ପରକୁ ଭେଟିଛୁ ।" (ମଦର୍‌)

'oaob.nitrkl.ac.in' images reprocessed

ଏଠାରେ "ଆମେ" କହିଲେ ଠିକ୍ କେଉଁମାନଙ୍କୁ ବୁଝାଉଛି । ଆପଣ ଦୁଇଜଣଯାକ କ'ଣ ମୋତେ ମନେ ରଖିଛନ୍ତି ? ଅତୀତରେ ମଧ୍ୟ ମୁଁ ଅନେକ ସମୟରେ ଏହି କାର୍ଯ୍ୟଟି ଜରିଆରେ ଆପଣଙ୍କର ସେବା କରିଥିଲି କି ?

ଏଠାରେ ଏକ ସାଧାରଣ ସିଦ୍ଧାନ୍ତରହିଁ ଘୋଷଣା କରାଯାଇଛି, ଏବଂ ଯେଉଁମାନେ କର୍ମଟି ଲାଗି ଆହୂତ ହୋଇ ଆସିଛନ୍ତି, ସେମାନଙ୍କ ସମସ୍ତଙ୍କ ଲାଗି ତାହା ପ୍ରଯୁଜ୍ୟ ହୋଇ ପାରିବ । ମାଆ ଯେଉଁମାନଙ୍କ ସହିତ କଥାବାର୍ତ୍ତା କରୁଥିଲେ ସେତେବେଳେ ସେମାନଙ୍କର ଅତୀତଟିକୁ (ବା ତାହାର ଗୋଟିଏ ଅଂଶକୁ) ମଧ୍ୟ ସେ ଅବଲୋକନ କରୁଥିଲେ, ଏବଂ ସେହି କାରଣରୁ ସେ ସେପରି କହିଥିଲେ । ବର୍ତ୍ତମାନ ଶାରୀର ଚେତନାର କ୍ଷେତ୍ରରେ ଅସଲ କାର୍ଯ୍ୟଟିକୁ ନେଇ ଆମେ ଏତେ ଅଧିକ ପରିମାଣରେ ବ୍ୟସ୍ତ ହୋଇ ରହିଛୁ ଯେ, ଏସବୁ ବିଷୟ ମଧ୍ୟକୁ ପ୍ରବେଶ କରିବା ଲାଗି ଆଉ କୌଣସି ସମୟ ନାହିଁ । ତଦୁପରି, ଆମେ ବେଶ୍ ଦେଖିପାରୁଛୁ ଯେ ଏହା ସାଧକମାନଙ୍କ ଭିତରେ ଏପରି ଗୋଟିଏ ପ୍ରକାରର ପ୍ରାଣପ୍ରଧାନ ଭାବୁକତାକୁ ପ୍ରୋତ୍ସାହିତ କରି ଆଣିବାକୁ ଆରମ୍ଭ କଲା ଯେ ସାଧନାରୂପୀ କଠିନ କାର୍ଯ୍ୟଟିର ତୁଳନାରେ ସେମାନେ ଏହିସବୁ କଥା ଉପରେହିଁ ଅଧିକତର ମହତ୍ତ୍ୱ ଆରୋପ କରିବାକୁ ଲାଗିଲେ । ତେଣୁ ଆମେ ଏବେ ଅତୀତର ଜନ୍ମଗୁଡ଼ିକ ବିଷୟରେ ଓ ଅତୀତର ବ୍ୟକ୍ତିମାନଙ୍କ ବିଷୟରେ କୌଣସି କଥା କହିବା ପ୍ରକୃତରେ ବନ୍ଦ କରିଦେଇଛୁ ।

"ଯୋଗରେ ଦୁଇଟି ମାର୍ଗ ରହିଛି; ଗୋଟିଏ ତପସ୍ୟାର ମାର୍ଗ, ଅଉ ଗୋଟିଏ ସମର୍ପଣର ମାର୍ଗ ।" (୧୪ ଏପ୍ରିଲ)

ଅରେ ମୁଁ ଲାଭ କରିଥିବା ଦୃଷ୍ଟିକୁ ଆପଣ ଅଗ୍ନି ବୋଲି ବ୍ୟାଖ୍ୟା କରିଥିଲେ । ତାହା ହେଉଛି ଶୁଦ୍ଧୀକରଣ ଓ ତପସ୍ୟାର ଅଗ୍ନି ଏବଂ ସେଇଥିରୁହିଁ ପରମସତ୍ୟର ସୂର୍ଯ୍ୟ ଉଦ୍‌ଭୂତ ହୋଇ ଆସନ୍ତି ବୋଲି ଆପଣ କହିଥିଲେ । ତେବେ ମୁଁ ପ୍ରକୃତରେ କେଉଁ ମାର୍ଗଟିରେ ଯାଉଛି ? ସମର୍ପଣର ମାର୍ଗରେ ତପସ୍ୟା ଲାଗି କୌଣସି ସ୍ଥାନ ରହିଛି କି ? ସମର୍ପଣର ମାର୍ଗରେ ତପସ୍ୟାକୁ ସମ୍ପୂର୍ଣ୍ଣରୂପେ ବାଦ୍ ଦିଆଯାଇ ପାରିବ କି ?

'oaob.nitrkl.ac.in' images reprocessed

ଏପରି ଏକ ତପସ୍ୟା ରହିଛି ଯାହାକି ସମର୍ପଣର ଫଳସ୍ୱରୂପ ସ୍ୱଭାବତଃ ସମ୍ଭବ ହୋଇଥାଏ । ଏବଂ ଏପରି ଏକ ସାଧନା ବା ତପସ୍ୟା ରହିଛି, ଯାହାକୁ କି ଜଣେ ବ୍ୟକ୍ତି ଅନ୍ୟ କାହାରି ସାହାଯ୍ୟ ନ ନେଇ କେବଳ ନିଜ ଚେଷ୍ଟାରେ ମଧ୍ୟ ସମ୍ଭବ କରିପାରେ । "ଯୋଗର ଦୁଇଟି ମାର୍ଗ ଅଛି" ବୋଲି କହିଲି ବେଳେ ଏହି ଦ୍ୱିତୀୟ ଅର୍ଥରେହିଁ ସେହି କଥାଟିକୁ ବୁଝାଯାଇଛି । ମାତ୍ର, ଦୁଇଟିଯାକ କ୍ଷେତ୍ରରେହିଁ ତପସ୍ୟାର ଅଗ୍ନି ପ୍ରଜ୍ୱଳିତ ହୋଇ ଉଠିବା ନିଶ୍ଚୟ ସମ୍ଭବ ହେବ ।

> ମାଆ କହିଛନ୍ତି ଯେ ଯୋଗସାଧନାର ସର୍ବପ୍ରଥମ ପରିଣାମରୂପେ ମନର ଯାବତୀୟ ନିୟନ୍ତ୍ରଣ ଅପସରି ଯାଇଥାଏ, ଯାହାଫଳରେ କି ଯେଉଁସବୁ ଭାବନା ଓ ବାସନା ଏପର୍ଯ୍ୟନ୍ତ ସୁପ୍ତ ହୋଇ ମନ ଭିତରେ ରହିଥିଲେ, ସେଗୁଡ଼ିକ ଅତି ବିସ୍ମୟକର ଭାବରେ ଅଗ୍ରଭାଗକୁ ଆସନ୍ତି, ଆପଣାର ପ୍ରାଧାନ୍ୟଟିକୁ ଅନୁଭୂତ କରାନ୍ତି ଓ ନାନା ପ୍ରମାଦର ସୃଷ୍ଟି କରିଥାନ୍ତି । (ତନ୍ଦ୍ରେ ବ)

ସେଗୁଡ଼ିକର ପ୍ରଧାନ୍ୟ ଆଗରୁ ଅନୁଭୂତ ହେଉ ନ ଥିଲା, କାରଣ ସେମାନେ ଆଗରୁ କେତେକ ପରିମାଣରେ ବେଶ ଏକ ପରିତୃପ୍ତି ଲାଭ କରୁଥିଲେ ବା ଅନ୍ତତଃ ପ୍ରାଣିକ ଅଂଶଟି କୌଣସି ନା କୌଣସି ଉପାୟରେ ବେଶ୍ ସନ୍ତୁଷ୍ଟ ହୋଇ ରହିଥିଲା । ମାତ୍ର ବର୍ତ୍ତମାନ ସେମାନେ ଯେମିତି ଆଉ ଆଗପରି ସନ୍ତୁଷ୍ଟ ହୋଇ ପାରନ୍ତି ନାହିଁ, ସେମାନେ ଯେମିତି ଉତ୍ପାତ କରିବାକୁହିଁ ଆରମ୍ଭ କରନ୍ତି । ମାତ୍ର ଯୋଗସାଧନା ହେତୁ ଯେ ନୂଆକରି ସେଗୁଡ଼ିକର ସୃଷ୍ଟି ହୁଏ, ସେକଥା ଆଦୌ ନୁହେଁ;—ସେମାନେ ସେହି କ୍ଷେତ୍ରରେ ସର୍ବଦାହିଁ ରହି ଆସିଥିଲେ ।

ମନର ଯାବତୀୟ ନିୟନ୍ତ୍ରଣକୁ ଅପସରାଇ ନେବାର କଥାଟି ଏଠାରେ ଏହି ଅର୍ଥରେ ବୁଝାଯାଇଛି ଯେ ଆଗରୁ ମନ ସେଗୁଡ଼ିକୁ ଜୋର୍ କରି ଅଟକାଇ ରଖିଥିଲା ସତ, ମାତ୍ର ସେଗୁଡ଼ିକୁ ଆଦୌ ଅପସାରିତ କରିପାରୁ ନ ଥିଲା । ତେଣୁ, ଆଗରୁ ଯେଉଁଟି ମନର ନିୟନ୍ତ୍ରଣଟି କାର୍ଯ୍ୟ କରୁଥାଏ, ଯୋଗସାଧନାରେ ତାହାର ସ୍ଥାନରେ ଚୈତ୍ୟ ବା ଆଧ୍ୟାତ୍ମିକ ଅନ୍ତଃ-ନିୟନ୍ତ୍ରଣକୁ ସମ୍ଭବ କରିବାକୁ ହୁଏ, ଏବଂ, ଯାହା କରିବା ଲାଗି ପ୍ରାଣିକର କୌଣସି ସାମର୍ଥ୍ୟ ନ ଥିଲା, ଏହି ଅନ୍ୟ ନିୟନ୍ତ୍ରଣଟି ଫଳରେ ତାହା ସମ୍ଭବ ହୋଇଯାଏ । ଏହି କ୍ଷେତ୍ରରେ କେବଳ ଏତିକି ସ୍ମରଣ ରହିବା ଉଚିତ ଯେ ଅନେକ ସାଧକ ଯଥାସମୟରେ ଏହି ପରିବର୍ତ୍ତନଟିକୁ ଆଦୌ ଘଟାଇ ପାରନ୍ତି

'oaob.nitrkl.ac.in' images reprocessed

ନାହିଁ; ସେମାନେ କେବଳ ମାନସିକ ନିସ୍ପନ୍ଦଣଟିକୁହିଁ ଯାହା ପ୍ରତ୍ୟାହୃତ କରି ନେଇଥାନ୍ତି ।

"ଲୋକମାନେ ଯୌନ ଆଦି ପ୍ରବୃତ୍ତିଗୁଡ଼ିକ ଉପରେ ଅତଶକ୍ତ ଦୃଷ୍ଟି ଦେଇଥାନ୍ତି ବୋଲି ସେଗୁଡ଼ିକ ପ୍ରକୃତରେ ଏଡ଼େ ବଳଶାଳୀ ହୋଇଥାନ୍ତି ।" (ତଦେବ)

ଏଠାରେ ଅନ୍ୟ କେଉଁସବୁ ପ୍ରବୃତ୍ତିର ବିଷୟକୁ ଲକ୍ଷ୍ୟ କରାଯାଇଛି ?

ଏଠାରେ ଅତି ଶକ୍ତିଶାଳୀ ପ୍ରାଣିକ ପ୍ରବୃତ୍ତିଗୁଡ଼ିକୁ ଲକ୍ଷ୍ୟ ରଖି ଏକଥା କୁହାଯାଇଛି ।

"ସମସ୍ତ ପୃଥିବୀ ସେହି ବିଷୟଟି ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଛି । ତୁମେ ଗ୍ରହଣ କରୁଥିବା ପ୍ରତ୍ୟେକ ନିଃଶ୍ୱାସରେହିଁ ତାହାକୁ ଗ୍ରହଣ କରିବାରେ ଲାଗିଛ ।" (ତଦେବ)

ଏହି ସଂକ୍ରମଣଟି ତାକୁ ବି ଆସି ପୁଣିଏତ ଗ୍ରାସ କରିବ, ଜଣେ ସାଧକ କେତେବେଳଯାଏ ଏପରି ଆଶଙ୍କା କରିପାରିବ ? ମୁଁ ଅନୁଭବ କରୁଛି ଯେ ସେହି ସଂକ୍ରମଣଟି ବର୍ତ୍ତମାନ ମୋତେ କଦାପି ଧରିବ ନାହିଁ । ମୋର ଏହି ଅନୁଭବଟି ପ୍ରକୃତରେ ବିଶ୍ୱାସଯୋଗ୍ୟ କି ?

ତାହା ଯେ ବିଶ୍ୱାସଯୋଗ୍ୟ, ସେକଥା ମୁଁ ଜାଣି ନାହିଁ । ଏତେଦୂର ନିରାପଦ ହୋଇପାରିବା ପର୍ଯ୍ୟନ୍ତ ପ୍ରକୃତରେ ଅନେକ ଦୂରଯାଏ ଅଗ୍ରଗତି କରି ପାରିଥିବା ଉଚିତ ।

ମାଆ କହିଛନ୍ତି, "ଯିଏ ନାଚିବାରେ, ଖେଳିବାରେ ଓ ଚିତ୍କାର କରିବାରେ ଲାଗିଥାଏ, ତା'ଭିତରେ ଏପରି ଗୋଟାଏ ଧାରଣା ରହିଥାଏ ଯେ ତା'ର ଉତ୍ସାହଟିକୁ ପ୍ରକୃତରେ ବେଶ୍ ଏକ ଅସାଧାରଣ ଉତ୍ସାହ ବୋଲି କୁହାଯାଇ ପାରିବ; ଏବଂ ସେତେ-ବେଳେ ତା'ର ପ୍ରାଣିକ ସ୍ୱଭାବଟି ସେଥିରେ ଖୁବ୍ ଆନନ୍ଦ ଅନୁଭବ କରିବାରେ ଲାଗିଥାଏ ।" (ତଦେବ) ଏକଥା କହି ମାଆ କ'ଣ

'oaob.nitrkl.ac.in' images reprocessed

ଏହିପରି ଲାଗୁଛନ୍ତି ଯେ ଆଧ୍ୟାତ୍ମିକ ଅନୁଭୂତି ସମୟରେ ଉତ୍ସାହ ପ୍ରକାଶ କରିବା ବେଳେ ଜଣେ ବ୍ୟକ୍ତି ଅସାଧାରଣ ନ ହୋଇ କେବଳ ସାଧାରଣ ହେବ ?

ଆପଣାର ଉତ୍ସାହ ପ୍ରକାଶ କରିବା ସମୟରେ ସର୍ବଦା ସାଧାରଣ ହୋଇ ଯେ ରହିବାକୁ ହେବ, ମାଆ ଏପରି କଦାପି ଲାଗିବ ନ ଥିଲେ । ସିଏ ଏହି ବଗିରତି ରଖି ତାହା କହିଥିଲେ ଯେ ମଣିଷ ଯେ କେବଳ ଆପଣାର ଉତ୍ସାହଟିକୁ ପ୍ରକାଶ କରେ ତା' ନୁହେଁ, ମାତ୍ର ସେହି ଉତ୍ସାହ ପ୍ରକାଶରେ ଅସାଧାରଣ ହୋଇ ଦର୍ଶିବାକୁ ମଧ୍ୟ ତା'ର ଏକ ଇଚ୍ଛା ରହିଥାଏ । ଉତ୍ତେଜନା ବା ଏହିସବୁ ଉତ୍ସାହକୁ ପ୍ରକାଶ କରିବା ତ ଆଦୌ ଭଲ ନୁହେଁ, ପୁଣି ଅସାଧାରଣ ହୋଇ ଦର୍ଶିବା ଲାଗି ବାସନା ରଖିବା ତା'ଠାରୁ ଆହୁରି ଖରାପ ।

"ମାତ୍ର, ଯେଉଁମାନଙ୍କର ଆବଶ୍ୟକ ଆଧାର ଓ ଭୂମିଟି ରହିଛି, ଆମେ ଅନ୍ୟପକ୍ଷରେ ସେମାନଙ୍କୁ 'ଅଭୀପ୍ସା କର ଏବଂ ଟାଣିନିଅ' ବୋଲି କହିବା ।" (୨୧ ଏପ୍ରିଲ)

ଅଭୀପ୍ସା କରିବା ଏବଂ ଟାଣିନେବାର ଏହି ସାମର୍ଥ୍ୟଟି କ'ଣ ହାସଲ କରାଯାଇ ପାରିଥିବା ଏକ ବୃହତ୍ତର ଅନ୍ତରଗତକୁ ବୁଝାଇବ କି ?

ନା,—ଏଇଟି ହେଉଛି ଏକ ଅପେକ୍ଷାକୃତ ପ୍ରାଥମିକ ସ୍ତର ।

ରାତ୍ରିବେଳର ଭିତରୁ ଆସୁଥିବା ଏକ ସ୍ୱପ୍ନ ଏବଂ ଏକ ଦୃଷ୍ଟିଲାଭ ମଧ୍ୟରେ ପାର୍ଥକ୍ୟ ବାରିହେବ କିପରି ? (ଡନୈତବ)

ଏହାର ଆଦୌ କୌଣସି ମାନଦଣ୍ଡ ନାହିଁ; ମାତ୍ର ଯଦି ଜଣେ ବ୍ୟକ୍ତି ନିଦ୍ରାମଗ୍ନ ହୋଇ ନ ଯାଇ ଏକ ଅନ୍ତର୍ଗତ ସ୍ଥିତିରେ ରହିଥିବ, ତେବେ ସେ ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଖୁବ ସହଜରେ ନିରୂପଣ କରିପାରିବ । ସେହି ଅବସ୍ଥାରେହିଁ ଅଧିକାଂଶ ଦୃଷ୍ଟି ଉପଲବ୍ଧ ହୋଇଥାନ୍ତି, ଏବଂ ସେଗୁଡ଼ିକ ତୁମ ଉପରେ ଯେଉଁପରି ପ୍ରଭାବ ପକାଇବେ, ସେହି ପ୍ରଭାବର ପ୍ରକୃତିଟିରୁହିଁ ତୁମେ ସେହି ପାର୍ଥକ୍ୟକୁ ନିରୂପଣ କରିପାରିବ । ସ୍ୱପ୍ନବେଳେ ଲବ୍ଧ ହେଉଥିବା ଦୃଷ୍ଟିକୁ ଏକ

'oaob.nitrkl.ac.in' images reprocessed

ଅତିସ୍ପଷ୍ଟ ସ୍ୱପ୍ନାନୁଭୂତିରୁ ପୃଥକ୍ କରି ଜାଣିବା ଅପେକ୍ଷାକୃତ ଅଧିକ କଷ୍ଟକର, ମାତ୍ର ସେହି ପାର୍ଥକ୍ୟଟିକୁ ମଧ୍ୟ କ୍ରମେ ବେଶ୍ ଅନୁଭବ କରିହେବ ।

ବେଳେବେଳେ ସ୍ୱପ୍ନଗୁଡ଼ାକ ମନେରହେ, ବେଳେବେଳେ ମନେ ରହେ ନାହିଁ । (ଉଦ୍ଧୃତ) ଏପରି କାହିଁକି ହୁଏ ?

ଜାଗ୍ରତ ଅବସ୍ଥାରେ ଚେତନାର ଏହି ଦୁଇଟି ସ୍ଥିତି ମଧ୍ୟରେ ଯେଉଁ ସଂଯୋଗ ରହିଥାଏ, ଏକଥା ତାହାରି ଉପରେ ନିର୍ଭର କରେ । ସାଧାରଣତଃ ଚେତନାର ଭୂମିରେ ଏପରି ଏକ ଓଲଟପାଲଟ ହୋଇଯାଏ ଯାହାଫଳରେ କି ସ୍ୱପ୍ନାବସ୍ଥାଟି ଅଳ୍ପବହୁତ ଅତ୍ୟନ୍ତ ସହସା ଅନ୍ତର୍ହିତ ହୋଇଯାଏ ଏବଂ ତଦ୍ଦ୍ୱାରା, ଶାରୀରକୋଷଟି ଉପରେ ସ୍ୱପ୍ନସ୍ଥ ଘଟନାମାନ ଯେଉଁ କ୍ଷଣସ୍ଥାୟୀ ଧାରଣାଟିକୁ (ଏହାକୁ ବରଂ ସେଗୁଡ଼ିକର ପ୍ରତିଲିପି ବୋଲି କୁହାଯାଇ ପାରିବ) ଆଙ୍କିଦେଇ ଯାଇଥାଏ, ତାହା ଏକାବେଳକେ ନିଶ୍ଚିହ୍ନ ହୋଇଯାଏ, ଅନ୍ୟ ପକ୍ଷରେ, ଯଦି ଜାଗରଣଟି ଶାନ୍ତ ଭାବରେ ଘଟିଥାଏ ଅର୍ଥାତ୍ ଅପେକ୍ଷାକୃତ କମ୍ ସହସା ଘଟେ, ଅଥବା, ଆଙ୍କିହୋଇ ରହିଥିବା ଧାରଣାଗୁଡ଼ିକ ଯଦି ଅତ୍ୟନ୍ତ ଶକ୍ତିଶାଳୀ ହୋଇଥାଏ, ତେବେ, ଅନ୍ତତଃ ସର୍ବଶେଷ ସ୍ୱପ୍ନଟିର ସ୍ମୃତିଟି ଅବଶେଷ ରହିଯାଇଥାଏ । ସେହି ଶେଷଟିର କ୍ଷେତ୍ରରେ ସ୍ୱପ୍ନଟି ବେଶ୍ ଦୀର୍ଘ ସମୟ ଲାଗି ସ୍ମରଣରେ ରହିଯାଏ, ମାତ୍ର ସାଧାରଣତଃ ନିଦ ଭାଙ୍ଗି ଉଠିଯିବା ପରେ ସ୍ୱପ୍ନର ସେହି ସ୍ମୃତିଗୁଡ଼ିକ ମଧ୍ୟ ଭୁଲି ହୋଇଯାଆନ୍ତି । ଯେଉଁମାନେ ନିଜର ସ୍ୱପ୍ନଗୁଡ଼ିକୁ ମନେ ରଖିବାକୁ ଇଚ୍ଛା କରୁଥାନ୍ତି, ସେମାନେ ବେଳେବେଳେ ଚୁପ୍ କରି ପଡ଼ିରହି ପଛକୁ ପଛକୁ ସ୍ୱପ୍ନକଥା-ଗୁଡ଼ିକର ଠାବକରି ପାରିବା ଲାଗି ଏକ ଅଭ୍ୟାସ କରନ୍ତି ଏବଂ ସ୍ୱପ୍ନଗୁଡ଼ିକୁ ଗୋଟି ଗୋଟି କରି ଠାବ କରୁଥାନ୍ତି । ସ୍ୱପ୍ନାବସ୍ଥାଟି ହାଲୁକା ଥିଲାବେଳେ ପରେ ଅଧିକ ସ୍ୱପ୍ନକୁ ସ୍ମରଣ କରିହୁଏ; ମାତ୍ର ସେହି ଅବସ୍ଥା ଅତ୍ୟନ୍ତ ଭାବରାକ୍ରାନ୍ତ ହୋଇ ରହିଥିବା ବେଳେ ସେପରି ହୋଇପାରେ ନାହିଁ ।

"ଆଧ୍ୟାତ୍ମିକ ଅନୁଭୂତିର ଅର୍ଥ ହେଉଛି ଆପଣା ଭିତରେ (ବା ବାହାରେ ବି, ସେହି କ୍ଷେତ୍ରରେ ଦୁଇଟିଯାକ କଥାର ସେହି ଗୋଟିଏ ଅର୍ଥ ହେବ) ଦିବ୍ୟ ପରମସତ୍ତାଙ୍କର ସଂସ୍ପର୍ଶ ଲାଭ କରିବା ।" (ଉଦ୍ଧୃତ)

'oaob.nitrkl.ac.in' images reprocessed

"ବାହାରେ ଥିବା" ଦିବ୍ୟ ପରମସତ୍ତା, — ଏହି କଥାଟିର ଅର୍ଥ କ'ଣ ? ଏହା ଦ୍ୱାରା ଏଠାରେ ବିଶ୍ୱଗତ ଦିବ୍ୟ ପରମସତ୍ତା ଅଥବା ବିଶ୍ୱାତୀତ ଦିବ୍ୟ ପରମସତ୍ତାଙ୍କର କଥା କୁହାଯାଇଛି ନା ଉଭୟଙ୍କର କଥାହିଁ କୁହାଯାଇଛି ?

ଏଠାରେ ସେହି ଦିବ୍ୟ ପରମସତ୍ତାଙ୍କ କଥା କୁହାଯାଇଛି ଯିଏକି ଆମ ବାହାରେ ବସ୍ତୁଗୁଡ଼ିକ ମଧ୍ୟରେ, ସକଳ ସତ୍ତାରେ ଏବଂ ସକଳ ଘଟଣା ପ୍ରଭୃତିରେ ଦୃଶ୍ୟ ହୋଇଥାନ୍ତି ।

ଅଧିମାନସ ସ୍ତରରେ ସେହି ଦୁଇସନ୍ତ୍ ସ୍ୱର୍ଗର ଦୁଇ ଦୂତଙ୍କର ସମ୍ପର୍କରେ ଆସି ସାନ୍-ଦ୍-ଆର୍କ୍ଙ୍କର ପ୍ରକୃତିରେ ଏତେଟିକିଏ ରୂପାନ୍ତର କି ଘଟିଥିଲା କି ? (ତର୍ଦେବ)

ଏଠାରେ ରୂପାନ୍ତର ଘଟିବାର ପ୍ରଶ୍ନଟି କେଉଁଠୁ କପର ଆସୁଛି, ମୁଁ ସେକଥା ଆଦୌ ଦେଖିପାରୁ ନାହିଁ । ସାନ୍-ଦ୍-ଆର୍କ୍ ଯୋଗର ସାଧନା କରୁ ନ ଥିଲେ, ସିଏ ରୂପାନ୍ତର କି ଚାହୁଁ ନ ଥିଲେ ।

"ଆଉ ତୁମ ପାଖରେ ଏପରି କିଛି ବସ୍ତୁ ରହିବ ନାହିଁ, ଯାହାକୁ କି ତୁମେ ନିଜର ବୋଲି କହିପାରିବ । ସବୁକିଛି ଯେ ସେହି ଦିବ୍ୟ ପରମସତ୍ତାଙ୍କ ନିକଟରୁହିଁ ତୁମପାଖକୁ ଆସୁଛି, ତୁମେ ସେହିପରି ଅନୁଭବ କରିବ । ଏବଂ ସେହି ସବୁକିଛିକୁ ତୁମେ ପୁନର୍ବାର ସେଗୁଡ଼ିକର ଅସଲ ଉତ୍ସସ୍ଥଳରେ ନେଇ ନିବେଦନ କରିଦେବ । ଏହି କଥାଟିକୁ ଉପଲବ୍ଧି କରିପାରିବା ପରେ, ଯେଉଁ କ୍ଷୁଦ୍ରତମ ବସ୍ତୁଟିକୁ ମଧ୍ୟ ତୁମେ ସାଧାରଣତଃ ଖୁବ୍ ବେଶୀ ଦୃଷ୍ଟି ବା ଧ୍ୟାନ ଦେଉ ନାହଁ, ସେଇଟି ମଧ୍ୟ ତୁମ ଲାଗି ଆଉ କଦାପି ତୁଚ୍ଛ ବା ତାତ୍ପର୍ଯ୍ୟହୀନ ବୋଲି ମନେ ହେବ ନାହିଁ । ତାହା ସେତେବେଳେ ଅର୍ଥପୂର୍ଣ୍ଣ ହେବାକୁ ଆରମ୍ଭ କରିବ ଏବଂ ତୁମ ଦୃଷ୍ଟିସୀମାର ସେପାଖରେ ଆହୁରି ଏକ ବୃହତ୍ ଚକ୍ରବାଳକୁ ଉନ୍ମୁକ୍ତ କରି ଦେଉଥିବ ।

(୨୮ ଏପ୍ରିଲ)

'oaob.nitrkl.ac.in' images reprocessed

"ଅଗ୍ନିପ୍ରସ୍ତା କର ଏବଂ ଶାନ୍ତିନାଥ"ଙ୍କୁ ଆପଣ ଯେପରି ଏକ ପ୍ରାଥମିକ ଅବସ୍ଥା ବୋଲି କହିଲେ, ଏଇଟି ବି କ'ଣ ସେହିପରି ଏକ ପ୍ରାଥମିକ ଅବସ୍ଥା ?

ନା,—ସେତେ ପ୍ରାଥମିକ ଆଦୌ ନୁହେଁ ।

"ତୁମେ ଯେତେବେଳେ ଆହାର ଗ୍ରହଣ କରୁଛ, ସେତେବେଳେ ତୁମକୁ ଅନୁଭବ କରିବାକୁ ହେବ ଯେ ତୁମର ମଧ୍ୟଦେଇ ସ୍ୱୟଂ ଦିବ୍ୟ ପରମସତ୍ତାହିଁ ସେହି ଆହାରକୁ ଗ୍ରହଣ କରୁଛନ୍ତି ।" (ତଦୈବ)

ଏହି ବାକ୍ୟଟି ଦ୍ୱାରା ମାଆ ପ୍ରକୃତରେ କ'ଣ କହିବାକୁ ଇଚ୍ଛା କରୁଛନ୍ତି ?

ଏହାର ଅର୍ଥ ହେଉଛି ଯେ, ଆପଣାର ଆହାରକୁ ତୁମେ ନିଜର ଅହଂ କିଂବା ନିଜର ବାସନା ଲାଗି ଗ୍ରହଣ କରୁ ନାହଁ, ମାତ୍ର ତୁମେ ତାହାକୁ ସକଳ କର୍ମର ପଶ୍ଚାତରେ ରହିଥିବା ଦିବ୍ୟ ପରମସତ୍ତାଙ୍କ ପାଖରେହିଁ ନିବେଦନ କରୁଛ, ତୁମକୁ ଏହିପରି ଅନୁଭବ କରିବାକୁ ହେବ ।

"ଏହି ପୃଥିବୀରେ ସେହି ଦିବ୍ୟ ପରମସତ୍ତାଙ୍କର ରାଜତ୍ୱ ଆଣିବୁ ବୋଲି ଯଦି ଆମେ ପ୍ରକୃତରେ ଇଚ୍ଛା କରୁଥିବା, ତେବେ ଆମର ଯାହାକିଛି ଅଛି, ଆମେ କହିଲେ ଯାହାକିଛିକୁ ବୁଝାଉଛି ଏବଂ ଆମେ ଯାହାକିଛି କରୁଛୁ, ସେହି ସବୁକିଛିକୁହିଁ ଆମେ ସେହି ଦିବ୍ୟ ପରମସତ୍ତାଙ୍କ ପାଖରେହିଁ ଅର୍ପଣ କରିଦେବା ।" (ତଦୈବ)

ଏହି କଥାଟିକୁ ସମ୍ପୂର୍ଣ୍ଣ ଭାବରେ କରିସାରିବା ପରେ ଆମର ପ୍ରକୃତରେ ଆଉ ଅଧିକ କିଛି କରିବାକୁ ବାକି ଥାଏ କି ?

ନା — ଆଉ କିଛି ବାକି ନ ଥାଏ । ମାତ୍ର ତାହାକୁ ସମ୍ପୂର୍ଣ୍ଣ ଭାବରେ କରି ପାରିବା ଆଦୌ ସହଜ କଥା ନୁହେଁ ।

ମାଆ କହିଛନ୍ତି, "ଏବଂ, ଯେଉଁମାନେ ଏଠାରୁ ପଳାଇ ଯିବାକୁ ଇଚ୍ଛା କରୁଥାନ୍ତି, ସେମାନେ ପ୍ରକୃତରେ ସେପାଖରେ ଯାଇ ପହଞ୍ଚି ସାରିଲା ପରେ ମଧ୍ୟ ହୁଏତ ଏକଥାଟିକୁ ବି ଅସ୍ୱୀକାର କରିବାକୁ

'oaob.nitrkl.ac.in' images reprocessed

> ଲାଗନ୍ତି ଯେ ଏହି ପଳାୟନଟି ଫଳରେ ସେମାନଙ୍କର ଆଦୌ ଖୁବ୍ ବେଶୀ ଲାଭ ହୋଇ ନାହିଁ ।" (ତଦେବ) ଏହି ବାକ୍ୟଟିରେ "ସେପାଖରେ ଯାଇ ପହଞ୍ଚି ସାରିଲା ପରେ"ର ପ୍ରକୃତ ଅର୍ଥ କ'ଣ ? "ଯେତେବେଳେ ସେମାନେ ଏହି ପୃଥିବୀଟିକୁ ଆସନ୍ତି,"—ଏହାର କ'ଣ ଏପରି ଅର୍ଥ ହେବ, ନା ଏହା ଦ୍ୱାରା ଆମେ "ଯେତେବେଳେ ସେମାନେ ସ୍ୱୟଂ ଉପଲବ୍ଧି କରିଥିବା ମାରବତାପୂର୍ଣ୍ଣ ସେହି ପୃଥିବୀଟିକୁ ଚାଲିଯାଆନ୍ତି" ବୋଲି ବୁଝିବା ?

ନା — "ସେମାନେ ଅନ୍ୟ ପାଖଟିରେ ଯାଇ ପହଞ୍ଚନ୍ତି"ର ସରଳ ଅର୍ଥ ହେଉଛି, ଯେତେବେଳେ ସେମାନେ ପଞ୍ଚତ୍ୱପ୍ରାପ୍ତ ହୁଅନ୍ତି" । ଏହି କଥାଟି ଦ୍ୱାରା ମାଆ ଏତିକି କହିବାକୁ ଇଚ୍ଛା କରିଥିଲେ ଯେ, ସେମାନେ ଯେତେବେଳେ ପ୍ରକୃତରେ ନିର୍ବାଣରେ ଯାଇ ଉପନୀତ ହୁଅନ୍ତି, ସେତେବେଳେ ସେମାନେ, ସେଇଟି ଯେ ଆଦୌ ଚୂଡ଼ାନ୍ତ ସମାଧାନ ନୁହେଁ ବା ତାହାକୁ କଦାପି ଯେ ସର୍ବୋଚ୍ଚ ଇଷ୍ଟସତ୍ତ୍ୱଙ୍କର ବୃହତ୍ତମ ଉପଲବ୍ଧି ବୋଲି କୁହାଯାଇ ପାରିବ ନାହିଁ, ସେହି କଥାଟିକୁ ଆବିଷ୍କାର କରିଥାନ୍ତି । ତେଣୁ, ପରିଣାମତଃ, ସେମାନଙ୍କୁ ପୁନର୍ବାର ଲେଉଟି ଆସିବାକୁ ପଡ଼ିଥାଏ ଏବଂ ସେହି ବୃହତ୍ତମ ଉପଲବ୍ଧିଟିରେ ଯାଇ ଉପନୀତ ହେବା ଲାଗି ସେମାନଙ୍କୁ ବିଶ୍ୱକର୍ମଟି ମଧ୍ୟରେ ନିଜର ଅଂଶଟିକୁ ବି ଗ୍ରହଣ କରିବାକୁ ପଡ଼ିଥାଏ ।

> ଜଣେ ବ୍ୟକ୍ତିର ଯାହାକିଛି ଅଛି, ସେହି ବ୍ୟକ୍ତି କହିଲେ ଯାହାକିଛି ବୁଝାଏ ଓ ସେ ଯାହାକିଛି କରୁଛି, ସିଏ ଯେ ସେହି ସବୁକିଛିକୁ ଦିବ୍ୟପରମସତ୍ତ୍ୱଙ୍କ ପାଖରେ ଅର୍ପଣ କରିଦେଇଛି, ସେକଥା ପ୍ରକୃତରେ ଜାଣିହେବ କିପରି ?

ଅନ୍ତରସ୍ଥ ଦୃଷ୍ଟିଟିକୁ ଲାଭ କରିଥିଲେ ଯାଇ ତୁମେ ତାହା ଜାଣିପାରିବ ।

> "କାରଣ, 'ଏହି ପୃଥିବୀରେ ଏପରି କୌଣସି ବସ୍ତୁ ନାହିଁ, ଯାହାର ଚରମ ସତ୍ୟ ଏବଂ ଚରମ ଅବଲମ୍ବନ ସେହି ପରମ ଦିବ୍ୟସତ୍ତ୍ୱଙ୍କ ମଧ୍ୟରେହିଁ ନିହିତ ହୋଇ ରହି ନାହିଁ ।" (ତଦେବ)
>
> ଆପଣାର ଅନୁଭୂତି ଦ୍ୱାରା ଏହାକୁ ଜାଣିବାର ଅର୍ଥ ହେଉଛି ପ୍ରକୃତରେ ଏକ ଅତ୍ୟନ୍ତ ବୃହତ୍ ଉପଲବ୍ଧିକୁ ସମ୍ଭବ କରିବା, ହୁଏତ ସର୍ବଶ୍ରେଷ୍ଠ ଉପଲବ୍ଧିଟିକୁହିଁ ସମ୍ଭବ କରିବା;—ନୁହେଁ କି ?

'oaob.nitrkl.ac.in' images reprocessed

ହଁ ।

"ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯାହା ଘଟିଲା, ତାହା ଘଟିବ ବୋଲି ଅଭିପ୍ରେତ ହୋଇ ରହିଥିଲା; ଯଦି ଅଭିପ୍ରେତ ହୋଇ ରହି ନ ଥାନ୍ତା, ତେବେ ତାହା କଦାପି ଘଟି ନ ଥାନ୍ତା ।" (ତନ୍ଦେବ)

ତେବେ, ମନୁଷ୍ୟର ଜୀବନରେ ଆଉ କୌଣସି ଅନୁତାପର ସ୍ଥାନ କେଉଁଠି ରହିଲା ? ଜଣେ ସାଧକର ଜୀବନରେ ମଧ୍ୟ ଏହାର କୌଣସି ସ୍ଥାନ ଅଛି କି ?

ଅନୁତାପ କରିବା ଦ୍ୱାରା ଭବିଷ୍ୟତ ଉପରେ ତାହାର ଯେଉଁ ପ୍ରଭାବ ପଡ଼େ, ସେଇଥିଲାଗିହିଁ ଅନୁତାପର ଏକ ସ୍ଥାନ ରହିଛି । ବସ୍ତୁଗୁଡ଼ିକ ଯେଉଁ ଅବସ୍ଥାରେ ରହିଥିବା ହେତୁ ଘଟଣାଟି ଘଟିଲା, ଯଦି ସେଥିରୁ ଓହରି ଆସିବାକୁ ପ୍ରକୃତିକୁ ପ୍ରବର୍ତ୍ତାଇବା ଲାଗି ଅନୁତାପର କୌଣସି ସାମର୍ଥ୍ୟ ଥାଇପାରେ, ତେବେ ତାହାର ଅବଶ୍ୟ ଏକ ସ୍ଥାନ ରହିଛି । ଜଣେ ସାଧକ ଲାଗି ଅନୁତାପର ଯେତେ ଆବଶ୍ୟକତା ନ ରହିଛି, ସିଏ ଯେ ଏକ ଭୁଲ୍ କ୍ରିୟାଶୀଳତାକୁ ଭ୍ରମରୂପେ ଚିହ୍ନିବ ଏବଂ ସେଇଟିର ଯେପରି ଆଉ ପୁନରାବୃତ୍ତି ନ ହୁଏ, ତାହାର ପ୍ରୟୋଜନଟିକୁ ମଧ୍ୟ ଚିହ୍ନିବ, ଏହି କଥାଟିର ଅନେକ ଅଧିକ ଆବଶ୍ୟକତା ରହିଛି ।

"ତୁମେ କର୍ମର ବନ୍ଧନଟିରେ ବାନ୍ଧହୋଇ ରହିଛ, ଏବଂ ସେଠାରେ, ସେହି ବନ୍ଧନଟି ମଧ୍ୟରେ, ଯାହାକିଛି ଘଟୁଛି, ତାହା କେବଳ ଯାହାସବୁ ଆଗରୁ କରାଯାଇଛି, କଠୋର ଭାବରେ ତାହାର ପରିଣତି ସ୍ୱରୂପହିଁ ଘଟୁଛି । (ତନ୍ଦେବ)

ଏଠାରେ ଯାହା "ଆଗରୁ" ବୋଲି କୁହାଯାଇଛି, ଆମେ କ'ଣ ତାହାକୁ ଅତୀତର ସକଳ ଜନ୍ମ ବୋଲି ବୁଝିବା; ପ୍ରଥମଟିଠାରୁ ଆରମ୍ଭ କରି ଯେତୋଟି ଜନ୍ମ ଅତିକ୍ରାନ୍ତ ହୋଇଛି, ତାହାକୁହିଁ ବୁଝିବା ?

ସେପରି କହି ତୁମେ ପରିମାଣ ଦୃଷ୍ଟିରୁହିଁ କଥାଟିର ବିଚାର କରୁଛ । ସିଦ୍ଧାନ୍ତର ଅର୍ଥରୁ ବିଚାର କଲେ, ଯାହାକିଛି ଯେତେବେଳେ ଘଟୁଛି, ସେହି କ୍ରିୟାଟିର ମୁହୂର୍ତ୍ତ ପର୍ଯ୍ୟନ୍ତ ଆଗରୁ ଯାହାକିଛି ଘଟିଯାଇଛି, ତାହା ତାହାର

'oaob.nitrkl.ac.in' images reprocessed

ପରିଣାମ ସ୍ୱରୂପହିଁ ଘଟୁଛି । ବ୍ୟାବହାରିକ ଦୃଷ୍ଟିରୁ ବିଗ୍ୱର କରି କହିଲେ, ବିଶେଷ ବିଶେଷ ଘଟନାଗୁଡ଼ିକର ଅତୀତ ମଧ୍ୟରେ ଗୋଟିଏ ଗୋଟିଏ ପୂର୍ବସନ୍ଦର୍ଭ ନିହିତ ହୋଇ ରହିଛି ଏବଂ ଏହିଗୁଡ଼ିକହିଁ ପରବର୍ତ୍ତୀ ନିର୍ଦ୍ଦିଷ୍ଟ ଘଟନାଗୁଡ଼ିକୁ ନିରୂପିତ କରିଦେଉଛି ବୋଲି କୁହାଯାଉଛି ।

ମାଆ କହିଛନ୍ତି, "ଏକ ବାସ୍ତବ ଘଟନାରୂପେ ମୃତ୍ୟୁ ପୃଥିବୀପୃଷ୍ଠରେ ଜୀବନମାତ୍ରକେ ସବୁକିଛି ସହିତ ସଂଯୋଜିତ ହୋଇ ରହିଛି ।" (୫ ମଇ) ଏଠାରେ "ଏକ ବାସ୍ତବ ଘଟନାରୂପେ" ଏବଂ "ସଂଯୋଜିତ ହୋଇ ରହିଛି" ଏହି ଦୁଇଟିଯାକ କଥା ପ୍ରାୟ ଏପରି ଗୋଟିଏ ଧାରଣା ଦେଉଥିବା ଭଳି ଲାଗୁଛି ଯେ, ଆମେ ଯାହାକିଛି କରୁଆଉ ନା କାହିଁକି, ମୃତ୍ୟୁ ହେଉଛି ଅନିବାର୍ଯ୍ୟ । ମାତ୍ର, ଏହାର ପୂର୍ବରୁ ମାଆ କହିଥିବା ଆଉ ବାକ୍ୟଟି, "ଆମେ ଯଦି ଏହି ବିଶ୍ୱାସଟିକୁ ସର୍ବପ୍ରଥମେ ଆମର ସଚେତନ ମନରୁ ଫିଙ୍ଗି ବାହାର କରିଦେଇ ପାରିବା, ...ତେବେ ମୃତ୍ୟୁ ଆଉ କଦାପି ଅନିବାର୍ଯ୍ୟ ହୋଇ ରହିବ ନାହିଁ । (ତହିଁ) ଏଠାରେ ଏକ ସର୍ତ୍ତ ରଖାଯାଇଛି,—ଗୋଟିଏ "ଯଦି" ରଖାଯାଇଛି, ଏବଂ ସେହି ସର୍ତ୍ତଟିକୁ ପୂରଣ କରି ପାରିଲେ ଯାଇ ମୃତ୍ୟୁକୁ ଏଡ଼ି ଦିଆଯାଇ ପାରିବ । ମାତ୍ର, "ଏକ ବାସ୍ତବ ଘଟନାରୂପେ" ବୋଲି କହି ପ୍ରଥମ ବାକ୍ୟଟିରେ ଅତ୍ୟନ୍ତ ସିଧା ଓ ପ୍ରାୟ ଅଲଂଘନୀୟ ଭାବରେ ଯେଉଁ କଥାଟିକୁ କୁହାଯାଇଛି, ତଦ୍ୱାରା ଏହି ଜଗତରେ ଅମରତ୍ୱ ଲାଭ କରିବାର ପ୍ରତ୍ୟାଶାଟିକୁ ବରଂ ବେଶ୍ ହାଲୁକା କରିଦିଆ ଯାଇଥିବା ପରି ମନେ ହେଉଛି । ପୁନଶ୍ଚ, ଦ୍ୱିତୀୟ ଆଉ ବାକ୍ୟଟିରେ ଯେଉଁ "ଯଦି"ଟିକୁ ଯୋଡ଼ି ଦିଆଯାଇଛି, ତାହା ଏତେ ବେଶୀ ଦୁର୍ଜ୍ଜେୟ ମନେ ହେଉଛି ଯେ, ସେଇଟିକୁ କେବେ ପୂରଣ କରିହେଲା ପରି ମୋଟେ ଲାଗୁ ନାହିଁ ।

ଏହି କଥାଦୁଇଟିରେ ମୁଁ କିନ୍ତୁ କୌଣସି ଅସ୍ପଷ୍ଟତା ଦେଖୁ ନାହିଁ । "ଏକ ବାସ୍ତବ ଘଟନାରୂପେ" ଏବଂ "ସଂଯୋଜିତ ହୋଇ ରହିଛି", ଏଥିରୁ କୌଣସି ଅନିବାର୍ଯ୍ୟତାର ବୋଧ ହେବା ଉଚିତ ନୁହେଁ । "ଏକ ବାସ୍ତବ ଘଟନାରୂପେ" କହିଲେ ବସ୍ତୁତଃ ବା ପ୍ରକୃତରେ ବୋଲି ବୁଝାଏ । ବର୍ତ୍ତମାନ ଜୀବନର (ଏହି ପୃଥିବୀସ୍ଥ) ସମୁଦାୟ କ୍ଷେତ୍ରଟିରେ ବସ୍ତୁସ୍ଥିତି ଯେପରି ହୋଇ ରହିଛି, ସେଥିରେ ସେହି ଜୀବନଟି ସହିତ ଅନ୍ତିମ ପରିଣାମରୂପେ ମୃତ୍ୟୁହିଁ ଯୋଡ଼ାହୋଇ ରହିଛି ।

'oaob.nitrkl.ac.in' images reprocessed

ମାତ୍ର ଉକ୍ତ ପରିମାଣରେ ମଧ୍ୟ ଏଥିରୁ କଦାପି ଏଭଳି ଧାରଣା ହେବା ଆଦୌ ଉଚିତ ନୁହେଁ ଯେ ଏହି ବାସ୍ତବତାଟି କଦାପି ଅନ୍ୟପ୍ରକାରର ହୋଇପାରିବ ନାହିଁ ବା ଏହାକୁହିଁ ଯାବତୀୟ ଜୀବନ ଓ ଅସ୍ତିତ୍ୱର ଅପରିବର୍ତ୍ତନୀୟ ଚୂଡ଼ାନ୍ତ ନିୟମ ବୋଲି ମାନିନେବାକୁ ପଡ଼ିବ । ଯେଉଁସବୁ କାରଣ ସକାଶେ ତାହା ବର୍ତ୍ତମାନ ଏକ ବାସ୍ତବତା ହୋଇ ରହିଛି, ସେଗୁଡ଼ିକୁ ବି କହିଦିଆ ଯାଇଛି,—କେତେକ ନିର୍ଦ୍ଦିଷ୍ଟ ମାନସିକ ଏବଂ ଭୌତିକ ପରିସ୍ଥିତି ହେଉଛି ତାହା ହୋଇଛି । ଏଗୁଡ଼ିକୁ ଯଦି ବଦଳାଇ ଦିଆଯାଇ ପାରିବ, ତେବେ ମୃତ୍ୟୁ ତା'ପରେ ଆଉ କଦାପି ଅନିବାର୍ଯ୍ୟ ହୋଇ ରହିବ ନାହିଁ । ଅତ୍ୟନ୍ତ ସ୍ପଷ୍ଟ କଥା ଯେ, "ଯଦି" କେତୋଟି ସର୍ତ୍ତର ପୂରଣ ହୋଇପାରିବ, ତେବେଯାଇ ସେହି ପରିବର୍ତ୍ତନଟି ସମ୍ଭବ ହେବ । ଅର୍ଥାତ୍, ବିବର୍ତ୍ତନ ଦ୍ୱାରା ହେବାକୁ ଥିବା ଯାବତୀୟ ଅଗ୍ରଗତି ଓ ଯାବତୀୟ ପରିବର୍ତ୍ତନ ଏକ "ଯଦି"ର ବା ସର୍ତ୍ତର ପୂରଣ ହେବା ଉପରେହିଁ ନିର୍ଭରଶୀଳ ହୋଇ ରହିଛି । ଇତରପ୍ରାଣୀ-ପ୍ରସ୍ତସ୍ଥ ମନକୁ ଯଦି ବାଣୀ ଓ ବୁଦ୍ଧିର ବିକାଶ ଲାଗି ଆଗକୁ ଠେଲି ଦିଆଯାଇ ନ ଥାନ୍ତା, ତେବେ ମନୋଧାରୀ ମନୁଷ୍ୟର ଆବିର୍ଭାବ କଦାପି ସମ୍ଭବ ହୋଇ ନ ଥାନ୍ତା । ମାତ୍ର, ସେହି କ୍ଷେତ୍ରରେ ମଧ୍ୟ ସେହି ଅତିବିଶାଳ ଏବଂ ଦୁର୍ଜ୍ଜେୟ "ଯଦି"ଟିର ପୂରଣ ହୋଇଥିଲା । ତେଣୁ ଏହି "ଯଦିଗୁଡ଼ିକ"ର ପୂରଣହିଁ ପରବର୍ତ୍ତୀ ସ୍ତରଗୁଡ଼ିକର ଅଗ୍ରଗତିକୁ ସମ୍ଭବ କରିଥାନ୍ତି ।

> "ଏହି ପୃଥିବୀ କିପରି ତିଆରି ହୋଇଥିଲା ଏବଂ ଭବିଷ୍ୟତରେ ଅଗ୍ରଗତି କରି ତାହା କିପରି କ'ଣ ହେବ, ଅତୀତରେ ତୁମେ କିପରି କେଉଁଠାରେ ଜନ୍ମଗ୍ରହଣ କରିଥିଲ ଏବଂ ଏହାପରେ ମଧ୍ୟ ତୁମେ କ'ଣ ହୋଇ ଜନ୍ମ ହେବ, ତୁମେ ଆଗରୁ କେଉଁ କେଉଁ ଜୀବନଦେଇ ଅତିକ୍ରମ କରି ଆସିଛ ଓ ବାକି ଯେଉଁସବୁ ଜୀବନକୁ ତୁମକୁ ଏହାପରେ ବଞ୍ଚିବାକୁ ପଡ଼ିବ, ଅନେକ ଲୋକ ଏହିସବୁ ବିଷୟରେ ତୁମକୁ ହୁଏତ କେତେ କ'ଣ ଆଶ୍ଚର୍ଯ୍ୟକର କାହାଣୀ କହିବାକୁ ଆସିବେ । ଆଧ୍ୟାତ୍ମିକ ଜୀବନ ସହିତ ସେହି କାହାଣୀ-ଗୁଡ଼ିକର ଆଦୌ କୌଣସି ସମ୍ପର୍କ ନାହିଁ ।" (ଇଙ୍ଗିତ)

> ଏଭଳି ଲୋକେ ଯାହାସବୁ କହନ୍ତି, ସେଗୁଡ଼ାକ କ'ଣ ତୁଚ୍ଛଗପ ? ଆଧ୍ୟାତ୍ମିକ ପ୍ରକ୍ରିୟାର ବାହାରେ କ'ଣ ଆଉଏକ ଏପରି ପ୍ରକ୍ରିୟା ରହିଛି, ଯାହା ସାହାଯ୍ୟରେ କି ଏସବୁ କଥା ଜାଣିହୁଏ ?

ଅନେକ ସମୟରେ ଜାଣିହୁଏ ସତ, ମାତ୍ର ସେକଥା ସତ ହେଲେ ମଧ୍ୟ ସେଗୁଡ଼ାକରେ ଆଧ୍ୟାତ୍ମିକ ବୋଲି ଆଦୌ କିଛି ନାହିଁ । ଅନେକ ମାଧ୍ୟମ, ଅତିଦୃଷ୍ଟି-

'oaob.nitrkl.ac.in' images reprocessed

ସମର୍ଥ ବା କୌଣସି ଏକ ବିଶେଷ ସାମର୍ଥ୍ୟ ଥିବା ଲୋକମାନେ ତୁମକୁ ଏହିସବୁ କଥା କହିଥାନ୍ତି । ଗୋଟିଏ ପୋଲ ତିଆରି କରିବାର କ୍ଷମତା, ଭଲ ଖାଦ୍ୟ ପ୍ରସ୍ତୁତ କରିଦେବାର କ୍ଷମତା ବା ଗଣିତର ଗୋଟାଏ ସମସ୍ୟାକୁ କଷିଦେଇ ପାରିବାର କ୍ଷମତାକୁ ଯେପରି ଏକ ଆଧ୍ୟାତ୍ମିକ ସାମର୍ଥ୍ୟ ବୋଲି ଆଦୌ କୁହାଯିବ ନାହିଁ, ସେଇଟିକୁ ମଧ୍ୟ ସେହିପରି ଗୋଟିଏ ଆଧ୍ୟାତ୍ମିକ ସାମର୍ଥ୍ୟ ବୋଲି କୁହାଯାଇ ପାରିବ ନାହିଁ । ଅନେକ ବୁଦ୍ଧିପ୍ରସୂତ ସାମର୍ଥ୍ୟ ରହିଛି, ଗୂଢ଼ବିଦ୍ୟାରୁ ହାସଲ କରାଯାଉଥିବା ଅନେକ ସାମର୍ଥ୍ୟ ମଧ୍ୟ ରହିଛି । ବାସ୍, ଏସବୁ ବିଷୟରେ ଆମେ ଏତିକିହିଁ ଜାଣିରଖିବା ।

"ସେମାନେ (ପ୍ରେତମାନେ) ମନୁଷ୍ୟଜାତୀୟ ନୁହନ୍ତି, ସେମାନଙ୍କର ଯାହା ଏକ ମନୁଷ୍ୟର ଆକାର ବା ଚେହେରା ରହିଥାଏ ।... ସେମାନଙ୍କର ରୀତି ହେଉଛି ଯେ ସେମାନେ ଆଗ କୌଣସି ମନୁଷ୍ୟ ଉପରେ ଆପଣାର ପ୍ରଭାବଟିକୁ ପକାଇବାର ଚେଷ୍ଟା କରିଥାନ୍ତି; ତା'ପରେ ସେମାନେ ଧୀରେ ଧୀରେ ତା'ର ବାତାବରଣଟି ମଧ୍ୟରେ ପ୍ରବେଶ କରନ୍ତି ଏବଂ ଶେଷରେ ହୁଏତ ତାକୁ ଗୋଟାସୁଦ୍ଧା ଅଧିକାର କରିନଅନ୍ତି । ଏହିପରି କରି ସେମାନେ ସେହି ମଣିଷ ଭିତରୁ ତା'ର ଆତ୍ମା ଏବଂ ବ୍ୟକ୍ତିତ୍ୱଟିକୁ ବାହାର କରିଦଅନ୍ତି ।" (୧୬ ମଇ)

ଅମୁକ ବ୍ୟକ୍ତିଙ୍କର ଜଣେ ଝିଅ ସହିତ ବିବାହ ହୋଇଛି, ଯିଏକି, ମାଆ କହିଛନ୍ତି, କେତେକ ପରିମାଣରେ ଗୋଟିଏ ପ୍ରେତ ପରି । ତେଣୁ ସେହି ଝିଅଟିର ସ୍ୱାମୀ ମଧ୍ୟ ଏହିସବୁ ଉପଦ୍ରବ ଭୋଗିବେ ବୋଲି ଆଶଙ୍କା ରହିଛି କି ?

ତେବେ ତାଙ୍କୁ କେଉଁସବୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ? ତାଙ୍କୁ ମୁଁ ଏ ବିଷୟରେ ସତର୍କ କରିଦେବି କି ?

ସର୍ବପ୍ରଥମେ ଏଠାରେ ଏହି କଥାଟି ବୁଝି ରଖିବା ଉଚିତ ଯେ ଗୋଟିଏ ମନୁଷ୍ୟ-ଶରୀରକୁ ଅଧିକାର କରି ରହିଥିଲେ ମଧ୍ୟ ତାହା ଯେ ପୁଣି ଆଉଜଣେ ମନୁଷ୍ୟକୁ ଅଧିକାର କରିବା ପକାଣେ ଚେଷ୍ଟା କରିବ, ସେକଥା ଆଦୌ ଠିକ୍ ନୁହେଁ । ଏକ ଦେହମୁକ୍ତ (ପ୍ରେତ) ପ୍ରାଣିକ ସତ୍ତା ସାଧାରଣ ଭାବରେ କୌଣସି ମନୁଷ୍ୟଶରୀରରେ ଜନ୍ମଗ୍ରହଣ ନ କରି ଥିଲେ ମଧ୍ୟ ତଥାପି କିପରି ସେଇଟିକୁ ଅଧିକାର କରି ନେଇଥାଏ, ସେସବୁ ଦ୍ୱାରା କେବଳ ତାହାର ବର୍ଣ୍ଣନା ଦିଆଯାଇଛି ।

'oaob.nitrkl.ac.in' images reprocessed

କାରଣ, ସେମାନେ ଠିକ୍ ସେହି ବାସନାଟିହିଁ ରଖିଥାନ୍ତି । ସେମାନେ ମନୁଷ୍ୟ ଶରୀରଟିକୁ ଅଧିକାର କରିବାକୁ ଇଚ୍ଛା କରନ୍ତି, ମାତ୍ର ସେହି ଶରୀରରେ ଜନ୍ମଗ୍ରହଣ କରି ତାହା କରିବାକୁ ମୋଟେ ଚାହାନ୍ତି ନାହିଁ । ଏହିପରି ଭାବରେ ଥରେ ମନୁଷ୍ୟ-ଶରୀର ଗ୍ରହଣ କଲେ, ସେମାନେ ଅନ୍ୟମାନଙ୍କ ଲାଗି ଏହିପରି ଏକ ବିପଦ ହୋଇ ରହିଥାଆନ୍ତି ଯେ, ସେମାନଙ୍କ ସହିତ ଯେଉଁମାନେ ସମ୍ପର୍କରେ ଆସନ୍ତି, ସେମାନେ ସେମାନଙ୍କର ପ୍ରାଣଶକ୍ତିକୁ ଆହାର କରିହିଁ ବଞ୍ଚିଥାନ୍ତି । ବାସ୍, ଏବିଷୟରେ ଏତିକି କଥା ଜାଣିବା ଉଚିତ ।

ଦ୍ୱିତୀୟତଃ, ଏହି ନିର୍ଦ୍ଦିଷ୍ଟ କ୍ଷେତ୍ରଟିରେ, ସେହି ସ୍ତ୍ରୀଅଟି କେତେକ ପରିମାଣରେ ଯେ ପ୍ରେତସଦୃଶ, ମାଆ କେବଳ ଏତିକି କହିଛନ୍ତି । ତାହାର ଅର୍ଥ ନୁହେଁ ଯେ ଆମେ ସ୍ତ୍ରୀଅଟିକୁ ପ୍ରକୃତରେ ସେହିଭଳି ଗୋଟିଏ ସତ୍ତା ବୋଲି ଜାଣିବା; ମାତ୍ର ଏକଥା ସତ ଯେ ସେହି ସ୍ତ୍ରୀଅର କେତେକ ପରିମାଣରେ ଅନ୍ୟମାନଙ୍କର ପ୍ରାଣ-ଶକ୍ତିକୁ ଖାଇଯିବାର ଅଭ୍ୟାସ ରହିଛି । ତା'ର ସ୍ୱାମୀଙ୍କୁ ଆଦୌ କିଛି କହିବାର ପ୍ରୟୋଜନ ନାହିଁ । ଏହା ଦ୍ୱାରା ତାଙ୍କୁ କେବଳ ବ୍ୟାଘାତ ଦେବା ପରି ହେବ, ତାହା ତାଙ୍କୁ କୌଣସି ପ୍ରକାରେ ଏତେଟିକିଏ ବି ସାହାଯ୍ୟ କରିବ ନାହିଁ ।

> ମାଆ ଭାବନାଗୁଡ଼ିକର ଶକ୍ତି ବିଷୟରେ ଆଲୋଚନା କରିଛନ୍ତି ଏବଂ ଏହି ଉଦାହରଣଟି ଦେଇଛନ୍ତି ଯେ, "ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ତୁମ ପାଖକୁ ଆସନ୍ତୁ ବୋଲି ତୁମ ଭିତରେ ଏକ ବଳବତୀ ବାସନା ରହିଛି, ଏବଂ ବାସନାର ଏହି ପ୍ରାଣିକ ପ୍ରବେଗଟି ସହିତ ଯଦି ତୁମର ମାନସିକ ବିରଚନାଟି ସହିତ ଏକ ଦୃଢ଼ କଳ୍ପନାଶକ୍ତି ମଧ୍ୟ ଅନୁଗାମୀ ହୋଇ ରହିଥାଏ, ଏବଂ ଯଦି ତୁମର ଭାବନାର ଗଠନ-ଗୁଡ଼ିକରେ ଇଚ୍ଛାର ମଧ୍ୟ ଏକ ଯଥେଷ୍ଟ ଶକ୍ତି ରହିଥାଏ, ଏବଂ ଏହି ଗଠନଟି ଯଦି ଉତ୍ତମରୂପେ ନିର୍ମିତ ହୋଇ ରହିଥାଏ, ତେବେ ତୁମର ସେହି ବାସନାଟି ଆପଣାର ଉଦ୍ଦେଶ୍ୟଟିକୁ ଅବଶ୍ୟ ପରିପୂର୍ଣ୍ଣ କରିବ ।" (୧୯ ମଇ)
>
> ମାଆ ଏହି ଯେଉଁ ଉଦାହରଣଟି ଦେଇଛନ୍ତି, ସେଥିରେ, ପ୍ରାଣିକ ଭୂମିରେ ଆଦୌ କୌଣସି ବଳବତୀ ବାସନା ନାହିଁ, ମାତ୍ର ମନରେ କେବଳ ନାନା ଭାବନା ଓ ଅସ୍ପଷ୍ଟ ନାନା କଳ୍ପନା ରହିଛି ବୋଲି ଯଦି ଅନୁମାନ କରାଯାଏ, ତେବେ ସେହି ବ୍ୟକ୍ତିକୁ ଆଣି ପହଞ୍ଚାଇ ଦେବା ଲାଗି ତାହା କ'ଣ ଯଥେଷ୍ଟ ହେବ ?

'oaob.nitrkl.ac.in' images reprocessed

ହଁ, ହୋଇପାରେ । ବିଶେଷତଃ, ସେହି ବ୍ୟକ୍ତିର ନିଜର ଯଦି ଆସିବାକୁ ଇଚ୍ଛା ଥାଏ, ତାହା ବାସନାଟିକୁ ହୁଏତ ବେଶ୍ ମୀମାଂସକ ଭାବରେ ଆଗକୁ ଠେଲି ନେଇଯାଇ ପାରିବ । ମାତ୍ର ଅଧିକାଂଶ କ୍ଷେତ୍ରରେ ଭାବନାଶକ୍ତି ପଛରେ ବାସନା ବା ଇଚ୍ଛା ମଧ୍ୟ ରହିଥିବା ଆବଶ୍ୟକ ହେବ ।

ମାଆ କହିଛନ୍ତି ଯେ ନିରାଶା ଦ୍ୱାରା ବା ନିରୁତ୍ସାହିତ ହେବା ଦ୍ୱାରା ଆମର ସ୍ନାୟୁଗତ ଆବରଣଟିରେ ଅନେକ ଛିଦ୍ରର ସୃଷ୍ଟି ହୋଇଯାଏ ଏବଂ ପ୍ରତିକୂଳ ଆକ୍ରମଣଗୁଡ଼ିକୁ ତାହା ଅପେକ୍ଷାକୃତ ଅଧିକ ସହଜ କରିଦିଏ । (୧୭ ଜୁନ୍) ଗୋଟିଏ ଦୃଷ୍ଟିରୁ ଏହାର ଏହି ଅର୍ଥ ହେବ ଯେ ସଦିଚ୍ଛାସମ୍ପନ୍ନ କୌଣସି ବ୍ୟକ୍ତିର ତାହାର ଅନୁଚିତ ଭାବନା, ପ୍ରବେଗ କିଂବା କ୍ରିୟାଗୁଡ଼ିକୁ ଆଦୌ କୌଣସି ପ୍ରକାରେ ନିରୁତ୍ସାହିତ କରିବା ଉଚିତ ନୁହେଁ । ମାତ୍ର ସାଧାରଣ ଜୀବନରେ ତଥା ସାଧନାରେ ଏହା କ'ଣ ପ୍ରକୃତ ମିତ୍ରଗୁଡ଼ିକର ବିରୁଦ୍ଧାଚରଣ କରିବ ନାହିଁ କି ? ଏହିପରି ବ୍ୟକ୍ତିମାନଙ୍କର ସମ୍ମୁଖୀନ ହେଲା ବେଳେ ନୀରବ ରହିଯିବାର ମଧ୍ୟ ଗୋଟିଏ ପନ୍ଥା ରହିଛି, ମାତ୍ର ଅନେକ ସମୟରେ ତାହା ବି ସିଧା ନିରୁତ୍ସାହିତ କରିବା ଅପେକ୍ଷା ସେମାନଙ୍କୁ ଅଧିକ ପରିମାଣରେ ଆଘାତ ଦେଇଥାଏ ।

ଏଠାରେ ମାଆ ଯେଉଁ ନୈରାଶ୍ୟ ଏବଂ ନିରୁତ୍ସାହିତ ହେବାର ସୂଚନା ଦେଇଛନ୍ତି, ତାହା କ'ଣ ସାଧାରଣ ଜୀବନରେ ବି ଘଟି ପାରିବ ?

ନୈରାଶ୍ୟରୁ ଯେ ଏକ ମନ୍ଦ ଫଳ ଲାଭ ହୋଇଥାଏ, ସାଧକ ସେକଥାଟିକୁ ଅବଶ୍ୟ ଜାଣିବ, ଯେପରିକି ସେ ଏସବୁକୁ ଏଡ଼ି ରହିପାରିବ । ଲୋକମାନେ ଆସି ତୋଷାମଦ କଲାପରି ତା'ର ସଫଳତା ଏବଂ ଭଲ୍‌ଗୁଡ଼ିକର ପ୍ରଶଂସା କରନ୍ତୁ ଏବଂ ତା'ର ଦୋଷଗୁଡ଼ିକୁ ଦେଖି ପ୍ରସନ୍ନ ଅନୁଭବ କରନ୍ତୁ, ସେ ସେକଥା କଦାପି ପ୍ରତ୍ୟାଶା କରିପାରିବ ନାହିଁ । ତାକୁ କେହି ନିରାଶ କିଂବା ହତୋତ୍ସାହିତ କଲେ ସେ ଭାରି ସହଜରେ ନିରାଶ ହୋଇପଡ଼ୁଛି ଏବଂ ନିଜର ସ୍ନାୟୁଗତ ଆବରଣଟିକୁ ଆସି ଆଘାତ ଦେଉଛି ବୋଲି ଯେ ସମସ୍ତେ ତା'ର ପ୍ରଶଂସାହିଁ କରିବେ, ସେକଥା ସେ କେବେ ଆଶା କରିପାରିବ ନାହିଁ । ଆପଣାକୁ ନୈରାଶ୍ୟରୁ ମୁକ୍ତ କରି ରଖିବା ହେଉଛି ତା' ନିଜ କାମ, ତାହା କଦାପି ଅନ୍ୟମାନଙ୍କର କାମ ନୁହେଁ । ଉଦାହରଣ-ସ୍ୱରୂପ, ମାଆ ଯଦି ସେମାନଙ୍କର ଅଭିଳାଷଟି ଅନୁସାରେ କାମ ନ କଲେ, ତେବେ

'oaob.nitrkl.ac.in' images reprocessed

କେତେକ ଲୋକଙ୍କର ସଙ୍ଗେ ସଙ୍ଗେ ସ୍ୱର ନରମ ହୋଇ ପଡ଼ିବାର ଏକ ଅଭ୍ୟାସ ରହିଛି । ମାତ୍ର ତାହାର ଅର୍ଥ ନୁହେଁ ଯେ ସେମାନଙ୍କୁ ପ୍ରଫୁଲ୍ଲ ରଖିବା ପାଇଁ ମାଆ ସେମାନଙ୍କର ଅଭିଳାଷଗୁଡ଼ିକ ଅନୁସାରେହିଁ କାର୍ଯ୍ୟ କରିବେ । ବରଂ ସେମାନଙ୍କୁହିଁ ମାନସିକ ଏହି ଅଭ୍ୟାସଟିରୁ ମୁକ୍ତ ହେବାକୁ ପଡ଼ିବ । ସେହିପରି ଲୋକମାନେ ଯାହା ଯେତେବେଳେ କରନ୍ତୁ, ସେମାନଙ୍କୁ ସେଥିଲାଗି ଅନ୍ୟମାନେ ଉତ୍ସାହ ଦିଅନ୍ତୁ ବା ପ୍ରଶଂସା କରନ୍ତୁ ବୋଲି ସେମାନଙ୍କର ଇଚ୍ଛାଟି ବେଳକୁ ମଧ୍ୟ ଠିକ୍ ସେହି କଥା । ହଁ, ଆମେ ଇଚ୍ଛା କଲେ ଚୁପ୍ ରହିଯିବା, ହୁଏତ କୌଣସି ହସ୍ତକ୍ଷେପ ବି କରିବା ନାହିଁ; ମାତ୍ର ଯଦି ସେଥିରେ ମଧ୍ୟ ସେମାନଙ୍କର ନୈରାଶ୍ୟ ଆସିଯାଉଥାଏ, ତେବେ ତାହା କଦାପି ଆଉ କାହାର ଦୋଷ ନୁହେଁ, ତାହା ସେମାନଙ୍କର ନିଜ ଦୋଷ ।

ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସାଧାରଣ ଜୀବନରେ ମଧ୍ୟ ନୈରାଶ୍ୟ ସର୍ବଦା କେବଳ କ୍ଷତିକାରକହିଁ ହୋଇଥାଏ । ମାତ୍ର ସାଧନାର କ୍ଷେତ୍ରରେ ଏହାର ଅଧିକ ଗମ୍ଭୀର ପରିଣାମମାନ ଭୋଗିବାକୁ ପଡ଼େ, କାରଣ, ଉଦ୍ଦେଶ୍ୟଟିର ଅଭିମୁଖରେ ସାବଲୀଳ ଅଥଚ ସତ୍ୱର ଭାବରେ ଅଗ୍ରସର ହୋଇଯିବାରେ ତାହା ଯେତେବେଳେ ଏକ ଭାରି ଶକ୍ତିଶାଳୀ ପ୍ରତିବନ୍ଧକରୂପେ କାର୍ଯ୍ୟ କରିଥାଏ ।

'oaob.nitrkl.ac.in' images reprocessed

Rs. 200/-

'oaob.nitrkl.ac.in' images reprocessed